ମଠ ସଂସ୍କୃତି

ଭାସ୍କର ମିଶ୍ର



Digitized by srujanika@gmail.com

ମଠ ସଂସ୍କୃତି

ଭାସ୍କର ମିଶ୍ର

ସ୍ୱତନ୍ତ୍ର ପଦାଧିକାରୀ

ଶ୍ରୀମନ୍ଦିର ପ୍ରଶାସନ, ପୁରୀ

ଫ୍ରେଣ୍ଡ୍ସ ପବ୍ଲିଶର୍ସ

ପୁସ୍ତକ ପ୍ରକାଶକ ଓ ବିକ୍ରେତା

ବିନୋଦବିହାରୀ, କଟକ-୨

Digitized by srujanika@gmail.com

ମଠ ସଂସ୍କୃତି
Matha Sanskruti

ଲେଖକ : ଭାସ୍କର ମିଶ୍ର
Author : Bhaskar Mishra

ପ୍ରକାଶକ : ସହଦେବ ପ୍ରଧାନ
ଫ୍ରେଣ୍ଡସ୍ ପବ୍ଲିଶର୍ସ, ବିନୋଦବିହାରୀ, କଟକ
Publisher : Sahadev Pradhan
Friends' Publishers, Binodbehari,
Cuttack-753 002, Orissa (India)

ପ୍ରଥମ ସଂସ୍କରଣ : ୨୦୦୪ (୫୦୫ ଖଣ୍ଡ)
First Edition : 2004 (505 Copies)

ପ୍ରଚ୍ଛଦ : ବିଜୟ ପ୍ରଧାନ
Artist : Bijay Pradhan

ଅକ୍ଷରସଜ୍ଜା : ଚିତ୍ତ, ପୁରୀ
Typeset : Chitta, Puri

ମୁଦ୍ରଣ : ଲକ୍ଷ୍ମୀ ଅଫ୍‌ସେଟ୍ ପ୍ରେସ୍, କଟକ
Printer : Laxmi Offset Press, Cuttack

ISBN 81-7401-541-8

Price : **Rs. 150**

Digitized by srujanika@gmail.com

ପୂଣ୍ୟଧାମ ଶ୍ରୀ ପୁରୁଷୋତ୍ତମ କ୍ଷେତ୍ରରେ ସୁପ୍ରତିଷ୍ଠିତ ପ୍ରମୁଖ ଅଧିଷ୍ଠାନ
ଗୋବର୍ଦ୍ଧନ ପୀଠର ପୀଠାଧୀଶ୍ୱର ଜଗଦ୍‌ଗୁରୁ ଶ୍ରୀଶ୍ରୀ ସ୍ୱାମୀ ନିଶ୍ଚଳାନନ୍ଦ
ସରସ୍ୱତୀଙ୍କ କର କମଳରେ 'ମଠ ସଂସ୍କୃତି' ପୁସ୍ତକକୁ ଉତ୍ସର୍ଗ ପୂର୍ବକ
ଆଶୀର୍ବାଦ କାମନା ନିମିତ୍ତ ବିନମ୍ର ପ୍ରଣତି ନିବେଦନ କରୁଅଛି ।

Digitized by srujanika@gmail.com

ଅଗ୍ରଲେଖ

ଅତ୍ୟନ୍ତ ପ୍ରାଚୀନ ସମୟରୁ ଶ୍ରୀକ୍ଷେତ୍ରରେ ମଠ ସଂସ୍କୃତିର ଉଦ୍‌ଭବ । ତତ୍‌ପୂର୍ବରୁ ଏଠାରେ ପ୍ରତିଷ୍ଠିତ ଚାରି ପ୍ରାଚୀନ ଆଶ୍ରମ ଏହି କ୍ଷେତ୍ରର ମାହାତ୍ମ୍ୟକୁ ସର୍ବଭାରତ ଧର୍ମ ଦର୍ଶନରେ ମହିମାନ୍ୱିତ କରିପାରିଥିଲା । ଅଦ୍ୟାବଧି ପୁରୀରେ ବିଭିନ୍ନ ସମ୍ପ୍ରଦାୟର ସୁପ୍ରତିଷ୍ଠିତ ମଠାନୁଷ୍ଠାନଗୁଡ଼ିକର ପ୍ରତିଷ୍ଠା, ଉତ୍ପତ୍ତି, ସମ୍ପ୍ରଦାୟର ମୂଳ ଆଭିମୁଖ୍ୟ, ରୀତି, ନୀତି, ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କ ସେବା ପୂଜା ସହ ଜଡ଼ିତ ହେବା ଆଦି ବିଷୟରେ ବିଶେଷ ଗବେଷଣା ହୋଇ ପାରିନାହିଁ । ଏଭଳି ପ୍ରାଚୀନ ସଂସ୍କୃତିର ଅବକ୍ଷୟ ହୋଇଯାଉଥିବା ବେଳେ ଏହାର ଇତିହାସ ସଂଗ୍ରହ କରିବାରେ ଗବେଷକ / ପ୍ରାବନ୍ଧିକମାନେ ଯେତିକି ଧ୍ୟାନ ଦେବା କଥା, ସେତିକି କାର୍ଯ୍ୟ ଅଦ୍ୟାବଧି ହୋଇପାରି ନାହିଁ । ଶ୍ରୀଜଗନ୍ନାଥ ମହାପ୍ରଭୁ ଏବଂ ତାଙ୍କର ଅଧିଷ୍ଠାନ ଶ୍ରୀମନ୍ଦିର ସମ୍ପର୍କରେ ବିଶ୍ୱରେ ଶତାଧିକ ଗବେଷକ, ପ୍ରାବନ୍ଧିକ, ଐତିହାସିକମାନେ ବହୁ ସନ୍ଦର୍ଭ, ପୁସ୍ତକ ଇତ୍ୟାଦି ରଚନା କରୁଥିବା ବେଳେ ଏହି ଉପାସନା ସହ ଜଡ଼ିତ ବିଭିନ୍ନ ସମ୍ପ୍ରଦାୟର ମଠାନୁଷ୍ଠାନ ଓ ଏହାର ଗୁରୁବର୍ଗ ତଥା ପରମ୍ପରା ସମ୍ପର୍କରେ ଖୁବ୍ କମ୍ ତଥ୍ୟ ଉପଲବ୍ଧି ହୋଇଅଛି । ଏଭଳି ମହାନ୍ ସଂସ୍କୃତି ଓ ଧର୍ମାନୁଷ୍ଠାନ ସମ୍ବନ୍ଧରେ ବିଭିନ୍ନ ମଠକୁ ଯାଇ ତଥ୍ୟ ସଂଗ୍ରହ କରିବାରେ ଅତ୍ୟନ୍ତ କଷ୍ଟସାଧ ତଥା ସମୟ ସାପେକ୍ଷ ହୋଇଥିଲେ ହେଁ ପ୍ରଭୁକୃପା ଯୋଗୁଁ ଏହି କାର୍ଯ୍ୟରେ ସାମାନ୍ୟ ସଫଳ ହୋଇପାରିଛି । ଶ୍ରୀକ୍ଷେତ୍ରରେ ଅବସ୍ଥିତି ପ୍ରସିଦ୍ଧ ୪୫ ଗୋଟି ମଠାନୁଷ୍ଠାନ ସମ୍ପର୍କରେ ସଂଗୃହୀତ ତଥ୍ୟ ସମେତ କେତେକ ଛାମୁ ଚିଟାଉ, ସନନ୍ଦ, ପ୍ରାଚୀନ ଦଲିଲ ଓ ଫଟୋ ଇତ୍ୟାଦି ଉକ୍ତ ପୁସ୍ତକରେ ସନ୍ନିବେଶିତ ହୋଇଅଛି । କର୍ମ ଜଞ୍ଜାଳର ବ୍ୟସ୍ତତା ମଧ୍ୟରେ ଏହି କାର୍ଯ୍ୟ କରିବା ପାଇଁ ମୋତେ ପ୍ରାୟ ଚାରି ବର୍ଷ ସମୟ ଲାଗିଯାଇଛି ।

ପୁସ୍ତକର ପୂର୍ଣ୍ଣାଙ୍ଗ ରୂପରେଖରେ ଯେଉଁମାନଙ୍କ ସାହାଯ୍ୟ ତଥା ସହଯୋଗ ଅବିସ୍ମରଣୀୟ ସେମାନେ ହେଲେ ପୁରୀର ସମ୍ମାନାସ୍ପଦ ତଥା ପରମ ପୂଜ୍ୟ ମଠାଧୀଶବୃନ୍ଦ, ପୁରୀ ପୁସ୍ତକ ମେଳା କମିଟିର ଉପସଭାପତି ଶ୍ରୀଯୁକ୍ତ ରାଜ କିଶୋର ମିଶ୍ର, ସଂସ୍କୃତ ବିଶ୍ୱବିଦ୍ୟାଳୟର ଗବେଷଣା ଅଧିକାରୀ ଡକ୍ଟର ସୁରେନ୍ଦ୍ର କୁମାର ମିଶ୍ର, ସୁଧାଂଶୁ ବାବୁ, ଶ୍ରଦ୍ଧେୟ ପ୍ରଦୀପ, ଚିତ୍ତ ଓ ରାମକୃଷ୍ଣ । ସମସ୍ତଙ୍କ ନିକଟରେ ମୋର ହାର୍ଦ୍ଦିକ କୃତଜ୍ଞତା ଜ୍ଞାପନ କରୁଅଛି ।

ପୁସ୍ତକର ପ୍ରକାଶନ ଦିଗରେ ଫ୍ରେଣ୍ଡସ୍ ପବ୍ଲିଶର୍ସର ସ୍ୱତ୍ୱାଧିକାରୀ ସହଦେବ ପ୍ରଧାନଙ୍କ ଆନ୍ତରିକତା ପାଇଁ ତାଙ୍କର ଉତ୍ତରୋତ୍ତର ଉନ୍ନତି ନିମିତ୍ତ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ପାଦପଦ୍ମରେ ପ୍ରାର୍ଥନା ଜଣାଉଅଛି ।

ଭାସ୍କର ମିଶ୍ର

Digitized by srujanika@gmail.com

ମୁଖବନ୍ଧ

ଡଃ. ସୁରେନ୍ଦ୍ର କୁମାର ମିଶ୍ର
ଗବେଷଣା ଅଧିକାରୀ
ଅଗ୍ରୀୟ ସଂସ୍କୃତ ଗବେଷଣାକେନ୍ଦ୍ର
ଶ୍ରୀଜଗନ୍ନାଥ ସଂସ୍କୃତ ବିଶ୍ୱବିଦ୍ୟାଳୟ
ଶ୍ରୀବିହାର, ପୁରୀ-୩

ଦ୍ୱାଦଶ ଶତାବ୍ଦୀର ଶେଷପାଦରେ ମଠ ସଂସ୍କୃତି ଏକ 'ବିଧିବଦ୍ଧ' ରୂପ ନେଇଥିଲା । ପୂର୍ବରୁ ପ୍ରତିଷ୍ଠିତ ଥିବା ମଠ ଓ ଆଶ୍ରମ ପରମ୍ପରାର ବିକଶିତ ରୂପରେଖ ଇଏ । ସମାଜ ସହିତ ସହବନ୍ଧିତ କରାଇ ସାଂସ୍କୃତିକ ସ୍ରୋତରେ ସାମିଲ କରାଇବାର ଆଦ୍ୟପର୍ବ ଗଜପତି ଅନଙ୍ଗଭୀମ ଦେବଙ୍କ ଦ୍ୱାରା ସମ୍ଭବ ହୋଇ ପାରିଥିଲା । ପ୍ରଥମେ ମୁଖ୍ୟ ତିନୋଟି ବିନ୍ଦୁରେ ମଠମାନଙ୍କୁ ସଂଶ୍ଳିଷ୍ଟ କରାଯାଇଥିଲା–

- ଶ୍ରୀଜଗନ୍ନାଥଙ୍କ ଉପାସନା ଧାରା ସହିତ
- ଶ୍ରୀଜଗନ୍ନାଥଙ୍କ ଅଷ୍ଟ ବ୍ରାହ୍ମଣ ସେବକ ପରମ୍ପରାର ଆମ୍ନିକ ସମ୍ମନ୍ନିତ ସହିତ
- ସମାଜର ପାରିପାର୍ଶ୍ୱିକ ସାହଚର୍ଯ୍ୟର ସୁରକ୍ଷା ସହିତ

ପରେ ପରେ ଶ୍ରୀଜଗନ୍ନାଥ ଚେତନାର ପ୍ରଚାର ପ୍ରସାର, ବହିରାଗତ ତୀର୍ଥଯାତ୍ରୀଙ୍କୁ ଆତିଥ୍ୟ ପ୍ରଦାନ, ସାଧୁ, ସନ୍ୟାସୀ, ଯୋଗୀ, ମହାପୁରୁଷମାନଙ୍କର ସେବା, ଶିକ୍ଷାର ବିକାଶ, ନୈତିକ ଚେତନାର ଉନ୍ନତି, ମୌଳିକଜ୍ଞାନର ପ୍ରସାର, ମାନବିକ ମୂଲ୍ୟବୋଧର ପ୍ରଶିକ୍ଷଣ, ସର୍ବଭାରତୀୟ ଭ୍ରାତୃଭାବର ପ୍ରତିଷ୍ଠା, ତୀର୍ଥ, ମନ୍ଦିର, ପୁଷ୍କରିଣୀ ଓ ବିଗ୍ରହମାନଙ୍କର ସୁରକ୍ଷା ପ୍ରଭୃତି ସାମାଜିକ ସମୁନ୍ନତିମୂଳକ ନଅଟି ବିନ୍ଦୁରେ ସଂଶ୍ଳିଷ୍ଟ କରାଯାଇଥିବାର ମନେହୁଏ ।

ସର୍ବଭାରତୀୟ ସ୍ତରରେ ଧାର୍ମିକ ଚେତନାର ସମୀକରଣ ପାଇଁ ମଠ ସଂସ୍କୃତିରେ 'ଅନୁଶାସନ'ମାନ ସଂଯୋଜିତ ହୋଇଥିଲା । ଆଦିଶଙ୍କରଙ୍କ ଆଗମନ ପୂର୍ବରୁ ନୀଳାଦ୍ରି କ୍ଷେତ୍ରରେ 'ସୌଗତାନୁଶାସନ'ର ପ୍ରଚଳନ ହୋଇସାରିଥିଲା । 'ଅଲାରକୋଟ ମଠ' ଏହି ସମ୍ପ୍ରଦାୟର ମଠ । 'ସୌଗତ' ଶବ୍ଦକୁ ନେଇ ବୌଦ୍ଧ ଉପାସନାର 'ଶ୍ରୀଜଗନ୍ନାଥ ଚେତନା'-ଭିତ୍ତିକ ମଠ ବୋଲି ଅନେକ ମତ ଦେଇଛନ୍ତି । କିନ୍ତୁ ସର୍ବଶେଷ ଗବେଷଣା 'ତଥ୍ୟ' ଦୃଷ୍ଟିରୁ ଏହି ମତ ନିରାଧାର ବୋଲି ମନେ ହେଉଛି । ଆଦିଶଙ୍କରଙ୍କ ଆଗମନ ପୂର୍ବରୁ 'ଆଲବାରସମ୍ପ୍ରଦାୟ'ର ଦ୍ୱାଦଶଯୋଗୀଙ୍କ ମଧ୍ୟରୁ ଶ୍ରୀମହଦ୍‌ଯୋଗୀ ୬ଷ୍ଠ ଶତାବ୍ଦୀର ଶେଷ ପାଦରେ ନୀଳାଦ୍ରି କ୍ଷେତ୍ରକୁ ଆସିଥିବାର ତଥ୍ୟ ମିଳିଲାଣି । ଅତଏବ ଏହି 'ଅଲାରକୋଟ' ହୁଏତ ଆଲବାର ସଂପ୍ରଦାୟର ମଠ ହୋଇପାରେ ।

Digitized by srujanika@gmail.com

ମଠାନୁଶାସନ ଓ 'ମଠାମ୍ନାୟ'ର ଉଚ୍ଚତର ଗବେଷଣା ଆଜି ସୁଦ୍ଧା ସଠିକ ଭାବରେ ହୋଇପାରି ନଥିବାରୁ 'ମଠ ସଂସ୍କୃତି'ର ମହନୀୟ ପରମ୍ପରା ଆଣିବାରେ ଆମେ ଅଜ୍ଞ । ଆଦିଶଙ୍କର ପୁରୁଷୋତ୍ତମ କ୍ଷେତ୍ରରେ 'ଅଦ୍ୱୈତାନୁଶାସନ' ପ୍ରଚଳନ କରାଇବା ପରେ କୌଳାନୁଶାସନ ଓ ପାଶୁପତାନୁଶାସନ ପ୍ରଭୃତି ୧୮ଟି ଅନୁଶାସନ ପ୍ରଚଳିତ ହୋଇ ମଠ ସଂସ୍କୃତିର ଦାର୍ଶନିକ ଭିତ୍ତିଭୂମି ଖୁବ୍ ସୁଦୃଢ଼ ହୋଇଥିଲା ।

ଓଡ଼ିଆ ସାହିତ୍ୟ ଓ ଜଗନ୍ନାଥ ଚେତନା ସମ୍ବନ୍ଧୀୟ ଗ୍ରନ୍ଥମାନଙ୍କରେ ମଠ ସଂସ୍କୃତିର ସଂପୂର୍ଣ୍ଣ ଦିଗ ସଠିକ୍ ଭାବରେ ଚର୍ଚ୍ଚିତ ହେଲାପରି ମନେହୁଏ ନାହିଁ । ତାହା ବିକ୍ଷିପ୍ତ ଭାବରେ ଏବଂ କିୟଦଂଶମାତ୍ର ପ୍ରକାଶିତ ହୋଇଥିଲା । ଏଯାକୁ ସାମଗ୍ରିକ ଆକଳନ କରିବାର ଅଭୀପ୍‌ସା ନେଇ ଶ୍ରୀଯୁକ୍ତ ଭାସ୍କର ମିଶ୍ର ୪୫ଟି ମଠର ଐତିହ୍ୟକୁ ଏକତ୍ର କରିଛନ୍ତି ।

ମଠମାନଙ୍କର ତଥା ମଠ ସଂସ୍କୃତିର ଐତିହ୍ୟକୁ ଉପସ୍ଥାପନ କଲାବେଳେ ଲେଖକ ଶ୍ରୀଯୁକ୍ତ ମିଶ୍ର କୋଡ଼ିଏରୁ ଉର୍ଦ୍ଧ୍ୱ ମୂଲ୍ୟବାନ ସନନ୍ଦ, ଛାମୁ ଚିଟାଉ ଶ୍ରୀମନ୍ଦିର ସେବା ସଂପୃକ୍ତ ପ୍ରାମାଣିକ ଦଲିଲ ଗ୍ରନ୍ଥଟିରେ ସଂଯୋଜିତ କରିଛନ୍ତି । ଯେଗୁଡ଼ିକ ପ୍ରାୟ ଅନାଲୋଚିତ ଥିଲା । ଓଡ଼ିଶାର ସାଂସ୍କୃତିକ ଇତିହାସ ସମୃଦ୍ଧିରେ ଏହା ନିଶ୍ଚିତ ସହାୟକ ହେବ ।

ଗ୍ରନ୍ଥଟିରେ ଆଲୋଚିତ ହୋଇଥିବା ମଠଗୁଡ଼ିକର ଐତିହ୍ୟ ଦଶଟି ସମ୍ପ୍ରଦାୟଭିତ୍ତିକ । ପ୍ରତ୍ୟେକ ମଠର ଶ୍ରୀମନ୍ଦିର ସହିତ ରହିଥିବା ସେବା ସମ୍ପର୍କକୁ ଲେଖକ ଗୁରୁତ୍ୱର ସହ ଉପସ୍ଥାପନ କରିଛନ୍ତି । ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଆଲୋଚନାଟିଏ କଳା-ସ୍ଥାପତ୍ୟ-ଭାସ୍କର୍ଯ୍ୟକୁ ନେଇ ସ୍ଥାନ ପାଇଛି । ଗଜପତି ଶାସନକାଳର ରାଣୀନଅର ଥିବା ବର୍ତ୍ତମାନର ଓଡ଼ିଆ ମଠକୁ ନେଇ ଆଲୋଚନା ଏହି ମଠର କଳା-ସ୍ଥାପତ୍ୟ ଓ ଭାସ୍କର୍ଯ୍ୟ ପ୍ରଥମଥର ପାଇଁ ଲେଖକ ପ୍ରନ୍ତତ୍ତ୍ୱ ଓ ଇତିହାସ ଦୃଷ୍ଟିରୁ ଅବିକଳ ଉପସ୍ଥାପନ କରିଛନ୍ତି । ପରିଶିଷ୍ଟରେ ମହନ୍ତମାନଙ୍କର ନାମ ତାଲିକା, ଶ୍ରୀକ୍ଷେତ୍ରର 'ସାହି' ଅନୁଯାୟୀ ପ୍ରାଚୀନମଠର ତାଲିକା, ପ୍ରାଚୀ ଉପତ୍ୟକାର ପ୍ରସିଦ୍ଧ ମଠ ତାଲିକା, ମରହଟ୍ଟା ଏବଂ ଭୋଇବଂଶ ରାଜତ୍ୱ କାଳର ଶ୍ରୀଜଗନ୍ନାଥଙ୍କର 'ଅମୃତ ମଣୋହୀ ଖଂଜା ସମ୍ପତ୍ତି ତାଲିକା' ଲେଖକ ଶ୍ରୀଯୁକ୍ତ ମିଶ୍ର ସଂଯୋଜିତ କରିଛନ୍ତି । ଯାହା ଗବେଷଣାକ୍ଷେତ୍ରରେ ସାହାଯ୍ୟ କରିବ । ଓଡ଼ିଆ ମଠରେ ଗଚ୍ଛିତ ଥିବା ପ୍ରକାଶିତ ଓ ଅପ୍ରକାଶିତ ପୋଥିମାନଙ୍କର ସୂଚନା ଏକ ନୂତନ ଦିଗ ଉନ୍ମୋଚନ କରିବ । ଏଇପରି ଏକ ଉପାଦେୟ ଗ୍ରନ୍ଥର ଆବଶ୍ୟକତା ଥିଲା । ଶ୍ରୀମନ୍ଦିର ପ୍ରଶାସନର ସ୍ୱତନ୍ତ୍ର ପଦାଧିକାରୀ ଶ୍ରୀଯୁକ୍ତ ମିଶ୍ର ସେ ଆବଶ୍ୟକତାକୁ ପୂରଣ କରିଛନ୍ତି । ତାଙ୍କୁ ଶ୍ରୀଜଗନ୍ନାଥ ସହାୟ ହୁଅନ୍ତୁ ।

ଜୟ ଜଗନ୍ନାଥ

ସୁରେନ୍ଦ୍ର କୁମାର ମିଶ୍ର

Digitized by srujanika@gmail.com

ବିଷୟ ସୂଚୀ

		ପୃଷ୍ଠା
୧.	ଏମାର ମଠ	୧
୨.	ମଙ୍ଗୁ ମଠ	୧୩
୩.	ନାଗା ମଠ	୨୫
୪.	ଶ୍ରୀରାମ ଦାସ ମଠ (ଦକ୍ଷିଣ ପାର୍ଶ୍ୱ ମଠ)	୩୦
୫.	ଉତ୍ତରପାର୍ଶ୍ୱ ମଠ	୩୯
୬.	ଗୋପାଳ ତୀର୍ଥ ମଠ	୪୭
୭.	ଘୁମୁସର ମଠ	୫୬
୮.	ନେବଳ ଦାସ ମଠ	୬୧
୯.	ନନ୍ଦିନୀ ମଠ	୬୭
୧୦.	ରେବସା ମଠ	୭୧
୧୧.	ସାନଛତା ମଠ	୭୬
୧୨.	ଦଶାବତାର ମଠ	୮୧
୧୩.	କୁଞ୍ଜ ମଠ	୮୮
୧୪.	ବଡ଼ ଝାଡୁ ମଠ	୯୪
୧୫.	ବଳଗଣ୍ଡି ଛତା ମଠ	୯୮
୧୬.	ବିଶାଖା ମଠ	୧୦୨
୧୭.	ରାଣୀ ମଠ	୧୦୪
୧୮.	ତୋରାଣୀ ଛତ୍ର ମଠ	୧୦୭
୧୯.	ସମାଧି ମଠ	୧୦୯
୨୦.	ଚିକିଟୀ ମଠ	୧୧୩
୨୧.	ସାନ ଝାଡୁ ମଠ	୧୧୮
୨୨.	ସୁରଙ୍ଗୀ ମଠ	୧୨୧
୨୩.	ରାଧାକୃଷ୍ଣ ମଠ	୧୨୩
୨୪.	ହାତୀ ଆଖେଡ଼ା ମଠ	୧୨୬
୨୫.	ବଡ଼ଛତା ମଠ	୧୨୯

Digitized by srujanika@gmail.com

ପୃଷ୍ଠା

୨୬. କଟକୀ ମଠ ୧୪୦
୨୭. ଭେଙ୍କଟାଚାରୀ ମଠ ୧୪୩
୨୮. କବୀର ଚୌରା ମଠ ୧୪୭
୨୯. ପୌର୍ଣ୍ଣମାସୀ ମଠ ୧୫୬
୩୦. ବିଦୁର ମଠ ୧୫୮
୩୧. ହରିଦାସ ଠାକୁର ସମାଧି ମଠ ୧୬୧
୩୨. ଅଯୋଧ୍ୟା ଦାସ ମଠ ୧୭୧
୩୩. ରାଧାଶ୍ୟାମ ମଠ ୧୭୩
୩୪. ବାୟାବାବା ମଠ ୧୭୮
୩୫. ରାଧା କିଶୋର ଜୀଉ ମଠ ୧୮୨
୩୬. ବାଉଳି ମଠ ୧୮୪
୩୭. ଝାଞ୍ଜପିଟା ମଠ ୧୯୬
୩୮. ମହୀ ପ୍ରକାଶ ମଠ ୧୯୯
୩୯. ହାତୀଗୁରୁଦେବ ମଠ ୨୦୨
୪୦. ଖୁରୁଣ୍ଟି ମଠ ୨୦୫
୪୧. ତ୍ରିମାଳୀ ମଠ ୨୦୬
୪୨. ଶ୍ରୀ ରାମଜୀ ମଠ ୨୧୭
୪୩. ଭୂଗୋତ୍ରୀ ମୋହିନୀ ମଠ ୨୨୩
୪୪. ବଡ଼ ଓଡ଼ିଆ ମଠ ଓ ସାତ ଲହଡ଼ି ମଠ ସ୍ଥାପତ୍ୟ କଳା ୨୨୫
୪୫. ତୀର୍ଥଯାତ୍ରୀ ପରିଚର୍ଯ୍ୟାରେ ମଠ ମାନଙ୍କ ଭୂମିକା ୨୩୬
୪୬. ପରିଶିଷ୍ଟ ୨୪୦
୪୭. ସନନ୍ଦ / ଛାମୁ ଚିଟାଉ / ଫଟୋ ୨୬୧

Digitized by srujanika@gmail.com

ଏମାର ମଠ

ଶ୍ରୀକ୍ଷେତ୍ରରେ ଅବସ୍ଥିତ ସୁପ୍ରସିଦ୍ଧ ଏମାର ମଠ ଶ୍ରୀ ସମ୍ପ୍ରଦାୟ (ରାମାନୁଜ ସମ୍ପ୍ରଦାୟ)ର ଅନ୍ତର୍ଭୁକ୍ତ । ରାମାନୁଜ ସମ୍ପ୍ରଦାୟର ଏମାର ମଠ ପୁରୀରେ ପ୍ରତିଷ୍ଠିତ ଅନ୍ୟାନ୍ୟ ମଠ ମାନଙ୍କ ମଧ୍ୟରେ ଏକ ପ୍ରଧାନ ମଠ ଅଟେ । କଥିତ ଅଛି, ଏହି ମଠ ଧନରେ,ଦାନରେ, କୀର୍ତ୍ତିରେ ଭାରତର ବିଶିଷ୍ଟ ମଠ ମଧ୍ୟରୁ ଅନ୍ୟତମ । ଜଗଦ୍‌ଗୁରୁ ଶ୍ରୀ ଭାଷ୍ୟକାର ବିଶିଷ୍ଟ ଅଦ୍ୱୈତାଚାର୍ଯ୍ୟ ଶ୍ରୀ ରାମାନୁଜ ଥିଲେ ଜଣେ ମହାନ୍ ସାଧକ, ଧର୍ମ ପ୍ରଚାରକ ତଥା ଦାର୍ଶନିକ । ସେ ଥିଲେ ପରମ ବୈଷ୍ଣବ ଓ ବିଷ୍ଣୁ ଉପାସକ । ତାଙ୍କ ପୂର୍ବରୁ ଶଙ୍କରାଚାର୍ଯ୍ୟ ଯେଉଁ ଅଦ୍ୱୈତବାଦ ପ୍ରଚାର କରିଥିଲେ ତାହା କ୍ରମେ ସର୍ବ ସାଧାରଣରେ ଦୁର୍ବୋଧ ହୋଇ ପଡ଼ିଲା । ଏହି ସମୟରେ ଆଚାର୍ଯ୍ୟ ରାମାନୁଜ ଆବିର୍ଭୂତ ହୋଇ ସର୍ବ ସାଧାରଣଙ୍କର ଧର୍ମ ଜୀବନକୁ ଖାପ ଖାଇଲା ଭଳି ବିଶିଷ୍ଟାଦ୍ୱୈତବାଦ ପ୍ରଚାର କରି ଆଚାର୍ଯ୍ୟ ଭାବରେ ପରିଗଣିତ ହୋଇଥିଲେ । ବିଭିନ୍ନ ସ୍ଥାନରେ ବିଷ୍ଣୁ ଉପାସନା ପ୍ରଚଳନ କରି ସେ ବୈଷ୍ଣବ ଧର୍ମକୁ ଶକ୍ତିଶାଳୀ କରି ପାରିଥିଲେ । ଡ଼ଃ ହରେକୃଷ୍ଣ ମହତାବ ତାଙ୍କ ରଚିତ ''ଓଡ଼ିଶା ଇତିହାସ'' ପୁସ୍ତକରେ ଉଲ୍ଲେଖ କରିଛନ୍ତି ଯେ, ''ଦ୍ୱାଦଶ ଶତାବ୍ଦୀର ପ୍ରଥମ ଭାଗରେ ରାମାନୁଜ ପୁରୀ ଆସିଥିଲେ । ରାମାନୁଜଙ୍କ ଜନ୍ମ ଖ୍ରୀ. ୧୦୧୭ରେ ଓ ସେ ୧୨୦ ବର୍ଷ ଜୀବିତ ଥିଲେ ବୋଲି କଥିତ ଅଛି । ଏହାଙ୍କର ପ୍ରଥମ ଗୁରୁ ନାଥ ମୁନି ଥିଲେ । ଖ୍ରୀ: ୧୦୯୮ରେ କୁଲୋତ୍ତୁଙ୍ଗ ଚୋଳଙ୍କ ଦ୍ୱାରା ଅତ୍ୟାଚାରିତ ହୋଇ ରାମାନୁଜ ମହୀଶୂର ଗଲେ ଓ ସେଠାରେ ଖ୍ରୀ. ୧୧୨୨ ପର୍ଯ୍ୟନ୍ତ ରହିଥିଲେ । ଏଣୁ ଅନୁମାନ କରାଯାଏ ଯେ, ଖ୍ରୀ: ୧୧୨୨ରୁ ଖ୍ରୀ: ୧୧୩୭ ମଧ୍ୟରେ ସେ ଓଡ଼ିଶାକୁ ଆଗମନ କରିଥିଲେ । କିନ୍ତୁ ଜୀବନର ଶେଷ ଷାଠିଏ ବର୍ଷ ସେ କୌଣସି ରାଜ୍ୟ ଭ୍ରମଣ ନ କରି ଶ୍ରୀରଙ୍ଗମ୍ ଠାରେ ଏକ ମଠରେ ଆଶ୍ରୟ ନେଇ ଭଗବତ୍ ଚିନ୍ତା ଓ ସାଧନାରେ ନିମଗ୍ନ ଥିଲେ । ଅପରପକ୍ଷରେ ପରାଶର ଭଟଙ୍କର ''ରଙ୍ଗନାଥ ସ୍ତୋତ୍ର'' ମିଃ ସି.ଆର. ଏସ୍ ଆୟଙ୍ଗର୍ ଓ ସ୍ୱାମୀ ରାମାକୃଷ୍ଣନ୍‌ଙ୍କ ମତାନୁଯାୟୀ ରାମାନୁଜାଚାର୍ଯ୍ୟ ଓ ତାଙ୍କର ଅନୁଗାମୀ ମାନଙ୍କର ପୁରୀକୁ ଆଗମନର ସୂଚନା ମିଳୁଅଛି । ସେ ସମୟରେ ସେ ଶ୍ରୀକ୍ଷେତ୍ରରେ ପଦାର୍ପଣ କରି ନାନା ସଂସ୍କାର ପ୍ରବର୍ତ୍ତନ ନିମନ୍ତେ ଉଦ୍ୟମ କରି ଚରମ ବିରୋଧର ସମ୍ମୁଖୀନ ହୋଇଥିଲେ । ରାମାନୁଜାଚାର୍ଯ୍ୟ ବିଶିଷ୍ଟାଦ୍ୱୈତର ପ୍ରଚାର କରିବା ସଙ୍ଗେ ସଙ୍ଗେ ଶ୍ରୀ ପୂଜାର ପ୍ରଚଳନ କରି ପୁରୀ ଶ୍ରୀମନ୍ଦିରରେ ଲକ୍ଷ୍ମୀ ଠାକୁରାଣୀଙ୍କ ବିଗ୍ରହ ଓ ପୂଜାର ଅୟ ଆରମ୍ଭ କରିଥିବା ଜଣାଯାଏ ।

Digitized by srujanika@gmail.com

ରାଜ ପୃଷ୍ଠପୋଷକତାରେ ପୁରୀ ଠାରେ ରାମାନୁଜ ଦୁଇଟି ମଠ ସ୍ଥାପନ କରିଥିଲେ । ଗୋଟିଏ ନିଜ ନାମରେ ଓ ଅନ୍ୟଟି ନିଜର ପ୍ରିୟ ଶିଷ୍ୟ ଗୋବିନ୍ଦଙ୍କ ନାମରେ । ପ୍ରଥମଟି ପୁରୀ ବାଲିସାହିରେ ଶେଷ ପ୍ରାନ୍ତରରେ ଥିବା 'ରାମାନୁଜ କୋଟ' ଓ ଅନ୍ୟଟି ଏହି କୋଟ ମଠ ପ୍ରତିଷ୍ଠା ହେବାର ପରବର୍ତ୍ତୀ ସମୟରେ ସିଂହଦ୍ୱାର ସାମନାରେ ଥିବା ବର୍ତ୍ତମାନର 'ଏମାର ମଠ' । ଏହି ମଠଟିକୁ କେହି କେହି ରାଜଗୋପଳାଚାରୀ ମଠ, ଏମ୍ବାର ମଠ ତଥା ଏମାର ମଠ ନାମରେ ସମ୍ବୋଧିତ କରିଥାନ୍ତି । ମଠ ସ୍ଥାପନ ସମ୍ପର୍କରେ ବିଭିନ୍ନ ଗବେଷକ, ଐତିହାସିକ ତଥା ପ୍ରାବନ୍ଧିକ ମାନଙ୍କ ମତାନୁଯାୟୀ, ରାମାନୁଜ ତାଙ୍କ ଶିଷ୍ୟ ମାନଙ୍କ ଦ୍ୱାରା 'ମନ୍ନାଥ' ବୋଲି ସମ୍ବୋଧିତ ହେଉଥିଲେ । କିନ୍ତୁ ଏହି ଉପାଧିକୁ ସେ ତାଙ୍କର ପ୍ରିୟ ଶିଷ୍ୟ ଗୋବିନ୍ଦଙ୍କୁ ପ୍ରଦାନ କରିଥିଲେ । ତାମିଲ ଭାଷାରେ ଏହି 'ମନ୍ନାଥ' ଶବ୍ଦ ହେଲା 'ଏମ୍ ପେରୁ ଏମ୍.ଆର.' । କାଳକ୍ରମେ ଏହି ତାମିଲ ଶବ୍ଦ କ୍ଷୀଣ ହୋଇ 'ଏମ୍ବାର' ହେଲା ଓ ପରବର୍ତ୍ତୀ ସମୟରେ ସର୍ବ ସାଧାରଣରେ 'ଏମାର ମଠ' ନାମରେ ସୁପରିଚିତ ହେଲା । ଶ୍ରୀରାମାନୁଜାଚାର୍ଯ୍ୟ ଶିଷ୍ୟ ଗୋବିନ୍ଦଙ୍କୁ ଏହି ମଠରେ ସଂସ୍ଥାପିତ କରି ଶ୍ରୀମନ୍ଦିର ନୀତି, ସେବା ପୂଜାର ତତ୍ତ୍ୱ ନେବା ପାଇଁ ନିର୍ଦ୍ଦେଶ ଦେଇଥିଲେ । ଅପରପକ୍ଷରେ ରାମାନୁଜ ଏହି ମଠ ପ୍ରତିଷ୍ଠା କରିଥିବା ସମ୍ପର୍କରେ କେତେକ ଗବେଷକ ଅସ୍ୱୀକାର ମଧ୍ୟ କରିଛନ୍ତି । ସେମାନଙ୍କ ମତରେ ରାମାନୁଜ ସ୍ୱର୍ଗଦ୍ୱାର ନିକଟସ୍ଥ 'ରାମାନୁଜକୋଟ' ଠାରେ ଅବସ୍ଥାନ କରୁଥିଲେ । ପରବର୍ତ୍ତୀ ସମୟରେ ତାଙ୍କର ପ୍ରମୁଖ ଶିଷ୍ୟ ଗୋବିନ୍ଦ ଏହି ମଠ ପ୍ରତିଷ୍ଠା କରିଛନ୍ତି । ତାଙ୍କ ନାମରେ (ତାମିଲ ଭାଷା ଅନୁଯାୟୀ) ଏମ୍ବାର ବା ଏମାର ମଠ ନାମରେ ଏହା ପରିଚିତ ହୋଇଛି । ଏପରିକି ଆଜକୁ ପ୍ରାୟ ୨୫୦ ବର୍ଷ ପୂର୍ବେ ଉକ୍ତ ମଠର ନିଜସ୍ୱ ରଘୁନନ୍ଦନ ପାଠାଗାରର ଘରଟି କିମ୍ବା ସେହି ଜାଗାଟି ନ ଥିଲା । ଏହା ମଙ୍ଗୁ ମଠ ଠାରୁ ମଠ ପ୍ରତିଷ୍ଠାର ବହୁ ବର୍ଷ ପରେ କିଣାଯାଇଥିଲା । ବ୍ରିଟିଶ୍ ରାଜତ୍ୱ ସମୟରେ ମଠର ବିଜେସ୍ଥଳୀରେ ସୁଉଚ୍ଚ ଦ୍ୱିତାଲା ବିଶିଷ୍ଟ କୋଠା ଘର ନିର୍ମାଣ କରାଯାଇଥିଲା । ସେହି ସମୟରେ ବ୍ରିଟିଶ୍ ସରକାରର ବହୁ ବିଶିଷ୍ଟ ପଦାଧିକାରୀ ଏହି କୋଠା ଉପରୁ ଶ୍ରୀମନ୍ଦିର ଦୃଶ୍ୟ ଦେଖିବାର ସୌଭାଗ୍ୟ ଲାଭ କରୁଥିଲେ ।

ଏମାର ମଠ ପ୍ରତିଷ୍ଠା ସମ୍ପର୍କରେ ଶ୍ରୀ ଭାଗୀରଥି ମହାପାତ୍ରଙ୍କ "ରତ୍ନକୋଷ ବା ବୃହତ୍ ବିବିଧ ସଂଗ୍ରହ" ପୁସ୍ତକରେ ଉଲ୍ଲେଖ ଅଛିଯେ, "ପ୍ରଥମେ ରାମାନୁଜାଚାର୍ଯ୍ୟଙ୍କ ସମୟରେ ସମୁଦ୍ର ତୀରରେ 'ରାମାନୁଜ କୋଟ' ସ୍ଥାପିତ ହୁଏ । ତତ୍‌ପରେ ଶ୍ରୀନିବାସାଚାର୍ଯ୍ୟ ଜଗନ୍ନାଥ ମନ୍ଦିର ନିକଟରେ ଶ୍ରୀନିବାସ କୋଟ ସ୍ଥାପନ କରନ୍ତି । କାଳକ୍ରମେ ଉକ୍ତ ମଠର ମହନ୍ତ ଶ୍ରୀ ରାଜଗୋପାଳାଚାର୍ଯ୍ୟଙ୍କ ନାମାନୁସାରେ 'ଏମାର ମଠ' ବା ରାଜ ଗୋପାଳାଚାରୀ ମଠ' ସ୍ଥାପିତ ହୁଏ । ତେବେ ଗୋବିନ୍ଦାଚାର୍ଯ୍ୟ ଓ ଗୋପାଳାଚାର୍ଯ୍ୟ ଏକ ବ୍ୟକ୍ତି ଅଟନ୍ତି କି ନାହିଁ, ସେ ସଂପର୍କରେ ଅଧିକ ଗବେଷଣା ସାପେକ୍ଷ । ଲେଖକ ଶ୍ରୀ ମହାପାତ୍ରଙ୍କ ମତ ଅନୁଯାୟୀ

Digitized by srujanika@gmail.com

୧୯୩୫ ମସିହାରେ ଏହି ମଠର ବାର୍ଷିକ ଆୟ ଥିଲା ଅଢ଼େଇ ଲକ୍ଷ ଟଙ୍କା । ସେହି ସମୟରେ ପ୍ରତିଦିନ ତିନିଶହ ବିଦେଶୀ, ବ୍ରାହ୍ମଣ ଓ କାଙ୍ଗାଳଙ୍କୁ ଯଥାକ୍ରମେ ଅର୍ଥ, ତଣ୍ଡୁଳ ଓ ମହାପ୍ରସାଦ ମଠ ତରଫରୁ ବିତରିତ ହେଉଥିଲା । ୧୯୪୧ ମସିହାରେ ଏମାର ମଠ ସଂପର୍କରେ ଚିନ୍ତାମଣି ଆଚାର୍ଯ୍ୟଙ୍କ 'The Puri' ନାମରେ ଏକ ଇଂରାଜୀ ପୁସ୍ତକରେ ଉଲ୍ଲେଖ ଅଛି ଯେ, "This is the richest and one of the oldest Maths, situated in front of the Lions gate of Lord Jagannath. Its origin is traced to the great founder of the Ramanuj sect of Vaisnabas in India, viz. Sree Ramanuj Acharaya. The renowned Mahants of the Math were; Srinibasacharya, Embaracharya and Rajgopalacharya" ।

ଉପରୋକ୍ତ ତଥ୍ୟ ଗୁଡିକରୁ ଏହି ମଠ ପ୍ରତିଷ୍ଠା ସମ୍ପର୍କରେ ଜଣାଯାଏ ଯେ ଏହା ଖ୍ରୀଷ୍ଟିୟ ଦ୍ୱାଦଶ ଶତାବ୍ଦୀ ସମୟର ପ୍ରାଚୀନ ମଠ । ଓଡିଶାର ଏହି ସୁପ୍ରସିଦ୍ଧ ଏମାର ମଠ ସେ ସମୟରେ ଅତ୍ୟନ୍ତ ପ୍ରଭାବଶାଳୀ ତଥା ଧନଶାଳୀ ମଠ ରୂପେ'ପରିଗଣିତ ହେଉଥିଲା । ଅତୀତରେ ଶ୍ରୀମନ୍ଦିରରେ ଶ୍ରୀ ଜୀଉମାନଙ୍କ ନିମନ୍ତେ ଦୈନନ୍ଦିନ ବଲ୍ଲଭ ଭୋଗ, ବିଭିନ୍ନ ପୁଷ୍ପ ଅଳଙ୍କାର ଓ ଛତ୍ର ଭୋଗ ମହାପ୍ରସାଦ, ଚୂନ ଧଉଳା ଇତ୍ୟାଦି କାର୍ଯ୍ୟରେ ଏହି ମଠ ନିଜକୁ ସଂଶ୍ଳିଷ୍ଟ କରିଥିଲା । ଅତ୍ୟନ୍ତ ପ୍ରାଚୀନ ସମୟରୁ ମଠର ନାମରେ ଏକ ହାଣ୍ଡି (ବୃହତ୍ ମାଟି ପାତ୍ର) ଯାହାକି 'ଏମାର ହାଣ୍ଡି' ଏବେ ବି ଶ୍ରୀମନ୍ଦିରରେ ପ୍ରଚଳିତ ରହିଛି । ଉକ୍ତ ହାଣ୍ଡିରେ ୨ ସେର ଚାଉଳର ଅନ୍ନ ପ୍ରସାଦ ରନ୍ଧନ ହୋଇପାରିଥାଏ ।

ଏମାର ମଠର ପ୍ରତ୍ୟେକ ମହନ୍ତ ମହାରାଜାଙ୍କ ନାମ ସହ 'ରାମାନୁଜ ଦାସ' ଉପାଧି ସଂଯୁକ୍ତ ହୋଇଥାଏ । ଏହି ମଠର ମହନ୍ତ ବା ମଠାଧୀଶମାନେ ରାମାନୁଜୀ ତିଳକ ବା ଚିତା କପାଳ ଦେଶରେ ଧାରଣ କରିଥାନ୍ତି । ସୂଚନାଯୋଗ୍ୟଯେ ମଠ ମହନ୍ତ ମାନଙ୍କ ସ୍ୱର୍ଗବାସ ହେଲେ ନୂତନ ମହନ୍ତ ବା ମଠାଧୀଶ ଗାଦିନାସୀନ ହେବା ସମୟରେ ମହନ୍ତାଇ ଶାଢ଼ୀ ବନ୍ଧାଇଥାନ୍ତି । ଏହି ସମୟରେ ରାମାନୁଜ ସମ୍ପ୍ରଦାୟର ସମସ୍ତ ମଠର ମଠାଧୀଶମାନେ ଉପସ୍ଥିତ ହୋଇଥାଆନ୍ତି ।

ଏମାର ମଠରେ ଅଧିଷ୍ଠିତ ହୋଇଥିବା ସମସ୍ତ ମହନ୍ତ ମାନଙ୍କ ତାଲିକା ଉପଲବ୍ଧ ହେଉନାହିଁ । କ୍ରମାନ୍ୱୟରେ କେବଳ ରଘୁନନ୍ଦନ ରାମାନୁଜ ଦାସ, ଗଦାଧର ରାମାନୁଜ ଦାସ, ଶ୍ରୀନିବାସ ରାମାନୁଜ ଦାସ ଓ ସଂପ୍ରତି ଶ୍ରୀ ରାଜ ଗୋପାଳଚାରୀ ରାମାନୁଜ ଦାସ ମହନ୍ତ ରୂପେ କାର୍ଯ୍ୟ ତୁଳାଉଛନ୍ତି । ବିଭିନ୍ନ ପ୍ରାଚୀନ ପୁସ୍ତକରୁ ମିଳୁଥିବା ବିବରଣ ଅନୁଯାୟୀ ୧୮୦୪ ମସିହାରେ ଶ୍ରୀ ନାରାୟଣ ରାମାନୁଜ ଦାସ ଓ ମରହଟ୍ଟା ଶାସକ ମାନଙ୍କ ଦ୍ୱାରା ଶ୍ରୀମନ୍ଦିର ଶାସନାଧୀନ ଥିବା ସମୟରେ ମହନ୍ତ ସୋମଜାମାତୃଙ୍କ ନାମ ଉଲ୍ଲେଖଯୋଗ୍ୟ । ତତ୍ ପୂର୍ବରୁ କେବଳ ୩ଜଣ ମହନ୍ତଙ୍କ ନାମ ଯଥା:- ଶ୍ରୀନିବାସାଚାର୍ଯ୍ୟ, ଏମ୍ବାରାଚାର୍ଯ୍ୟ,

Digitized by srujanika@gmail.com

ରାଜଗୋପାଳାଚାର୍ଯ୍ୟଙ୍କ ନାମ ବିଭିନ୍ନ ପୁସ୍ତକରେ ଉଲ୍ଲେଖ ଥିବାର ଜଣାଯାଉଛି । ତେବେ ଉକ୍ତ ମଠର ମହନ୍ତ ଗଦାଧର ରାମାନୁଜ ଦାସଙ୍କ ସଂପର୍କରେ ବହୁତ ତଥ୍ୟ ଉପଲବ୍ଧ ହେଉଅଛି । ମହନ୍ତ ଗଦାଧର ରାମାନୁଜ ଦାସ ଝାନ୍‌ସୀର ଜନୈକ ସମ୍ଭ୍ରାନ୍ତ ବ୍ରାହ୍ମଣ ପରିବାରରେ ଜନ୍ମ ଗ୍ରହଣ କରିଥିଲେ । ତାଙ୍କର ଗୁରୁ ତଥା ଏମାର ମଠର ମହନ୍ତ ମହାରାଜ ରଘୁନନ୍ଦନ ରାମାନୁଜ ଦାସ ଗଦାଧରଙ୍କୁ ପିଲାଟି ବେଳରୁ ଝାନ୍‌ସୀରୁ ଆଣି ପୁରୀ ଏମାର ମଠରେ ରଖିଥିଲେ ଓ ନିଜର ଶିଷ୍ୟ ରୂପେ ତାଙ୍କୁ ସ୍ୱୀକୃତି ପ୍ରଦାନ କରିବା ସଙ୍ଗେ ସଙ୍ଗେ ଗଦାଧରଙ୍କୁ ସଂସ୍କୃତ ଓ ଇଂରାଜୀରେ ପାଠ ପଢ଼ାଇଥିଲେ । ଗଦାଧରଙ୍କ ଶିକ୍ଷାରେ ପାରଦର୍ଶିତା ତଥା ଦେବ ନୀତିରେ ଆଗ୍ରହ ଥିବା ହେତୁ ମହନ୍ତ ରଘୁନନ୍ଦନ ରାମାନୁଜ ଦାସଜୀଙ୍କ ପରଲୋକ ଗମନାନ୍ତେ ସେ ଏହି ମଠରେ 'ମହନ୍ତାଇ ଶାଢ଼ୀ' ବନ୍ଧାଇ ମହନ୍ତ ରୂପେ ଅଧିଷ୍ଠିତ ହୋଇ ମଠର ସୁପରିଚାଳନା କାର୍ଯ୍ୟରେ ନିଜକୁ ନିୟୋଜିତ କରିଥିଲେ । ତାଙ୍କର ଅଗାଧ ପାଣ୍ଡିତ୍ୟ ଯୋଗୁଁ ସେ ସମୟରେ ଓଡିଶାର ଜଣେ ସମ୍ମାନଜନକ ବ୍ୟକ୍ତି ରୂପେ ପରିଗଣିତ ହେଉଥିଲେ । ବିହାର ଓଡିଶା ବିଧାନ ସଭାର ଜଣେ ସଭ୍ୟରୂପେ ମହନ୍ତ ଗଦାଧର ରାମାନୁଜ ଦାସ କାର୍ଯ୍ୟ କରିବାର ସୁଯୋଗ ପାଇଥିଲେ । ଏପରିକି ସେ ଅନରାରୀ ମାଜିଷ୍ଟ୍ରେଟ୍ ରୂପେ ମନୋନୀତ ହୋଇ ବିଶେଷ ସମ୍ମାନର ଅଧିକାରୀ ହୋଇପାରିଥିଲେ । ଏତଦ୍‌ବ୍ୟତୀତ ମହନ୍ତ ଗଦାଧର ଭୁବନେଶ୍ୱର ମନ୍ଦିର ଏଣ୍ଡାଉମେଣ୍ଟ କମିଟିର ଜଣେ ସଦସ୍ୟ ଭାବେ ଜିଲ୍ଲା ଜଜ୍‌ଙ୍କ ଦ୍ୱାରା ନିଯୁକ୍ତ ପାଇ ଏହି ଦାୟିତ୍ୱରେ ୧୯୪୦ ମସିହା ନଭେମ୍ବର ମାସ ପର୍ଯ୍ୟନ୍ତ ରହିଥିଲେ । ଏହି ସମୟ ମଧ୍ୟରେ ତାଙ୍କର ପ୍ରଗାଢ଼ ଉଦ୍ୟମରେ ବିଭିନ୍ନ ବ୍ୟକ୍ତି ବିଶେଷ, ଧନାଢ଼୍ୟ ଜମିଦାରଙ୍କ ଠାରୁ ମୋଟ୍ ୪୦,୦୦୦ଟଙ୍କା ସଂଗ୍ରହ କରି ସେହି ଅର୍ଥରେ ଲିଙ୍ଗରାଜ ମନ୍ଦିର ଓ ବିନ୍ଦୁ ସରୋବରର ମରାମତି ଓ ରକ୍ଷଣାବେକ୍ଷଣ କାର୍ଯ୍ୟ କରିଥିଲେ । ଏପରିକି ମହନ୍ତ ଗଦାଧର ରାମାନୁଜ ଦାସ ପୁରୀ ଶ୍ରୀଜଗନ୍ନାଥ ମନ୍ଦିରର ମରାମତି ତଥା ସଂରକ୍ଷଣ ନିମିତ୍ତ ଏକ ପାଣ୍ଠି ଗଠନ କରିଥିଲେ । ଏହି ସମୟ ମଧ୍ୟରେ ସେ ନରେନ୍ଦ୍ର ପୁଷ୍କରିଣୀ ପାଇଁ ୮୪,୦୦୦ଟଙ୍କା, ଶ୍ୱେତଗଙ୍ଗା ପୁଷ୍କରିଣୀ ନିମନ୍ତେ ୨୫,୦୦୦ଟଙ୍କା ଓ ପୁରୀ ମନ୍ଦିର ପାଇଁ ୧୫,୦୦୦ଟଙ୍କା ବ୍ୟୟ କରିଥିଲେ । ଏତତ୍‌ବ୍ୟତୀତ ଯୁଦ୍ଧ ପାଣ୍ଠି, ଯାତ୍ରୀମାନଙ୍କ ଉଦ୍ଦେଶ୍ୟରେ ଦାତବ୍ୟ ଚିକିତ୍ସାଳୟ, ପାଠାଗାର ମାନଙ୍କୁ ବହୁ ଅର୍ଥ ଦାନ କରି ପ୍ରଶଂସାଭାଜନ ହୋଇପାରିଥିଲେ । ଏହିପରି କେତେକ ସମାଜ ସେବା କାର୍ଯ୍ୟ ଯୋଗୁଁ ସେ ତତ୍‌କାଳୀନ ବ୍ରିଟିଶ୍ ସରକାରଙ୍କଠାରୁ ୧୯୨୧ ମସିହାରେ ସମ୍ମାନଜନକ ''କୈଶର-ଇ-ହିନ୍ଦ୍'' ଉପାଧିରେ ଭୂଷିତ ହୋଇ ସ୍ୱର୍ଣ୍ଣ ପଦକ ପ୍ରାପ୍ତି ହୋଇଥିଲେ । ୧୯୧୩ ମସିହାରେ ଉତ୍କଳ ସମ୍ମିଳନୀର ୯ମ ଅଧିବେଶନ ପୁରୀ ଠାରେ ଅନୁଷ୍ଠିତ ହୋଇଥିଲା । ଏହି ଅଧିବେଶନର ଅଭ୍ୟର୍ଥନା ସମିତିର ସଭାପତି ରୂପେ ମହନ୍ତ ଗଦାଧର ରାମାନୁଜ ଦାସ (ଏମାର ମଠ)ଙ୍କୁ ମନୋନୀତ କରାଯାଇଥିଲା ।

Digitized by srujanika@gmail.com

ପୁରୀ ଏମାର ମଠର ସବୁଠାରୁ ବଡ଼ କୃତିତ୍ୱ ହେଉଛି 'ରଘୁନନ୍ଦନ ଲାଇବ୍ରେରୀ' । ମହନ୍ତ ଗଦାଧର ରାମାନୁଜ ଦାସ ୧୯୨୧ ମସିହା ଅଗଷ୍ଟ ୧୪ ତାରିଖ ଦିନ ନିଜର ଗୁରୁ ସ୍ୱର୍ଗତ ରଘୁନନ୍ଦନ ରାମାନୁଜ ଦାସଙ୍କ ସ୍ମୃତି ଉଦ୍ଦେଶ୍ୟରେ ମଠର ବିଜେସ୍ଥଳୀ ଠାରେ ଏକ ପାଠାଗାର ପ୍ରତିଷ୍ଠା କରିଥିଲେ । ୧୯୩୬ ମସିହା ଏପ୍ରିଲ ୩୦ ତାରିଖ ଦିନ ଏମାର ମଠ ତରଫରୁ ରଘୁନନ୍ଦନ ପାଠାଗାର, ସଂସ୍କୃତ ଟୋଲ୍, ଦାତବ୍ୟ ଚିକିତ୍ସାଳୟ ଓ ପ୍ରିଣ୍ଟିଙ୍ଗ୍ ପ୍ରେସ୍ ପରିଚାଳନା ସଂପର୍କରେ ଏକ ବାର୍ଷିକ ବିବରଣୀ ପ୍ରକାଶ ପାଇଥିଲା । ମହନ୍ତ ଗଦାଧର ରାମାନୁଜ ଦାସଙ୍କ ସମୟରେ ଏହି ରିପୋର୍ଟଟି ଏକ କ୍ଷୁଦ୍ର ପୁସ୍ତିକା ଭାବରେ ମୁଦ୍ରଣ କରାଯାଇଥିଲା । ତହିଁରୁ ଜଣାଯାଏ ଯେ, ତତ୍‌କାଳୀନ ସମୟରେ ଉକ୍ତ ପାଠାଗାରରେ ଦୈନିକ ଷ୍ଟେଟସ୍‌ମ୍ୟାନ, ଅମୃତବଜାର ପତ୍ରିକା, ନିଉ ଓଡିଶା, ଦୈନିକ ବସୁମତୀ, ଉତ୍କଳ ଦୀପିକା, ସମାଜ, ଆଶା, ବିଶ୍ୱାମିତ୍ର ପ୍ରଭୃତି ସମ୍ବାଦପତ୍ର ରହୁଥିଲା । ଏହା ବ୍ୟତୀତ ପ୍ରାୟ ୧୩ଟି ସାପ୍ତାହିକୀ ଓ ୨୦ଟି ମାସିକ ପତ୍ରିକା ପାଠକଙ୍କ ଉଦ୍ଦେଶ୍ୟରେ ନିୟମିତ ଭାବେ ପାଠାଗାରକୁ ଆସୁଥିଲା । ସେହି ସମୟରେ ପାଠାଗାରରେ ଗଚ୍ଛିତ ଥିବା ବିଭିନ୍ନ ପୁସ୍ତକର ତାଲିକା ନିମ୍ନରେ ଉଲ୍ଲେଖ କରାଗଲା ।

(୧)	ଇଂରାଜୀ -୭୧୫	(୨)	ସଂସ୍କୃତ - ୭୦୧
(୩)	ବଙ୍ଗଳା-୫୫୦	(୪)	ଓଡିଆ - ୮୧୧
(୫)	ହିନ୍ଦି - ୪୮୩	(୬)	ତାଳପତ୍ର ପୋଥି - ୨୬୬

ବିଶେଷତଃ ଗଦାଧର ରାମାନୁଜ ଦାସଙ୍କ ପ୍ରଗାଢ଼ ଉଦ୍ୟମରେ ରାଜ୍ୟ ତଥା ଭାରତର ବିଭିନ୍ନ ସ୍ଥାନରୁ ବହୁ ଦୁଷ୍ପ୍ରାପ୍ୟ ଗ୍ରନ୍ଥ, ତାଳପତ୍ର ପୋଥି, ତାମ୍ରପଟା, ସନନ୍ଦ ଓ ପ୍ରାଚୀନ ଧର୍ମ ପୁସ୍ତକ ସଂଗୃହୀତ ହୋଇ ରଘୁନନ୍ଦନ ପାଠାଗାରରେ ରଖା ଯାଇଥିଲା । ସେହି ସମୟରେ ଦୈନିକ ପ୍ରାୟ ୬୦ ଜଣ ପାଠକ ନିୟମିତ ଭାବେ ପାଠାଗାରକୁ ଆସୁଥିଲେ। ଉଲ୍ଲେଖଯୋଗ୍ୟଯେ ଏହି ପାଠାଗାରକୁ ଓ ଏହାର ଦ୍ୱିତାଲା ବିଶିଷ୍ଟ ଛାତ ଉପରୁ ଶ୍ରୀମନ୍ଦିରର ଆଭ୍ୟନ୍ତରୀଣ ଦୃଶ୍ୟ ଦେଖିବା ନିମନ୍ତେ ତତ୍‌କାଳୀନ ସମୟରେ ଭାରତ ଓ ଇଂଲଣ୍ଡର ବହୁ ବିଶିଷ୍ଟ ଅଣ ହିନ୍ଦୁ ଅତିଥିବର୍ଗମାନେ ବିଭିନ୍ନ ସମୟରେ ଏମାର ମଠ ପରିସରକୁ ଆସିଥିଲେ । ୧୯୩୯ ମସିହା ଅଗଷ୍ଟ ୨ ତାରିଖ ଦିନ ତତ୍‌କାଳୀନ ଭାଇସ୍‌ରାୟ ଏବଂ ଗଭର୍ଣ୍ଣର ଜେନେରାଲ୍ ଅଫ୍ ଇଣ୍ଡିଆ ଓଡ଼ିଶା ପରିଦର୍ଶନ ସମୟରେ ଏହି ମଠକୁ ଆସି ପାଠାଗାରର ଛାତ ଉପରେ ଶ୍ରୀଜଗନ୍ନାଥ ମନ୍ଦିର ଦର୍ଶନ କରିଥିଲେ। ଏତତ୍‌ବ୍ୟତୀତ ୧୯୩୨ ମସିହା ମାର୍ଚ୍ଚ ୨୨ ତାରିଖରେ ପାଟଣା ହାଇକୋର୍ଟ ଚିଫ୍ ଜଷ୍ଟିସ୍ ସାର୍ କୋର୍ଟନେ, ୧୯୩୩ ମସିହା ମାର୍ଚ୍ଚ ୧୯ ତାରିଖରେ ବଙ୍ଗଳାର ଗଭର୍ଣ୍ଣର ସାର୍‌ଜନ୍ ଆଣ୍ଡ୍ରସନ୍, ୧୯୩୩ ମସିହା ଏପ୍ରିଲ୍ ୭ ତାରିଖ ଓ ୧୯୩୫ ମସିହା ଏପ୍ରିଲ୍ ୬ ତାରିଖରେ ବିହାର ଓ ଓଡ଼ିଶାର ଗଭର୍ଣ୍ଣର ସାର୍ ଜେ.ଡ଼ି, ସିଫ୍ଟନ୍ ଦୁଇ ଥର ଉକ୍ତ ପାଠାଗାର ପରିଦର୍ଶନ କରିଥିଲେ। ଅନ୍ୟାନ୍ୟ ବିଶିଷ୍ଟ ବ୍ୟକ୍ତି

Digitized by srujanika@gmail.com

ମାନଙ୍କ ମଧ୍ୟରେ ପାଟଣା ହାଇକୋର୍ଟ ଜଜ୍ ଶ୍ରୀ କୁଲ୍‌ଓ୍ୱନ୍ତ ସହାୟ, ମହାମହୋପାଧ୍ୟାୟ ଗଣନାଥ ସେନ୍ ଶର୍ମା, ଲକ୍ଷ୍ନୌ ବିଶ୍ୱ ବିଦ୍ୟାଳୟର କୁଳପତି ଶ୍ରୀ ଏନ୍.ଏନ୍.ସିହ୍ନା, ବିହାର ଏବଂ ଓଡିଶାର ପି.ଏମ୍.ଜି. ଶ୍ରୀ ଏସ୍.ବି. ସିହ୍ନା, ବ୍ୟାଙ୍କିଙ୍ଗ୍ କର୍ପୋରେସନ୍‌ର ଗଭର୍ଣ୍ଣର ଶ୍ରୀ ଏଚ୍.ଏଫ୍.ସ୍ମିଥ୍, ଶ୍ରୀ ପି.ଟି. ମ୍ୟାନସ୍‌ଫିଲଡ୍, ଓଡିଶାର ମୁଖ୍ୟ ଶାସନ ସଚିବ (୨୬.୪.୧୯୩୬) ପ୍ରଭୃତି ଅନ୍ତର୍ଭୁକ୍ତ ।

ରଘୁନନ୍ଦନ ପାଠାଗାର ବ୍ୟତୀତ ଗଦାଧର ରାମାନୁଜ ଦାସଙ୍କ ସମୟରେ ୧୯୩୪ ମସିହାରେ ଏକ 'ଆୟୁର୍ବେଦ ଦାତବ୍ୟ ଚିକିତ୍ସାଳୟ', 'ରଘୁନନ୍ଦନ ପ୍ରେସ୍', 'ରଘୁନନ୍ଦନ ଟୋଲ୍', ପୁରୀ ଓ ଚନ୍ଦନପୁରଠାରେ 'ଗଦାଧର ହାଇସ୍କୁଲ' ସ୍ଥାପିତ ହୋଇଥିଲା । ସୂଚନାଯୋଗ୍ୟଯେ ୧୮୯୩ ମସିହାରେ ଉକ୍ତ ମଠ ଆନୁକୂଲ୍ୟରେ 'ଏମାର ମଠ ଟୋଲ୍' ନାମରେ ଏକ ସଂସ୍କୃତ ଶିକ୍ଷାନୁଷ୍ଠାନ ଖୋଲା ଯାଇଥିଲା । କିନ୍ତୁ ମହନ୍ତ ଗଦାଧର ରାମାନୁଜଙ୍କ ସମୟରେ ଉକ୍ତ 'ଟୋଲ୍'ର ନାମ ପରିବର୍ତ୍ତନ କରାଯାଇ 'ରଘୁନନ୍ଦନ ଟୋଲ୍' ନାମ ରଖାଯାଇଥିଲା । ସେ ସମୟରେ ଏହି ମଠରେ ବହୁ ମେଧାବୀ ସଂସ୍କୃତ ଛାତ୍ର ଆଶ୍ରୟ ନେବା ସଙ୍ଗେ ସଙ୍ଗେ ଟୋଲ୍‌ରେ ଅଧ୍ୟୟନ କରିବା ସହିତ ସଂସ୍କୃତ ଶିକ୍ଷାରେ କୃତିତ୍ୱ ହାସଲ କରି ଓଡିଶାର ବହୁ ସମ୍ମାନଜନକ ପଦ ପଦବୀରେ ନିଯୁକ୍ତ ହୋଇପାରିଥିଲେ । ୧୯୩୬ ମସିହା ମଠର ବାର୍ଷିକ ବିବରଣୀରୁ ଜଣାଯାଏ ଯେ, ୧୯୨୫ରୁ ୧୯୩୫ ମସିହା ପର୍ଯ୍ୟନ୍ତ ମଠ ତରଫରୁ ଯଥାକ୍ରମେ 'ରଘୁନାଥ ଟୋଲ୍' ବାବଦରେ ମୋଟ୍ ଟ. ୨୦,୩୧୪/-, ରଘୁନନ୍ଦନ ଲାଇବ୍ରେରୀ ପାଇଁ ଟ. ୧୨,୦୪୫/-, ରଘୁନନ୍ଦନ ଚିକିତ୍ସାଳୟ ବାବଦରେ ଟ. ୨୬୨୪/- ଓ ରଘୁନନ୍ଦନ ପ୍ରେସ୍ ବାବଦରେ ଟ. ୮୪୩୭/- ଖର୍ଚ୍ଚ ହୋଇଥିଲା । ଏଥିରୁ ଅନୁମିତ ହୁଏ ଯେ, ତତ୍କାଳୀନ ସମୟରେ ସମାଜର ଶିକ୍ଷା, ସାହିତ୍ୟ, ସଂସ୍କୃତିର ପ୍ରଚାର ତଥା ପ୍ରସାର ନିମନ୍ତେ ଏମାର ମଠର ଅବଦାନ ଅତୁଳନୀୟ ଥିଲା । ମଠର ପ୍ରୋତ୍ସାହନରେ ହାଇସ୍କୁଲ, ସଂସ୍କୃତ ଟୋଲ୍, ଦାତବ୍ୟ ଚିକିତ୍ସାଳୟ ଓ ଅନ୍ନଛତ୍ର ଇତ୍ୟାଦି ପ୍ରତିଷ୍ଠିତ ହୋଇପାରିଥିଲା । ମଠ ସୂତ୍ରରୁ ପ୍ରକାଶ ଯେ, ବହୁ ପୂର୍ବରୁ ଗରୀବ, ଦୁଃଖି ରଙ୍କି ମାନଙ୍କ ଭୋଜନାର୍ଥେ ମଠ ତରଫରୁ ଦୁଇଟି ଅନ୍ନଛତ୍ର ଖୋଲା ଯାଇଥିଲା । ଗୋଟିଏ ହେଉଛି 'ରିମାଛତ୍ର' ଓ ଅନ୍ୟଟି ହେଲା 'ଏମାର ଛତ୍ର' । ଦୀର୍ଘ ଅନେକ ବର୍ଷ ଧରି ଏହି ଅନ୍ନଛତ୍ର ବନ୍ଦ ହୋଇଯାଇଛି । କଥିତ ଅଛି ଏମାର ମଠ ମହନ୍ତ ଗଦାଧରଙ୍କ ସମୟରେ ଥରେ ଓଡ଼ିଶାରେ ଦୁର୍ଭିକ୍ଷ ହୋଇଥିଲା । ସେ ସମୟରେ ମଠରେ ଯେତେ ପରିମାଣରେ ଧାନ, ଚାଉଳ ଗଚ୍ଛିତ ଥିଲା, ତାହା ଦୁର୍ଭିକ୍ଷ ପ୍ରପୀଡ଼ିତ ଲୋକମାନଙ୍କ ପାଇଁ ୬ମାସର ଖାଦ୍ୟ ହୋଇଥାଆନ୍ତା । ଏଭଳି ବିଭବଶାଳୀ ମଠର ଅବସ୍ଥା ଦିନକୁ ଦିନ ଶୋଚନୀୟ ହୋଇପଡିଲାଣି । ଉକ୍ତ ମଠର ଅନ୍ୟତମ ମହନ୍ତ ଶ୍ରୀନିବାସ ରାମାନୁଜ ଦାସ ପୁରୀ ଶ୍ରୀମନ୍ଦିର ପରିଚାଳନା କମିଟିର ଜଣେ ସଦସ୍ୟ ରୂପେ ବହୁ ବର୍ଷ ଧରି ରାଜ୍ୟ ସରକାରଙ୍କ ଦ୍ୱାରା ମନୋନୀତ ହୋଇ ଆସୁଥିଲେ ।

Digitized by srujanika@gmail.com

ପୁରୀ ଏମାର ମଠକୁ ତତ୍‌କାଳୀନ ଗଜପତି ମହାରାଜା ମାନେ କେତେକ ବିଶେଷ ଅଧିକାର ଦେଇଥିବାର ପ୍ରମାଣ ରହିଅଛି । ପାର୍ଶି ଭାଷାରେ ଲିଖିତ ଏକ ଦଲିଲରୁ ଜଣାଯାଏ ଯେ, ଉକ୍ତ ମଠର ଗୁଣ୍ଡିଚା ଯାତ୍ରା ସମୟରେ ଦିଆଯାଇଥିବା କେତେକ ବିଶେଷ ସୁବିଧା ସମ୍ବନ୍ଧରେ ସୂଚନା ମିଳେ । ନିମ୍ନରେ ଏହା ପ୍ରଦତ୍ତ କରାଗଲା ।

''ଶ୍ରୀ ପୁରୁଷୋତ୍ତମ ଦେଉଳ ପରୀକ୍ଷାଙ୍କୁ ସତାଇଶି ହଜାରୀ ପରିକ୍ଷାଙ୍କୁ ସହର ସରଦାରଙ୍କୁ, ସେନାନାୟକ ମାନଙ୍କୁ, ସୁଆର ମହାସୁଆରଙ୍କୁ, ସମସ୍ତ କାର୍ଯୀମାନଙ୍କୁ ମଧ ଚିଟାଉ । ମହନ୍ତ ଏମାର ଗୋସାଇଁ କୀ ଯେ, ଗୁଣ୍ଡିଚା ଘର ରୋଷ ପଶ୍ଚିମ ଦ୍ୱାରରେ ଚୁଲି କରିବାକୁ ଆଜ୍ଞା ଦେଲୁ, ଏ ଦୁଆର ମୁଦି କରି ଏଥିରେ ଚୁଲି କରି ରନ୍ଧାଇ ମହାପ୍ରଭୁଙ୍କୁ ମଣୋହୀ କରାଇବେ । ଗୁଣ୍ଡିଚା ଯାତ୍ରା ବଢ଼ିଲା ଉତାରୁ ରଥ ଦଉଡିରୁ ଗୋଟାଏ ଲେଖାଏଁ ଏ ପ୍ରତି ବରଷ ଏହାଙ୍କୁ ଦେଉଥିବ । ୩୪ ଅଙ୍କ ସିଂହ ଦି୫ନ'' ।

ଏମାର ମଠ ତାମ୍ର ଶାସନ ଉଦ୍ଧାର କରାଯାଇ 'ଶ୍ରୀଜଗନ୍ନାଥ ମନ୍ଦିର ଓ ଜଗନ୍ନାଥ ତତ୍ତ୍ୱ' ପୁସ୍ତକର ବିଂଶ ପରିଚ୍ଛେଦସ୍ଥ ୧୩୯ ପୃଷ୍ଠାରେ ସ୍ଥାନିତ ହୋଇଛି । ଯଥା

''ଓଁ ସ୍ୱସ୍ତିଶ୍ରୁଭ ମସ୍ତୁ ଶକ ନୃପତେ ଚତୁସ୍ତ୍ରିଦଧିକ ଦ୍ୱାଦଶ ଶତ ପରିମିତ ବସ୍ୱରେ ସ୍ୱତି ବାହିତେଷ୍ଟୁ ବିଶ୍ୱମ୍ଭରା ....'' ।

ମଠର ବିଗ୍ରହ :

ଏମାର ମଠର ବିଜେସ୍ଥଳୀରେ ଅବସ୍ଥିତ ମନ୍ଦିରରେ ଶ୍ରୀ ରଘୁନାଥ ଜୀଉ ପୂଜିତ ହେଉଛନ୍ତି । ସେ ଉକ୍ତ ମଠର ମୁଖ୍ୟ ତଥା ଅଧିଷ୍ଠିତ ବିଗ୍ରହ ଅଟନ୍ତି । ଅନ୍ୟ ଦେବଦେବୀଙ୍କ ମଧ୍ୟରେ ଶ୍ରୀ ପତିତପାବନ (ଜଗନ୍ନାଥ), ଶ୍ରୀଲକ୍ଷ୍ମଣ, ଶ୍ରୀ ସୀତା, ଶ୍ରୀ ହନୁମାନ, ଶ୍ରୀ ନୃସିଂହ, ଶ୍ରୀ ଶାଳଗ୍ରାମ୍ ଇତ୍ୟାଦି ପୂଜା ପାଉଛନ୍ତି । ଅନ୍ୟ ଏକ କ୍ଷୁଦ୍ର ମନ୍ଦିରରେ ରାମାନୁଜାଚାର୍ଯ୍ୟଙ୍କର ଦୁଇଟି ମୂର୍ତ୍ତି ପୂଜିତ ହେଉଅଛି । ଗୋଟିଏ ପ୍ରସ୍ତରର ଓ ଅନ୍ୟଟି ଧାତବ ମୂର୍ତ୍ତି । ଧାତବ ମୂର୍ତ୍ତି ହେଉଛନ୍ତି ଚଳନ୍ତି ପ୍ରତିମା । ବୈଶାଖ ମାସର ଗୋଟିଏ ନିର୍ଦ୍ଦିଷ୍ଟ ତିଥିରେ ମଠର ଏକ ବିମାନରେ ଚଳନ୍ତି ପ୍ରତିମା ଶ୍ରୀ ରାମାନୁଜାଚାର୍ଯ୍ୟ ଏହି ସମ୍ପ୍ରଦାୟର ଅନ୍ୟ ମଠ ମାନଙ୍କୁ ଭ୍ରମଣରେ ବିଜେ କରିଥାନ୍ତି । ମଠରେ ପାଳିତ ବିଭିନ୍ନ ପର୍ବ ପର୍ବାଣୀ ମଧ୍ୟରେ ଝୁଲଣ ଉତ୍ସବ ଅନ୍ୟତମ । ଆଜକୁ ପ୍ରାୟ ୩୦/୪୦ ବର୍ଷ ପୂର୍ବେ ପୁରୀ ଏମାର ମଠର ଝୁଲଣ କୁଞ୍ଜ ବଡ଼ ଥିଲା ଓ ଆକର୍ଷଣୀୟ ସାଜସଜ୍ଜାରେ ଏହି ମଠ ପ୍ରଥମ ଥିଲା । ସଂପ୍ରତି ପୂର୍ବ ଭଳି ଝୁଲଣ କୁଞ୍ଜ ଓ ସାଜସଜ୍ଜା ହେଉନାହିଁ । ନାମକୁ ମାତ୍ର ପରମ୍ପରାକୁ ରକ୍ଷା କରାଯାଇ ଝୁଲଣ ମହୋତ୍ସବ କରାଯାଉଛି ।

Digitized by srujanika@gmail.com

ଏମାର ମଠ ଅଧୀନସ୍ଥ ପ୍ରସିଦ୍ଧ ଦେଉଳି ମଠ କାକଟପୁର ମା' ମଙ୍ଗଳା ମନ୍ଦିରର ଅନତି ଦୂରରେ ଅବସ୍ଥିତ । ଶ୍ରୀ ଜଗନ୍ନାଥ ମହାପ୍ରଭୁଙ୍କ ନବକଳେବର ବିଶେଷ କରି ଦାରୁ ଅନ୍ୱେଷଣ ଓ ବନଯାଗ ନୀତି ସହ ଅତ୍ୟନ୍ତ ପ୍ରାଚୀନ କାଳରୁ ଏହି ମଠର ସମ୍ପର୍କ ଅତି ନିବିଡ଼ । ପୂର୍ବରୁ ଏହି ମଠର ବାବାଜୀ ମାନେ ଦେଉଳି ମଠକୁ ସ୍ୱାଧୀନ ଭାବେ ଚଳାଇ ଆସୁଥିଲେ । କିନ୍ତୁ କେତେକ ଅସାମାଜିକ ବ୍ୟକ୍ତି ମଠ ଉପରେ ଆକ୍ରମଣ ଚଳାଇ ଏହି ଅନୁଷ୍ଠାନର ବହୁ କ୍ଷତି ଘଟାଇ ଥିଲେ । ତତ୍କାଳୀନ ବୃଦ୍ଧ ବାବାଜୀ ଲକ୍ଷ୍ମଣ ଦାସ ବିରକ୍ତିରେ ତାଙ୍କର ମୃତ୍ୟୁ ପୂର୍ବରୁ ମଠର ସମସ୍ତ ସମ୍ପତ୍ତି ସେତେବେଳର ଏମାର ମଠର ମହନ୍ତ ଗଦାଧର ରାମାନୁଜ ଦାସଙ୍କ ନାମରେ କବଲା କରିଦେଇଥିଲେ । ସେହିଦିନଠାରୁ ଉକ୍ତ ମଠଟି ଏମାର ମଠର ନିୟନ୍ତ୍ରଣାଧୀନରେ ରହିଆସିଅଛି । ସମ୍ପ୍ରତି ଏହି ମଠଟି ଅତ୍ୟନ୍ତ ଜରାଜୀର୍ଣ୍ଣ ତଥା ଶୋଚନୀୟ ଅବସ୍ଥାରେ ରହିଅଛି ।

ମଠ ବିଜେସ୍ଥଳୀ ଓ ଭୂସମ୍ପତ୍ତି :- ପୁରୀ ଶ୍ରୀମନ୍ଦିରର ସିଂହଦ୍ୱାର ସାମନା ତଥା କାଳିକା ଦେବୀ ସାହି ମୌଜାର ପ୍ରାୟ ଚାରି ଏକର ପାଞ୍ଚଶହ ଡ଼ିସିମିଲି ଜମି ଉପରେ ଏମାର ମଠର ବିଜେସ୍ଥଳୀଟି ଅବସ୍ଥିତ । ଦ୍ୱିତାଲା ବିଶିଷ୍ଟ ଏହି ପ୍ରାଚୀନ ମଠର ବିଜେସ୍ଥଳୀରେ କେତେକ ବୃହତ୍ କୋଠରୀ, ଗାଦି ଘର, ମନ୍ଦିର, ବଲ୍ଲଭ ଘର, ରୋଷଶାଳା, ମହନ୍ତଙ୍କ ନିବାସ କୋଠରୀ, ଗ୍ୟାରେଜ, ଧାନ କୋଠି, ମଠ କାର୍ଯ୍ୟାଳୟ, ରଘୁନନ୍ଦନ ଲାଇବ୍ରେରୀ, ପନ୍ତୀଘର ଇତ୍ୟାଦି ରହିଅଛି । ମଠର ମୁଖ୍ୟ ଦ୍ୱାର ପଶ୍ଚିମାଭିମୁଖୀ ଅଟେ । ମଠର କାନ୍ଥ ଓ ସ୍ତମ୍ଭ ଗୁଡିକର ନିର୍ମାଣ ଶୈଳୀ ଅତ୍ୟନ୍ତ କାମନୀୟ । ଗୋଟିଏ ଖୋଲା କୋଠରୀର କାନ୍ଥରେ ଆଚାର୍ଯ୍ୟ ମାନଙ୍କର ଚିତ୍ର ରହିଛି । ସୂଚନାଯୋଗ୍ୟଯେ ଉକ୍ତ ମଠରେ ମୋଟ୍ ୧୧ଟି ଅଗଣା ରହିଅଛି । ମଠ ସୂତ୍ରରୁ ଜଣାଯାଏ ଯେ, ମହନ୍ତ ଗଦାଧର ରାମାନୁଜ ଦାସଙ୍କ ଉଦ୍ୟମରେ ପୁରୀ ଲକ୍ଷ୍ମୀ ମନ୍ଦିରର ଜଗମୋହନର ଚଟାଣ (ବସିବାସ୍ଥାନ) ଟି ରାଜସ୍ଥାନରୁ ଆସିଥିବା ସ୍ୱତନ୍ତ୍ର ଶ୍ରେଣୀର ମାର୍ବଲ ପ୍ରସ୍ତରରେ ନିର୍ମିତ ହୋଇଥିଲା । ନିର୍ମାଣ କାର୍ଯ୍ୟ ଶେଷ ପରେ କେତେକ ପ୍ରସ୍ତର ବଳକା ରହିଯାଇଥିବାରୁ ମଠ ବିଜେସ୍ଥଳୀର ମନ୍ଦିର ସମ୍ମୁଖ ବାରଣ୍ଡାଟିରେ ଏହି ମାର୍ବଲ ପ୍ରସ୍ତର ଲାଗିଥିଲା । କିନ୍ତୁ ବାରଣ୍ଡାଟି ସମ୍ପୂର୍ଣ୍ଣ ହୋଇ ନ ପାରି ଅଧାରେ ରହିଯାଇଥିଲା । ଏବେ ମଧ ଯେ କେହି ଆଗ୍ରହୀ ବ୍ୟକ୍ତି ସେହି ଅସମ୍ପୂର୍ଣ୍ଣ ବାରଣ୍ଡାଟିକୁ ଦେଖିପାରିବେ ।

ଏମାର ମଠର ଓଡିଶା ତଥା ରାଜ୍ୟ ବାହାରେ ମୋଟ୍ ଏଗାର ହଜାର ଏକର ଭୂ-ସମ୍ପତ୍ତି ରହିଥିଲା । 'ଶ୍ରୀ ଜଗନ୍ନାଥ ମନ୍ଦିର ଓ ଜଗନ୍ନାଥ ତତ୍ତ୍ୱ' ପୁସ୍ତକର ଉନବିଂଶ ପରିଚ୍ଛେଦ ପୃଷ୍ଠା - ୯୧, ୯୨ ରେ ଉଲ୍ଲେଖ ହୋଇଛି ଯେ, ଖୋର୍ଦ୍ଧା ରାଜା ଓ ମରହଟ୍ଟା ଶାସକମାନେ ମଠ ମାରଫତ୍‌ରେ ବହୁ ଜମି ଦାନ କରିଥିଲେ । ଏହି ଜମିର ସୁବ୍ୟବସ୍ଥା ଓ ସୁପରିଚାଳନା

Digitized by srujanika@gmail.com

ହେବା ଆଶାରେ ମଠ ପରି ସ୍ଥାୟୀ ଅନୁଷ୍ଠାନ ମାନଙ୍କ ମାରଫତ୍‌ରେ ଏଗୁଡିକ ରଖାଯାଇଥିଲା । ୧୮୦୩ ଠାରୁ ୧୮୦୭ ମସିହା ମଧ୍ୟରେ ଜଗନ୍ନାଥ ଜିଲ୍ଲା (ପୁରୀ ଜିଲ୍ଲା) ମାଜିଷ୍ଟ୍ରେଟ୍ ଏହି ଜମି ତାଲିକା ସରକାରଙ୍କ ନିକଟକୁ ପଠାଇଥିଲେ । ଏହି ତାଲିକା ମଧ୍ୟରେ ପୁରୀ ଏମାର ମଠର ଜମି ଓ ଗ୍ରାମ ତାଲିକା ନିମ୍ନରେ ପ୍ରଦତ୍ତ କରାଗଲା ।

ଗ୍ରହଣ କରିଥିବା ମହନ୍ତଙ୍କ ନାମ - ସୋମଛା ମାତୃ (ଏମାର ମଠ)

ପ୍ରଗଣା	ମୌଜା ସଂଖ୍ୟା	ଜମା କାହାଣ	ପଣ	ଗଣ୍ଡା
ରାହାଙ୍ଗ	୧୨	୧୨୮୭୫	୧୫	
ଚବିଶକୁଦ ୧୩	୫	୩୨୦୪	୧୨	
କୋଠଦେଶ	୧୦	୧୬୩୩	୫	୩
ଭିତର ଆଠ ସାହି ୧୩	୧	୨୨୨	୮	
ବାହାର ଆଠ ସାହି	୧	୨୨	୮	
କରିଲୋ	୧	୨୮	୧୫	

ଏତଦ୍ ବ୍ୟତୀତ ଅସ୍ତରଙ୍ଗ, ସବଙ୍ଗ, ବାଁଚାଷ, ରଣଦିଆ ପ୍ରଭୃତି ପ୍ରଗଣାର ୧୭ ଖଣ୍ଡ ମୌଜା, ଗୋଲରାଗଡ଼, ମରିଚପୁର ଗଡ଼, ହରିଶପୁର ଗଡ଼ ପ୍ରଭୃତିରେ ବହୁ ଜମି ରହିଥିଲା । ଏ ମହନ୍ତଙ୍କ ଜିମା ଥିବା ସମ୍ପତ୍ତିର ମୋଟ ବାର୍ଷିକ ଜମା କଉଡ଼ିରେ କା ୩୫୭୬୩ ପ ୧୩ ଗ ୧୦ । ଉକ୍ତ ପୁସ୍ତକରୁ ଜଣାଯାଏ ଯେ, ଏମାର ମଠ ଅଧୀନରେ ରାହାଙ୍ଗ ପ୍ରଗଣାସ୍ଥିତ ଚୌରାତି, ବାଚିଆରା, ଖଣ୍ଡିଘର, ଆଳସୁର, ବଡ଼ରାମଚନ୍ଦ୍ରପୁର, ଉତ୍ତରପୁନା, ପାଞ୍ଚୁକୁରା, କେରାଣ୍ଡିପୁର, ଜଗନ୍ନାଥ ବଲ୍ଲଭ ଓ ପୁରୁଷୋତ୍ତମ ବଲ୍ଲଭ, ଜଗନ୍ନାଥ ଉଳସଣା, ବାସୁଦେଇପୁର । ଚବିଶକୁଦ ପ୍ରଗଣାର ତୁରମ, ଆମ୍ବରା, ତିନିକୁଦ ବନ୍ଧାଳ, କାନକୋର । କୋଠଦେଶ ପ୍ରଗଣାର ଚକ୍ରଧରପୁର, ଦଣ୍ଡଳି, କୋଳଥପିଟା ପାଟଣା, ସନ୍ଧାସିମୂଳି, ଅରସୁନ୍ଦ, ସୁଙ୍ଗ ମିଳକ, ବାଙ୍ଗୁରବା, ଉସିଆ. ଗୋଲରା, ଅଲରା । ଭିତର ଆଠ ସାହି ପ୍ରଗଣାସ୍ଥିତ ବାଣରୁଖ । ବାହାର ଆଠ ସାହି ପ୍ରଗଣାର ସୁଆରି । କରିଲେ ପ୍ରଗଣାର ଅରଛି ମୁତଫରକା ଇତ୍ୟାଦି ଅନ୍ତର୍ଭୁକ୍ତ ।

ପୁନଶ୍ଚ ୧୮୦୩ ଖ୍ରୀଷ୍ଟାବ୍ଦରେ ପ୍ରସ୍ତୁତ ହୋଇଥିବା ଅମୃତମଣୋହି ସମ୍ପତ୍ତି ମଧ୍ୟରେ ଏମାର ମଠ ମହନ୍ତ ସୋମଛା ମାତୃଙ୍କୁ ଦାନ କରାଯାଇଥିବା ଭୂ-ସମ୍ପତ୍ତି ନିମ୍ନ ପ୍ରକାରର

Digitized by srujanika@gmail.com

ଅଟେ । ଯଥା - ପ୍ରଗଣା- ଓଳାବରର ମୌଜା ବୁରାବାର - ୧୧୭ବାଟି । ପ୍ରଗଣା- ରାହାଙ୍ଗ-ଜଗନ୍ନାଥ ବଲ୍ଲଭ- ଗରକ୍ଷଣ- ୧୮ବାଟି, ପୁରୁଷୋତ୍ତମ ବଲ୍ଲଭ - ୧୬ବାଟି, ଶିକୁଳି -୨୨ବାଟି (ଦାତା ଖୋର୍ଦ୍ଧା ରାଜା । ଶ୍ରୀଜଗନ୍ନାଥଙ୍କ ପାଇଁ ଖଟଣି ଓ ଫୁଲ ଯୋଗାଇବା ନିମନ୍ତେ) । ଉଲ୍ଲେଖଯୋଗ୍ୟ ଯେ ଏତେ ପରିମାଣର ସମ୍ପତ୍ତି ଥାଇ ମଧ୍ୟ ଉକ୍ତ ମଠର ଠାକୁର ମାନଙ୍କ ଭୋଗ ଓ ଶ୍ରୀମନ୍ଦିରରେ ଖଟଣୀ ଭୋଗ ପାଇଁ ଚାଉଳ ଓ ଧାନ ମଠ ତରଫରୁ କିଣା ଯାଉଅଛି । ଏହା ବ୍ୟତୀତ ମଠର ଏକ ବୃହତ୍ ଅଟ୍ଟାଳିକା କୋଲକାତା ସହରରେ ରହିଅଛି । ଏହା ମଧ୍ୟ କେତେକ ଜବର ଦଖଲକାରୀଙ୍କ କବଳରେ ରହିଥିବା ଜଣାଯାଏ ।

ଶ୍ରୀମନ୍ଦିର ସହ ମଠର ସମ୍ପର୍କ :

ଶ୍ରୀମନ୍ଦିରକୁ ଏହି ମଠ ତରଫରୁ ପ୍ରତ୍ୟହ ବଲ୍ଲଭ, ବଡ଼ ସିଂହାର ବେଶ ପାଇଁ ଫୁଲର ଚନ୍ଦ୍ରିକା ଓ ଚଉସରା ମାଳ ଯୋଗାଯାଏ । ପୂର୍ବେ ଠାକୁରଙ୍କ ଅବକାଶ ନୀତି ବେଳେ ଏହି ମଠ ମଶାଲ ଜାଳୁଥିଲେ । ସଂପ୍ରତି ଏହି ବ୍ୟବସ୍ଥା ଅନୁସୃତ ହେଉନାହିଁ । ଅନବସର ସମୟରେ 'ଚକଟା ଭୋଗ' ଓ କାର୍ତ୍ତିକ ମାସରେ 'ବାଳ ଭୋଗ' କରାନ୍ତି । ସ୍ନାନ ପୂର୍ଣ୍ଣମୀ ଓ ରଥଯାତ୍ରା ବେଳେ ଫୁଲ ଓ ଚନ୍ଦନ ଯୋଗାଇବା ଏହି ମଠର ସେବା ଅଛି । ଚନ୍ଦନ ଯାତ୍ରା ବେଳେ ପଣା ଭୋଗ କରାନ୍ତି । ବର୍ତ୍ତମାନ ଅନେକ ସେବା ମଠ ତରଫରୁ କରାଯାଉନାହିଁ । ଶ୍ରୀମନ୍ଦିର କୋଠ ଭୋଗରୁ ପ୍ରତ୍ୟହ ମହାପ୍ରସାଦ ଏହି ମଠ ପାଇଁ ଖଞ୍ଜା ଅଛି ।

ଶ୍ରୀମନ୍ଦିର ସ୍ୱତ୍ୱଲିପିରୁ ଜଣାଯାଏଯେ, ଏମାର ମଠ ବିଜେସ୍ଥଳୀ ଠାରେ ଥିବା ପନ୍ତୀ ଘରେ ବର୍ଷର ବିଭିନ୍ନ ପର୍ବ ପର୍ବାଣୀ ତଥା ଯାନିଯାତ୍ରା ବେଳେ ଠାକୁରମାନଙ୍କ ଉଦ୍ଦେଶ୍ୟରେ ମଠ ତରଫରୁ ପନ୍ତୀ ଭୋଗ ହୋଇଥାଏ । ତନ୍ମଧ୍ୟରେ ଚନ୍ଦନଯାତ୍ରା ୨୧ଦିନ, ନୃସିଂହ ଜନ୍ମ (ବୈଶାଖ ଶୁକ୍ଳ ଚତୁର୍ଦ୍ଦଶୀ), ଚମ୍ପକ ଦ୍ୱାଦଶୀ, ଆଷାଢ଼ ଶ୍ରୀଗୁଣ୍ଡିଚା, ଧୂଳିଆ ଗୁଣ୍ଡିଚା, ହେରା ପଞ୍ଚମୀ, ନୀଳାଦ୍ରି ବିଜେ, ଚକ୍ରବୁଲା ଏକାଦଶୀ (ଶ୍ରାବଣ), ବାଡ଼ି ନରସିଂହ ବିଜେ (ଶ୍ରାବଣ ଶୁକ୍ଳ ନବମୀ), ଗହ୍ମା ପୂର୍ଣ୍ଣିମା, କାଳୀୟଦଳନ ଏକାଦଶୀ, ଋଷି ପଞ୍ଚମୀ, ରାଧାଷ୍ଟମୀ, ଦଶହରା, କୁମାର ପୂର୍ଣ୍ଣିମା, ଦିପାବଳୀ, ପଣ୍ଢୁ ନୃସିଂହ (ମାର୍ଗଶୀର ଶୁକ୍ଳ ଚତୁର୍ଦ୍ଦଶୀ), ବସନ୍ତ ପଞ୍ଚମୀ ଚାଚେରୀ (ଫାଲ୍‌ଗୁନ ଶୁକ୍ଳ ଦଶମୀ ଠାରୁ ତ୍ରୟୋଦଶୀ ପର୍ଯ୍ୟନ୍ତ), ଅଗ୍ନ୍ୟୁତ୍ସବ, ଦୋଳ ପୂର୍ଣ୍ଣିମା, ରାମନବମୀ ଠାରୁ ରାବଣବଧ ପର୍ଯ୍ୟନ୍ତ, ପୁଷ୍ୟା ନକ୍ଷତ୍ରରେ ଅଭିଷେକ ଦିନ, ପ୍ରତି ମାସର ଅମାବାସ୍ୟା ସାଗର ବିଜେ ପ୍ରଭୃତି ତିଥି ଅନ୍ତର୍ଭୁକ୍ତ । ଶ୍ରୀଜଗନ୍ନାଥ ମନ୍ଦିର ସ୍ୱତ୍ୱଲିପି (Record of Rights) ମୁତାବକ ଦୈନନ୍ଦିନ ରାଜଭୋଗ ଓ ଭୋଗ ମଣ୍ଡପରେ ଏମାର ମଠର ପନ୍ତୀ ଭୋଗ ହୋଇଥାଏ । ଯଥା ଛାମୁ ପନ୍ତି - ୨ ହାଣ୍ଡି (ବଡବାଡ

Digitized by srujanika@gmail.com

ବଳଭଦ୍ର), ଭୋଗମଣ୍ଡପ ପନ୍ତି ଓ ଛାମୁ ପନ୍ତି । ଏତତ୍‌ବ୍ୟତୀତ ଶ୍ରୀଗୁଣ୍ଡିଚା ମନ୍ଦିରରେ ଭୋଗ ମଣ୍ଡପ ପନ୍ତି ଓ ଛାମୁ ପନ୍ତି ୪ କୁଡୁଆ ୪ ହାଣ୍ଡି ଭୋଗ ମଠ ତରଫରୁ ହୋଇଥାଏ ।

ଶ୍ରୀମନ୍ଦିର ବାହାର ବେଢ଼ାରେ ଅବସ୍ଥିତ ଭେଟମଣ୍ଡପ ନିକଟରେ ମଠର କେତୋଟି ସରଘର ରହିଅଛି । ଅତୀତରେ ବିଭିନ୍ନ ଗଜପତି ମହାରାଜାଙ୍କ ସମୟରେ ମଠକୁ ସରଘରମାନ ଦିଆଯାଇଥିଲା । ସ୍ୱତ୍ତ୍ୱଲିପିରୁ ଉଦ୍ଧାର କରାଯାଇ ନିମ୍ନରେ ସରଘର ଓ ଚୁଲିର ବିବରଣୀ ଉଲ୍ଲେଖ କରାଗଲା ।

(୧) ପ୍ଳଟ ନଂ -୧୮୩ -ସରଘର - ଏମାର ମଠକୁ ଖଜଣା ଦେଇ ବାବାଜି ସମର୍ଥା ଏଠାରେ ହାଣ୍ଡି କୁଡୁଆ ବିକ୍ରୀ କରେ ।

(୨) ପ୍ଳଟ ନଂ - ୧୮୪ - ସରଘର - ଦାମୋଦର ଦୀକ୍ଷିତ ଏମାର ମଠକୁ ଖଜଣା ଦେଇ ଦଖଲ କରେ ।

(୩) ପ୍ଳଟ ନଂ - ୧୮୫ - ସରଘର - ଫକି ପଣ୍ଡା ଏମାର ମଠକୁ ଖଜଣା ଦେଇ ଏହା ଦଖଲ କରେ ।

(୪) ପ୍ଳଟ ନଂ ୧୮୬ ଓ ୧୮୭ - ଏମାର ମଠ ଏହା ତାଙ୍କର ସରଘର ବୋଲି ଦାବୀ କରେ ।

(୫) ପ୍ଳଟ ନଂ ୧୮୮ - ଏମାର ମଠକୁ ଖଜଣା ଦେଇ ହରି ସାହୁ ଦଖଲ କରେ ।

ଏହା ବ୍ୟତୀତ ଶ୍ରୀମନ୍ଦିର ରୋଷଶାଳାରେ ଏମାର ମଠ ନାମାନୁସାରେ "ଏମାର ରୋଷ" ରହିଅଛି.। ରୋଷଶାଳାର ମୁଖ୍ୟ ପ୍ଳଟ ନଂ ୨୦୫ର ସେକସନ୍ - ୨ ର ଚୁଲି ନମ୍ବର ୪ ଠାରୁ ୧୨ ପର୍ଯ୍ୟନ୍ତ ଏମାର ମଠ ନାମରେ ରହିଅଛି । ଏଥି ମଧ୍ୟରୁ ୪,୫,୬ ଚୁଲି ନନ୍ଦ ମହାସୁଆର ଦଖଲ କରନ୍ତି ଓ ମଠର ଖଟଣି ରାନ୍ଧନ୍ତି ତଥା ପ୍ରତ୍ୟେକ ଚୁଲି ପାଇଁ ସେ ସମୟରେ ବାର୍ଷିକ ୧୨ ଟଙ୍କା ଭଡ଼ା ଥିଲା ବୋଲି ଶ୍ରୀମନ୍ଦିର ସ୍ୱତ୍ତ୍ୱଲିପିରେ ଉଲ୍ଲେଖ ଅଛି । ଚୁଲି ନଂ ୭ ଠାରୁ ୧୨ ନମ୍ବର ପର୍ଯ୍ୟନ୍ତ ଦାମୋଦର ଦୀକ୍ଷିତ ଦଖଲ କରି ମଠକୁ ବାର୍ଷିକ ଭଡ଼ା ପ୍ରଦାନ କରୁଥିଲେ ।

ମଠ ପରିଚାଳନା :

ରାଜ୍ୟ ଦେବୋତ୍ତର ବିଭାଗଧୀନରେ ଏହି ମଠଟି ରହିଅଛି । ଉକ୍ତ ମଠର ମହନ୍ତ ନିଜେ କାର୍ଯ୍ୟ ନିର୍ବାହୀ ଅଧିକାରୀ ରୂପେ ସମସ୍ତ କ୍ଷମତା ପ୍ରାପ୍ତ ହୋଇ ମଠର ଯାବତୀୟ ପରିଚାଳନା କଥା ବୁଝୁଛନ୍ତି । ମଠର ବିଜେସ୍ଥଳୀଠାରେ ଅବସ୍ଥିତ କାର୍ଯ୍ୟାଳୟରେ କେତେକ କର୍ମଚାରୀ ନିଯୁକ୍ତ ରହି ପାଠାଗାର, ବିଜେସ୍ଥଳୀଠାରେ ଥିବା ଦୋକାନ ଭଡ଼ା ଆଦାୟ, ମଠର

Digitized by srujanika@gmail.com

ପର୍ବ-ପର୍ବାଣୀ, ଶ୍ରୀଜୀଉଙ୍କ ନୀତି ବାବଦରେ ସମସ୍ତ ପୂଜା ଉପକରଣ ସଂଗ୍ରହ ତଥା ମଠର ପରିଚାଳନା କାର୍ଯ୍ୟରେ ନିୟୋଜିତ ରହିଛନ୍ତି । ଏହା ବ୍ୟତୀତ ମଠର କେତେକ ଖମାରରେ ନିଜସ୍ୱ ତହସିଲଦାର ଓ ଖମାରୀମାନେ ନିଯୁକ୍ତ ରହି ରାଜସ୍ୱ ଆଦାୟ କରି ମଠକୁ ପଠାଇଥାନ୍ତି । ଉପରୋକ୍ତ ବାବଦରେ ଆସୁଥିବା ସମସ୍ତ ଅର୍ଥରେ ମଠ ଠାକୁରଙ୍କ ନୀତି, ଉତ୍ସବ, ମଠ କର୍ମଚାରୀ ମାନଙ୍କ ଦରମା ଓ ପରିଚାଳନା ଇତ୍ୟାଦି ଦିଗରେ ଖର୍ଚ୍ଚ ହେଉଅଛି ।

ଗତ କିଛି ବର୍ଷ ଧରି ସୁପରିଚାଳନାର ଅଭାବରେ ଖ୍ରୀଷ୍ଟିୟ ଦ୍ୱାଦଶ ଶତାବ୍ଦୀର ଏହି ସୁପ୍ରସିଦ୍ଧ ପ୍ରାଚୀନ ମଠଟିର ଐତିହ୍ୟ ଦିନକୁ ଦିନ ନଷ୍ଟ ହେବାକୁ ବସିଲାଣି । ମଠର ପ୍ରକୃତ ଆୟ ମଧ୍ୟ ଆସୁନାହିଁ । ପୂର୍ବରୁ ଚାଲୁଥିବା ଦାତବ୍ୟ ଚିକିତ୍ସାଳୟ, ଅନ୍ନଛତ୍ର, ସଂସ୍କୃତ ଟୋଲ୍, ପ୍ରିଣ୍ଟିଂ ପ୍ରେସ୍ ଇତ୍ୟାଦି ଅନେକ ବର୍ଷ ଧରି ବନ୍ଦ ହୋଇଯାଇଛି । ଏପରିକି ଶ୍ରୀଜଗନ୍ନାଥଙ୍କ ସେବା ପୂଜା ଓ ଅନ୍ୟାନ୍ୟ ପର୍ବପର୍ବାଣୀ ଆଡ଼ମ୍ବର ପୂର୍ଣ୍ଣ ଭାବେ ପାଳିତ ହୋଇପାରୁନାହିଁ । ବର୍ତ୍ତମାନର ମଠାଧୀଶ ଶ୍ରୀମନ୍ଦିରରେ ଶାଢ଼ୀ ନ ବନ୍ଧାଇବା ଫଳରେ ଜଗନ୍ନାଥ ମହାପ୍ରଭୁଙ୍କ ଉପଚାର ଚାମର ସେବା କରିପାରୁ ନାହାଁନ୍ତି । ଅପର ପକ୍ଷରେ ଦିନକୁ ଦିନ ଜଗନ୍ନାଥ ମହାପ୍ରଭୁଙ୍କ ଦୈନନ୍ଦିନ ତଥା ବିଶେଷ ଉତ୍ସବ ସହ ଜଡ଼ିତ ଥିବା ଏହି ପ୍ରସିଦ୍ଧ ଅନୁଷ୍ଠାନଟି ବିଚ୍ୟୁତ ହୋଇ ଯାଉଥିବା ଜଣାଯାଏ । ପାଠାଗାର ସୁପରିଚାଳନାରେ ମଧ୍ୟ ଘୋର ଅବ୍ୟବସ୍ଥା ଦେଖାଯାଇଛି । ପୂର୍ବଭଳି ଓଡ଼ିଶାର ବିଭିନ୍ନ ପ୍ରାନ୍ତରରୁ ପଣ୍ଡିତ, ଗବେଷକ, ବିଦ୍ୟାର୍ଥୀମାନେ ଏହି ପାଠାଗାରକୁ ଆସୁ ନାହାଁନ୍ତି । ଏଭଳି ସୁପ୍ରସିଦ୍ଧ ପ୍ରାଚୀନ ମଠ ତଥା ପାଠାଗାରର ଉପଯୁକ୍ତ ରକ୍ଷଣା ବେକ୍ଷଣ କରାଯିବା ଏକାନ୍ତ ଆବଶ୍ୟକ ମନେ ହୁଏ ।

✤ ✤ ✤

Digitized by srujanika@gmail.com

ମଙ୍ଗୁ ମଠ

ଶ୍ରୀଜଗନ୍ନାଥ ମନ୍ଦିରର ସିଂହଦ୍ୱାର ସମ୍ମୁଖରେ ସୁପ୍ରସିଦ୍ଧ ମଙ୍ଗୁ ମଠ ଅବସ୍ଥିତ । ନାନକ ପନ୍ଥୀ ଉଦାସୀନ ସଂପ୍ରଦାୟର ଏହି ମଠର ପ୍ରତିଷ୍ଠାତା ହେଉଛନ୍ତି ଶିଖ ମାନଙ୍କ ଗୁରୁ ନାନକଙ୍କ ପୁତ୍ର ଶ୍ରୀ ଚାନ୍ଦଜୀ ମହାରାଜ । ଏଠାରେ ଉଲ୍ଲେଖଯୋଗ୍ୟଯେ ଓଡ଼ିଶାର ଅଧିକାଂଶ ପ୍ରାବନ୍ଧିକ ତଥା ଲେଖକ ଏହି ମଠର ପ୍ରତିଷ୍ଠାତା ନାନକ ବୋଲି ଉଲ୍ଲେଖ କରିଛନ୍ତି । କିନ୍ତୁ ଏହି ତଥ୍ୟ ଠିକ୍ ନୁହେଁ । ମଠରେ ଥିବା ପ୍ରାଚୀନ ରେକର୍ଡ, ପୁସ୍ତକ ତଥା ଉଦାସୀନ ସମ୍ପ୍ରଦାୟର ବିଭିନ୍ନ ଅନୁଷ୍ଠାନର ପତ୍ରିକାରୁ ଜଣାଯାଇଛି ଯେ, ଯଦିଓ ନାନକ ଏହିଠାରେ ସ୍ୱଳ୍ପ ସମୟ ପାଇଁ ଆସନ ପାତି ବସିଛନ୍ତି, କିନ୍ତୁ ଏହି ମଠର ପ୍ରତିଷ୍ଠାତା ସେ ନୁହଁନ୍ତି । ବର୍ତ୍ତମାନର ମହନ୍ତ ବୈଦ୍ୟନାଥ ଦାଶ ମଠର ପ୍ରତିଷ୍ଠାତା ଶ୍ରୀଚାନ୍ଦଜୀ ବୋଲି ମତ ପ୍ରକାଶ କରନ୍ତି । ଏପରିକି କୌଣସି ଶିଖ୍ ସଂସ୍ଥା ଅଧୀନରେ ଏହି ମଠ ପରିଚାଳିତ ହେଉନାହିଁ । ଦୀର୍ଘ ୪୫୦ ବର୍ଷରୁ ଉର୍ଦ୍ଧ୍ୱ ପୁରାତନ ମଙ୍ଗୁ ମଠ ପ୍ରତିଷ୍ଠା ସମ୍ପର୍କରେ କେତେକ ପ୍ରତିଷ୍ଠିତ ତଥ୍ୟକୁ ଅଧାର କରି ଜଣାଯାଇଛିଯେ, ଶ୍ରୀଚାନ୍ଦଜୀ ସମ୍ବତ୍ ୧୫୫୧ (୧୪୯୪ ଖ୍ରୀଷ୍ଟାବ୍ଦ)ରେ ଲାହୋର ନିକଟବର୍ତ୍ତୀ ତାଲବଣ୍ଡି ଗ୍ରାମରେ (ବର୍ତ୍ତମାନର ନାମ ନନକାନା ସାହିବ । ଭାରତ ବିଭାଜନ ପରେ ଏହା ପାକିସ୍ଥାନରେ ରହିଅଛି) ଭାଦ୍ରବ ମାସ ଶୁକ୍ଳ ପକ୍ଷ ନବମୀ ତିଥିରେ ଜନ୍ମ ଗ୍ରହଣ କରିଥିଲେ । ତାଙ୍କ ପିତା ଥିଲେ ଶିଖ ଧର୍ମର ପ୍ରମୁଖ ଗୁରୁ ନାନକ ଓ ମାତାଙ୍କ ନାମ ଥିଲା ସୁଲକ୍ଷଣା ଦେବୀ । ପିଲାଟି ଦିନରୁ ଶ୍ରୀଚାନ୍ଦ ବା ଶ୍ରୀଚନ୍ଦ୍ରଜୀ ଭକ୍ତି ମାର୍ଗରେ ନିଜକୁ ନିୟୋଜିତ କରିଥିଲେ । ଶ୍ରୀ ଚାନ୍ଦଜୀଙ୍କର ସଦ୍‌ଗୁରୁ ହେଉଛନ୍ତି ଗୁରୁ ଅବିନାଶ ମୁନି ଓ ଶିକ୍ଷା ଗୁରୁଥିଲେ କାଶ୍ମୀରର ପଣ୍ଡିତ ପୁରୁଷୋତ୍ତମ କୌଉଲ୍ । ନିଜର ସନ୍ଥ ପିତାଙ୍କର ନିର୍ଗୁଣୀୟ ପରଂପରା ତଥା ଶିଖ ସଂପ୍ରଦାୟରୁ ବିଚ୍ୟୁତ ହୋଇ ତତ୍‌କାଳୀନ ସମାଜରେ ମୁନୀ, ଋଷି, ପଣ୍ଡିତ ମାନଙ୍କର କ୍ଷୀଣ ହୋଇ ଆସୁଥିବା କର୍ମକାଣ୍ଡ ଓ ନୀତି ଆଦର୍ଶକୁ ଲକ୍ଷ୍ୟ କରି ଆଚାର୍ଯ୍ୟ ଶ୍ରୀଚାନ୍ଦଜୀ ରାଷ୍ଟ୍ରିୟ ଅଖଣ୍ଡତା, ସ୍ୱାଧୀନତା, ଜନ ଜାଗରଣ, କର୍ମ ଜ୍ଞାନ ଓ ଭକ୍ତି ସମନ୍ୱୟର ଆଲୋକ ଦେଖାଇଥିଲେ । ତାଙ୍କର ମୁଖ୍ୟ ଉଦ୍ଦେଶ୍ୟ ଥିଲା ପ୍ରଭୁ ଦର୍ଶନ, ମାନବ ଅଧିକାରର ସୁରକ୍ଷା, ସନାତନ ଧର୍ମ ଓ ନିଜ ସମ୍ପ୍ରଦାୟର ପ୍ରଚାର, ସତ୍ୟ ସନାତନ ବୈଦିକ ଧର୍ମର ପୁନରୁଦ୍ଧାର ଓ ଦେଶ ସେବା । ଦାର୍ଶନିକ ସିଦ୍ଧାନ୍ତ ଥିଲା ଭକ୍ତି ଜ୍ଞାନ ସମନ୍ୱୟ । ସେହି ସମୟରେ ଶ୍ରୀଚାନ୍ଦଜୀ ବେଦ ଓ ଗୀତା ଉପରେ ଅନେକ ଭାଷ୍ୟ ରଚନା କରିଛନ୍ତି । ତନ୍ମଧ୍ୟରେ

Digitized by srujanika@gmail.com

ଶ୍ରୀଚନ୍ଦ୍ର ସିଦ୍ଧାନ୍ତ ସାଗର, ଶ୍ରୀଚନ୍ଦ୍ର ଶବ୍ଦ ସୁଧାର, ଶ୍ରୀ ଚନ୍ଦ୍ର ସିଦ୍ଧାନ୍ତ ପଞ୍ଚକମ୍, ରନ୍ ପଞ୍ଚକମ୍, ମୁକ୍ତି ମଞ୍ଜରୀ, ଶ୍ରୀ ଚନ୍ଦ୍ର ସିଦ୍ଧାନ୍ତ ମଞ୍ଜରୀ, ଶ୍ରୀଚନ୍ଦ୍ର ପଞ୍ଚଦଶୀ, ଶ୍ରୀଚନ୍ଦ୍ର ପଞ୍ଚକମ୍, ଶ୍ରୀଚନ୍ଦ୍ର ପଞ୍ଚ ଦେବାଷ୍ଟକ ଇତ୍ୟାଦି ଅନ୍ୟତମ ।

ଶ୍ରୀ ଚାନ୍ଦଜୀଙ୍କ ଜୀବନି ସମ୍ପର୍କରେ ମଠରେ ଥିବା ଏକ ହିନ୍ଦି ପୁସ୍ତକରୁ ଜଣାଯାଏଯେ, ଶ୍ରୀଚାନ୍ଦ ଦୀର୍ଘ ଏଗାର ବର୍ଷ କାଳ ଭାରତ ଭ୍ରମଣ କରିଥିଲେ । ଏଥି ମଧ୍ୟରୁ ପାଞ୍ଚ ବର୍ଷ କେବଳ ନେପାଳ, ତିବ୍ବତ, ଭୁଟାନ ଓ ଦୁର୍ଗମ ପାର୍ବତ୍ୟ ଅଞ୍ଚଳରେ କଟିଥିଲା । ୬ଷ୍ଠ ବର୍ଷରେ ଗଙ୍ଗୋତ୍ରୀ, ଯମୁନା, କେଦାରନାଥ, ବଦ୍ରିନାଥ ଓ ହରଦ୍ୱାର ଠାରେ ପହଞ୍ଚିଥିଲେ । ୧୫୨୪ ମସିହା କାର୍ତ୍ତିକ ଶୁକ୍ଳ ଦ୍ୱିତୀୟା ଦିନ ସେ ମଥୁରାଠାରେ ଯମୁନା ନଦୀରେ ସ୍ନାନ କଲେ । ତଦ୍ ପରାନ୍ତେ ବୃନ୍ଦାବନ, ଗୋକୁଳ, ବର୍ଷାଣା ଆଦି ସ୍ଥାନକୁ ଯାତ୍ରା କରି ଅଯୋଧ୍ୟା ଓ କାଶୀରେ ପଦାର୍ପଣ କରି ସେଠାରେ ବିଶ୍ୱନାଥଙ୍କୁ ଦର୍ଶନ କରିଥିଲେ । ଏହା ପରେ ଗୟା, ପାଟଣା, ରାଜଗୃହ ମଗଧ, ଦେଓଘର ବୈଦ୍ୟନାଥ ଧାମ, ନବ ଦ୍ୱୀପ, ବଙ୍ଗଳା ଓ ଆସାମ ଯାତ୍ରା ଶେଷ କରି ଜଗନ୍ନାଥ ଧାମ ପୁରୀକୁ ଆଗମନ କରିଥିଲେ, ଆନୁମାନିକ ୧୫୮୨ ସମ୍ବତ (୧୫୨୫ ଖ୍ରୀଷ୍ଟାବ୍ଦ) ଶେଷ ଭାଗରେ ସେ ଶ୍ରୀକ୍ଷେତ୍ରରେ ଅବସ୍ଥାନ କରିଥିଲେ । ତତ୍‌କାଳୀନ ସମୟରେ ପୁରୁଷୋତ୍ତମ କ୍ଷେତ୍ରରେ ଅନେକ ସାଧୁସନ୍ଥ ରହୁଥିଲେ । ବର୍ତ୍ତମାନର ମଙ୍ଗୁ ମଠର ବିଜେସ୍ଥଳୀ ଠାରେ ଶ୍ରୀଚାନ୍ଦଜୀ ପ୍ରଥମେ ଛତା ପକାଇ ଶ୍ରୀମନ୍ଦିର ସମ୍ମୁଖରେ ଅବସ୍ଥାନ ପୂର୍ବକ ଉଦାସୀନ ସଂପ୍ରଦାୟର ବାଣୀ ପ୍ରଚାର କରିବା ସଙ୍ଗେ ସଙ୍ଗେ ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କୁ ଦର୍ଶନ କରି କ୍ଷେତ୍ରର ଆଧାତ୍ମିକ ପରିବେଶରେ ନିଜକୁ ସଂଶ୍ଳିଷ୍ଟ କରି ପାରିଥିଲେ । ତତ୍‌କାଳୀନ ଗଜପତି ମହାରାଜାଙ୍କ ସହ ତାଙ୍କର ସମ୍ପର୍କ ସ୍ଥାପିତ ହୋଇପାରିଥିଲା । ପୁରୁଷୋତ୍ତମ କ୍ଷେତ୍ରରେ କିଛି ଦିନ କଟାଇବା ପରେ ଶ୍ରୀ ଚାନ୍ଦଜୀ ଏଠାରୁ ହରିଦ୍ୱାର, ଗୋରଖପୁର, ପଞ୍ଜାବ ଓ ଜଳନ୍ଧର ଇତ୍ୟାଦି ସ୍ଥାନକୁ ଭ୍ରମଣ ଉଦ୍ଦେଶ୍ୟରେ ଯାଇଥିଲେ । ଶ୍ରୀଚାନ୍ଦଜୀଙ୍କ ପ୍ରସ୍ଥାନ ପରେ ତାଙ୍କର ପ୍ରିୟ ଶିଷ୍ୟ ବର୍ଗ ଏହି ସ୍ଥାନରେ ଆସନପାତି ଶ୍ରୀଚାନ୍ଦଙ୍କ ଦିବ୍ୟ ସନ୍ଦେଶ ଓ ସଂପ୍ରଦାୟର ପ୍ରଚାର ତଥା ପ୍ରସାର କାର୍ଯ୍ୟ କରିଥିଲେ ।

ମଙ୍ଗୁ ମଠର ମହନ୍ତ ମହାରାଜ ଶ୍ରୀ ବୈଦ୍ୟନାଥ ଦାଶଙ୍କ ଠାରୁ ସଂଗ୍ରହ କରାଯାଇଥିବା ତଥ୍ୟ ଅନୁଯାୟୀ ଶ୍ରୀଚାନ୍ଦଜୀଙ୍କ ପରେ ଦଶ ଜଣ ମଠାଧୀଶ ଏହିଠାରେ ଛତା ପୋତି ଓ କୁଡ଼ିଆ ଘର କରି ରହିଥିଲେ ମଧ୍ୟ ସ୍ଥାୟୀ କୋଠାଘର ନିର୍ମାଣ ହୋଇପାଇନଥିଲା । ବର୍ତ୍ତମାନର ମଠଟି ମହନ୍ତ ମହାରାଜା ମଙ୍ଗୁ ଦାସଜୀଙ୍କ ସମୟରେ ନିର୍ମାଣ ହୋଇଥିଲା । ସେ ସମୟରେ ଭୋଇ ବଂଶର ଗଜପତି ଗୋପୀନାଥ ଦେବ, ରାମଚନ୍ଦ୍ରଦେବ ଓ ବୀରକେଶରୀ ଦେବ (୧ମ)ଙ୍କ ସହ ମହନ୍ତ ମହାରାଜଙ୍କ ନିବିଡ ସଂପର୍କ ତଥା ବହୁ ଧନାଢ୍ୟ ବ୍ୟକ୍ତି ଓ ଶିଷ୍ୟବର୍ଗଙ୍କ ସାହାଯ୍ୟରେ ମଠର ବିଜେସ୍ଥଳୀ ଠାରେ ସ୍ଥାୟୀ ପକ୍କା ଗୃହମାନ ନିର୍ମିତ ହୋଇପାରିଥିଲା । ପରବର୍ତ୍ତୀ ସମୟରେ ମହନ୍ତ ମଙ୍ଗୁ ଦାସଜୀଙ୍କ ନାମାନୁସାରେ ମଠଟିର ନାମ 'ମଙ୍ଗୁ ମଠ' ଭାବେ ନାମିତ ହୋଇଥିଲା ।

Digitized by srujanika@gmail.com

ତହସିଲ ରେକର୍ଡ଼ ଅନୁଯାୟୀ ମଙ୍ଗୁମଠଟି ପୁରୀ କାଳିକା ଦେବୀ ସାହି ମୌଜାରେ ଅବସ୍ଥିତ । ମୋଟ୍ ୧୪୮ ଡ଼ିସିମିଲ ପରିମିତ ଜମି ଉପରେ ମଠଟିର ବିଜେସ୍ଥଳୀ ରହିଅଛି । ଦ୍ୱିତାଲା ବିଶିଷ୍ଟ କୋଠାଘର, ମନ୍ଦିର, ଅଗଣା, ଗାଦିଘର, କୂପ ଇତ୍ୟାଦି ଏହି ମଠର ବିଜେସ୍ଥଳୀରେ ଅବସ୍ଥିତ । ତହସିଲ ରେକର୍ଡଟି ମହନ୍ତ ସନ୍ଥ ପ୍ରସାଦ ଦାସଙ୍କ ସମୟରୁ ହିଁ ତାଙ୍କ ନାମରେ ରହିଅଛି ।

ମଠାଧୀଶ କ୍ରମାନ୍ୱୟ :

ମଙ୍ଗୁ ମଠ ସ୍ଥାପନ ଦିନଠାରୁ ଅଦ୍ୟାବଧି ଶ୍ରୀଚାନ୍ଦଜୀଙ୍କ ବ୍ୟତୀତ ମୋଟ୍ ଏକୋଇଶ ଜଣ ମଠାଧୀଶଙ୍କ ନାମ ମିଳୁଅଛି । ଏଥି ମଧ୍ୟରୁ ଦୀର୍ଘ ସାତ ପୁରୁଷ ହେବ ମଠରେ ଓଡିଆ ମଠାଧୀଶ ରହିଛନ୍ତି ।

ନିମ୍ନରେ ମଠାଧୀଶ ମାନଙ୍କ ନାମ ପ୍ରଦତ୍ତ କରାଗଲା ।

ଗୁରୁ ଶ୍ରୀ ଚାନ୍ଦଜୀ ତଥା ଶ୍ରୀ ଚନ୍ଦ୍ର ଭଗବାନ ପ୍ରତିଷ୍ଠାତା

(୧) ବାବ ଗୁରୁ ଦତ୍ତାଜୀ

(୨) ବାଲୁ ହାସ୍ୟଜୀ

(୩) ଯାଦବ ରାୟଜୀ

(୪) ସାହାଜୀ

(୫) ଉଦ୍ଧବ ରାଏଜୀ

(୬) ଜୀବନ ଦାସଜୀ

(୭) ବାଲକ ଦାସଜୀ

(୮) ଯୋଧାରାମ ଦାସଜୀ

(୯) ସଙ୍ଗତ୍ ଦାସଜୀ

(୧୦) ନିଧା ଦାସଜୀ

(୧୧) ଗୋଧଡ଼ ଦାସଜୀ

(୧୨) ମଙ୍ଗୁ ଦାସଜୀ (୧୭୨୨ ଖ୍ରୀଷ୍ଟାବ୍ଦରେ ବର୍ତ୍ତମାନର ମଠ ବିଜେସ୍ଥଳୀରେ ପକ୍କା କୋଠାଘର ନିର୍ମାଣ ଆରମ୍ଭ କରି ଥିଲେ)

Digitized by srujanika@gmail.com

(୧୩) ଗୋବିନ୍ଦ ଦାସ (୧୭୬୮ ଖ୍ରୀଷ୍ଟାବ୍ଦ ପୂର୍ବରୁ ମହନ୍ତାଇ ଶାଢ଼ୀ ବନ୍ଧାଇ ଥିଲେ)

(୧୪) ସୁଖଦେବ ଦାସ

(୧୫) ହରିଶରଣ ଦାସ

(୧୬) ଖୋସଲି ରାମ ଦାସ

(୧୭) ସନ୍ଥ ପ୍ରସାଦ ଦାସ

(୧୮) ଗୋବିନ୍ଦ ରାମ ଦାସ

(୧୯) କୃପାରାମ ଦାସ (୧୯୦୪ ମସିହା ଠାରୁ ୧୯୩୦ ମସିହା)

(୨୦) କାଶୀରାମ ଦାସ (୪-୩-୧୯୩୦ ରୁ ୧୯୭୪ ମସିହା)

(୨୧) ବୈଦ୍ୟନାଥ ଦାଶ (୨୧-୬-୧୯୭୪ ଠାରୁ ଅଦ୍ୟାବଧି ମଠାଧୀଶ ରୂପେ କାର୍ଯ୍ୟ ନିର୍ବାହ କରୁଅଛନ୍ତି) ।

ଉପରୋକ୍ତ ତାଲିକା ମଧ୍ୟରୁ କ୍ରମିକ ନଂ ୧ ଠାରୁ ୧୧ ପର୍ଯ୍ୟନ୍ତ (ଗୋଧଡ଼ ଦାସଜୀଙ୍କ ପର୍ଯ୍ୟନ୍ତ) ଶ୍ରୀଚାନ୍ଦଜୀଙ୍କ ପରେ ଏହି ଶିଷ୍ୟମାନେ ସେଠାରେ ଅବସ୍ଥାନ କରୁଥିଲେ । ପ୍ରାଚୀନ ସନନ୍ଦରେ ଉଲ୍ଲେଖ ହୋଇଥିବା ତଥ୍ୟାନୁଯାୟୀ ମହନ୍ତ ସୁଖ ଦେବ ଦାସଙ୍କ ସମୟକାଳ ଆନୁମାନିକ ୧୭୯୦ ଖ୍ରୀଷ୍ଟାବ୍ଦ ଏବଂ ମହନ୍ତ ହରିଶରଣ ଦାସଜୀଙ୍କ ଟୀର୍ଥାଟନ (ସନନ୍ଦ) ସମୟ ୧୮୩୫ ଖ୍ରୀଷ୍ଟାବ୍ଦ ବୋଲି ଜଣାଯାଏ ।

ମହନ୍ତ ମଙ୍ଗୁରାମ ଦାସଙ୍କ ଉଦ୍ଦେଶ୍ୟରେ ପ୍ରଦତ୍ତ ଏକ ଛାମୁ ଚିଟାଉରେ ଉଲ୍ଲେଖ ଅଛି :-

"ଶ୍ରୀ ବୀର କେଶରୀ ଦେବ ମହାରାଜଙ୍କ ଅ ୧୮ଙ୍କ ସ୍ରାହୀ ସିଙ୍ଘ ଦି ୧୪ନେ । ଶ୍ରୀ ପୁରୁଷୋତ୍ତମ ଦେଉଳ ପରୀକ୍ଷାକୁ, ସମସ୍ତ କାର୍ଯୀ ମାନଙ୍କୁ ସ୍ମରି ୧୮ଅଙ୍କ ସିଂଘ ୧୨ ଦିନରେ ଆଗ୍ୟାଁ ପ୍ରମାଣେ ଲେଖିଲୁ । ନନା ପତୀ ମହନ୍ତ ମଙ୍ଗୁରାମ ଦାସ ତାଙ୍କ ଗୁମାସ୍ତା । ଗିରିଧର ପଟ୍ଟନାୟକ, ଆନନ୍ଦ ସାନ୍ତରାକୁ ମଧ ଭଣ୍ଡାର ଘର ଦୁଆର ଆଗେ ଉପଚାର ଚଅଁର ଖଟାଇବ । ଯାନି ଯାତ୍ରାରେ ମଧ ଖଟାଉଥିବ ।"

(ଏହି ଛାମୁ ଚିଟାଉର ସମୟ ୧୭୫୦-୧୭୫୧ ଖ୍ରୀଷ୍ଟାବ୍ଦ) ଦ୍ରଷ୍ଟବ୍ୟ : ('ଶ୍ରୀଜଗନ୍ନାଥ ' ପତ୍ରିକା - ୧୯୮୦-୧ମ ସଂଖ୍ୟା)

ଏତଦ୍‌ବ୍ୟତୀତ ସେପ୍ଟେମ୍ବର ୨୩ ତାରିଖ ୧୭୬୮ ଖ୍ରୀଷ୍ଟାବ୍ଦରୁ ସେପ୍ଟେମ୍ବର ମାସ ୧୭୬୯ ମସିହା ମଧ୍ୟରେ ତତ୍‌କାଳୀନ ରାଜା ବୀରକେଶରୀ ଦେବ (୧ମ)ଙ୍କ ରାଜତ୍ୱର ୪୧ ଅଙ୍କରେ ଉକ୍ତ ମଠର ମହନ୍ତ ଉଦାସୀ ଗୋବିନ୍ଦ ଦାସଙ୍କୁ ଶ୍ରୀମନ୍ଦିରରେ "ମୟୂର ପୁଚ୍ଛ

Digitized by srujanika@gmail.com

ସେବା'' କରିବା ପାଇଁ ଅନୁମତି ପ୍ରଦାନ କରିଥିଲେ । (ଦ୍ରଷ୍ଟବ୍ୟ - Orissa Review July, 2002 Issue, Page - 66)

ମଠାଧୀଶ ପରମ୍ପରା :

ମଙ୍ଗୁ ମଠର ପରମ୍ପରା ଅନୁଯାୟୀ ଉଦାସୀନ ସଂପ୍ରଦାୟର ମହନ୍ତମାନେ ଏହି ମଠରେ ମହନ୍ତାଇ ଶାଢ଼ୀ ବନ୍ଧାଇବା ସମୟରେ କଟକର କାଳିଆ ବୋଦା ମଠର ମହନ୍ତ ମହାରାଜ, ମନ୍ଦିର ସେବାୟତ ଓ ପୁରୀର କେତେକ ମଠ ମହନ୍ତ ଉପସ୍ଥିତ ହୋଇଥାନ୍ତି । ପୂର୍ବତନ ମଠାଧୀଶଙ୍କ ସ୍ୱର୍ଗପ୍ରାପ୍ତି ଦିବସର ତ୍ରୟୋଦଶ ଦିନ ନୂତନ ମଠାଧୀଶଙ୍କର ଶାଢ଼ୀ ବନ୍ଧା ଉତ୍ସବ ଅନୁଷ୍ଠିତ ହୋଇଥାଏ । କାଳିଆ ବୋଦା ମଠର ମହନ୍ତ ମହାରାଜ ଏହି ମଠର ଗୁରୁ ଅଟନ୍ତି । ମଠର ଗାଦି ଘରେ ଏହି 'ମହନ୍ତାଇ ଶାଢ଼ୀ' ବନ୍ଧା ଉତ୍ସବ ଅନୁଷ୍ଠିତ ହୋଇଥାଏ । ମଠ ମହନ୍ତ ମାନଙ୍କର ଶ୍ରୀମନ୍ଦିରରେ ଚାମର ସେବା କରିବାର ଅଧିକାର ରହିଛି ।

ବର୍ତ୍ତମାନର ମହନ୍ତ ବୈଦ୍ୟନାଥ ଦାଶ ଜଣେ ଉଚ୍ଚ ଶିକ୍ଷିତ, ଭଦ୍ର, ସାମାୟିକ ତଥା ଆଧ୍ୟାତ୍ମିକ ଭାବଧାରାର ବ୍ୟକ୍ତି ଅଟନ୍ତି । ଉତ୍କଳ ବିଶ୍ୱବିଦ୍ୟାଳୟରୁ କଳାରେ ସ୍ନାତକ ଡ଼ିଗ୍ରୀ ପ୍ରାପ୍ତି ହାସଲ କରିବା ସଙ୍ଗେ ସଙ୍ଗେ ଦୀର୍ଘ ୧୭ବର୍ଷରୁ ଊର୍ଦ୍ଧ୍ୱ ସମୟ ଧରି ସେ ଶ୍ରୀଜଗନ୍ନାଥ ସଂସ୍କୃତି ତଥା ଧର୍ମ ଭିତ୍ତିକ ପତ୍ରିକା ''ନୀଳାଦ୍ରି''ର ପ୍ରକାଶକ ରୂପେ ରହିଆସିଛନ୍ତି । ଏତତ୍‌ବ୍ୟତୀତ ୧୯୯୮ ମସିହାରୁ ୨୦୦୦ ମସିହା ପର୍ଯ୍ୟନ୍ତ ସେ ଶ୍ରୀମନ୍ଦିର ପରିଚାଳନା କମିଟିର ସଦସ୍ୟ ରୂପେ ରାଜ୍ୟ ସରକାରଙ୍କ ଦ୍ୱାରା ମନୋନୀତ ହୋଇ କାର୍ଯ୍ୟ କରିଥିଲେ । ଭାରତର ବିଭିନ୍ନ ସ୍ଥାନରେ ଉଦାସୀନ ପଞ୍ଚାୟତି ବଡ଼ ଆଖେଡ଼ା ତରଫରୁ ଅନୁଷ୍ଠିତ ସମାରୋହ ଓ ଉତ୍ସବ ଇତ୍ୟାଦିରେ ଯୋଗ ଦେଇ ସମ୍ମାନିତ ହେବା ସଙ୍ଗେ ସଙ୍ଗେ ଉଦାସୀନ ସମ୍ପ୍ରଦାୟର ପ୍ରଚାର ପ୍ରସାର ଦିଗରେ ତାଙ୍କର ଯଥେଷ୍ଟ ଅବଦାନ ରହିଛି । ଉଲ୍ଲେଖଯୋଗ୍ୟଯେ ଏହି ମଠର ମଠାଧୀଶମାନେ ପରମ୍ପରା ଅନୁଯାୟୀ ପ୍ରତ୍ୟହ ପୂର୍ବତନ ଗୁରୁ ମଠାଧୀଶ ମାନଙ୍କ ନାମ ସ୍ମରଣ କରିଥାନ୍ତି । ଅତୀତରେ ଏହି ମଠ ତତ୍ତ୍ୱାବଧାନରେ ପଞ୍ଜାବର ଅମୃତସର ଠାରେ ଏକ ଶାଖା ମଠ ଥିଲା । ଦୀର୍ଘ ଅନେକ ବର୍ଷ ଧରି ଏହି ମଠଟି ଆଉ ମଙ୍ଗୁ ମଠ ଅଧୀନରେ ନାହିଁ । ସଂପ୍ରତି ଏହି ମଠର କୌଣସି ଶାଖା ପୁରୀରେ କିମ୍ବା ଓଡିଶାରେ ନାହିଁ । କିନ୍ତୁ ଏହି ସମ୍ପ୍ରଦାୟର ମୁଖ୍ୟ ଅନୁଷ୍ଠାନର ନାମ ହେଉଛି ଏଲାହାବାଦସ୍ଥିତ 'ଉଦାସୀନ ପଞ୍ଚାୟତି ବଡ଼ ଆଖେଡ଼ା' ।

ମଙ୍ଗୁ ମଠର ପୂର୍ବତନ ମଠାଧୀଶମାନେ ତତ୍‌କାଳୀନ ଗଜପତି ମହାରାଜା, ମୁସଲମାନ ଓ ମରହଟ୍ଟା ଶାସକ ମାନଙ୍କ ଠାରୁ ବହୁ ସନନ୍ଦ, ଛାମୁ ଚିଟାଉ ପାଇଥିଲେ ।

Digitized by srujanika@gmail.com

ତନ୍ମଧ୍ୟରୁ ଅଧିକାଂଶ ସନନ୍ଦ, ଛାମୁ ଚିଟାଉ ମଠରେ ସୁରକ୍ଷିତ ଭାବେ ରହିଅଛି । ଏହା ଉଭୟ ପାର୍ଶି ଓ ପ୍ରାଚୀନ ଓଡ଼ିଆ କରଣୀ ଭାଷାରେ ଲିଖିତ ହୋଇଥିବା ଜଣାଯାଏ । ଏଥି ମଧ୍ୟରୁ କେତେକ ସନନ୍ଦ, ଛାମୁ ଚିଟାଉ ମଠର ମହନ୍ତ ମହାରାଜାଙ୍କଠାରୁ ସଂଗୃହୀତ ହୋଇ ନିମ୍ନରେ ଉଲ୍ଲେଖ କରାଗଲା ।

ସନନ୍ଦ (୧)

ଶ୍ରୀ ପୁରୁଷୋତ୍ତମ ବଡ଼ ଦେଉଳ ପରୀକ୍ଷାଙ୍କୁ ସମସ୍ତ କାର୍ଯୀମାନଙ୍କୁ ମାଟୀମଣ୍ଡପ ସାହି ନାଏକ ମାନଙ୍କୁ ମଧ ଚିଟାଉ ମାଟୀମଣ୍ଡପ ସାହିରେ ସିଂଘଦ୍ୱାର ପୂର୍ବରେ ବେବର୍ତ୍ତା ପଟନାୟକ ସ୍ମର ପୀତାମ୍ବର ମାପ ସାଇତ ଆୟ କଲା ଡ଼ିହ ସ୍କନ୍ଧରେ ଯେ ଗୁଦଡ଼ ନାନକ ପନ୍ଥି କି ମଠ କରିବାକୁ ଯାଗା ସାତ ବଖରା ଅଜ୍ଞା ଦେଲୁ ଏ ଡ଼ିହ ଆସୀମାନ୍ତ କରି ଏହାଙ୍କୁ ଦତ୍ତ ଭେଗେ ଅମଳ କରାଇବ ୧ ୧ ଅଙ୍କ ସିଂହ ୭ଦିନ

(ସୂଚନାଯୋଗ୍ୟଯେ ଉପରୋକ୍ତ ସନନ୍ଦରୁ ମିଳୁଥିବା ତଥ୍ୟ ପ୍ରକାରେ, ୧୭୨୦ ଖ୍ରୀଷ୍ଟାବ୍ଦ ପୂର୍ବରୁ ମଠ ନିର୍ମାଣ କରିବା ନିମିତ୍ତ ଯାଗା ଓ ସାତ ବଖରା ଘର ତିଆରି କରିବା ପାଇଁ ଅନୁମତି ମିଳିଥିବାର ସୂଚନା ମିଳୁଅଛି)।

ସନନ୍ଦ - (୨)

(ପାର୍ଶି ଭାଷାରେ ଲିଖିତ ହୋଇଥିବା ସନନ୍ଦର ଓଡ଼ିଆ ଅନୁବାଦ)

ଅହମଦ ସାହା ଗାଜି ମହମଦି ସଖଜଙ୍ଗ ବାଦ ସାହା ମୋୟନଖାଁ ବାହାଦୁର ୧୧୬୭ସାଲରେ ବାବା ଗୁରୁ ସୁଖ ଦାସ ଫକିର ନାନକ ସାହି ଉଦାସୀଙ୍କୁ ମୁକରର କରାଗଲା ।

ସନନ୍ଦ - (୩)

ଏ ମଠ ତଳେ ଖଏରାତି ଚଉଦ ହାତ ନଳେ ରାହାଙ୍ଗ ବିସେ ଭିକାରିପଡ଼ା ଗ୍ରାମ ସର୍ବାକ୍ରାନ୍ତ ଚକଡ଼ା କୃଷ୍ଣ ଶରଣପୁର ଗ୍ରାମ ସର୍ବାକ୍ରାନ୍ତ ଚକତା ବାର ହାତ ନଳେ କୁରୁଣ୍ଟି ଛେଲି କେରା ସର୍ବାକ୍ରାନ୍ତ ଚକଡ଼ା ଖମାର ଗ୍ରାମରୁ ୬୦ବାଟି ସମଙ୍ଗରୁ ୨ ବାଟି ମଢ଼ିରୁ ସାତ ବାଟି ଜଗନ୍ନାଥପୁରରୁ ଅଣତିରିଶି ବାଟି ପନ୍ଦରମାଣ ଆଳପୁର ଶାସନରୁ ଛାଡ଼ ଦଶବାଟି ଲେମ୍ବାଇ ଆଏତ ନଡୁଆରୁ ସାତ ବାଟ ନଇରି ବଉଳାବନ୍ଧରେ ପାଞ୍ଚବାଟି ଗାଏ ସର୍ବାକ୍ରାନ୍ତ ଚକଡ଼ା ତିନି ମୌଜା ଜମି ବା ୧୨୦ / ୧୫ ମାଣ ମଠ ପାଟଣା ତୋଟା ମଧ ଏ ମାଫିକେ ଅମଳ କରାଇବ ଟଙ୍କା ମାଗୁଣି ମାଣପଣି ମାଟି ସିଉକି ବୋଡ଼ିଆ ପଧାନ ଭୋଇ ମାଗୁଣି ଖଣ୍ଡାଇତ ବୋଦା ରଜକର ଦୁଆର ଭେଦା ମହାପ୍ରସାଦ ମାଗୁଣି ଯୀତ ଉପଜାତ ଭେଦା ପଞ୍ଚା ହରହବୁଦ ଛାଡ ତଲବ ନ କରିବ । ସାତ ଅଙ୍କ କଙ୍କଡା ୨୮ ଦିନ ।

Digitized by srujanika@gmail.com

ସନନ୍ଦ - (୪)

ଦିଆନ ଭ୍ରମରବରଙ୍କୁ ଶ୍ରୀହସ୍ତ ପତ୍ର ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କ ଅମୃତ ମଣୋହି ନିମନ୍ତେ ଉଦାସି ଗୋବିନ୍ଦ ଦାସଙ୍କ ମଠ ତଳେ ରାହାଙ୍ଗ ଲେମ୍ବାଇ ବିଜେ ଢେଉଁ ଗ୍ରାମ ମାନ ଆଜ୍ଞା ଦେଉଅଛୁ । ଏଥିରେ ଟଙ୍କୀ ମାଟୀ ଶିଉକି ବୋଡିଆ ରଖବାଠ ବୋଦାବନ୍ତାବଳ ବେଠିଆ ପଧାନ ଭୋଇ ମାଗୁଣି ଖଣ୍ଡାଇତ ଜାତ ଉପଜାତ ପାଞ୍ଚ ମଣି ମାଣ ପଣି ଭେଦା ପଞ୍ଚା ରଜକର ଉଗେର ହରହବୁ ଅମୃତ ମଣୋହି ତଳେ ଆଜ୍ଞା ଦେଲୁ । ଏ ମଠ ତଲେ ଖଞ୍ଜି ଦେଇ ଜାବତ ଚନ୍ଦ୍ରାକେ ଆୟ କରାଇବ ୧୧ଅଙ୍କ କୁମ୍ଭ ୩ ଦିନ ରଃ ।

(ରାମଚନ୍ଦ୍ର ଦେବ (୨ୟ)ଙ୍କ ସମୟରେ ଏହି ସନନ୍ଦ ମଠକୁ ମିଳିଥିଲା)

ସନନ୍ଦ - (୫)

''ଦୀଆନ ରାଏଗୁରି ମହାପାତ୍ରଙ୍କୁ ନମସ୍କାର ଓ ହସ୍ତପତ୍ର । ନାନାକ ପନ୍ଥି ମଠମହନ୍ତ ଉଦାସୀ କୃପାରାମ ଦାସ ପରଲୋକ ହୋଇଲାକୁ ଯେ ଏ ମଠରେ ଏହାଙ୍କ ଶିଷ୍ୟ ଉଦାସୀ କାଶୀରାମ ଦାସ ମହନ୍ତ ହୋଇଲେ ଏହାଙ୍କୁ ସଲତନ୍ ପରଂପରା ମାଫିକେ ସୁନା କଳସ ପାଲିଙ୍କି ଆଡ଼େଣି ଚଅଁର ମୟୁର ଝୁଲ ଦୋ ଶାଖା ମସାଲ'' ।

(ଏହି ସନନ୍ଦଟିର ସମୟ ୧୯୩୦ ମସିହା ବୋଲି ଜଣାଯାଏ)

ମଠରେ ସଂରକ୍ଷିତ ଥିବା ଅନ୍ୟାନ୍ୟ ସନନ୍ଦ ମଧ୍ୟରେ ରାଜା ବୀର କିଶୋର ଦେବ ମଙ୍ଗୁ ଦାସ ଉଦାସୀଙ୍କୁ ବାର୍ଷିକ ୩୦୦ଟଙ୍କା ଦେବା ବରାଦରେ ଫକିର ମାନଙ୍କ ଖର୍ଚ୍ଚ ପାଇଁ ଏକ ସନନ୍ଦ ୧୧୨୯ ସାଲରେ ପ୍ରଦାନ କରିଥିଲେ । ସେହିପରି ଅନ୍ୟ ଏକ ସନନ୍ଦରେ ମଙ୍ଗୁ ମଠ ଦ୍ୱାରା ସାମନା ସଦର ରାସ୍ତାରେ ଯାତାୟତ ନିମନ୍ତେ ଉକ୍ତ ମଠକୁ ଅନୁମତି ମିଳିଥିଲା । ଏତଦ୍‌ବ୍ୟତୀତ ଏହି ମଠର ମହନ୍ତ ମହାରାଜ ମଙ୍ଗୁ ଦାସଜୀଙ୍କ ସମୟରେ ଗଜପତିଙ୍କ ବଂଶରେ କେହି ଜନ୍ମ ହେଲେ ବା ବିଶେଷ ଉତ୍ସବ ପାଳିତ ହେଲେ ଏହି ମଠକୁ ଶ୍ରୀନଅର ତରଫରୁ ଛାମୁ ଚିଟାଉ ଦ୍ୱାରା ଅବଗତି କରାଇ ଦିଆଯାଇ ପୁତ୍ର କନ୍ୟାଙ୍କୁ ଆଶୀର୍ବାଦ କରିବା ପାଇଁ ଅନୁରୋଧ କରାଯାଉଥିଲା । ଏହିପରି ପ୍ରାୟ ୨୦ ରୁ ଉର୍ଦ୍ଧ୍ୱ ସନନ୍ଦ ଏବଂ ଛାମୁ ଚିଟାଉ ମଠରେ ଏବେ ବି ସୁରକ୍ଷିତ ହୋଇ ରହିଅଛି । ବର୍ତ୍ତମାନର ମହନ୍ତଙ୍କ ବକ୍ତବ୍ୟ ଅନୁଯାୟୀ ପୂର୍ବରୁ ମଠ ବିଜେସ୍ଥଳୀର ଆଉ କିଛି ଭୂସଂପତ୍ତି ଥିଲା । ପରବର୍ତ୍ତୀ ସମୟରେ ଏହି ସମ୍ପତ୍ତି ହସ୍ତାନ୍ତର ହୋଇଯାଇଥିଲା, ଯାହାକି ବର୍ତ୍ତମାନର ରଘୁନନ୍ଦନ ଲାଇବ୍ରେରୀ ଓ ତତ୍ ସଂଲଗ୍ନ କୋଠାଘର ଏମାର ମଠର ଅଧୀନରେ ରହିଅଛି । ମହନ୍ତ ହରିଶରଣ ଦାସଜୀଙ୍କ ସମୟରେ ଏହାଙ୍କର ଦୁଇଟି ଚେଲା ଥିବାରୁ ମହନ୍ତଙ୍କ ପରଲୋକାନ୍ତେ ଜନୈକ ଚେଲା ମଠର ଉକ୍ତ ସମ୍ପତ୍ତିକୁ ଏମାର ମଠକୁ ଦାନ କରି ପଞ୍ଜାବ ଚାଲିଯାଇଥିଲେ । ଏବେ ମଧ୍ୟ ସେହି ପରିସରକୁ ଏମାର ମଠର କର୍ମଚାରୀମାନେ 'ମଙ୍ଗୁ ଉପର' ବୋଲି କହିଥାନ୍ତି ।

Digitized by srujanika@gmail.com

ମଠ ଠାକୁର ଓ ଦୈନନ୍ଦିନ ନୀତି :

ମଙ୍ଗୁ ମଠରେ ମନ୍ଦିରରେ ମୁଖ୍ୟ ଅଧିଷ୍ଠାତ୍ରୀ ବିଗ୍ରହ ରୂପେ ଦାରୁ ନିର୍ମିତ ପତିତପାବନ ଦେବ (୩ଫୁଟ୍ ଉଚ୍ଚର ମୂର୍ତ୍ତି)ସିଂହାସନରେ ବିରାଜିତ ହୋଇଛନ୍ତି । ଏତତ୍‌ବ୍ୟତୀତ ଶ୍ରୀଚାନ୍ଦ ବା ଶ୍ରୀଚନ୍ଦ୍ରଜୀ (ମାର୍ବଲ ପ୍ରସ୍ତରର ମୂର୍ତ୍ତି), ଦୁର୍ଗା, ମାଧବ ମୂର୍ତ୍ତି ପୂଜିତ ହେଉଛନ୍ତି । ଏହି ଠାକୁରଙ୍କ ଘରେ ଗୀତା ଓ ଭାଗବତ ପୋଥି ମଧ୍ୟ ରଖାଯାଇ ପ୍ରତ୍ୟହ ପୂଜା କରାଯାଉଅଛି । ଠାକୁର ମାନଙ୍କ ଦୈନନ୍ଦିନ ନୀତି ମଧ୍ୟରେ ପ୍ରାତଃ ସମୟରେ ମଙ୍ଗଳ ଆରତୀ, ବାଳଭୋଗ, ସନ୍ଧ୍ୟା ଆରତୀ, ଭୋଗ ଓ ରାତ୍ର ପହୁଡ଼ ଇତ୍ୟାଦି ପାଳିତ ହୋଇଥାଏ । ପ୍ରତିଦିନ ସନ୍ଧ୍ୟା ଆଳତୀ ସମୟରେ ଠାକୁରଙ୍କ ସମ୍ମୁଖରେ ଶ୍ରୀମଦ୍ ଭାଗବତ ପାଠ ଓ ଜୟଦେବଙ୍କ ଦଶାବତାର ଗୀତ ଗୋବିନ୍ଦ ଗାନ କରାଯାଇଥାଏ । ମଠ ସୂତ୍ରକୁ ପ୍ରକାଶ ଯେ, ପ୍ରାୟ ୩୦ ବର୍ଷ ପୂର୍ବେ ମଠରେ ଝୁଲଣ ଉତ୍ସବ ଅନୁଷ୍ଠିତ ହେଉଥିଲା । କେତେକ କାରଣ ବଶତଃ ପରବର୍ତ୍ତୀ ସମୟରେ ଏହି ଝୁଲଣ ଉତ୍ସବ ବନ୍ଦ ହୋଇଯାଇଥିଲା ।

ପର୍ବପର୍ବାଣୀ, ଯାନିଯାତ୍ରା ଓ ଶ୍ରୀମନ୍ଦିର ସହ ସଂପର୍କ :

ମଙ୍ଗୁ ମଠରେ ପାଳିତ ମୁଖ୍ୟ ପର୍ବ ପର୍ବାଣୀ ମଧ୍ୟରେ ମହାଷ୍ଟମୀ, ଭାଦ୍ର ଶୁକ୍ଳ ନବମୀ ତିଥିରେ ଶ୍ରୀଚାନ୍ଦଙ୍କ ଜନ୍ମୋତ୍ସବ, ନେତ୍ରୋତ୍ସବ, ମହାଳୟା, ସ୍ନାନ ପୂର୍ଣ୍ଣିମା, ସୁନିଆଁ ଓ ସମସ୍ତ ମହନ୍ତ ମାନଙ୍କର ଶ୍ରାଦ୍ଧ ଉତ୍ସବ ଆଦି ଅନ୍ୟତମ । ଏତଦ୍ ବ୍ୟତୀତ ପ୍ରତ୍ୟେକ ମାସରେ ନିମ୍ନଲିଖିତ ନୀତି ଓ ଉତ୍ସବମାନ ପରଂପରା ଅନୁଯାୟୀ ମଠ ପକ୍ଷରୁ ନିୟମିତ ଭାବେ ପାଳିତ ହେଉଅଛି ।

ବୈଶାଖ :

ଏହି ମାସରେ ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କ ଚନ୍ଦନ ଯାତ୍ରା ଉପଲକ୍ଷେ ମଠ ତରଫରୁ ୨୧ ଦିନ ଧରି ଠାକୁର ମାନଙ୍କ ଉଦ୍ଦେଶ୍ୟରେ ପନ୍ତୀ ଭୋଗ ଅନୁଷ୍ଠିତ ହୋଇଥାଏ ।

ଜ୍ୟେଷ୍ଠ :

ସ୍ନାନ ପୂର୍ଣ୍ଣିମା ଦିନ ଶ୍ରୀବିଗ୍ରହଙ୍କ ଉଦ୍ଦେଶ୍ୟରେ ମଠ ପକ୍ଷରୁ ପନ୍ତୀ ଭୋଗ କରାଯାଇଥାଏ । ଏହାବ୍ୟତୀତ ମଠରେ ବିରାଜିତ ପତିତପାବନଙ୍କର ସ୍ନାନ ଉତ୍ସବ ମହା ଆଡ଼ମ୍ବର ପାଳିତ ହୋଇଥାଏ ।

ଆଷାଢ଼ :

ଶ୍ରୀମନ୍ଦିରରେ ପାଳିତ ହେଉଥିବା ଅନବସର ସମୟରେ ମଠ ତରଫରୁ ଠାକୁରମାନଙ୍କୁ ୧୫ ଦିନ ଧରି ପଣା ଭୋଗ ହୋଇଥାଏ ।

Digitized by srujanika@gmail.com

ନେତ୍ରୋତ୍ସବ ଦିନ ଗୁରୁ ମଠାଧୀଶ ମାନଙ୍କର ଶ୍ରାଦ୍ଧ ଉତ୍ସବ ହୋଇଥାଏ । ଆଷାଢ଼ ଶୁକ୍ଳ ଦ୍ୱିତୀୟା ରଥ ଯାତ୍ରା ଦିନ ଶ୍ରୀବଳଭଦ୍ର ରଥ ଉପରକୁ ବିଜେ କରିବା ସମୟରେ ମଠ ପକ୍ଷରୁ ମଗଜଲଡୁ ଭୋଗ ହୋଇଥାଏ । ସନ୍ଧ୍ୟା ଦର୍ଶନ ଦିନ ଗୁଣ୍ଡିଚା ମନ୍ଦିରଠାରେ ପନ୍ତୀ ଭୋଗ ଓ ଶୁକ୍ଳ ଏକାଦଶୀ ତିଥି ସୁନାବେଶ ଦିନ ରଥାରୂଢ଼ ଠାକୁରଙ୍କୁ ଖଜା, ଲଡୁ ଇତ୍ୟାଦି ଭୋଗ ହୋଇଥାଏ । ନୀଳାଦ୍ରି ବିଜେ ଦିନ ମଠର ବିଜେସ୍ଥଳୀ ଠାରେ ଠାକୁରମାନଙ୍କ ଉଦ୍ଦେଶ୍ୟରେ ପନ୍ତୀ ଭୋଗ ହୋଇଥାଏ ।

ଉଲ୍ଲେଖଯୋଗ୍ୟଯେ ରଥ କାଠ ବୁହାହେବା ପାଇଁ ଏହି ମଠ ତରଫରୁ କେତେକ ଶଗଡ଼ଗାଡ଼ି ପଠାଯାଉଥିଲା । ୧୯୬୨ ଓ ୧୯୬୩ ମସିହାରେ ଯଥାକ୍ରମେ ୧୧ ଓ ୯ଟି ଶଗଡ଼ ଗାଡ଼ି ଏହି କାର୍ଯ୍ୟ ପାଇଁ ନିୟୋଜନ ହୋଇଥିଲା । (ଦ୍ରଷ୍ଟବ୍ୟ - Annual Report on the Administration of the Jagannath Temple for 1960-61, 1961-62 & 1962-63 published in the Orissa Gazette, April 30th, 1965 (Part-VII) page - 599,600).

ଶ୍ରାବଣ :

ଚକ୍ରବୁଲା ଏକାଦଶୀ ଦିନ ଶ୍ରୀସୁଦର୍ଶନ ଦେବଙ୍କ ଉଦ୍ଦେଶ୍ୟରେ ପନ୍ତୀ ଭୋଗ ହୋଇଥାଏ ।

ଭାଦ୍ରବ :

ରାକ୍ଷୀ ପୂର୍ଣ୍ଣିମା ଦିନ ଶ୍ରୀ ସୁଦର୍ଶନ ଦେବଙ୍କ ବିଜେ ସମୟରେ ମଠ ତରଫରୁ ପନ୍ତୀ ଭୋଗ ଓ କାଳୀୟଦଳନ ଏକାଦଶୀ ଦିନ ଶ୍ରୀବିଗ୍ରହଙ୍କ ଚଳନ୍ତି ପ୍ରତିମାଙ୍କ ବାହାର ବିଜେ ସମୟରେ ମଠ ପ୍ରାଙ୍ଗଣରେ ପନ୍ତୀ ଭୋଗ ଲାଗେ । ଗଣେଶ ଚତୁର୍ଥୀ ଦିନ ମଠର ସ୍ୱତନ୍ତ୍ର ପନ୍ତୀ ଘରେ ଭୋଗ ଅନୁଷ୍ଠିତ ହୋଇଥାଏ ।

ରାଧାଷ୍ଟମୀ :

ଶ୍ରୀ ସୁଦର୍ଶନ ଦେବଙ୍କ ବିଭିନ୍ନ ଆଶ୍ରମକୁ ବିଜେ ସମୟରେ ମଠ ପକ୍ଷରୁ ପନ୍ତୀ ଭୋଗ ହୋଇଥାଏ ।

ଆଶ୍ୱିନ :

ଶ୍ରୀମନ୍ଦିରରେ ମହାଷ୍ଟମୀ ଗୁପ୍ତ ପୂଜା (ବଳି) ନିମନ୍ତେ ମଠ ତରଫରୁ ପୂଜା ସାମଗ୍ରୀ ଯୋଗା ଯାଇଥାଏ ।

•ଦଶହରା ଦିନ ଶ୍ରୀମନ୍ଦିରରୁ ଚଳନ୍ତି ପ୍ରତିମାଙ୍କ ବିଜେ ସମୟରେ ମଠର ବିଜେସ୍ଥଳୀଠାରେ ପନ୍ତୀ ଭୋଗ ହୋଇଥାଏ ।

Digitized by srujanika@gmail.com

କାର୍ତ୍ତିକ :

ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କ ବାଳଧୂପରେ ଦୀର୍ଘ ଏକମାସ ଧରି ମଠ ତରଫରୁ ବାଳ ଭୋଗ ଶ୍ରୀମନ୍ଦିରକୁ ପଠାଯାଇଥାଏ । କୁମାର ପୂର୍ଣ୍ଣିମା ଦିନ ଶ୍ରୀସୁଦର୍ଶନଙ୍କ ଆଶ୍ରମ ବିଜେ ସମୟରେ ମଠ ଠାରେ ପନ୍ତୀ ଭୋଗ ହୋଇଥାଏ ।

ମାଘ :

ମଠରେ ମକର ପର୍ବ ପାଳନ କରାଯାଏ ।

ଫାଲଗୁନ :

ଶିବରାତ୍ରି ଦିନ ମଠ ବିଜେସ୍ଥଳୀ ଠାରେ ରହଣୀ ଭୋଗ ହୋଇଥାଏ । ଏଠାରେ ସୂଚନାଯୋଗ୍ୟଯେ ଦୋଳମଣ୍ଡପ ସାହି, କାଳିକାଦେବୀ ସାହିରେ ବହୁ ସେବକ ମାନଙ୍କର ଶ୍ରୀଲୋକନାଥଙ୍କ ଉଦ୍ଦେଶ୍ୟରେ ଏହି ମଠର ବିଜେସ୍ଥଳୀ ଠାରେ ରହଣୀ ଭୋଗ ହୋଇଥାଏ । ଶ୍ରୀଲୋକନାଥଙ୍କ ପୂଜକ ଏହି ମଠକୁ ଆସି ସମସ୍ତ ଭୋଗକୁ ପୂଜା କରିଥାନ୍ତି । ଫଗୁ ଦଶମୀଠାରୁ ପୂର୍ଣ୍ଣିମା ପର୍ଯ୍ୟନ୍ତ ମଠର ପନ୍ତୀ ଘରେ ଶ୍ରୀମନ୍ଦିରରୁ ବିଜେ ହେଉଥିବା ଚଳନ୍ତି ପ୍ରତିମା ମାନଙ୍କୁ ଭୋଗ ହୋଇଥାଏ । ପୂର୍ବରୁ ପ୍ରତ୍ୟହ ମଠ ତରଫରୁ ମଶାଲ ଶ୍ରୀମନ୍ଦିରକୁ ଯାଉଥିଲା । ବିଦ୍ୟୁତ୍ ଲାଇନ୍ ସଂଯୋଗ ପରଠାରୁ ଏ ବ୍ୟବସ୍ଥା ବନ୍ଦ ହୋଇଯାଇଛି ।

ମଠର ଭୂ-ସଂମ୍ପତ୍ତି :

ପୁରୀ ଜିଲ୍ଲାର ଗୋପ, ନିମାପଡ଼ା ଓ ପୁରୀ ସଦରରେ ଥିବା କୁରୁଣ୍ଟି, ଖମାର, କଣ୍ଟାଶିଳ, ଜଗନ୍ନାଥପୁର, ମାଧିପୁର, ସମଙ୍ଗ, ଆଳତୁଙ୍ଗା, ବେଲଦଳ, ଆଳଙ୍ଗ, ଉର, ପାଣିଓରାଳି, ଆଳପୁର, ବାଲିପୁଟ ସାମିଲ ଜଗନ୍ନାଥପୁର, ବରଣା, ଲକ୍ଷ୍ମୀ ନାରାୟଣପୁର, ଚମାରସୁଆଁ, ଓଡ଼ଷମଲ୍ଲ ଇତ୍ୟାଦିରେ ଧାନ ଜମି ଓ ବଗିଚା ରହିଛି । ଲୁଣହାର, ସୁଧଖଣ୍ଡ, ଗଳଦାରୀ, କାଳିଆକେରା, ଗୋପ, କୁସୁପୁର, ଶ୍ରୀକେରଣା, ଗଣେଷପୁର, ପୁରୁଷମପୁର, ମହାପୁର, ବଧିଷ, ତରଘଣା ଇତ୍ୟାଦି ମୌଜାରେ ୨୨୧୯ ଏକର ଧାନ ଜମି ରହିଅଛି ଯଦିଓ ଏଥିମଧ୍ୟରୁ ଶତକଡା ପଞ୍ଚାନବେ ଭାଗ ସମ୍ପତ୍ତିର ରାଜଭାଗ ଆଦାୟ ମଠ ପାଉନାହିଁ । ବର୍ତ୍ତମାନ କେବଳ ନାମକୁ ମାତ୍ର ମଠ ନାମରେ ଏହି ସମ୍ପତ୍ତି ରହିଅଛି । ଶ୍ରୀମନ୍ଦିର ରେକର୍ଡ଼ ରୁମ୍‌ରେ ଥିବା ଏକ ପ୍ରାଚୀନ କାଗଜାତ୍ ଅନୁଯାୟୀ ଏକାଜୀ ଶୁକଦେବ ମଙ୍ଗୁ ମଠକୁ ଖଏରାତ ଉଦ୍ଦେଶ୍ୟରେ ପୁରୀ ସଦର ତହସିଲ ଅନ୍ତର୍ଗତ କଣ୍ଟାଶିଳ ମୌଜାରେ ୯୫୮ ମାଣ ୧୩ ଗୁଣ୍ଠ ୧୫ ବିଶ୍ୱା ଭୂ-ସମ୍ପତ୍ତି ଦାନ କରିଥିଲେ । ସେହିପରି ଦେଓ୍ୱାନ ଭ୍ରମରବର ରାୟ ଉକ୍ତ ମଠର ମହନ୍ତଙ୍କୁ ଅମୃତ ମଣୋହି ଖର୍ଚ୍ଚ ସକାଶେ ରାହାଙ୍ଗ ପ୍ରଗଣାସ୍ଥିତ

Digitized by srujanika@gmail.com

ଦୋରବସ୍ତ ଓ ଭିକାରୀପଡ଼ା ମୌଜାଠାରେ ୧୩୦ବାଟି ୧୪ ମାଣ ୧୫ ଗୁଣ୍ଠ ୧୪ ବିଶ୍ୱା ଭୂ-ସମ୍ପତ୍ତି ଦାନ କରିଥିଲେ । ରାଜା ବୀର କିଶୋର ଦେବ ରାହାଙ୍ଗ ପ୍ରଗଣାସ୍ଥିତ ଖମାର ଓ ଦୋରବସ୍ତ ମୌଜାରେ ଅମୃତ ମଣୋହି ଖର୍ଚ୍ଚ ନିମନ୍ତେ ମଠ ମାରଫତ୍‌ରେ ୩୫୨ ମାଣ ୧୪ ଗୁଣ୍ଠ ୪ ବିଶ୍ୱା ଭୂ-ସମ୍ପତ୍ତି ଖଞ୍ଜି ଥିଲେ । (ଶ୍ରୀମନ୍ଦିର ରେକର୍ଡ଼ରୁମ୍‌- S.L. no. 485 / 41B rou-II-1976) ।

ମଙ୍ଗୁ ମଠକୁ ପ୍ରଦତ୍ତ ଭୂସମ୍ପତ୍ତି ସମ୍ପର୍କରେ ଓଡ଼ିଶା ରିଭ୍ୟୁର ଜୁଲାଇ-୨୦୦୨ ସଂଖ୍ୟାରେ ଶ୍ରୀ ଶରତଚନ୍ଦ୍ର ଯେନାଙ୍କ ଦ୍ୱାରା ଉପସ୍ଥାପିତ "Guru Nanak's Pilgrimage to Puri" ପ୍ରବନ୍ଧରେ ଉଲ୍ଲେଖ ଅଛିଯେ, , x x x x In the Lakharaj settlement it is mentioned that, in the year, 1743 Bhikaripada Perganah and Rahang were given as an endowment to Mangu Math by Raja Birakishore Dev by dint of a Sanana. In 1777, Kuranti and Kaliakera were granted by a Sanand of the same tenure. Moreover, the whole estate of the Math was used as AmritManohi, for preparation of the nectar food of Lord Jagannath. The lands donated to Mangu Math in different perganahs like Rahang,Oladhar, Purbaduai, Banchas,Kothdes, Limbai, Antarodh etc including the Ph. Kasijoda in the district of Midnapore (W.B) were 10,221 Mana, 11 Guntha, 21 Biswa and 16 Gunda. The total annual income of the Mangu Math out of these lands amounted to Rs.12,895-6-8 ¼ .

ସେହିପରି କେଦାର ନାଥ ମହାପାତ୍ରଙ୍କ ''ଖୁରୁଧା ଇତିହାସ''ର ୨୯୧ ପୃଷ୍ଠାରେ ବର୍ଣ୍ଣିତ ହୋଇଥିବା ତଥ୍ୟ ଅନୁଯାୟୀ :-

''ବୀର କେଶରୀ ଦେବ ୧ମଙ୍କ (୧୭୬୭-୬୮ ଖ୍ରୀଷ୍ଟାବ୍ଦ) ରାଜତ୍ୱ ସମୟରେ ମେଦିନୀପୁରର କାଶୀଯୋଡ଼ା ରାଜା ରାଜ ନାରାୟଣ ପୁରୁଷୋତ୍ତମରେ ଭୋଗ ନିମିତ୍ତ ୯୬୦ ବିଘା ଜମି ଦାନ କରିଥିଲେ । ଏ ଜମି ମଙ୍ଗୁ ମଠର ମହନ୍ତ ଉଦାସୀ ଗୋବିନ୍ଦ ଦାସଙ୍କ ମାରଫତ୍‌ରେ ଦିଆଯାଇଥିଲା'' ।

ସଂପ୍ରତି ମଠ ବିଜେସ୍ଥଳୀର କେତେକ ଦୋକାନ ଘରକୁ ଭଡ଼ା ସୂତ୍ରରେ ଦିଆଯାଇ ସେଥିରୁ ଆଦାୟ ଅର୍ଥ ଏବଂ ଧାନ ଜମି ଆୟ ସର୍ବୋପରି ଶିଷ୍ୟ ବର୍ଗଙ୍କ ଦାନ ଅର୍ଥରେ ମଠ ପରିଚାଳନା ଓ ଠାକୁରଙ୍କ ସେବା ପୂଜା, ଉତ୍ସବ ଇତ୍ୟାଦି କରାଯାଉଅଛି ।

ମଠର ଅନ୍ୟାନ୍ୟ କୃତିତ୍ୱ :

ମଙ୍ଗୁ ମଠ ତରଫରୁ ବିଦ୍ୟାର୍ଥୀ ମାନଙ୍କୁ ଆଶ୍ରୟ ଓ ପ୍ରସାଦିର ବନ୍ଦୋବସ୍ତ କରାଯାଉଅଛି । ପ୍ରତ୍ୟେକ କୁମ୍ଭ ମେଳାରେ ସାଧୁ ସନ୍ଥ ମାନଙ୍କ ନିମନ୍ତେ ମଠ ପକ୍ଷରୁ ପଂକ୍ତି

Digitized by srujanika@gmail.com

ଭୋଜନ (ଭଣ୍ଡାରା)ର ଆୟୋଜନ କରାଯାଇଥାଏ ଏବଂ ଏହି ଅବସରରେ ଉଦାସୀନ ପଞ୍ଚାୟତି ବଡ଼ ଆଖେଡ଼ାକୁ ଛତି, ଚାନ୍ଦୁଆ, ଆସନ ଦିଆଯାଏ ଓ ସନ୍ଥ ପୂଜନ ହୋଇଥାଏ । ସୂଚନାଯୋଗ୍ୟଯେ ବ୍ରିଟିଶ ରାଜତ୍ୱ ସମୟରେ ଏହି ମଠ ପ୍ରଥମଥର ନିମନ୍ତେ ଇଂରାଜୀ ପଢୁଥିବା ଛାତ୍ରମାନଙ୍କୁ ଉତ୍ସାହିତ କରି ଆର୍ଥିକ ସାହାଯ୍ୟ ତଥା ମଠରେ ଆଶ୍ରୟ ପ୍ରଦାନ କରିଥିଲେ । ଅତୀତରେ ମଠରେ ଓଡ଼ିଶାର ବହୁ ସ୍ୱାଧୀନତା ସଂଗ୍ରାମୀ ମାନେ ଏକତ୍ରିତ ହୋଇ ଇଂରେଜ ସରକାରଙ୍କୁ ଭାରତବର୍ଷରୁ ବିତାଡ଼ିତ କରିବା ପାଇଁ ମନ୍ତ୍ରଣା ମଧ୍ୟ ଚଳାଉଥିଲେ । ଏହି କାର୍ଯ୍ୟରେ ଉକ୍ତ ମଠର ମହନ୍ତ ଗୋବିନ୍ଦ ରାମ ଦାସ ଓ ମହନ୍ତ କୃପାରାମ ଦାସ ବହୁ ସାହାଯ୍ୟ କରିଥିବା ଜଣାଯାଏ । ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ ଆଚାର୍ଯ୍ୟ ହରିହର, ବୀର କିଶୋର ମହାନ୍ତି, ଭଗବାନ ମହାପାତ୍ର, ନୀଳକଣ୍ଠ ମିଶ୍ର, ଫକିର ମିଶ୍ର ପ୍ରମୁଖ ମଠରେ ଉପସ୍ଥିତ ହୋଇ ବିଚାର ବିମର୍ଷ କରୁଥିଲେ ଓ ଏହି କାର୍ଯ୍ୟକ୍ରମରେ ମଠ ଆର୍ଥିକ ସାହାଯ୍ୟ ମଧ୍ୟ ପ୍ରଦାନ କରିଥିବା ତଥ୍ୟ ମଠ ସୂତ୍ରରୁ ଜଣାଯାଏ । ବହୁ ବର୍ଷ ଧରି ମଠର ଗୋଟିଏ ଘରେ ପୁରୀ ସେବା ସମିତିର କାର୍ଯ୍ୟାଳୟ ଚାଲୁଥିଲା । ମଙ୍ଗୁ ମଠ ମହନ୍ତ ମାନଙ୍କ ପ୍ରେରଣା ଓ ଉତ୍ସାହ ଯୋଗୁଁ ଏହି ଠାରେ ପୁରୀ ସେବା ସମିତିର କର୍ମକର୍ତ୍ତା ଓ ସ୍ୱେଚ୍ଛାସେବକମାନେ ପ୍ରତ୍ୟେକ ବର୍ଷ ରଥଯାତ୍ରା ସମୟରେ ତୀର୍ଥ ଯାତ୍ରୀ ମାନଙ୍କ ସେବା ଶୁଶ୍ରୁଷା କରୁଥିଲେ । ମେଦିନୀପୁରର କାଶୀଯୋଡ଼ା ଠାରେ ମଠର କେତେକ ଭୂସମ୍ପତ୍ତି ରହିଥିବା ସହିତ ସେଠାରେ ଏକ ଖମାର ଓ ମନ୍ଦିର ରହିଅଛି । ଉକ୍ତ ମନ୍ଦିରରେ ଶ୍ରୀଜଗନ୍ନାଥାଦି ବିଗ୍ରହ ପୂଜିତ ହେଉଛନ୍ତି ।

୧୯୮୩ ମସିହାରେ ଭାରତର ତତ୍‌କାଳୀନ ରାଷ୍ଟ୍ରପତି ଜ୍ଞାନି ଜୈଲ ସିଂହ ଏହି ମଠକୁ ଆସି ଶ୍ରୀଚାନ୍ଦଜୀଙ୍କ ଗାଦୀ ଦର୍ଶନ କରିଥିଲେ । ବାସ୍ତବିକ୍ ଉଦାସୀନ ସମ୍ପ୍ରଦାୟ ପନ୍ଥୀ ମାନଙ୍କ ପାଇଁ ଶ୍ରୀକ୍ଷେତ୍ରସ୍ଥିତ ମଙ୍ଗୁ ମଠ ଓ ଶ୍ରୀଜଗନ୍ନାଥ ଧାମ ଅତ୍ୟନ୍ତ ପ୍ରିୟ ଓ ସ୍ମରଣୀୟ ଅଟେ ।

Digitized by srujanika@gmail.com

ନାଗା ମଠ

ଶ୍ରୀ ମାଧ୍ୱ ଗୌଡ଼ୀୟ ସମ୍ପ୍ରଦାୟର ଅନ୍ୟତମ ପ୍ରମୁଖ ମଠ ହେଉଛି ନାଗା ମଠ । ପୁରୀ ହରଚଣ୍ଡୀ ସାହିସ୍ଥ ବାରାବାଟି ଯାଗା ସମ୍ମୁଖରେ ଏହି ପ୍ରସିଦ୍ଧ ମଠଟି ଅବସ୍ଥିତ ।

ମଠର ଇତିହାସ ଓ ପ୍ରତିଷ୍ଠା ସମ୍ପର୍କରେ ନାଗା ମଠ ଦ୍ୱାରା ପ୍ରକାଶିତ ଏକ କ୍ଷୁଦ୍ର ପୁସ୍ତିକାରୁ ଜଣାଯାଏଯେ, ଶ୍ରୀ ଚୈତନ୍ୟ ମହାପ୍ରଭୁ ଅବତୀର୍ଣ୍ଣ ହୋଇଥିବାର ସମସାମୟିକ ଏବଂ ତାହାଙ୍କ ଅନୁଗତ ଷଟ୍ ଗୋସ୍ୱାମୀମାନେ ଭାରତ ବର୍ଷର ବିଭିନ୍ନ ରାଜ୍ୟରୁ ଆସି ଶ୍ରୀମନ୍ମହାପ୍ରଭୁଙ୍କ ଆନୁଗତ୍ୟ ସ୍ୱୀକାର ପୂର୍ବକ ତାଙ୍କର ଆଜ୍ଞା ପାଳନ କରି ବହୁ ଭକ୍ତି ରସ ଶାସ୍ତ୍ର ରଚନା ଏବଂ ମଥୁରାମଣ୍ଡଳ ଶ୍ରୀବୃନ୍ଦାବନ ଧାମସ୍ଥ ଲୁପ୍ତ ପ୍ରାୟ ଶ୍ରୀକୃଷ୍ଣଙ୍କ ବହୁ ଲୀଳା ସ୍ଥଳୀ ତୀର୍ଥ ମାନ ପ୍ରକାଶ କରାଇ ସ୍ଥାନେ ସ୍ଥାନେ କଠୋର ବୈରାଗ୍ୟ ଅବଲମ୍ବନ ପୂର୍ବକ ଏକନିଷ୍ଠ ଚିତ୍ତରେ ଭଜନ କରି ଭକ୍ତି ଭାବର ପରାକାଷ୍ଠା ପ୍ରଦର୍ଶନ କରିଯାଇଛନ୍ତି ।

ଶ୍ରୀଚୈତନ୍ୟ ମହାପ୍ରଭୁଙ୍କ ପ୍ରିୟ ଷଟ୍ ଗୋସ୍ୱାମୀମାନଙ୍କ ମଧ୍ୟରେ ଶ୍ରୀ ସନାତନ ଗୋସ୍ୱାମୀ, ଶ୍ରୀ ରୂପ ଗୋସ୍ୱାମୀ, ଶ୍ରୀଜୀବ ଗୋସ୍ୱାମୀ, ଶ୍ରୀ ରଘୁନାଥ ଭଟ୍ଟ ଗୋସ୍ୱାମୀ, ଶ୍ରୀ ଗୋପାଳ ଭଟ୍ଟ ଗୋସ୍ୱାମୀ, ଶ୍ରୀ ରଘୁନାଥ ଦାସ ଗୋସ୍ୱାମୀ ପ୍ରମୁଖ ଅନାସକ୍ତ ଚିତ୍ତରେ ଭଗବାନ୍ ଶ୍ରୀ ରାଧାକୃଷ୍ଣଙ୍କ ଲୀଳାସ୍ଥଳୀରେ ଅନିଶ୍ଚିତ ଭାବରେ ବାସ କରି ଲୀଳା ସ୍ମରଣ ପୂର୍ବକ ଭଜନ କରୁଥିଲେ । ତନ୍ମଧ୍ୟରୁ ଶ୍ରୀଜୀବ ଗୋସ୍ୱାମୀ ମହୋଦୟଙ୍କ ଶିଷ୍ୟ ପରମ୍ପରାକ୍ରମେ ପୁରୀର ନାଗା ମଠ ସମଗ୍ର ଓଡ଼ିଶା ମଧ୍ୟରେ ଏକ ମାତ୍ର ଶ୍ରୀ ଜୀବ ଗୋସ୍ୱାମୀ ପରିବାର ମଠ ବୋଲି ପ୍ରସିଦ୍ଧ ଅଟେ । ଶ୍ରୀଜୀବ ଗୋସ୍ୱାମୀ ଶ୍ରୀଳ ଶ୍ରୀଗୁରୁଦେବଙ୍କ ଅହୈତୁକୀ କୃପାଦତ୍ତ ଶ୍ରୀ ଶ୍ରୀ ରାଧା-ଦାମୋଦର ଦେବ ବିଗ୍ରହ ଯୁଗଳଙ୍କ ସେବା କରି ଶ୍ରୀବୃନ୍ଦାବନ ଧାମରେ ବାସ କରୁଥିବା ସମୟରେ ବ୍ରଜବାସୀ ଶ୍ରୀକୃଷ୍ଣ ଦାସ ଅଧିକାରୀଙ୍କ ଅନୁଗତ ଓ ଭକ୍ତିଭାବ ଦେଖି ତାହାଙ୍କୁ ଦୀକ୍ଷା ପ୍ରଦାନ କଲେ । ସେହିଦିନଠାରୁ ତାଙ୍କର ନାମ 'ଶ୍ରୀକୃଷ୍ଣ ଦାସ ଗୋସ୍ୱାମୀ' ହୋଇଥିଲା । ଶ୍ରୀ ଜୀବ ଗୋସ୍ୱାମୀ ଶ୍ରୀବୃନ୍ଦାବନରେ ଦୀର୍ଘ ୬୫ ବର୍ଷ ବାସ କଲା ପରେ ୧୫୯୬ ଖ୍ରୀଷ୍ଟାବ୍ଦ ପୌଷ ଶୁକ୍ଳ ତୃତୀୟା ଦିବସ ଦିନ ୮୫ ବର୍ଷ ବୟସରେ ଅପ୍ରକଟ ହୋଇ ବ୍ରଜଲାଭ କରିଥିଲେ । ତତ୍‌ପରେ ଶ୍ରୀକୃଷ୍ଣ ଦାସ ଗୋସ୍ୱାମୀ ବ୍ରଜବାସୀ ଶ୍ରୀ ପ୍ରେମ ଦାସଙ୍କୁ ଦୀକ୍ଷା ପ୍ରଦାନ କଲେ । ଶ୍ରୀକୃଷ୍ଣ ଦାସ ଗୋସ୍ୱାମୀ ଶ୍ରୀ ବୃନ୍ଦାବନ ଧାମରେ ଅପ୍ରକଟ ହୋଇ ବ୍ରଜଲାଭ କଲାପରେ ବ୍ରଜବାସୀ ଶ୍ରୀ ପ୍ରେମ ଦାସ ଚାରି ସମ୍ପ୍ରଦାୟ ଆଖଡ଼ା ମହନ୍ତ ଶ୍ରୀ ନାଗା

Digitized by srujanika@gmail.com

ମହାରାଜଙ୍କ ନିକଟରେ ଆଶ୍ରୟ ଗ୍ରହଣ କରିଥିଲେ । ବ୍ରଜବାସୀ ଶ୍ରୀ ପ୍ରେମ ଦାସଙ୍କର ସଂସାର ବିଷୟ ତ୍ୟାଗ ଏବଂ ଶ୍ରୀକୃଷ୍ଣ ଭଜନର ଯୋଗ୍ୟତା ଦେଖି ନାଗା ମହନ୍ତ ମହାରାଜ ଶ୍ରୀ ପ୍ରେମ ଦାସଙ୍କ ହସ୍ତରେ ଶାଳଗ୍ରାମ ଧାରଣ ସ୍ୱୀକାର ପୂର୍ବକ ବ୍ରଜ ପରିକ୍ରମା କରାଇ ଚାରି ସମ୍ପ୍ରଦାୟ ସଭା ମଧ୍ୟରେ ତାଙ୍କ ମସ୍ତକରେ ନାଗା ଶାଢ଼ୀ ବାନ୍ଧି ପ୍ରସାଦ ପୁଷ୍ପମାଲ୍ୟ ପ୍ରଦାନ କରି ନାଗା ଉପାଧିରେ ଅଳଙ୍କୃତ କରି ଦେଇଥିଲେ । ସେହିଦିନଠାରୁ ତାଙ୍କର ନାମ 'ନାଗା ଶ୍ରୀ ପ୍ରେମ ଦାସ ଗୋସ୍ୱାମୀ' ହୋଇଥିଲା ।

ନାଗା ଶ୍ରୀ ପ୍ରେମଦାସ ଗୋସ୍ୱାମୀ ତୀର୍ଥାଟନ କରିବା ମାନସରେ ଶ୍ରୀବୃନ୍ଦାବନ ଧାମରୁ ପଦବ୍ରଜରେ ଆସି ପୁରୁଷୋତ୍ତମ ଶ୍ରୀନୀଳାଚଳ ଧାମରେ ଶ୍ରୀ ଲୋକନାଥ ଦେବଙ୍କ ନିକଟକୁ ଯିବା ମାର୍ଗର ଦକ୍ଷିଣ ଦିଗସ୍ଥ ଜଙ୍ଗଲ ପରିବେଷ୍ଟିତ ଏକ ବିରାଟକାୟ ବରଗଛ ମୂଳରେ ରହି ଶ୍ରୀ ଶ୍ରୀ ରାଧା ଦାମୋଦର ଶାଳଗ୍ରାମ ଶିଳା ମୂର୍ତ୍ତି ପୂଜା କରୁଥିଲେ । ଅଦ୍ୟାବଧି ଶାଳଗ୍ରାମ ଶିଳାରୂପୀ ଶ୍ରୀ ଶ୍ରୀ ରାଧାଦାମୋଦର ମୂର୍ତ୍ତି ବର୍ତ୍ତମାନର ନାଗା ମଠ ମନ୍ଦିର ମଧ୍ୟରେ ପରମ୍ପରା କ୍ରମେ ପୂଜିତ ହୋଇଆସୁଅଛନ୍ତି ।

ପୁରୁଷୋତ୍ତମ କ୍ଷେତ୍ରର ବାରବାଟୀ ଜଙ୍ଗଲ ବଟବୃକ୍ଷ ମୂଳରେ ବସି ଭଜନ କରୁଥିବା ବ୍ରଜବାସୀ ନାଗା ଶ୍ରୀ ପ୍ରେମ ଦାସ ଗୋସ୍ୱାମୀ ମହୋଦୟ ସେହି ସମୟରେ ତୀର୍ଥ ସେବନ ଉଦ୍ଦେଶ୍ୟରେ ଭ୍ରମଣ କରୁ କରୁ ହଠାତ୍ ପ୍ରାଚୀ ନଦୀ କୂଳ ଆସନ (ବଟ) ବୃକ୍ଷ ମୂଳରେ ଭଜନ କରୁଥିବା ସିଦ୍ଧ ମହାତ୍ମା ବ୍ରହ୍ମଚାରୀ ଶ୍ରୀ ଦାଶରଥି ଦାଶ ଗୋସ୍ୱାମୀଙ୍କୁ ଦର୍ଶନ ଲାଭ କରିଥିଲେ ଏବଂ ସେଠାରେ କିଛି ଦିନ ରହି ଭଜନର ପରାକାଷ୍ଠା ବୁଝି ପାରି ତାଙ୍କର ଅନୁମତି ଅନୁସାରେ ଶ୍ରୀ ଦାଶଙ୍କ ସହୋଦର ଭ୍ରାତାଙ୍କ ପୁତ୍ର ଶ୍ରୀ ରାଧା ଚରଣ ଦାଶଙ୍କୁ ଆଣି ଶ୍ରୀକୃଷ୍ଣ ମନ୍ତ୍ର ଦୀକ୍ଷା ପ୍ରଦାନ କରିଥିଲେ । ପରେ ବେଶ ପରିବର୍ତ୍ତନ ପୂର୍ବକ ଶ୍ରୀ ଜୀବ ଗୋସ୍ୱାମୀ ପରିବାର ଭୁକ୍ତ କରି ତାଙ୍କର ନାମ ରଖିଥିଲେ ଶ୍ରୀ ରାଧା ଚରଣ ଦାସ ଗୋସ୍ୱାମୀ । ରାଧା ଚରଣ ଦାସ ଗୋସ୍ୱାମୀ ନିଜ ଦୀକ୍ଷାଗୁରୁ ନାଗା ଶ୍ରୀ ପ୍ରେମ ଦାସ ଗୋସ୍ୱାମୀଙ୍କ ସଙ୍ଗରେ ରହି ଶ୍ରୀବୃନ୍ଦାବନ ଧାମ ଏବଂ ତତ୍ରସ୍ଥ ଶ୍ରୀ ଜୀବ ଗୋସ୍ୱାମୀ ପ୍ରଭୁଙ୍କ ଆରାଧ୍ୟ ଶ୍ରୀ ଶ୍ରୀ ରାଧା ଦାମୋଦର ଦେବଙ୍କୁ ଦର୍ଶନ, ଶ୍ରୀ ଯମୁନା ସ୍ନାନ, ଶ୍ରୀ ରାଧାକୁଣ୍ଡ, ଶ୍ରୀ ଶ୍ୟାମକୁଣ୍ଡ ସ୍ନାନ, ଗିରିରାଜ ଶ୍ରୀ ଗୋବର୍ଦ୍ଧନ ପରିକ୍ରମା ତଥା ବ୍ରଜ ଚଉରାଶୀ କ୍ରୋଶ ପରିକ୍ରମା କରି ଶ୍ରୀ ପୁରୁଷୋତ୍ତମ ନୀଳାଚଳ ଧାମକୁ ଆସି ବାରବାଟୀ ଜଙ୍ଗଲ ବଟବୃକ୍ଷ ମୂଳରେ କୁଟୀର ନିର୍ମାଣ କରି ଶ୍ରୀ ଶ୍ରୀ ଗୁରୁଦେବଙ୍କ ଆରାଧ୍ୟ ଦେବ ଶ୍ରୀ ଶ୍ରୀ ରାଧା ଦାମୋଦର ଶାଳଗ୍ରାମ ଶିଳା ମୂର୍ତ୍ତି ପୂଜା କରି ଭଜନ କରୁଥିଲେ । ତାଙ୍କର ଭଜନ କୀର୍ତ୍ତନର ପ୍ରଭାବରେ ମୁଗ୍ଧ ହୋଇ ଶ୍ରୀଜଗନ୍ନାଥଙ୍କ ସେବକ ଓ ଅନେକ ନୀଳାଚଳବାସୀ ତାଙ୍କୁ ଗୁରୁ ରୂପରେ ବରଣ କରି ତାଙ୍କ ଠାରୁ ଦୀକ୍ଷା ମନ୍ତ୍ର ଗ୍ରହଣ ପୂର୍ବକ ଶିଷ୍ୟ ହୋଇଥିଲେ । କ୍ରମଶଃ ଦକ୍ଷିଣ ଦେଶରୁ ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କ ଦର୍ଶନ ନିମିତ୍ତ

Digitized by srujanika@gmail.com

ଆସୁଥିବା ଯାତ୍ରୀମାନେ ତାଙ୍କ ପଣ୍ଡାମାନଙ୍କ ଠାରୁ ମହାତ୍ମାଙ୍କ ଭଜନ ନିଷ୍ଠାର ସମ୍ବାଦ ପାଇ ତାଙ୍କର ଶିଷ୍ୟତ୍ୱ ଗ୍ରହଣ କରିବା ସଙ୍ଗେ ସଙ୍ଗେ କାର୍ତ୍ତିକ ମାସ ନିୟମ ସେବାର ଆରାଧ୍ୟ ଦେବ ଶ୍ରୀ ରାଧା ଦାମୋଦର ଦେବଙ୍କ ପୂଜା ଆରାଧନାରେ ଯୋଗ ଦେଇ କାର୍ତ୍ତିକ ମାସ ବ୍ରତ ପାଳନ ଶିକ୍ଷା ଲାଭ କରୁଥିଲେ । ପରବର୍ତ୍ତୀ ସମୟରେ ମଠ ବିଜେସ୍ଥଳୀର ବଟବୃକ୍ଷ ନିକଟରେ ମନ୍ଦିର ନିର୍ମାଣ କରାଯାଇ ତନ୍ମଧ୍ୟରେ ଶ୍ରୀ ରାଧା ଦାମୋଦର ଯୁଗଳ ବିଗ୍ରହ ପ୍ରତିଷ୍ଠିତ ହୋଇ ପୂର୍ବୋକ୍ତ ଶ୍ରୀ ରାଧା ଦାମୋଦର ଶାଳଗ୍ରାମ ଶିଳା ସହିତ ପୂଜିତ ହେଉଛନ୍ତି । ଉକ୍ତ ମନ୍ଦିରଟି ୧୬୭୨ ମସିହାରେ ନିର୍ମାଣ ହୋଇଛି ବୋଲି ମଠ ସୂତ୍ରରୁ ପ୍ରକାଶ । ମନ୍ଦିରର ଜଗମୋହନ ଏବଂ ବୈଷ୍ଣବ ଖଣ୍ଡ, ପାକଶାଳା ପ୍ରଭୃତି 'ଲହଡ଼ି ମୁଦା' ଶୈଳୀରେ ନିର୍ମାଣ କରାଯାଇଥିଲା । ଶ୍ରୀଳ ଶ୍ରୀ ଦାଶରଥି ଦାସ ଗୋସ୍ୱାମୀଙ୍କ ଭ୍ରାତୃସୁତ୍ରଙ୍କ ବଂଶଧରମାନେ ପୁରୁଷାନୁକ୍ରମେ ପରବର୍ତ୍ତୀ ସେବା ଅଧିକାରୀ ଭାବେ ଭେକଧାରୀ ହୋଇ ଶ୍ରୀରାଧା ଦାମୋଦର ଦେବଙ୍କ ସେବା, ଭିକ୍ଷାବୃତ୍ତି ଦ୍ୱାରା ଚଳାଇ ଆସୁଅଛନ୍ତି । ବ୍ରଜବାସୀ ମହାତ୍ମା ନାଗା ଶ୍ରୀ ପ୍ରେମଦାସ ଗୋସ୍ୱାମୀଙ୍କ ପରମ୍ପରା ସମ୍ବନ୍ଧ ହେତୁ ଉପର୍ଯ୍ୟୁକ୍ତ ଶ୍ରୀମନ୍ଦିର ସଂଲଗ୍ନ ସେବା ଅଧିକାରୀ ବୈଷ୍ଣବମାନଙ୍କ ରହିବା ବାସସ୍ଥାନ "ନାଗା ମଠ" ନାମରେ ପରିଚିତ ଏବଂ ଏହି ମଠ ମଧ୍ୟରେ ଶ୍ରୀଳ ଶ୍ରୀ ଜୀବ ଗୋସ୍ୱାମୀଙ୍କର ଦାରୁମୟ ଶ୍ରୀ ମୂର୍ତ୍ତି ବିରାଜମାନ ଅଛନ୍ତି ।

ଶ୍ରୀ ବ୍ରହ୍ମ-ମାଧ୍ୱ-ଗୌଡ଼ୀୟ ବୈଷ୍ଣବାଚାର୍ଯ୍ୟ ଶ୍ରୀଳ ୧୦୮ ଶ୍ରୀ ଜୀବ ଗୋସ୍ୱାମୀ ଚରଣ ପରମ୍ପରାନୁଗ-ନାଗା ମଠ ଶ୍ରୀ ଶ୍ରୀ ଗୁରୁବର୍ଗମାନଙ୍କ କ୍ରମ: - ୧୦୮ ଶ୍ରୀ ଜୀବ ଗୋସ୍ୱାମୀ ପ୍ରଭୁଙ୍କ ଶିଷ୍ୟ -

ଶ୍ରୀ କୃଷ୍ଣ ଦାସ ଗୋସ୍ୱାମୀ, ଶ୍ରୀ ନାଗା ପ୍ରେମ ଦାସ ଗୋସ୍ୱାମୀ, ଶ୍ରୀ ରାଧାଚରଣ ଦାସ ଗୋସ୍ୱାମୀ, ଶ୍ରୀ ଭଗବାନ ଦାସ ଗୋସ୍ୱାମୀ, ଶ୍ରୀ ଜଗନ୍ନାଥ ଦାସ ଗୋସ୍ୱାମୀ, ଶ୍ରୀ ଦାମୋଦର ଦାସ ଗୋସ୍ୱାମୀ, ଶ୍ରୀ ମାଧବାନନ୍ଦ ଦାସ ଗୋସ୍ୱାମୀ, ଶ୍ରୀ ଗୋବିନ୍ଦ ଚନ୍ଦ୍ର ଦାସ ଗୋସ୍ୱାମୀ, ଶ୍ରୀ ଉପେନ୍ଦ୍ର ଦାସ ଗୋସ୍ୱାମୀ । ତା ୨୭.୧୨.୧୯୯୧ରିଖଠାରୁ ନାଗା ମଠର ମହନ୍ତ ମହାରାଜା ରୂପେ ଶ୍ରୀ ସଚ୍ଚିଦାନନ୍ଦ ଦାସ ଗୋସ୍ୱାମୀ ମହନ୍ତାଇ ଶାଢ଼ୀ ବନ୍ଧାଇ ଶ୍ରୀ ଶ୍ରୀ ରାଧା ଦାମୋଦର ଦେବ ସେବା ପରାୟଣରେ ନିୟୋଜିତ ହୋଇଛନ୍ତି ।

ମଠ ଠାକୁର ଓ ନୀତି :- ଶ୍ରୀ ଶ୍ରୀ ରାଧା ଦାମୋଦର ଯୁଗଳ ମୂର୍ତ୍ତି ମଠର ମୁଖ୍ୟ ଉପାସ୍ୟ ଦେବ ବିଗ୍ରହ । ଶ୍ରୀ ଜଗନ୍ନାଥ, ଶ୍ରୀ ଗୌରାଙ୍ଗ ମହାପ୍ରଭୁ (ଦାରୁବିଗ୍ରହ), ରାଧା ଦାମୋଦର ଶାଳଗ୍ରାମ ଶିଳା, ରାଧାରାଣୀ ୩ ମୂର୍ତ୍ତି, ଲଳିତା, ବାମନ, ନୃସିଂହ, ଲଡୁଆ ଗୋପାଳ, ଲକ୍ଷ୍ମୀ, ରାଧାକୃଷ୍ଣ ଯୁଗଳ ମୂର୍ତ୍ତି, ବରାହ, ହନୁମାନ, ଶାଳଗ୍ରାମ ଓ ଜଗମୋହନରେ ଶ୍ରୀଳ ଶ୍ରୀ ଜୀବ ଗୋସ୍ୱାମୀଙ୍କର ଦାରୁମୟ ମୂର୍ତ୍ତି ବିରାଜିତ ପୂର୍ବକ ପୂଜିତ ହେଉଛନ୍ତି । ମଠରେ ଅଧିଷ୍ଠିତ

Digitized by srujanika@gmail.com

ଠାକୁରମାନଙ୍କ ଦୈନିନ୍ଦିନ ନୀତି ମଧ୍ୟରେ ମଙ୍ଗଳ ଆଳତୀ, ବାଳ ଭୋଗ, ଖେଚେଡ଼ି ଧୂପ, ମଧ୍ୟାହ୍ନ ଧୂପ, ଦିବା ପହୁଡ଼, ସନ୍ଧ୍ୟା ଆଳତୀ, ବଡ଼ ସିଂହାର, ରାତ୍ରରେ ଅନ୍ନଭୋଗ ଓ ପହୁଡ଼ ହୋଇଥାଏ ।

ପ୍ରାୟ ୩୫୦ ବର୍ଷରୁ ଉର୍ଦ୍ଧ୍ୱ ପୁରାତନ ନାଗା ମଠର ବିଜେସ୍ଥଳୀଟି ହାଲ ବନ୍ଦୋବସ୍ତ ରେକର୍ଡ଼ ଅନୁଯାୟୀ ୩୩୫ ଡ଼ିସିମିଲି ପରିମିତ ଜମି ଉପରେ ଅବସ୍ଥିତ । ବିଜେସ୍ଥଳୀ ପରିସରରେ ମନ୍ଦିର, ଜଗମୋହନ, ଗାଦି ଘର, ଭଣ୍ଡାର ଘର, ନୃସିଂହ ମହାପ୍ରଭୁଙ୍କ ଘର, ଝୁଲଣ ଘର, ମହନ୍ତଙ୍କ ନିବାସ, ଅଗଣା, କୂପ, ବାରଣ୍ଡା ଇତ୍ୟାଦି ରହିଅଛି ।

ଉତ୍ସବ :- ମଠରେ ପାଳିତ ହେଉଥିବା ବିଭିନ୍ନ ଉତ୍ସବ ମଧ୍ୟରେ ଚନ୍ଦନ ଯାତ୍ରା, ନୃସିଂହ ଜନ୍ମ, ଦେବସ୍ନାନ ପୂର୍ଣ୍ଣିମା, ଶ୍ରୀ ଗୁଣ୍ଡିଚା ଦିନ ଠାକୁରମାନଙ୍କ ଶ୍ରୀ ଅଙ୍ଗ ଚିତ୍ର ଓ ନୂଆ ଲୁଗାରେ ବେଶ ହେବା, ଝୁଲଣ ଯାତ୍ରା, କୁମାର ପୂର୍ଣ୍ଣିମା, କାର୍ତ୍ତିକ ମାସରେ ନିୟମ ସେବା ପାଳନ ସହିତ ଉକ୍ତ ମାସରେ ପ୍ରତ୍ୟହ ଶ୍ରୀମନ୍ଦିରକୁ ବାଳଭୋଗ ଯାଇଥାଏ । ଏତଦ୍ ବ୍ୟତୀତ ପ୍ରତିଦିନ ମଠ ତରଫରୁ ଶ୍ରୀମନ୍ଦିରରେ ଖଟଣି ଭୋଗ ପ୍ରସାଦିର ବନ୍ଦୋବସ୍ତ କରାଯାଇଥାଏ । ଅନ୍ୟାନ୍ୟ ପର୍ବ ମଧ୍ୟରେ ଓଢ଼ଣ ଷଷ୍ଠୀ, ପଣା ସଂକ୍ରାନ୍ତି, ଗୋବର୍ଦ୍ଧନ ଉତ୍ସବ, ଦୋଳପୂର୍ଣ୍ଣିମା, ମକର ସଂକ୍ରାନ୍ତି, ଧନୁ ସଂକ୍ରାନ୍ତି, ରାଧାଷ୍ଟମୀ, ଜନ୍ମାଷ୍ଟମୀ, ବାମନ ଜନ୍ମ, ସୁନିଆଁ, ଶ୍ରୀ ଚୈତନ୍ୟ ମହାପ୍ରଭୁଙ୍କ ଜନ୍ମ ଉତ୍ସବ, ଶ୍ରୀ ଜୀବ ଗୋସ୍ୱାମୀଙ୍କ ତିରୋଭାବ ଦିବସ ପାଳନ (ପୌଷ ଶୁକ୍ଳ ତୃତୀୟା) ଏବଂ ମଠର ପୂର୍ବତନ ମହନ୍ତ (ଅଧିକାରୀ)ଙ୍କ ତିନି ପୁରୁଷର (ଗୁରୁ, ପରମଗୁରୁ ଓ ପରାପର ଗୁରୁ) ଶ୍ରାଦ୍ଧ ମହୋତ୍ସବ ଇତ୍ୟାଦି ସାଡ଼ମ୍ୱରେ ପାଳନ କରାଯାଇଥାଏ । କୁମାର ପୂର୍ଣ୍ଣିମା ଦିନ ଶ୍ରୀ ସୁଦର୍ଶନ ଦେବଙ୍କ ବିଜେ ସମୟରେ ମଠର ବିଜେସ୍ଥଳୀ ଠାରେ ମଠ ପକ୍ଷରୁ ପନ୍ତି ଭୋଗ ହୋଇଥାଏ ।

ମଠର ସମ୍ପତ୍ତି :- ଅତୀତରେ ମଠର ନୀତି ଓ ପରିଚାଳନାଦି ନିମନ୍ତେ ବହୁ ପରିମାଣର ଭୂ ସମ୍ପତ୍ତି ଯଥା ଧାନଜମି, ବଗିଚା ଇତ୍ୟାଦି ରହିଥିଲା । ସେଥିମଧ୍ୟରୁ ୩୦ ବର୍ଷ ପୂର୍ବରୁ ବ୍ରହ୍ମଗିରି ନିକଟସ୍ଥ ବିଜିପୁର ଠାରେ ଥିବା କେତେକ ସମ୍ପତ୍ତି, ପୁରୀ ଲୋକନାଥ ରୋଡ଼୍ ନିକଟରେ ଥିବା ବଗିଚା ଇତ୍ୟାଦି ବିକ୍ରୟ କରାଯାଇ ମଠ ନାମରେ ପ୍ରାୟ ୧୦ ଲକ୍ଷ ଟଙ୍କା ବ୍ୟାଙ୍କ୍‌ରେ ସ୍ଥାୟୀ ଜମା ରୂପେ ଗଚ୍ଛିତ ରଖାଯାଇଛି । ସମ୍ପ୍ରତି ବିଜିପୁରଠାରେ ମଠର ଏକ ଖମାର ଘର ରହିବା ସହିତ ପ୍ରାୟ ୧୭/୧୮ ଏକର ଭୂ ସମ୍ପତ୍ତି ରହିଅଛି । ଜମିଦାରୀ ଉଚ୍ଛେଦ ଆଇନ୍ ପୂର୍ବରୁ ମଠ ନାମରେ ଶତାଧିକ ଏକର ସମ୍ପତ୍ତି ରହିଥିଲା । ତେବେ ମଠ ଅଧୀନରେ ଥିବା ସମ୍ପତ୍ତି ବିବରଣୀ ବର୍ତ୍ତମାନର ମଠାଧୀଶ ଦେଇ ନଥିବାରୁ ସେ ସଂପର୍କରେ ଉଲ୍ଲେଖ କରାଯାଇ ପାରୁନାହିଁ । କେବଳ ମଠାଧୀଶଙ୍କ ବକ୍ତବ୍ୟ ଅନୁଯାୟୀ ଜମିଦାରୀ ଉଚ୍ଛେଦ ଆଇନ୍ ପୂର୍ବରୁ ମଠ ନାମରେ ଶତାଧିକ ଏକର ଭୂ ସମ୍ପତ୍ତି ରହିଥିଲା ।

Digitized by srujanika@gmail.com

ମଠ ପରିଚାଳନା :- ବର୍ତ୍ତମାନର ମଠ ମହନ୍ତ ଶ୍ରୀ ସଚ୍ଚିଦାନନ୍ଦ ଦାସ ଗୋସ୍ୱାମୀଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ମଠର ଯାବତୀୟ ନୀତି, ଉତ୍ସବ, ପରିଚାଳନାଦି ଶୃଙ୍ଖଳିତ ଭାବେ ପାଳିତ ହୋଇଆସୁଅଛି । ସ୍ଥାୟୀ ଜମାର ଲବ୍ଧ ସୁଧ ଅର୍ଥ, ଶିଷ୍ୟମାନଙ୍କ ଆର୍ଥିକ ସାହାଯ୍ୟ, ଭୂ-ସମ୍ପତ୍ତିରୁ ଆୟ ଏବଂ ଘରଭଡ଼ା ଇତ୍ୟାଦିରୁ ଆସୁଥିବା ଅର୍ଥରେ ମଠର ବିଭିନ୍ନ କାର୍ଯ୍ୟ ସଂପାଦିତ ହେଉଛି । ମଠ ସୂତ୍ରରୁ ଜଣାଯାଏ ଯେ, ଠାକୁରଙ୍କ ନୀତି ଓ ପରିଚାଳନା କାର୍ଯ୍ୟ ନିମନ୍ତେ ପୂଜାରୀ ୨ଜଣ, ଟହଲିଆ ୧ଜଣ, ୨ଜଣ ବୈଷ୍ଣବ, ମାତା (ବୈଷ୍ଣବୀ) ୪ଜଣ ଓ ଚେଲା ମହାରାଜ ଶ୍ରୀ କୃଷ୍ଣ ଚୈତନ୍ୟ ଦାସ ନିୟୋଜିତ ରହି ମଠର ସେବା, ପୂଜା କାର୍ଯ୍ୟ କରୁଛନ୍ତି ।

ମଠର ଅଧିକାରୀ ସଚ୍ଚିଦାନନ୍ଦଜୀଙ୍କ ଠାରୁ ପ୍ରକାଶ ଯେ ଏହି ମଠର ବିଜେସ୍ଥଳୀ ଠାରେ ପୂର୍ବରୁ ଏକ ବିରାଟ ବଟବୃକ୍ଷ ରହିଥିଲା । ସେହି ବୃକ୍ଷ ମୂଳରେ ବିଶିଷ୍ଟ ସିଦ୍ଧ ପୁରୁଷ ନାଗା ପ୍ରେମାନନ୍ଦ ଦାସଜୀ ବସି ସାଧନା କରୁଥିଲେ । ଏପରିକି ଜନଶ୍ରୁତି ଅନୁଯାୟୀ ସେ ବାଘ ଉପରେ ବସି ବୁଲି ପାରୁଥିଲେ । ଏହି ସାଧକ ନୃସିଂହ କବଚ ସିଦ୍ଧି କରିପାରିଥିଲେ । ତାଙ୍କରି ଉଦ୍ୟମରେ ପ୍ରଥମେ ଏହି ମଠଟି ପ୍ରତିଷ୍ଠା ହୋଇ ପାରିଥିଲା ।

ସମ୍ପ୍ରତି ଉକ୍ତ ମଠଟି ରାଜ୍ୟ ଦେବୋତ୍ତର ବିଭାଗର ନିୟନ୍ତ୍ରଣାଧୀନ ହୋଇଥିଲେ ହେଁ ମଠାଧୀଶଙ୍କ ହସ୍ତରେ ସମସ୍ତ ସେବାପୂଜା ତଥା ପରିଚାଳନାଦି କ୍ଷମତା ନ୍ୟସ୍ତ ହୋଇଛି । ସଂପୃକ୍ତ ମଠର ଶତାଧିକ ଶିଷ୍ୟ ଏଠାକୁ ଆଗମନ କରି ମଠର ବିଭିନ୍ନ ଉତ୍ସବରେ ଅଂଶ ଗ୍ରହଣ କରୁଥିବା ଜଣାଯାଏ ।

✤ ✤ ✤

Digitized by srujanika@gmail.com

ଶ୍ରୀରାମ ଦାସ ମଠ

(ଦକ୍ଷିଣ ପାର୍ଶ୍ୱ ମଠ)

ଶ୍ରୀଜଗନ୍ନାଥ ମନ୍ଦିରର ଦକ୍ଷିଣଦ୍ୱାର ସାମନାରେ ଅତ୍ୟନ୍ତ ସମୃଦ୍ଧଶାଳୀ ତଥା ପ୍ରସିଦ୍ଧ ଶ୍ରୀରାମ ଦାସ ମଠ ଅବସ୍ଥିତ । ଏହି ମଠ ସ୍ଥାନୀୟ ଅଧିବାସୀମାନଙ୍କ ମଧ୍ୟରେ 'ଦକ୍ଷିଣ ପାର୍ଶ୍ୱ' ଏବଂ 'ବଡ଼ମଠ' ନାମରେ ସୁପରିଚିତ ଅଟେ । କିନ୍ତୁ ବନ୍ଦୋବସ୍ତ ରେକର୍ଡ଼ରେ ଏହି ମଠର ନାମ ''ଶ୍ରୀରାମ ଦାସ ମଠ'' ରୂପେ ଉଲ୍ଲେଖ ହୋଇଅଛି । ମୁଖ୍ୟତଃ ଶ୍ରୀମନ୍ଦିରର ଦକ୍ଷିଣ ଦ୍ୱାରରେ ଏହି ମଠଟିର ବିଜେସ୍ଥଳୀ ଥିବାରୁ ଲୋକମୁଖରେ ଏହା 'ଦକ୍ଷିଣ ପାର୍ଶ୍ୱ ମଠ' ଭାବେ ସୁପ୍ରସିଦ୍ଧ ଅଟେ । ଏତଦ୍‌ବ୍ୟତୀତ ''ମଠ କର୍ମାଙ୍ଗୀ''ରୁ ଏହି ମଠର ପ୍ରାଚୀନତମ ନାମ 'ନୃସିଂହ ଦେବଙ୍କ ବାଡ଼ା' ବା 'ନରସିଂହ ବାଡ଼ା' ବୋଲି ଜଣାଯାଏ । ଅନ୍ୟ କେତେକ ବିବରଣୀରୁ ଏହି ମଠର ନାମ 'ରାମ ଜୟତି ମଠ' ବୋଲି ମିଳୁଅଛି । ଗବେଷକ ୰ ସଦାଶିବ ରଥଶର୍ମାଙ୍କ ମତାନୁଯାୟୀ ଗଜପତି ନରସିଂହ ଦେବଙ୍କ ପତ୍ନୀ ମାଳବ ରାଜକନ୍ୟା ଗୌର ପାଟ ମହାଦେଇ ଉକ୍ତ ମଠର ସର୍ବପ୍ରଥମ ଆଚାର୍ଯ୍ୟ ନୃସିଂହ ସୁରୀଙ୍କୁ ମଠ ବିଜେସ୍ଥଳୀର ଭୂସମ୍ପତ୍ତି ଓ ଦୁର୍ଲଭ ନୃସିଂହ ଶାଳଗ୍ରାମ ପ୍ରଦାନ କରିଥିଲେ । ପରବର୍ତ୍ତୀ ସମୟରେ ମଠର ମହନ୍ତ ଶ୍ରୀରାମ ଦାସ ସ୍ଥାୟୀ ଭାବେ ମଠର ବିଜେସ୍ଥଳୀରେ ପକ୍‌କା ଗୃହ ନିର୍ମାଣ ଓ ଅନେକ ଭୂ-ସମ୍ପତ୍ତି ପ୍ରାପ୍ତ ହୋଇଥିଲେ । ଶ୍ରୀ ଭାଗୀରଥି ମହାପାତ୍ରଙ୍କ ରଚିତ 'ରତ୍ନ କୋଷ ବା ବୃହତ୍ ବିବିଧ ସଂଗ୍ରହ' ପୁସ୍ତକରେ ଉଲ୍ଲେଖ ଅଛି ଯେ, ''ଏହି ମଠର ଆୟ ଖୁବ୍ ବେଶୀ । ମଠରେ ଦୁଇ ଯୋଡ଼ା ହାତୀ ଥିବାର କିମ୍ବଦନ୍ତୀ ରହିଛି । ରାମାନୁଜଙ୍କର ଶିଷ୍ୟ ଶ୍ରୀରାମ ଦାସ ମଠର ସ୍ଥାପନ କର୍ତ୍ତା । ଏହା ଏ ସମ୍ପ୍ରଦାୟର ବଡ଼ ମଠ ବୋଲି ବିଖ୍ୟାତ । ମହନ୍ତ ପୁରାତନ ରକ୍ଷଣଶୀଳ । ଏ ପର୍ଯ୍ୟନ୍ତ ଅର୍ଥାତ୍ (୧୯୩୫ ମସିହା ପର୍ଯ୍ୟନ୍ତ) ମଠରେ କନାଛତା ଓ କିରୋସିନ୍ ତେଲ ପଶି ନଥିଲା ।''

ମଠ ବିଜେସ୍ଥଳୀ :- 'ଶ୍ରୀରାମ ଦାସ' ବା 'ଦକ୍ଷିଣପାର୍ଶ୍ୱ' ମଠର ମୁଖ୍ୟଦ୍ୱାର ପଶ୍ଚିମ ଦିଗାଭିମୁଖୀ । ପୂର୍ବରୁ ମଠଟି ବାଲି ସାହି ମୌଜାର ଅନ୍ତର୍ଭୁକ୍ତ ଥିଲା । ହାଲ ବନ୍ଦୋବସ୍ତ ରେକର୍ଡ଼ ମୁତାବକ ମଠଟି ପୁରୀ ଟାଉନ୍‌ର ମଣିକର୍ଣ୍ଣିକା ସାହିର ଅନ୍ତର୍ଗତ । ପ୍ରାୟ ଚାରି ଏକର ଜମି ଉପରେ ଏହି ବିଭବଶାଳୀ ମଠଟିର ବିଜେସ୍ଥଳୀଟି ଅବସ୍ଥିତ । ମଠର ବିଜେସ୍ଥଳୀରେ ମନ୍ଦିର, ଜଗମୋହନ, ଠାକୁର ଚୌକ (ବାରଣ୍ଡା), ରାହାସ ଘର, ଗାଦି ଘର, ୯ଟି ଅଗଣା, ସରଘର, ଅମେଣିଆ ଘର, ପୂଜାରୀ ଚୌକ, ଗୋଡ଼ ଧୂଆ ଚୌକ, ନାଗା ଚୌକ,୩ଟି ବୃହତ୍ ଆକାରର କୂପ, ୩ଟି ଧାନ କୋଠି ଇତ୍ୟାଦି ପ୍ରାୟ ପନ୍ଦର ଷୋହଳ ବଖରା ଗୃହ ଓ ଫୁଲ ବଗିଚା ରହିଅଛି । ମଠର ଗାଦି ଘରେ ଥିବା କାନ୍ଥ ମାନଙ୍କରେ ପୂର୍ବତନ ମଠାଧୀଶମାନଙ୍କର ଚିତ୍ର ରହିଥିଲା । ଉପଯୁକ୍ତ ରକ୍ଷଣାବେକ୍ଷଣର ଅଭାବରେ ସଂପ୍ରତି ଏହି

Digitized by srujanika@gmail.com

ଚିତ୍ର ଗୁଡ଼ିକ ଅସ୍ପଷ୍ଟ ହୋଇଯାଇଛି । ଏପରିକି ମଠର ଅଧିକାଂଶ ବୃହତ୍ ପକ୍କା ଗୃହ ଗୁଡ଼ିକ ଅର୍ଦ୍ଧଭଗ୍ନ ତଥା ବିପଦ ସଂକୁଳ ଅବସ୍ଥାରେ ରହିଅଛି । ମଠର ରାହାସଘର, ଗାଦି ଘରର କାନ୍ଥ ମାନଙ୍କରେ ଅତ୍ୟନ୍ତ ପ୍ରାଚୀନ ଓଡ଼ିଶୀ ଶୈଳୀର ଚିତ୍ରମାନ ଶୋଭା ପାଉଅଛି । ସଂରକ୍ଷଣ ଅଭାବରେ ଏହି ଦୁର୍ଲଭ ଚିତ୍ରମାନ ମଧ ନଷ୍ଟ ହୋଇଯାଇଛି ।

ମଠାଧୀଶ ମାନଙ୍କ ସଂପର୍କରେ :- ଶ୍ରୀ ରାମାନୁଜ ସମ୍ପ୍ରଦାୟ (ବିଶିଷ୍ଟାଦ୍ୱୈତ) ଅନ୍ତର୍ଭୁକ୍ତ ଶ୍ରୀରାମ ଦାସ ମଠର ଉତ୍ପତ୍ତି ତଥା ପ୍ରତିଷ୍ଠା ଦୀର୍ଘ ପାଞ୍ଚ ଶହ ବର୍ଷରୁ ଉର୍ଦ୍ଧ୍ୱ ହେବାର ଅନୁମାନ କରାଯାଏ । Madras Government Oriental Mansuscript Library ରେ ଥିବା ଅପ୍ରକାଶିତ ତେଲୁଗୁ ପାଣ୍ଡୁଲିପି 'ଶ୍ରୀ ଜଗନ୍ନାଥ ସ୍ଥଳ ବୃତ୍ତାନ୍ତ'ରେ ଦକ୍ଷିଣପାର୍ଶ୍ୱ ମଠ ସମ୍ପର୍କରେ ସୂଚନା ମିଳୁଅଛି । ଏହି ତଥ୍ୟାନୁଯାୟୀ "୧୬୧୦ ଖ୍ରୀଷ୍ଟାବ୍ଦ ପୁରୁଷୋତ୍ତମ ଦେବଙ୍କ ରାଜତ୍ୱ ସମୟରେ ବଡ଼ମ୍ବାର ରାଜା ଭରତ କେଶରୀ ତାଙ୍କ ରାଣୀଙ୍କ ସଙ୍ଗେ ପାଲିଙ୍କିରେ ବସି ଶ୍ରୀଜଗନ୍ନାଥଙ୍କୁ ଦର୍ଶନ କରିବା ସକାଶେ ପୁରୀକୁ ଆସିଥିଲେ । ସେଠାରେ ରାମ ଜୟତି ମଠ (ଦକ୍ଷିଣ ପାର୍ଶ୍ୱ ମଠ)ରେ ପ୍ରାୟ ୨୩ ଦିନ ସେମାନେ ରହିଥିଲେ ।"

ବିଭିନ୍ନ ସମୟରେ ମଠଟିର ସୁପରିଚାଳନାରେ କେତେକ ଅନିୟମିତତା ରହିଥିବାରୁ ସମସ୍ତ ମଠାଧୀଶ ମାନଙ୍କ ନାମ ତାଲିକା ଧାରାବାହିକ ଭାବେ ମଠ କାର୍ଯ୍ୟାଳୟରୁ ଉପଲବ୍ଧ ହେଉନାହିଁ । ପ୍ରାଚୀନ ରେକର୍ଡ଼ ତଥା କାଗଜାତ୍‌ରୁ ସଂଗ୍ରହ କରାଯାଇଥିବା ବିବରଣୀ ଅନୁଯାୟୀ ମଠର ସର୍ବପ୍ରଥମ ମଠାଧୀଶ ହେଲେ ନୃସିଂହ ସୁରୀ । ତତ୍ ପରେ କ୍ରମାନ୍ୱୟରେ ମହନ୍ତମାନଙ୍କ ତାଲିକା ମିଳୁ ନାହିଁ ଯଦିଓ ଏହାପରେ ଏହି ମଠର ଅନ୍ୟତମ ପ୍ରତିଷ୍ଠାତା ତଥା ପ୍ରଭାବଶାଳୀ ମହନ୍ତ ରୂପେ ଶ୍ରୀରାମ ଦାସଙ୍କ ନାମ ଉଲ୍ଲେଖଯୋଗ୍ୟ । ପ୍ରକୃତ ପକ୍ଷେ ଏହି ମହନ୍ତଙ୍କ ସମୟରେ ମଠର ପ୍ରଭୂତ ଉନ୍ନତି ସାଧିତ ହୋଇଥିଲା, ଯାହାଫଳରେ କି ତାଙ୍କ ନାମାନୁସାରେ ପରବର୍ତ୍ତୀ ସମୟରେ ଏହି ମଠର ନାମ "ଶ୍ରୀରାମ ଦାସ ମଠ" ବୋଲି ସମସ୍ତ କାଗଜପତ୍ର, ଚିଟାଉ, ହୁକୁମନାମା ମାନଙ୍କରେ ସ୍ଥାନ ପାଇଥିଲା । ତତ୍‌ପରେ ରାମ ଜୟ ଗୋସାଇଁଙ୍କର ନାମ ମଠ ସମ୍ପତ୍ତି ତାଲିକା ସୂତ୍ରରୁ ଜଣାଯାଉଛି । ଉକ୍ତ ମଠର ଅନ୍ୟାନ୍ୟ ମହନ୍ତ ମାନଙ୍କ ସମ୍ବନ୍ଧରେ ମିଳୁଥିବା ତଥ୍ୟ ଅନୁଯାୟୀ ଚର୍ତୁଭୁଜ ରାମାନୁଜ ଦାସ, ହୟଗ୍ରୀବ ରାମାନୁଜ ଦାସ, ରାମପ୍ରପନ୍ନ ରାମାନୁଜ ଦାସ, ରଘୁନନ୍ଦନ ରାମାନୁଜ ଦାସ, ଭଗବାନ ରାମାନୁଜ ଦାସ, ଜଗନ୍ନାଥ ରାମାନୁଜ ଦାସ (୧୯୫୧ ମସିହା) ଓ ବର୍ତ୍ତମାନର ମହନ୍ତ ୭୫ ବର୍ଷ ବୟସ୍କ ଶ୍ରୀନିବାସ ରାମାନୁଜ ଦାସ, ଯେ କି ମଠାଧୀଶ ରୂପେ କାର୍ଯ୍ୟ ନିର୍ବାହ କରୁଅଛନ୍ତି । ଉକ୍ତ ମଠରେ ଚେଲା ମହାରାଜ ରୂପେ ଶ୍ରୀ ଅବଧେଶ ରାମାନୁଜ ଦାସ (୪୦ ବର୍ଷ) ସ୍ୱୀକୃତି ପାଇଛନ୍ତି ବୋଲି ଜଣାଯାଏ । 'ପ୍ରାଚୀନ ଉତ୍କଳ' ପୁସ୍ତକ ଦ୍ୱିତୀୟ ଭାଗର ପୃଷ୍ଠା ୧୩୩ରେ

Digitized by srujanika@gmail.com

ବର୍ଣ୍ଣିତ ହୋଇଥିବା ତଥ୍ୟାନୁଯାୟୀ ''ବୀର କିଶୋର ଦେବଙ୍କ ୩ଅଙ୍କରେ ଶ୍ରୀରାମ ଦାସ ମଠ ମହନ୍ତ ଚର୍ତୁଭୁଜ ଦାସଙ୍କ ଚେଲା ହୟଗ୍ରୀବ ଦାସଙ୍କ ଉପନୟନ ଉତ୍ସୁମାନି ତାରା ବାଣ ଦେଉଳ ରୋଷ ଘରେ ପଡ଼ିଲା, ଘର ପୋଡ଼ିଗଲା ।'' ଏଣୁ ମଠାଧୀଶମାନଙ୍କ କ୍ରମାନ୍ୱୟ ସମ୍ପର୍କରେ ଗବେଷଣା କରାଗଲେ ଅଧିକ ତଥ୍ୟ ମିଳିପାରିବ ।

ମଠର ଐତିହ୍ୟ : - ବର୍ଣ୍ଣିତ ମଠାଧୀଶ ମାନଙ୍କ ମଧ୍ୟରେ ସପ୍ତଦଶ ଶତାବ୍ଦୀର ମଧ୍ୟ ଭାଗରେ ଉକ୍ତ ମଠର ମହନ୍ତ ଶ୍ରୀରାମ ଦାସଙ୍କ ଖ୍ୟାତି ଅତ୍ୟନ୍ତ ବୃଦ୍ଧି ପାଇଥିଲା । ଏତତ୍‌ବ୍ୟତୀତ ମଠର ଅନ୍ୟତମ ମଠାଧୀଶ ଶ୍ରୀ ରାମ ଜୟତି ଗୋସାଇଁ ମଠକୁ ନୃସିଂହ ଦେବଙ୍କ ବିଜେସ୍ଥଳୀ ବୋଲି ମନେ କରି ଶୁଦ୍ଧ ଭକ୍ତି ଭାବରେ ସେବାକରି ମହାଦେଇ ଖେଇରେ ଜୀବନ ନିର୍ବାହ କରୁଥିଲେ । ଜନଶ୍ରୁତି ଅନୁଯାୟୀ ଶ୍ରୀ ଗୋସାଇଁ ପ୍ରତ୍ୟହ ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କର ମଙ୍ଗଳ ଆଳତୀ ନିଷ୍ଠାପର ଭାବେ ଦର୍ଶନ କରିବା ସଙ୍ଗେ ସଙ୍ଗେ ପହିଲିଭୋଗ ମାସଯାକ ଶ୍ରୀଜଗନ୍ନାଥଙ୍କ ମଇଲମ କରପଲ୍ଲବ ନେଇ (ଲୌକିକତା ଦୃଷ୍ଟିରୁ ସେ ସମୟରେ ମହାଲକ୍ଷ୍ମୀ ଚକ୍ରତୀର୍ଥସ୍ଥ ତାଙ୍କ ପିତାଙ୍କ ଗୃହରେ ଅବସ୍ଥାନ କରୁଥିବାରୁ) ଲକ୍ଷ୍ମୀ ଦେବୀଙ୍କ ଉଦ୍ଦେଶ୍ୟରେ ସମର୍ପଣ କରୁଥିଲେ । ତାଙ୍କର ଭକ୍ତିଭାବ ଓ ନିଷ୍ଠାପର ସେବା ମନୋଭାବରେ ସନ୍ତୁଷ୍ଟ ହୋଇ ତତ୍‌କାଳୀନ ଗଜପତି ବୀର କିଶୋର ଦେବଙ୍କର ଜନୈକ ମନ୍ତ୍ରୀ ହରନାଥ ଦତ୍ତ ମହାପାତ୍ର ରାମଜୟତି ଗୋସାଇଁଙ୍କୁ ହେରାଗୋହରୀଠେ ଥିବା ଏକ ତୋଟା (ବଗିଚା)କୁ ଦାନ କରିଥିଲେ । ସମ୍ପ୍ରତି ଏହି ସ୍ଥାନ 'ଦତ୍ତତୋଟା' ନାମରେ ପରିଚିତ । ମଠ କାର୍ଯ୍ୟାଳୟ ସୂତ୍ରରୁ ଜଣାଯାଏ ଯେ, ମହନ୍ତ ଶ୍ରୀରାମ ଦାସଙ୍କ ସମୟରେ ମଠ ବିଜେସ୍ଥଳୀରେ କେତେକ ପକ୍କା ଗୃହ ନିର୍ମାଣ ଓ ଅନେକ ପରିମାଣର ଭୂ-ସମ୍ପତ୍ତି ମଠ ଅଧୀନକୁ ଆସିଥିଲା । ଶ୍ରୀରାମ ଦାସ ମଧ୍ୟ ଦକ୍ଷିଣ ପାର୍ଶ୍ୱ ମଠର ଅନ୍ୟତମ ପ୍ରତିଷ୍ଠାତା କହିଲେ ଅତ୍ୟୁକ୍ତି ହେବ ନାହିଁ ।

ଶ୍ରୀରାମ ଦାସ ଅତ୍ୟନ୍ତ ଉଦାର ପ୍ରକୃତିର ଓ ଜଗନ୍ନାଥଙ୍କର ଅତି ପ୍ରିୟ ଭକ୍ତ ଥିଲେ । ଏପରିକି ବିଶିଷ୍ଟାଦ୍ୱୈତ ମଠାଧୀଶ ମାନେ ମହନ୍ତାଇ ଶାଢ଼ୀ ପାଇଲେ ଏହି ମଠର ମହନ୍ତ ମାନେ 'ମହନ୍ତାଇ ଶାଢ଼ୀ' ବାନ୍ଧିବାର ଅଧିକାର ପାଇଥିଲେ । ବିଶେଷତଃ ତାଙ୍କଠାରୁ ହିଁ ଏହି ମଠର ଖଇରାତି, କାଙ୍ଗାଳ ଭୋଜନ, ଅତିଥି ଅଭ୍ୟାଗତ ସେବା ତଥା ଶ୍ରୀଜଗନ୍ନାଥଙ୍କ ସେବା ପୂଜା ସହିତ ସଂଶ୍ଳିଷ୍ଟ ହୋଇଥିଲା ।

କଥିତ ଅଛି ପୂର୍ବରୁ ରଥଯାତ୍ରା ସମୟରେ ପୁରୀର ବଡ଼ ଦାଣ୍ଡରେ ଦକ୍ଷିଣ ପାର୍ଶ୍ୱ ମଠର ପନ୍ତି ଭୋଗ ନିମନ୍ତେ କୌଣସି ଆସ୍ଥାନ ନ ଥିଲା । ଏକଦା ରଥଯାତ୍ରା ଦିନ ରାମ ଜୟତି ଗୋସାଇଁ ବଡ଼ ଦାଣ୍ଡରେ ଭାଡ଼ି (ବାଉଁଶରେ ମଞ୍ଚା ବାନ୍ଧି) ନିର୍ମାଣ କରି ପନ୍ତି ଭୋଗ ନିମନ୍ତେ ସମସ୍ତ ଆୟୋଜନ କରିଥିଲେ । ସେହି ସମୟରେ ସେଠାରେ ରଥ ରଖି ଭୋଗ

Digitized by srujanika@gmail.com

କରିବାକୁ ସେବକମାନେ ପସନ୍ଦ କଲେ ନାହିଁ । ଏହିପରି ଶ୍ରୀ ବଳଭଦ୍ର ଓ ଶ୍ରୀସୁଭଦ୍ରାଙ୍କ ରଥ ପନ୍ତି ସ୍ଥାନ ଅତିକ୍ରମ କରି ଚାଲିଗଲା । ରାମ ଜୟତି ଏ ଘଟଣାରେ ଅତ୍ୟନ୍ତ ମ୍ରିୟମ୍ରାଣ ହୋଇ ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କ ସମ୍ମୁଖରେ ହାତ ଯୋଡ଼ି ନିଜର ଦୁଃଖ ଜଣାଇବା ସଙ୍ଗେ ସଙ୍ଗେ ବଡ଼ ଦାଣ୍ଡରେ ସାଷ୍ଟାଙ୍ଗ ହୋଇ ପଡ଼ି ରହିଲେ । ଆଶ୍ଚର୍ଯ୍ୟର ବିଷୟ ଠିକ୍ ପନ୍ତି ବଢ଼ା ଯାଇଥିବା ସ୍ଥାନରେ ଶ୍ରୀଜଗନ୍ନାଥଙ୍କ ରଥ ଅଟକିଗଲା । ସମସ୍ତ ଚେଷ୍ଟା ସତ୍ତ୍ୱେ ରଥ ସେଠାରୁ ଚଳିଲା ନାହିଁ । ଗଜପତିଙ୍କ ନିକଟକୁ ଏହି ଖବର ଗଲା । ରାଜା ତତ୍‌କ୍ଷଣାତ୍ ରଥ ନିକଟକୁ ଯାଇ ସମସ୍ତ ଘଟଣା ଅବଗତ ହୋଇ ରାମ ଜୟତିଙ୍କ ଦ୍ୱାରା ଆୟୋଜନ ହୋଇଥିବା ପନ୍ତି ଭୋଗକୁ ପୂଜା କରିବା ପାଇଁ ସେବକ ମାନଙ୍କୁ ନିର୍ଦ୍ଦେଶ ଦେଲେ । ପନ୍ତି ଭୋଗ ପରେ ରଥ ଚଳିଲା । ତାଙ୍କ ସେବା, ପୂଜା ଓ ଭକ୍ତି ଭାବରେ ସନ୍ତୁଷ୍ଟ ହୋଇ ତତ୍‌କାଳୀନ ଗଜପତି ମହାରାଜା ପନ୍ତି ସ୍ଥାନରେ ଥିବା ଏକ କୁଞ୍ଜ ଘରକୁ (ଯାହାକି ଶ୍ରୀନଅରକୁ ଲାଗି ରହିଅଛି) ମଠ ମହନ୍ତକୁ ଦାନ କରିଥିଲେ ଏବଂ ସେହି କୁଞ୍ଜ ଘର ଠାରେ ପ୍ରତି ବର୍ଷ ରଥଯାତ୍ରା ସମୟରେ ପନ୍ତି ଭୋଗ କରିବା ପାଇଁ ଅନୁମତି ଦେଇଥିଲେ । ପରବର୍ତ୍ତୀ ସମୟରେ ସେହି ଘରଟି 'ଶ୍ୟାମକୁଞ୍ଜ' ତଥା, 'ଶ୍ରୀରାମ ଦାସ କୁଞ୍ଜ' ଇତ୍ୟାଦି ନାମରେ ପରିଚିତ ହୋଇଥିଲା । ସମ୍ପ୍ରତି ସେହି କୁଞ୍ଜ ଘରଟିରେ 'ଉତ୍କଳ ହିନ୍ଦି ବିଦ୍ୟାପୀଠ' ନାମରେ ଏକ ବିଦ୍ୟାଳୟ ଚାଲୁଅଛି । ଉଲ୍ଲେଖଯୋଗ୍ୟଯେ ଗଜପତି ରାମଚନ୍ଦ୍ର ଦେବ ୧୨୩୮ ସାଲ ୧୭ ଅଙ୍କରେ ଉକ୍ତ ମଠର ଶିଷ୍ୟତ୍ୱ ଗ୍ରହଣ କରିଥିଲେ ।

ବର୍ତ୍ତମାନର ମଠ ମହନ୍ତଙ୍କ ଠାରୁ ପ୍ରକାଶ ଯେ, ଏକଦା ଆଉରଙ୍ଗଜେବଙ୍କ ନିର୍ଦ୍ଦେଶରେ ପୁରୀର ରଥଯାତ୍ରା ବନ୍ଦ ହୋଇଯାଇଥିଲା । ଉକ୍ତ ମଠର ଜନୈକ ପ୍ରଭାବଶାଳୀ ମହନ୍ତ ମହାରାଜ ଆଉରଙ୍ଗଜେବଙ୍କ ଦରବାରରେ ଉପସ୍ଥିତ ହୋଇ ପୁରୁଷୋତ୍ତମ କ୍ଷେତ୍ରରେ ପାଳିତ ହେଉଥିବା ପବିତ୍ର ରଥଯାତ୍ରାକୁ ବନ୍ଦ ନ କରିବା ପାଇଁ ଅନୁରୋଧ କରିଥିଲେ । ତାଙ୍କରି ବ୍ୟକ୍ତିତ୍ୱରେ ଆଉରଙ୍ଗଜେବ୍ ମୁଗ୍ଧ ହୋଇଯାଇ ରଥଯାତ୍ରା କରିବା ପାଇଁ ସମ୍ମତି ପ୍ରଦାନ କରିଥିଲେ । ଏହି ଘଟଣାରେ ସେହି ସମୟରେ ଉକ୍ତ ମଠର ତଥା ମହନ୍ତଙ୍କର ଖୁବ୍ ଖ୍ୟାତି ବଢ଼ି ଯାଇଥିଲା । ଓଡ଼ିଶା ବ୍ରିଟିଶ୍ ମାନଙ୍କ ଦ୍ୱାରା ଶାସନାଧୀନ ଥିବା ସମୟରେ ଏହି ଅନୁଷ୍ଠାନର ମଠାଧୀଶ ଭଗବାନ ରାମାନୁଜ ଦାସ ଅନନାରୀ ଜୁରୀ ଭାବେ ମନୋନୀତ ହୋଇ କାର୍ଯ୍ୟ କରୁଥିଲେ ବୋଲି ମଠ ସୂତ୍ରରୁ ଜଣାଯାଏ ।

ଏହି ମଠର ଅନ୍ୟାନ୍ୟ କୃତିତ୍ୱ ମଧ୍ୟରେ ପୁରୀ ସଦର ମୁଖ୍ୟ ଚିକିତ୍ସାଳୟର ନିର୍ମାଣ, ନରେନ୍ଦ୍ର ପୁଷ୍କରିଣୀର ଖନନ ଓ ପଙ୍କୋଦ୍ଧାର କାର୍ଯ୍ୟ ନିମନ୍ତେ ମହନ୍ତ ଭଗବାନ ରାମାନୁଜ ଦାସ ଆର୍ଥିକ ସହାୟତା ପ୍ରଦାନ କରିଥିଲେ । ଅତୀତରେ ଉକ୍ତ ମଠ ତରଫରୁ ଅନ୍ନଛତ୍ର (ଦରିଦ୍ର ନାରାୟଣ ଭୋଜନ), କୋଷ୍ଠାଶ୍ରମ, ବିଧବାଶ୍ରମ ଇତ୍ୟାଦି ଅନୁଷ୍ଠାନମାନଙ୍କୁ ଖଟଣି ମହାପ୍ରସାଦ ପଠାଯାଇଥିଲା । ଅନେକ ବର୍ଷ ଧରି ଏହା ବନ୍ଦ ହୋଇଯାଇଛି । ଏତତ୍‌ବ୍ୟତୀତ

Digitized by srujanika@gmail.com

ଭଗବାନ ରାମାନୁଜ ଦାସଙ୍କ ଉଦ୍ୟମରେ ଏହି ମଠ ପରିସରରେ ଖୋଲାଯାଇଥିବା ଏକ ସଂସ୍କୃତ ଟୋଲ୍‌ରେ ପ୍ରାୟ ୨୫ ଜଣ ବିଦ୍ୟାର୍ଥୀ ସଂସ୍କୃତ ଶିକ୍ଷା ଗ୍ରହଣ କରୁଥିଲେ । ୧୯୮୦ ମସିହାଠାରୁ ଏହି ଟୋଲ୍‌ଟି ବନ୍ଦ ହୋଇଯାଇଥିବା ଜଣାଯାଏ ।

ମଠର ଭୂ-ସମ୍ପତ୍ତି : ଅତୀତରେ ଶ୍ରୀରାମ ଦାସ ମଠର ମହନ୍ତ ଶ୍ରୀରାମ ଦାସ ଓ ରାମ ଜୟ ଗୋସାଇଁଙ୍କ ମାରଫତ୍‌ରେ ଯେଉଁ ବିପୁଳ ପରିମାଣର ଅମୃତ ମଣୋହି ସମ୍ପତ୍ତି ପ୍ରଦତ୍ତ ହୋଇଥିଲା, ସେ ସଂପର୍କରେ ବିଭିନ୍ନ ପ୍ରାଚୀନ କାଗଜାତ୍, ଦଲିଲ ଓ ଶ୍ରୀଜଗନ୍ନାଥ ମନ୍ଦିର ଓ ଜଗନ୍ନାଥ ତତ୍ତ୍ୱ ଇତ୍ୟାଦି ପୁସ୍ତକରୁ ସଂଗୃହୀତ ତଥ୍ୟ ଅନୁଯାୟୀ :- ପ୍ରିୟବତୀ ମହାଦେଈ ପ୍ରତିଦିନ ଶ୍ରୀମନ୍ଦିରରେ ତିନି ଥାଳି ଖେଚେଡ଼ି ଭୋଗ ନିମନ୍ତେ ସିରେଇ ପ୍ରଗଣାର ବଡ଼ ମୁକୁନ୍ଦପୁର ମୌଜାରେ ୫୦ ବାଟି ଓ ଚବିଶକୁଦ ପ୍ରଗଣାର ଅଉରା ମୌଜାରେ ୪୦ ବାଟି ଏହିପରି ମୋଟ୍ ୯୦ ବାଟି ସମ୍ପତ୍ତି ଉକ୍ତ ମଠର ମହନ୍ତ ଶ୍ରୀରାମ ଦାସଙ୍କ ମାରଫତ୍‌ରେ ଦାନ କରିଥିଲେ । ସେହିପରି ମରହଟ୍ଟା ଶାସକମାନଙ୍କ ରାଜତ୍ୱ ସମୟରେ ଏକାଜି ଶୁକଦେବ ନାୟକ, ସୁବେଦାର ଓ ସରକାର ରାଜେବରାତ୍ ମହନ୍ତ ଶ୍ରୀରାମ ଦାସଙ୍କୁ ଅମୃତ ମଣୋହି ଖର୍ଚ୍ଚ ସକାଶେ ନୂଆବୁଢ଼ାକେରା ମୌଜାରେ ୮୩୧ ମାଣ ୮ଗୁଣ୍ଠ ୯ ବିଶ୍ୱା ଏବଂ ସୁନ୍ଦରୀ ମୌଜାରେ ୫୮୮ ମାଣ ୧୦ ବିଶ୍ୱା ଭୂ-ସଂପତ୍ତି ମଠ ମାରଫତ୍‌ରେ ଦାନ କରିଥିଲେ। ପୁନଶ୍ଚ ଉକ୍ତ ମଠାଧୀଶଙ୍କୁ ହାକିମ ମରହଟ୍ଟା ମାର୍କଣ୍ଡପୁର ମୌଜାରେ ୬୨୬ ମାଣ ୨୩ ଗୁଣ୍ଠ ୯ ବିଶ୍ୱା ପରିମାଣର ଅମୃତ ମଣୋହି ସମ୍ପତ୍ତି ବୈଷ୍ଣବଙ୍କ ଖର୍ଚ୍ଚ ସକାଶେ ଦାନ କରିଥିଲେ । ଏତତ୍‌ବ୍ୟତୀତ ରାଜା ବୀର କିଶୋର ଦେବ ଉକ୍ତ ମଠର ତତ୍‌କାଳୀନ ମହନ୍ତ ରାମ ଜୟ ଗୋସାଇଁ ମାର୍‌ଫତ୍‌ରେ ଜଗନ୍ନାଥ ମହାପ୍ରଭୁଙ୍କ ଅମୃତ ମଣୋହି ଖର୍ଚ୍ଚ ସକାଶେ ଦୁଗଲ ମୌଜାରେ ୧୧୦ ବାଟି, ଆପିଲା ମୌଜାରେ ୬୦ ବାଟି ଭୂ-ସମ୍ପତ୍ତି ଓ ସମଙ୍ଗ ମୌଜାରେ ରେବତୀ ରମଣ ବଗିଚା (୧୬ ବାଟି ୧୦ ମାଣ) ଦାନ କରିଥିଲେ । ପଣ୍ଡିତ ସୂର୍ଯ୍ୟ ନାରାୟଣ ଦାଶଙ୍କ 'ଶ୍ରୀ ଜଗନ୍ନାଥ ମନ୍ଦିର ଓ ଜଗନ୍ନାଥ ତତ୍ତ୍ୱ' ପୁସ୍ତକରେ ଉଲ୍ଲେଖ ହୋଇଛି ଯେ, ଶ୍ରୀରାମ ଦାସ ମଠ (ଦକ୍ଷିଣ ପାର୍ଶ୍ୱ ମଠ) ର ତତ୍‌କାଳୀନ ମହନ୍ତ ଶ୍ରୀରାମ ଦାସଙ୍କ ସମୟରେ ରାହାଙ୍ଗ, ଚବିଶକୁଦ, ପୁରୁବ, ଦୋହାଇ, ଓଳଧର, ପଶ୍ଚିମ ଦୋହାଇ, ବାଁଚାଷ,ଡ଼ମର ଖଣ୍ଡ, ହରିଶପୁର, ପରଗଣା ମାନଙ୍କରେ ଥିବା ମଠର ୧୮ ଖଣ୍ଡ ମୌଜାର ବାର୍ଷିକ ଜମା କଉଡ଼ି ୧୭୫୯୪ କଡ଼ା ୮ପଣ ୧୭ ଗଣ୍ଡା ଥିଲା । ସେହିପରି ଏହି ମଠ ମାରଫତ୍‌ରେ ନିମ୍ନଲିଖିତ ଗ୍ରାମରେ ଜମି ରହିଥିଲା । ଯଥା ରାହାଙ୍ଗ ପ୍ରଗଣାର ଦୁଗଲ, ଆଉପୁଲ, ଗୋକୁଳପୁର, ମାଟିଆ ଘାଇ, ଜାନକା ଦେଇପୁର, ମୌ -ଅରଜି ମୁତଫରକ, ରେବତୀ ରମଣ । ପ୍ରଗଣା - ଚବିଶକୁଦ- ଆରା, ପଞ୍ଚଡ଼ିଆ, ପାଟପୁର । ପ୍ରଗଣା - ପୂର୍ବ ଦୋହାଇ - ଉଲ୍ଲୁପୁର, ଆରତ, ମାର୍କଣ୍ଡପୁର । ପ୍ରଗଣା - ଓଳଧାର - ସୁନ୍ଦର ଗାଁ । ପ୍ରଗଣା -ପଶ୍ଚିମ ଦୋହାଇ - ବଡ଼ କେରା । ପ୍ର -ବାଁଚାସ- ବକଲି ଅରଜି ମୁତଫରକତ୍ । ପ୍ରଗଣା - ଡ଼ମରଖଣ୍ଡ - ଅରଜି ମୁତଫରକତ୍, ଚକଲା, ବଳଦବିଶି, କୁଆସିମାଚକ । ପ୍ର- ହରିଶପୁର । ଉପରିବର୍ଣ୍ଣିତ ଭୂ-ସମ୍ପତ୍ତି ବ୍ୟତୀତ ମଠ ସୂତ୍ରରୁ ଜଣାଯାଏ ଯେ, ଓଡ଼ିଶା ସମେତ

Digitized by srujanika@gmail.com

ପଞ୍ଜାବ, ଦିଲ୍ଲୀ, ପାଟଣା, ପଶ୍ଚିମବଙ୍ଗ, ଆନ୍ଧ୍ର ପ୍ରଭୃତି ରାଜ୍ୟରେ ଏକଦା ଏହି ମଠ ଅଧୀନରେ ପ୍ରାୟ ପଚାଶ ହଜାର ଏକରରୁ ଉର୍ଦ୍ଧ୍ୱ ସମ୍ପତ୍ତି ରହିଥିଲା । ଜମି ଜମା ସମ୍ପର୍କୀୟ ବିଭିନ୍ନ ଆଇନ୍ ପ୍ରବର୍ତ୍ତିତ ହେବା ଫଳରେ ପରବର୍ତ୍ତୀ ସମୟରେ ଏହି ସମ୍ପତ୍ତି ବାରହଜାର ଏକର ମଧ୍ୟରେ ସୀମିତ ରହିଥିଲା । ୧୯୮୯ ମସିହାଠାରୁ ଉକ୍ତ ସମ୍ପତ୍ତିରୁ କୌଣସି ଆୟ ଆସୁ ନାହିଁ ବୋଲି ବର୍ତ୍ତମାନର ମହନ୍ତ ପ୍ରକାଶ କରନ୍ତି ।

ମଠର ଠାକୁର ଓ ସେବାପୂଜା : ଶ୍ରୀରାମ ଦାସ ମଠର ମନ୍ଦିରରେ ପୂଜିତ ବିଗ୍ରହ ମାନଙ୍କ ମଧ୍ୟରେ ମଠର ମୁଖ୍ୟ ଆରାଧ୍ୟ ଠାକୁର ହେଉଛନ୍ତି ନୃସିଂହ ଭଗବାନ । ଏକ ଦୁର୍ଲ୍ଲଭ ନୃସିଂହାକୃତି ଶାଳଗ୍ରାମ (ଶାଳଗ୍ରାମ ଉପରେ ରୂପାରେ ନିର୍ମିତ ନାସା, ଚକ୍ଷୁ ଥାଇ) ସିଂହାସନର ମଧ୍ୟସ୍ଥଳରେ ବିରାଜିତ ହୋଇ ପୂଜା ପାଉଛନ୍ତି । ଅନ୍ୟାନ୍ୟ ବିଗ୍ରହ ମାନଙ୍କ ମଧ୍ୟରେ ରାମ, ଲକ୍ଷ୍ମଣ, ସୀତା, ଉର୍ମିଳା, ଲକ୍ଷ୍ମୀ ନାରାୟଣ (୨ମୂର୍ତ୍ତି), ରାଧାକୃଷ୍ଣ (୨ମୂର୍ତ୍ତି) ଓ ୫୦ରୁ ଉର୍ଦ୍ଧ୍ୱ ବିଭିନ୍ନ ଆକୃତିର ଶାଳଗ୍ରାମ ପୂଜିତ ହେଉଛନ୍ତି । ମନ୍ଦିର ସଂଲଗ୍ନ ଜଗମୋହନରେ ଦାରୁ ବିଗ୍ରହ ପତିତପାବନ (ଶ୍ରୀଜଗନ୍ନାଥ), ମହାବୀର, ରାଧାକୃଷ୍ଣ, ଲଡୁ ଗୋପାଳ ଓ କେତେକ କ୍ଷୁଦ୍ର ଶାଳଗ୍ରାମ ରହିଛି । ମଠର ମୁଖ୍ୟ ଦ୍ୱାର ପାର୍ଶ୍ୱ କାନ୍ଥରେ ୪ଟି ମହାବୀର ମୂର୍ତ୍ତି ବିରାଜିତ ।

ମଠ ମନ୍ଦିରର ବାରଣ୍ଡା କାନ୍ଥରେ ବହୁ ପୁରାତନ ଶୈଳୀର ଚିତ୍ର ପ୍ରତିମା ମଧ୍ୟରେ ପତିତପାବନ, ପଞ୍ଚମୁଖୀ ହନୁମାନ, ଲକ୍ଷ୍ମଣଙ୍କ ଶକ୍ତିଭେଦ ଦୃଶ୍ୟ, ଲକ୍ଷ୍ମୀନାରାୟଣ, ରାମାନୁଜ ସ୍ୱାମୀ, ନୃସିଂହ ଆଦି ଶୋଭା ପାଉଛି ଯଦିଓ ଏହି ଚିତ୍ର ଗୁଡିକର ଉପଯୁକ୍ତ ରକ୍ଷଣାବେକ୍ଷଣ ତଥା ସଂରକ୍ଷଣ କରାଯାଇପାରୁନାହିଁ । ଏହା ବ୍ୟତୀତ ବିପଦ ଶଙ୍କୁଳ ଅବସ୍ଥାରେ ଥିବା ଗାଦି ଘରର କାନ୍ଥ ମାନଙ୍କରେ ପୂର୍ବତନ ମହନ୍ତ ମାନଙ୍କର ତୈଳ ଚିତ୍ର ରହିଥିଲା । ସମ୍ପ୍ରତି ଏଗୁଡ଼ିକ ନଷ୍ଟ ହୋଇଯାଇଛି ।

ଦୈନିକ ନୀତି : ମଠ ଠାକୁର ମାନଙ୍କ ଦୈନନ୍ଦିନ ନୀତି ମଧ୍ୟରେ ସକାଳ ସମୟରେ ମଙ୍ଗଳ ଆଳତି, ସ୍ନାନ ନୀତି (ଅବକାଶ), ବାଲଧୂପ, ଆଳତି, ମଧ୍ୟାହ୍ନ ଧୂପ (ଅନ୍ନ ଭୋଗ), ଆଳତି, ଦିବା ପହୁଡ଼, ଉତ୍‌ଥାପନ, ସନ୍ଧ୍ୟା ଆଳତି, ରାତ୍ର ଭୋଗ, ଆଳତି, ରାତ୍ର ପହୁଡ଼ ଇତ୍ୟାଦି ମଠ ତରଫରୁ ନିଯୁକ୍ତ ଜଣେ ପୂଜାରୀଙ୍କ ଦ୍ୱାରା ସମ୍ପାଦିତ ହେଉ ଅଛି ।

ଦୈନନ୍ଦିନ ନୀତି ବ୍ୟତୀତ ବର୍ଷ ମଧ୍ୟରେ ପାଳିତ ବିଭିନ୍ନ ପର୍ବ ପର୍ବାଣୀ ମଧ୍ୟରେ ନୃସିଂହ ଜନ୍ମ, ରାମ ଜନ୍ମ, କୃଷ୍ଣ ଜନ୍ମ, ବାମନ ଜନ୍ମ, ଝୁଲଣ ଯାତ୍ରା, ବିଭିନ୍ନ ଉତ୍ସବାଦିରେ ପନ୍ତି ଭୋଗ, ମଠର ପୂର୍ବତନ ମହନ୍ତ ମହାରାଜ ମାନଙ୍କ ଶ୍ରାଦ୍ଧୋତ୍ସବ ଇତ୍ୟାଦି ଅନୁଷ୍ଠିତ ହେଉଅଛି ।

ମଠ ପରିଚାଳନା : ଶ୍ରୀ ରାମାନୁଜ ସମ୍ପ୍ରଦାୟର ଏହି ସୁପ୍ରସିଦ୍ଧ ମଠର ପରିଚାଳନା ଭାର ପୂର୍ବରୁ ମଠାଧୀଶମାନଙ୍କ ଅଧୀନରେ ରହି ଆସିଥିଲା । ରାଜ୍ୟ ଦେବୋତ୍ତର ଆଇନ୍ ପ୍ରଣୟନ ହେବା ପରେ ଏହି ମଠଟି ୧୯୫୬ ମସିହା ଫେବୃଆରୀ ୧୬ ତାରିଖଠାରୁ ଦେବୋତ୍ତର ବିଭାଗର ନିୟନ୍ତ୍ରଣାଧୀନରେ ରହିଅଛି । ୧୯୫୬ ରୁ ୧୯୭୦ ମସିହା ପର୍ଯ୍ୟନ୍ତ ଦେବୋତ୍ତର ବିଭାଗ ଦ୍ୱାରା ନିଯୁକ୍ତ ଏକଜ୍ୟୁଟିଭ୍ ଅଫିସରମାନେ ଉକ୍ତ ମଠର ପରିଚାଳନା ଦାୟିତ୍ୱରେ

Digitized by srujanika@gmail.com

ରହି ଆସିଥିଲେ । ବର୍ତ୍ତମାନର ମଠ ମହନ୍ତଙ୍କ ବକ୍ତବ୍ୟ ଅନୁଯାୟୀ ଏହି ସମୟ ମଧ୍ୟରେ ମଠର ବହୁ ଆର୍ଥିକ ଅନିୟମିତତା ଓ ଭୂ-ସମ୍ପତ୍ତିର ହସ୍ତାନ୍ତର ହେବା ସଙ୍ଗେ ସଙ୍ଗେ ପରିଚାଳନାରେ ଘୋର ବିଶୃଙ୍ଖଳା ଘଟିଥିଲା । ତତ୍ପରେ ୧୯୭୧ ମସିହାଠାରୁ ଅଦ୍ୟାବଧି ମଠର ମହନ୍ତମାନଙ୍କ ହସ୍ତରେ ପରିଚାଳନାଭାର ରହିଅଛି ।

ମଠ କାର୍ଯ୍ୟାଳୟ ସୂତ୍ରରୁ ପ୍ରକାଶ ଯେ, ମଠର ଦେବ ନୀତି, ଯାନିଯାତ୍ରା ଉତ୍ସବ, ମଠ ପରିଚାଳନା, ମୋକଦ୍ଦମା, ବିଦ୍ୟୁତ ଦେୟ ଇତ୍ୟାଦି ବାବଦରେ ବାର୍ଷିକ ପ୍ରାୟ ତିନିଲକ୍ଷ ସତୁରୀ ହଜାର ଟଙ୍କା ଖର୍ଚ୍ଚ ହେଉଅଛି । ମଠକୁ ଆସୁଥିବା ଆୟ ମଧ୍ୟରେ ବିଜେସ୍ଥଳୀ ସଂଲଗ୍ନ କେତେକ ଦୋକାନ ଘର ଭଡ଼ା ବାବଦ ଅର୍ଥ, ବଗିଚା ଆୟ, ବ୍ୟାଙ୍କ୍‌ରେ ଥିବା ସ୍ଥାୟୀ ଜମାର ସୁଧ ଓ ଶିଷ୍ୟମାନଙ୍କ ଦାନ ଇତ୍ୟାଦି ମୁଖ୍ୟ ଅଟେ ।

ଶ୍ରୀମନ୍ଦିର ସହ ମଠର ସଂପର୍କ :- ଏହି ମଠର ମଠାଧୀଶମାନେ ମହନ୍ତାଇ ଶାଢ଼ୀ ବନ୍ଧାଇବା ପରେ ଶ୍ରୀମନ୍ଦିରରେ ଚାମର ଆଲଟ ସେବା କରିପାରିବେ । ପୂର୍ବେ ଉକ୍ତ ମଠର ମହନ୍ତ ଚନ୍ଦନଯାତ୍ରା ସମୟରେ ସର୍ବାଙ୍ଗ କରିବା ବିଧି ଥିଲେବି ବହୁ ବର୍ଷ ଧରି ଏହା ବନ୍ଦ ହୋଇଯାଇଛି । ସେହିପରି ମଠ ସୂତ୍ରରୁ ଜଣାଯାଏ ଯେ ଅତୀତରେ ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କ ବଲ୍ଲଭ ନୀତି ନିମନ୍ତେ ଏହି ମଠ ତରଫରୁ ଦୈନିକ ଦହି, ଖଇ, ପାପୁଡ଼ି (୩ ମହଣ କ୍ଷୀରର ସର) ଏବଂ ପ୍ରତ୍ୟହ ସକାଳ ଧୂପରେ 'ମହାଦେଇ' (ଖେଚେଡ଼ି) ଥାଳି ଭୋଗ ହେଉଥିଲା । ଏଥିପାଇଁ ପ୍ରତିଦିନ ୯ କିଲୋଗ୍ରାମ୍ ଅରୁଆ ଚାଉଳ, ୩ କି.ଗ୍ରା. ମୁଗଡ଼ାଲି ଓ ୨୫୦ ଗ୍ରାମ୍ ଗୁଆ ଘିଅ ମନ୍ଦିରର ରୋଷକୁ ମଠର ମହାଦେଇ ସୁଆର ଜରିଆରେ ଯୋଗାଇ ଦିଆଯାଉଥିଲା । ଗତ କିଛି ବର୍ଷ ଧରି ଏହି ଭୋଗ ମଧ୍ୟ ବନ୍ଦ ହୋଇଯାଇଛି । ଅନ୍ୟ ସେବା ମଧ୍ୟରେ ଶ୍ରୀବିଗ୍ରହ ମାନଙ୍କ ପାଇଁ ଘୋଡ଼ ବସ୍ତ୍ର ଯୋଗାଇବା ଏହି ମଠର ଦାୟିତ୍ୱ ଥିଲେ ହେଁ ବହୁ ବର୍ଷ ଧରି ଏହା ଯୋଗାଇ ଦିଆଯାଉନାହିଁ । ଏତତ୍ ବ୍ୟତୀତ ଦୈନିକ ଠାକୁରମାନଙ୍କ ବଡ଼ସିଂହାର ବେଶ ପାଇଁ କରପଲ୍ଲବ, ତଡ଼ଗୀ, କୁଣ୍ଡ ପୁଷ୍ପଅଳଙ୍କାର ଇତ୍ୟାଦି ଜିନିଷପତ୍ର ମଧ୍ୟ ମଠ ତରଫରୁ ପଠାଯାଉ ନାହିଁ ।

କାର୍ତ୍ତିକ ମାସରେ ବାଳଭୋଗ, ନବାଙ୍କ ଦିନ ଶଙ୍ଖ ଚକ୍ର ବେଶ ସାମଗ୍ରୀ, ବିଭିନ୍ନ ଯାନିଯାତ୍ରା ଓ ଉତ୍ସବାଦିରେ ଠାକୁରମାନଙ୍କ ଚଳନ୍ତି ପ୍ରତିମାଙ୍କ ବିଜେ ସମୟରେ ମଠ ତରଫରୁ ପଣା ଓ ପନ୍ତି ଭୋଗ ଇତ୍ୟାଦି କରାଯାଉଅଛି ।

ମଠର ବର୍ତ୍ତମାନର ମହନ୍ତ ପ୍ରକାଶ କରିଥିଲେ ଯେ, ପୂର୍ବେ ଗଜପତି ରାମଚନ୍ଦ୍ର ଦେବଙ୍କ ସମୟରେ ଶ୍ରୀମନ୍ଦିରର ଆର୍ଥିକ ଅବସ୍ଥା ଅତ୍ୟନ୍ତ ଶୋଚନୀୟ ହୋଇ ପଡ଼ିଥିବାରୁ ଏହି ମଠର ତତ୍କାଳୀନ ମହନ୍ତ ଦୈନନ୍ଦିନ କୋଠ ଭୋଗ ସାମଗ୍ରୀ, ପାଟବସ୍ତ୍ର ଓ ନବକଳେବରରେ ଆର୍ଥିକ ସହାୟତା ପ୍ରଦାନ କରିଥିଲେ । ଏପରିକି ପରମ୍ପରା ଅନୁଯାୟୀ ଅତୀତରେ ମାଳତୀପାଟପୁରସ୍ଥିତ କାଠ ପୋଲ ଠାରୁ ରଥ କାଠ ଶଗଡ଼ରେ ବୁହାଯାଇ ବଡ଼ଦାଣ୍ଡସ୍ଥ ରଥଖଳା ନିକଟରେ ପହଞ୍ଚାଇବା ପାଇଁ ଏହି ମଠ ୭ଟି ଶଗଡ଼ ଯୋଗାଉଥିଲେ । ଗତ କିଛି ବର୍ଷ ଧରି ରଥ କାଠ ଟ୍ରକ ଯୋଗେ ଆସୁଥିବାରୁ ଶଗଡ଼ର ଆବଶ୍ୟକତା ପଡୁ

Digitized by srujanika@gmail.com

ନାହିଁ । ରଥ ନିର୍ମାଣ ସମୟରେ କଳା ବେଠିଆ (ମୂଲିଆ) ଓ ତାଳ ଗଛର ଚାରମାର ଏହି ମଠ ଯୋଗାଉଥିଲେ । ଏହା ମଧ୍ୟ ଅନେକ ବର୍ଷ ଧରି ବନ୍ଦ ହୋଇଯାଇଛି । ସଂପ୍ରତି ମନ୍ଦିର ପ୍ରଶାସନ ତରଫରୁ ଏହି କାର୍ଯ୍ୟ ସବୁ କରାଯାଉଅଛି ।

ଶ୍ରୀମନ୍ଦିରରେ ଅମୃତମଣୋହି ଭୋଗ କରିବା ପାଇଁ ଏହି ମଠର ଶ୍ରୀମନ୍ଦିର ରୋଷ ଘରେ କେତେକ ସ୍ୱତନ୍ତ୍ର ଚୂଲା ଓ ସରଘରମାନ ରହିଅଛି । ସ୍ୱତ୍ତ୍ୱଲିପି ବର୍ଣ୍ଣିତ ପ୍ରକାରେ ନିମ୍ନରେ ଚୂଲି ସମ୍ବନ୍ଧୀୟ ବିବରଣୀ ଉଲ୍ଲେଖ କରାଗଲା ।

ରୋଷ ଚୂଲି :- ଶ୍ରୀମନ୍ଦିର ରୋଷଶାଳାରେ ଥିବା ୬୭, ୬୮, ୬୯, ୭୪, ୭୫, ୭୬, ୭୭ ନମ୍ବର ଚୂଲା ଶ୍ରୀରାମ ଦାସ ମଠ ଅଧୀନରେ ରହିଥିଲେ ହେଁ ସ୍ୱତ୍ତ୍ୱଲିପିରେ ମଠ ତରଫ ତୁଣିଆ ସୁଆର ବାବାଜି ମହାପାତ୍ର ଓ ହାଡୁ ମହାନ୍ତି ଦଖଲ କରି ଭଡ଼ା ବାବଦରେ ପ୍ରତ୍ୟେକ ଚୂଲି ପିଛା ବାର୍ଷିକ ୧୨ ଟଙ୍କା ସେତେବେଳେ ଦେଉଥିଲେ ବୋଲି ଉଲ୍ଲେଖ ଅଛି । ସେହିପରି ରୋଷଘର ନକ୍ସାର ସେକ୍ସନ୍ - ୯ର ୨୧୯ ନମ୍ବର ଚୂଲାଟି 'ମହାଦେଈ ଥାଳି ରୋଷ' ନାମରେ ନାମିତ ହୋଇଛି । ଏହି ଚୂଲିରେ ମହାଦେଈ ନାମକ ଏକ ସ୍ୱତନ୍ତ୍ର ସୁଆର ମହାଦେଈ ଭୋଗ ରାନ୍ଧିଥାନ୍ତି । ସମ୍ପ୍ରତି ଏହି ମହାଦେଈ ଥାଳି ଭୋଗ ମଠ ତରଫରୁ କରାଯାଉ ନାହିଁ । ଉକ୍ତ ମଠର ରୋଷ ଚୂଲା ନମ୍ବର ୨୨୦ ଠାରୁ ୨୨୩ ପର୍ଯ୍ୟନ୍ତ ଆର୍ତ୍ତ ପଢ଼ିଆରୀ ଦଖଲ କରୁଥିଲେ । ସୂଚନାଯୋଗ୍ୟଯେ ଉପରୋକ୍ତ ବର୍ଣ୍ଣିତ ଚୂଲା ମଧ୍ୟରୁ ୨୧୯ ଓ ୨୨୦ ଚୂଲିରେ ମଠର ଖଟଣୀ ଭୋଗ ହେଉଥିଲା । ଅବଶିଷ୍ଟ ୩ଟା ଚୂଲିକୁ ବାର୍ଷିକ ୧୮ ଟଙ୍କା ହାରରେ ଭଡ଼ା ବାବଦ ଆୟ ସେତେବେଳେ ମଠକୁ ଆସୁଥିଲା । ପୁନଶ୍ଚ ରୋଷ ଚୂଲା ନମ୍ବର ୨୨୪ ଓ ୨୨୫ରେ ମଠ ତରଫରୁ ବିଶ୍ୱନାଥ ପାଢ଼ି ଓ ମାନସୁଆର ଦଖଲ କରନ୍ତି ବୋଲି ସ୍ୱତ୍ତ୍ୱଲିପିରେ ଉଲ୍ଲେଖ ରହିଛି ।

ସରଘର :- ଶ୍ରୀମନ୍ଦିର ପରିସରରେ ଏହି ମଠର ଏକ ସରଘର ରହିଥିବା ଜଣାଯାଏ । ସ୍ୱତ୍ତ୍ୱଲିପି ବର୍ଣ୍ଣିତ ପ୍ରକାରେ 'ପ୍ଲଟ ନଂ ୧୫୧ରେ ୬ ବଖରା ସରଘର ମଧ୍ୟରୁ ମେଲା ଘର ଶ୍ରୀରାମ ଦାସ ମଠର' । ଶ୍ରୀ ଗୁଣ୍ଡିଚା ଦିନ ଏହି ସ୍ଥାନରେ ପନ୍ତି ଭୋଗ ହୋଇଥାଏ ।

କୋଠଭୋଗରେ ଛାମୁ ପନ୍ତି :- ଶ୍ରୀବିଗ୍ରହଙ୍କ କୋଠ ଭୋଗ (ରାଜଭୋଗ) ବଡ଼ ବାଡ଼ (ବଳଭଦ୍ରଙ୍କ ବାଡ଼)ର ଛାମୁ ପନ୍ତିରେ ୩ ହାଣ୍ଡି ଓ ଉଭୟ ଶ୍ରୀମନ୍ଦିର ଓ ଗୁଣ୍ଡିଚା ମନ୍ଦିରର ଭୋଗ ମଣ୍ଡପ ପନ୍ତିରେ ଶ୍ରୀରାମ ଦାସ ମଠର ୯ କୁଡୁଆ ୯ ହାଣ୍ଡି ଅନ୍ନ ଭୋଗ ହେଉଥିବା ବିଷୟ ସ୍ୱତ୍ତ୍ୱଲିପିରୁ ଜଣାଯାଏ । ସମ୍ପ୍ରତି ଉପରୋକ୍ତ ଭୋଗରୁ ଅଧିକାଂଶ ହେଉନାହିଁ ।

ପନ୍ତିଭୋଗ :- ଶ୍ରୀଜଗନ୍ନାଥ ମନ୍ଦିର ସ୍ୱତ୍ତ୍ୱଲିପିର 'ଶ୍ରୀଶ୍ରୀ ଜଗନ୍ନାଥ ମହାପ୍ରଭୁଙ୍କ ବିଜେ ଠାକୁରଙ୍କର ଯାବତୀୟ ପନ୍ତି ତାଲିକା'ରେ ଅନ୍ୟାନ୍ୟ ମଠ ମଧ୍ୟରେ ଶ୍ରୀରାମ ଦାସ ମଠର ନାମ ଲିପିବଦ୍ଧ ହୋଇଛି । ନିମ୍ନରେ ବର୍ଷର ବିଭିନ୍ନ ପର୍ବ ପର୍ବାଣୀ ତିଥି ମାନଙ୍କରେ ଅନୁଷ୍ଠିତ ପନ୍ତି ଭୋଗର ତାଲିକା ଉଲ୍ଲେଖ କରାଗଲା ।

Digitized by srujanika@gmail.com

୧.	ବାହାର ଚନ୍ଦନ ୨୧ ଦିନ	-	ଶ୍ରୀରାମ ଦାସ ଟୁଙ୍ଗି ଠାରେ
୨.	ଚମ୍ପକ ଦ୍ୱାଦଶୀ	-	ଶ୍ରୀରାମ ଦାସ ଟୁଙ୍ଗି ଠାରେ
୩.	ଦେବସ୍ନାନ ପୂର୍ଣ୍ଣିମା	-	ଶ୍ରୀମନ୍ଦିରରେ
୪.	ଆଷାଢ଼ ଶ୍ରୀଗୁଣ୍ଡିଚା	-	ଶ୍ରୀରାମ ଦାସ ଟୁଙ୍ଗି ଓ ଶ୍ରୀମନ୍ଦିର ଠାରେ
୫.	ବାହୁଡ଼ା ପନ୍ତି	-	ଗୁଣ୍ଡିଚା ମନ୍ଦିର ଏବଂ ଶ୍ରୀରାମ ଦାସ ଟୁଙ୍ଗି
୬.	ନୀଳାଦ୍ରି ବିଜେ ପନ୍ତି	-	ଶ୍ରୀମନ୍ଦିରରେ
୭.	ଚକ୍ରବୁଲା ଏକାଦଶୀ (ଶ୍ରାବଣ)	-	ଶ୍ରୀରାମ ଦାସ ମଠ ଠାରେ
୮.	ବାଡ଼ି ନୃସିଂହ (ଶ୍ରାବଣ ଶୁକ୍ଳ ନବମୀ)		ଶ୍ରୀରାମ ଦାସ ମଠ ଠାରେ
୯.	ଗହ୍ମା ପୂର୍ଣ୍ଣିମା (ଶ୍ରାବଣ ଶୁକ୍ଳ ପୂର୍ଣ୍ଣିମା)		ଶ୍ରୀରାମ ଦାସ ମଠ ଠାରେ
୧୦.	କାଳୀୟଦଳନ ଏକାଦଶୀ	-	ଶ୍ରୀରାମ ଦାସ ମଠ ଠାରେ
୧୧.	ରାଧାଷ୍ଟମୀ (ସୁଦର୍ଶନଙ୍କ ବିଜେ)		ଶ୍ରୀରାମ ଦାସ ମଠ ବିଜେସ୍ଥଳୀ
୧୨.	ପଣ୍ଡୁ ନୃସିଂହ (ମାର୍ଗଶୀର ଶୁକ୍ଳ ଚତୁର୍ଦ୍ଦଶୀ)	-	ଶ୍ରୀରାମ ଦାସ ମଠ ବିଜେସ୍ଥଳୀ
୧୩.	ବାଡ଼ି ନୃସିଂହ (ଚୈତ୍ର ଶୁକ୍ଳ ପଞ୍ଚମୀ)		ଶ୍ରୀରାମ ଦାସ ମଠ ବିଜେସ୍ଥଳୀ

ମଠ ସୂତ୍ରରୁ ଜଣାଯାଏ ଯେ, ଠାକୁରମାନଙ୍କ ପନ୍ତି ଭୋଗ ଯଥା ସମ୍ଭବ ହୋଇ ଆସୁଅଛି ।

ସମ୍ପ୍ରତି ଶ୍ରୀକ୍ଷେତ୍ରର ଏହି ସୁପ୍ରସିଦ୍ଧ ମଠର ଅବସ୍ଥା ଅତ୍ୟନ୍ତ ଶୋଚନୀୟ । ବିଜେସ୍ଥଳୀର ଅଧିକାଂଶ ଗୃହ ଭଗ୍ନ ଅବସ୍ଥାରେ ରହିଅଛି । ଏଥି ପାଇଁ ମଠ ତରଫରୁ ସ୍ୱତନ୍ତ୍ର ବ୍ୟବସ୍ଥା ଗ୍ରହଣ କରାଯାଇ ନାହିଁ ।

ଉପଯୁକ୍ତ ରକ୍ଷଣାବେକ୍ଷଣ ତଥା ମରାମତି ଅଭାବରୁ ଦିନକୁ ଦିନ ମଠର ଐତିହ୍ୟ ଓ ଗୌରବ କ୍ଷୁର୍ଣ୍ଣ ହେବା ସଙ୍ଗେ ସଙ୍ଗେ ବିଜେସ୍ଥଳୀଟି ଅବହେଳିତ ଓ ମଠ ସୁପରିଚାଳନାରେ ବ୍ୟାଘାତ ଘଟୁଥିବା ଜଣାଯାଏ । ଏପରିକି ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କ କେତେକ ସେବା, ପୂଜାରୁ ଏହି ମଠଟି ବିଚ୍ୟୁତ ହୋଇ ଯାଇଛି । ରାଜ୍ୟ ଦେବୋତ୍ତର ବିଭାଗର ନିୟନ୍ତ୍ରଣାଧୀନ ଥିବା ଏହି ପୁରାତନ ମଠଟିର ପୁନରୁଦ୍ଧାର ଓ ସଂରକ୍ଷଣ ଏକାନ୍ତ ଅପରିହାର୍ଯ୍ୟ ଅଟେ ।

✤ ✤ ✤

Digitized by srujanika@gmail.com

ଉତ୍ତରପାର୍ଶ୍ୱ ମଠ

ଶ୍ରୀମନ୍ଦିରର ଉତ୍ତର ଦ୍ୱାର ସମ୍ମୁଖସ୍ଥ ଲକ୍ଷ୍ମୀବଜାର ରାସ୍ତାର ବାମ ପାର୍ଶ୍ୱରେ ଦୁଇ ଏକରରୁ ଉର୍ଦ୍ଧ୍ୱ ଜମି ଉପରେ ଉତ୍ତରପାର୍ଶ୍ୱ ମଠ ବିଦ୍ୟମାନ । ଶ୍ରୀ ରାମାନୁଜ ସମ୍ପ୍ରଦାୟର ଅନ୍ୟତମ ବିଭବଶାଳୀ ମଠ ରୂପେ ଉତ୍ତରପାର୍ଶ୍ୱ ମଠ ପ୍ରାୟ ୬୦୦ ବର୍ଷର ପୁରାତନ ଅଟେ । ଶ୍ରୀ ଭାଗୀରଥି ମହାପାତ୍ରଙ୍କ ରଚିତ "ରତ୍ନକୋଷ ବା ବୃହତ୍ ବିବିଧ ସଂଗ୍ରହ" ପୁସ୍ତକରେ ଉଲ୍ଲେଖ ଅଛି ଯେ, 'ଶ୍ରୀ ଜଗନ୍ନାଥ ମନ୍ଦିରର ଉତ୍ତରପାର୍ଶ୍ୱରେ ଏହି ମଠ ଅବସ୍ଥିତ । ଜଣେ ଭୋଜପୁରୀ ବ୍ରାହ୍ମଣ ବୈଷ୍ଣବ ହୋଇ ଏ ମଠ ସ୍ଥାପନ କରିଥିଲେ ।' ପୁରୀ ଜିଲ୍ଲା ଗେଜେଟିୟରର ୧୨୨/୧୨୩ ପୃଷ୍ଠାରେ ଉତ୍ତରପାର୍ଶ୍ୱ ମଠ ସମ୍ପର୍କରେ ମିଳୁଥିବା ବିବରଣୀ ଅନୁଯାୟୀ "X X X X The Uttarparswa Math is one of the oldest and most highest esteemed having permitted to supply a special Bhog of Jagannath the Mohan Bhog X X X X"

ଦେବୋତ୍ତର କମିଶନରଙ୍କ ନିୟନ୍ତ୍ରଣାଧୀନ ଏହି ମଠର ମହନ୍ତ ମାନଙ୍କର ସମ୍ପୂର୍ଣ୍ଣ ତାଲିକା ମିଳୁନାହିଁ । 'ଶ୍ରୀ ଜଗନ୍ନାଥ ଓ ଶ୍ରୀକ୍ଷେତ୍ର ସଂସ୍କୃତି' ପୁସ୍ତକରେ ଉଲ୍ଲେଖ ହୋଇଥିବା ତଥ୍ୟ ଅନୁଯାୟୀ ୭ଜଣ ମହନ୍ତ ବା ମଠାଧୀଶଙ୍କ ନାମ ମିଳୁଅଛି । ପ୍ରକୃତ ପକ୍ଷେ ମଠ ସୂତ୍ରରୁ ଓ ଅନ୍ୟାନ୍ୟ ପୁରାତନ ସମ୍ପତ୍ତି ତାଲିକାରୁ ସଂଗୃହୀତ ତଥ୍ୟ ଅନୁଯାୟୀ ୯ ଜଣ ମହନ୍ତଙ୍କ ମଧ୍ୟରେ ପରାଙ୍କୁଶାଚାର୍ଯ୍ୟ, ରାଘବାଚାର୍ଯ୍ୟ, ଦାମୋଦରାଚାର୍ଯ୍ୟ, ରାମକୃଷ୍ଣ ରାମାନୁଜ ଦାସ, ରାମ ପ୍ରପନ୍ନ ରାମାନୁଜଦାସ, ଗୌତମ ରାମାନୁଜ ଦାସ, ଗୋବିନ୍ଦ ରାମାନୁଜ ଦାସ ଏବଂ ବର୍ତ୍ତମାନର ମହନ୍ତ ଶ୍ରୀ ବଦ୍ରୀ ନରାୟଣ ରାମାନୁଜ ଦାସ । ଏତତ୍‌ବ୍ୟତୀତ ଜୟରାମ ରାମାନୁଜ ଦାସ ଏହି ମଠର ଅନ୍ୟତମ ମହନ୍ତ ଥିବାର ପ୍ରମାଣ ମିଳୁଛି । ଅନ୍ୟାନ୍ୟ ମଠାଧୀଶ ମାନଙ୍କ ନାମ ସଂଗ୍ରହ ନିମନ୍ତେ ଗବେଷଣା ସାପେକ୍ଷ । ସୂଚନାଯୋଗ୍ୟଯେ ଉପରୋକ୍ତ ସମସ୍ତ ମହନ୍ତଙ୍କ ନାମ ପଛରେ ରାମାନୁଜ ଦାସ ସଂଯୋଗ ହୋଇଥାଏ । ୧୯୪୭ ମସିହାରେ ଶ୍ରୀ ବଦ୍ରୀ ନାରାୟଣ ରାମାନୁଜ ଦାସ ଉକ୍ତ ମଠରେ 'ମହନ୍ତାଇ ଶାଢ଼ୀ' ବନ୍ଧାଇ ମଠାଧୀଶ ରୂପେ ଗାଦିନାସୀନ ହୋଇ ଅଦ୍ୟାବଧି କାର୍ଯ୍ୟ ନିର୍ବାହ କରି ଆସୁଅଛନ୍ତି ।

ମଠ ପରିଚାଳନା :- ଓଡ଼ିଶା ହିନ୍ଦୁ ଦେବୋତ୍ତର ଆଇନ୍ ପ୍ରବର୍ତ୍ତିତ ହେବା ପରେ ଏହି ମଠର ପରିଚାଳନା ଭାର ଜନୈକ କାର୍ଯ୍ୟ ନିର୍ବାହୀ ଅଧିକାରୀଙ୍କ ଦ୍ୱାରା ପରିଚାଳିତ ହେଉଥିଲା । ୧୯୮୦ ମସିହାଠାରୁ ବର୍ତ୍ତମାନର ମହନ୍ତ ମଠର ଏକଜ୍ୟୁଟିଭ୍ ଅଫିସର ଭାବେ

Digitized by srujanika@gmail.com

ଦାୟିତ୍ୱ ତୁଲାଉଛନ୍ତି । ଉଲ୍ଲେଖଯୋଗ୍ୟଯେ ୧୯୪୭ ମସିହାରୁ ୧୯୭୯ ମସିହା ପର୍ଯ୍ୟନ୍ତ କାର୍ଯ୍ୟ ନିର୍ବାହୀ ଅଧିକାରୀମାନେ ମଠର ପରିଚଳନା ଦାୟିତ୍ୱରେ ଥିବା ସମୟରେ କୌଣସି ଉନ୍ନତିମୂଳକ କାର୍ଯ୍ୟ ହୋଇ ନଥିଲା । ଏପରିକି ମଠ ସୂତ୍ରରୁ ଜଣାଯାଏ ଯେ ଏହି ସମୟରେ ତତ୍‌କାଳୀନ ଏକକ୍ୟୁଟିଭ୍ ଅଫିସରମାନେ ଦେବୋତ୍ତର ଆଇନ୍‌ର ୧୯ ଧାରା ପ୍ରକାରେ ଜମି ବିକ୍ରୟ ଅନୁମତି ପ୍ରାପ୍ତ ହୋଇ ବାଲେଶ୍ୱର, ପୁରୀ ଜିଲ୍ଲା ତଥା ଟାଉନ୍‌ରେ ଥିବା ପ୍ରାୟ ୫୦୦ ଏକର ସଂପତ୍ତି ବିକ୍ରୟ କରିଥିଲେ ଯଦିଓ ଏହି ବିକ୍ରୟ ଲବ୍ଧ ଅର୍ଥ ସ୍ଥାୟୀ ଜମାରେ ନ ରଖି ମଠ ପରିଚାଳନା ବାବଦରେ ବ୍ୟୟ କରିଥିଲେ । ବର୍ତ୍ତମାନର ମହନ୍ତ ତାଙ୍କ କାର୍ଯ୍ୟକାଳ ମଧ୍ୟରେ ୩ ଏକର ଭୂ-ସଂପତ୍ତି ବିକ୍ରୟ ପାଇଁ ଅନୁମତି ଆଣି ଉକ୍ତ ଅର୍ଥକୁ ସ୍ଥାୟୀ ଜମାରେ ଗଚ୍ଛିତ ରଖିବା ସଙ୍ଗେ ସଙ୍ଗେ ମଠ ବିଜେସ୍ଥଳୀର ଝୁଲଣ ମଣ୍ଡପ, ଭିତର ରାହାସ, ବାହାର ରାହାସ, ଜଗମୋହନର ମରାମତି ତଥା ୩୦ ବଖରା ଗୃହର ମରାମତି କରିଛନ୍ତି । ୧୯୯୦ ମସିହାରେ ମଠର ବିଜେସ୍ଥଳୀର କିଛି ଜମି ଲକ୍ଷ୍ମୀବଜାରର ପରିବା ବ୍ୟବସାୟୀମାନଙ୍କୁ ଥଇଥାନ କରିବା ନିମିତ୍ତ ଲିଜ୍ ସୂତ୍ରରେ ପ୍ରଦାନ କରାଯାଇଥିଲା ।

ମଠର ବିଭିନ୍ନ ଜମିବାଡ଼ି, ବଗିଚା, ଦୋକାନ ଘର ଭଡ଼ା ଇତ୍ୟାଦି ସୂତ୍ରରୁ ବାର୍ଷିକ ପ୍ରାୟ ଦୁଇ ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କା ମିଳୁଥିବା ବେଳେ ମଠ ଠାକୁରମାନଙ୍କ ଦୈନନ୍ଦିନ ନୀତି, ଯାନିଯାତ୍ରା, ଉତ୍ସବ, ମଠ କର୍ମଚାରୀମାନଙ୍କ ଦରମା ଓ ବିଜେସ୍ଥଳୀରେ ନୂତନ ନିର୍ମାଣ ତଥା ମରାମତି ଓ ପରିଚାଳନା ଇତ୍ୟାଦି ବାବଦରେ ବାର୍ଷିକ ପ୍ରାୟ ତିନି ଲକ୍ଷ ପଚାଶ ହଜାର ଟଙ୍କା ଖର୍ଚ୍ଚ ହେଉଥିବା ଜଣାଯାଏ । ମଠର ନିଜସ୍ୱ ଆୟ ବ୍ୟତୀତ ଅବଶିଷ୍ଟ ନିଅଣ୍ଟ ପରିମାଣ ଅର୍ଥ ମଠ ନାମରେ ଥିବା ବ୍ୟାଙ୍କ୍ ଆକାଉଣ୍ଟର ସ୍ଥାୟୀ ଜମାର ସୁଧ ଅର୍ଥ, ଘର ଭଡ଼ା ଓ ବିଭିନ୍ନ ଶିଷ୍ୟମାନଙ୍କ ଦାନ ସୂତ୍ରରୁ ମିଳୁଥିବା ଅର୍ଥରେ ଭରଣା କରାଯାଉଅଛି ।

୧୯୭୦ ମସିହାରୁ ଉକ୍ତ ମଠର ଚେଲା ରୂପେ ଶ୍ରୀ ନାରାୟଣ ରାମାନୁଜ ଦାସ ସ୍ୱୀକୃତି ପାଇଛନ୍ତି । ତାଙ୍କର ଶିକ୍ଷାଗତ ଯୋଗ୍ୟତା ବି.ଏ.ଏଲ୍.ଏଲ୍.ବି । ବର୍ତ୍ତମାନ ଏହି ଯୁବ ଚେଲା ମହାରାଜଙ୍କ ବୟସ ୩୬ ବର୍ଷ ଅଟେ । ମଠର ଉନ୍ନତି ଓ ଠାକୁରମାନଙ୍କ ସେବା ପୂଜାରେ ତାଙ୍କର ଆଗ୍ରହ ଥିବା ଜଣାଯାଏ । ଏହି ମଠର ମହନ୍ତ ଶ୍ରୀ ବଦ୍ରୀ ନାରାୟଣ ରାମାନୁଜ ଦାସ ଶ୍ରୀମନ୍ଦିର ପରିଚାଳନା କମିଟିକୁ ୩ ବର୍ଷ ଲେଖାଏଁ ରାଜ୍ୟ ସରକାରଙ୍କ ଦ୍ୱାରା ମନୋନୀତ ହୋଇ ସଦସ୍ୟ ରୂପେ ଦୁଇ ଥର କାର୍ଯ୍ୟ କରିଥିଲେ ।

ମଠ ଠାକୁର ଓ ସେବା ପୂଜା :- ଉତ୍ତରପାର୍ଶ୍ୱ ମଠର ମୁଖ୍ୟ ବିଗ୍ରହ ବା ଉପାସ୍ୟ ଠାକୁର ହେଉଛନ୍ତି ଶ୍ରୀ ରଘୁନାଥ ଜୀଉ (ଅର୍ଥାତ୍ ଶ୍ରୀ ରାମ, ଲକ୍ଷ୍ମଣ, ସୀତା ଓ ହନୁମାନ) । ପୂଜିତ ହେଉଥିବା ଅନ୍ୟାନ୍ୟ ଠାକୁରମାନଙ୍କ ମଧ୍ୟରେ ଶ୍ରୀ ରାଧାକୃଷ୍ଣ, ଶ୍ରୀଜଗନ୍ନାଥ, ଶ୍ରୀ ବଳଭଦ୍ର, ଶ୍ରୀ ସୁଭଦ୍ରା, ଲକ୍ଷ୍ମୀ ନୃସିଂହ, ଷଟ୍‌କୋପ ସ୍ୱାମୀ, ରାମାନୁଜାଚାର୍ଯ୍ୟ ବିଗ୍ରହ, ଦଧିବାମନ ଦେବ, ଗୋପୀନାଥ ଜୀଉ, ଶ୍ରୀ ନୃସିଂହ, ପତିତପାବନ, ଭାଷ୍ୟକାର ସ୍ୱାମୀ, ଲୋକନାଥ

Digitized by srujanika@gmail.com

ଦେବ, ମହାବୀର, ଲକ୍ଷ୍ମୀ ନାରାୟଣ, ରାଧାକୃଷ୍ଣ ଓ ୬୫ ମୂର୍ତ୍ତି ବିଭିନ୍ନ ଦୁର୍ଲଭ ଶାଳଗ୍ରାମ ବିଜେସ୍ଥଳୀରେ ଅବସ୍ଥିତ ମନ୍ଦିରରେ ଅଧିଷ୍ଠିତ ହୋଇ ପୂଜା ପାଉଛନ୍ତି ।

ମଠ ଠାକୁରମାନଙ୍କ ଦୈନନ୍ଦିନ ନୀତି ନିର୍ଘଣ୍ଟ ଅନୁଯାୟୀ ଭୋର ୬ଟାରେ ମଙ୍ଗଳ ଆଳତି, ତ୍ରିମଞ୍ଜନ (ଚନ୍ଦନ ଜଳ, ପଞ୍ଚାମୃତ ଓ ଶୁଦ୍ଧ ଜଳ ସ୍ନାନ), ପଞ୍ଚକଟୋରି ସ୍ନାନ (୫ଟି ରୂପା ପାତ୍ରରେ ଆବାହନ ପୂର୍ବକ ସ୍ନାନ), ତୁଳସୀ ଅର୍ଚ୍ଚନା, ଆଳତି, ଦଧି ଆରାଧନା, ବାଳଭୋଗ (ନଡ଼ିଆ, ଖଇ), ସକାଳ ଧୂପ (ଫଳ, କ୍ଷୀର ଇତ୍ୟାଦି), ଦ୍ୱିପ୍ରହର ଧୂପ (ଅନ୍ନ ଭୋଗ), ଦିବା ପହୁଡ଼ । ତତ୍ପରେ ଅପରାହ୍ନ ୩ ଘଣ୍ଟା ପରେ ଠାକୁରମାନଙ୍କୁ ଉତ୍ଥାପନ କରାଯାଇ ଆଳତି, ଧୂପ, ଦୀପ, ନୈବେଦ୍ୟ ଆଦି ହୋଇଥାଏ । ଉଲ୍ଲେଖଯୋଗ୍ୟଯେ ସକାଳ ମଙ୍ଗଳ ଆଳତି ପରେ ଓ ସନ୍ଧ୍ୟା ଆଳତି ନୀତି ସମୟରେ ବିଭିନ୍ନ ସ୍ତୋତ୍ର ପାଠ ଯଥା- ତନୟା ପାଠ, ବରଦ ବଲ୍ଲଭ ସ୍ତୋତ୍ର, ଜଗନ୍ନାଥ ପଞ୍ଚକମ୍, ଜଗନ୍ନାଥାଷ୍ଟକମ୍, ଲକ୍ଷ୍ମୀ ନୃସିଂହ ପ୍ରପତ୍ତି, ରାମାନୁଜ ସ୍ତୋତ୍ର, ପଞ୍ଚଘାଟି ସ୍ତୋତ୍ର, ଆଲବନ୍ଦାର ସ୍ତୋତ୍ର ପ୍ରଭୃତି ପାଠ କରାଯାଏ । ଶେଷରେ ପହୁଡ଼ ଆଳତି ଓ ରାତ୍ର ପହୁଡ଼ ନୀତି ଅନୁଷ୍ଠିତ ହୋଇଥାଏ । ପହୁଡ଼ ପୂର୍ବରୁ ପ୍ରତ୍ୟହ ଠାକୁରମାନଙ୍କୁ ମହନଭୋଗ, ଫଳ, କ୍ଷୀର ଇତ୍ୟାଦି ଭୋଗ ହୋଇଥାଏ ।

ମଠରେ ବିରାଜିତ ଠାକୁରମାନଙ୍କର ଏହି ନୀତି, ଭୋଗ, ସ୍ତୋତ୍ର ପାଠ ଇତ୍ୟାଦି ସେବା ପୂଜା ନିମନ୍ତେ ତିନି ଜଣ ପୂଜାରୀ ନିୟୋଜିତ ହୋଇଛନ୍ତି ।

ଉକ୍ତ ମଠରେ ବର୍ଷର ବିଭିନ୍ନ ତିଥି ଓ ଦିବସ ମାନଙ୍କରେ ନୃସିଂହ ଜନ୍ମ, ବାମନ ଜନ୍ମ, କୃଷ୍ଣ ଜନ୍ମୋତ୍ସବ, ରାମ ଜନ୍ମୋତ୍ସବ, ଚବିଶି ଏକାଦଶୀ, ଦଶ ଦିନ ଯାତ୍ରା (ବୈଶାଖ ଶୁକ୍ଳ ପକ୍ଷ ଦ୍ୱିତୀୟାଠାରୁ ରାମାନୁଜ ବିଗ୍ରହ ସବାରିରେ ରାମାନୁଜ କୋଟ ଠାରୁ ବିଜେ ହୋଇ ସାମ୍ପ୍ରଦାୟିକ ମଠମାନଙ୍କୁ ଭ୍ରମଣ ପୂର୍ବକ ନଗର ପରିକ୍ରମା ନୀତି ଅନୁଷ୍ଠିତ ହୋଇ ଥାଏ) ଦୋଳଯାତ୍ରା, ଦୁର୍ଗାପୂଜା, ଦଶହରା, ପୂର୍ବତନ ମହନ୍ତଙ୍କ ଶ୍ରାଦ୍ଧୋତ୍ସବ, ମହନ୍ତ ମହାରାଜଙ୍କ ସ୍ୱନକ୍ଷତ୍ର ଓ ଶ୍ରାବଣ ମାସରେ ୭ ଦିନ ଧରି ମହାସମାରୋହରେ ଝୁଲଣ ଯାତ୍ରା ଅନୁଷ୍ଠିତ ହୁଏ । ହଜାର ହଜାର ସଂଖ୍ୟକ ଜନସାଧାରଣ ଉତ୍ତରପାର୍ଶ୍ୱ ମଠର ଝୁଲଣ ଯାତ୍ରା ଦେଖିବାକୁ ପ୍ରବଳ ଭିଡ଼ ଜମାଇଥାନ୍ତି ।

ଶ୍ରୀମନ୍ଦିର ସହ ମଠରେ ସଂପର୍କ :- ଶ୍ରୀଜଗନ୍ନାଥ ମନ୍ଦିର ସ୍ୱତ୍ୱଲିପିର ଦ୍ୱିତୀୟ ଭାଗର ୧୮୮ ପୃଷ୍ଠାରେ ବର୍ଣ୍ଣିତ ଅଛି ଯେ, ''ଉତ୍ତରପାର୍ଶ୍ୱ ମଠ ଚାମର, ଆଲଟ ସେବା କରନ୍ତି ଓ ମସାଲ ପାଆନ୍ତି । ଦୈନିକ ଶ୍ରୀ ଜୀଉଙ୍କ ମଣୋହି ନିମନ୍ତେ ଉକ୍ତ ମଠ ୫ ସେର ମହନ ଭୋଗ କରିବା ପାଇଁ ଜମି ପାଇ ଅଛନ୍ତି ।'' ଏଠାରେ ଉଲ୍ଲେଖଯୋଗ୍ୟଯେ ଏହି ମହନ ଭୋଗ ନିମନ୍ତେ ଉକ୍ତ ମଠ ମାରଫତ୍‌ରେ ଜମି ପ୍ରଦାନ ବିଷୟରେ ପ୍ରମାଣ ମିଳୁଅଛି । ପୁନଶ୍ଚ ଏହି ମଠର ମହନ୍ତ 'ମହନ୍ତାଇ ଶାଢ଼ୀ' ବନ୍ଧାଇ ସୁନା ବେଣ୍ଟ ଚାମର ସେବା କରିପାରିବେ । ଅଖଣ୍ଡ ଦୀପ ଜଳାନ୍ତି । ୧୯୯୧ ମସିହାରୁ ଅଦ୍ୟାବଧି ମଠ ତରଫରୁ ମହନଭୋଗର ପୁନଃ ପ୍ରଚଳନ ହୋଇଥିବା ମଠ ସୂତ୍ରରୁ ଜଣାଯାଏ । ଶ୍ରୀମନ୍ଦିରରେ ଏହି

Digitized by srujanika@gmail.com

ମଠର ସରଘର ଓ ରୋଷଶାଳାରେ ସ୍ୱତନ୍ତ୍ର ଚୂଲା ଥିବା ବିଷୟ ସ୍ୱତ୍ତ୍ୱଲିପିରେ ଲିପିବଦ୍ଧ ହୋଇଛି ।

ଉତ୍ତରପାର୍ଶ୍ୱ ମଠ ରୋଷ :- ସ୍ୱତ୍ତ୍ୱଲିପି ମୁତାବକ ଶ୍ରୀମନ୍ଦିର ରୋଷଶାଳାର ସେକ୍‌ସନ୍ ୧୦ରେ ଥିବା ୨୨୬ ଓ ୨୨୭ ନମ୍ବର ପିଠା ଚୁଲି ଓ ୨୨୮ ଠାରୁ ୨୩୨ ନମ୍ବର ପର୍ଯ୍ୟନ୍ତ ୫ଟି ଚୁଲି (ଭାତଚୁଲି) ରହିଅଛି । ଉଲ୍ଲେଖ ପ୍ରକାରେ ପିଠାଚୁଲି ଗଙ୍ଗା ସୁଆର ଓ ଭାତଚୁଲି ବିଶି ମହାପାତ୍ର, କାଶୀ ମହାପାତ୍ର ମଠ ତରଫରୁ ଦଖଲ କରନ୍ତି । ସେହିପରି ଶ୍ରୀମନ୍ଦିର ବାହାର ବେଢ଼ାର ପ୍ଲଟ ନଂ ୧୯୫ ଓ ୧୯୬ରେ ଉତ୍ତରପାର୍ଶ୍ୱ ମଠର ଦୁଇଟି ସରଘର ଥିଲା । ମଠ ତରଫରୁ ସଦା ପଢ଼ିଆରୀ ଓ ବାସୁ ସୁଆର ଏହି ଦୁଇ ବଖରା ସରଘର ଦଖଲ କରୁଥିବା ବିଷୟ ଉଲ୍ଲେଖ ରହିଛି । ମଠ ସୂତ୍ରରୁ ପ୍ରକାଶ ଯେ, ଦୈନନ୍ଦିନ ଶ୍ରୀମନ୍ଦିରରେ ଅଧିଷ୍ଠିତ ଶ୍ରୀବିଗ୍ରହମାନଙ୍କ ବିଭିନ୍ନ ନୀତିରେ ଯଥା ମଙ୍ଗଳ ଆଳତିକୁ କର୍ପୂର, ଅବକାଶ ସମୟରେ ଦହି ୩ ଓଳି, ଗୋପାଳ ବଲ୍ଲଭରେ ତିନି ଓଳି ବଲ୍ଲଭ (ଖଇ, ଛାଚି, ଦହି, କଦଳୀ) ଯାଇଥାଏ । ଏହି ଭୋଗ ଶେଷ ପରେ ମଠ ମହାବୀରଙ୍କୁ ସମର୍ପଣ ହୋଇଥାଏ । ଏତତ୍‌ବ୍ୟତୀତ ଭୋଗ ମଣ୍ଡପରେ ମଠର ଖଟଣୀ ଭୋଗ ହୋଇଥାଏ । ଦ୍ୱିପ୍ରହର ଧୂପରେ ମହନ ଭୋଗ, ବଡ଼ ସିଂହାର ନୀତିରେ ଅଠର ହାତର ଫୁଲମାଳ, ସନ୍ଧ୍ୟା ଧୂପରେ ଅଖଣ୍ଡ ପ୍ରଭୃତି ଯୋଗାଯାଇଥାଏ ।

ଶ୍ରୀମନ୍ଦିରରେ ଅନୁଷ୍ଠିତ ବିଭିନ୍ନ ତିଥିରେ ଶ୍ରୀବିଗ୍ରହମାନଙ୍କ ବିଜେ ସମୟରେ ମଠର ବିଜେସ୍ଥଳୀ ଓ ଶ୍ରୀମନ୍ଦିର ପରିସର ତଥା ରଥ ସମୁଖରେ ପନ୍ତୀ ଭୋଗ ହୋଇଥାଏ । ଯଥା- ବାହାର ଚନ୍ଦନ ଯାତ୍ରାରେ ଚଳନ୍ତି ପ୍ରତିମାଙ୍କ ବିଜେରେ ୨୧ ଦିନ ଧରି ମଠ ତରଫରୁ ପନ୍ତିଭୋଗ, ଦେବସ୍ନାନ ପୂର୍ଣ୍ଣିମା, ଆଷାଢ଼ ଶ୍ରୀଗୁଣ୍ଡିଚା, ବାହୁଡ଼ା ଯାତ୍ରା, ନୀଳାଦ୍ରି ବିଜେ ପନ୍ତୀ, ଋଷି ପଞ୍ଚମୀ ଓ ଦୋଳ ପୂର୍ଣ୍ଣିମା ତିଥି ମାନଙ୍କରେ ପନ୍ତୀ ଭୋଗ ହୋଇଥାଏ । ଏହିପରି ଶ୍ରୀମନ୍ଦିରରେ କେତେକ ନୀତି ଓ ଉତ୍ସବ ସହ ଉତ୍ତରପାର୍ଶ୍ୱ ମଠ ପ୍ରତ୍ୟକ୍ଷ ଭାବେ ଜଡ଼ିତ ରହିଅଛି ।

ମଠ ବିଜେସ୍ଥଳୀ :- ମଠ ବିଜେସ୍ଥଳୀର ମଧ୍ୟ ଭାଗରେ ଅବସ୍ଥିତ ମନ୍ଦିର ବ୍ୟତୀତ ଭିତର ରାହାସ ଓ ବାହାର ରାହାସ (ଅମୁଣିଆ ଜିନିଷ ରହେ), ମଠାଧୀଶଙ୍କ କୋଠରୀ, ସରଘର (କଖାରୁଘର, କ୍ଷୀରଘର), ଖଡ୍‌ଗ ଗୃହ, ଗାଦି ଘର, ଝୁଲଣ ମଣ୍ଡପ, ଜଗମୋହନ, ନାଟମଣ୍ଡପ, ରୋଷ ଘର, ଉପାସନା ଗୃହ, ଶିଷ୍ୟମାନଙ୍କ ନିମିତ୍ତ ୫ ଗୋଟି କୋଠରୀ, ୪ଟି ଅଗଣା, ୪ଟି କୂପ ରହିଅଛି । ଏତଦ୍‌ବ୍ୟତୀତ ମଠର ମୁଖ୍ୟ ପ୍ରବେଶ ଦ୍ୱାର ଦକ୍ଷିଣ ଦିଗକୁ ରହିଥିବା ସ୍ଥଳେ ମଠର ପୂର୍ବ ପଟେ ଦୁଇଟି ଦ୍ୱାର ଓ ଉତ୍ତରପଟେ ଦୁଇଟି ଦ୍ୱାର ରହିଥିବା ପ୍ରତୀୟମାନ ହୁଏ । ବର୍ତ୍ତମାନର ବିଜେସ୍ଥଳୀଟିର କୋଠାଘର ନିର୍ମାଣ ପ୍ରାୟ ୩୦୦ ବର୍ଷ ତଳର ପୁରାତନ ମନେ ହୁଏ ।

Digitized by srujanika@gmail.com

ମଠର ଐତିହ୍ୟ :- ଶ୍ରୀକ୍ଷେତ୍ରରେ ଅବସ୍ଥିତ ରାମାନୁଜ ସମ୍ପ୍ରଦାୟର ଏହି ପ୍ରଭାବଶାଳୀ ମଠର ଐତିହ୍ୟ ତଥା ଗୌରବ ରହିଥିବାର ପ୍ରମାଣ ମିଳୁଅଛି । କୋଦଳା-ଆଠଗଡ଼ ରାଜବଂଶାବଳୀରୁ ଜଣାଯାଏ ଯେ, ଶ୍ରୀକ୍ଷେତ୍ରକୁ ତକି ଖାଁ ଆକ୍ରମଣ କରିବା ସମୟରେ ଶ୍ରୀ ବିଗ୍ରହମାନଙ୍କ ସହ ପଞ୍ଜାବୀ ମଠ, ଗଙ୍ଗାମାତା ମଠ, ଉତ୍ତରପାରୁଷ ମଠ, ଦକ୍ଷିଣ ପାରୁଷ ମଠ ଓ ଜଗନ୍ନାଥ ବଲ୍ଲଭ ମଠ ମହନ୍ତ ଓ ତାଙ୍କ ସହ ଜଗଦ୍‌ଗୁରୁ ଶଙ୍କର ବାଳ ବ୍ରହ୍ମଚାରୀ ତଥା ଅନେକ ସାଧୁ ସନ୍ଥ (ଶ୍ରୀ ଜଗନ୍ନାଥ ମହାପ୍ରଭୁଙ୍କ) ସଙ୍ଗରେ ଆସିଥିଲେ । ଏଥିରେ ଉଲ୍ଲେଖ ଅଛି ଯେ, ଉତ୍ତରପାରୁଷ, ପଞ୍ଜାବୀ, ଗଙ୍ଗାମାତା, ଦକ୍ଷିଣ ପାରୁଷ ଓ ଜଗନ୍ନାଥ ବଲ୍ଲଭ ମଠର ମଠାଧୀଶମାନେ ରତ୍ନସିଂହାସନସ୍ଥ ଚତୁର୍ଦ୍ଧାମୂର୍ତ୍ତିଙ୍କୁ ମୁଣ୍ଡରେ ବହନ କରି ନଈରୀ ହରୀଶ୍ୱର ମଣ୍ଡପଠାରୁ ଆଠଗଡ଼ ମାରଦାକୁ ଆସିଥିଲେ । (ଆଠଗଡ଼ ରାଜମାଳିକା-ପୃ-୧୫୯)

ଆଠଗଡ଼ର ତତ୍‌କାଳୀନ ଜଗଦ୍ଦେବ (ଖ୍ରୀ: ୧୭୩୨-୧୭୪୮ଖ୍ରୀ) ଗଜପତି ଦ୍ୱିତୀୟ ରାମଚନ୍ଦ୍ର ଦେବଙ୍କୁ ଆଠଗଡ଼ ଅଧୀନସ୍ଥ ତତ୍ରତ୍ୟ ରୁମାଗଡ଼ ନାମକ ସ୍ଥାନରେ ରଖାଇ ଆଠଗଡ଼ ତାଲୁକାର ସାତନଳ ଗ୍ରାମରେ ଉତ୍ତରପାରୁଷ ମଠାଧୀଶଙ୍କୁ ସସମ୍ମାନେ ଧୋବାପଲ୍ଲୀ ଗ୍ରାମ ଇନାମ ସୂତ୍ରରେ ପ୍ରଦାନ କରିଥିଲେ । (ଆଠଗଡ଼ରେ ମଠ ପରମ୍ପରା-ଲେ-ଅରୁଣ କୁମାର ମିଶ୍ର- ପ୍ରଜାତନ୍ତ୍ର ପ୍ରତିଭା, ଅକ୍ଟୋବର, ୧୯୯୫ ସଂଖ୍ୟା-ପୃ-୯୮ ଦ୍ରଷ୍ଟବ୍ୟ) । ମଠର ବର୍ତ୍ତମାନର ମହନ୍ତ ପ୍ରକାଶ କରନ୍ତି ଯେ, ଆଜକୁ ପ୍ରାୟ ୨୦ ବର୍ଷ ପୂର୍ବେ ଗବେଷକ ସଦାଶିବ ରଥ ଶର୍ମା ଏହି ମଠରୁ ୪ଟି ଦୁର୍ଲଭ ତମ୍ୱାପଟା ସନନ୍ଦ (ଯାହାକି ପୂର୍ବତନ ଗଜପତି ମହାରାଜଙ୍କ ଦ୍ୱାରା ପ୍ରଦତ୍ତ ହୋଇଥିଲା) ଗବେଷଣା କରିବା ଉଦ୍ଦେଶ୍ୟରେ ନେଇଥିଲେ । ସ୍ୱର୍ଗତ ରଥଶର୍ମାଙ୍କ ପରିବାରକୁ ସେହି ସନନ୍ଦ ବିଷୟରେ ଜଣାଇଥିଲେ ମଧ୍ୟ ଅଦ୍ୟାବଧି ସନନ୍ଦ ଗୁଡ଼ିକ ମଠର ହସ୍ତଗତ ହୋଇନାହିଁ ।

ଉକ୍ତ ମଠର ଚେଲା ମହାରାଜଙ୍କ ଠାରୁ ସଂଗୃହୀତ ହୋଇଥିବା କେତେଗୁଡ଼ିଏ ସନନ୍ଦ ପ୍ରଦାନ କରାଗଲା ।

ସନନ୍ଦ-୧ :- "x x x ପୁରୁଷୋତ୍ତମ ବଡ଼ ଦେଉଳ ପରିଛାଙ୍କୁ, ସମସ୍ତ କାର୍ଯ୍ୟୀମାନଙ୍କୁ ମାର୍କଣ୍ଡେଶ୍ୱର ସାହି ନାୟକଙ୍କୁ ମଧ୍ୟ ଚିଟାଉ ମାର୍କଣ୍ଡେଶ୍ୱର ସାହି ନରସିଂହପୁର ପାଟଣା ବାଣ କୋଠ ସାହିରୁ କୋଠଡ଼ିହ ପ୍ରତି ଦୋଳମଣ୍ଡପ ବିଜେ ଦାଣ୍ଡ ପଶ୍ଚିମରୁ ପଶ୍ଚିମକୁ ନଗରୀ ଚାରି ମଠ ମହନ୍ତ ମୁକ୍ତାରାମଙ୍କ ଡ଼ିହ ପୂର୍ବ ବାଣୁଆ ସାହି ଗୋହିରି ସରିକି ଗାଏ ଷାଠିଏ ବଖରା ଦୀର୍ଘ ଉତ୍ତର ଦ୍ୱାରର ଉତ୍ତରକୁ ମହନ୍ତ ରାମଜୀଙ୍କ ମଠ ଦକ୍ଷିଣକୁ ସରିକି ଏ ରୂପେ ଯେ ସୀମାନ୍ତ କରି ଶ୍ରୀ ଜଗନ୍ନାଥ ମହପ୍ରଭୁଙ୍କ ଅମୃତ ମଣୋହି ନିମନ୍ତେ ଯେ ଉତ୍ତରପାର୍ଶ୍ୱ ମଠ ମହନ୍ତ ଶ୍ରୀ ରାମକୃଷ୍ଣ ଦାସଙ୍କୁ ମଠ କରିବାକୁ ଯେ ଆଜ୍ଞା ଦେଲୁ । ଏଥିରେ ମଠ କରି ନିତ୍ୟାନି

Digitized by srujanika@gmail.com

ମହାପ୍ରଭୁଙ୍କୁ ଗୋପାଳ ବଲ୍ଲଭଠାରୁ ବଡ଼ସିଂହାର ସରିକି ଆଦି ଉପାଧି ଛପନ ଭୋଗ ସର୍ବାଙ୍ଗ ମଣୋହି କରୁଥିବେ । ଏଥିରେ କସ୍ମିନକାଳେ କଉଠି ସିଠ ପ୍ରସାଦ ତଳବ ନ କରିବ । ବୃଢ଼ଙ୍ଗ ସାହି ପରିଛା ବାଦି କୋପ ଖଣ୍ଡିକୁ ତୋଟା ଗୋଟିଏ ଏହି ସାହିରେ ମଠ କରବାଡ଼ି ଚକଡ଼ା ଏକ ଗୋଟି ତୋଟା ଗୋଟିଏ ଗୁଣ୍ଡିଚା ଘର ବିଜେ ଦାଣ୍ଡ ପଶ୍ଚିମ ଦାଣ୍ଡ ପଶ୍ଚିମକୁ ଯେନାପୁର ପୂର୍ବ ଦାଣ୍ଡ ସରିକି ହାତ ପ୍ରତି ବାମ ଲେଖା ଉତ୍ତର ଉତ୍ତରକୁ ତଣ୍ଟିକଟା ଗୋହିରି ଦକ୍ଷିଣ ସରିକି ଦଶମାଣକୁ ତୋଟା ଗୋଟିଏ ଗୁଣ୍ଡିଚାଘର ପୂର୍ବ ବାହି ପାଚେରି ଦାଣ୍ଡ ଗୋହିରି ପୂର୍ବକୁ ମା ୩-୮-୧୨ ତୋଟା ଗୋଟିଏ ଏ ରୂପେ ତୋଟା ମାନଙ୍କରେ ମଠର ଫୁଲ ତୁଳସି ଓଗେର କରି କରଡ଼ିଆ ଧଣ୍ଡା ଲାଗି କରାଉଥିବେ xxx'' ।

(ଏହି ସନଦ ରାଜା ଦିବ୍ୟସିଂହ ଦେବଙ୍କଦ୍ୱାରା ମଠର ତତ୍‌କାଳୀନ ମହନ୍ତ ରାମକୃଷ୍ଣ ଦାସଙ୍କୁ ପ୍ରଦାନ କରାଯାଇଥିଲା ।)

ଉପରୋକ୍ତ ସନନ୍ଦରୁ ମିଳୁଥିବା ତଥ୍ୟ ଅନୁଯାୟୀ ଉତ୍ତରପାର୍ଶ୍ୱ ମଠ ବିଜେସ୍ଥଳୀକୁ ମିଶାଇ କିଛି ଭୂମି ଓ ଗୁଣ୍ଡିଚା ମନ୍ଦିର ନିକଟରେ ଫୁଲ, ତୁଳସୀ ବଗିଚା କରିବାକୁ କେତେକ ଭୂ-ସଂପତ୍ତି ମଠକୁ ଦାନ ସୂତ୍ରରେ ଅର୍ପଣ କରାଯାଇଥିଲା ।

ସନନ୍ଦ-୨ :- (ସୂର୍ଯ୍ୟମଣି ପାଟମହାଦେଇଙ୍କ ପ୍ରଦତ୍ତ) ''ଶ୍ରୀ ପୁରୁଷୋତ୍ତମ ବଡ଼ ଦେଉଳ ପରୀକ୍ଷାଙ୍କୁ ସମସ୍ତ କାର୍ଯୀମାନଙ୍କୁ ଚଉତରା ତ୍ୟିସ୍ଲିଦାର ସିଠୀ କରଣକୁ ସୁଆର ମହାସୁଆରକୁ ଛଅ ଭୋଗ ବୀସୋଇକୀ କୋରାମଣ୍ଡା ବିସୋଇକୀ ସାତ ସାହୀ ନାଏକଙ୍କୁ ସୁଆଂଶ ପରୀକ୍ଷାକୁ ଚାରିବାଟ କରଣକୁ ବଡ଼କୁଳଠାରୁ ମଙ୍ଗଳା କୁଳ ପର୍ଯ୍ୟନ୍ତ ପେଣୁଘାଟ ବୀସୋଇ ଦଣ୍ଡିଆକୁ ମଦ୍ଧ୍ୟ ଚିଟାଉ ମାରକଣ୍ଡସୋର ସାହି ଉତ୍ତରପାରୁଷ ମଠ ମହନ୍ତ ରାମକୃଷ୍ଣ ରାମାନୁଜ ଦାସଙ୍କୁ ଏ ଚଞ୍ଜ ହୋଇଲାକୁ ଏହାଙ୍କ ସିସ୍ୱ ରାମ ପ୍ରପନ୍ନ ରାମାନୁଜ ଦାସଙ୍କୁ ଏ ମଠ ମହନ୍ତାଇ ଶାଢ଼ୀ ଆଗ୍ୟଂ ଦେଲି ଏହାଙ୍କୁ ଦେଉଳୁ ସାଢ଼ୀ ଚନ୍ଦନ ଦେଇ ସୁନା ବେଣ୍ଟ ଚାମର ଭଣ୍ଡାର ଦ୍ୱାରଠାରେ ଟେରା ଫିଟିଲା ଉତ୍ତାରୁ ଅଣସର ପିଣ୍ଡିଠାରେ ରଥ ଉପରେ ଚାପ ଉପରେ ଯାନିଯାତ୍ରା ମାନଙ୍କରେ ଓ ଆଲଟ ସେବା ମଦ୍ଧ୍ୟ ଖଟାଇବ । ଗୋପାଳବଲ୍ଲଭ ଠାରୁ ବଡ଼ ସିଂଘାର ପର୍ଯ୍ୟନ୍ତ ଏ ମଠର ଯେ ମୁଣୋହି ହେଉଥିବା ଆଧି ଉପାଧି ଛପନ ଭୋଗ କୋଇଲି ମଦ୍ଧ୍ୟ ଯେ ହେବ ଏଥିରେ ହାସିଲାତ କଡ଼ି ଶିଠ ପ୍ରସାଦ ତଳବ ନ କରିବ ହାଣ୍ଡିକରଣ ନ ଲେଖିବ ଗୋପାଳ ବଲ୍ଲଭ ଅଣସର ତାଟୀ ପଣା ସର୍ବାଙ୍ଗ ଲାଗି କରିବେ ମଠମାନଙ୍କ ସମସ୍ତା ଏ ରୁପାଦିକୁ xxx x ଅର୍ଗଳି କାଠ ଠାରେ ଖଟିବେ ଟେରା ଫିଟିଲେ ଏ ମସାଲ ଭିତରକୁ ଯିବ ଦେଉଳ ଭିତର ବେଢ଼ାରେ ପରମ୍ପରା ମାଫିକେ ସରଘର କରିବେ । ଏ ମଠକୁ ରଥ ଦଉଡ଼ି ଅସି ହା୮ ୦ଥ ଦେଉଥିବ ରୋସରୁ ଏକ ହା୨ଣ୍ଡିଏ ଲେଖାଯେ ଏ ମଠକୁ ଦକ୍ଷିଣ ଦିଗରୁ ଯେ ବୈଈଷ୍ଣବେ

Digitized by srujanika@gmail.com

ଆସିବେ ଅଟକ ନ କରୀବ ଚାରି ବାଟରେ ଯେ ଜିନିଷ ଆସୁଥିବ ଏଥିରେ ସମଙ୍ଗି ହାସିଲ ତଲବ ନ କରିବ । ଏ ମଠର ରଏତଙ୍କୁ ଦୁଆର ଭେଦା ବେଠି ତଲବ ନ କରିବ ମାଝି ମରିଧାଏ ଏ ମଠ ତୋଟା ମାନ ଏ ମହନ୍ତଙ୍କୁ ମଦ୍ଧ୍ୟ ଅନଗୃହ କରି ସୁନା ଲେସ ମଗର ମୁହାଁ ପାଲିଙ୍କି ଏ ବେଣ୍ଟ ଚଅଁର ମୟୂର ଝୁଲ ଗରୁଡ଼ ଗୋବିନ୍ଦ ତ୍ରାସ ପଙ୍ଖା ଆଡ଼େଣି ଯୋଡ଼ା ନାଗର ଯୋଡ଼ା ମଶାଲ ଅଗ୍ୟାଁ ଦେଲି ଏ ସଲତନରେ ପରମ୍ପରା ମାଫିକେ ଯା ଆସ କରିବେ ଅଟକ ନ କରିବ ଦେଉଳକୁ ରାତ୍ର ଗଲେ ଯୋଡ଼ା ମଶାଲ ଭିତର ବେଢ଼ାକୁ ନେଉଥିବେ । ବନ୍ଦ ନ କରିବ । ରଥ କର୍ମରେ ସଗଡ଼ ଓ ବାଉଁଶ ଦସ୍ତୁର ମୁତାବକ ମଠ ଦେଲେ କତା ଦଉଡ଼ୀ ଅସୀ ହାଁ ୦ଥ ଦବାର ଉପକ୍ଷା ନ କରୀବେ ଓ ଏ ମଠ ପକା ଉପରେ ଗୁଣ୍ଡିଚା ଘର ଠାରେ ଶ୍ରୀ ମହାପ୍ରଭୁଙ୍କ ପନ୍ତୀ ତୋଲାଇବେ ।''

ସେହିପରି ଅନ୍ୟ ଏକ ସନନ୍ଦରେ ଉକ୍ତ ମଠର ମହନ୍ତ ରାମ ପ୍ରପନ୍ନ ରାମାନୁଜ ଦାସଙ୍କୁ 'ମହନ୍ତାଇ ଶାଢ଼ୀ' ବନ୍ଧା ହୁକୁମନାମା ଦିଆଯାଇଥିଲା ।

ସନନ୍ଦ-୩ :- ''xxx ରାମ ପ୍ରପନ୍ନ ରାମାନୁଜ ଦାସଙ୍କୁ ଏ ମଠ 'ମହନ୍ତେଇ' ଶାଢ଼ୀ ଆଗ୍ୟାଁ ଦେଲିଁ ଏହାଙ୍କୁ ଦେଉଳୁ ଟେରା ଫିଟିଲା ଉତ୍ତାରେ ଅଣସର ପିଣ୍ଡିଠାରେ ରଥ ଉପରେ ଚାପ ଉପରେ ଯାନିଯାତ୍ରା ମାନଙ୍କରେ ଓ ଆଲଟ ସେବା ଶ୍ରୀ ଛାମୁରେ ସିଂହାସନ ତଳେ ପରମ୍ପରା ମାଫିକେ କରିବେ ମଧ ଖଟ୍ୟାଇବେ ବଲ୍ଲଭ ଠାରୁ ବଡ଼ ସିଂଗାର ପର୍ଯ୍ୟନ୍ତ ଏ ମଠର ଯେ ମଣୋହି ଦେଉଥିବ ଆଧି ଉପାଧି ଛପନ ଭୋଗ ବେଇଲି-ମଧ୍ୟ-ଖେୟ ହେବ । ଏଥିରେ ହାସିଲାତ ତେଲ କଡ଼ି ସିଠ ପ୍ରସାଦ ତଲବ ନ କରିବ ହାଣ୍ଡି କରଣ ନ ଲେଖିବ ଗୋପାଳ ବଲ୍ଲଭ ଅଣସର ତାଟି ପଣା ସର୍ବାଙ୍ଗ ଲାଗି କରିବେ ।''

ମଠର ଭୂ-ସଂପତ୍ତି :- ଉତ୍ତରପାର୍ଶ୍ୱ ମଠ ମାରଫତ୍‌ରେ ଓଡ଼ିଶା ତଥା ରାଜ୍ୟ ବାହାରେ ପ୍ରାୟ ଏଗାର ହଜାର ଏକର ଜମି ରହିଥିଲା । ଏପରିକି କେତେକ ମୁସଲମାନ ଦାତା ପାକିସ୍ତାନରେ ଥିବା କିଛି ଭୂ-ସଂପତ୍ତି ଏହି ମଠକୁ ଦାନ କରିଥିବା ଜଣାଯାଏ । ଶ୍ରୀ ଜଗନ୍ନାଥ ମନ୍ଦିର ଓ ଜଗନ୍ନାଥ ତତ୍ତ୍ୱ ପୁସ୍ତକର ଊନବିଂଶ ପରିଚ୍ଛେଦ ପୃଷ୍ଠା ୯୦,୯୨ ଓ ୯୩ ରେ ଏହି ମଠର ଭୂ-ସଂପତ୍ତି ସଂପର୍କରେ ଉଲ୍ଲେଖ ରହିଛି । ଯଥା- ଉତ୍ତରପାର୍ଶ୍ୱ ମଠର ମହନ୍ତ ଜୟରାମ ଦାସଙ୍କ ସମୟରେ କୋଡ଼ାର, କୋଠ ଦେଶ, ଡ଼ମରଖଣ୍ଡ, ରୂପାସି, ରାହାଙ୍ଗ, ଗଣସରପୁର ପ୍ରଭୃତି ପ୍ରଗଣାରେ ଥିବା ୧୪ଖଣ୍ଡ ମୌଜାର ବାର୍ଷିକ ଜମା କଉଡ଼ି ୧୩୧୦୩ କାହାଣ ୧୧ ପଣ ୯ ଗଣ୍ଡା ଥିଲା । ଶ୍ରୀ ଜଗନ୍ନାଥ ମହାପ୍ରଭୁଙ୍କ ମୋହନ ଭୋଗ ପାଇଁ ମରହଟ୍ଟା ରାଜତ୍ୱ ସମୟରେ ରଘୁଜୀ ଭୋଁସଲା ତାଙ୍କର ମାତାଙ୍କ ନାମରେ କୋଧାର ପ୍ରଗଣା 'ଅମୃତ ମଣୋହି'

Digitized by srujanika@gmail.com

ରୂପେ ଦାନ କରିଥିଲେ ବୋଲି ଖ୍ରୀ: ୧୮୦୬ରେ ପୁରୀର କଲେକ୍ଟର ୱ୍ୟୋବ୍ ସାହେବ ତାଙ୍କ ରିପୋର୍ଟର ଦଶମ ପାରାରେ ସରକାରଙ୍କୁ ଜଣାଇଥିଲେ । ଏହା ବ୍ୟତୀତ ସିରେଇ ପ୍ରଗଣାର ଅଠରବାଟି ମୌଜାରେ ୨୦ବାଟି, ରାହାଙ୍ଗ ପ୍ରଗଣାର ବାଙ୍ଗୁରୁବା ମୌଜାରେ ୫୦ ବାଟି ୧୪ ମାଣ (ଗୋପାଳବଲ୍ଲଭ ଭୋଗ ନିମନ୍ତେ । ଦାତା ମହାରାଜା ଦିବ୍ୟସିଂହ ଦେବ), ବାଁ ଚାଷ ପ୍ରଗଣାର ଗଣେଶ୍ୱରପୁର ମୌଜାରେ ୧୩ ମାଣ ଏହିପରି ମୋଟ୍ ୭୬ ବାଟି ୬ମାଣ ଜମି ମଠକୁ ଦାନ ସୂତ୍ରରେ ମିଳିଥିଲା । ପୁନଶ୍ଚ ଶ୍ରୀମନ୍ଦିରର ଅମୃତ ମଣୋହି ଖର୍ଚ୍ଚ ସକାସେ କୃଷ୍ଣ ଦାସ ବେଧାଢୀ ମହାରାଜ ଉକ୍ତ ମଠର ମହନ୍ତ ଜଏରାମ ଦାସଙ୍କୁ ସଦର ମୌଜା ଗଏଣ୍ଡୋଳ ଓ ଓଳଧାର ପ୍ରଗଣାରେ ମୋଟ୍ ୮୬୫ମାଣ ୧୬ ବିଶ୍ୱା ଭୂ-ସଂପତ୍ତି ଦାନ କରିଥିଲେ ।

ଓଡ଼ିଶା ଜମିଦାରୀ ଉଚ୍ଛେଦ ଆଇନ୍ ଇତ୍ୟାଦି ଭୂ-ସଂସ୍କାର ଆଇନ୍ ପ୍ରବର୍ତ୍ତନ ଫଳରେ ମଠର ଅନେକ ଜମି ପ୍ରଜାମାନଙ୍କ ନାମରେ ସ୍ଥିତିବାନ ସ୍ୱତ୍ୱରେ ରେକର୍ଡ଼ ହୋଇଯାଇଛି । ମଠ ପକ୍ଷରୁ କେବଳ ୧୭୦୦ ଏକର ସମ୍ପତ୍ତି ପାଇଁ ଦାବୀ କରାଯାଇଥିବାବେଳେ ଅଦ୍ୟାବଧି ପ୍ରାୟ ୨୫୦ ଏକର ସମ୍ପତ୍ତି ମଠ ନାମରେ ରେକର୍ଡ଼ କରାଯାଇଅଛି ।

ସମ୍ପ୍ରତି ଶ୍ରୀ ରାମାନୁଜ ସମ୍ପ୍ରଦାୟର ଅନ୍ୟତମ ପ୍ରମୁଖ ଅନୁଷ୍ଠାନ ଏହି ମଠର ଆର୍ଥିକ ସ୍ୱଚ୍ଛଳତା ଦିଗରେ କିଛିଟା ଉନ୍ନତି ପରିଲକ୍ଷିତ ହେବା ସଙ୍ଗେ ସଙ୍ଗେ ଗତ ଦୁଇ ତିନି ବର୍ଷ ଧରି ମଠ ବିଜେ ସ୍ଥଳୀର କେତେକ ଉନ୍ନତିକର କାର୍ଯ୍ୟ ସମ୍ଭବ ହୋଇପାରିଛି । ଏପରିକି ଦୀର୍ଘ ଶହ ଶହ ବର୍ଷର ପରମ୍ପରା ଅଦ୍ୟାବଧି ଏହି ମଠରେ ଚାଲି ଆସୁଅଛି । ବର୍ତ୍ତମାନର ମହନ୍ତ ମହାପ୍ରଭୁଙ୍କ ସେବାରେ ନିଜକୁ ନୟୋଜିତ କରିଆସୁଅଛନ୍ତି । ପ୍ରତ୍ୟେକ ବର୍ଷ ସ୍ନାନଯାତ୍ରା, ରଥଯାତ୍ରା, ବାହୁଡ଼ା ଯାତ୍ରା ସମୟରେ ମହାପ୍ରଭୁଙ୍କ ପହଣ୍ଡି ବିଜେ ସମୟରେ ମହନ୍ତ ମହାରାଜ ନିଜେ ସୁନାବେଣ୍ଟ ଚାମର ସେବା କରୁଥିବା ଜଣାଯାଏ । ରାଜ୍ୟ ଦେବୋତ୍ତର ବିଭାଗ ତରଫରୁ ଏହି ମଠ ପାଇଁ ଏକ ଟ୍ରଷ୍ଟ ବୋର୍ଡ଼ ଗଠନ କରାଯାଇଅଛି । ଏଥିରେ ଶ୍ରୀମନ୍ଦିରର ପୂର୍ବତନ ପ୍ରଶାସକ ଶ୍ରୀଯୁକ୍ତ ଶରତ ଚନ୍ଦ୍ର ମହାପାତ୍ର, ଡ଼ଃ ବିଜୟ ନାରାୟଣ ରାମାନୁଜ ଦାସ, ଆଡ଼ଭୋକେଟ୍ ଶ୍ରୀକାନ୍ତ ମହାନ୍ତି ପ୍ରମୁଖ ମନୋନୀତ ହୋଇଛନ୍ତି ।

✤ ✤ ✤

Digitized by srujanika@gmail.com

ଗୋପାଳ ତୀର୍ଥ ମଠ

ଶ୍ରୀ ଶଙ୍କର ସମ୍ପ୍ରଦାୟ (ଶୈବ ସମ୍ପ୍ରଦାୟ)ର ଅନ୍ୟତମ ପ୍ରସିଦ୍ଧ ମଠ ରୂପେ ପୁରୀ ବାଲି ସାହିସ୍ଥିତ ପୁରୁଣା ନଅର ନିକଟରେ 'ଗୋପାଳ ତୀର୍ଥ ମଠ' ଅବସ୍ଥିତ । ଗୋବର୍ଦ୍ଧନ ମଠ ପ୍ରତିଷ୍ଠା ହେବାର ପରବର୍ତ୍ତୀ ସମୟରେ ଶଙ୍କରାଚାର୍ଯ୍ୟଙ୍କ ଶିଷ୍ୟଗଣ ପବିତ୍ର ଶ୍ରୀକ୍ଷେତ୍ରରେ ଏହି ସମ୍ପ୍ରଦାୟର ଯେଉଁ ପାଞ୍ଚ ଗୋଟି ମଠ ସ୍ଥାପନ କରିଥିଲେ ତନ୍ମଧ୍ୟରେ 'ଗୋପାଳ ତୀର୍ଥ ମଠ' ଅନ୍ୟତମ । ଜନଶ୍ରୁତି ଅନୁଯାୟୀ ଏହି ମଠର ପ୍ରତିଷ୍ଠାତା ହେଉଛନ୍ତି ବିଶିଷ୍ଟ ସନ୍ୟାସୀ ତଥା ସାଧକ ଗୋପାଳ ତୀର୍ଥ ସ୍ୱାମୀ । ତାଙ୍କରି ନାମାନୁସାରେ ଏହି ମଠର ନାମ 'ଗୋପାଳ ତୀର୍ଥ ମଠ' ହୋଇଛି । କେତେକ ପୁରୁଖା ତଥା ସ୍ଥାନୀୟ ଅଧିବାସୀମାନଙ୍କ ବକ୍ତବ୍ୟ ଅନୁଯାୟୀ ମଠ ପ୍ରତିଷ୍ଠା ହେବା ପୂର୍ବରୁ ଏହି ସ୍ଥାନ ଏକ ତନ୍ତ୍ର ପୀଠ ଥିଲା । କାରଣ 'ଭୁବନେଶ୍ୱରୀ' ଏହି ମଠର ଅଧିଷ୍ଠାତ୍ରୀ ଦେବୀ । ସମଗ୍ର ଉତ୍କଳରେ ଏହା 'ଭୁବନେଶ୍ୱରୀ ପୀଠ' ନାମରେ ଖ୍ୟାତ । ଏପରିକି ଶଙ୍କର ବା ଶୈବ ସମ୍ପ୍ରଦାୟର ଅନ୍ୟାନ୍ୟ ମଠର ମୁଖ୍ୟ ଅଭିଷ୍ଟ ଦେବଦେବୀଙ୍କ ମଧ୍ୟରେ 'ଭୁବନେଶ୍ୱରୀ' ଅଧିଷ୍ଠାତ୍ରୀ ବିଗ୍ରହ ରୂପେ ପୂଜିତ ହେଉ ନାହାଁନ୍ତି । ଦ୍ୱାଦଶ ଶତାବ୍ଦୀର ଶେଷ ଭାଗରେ ଏହି ମଠଟି ପ୍ରତିଷ୍ଠା ହୋଇଥିବାର ଅନୁମାନ କରାଯାଏ । କଥିତ ଅଛି, ଗଙ୍ଗ ବଂଶର ରାଜଗୁରୁ ବାସୁଦେବ ରଥ ଏହି ମଠର ଶିଷ୍ୟ ଥିଲେ । ଏପରିକି ଶ୍ରୀଜଗନ୍ନାଥଙ୍କ ପରମ ଭକ୍ତ ଗଣପତି ଭଞ୍ଜ, ଭଞ୍ଜ ଯାଗା ପ୍ରତିଷ୍ଠା କରିବା ସଙ୍ଗେ ସଙ୍ଗେ ଉକ୍ତ ମଠର ପୃଷ୍ଠପୋଷକ ମଧ୍ୟ ଥିଲେ । ଭୁବନେଶ୍ୱରର ଶ୍ରୀ ଲିଙ୍ଗରାଜ ମନ୍ଦିର ନିକଟରେ ତଥା ବିନ୍ଦୁସାଗର ପୁଷ୍କରିଣୀ କୂଳରେ ଏହି ମଠର ଏକ ଶାଖା ମଠ ମଧ୍ୟ ରହିଅଛି ।

ଏକଦା ଗୋପାଳ ତୀର୍ଥ ମଠରେ ମହତ୍‌ବାଣୀ ଅହରହ ପ୍ରତିଧ୍ୱନିତ ହେଉଥିଲା । ଯଥା :-

କେଚିଦ୍ ବଦନ୍ତି ଧନହୀନ ଜନୋ ଜଘନ୍ୟ
କେଚିଦ୍ ବଦନ୍ତି ଗୁଣହୀନ ଜନୋ ଜଘନ୍ୟ,
ବ୍ୟାସୋ ବଦତ୍ ଅଖିଳ ବେଦ ବିଷୟାନଭିଜ୍ଞ,
ନାରାୟଣ ସ୍ମରଣ ହୀନ ଜନୋ ଜଘନ୍ୟଃ ॥

Digitized by srujanika@gmail.com

ଉକ୍ତ ମଠରେ ବହୁ ସିଦ୍ଧି ସାଧକ ମଠାଧୀଶ ରୂପେ ପ୍ରତିଷ୍ଠିତ ହୋଇ ସନାତନ ହିନ୍ଦୁ ଧର୍ମର ସଂସ୍ଥାପନା କରାଇଥିଲେ ।

ବିଜେସ୍ଥଳୀ :- ବାଲି ସାହି ପୁରୁଣା ନଅରର ରାଣୀ ପୋଖରୀ ସମ୍ମୁଖରେ ଏହି ମଠଟି ଅବସ୍ଥିତ । ସମ୍ପ୍ରତି ରାଣୀ ପୋଖରୀଟି ପୋତି ହୋଇଯାଇ ସେଠାରେ ଏକ ଜନବସତି ଗଢ଼ି ଉଠିଛି । ଉକ୍ତ ମଠର ନାମାନୁସାରେ ଏହି ଉପ ସାହିଟି 'ଗୋପାଳ ତୀର୍ଥ ଲେନ୍' ନାମରେ ସୁପରିଚିତ । ପୂର୍ବରୁ ମଠର ବିଜେସ୍ଥଳୀଟିର ଆୟତନ ପ୍ରାୟ ଛଅ ଏକର ଥିଲା । ପରବର୍ତ୍ତୀ ସମୟରେ ଏଥିରୁ କେତେକ ଅଂଶ ହସ୍ତାନ୍ତର ହୋଇଯାଇଥିବାରୁ ବନ୍ଦୋବସ୍ତ ରେକର୍ଡ଼ରେ ବିଜେସ୍ଥଳୀଟି ମୋଟ୍ ପାଞ୍ଚ ଏକର ତିନିଶହ ଡ଼ିସିମିଲ ଅଟେ । କିନ୍ତୁ ପ୍ରକୃତ ପକ୍ଷେ ମଠର ଖାସ୍ ଦଖଲରେ ବିଜେସ୍ଥଳୀଟି ବର୍ତ୍ତମାନ ମାତ୍ର ଦୁଇ ଏକର ଦୁଇଶହ ପଚାଶ ଡ଼ିସିମିଲି ଜମି ଉପରେ ରହିଅଛି ।

ଦୀର୍ଘଦିନ ଧରି ଉପଯୁକ୍ତ ରକ୍ଷଣାବେକ୍ଷଣ ଓ ମରାମତି ଅଭାବରୁ ମଠର ଗୃହ ଗୁଡ଼ିକ ଜୀର୍ଣ୍ଣ ଶୀର୍ଣ୍ଣ ଅବସ୍ଥାରେ ରହିଅଛି । ମଠର ମୁଖ୍ୟ ଦ୍ୱାର ପଶ୍ଚିମାଭିମୁଖୀ । ବିଜେସ୍ଥଳୀରେ ବର୍ତ୍ତମାନ ଦୃଶ୍ୟମାନ ହେଉଥିବା ଗୃହ ଗୁଡ଼ିକ ମଧ୍ୟରେ ମହନ୍ତଙ୍କ ନିବାସ, କଚେରୀଘର, ଭଣ୍ଡାର ଘର, ପୂଜାରୀ ଘର, ମନ୍ଦିର, ଜଗମୋହନ, ପନ୍ତି ଘର, ରୋଷଘର, ଚାରୋଟି ଅଗଣା, ତିନୋଟି କୂପ, କୋଠି ଘର, କେତେକ ଅର୍ଦ୍ଧ ଭଗ୍ନ ଗୃହ ଓ ଗୁହାଳ ଘର ଅବସ୍ଥିତ । ଏତତ୍ ବ୍ୟତୀତ ଉକ୍ତ ମଠ ପରିସରରେ (ବାଡ଼ିରେ) ସାନ ଓ ବଡ଼ ଆକାରର ୧୩ରୁ ଉର୍ଦ୍ଧ୍ୱ ପୂର୍ବତନ ମଠାଧୀଶମାନଙ୍କ ସମାଧି ମନ୍ଦିର ରହିଅଛି । ମଠର ଜନୈକ ପୂର୍ବତନ କର୍ମଚାରୀଙ୍କ ବକ୍ତବ୍ୟ ଅନୁଯାୟୀ ପୂର୍ବେ ଏହି ମଠ ବିଜେସ୍ଥଳୀରେ ଏକ କ୍ଷୁଦ୍ର ପୁଷ୍କରିଣୀ ଥିଲା । ସଂପ୍ରତି ଏହି ପୁଷ୍କରିଣୀର କୌଣସି ଚିହ୍ନ ବର୍ଣ୍ଣ ନାହିଁ । ଅନେକ ବର୍ଷ ହେବ ଏହି ସ୍ଥାନଟି ପୋତାଯାଇ ତାହା ଉପରେ କେତେକ ବ୍ୟକ୍ତି ବିଶେଷ କୋଠାବାଡ଼ି ନିର୍ମାଣ କରି ବସବାସ କରୁଅଛନ୍ତି । ମଠରେ ଥିବା ପ୍ରାୟ ୩୦ ବଖରା ଘର ମଧ୍ୟରୁ ୧୦ ବଖରା ଘରର ସାମାନ୍ୟ ମରାମତି କରାଯାଇ ମଠର କର୍ମଚାରୀବୃନ୍ଦ ଓ ଅନ୍ୟାନ୍ୟ ବ୍ୟକ୍ତି ବିଶେଷ ଭଡ଼ା ସୂତ୍ରରେ ବସବାସ କରି ଆସୁଅଛନ୍ତି । ଅବଶିଷ୍ଟ ଘର ଗୁଡ଼ିକର ଛାତ ସମ୍ପୂର୍ଣ୍ଣ ରୂପେ ଭାଙ୍ଗି ଯାଇଥିବାରୁ ତାହା ବାସୋପଯୋଗୀ ହୋଇ ପାରୁନାହିଁ । ଏପରିକି ଗାଦି ମଧ୍ୟ ଅସୁରକ୍ଷିତ ଅବସ୍ଥାରେ ରହିଅଛି । ମଠ ତରଫରୁ ବିଦ୍ୟୁତ ଓ ପାଣିକଳର ସଂଯୋଗ ବ୍ୟବସ୍ଥା କରାଯାଇଅଛି ।

ମଠର ପ୍ରତ୍ନତତ୍ତ୍ୱ :- ଶ୍ରୀକ୍ଷେତ୍ରର ଏହି ପୁରାତନ ମଠର ନିର୍ମାଣ ପଦ୍ଧତି, କାନ୍ଥରେ ଥିବା ଓଡ଼ିଶୀ ଶୈଳୀର ଚିତ୍ର ପ୍ରତିମା ଇତ୍ୟାଦି ପ୍ରତ୍ନତାତ୍ତ୍ୱିକ କଳାକୃତିକୁ ସଂରକ୍ଷଣ କରାଯାଇ ପାରୁନାହିଁ । ଏହି ମଠର ଗୃହ ଗୁଡ଼ିକର ନିର୍ମାଣରେ ସାଧାରଣତଃ ଦୁଇ ପ୍ରକାରର ପଥର ଓ ପୁରାତନ ଇଟା ବ୍ୟବହୃତ ହୋଇଥିବା ଦୃଷ୍ଟିଗୋଚର ହେଉଅଛି, ଯାହାକି - ସାହାଣ ପଥର

Digitized by srujanika@gmail.com

ଓ ମାଙ୍କଡ଼ା ପଥର ଏବଂ ସ୍ୱତନ୍ତ୍ର ଶୈଳୀରେ ନିର୍ମିତ ଇଟା । (ଗୋବର୍ଦ୍ଧନ ମଠ ଓ ଶଙ୍କରାନନ୍ଦ ମଠର କେତେକ କାନ୍ଥରେ ଏହି ପ୍ରକାରର ଇଟା ବ୍ୟବହୃତ ହୋଇଥିବାର ଦେଖାଯାଏ) । ବିଭିନ୍ନ କାନ୍ଥର ଯୋଡ଼େଇରେ ଚୂନ ଓ ରାଗମାଟି ବ୍ୟବହୃତ ହୋଇଥିବା ଜଣାଯାଏ । ପରବର୍ତ୍ତୀ ସମୟରେ ମଠର କେତେକ ଚଟାଣ ଓ କାନ୍ଥ ସିମେଣ୍ଟରେ ପଲସ୍ତରା ହୋଇଅଛି । ମଠର ମଧ୍ୟ ଭାଗରେ ଅବସ୍ଥିତ ମନ୍ଦିରଟି ପ୍ରାୟ ୨୫ ଫୁଟ୍ ଉଚ୍ଚ ହେବ । ଗାଦି ଘର କାନ୍ଥ ମାନଙ୍କରେ ବହୁ ପୁରାତନ ସମୟର ଚିତ୍ରମାନ ଶୋଭା ପାଉଅଛି । ଚିତ୍ର ଗୁଡ଼ିକ ମଧ୍ୟରେ ଶଙ୍କରାଚାର୍ଯ୍ୟଙ୍କ ଚାରି ଶିଷ୍ୟ, ଜଗନ୍ନାଥ, ବଳଭଦ୍ର, ସୁଭଦ୍ରା, ବ୍ରହ୍ମା, ଭୁବନେଶ୍ୱରୀ, ଶିବ, କୃଷ୍ଣଲୀଳା, ଅନନ୍ତଶୟନ, ନୃସିଂହ (ଚତୁର୍ଭୁଜ), ପାର୍ବତୀ, ଦୁର୍ଗା ଅନ୍ତର୍ଭୁକ୍ତ । ଚିତ୍ର ପ୍ରତିମା ଗୁଡ଼ିକ ଅତ୍ୟନ୍ତ ଆକର୍ଷୀୟ ଭାବରେ ସୁନ୍ଦର ଶୈଳୀରେ ଅଙ୍କିତ ହୋଇଥିବାର ଦେଖାଯାଏ । ମଠ ବିଜେସ୍ଥଳୀରେ ଥିବା ସମାଧି ମନ୍ଦିର ଓ କୂପର ନିର୍ମାଣ ଶୈଳୀ ଏହି ମଠର ପୁରାତନ ପ୍ରତ୍ନତତ୍ତ୍ୱ ଓ କଳାକୃତିକୁ ସ୍ପଷ୍ଟ ସୂଚାଉଅଛି ।

ମଠ। ଠାକୁର ଓ ପୂଜା, ନୀତି, ଉତ୍ସବ :- ଗାଦିଘର ସଂଲଗ୍ନ ଏକ ମନ୍ଦିରରେ ମଠର ମୂଳ ଅଭୀଷ୍ଟ ଭୁବନେଶ୍ୱରୀ ଦେବୀ ବିରାଜିତା । ସୂଚନାଯୋଗ୍ୟଯେ ୧୯୫୮ ମସିହାରେ ପ୍ରାୟ ୪୦ କି.ଗ୍ରା. ଓଜନ ବିଶିଷ୍ଟ ଅଷ୍ଟଧାତୁରେ ନିର୍ମିତ ମୁଖ୍ୟ ଅଧିଷ୍ଠାତ୍ରୀ ଭୁବନେଶ୍ୱରୀ ବିଗ୍ରହ (ଯାହାକି ମଠ ପ୍ରତିଷ୍ଠା ସମୟର) ଚୋରି ହୋଇଯାଇଥିଲା । ସେ ସମୟରେ ସମଗ୍ର ଓଡ଼ିଶାରେ ଏହି ଦୁର୍ଲଭ ମୂର୍ତ୍ତି ଚୋରି ଘଟଣା ଚହଳ ପକାଇ ଦେଇଥିଲା । ସେତେବେଳେ ପୁନର୍ବାର ମନ୍ଦିରର ସିଂହାସନରେ ଚତୁର୍ଭୁଜା ଦାରୁ ମୂର୍ତ୍ତି ଭୁବନେଶ୍ୱରୀଙ୍କୁ ପ୍ରତିଷ୍ଠା କରାଯାଇଥିଲା । ଧ୍ୟାନମୁଦ୍ରା ଭଙ୍ଗୀରେ ଥିବା ଦେବୀ ବିଗ୍ରହଙ୍କର ଉଚ୍ଚତା ପ୍ରାୟ ୩ ଫୁଟ୍ ହେବ । ଦେବୀଙ୍କ ଉପର ଦୁଇ ହସ୍ତରେ ସର୍ପ, ଅଙ୍କୁଶ ଏବଂ ତଳ ଦୁଇ ହସ୍ତ ଅଭୟ ଓ ବରଦ ମୁଦ୍ରାରେ ସୁଶୋଭିତ ।

ଦେବୀ ବିଗ୍ରହଙ୍କର ଠିକ୍ ନିମ୍ନରେ ୨ ଫୁଟ୍ ଉଚ୍ଚତା ବିଶିଷ୍ଟ ଧାତୁ ବିଗ୍ରହ ଭୁବନେଶ୍ୱରୀ (ଚଳନ୍ତି ପ୍ରତିମା) ସିଂହାସନାସୀନା । ଅନ୍ୟାନ୍ୟ ଦେବଦେବୀ ବିଗ୍ରହ ମଧ୍ୟରେ ଚତୁର୍ଭୁଜା କନକ ଦୁର୍ଗା ୧ ମୂର୍ତ୍ତି, ଅଷ୍ଟଭୁଜା ଦୁର୍ଗା (ଧାତୁ) ୧ ମୂର୍ତ୍ତି, ଚାମୁଣ୍ଡା - ୧ମୂର୍ତ୍ତି, ଲକ୍ଷ୍ମୀ ନାରାୟଣ - ୧ ମୂର୍ତ୍ତି, ଶ୍ରୀରାମ, ଲକ୍ଷ୍ମଣ, ସୀତା, ଭରତ, ଶତ୍ରୁଘ୍ନ - ୫ମୂର୍ତ୍ତି, ରାଧାକୃଷ୍ଣ - ୬ ମୂର୍ତ୍ତି, ଗୁରୁଣ୍ଡି ଗୋପାଳ - ୩ ମୂର୍ତ୍ତି, ଲଡୁଗୋପାଳ-୪ ମୂର୍ତ୍ତି, ଭୈରବ - ୧ମୂର୍ତ୍ତି, ଅଷ୍ଟଭୁଜା ଦୁର୍ଗା - ୧ ମୂର୍ତ୍ତି, ମହାଲକ୍ଷ୍ମୀ - ୧ମୂର୍ତ୍ତି, ବଗଳା - ୧ମୂର୍ତ୍ତି, ପତିତପାବନ (ଦାରୁ ମୂର୍ତ୍ତି), ନାରାୟଣୀ, ସନ୍ତୋଷୀ ମା, ସରସ୍ୱତୀ ଓ ନୃସିଂହ- ଏକ ମୂର୍ତ୍ତି ଲେଖାଏଁ ଓ ଶାଳଗ୍ରାମ ଇତ୍ୟାଦି ସିଂହାସନରେ ପ୍ରତିଷ୍ଠା ପୂର୍ବକ ଦୈନନ୍ଦିନ ପୂଜାର୍ଚ୍ଚନା ହେଉଅଛି । ମଠରେ ନିଯୁକ୍ତ ଜନୈକ ପୂଜାରୀ ଠାକୁର ମାନଙ୍କର ସେବାପୂଜା ଦାୟିତ୍ୱରେ ରହିଛନ୍ତି ।

Digitized by srujanika@gmail.com

ଶୈବ ସମ୍ପ୍ରଦାୟର ଏହି ମଠରେ ପୂଜିତ ଅନ୍ୟାନ୍ୟ ଦେବ ଦେବୀ ବିଗ୍ରହଙ୍କ ମଧ୍ୟରେ ଭୁବନେଶ୍ୱରୀଙ୍କୁ କାହିଁକି ମଠର ମୁଖ୍ୟ ଅଧିଷ୍ଠାତ୍ରୀ ଦେବୀ ରୂପେ ଉପାସନା କରାଯାଇ ଆସୁଅଛି; ତାହା ଗବେଷଣା ସାପେକ୍ଷ । ମଠରେ ବିରାଜିତ ଠାକୁରମାନଙ୍କ ଦୈନନ୍ଦିନ ନୀତି ଅନୁଯାୟୀ ପ୍ରତ୍ୟହ ସ୍ନାନ, ବାଲଭୋଗ,ଅନ୍ନଭୋଗ, ସନ୍ଧ୍ୟା ଆଳତୀ, କ୍ଷୀରି ଭୋଗ ଇତ୍ୟାଦି ଅନ୍ୟତମ । ଏତଦ୍‌ବ୍ୟତୀତ ମୁଖ୍ୟ ପର୍ବ ପର୍ବାଣୀ ମଧ୍ୟରେ ଗହ୍ମା ପୂର୍ଣ୍ଣିମା, ଶୀତଳ ଷଷ୍ଠୀ, କୁମାର ପୂର୍ଣ୍ଣିମୀ, ଶ୍ରୀରାମ ନବମୀ, ଦଶହରା, ଜନ୍ମାଷ୍ଟମୀ, ଦେବସ୍ନାନ ପୂର୍ଣ୍ଣିମା, ବାସନ୍ତିକ ପୂଜା,ଦୁର୍ଗାପୂଜା ଇତ୍ୟାଦି ଅନ୍ୟତମ । ସ୍ନାନ ପୂର୍ଣ୍ଣିମା ଦିନ ମଠରେ ଠାକୁର ମାନଙ୍କର ସ୍ୱତନ୍ତ୍ର ପୂଜାର୍ଚ୍ଚନା ହୋଇଥାଏ । ଶୀତଳ ଷଷ୍ଠୀ ଦିନ ବାଲି ସାହିର 'ବାଟଲୋକନାଥ' ଏହି ମଠକୁ ବିଜେ ପୂର୍ବକ ପରମ୍ପରା ଅନୁଯାୟୀ ମଠର ଅଧିଷ୍ଠାତ୍ରୀ ଦେବୀ ଭୁବନେଶ୍ୱରୀ (ଚଳନ୍ତି ପ୍ରତିମା)ଙ୍କୁ ଚୋରି କରି ନେଇ ଯାଇଥାନ୍ତି । ଏହା 'କନ୍ୟା ଚୋରି' ପ୍ରଥା ବୋଲି କଥିତ ଅଛି । ଏହାପରେ ବାଟ ଲୋକନାଥଙ୍କ ମନ୍ଦିରରେ ବିବାହ ନୀତି ଅନୁଷ୍ଠିତ ହୋଇଥାଏ । ବାଟ ଲୋକନାଥ କନ୍ୟା ଚୋରି କରିବା ସମୟରେ ମଠର ବିଜେସ୍ଥଳୀଠାରେ ତାଙ୍କ ଉଦ୍ଦେଶ୍ୟରେ ପନ୍ତି ଭୋଗ ହୋଇଥାଏ ।

ଶ୍ରୀମନ୍ଦିର ସହ ମଠର ସମ୍ପର୍କ :

ଶ୍ରୀଜଗନ୍ନାଥ ମନ୍ଦିର ସ୍ୱତ୍ୱଲିପି (Record of Rights) ର ୧୧୯ ନମ୍ବରର ବ୍ୟକ୍ତିଗତ ସେବା ତାଲିକାର କ୍ରମିକ ନମ୍ବର ୫୪ରେ ଗୋପାଳ ତୀର୍ଥ ମଠର ନାମ ଉଲ୍ଲେଖ ରହିଅଛି । ଯଥା - 'ଅନ୍ୟ ସ୍ୱାମୀଙ୍କ ପରି ଅଧିକାର ଅଛି' । ଅର୍ଥାତ୍ ଏହି ମଠର ସ୍ୱାମୀ ଦଣ୍ଡ ଧରି ଯାଇ ପାରିବେ ଓ ମନ୍ଦିର ବେଢ଼ାରେ ଆସନ ପକାଇ ବସି ପାରିବେ । ଏତଦ୍‌ବ୍ୟତୀତ ତାଙ୍କର ମୁକ୍ତିମଣ୍ଡପ ଉପରେ ବସିବାର ମଧ୍ୟ ଅଧିକାର ରହିଛି । ବିଶେଷ କରି ପ୍ରତ୍ୟେକ ବର୍ଷ ସ୍ନାନ ପୂର୍ଣ୍ଣିମା ଦିନ ଶ୍ରୀମନ୍ଦିରର ସ୍ନାନ ବେଦୀରେ ବଳଭଦ୍ର ଓ ସୁଦର୍ଶନଙ୍କ ବାଡ଼ରେ ହାତୀ ବେଶ ସାମଗ୍ରୀ ଯୋଗାଉଥିବା ଯୋଗୁଁ ଏହି ମଠ ଶ୍ରୀକ୍ଷେତ୍ରର ଅନ୍ୟାନ୍ୟ ମଠ ମଧ୍ୟରେ ପ୍ରସିଦ୍ଧି ଲାଭ କରିଥିଲା । ମଠ ସୂତ୍ରରୁ ଜଣାଯାଏ ଯେ ଅକ୍ଷୟ ତୃତୀୟାଠାରୁ ହାତୀ ବେଶ କାର୍ଯ୍ୟର ଶୁଭାରମ୍ଭ ହୋଇଥାଏ । ପ୍ରାୟ ଦେଢ଼ ମାସ ପର୍ଯ୍ୟନ୍ତ ଏହି ବେଶ କାର୍ଯ୍ୟ ମଠ ପରିସରରେ କରାଯାଇଥାଏ । ସଂପ୍ରତି ଏହି ବେଶ ନିର୍ମାଣ ବାବଦରେ ପ୍ରାୟ କୋଡ଼ିଏ ହଜାର ଟଙ୍କା ଖର୍ଚ୍ଚ ହେଉଥିବା ମଠ କାର୍ଯ୍ୟାଳୟ ସୂତ୍ରରୁ ପ୍ରକାଶ । ଏଠାରେ ସୂଚନା ଯୋଗ୍ୟଯେ ଗତ କିଛି ବର୍ଷ ପୂର୍ବେ କେତେକ ଅନିବାର୍ଯ୍ୟ କାରଣ ବଶତଃ ଏହି ମଠ ହାତୀ ବେଶ ଯୋଗାଇ ପାରି ନଥିବାରୁ ଶ୍ରୀମନ୍ଦିର ପ୍ରଶାସନ ତରଫରୁ ଉକ୍ତ ବେଶ କାର୍ଯ୍ୟ କରାଯାଉଥିଲା । ପରବର୍ତ୍ତୀ ସମୟରେ ପୁନର୍ବାର ମଠର କାର୍ଯ୍ୟ ନିର୍ବାହୀ ଅଧିକାରୀଙ୍କ ଆବେଦନ କ୍ରମେ ମନ୍ଦିର ପ୍ରଶାସନ ପକ୍ଷରୁ ଅନୁମତି ଦିଆ ଯାଇଥିବାରୁ ସଂପ୍ରତି ନିୟମିତ ଭାବେ ମଠ ପକ୍ଷରୁ ହାତୀ ବେଶ ସାମଗ୍ରୀ ଯୋଗାଇ ଦିଆଯାଉଛି । ସ୍ନାନ ପୂର୍ଣ୍ଣମୀ ଦିନ ହାତୀ ବେଶ ଆଣିବା ପାଇଁ ଶ୍ରୀମନ୍ଦିରରୁ ଘଣ୍ଟ ,

Digitized by srujanika@gmail.com

କାହାଳି, ତେଲେଙ୍ଗି ବାଦ୍ୟ ଯାଇ ମଠ ପରିସରରେ ପହଞ୍ଚିବା ପରେ ବର୍ଣ୍ଣାଢ଼୍ୟ ଶୋଭାଯାତ୍ରା ସହକାରେ ବାଉଁଶ ପାତିଆରେ ନିର୍ମିତ ଦୁଇଟି ବୃହତ୍ ଡାଟରେ ହାତୀବେଶ ସାମଗ୍ରୀ ଆସିଥାଏ । ଉକ୍ତ ଦିନ ଶ୍ରୀମନ୍ଦିର ତରଫରୁ ଗୋପାଳ ତୀର୍ଥ ମଠ ସ୍ୱାମୀଙ୍କ 'ପଟନି ଶାଢ଼ି ୧ ମୁଠି' ପ୍ରଦାନ କରାଯାଉଥିବା ବିଷୟ ସ୍ୱତ୍ତ୍ୱଲିପିରେ ଉଲ୍ଲେଖ ରହିଛି । ଏତଦ୍‌ବ୍ୟତୀତ ମକର ସଂକ୍ରାନ୍ତି ଦିନ ମକର ଚୂଳ ଏହି ମଠ ଯୋଗାଇଥାନ୍ତି ।

ଶ୍ରୀ ସୁଦର୍ଶନ, ବାଡ଼ି ନୃସିଂହ, ପଣ୍ଡୁ ନୃସିଂହ ପ୍ରଭୃତି ଠାକୁରମାନଙ୍କ ବାହାର ବିଜେରେ ମଠ ତରଫରୁ ପନ୍ତି ଭୋଗ ହୋଇଥାଏ । ନିମ୍ନରେ ଏକ ତାଲିକା ପ୍ରଦାନ କରାଗଲା ।

(୧) ବାହୁଡ଼ା ଯାତ୍ରା (୨) ଚକ୍ରବୁଲା ଏକାଦଶୀ

(୩) ବାଡ଼ି ନୃସିଂହ - ଶ୍ରାବଣ ଶୁକ୍ଳ ନବମୀ (୪) ଗହ୍ମା ପୂର୍ଣ୍ଣିମା (ଶ୍ରାବଣ ଶୁକ୍ଳ ପୂର୍ଣ୍ଣିମା) (୫) କୁମାର ପୂର୍ଣ୍ଣିମା - ସୁଦର୍ଶନ ବିଜେ (୬) ପଣ୍ଡୁ ନୃସିଂହ (ମାର୍ଗଶୀର ଶୁକ୍ଳ ଚତୁର୍ଦ୍ଦଶୀ) (୭) ବାଡ଼ି ନୃସିଂହ (ଚୈତ୍ର ଶୁକ୍ଳ ପଞ୍ଚମୀ) ।

ମଠ ପରିଚାଳନା :

ରାଜ୍ୟ ଦେବୋତ୍ତର ବିଭାଗ ଅଧୀନରେ ପରିଚାଳିତ ହେଉଥିବା ଏହି ମଠର ଆର୍ଥିକ ଅବସ୍ଥା ସ୍ୱଚ୍ଛଳ ନୁହେଁ । ମଠର ଖଜଣା, ବିଦ୍ୟୁତ ଶୁଳ୍କ, ଠାକୁର ମାନଙ୍କ ଦୈନନ୍ଦିନ ଓ ପର୍ବାଣୀ ନୀତି, ହାତୀ ବେଶ ଯୋଗାଣ ଓ ମଠ ପରିଚାଳନା ବାବଦରେ ବାର୍ଷିକ ପ୍ରାୟ ଅଶି ହଜାରରୁ ଏକ ଲକ୍ଷ ଟଙ୍କା ମଧ୍ୟରେ ବ୍ୟୟ ହେଉଥିଲେ ହେଁ ତଦନୁଯାୟୀ ଆୟ ଆସିପାରୁନାହିଁ । ମଠର ବିଜେସ୍ଥଳୀରେ ଥିବା କେତେକ ଗୃହକୁ ଭଡ଼ା ସୂତ୍ରରେ ଦିଆଯାଇ ସେଥିରୁ ତଥା ଅନ୍ୟାନ୍ୟ ବାବଦରୁ ସଂଗୃହୀତ ଅର୍ଥରେ ମଠ ପରିଚାଳନା ହେଉଥିବା ଜଣାଯାଏ । ମଠ କାର୍ଯ୍ୟାଳୟ ସୂତ୍ରରୁ ପ୍ରକାଶ ଯେ, ୧୯୫୬ ମସିହା ପର୍ଯ୍ୟନ୍ତ ବାସୁଦେବ ତୀର୍ଥ ସ୍ୱାମୀ ଉକ୍ତ ମଠର ମଠାଧୀଶ ରୂପେ କାର୍ଯ୍ୟ ନିର୍ବାହ କରୁଥିଲେ । ତପ୍‌ରେ ଶଙ୍କର ଗୋପାଳ ତୀର୍ଥ ସ୍ୱାମୀ ୧୯୫୬ ମସିହାରୁ ୧୯୮୬ ମସିହା ପର୍ଯ୍ୟନ୍ତ ଏହି ମଠର ମଠାଧୀଶ ରୂପେ କାର୍ଯ୍ୟ ତୁଳାଉଥିବା ସମୟରେ ମଠ ପରିତ୍ୟାଗ କରି ଚାଲିଯାଇଥିଲେ । ତାଙ୍କ ନାମରେ କେତେକ ଆପତ୍ତି, ଅଭିଯୋଗ ରାଜ୍ୟ ଦେବୋତ୍ତର ବିଭାଗରେ ଦାୟର କରାଯିବାପରେ ଉକ୍ତ ଘଟଣାର ତଦନ୍ତ କରି ରାଜ୍ୟ ଦେବୋତ୍ତର କମିଶନର ୧୯୯୫ ମସିହାରେ ତାଙ୍କୁ ମଠାଧୀଶ ପଦବୀରୁ ବହିଷ୍କାର କରିବା ଆଦେଶ ପ୍ରଦାନ କରିଥିଲେ । ସେହିଦିନଠାରୁ ଅଦ୍ୟାବଧି ଉକ୍ତ ମଠର କୌଣସି ମଠାଧୀଶ ନାହାଁନ୍ତି ।

ରାଜ୍ୟ ଦେବୋତ୍ତର ବିଭାଗର ନିୟନ୍ତ୍ରଣାଧୀନ ହେବା ପରେ ଉକ୍ତ ମଠର ପ୍ରଥମ କାର୍ଯ୍ୟନିର୍ବାହୀ ଅଧିକାରୀ ରୂପେ ଶ୍ରୀ ଉଦୟନାଥ ମହାନ୍ତି ନିଯୁକ୍ତି ପାଇଥିଲେ । ତତ୍‌ପରେ

Digitized by srujanika@gmail.com

ଶ୍ରୀ ଅନାମ ଦଳେଇ, ଶ୍ରୀ ବଳଭଦ୍ର ପ୍ରଧାନ ଓ ଶ୍ରୀ ରମେଶ ଚନ୍ଦ୍ର ରଣା କିଛି ବର୍ଷ ପାଇଁ ଏହି ପଦବୀରେ ରହି କାର୍ଯ୍ୟ କରିଥିଲେ । ସମ୍ପ୍ରତି ଶ୍ରୀ ବିକ୍ରମ କେଶରୀ ସାମନ୍ତରା ଏହି ମଠର କାର୍ଯ୍ୟନିର୍ବାହୀ ଅଧିକାରୀ ରୂପେ ଦାୟିତ୍ୱ ତୁଲାଉଛନ୍ତି । ବିଭିନ୍ନ ସୂତ୍ରରୁ ସଂଗ୍ରହ କରାଯାଇଥିବା ତଥ୍ୟ ଅନୁଯାୟୀ ଏହି ମଠର ମାତ୍ର ଛଅ ଜଣ ମଠାଧୀଶ ମାନଙ୍କ ନାମ ମିଳୁଅଛି । ତନ୍ମଧ୍ୟରେ ମାଧବାନନ୍ଦ ତୀର୍ଥସ୍ୱାମୀ, ଗୋପାଳ ତୀର୍ଥସ୍ୱାମୀ, ନାରାୟଣ ତୀର୍ଥସ୍ୱାମୀ, ବାସୁଦେବ ତୀର୍ଥସ୍ୱାମୀ, ମାଧବାନନ୍ଦ ତୀର୍ଥସ୍ୱାମୀ ଓ ଶେଷ ମହନ୍ତ ଶଙ୍କର ଗୋପାଳ ତୀର୍ଥ ସ୍ୱାମୀ । ଉଲ୍ଲେଖ ଯୋଗ୍ୟ ବିଷୟ ଏହି ଯେ କୌଣସି ଏକ ସମୟରେ ମଠର ପରମ୍ପରା କ୍ରମେ ଉତ୍ତରାଧିକାରୀ ଭାବେ ତିନୋଟି ମଠାଧୀଶଙ୍କ ନାମ କ୍ରମାନ୍ୱୟରେ ଗଢ଼ି ଆସୁଅଛି । ଅପର ପକ୍ଷରେ ମଠ କାର୍ଯ୍ୟାଳୟରେ ମଠାଧୀଶ ମାନଙ୍କ ସର୍ବଶେଷ ତାଲିକା ଓ ମଠ ସମ୍ପର୍କୀୟ ସନନ୍ଦ, ପୁରାତନ କାଗଜାତ୍, ରେକର୍ଡ଼ ଇତ୍ୟାଦି ଉପଲବ୍ଧ ହେଉନଥିବାରୁ ସମସ୍ତ ମଠାଧୀଶ ମାନଙ୍କ ତାଲିକା ପ୍ରକାଶ କରିବା ସମ୍ଭବପର ହୋଇପାରୁନାହିଁ । ଏପରିକି ଅର୍ଥ ଅଭାବରୁ ମଠର ଜୀର୍ଣ୍ଣ ସଂସ୍କାର, ରକ୍ଷଣାବେକ୍ଷଣ କାର୍ଯ୍ୟ ବାଧାପ୍ରାପ୍ତ ହେବା ସଙ୍ଗେ ସଙ୍ଗେ ଆଡ଼ମ୍ବର ସହକାରେ ଉତ୍ସବାଦି ପାଳନ କରା ଯାଇପାରୁନାହିଁ । ହାତୀବେଶ ଓ ପନ୍ତି ଭୋଗ ବ୍ୟତୀତ କେବଳ ବିଧି ରକ୍ଷା ପୂର୍ବକ ଦୈନନ୍ଦିନ ନୀତି ଓ ପର୍ବପର୍ବାଣୀମାନ ପାଳନ କରାଯାଉଅଛି ।

୧୯୦୭ ମସିହାରେ ଉକ୍ତ ମଠର ମହନ୍ତ ରୂପେ ମାଧବାନନ୍ଦ ତୀର୍ଥସ୍ୱାମୀ ରହିଥିବାର ପ୍ରମାଣ ମଳୁଅଛି । ଗୋପାଳତୀର୍ଥ ମଠର ତତ୍କାଳୀନ ମଠାଧୀଶ ମାଧବାନନ୍ଦ ତୀର୍ଥସ୍ୱାମୀ ବାରଣାସୀର ବେଦ ପାଠଶାଳା ଢ଼ାଞ୍ଚାରେ ଏକ ପାଠଶାଳା ପଣ୍ଡିତ ସଦାଶିବ ମିଶ୍ରଙ୍କ ସହଯୋଗରେ ୧୯୦୭ ମସିହା ଫେବୃୟାରୀ ମାସରେ ପ୍ରତିଷ୍ଠା କରିଥିବା ଜଣାଯାଏ । ସେହିପରି ଦାନବୀର ହରିହର ଗୁରୁଙ୍କ ପ୍ରଚେଷ୍ଟାରେ ୧୯୧୨ ମସିହାରେ ଗଠନ ହୋଇଥିବା ଏକ ସଂସ୍କୃତ ବିଦ୍ୟାଳୟର ପରିଚାଳନା ସମିତିର ସଭାପତି ରୂପେ ମାଧବାନନ୍ଦ ତୀର୍ଥସ୍ୱାମୀଙ୍କୁ ମନୋନୀତ କରାଯାଇଥିଲା । ଏତଦ୍ ବ୍ୟତୀତ ଉକ୍ତ ନାମଧାରୀ ଗୋପାଳ ତୀର୍ଥ ମଠର ଅନ୍ୟତମ ମଠାଧୀଶ ମାଧବାନନ୍ଦ ତୀର୍ଥସ୍ୱାମୀଙ୍କ ସଂପର୍କରେ ବିଶେଷ ବିବରଣୀ ''ଓଡ଼ିଶାରେ ସାଧୁସନ୍ଥ'' ପୁସ୍ତକରେ ସ୍ୱାମୀ ମହାଦେବ ପ୍ରକାଶ ବ୍ରହ୍ମଚାରୀ ଶୀର୍ଷକ ପ୍ରବନ୍ଧରେ ପ୍ରକାଶ ପାଇଛି ।

ଶ୍ରୀମତ୍ ପରମହଂସ ପରିବ୍ରାଜକାଚାର୍ଯ୍ୟ ଜଗଦ୍‌ଗୁରୁ ୧୧୦୮ ଶ୍ରୀ ଶଙ୍କର ମାଧବାନନ୍ଦ ତୀର୍ଥସ୍ୱାମୀ ୧୯୪୨ ମସିହାରେ ମଠାଧୀଶ ରୂପେ ଗାଦିନସୀନ ହୋଇଥିଲେ । ତାଙ୍କର ପ୍ରଥମ ପିତୃଦତ୍ତ ନାମ ଥିଲା ମହାଦେବ ମିଶ୍ର । ସେ ଅବିଭକ୍ତ ଗଞ୍ଜାମ ଜିଲ୍ଲା ଘୁମୁସର ଅନ୍ତର୍ଗତ କୁଲାଡ଼ ନିକଟସ୍ଥ ଧନଞ୍ଜୟପୁର ନାମକ ଗ୍ରାମରେ ୧୮୮୨ ମସିହାରେ ଜନ୍ମ ଗ୍ରହଣ କରିଥିଲେ । ବ୍ରହ୍ମଚର୍ଯ୍ୟ ସନ୍ୟାସ ଦୀକ୍ଷା ତଥା ଗୁରୁ ଅନ୍ୱେଷଣ କରିବା ପାଇଁ ସେ ପୁରୀ ଯାତ୍ରା କରିଥିଲେ । ସେତେବେଳେ ଗୋପାଳ ତୀର୍ଥ ମଠରେ ମାଧବାନନ୍ଦ ତୀର୍ଥସ୍ୱାମୀ

Digitized by srujanika@gmail.com

ମଠାଧୀଶ ଥିଲେ । ଉକ୍ତ ମଠାଧୀଶ ମହାରାଷ୍ଟ୍ରରେ ଜନ୍ମ ଗ୍ରହଣ କରିଥିଲେ । ସେ ଜଣେ ଅସାଧାରଣ ପଣ୍ଡିତ, ଜ୍ଞାନୀ, ତାନ୍ତ୍ରିକ ତଥା ଜ୍ୟୋତିଷ ମଧ୍ୟ ଥିଲେ । ସେ ସାଧନା ବଳରେ ତମ୍ବାକୁ ସୁନାରେ ପରିଣତ କରି ଦେଇପାରୁଥିଲେ । ଏହାଙ୍କ ଖ୍ୟାତି ସର୍ବତ୍ର ପ୍ରଚାରିତ ହୋଇଥିଲା । ମାଧବାନନ୍ଦ ସ୍ୱାମୀ ମହାଦେବଙ୍କର ବିଚକ୍ଷଣ ଅଧ୍ୟବସାୟ ଓ ସାଧନାରେ ସନ୍ତୁଷ୍ଟ ହୋଇ ତାଙ୍କୁ ୧୯୩୦ ମସିହା କାର୍ତ୍ତିକ ଶୁକ୍ଳ ପଞ୍ଚମୀ ତିଥିରେ ବ୍ରହ୍ମଚାରୀ ଦୀକ୍ଷା ପ୍ରଦାନ କଲେ । ସେହି ଦିନଠାରୁ ସେ ସର୍ବତ୍ର ମହାଦେବ ପ୍ରକାଶ ବ୍ରହ୍ମଚାରୀ ଭାବେ ସୁପରିଚିତ ହେଲେ । କିଛି ଦିନ ପରେ ମାଧବାନନ୍ଦ ତୀର୍ଥ ଏବଂ ତାଙ୍କ ପରେ ଉତ୍ତରାଧିକାରୀ ଗୋପାଳ ତୀର୍ଥ ସ୍ୱାମୀଙ୍କର ମଧ୍ୟ ବିୟୋଗ ହୋଇଥିଲା । ପରମ୍ପରାକ୍ରମେ ଶ୍ରୀ ଶଙ୍କର ବାସୁଦେବ ତୀର୍ଥ ମଠାଧୀଶ ରୂପେ ଅଧିଷ୍ଠିତ ହୋଇଥିଲେ । କିଛି ବର୍ଷ ପରେ ବାସୁଦେବ ତୀର୍ଥ ସାଙ୍ଘାତିକ ରୋଗରେ ପଡ଼ିବାରୁ ପୁରୀର ସାମନ୍ତ ହରିହର ମହାପାତ୍ର ମହାଦେବ ପ୍ରକାଶ ବ୍ରହ୍ମଚାରୀଙ୍କୁ ଗଞ୍ଜାମରୁ ଡ଼କାଇ ପଠାଇଥିଲେ । ମହାଦେବ ପ୍ରକାଶ ପୁରୀକୁ ଆସି ମଠରେ ପହଞ୍ଚିଥିଲେ । ସ୍ୱାମୀଜି ନିଜ ଶେଷ ସମୟ ଭାବି ମହାଦେବ ପ୍ରକାଶଙ୍କ ନାମରେ ମଠର ସକଳ ସମ୍ପତ୍ତି ଉଇଲ କରିଦେଲେ । ୧୯୩୭ ମସିହା ମାର୍ଗଶୀର ଶୁକ୍ଳ ପଞ୍ଚମୀ ତିଥିରେ ମହାଦେବ ପ୍ରକାଶଙ୍କୁ ତତ୍‌କାଳୀନ ମଠାଧୀଶ ବାସୁଦେବ ତୀର୍ଥସ୍ୱାମୀ ସନ୍ୟାସ ଦୀକ୍ଷା ପ୍ରଦାନ କରିଥିଲେ । ସେହି ଦିନଠାରୁ ମହାଦେବ ପ୍ରକାଶ ଶ୍ରୀ ଶଙ୍କର ମାଧବାନନ୍ଦ ତୀର୍ଥ ସ୍ୱାମୀ ନାମରେ ପରିଚିତ ହେଲେ । ୧୯୪୨ ମସିହାରେ ବାସୁଦେବ ତୀର୍ଥଙ୍କର ମହାପ୍ରୟାଣ ଘଟିବାରୁ ମହାଦେବ ପ୍ରକାଶ ଓରଫ ମାଧବାନନ୍ଦ ତୀର୍ଥ ସ୍ୱାମୀ ଗୋପାଳ ତୀର୍ଥ ମଠରେ ମଠାଧୀଶ ରୂପେ ଗାଦିନାସୀନ ହୋଇଥିଲେ ।

ମାଧବାନନ୍ଦ ତୀର୍ଥ ସ୍ୱାମୀ ସାଧନାବଳରେ ବାକ୍ ସିଦ୍ଧି ଲାଭ କରିଥିଲେ । ସେ ନିଜର ସାଧନା ସିଦ୍ଧି ବଳରେ ପଦ୍ମାସନରେ ପୁରୀର ନରେନ୍ଦ୍ର ପୁଷ୍କରିଣୀ, ରସଲି କୋଣ୍ଡା (ଭଞ୍ଜନଗର)ର ଜଳଭଣ୍ଡାର ଇତ୍ୟାଦି ଗଭୀର ଜଳାଶୟ ମାନଙ୍କରେ ପାଞ୍ଚ, ସାତ ଘଣ୍ଟା ପାଣିରେ ଭାସି ଭାସି ମନ୍ତ୍ର ଜପ କରୁଥିଲେ । ଲୋକେ ଏହି ଆଶ୍ଚର୍ଯ୍ୟଜନକ ସାଧନା ଦେଖିବା ପାଇଁ ହଜାର ହଜାର ସଂଖ୍ୟାରେ ରୁଣ୍ଡ ହେଉଥିଲେ । ତାଙ୍କର ବିଭୂତି ସେବନ କରି ବହୁ ଲୋକ ନାନା ରୋଗରୁ ମୁକ୍ତ ଲାଭ କରିଥିବା ଜଣାଯାଏ । ସେ ଜଣେ ପରମ ବୈଷ୍ଣବ, ତ୍ୟାଗୀ, ଅଖଣ୍ଡ ବ୍ରହ୍ମଚାରୀ ଓ ଉଚ୍ଚ କୋଟିର ସାଧକ ବୋଲି ସବୁ ଆଡ଼େ ସୁଖ୍ୟାତି ଥିଲା । ମାଧବାନନ୍ଦ ତୀର୍ଥଙ୍କର ୧୯୫୫ ମସିହା ଜୁନ୍ ମାସ ୧୮ ତାରିଖରେ ୭୩ ବର୍ଷ ବୟସରେ ପୁରୀ ଗୋପାଳ ତୀର୍ଥ ମଠ ଠାରେ ମହାପ୍ରୟାଣ ଘଟିଥିଲା । ମଠରେ ତାଙ୍କୁ ସମାଧିସ୍ଥ କରାଯାଇଥିଲା ।

Digitized by srujanika@gmail.com

ମହାପ୍ରୟାଣର ବହୁ ପୂର୍ବରୁ ସେ ନିଜର ଭଣଜା କୃଷ୍ଣଚନ୍ଦ୍ର ମହାପାତ୍ରଙ୍କୁ ସନ୍ୟାସ ଦୀକ୍ଷା ଦେଇ ଗୋପାଳ ତୀର୍ଥ ମଠର ପରବର୍ତ୍ତୀ ମଠାଧୀଶ ରୂପେ ମନୋନୀତ କରିଥିଲେ । ତାଙ୍କର ନାମ ହେଲା ଶ୍ରୀ ଶଙ୍କର ଗୋପାଳ ତୀର୍ଥ ସ୍ୱାମୀ । ଗୋପାଳ ତୀର୍ଥ ଅଧିକାଂଶ ସମୟ ଉକ୍ତ ମଠର ଭୁବନେଶ୍ୱରରେ ଥିବା ଶାଖା ମଠରେ ଅବସ୍ଥାନ କରୁଥିଲେ । (ଦ୍ରଷ୍ଟବ୍ୟ - ଓଡ଼ିଶାରେ ସାଧୁସନ୍ଥ (ଦ୍ୱିତୀୟ ସ୍ତବକ) ସ୍ୱାମୀ ମହାଦେବ ପ୍ରକାଶ ବ୍ରହ୍ମଚାରୀ - ଲେ - ମାଗୁଣି ଦାଶ ପୃ - ୪୪୪,୪୪୬,୪୪୭) ।

ଉପରୋକ୍ତ ତଥ୍ୟାବଳୀରୁ ସ୍ପଷ୍ଟ ଭାବେ ଜଣାଯାଏ ଯେ ଦୁଇଜଣ ମାଧବାନନ୍ଦ ତୀର୍ଥ ସ୍ୱାମୀ ମଧ୍ୟରୁ ପ୍ରଥମ ସ୍ୱାମୀଙ୍କର ମହାପ୍ରୟାଣ ୧୯୩୦ ମସିହା ପରେ ଘଟିଥିବା ବେଳେ ଦ୍ୱିତୀୟ ସ୍ୱାମୀଙ୍କର ୧୯୫୫ ମସିହାରେ ଦେହାନ୍ତ ହୋଇଥିଲା । ମାତ୍ର ୧୨ ବର୍ଷ ମଧ୍ୟରେ ଏହି ମଠରେ ଦୁଇ ଜଣ ସ୍ୱାମୀ ଯଥା ଗୋପାଳ ତୀର୍ଥ ଓ ବାସୁଦେବ ତୀର୍ଥ ଅଳ୍ପ ବର୍ଷ ପାଇଁ ମଠାଧୀଶ ରହିଥିଲେ । ୧୯୪୨ ଠାରୁ ୧୯୫୫ ମସିହା ପର୍ଯ୍ୟନ୍ତ ମାଧବାନନ୍ଦ ତୀର୍ଥ ସ୍ୱାମୀ ମାତ୍ର ୧୩ ବର୍ଷ ପାଇଁ ଗୋପାଳ ତୀର୍ଥ ମଠର ମଠାଧୀଶ ରୂପେ କାର୍ଯ୍ୟ କରିଥିଲେ ।

ମଠର ଭୂ-ସମ୍ପତ୍ତି :

ଅତୀତରେ ଗୋପାଳ ତୀର୍ଥ ମଠର ଓଡ଼ିଶାର ବିଭିନ୍ନ ସ୍ଥାନରେ ପ୍ରାୟ ୧୫୦୦ ଏକର ଭୂ-ସଂପତ୍ତି ରହିଥିଲା । କାଳକ୍ରମେ ଏଥିରୁ କେତେକ ସମ୍ପତ୍ତି ହସ୍ତାନ୍ତର, ବିକ୍ରୟ, ଲିଜ୍ ଓ ପ୍ରଜା ଦଖଲ ଯୋଗୁଁ ଏ ବାବଦରେ କୌଣସି ଆୟ ମଠକୁ ଆସୁନଥିବା ଜଣାଯାଏ । ୧୫୦୦ ଏକର ସମ୍ପତ୍ତି ମଧ୍ୟରେ ବାଲେଶ୍ୱର ଓ ଭଦ୍ରକରେ ପ୍ରାୟ ୪୦୦ ଏକର, କେନ୍ଦ୍ରାପଡ଼ାରେ ୧୫ ଏକର, ଢ଼େଙ୍କାନାଳରେ ୧୦୦ ଏକରରୁ ଉର୍ଦ୍ଧ୍ୱ ଜମି, ସାକ୍ଷୀଗୋପାଳ, ବ୍ରହ୍ମଗିରି, କଟକ, ପୁରୀର ଭାରତୀ ପୁର ମୌଜା, ପିପିଲିର ପୋପରଙ୍ଗା ପ୍ରଭୃତି ମୌଜା ଓ ଗ୍ରାମ ମାନଙ୍କରେ ଶହ ଶହ ଏକର ଚାଷୋପଯୋଗୀ ଜମି, ବାଗାୟତ ଇତ୍ୟାଦି ମଠ ମାରଫତ୍‌ରେ ରହିଅଛି । ଏକ ପୁରାତନ ରେକର୍ଡ଼ରୁ ଜଣାଯାଏ ଯେ, ମରହଟ୍ଟା ଶାସନ ସମୟରେ ଏହି ମଠ ମାରଫତ୍‌ରେ କେତେକ ଭୂ-ସଂପତ୍ତି ଦାନ ସୂତ୍ରରେ ମଳିଥିଲା । ତନ୍ମଧ୍ୟରେ - (୧) ମରହଟ୍ଟା ଶାସକ ଏକାଜି ସୁକଦେବ ଅମୃତ ମଣୋହି ଖର୍ଚ୍ଚ ସକାଶେ ଏହି ମଠର ତତ୍କାଳୀନ ମଠାଧୀଶ ନାରାୟଣ ତୀର୍ଥ ସ୍ୱାମୀଙ୍କୁ ପୁରୀ ସଦର ତହସିଲ୍ ଅନ୍ତର୍ଗତ ବିଜିପୁର ମୌଜାରେ ୪୪୨ ମାଣ ୭ ଗୁଣ୍ଠ ୩ ବିଶ୍ୱା ଓ ନିମାପଡ଼ା ତହସିଲ ଅନ୍ତର୍ଗତ ବରିମୁଣ୍ଡେଇ ମୌଜାରେ ୩୨୨ ମାଣ ୧୩ ଗୁଣ୍ଠ ୧୩ ବିଶ୍ୱା ଚାଷପୋଯୋଗୀ ଜମି ପ୍ରଦାନ କରିଥିଲେ । ସେହିପରି 'ରାଜେ ବରାତ୍' ମଠର ତତ୍କାଳୀନ ମହନ୍ତ ବାସୁଦେବ ତୀର୍ଥ ସ୍ୱାମୀଙ୍କୁ ନିମାପଡ଼ା ତହସିଲ ଅନ୍ତର୍ଗତ ତରସିଂଘା ମୌଜା (ପ୍ରଗଣା-କୋଠଦେଶ) ଓ ସଦର ତହସିଲ ଅନ୍ତର୍ଗତ ଭଟପୁର ମୌଜାରେ ୪୭୯ ମାଣ ୧ ଗୁଣ୍ଠ ୧ ବିଶ୍ୱା ଭୂ-ସଂପତ୍ତି ଦାନ କରିଥିଲେ ।

Digitized by srujanika@gmail.com

ଶ୍ରୀକ୍ଷେତ୍ରରେ ଅବସ୍ଥିତ ଶୈବ ସମ୍ପ୍ରଦାୟର ପ୍ରାଚୀନ ମଠ ମଧ୍ୟରେ ଅନ୍ୟତମ ଗୋପାଳ ତୀର୍ଥ ମଠର ପୂର୍ବ ଐତିହ୍ୟ ଓ ପରମ୍ପରା ଅନେକାଂଶରେ ଆଜି ଲୁପ୍ତ ପ୍ରାୟ । ଏପରିକି ମଠ ସମ୍ବନ୍ଧୀୟ ସନନ୍ଦ ଓ ଅନ୍ୟ କୌଣସି ପୁରାତନ କାଗଜାତ୍ ଉପଲବ୍ଧ ହେଉନାହିଁ । ଉପଯୁକ୍ତ ପରିଚାଳନାଗତ ଅଭାବ ଓ ସମ୍ପତ୍ତିର ହସ୍ତାନ୍ତର, ମଠପାଣ୍ଡିର ଆତ୍ମସାତ୍‌କରଣ ଇତ୍ୟାଦି ବହୁ ଅନିୟମିତତା, ପୂର୍ବତନ ମଠାଧୀଶଙ୍କ ପଳାୟନ ଯୋଗୁଁ ମଠଟି ଶ୍ରୀହୀନ ତଥା ଅବହେଳିତ ହୋଇ ପଡ଼ିରହିଛି । ଅର୍ଥାଭାବରୁ ମଠର ସଂରକ୍ଷଣ, ରକ୍ଷଣାବେକ୍ଷଣ ଓ ଅନ୍ୟାନ୍ୟ ଉନ୍ନତିକର କାର୍ଯ୍ୟ ହୋଇପାରୁନାହିଁ । ଦେବୋତ୍ତର ବିଭାଗ ନାମକୁ ମାତ୍ର କାର୍ଯ୍ୟନିର୍ବାହୀ ଅଧିକାରୀ ରୂପେ ଜଣକୁ ନିଯୁକ୍ତ ଦେଇ ତାଙ୍କର କର୍ତ୍ତବ୍ୟ ସଂପାଦନ କରୁଥିଲେ ହେଁ ଯଦି ଏବେଠାରୁ ରାଜ୍ୟ ଦେବୋତ୍ତର ବିଭାଗ କିମ୍ବା ସଂସ୍କୃତି ବିଭାଗ ତଥା ରାଜ୍ୟ ପ୍ରତ୍ନତତ୍ତ୍ୱ ବିଭାଗ ତରଫରୁ ଆର୍ଥିକ ଅନୁଦାନ ପ୍ରଦାନ ସମେତ ମଠର ଆବଶ୍ୟକୀୟ ମରାମତି ଓ ପ୍ରାଚୀନ କୀର୍ତ୍ତିର ସଂରକ୍ଷଣ କରା ନ ଯିବ, ତେବେ ଏହି ସମ୍ପ୍ରଦାୟର ଅନ୍ୟତମ ମଠ ଶିବତୀର୍ଥ ମଠ ଭଳି ଆଉ କିଛି ବର୍ଷ ପରେ ଗୋପାଳ ତୀର୍ଥ ମଠର ବିଜେସ୍ଥଳୀ ଲୋପ ପାଇଯିବ, ଏହା ନିଃସନ୍ଦେହ ଅଟେ । ବିଶେଷ କରି ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କ ହାତୀ ବେଶ ସହ ପ୍ରତ୍ୟକ୍ଷ ଭାବେ ଜଡ଼ିତ ଏହି ସୁପ୍ରସିଦ୍ଧ ମଠର ଜୀର୍ଣ୍ଣୋଦ୍ଧାର ତଥା ସୁପରିଚାଳନା ପାଇଁ ପ୍ରତ୍ୟେକ ହିନ୍ଦୁ ଜନସାଧାରଣଙ୍କର ଉଦ୍ୟମ ରହିବା ଉଚିତ ।

✣ ✣ ✣

Digitized by srujanika@gmail.com

ଘୁମୁସର ମଠ

ପୁଣ୍ୟକ୍ଷେତ୍ର ଶ୍ରୀକ୍ଷେତ୍ରରେ ଖ୍ରୀଷ୍ଟିୟ ସପ୍ତଦଶ ଶତାବ୍ଦୀର ଶେଷ ଦଶକରେ ଶ୍ରୀ ରାମାନନ୍ଦୀ ସମ୍ପ୍ରଦାୟ ଅନ୍ତର୍ଭୁକ୍ତ 'ଘୁମୁସର ମଠ' ପ୍ରତିଷ୍ଠିତ ହୋଇଥିବା ଜଣାଯାଏ । ପୁରୀ ବଡ଼ ଦାଣ୍ଡରୁ ମରଚିକୋଟ ଛକ ଦେଇ ଲକ୍ଷ୍ମୀ ଟକିଜ୍ ପର୍ଯ୍ୟନ୍ତ ଯାଇଥିବା ରାସ୍ତାର ଡ଼ାହାଣ ପାର୍ଶ୍ୱରେ ଏହି ମଠଟି ଅବସ୍ଥିତ । ଉତ୍କଳର କବି ସମ୍ରାଟ୍ ଉପେନ୍ଦ୍ର ଭଞ୍ଜ କିଛି ବର୍ଷ ପାଇଁ ଏହି ମଠରେ ଅବସ୍ଥାନ କରି ବିଭିନ୍ନ କାବ୍ୟ ରଚନାରେ ନିମଗ୍ନ ଥିଲେ । ନିଜର ଶେଷ ଜୀବନ ପୁରୀରେ ରହି, ଜଗନ୍ନାଥଙ୍କୁ ଦର୍ଶନ କରି ତାଙ୍କର କ୍ଷିତି ଖ୍ୟାତିକୁ ଭଗବାନଙ୍କ ନିକଟରେ ସମର୍ପଣ କରିଥିବା 'ନୀଳାଦ୍ରୀଶ ଚଉତିଶା'ରୁ ଜଣାଯାଏ ।

''କ୍ଷମାନିଧିଙ୍କୁ ବାରେ କ୍ଷମ ମୁଁ ଦର୍ଶନରେ
କ୍ଷିତି ଖ୍ୟାତିକୁ ସମର୍ପିଲି ।
କ୍ଷମ ମୋ ଅପରାଧ କ୍ଷମ ମୋ ଜୀବ ସାଧ ।
କ୍ଷାତ ଚରଣ ତଳେ ଦେଲି । ହେ ନୀଳାଦ୍ରୀଶ
କ୍ଷୟତ ହେଲାଣି ଏ ପିଣ୍ଡ । କ୍ଷାଳ ଏ ଜଞ୍ଜାଳର ଦଣ୍ଡ ।

X X X X X X X X X X X XX X X

କବି ସୂର୍ଯ୍ୟମଣି ଚ୍ୟାଉପଟ୍ଟନାୟକଙ୍କ ଦ୍ୱାରା ଲିଖିତ 'ଭଞ୍ଜ ବଂଶାବଳୀ' ପୁସ୍ତକରେ ଉଲ୍ଲେଖ ଅଛି ଯେ, ଉପେନ୍ଦ୍ର ଭଞ୍ଜ ରାମାନନ୍ଦୀୟ ଶ୍ରୀବୈଷ୍ଣବ ସମ୍ପ୍ରଦାୟର ଶିଷ୍ୟତ୍ୱ ଗ୍ରହଣ କରିଥିଲେ । ସେ ଥିଲେ ବିଶିଷ୍ଟାଦ୍ୱୈତବାଦୀ ଓ ପୁରୀ ଛାଉଣୀ ମଠ (ସିଂହଦ୍ୱାର ସଂଲଗ୍ନ) ର ତତ୍କାଳୀନ ଗୁରୁ ଶ୍ରୀ ରଘୁବର ଦାସଙ୍କ ଶିଷ୍ୟ । ଏହାର ପ୍ରମାଣ ମଧ୍ୟ ଉକ୍ତ ମଠରେ ରହିଥିବା ଅପ୍ରକାଶିତ ତାଳପତ୍ର ଗ୍ରନ୍ଥରୁ ସୁସ୍ପଷ୍ଟ । ଅପର ପକ୍ଷରେ ଛାଉଣୀ ମଠର ପୂର୍ବତନ ମଠାଧୀଶ ଡ଼ଃ ଅଯୋଧ୍ୟା ଦାସ ପ୍ରକାଶ କରନ୍ତି ଯେ, କବି ସମ୍ରାଟ ଉପେନ୍ଦ୍ର ଭଞ୍ଜ ପୁରୀ ଛାଉଣୀ ମଠରେ ଷଡ଼ାକ୍ଷର ଶ୍ରୀରାମ ତାରକ ମନ୍ତ୍ର ଦୀକ୍ଷା ଗ୍ରହଣକରି ପୁରଶ୍ଚରଣ ସାଧନା ଦ୍ୱାରା କବିତ୍ୱ ଲାଭ କରି ତତ୍କାଳୀନ ଗୁରୁ ମହାରାଜାଙ୍କ ପ୍ରେରଣାରେ ଓଡ଼ିଆରେ ପବିତ୍ର ରାମ କଥାକୁ 'ବୈଦେହୀଶ ବିଳାସ' କାବ୍ୟରେ ରୂପାନ୍ତରିତ କରିଥିଲେ । ଏହି ସମୟ ମଧ୍ୟରେ ସେ 'କୋଟି ବ୍ରହ୍ମାଣ୍ଡ ସୁନ୍ଦରୀ', 'କଳା କଉତୁକ', 'ନୀଳାଦ୍ରୀଶ ଚଉତିଶା' ଆଦି ରଚନା କରିଥିଲେ ।

ପଣ୍ଡିତ ଶ୍ରୀଧର ଶତପଥୀଙ୍କ 'ଭଞ୍ଜ ସନ୍ଦର୍ଭ' ପୁସ୍ତକରୁ ଜଣାଯାଏ ଯେ, ଉପେନ୍ଦ୍ର

Digitized by srujanika@gmail.com

ଭଞ୍ଜ ସପ୍ତଦଶ ଶତାବ୍ଦୀର ଶେଷ ଦଶକ ବେଳକୁ ମୟୂରଭଞ୍ଜ, କେନ୍ଦୁଝର, ବଉଦ, ନବଦୁର୍ଗ ଓ ବାଣପୁର ଦେଇ ସେଠାରୁ ପୁରୀ ଯାଇଥିଲେ । ପୁରୀରେ ମହାରାଜା ଶ୍ରୀ ଦିବ୍ୟସିଂହ ଦେବ ପଣ୍ଡିତ ମାନଙ୍କ ସହିତ ବିଚାର କରି ଉପେନ୍ଦ୍ର ଭଞ୍ଜ ଓ ତାଙ୍କର ସଙ୍ଗୀ ରମାକାନ୍ତ ରାଜଗୁରୁ, ସୀତାକାନ୍ତ ଶତପଥୀ ଓ ଶ୍ୱେତ ବାହନ ଭଞ୍ଜଙ୍କ ଉପାଧି ଗୁଡ଼ିକ ଠିକ୍ ଥିବା ଜାଣି ସ୍ୱୀକୃତି ଦେଇ ବହୁ ସମ୍ମାନ ପ୍ରଦାନ କରିଥିଲେ । ପୁନଶ୍ଚ ଉକ୍ତ ପୁସ୍ତକରେ ଉଲ୍ଲେଖ ଅଛିଯେ, ଉପେନ୍ଦ୍ର ଭଞ୍ଜଙ୍କର ପୁରୀରେ ଅବସ୍ଥାନ ସମୟରେ ଉତ୍କଳର ବରପୁତ୍ର ଦୀନକୃଷ୍ଣ ଦାସଙ୍କ ସହିତ ତାଙ୍କର ସାକ୍ଷାତ ହୋଇଥିଲା । ଦୀନକୃଷ୍ଣଙ୍କ ରସକଲ୍ଲୋଳ ମହାକାବ୍ୟ ଦେଖି ଉପେନ୍ଦ୍ର ଭଞ୍ଜ ତିନି ଦିନ ମଧ୍ୟରେ କୃଷ୍ଣଙ୍କ ଚରିତ ଆଦ୍ୟ ଓ ଶେଷରେ 'କ' ଅନୁପ୍ରାସ ରଖି 'କଳା କଉତୁକ' କାବ୍ୟ ଲେଖିଥିଲେ । ସମ୍ଭବତଃ ଏହି କାବ୍ୟ ଘୁମୁସର ମଠ ଠାରେ ଲେଖାଯାଇ ଥାଇପାରେ । ଶେଷ ଜୀବନରେ ଉପେନ୍ଦ୍ର ଭଞ୍ଜଙ୍କର ଶରୀର କ୍ଷୀଣ ହେବା ସୂଚନା ମିଳେ ଓ ଶେଷରେ ପୁରୀରେ ତାଙ୍କର ଜୀବନ ଲୀଳା ଶେଷ ହୋଇଥିଲା ବୋଲି ଗବେଷକମାନେ ମତ ପ୍ରକାଶ କରିଛନ୍ତି । ଏଥିରୁ ଅନୁମତି ହୁଏ ଯେ ନିଶ୍ଚିତ ରୂପେ ପୁରୀସ୍ଥ 'ଘୁମୁସର ମଠ' ଠାରେ ତାଙ୍କର ମହାପ୍ରୟାଣ ଘଟିଥିଲା ।

ଶ୍ରୀ ଅନନ୍ତ ପଦ୍ମନାଭ ପଟ୍ଟନାୟକଙ୍କର 'କବି ସମ୍ରାଟ ଉପେନ୍ଦ୍ର ଭଞ୍ଜ' ପୁସ୍ତକର ସୂଚନା ଅନୁଯାୟୀ ଉପେନ୍ଦ୍ର ଭଞ୍ଜଙ୍କ ପୁରୀ ଆଗମନ ବେଳେ 'ଘୁମୁସର ମଠ'ରେ ଅବସ୍ଥାନ କରୁଥିଲେ ଏବଂ ପ୍ରସିଦ୍ଧ ପଣ୍ଡିତ ବିଶ୍ୱନାଥ ମହାସୁଆରଙ୍କ ସହିତ ଶାସ୍ତ୍ରାଳାପରେ ଓ ଜଗନ୍ନାଥ ତତ୍ତ୍ୱ ଆଲୋଚନାରେ ବହୁ ସମୟ ଅତିବାହିତ କରୁଥିଲେ । ସୁତରାଂ ଶ୍ରବଣ ଓ ଅଧ୍ୟୟନରୁ ସଂଗୃହୀତ ତତ୍ ସଂକ୍ରାନ୍ତ ନାନା ନୂତନ ତଥ୍ୟ ଓ ତତ୍ତ୍ୱ ଉପେନ୍ଦ୍ର ଭଞ୍ଜଙ୍କ ବିଭିନ୍ନ କାବ୍ୟ ଓ ଚଉତିଶାରେ ଆତ୍ମ ପ୍ରକାଶ କରିଛି । ନୀଳାଦ୍ରୀଶ ଚଉତିଶା ଓ ପୁରୁଷୋତ୍ତମ ମହାତ୍ମ୍ୟରେ ସେ ଜଗନ୍ନାଥ ତତ୍ତ୍ୱର ବ୍ୟାପକ ଆଲୋଚନା କରିଥିବା ଜଣାଯାଏ । ଏପରିକି ପ୍ରାୟ ସମସ୍ତ କାବ୍ୟର ଆରମ୍ଭ ସେ ଦେବ ବନ୍ଦନାରୁ ହିଁ କରିଛନ୍ତି ଓ ତନ୍ମଧ୍ୟରେ ଶ୍ରୀ ନୀଳାଚଳର ଶ୍ରୀଜଗନ୍ନାଥ ଶ୍ରେଷ୍ଠ ସ୍ଥାନ ଅଧିକାର କରିଛନ୍ତି । ବିଶେଷ କରି ସେ ତାଙ୍କ ରଚିତ 'କୋଟି ବ୍ରହ୍ମାଣ୍ଡ ସୁନ୍ଦରୀ' କାବ୍ୟର ଆରମ୍ଭ ଶ୍ରୀ ଜଗନ୍ନାଥଙ୍କ ବନ୍ଦନାରୁ କରିଛନ୍ତି ଓ ଏହାର ପ୍ରଥମ ଛାନ୍ଦରେ ଶ୍ରୀଜଗନ୍ନାଥଙ୍କର ରୂପ, ଗୁଣ, ବୈଭବ, ରଥଯାତ୍ରା, ସ୍ନାନଯାତ୍ରା ପ୍ରଭୃତିର ବିଶଦ ବର୍ଣ୍ଣନା କରିଛନ୍ତି । ଏଥିରୁ ଜଣାଯାଏ ଯେ, କବି ସମ୍ରାଟ୍ ଉପେନ୍ଦ୍ର ଭଞ୍ଜ ବହୁ ସମୟରେ ଶ୍ରୀକ୍ଷେତ୍ରରେ ପଦାର୍ପଣ କରୁଥିଲେ ଓ ପୁରୀର ଘୁମୁସର ମଠରେ ଅବସ୍ଥାନ କରୁଥିଲେ । 'କୋଟି ବ୍ରହ୍ମାଣ୍ଡ ସୁନ୍ଦରୀ' କାବ୍ୟରେ ଶ୍ରୀମନ୍ଦିରରେ ଅନୁଷ୍ଠିତ ସ୍ନାନ ଯାତ୍ରା ଦିନ ଶ୍ରୀଜଗନ୍ନାଥ ସ୍ନାନ ମଣ୍ଡପକୁ ପହଣ୍ଡି ବିଜେ କରିବା, ପଣ୍ଡିତ ସେବକମାନେ ଶ୍ରୀଜଗନ୍ନାଥଙ୍କୁ ଅଭିଷେକ କରିବା, ସ୍ନାନ ପରେ

Digitized by srujanika@gmail.com

ଶ୍ରୀଜଗନ୍ନାଥଙ୍କ ହାତୀ ବେଶ ହେବା ଇତ୍ୟାଦି ବିଷୟ ଉଲ୍ଲେଖ ରହିଛି । ତତ୍‌ପୂର୍ବରୁ ସେ ଶ୍ରୀଜଗନ୍ନାଥ, ତାଙ୍କର ପବିତ୍ର କ୍ଷେତ୍ର, ମହାପ୍ରସାଦର ମହାତ୍ମ୍ୟ ପ୍ରଭୃତି ବର୍ଣ୍ଣନା କରିଛନ୍ତି । ତହିଁରୁ ତାଙ୍କର ଶ୍ରୀଜଗନ୍ନାଥଙ୍କ ପ୍ରତି ଭକ୍ତି ଭାବର ପ୍ରକୃଷ୍ଟ ପରିଚୟ ମିଳେ । 'ରସିକ ହାରାବଳୀ' କାବ୍ୟରେ ମଧ ଶ୍ରୀପୁରୁଷୋତ୍ତମ କ୍ଷେତ୍ର, ଶ୍ରୀଜଗନ୍ନାଥ, ଶ୍ରୀମନ୍ଦିରରେ ବିଭିନ୍ନ ଯାତ୍ରା, କଳ୍ପବଟର ପବିତ୍ରତା, ରୋହଣୀ କୁଣ୍ଡର ମହାତ୍ମ୍ୟ, ଶ୍ରୀକ୍ଷେତ୍ରର ବିଭିନ୍ନ ଦେବଦେବୀଙ୍କର ମହିମା ପ୍ରଭୃତି ବିଷୟ ବର୍ଣ୍ଣିତ ହୋଇଅଛି । ଏପରିକି ଉକ୍ତ କାବ୍ୟର ରଚନାକାଳରେ ଉପେନ୍ଦ୍ର ଭଞ୍ଜ ଶ୍ରୀକ୍ଷେତ୍ରରେ ଅବସ୍ଥାନ କରୁଥିଲେ ଓ ସେହି ସମୟରେ ଶ୍ରୀକ୍ଷେତ୍ରରେ ଶ୍ରୀଜୀଉ ମାନଙ୍କ ଚନ୍ଦନ ଯାତ୍ରା ଅନୁଷ୍ଠିତ ହେଉଥିବାରୁ ସେ ଏହାର ମନୋଜ୍ଞ ଦୃଶ୍ୟର ବର୍ଣ୍ଣନା କରିବାରେ ସମର୍ଥ ହୋଇପାରିଛନ୍ତି । ଉପରି ବର୍ଣ୍ଣିତ ବିଷୟରୁ ଜଣାଯାଏ ଯେ, ପୁରୀ ଘୁମୁସର ମଠ କବି ସମ୍ରାଟଙ୍କର ଏକ ସାଧନା ପୀଠ ଥିଲା । ତାଙ୍କର ପୁରୀ ରହଣୀ କାଳର ଅଧିକାଂଶ ସମୟ ଘୁମୁସର ମଠରେ ହିଁ କଟିଥିଲା ।

ଶ୍ରୀମନ୍ଦିର ସହ ମଠର ସମ୍ପର୍କ :

ଶ୍ରୀକ୍ଷେତ୍ରରେ ପ୍ରତିଷ୍ଠିତ ଯେଉଁ ଅଳ୍ପ କେତେକ ମଠ ଶ୍ରୀମନ୍ଦିରର ନୀତି, ଉତ୍ସବ, ଯାନିଯାତ୍ରା ସହ ଜଡ଼ିତ ତନ୍ମଧ୍ୟରେ ଘୁମୁସର ମଠ ଅନ୍ୟତମ । ଶ୍ରୀଜଗନ୍ନାଥ ମନ୍ଦିର ସ୍ୱତ୍ତ୍ୱଲିପିରେ ଉଲ୍ଲେଖ ହୋଇଥିବା ବିଭିନ୍ନ ବ୍ୟକ୍ତି ବିଶେଷ ଓ ମଠାନୁଷ୍ଠାନମାନଙ୍କ ଦ୍ୱାରା ହେଉଥିବା ପନ୍ତୀ ଭୋଗ ତାଲିକା ମଧ୍ୟରେ କେତେକ ନିର୍ଦ୍ଦିଷ୍ଟ ପର୍ବ ଓ ତିଥି ମାନଙ୍କରେ ଘୁମୁସର ମଠର ବିଜେସ୍ଥଳୀ ଠାରେ ପନ୍ତୀ ଭୋଗ ହୋଇଥାଏ । ନିମ୍ନରେ ତାହା ପ୍ରଦତ୍ତ କରାଗଲା । ଯଥା :-

(୧) ହେରାପଞ୍ଚମୀ ଦିନ ଶ୍ରୀଲକ୍ଷ୍ମୀ ଠାକୁରାଣୀଙ୍କୁ ଘୁମୁସର ମଠର ବିଜେସ୍ଥଳୀ ଠାରେ ପନ୍ତୀ ଭୋଗ ହୋଇଥାଏ ।

(୨) ଚକ୍ରବୁଲା ଏକାଦଶୀ (ଶ୍ରାବଣ) - ମଠ ତରଫରୁ ପନ୍ତୀ ଭୋଗ ହୋଇଥାଏ ।

(୩) ଗହ୍ମା ପୂର୍ଣ୍ଣିମା (ଶ୍ରାବଣ ଶୁକ୍ଳ ପୂର୍ଣ୍ଣିମା) - ମଠ ତରଫରୁ ପନ୍ତୀ ଭୋଗ ହୋଇଥାଏ ।

(୪) ମଥୁରା ହାଟ ବିଜେ କଂସ ବଧ (ଦଶମୀ) :- ମଠ ତରଫରୁ ପନ୍ତୀ ଭୋଗ ହୋଇଥାଏ ।

(୫) ଶ୍ରାବଣ ଶୁକ୍ଳ ନବମୀ (ବାଡ଼ି ନରସିଂହ ବିଜେ) :- ମଠ ତରଫରୁ ପନ୍ତୀ ଭୋଗ ହୋଇଥାଏ ।

(୬) କୁମାର ପୂର୍ଣ୍ଣିମା - ମଠ ତରଫରୁ ପନ୍ତୀ ଭୋଗ ହୋଇଥାଏ ।

(୭) ପଣ୍ଡୁ ନୃସିଂହ (ମାର୍ଗଶୀର ଶୁକ୍ଳ ଚତୁର୍ଦ୍ଦଶୀ) - ମଠ ତରଫରୁ ପନ୍ତୀ ଭୋଗ ହୋଇଥାଏ ।

Digitized by srujanika@gmail.com

(୮) ବାଡ଼ି ନରସିଂହ (ଚୈତ୍ର ଶୁକ୍ଳ ପଞ୍ଚମୀ) - ମଠ ତରଫରୁ ପନ୍ତୀ ଭୋଗ ହୋଇଥାଏ ।

ସଂପ୍ରତି ଏହି ମଠର ଆର୍ଥିକ ପରିସ୍ଥିତି ଅତ୍ୟନ୍ତ ଶୋଚନୀୟ ଥିବାରୁ ଉପରୋକ୍ତ ଦିବସ ମାନଙ୍କରେ ବଡ଼ଛତା ମଠ ପକ୍ଷରୁ ପନ୍ତୀ ଭୋଗ ସାମଗ୍ରୀ ଉକ୍ତ ମଠକୁ ଅଣାଯାଇ ବିଜେ ପ୍ରତିମା ମାନଙ୍କ ଉଦ୍ଦେଶ୍ୟରେ ନାମକୁ ମାତ୍ର ପନ୍ତୀ ଭୋଗ କରାଯାଉଅଛି ।

ମଠ ଠାକୁର ଓ ନୀତି :- ଘୁମୁସର ମଠର ଗୋଟିଏ ପକ୍କା ଗୃହରେ ଶ୍ରୀରାମ, ଶ୍ରୀଲକ୍ଷ୍ମଣ, ଶ୍ରୀ ସୀତା (ଧାତବ ବିଗ୍ରହ) ମୁଖ୍ୟ ଠାକୁର ରୂପେ ଅଧିଷ୍ଠିତ ହୋଇଛନ୍ତି । ଶ୍ରୀରାମଙ୍କ ବାମ ପାର୍ଶ୍ୱରେ ଶ୍ରୀଜଗନ୍ନାଥ (ଦାରୁ ମୂର୍ତ୍ତି) ବିରାଜିତ ହୋଇଛନ୍ତି । କେତେକ ଗବେଷକଙ୍କ ମତାନୁଯାୟୀ କବି ସମ୍ରାଟ୍ ଉପେନ୍ଦ୍ର ଭଞ୍ଜ ପୁରୀସ୍ଥ ଘୁମୁସର ମଠ ଠାରେ ରହି 'ବୈଦେହୀଶ ବିଳାସ' କାବ୍ୟ ଲେଖିବା ସମୟରେ ରାମ, ଲକ୍ଷ୍ମଣ ଓ ସୀତା ଦେବୀଙ୍କୁ (ପିତଳ ମୂର୍ତ୍ତି) ଅଧିଷ୍ଠିତ କରାଇଥିଲେ । ବର୍ତ୍ତମାନ ମଧ ସେହି ତ୍ରୟ ବିଗ୍ରହ ମଠର ମୁଖ୍ୟ ଆରାଧ ଦେବତା ରୂପେ ପୂଜା ପାଉଛନ୍ତି । ଠାକୁର ମାନଙ୍କ ବିଜେ ଗୃହର ଦ୍ୱାର ଦେଶରେ ପ୍ରାୟ ୨ ଫୁଟ୍ ଉଚ୍ଚତା ବିଶିଷ୍ଟ ଶ୍ରୀ ହନୁମାନଙ୍କ ମୂର୍ତ୍ତି ଦଣ୍ଡାୟମାନ ଭଙ୍ଗୀରେ ବିରାଜିତ । ଅନ୍ୟାନ୍ୟ ଦେବଦେବୀଙ୍କ ମଧରେ ଶ୍ରୀଗୋପାଳ (୬ମୂର୍ତ୍ତି), ଦୁଇ ମୂର୍ତ୍ତି କୃଷ୍ଣ ଓ ଦୁଇ ମୂର୍ତ୍ତି ରାଧା । ଏକ ମୂର୍ତ୍ତି ଦୁର୍ଗା ଦେବୀ ବିରାଜିତା । ୯ ମୂର୍ତ୍ତି ଦୁର୍ଲଭ (ରଘୁନାଥ) ଶାଳଗ୍ରାମ ଓ ଅନ୍ୟ ୧୩ ମୂର୍ତ୍ତି କ୍ଷୁଦ୍ର ଶାଳଗ୍ରାମ ଏକତ୍ର ପୂଜା ପାଉଛନ୍ତି । ଏହି ମଠରେ ଅବସ୍ଥାନ କରୁଥିବା ସଂସ୍କୃତ ବିଶ୍ୱ ବିଦ୍ୟାଳୟର ଜନୈକ ଛାତ୍ର ଶ୍ରୀ ରବି ନାରାୟଣ ଆଚାର୍ଯ୍ୟ ମଠ ଠାକୁର ମାନଙ୍କ ପୂଜାରାଧନା ଦାୟିତ୍ୱରେ ରହିଛନ୍ତି । ଠାକୁର ମାନଙ୍କ ଦୈନନ୍ଦିନ ନୀତି ମଧରେ ପ୍ରାତଃ ସମୟରେ ମଙ୍ଗଳ ଆରତୀ, ତତ୍‌ପରେ ସ୍ନାନ, ବେଶ, ଅନ୍ନ ଭୋଗ ଓ ଦିବା ପହୁଡ଼ ଖୋଲାଯାଇ ସନ୍ଧ୍ୟା ଆଳତୀ, ବାଲଭୋଗ ଓ ରାତ୍ର ପହୁଡ଼ ଇତ୍ୟାଦି ନୀତି କରାଯାଇଥାଏ । ପୂର୍ବେ ମଠରେ କେତେକ ଉତ୍ସବ ଓ ଯାନିଯାତ୍ରା ପାଳିତ ହେଉଥିଲା । ଏପରିକି ଦୀର୍ଘ ସାତ ଦିନ ଧରି ଝୁଲଣ ଯାତ୍ରା ମଧ ଅନୁଷ୍ଠିତ ହେଉଥିଲା । ଏହି ଝୁଲଣ କୁଞ୍ଜର ସାଜ ଏବେ ମଧ ଅସୁରକ୍ଷିତ ଭାବେ ମଠରେ ରହିଅଛି । ବହୁ ବର୍ଷ ଧରି ମଠର ପ୍ରସିଦ୍ଧ ଝୁଲଣଯାତ୍ରା ବନ୍ଦ ହୋଇଯାଇଛି ।

ଘୁମୁସର ମଠରେ କୌଣସି ଅଭିଜ୍ଞ ବ୍ୟକ୍ତି କିମ୍ବା ମଠାଧୀଶ ନଥିବାରୁ ଏପରିକି ମଠଟି ଅଧିକାଂଶ ସମୟରେ ବନ୍ଦ ରହୁଥିବାରୁ ମହନ୍ତ ବା ମଠାଧୀଶ ମାନଙ୍କ ନାମ ତାଲିକା ସଂଗ୍ରହ କରାଯାଇ ପାରିନାହିଁ । ଏ ସଂପର୍କରେ ଅଧିକ ଗବେଷଣା ସାପେକ୍ଷ ।

ମଠର ଅବସ୍ଥିତି :- ମରିଚିକୋଟ ଛକ ଠାରୁ ଲକ୍ଷ୍ମୀ ସିନେମା ପର୍ଯ୍ୟନ୍ତ ଯାଇଥିବା ମୁଖ୍ୟ ରାସ୍ତାରେ ଯିବାବେଳେ ଡ଼ାହାଣ ପାର୍ଶ୍ୱରେ ଉପେନ୍ଦ୍ର ଭଞ୍ଜଙ୍କ ସ୍ମୃତି ବିଜଡ଼ିତ ଏହି ପ୍ରସିଦ୍ଧ 'ଘୁମୁସର ମଠ' ବିଜେସ୍ଥଳୀଟି ଦୃଶ୍ୟମାନ ହୋଇଥାଏ । କେତେକ ପ୍ରାବନ୍ଧିକ ଏହି ମଠଟିର

Digitized by srujanika@gmail.com

ପକ୍କା ଗୃହ ଶ୍ରୀକର ଭଞ୍ଜଙ୍କ ଉଦ୍ୟମରେ ନିର୍ମିତ ହୋଇଥିବା ପ୍ରକାଶ କରିଛନ୍ତି । ପ୍ରାୟ ୫୦ ଫୁଟ୍ ଓସାର ଓ ୧୦୦ ଫୁଟ ଲମ୍ବ ପରିମିତ ଭୂମି ଉପରେ ମଠର ବିଜେସ୍ଥଳୀ ଅବସ୍ଥିତ । ଏପରିକି ମଠର ମୁଖ୍ୟ ଦ୍ୱାରବନ୍ଧ କିମ୍ବା କାନ୍ଥରେ ମଠର ନାମ ଲେଖା ଯାଇନଥିବାରୁ ପୁରୀର ଅଧିକାଂଶ ସ୍ଥାୟୀ ବାସିନ୍ଦା ଏହି ମଠ ସମ୍ପର୍କରେ ଅଜ୍ଞାତ ରହିଛନ୍ତି । ମାଙ୍କଡ଼ା ଓ ଶାଣ ପଥରରେ ନିର୍ମିତ ଏହି ମଠରେ ବର୍ତ୍ତମାନ ୬ଟି ଗୃହ ରହିଅଛି । ସେଥିମଧ୍ୟରୁ ଦୀର୍ଘ ଦିନ ଧରି ୪ଟି ବଖରାର ଛାତ ସଂପୂର୍ଣ୍ଣ ରୂପେ ଭାଙ୍ଗି ଯାଇଅଛି । ଅବଶିଷ୍ଟ ୨ଟି ବଖରା ମଧ୍ୟରୁ ଗୋଟିଏ ଠାକୁରଙ୍କ ଘର ଓ ଅନ୍ୟଟି ଜଗମୋହନ ରୂପେ ବ୍ୟବହୃତ ହେଉଅଛି । ଉଲ୍ଲେଖଯୋଗ୍ୟଯେ ଏହି ମଠଟି ଉପେନ୍ଦ୍ର ଭଞ୍ଜଙ୍କର ଏକ ଆଶ୍ରୟସ୍ଥଳ ବା ପୁରୀ ରହଣୀକାଳରେ ଏକ ନିବାସସ୍ଥଳ ଥିଲା । ତେଣୁ କେତେଗୁଡ଼ିଏ ପୁରୁଣା କୋଠାଘର ବ୍ୟତୀତ ମଠ ପରିସରରେ ଦେବ ଦେବୀଙ୍କ ଉଦ୍ଦେଶ୍ୟରେ ସ୍ୱତନ୍ତ୍ର ଭାବେ ମନ୍ଦିର ନିର୍ମାଣ ହୋଇନାହିଁ । ଉପଯୁକ୍ତ ରକ୍ଷଣାବେକ୍ଷଣ ଓ ମରାମତି ଅଭାବରୁ ମଠଟି ସମ୍ପୂର୍ଣ୍ଣ ଅବହେଳିତ ଓ ବିପଦ ସଙ୍କୁଳ ଅବସ୍ଥାରେ ରହିଅଛି । ବର୍ତ୍ତମାନ ଉକ୍ତ ମଠଟି ପୁରୀର ପ୍ରସିଦ୍ଧ ବଡ଼ଛତା ମଠ ଅଧୀନରେ ପରିଚାଳିତ ହେଉଅଛି ।

କବି ସମ୍ରାଟ ଉପେନ୍ଦ୍ର ଭଞ୍ଜଙ୍କ ସ୍ମୃତି ବିଜଡ଼ିତ ଏହି ଐତିହାସିକ ମଠଟି ଆଜି ଧ୍ୱଂସ ପ୍ରାୟ । ଏବେ ମଧ୍ୟ ସମୟ ଅଛି ଯଦି ରାଜ୍ୟ ସଂସ୍କୃତି ବିଭାଗ, ଦେବୋତ୍ତର ବିଭାଗ ସର୍ବୋପରି ଓଡ଼ିଶାର ସଂସ୍କୃତି ପ୍ରିୟ ଜନସାଧାରଣ ଏ ଦିଗରେ ଆଗ୍ରହ ପ୍ରକାଶ କରିବେ, ତେବେ ମଠଟିର ପୁନରୁଦ୍ଧାର ତଥା ଜୀର୍ଣ୍ଣୋଦ୍ଧାର ହୋଇ ପାରିବା ସଙ୍ଗେ ସଙ୍ଗେ ଉପେନ୍ଦ୍ର ଭଞ୍ଜଙ୍କ ସାଧନା ପୀଠ 'ଘୁମୁସର ମଠ' ଟି ସମଗ୍ର ଓଡ଼ିଶାରେ ସୁପରିଚିତ ହୋଇପାରିବ ।

✣ ✣ ✣

Digitized by srujanika@gmail.com

ନେବଳ ଦାସ ମଠ

ପୁରୀ ସହରର ଦୋଳମଣ୍ଡପ ସାହିସ୍ଥିତ କରତି ଲେନ୍‌ରେ ଅବସ୍ଥିତ ଶ୍ରୀ ରାମାନନ୍ଦୀ ସମ୍ପ୍ରଦାୟର ଅନ୍ୟତମ ପ୍ରଭାବଶାଳୀ ମଠ ରୂପେ 'ନେବଳ ଦାସ ମଠ' ସୁପରିଚିତ ଅଟେ । ମଠର ପ୍ରତିଷ୍ଠା ସମୟ ପ୍ରାୟ ୫୦୦ ବର୍ଷ ପୂର୍ବର ବୋଲି ଜଣାଯାଏ । ଏପରିକି ଏହି ମଠ ପୁରୀର ଅନ୍ୟତମ ପ୍ରସିଦ୍ଧ ରାଘବ ଦାସ ମଠ ଓ ସୁନ୍ଦର ଦାସ ମଠ ନିର୍ମାଣର ସମସାମୟିକ ଅଟେ । ମଠର ପ୍ରତିଷ୍ଠାତା ଆଚାର୍ଯ୍ୟ ନବଳ (ନେବଳ) କିଶୋର ଦାସଙ୍କ ନାମାନୁସାରେ ମଠର ନାମ 'ନେବଳ ଦାସ ମଠ' ହୋଇଅଛି । ସ୍ଥାନୀୟ ଅଧିବାସୀ ମାନଙ୍କ ମଧ୍ୟରେ କେହି କେହି ଏହି ମଠକୁ 'ନେଉଳ ଦାସ ମଠ' ବୋଲି କହିଥାନ୍ତି । କିନ୍ତୁ ସରକାରୀ ନଥି ଓ କାଗଜାତ୍‌ରେ ଏହା 'ନେବଳ ଦାସ ମଠ' ବୋଲି ରେକର୍ଡ଼ ରହିଛି । ନେବଳ ଦାସ ମଠ ଇତିହାସ ସଂପର୍କରେ ମଠ ସୂତ୍ରରୁ ଜଣାଯାଏ ଯେ, ପୂର୍ବେ ଏହି ମଠ ରାମାନୁଜ ସଂପ୍ରଦାୟଭୁକ୍ତ ଥିଲା । ପ୍ରତିଷ୍ଠାତା ମହନ୍ତ ନବଳ କିଶୋର ରାମାନୁଜ ଦାସଙ୍କ ପରେ ଉକ୍ତ ମଠର ହୟଗ୍ରୀବ ଦାସ ଓ ଭାସ୍କର ରାମାନୁଜ ଦାସ ଦୁଇ ଭ୍ରାତା ଦୁଇ ଜଣ ଭିନ୍ନ ଗୁରୁଙ୍କଠାରୁ ଶିଷ୍ୟତ୍ୱ ଗ୍ରହଣ କରିଥିଲେ । ଜଣେ ରାମାନନ୍ଦୀ ବୈଷ୍ଣବ ଓ ଆଉ ଜଣେ ରାମାନୁଜାଚାରୀ ସମ୍ପ୍ରଦାୟଭୁକ୍ତ ଥିଲେ । ଘଟଣାବଶତ ଭାସ୍କର ରାମାନୁଜ ଦାସଙ୍କର କେହି ଚେଲା ନଥିଲେ । ତେଣୁ ହୟଗ୍ରୀବ ଦାସ ରାମାନନ୍ଦୀ ବୈଷ୍ଣବ ଥିବାରୁ ପରବର୍ତ୍ତୀ ସମୟରେ ଏହି ମଠ ରାମାନନ୍ଦୀ ସମ୍ପ୍ରଦାୟର ଅନ୍ତର୍ଭୁକ୍ତ ହୋଇଥିଲା । ଉଲ୍ଲେଖଯୋଗ୍ୟଯେ ମଠଟି ପ୍ରଥମେ ରାମାନୁଜୀ ଓ ପରେ ରାମାନନ୍ଦୀ ସମ୍ପ୍ରଦାୟର ଅନ୍ତର୍ଭୁକ୍ତ ହୋଇଥିବାରୁ ଉକ୍ତ ମଠରେ ଉଭୟ ସମ୍ପ୍ରଦାୟର ମଠାଧୀଶମାନେ ନିର୍ଦ୍ଦିଷ୍ଟ ଉତ୍ସବରେ ଅଂଶ ଗ୍ରହଣ କରିଥାନ୍ତି । ଏପରିକି ମଠର ବିଭିନ୍ନ ଉତ୍ସବରେ ଦିନ ବେଳା ରାମାନନ୍ଦୀ ସମ୍ପ୍ରଦାୟର ମଠାଧୀଶଗଣ ଓ ରାତ୍ରରେ ରାମାନୁଜୀ ସମ୍ପ୍ରଦାୟର ବୈଷ୍ଣବମାନେ ପ୍ରସାଦ ସେବନ କରୁଥିଲେ । ପୁରୀର ଏହି ଗୋଟିଏ ମଠ ଯେଉଁଠାରେ କି ଦୁଇ ସମ୍ପ୍ରଦାୟର ସନ୍ଥ ଓ ମହନ୍ତ ମାନଙ୍କର ମିଳନ ଘଟିଥାଏ । ମଠର ପ୍ରତିଷ୍ଠାତା ମହନ୍ତ ନବଳ କିଶୋର ଦାସଙ୍କ ବ୍ୟତୀତ କ୍ରମାନ୍ୱୟରେ ମହନ୍ତ ମାନଙ୍କର ନାମ ତାଲିକା ମଠ କାର୍ଯ୍ୟାଳୟରେ ଉପଲବ୍ଧ ହେଉନାହିଁ । ତେବେ ମିଳୁଥିବା କେତେକ ମହନ୍ତ ମାନଙ୍କ ନାମ ମଧ୍ୟରେ :

Digitized by srujanika@gmail.com

(୧) ନବଳ କିଶୋର ଦାସ
(୨) ହୟଗ୍ରୀବ ଦାସ
(୩) ବଲ୍ଲଭ ଦାସ
(୪) ଯମୁନା ଦାସ
(୫) ଭାଗବତ ଦାସ
(୬) ରାମ ରତନ ଦାସ
(୭) ଗୋବିନ୍ଦ ଚନ୍ଦ୍ର ଦାସ (ବର୍ତ୍ତମାନ ମଠାଧୀଶ ରୂପେ କାର୍ଯ୍ୟ ନିର୍ବାହ କରୁଛନ୍ତି)

ମହନ୍ତ ଭାଗବତ ଦାସଙ୍କ ଅମଳରେ ମଠର ଅନେକ ଉନ୍ନତି ସାଧନ ହୋଇଥିଲା । ଏହି ସମୟରେ ମଠଟି ଅତ୍ୟନ୍ତ ବିଭବଶାଳୀ ଓ ଅନେକ ପରିମାଣର ଭୂ-ସମ୍ପତ୍ତି ଦାନ ସୂତ୍ରରେ ମିଳିପାରିଥିଲା । ଉକ୍ତ ମହନ୍ତ ମହାରାଜ ମନ୍ତ୍ର ତନ୍ତ୍ରରେ ବିଶେଷ ସିଦ୍ଧି ଲାଭ କରିଥିଲେ । ତତ୍କାଳୀନ ସମୟରେ 'ନେବଳ ଦାସ ମଠ' ପୁରୀର ଏକ ତାନ୍ତ୍ରିକ ପୀଠ ରୂପେ ପ୍ରସିଦ୍ଧି ଲାଭ କରିଥିଲା । ସେ ସମୟରେ ଉକ୍ତ ମହନ୍ତଙ୍କ ତତ୍ତ୍ୱାବଧାନରେ ମଠର ବିଜେସ୍ଥଳୀରେ କିଛି ପକ୍କା ଗୃହ ଓ ଅନ୍ୟାନ୍ୟ ଉନ୍ନତି ମୂଳକ କାର୍ଯ୍ୟ ସାଧିତ ହୋଇଥିଲା । ବିଶେଷ କରି ସାପ କାମୁଡ଼ା, ହଳଦିଆ କାମଳ, ବାତ ଇତ୍ୟାଦି ରୋଗର ଚିକିତ୍ସା କରି ଲୋକମାନଙ୍କୁ ଆରୋଗ୍ୟ ତଥା ସୁସ୍ଥ କରୁଥିବାରୁ ତାଙ୍କର ପ୍ରସିଦ୍ଧି ଚାରି ଆଡ଼େ ବ୍ୟାପୀ ଯାଇଥିଲା । ସେହିପରି ଚୋରୀ ଜିନିଷ ଓ ଚୋର ମାନଙ୍କ ସମ୍ବନ୍ଧରେ ସେ ସୂଚନା ଦେଇ ପାରୁଥିଲେ ।

ମଠର ବିଜେସ୍ଥଳୀ :- ବନ୍ଦୋବସ୍ତ ରେକର୍ଡ଼ ଅନୁଯାୟୀ ୫୬୭ ଡିସିମିଲ ଅର୍ଥାତ୍ ଅଧା ଏକରରୁ ଉର୍ଦ୍ଧ୍ୱ ପରିମିତ ଭୂମି ଉପରେ 'ନେବଳ ଦାସ ମଠ'ର ବିଜେସ୍ଥଳୀଟି ଅବସ୍ଥିତ ।

୧୯୪୦ ମସିହା ପୂର୍ବରୁ ମଠର ୨୦ ବଖରା ପକ୍କା ଗୃହ ଥିଲା । ଏତତ୍‌ବ୍ୟତୀତ ସରଘର, କୋଠାରୀ ଘର, ଫୁଲ ଘର, ବୈଠକ ଘର, କୋଠି ଘର, ମହନ୍ତ ମହାରାଜଙ୍କ ନିବାସ ଓ ବହୁ ଅଗଣା, ବାରଣ୍ଡା ଇତ୍ୟାଦି ରହିଥିଲା । ପୂର୍ବେ ମଠର ସମ୍ମୁଖ ଭାଗରେ କେତେକ ବଖରା ଚାଳଘର ଥିଲା । ୧୯୮୬-୮୭ ମସିହାରେ ଏହି ଚାଳ ଘର ଗୁଡିକ ସଂପୂର୍ଣ୍ଣ ରୂପେ ପୋଡ଼ି ଯାଇଥିଲା । ୧୯୪୦ ମସିହାରେ ମଠାଧୀଶ ରାମ ରତନ ଦାସଙ୍କ ସମୟରୁ ମଠର ଗୃହ ଗୁଡ଼ିକ ଭାଙ୍ଗି ଯାଇ ଅତ୍ୟନ୍ତ ଜରାଜୀର୍ଣ୍ଣ ଅବସ୍ଥାରେ ରହିଥିଲା । ବର୍ତ୍ତମାନର ମଠ ମହନ୍ତ ଓ ଚେଲା ମହାରାଜଙ୍କ ବ୍ୟକ୍ତିଗତ ଉଦ୍ୟମରେ ମଠର ପୁରାତନ ଘର ଗୁଡ଼ିକୁ ଜୀର୍ଣ୍ଣୋଦ୍ଧାର କରାଯିବା ସଙ୍ଗେ ସଙ୍ଗେ ମଠ ବିଜେସ୍ଥଳୀ ଓ ଦେବାଳୟର ମରାମତି କରାଯାଇଅଛି । ସମ୍ପ୍ରତି ମଠ ବିଜେସ୍ଥଳୀରେ କିଛି ବଖରା ଘର, ୪ଟି ଅଗଣା, ୨ଟି କୂପ, ଦୁଇଟି ଦ୍ୱିମହଲା କୋଠାଘର, ବିଭିନ୍ନ ଋଷି ଓ ଦେବକନ୍ୟା ମାନଙ୍କ ପ୍ରସ୍ତର ମୂର୍ତ୍ତି, ଦେବାଳୟ,

Digitized by srujanika@gmail.com

ମହନ୍ତ ଓ ଚେଲା ମହାରାଜଙ୍କ ନିମନ୍ତେ ଘର ରହିଅଛି । ଗତ କିଛି ବର୍ଷ ଧରି ମଠ ପରିସରରେ 'ସାରସ୍ୱତ ବିଦ୍ୟାମନ୍ଦିର' ନାମରେ ଏକ ବିଦ୍ୟାଳୟ ଚାଲୁଅଛି ।

ମଠ ଠାକୁର ଓ ନୀତି :- ମଠ ପ୍ରାଙ୍ଗଣର ମଧ୍ୟସ୍ଥଳରେ ଥିବା ଏକ କ୍ଷୁଦ୍ର ମନ୍ଦିର ଓ ଜଗମୋହନରେ ବିଭିନ୍ନ ଦେବଦେବୀ ବିରାଜିତ ପୂର୍ବକ ଆରାଧିତ ହେଉଛନ୍ତି । ମନ୍ଦିରରେ ପ୍ରତିଷ୍ଠିତ ସିଂହାସନରେ ଶ୍ରୀଜଗନ୍ନାଥ, ରାମ, ଲକ୍ଷ୍ମଣ, ସୀତା ଦେବୀ ପୂଜା ପାଉଛନ୍ତି ।

ସିଂହାସନର ଉପର (ପ୍ରଥମ) ଧାଡ଼ିରେ ରାମ, ଲକ୍ଷ୍ମଣ, ଭରତ, ଶତ୍ରୁଘ୍ନ, ସୀତା, ଉର୍ମିଳା, ମାଣ୍ଡବୀ, ଶ୍ରୁତକୀର୍ତ୍ତି ମୋଟ୍ ଆଠ ମୂର୍ତ୍ତି ବିରାଜିତ । ଦ୍ୱିତୀୟ ଧାଡ଼ିରେ ଚର୍ତୁଭୂଜ ଧାରୀ ଦୁଇ ବିଷ୍ଣୁ ମୂର୍ତ୍ତି, କୃଷ୍ଣ, ୩ ଯୁଗଳ ରାଧାକୃଷ୍ଣ ମୂର୍ତ୍ତି । ତୃତୀୟ ଧାଡ଼ିରେ ଦ୍ୱାରକାଧୀଶ (କୃଷ୍ଣ ମୂର୍ତ୍ତି - ଉଚ୍ଚତା ୨ ଫୁଟ୍), ଲଡୁଗୋପାଳ । ଚତୁର୍ଥ ଧାଡ଼ିରେ ତିନି ମୂର୍ତ୍ତି ପତିତପାବନ (ଜଗନ୍ନାଥ ବିଗ୍ରହ), ବଡ଼ ପତିତପାବନ ବା ଶ୍ରୀଜଗନ୍ନାଥଙ୍କ କ୍ରୋଡ଼ରେ ଲକ୍ଷ୍ମୀ ଦେବୀ ଆସୀନା । ବାମ ପାର୍ଶ୍ୱରେ ଗରୁଡ଼ ଓ ଡ଼ାହାଣ ପାର୍ଶ୍ୱରେ ହନୁମାନ ମୂର୍ତ୍ତି ରହିଛନ୍ତି (ଉଭୟ ଧାତବ ମୂର୍ତ୍ତି ଅଟେ) । ପଞ୍ଚମ ଧାଡ଼ିରେ ବିଷ୍ଣୁଶିଳା, ନୃସିଂହ ଶିଳା, ପୂର୍ଣ୍ଣଚକ୍ର ଇତ୍ୟାଦି ୧୦୮ ଶାଳଗ୍ରାମ ମୂର୍ତ୍ତି ପୂଜିତ ହେଉଛନ୍ତି । ମନ୍ଦିରର ଦ୍ୱାର ଦେଶରେ ଅର୍ଥାତ୍ ଜଗମୋହନରେ ୫ଟି ହନୁମାନ ମୂର୍ତ୍ତି ବିରାଜିତ ।

ମଠରେ ପୂଜିତ ଠାକୁର ମାନଙ୍କ ଦୈନନ୍ଦିନ ନୀତି ମଧ୍ୟରେ ପ୍ରତ୍ୟୁଷରୁ ମଙ୍ଗଳ ଆଳତୀ ଭୋର୍ ୫ଟାରେ ହୋଇଥାଏ । ସ୍ନାନ, ଧୂପ, ଦୀପ, ନୈବେଦ୍ୟ (ବାଳଭୋଗ), ଆଳତୀ, ସକାଳ ଧୂପ, ଦିବାପହୁଡ଼ । ତପ୍ରେ ଅପରାହ୍ନ ୪ଟାରେ ପହୁଡ଼ ଖୋଲାଯାଇଥାଏ । ରାତ୍ର ୮ଟା ୩୦ ମିନିଟ୍ ସମୟରେ ରାତ୍ର ଭୋଗ ଓ ଶେଷରେ ରାତ୍ର ୧୦ ଘଣ୍ଟାରେ ଠାକୁର ମାନଙ୍କ ପହୁଡ଼ ନୀତି ହୋଇଥାଏ ।

ନେବଳ ଦାସ ମଠରେ ବର୍ଷର ବିଭିନ୍ନ ଦିବସ ତଥା ତିଥି ମାନଙ୍କରେ ସ୍ୱତନ୍ତ୍ର ପର୍ବ ପର୍ବାଣୀ ପାଳିତ ହୋଇଥାଏ । ଯଥା :- ଶ୍ରୀରାମ ନବମୀରେ ଶ୍ରୀରାମଙ୍କ ଜନ୍ମୋତ୍ସବ, ବୈଶାଖରେ ଚନ୍ଦନ ଉତ୍ସବ, ଜ୍ୟେଷ୍ଠ ପୂର୍ଣ୍ଣିମାଠାରୁ ବ୍ୟାସ ପୂର୍ଣ୍ଣିମା (ଆଷାଢ଼ ପୂର୍ଣ୍ଣିମା) ପର୍ଯ୍ୟନ୍ତ ଦୀର୍ଘ ଏକ ମାସ ଅଖଣ୍ଡ ରାମଚରିତ ମାନସ ପାଠ ହୁଏ । ଶ୍ରାବଣରେ ଝୁଲଣ ଯାତ୍ରା, ଜନ୍ମାଷ୍ଟମୀରେ ଶ୍ରୀକୃଷ୍ଣ ଜନ୍ମୋତ୍ସବ, ଶ୍ରୀ ହନୁମାନ ଜୟନ୍ତୀ ପ୍ରଭୃତି ଉତ୍ସବମାନ ପାଳିତ ହୋଇଥାଏ ।

ଶ୍ରୀମନ୍ଦିର ସହ ମଠର ସଂପର୍କ :- ରଥଯାତ୍ରା ସମୟରେ ଶ୍ରୀଗୁଣ୍ଡିଚା ମନ୍ଦିରକୁ ଠାକୁରମାନେ ରଥରୁ ସିଂହାସନକୁ ବିଜେ କରିବା ସମୟରେ ମଠ ତରଫରୁ ଚାରି ବାଡ଼ରେ (ଜଗନ୍ନାଥ, ବଳଭଦ୍ର, ସୁଭଦ୍ରା, ସୁଦର୍ଶନ) ପନ୍ତି ଭୋଗ ହୋଇଥାଏ । ଏଥିପାଇଁ ନେବଳ ଦାସ ମଠକୁ

Digitized by srujanika@gmail.com

ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ଗୁଣ୍ଡିଚା ମନ୍ଦିର ପରିସରରେ ଚାଳି କରିବାକୁ ଅନୁମତି ଦିଆଯାଇଥାଏ ।

ରଥଯାତ୍ରା ସମୟରେ ଠାକୁରମାନେ ଶ୍ରୀଗୁଣ୍ଡିଚା ମନ୍ଦିରରେ ଅବସ୍ଥାନ କରୁଥିବା ବେଳେ ନବ ଦିନ ଯାକ ଠାକୁରମାନଙ୍କ ଶ୍ରୀମୁଖ ଦର୍ଶନ ନିମନ୍ତେ ଗୁଣ୍ଡିଚା ମନ୍ଦିର ସନ୍ନିକଟବର୍ତ୍ତୀ ମଠର ନିଜସ୍ୱ ଉଦ୍ୟାନରେ ମହନ୍ତ, ସାଧୁ, ସନ୍ଥମାନେ ଅବସ୍ଥାନ କରୁଥିଲେ । ସମ୍ପ୍ରତି ଏହି ପରମ୍ପରା ପ୍ରାୟ ବିଲୁପ୍ତ ହୋଇଯାଇଛି ।

କୁମାର ପୂର୍ଣ୍ଣିମା ଦିନ ଶ୍ରୀମନ୍ଦିରରୁ ଶ୍ରୀସୁଦର୍ଶନ ଦୋଳମଣ୍ଡପ ସାହିସ୍ଥିତ ଅଙ୍ଗିରା ଆଶ୍ରମ ଉଦ୍ଦେଶ୍ୟରେ ବିଜେ କରିବା ସମୟରେ ମଠର ବିଜେସ୍ଥଳୀଠାରେ ପନ୍ତିଭୋଗ ହୋଇଥାଏ । କାର୍ତ୍ତିକ ମାସରେ ମଠ ତରଫରୁ ଦୀର୍ଘ ଏକ ମାସ ଧରି ବାଲଭୋଗ ଶ୍ରୀମନ୍ଦିରକୁ ପଠାଯାଇଥାଏ । ପୂର୍ବେ ପ୍ରତ୍ୟହ ମଠର ଖଟଣୀ ଭୋଗ (ମହାପ୍ରସାଦ) ହେଉଥିଲା । ଆର୍ଥିକ ଅଭାବ ଯୋଗୁଁ ଗତ କିଛି ବର୍ଷ ହେବ ଏହି ଖଟଣୀ ଭୋଗ ବନ୍ଦ ରହିଥିବା ଜଣାଯାଏ ।

ମଠର ଭୂ-ସଂପତ୍ତି :- ପୁରୀ ଜିଲ୍ଲା ସମେତ ଓଡ଼ିଶାର ବିଭିନ୍ନ ସ୍ଥାନରେ ଥିବା ପ୍ରାୟ ୩୬ଟି ମୌଜାରେ ଏହି ମଠର ୨୦୦୦ ଏକରରୁ ଉର୍ଦ୍ଧ୍ୱ ଭୂ-ସଂପତ୍ତି ରହିଥିଲା । କେବଳ ଏରବଙ୍ଗ ମୌଜାରେ ମଠ ମାରଫତ୍‌ରେ ୧୨୦୦ ଏକର ସମ୍ପତ୍ତି ରହିଥିଲା । ଶ୍ରୀମନ୍ଦିର ରେକର୍ଡ଼ ରୁମ୍‌ରେ ଥିବା ଏକ ପ୍ରାଚୀନ କାଗଜାତ୍‌ରୁ ଜଣାଯାଏ ଯେ, ଏହି ମଠର ମହନ୍ତ ବଲ୍ଲଭ ଦାସଙ୍କ ମାରଫତ୍‌ରେ ରାଜେ ଯାନୁଜୀ ଭୋସଁଲା ପୂର୍ବ ଦୁଆଇ ପ୍ରଗଣା ଅନ୍ତର୍ଗତ ଟଙ୍କିପୁର ମୌଜାରେ ଅମୃତ ମଣୋହି ଓ ସଦର ଓ୍ୱାରଜାଙ୍କ ଖବର ନେବା ଖର୍ଚ୍ଚ ସକାଶେ ୩୭ ମାଣ ୧୪ ଗୁଣ୍ଠ ୧ ବିଶ୍ୱା ସମ୍ପତ୍ତି ଦାନ କରିଥିଲେ । ସେହିପରି ଉପରୋକ୍ତ ଦାତା ବାଂଛାସ ଓ କୋଠମୂଳ ଦୋରବସ୍ତ ପ୍ରଗଣାସ୍ଥିତ ଏରବସ୍ତ ମୌଜାଦିରେ ମୋଟ୍ ୧୩୦୮ ମାଣ ୧୮ ଗୁଣ୍ଠ ୩ ବିଶ୍ୱା ଭୂ-ସମ୍ପତ୍ତି ମଠକୁ ଦାନ କରିଥିଲେ । ୧୯୭୪ ମସିହାରୁ ଜମିଦାରୀ ଉଚ୍ଛେଦ ଆଇନ୍ ପ୍ରବର୍ତ୍ତନ ହେବା ଫଳରେ ଉପରୋକ୍ତ ସମ୍ପତ୍ତିରୁ ମଠକୁ କୌଣସି ଆୟ ଆସୁନାହିଁ ବୋଲି ମଠ ସୂତ୍ରରୁ ପ୍ରକାଶ ।

ମଠ ପରିଚାଳନା :- ସଂପ୍ରତି ମଠ ପରିଚାଳନା, ପର୍ବ ପର୍ବାଣୀ, ଠାକୁରମାନଙ୍କ ନୀତି, ଭୋଗ, ମଠ ବିଜେସ୍ଥଳୀର ଖଜଣା, ବିଦ୍ୟୁତ ଶୁଳ୍କ ଇତ୍ୟାଦି ବାବଦରେ ବାର୍ଷିକ ପ୍ରାୟ ଚାଳିଶ ହଜାରରୁ ଉର୍ଦ୍ଧ୍ୱ ଟଙ୍କା ଖର୍ଚ୍ଚ ହେଉଅଛି । ମଠର ବର୍ତ୍ତମାନର ମହନ୍ତ ଗୋବିନ୍ଦ ଚନ୍ଦ୍ର ଦାସ ଠାକୁରଙ୍କ ସେବା, ପୂଜା ଓ ପରିଚାଳନା ଇତ୍ୟାଦିର ଦାୟିତ୍ୱରେ ରହିଛନ୍ତି । ୧୯୬୭ରୁ ୧୯୮୦ ମସିହା ପର୍ଯ୍ୟନ୍ତ ରାଜ୍ୟ ଦେବୋତ୍ତର ବିଭାଗର ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ

Digitized by srujanika@gmail.com

ଏକଜ୍ୟୁଟିଭ୍ ଅଫିସରମାନେ ଏହି ମଠର ନିଯୁକ୍ତି ପାଇ ମଠ ପରିଚଳାନା ଦାୟିତ୍ୱରେ ରହିଥିଲେ । ଏହି ସମୟରେ ମଠରେ ଆର୍ଥିକ ଅବସ୍ଥା ଅତ୍ୟନ୍ତ ଶୋଚନୀୟ ହୋଇ ପଡ଼ିଥିଲା ଓ ବହୁ ମୂଲ୍ୟବାନ ସମ୍ପତ୍ତି ହସ୍ତାନ୍ତର, ବିକ୍ରୟ ଆଦି ହୋଇଥିବା ମଠ ସୂତ୍ରରୁ ପ୍ରକାଶ । ଦେବୋତ୍ତର ବିଭାଗର ଆଦେଶ ନଂ ୧୦୮ ତା୧୫.୧୨.୧୯୬୭ରେ ଏହି ମଠ ପରିଚାଳନା ପାଇଁ ଏକ ସ୍କିମ୍ କରାଯାଇଥିଲା । ୧୯୮୫ ମସିହା ପରଠାରୁ ମଠର ଚେଲା ମହାରାଜ ଶ୍ରୀ ରାମ ଚରଣ ଦାସଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅଦ୍ୟାବଧି ମଠ ପରିଚାଳନା ଇତ୍ୟାଦି କାର୍ଯ୍ୟ ଶୃଙ୍ଖଳିତ ଭାବେ ହୋଇ ଆସୁଅଛି ।

ଶ୍ରୀ ରାମ ଚରଣ ଦାସ ୧୯୮୦ ମସିହାରୁ ଏହି ମଠର ଚେଲା ରୂପେ ସ୍ୱୀକୃତି ପାଇଅଛନ୍ତି । ସେ ସାହିତ୍ୟାଚାର୍ଯ୍ୟ (ସଂସ୍କୃତରେ) ପାସ୍ କରିବା ସଙ୍ଗେ ସଙ୍ଗେ 'ନିଖିଳ ଉତ୍କଳ ମଠ ମନ୍ଦିରାଧୀଶ ସେବା ସଂଘ'ର ସାଧାରଣ ସଂପାଦକ, ଓଡ଼ିଶା ସାଧୁ ସମାଜର ସଂପାଦକ ଇତ୍ୟାଦି ପଦବୀରେ ରହି କାର୍ଯ୍ୟ କରିଥିଲେ । ବିଶେଷ କରି ଶ୍ରୀ ଦାସ ଓଡ଼ିଆ ତଥା ରାଜ୍ୟ ବାହାରେ ଭାଗବତ, ରାମ ଚରିତ ମାନସ ଓ ଜଗନ୍ନାଥ ସଂସ୍କୃତି ଉପରେ ଅନୁଷ୍ଠିତ ବିଭିନ୍ନ ପ୍ରବଚନ କାର୍ଯ୍ୟ କ୍ରମରେ ଅଂଶ ଗ୍ରହଣ କରି ଉଚ୍ଚ ପ୍ରଶଂସିତ । ସଂପ୍ରତି ଶ୍ରୀ ଦାସ 'ସଂସ୍କୃତ ପୁରାଣରେ ଅଦ୍ଭୁତ ରାମାୟଣ' ଶୀର୍ଷକ ଉପରେ ଶ୍ରୀଜଗନ୍ନାଥ ସଂସ୍କୃତ ବିଶ୍ୱବିଦ୍ୟାଳୟ ଅଧୀନରେ ଗବେଷଣାରତ । ତାଙ୍କର ପ୍ରଗାଢ଼ ଉଦ୍ୟମ ଯୋଗୁଁ ଗତ ୪/୫ ବର୍ଷ ମଧ୍ୟରେ ମଠର ବିଜେସ୍ଥଳୀର ଆବଶ୍ୟକୀୟ ମରାମତି, ରକ୍ଷଣାବେକ୍ଷଣ, ମଠର ଦେବାଳୟ ଓ ଅନ୍ୟାନ୍ୟ ପକ୍କା ଗୃହ ଗୁଡ଼ିକର ଜୀର୍ଣ୍ଣୋ ସଂସ୍କାର କରାଯାଇ ମଠର ପ୍ରଭୂତ ଉନ୍ନତି ସମ୍ଭବ ହୋଇ ପାରିଛି । ତାଙ୍କ ବକ୍ତବ୍ୟ ଅନୁଯାୟୀ ମଠଟିର ଜୀର୍ଣ୍ଣୋଦ୍ଧାର କାର୍ଯ୍ୟ ପୂର୍ବରୁ ଅନେକ ମୂଲ୍ୟବାନ ରେକର୍ଡ଼, ବିଭିନ୍ନ ସନନ୍ଦ, ତମ୍ବାପଟା ଇତ୍ୟାଦି ଐତିହାସିକ ଦଲିଲ ସଂପୂର୍ଣ୍ଣ ଭାବେ ନଷ୍ଟ ହୋଇଯାଇଅଛି ।

ମଠ ପରମ୍ପରା :- ଉକ୍ତ ମଠର ପୂର୍ବତନ ମହନ୍ତ ଭାଗବତ ଦାସଙ୍କ ସମୟରେ 'ତାଙ୍କର ଏକାଧିକ ଚେଲା ଥିଲେ । ସାଧୁ ସନ୍ଥମାନଙ୍କ ମେଳରେ ଏହି ମଠର ତତ୍କାଳୀନ ମଠାଧୀଶଗଣ ମଠ ଠାକୁରଙ୍କୁ ସଙ୍ଗରେ ଧରି ଓଡ଼ିଶା ତଥା ଭାରତର ବିଭିନ୍ନ ସ୍ଥାନକୁ ଯାଇ ସନାତନ ଧର୍ମ ଓ ମଠ ସଂସ୍କୃତିର ପ୍ରଚାର କରୁଥିଲେ । ଏହାକୁ 'ଜମାତ' କୁହାଯାଏ । ଏହି 'ଜମାତ'ର ଅର୍ଥ ହେଲା ଗ୍ରାମରୁ ଗ୍ରାମ, ନଗରରୁ ନଗର ପରିଭ୍ରମଣ କରି ଲୋକମାନଙ୍କ ସହିତ ମିଶିଥାନ୍ତି । ଏହି ଯାତ୍ରାରେ ହସ୍ତୀ, ଅଶ୍ୱ, ଓଟ ଇତ୍ୟାଦି ଯାଉଥିଲେ । ଦୀର୍ଘ ଆଠ ମାସ ଭ୍ରମଣ କରି ବର୍ଷା ଋତୁ ପୂର୍ବରୁ ମହନ୍ତମାନେ ଚେଲାମାନଙ୍କ ସହ ମଠକୁ ଫେରି ଆସୁଥିଲେ । ମୁଖ୍ୟତଃ ଚର୍ତୁମାସ ବ୍ରତ ପାଳନ ନିମନ୍ତେ ସେମାନେ ମଠକୁ ପ୍ରତ୍ୟାବର୍ତ୍ତନ କରୁଥିଲେ । ମଠ

Digitized by srujanika@gmail.com

ସୂତ୍ରରୁ ପ୍ରକାଶ ଯେ ଏହି 'ଜମାତ' ଆଜକୁ ଦୀର୍ଘ ୩୦ ବର୍ଷ ଧରି ବନ୍ଦ ହୋଇଯାଇଛି । ସୁତରାଂ ପୂର୍ବ ଭଳି ମଠର ଠାକୁରମାନେ ଆଉ ବାହାରକୁ ବିଜେ ନ କରି ମଠରେ ଅବସ୍ଥାନ କରୁଛନ୍ତି ।

ଶ୍ରୀକ୍ଷେତ୍ରରେ ପ୍ରତିଷ୍ଠିତ ଏହି ପ୍ରସିଦ୍ଧ ମଠରେ ପାଳିତ ହେଉଥିବା ବିଭିନ୍ନ ଉତ୍ସବ ଇତ୍ୟାଦି ମାନଙ୍କରେ ଭାରତ ବର୍ଷର ସାଧୁସନ୍ଥମାନେ ମଠକୁ ଆସି କିଛି ଦିନ ପାଇଁ ଏଠାରେ ଅବସ୍ଥାନ କରିଥାନ୍ତି । ସମ୍ପ୍ରତି ୫/୬ ଜଣ ସନ୍ଥ ଓ ୩ ଜଣ ବିଦ୍ୟାର୍ଥୀ ମଠରେ ରହି ଶିକ୍ଷା ଲାଭ କରୁଛନ୍ତି । ମଠ ତରଫରୁ ବିନା ଶୁଳ୍କରେ ଏମାନଙ୍କ ରହଣୀ ଓ ପ୍ରସାଦ ସେବନ ଇତ୍ୟାଦିର ସୁବନ୍ଦୋବସ୍ତ କରାଯାଉଥିବା ମଠ ସୂତ୍ରରୁ ଜଣାଯାଏ ।

ଶ୍ରୀ ରାମାନନ୍ଦୀ ସମ୍ପ୍ରଦାୟ ଅନ୍ତର୍ଭୁକ୍ତ ଏହି ମଠଟିର ପରିଚାଳନା ଓ ସେବା ପୂଜାରେ ବର୍ତ୍ତମାନ ଉନ୍ନତି ପରିଲକ୍ଷିତ ହୋଇଛି । ବିଶେଷ କରି ଚେଲା ମହାରାଜାଙ୍କ ଉଦ୍ୟମ ପ୍ରଶଂସନୀୟ ।

✣ ✣ ✣

Digitized by srujanika@gmail.com

ନନ୍ଦିନୀ ମଠ

ନିଖିଳ ଉତ୍କଳ ବୈଶ୍ୟ କରଣ ସମାଜ, ଗଞ୍ଜାମର ଗୁରୁଗାଦୀ ରୂପେ ପ୍ରସିଦ୍ଧ 'ନନ୍ଦିନୀ ମଠ' ପୁରୀ ସହରର ମାର୍କଣ୍ଡେଶ୍ୱର ସାହିରେ ଅବସ୍ଥିତ । ମଠଟି ପ୍ରାୟ ପାଞ୍ଚ ଶହ ବର୍ଷର ପୁରାତନ ଅଟେ । ଅବିଭକ୍ତ ଗଞ୍ଜାମ ଜିଲ୍ଲାର ଭଞ୍ଜନଗରସ୍ଥିତ ଏକ କରଣ ସମ୍ପ୍ରଦାୟରେ ପ୍ରତିଭା ସମ୍ପନ୍ନ ନାରୀ ନନ୍ଦିନୀ ଦେବୀ ଜନ୍ମଗ୍ରହଣ କରିଥିଲେ । ପିଲାଟି ଦିନରୁ ସେ ଭକ୍ତିମାର୍ଗରେ ପରିଚଳିତ ହୋଇ ସାରା ଜୀବନ ଅବିବାହିତ ରହିଥିଲେ । ମୀରାବାଈଙ୍କ ଭଳି ନନ୍ଦିନୀ ଦେବୀଙ୍କର ତତ୍‌କାଳୀନ ସମୟରେ ଓଡ଼ିଶାରେ ବିଶେଷ କରି ଗଞ୍ଜାମ ଜିଲ୍ଲାରେ ବହୁ ପ୍ରସିଦ୍ଧି ରହିଥିଲା । କଥିତ ଅଛି, ନନ୍ଦିନୀ ଦେବୀ ମଠଠାରେ ମୀରାବାଇ କିଛି ଦିନ ଅବସ୍ଥାନ କରି ଭଜନ, କୀର୍ତ୍ତନରେ ନିମଗ୍ନ ରହିଥିଲେ ।

ମଠର ଇତିହାସ ସମ୍ପର୍କରେ ଜଣାଯାଏ ଯେ, ପୂର୍ବରୁ ମଠର ବିଜେସ୍ଥଳୀଠାରେ ଏକ ଶିବ (ବାନାମ୍ବର) ମନ୍ଦିର ରହିଥିଲା । ଗୌଡ଼ୀୟ ବୈଷ୍ଣବ ସଂପ୍ରଦାୟର ଅନ୍ୟତମ ସାଧିକା ନନ୍ଦିନୀ ଦେବୀ ସ୍ୱପ୍ନାଦେଶ ପାଇ ବୃନ୍ଦାବନରୁ ବୃନ୍ଦାବନ ଚନ୍ଦ୍ର ଠାକୁରଙ୍କୁ ଶ୍ରୀକ୍ଷେତ୍ରକୁ ଆଣି ଏହି ସ୍ଥାନରେ ରଖି ପୂଜାରାଧାନା କରୁଥିଲେ । ତତ୍କାଳୀନ ଗଜପତି ମହାରାଜା ଏ ଖବର ପାଇ ତଥା ନନ୍ଦିନୀ ଦେବୀଙ୍କ ସେବା ଆରାଧନାରେ ଅତିଶୟ ଭକ୍ତିଭାବ ଦେଖି ଉପରୋକ୍ତ ଶିବ ମନ୍ଦିର ଓ ଲିଙ୍ଗ ଶକ୍ତିଙ୍କୁ ବର୍ତ୍ତମାନର ମଠ ବିଜେସ୍ଥଳୀର ଅଳ୍ପଦୂରକୁ ଘୁଞ୍ଚାଇ ଦେଇ ଅନ୍ୟତ୍ର ମନ୍ଦିର ନିର୍ମାଣ କରିବାପାଇଁ ଆଦେଶ ଦେବା ସହିତ ନନ୍ଦିନୀ ଦେବୀଙ୍କୁ ବୃନ୍ଦାବନଚନ୍ଦ୍ର ଠାକୁରଙ୍କ ପ୍ରତିଷ୍ଠା ଓ ମଠ ନିର୍ମାଣ କରିବା ପାଇଁ ଭୂମି ପ୍ରଦାନ କରିଥିଲେ । କଥିତ ଅଛି, ନନ୍ଦିନୀଦେବୀ କେବଳ ସ୍ତ୍ରୀ ଲୋକମାନଙ୍କୁ ନିଜର ଶିଷ୍ୟା ରୂପେ ଗ୍ରହଣ କରୁଥିଲେ । ଏକଦା କେହି ଜଣେ ପୁରୁଷ ସ୍ତ୍ରୀ ଭାବାବେଶ ନେଇ ନନ୍ଦିନୀଙ୍କ ଶିଷ୍ୟତ୍ୱ ଗ୍ରହଣ କରିଥିବା ଜନଶ୍ରୁତି ରହିଛି ।

ମାଧ୍ୱଗୌର (ଗୌଡ଼ୀୟ) ସମ୍ପ୍ରଦାୟ ଅନ୍ତର୍ଭୁକ୍ତ ନନ୍ଦିନୀ ମଠର ପ୍ରତିଷ୍ଠାତା ରୂପେ ନନ୍ଦିନୀ ଦେବୀଙ୍କ ବ୍ୟତୀତ ମହନ୍ତମାନଙ୍କ କ୍ରମାନ୍ୱୟ ଅନୁଯାୟୀ (୧) ସାଧୁ ଚରଣ ପ୍ରିୟାଙ୍କୁ (୨) ଶ୍ୟାମ ସୁନ୍ଦର ପ୍ରିୟାଙ୍କୁ (୩) ହରିହର ପ୍ରିୟାଙ୍କୁ (୪) ବଳଭଦ୍ର ପ୍ରିୟାଙ୍କୁ (୫) ନରହରି ପ୍ରିୟାଙ୍କୁ (୬) ଭଗବାନ ପ୍ରିୟାଙ୍କୁ (୭) ଗୋପୀ ଚରଣ ପ୍ରିୟାଙ୍କୁ (୮) ତାରା ଚରଣ ପ୍ରିୟାଙ୍କୁ (୯) ଭଗତ ଚରଣ ପ୍ରିୟାଙ୍କୁ (୧୦) ଦୟାନିଧି ପ୍ରିୟାଙ୍କୁ (୧୧) ଜଗନ୍ନାଥ ପ୍ରିୟାଙ୍କୁ (୧୨) ଆର୍ତ୍ତତ୍ରାଣ ପ୍ରିୟାଙ୍କୁ (୧୩) ହରେକୃଷ୍ଣ ପ୍ରିୟାଙ୍କୁ (ତା୯.୧୦.୧୯୯୦ ରିଖ ପର୍ଯ୍ୟନ୍ତ) । ସମ୍ପ୍ରତି ଶ୍ରୀ କିଶୋର ଚନ୍ଦ୍ର ଦାସ (ପ୍ରିୟାଙ୍କୁ) ମଠାଧୀଶ ରୂପେ କାର୍ଯ୍ୟନିର୍ବାହ କରୁଅଛନ୍ତି । ସୂଚନାଯୋଗ୍ୟ ଯେ, ବର୍ତ୍ତମାନର ମଠାଧୀଶ ଶ୍ରୀ ଦାସ ୧୯୮୮ ମସିହା ଆଷାଢ଼ ଶୁକ୍ଳ

Digitized by srujanika@gmail.com

ଶ୍ରୀଗୁଣ୍ଡିଚା ଦିନ ମଠର ଚେଲା ରୂପେ ଅଭିଷିକ୍ତ ହୋଇଥିଲେ । (ଉତଲ ନଂ-୩୫୮୬/ ୨୮୩ତା୨୯.୮.୮୯) ୧୯୯୧ ମସିହାରେ ରାଜ୍ୟ ଦେବୋତ୍ତର ବିଭାଗ ଦ୍ୱାରା ଇଣ୍ଟରିମ୍ ଟ୍ରଷ୍ଟି (ପଟା ନମ୍ବର ୩୫ ତା ୨.୧.୧୯୯୧)ରୂପେ ସ୍ୱୀକୃତି ପାଇଥିଲେ । ୧୯୯୦ ମସିହା ଅକ୍ଟୋବର ୨୧ ତାରିଖ ଦିନ ମଠର ମହନ୍ତ ରୂପେ ଅଭିଷେକ ପୂର୍ବକ ଗାଦିନାସୀନ ହୋଇଥିଲେ । ଉକ୍ତ ମଠର ପରମ୍ପରା ପ୍ରକାରେ ଗଞ୍ଜାମ ଜିଲ୍ଲା ବୈଶ୍ୟକରଣ ସମାଜ ମଧ୍ୟରୁ ଜନୈକ ଦକ୍ଷତା ସମ୍ପନ୍ନ ପିଲାକୁ ଗୁରୁ ଚେଲା ରୂପେ ମନୋନୀତ କରିଥାନ୍ତି । ଏହି ପ୍ରାଚୀନ ପରମ୍ପରା ଅନୁଯାୟୀ ନିଖିଳ ଉତ୍କଳ ବୈଶ୍ୟ କରଣ ସମାଜର ଗୁରୁଗାଦି ରୂପେ ନନ୍ଦିନୀ ମଠ ମାନ୍ୟତା ପାଇ ଆସୁଅଛି । ଏପରିକି ଏହି ଗୋଷ୍ଠୀ ଉକ୍ତ ମଠକୁ ଗୁରୁଗାଦି, ମଠାଧୀଶଙ୍କୁ କୁଳଗୁରୁ ଏବଂ ମଠରେ ବିଜେ କରିଥିବା ବୃନ୍ଦାବନ ଚନ୍ଦ୍ର ଠାକୁରଙ୍କୁ ଇଷ୍ଟ ଦେବ ଭାବେ ଗ୍ରହଣ କରିନେଇଛନ୍ତି ।

ବର୍ତ୍ତମାନର ମଠାଧୀଶ କିଶୋର ଚନ୍ଦ୍ର ଦାସଜୀଙ୍କ ଠାରୁ ସଂଗୃହୀତ ହୋଇଥିବା ତଥ୍ୟ ଅନୁଯାୟୀ :-

ପରିବାର - ସୀତା ଅଦ୍ୱୈତ ପରିବାର, ଚୈତନ୍ୟ ପନ୍ଥୀ, ବଳଭଦ୍ରୀ ଆଖେଡ଼ା ।

ସମ୍ପ୍ରଦା - ମାଧ୍ୱ ଗୌର ସମ୍ପ୍ରଦାୟ (ଗୌଡ଼ୀୟ), ରାଧାକୃଷ୍ଣ ଭକ୍ତି, ଗୋପୀ ତିଳକ, ଉର୍ଦ୍ଧ ପୁଣ୍ଡରିକ ନାଶାର୍ଦ୍ଧ ।

ପୀଠର ମହତ୍ୱ - ମୀରାବାଇ ଭଜନ ପୀଠ ରୂପେ ଆଦ୍ୟରୁ ସୁପରିଚିତ । ରାଧାକୃଷ୍ଣ ଭକ୍ତି ପ୍ରଚାର ଓ ପ୍ରତିଷ୍ଠା ତଥା ସେବା ପୂଜା ଆଦି ପ୍ରଧାନ ।

ଗୁରୁଗାଦି - ନିଖିଳ ଉତ୍କଳ ବୈଶ୍ୟ କରଣ ସମାଜର ।

ମଠର ବିଜେସ୍ଥଳୀ :- ପୁରୀ ଟାଉନ୍‌ର ମାର୍କଣ୍ଡେଶ୍ୱର ସାହିର ମୁଖ୍ୟ ରାସ୍ତା ତଥା ପାଣ୍ଡ ଯାଗା ନିକଟରେ ସୁପ୍ରସିଦ୍ଧ ନନ୍ଦିନୀ ମଠ ଅବସ୍ଥିତ । ମଠର ହାଲ ହୋଲଡ଼ିଂ ନମ୍ବର ୧୧୯ ଏବଂ ଓ୍ୟାର୍ଡ଼ ନମ୍ବର -୯ ଅଟେ । ବିଜେସ୍ଥଳୀରେ ମନ୍ଦିର, ମହନ୍ତଙ୍କ ନିବାସ କୋଠି, ୨୦ଟି ସାନବଡ଼ ଚାଳଘର, ତିନୋଟି ଅଗଣା, ଗୁହାଳ ଘର, ବାଡ଼ି ଇତ୍ୟାଦି ରହିଅଛି । ଉକ୍ତ ମଠର ପଟା, ଖତିୟାନ ନମ୍ବର - ୩୩୫ ଓ ପ୍ଲଟର ବିବରଣୀ ଅନୁଯାୟୀ ପ୍ଲଟନଂ ୨୬ - ମଠ ବିଜେସ୍ଥଳୀ - ୪୨୦ ଡ଼ିସିମିଲି ଦଖଲ ହରେକୃଷ୍ଣ ଦାସ ।

ପ୍ଲଟ ନଂ - ୨୭ - ବାରୀ ୧ ଡ଼ିସିମିଲି ଦଖଲ ହରେକୃଷ୍ଣ ଦାସ ।

ପ୍ଲଟ ନଂ - ୨୮ - ବାରୀ ୩ ଡ଼ିସିମିଲି ଦଖଲ ହରେକୃଷ୍ଣ ଦାସ ।

ପ୍ଲଟ ନଂ - ୨୯ - ବାରୀ ୭୧ ଡ଼ିସିମିଲି ଦଖଲ ପ୍ରାଣକୃଷ୍ଣ ସାହୁ ।

ମଠର ପୂର୍ବ ପଟେ ରବି ସାହୁ, ପଶ୍ଚିମ ଦିଗକୁ ରାସ୍ତା, ଦକ୍ଷିଣ ପାର୍ଶ୍ୱରେ ପାଣୁ ସାହୁ ଓ ଉତ୍ତର ଦିଗରେ ସୂର୍ଯ୍ୟ ନାରାୟଣ ସାହୁଙ୍କ ଘର ରହିଅଛି । ବର୍ତ୍ତମାନର ମଠାଧୀଶଙ୍କ ପ୍ରଗାଢ଼ ଉଦ୍ୟମରେ ମଠରେ ବିଜୁଳିବତୀ, ପାଣିକଳ, କୂପ, ଶିଷ୍ୟମାନଙ୍କ ପାଇଁ କେତେକ

Digitized by srujanika@gmail.com

ଅତିଥିଶାଳା କୋଠରୀ ସଂରକ୍ଷିତ ହୋଇ ରହିଅଛି । ଏତତ୍‌ବ୍ୟତୀତ ପୂର୍ବତନ ମହନ୍ତମାନଙ୍କ ସ୍ମୃତିପୀଠମାନ ରହିଅଛି । ମହନ୍ତଙ୍କ ଗାଦି ଘରର ଦ୍ୱାରବନ୍ଧରେ ଜୟ ବିଜୟ ଓ କାନ୍ଥରେ ଶ୍ରୀ ଜଗନ୍ନାଥ ମହାପ୍ରଭୁ, ଶ୍ରୀ ଚୈତନ୍ୟ ମହାପ୍ରଭୁ, ସୀତା ଅଦ୍ୱୈତ ପରିବାର, ନନ୍ଦିନୀ ଦେବୀ ଓ ଅନ୍ୟାନ୍ୟ ଗୁରୁମାନଙ୍କ ଚିତ୍ର ଶୋଭା ପାଉଅଛି । ଗାଦି ଘରଟି ପୂର୍ବରୁ ଝୁଲଣ ଘଣ ନାମରେ କଥିତ ଥିଲା । ପରବର୍ତ୍ତୀ ସମୟରେ ଏହା ଗାଦି ଘରରେ ପରିଣତ ହୋଇଅଛି ।

ମଠ ଠାକୁର ଓ ସେବାପୂଜା :- ମଠ ବିଜେସ୍ଥଳୀର ମଧ୍ୟ ଭାଗରେ ଅବସ୍ଥିତ ମୁଖ୍ୟ ମନ୍ଦିରଟି ସମ୍ପୂର୍ଣ୍ଣ ରୂପେ ଭଗ୍ନ । ତେଣୁ ୨୭.୮.୧୯୯୧ ତାରିଖରୁ ଉକ୍ତ ମନ୍ଦିରର ଜଗମୋହନରେ ଠାକୁରମାନେ ବିରାଜିତ ହୋଇ ପୂଜିତ ହେଉଛନ୍ତି । ମଠର ମୁଖ୍ୟ ଆରାଧ୍ୟ ଦେବତା ହେଲେ ଶ୍ରୀ ବୃନ୍ଦାବନ ଚନ୍ଦ୍ର । ଅନ୍ୟାନ୍ୟ ଦେବଦେବୀ ମଧ୍ୟରେ ରାଧାରାଣୀ, ବିଶାଖା ସଖି, ପତିତପାବନ, ଶାଳଗ୍ରାମ ଓ ଗୋପାଳଜୀଙ୍କ ସହ ଷୋହଳ ମୂର୍ତ୍ତି ନିତ୍ୟ ପୂଜିତ । ମନ୍ଦିର ବାହାରେ ଥିବା ପାର୍ଶ୍ୱ ଦେବତାଙ୍କ ମଧ୍ୟରେ ଗରୁଡ଼, ହନୁମାନ, ତୁଳସୀଦେବୀ, ଗଙ୍ଗା ଓ ଯମୁନା ବିଦ୍ୟମାନ ।

ନନ୍ଦିନୀ ମଠ ଠାକୁରମାନଙ୍କ ଦୈନନ୍ଦିନ ନୀତି ଅନୁଯାୟୀ ସକାଳ ୫ ଘଣ୍ଟା ସମୟରେ ମଙ୍ଗଳ ଆଳତି, ୭ଘଣ୍ଟା ସମୟରେ ଶୃଙ୍ଗାର ଓ ବାଲଭୋଗ, ଦିବା ୧୧ ଘଣ୍ଟା ସମୟରେ ଅନ୍ନଭୋଗ ଓ ତପ୍ରରେ ୧୧ ଘଣ୍ଟା ଠାରୁ ଅପରାହ୍ନ ୪ ଘଣ୍ଟା ପର୍ଯ୍ୟନ୍ତ ବିଶ୍ରାମ (ପହୁଡ଼) ହୋଇଥାଏ । ଅପରାହ୍ନ ୪ଟା ସମୟରେ ମନ୍ଦିରର ମୁଖ୍ୟ ଦ୍ୱାର ଖୋଲାଯାଏ । ସନ୍ଧ୍ୟା ୬ଘଣ୍ଟା ସମୟରେ ସନ୍ଧ୍ୟା ଆରତୀ, ବାଲଭୋଗ, ରାତ୍ର ୯ ଘଣ୍ଟା ସମୟରେ ଅନ୍ନଭୋଗ ଓ ୯ ଘଣ୍ଟା ୩୦ ମିନିଟ୍‌ରେ ରାତ୍ର ପହୁଡ଼ ହୋଇଥାଏ । ଉଲ୍ଲେଖଯୋଗ୍ୟଯେ ଏହି ମଠର ପ୍ରାଚୀନ ତଥା ପୂର୍ବତନ ଠାକୁର ଶ୍ରୀ ବୃନ୍ଦାବନ ଚନ୍ଦ୍ର ବିଗ୍ରହ ବିଘ୍ନ ହୋଇଯିବାରୁ ବର୍ତ୍ତମାନର ମଠାଧୀଶ କିଶୋର ଚନ୍ଦ୍ର ଦାସଜୀଙ୍କ ଉଦ୍ୟମରେ ୨୭.୬.୧୯୯୪ ତାରିଖ ଦିନ ନୂତନ ଭାବେ ବୃନ୍ଦାବନ ଚନ୍ଦ୍ର ଠାକୁର ବିଗ୍ରହ ବିଧିପୂର୍ବକ ପ୍ରତିଷ୍ଠା କରାଯାଇ ପୂଜା ପାଇ ଆସୁଅଛନ୍ତି । ସାଢ଼େ ଚାରିଫୁଟ୍ ଉଚ୍ଚତା ବିଶିଷ୍ଟ ମୁଗୁନି ପ୍ରସ୍ତରରେ ନିର୍ମିତ ବୃନ୍ଦାବନ ଚନ୍ଦ୍ର ବିଗ୍ରହ ଦ୍ୱିଭୁଜ ଓ ବଂଶୀଧାରୀ ଅଟନ୍ତି । ପ୍ରତ୍ୟହ ମଠ ଠାକୁରମାନଙ୍କ ସେବା, ଭୋଗ, ଆରତୀ, ପହୁଡ ଇତ୍ୟାଦି ନୀତି ସହିତ ବୈଷ୍ଣବ, ସାଧୁ, ଅତିଥି ଓ ଅଭ୍ୟାଗତ ସେବା, ଭଜନ, କୀର୍ତ୍ତନ, ପୁରାଣ ପାଠ, ପ୍ରବଚନ, ଧର୍ମ ପ୍ରଚାର ଓ ପ୍ରତିଷ୍ଠା ଶାସ୍ତ୍ର ଆଲୋଚନା ତଥା ମନ୍ତ୍ର ଉପଦେଶ ଦିଆଯାଇଥାଏ । ବିଶେଷକରି ବସନ୍ତ ପଞ୍ଚମୀଠାରୁ ଶିଷ୍ୟବାଡ଼ି ଉପଦେଶ କାର୍ଯ୍ୟ ଆରମ୍ଭ ହୋଇଥାଏ । ମଠର ଦୀକ୍ଷା ଗ୍ରହଣର ବାର ନିର୍ଣ୍ଣୟ ଅନୁଯାୟୀ ରବି, ସୋମ, ବୁଧ, ଗୁରୁ, ଶୁକ୍ର ଓ ତିଥି ନିର୍ଣ୍ଣୟ ହେଲା ୨,୫,୬,୧୨,୧୩,୧୫, (ପୂର୍ଣ୍ଣିମା) ଏବଂ ୨,୫,୭,୧୦,୧୩ (କୃଷ୍ଣ ପକ୍ଷ) ।

ପର୍ବପର୍ବାଣୀ :- ଦୈନନ୍ଦିନ ନୀତି, ସେବାପୂଜା ବ୍ୟତୀତ ବର୍ଷ ମଧ୍ୟରେ ଦୋଳଯାତ୍ରା, ଝୁଲଣ, ଗୋବର୍ଦ୍ଧନ ପୂଜା, ଜନ୍ମାଷ୍ଟମୀ, ରାଧାଷ୍ଟମୀ, ଦେବସ୍ନାନ ପୂର୍ଣ୍ଣିମା, ଏକାଦଶୀ ବ୍ରତପାଳନ,

Digitized by srujanika@gmail.com

ଗୁରୁ ପୂର୍ଣ୍ଣିମା, ଭାଗବତ ଜନ୍ମ ଓ କାର୍ତ୍ତିକ କୃଷ୍ଣ ଷଷ୍ଠୀ ମହୋତ୍ସବ (ଗୁରୁ ସ୍ମରଣିକା ଦିବସ) ଇତ୍ୟାଦି ପାଳନ କରାଯାଇଥାଏ ।

ମଠର ଭୂ-ସମ୍ପତ୍ତି :- ସମ୍ପ୍ରତି ମଠ କାର୍ଯ୍ୟାଳୟରେ ରହିଥିବା ଚକବନ୍ଦୀ ପଟ୍ଟା ଅନୁସାରେ ପୁରୀ ଜିଲ୍ଲାର ବାଁବରଡ଼ା ଗ୍ରାମରେ ମୋଟ୍ ୪୬ ଏକର ଚାଷୋପଯୋଗୀ ଜମି ରହିଅଛି । ସେଥିମଧ୍ୟରୁ ୩୦ ଏକର ଖାଲ ଜମି ହୋଇଥିବାରୁ ଶାରଦ ଫସଲ ହୋଇପାରୁ ନାହିଁ । ଖରା ଦିନେ ଅଳ୍ପ କେତେ ଏକର ଚାଇଚୁଙ୍ଗ ଧାନ ଫସଲ ନେଉଥିବା ମଠ ସୂତ୍ରରୁ ପ୍ରକାଶ ।

ସତ୍ୟବାଦୀ ଥାନାର ଶୃଙ୍ଖଳ ଅନ୍ତର୍ଗତ ବାଁବରଡ଼ା ଓ ଦକ୍ଷିଣକେରୀ ମୌଜାରେ ମଠର ନିଜସ୍ୱ ଖମାର ରହିଅଛି । ଖମାର ଚାରିପଟେ ନଡ଼ିଆ ଓ କଦଳୀ ବଗିଚା କରାଯାଇଅଛି ।

ମଠର ଏକ ଶାଖା ଅନୁଷ୍ଠାନ କଣାସ ଅନ୍ତର୍ଗତ କରମଳା ଗ୍ରାମ ଠାରେ ରହିଅଛି । ସେଠାରେ ମଠ ନାମରେ ଥିବା ୧୨ ଏକର ୬୩ ଡ଼ିସିମିଲ ଜମି ମଧ୍ୟରୁ ୨ ଏକର ୯୬ ଡ଼ିସିମିଲି ଭେଷ୍ଟିଂ ହୋଇଯାଇ ଅବଶିଷ୍ଟ ୯ ଏକର ୮ ଡ଼ିସିମିଲି ସ୍ଥିତିବାନ ସତ୍ତ୍ୱରେ ରେକର୍ଡ ହୋଇଛି । ତନ୍ମଧ୍ୟରେ ଖାତା ନଂ ୩୫୮ ରେ ୨୫୮ ଡ଼ିସିମିଲି, ଖାତା ନଂ ୮୩ରେ ଏ୧.୦୬୭ ଡ଼ିସିମିଲି (ଗୁହା ଡ଼ିଆ), ଖାତା ନଂ ୪୯ ରେ ଏ୦.୦୬୨ ଡ଼ିସିମିଲି, ଖାତା ନଂ ୩୩୨ ରେ ଏ ୪.୦୩୧ ଡ଼ିସିମିଲି ଓ ଖାତା ନଂ ୩୩୩ରେ ଏ୧.୦୫୭ ଡିସିମିଲି ଜମି (ଶାଖା ମଠ ଡ଼ିହ) ରହିଅଛି ।

ଦେବୋତ୍ତର ବିଭାଗର ନିୟନ୍ତ୍ରଣାଧୀନ ଏହି ମଠ ତରଫରୁ ଦେବୋତ୍ତର ଆଇନ୍ ଅନୁଯାୟୀ ପ୍ରତି ବର୍ଷ ମଠର ବାର୍ଷିକ ଆୟ ବ୍ୟୟ ରିପୋର୍ଟ ଓ କଣ୍ଟ୍ରିବ୍ୟୁସ ଇତ୍ୟାଦି ନିୟମିତ ଭାବେ ପ୍ରଦାନ କରାଯାଇଥାଏ । ଦେବୋତ୍ତର ବିଭାଗ ଦ୍ୱାରା ଉକ୍ତ ମଠଟି ପଞ୍ଜିକୃତ ହେବା ସଙ୍ଗେ ସଙ୍ଗେ ଏହାର ଇଣ୍ଡେକ୍ସ ନମ୍ବର ହେଲା ୧୧୪୨୧ । ତା ୨୭-୮-୧୯୯୧ ମସିହାରୁ ମଠର ମୁଖ୍ୟ ମନ୍ଦିର (ବିଜେଶାଳା) ଭଗ୍ନାବସ୍ଥା । ତେଣୁ ଉକ୍ତ ମନ୍ଦିରର ଜଗମୋହନ ଗୃହରେ ବିଗ୍ରହମାନେ ଅଧିଷ୍ଠିତ ପୂର୍ବକ ପୂଜିତ ହେଉଛନ୍ତି । ୧୧୯୨ ମସିହାଠାରୁ ଭଗ୍ନ ମନ୍ଦିରର ପ୍ଲାନ ଓ ଏଷ୍ଟିମେଟ୍ ଦେବୋତ୍ତର କମିଶନରଙ୍କ କାର୍ଯ୍ୟାଳୟରେ ମଠ ତରଫରୁ ଦାଖଲ ହୋଇଥିଲେ ହେଁ ଅଦ୍ୟାବଧି ଏହା ଅନୁମୋଦନ ଲାଭ ପାଇପାରି ନାହିଁ ବୋଲି ମଠ ସୂତ୍ରରୁ ଜଣାଯାଏ ।

ବର୍ତ୍ତମାନର ମହନ୍ତ ଶ୍ରୀ କିଶୋର ଚନ୍ଦ୍ର ଦାସଜୀଙ୍କ ପ୍ରଗାଢ଼ ଉଦ୍ୟମ ଓ ଆନ୍ତରିକତା ଯୋଗୁଁ ମଠ ପରିଚାଳନା, ଠାକୁରଙ୍କ ନୀତି, ସେବାପୂଜା, ଉତ୍ସବ, ପର୍ବପର୍ବାଣୀ ସର୍ବୋପରି ମଠର ରକ୍ଷଣାବେକ୍ଷଣରେ ଉନ୍ନତି ପରିଲକ୍ଷିତ ହୋଇଛି ।

❖ ❖ ❖

Digitized by srujanika@gmail.com

ରେବସା ମଠ

ଶ୍ରୀଜଗନ୍ନାଥ ମନ୍ଦିରର ଉତ୍ତର ଦିଗସ୍ଥ କୋଇଲି ବୈକୁଣ୍ଠ ଉପବନ ତଥା ମେଘନାଦ ପ୍ରାଚୀର ସମ୍ମୁଖରେ ରେବସା ମଠ ଅବସ୍ଥିତ । ଶ୍ରୀ ରାମାନୁଜ ସଂପ୍ରଦାୟର ଅନ୍ୟତମ ବିଭବଶାଳୀ ମଠ ରୂପେ ଏହି ଧର୍ମାନୁଷ୍ଠାନ ସମଗ୍ର ଦକ୍ଷିଣ ଭାରତରେ ସୁପ୍ରସିଦ୍ଧି ଲାଭ କରିଅଛି । ଏପରିକି ରାମାନୁଜ ସମ୍ପ୍ରଦାୟର ବେଦାନ୍ତ ଦେଶୀକ ଶାଖାର ତିନି ଗାଦି ମଧ୍ୟରେ ଅହ୍ମବିଲ ଗାଦିର ଏକ ମାତ୍ର ପୀଠ ରୂପେ ରେବସା ମଠ ଓଡ଼ିଶାର ଶ୍ରୀକ୍ଷେତ୍ର ଧାମରେ ପ୍ରତିଷ୍ଠିତ ।

ଦକ୍ଷିଣ ଭାରତ ଅହ୍ମବିଲମ୍ ନବ ନୃସିଂହ କ୍ଷେତ୍ରର ଅହ୍ମବିଲ ମଠ ତିଲକ ଓ ତିନି ଗାଦିର ପ୍ରତିନିଧିତ୍ୱ କରୁଥିବାରୁ ରେବସା ମଠକୁ ଏହି ସଂପ୍ରଦାୟର ସମସ୍ତ ସାଧୁ, ସନ୍ଥ, ଭକ୍ତ ତଥା ଅନୁରାଗୀମାନେ ଆସିଥାନ୍ତି । ଏହି ପୀଠରେ ଗାଦିନାସୀନ ମଠାଧୀଶଙ୍କୁ ଶ୍ରୀଜଗନ୍ନାଥ କ୍ଷେତ୍ରର ଆଦି ଦେବତା ଭଗବାନ ଶ୍ରୀଲକ୍ଷ୍ମୀ ନୃସିଂହ ଦିବ୍ୟ ପାଦୁକା ସେବକ ରୂପେ ଅଭିହିତ କରାଯାଇଥାଏ ।

ମଠର ପ୍ରତିଷ୍ଠା ଓ ନାମକରଣ :- ମଠ ପ୍ରତିଷ୍ଠା ସମ୍ପର୍କରେ ବର୍ତ୍ତମାନର ମଠାଧୀଶ ରାଘବେନ୍ଦ୍ର ପ୍ରପନ୍ନ ରାମାନୁଜ ଦାସଙ୍କ ବକ୍ତବ୍ୟ ଅନୁଯାୟୀ ରାଜସ୍ଥାନ ରାଜ୍ୟର ଶିକର ନିକଟସ୍ଥ ରେବାସା ଗ୍ରାମର ଜନୈକ କୁଳୀନ ପଣ୍ଡିତ ରାମଚନ୍ଦ୍ର ରାମାନୁଜ ଦାସ ଥିଲେ ଜୟପୁର ରାଜାଙ୍କର ରାଜଗୁରୁ । ଯେ କି ସଦ୍‌ଗୃହସ୍ଥ ଥିଲେ । ସେ ଦକ୍ଷିଣ ଅହ୍ମବିଲ (ତତ୍‌କାଳୀନ (ଯତି) ତ୍ରିଦଣ୍ଡୀ ସନ୍ୟାସୀ) କଲ୍ୟାଣ ବୀର ରାଘବ ଯତୀନ୍ଦ୍ର ମହାଦେଶୀଙ୍କର ଶିଷ୍ୟତ୍ୱ ଗ୍ରହଣ କରିଥିଲେ । ନିଜ ଗୁରୁଙ୍କ ନିର୍ଦ୍ଦେଶ ତଥା ଜୟପୁର ମହାରାଜା ଏବଂ ମାରୱାଡ୍ ସଂପ୍ରଦାୟର କେତେକ ରାଜା ଜମିଦାରମାନଙ୍କ ଆର୍ଥିକ ସହାୟତାରେ ଶ୍ରୀକ୍ଷେତ୍ରରେ ରେବସା ମଠ ପ୍ରତିଷ୍ଠା କରିଥିଲେ । ମଠରେ ଅବସ୍ଥାନ କରୁଥିବା ଜଣେ ବିଶିଷ୍ଟ ସାଧୁଙ୍କ ସହ ଲେଖକ ନିଜେ ଆଲୋଚନା କରିବାରେ ସେ ପ୍ରକାଶ କରିଥିଲେ ଯେ, ମଧ୍ୟ ପ୍ରଦେଶସ୍ଥ ରିୱା ରାଜା ରଘୁରାଜ ସିଂ ଚାରି ଧାମରେ ଏହି ସମ୍ପ୍ରଦାୟର ଥିବା ମଠର ନିର୍ମାଣ ଓ ମରାମତି ଇତ୍ୟାଦି କାର୍ଯ୍ୟ କରିଥିଲେ । ତାଙ୍କର ରାଜତ୍ୱ କାଳରେ ଶ୍ରୀକ୍ଷେତ୍ରର ରେବସା ମଠର ବହୁ ନିର୍ମାଣ ଓ ଉନ୍ନତିକର କାର୍ଯ୍ୟ ସାଧିତ ହୋଇଥିଲା ।

Digitized by srujanika@gmail.com

ରେବସା ମଠଟିର ବିଜେସ୍ଥଳୀଟି ପୂର୍ବରୁ 'ନୃସିଂହ ଗୁମ୍ଫା' ନାମରେ ପରିଚିତ ଥିଲା । କଲ୍ୟାଣବୀର ରାଘବ ଯତୀନ୍ଦ୍ର ମହାଦେଶୀ ନିଜ ଶିଷ୍ୟ ବୃନ୍ଦଙ୍କ ସହ ପରମ ପବିତ୍ର ପୁରୁଷୋତ୍ତମ କ୍ଷେତ୍ରକୁ ଆଗମନ ପୂର୍ବକ ଏଠାରେ ଲକ୍ଷ୍ମୀ ନୃସିଂହଙ୍କ ଆରାଧନା କରିଥିଲେ । ଏପରିକି ଏହି ବିଜେସ୍ଥଳୀ ଠାରେ ଯାଗଯଜ୍ଞ, ଜପ ତପାଦି ଦ୍ୱାରା ଅତ୍ରତ୍ୟ ଭକ୍ତ ମଣ୍ଡଳୀକୁ ମଧ୍ୟ ଅନୁପ୍ରାଣିତ କରିପାରିଥିଲେ । ପରବର୍ତ୍ତୀକାଳରେ ଉକ୍ତ ବିଗ୍ରହ ଶ୍ରୀମନ୍ଦିରର ମହାଲକ୍ଷ୍ମୀ ମନ୍ଦିରରେ ପ୍ରତିଷ୍ଠିତ ହୋଇ ଦୈନନ୍ଦିନ ପୂଜା ପାଉଥିବା ବିଷୟ ଜନଶ୍ରୁତି ରହିଛି ବୋଲି ବର୍ତ୍ତମାନର ମଠାଧୀଶ ପ୍ରକାଶ କରିଛନ୍ତି । କଥିତ ଅଛି ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଶ୍ରୀମସ୍ତକରେ ଲାଗି ହୋଇଥିବା ସୁବର୍ଣ୍ଣ ଚିତା ଏହି ମଠର ସ୍ମାରକୀ ବହନ କରୁଅଛି ।

ରେବସା ମଠର ତିଳକ ହେଉଛି 'ବଡ଼ଗଲ' । ଏହି ତିଳକର ତଳେ ଦଣ୍ଡୀ ନ ଥାଏ ।

ମଠ ବିଜେସ୍ଥଳୀ :- ଦୀର୍ଘ ପାଞ୍ଚଶହ ବର୍ଷର ପୁରାତନ ଏହି ମଠଟି ହାଲ ବନ୍ଦୋବସ୍ତ ରେକର୍ଡ଼ ଅନୁଯାୟୀ ମୋଟ୍ ୮୬୮ ଡ଼ିସିମିଲି ପରିମିତ ଜମି ଉପରେ ଅବସ୍ଥିତ । ମଠର ମୁଖ୍ୟ ଦ୍ୱାର ଦକ୍ଷିଣାଭିମୁଖୀ । ବିଜେସ୍ଥଳୀ ମଧ୍ୟରେ ଗର୍ଭ ମନ୍ଦିର, ଜଗମୋହନ, ରୋଷଶାଳା, ଗାଦି ଘର, ସରଘର, ଅମୋଣିଆ ଘର, ଝୁଲଣ ଘର, ମଠାଧୀଶଙ୍କ ନିବାସ ଗୃହ, ସନ୍ଥ ନିବାସ, ପାଞ୍ଚଟି (ପଞ୍ଚ ଚତ୍ୱର) ଅଗଣା, ଦୁଇଗୋଟି କୂପ, ତୁଳସୀ ଓ ପୁଷ୍ପ, ନାରିକେଳ ବୃକ୍ଷ ଇତ୍ୟାଦି ରହିଅଛି । ମଠର ମୁଖ୍ୟ ଦ୍ୱାର କୋଇଲି ବୈକୁଣ୍ଠ ଉପବନ ତଥା ମେଘନାଦ ପ୍ରାଚୀର ସମ୍ମୁଖକୁ ରହିଅଛି ।

ମଠାଧୀଶମାନଙ୍କ ସଂପର୍କରେ :- ମଠ ପ୍ରତିଷ୍ଠା ହେବାଠାରୁ ଅଦ୍ୟାବଧି ପ୍ରାୟ ୧୫ ଜଣ ମଠାଧୀଶ ଗାଦିନାସୀନ ହୋଇଥିଲେ ହେଁ ମଠ କାର୍ଯ୍ୟାଳୟରେ ଉପଲବ୍ଧ ହେଉଥିବା କାଗଜାତ୍‌ରୁ ୮ ଜଣ ମଠାଧୀଶଙ୍କ ନାମ ମିଳୁଅଛି । ନାମ ଗୁଡ଼ିକ କ୍ରମାନ୍ୱୟରେ ଉଲ୍ଲେଖ କରାଗଲା ।

ପ୍ରତିଷ୍ଠାତା ମହନ୍ତ :-

ପଣ୍ଡିତ ରାମଚନ୍ଦ୍ର ରାମାନୁଜ ଦାସ

x x x x x x x x

x x x x x x x x

(ପ୍ରତିଷ୍ଠାତା ମଠାଧୀଶଙ୍କ ପରବର୍ତ୍ତୀ କେତେକ ମହନ୍ତ ମାନଙ୍କ ନାମ ମଠ କାର୍ଯ୍ୟାଳୟରୁ ଉପଲବ୍ଧ ହେଉନାହିଁ)

Digitized by srujanika@gmail.com

ମହନ୍ତ ଶାଳଗ୍ରାମ ରାମାନୁଜ ଦାସ
ମହନ୍ତ ଲକ୍ଷ୍ମୀ ପ୍ରପନ୍ନ ରାମାନୁଜ ଦାସ
ମହନ୍ତ ଅହ୍ଲବିଲ ପ୍ରପନ୍ନ ରାମାନୁଜ ଦାସ
ମହନ୍ତ ଶାସ୍ତ୍ରୀ ରାମାଧୀନ ରାମାନୁଜ ଦାସ
ମହନ୍ତ ରାଜୀବ ଲୋଚନ ରାମାନୁଜ ଦାସ
ମହନ୍ତ କମଳ ଲୋଚନ ରମାନୁଜ ଦାସ (୧୯୫୧ ମସିହା ପୂର୍ବରୁ ଏ ମହନ୍ତ ରହିଥିବାର ପ୍ରମାଣ ମଳୁଛି)
ମହନ୍ତ ରାମ ବିଳାସ ରାମାନୁଜ ଦାସ (୧୯୬୦ ମସିହାରୁ ଡ଼ିସେମ୍ବର ୧୯୬୬ ମସିହା ପର୍ଯ୍ୟନ୍ତ)
ମହନ୍ତ ରାଘବେନ୍ଦ୍ର ପ୍ରପନ୍ନ ରାମାନୁଜ ଦାସ (୧.୧.୧୯୬୭ ମସିହାରୁ ଅଦ୍ୟାବଧି)

ମଠ ବିଗ୍ରହ :- ରେବସା ମଠର ଇଷ୍ଟ ବିଗ୍ରହ ରୂପେ ଭଗବାନ ଶ୍ରୀ ଲକ୍ଷ୍ମୀ ନୃସିଂହ ଶାଳଗ୍ରାମ ଭାବେ ପୂଜା ପାଉଛନ୍ତି । ଏହି ଦୁର୍ଲଭ ଶାଳଗ୍ରାମରେ ଲକ୍ଷ୍ମୀ ନୃସିଂହାକୃତିର ସମସ୍ତ ଲକ୍ଷଣ ପରିସ୍ଫୁଟିତ ହୋଇଅଛି । ଏତଦ୍‌ବ୍ୟତୀତ ମନ୍ଦିରରେ ଆରାଧନୀୟ ଦିବ୍ୟ ସିଂହାସନରେ ଶ୍ରୀ ରଘୁନାଥ ଜୀଉ, ଶ୍ରୀ ଲକ୍ଷ୍ମଣ ଲାଲ, ମାତା ଜାନକୀ, ଗୋପାଳଜୀ, ଲାଲଜୀ, ଗୋପୀନାଥ ଦେବ, ରାଧାକୃଷ୍ଣ, ଶ୍ରୀ ସୁଭଦ୍ରା, ଶ୍ରୀ ସୁଦର୍ଶନ, ଶ୍ରୀ ବଳଭଦ୍ର, ଶ୍ରୀଜଗନ୍ନାଥ (ଦାରୁ ବିଗ୍ରହ ଚତୁର୍ଦ୍ଧାମୂର୍ତ୍ତି), ଲକ୍ଷ୍ମୀ, ଶ୍ରୀ ରାମାନୁଜ ସ୍ୱାମୀ, ଷଟ୍‌କୋପ (ଧାତୁ ବିଗ୍ରହ), ହନୁମାନ ଜୀଉ (ମଣିମୟ ଶିଳା ବିଗ୍ରହ) ଏବଂ ପ୍ରାୟ ୩୦ରୁ ଉର୍ଦ୍ଧ୍ୱ ଶାଳଗ୍ରାମ ମୂର୍ତ୍ତି ଅଧିଷ୍ଠିତ ହୋଇ ପ୍ରତ୍ୟହ ପୂଜିତ ହେଉଛନ୍ତି ।

ଦୈନନ୍ଦିନ ନୀତି : ପ୍ରତିଦିନ ମଠର ଗର୍ଭ ମନ୍ଦିରରେ ବିରାଜିତ ଠାକୁରମାନଙ୍କର ନୀତି ନିମ୍ନ ପ୍ରକାରେ ଅନୁଷ୍ଠିତ ହୋଇଥାଏ ।

୧. ମଙ୍ଗଳ ଆଳତି
୨. ଅବକାଶ (ସ୍ନାନ ନୀତି)
୩. ସିଂହାର
୪. ବାଲଭୋଗ (ଫଳ, ଖଇ, କୋରା)
୫. ରାଜଭୋଗ (ମଧ୍ୟାହ୍ନରେ ଅନ୍ନଭୋଗ ଓ କ୍ଷୀରି ଭୋଗ)
୬. ଶୟନ ଆଳତି ଓ ଦିବା ପହୁଡ଼
୭. ଅପରାହ୍ନରେ ଦେବଉତ୍ଥାପନ, କର୍ପୂର ଆଳତି
୮. ଆଚମନ ଭୋଗ
୯. ସନ୍ଧ୍ୟା ଭୋଗ
୧୦. ଅଳବନ୍ଦାର, ବରଦବଲ୍ଲଭାଷ୍ଟକମ୍ ପଞ୍ଚଘାଟି ସ୍ତୋତ୍ରମ୍, ଭବ ମଙ୍ଗଳାଷ୍ଟକ, ନାରାୟଣାଷ୍ଟକ, ଶ୍ରୀସୂକ୍ତ, ପୁରୁଷ ସୂକ୍ତ, ଲକ୍ଷ୍ମୀ ସୂକ୍ତ, କନକ ଧାରା ସ୍ତୋତ୍ରମ୍,

Digitized by srujanika@gmail.com

ଜଗନ୍ନାଥାଷ୍ଟକ ଓ ପଞ୍ଚକ ଇତ୍ୟାଦି ପାଠ କରାଯାଏ । ଏହି ପାଠ ପରେ କୀର୍ତ୍ତନ ହୋଇଥାଏ ।

୧୧. ସନ୍ଧ୍ୟା ଅଳତୀ (କର୍ପୂର ଆଳତି)

ମଠ ତରଫରୁ ନିଯୁକ୍ତ ଏହି ସଂପ୍ରଦାୟର ଜନୈକ ବ୍ରାହ୍ମଣ ପୂଜାରୀ ଦ୍ୱାରା ଦେବ ବିଗ୍ରହ ମାନଙ୍କର ନୀତି, ପୂଜା, ଭୋଗ, ଇତ୍ୟାଦି ସମାହିତ ହେଉଅଛି ।

ଶ୍ରୀମନ୍ଦିର ସହ ମଠର ସଂପର୍କ : ଶ୍ରୀମନ୍ଦିର ସ୍ୱତ୍ୱଲିପି (Record of Rights) ଅନୁଯାୟୀ ରେବସା ମଠ ମହନ୍ତଙ୍କର ଶ୍ରୀମନ୍ଦିରରେ ଉପଚାର ଚାମର, ଆଲଟ ସେବା ରହିଛି ଓ ମଶାଲ ପାଆନ୍ତି । ଦେବସ୍ନାନ ପୂର୍ଣ୍ଣିମା, ଆଷାଢ଼ ଶ୍ରୀଗୁଣ୍ଡିଚା ଓ ନୀଳାଦ୍ରି ବିଜେ ଦିବସରେ ମଠ ତରଫରୁ ଶ୍ରୀମନ୍ଦିରରେ ଶ୍ରୀବିଗ୍ରହମାନଙ୍କ ଉଦ୍ଦେଶ୍ୟରେ ପନ୍ତୀ ଭୋଗ ହୋଇଥାଏ । ପୂର୍ବରୁ ଶ୍ରୀମନ୍ଦିର ବାଇଶି ପାହାଚର ଡ଼ାହାଣ ପାର୍ଶ୍ୱରେ ପ୍ଲଟ ନଂ ୧୫୧ ରେ ଥିବା ୬ଟି ସର ଘର ମଧ୍ୟରୁ ଦ୍ୱିତୀୟଟି ରେବସା ମଠ ଦଖଲରେ ଥିଲା । ଉକ୍ତ ସରଘର ସମେତ ସେହି ସ୍ଥାନରେ ଥିବା ଅନ୍ୟ କେତୋଟି ସରଘର ଅତ୍ୟନ୍ତ ଜରାଜୀର୍ଣ୍ଣ ତଥା ବିପଦ ଶଙ୍କୁଳ ଅବସ୍ଥାରେ ରହିଥିବା ଯୋଗୁଁ ୧୯୯୫ ମସିହାରେ ମନ୍ଦିର ପ୍ରଶାସନ ପକ୍ଷରୁ ସେହି ସରଘର ଗୁଡ଼ିକୁ ସଂପୂର୍ଣ୍ଣ ରୂପେ ଭଙ୍ଗା ଯାଇଥିଲା । ସଂପ୍ରତି ସେହି ସ୍ଥାନରେ ଚାନ୍ଦୁଆ ଟଣାଯାଇ ମଠ ତରଫରୁ ପନ୍ତୀ ଭୋଗ କରାଯାଉଅଛି ।

ମଠର ପର୍ବପର୍ବାଣୀ :- ବର୍ଷର ବିଭିନ୍ନ ତିଥି ତଥା ଉତ୍ସବ ଦିନ ମାନଙ୍କରେ ମଠ ତରଫରୁ ଅନେକ ପର୍ବ ଓ ପର୍ବାଣୀ ପାଳିତ ହୋଇଥାଏ । ତନ୍ମଧ୍ୟରେ ଜ୍ୟେଷ୍ଠ ପୂର୍ଣ୍ଣିମା (ଜ୍ୟେଷ୍ଠାଭିଷେକ) - ସ୍ନାନ ଯାତ୍ରାରେ ସହସ୍ରଧାରା ଅଭିଷେକ, ଆଷାଢ଼ ରଥ ଯାତ୍ରା ଅବସରରେ ନବ ରାତ୍ର ପର୍ବ ପାଳନ ପୂର୍ବକ ମଠରେ ପ୍ରତ୍ୟହ ଯଜ୍ଞ ହୋଇଥାଏ ଏବଂ ଠାକୁରଙ୍କୁ ନିତ୍ୟ ତୁଳସୀ, ପଦ୍ମ ପୁଷ୍ପରେ ଅର୍ଚ୍ଚନା କରାଯାଇଥାଏ । ଗୁରୁ ପୂର୍ଣ୍ଣିମା, ଝୁଲଣ ଯାତ୍ରା, ଶ୍ରୀକୃଷ୍ଣ ଜନ୍ମାଷ୍ଟମୀ, ବାମନ ଦ୍ୱାଦଶୀ ଜନ୍ମ ଉତ୍ସବ, ସୁନିଆ, ପିତୃ ପକ୍ଷରେ ଗୁରୁ ସଂପ୍ରଦାୟର ଶ୍ରାଦ୍ଧ ତର୍ପଣାଦି, ଦଶହରା, ଶାରଦୀୟ ନବରାତ୍ର, ବିଜୟା ଦଶମୀ ଦିନ ବେଦାନ୍ତ ଦେଶୀକ ସ୍ୱାମୀଙ୍କର ଜୟନ୍ତୀ ଉତ୍ସବ ପାଳନ କରାଯାଏ । ଶରଦ ପୂର୍ଣ୍ଣିମାରେ ମଠ ଠାକୁରଙ୍କୁ କ୍ଷୀରି ଭୋଗ, ଦିପାବଳୀ, ଅନ୍ନକୂଟ, ଦେବୋଉତ୍‌ଥାପନ ଏକାଦଶୀ, କାର୍ତ୍ତିକ ବ୍ରତ, ଭାଗବତ ପାଠ, ଓଢ଼ଣ ଷଷ୍ଠୀ, ପୁଷ୍ୟାଭିଷେକ, ମକର ସଂକ୍ରାନ୍ତି, ତ୍ରିବେଣୀ ଅମାବାସ୍ୟା, ମାଘ ପୂର୍ଣ୍ଣିମା, ଦୋଳ ଉତ୍ସବରେ ଦୋଳ ଯାତ୍ରା, ଶ୍ରୀରାମ ନବମୀ, ମହାବିଷୁବ ସଂକ୍ରାନ୍ତି, ନୃସିଂହ ଜନ୍ମୋତ୍ସବ, ରାମାନୁଜ ଜୟନ୍ତୀ ଇତ୍ୟାଦି ଉତ୍ସବ ପାଳିତ ହୋଇଥାଏ । ଏତଦ୍‌ବ୍ୟତୀତ ପୂର୍ବ ଆଚାର୍ଯ୍ୟ ଓ ମଠାଧୀଶ ମାନଙ୍କର ଜୟନ୍ତୀ ଓ ଶ୍ରାଦ୍ଧାଦି ମହୋତ୍ସବ ଅନୁଷ୍ଠିତ ହୋଇ ଆସୁଅଛି ।

Digitized by srujanika@gmail.com

ମଠ ପରିଚାଳନା :- ଓଡ଼ିଶା ଦେବୋତ୍ତର ବିଭାଗର ନିୟନ୍ତ୍ରଣାଧୀନ ଏହି ମଠର ପରିଚାଳନାଭାର ବର୍ତ୍ତମାନର ମହନ୍ତ ରାଘବେନ୍ଦ୍ର ପ୍ରପନ୍ନ ରାମାନୁଜ ଦାସଙ୍କ ଉପରେ ନ୍ୟସ୍ତ ହୋଇଥିବାର ଜଣାଯାଏ । ମଠର କେତେକ ଦୋକାନ ଘରଭଡ଼ା, ପୁରୀ ଜିଲ୍ଲାର ନିମାପଡ଼ା, ଗୋପ ଇତ୍ୟାଦି ଅଞ୍ଚଳରେ ଥିବା ଧାନ ଜମି, ବଗିଚାରୁ ଆସୁଥିବା ଆୟ ତଥା ଶିଷ୍ୟବର୍ଗମାନଙ୍କ ଦାନ ଅର୍ଥରେ ମଠ ଠାକୁର ମାନଙ୍କ ଦୈନନ୍ଦିନ ନୀତି, ପର୍ବପର୍ବାଣୀ, ଭୋଗ, ବିଦ୍ୟୁତ ଶୁଳ୍କ, ଖଜଣା ଓ ଅନ୍ୟାନ୍ୟ ବାବଦରେ ବ୍ୟୟ ହୋଇଥାଏ । ବର୍ତ୍ତମାନର ମଠାଧୀଶଙ୍କ ବକ୍ତବ୍ୟ ଅନୁଯାୟୀ ବାର୍ଷିକ ବିଭିନ୍ନ ସୂତ୍ରରୁ ଆସୁଥିବା ଆୟ ପ୍ରାୟ ପଚିଶ ହଜାର ଟଙ୍କା ହେଉଥିବା ବେଳେ ବ୍ୟୟ ମଧ ସମ ପରିମାଣର ଅଟେ ।

ଅନ୍ୟାନ୍ୟ :-

ଉଲ୍ଲେଖଯୋଗ୍ୟଯେ ବହୁବର୍ଷ ଧରି ପ୍ରତିବର୍ଷ ମାଘ ମାସରେ ଏଲାହାବାଦ୍‌ର ରାମାନୁଜ ନଗର ଠାରେ ଆୟୋଜିତ କୁମ୍ଭ ମେଳାରେ ରେବସା ମଠ ତରଫରୁ ବୈକୁଣ୍ଠନାଥ ସେବା ଶିବିର ପରିଚାଳିତ ହୋଇଥାଏ । ଭାରତ ବର୍ଷର ରାମାନୁଜ ସଂପ୍ରଦାୟର ବହୁ ସାଧୁ, ସନ୍ଥ ଏହି ଶିବିରରେ ଅବସ୍ଥାନ କରି କୁମ୍ଭ ମେଳାରେ ଅଂଶ ଗ୍ରହଣ କରିଥାନ୍ତି । ଏପରିକି କୁମ୍ଭ ମେଳାରେ ଉକ୍ତ ମଠର ମହନ୍ତଙ୍କୁ ବହୁ ସମ୍ମାନ ମିଳିଥାଏ । ବର୍ତ୍ତମାନର ମହନ୍ତ ଜଣେ ଉଚ୍ଚଶିକ୍ଷିତ, ଧର୍ମ ପରାୟଣ ସ୍ୱଭାବର ବ୍ୟକ୍ତି ଅଟନ୍ତି । ରେବସା ମଠର ବିଶେଷତ୍ୱ ହେଲା ଯେ, ଅତୀତରେ ଭାରତର ବହୁ ବିଶିଷ୍ଟ ସାଧୁ, ସଂପ୍ରଦାୟର ଗୁରୁବର୍ଗମାନେ ଏହି ମଠରେ ଅବସ୍ଥାନ କରିଥିବାର ପ୍ରମାଣ ରହିଛି ।

ଦୀର୍ଘ ପାଞ୍ଚ ଶହ ବର୍ଷରୁ ଉର୍ଦ୍ଧ୍ୱ ଧରି ଶ୍ରୀକ୍ଷେତ୍ରରେ ପ୍ରତିଷ୍ଠିତ ଶ୍ରୀରାମାନୁଜ ସମ୍ପ୍ରଦାୟର ରେବସା ମଠ ପ୍ରସିଦ୍ଧି ଲାଭ କରିବା ସଙ୍ଗେ ସଙ୍ଗେ ସମଗ୍ର ଦକ୍ଷିଣ ଭାରତରେ ସନାତନ ଧର୍ମର ପ୍ରଚାର ପ୍ରସାର କରିବାରେ ସହାୟକ ହୋଇପାରିଛି ।

✣ ✣ ✣

Digitized by srujanika@gmail.com

ସାନଛତା ମଠ

ଶ୍ରୀ ରାମାନନ୍ଦୀ ସମ୍ପ୍ରଦାୟର ଅନ୍ୟତମ ପ୍ରସିଦ୍ଧ ଅନୁଷ୍ଠାନ 'ସାନଛତା ମଠ' ଶ୍ରୀମନ୍ଦିରର ଅନତି ଦୂରରେ ତଥା ଦୋଳବେଦୀ କୁଞ୍ଜ ସମ୍ମୁଖରେ ଅବସ୍ଥିତ । ବନ୍ଦୋବସ୍ତ ରେକର୍ଡ଼ ଅନୁଯାୟୀ ପୁରୀ ଟାଉନ୍‌ର ବୁଡ଼ଙ୍ଗ ସାହି ମୌଜାରେ ଏହି ମଠଟି ପ୍ରତିଷ୍ଠିତ । ମୋଟ୍ ୮୭ ଡ଼ିସିମିଲି ପରିମିତ ଭୂମି ଉପରେ ମଠର ବିଜେସ୍ଥଳୀଟି ରହିଅଛି ।

ମଠ ସୂତ୍ରରୁ ପ୍ରକାଶ ଯେ, ୨୫୦ ବର୍ଷରୁ ଉର୍ଦ୍ଧ୍ୱ ପୁରାତନ 'ସାନଛତା ମଠ' ର ପ୍ରତିଷ୍ଠାତା ହେଉଛନ୍ତି ବିଶିଷ୍ଟ ସନ୍ଥ ରାମ ଦାସଜୀ । ବିରକ୍ତ ପରମ୍ପରା ଅନୁସାରେ ଏହି ମଠର ବୈଷ୍ଣବ ତଥା ମହନ୍ତ ବିବାହ କରି ଗୃହୀ ହୋଇପାରିବେ ନାହିଁ । ଉଲ୍ଲେଖଯୋଗ୍ୟଯେ ଉକ୍ତ ମଠ ମହନ୍ତ ମାନଙ୍କର ଗୋତ୍ର ଅଚ୍ୟୁତ ଅଟେ । ମଠରେ ରହୁଥିବା ଚେଲା ବା ଶିଷ୍ୟ ମାନଙ୍କ ମଧ୍ୟରୁ ଜଣଙ୍କୁ ମହନ୍ତଙ୍କ ଉତ୍ତରାଧିକାରୀ ରୂପେ ମନୋନୟନ କରାଯାଇଥାଏ । ତତ୍ ପୂର୍ବରୁ ଉକ୍ତ ଚେଲା ମହାରାଜ ମଠର ସେବାପୂଜା, ପରମ୍ପରା ତଥା ସମ୍ପ୍ରଦାୟର ମୌଳିକ ନୀତି ସମ୍ପର୍କରେ ଶିକ୍ଷା ପାଇଥାନ୍ତି । ପୁରୀ ବଡ଼ ଆଖେଡ଼ା ମଠର ମହନ୍ତ ଏହି ମଠର ନୂତନ ମହନ୍ତ ମାନଙ୍କୁ ଶାଢ଼ୀ ବନ୍ଧାଇବାର ପରମ୍ପରା ରହିଅଛି । ଉକ୍ତ ମଠର ମହନ୍ତ ମାନେ ତିଳକ ତଳେ ବିନ୍ଦି ଲାଗାଇଥାନ୍ତି ।

ବଡ଼ ଆଖେଡ଼ା ମଠ ମହନ୍ତଙ୍କର ଏହି ଅଧିକାର ଓ ସମ୍ମାନ ସମ୍ପର୍କରେ ସାନ ଛତା ମଠ ସୂତ୍ରରୁ ଜଣାଯାଏ ଯେ, ଭାରତରେ ୪ (ଶ୍ରୀ, ରୁଦ୍ର, ମାଧ୍ୱ, ନିମ୍ବାର୍କ) ସମ୍ପ୍ରଦାୟର ତିନି ଅନି (ବାହିନୀ) ଅଛି । ଏହି ଅନି ଗୁଡ଼ିକ ହେଲା (୧) ପଞ୍ଚ ରାମାନନ୍ଦୀୟ ନିର୍ମୋହୀ ଆଖେଡ଼ା (୨) ପଞ୍ଚ ରାମାନନ୍ଦୀୟ ଦିଗମ୍ବର ଆଖେଡ଼ା (୩) ପଞ୍ଚ ରାମାନନ୍ଦୀୟ ନିର୍ବାଣୀ ଆଖଡ଼ା ।

ଉପରୋକ୍ତ ତିନି ଆଖେଡ଼ା ମଧ୍ୟରେ ଦିଗମ୍ବର ଆଖେଡ଼ାର ଅଧୀନରେ ଭାରତରେ ୬ଟି ବୈଠକ ରହିଅଛି । ଏଥି ମଧ୍ୟରୁ ଜଗନ୍ନାଥ ବା ପୁରୀ ଧାମରେ ଗୋଟିଏ ବୈଠକ ଅଛି । ବଡ଼ ଆଖେଡ଼ା ମଠ ଏହାର ଅନ୍ତର୍ଭୁକ୍ତ ଓ ମୁଖ୍ୟ ଅଟେ ।

ସାନ ଛତା ମଠ ମହନ୍ତ ଶ୍ରୀ ରାମ ଭୂଷଣ ଦାସଜୀଙ୍କ ସୂତ୍ରରୁ ଜଣାଯାଏ ଯେ ଏହି ମଠରେ ଅଦ୍ୟାବଧି ୯ ଜଣ ମଠାଧୀଶ ଅବସ୍ଥାପିତ ହୋଇଛନ୍ତି । ତନ୍ମଧ୍ୟରେ :

୧. ୧୦୮ ଶ୍ରୀ ମହନ୍ତ ଶ୍ରୀରାମ ଦାସଜୀ (ପ୍ରତିଷ୍ଠାତା)

୨. ମହନ୍ତ ଶ୍ରୀ ରଘୁନାଥ ଦାସଜୀ

Digitized by srujanika@gmail.com

୩. ମହନ୍ତ ଶ୍ରୀ ହନୁମାନ ଦାସଜୀ

୪. ମହନ୍ତ ଶ୍ରୀ ଗୋମତୀ ଦାସଜୀ

୫. ମହନ୍ତ ଶ୍ରୀ ହରି ଚରଣ ଦାସଜୀ

୬. ମହନ୍ତ ଶ୍ରୀ ନାରାୟଣ ଦାସଜୀ

୭. ମହନ୍ତ ଶ୍ରୀ ଗଙ୍ଗା ଦାସଜୀ

୮. ମହନ୍ତ ଶ୍ରୀ ରାମ ଚରଣ ଦାସଜୀ (ଫଳାହାରୀ ବାବା)

୯. ମହନ୍ତ ଶ୍ରୀ ରାମ ଭୂଷଣ ଦାସଜୀ (ବର୍ତ୍ତମାନର ମହନ୍ତ)

୧୯୯୧ ମସିହାରୁ ବର୍ତ୍ତମାନର ମହନ୍ତ ରାମଭୂଷଣ ଦାସଜୀ ମହନ୍ତାଇ ଶାଢ଼ୀ ବାନ୍ଧାଇ ମଠ ଠାକୁରଙ୍କ ସେବା ପୂଜା, ଯାନିଯାତ୍ରା, ମଠ ପରିଚାଳନା ଇତ୍ୟାଦି ଦାୟିତ୍ୱରେ ରହି ସୁଚାରୁ ରୂପେ କାର୍ଯ୍ୟ ତୁଲାଉଛନ୍ତି । ଉପରି ବର୍ଣ୍ଣିତ ମଠାଧୀଶ ମାନଙ୍କ ମଧ୍ୟରୁ ସନ୍ଥ ଗଙ୍ଗା ଦାସଜୀଙ୍କ ପାଣ୍ଡିତ୍ୟ ଓ ଖ୍ୟାତି ତତ୍କାଳୀନ ସମୟରେ ସର୍ବତ୍ର ପରିବ୍ୟାପ୍ତ ହୋଇଥିଲା । ଦାସଜୀଙ୍କ ସେବା ନିଷ୍ଠା ଓ ପ୍ରତିଭାରେ ମୁଗ୍ଧ ହୋଇ ସେ ସମୟରେ ଗଜପତି ମହାରାଜା ରାମଚନ୍ଦ୍ର ଦେବ ଓ ରାଜ ପରିବାର ତାଙ୍କର ଶିଷ୍ୟତ୍ୱ ଗ୍ରହଣ କରିଥିଲେ । ସେହି ପରମ୍ପରା ଅଦ୍ୟାବଧି ପ୍ରଚଳିତ ହୋଇ ସ୍ମୃତି ସ୍ୱରୂପ ଏବେ ବି ଶ୍ରୀନଅରରୁ ଗୁରୁପୂର୍ଣ୍ଣିମା ଦିନ ଉକ୍ତ ମଠକୁ ଗୁରୁ ପୂଜା ଥାଳି ଆସେ । ଏହି ମଠକୁ ପୁରୀ ଗଜପତି ମହାରାଜାମାନେ ଆସିଥାନ୍ତି । ଏପରିକି ସମୟେ ସମୟେ ମଠ ଠାକୁରଙ୍କ ପ୍ରସାଦ ମଧ୍ୟ ଶ୍ରୀନଅରକୁ ପଠାଯାଇଥାଏ ।

ଗଙ୍ଗା ଦାସଜୀ ଜଣେ ବିଶିଷ୍ଟ ପଣ୍ଡିତ ଭାବେ ସୁପରିଚିତ ଥିଲେ । ଉଭୟ ବଙ୍ଗଳା, ତେଲୁଗୁ, ଓଡ଼ିଆ ଓ ହିନ୍ଦୀ ଭାଷାରେ ସେ ପ୍ରବୀଣ ଥିଲେ । ତେଲୁଗୁ ଭାଷାରେ ରାମାୟଣ ଉପରେ ସେ ଏକ ଟୀକା ରଚନା କରିବା ସଙ୍ଗେ ସଙ୍ଗେ ଓଡ଼ିଶାରେ ରାମାୟଣ ପାରାୟଣର ପ୍ରଚାର ତଥା ପ୍ରସାର ପାଇଁ ମୁଖ୍ୟ ଭୂମିକା ଗ୍ରହଣ କରିଥିଲେ । 'ରାମ ଚରିତ ମାନସ' ପୁସ୍ତକ ଉପରେ ସ୍ୱତନ୍ତ୍ର ଟୀକା ମଧ୍ୟ ଲେଖିଥିଲେ । ବିଶେଷ କରି ହିନ୍ଦୀରେ 'ବାଳ ବୋଧିନୀ ଟୀକା', 'ଭକ୍ତ ଭଗବନ୍ତ ହୃଦୟମର୍ମ ପ୍ରକାଶିକା' ଏବଂ 'ମାନସ ହୃଦୟ ମର୍ମ ପ୍ରକାଶିକା' ପୁସ୍ତକ ତାଙ୍କ ଦ୍ୱାରା ରଚିତ ହୋଇଥିଲା । ଏତଦ୍‌ବ୍ୟତୀତ ମଠର ଅନ୍ୟତମ ମହନ୍ତ ରାମ ଚରଣ ଦାସଜୀ ଯେ କି ସର୍ବତ୍ର ଫଳାହାରୀ ବାବା ରୂପେ ପରିଚିତ ଥିଲେ, ତାଙ୍କର ସାଧୁତା ଓ ବ୍ୟକ୍ତିତ୍ୱରେ ପ୍ରଭାବିତ ହୋଇ ଓଡ଼ିଶା ସମେତ ଭାରତର ବିଭିନ୍ନ ଅଞ୍ଚଳର ବହୁ ବ୍ୟକ୍ତିବୃନ୍ଦ ଏହି ମଠର ଶିଷ୍ୟତ୍ୱ ଗ୍ରହଣ କରିଥିଲେ । ଶ୍ରୀ ଦାସଜୀଙ୍କ ପ୍ରଗାଢ଼ ଉଦ୍ୟମ ଯୋଗୁଁ ଏଲାହାବାଦ୍‌ର ତ୍ରିବେଣୀ ସଙ୍ଗମ (ଅରେଇଲ ଠାରେ) ସମ୍ମୁଖରେ ଫଳାହାରୀ ଆଶ୍ରମ ପ୍ରତିଷ୍ଠିତ ହୋଇଥିଲା ।

Digitized by srujanika@gmail.com

ମଠ ବିଗ୍ରହ ଓ ପୂଜାର୍ଚ୍ଚନା : ସାନଛତା ମଠର ମୁଖ୍ୟ ଉପାସ୍ୟ ବିଗ୍ରହ ହେଉଛନ୍ତି ଶ୍ରୀ ପତିତପାବନ ଦେବ (ଜଗନ୍ନାଥ ବିଗ୍ରହ) । ଏହି ଦାରୁ ବିଗ୍ରହଙ୍କର ଉଚ୍ଚତା ପ୍ରାୟ ୪ ଫୁଟ୍ ଅଟେ । ମଠର ମନ୍ଦିରରେ ପ୍ରତିଷ୍ଠିତ ସିଂହାସନର ମଧ୍ୟସ୍ଥଳରେ ଶ୍ରୀ ପତିତପାବନ ବିଗ୍ରହ ଅଧିଷ୍ଠିତ ହୋଇଛନ୍ତି । ଅତ୍ୟନ୍ତ ଲାବଣ୍ୟମୟ ଓ ସୁଶୋଭିତ ଏହି ବିଗ୍ରହର ମୁଖାରବିନ୍ଦର ରଙ୍ଗ ମଳିନ ପଡ଼ିବା ଦେଖାଯାଏ ନାହିଁ । ଏପରିକି ଠାକୁରଙ୍କର କେତୋଟି ମନୋରମ ବେଶ ମଧ୍ୟ ମଠ ତରଫରୁ କରାଯାଇଥାଏ, ଯାହାକି ଶ୍ରୀକ୍ଷେତ୍ରରେ ପ୍ରତିଷ୍ଠିତ ଅନ୍ୟାନ୍ୟ ମଠ ମାନଙ୍କରେ ପରିଦୃଷ୍ଟ ହୁଏ ନାହିଁ । ମଠର ମହନ୍ତଙ୍କ ଠାରୁ ପ୍ରକାଶଯେ, ଦୀର୍ଘ ୭୫ ବର୍ଷ ଧରି ଏହି ବିଗ୍ରହଙ୍କର ନବକଳେବର ହୋଇନାହିଁ । ମଠରେ ପୂଜିତ ଅନ୍ୟାନ୍ୟ ବିଗ୍ରହମାନଙ୍କ ମଧ୍ୟରେ ରଘୁନାଥ ଦେବ (ଧାତୁ ବିଗ୍ରହ), ରାମ, ଲକ୍ଷ୍ମଣ, ସୀତା (ଅଷ୍ଟଧାତୁ ବିଗ୍ରହ), ଲାଲଜୀ (ରାମ)- ଧାତୁ ମୂର୍ତ୍ତି, ରାଧା, କୃଷ୍ଣ, ଲକ୍ଷ୍ମୀ, ସୀତା, ରାମଜୀ, (କ୍ଷୁଦ୍ର ମୂର୍ତ୍ତି) ଜଗନ୍ନାଥ, ବଳଭଦ୍ର, ସୁଭଦ୍ରା, ସୁଦର୍ଶନ (୪ କ୍ଷୁଦ୍ର ଦାରୁ ମୂର୍ତ୍ତି) । ସୁଦର୍ଶନ ଦେବ ପୂର୍ବରୁ ବାସେଳି ସାହିରେ ଜନୈକ ବ୍ୟକ୍ତିଙ୍କ ଗୃହରେ ପୂଜା ପାଉଥିଲେ । ଉପରିବର୍ଣ୍ଣିତ ବିଗ୍ରହଙ୍କ ବ୍ୟତୀତ ପ୍ରାୟ ୨୦୦ ଦୁର୍ଲ୍ଲଭ ଶାଳଗ୍ରାମ ମୂର୍ତ୍ତି ସିଂହାସନରେ ବିରାଜିତ ହୋଇ ଦୈନନ୍ଦିନ ପୂଜା ପାଉଛନ୍ତି । ମନ୍ଦିରର ମୁଖ୍ୟ ଦ୍ୱାର ଦେଶରେ ଗରୁଡ଼ ଓ ହନୁମାନ ମୂର୍ତ୍ତି ଅଧିଷ୍ଠିତ ହୋଇଛନ୍ତି ।

ମଠ ଠାକୁର ମାନଙ୍କ ଦୈନନ୍ଦିନ ନୀତି ମଧ୍ୟରେ ପ୍ରତ୍ୟୁଷରୁ ଦ୍ୱାର ଫିଟା ହୋଇ ଅବକାଶ (ସ୍ନାନ ପୂଜା), ବାଲଭୋଗ, ଆରତୀ, ଅନ୍ନଭୋଗ (ଦିବା ୧୨ ଘଣ୍ଟା ସମୟରେ), ଦିବା ପହୁଡ଼ (ପୂର୍ବାହ୍ନ ୧୨ ଘଣ୍ଟା ଠାରୁ ଅପରାହ୍ନ ୪ ଘଣ୍ଟା ଯାଏଁ), ତପ୍ରେ ପହୁଡ଼ ଫିଟା ନୀତି, ବାଲଭୋଗ, କୀର୍ତ୍ତନ ଓ ଭଜନ, ସନ୍ଧ୍ୟା ଆରତୀ (ରାତ୍ର ୯ ଘଣ୍ଟା), ରାତ୍ର ଭୋଗ (କ୍ଷୀର, ରୁଟି, ଅନ୍ନ) ଇତ୍ୟାଦି ସରିବା ପରେ ରାତ୍ର ୯ଟା ୩୦ ମନିଟ୍ ସୁଦ୍ଧା ପହୁଡ଼ ନୀତି ଅନୁଷ୍ଠିତ ହୋଇ ମଠ ମନ୍ଦିରର ଦ୍ୱାର ବନ୍ଦ କରାଯାଇଥାଏ । ଉଲ୍ଲେଖ ଯୋଗ୍ୟଯେ ଦୀର୍ଘ ୧୨ ବର୍ଷରୁ ଉର୍ଦ୍ଧ୍ୱ ହେବ, ଏହି ମଠ ଠାକୁର ମାନଙ୍କ ସମ୍ମୁଖରେ ଅଖଣ୍ଡ କୀର୍ତ୍ତନ ଚାଲୁଅଛି । ଦିବା ରାତ୍ର ୨୪ ଘଣ୍ଟା ଧରି ଅଖଣ୍ଡ କୀର୍ତ୍ତନରେ ପାଳି କରି ମୋଟ୍ ୧୨ ଜଣ ବୈଷ୍ଣବ ବାବାଜୀ ଏଥିରେ ନିୟୋଜିତ ରହି 'ଶ୍ରୀରାମ ଜୟ ରାମ ଜୟ ଜୟ ରାମ' ଅଖଣ୍ଡ ନାମ ମନ୍ତ୍ର ପାଠ କରୁଛନ୍ତି ।

ପର୍ବ ଓ ଉତ୍ସବ :- ସାନ ଛତା ମଠରେ ପାଳିତ ମୁଖ୍ୟ ପର୍ବ ତଥା ଉତ୍ସବ ମଧ୍ୟରେ ଶ୍ରୀରାମ ନବମୀ, ୪୨ ଦିନ ଧରି ଚନ୍ଦନ ଯାତ୍ରା (ପତିତପାବନ ଓ ଶ୍ରୀରଘୁନାଥ ଦେବଙ୍କ ଚନ୍ଦନ ଲାଗି ହୋଇଥାଏ), ସ୍ନାନ ପୂର୍ଣ୍ଣିମା, ଅଣସର ବିଧି (ବର୍ଷକୁ ଥରେ ଏହି ସମୟରେ ମଠର ଏକ ସ୍ୱତନ୍ତ୍ର ସ୍ଥାନରେ ପତିତପାବନ ରହିଥାନ୍ତି । ସେହିଠାରେ ବନକ ଲାଗି ହୋଇଥାଏ) । ଶ୍ରୀମନ୍ଦିରରେ ବ୍ୟବହୃତ ହେଉଥିବା ହରିତାଳ, ହେଙ୍ଗୁଳ ଓ ଅଠା ସାମଗ୍ରୀ ଭଳି ଠାକୁରଙ୍କ ଶ୍ରୀ ଅଙ୍ଗରେ ଉକ୍ତ ଦ୍ରବ୍ୟ ସବୁ ଲଗାଯାଇ ବନକ ଲାଗି କରାଯାଇଥାଏ । ଗୁରୁ ପୂର୍ଣ୍ଣିମା, ଝୁଲଣ ଯାତ୍ରା, (୫ ଦିନ ଧରି ଅନୁଷ୍ଠିତ ହୋଇଥାଏ), ବାମନ ଦ୍ୱାଦଶୀ, ନୃସିଂହ ଜନ୍ମ,

Digitized by srujanika@gmail.com

ଜନ୍ମାଷ୍ଟମୀ, ଗୋବର୍ଦ୍ଧନ ପୂଜା, ଦୀର୍ଘ ୯ ଦିନ ବ୍ୟାପୀ ରାମ ଚରିତ ମାନସ, ନବାହ୍ନ ପାରାୟଣ (ଶ୍ରୀ ଗୁଣ୍ଡିଚା ପରଦିନ ଠାରୁ ଆଷାଢ଼ ଶୁକ୍ଳ ଏକାଦଶୀ ପର୍ଯ୍ୟନ୍ତ), ଦଶହରା (ଏହି ସମୟରେ ନବରାତ୍ର ପାରାୟଣ କରାଯାଏ) । ଏତଦ୍‌ବ୍ୟତୀତ ପୂର୍ବତନ ମଠାଧୀଶ ମାନଙ୍କ ତିରୋଧାନ ଦିବସରେ ବାର୍ଷିକ ଶ୍ରାଦ୍ଧ ମହୋତ୍ସବ ପାଳିତ ହୋଇଥାଏ ।

ଶ୍ରୀମନ୍ଦିର ସହ ସମ୍ପର୍କ :- ଶ୍ରୀମନ୍ଦିର ସ୍ୱତ୍ତ୍ୱଲିପିରେ ୧୧୯ ନମ୍ବର ବ୍ୟକ୍ତିଗତ ସେବା ଓ ଅନୁଷ୍ଠାନିକ ସେବା ବିବରଣୀର କ୍ରମିକ ନଂ ୭୧ ରେ ସାନଛତା ମଠର ଶ୍ରୀମନ୍ଦିରରେ ଚାମର ଓ ଆଲଟ ସେବା କରିବାର ଅଧିକାର ରହିଅଛି । ମଠରୁ ପ୍ରାପ୍ତ ଏକ ସନନ୍ଦରୁ ଜଣାଯାଏ ଯେ, ସୂର୍ଯ୍ୟମଣି ପାଟମହାଦେଈ ଏହି ମଠର ମହନ୍ତ ଗୋମତୀ ଦାସଙ୍କୁ ଶ୍ରୀମନ୍ଦିରର ଅଣସର ପିଣ୍ଡି, ରଥ ଉପରେ, ଚାପ ଉପରେ ଉପଚାର ଚାମର ଓ ଆଲଟ ସେବା କରିବା ପାଇଁ ସନନ୍ଦ ପ୍ରଦାନ କରିଥିଲେ । ଶ୍ରୀମନ୍ଦିର ବେଢ଼ାର ପ୍ଲଟ ନଂ ୧୨୨ ରେ ଅବସ୍ଥିତ ଚୈତନ୍ୟ ମନ୍ଦିର ଠାରେ ସାନ ଛତା ମଠର ପନ୍ତି ଭୋଗ ହୁଏ ବୋଲି ସ୍ୱତ୍ତ୍ୱଲିପିରେ ଉଲ୍ଲେଖ ରହିଥିବା ଜଣାଯାଏ । ସେହିପରି ଉକ୍ତ ମଠ ତରଫରୁ ଦେବସ୍ନାନ ପୂର୍ଣ୍ଣିମା, ଶ୍ରୀଗୁଣ୍ଡିଚା ଓ ନୀଳାଦ୍ରି ବିଜେ ଦିବସରେ ପନ୍ତି ଭୋଗ ହୋଇଥାଏ । ଉଲ୍ଲେଖଯୋଗ୍ୟଯେ ସ୍ନାନ ପୂର୍ଣ୍ଣମୀ, ରଥଯାତ୍ରା ଓ ନୀଳାଦ୍ରି ବିଜେରେ ଠାକୁର ମାନଙ୍କ ପହଣ୍ଡି ନୀତି ସମୟରେ ନିୟମିତ ଭାବେ ଏହି ମଠର ଆଲଟ ଓ ଚାମର ସେବା ହୋଇଥାଏ । ଉକ୍ତ ତିଥି ମାନଙ୍କରେ ମଠରୁ ୧ଟି ଆଲଟ ଓ ୪ଟି ଚାମର ଯାଇଥାଏ । ସେହିପରି ଚନ୍ଦନ ଯାତ୍ରାରେ ଏହି ମଠରୁ ୪୨ ଦିନ ଯାକ ପ୍ରଭୁଙ୍କ ସେବା ନିମିତ୍ତ ମଠର ଜନୈକ ବାବାଜୀ ଶ୍ରୀମନ୍ଦିରରେ ଆଲଟ ସେବା କରିଥାନ୍ତି ।

ପ୍ରସିଦ୍ଧ ଶ୍ରୀଗୁଣ୍ଡିଚା ଯାତ୍ରା ଅବସରରେ ଆଷାଢ଼ ଶୁକ୍ଳ ଦ୍ୱାଦଶୀ ଦିନ ସନ୍ଧ୍ୟା ସମୟରେ ଏହି ମଠର ସାଧୁ ସନ୍ଥ ବର୍ଗ ସିଂହଦ୍ୱାରଠାରେ ଥିବା ତିନି ରଥ ଓ ଶ୍ରୀମନ୍ଦିର ପରିକ୍ରମା କରିଥାନ୍ତି । ମଠ ପକ୍ଷରୁ ପ୍ରତି ରଥ ନିକଟରେ ଗୋଟିଏ ନଡ଼ିଆ ଭଙ୍ଗା ଯାଏ ଓ ଆରତୀ କରାଯାଏ । ସେହିପରି ଉକ୍ତ ଦିନ ଶ୍ରୀମନ୍ଦିରର ଚାରି ମୁଖ୍ୟ ଦ୍ୱାର, ଦକ୍ଷିଣ ଦ୍ୱାର ବଡ଼ ହନୁମାନଙ୍କ ଠାରେ ନଡ଼ିଆ ଭଙ୍ଗାଯାଇ ଓ ଆରତୀ କରାଯାଏ । ପୂର୍ବେ ଏହି ମଠର ମହନ୍ତ ମହାରାଜ ଗଙ୍ଗା ଦାସଜୀଙ୍କ ସମୟରେ ଉପରୋକ୍ତ ପରିକ୍ରମା ବେଳେ ତତ୍‌କାଳୀନ ପୁରୀ ଗଜପତି ମହାରାଜାମାନେ ଶୋଭାଯାତ୍ରା ପାଇଁ ହାତୀ ଯୋଗାଉଥିଲେ । ବହୁ ବର୍ଷ ଧରି ଏହି ପରମ୍ପରା ଲୁପ୍ତ ହୋଇଯାଇଛି । ସ୍ନାନ ପୂର୍ଣ୍ଣିମା ଓ ଦୋଳ ପୂର୍ଣ୍ଣିମାରେ ମଠର ବିଜେସ୍ଥଳୀ ଠାରେ ସ୍ୱତନ୍ତ୍ର ଭାବେ ପ୍ରସ୍ତୁତ ଭୋଗ ଦ୍ରବ୍ୟ ଶ୍ରୀବିଗ୍ରହ ଓ ଦୋଳଗୋବିନ୍ଦଙ୍କୁ ସମର୍ପଣ କରାଯାଇଥାଏ ।

ମଠର ପରିଚାଳନା ଓ ଅନ୍ୟାନ୍ୟ : ପୂର୍ବେ ମଠର ବିଜେସ୍ଥଳୀଟି ଦୋଳବେଦୀ କୁଞ୍ଜ ସମେତ କିଛି ଅଂଶକୁ ବ୍ୟାପୀ ରହିଥିଲା । ସମ୍ପ୍ରତି ବିଜେସ୍ଥଳୀରେ ମନ୍ଦିର ବ୍ୟତୀତ ମହନ୍ତଙ୍କ ନିବାସ ଗୃହ, ରୋଷ ଘର,ଭଣ୍ଡାର ଘର, ସନ୍ଥ ନିବାସ ଇତ୍ୟାଦି କୋଠରୀମାନ ରହିଅଛି । ଅତୀତରେ ବଡ଼ଦାଣ୍ଡରେ ଅବସ୍ଥିତ ତୁତୁଓ୍ୱାଲା ଧର୍ମଶାଳା ଜାଗାଟି ଏହି ମଠର ବଗିଚା ଥିଲା । ପରବର୍ତ୍ତୀ ସମୟରେ ଏହି ବଗିଚାଟି ହସ୍ତାନ୍ତରିତ ହୋଇଯାଇଛି ।

Digitized by srujanika@gmail.com

ମଠର ମୁଖ୍ୟ ଆୟ ମଧ୍ୟରେ ଗୋଶାଳା, ଖମାର, ଶିଷ୍ୟ ମାନଙ୍କ ଦାନ, ଦୋକାନ ଭଡ଼ା, ବଗିଚା ଇତ୍ୟାଦିରୁ ମିଳୁଥିବା ଆୟରେ ଠାକୁର ମାନଙ୍କ ଯାବତୀୟ ନୀତି, ପରିଚାଳନା, ଉତ୍ସବ ପାଳିତ ହେଉଅଛି । ମଠ ସୂତ୍ରରୁ ଜଣାଯାଏ ଯେ, ବାର୍ଷିକ ଏ ବାବଦରେ ପ୍ରାୟ ଅଶି ହଜାରରୁ ଏକ ଲକ୍ଷ ଟଙ୍କା ମଧ୍ୟରେ ଖର୍ଚ୍ଚ ହେଉଅଛି ।

ସାନଛତା ମଠର କୃତିତ୍ୱ ମଧ୍ୟରେ ଶ୍ରୀକ୍ଷେତ୍ରରେ ଅବସ୍ଥିତ ଏହି ଗୋଟିଏ ମାତ୍ର ମଠ, ଯେକି ବର୍ତ୍ତମାନ ସୁଦ୍ଧା ପ୍ରତିଦିନ ଠାକୁରଙ୍କୁ ଭୋଗ କରି ଖେଚେଡ଼ି ଓ ଦହି ପଖାଳ ପ୍ରସାଦ ବଣ୍ଟନ ପୂର୍ବକ ଦୁଃଖୀ ରଙ୍କି ମାନଙ୍କୁ ଦରିଦ୍ର ନାରାୟଣ ଭୋଜନ ତଥା ଅନ୍ନଛତ୍ର କରାଉଅଛନ୍ତି । ପ୍ରତିବର୍ଷ ରଥଯାତ୍ରା ଓ ଗଙ୍ଗା ସାଗର ମେଳା ସମୟରେ ମଠରେ ଭାରତର ବିଭିନ୍ନ ପ୍ରାନ୍ତରରୁ ଯଥା ଉତ୍ତର ପ୍ରଦେଶର ଅଯୋଧ୍ୟା, ବୃନ୍ଦାବନ, କାଶୀ, ଏଲାହାବାଦ, ଚିତ୍ରକୋଟ, ବଦ୍ରିନାଥ, କେଦାରନାଥ, ହରିଦ୍ୱାର, ଋଷିକେଶ, ବିହାର, ଗୁଜୁରାଟ. ରାଜସ୍ଥାନ, ମଧ୍ୟପ୍ରଦେଶରୁ ଶତାଧିକ ସାଧୁସନ୍ଥ ଏହି ମଠରେ ଅବସ୍ଥାନ କରିଥାନ୍ତି । ମଠ ପକ୍ଷରୁ ସାଧୁ ମାନଙ୍କ ନିମିତ୍ତ ପ୍ରସାଦର ବନ୍ଦୋବସ୍ତ କରାଯାଇଥାଏ । ଏହା ବ୍ୟତୀତ ବର୍ଷର ଅନ୍ୟ ସମୟରେ ମଧ୍ୟ ଅଳ୍ପ ସଂଖ୍ୟକ ସାଧୁ ସନ୍ଥ ଆସି ଏହି ମଠରେ ଆଶ୍ରୟ ନେଇ ପୁନଃ ପ୍ରତ୍ୟାବର୍ତ୍ତନ କରିଥାଆନ୍ତି । ଭାରତର ବିଭିନ୍ନ ସ୍ଥାନରେ ଥିବା ଏହି ସମ୍ପ୍ରଦାୟ ଅନ୍ତର୍ଭୁକ୍ତ ଧର୍ମାନୁଷ୍ଠାନ ମଧ୍ୟରେ ସାନଛତା ମଠର ପ୍ରସିଦ୍ଧି ରହିଅଛି । ଏପରିକି ସବୁ ସମ୍ପ୍ରଦାୟର ସାଧୁ ମଠକୁ ଆଗମନ କରିବାର ପ୍ରମାଣ ରହିଛି । ମଠରେ ସାଧୁ ମାନଙ୍କ ଆଶ୍ରୟ ସମୟରେ 'ଖଡ଼ ଦରଷନ ସେବା ଓ ପ୍ରସାଦର' ବ୍ୟବସ୍ଥା କରାଯାଇଥାଏ । ବର୍ତ୍ତମାନର ମହନ୍ତ ଶ୍ରୀ ରାମ ଭୂଷଣ ଦାସ ଓ ଚେଲା ମହାରାଜ ରାମ ମନୋହର ଦାସଙ୍କ ପ୍ରତ୍ୟକ୍ଷ ସୁପରିଚାଳନାରେ ମଠର ଦୈନନ୍ଦିନ ନୀତି, ପର୍ବ, ଉତ୍ସବ, ଅତିଥି ଅଭ୍ୟାଗତ ମାନଙ୍କ ସତ୍କାର ଇତ୍ୟାଦି ଶୃଙ୍ଖଳିତ ଭାବେ ଚାଲୁଅଛି । ସଂପ୍ରତି ମଠରେ ପ୍ରାୟ ୩୦ ଜଣ ବାବାଜୀ, ସାଧୁ, ସନ୍ଥ ଆଶ୍ରୟ ଗ୍ରହଣ ପୂର୍ବକ ମଠ ଠାକୁରଙ୍କ ସେବା ପୂଜାରେ ନିୟୋଜିତ ହୋଇଛନ୍ତି ।

ମଠର ଭୂସମ୍ପତ୍ତି :- ସାନ ଛତା ମଠ ନାମରେ କିଛି ପରିମାଣର ଭୂସମ୍ପତ୍ତି ଖୋର୍ଦ୍ଧା ଜିଲ୍ଲାର ତରାବୋଇ ଠାରେ ରହିଅଛି । ଏହି ସ୍ଥାନରେ ଗୋଟିଏ ଖମାର ଓ ରାଧାକାନ୍ତଙ୍କ ନାମରେ ଗୋଟିଏ ଶାଖା ମଠ ଅଛି । ଉକ୍ତ ମଠରେ ରାଧାକାନ୍ତ ଓ ବାଲୁଙ୍କେଶ୍ୱର ବିଦ୍ୟାମନ ହୋଇ ପୂଜିତ ହେଉଛନ୍ତି । ମଠ ତରଫରୁ ନିୟୋଜିତ ଜନୈକ ବାବାଜୀ ସେଠାରେ ରହି ଠାକୁରମାନଙ୍କ ସେବା, ପୂଜାର୍ଚ୍ଚନା କରୁଛନ୍ତି । ଏତଦ୍‌ବ୍ୟତୀତ ପୁରୀରେ ଦାନ ସୂତ୍ରେ ମଳିଥିବା ମଠର ଏକ ନଡ଼ିଆ ବଗିଚା ରହିଅଛି ।

ସୀମିତ ସମ୍ବଳ ମଧ୍ୟରେ ଶ୍ରୀ (ରାମାନନ୍ଦୀ) ସମ୍ପ୍ରଦାୟର ସାନଛତା ମଠଟି ତାର ଐତିହ୍ୟ ଓ ପରମ୍ପରା ରକ୍ଷା କରିବାରେ ଅଦ୍ୟାବଧି ଯତ୍ନବାନ ହେବା ସଙ୍ଗେ ସଙ୍ଗେ ଜଗନ୍ନାଥ ସଂସ୍କୃତି ଓ ରାମାନନ୍ଦୀ ସମ୍ପ୍ରଦାୟର ବାର୍ତ୍ତା ସର୍ବ ଭାରତୀୟସ୍ତରରେ ପ୍ରଚାର ଓ ପ୍ରସାର କରିବାରେ ପ୍ରମୁଖ ଭୂମିକା ଗ୍ରହଣ କରିଛି ।

✤ ✤ ✤

Digitized by srujanika@gmail.com

ଦଶାବତାର ମଠ

ଖ୍ରୀଷ୍ଟିୟ ଦ୍ୱାଦଶ ଶତାବ୍ଦୀ ବେଳକୁ ବୈଷ୍ଣବ ଧର୍ମର ମହାନ୍ ସାଧକ ତଥା ପ୍ରବକ୍ତା ମାନଙ୍କ ଆଗମନ, ଧର୍ମ ପ୍ରଚାର ଓ ନିଜ ନିଜର ମଠ ପ୍ରତିଷ୍ଠା ଫଳରେ ପବିତ୍ର ଶ୍ରୀକ୍ଷେତ୍ର (ବର୍ତ୍ତମାନର ପୁରୀ ସହର) ସେ ସମୟରେ ସର୍ବ ଭାରତୀୟସ୍ତରରେ ମାଧବ ଉପାସନାର ପୀଠସ୍ଥଳୀ ରୂପେ ଖ୍ୟାତି ଲାଭ କରି ସାରିଥାଏ । ତେଣୁ ଏହି ଉପାସନା ପ୍ରତି ଆକୃଷ୍ଟ ହୋଇଥିବା ଜୟଦେବ ନୀଳାଚଳ ଧାମକୁ ଆଗମନ କରି ତାହାକୁ ସ୍ୱୀୟ ସାଧନା ଭୂମି ରୂପେ ଗ୍ରହଣ କରିଥିଲେ । ସେହି ସମୟରେ ଶ୍ରଦ୍ଧା (ଶରଧା) ନଈର ଉତ୍ତର ପାର୍ଶ୍ୱରେ ଆଶ୍ରମ ନିର୍ମାଣ କରି ଗୀତ ଗୋବିନ୍ଦ ରଚନାରେ ସେ ନିମଗ୍ନ ରହିଥିଲେ । ଗୁଣ୍ଡିଚା ଘର ବୋଲି ଆଜି ଯାହାକୁ କୁହାଯାଉଛି ତା'ର ସମ୍ମୁଖରେ ସେ ସ୍ଥାନ ନ ଥିଲା । ନଦୀ ଶଯ୍ୟାରେ ଥିବା ଟାପୁର ନିର୍ଜନ ସ୍ଥାନରେ ଏକ ବଟ ବୃକ୍ଷ ପାର୍ଶ୍ୱରେ କୁଡ଼ିଆ ଘରଟିଏ ନିର୍ମାଣ କରି ଶ୍ରୀଜଗନ୍ନାଥଙ୍କ ପାଦ ପଦ୍ମରେ ନିଜକୁ ସେ ସମର୍ପିତ କରି ଦେଇଥିଲେ । ଶ୍ରୀକ୍ଷେତ୍ରକୁ ତାଙ୍କର ଆଗମନ ସଂପର୍କରେ ଗବେଷଣାରୁ ଜଣାଯାଇଛି ଯେ, କବି ଜୟଦେବ ଓଡ଼ିଶାର ପୁରୁଷୋତ୍ତମ କ୍ଷେତ୍ର ନିକଟସ୍ଥ କେନ୍ଦୁବିଲ୍ୱ ଗ୍ରାମରେ ଜନ୍ମ ଗ୍ରହଣ କରିଥିଲେ । ତାଙ୍କର ପିତାଙ୍କ ନାମ ଥିଲା ଭୋଜ ଦେବ । ମାତ୍ର ୧୧ ବର୍ଷ ବୟସରେ ସେ ପିତୃମାତୃ ହରା ହୋଇପଡ଼ିଥିଲେ । ପ୍ରଭୁ କୃପାରୁ ବାଲ୍ୟାବସ୍ଥାରେ ସେ ସଂସ୍କୃତ, ସାହିତ୍ୟ, କାବ୍ୟ, ବ୍ୟାକରଣ, ଜ୍ୟୋତିଷ ଶାସ୍ତ୍ର ଇତ୍ୟାଦିରେ ପାଣ୍ଡିତ୍ୟ ଲାଭ କରିଥିଲେ । ଜୟଦେବଙ୍କ ପିତା ଭୋଜ ଦେବ ଆର୍ଥିକ ଅନାଟନ ଯୋଗୁଁ ମୃତ୍ୟୁର କିଛି ବର୍ଷ ପୂର୍ବରୁ ନିଜର ବାସଗୃହ ଖଣ୍ଡିକ ବନ୍ଧା ଦେଇ କିଛି ଅର୍ଥ ଋଣ ଆଣିଥିଲେ । ଋଣ ପରିଶୋଧ ନିମନ୍ତେ ଗୃହ ଖଣ୍ଡିକ ସେହି ଗ୍ରାମର ଋଣ ପ୍ରଦାନ କରିଥିବା ବ୍ୟକ୍ତିଙ୍କୁ ଦେଇ ଦେବା ପାଇଁ ସେ ଚୁକ୍ତିବଦ୍ଧ ହୋଇଥିଲେ । କିନ୍ତୁ ଘଟଣାଚକ୍ରରେ ଭୋଜ ଦେବଙ୍କ ମୃତ୍ୟୁ ହୋଇଯାଇଥିଲେ ହେଁ ଉକ୍ତ ଋଣ ଶୁଝା ହୋଇପାରିନଥିଲା । ଫଳରେ ଜୟଦେବଙ୍କ ପୈତୃକ ଘରଟିକୁ ସଂପୃକ୍ତ ଋଣ ପ୍ରଦାନକାରୀ ବ୍ୟକ୍ତି ଅଧିକାର କରିଥିଲେ । ଜୟଦେବ ମଧ୍ୟ ପୂର୍ବ ଚୁକ୍ତି ଅନୁଯାୟୀ ନିଜର ବାସଗୃହ ପରିତ୍ୟାଗ କରି ସନ୍ୟାସୀ ହୋଇଯାଇ ଗ୍ରାମରୁ ବାହାରି ଆସନ୍ତେ ହଠାତ୍ ଋଣ ଦାତାଙ୍କର ନିଜ ବାସଗୃହଟି ନିଆଁ ଲାଗି ଜଳି ଉଠିଲା । ଉକ୍ତ ଜୟଦେବ ବିବ୍ରତ ହୋଇ ସେହି ଜଳୁଥିବା ଘରଟିକୁ ପଶିଯିବା ମାତ୍ରେ ଅଗ୍ନି ନିର୍ବାପିତ ହୋଇଯାଇଥିଲା । ଏହି ଆଶ୍ଚର୍ଯ୍ୟକର ଘଟଣାରେ ଗ୍ରାମବାସୀ ଜଣକ ୧୧ ବର୍ଷ ବୟସ୍କ ବାଳକ ଜୟଦେବଙ୍କୁ ତାଙ୍କ ପୈତୃକ ବାସଗୃହଟି ଫେରାଇ ଦେଇଥିଲେ । ମାତ୍ର ଜୟଦେବ ନିଜ ପ୍ରତିଜ୍ଞାରେ ଅଟଳ

Digitized by srujanika@gmail.com

ରହି ସମସ୍ତ ପାର୍ଥିବ ମୋହ ତୁଟାଇ ପ୍ରଭୁଙ୍କ ଶରଣାଗତ ହୋଇ ପରମ ପବିତ୍ର ଶ୍ରୀ ପୁରୁଷୋତ୍ତମ କ୍ଷେତ୍ରକୁ ଯାତ୍ରା କରିଥିଲେ । ପୁରୁଷୋତ୍ତମ କ୍ଷେତ୍ରରେ ପହଞ୍ଚି ପ୍ରଥମ ପର୍ଯ୍ୟାୟରେ ଶ୍ରୀ ଜୟଦେବ ଗୁଣ୍ଡିଚା ମନ୍ଦିର ସମ୍ମୁଖସ୍ଥ ଏକ ବୃକ୍ଷ ମୂଳରେ ତତ୍‌ପରେ ଏକ ଛୋଟ କୁଡ଼ିଆ ମଧ୍ୟରେ ଅବସ୍ଥାନ କରି ଅଧିକାଂଶ ସମୟ ଧର୍ମଚର୍ଚ୍ଚା ଓ ଠାକୁର ଭଜନ କୀର୍ତ୍ତନରେ ସମୟ ଅତିବାହିତ କରୁଥିଲେ । ଜୟଦେବ ଶ୍ରୀମନ୍ଦିରକୁ ଆଗମନ କରି ଠାକୁର ମାନଙ୍କ ଦର୍ଶନ ପରେ ସିଂହଦ୍ୱାର ସମ୍ମୁଖସ୍ଥ ତତ୍‌କାଳୀନ ରାଧାବଲ୍ଲଭ ମଠର ବିଜେସ୍ଥଳୀରେ ସାମୟିକ ଅବସ୍ଥାନ କରୁଥିବା ବିଷୟରେ ଉକ୍ତ ମଠର ମହନ୍ତ ମହାରାଜଙ୍କଠାରୁ ଜଣାଯାଏ । ଜୟଦେବଙ୍କ ପରବର୍ତ୍ତୀ ଅନୁଗାମୀମାନେ ଶ୍ରୀଗୁଣ୍ଡିଚା ମନ୍ଦିର ସମ୍ମୁଖରେ ଥିବା କୁଡ଼ିଆ ଘର ଆଶ୍ରମକୁ ନୂତନ ଭାବେ ନିର୍ମାଣ କରି 'ଦଶାବତାର ମଠ' ନାମରେ ଆଖ୍ୟାୟିତ କରିଥିଲେ । ଜୟଦେବ ନିମ୍ବାର୍କାଚାର୍ଯ୍ୟଙ୍କ ଅନୁଗାମୀ ଥିଲେ ହେଁ ଦଶାବତାର ମଠର ପରବର୍ତ୍ତୀ ମଠାଧୀଶମାନେ କେଉଁ ପରସ୍ଥିତିରେ ରାମାନନ୍ଦୀ ସମ୍ପ୍ରଦାୟଭୁକ୍ତ ହୋଇ ମଠ ପରିଚାଳନା କରିଥିଲେ, ସେ ବିଷୟ ଗବେଷଣା ସାପେକ୍ଷ ।

ମୈଥିଳ ପଣ୍ଡିତ ଜୀବନ ଚରିତରେ ଉଲ୍ଲେଖ ହୋଇଛି ଯେ, ଦେବ ଶର୍ମା ନାମକ ଜନୈକ ବ୍ରାହ୍ମଣ ଦକ୍ଷିଣାଞ୍ଚଳରୁ ଶ୍ରୀକ୍ଷେତ୍ରକୁ ଶ୍ରୀଜଗନ୍ନାଥଙ୍କ ଦର୍ଶନ ନିମନ୍ତେ ଆସିଥିଲେ । ଦର୍ଶନ ସମୟରେ ପ୍ରଭୁଙ୍କ ନିକଟରେ ଏକ ସନ୍ତାନ ଲାଭ ପାଇଁ ପ୍ରାର୍ଥନା କରିବା ସହିତ ପ୍ରଥମ ସନ୍ତାନକୁ ସେ ଶ୍ରୀଜଗନ୍ନାଥଙ୍କ ସେବା ପାଇଁ ଉତ୍ସର୍ଗ କରିବେ ବୋଲି ଶପଥ କରିଥିଲେ । ସମୟ ଚକ୍ରରେ ତାଙ୍କର କନ୍ୟାଟିଏ ଜନ୍ମ ହୋଇଥିଲା । ତା'ର ନାମ ରଖିଥିଲେ ପଦ୍ମାବତୀ । ପଦ୍ମାବତୀର ଯୌବନ ପ୍ରାପ୍ତି ପରେ ଦେବ ଶର୍ମା ନିଜର କନ୍ୟା ଓ ପତ୍ନୀଙ୍କ ସହ ପୁରୀ ଆସି ଜଗନ୍ନାଥଙ୍କୁ ଦର୍ଶନ କରିଥିଲେ । ତାଙ୍କର ସ୍ୱପ୍ନାଦେଶକ୍ରମେ ତଥା ଜନୈକ ବରିଷ୍ଠ ସେବକଙ୍କ ପରାମର୍ଶ ଅନୁଯାୟୀ ସେ ଜଗନ୍ନାଥଙ୍କର ପ୍ରିୟ ଭକ୍ତ ଜୟଦେବଙ୍କୁ ନିଜର କନ୍ୟା ସମର୍ପଣ କରିବା ପାଇଁ ଉଦ୍ୟତ ହେବା ସମୟରେ ଜୟଦେବ ପ୍ରଥମେ ଅନିଚ୍ଛା ପ୍ରକାଶ କରିଥିଲେ । କିନ୍ତୁ ଦେବ ଶର୍ମା ନିଜର କନ୍ୟାଙ୍କୁ ଜୟଦେବଙ୍କ କୁଡ଼ିଆ ଘରେ ଠାରେ ଛାଡ଼ି ଦେଇ ନିଜ ଗ୍ରାମକୁ ପ୍ରତ୍ୟାବର୍ତ୍ତନ କରିଥିଲେ । ଇତି ମଧ୍ୟରେ ଜୟଦେବ ପଦ୍ମାବତୀଙ୍କ ଭକ୍ତି ଓ ସେବାରେ ପ୍ରୀତ ହୋଇ ତାଙ୍କର ପାଣି ଗ୍ରହଣ କରିଥିଲେ । କ୍ରମେ କ୍ରମେ ଉଭୟଙ୍କ ମଧ୍ୟରେ ଏକପ୍ରାଣତା ଓ ଅଭେଦ୍ୟ ପ୍ରୀତି ସୃଷ୍ଟି ହୋଇଥିଲା ।

ଦ୍ୱାଦଶ ଶତାବ୍ଦୀରେ ବର୍ତ୍ତମାନର ଦଶାବତାର ମଠ ପ୍ରାଙ୍ଗଣଟି ଥିଲା ଜାତିର ଗୌରବ ଭକ୍ତ କବିରାଜ ଶ୍ରୀ ଜୟଦେବଙ୍କ ସାଧନା ପୀଠ । ଏହିଠାରେ ଧ୍ୟାନାବସ୍ଥାରେ ତାଙ୍କ କଣ୍ଠରୁ ସ୍ୱତଃ ସ୍ଫୁରିତ ହୋଇଥିଲା ଶ୍ରୀ ଗୀତ ଗୋବିନ୍ଦର ମଙ୍ଗଳାଚରଣ ଓ ପରେ ପରେ ସେ

Digitized by srujanika@gmail.com

ରଚନା କରିଥିଲେ ଶୃଙ୍ଗାର ରସର ଅଦ୍ୱିତୀୟ ମହା ଶାସ୍ତ୍ର ଶ୍ରୀ ଗୀତ ଗୋବିନ୍ଦ । ଭକ୍ତ କବିରାଜ ଜୟଦେବ ଏହିଠାରେ ଧ୍ୟାନାବସ୍ଥାରେ ଦର୍ଶନ କରିଥିଲେ ଶ୍ରୀରାଧା ମାଧବଙ୍କ ଅପ୍ରାକୃତ ଲୀଳା ତଥା ଦଶାବତାର ରୂପ । ସମ୍ରାଟ କାମାର୍ଣ୍ଣବ ସମୟରେ ଜୟଦେବଙ୍କ ପତ୍ନୀ ନୃତ୍ୟ ପଟ୍ଟୟସୀ ପଦ୍ମାବତୀ ଶ୍ରୀଜଗନ୍ନାଥଙ୍କ ନିକଟରେ ଜୟଦେବଙ୍କ ଗୀତ ଗୋବିନ୍ଦ ଗାନ ସହିତ ତାଳ ମିଳାଇ ରାହାସ ନୃତ୍ୟ କରୁଥିଲେ । ଗୀତ ଗୋବିନ୍ଦ ଗାନ ଓ ନୃତ୍ୟ ଏକ ନିର୍ଦ୍ଦିଷ୍ଟ ସେବା ରୂପେ ଶ୍ରୀମନ୍ଦିରରେ ପ୍ରବର୍ତ୍ତିତ ହେଲା ଗଜପତି ମହାରାଜା ଅନଙ୍ଗଭୀମ ଦେବଙ୍କ ସମୟରେ ।

ମଠ ପ୍ରତିଷ୍ଠାର ଇତିହାସ :- ଶ୍ରୀଗୁଣ୍ଡିଚା ମନ୍ଦିର ସମ୍ମୁଖସ୍ଥ ଦ୍ୱାଦଶ ଶତାବ୍ଦୀରେ ତତ୍କାଳୀନ ଆଶ୍ରମ ବା କୁଡ଼ିଆ ଘରଟି ତ୍ରୟୋଦଶ ଶତାବ୍ଦୀରେ ଜୟଦେବଙ୍କ ଅନୁଗାମୀମାନେ ଏହି ମଠ ପ୍ରତିଷ୍ଠା କରିଥିଲେ, ଯାହାକି 'ଦଶାବତାର ମଠ' ରୂପେ ପରିଚିତ ହୋଇଥିଲା । କବି ଜୟଦେବ ପୁରୀରେ ହିଁ ଶେଷ ଜୀବନ କଟାଇ ଇହଲୀଳା ସମ୍ବରଣ କରିଥିଲେ ବୋଲି ପ୍ରାଚୀନ କବି ବୈଷ୍ଣବ ପଟ୍ଟନାୟକ ଉଲ୍ଲେଖ କରିଛନ୍ତି । ଶ୍ରୀ ରାମାନନ୍ଦୀ ସମ୍ପ୍ରଦାୟ ଅନ୍ତର୍ଭୁକ୍ତ ଏହି ପ୍ରସିଦ୍ଧ ମଠର ଇତିହାସ ଉପଲବ୍ଧ ହେଉ ନାହିଁ । ଅଦ୍ୟାବଧି ଏହି ପ୍ରାଚୀନ ପୀଠ ସମ୍ପର୍କରେ ଉପଯୁକ୍ତ ଗବେଷଣା ତଥା ଅନୁସନ୍ଧାନ ହୋଇପାରିନାହିଁ । ସମ୍ଭବତଃ ଜୟଦେବଙ୍କ ପରେ କୌଣସି ରାମାନନ୍ଦୀ ଶିଷ୍ୟ ଏହି ମଠକୁ ପ୍ରତିଷ୍ଠା କରିଥିବେ ଓ ତାଙ୍କର ଶିଷ୍ୟ ପ୍ରଶିଷ୍ୟମାନେ ଉତ୍ତରାଧିକାରୀ ସୂତ୍ରରେ ମହନ୍ତ ରୂପେ ଦଶାବତାର ମଠର ସେବାପୂଜା ଓ ପରିଚାଳନାଦି ଦାୟିତ୍ୱରେ ରହିଥିବେ ।

ପୁରୀର ମାନ୍ୟବର ସିଭିଲ୍‌ଜଜ୍ (ସିନିୟର ଡ଼ିଭିଜନ) ପୁରୀଙ୍କ ଅଦାଲତରେ ଦାଖଲ ହୋଇଥିବା ଟାଇଟଲ ସୁଟ ନଂ ୪୦୧/୧୯୯୯ରେ ଉଲ୍ଲେଖ ପ୍ରକାରେ ୧୮୯୮-୯୯ ମସିହା ବନ୍ଦୋବସ୍ତ ଯାବିକ ରେକର୍ଡ଼ ଅନୁଯାୟୀ ଦଶାବତାର ମଠଟି ଶ୍ରୀଜଗନ୍ନାଥ ଦେବ ମାରଫତ୍ ରାମଚନ୍ଦ୍ର ଦାସ ଓ ଗୁରୁ ଅଲେଖ ରାମ ଦାସଙ୍କ ଅମୃତ ମଣୋହି ସ୍ୱତ୍ତ୍ୱରେ ରହିଥିଲା । ଏଥିରୁ ଉକ୍ତ ମଠର ମାତ୍ର ତିନି ଜଣ ମହନ୍ତଙ୍କ ନାମ ମିଳୁଅଛି । ଯଥାକ୍ରମେ ଅଲେଖରାମ ଦାସ, ରାମଚନ୍ଦ୍ର ଦାସ ଓ ୧୯୦୪ ମସିହା ଲ୍ୟାଣ୍ଡ ରେଜିଷ୍ଟର ବିବରଣୀ ପ୍ରକାରେ ପଦ୍ମ ଦାସ । ପଦ୍ମ ଦାସ ଦଶାବତାର ମଠର ଶେଷ ମହନ୍ତ ଥିଲେ ବୋଲି ପ୍ରମାଣ ମିଳୁଛି । ଉପରୋକ୍ତ ମହନ୍ତମାନେ ରାମାନନ୍ଦୀ ସମ୍ପ୍ରଦାୟର ଥିଲେ । କାରଣ ଦଶାବତାର ମଠର ଶେଷ ମହନ୍ତ ପଦ୍ମ ଦାସ ପୁରୀସ୍ଥିତ ରାମାନନ୍ଦୀ ସମ୍ପ୍ରଦାୟର ଅନ୍ୟତମ ମୁଖ୍ୟ ତଥା ଗୁରୁଗାଦୀ ରୂପେ ପରିଚିତ ବଡ଼ଛତା ମଠର ତତ୍କାଳୀନ ମହନ୍ତ ମୋହନ ଦାସଙ୍କୁ ଅଭିଆର ନାମା ଡ଼ିଡ୍ ନଂ ୨୮୮୮ ତା ୧୪.୬.୧୯୦୪ ମସିହାରେ ଦଶାବତାର ମଠର ସମ୍ପତ୍ତି ଓ ପରିଚାଳନାଦି ଦାୟିତ୍ୱ ହସ୍ତାନ୍ତର କରିଥିଲେ । ଏପରିକି ୧୯୦୪ ମସିହାରେ ମହନ୍ତ ପଦ୍ମ

Digitized by srujanika@gmail.com

ଦାସ ଭୀଷଣ ରୋଗରେ ଆକ୍ରାନ୍ତ ହୋଇ ଠାକୁର ମାନଙ୍କ ସେବାପୂଜା ତୁଲାଇବାରେ ସମ୍ପୂର୍ଣ୍ଣ ଅକ୍ଷମ ହୋଇ ପଡ଼ିଥିବା ହେତୁ ୧୧.୧୦.୧୯୦୪ ମସିହାରେ ସେ ବଡ଼ଛତା ମଠର ମହନ୍ତ ମୋହନ ଦାସଙ୍କୁ ସେବା ସମର୍ପଣ ପତ୍ର ଦଲିଲ ନଂ ୪୭୧୭ ବଳରେ ଦଶାବତାର ମଠ ଠାକୁରଙ୍କ ସେବା ପୂଜା ଦାୟିତ୍ୱ ମଧ ହସ୍ତାନ୍ତର କରିଥିଲେ । ଏଥିରୁ ସ୍ପଷ୍ଟ ଭାବେ ଜଣାଯାଏ ଯେ ୧୯୦୪ ମସିହା ଅକ୍ଟୋବର ୧୧ ତାରିଖଠାରୁ ଦଶାବତାର ମଠର ସମ୍ପୂର୍ଣ୍ଣ ପରିଚାଳନା ଓ ସେବା ପୂଜା କରିବାର ଅଧିକାର ବଡ଼ଛତା ମଠ ଅଧୀନକୁ ଚାଲି ଆସିଥିଲା । ଏହାପରେ କ୍ରମଶଃ ଏହି ମଠର ସେବାପୂଜା ଓ ପରିଚାଳନା, ମରାମତି ତଥା ସଂରକ୍ଷଣର ଅଭାବରେ ବହୁ ପ୍ରାଚୀନ ଐତିହ୍ୟ ଓ ପରମ୍ପରା ଲୁପ୍ତ ଅବସ୍ଥାରେ ପହଞ୍ଚିଥିଲା ।

ମଠ ବିଜେସ୍ଥଳୀ :- ଶ୍ରୀଗୁଣ୍ଡିଚା ମନ୍ଦିରର ସିଂହଦ୍ୱାର ସମ୍ମୁଖସ୍ଥ ଦଶାବତାର ମଠ ବିଜେସ୍ଥଳୀଟି ୧୮୯୮ ମସିହା ବନ୍ଦୋବସ୍ତ ରେକର୍ଡ଼ ଅନୁଯାୟୀ ପୁରୀ ଟାଉନ୍‌ର କୁଣ୍ଡେଇବେଣ୍ଟ ସାହି ମୌଜାର ସାବିକଖାତା ନଂ ୭୬ରେ ସମୁଦାୟ ୬୧୦ ଡ଼ିସିମିଲି ପରିମିତ ଜମି ଉପରେ ଅବସ୍ଥିତ ଥିଲା । ପରବର୍ତ୍ତୀ ସମୟରେ ବନ୍ଦୋବସ୍ତ ରେକର୍ଡ଼ର ତାଳବଣିଆ ମୌଜାର ନଟ୍ ଫାଇନାଲ୍ ଖାତା ନଂ ୧୩୭ (କ) ଅନୁଯାୟୀ ପ୍ଲଟ ନଂ-୨ରେ ୫୦ ଡ଼ିସିମିଲି, ପ୍ଲଟ ନଂ ୨୦୦୦ରେ ୧୭୦ ଡ଼ିସିମିଲି, ପ୍ଲଟ ନଂ ୨୦୦୧ରେ ୧୦ ଡ଼ିସିମିଲି, ପ୍ଲଟ ନଂ ୨୦୦୨ରେ ୨୦ ଡ଼ିସିମିଲି ଏବଂ ପ୍ଲଟ ନଂ ୨୦୦୩ରେ ୧୦ ଡ଼ିସିମିଲି ଏହିପରି ସମୁଦାୟ ୨୬୦ ଡ଼ିସିମିଲି ପରିମିତ ଜମି ରହିଥିଲା । ସମ୍ପ୍ରତି ଏହି ଜମିରୁ କିଛି ଅଂଶ ହସ୍ତାନ୍ତର, ଜବର ଦଖଲ ଓ ଦୋକାନ ଘର ନିର୍ମାଣ ବାବଦରେ ଚାଲି ଯାଇଛି । ପ୍ରତ୍ୟକ୍ଷ ଭାବେ ଅନୁଧ୍ୟାନ କଲେ ଜଣାଯାଏଯେ, ବର୍ତ୍ତମାନର ମଠ ବିଜେସ୍ଥଳୀଟି ପ୍ରାୟ ୧୦୦ ଫୁଟ୍ ଓସାର ଓ ୬୦ ଫୁଟ୍ ଲମ୍ୱା ମଧ୍ୟରେ ସୀମିତ । ମ୍ୟୁନିସିପାଲିଟି ରେକର୍ଡ଼ରେ ମଠର ହୋଲଡିଂ ନମ୍ବର ୫୮୭ ଅଟେ ।

ମଠ ଠାକୁର ଓ ପୂଜାର୍ଚ୍ଚନା :- ଦଶାବତାର ମଠର ବିଜେସ୍ଥଳୀରେ ସମ୍ପ୍ରତି ୭ଟି କ୍ଷୁଦ୍ର ମନ୍ଦିର ବିଦ୍ୟମାନ । ପୂର୍ବରୁ ଗୋଟିଏ ମନ୍ଦିର ସଂପୂର୍ଣ୍ଣ ଭାଙ୍ଗି ପଡ଼ି ଧୂଳିସାତ୍ ହୋଇଯାଇଛି । କୋର୍ଟରେ ଦାଖଲ ହୋଇଥିବା ବିବରଣୀରେ ମଠରେ ପୂଜିତ ଠାକୁରମାନଙ୍କ ତାଲିକା ନିମ୍ନରେ ପ୍ରଦତ୍ତ କରାଗଲା ।

ଶ୍ରୀଜଗନ୍ନାଥ ଜୀଉ, ଶ୍ରୀବଳଭଦ୍ର ଓ ଦେବୀ ସୁଭଦ୍ରା (ପ୍ରସ୍ତର ବିଗ୍ରହ) । ଉଚ୍ଚତା ୨ ଫୁଟ୍ ହେବ । ଶ୍ରୀ ରଘୁନାଥ ଜୀଉ, ଗୋପାଳ ଜୀଉ, ହନୁମାନ ଜୀଉ, ମତ୍ସ୍ୟ ଅବତାର, କଶ୍ୟପ ଅବତାର, ବରାହ ଅବତାର, ନୃସିଂହ ଅବତାର, ବାମନ ଅବତାର, ପର୍ଶୁରାମ ଅବତାର, ରାମଚନ୍ଦ୍ର ଅବତାର, ବଳରାମ ଅବତାର, ବୁଦ୍ଧ ଅବତାର, କଳକୀ ଅବତାର ।

Digitized by srujanika@gmail.com

କିନ୍ତୁ ପ୍ରତ୍ୟକ୍ଷ ଭାବେ ଅନୁଧ୍ୟାନ କରାଯାଇ ମଠ ବିଜେସ୍ଥଳୀରେ ନିମ୍ନ ପ୍ରକାରେ ଦେବଦେବୀ ବିଦ୍ୟମାନ ହୋଇଥିବା ଜଣାଯାଏ ।

(୧) ମୁଖ୍ୟ ମନ୍ଦିର :- ଉଚ୍ଚତା ପ୍ରାୟ ୨୦ ଫୁଟ୍ । ମନ୍ଦିରରେ ୩ ଫୁଟ୍ ଉଚ୍ଚତା ବିଶିଷ୍ଟ ଶ୍ରୀରାମ, ଲକ୍ଷ୍ମଣ, ସୀତା ବିଗ୍ରହ ଏବଂ ୩ଟି ଶାଳଗ୍ରାମ ପୂଜିତ ହେଉଛନ୍ତି । ଯାହାକି ରାମ ଅବତାର ଭାବେ ପରିଚିତ ।

(୨) ଦ୍ୱିତୀୟ ମନ୍ଦିର :- ଏହାର ଉଚ୍ଚତା ପ୍ରାୟ ୮ ଫୁଟ । ଏହି କ୍ଷୁଦ୍ର ମନ୍ଦିରରେ ପ୍ରାୟ ଅଢ଼େଇ ଫୁଟ୍ ଉଚ୍ଚର ଏକ ହନୁମାନ ମୂର୍ତ୍ତି ବିରାଜମାନ କରିଛନ୍ତି ।

(୩) ତୃତୀୟ ମନ୍ଦିର :- ଏହି ମନ୍ଦିରରେ ପ୍ରସ୍ତରର ଜଗନ୍ନାଥ, ବଳଭଦ୍ର, ସୁଭଦ୍ରାଙ୍କ କ୍ଷୁଦ୍ର ବିଗ୍ରହ (ଉଚ୍ଚତା ୨ ଫୁଟ୍) ବିଦ୍ୟମାନ ପୂର୍ବକ ଦୈନନ୍ଦିନ ପୂଜିତ ହେଉଛନ୍ତି ।

(୪) ଚତୁର୍ଥ ମନ୍ଦିର :- ଏହି ମନ୍ଦିରରେ ବରାହ ଅବତାର ରହିଛନ୍ତି ।

(୫) ପଞ୍ଚମ ମନ୍ଦିର :- ଏଠାରେ ମତ୍ସ୍ୟ, କଚ୍ଛପ, ପର୍ଶୁରାମ ଅବତାର ବିଗ୍ରହଙ୍କ ସମେତ ଚତୁର୍ଭୁଜଧାରୀ ବିଦାରଣ ନୃସିଂହ ବିରାଜମାନ କରିଛନ୍ତି ।

ସେହିପରି ମଠର ବିଜେସ୍ଥଳୀରେ ଅବସ୍ଥିତ ୬ଷ୍ଠ ମନ୍ଦିରରେ ବାମନ ଅବତାର ରହିଛନ୍ତି । ଉକ୍ତ ମନ୍ଦିରରେ ଉତ୍ତରାଭିମୁଖୀ ପୂର୍ବକ ପ୍ରାୟ ଦୁଇ ଫୁଟ୍ ଉଚ୍ଚତା ବିଶିଷ୍ଟ ବଂଶୀଧାରୀ କୃଷ୍ଣ ବିଗ୍ରହ ଏବଂ ମନ୍ଦିରର ଏକ ଠଣାରେ ପୂର୍ବାଭିମୁଖ ହୋଇ ବଦ୍ରି ନାରାୟଣ ବିଦ୍ୟମାନ । ଅନ୍ୟ ଏକ କ୍ଷୁଦ୍ର ମନ୍ଦିର ତଥା ସପ୍ତମ ମନ୍ଦିରରେ ଶିବ ଓ ଗଣେଷ ବିରାଜିତ ହୋଇ ପୂଜିତ ହେଉଛନ୍ତି ।

୧୯୭୩ ମସିହାରୁ ଉକ୍ତ ମଠରେ ଅବସ୍ଥାନ କରି ସେବାପୂଜାରେ ନିୟୋଜିତ ବାବାଜୀ ବୈଷ୍ଣବାନନ୍ଦ ଦାସଙ୍କ ବକ୍ତବ୍ୟ ଅନୁଯାୟୀ ଠାକୁର ମାନଙ୍କ ପୂଜାର୍ଚ୍ଚନା ନିମନ୍ତେ ବଡ଼ଛତା ମଠ ପକ୍ଷରୁ ଦୈନିକ ମାତ୍ର ୫୦୦ ଗ୍ରାମ୍ ଚାଉଳ ଯୋଗାଇ ଦିଆଯାଉଅଛି । ବାସ୍ତବ ପକ୍ଷେ ଘୋର ଆର୍ଥିକ ଅନାଟନ ଯୋଗୁଁ ଏହି ପ୍ରସିଦ୍ଧ ଧାର୍ମିକ ଅନୁଷ୍ଠାନରେ ବିରାଜିତ ଠାକୁରଙ୍କ ସେବା ପୂଜା, ପର୍ବପର୍ବାଣୀ ତଥା ଦୈନନ୍ଦିନ ନୀତି ପାଳନରେ ଅବ୍ୟବସ୍ଥା ସୃଷ୍ଟି ହେଉଥିବା ଜଣାଯାଏ । ଏପରିକି ଉପଯୁକ୍ତ ରକ୍ଷଣାବେକ୍ଷଣ ଓ ସଂରକ୍ଷଣ ଅଭାବରେ ମଠ ବିଜେସ୍ଥଳୀରେ ଥିବା ୨ଟି ମନ୍ଦିର କାଳର କରାଳ ସ୍ରୋତରେ ଧ୍ୱଂସ ପ୍ରାପ୍ତ ହୋଇଯାଇଛି । ମଠର ନାମକରଣ ଅନୁସାରେ ବିଜେସ୍ଥଳୀରେ ଦଶ ଅବତାର ମୂର୍ତ୍ତି ପୂର୍ବରୁ ଥିଲେ ହେଁ ପରବର୍ତ୍ତୀ ସମୟରେ ଏଥି ମଧ୍ୟରୁ କେତେକ ମୂର୍ତ୍ତି ଉଭାନ ହୋଇଯାଇଛି । ସମ୍ପ୍ରତି ମାତ୍ର ୭ଟି ଅବତାର ମୂର୍ତ୍ତିର ସନ୍ଧାନ ମିଳୁଅଛି । ବଳରାମ ଅବତାର, ବୁଦ୍ଧ ଅବତାର ଓ କଳକୀ ଅବତାର ମୂର୍ତ୍ତି ମଠରେ ଦୃଶ୍ୟମାନ

Digitized by srujanika@gmail.com

ହେଉନାହିଁ । ସମ୍ଭବତଃ ଗତ କିଛି ବର୍ଷ ପୂର୍ବେ ମଠ ବିଜେସ୍ଥଳୀରେ ଅବସ୍ଥିତ ଗୋଟିଏ ମନ୍ଦିର ଧୂଳିସାତ୍ ହେବା ଯୋଗୁଁ ସେହି ମନ୍ଦିରରେ ପୂଜିତ ଅବତାର ବିଗ୍ରହଙ୍କୁ ସେଠାରୁ କେହି ଅପହରଣ କରି ନେଇ ଥିବେ କିମ୍ବା ବିଗ୍ରହଙ୍କୁ ସେଠାରୁ ସ୍ଥାନାନ୍ତରିତ କରାଯାଇ ଅନ୍ୟ କେଉଁଠାରେ ରଖାଯାଇଥିବ ।

ମଠର ବିଜେସ୍ଥଳୀରେ ଗୋଟିଏ ରୋଷଘର, ଦୁଇଗୋଟି କୂପ, ଏକଗୋଟି ନୂତନ ଭାବେ ନିର୍ମିତ ଖୋଲାମଣ୍ଡପ ରହିଅଛି । ବହୁ ପୂର୍ବରୁ ମଠ ବିଜେସ୍ଥଳୀରୁ କିଛି ଅଂଶ ହସ୍ତାନ୍ତର ହୋଇଥିବା ଜଣାଯାଏ ।

ଶ୍ରୀମନ୍ଦିର ସହ ସମ୍ପର୍କ :- ଅତୀତରେ କବିରାଜ ଜୟଦେବଙ୍କ ରଚିତ ଗୀତଗୋବିନ୍ଦକୁ ଶ୍ରୀମନ୍ଦିରରେ ଶ୍ରୀବିଗ୍ରହମାନଙ୍କ ସମ୍ମୁଖରେ ଗାନ କରାଯିବା ସହିତ ଦେବଦାସୀ ନୃତ୍ୟ ଇତ୍ୟାଦି ସେବା ଏହି ମଠର ରହିଥିଲା । ଗଙ୍ଗବଂଶର ନରପତି ଅନଙ୍ଗଭୀମ ଦେବ ଜୟଦେବଙ୍କ ଜନ୍ମସ୍ଥାନ କେନ୍ଦୁଲୀରେ ବୁଣା ଯାଉଥିବା କେନ୍ଦୁଲୀ ଶାଢ଼ୀ ଜଗନ୍ନାଥଙ୍କୁ ଯୋଗାଇ ଥିବା ବିଷୟ କେତେକ ଗବେଷକ ପ୍ରକାଶ କରନ୍ତି । ଏକଦା ଜୟଦେବଙ୍କୁ ତାଙ୍କ ଗ୍ରାମବାସୀଙ୍କ ଦ୍ୱାରା ଉପହାର ସ୍ୱରୂପ ଦିଆଯାଇଥିବା ଗୀତଗୋବିନ୍ଦ ଶ୍ଳୋକ ବୁଣାଥିବା ଖଣ୍ଡୁଆ ବସ୍ତ୍ରରେ ଶ୍ରଦ୍ଧାକରି ଜଗଦୀଶ ଶ୍ରୀଜୟଦେବଙ୍କୁ ସ୍ୱପ୍ନରେ କହିବାରୁ ଭକ୍ତ ଜୟଦେବ ପରଦିନ ଶ୍ରୀମନ୍ଦିରରେ ଜଗନ୍ନାଥ ମହାପ୍ରଭୁଙ୍କୁ ସେହି ଖଣ୍ଡୁଆଟି ଲାଗି କରାଇଥିଲେ । ତତ୍‌ପରଠାରୁ ଏହି ଖଣ୍ଡୁଆସେବା ଦଶାବତାର ମଠର ଥିଲା । ଏତଦ୍‌ବ୍ୟତୀତ ଜୟଦେବ ଜଗନ୍ନାଥଙ୍କୁ ରାଧାମାଧବଙ୍କ ମିଳିତ ବିଗ୍ରହ ରୂପେ ଗ୍ରହଣ କରିଥିବାରୁ ନାକୁଆସୀ ସେବା ମଧ୍ୟ ଏହି ମଠର ରହିଥିଲା । ପରବର୍ତ୍ତୀକାଳରେ ମଠର ଅଧିକାରୀ ମହନ୍ତମାନଙ୍କ ଅନାଗ୍ରହ ତଥା ସେବା ସମର୍ପଣ ମନୋଭାବ ଅଭାବରୁ ଏହି ପରମ୍ପରା ଗୁଡ଼ିକ ଅନେକ ବର୍ଷ ଧରି ବିଲୁପ୍ତ ହୋଇଯାଇଛି । ରଥଯାତ୍ରା ସମୟରେ ରଥ ଉପରେ ଠାକୁରମାନେ ବିରାଜମାନ କରୁଥିବା ସମୟରେ ଅମୁଣିଆ ପନ୍ତି ଭୋଗ ସାମଗ୍ରୀ ଏହି ମଠରେ ସୁରକ୍ଷିତ ହୋଇ ରହୁଥିଲା । ଏପରିକି ଏବେ ମଧ୍ୟ ଅତ୍ୟନ୍ତ ପ୍ରାଚୀନ ସମୟରୁ ପ୍ରଚଳିତ ଗୁଣ୍ଡିଚା ମନ୍ଦିର ତଥା ମଠ ସମ୍ମୁଖରେ ରହୁଥିବା ତିନି ରଥ ଉପରେ ଠାକୁରମାନଙ୍କ ନିମନ୍ତେ ଦଶାବତାର ମଠର ପବିତ୍ର କୂପର ଜଳରେ ନୀତି ସଂପାଦନ ହୋଇ ଆସୁଅଛି । କେତେକ ସେବକମାନଙ୍କ ଘରଠାରୁ ଶ୍ରୀଗୁଣ୍ଡିଚା ଦିନ ଯେଉଁ ଛୋଟ ରଥମାନ ବଡ଼ଦାଣ୍ଡରେ ଆସିଥାଏ । ଉକ୍ତ ରଥଗୁଡ଼ିକ ମଠର ମୁଖ୍ୟ ଦ୍ୱାର ଠାରେ ଅବସ୍ଥାନ କରିବା ରଥାରୂଢ଼ ସହିତ ବିଗ୍ରହମାନଙ୍କୁ ମଠରେ ରଖାଯାଇ ପୂଜାର୍ଚ୍ଚନା କରାଯାଇଥାଏ ।

Digitized by srujanika@gmail.com

ଏଭଳି ପ୍ରାଚୀନ ମଠ ତଥା କବି ଜୟଦେବଙ୍କ ସ୍ମୃତି ବିଜଡ଼ିତ ଧାର୍ମିକ ଅନୁଷ୍ଠାନ ଦଶାବତାର ମଠଟି ଅବହେଳିତ ଅବସ୍ଥାରେ ରହିଥିବାରୁ ଗତ ବର୍ଷ ବିଶିଷ୍ଟ ପ୍ରାବନ୍ଧିକ ତଥା ବରିଷ୍ଠ ପ୍ରଶାସକ ଶ୍ରୀଯୁକ୍ତ ଅଜିତ କୁମାର ତ୍ରିପାଠୀ ଓ ସ୍ଥାନୀୟ ଜିଲ୍ଲାପାଳ ତଥା କେତେକ ବିଶିଷ୍ଟ ବ୍ୟକ୍ତିମାନଙ୍କ ଉଦ୍ୟମରେ ମଠ ବିଜେସ୍ଥଳୀରେ ଥିବା ମନ୍ଦିର ଗୁଡ଼ିକର ଜୀର୍ଣ୍ଣୋଦ୍ଧାର କାର୍ଯ୍ୟକ୍ରମ ଚାଲୁରହିଛି । ବିଶେଷକରି ଏହି ମଠର ପୁନରୁଦ୍ଧାର ଓ ସଂରକ୍ଷଣ ନିମିତ୍ତ ନୂତନ ଭାବେ ଗଠିତ କମିଟିର ଉଦ୍ୟମ ପ୍ରଶଂସନୀୟ । କିନ୍ତୁ ଠାକୁରମାନଙ୍କ ଦୈନନ୍ଦିନ ନୀତି ଓ ବିଶେଷ ପର୍ବପର୍ବାଣୀ ଗୁଡ଼ିକର ଦାୟିତ୍ୱରେ ବଡ଼ ଛତା ମଠ ରହିଥିବାରୁ ଅର୍ଥାଭାବ ଯୋଗୁଁ ଆଡ଼ମ୍ବର ପୂର୍ଣ୍ଣ ଭାବେ ଦେବନୀତି ଓ ପରମ୍ପରା ଅନୁଯାୟୀ ଅନୁଷ୍ଠିତ ଉତ୍ସବ ଗୁଡ଼ିକ ପାଳିତ ହୋଇ ପାରୁନାହିଁ । ରାଜ୍ୟ ଦେବୋତ୍ତର ବିଭାଗ ଏଥିପ୍ରତି ଦୃଷ୍ଟି ଦେଲେ ଏହି ପ୍ରାଚୀନ ଧାର୍ମିକ ଅନୁଷ୍ଠାନଟିର ସେବାପୂଜା, ନୀତି, ଉତ୍ସବ ଇତ୍ୟାଦି କାର୍ଯ୍ୟକ୍ରମରେ ଶୃଙ୍ଖଳା ଆସିପାରିବ ।

✤ ✤ ✤

Digitized by srujanika@gmail.com

କୁଞ୍ଜ ମଠ

ଶ୍ରୀ ଶ୍ୟାମାନନ୍ଦ ପ୍ରଭୁଙ୍କ ଦ୍ୱାରା ନିର୍ଦ୍ଦେଶିତ ହୋଇ ଶ୍ରୀ ରସିକାନନ୍ଦ ପ୍ରଭୁଙ୍କ ଉଦ୍ୟମରେ ପ୍ରତିଷ୍ଠିତ ହୋଇଥିବା ଶ୍ରୀ ଗୌଡ଼ୀୟ ସମ୍ପ୍ରଦାୟର ପ୍ରସିଦ୍ଧ କୁଞ୍ଜ ମଠ ପୁରୀ ବାଲିସାହିର ଗଣାମଲ୍ଲ ଲେନ୍‌ରେ ଅବସ୍ଥିତ । ଏହି ମଠ ପ୍ରତିଷ୍ଠାର ଇତିହାସ ସମ୍ପର୍କରେ ଜଣାଯାଏ ଯେ ଶ୍ରୀ ଶ୍ୟାମାନନ୍ଦ ପ୍ରଭୁଙ୍କର ଭକ୍ତିଭାବ, ଭଜନ ନିଷ୍ଠା, ତ୍ୟାଗ, ବୈରାଗ୍ୟ ଏବଂ ସର୍ବୋପରି ତାଙ୍କ ପ୍ରତି ଶ୍ରୀମତୀ ରାଧାରାଣୀଙ୍କ ଅଲୌକିକ କୃପାର କଥା ଅବଗତ ହୋଇ ଶ୍ରୀ ଧାମ ବୃନ୍ଦାବନର ବୈଷ୍ଣବଗଣ, ବ୍ରଜବାସୀଗଣ ଏପରିକି ଭାରତର ବିଭିନ୍ନ ପ୍ରାନ୍ତର ରାଜା ମହାରାଜାଙ୍କ ଠାରୁ ଆରମ୍ଭ କରି ସାଧାରଣ ଲୋକଙ୍କ ପର୍ଯ୍ୟନ୍ତ ଲକ୍ଷ ଲକ୍ଷ ସଂଖ୍ୟାରେ ତାଙ୍କର ଶିଷ୍ୟତ୍ୱ ଗ୍ରହଣ କରିଥିଲେ । ସେହି ସମୟରେ ଉତ୍କଳ ଆକାଶରେ ଘୋର ଦୁର୍ଦ୍ଦିନର କଳାମେଘ ଛାଇ ହୋଇ ରହିଥିଲା । ଦୁଷ୍ଟ ଓ ଖଳ ପ୍ରକୃତିର ଲୋକମାନେ ଅକାରଣ ଜୀବହତ୍ୟା, ସାଧୁ ବୈଷ୍ଣବ ନିର୍ଯ୍ୟାତନା, ମଦ୍ୟପାନ, ପରସ୍ତ୍ରୀହରଣ ପ୍ରଭୃତି କୁକାର୍ଯ୍ୟରେ ଲିପ୍ତ ଥାଆନ୍ତି । ଶ୍ରୀକୃଷ୍ଣ ସେବା ଓ ନାମ ସଂକୀର୍ତ୍ତନ ପ୍ରଭୃତି ଧର୍ମୀୟ ପରମ୍ପରା ଲୋପ ପାଇ ଆସୁଥାଏ । କତିପୟ ଉତ୍କଳୀୟ ଭକ୍ତଙ୍କର କାତର ପ୍ରାର୍ଥନାରେ ସ୍ୱୟଂ ଭଗବାନ ଶ୍ରୀକୃଷ୍ଣ ଶ୍ରୀବୃନ୍ଦାବନରେ ଶ୍ରୀ ଶ୍ୟାମାନନ୍ଦ ପ୍ରଭୁଙ୍କୁ ଉତ୍କଳ ଯାଇ ଶ୍ରୀ ହରିନାମର ପ୍ରଚାର ଏବଂ ଦୁର୍ଦ୍ଦଶାଗ୍ରସ୍ତ ଉତ୍କଳବାସୀଙ୍କୁ ଉଦ୍ଧାର କରିବା ପାଇଁ ସ୍ୱପ୍ନାଦେଶ ପ୍ରଦାନ କଲେ । ଶ୍ରୀ ଶ୍ୟାମାନନ୍ଦ ପ୍ରଭୁ ଶ୍ରୀ ଅନିରୁଦ୍ଧଙ୍କ ଅବତାର ଶ୍ରୀ ରସିକାନନ୍ଦ ପ୍ରଭୁଙ୍କୁ ଶିଷ୍ୟ ରୂପେ ଗ୍ରହଣ କରି ତାଙ୍କୁ ସଙ୍ଗରେ ଧରି ଉତ୍କଳର ଘରେ ଘରେ ଶ୍ରୀ ଶ୍ରୀ ଗୌର ନିତାଇଙ୍କ ସେବା, ଶ୍ରୀ ଶ୍ରୀ ରାଧାକୃଷ୍ଣଙ୍କ ସେବା ଏବଂ ଶ୍ରୀ ଗୌରକୃଷ୍ଣଙ୍କ ନାମ ସଂକୀର୍ତ୍ତନର ମହିମା ପ୍ରଚାର କରିଥିଲେ । ଏକଦା ପୁରୀର ରଥଯାତ୍ରା ସମୟରେ ଶ୍ରୀଜଗନ୍ନାଥଙ୍କୁ ରଥରେ ଦର୍ଶନ କରିବା ପାଇଁ ଶିଷ୍ୟ ଶ୍ରୀ ରସିକାନନ୍ଦ ସହ ଶ୍ରୀ ଶ୍ୟାମାନନ୍ଦ ପ୍ରଭୁ ନୀଳାଚଳ ଧାମ ଶ୍ରୀକ୍ଷେତ୍ର ଅଭିମୁଖେ ଆସୁଥାନ୍ତି । ସେତେବେଳେ ରଥଯାତ୍ରା ସମୟ । ବଡ଼ଦାଣ୍ଡରେ ରଥ ଗୁଡ଼ିକରେ ଶ୍ରୀବିଗ୍ରହମାନେ ରଥାରୋହଣ ପୂର୍ବକ ଯାତ୍ରା କରିବା ସମୟରେ ଶ୍ରୀ ବଳଭଦ୍ର ମହାପ୍ରଭୁଙ୍କ ତାଳଧ୍ୱଜ ଏବଂ ମା' ସୁଭଦ୍ରା ଦେବୀଙ୍କର ଦେବଦଳନ ରଥ ଗୁଣ୍ଡିଚା ମନ୍ଦିର ସମ୍ମୁଖରେ ପହଞ୍ଚି ଯାଇଥିଲେ ମଧ ଶ୍ରୀଜଗନ୍ନାଥଙ୍କର ନନ୍ଦିଘୋଷ ରଥ ଆଗକୁ ଚଳି ନଥିଲା । ଭକ୍ତଗଣ, କଳାବେଠିଆ ତଥା ହସ୍ତୀମାନଙ୍କର ଆପ୍ରାଣ ଚେଷ୍ଟା ମଧ

Digitized by srujanika@gmail.com

ଏହି କାର୍ଯ୍ୟକୁ ସଫଳ କରିପାରିନଥିଲା । ପରେ ମୁଦିରଥ ସେବକଙ୍କୁ ଶ୍ରୀଜଗନ୍ନାଥଙ୍କ ଆଦେଶ ହେଲା ଯେ, ଶ୍ରୀ ଶ୍ୟାମାନନ୍ଦ ଓ ଶ୍ରୀ ରସିକାନନ୍ଦ ଆସି ପହଞ୍ଚିବା ପରେ ନନ୍ଦିଘୋଷ ରଥ ଆଗକୁ ଚଳିବ । ଯଥା ସମୟରେ ମହାତ୍ମା ଦ୍ୱୟ ବଡ଼ଦାଣ୍ଡରେ ଅଟକି ରହିଥିବା ନନ୍ଦିଘୋଷ ରଥ ନିକଟରେ ପହଞ୍ଚିଗଲେ । ଗୁରୁଦେବ ଶ୍ରୀ ଶ୍ୟାମାନନ୍ଦ ପ୍ରଭୁଙ୍କ ନିର୍ଦ୍ଦେଶରେ ଶ୍ରୀ ରସିକାନନ୍ଦ ରଥ ପରିକ୍ରମା କରି ନନ୍ଦିଘୋଷ ରଥରେ ମସ୍ତକ ସ୍ପର୍ଶ କରିବା ସହିତ ରଥ ଦଉଡ଼ି ଧରିବା ମାତ୍ରେ ନନ୍ଦିଘୋଷ ରଥ ଦ୍ରୁତ ଗତିରେ ଚଳିଲା ଏବଂ ଗୁଣ୍ଡିଚା ମନ୍ଦିରଠାରେ ପହଞ୍ଚିଥିଲା । ଏହି ଅଲୌକିକ ଘଟଣାରେ ଅଭିଭୂତ ହୋଇ ଉତ୍କଳର ତତ୍କାଳୀନ ଗଜପତି ମହାରାଜା ବାଲିସାହିସ୍ଥିତ ଶ୍ରୀଜଗନ୍ନାଥ ମହପ୍ରଭୁଙ୍କର ଏକାନ୍ତ ସ୍ଥାନ ଫୁଲ ତୋଟାରେ ଏକ ମଠ ସ୍ଥାପନ କରିବା ପାଇଁ ଶ୍ରୀ ଶାମାନନ୍ଦ ପ୍ରଭୁଙ୍କୁ ବିନୀତ ପ୍ରାର୍ଥନା କରିଥିଲେ । ଶ୍ରୀ ଶ୍ୟାମାନନ୍ଦ ପ୍ରଭୁଙ୍କ ନିର୍ଦ୍ଦେଶରେ ସେହି ସ୍ଥାନରେ 'କୁଞ୍ଜ ମଠ' ସ୍ଥାପନ ହେବା ସହିତ ବଡ଼ ଦେଉଳରୁ ଶ୍ରୀ ରସିକାନନ୍ଦ ପ୍ରଭୁଙ୍କ ସଙ୍ଗରେ ଚାଲି ଆସିଥିବା ବଟବୃକ୍ଷଙ୍କ ସେବା ପ୍ରକାଶ କରି ପ୍ରିୟ ଶିଷ୍ୟଙ୍କ ନାମାନୁସାରେ ଶ୍ୟାମାନନ୍ଦ ପ୍ରଭୁ ସେହି ଶ୍ରୀ ବିଗ୍ରହଙ୍କର ନାମକରଣ କରିଥିଲେ ଶ୍ରୀ ରାଧା ରସିକରାୟ ଜୀଉ, ଯେ କି ଅଦ୍ୟାପି ବାଲିସାହିସ୍ଥିତ ଗଣାମଲ୍ଲ ଲେନ୍‌ରେ ପ୍ରତିଷ୍ଠିତ କୁଞ୍ଜ ମଠର ମନ୍ଦିରରେ ବିରାଜମାନ କରୁଛନ୍ତି । ପ୍ରଥମେ ଏହି ମଠର ନାମ ଥିଲା ଫୁଲ ତୋଟା ମଠ । ପରବର୍ତ୍ତୀ ସମୟରେ ଏହା 'କୁଞ୍ଜ ମଠ' ନାମରେ ନାମିତ ହେଲା । ଶ୍ରୀ ଶ୍ୟାମାନନ୍ଦ ପ୍ରଭୁ ଗୋଲକ ବିଜୟର ପୂର୍ବରୁ ତାଙ୍କ ପ୍ରିୟ ଶିଷ୍ୟ ଶ୍ରୀ ରସିକାନନ୍ଦ ପ୍ରଭୁଙ୍କୁ ଶ୍ୟାମାନନ୍ଦୀ ଗୋଷ୍ଠୀର ମହନ୍ତ ରୂପେ ଅଭିଷିକ୍ତ କରି ଶ୍ରୀ ପାଟଗୋପୀବଲ୍ଲଭପୁରରେ ଗାଦୀ ସ୍ଥାପନ କରିଥିଲେ । ସମଗ୍ର ଭାରତ ବର୍ଷରେ ସେହି ସମୟରେ ସାଢ଼େ ତିନି ହଜାର ଶ୍ୟାମାନନ୍ଦୀ ମଠ ଓ ମନ୍ଦିର ସ୍ଥାପିତ ହୋଇଥିଲା । ତନ୍ମଧ୍ୟରୁ ୨୧ଟି ମୁଖ୍ୟ ମୁଖ୍ୟ ଶ୍ୟାମାନନ୍ଦୀ ମଠ ମନ୍ଦିର ମଧ୍ୟରେ ପୁରୀର କୁଞ୍ଜ ମଠ ଓ ଏହାର ବିଜେସ୍ଥଳୀରେ ଅବସ୍ଥିତ ଶ୍ରୀ ରସିକାରାୟ ଜୀଉ ମନ୍ଦିର ଅନ୍ୟତମ ।

ତତ୍କାଳୀନ ପୁରୀରେ ପ୍ରତିଷ୍ଠିତ ମଠ ମାନଙ୍କ ମଧ୍ୟରେ କୁଞ୍ଜମଠର ଅନେକ ପ୍ରାଧାନ୍ୟ ରହିଥିଲା । ଶ୍ରୀମନ୍ଦିରର ମାହାରୀମାନେ ଏହି ମଠରୁ ଦୀକ୍ଷା ନେବାର ପ୍ରଥା ପ୍ରଚଳିତ ଥିଲା । ସ୍ୱର୍ଗତ କେଦାରନାଥ ମହାପାତ୍ରଙ୍କ ରଚିତ 'ଦେବଦାସୀ ପ୍ରଥା' ଶୀର୍ଷକ ପ୍ରବନ୍ଧରେ ଉଲ୍ଲେଖ ଅଛି ଯେ, ''ମାହାରୀ ସେବକ କାହା ସଙ୍ଗେ ଅଙ୍ଗ ସଙ୍ଗ ନହେବେ । ଅନ୍ୟ ଯାତ୍ରାରେ ନ ଗମିବେ । ଗଙ୍ଗା ମାତା ମଠୁ, କୁଞ୍ଜମଠୁ, ରଥ ସାମନ୍ତଙ୍କ ଠାରୁ ଦୀକ୍ଷା ନେଇ କଳିତିଳକ ନେବେ ।''

କୁଞ୍ଜମଠ ବିଜେସ୍ଥଳୀରେ ଥିବା ତୁଳସୀ ଓ ପୁଷ୍ପ ଉଦ୍ୟାନରୁ ପ୍ରତ୍ୟହ ଫୁଲ, ତୁଳସୀ ଶ୍ରୀମନ୍ଦିରକୁ ପଠାଯାଉଥିଲା । ଶୁଦ୍ଧପୂତ ଭାବରେ ମଠର ବୈଷ୍ଣବମାନେ ଠାକୁରଙ୍କ ଶୃଙ୍ଗାର ଓ ନୀତି ପାଇଁ ପୁଷ୍ପ, ତୁଳସୀମାଳ ପଠାଉଥିଲେ । ଯାହାକି ଦୀର୍ଘ ଅନେକ ବର୍ଷ ଧରି ଏହି ପରମ୍ପରା ଲୁପ୍ତ ହୋଇଯାଇଛି ।

Digitized by srujanika@gmail.com

ଶ୍ରୀ ରସିକାନନ୍ଦ ପ୍ରଭୁ ମଧ୍ୟ ଗୁରୁପଦାଙ୍କ ଅନୁସରଣ କରି ଉତ୍କଳରେ ଶ୍ରୀକୃଷ୍ଣ ଚୈତନ୍ୟ ପ୍ରବର୍ତ୍ତିତ ଶୁଦ୍ଧ ରାଗମାର୍ଗୀୟ ଭଜନର ଧାରାକୁ ଅକ୍ଷୁର୍ଣ୍ଣ ରଖି ତାହାର ଆହୁରି ବିସ୍ତାର କରିଥିଲେ । ଶ୍ୟାମାନନ୍ଦୀ ପରିବାର ଗୋଷ୍ଠୀର ପ୍ରଚାର ପତ୍ରରେ ଉଲ୍ଲେଖ ଅଛି ଯେ,

ଜୟ ପ୍ରଭୁ ଶ୍ୟାମାନନ୍ଦ ଶ୍ରୀ ରସିକାନନ୍ଦ ।
କୁଞ୍ଜମଠେ ସେବା କରେନ୍ ପରମ ଆନନ୍ଦ ।।

ପ୍ରବାଦ ଅଛି ଯେ ବାଲେଶ୍ୱର ରେମୁଣାର କ୍ଷୀରଚୋରା ଗୋପୀନାଥଙ୍କ ଶ୍ରୀଅଙ୍ଗରେ ରସିକାନନ୍ଦ ପ୍ରଭୁ ଲୀନ ହୋଇଥିଲେ । 'ଭକ୍ତ ସଂଚକ' ନାମକ ଓଡ଼ିଆ ପୋଥିକୁ ଗୋବିନ୍ଦ ନାଏକ ନାମକ ଜଣେ ଭକ୍ତ ବଡ଼ ଓଡ଼ିଆ ମଠରୁ ପ୍ରାପ୍ତି ହୋଇଥିଲେ। । ଉକ୍ତ ପୋଥିରେ ବର୍ଣ୍ଣିତ ଅଛି ଯେ, ଆସାମର ବିଶିଷ୍ଟ ସନ୍ଥ ଶ୍ରୀ ଶଙ୍କର ଦେବ ବଡ଼ ଓଡ଼ିଆ ମଠ, ଶିଶୁ ଅନନ୍ତଙ୍କ ଶିଶୁ ମଠ ଓ ବାଲି ସାହିର କୁଞ୍ଜମଠର ବିଜେସ୍ଥଳୀରେ କିଛି ଦିନ ଅବସ୍ଥାନ କରିଥିଲେ । କୁଞ୍ଜ ମଠଟି ତତ୍‌କାଳୀନ ସମୟରେ ଏକ ବଗିଚା ବା ପୁଷ୍ପ ଉଦ୍ୟାନ ସଦୃଶ ରହିଥିଲା ।

କୁଞ୍ଜ ମଠର ବିଜେସ୍ଥଳୀ :- ପ୍ରସିଦ୍ଧ କୁଞ୍ଜ ମଠଟି ପ୍ରାୟ ୩୭୫ ବର୍ଷର ପୁରାତନ ଅଟେ । ଐତିହାସିକ କେଦାର ନାଥ ମହାପାତ୍ର ଏବଂ ଡ଼କ୍ଟର ହରେକୃଷ୍ଣ ମହାତାବଙ୍କ ମତାନୁଯାୟୀ ଗଜପତି ନରସିଂହ ଦେବ (୧୬୨୧-୧୬୪୭ ଖ୍ରୀଷ୍ଟାବ୍ଦ)ଙ୍କ ସମୟରେ ଶ୍ରୀ ରସିକାନନ୍ଦଙ୍କ ଦ୍ୱାରା କୁଞ୍ଜ ମଠ ପ୍ରତିଷ୍ଠା ହୋଇ ଥିଲା । (ଦ୍ରଷ୍ଟବ୍ୟ ଖୁରୁଧା ଇତିହାସ- କେଦାରନାଥ : ମହାପାତ୍ର ପୃ-୮୩) । ଗଣାମଲ୍ଲ ସାହିର ଶେଷ ପାର୍ଶ୍ୱରେ ଅବସ୍ଥିତ କୁଞ୍ଜ ମଠର ମୁଖ୍ୟ ପ୍ରବେଶ ଦ୍ୱାର ଦକ୍ଷିଣାଭିମୁଖୀ । ପୂର୍ବେ ଏହି ମଠଟି କେତେ ଏକର ଜମି ଉପରେ ଅବସ୍ଥିତ ଥିଲା, ସେ ସଂପର୍କରେ ବର୍ତ୍ତମାନର ମହନ୍ତଙ୍କ ନିକଟରେ କୌଣସି ତଥ୍ୟ ନାହିଁ । ସମ୍ପ୍ରତି ମଠରେ ଥିବା ଡ୍ରାଫଟ୍ ଖତିୟାନ ଓ ପଟ୍ଟା ଇତ୍ୟାଦି କାଗଜାତ୍‌ରୁ ଜଣାଯାଉଛି ଯେ, ପୁରୀ ସହର ବାଲିସାହି ସାମିଲ ଗଣାମଲ୍ଲ ଲେନ୍ ପ୍ଲଟ ନଂ ୨୧୨, ୨୫୫, ୨୫୬, ୨୫୯, ୨୬୧ରେ ଯଥାକ୍ରମେ କଚାଘର ୨୦ ଡ଼ିସିମିଲି, ପକ୍କା ଘର ୩୦ ଡ଼ିସିମିଲି ଏବଂ ୨୧ ଡ଼ିସିମିଲି, ମେଲା ଡ଼ିହ ୨ ଡ଼ିସିମିଲି, ପକ୍କା ଘର ୨୪ ଡ଼ିସିମିଲି । ଏହା ବ୍ୟତୀତ ପ୍ଲଟ ନଂ ୪୫୨ରେ କଦଳୀ ବାଡ଼ି - ୬୭ ଡ଼ିସିମିଲି, ପ୍ଲଟ ନଂ ୪୫୩ରେ ୮ ଡ଼ିସିମିଲି ରାସ୍ତା, ପ୍ଲଟ ନଂ ୪୬୪ରେ ପକ୍କା ଘର ୨୬୦ ଡ଼ିସିମିଲି, ପ୍ଲଟ ନଂ ୪୬୫ରେ ମେଲାଡ଼ିହ ୭୨ ଡ଼ିସିମିଲି ଏବଂ ପ୍ଲଟ ନଂ ୪୬୨ରେ ଡ଼ିହ ୬ ଡ଼ିସିମିଲି । ଏହିପିରି ସମୁଦାୟ କୁଞ୍ଜ ମଠର ବିଜେସ୍ଥଳୀଟି ୫୩୦ ଡ଼ିସିମିଲି ଜମି ଉପରେ ଅବସ୍ଥିତ । କିନ୍ତୁ ବାସ୍ତବ ପକ୍ଷେ ସମ୍ପ୍ରତି ପ୍ରାୟ ୧୩୦ ଡ଼ିସିମିଲି ଜମି ଉପରେ ବିଜେସ୍ଥଳୀର ମନ୍ଦିର ଓ କିଛି ଅଂଶ ରହିଅଛି । ଅବଶିଷ୍ଟ ସମ୍ପତ୍ତି ବିଭିନ୍ନ ସମୟରେ ହସ୍ତାନ୍ତର, ଜବରଦଖଲ ହୋଇ ବିଭିନ୍ନ ବ୍ୟକ୍ତିବିଶେଷଙ୍କ ଅଧୀନରେ ରହିଯାଇଛି । ଉକ୍ତ ଜମିରେ ସ୍ଥାୟୀ ଘର ନିର୍ମାଣ ହୋଇ ଯାଇଛି । ଏପରିକି ମଠର କୂପଟି ମଧ୍ୟ ବର୍ତ୍ତମାନର ବିଜେସ୍ଥଳୀ ମଧ୍ୟରେ

Digitized by srujanika@gmail.com

ନାହିଁ । ବର୍ତ୍ତମାନର ମଠାଧୀଶଙ୍କ ଠାରୁ ପ୍ରକାଶ ଯେ, ମଠ ବିଜେସ୍ଥଳୀ ଜବର ଦଖଲ ନେଇ ବିଭିନ୍ନ ବ୍ୟକ୍ତି ବିଶେଷଙ୍କ ନାମେ ମଠ ପକ୍ଷରୁ ମକଦ୍ଦମା ଦାୟର କରାଯାଇଛି । ତାହା ଏବେ ବିଚରାଧୀନ ରହିଅଛି । ପୂର୍ବେ ମଠର ବିଜେସ୍ଥଳୀରେ ୧୫ ବଖରା ଗୃହ ଥିବା ବେଳେ ବର୍ତ୍ତମାନ ମାତ୍ର ୪/୫ ବଖରା ଗୃହ ଜରାଜୀର୍ଣ୍ଣ ଅବସ୍ଥାରେ ରହିଅଛି । ଏତଦ୍‌ବ୍ୟତୀତ ବିଜେସ୍ଥଳୀରେ ଦୁଇଟି ସମାଧି ମନ୍ଦିର ଦୃଶ୍ୟମାନ ହେଉଅଛି । ମଠର ପୂର୍ବତନ ମହନ୍ତ ମାନଙ୍କ କେତେକ ସମାଧି ମନ୍ଦିର ମଧ କାଳକ୍ରମେ ଧ୍ୱଂସପ୍ରାପ୍ତ ହୋଇଯାଇଛି ।

ମଠର ମନ୍ଦିର ଓ ବିଗ୍ରହ :- କୁଞ୍ଜ ମଠର ବିଜେସ୍ଥଳୀରେ ଅବସ୍ଥିତ୍ ମୁଖ୍ୟ ମନ୍ଦିରର ନାମ ଶ୍ରୀ ରସିକରାୟ ଜୀଉ ମନ୍ଦିର । ମନ୍ଦିରଟିର ଉଚ୍ଚତା ପ୍ରାୟ ୧୫ ଫୁଟ୍ ଏବଂ ଏହା ପୂର୍ବାଭିମୁଖୀ । ଏହି ମନ୍ଦିରର ମଧ ଭାଗରେ ପ୍ରତିଷ୍ଠିତ ଏକ ସିଂହାସନରେ ପତିତପାବନ ଶ୍ରୀଜଗନ୍ନାଥ, ବଳଭଦ୍ର, ସୁଭଦ୍ରା ଓ ସୁଦର୍ଶନଙ୍କ ଦାରୁ ବିଗ୍ରହ ବିରାଜମାନ ହୋଇଥିବା ସ୍ଥଳେ ସିଂହାସନର ଡ଼ାହାଣ ପାର୍ଶ୍ୱରେ ଲକ୍ଷ୍ମୀ ନୃସିଂହ ଏବଂ ମଝିରେ ଦ୍ୱିଭୁଜ ବଂଶୀଧାରୀ ରସିକରାୟ ବିଦ୍ୟମାନ । ମଠର ମୁଖ୍ୟ ଇଷ୍ଟ ବିଗ୍ରହ ରୂପେ ପୂଜିତ ହେଉଥିବା ରସିକରାୟ ଜୀଉଙ୍କ ମୂର୍ତ୍ତିର ଉଚ୍ଚତା ୧ ଫୁଟ୍ ଏବଂ ଏହା ମଣିମୟ ବିଗ୍ରହ । ବିଗ୍ରହଙ୍କର ପାଦରେ କଠଉ ସୁଶୋଭିତ । ବାମ ପାର୍ଶ୍ୱରେ ରାଧାଜୀ ଓ ଡ଼ାହାଣ ପାର୍ଶ୍ୱରେ ଲଳିତା । ସିଂହାସନର ଦ୍ୱିତୀୟ ଧାଡ଼ି ସମ୍ମୁଖରେ ବିଶାଖାଙ୍କ ସହିତ ତିନି ମୂର୍ତ୍ତି ଗୋପାଳ ଏବଂ କ୍ଷୁଦ୍ର ରୂପା ନିର୍ମିତ ସିଂହାସନରେ ଚଳନ୍ତି ପ୍ରତିମା, ଶାଳଗ୍ରାମ ୧୦ ମୂର୍ତ୍ତି, ଗଣେଶ, ହନୁମାନ ବିଗ୍ରହ ପୂଜା ପାଉଛନ୍ତି । ମୁଖ୍ୟ ମନ୍ଦିରକୁ ଲାଗି ପ୍ରାୟ ୮ ଫୁଟ୍ ଉଚ୍ଚର ଏକ ଜଗମୋହନ ରହିଅଛି । ଏହାର ପାର୍ଶ୍ୱକୁ ଲାଗି ଅମୁଣିଆ ଘର ଏବଂ ରୋଷ ଘର ଅବସ୍ଥିତ ।

ଠାକୁରଙ୍କ ନୀତି ଓ ପର୍ବପର୍ବାଣୀ :- କୁଞ୍ଜ ମଠର ମନ୍ଦିରରେ ବିରାଜିତ ଠାକୁରମାନଙ୍କ ନୈତ୍ୟିକ ନୀତି ମଧ୍ୟରେ ସକାଳ ସମୟରେ ଦ୍ୱାରଫିଟା, ଆଳତୀ, ମିଶିରି ଭୋଗ, ସିଂହାର ଆଳତୀ, ବାଲ୍ୟଭୋଗ, ରାଜଭୋଗ (ଅନ୍ନ ଭୋଗ), ଆଳତୀ, ମଧାହ୍ନରେ ଦିବା ପହୁଡ଼, ଅପରାହ୍ନ ୪ଟାରେ ପହୁଡ଼ ଫିଟା ଯାଇ ବାଲ୍ୟଭୋଗ, ସନ୍ଧ୍ୟା ଆଳତୀ, ରାତ୍ରରେ ରାଜଭୋଗ (ଅନ୍ନ ଭୋଗ) ଅନୁଷ୍ଠିତ ହୋଇଥାଏ । ଏହି ଦେବ ନୀତି ତୁଲାଇବା ପାଇଁ ମଠରେ ଜଣେ ବାବାଜୀ ଓ ଜଣେ ପୂଜାରୀ ନିୟୋଜିତ ହୋଇଛନ୍ତି । ମଠରେ ପାଳିତ ମୁଖ୍ୟ ପର୍ବପର୍ବାଣୀ ମଧରେ ଷଡ଼ ଜୟନ୍ତୀ, ଶିବରାତ୍ରି, ନୃସିଂହ ଜନ୍ମ, ରାମ ଜନ୍ମ, ଜନ୍ମାଷ୍ଟମୀ, ରାଧାଷ୍ଟମୀ, ଗୋବର୍ଦ୍ଧନ ପୂଜା, ଅନ୍ନକୂଟ, ଝୁଲଣ ଯାତ୍ରା, ଶ୍ୟାମାନନ୍ଦୀ ପ୍ରଭୁଙ୍କ ଆର୍ବିଭାବ ମହୋତ୍ସବ ଏବଂ ସ୍ନାନ ପୂର୍ଣ୍ଣମୀ (ଜ୍ୟେଷ୍ଠ ପୂର୍ଣ୍ଣମୀ) ପରଦିନ ଶ୍ୟାମାନନ୍ଦଙ୍କ ତିରୋଧାନ ମହୋତ୍ସବ, ମଠର ସମସ୍ତ ଗୁରୁ ମଠାଧୀଶମାନଙ୍କ ବାର୍ଷିକ ଶ୍ରାଦ୍ଧୋତ୍ସବ ଯଥା ସମ୍ଭବ ଅନୁଷ୍ଠିତ ହେଉଥିବା ମଠ

Digitized by srujanika@gmail.com

ସୂତ୍ରରୁ ପ୍ରକାଶ । ଉଲ୍ଲେଖଯୋଗ୍ୟ ଯେ ଗତ ୨୨.୭.୧୯୯୯ ମସିହାରେ ଏହି ମଠ ପରିସରରେ ନବକୁଞ୍ଜ ମହୋତ୍ସବ (କୃଷ୍ଣ ରାସଲୀଳା ସମ୍ବନ୍ଧୀୟ ଉତ୍ସବ) ମହା ସମାରୋହରେ ପାଳିତ ହୋଇଥିଲା । ଉପରିବର୍ଣ୍ଣିତ ଉତ୍ସବରେ ଓଡ଼ିଶାର ବିଭିନ୍ନ ପ୍ରାନ୍ତରୁ ତଥା ରାଜ୍ୟ ବାହାରୁ ହଜାର ହଜାର ସଂଖ୍ୟକ ଶ୍ୟାମାନନ୍ଦୀ ପରିବାରର ଶିଷ୍ୟମାନେ ଯୋଗ ଦେଇଥିଲେ ।

ମଠ ମହନ୍ତ ପରଂପରା :- କୁଞ୍ଜ ମଠରେ ଅଦ୍ୟାବଧି ୧୬ ଜଣ ମହନ୍ତ ଗାଦୀନାସୀନ୍ ହୋଇ ସାରିଛନ୍ତି । ଗୁରୁ ଶିଷ୍ୟ ପରମ୍ପରାକ୍ରମେ ମହନ୍ତାଇ ଶାଢ଼ୀ ବନ୍ଧାଇ ମହନ୍ତମାନେ ମଠ ଠାକୁରଙ୍କ ସେବା, ପୂଜାର୍ଚ୍ଚନା ଓ ପରିଚାଳନା ଇତ୍ୟାଦି କାର୍ଯ୍ୟ ବୁଝିଥାନ୍ତି । ମଠରୁ ସଂଗୃହୀତ ତଥ୍ୟ ଅନୁଯାୟୀ ନିମ୍ନରେ ମଠାଧୀଶ ମାନଙ୍କ ନାମ ତାଲିକା ଉଲ୍ଲେଖ କରାଗଲା :-

ଶ୍ରୀ ଶ୍ରୀ ଶ୍ୟାମାନନ୍ଦ ପ୍ରଭୁଙ୍କ ଦ୍ୱାରା ଗାଦି ସ୍ଥାପନ :-

୧. ଶ୍ରୀ ମହନ୍ତ ରସିକାନନ୍ଦ ଦେବ ଗୋସ୍ୱାମୀ
୨. ଶ୍ରୀ ମହନ୍ତ ରାଧାନନ୍ଦଦେବ ଗୋସ୍ୱାମୀ (ଶ୍ୟାମାନନ୍ଦଙ୍କ ଜ୍ୟେଷ୍ଠ ପୁତ୍ର)
୩. ଶ୍ରୀ ମହନ୍ତ ନୟନାନନ୍ଦ ଦେବ ଗୋସ୍ୱାମୀ
୪. ଶ୍ରୀ ମହନ୍ତ ବ୍ରଜଜନାନନ୍ଦ ଦେବ ଗୋସ୍ୱାମୀ
୫. ଶ୍ରୀ ମହନ୍ତ ବିଚିତ୍ରାନନ୍ଦ ଦେବ ଗୋସ୍ୱାମୀ
୬. ଶ୍ରୀ ମହନ୍ତ ଗୋବିନ୍ଦାନନ୍ଦ ଦେବ ଗୋସ୍ୱାମୀ
୭. ଶ୍ରୀ ମହନ୍ତ ବୃନ୍ଦାବନନନ୍ଦ ଦେବ ଗୋସ୍ୱାମୀ
୮. ଶ୍ରୀ ମହନ୍ତ ବୈଷ୍ଣବାନନ୍ଦ ଦେବ ଗୋସ୍ୱାମୀ
୯. ଶ୍ରୀ ମହନ୍ତ ଗୋକୁଳା ନନ୍ଦ ଦେବ ଗୋସ୍ୱାମୀ
୧୦. ଶ୍ରୀ ମହନ୍ତ ତ୍ରିବିକ୍ରମାନନ୍ଦ ଦେବ ଗୋସ୍ୱାମୀ
୧୧. ଶ୍ରୀ ମହନ୍ତ ରାମକୃଷ୍ଣାନନ୍ଦ ଦେବ ଗୋସ୍ୱାମୀ
୧୨. ଶ୍ରୀ ମହନ୍ତ ସର୍ବେଶ୍ୱରାନନ୍ଦ ଦେବ ଗୋସ୍ୱାମୀ
୧୩. ଶ୍ରୀ ମହନ୍ତ ନନ୍ଦନନ୍ଦନାନନ୍ଦ ଦେବ ଗୋସ୍ୱାମୀ
୧୪. ଶ୍ରୀ ମହନ୍ତ ଗୋବିନ୍ଦ ଗୋପାଳାନନ୍ଦ ଦେବ ଗୋସ୍ୱାମୀ
୧୫. ଶ୍ରୀ ମହନ୍ତ ଗୋପାଳ ଗୋବିନ୍ଦାନନ୍ଦ ଦେବ ଗୋସ୍ୱାମୀ
୧୬. ମହନ୍ତ ଶ୍ରୀ କୃଷ୍ଣ କେଶବାନନ୍ଦ ଦେବ ଗୋସ୍ୱାମୀ
(ବର୍ତ୍ତମାନ ମହନ୍ତରୂପେ ଗାଦିନସୀନ ହୋଇ କାର୍ଯ୍ୟ ନିର୍ବାହ କରୁଛନ୍ତି ।)

Digitized by srujanika@gmail.com

ପୁରୀ ଗଣାମଲ୍ଲ ସାହିରେ ଅବସ୍ଥିତ ଏହି ପୁରାତନ ଐତିହ୍ୟସଂପନ୍ନ ତଥା ଶ୍ରୀଜୀଉଙ୍କ ଫୁଲ ତୋଟା ଭାବେ ପରିଚିତ କୁଞ୍ଜ ମଠର ଆର୍ଥିକ ସମ୍ବଳ ଅଭାବରୁ ଠାକୁରମାନଙ୍କ ନୀତି ଓ ଉତ୍ସବ ଇତ୍ୟାଦି କର୍ମ ଆଡ଼ମ୍ବର ସହକାରେ ପାଳିତ ହୋଇପାରୁନାହିଁ । ଅର୍ଥାଭାବ ଯୋଗୁଁ ମଠର ମନ୍ଦିର ଓ ଗୃହ ଗୁଡ଼ିକର ମରାମତି ଓ ସଂରକ୍ଷଣ କାର୍ଯ୍ୟ ମଧ୍ୟ ଠିକ୍ ସମୟରେ ହୋଇପାରୁନଥିବା ଜଣାଯାଏ । ତତ୍କାଳୀନ ପୁଷ୍ପ ଉଦ୍ୟାନ ଶ୍ରୀମନ୍ଦିର ମାହାରୀ ମାନଙ୍କ ଦୀକ୍ଷା ଗ୍ରହଣ ଇତ୍ୟାଦି ବ୍ୟବସ୍ଥା ଓ ପରମ୍ପରା ବହୁ ବର୍ଷ ପୂର୍ବରୁ ଲୋପ ପାଇଯାଇଛି । ଏପରିକି ମଠ ବିଜେସ୍ଥଳୀରେ ଅବସ୍ଥିତ କୂପଟି ବ୍ୟକ୍ତି ବିଶେଷଙ୍କ ସମ୍ପତ୍ତି ହୋଇ ତାଙ୍କ ଦଖଲରେ ରହି ଯାଇଥିବାରୁ ଠାକୁରଙ୍କ ନୀତି ନଳକୂପର ଜଳରେ ସଂପନ୍ନ ହେଉଅଛି । ମଠ ବିଜେସ୍ଥଳୀରେ ଦୃଶ୍ୟମାନ ହେଉଥିବା କେତେକ ଘର ସଂପୂର୍ଣ୍ଣ ଭଗ୍ନ ଓ ଅବଶିଷ୍ଟ ଗୃହ ଗୁଡ଼ିକ ଅର୍ଦ୍ଧଭଗ୍ନ ତଥା ବିପଦ ସଙ୍କୁଳ ଅବସ୍ଥାରେ ରହିଅଛି । ପୂର୍ବେ ମଠ ଠାକୁରଙ୍କ ନୀତି ଓ ଉତ୍ସବାଦିର ପରିଚାଳନା ନିମିତ୍ତ ପୁରୀ ଜିଲ୍ଲାର ଗୋପ, ନିମାପଡ଼ା, ପିପିଲି, ବ୍ରହ୍ମଗିରି, ତଳଜଙ୍ଘ, ଚାରିଛକ, ରେବଣା ନୂଆ ଗାଁ, ଗବକୁଣ୍ଡ ଇତ୍ୟାଦି ମୋଟ୍ ୫୧ଟି ମୌଜାରେ ମଠ ନାମରେ ଶହ ଶହ ଏକର ଧାନ ଜମି, ବଗିଚା ଇତ୍ୟାଦି ରହିଥିଲା । ସମ୍ପ୍ରତି ସେହି ଜମି ମାନଙ୍କରୁ ଆଦାୟ ହେଉଥିବା ସ୍ୱଳ୍ପ ଆୟ ଓ ଶିଷ୍ୟ ମାନଙ୍କ ଦାନ ଅର୍ଥରେ ମଠର ଦେବ ନୀତି ଓ ପର୍ବପର୍ବାଣୀ ଯଥାବିଧି ଚାଲୁଅଛି ।

ରାଜ୍ୟ ଦେବୋତ୍ତର ବିଭାଗର ନିୟନ୍ତ୍ରଣାଧୀନରେ ଥିବା ଏହି ପ୍ରସିଦ୍ଧ ମଠଟିର ଜୀର୍ଣ୍ଣୋଦ୍ଧାର ଓ ରକ୍ଷଣାବେକ୍ଷଣ ଏକାନ୍ତ ଆବଶ୍ୟକ ମନେ ହୁଏ । ବର୍ତ୍ତମାନର ଅଧିକାରୀ ମଠର ସଂରକ୍ଷଣ ଓ ମରାମତି କାର୍ଯ୍ୟ କରିବା ନିମନ୍ତେ ଆଗ୍ରହୀ ହୋଇଥିବା ଜଣାଯାଏ ।

✤ ✤ ✤

Digitized by srujanika@gmail.com

ବଡ଼ ଝାଡୁ ମଠ

ରାମାନୁଜପନ୍ଥୀ ଶ୍ରୀ ସମ୍ପ୍ରଦାୟ ଅନ୍ତର୍ଭୁକ୍ତ ବଡ଼ ଝାଡୁ ମଠଟି ଅତ୍ୟନ୍ତ ପ୍ରାଚୀନ ସମୟରୁ ଶ୍ରୀକ୍ଷେତ୍ରରେ ପ୍ରତିଷ୍ଠିତ । ରାମାନୁଜ କୋଟର ପ୍ରତିଷ୍ଠା ପରେ ପରେ ଦ୍ୱାଦଶ ଶତାବ୍ଦୀର ଶେଷ ଭାଗରେ ପୁରୀ କାଳିକା ଦେବୀ ସାହିରେ ଏହି ମଠଟି ପ୍ରତିଷ୍ଠିତ ହୋଇଥିବା ଅନୁମାନ କରାଯାଏ । ମଠର ପୂର୍ବ ନାମ ଥିଲା ଅଯୋଧ୍ୟା ଅନନ୍ତ କୋଟ । ବର୍ତ୍ତମାନର ମହନ୍ତ ଜୟ ଗୋବିନ୍ଦ ରାମାନୁଜ ଦାସଙ୍କ ନିକଟରେ ମଠର ପ୍ରତିଷ୍ଠା କିମ୍ବା ଐତିହ୍ୟ ସଂପର୍କରେ ବିଶେଷ ତଥ୍ୟ ଉପଲବ୍ଧ ହେଉ ନଥିବାରୁ ଏହି ପ୍ରାଚୀନ ମଠ ବିଷୟରେ ବହୁ ତଥ୍ୟ ଅଦ୍ୟାବଧି ଲୋକଲୋଚନକୁ ଆସି ପାରିନାହିଁ । ସଂପୃକ୍ତ ମଠର ମହନ୍ତ ଏହି ମଠଟି ପ୍ରାୟ ପାଞ୍ଚଶହ ବର୍ଷ ପୂର୍ବର ପୁରତାନ ବୋଲି ପ୍ରକାଶ କରନ୍ତି ଯଦିଓ କେତେକ ପ୍ରାବନ୍ଧିକ ଏହି ମଠଟି ପ୍ରାୟ ସାତଶହ ବର୍ଷର ପୁରାତନ ତଥା ରାଜ ପ୍ରତିଷ୍ଠିତ ମଠ ବୋଲି କହିଛନ୍ତି । ତେବେ ଏହି ମଠଟି ୫୦୦ ବର୍ଷରୁ ଉର୍ଦ୍ଧ୍ୱ ପ୍ରାଚୀନ ବୋଲି ଜଣାଯାଏ ।

ଉକ୍ତ ମଠର ମଠାଧୀଶ ମାନଙ୍କ କ୍ରମାନ୍ୱୟ ନାମ ତାଲିକା ମିଳୁ ନଥିବାରୁ ମଠରୁ ସଂଗୃହୀତ ମାତ୍ର ଛଅଜଣ ମହନ୍ତଙ୍କ ନାମ ନିମ୍ନରେ ଉଲ୍ଲେଖ କରାଯାଉଛି । ତନ୍ମଧ୍ୟରେ ମଠର ପ୍ରତିଷ୍ଠାତା ମହନ୍ତ ଅଯୋଧ୍ୟା ରାମାନୁଜ ଦାସ, ମହନ୍ତ ଜୟରାମ ରାମାନୁଜ ଦାସ, ରାମ ଶରଣ ରାମାନୁଜ ଦାସ । ଏହାଙ୍କ ପରବର୍ତ୍ତୀ ଅନେକ ମଠାଧୀଶ ମାନଙ୍କ ନାମ ମିଳୁନାହିଁ । ବର୍ତ୍ତମାନର ମଠାଧୀଶଙ୍କ ପୂର୍ବରୁ ମାତ୍ର ଦୁଇ ଜଣ ଗୁରୁ ମହାରାଜାଙ୍କ ନାମ ମଧ୍ୟରେ ତ୍ରିବିକ୍ରମ ରାମାନୁଜ ଏବଂ ସତ୍ୟନାରାୟଣ ରାମାନୁଜ ଦାସ ଯେ କି ୧୯୩୧ ମସିହାରେ ମହନ୍ତ ରୂପେ ମଠରେ ଗାଦିନାସୀନ ହୋଇଥିଲେ । ସଂପ୍ରତି ମଠର ମହନ୍ତ ଜୟଗୋବିନ୍ଦ ରାମାନୁଜ ଦାସ ୧୯୬୮ ମସିହାରେ ମହନ୍ତାଇ ଶାଢ଼ୀ ବନ୍ଧାଇ ବଡ଼ ଝାଡୁ ମଠର ମହନ୍ତ ରୂପେ ଅଦ୍ୟାବଧି କାର୍ଯ୍ୟ ନିର୍ବାହ କରି ଆସୁଅଛନ୍ତି ।

ବଡ଼ ଝାଡୁ ମଠର ନାମକରଣରୁ ସ୍ପଷ୍ଟ ଭାବେ ଜଣାଯାଏ ଯେ, ଅତୀତରେ ଶ୍ରୀ ବିଗ୍ରହ ମାନଙ୍କ ଦୈନନ୍ଦିନ ନୀତି ସେବାପୂଜା, ଉତ୍ସବ ପ୍ରବର୍ତ୍ତିତ ହେବା ସମୟରେ ଶ୍ରୀକ୍ଷେତ୍ରରେ ଅବସ୍ଥିତ ଅଳ୍ପ କେତେକ ମଠ ଶ୍ରୀଜୀଉଙ୍କ ସେବା ପୂଜାରେ ସହଯୋଗ କରିବା ସଙ୍ଗେ ସଙ୍ଗେ ସଂପୃକ୍ତ ଅନୁଷ୍ଠାନ ମାନଙ୍କ ଉପରେ ସ୍ୱତନ୍ତ୍ର ଦାୟିତ୍ୱମାନ ନ୍ୟସ୍ତ କରାଯାଇଥିଲା । ଶ୍ରୀ ସମ୍ପ୍ରଦାୟର ଏହି ପ୍ରାଚୀନ ମଠଟି ତତ୍‌କାଳୀନ ସମୟରେ ନିୟମିତ ଭାବେ ଶ୍ରୀମନ୍ଦିରର

Digitized by srujanika@gmail.com

କେତେକ ଅଂଶ ଝାଡୁ ଦେବା ପାଇଁ ଗଜପତି ମହାରାଜାଙ୍କଠାରୁ ଅନୁମତି ପ୍ରାପ୍ତ ହୋଇଥିଲେ । ଏପରିକି ମଠ ତରଫରୁ ତାଙ୍କ ଶିଷ୍ୟବର୍ଗ ଶ୍ରୀମନ୍ଦିର ଭିତର ବେଢ଼ାରେ ଝାଡୁ କାର୍ଯ୍ୟରେ ନିୟୋଜିତ ହେଉଥିଲେ । ମଠ ସୂତ୍ରରୁ ପ୍ରକାଶ କରାଯାଏ ଯେ, ପୂର୍ବେ ଏହି ମଠ ମହନ୍ତ ମାନଙ୍କର ଶ୍ରୀମନ୍ଦିରର ରତ୍ନ ସିଂହାସନ ଓ ଏହାର ଚର୍ତୁପାର୍ଶ୍ୱ ଅଞ୍ଚଳ ଅର୍ଥାତ୍ ଗର୍ଭଗୃହ, ଅଣସର ପିଣ୍ଡି ପ୍ରଭୃତି ସ୍ଥାନ ମାନଙ୍କରେ ଝାଡୁ ଦେବା ସେବା ରହିଥିଲା । ଏପରିକି ଅଣସର ପିଣ୍ଡିରେ ବସିବାର ଅଧିକାର ବଡ଼ ଝାଡୁ ମଠ ମହନ୍ତଙ୍କର ରହିଥିଲା । ଗଜପତି ମହାରାଜାଙ୍କ ପରିଚାଳନାରେ ଶ୍ରୀମନ୍ଦିର ଥିବା ବେଳେ ଏହି ମଠ ନିର୍ଦ୍ଦିଷ୍ଟ ପରିମାଣର ଚାଉଳ ଓ ମୁଗ ଖେଇ ପ୍ରାପ୍ୟ ଭାବେ ଗ୍ରହଣ କରୁଥିଲେ । କୌଣସି କାରଣବଶତଃ ଏହି ମଠର ଝାଡୁ ସେବା ବିଗତ ଶତାଧିକ ବର୍ଷ ଧରି ବନ୍ଦ ହୋଇ ଯାଇଅଛି ।

ଶ୍ରୀମନ୍ଦିର ସ୍ୱତ୍ତ୍ୱଲିପିରେ ଏହି ମଠ ସଂପର୍କରେ ଉଲ୍ଲେଖ ହୋଇଥିବା ବିବରଣୀ ପ୍ରକାରେ ଝାଡୁମଠ ପୂର୍ବେ ଶ୍ରୀଜୀଉଙ୍କ ପ୍ରତି ଧୂପ ସମୟରେ ଟେରା ପଡ଼ିଥିବା ବେଳେ ଝାଞ୍ଜ ପିଟା ସେବା କରୁଥିଲେ । ଝାଡୁ ସେବା ପାଇଁ ଏହି ମଠ କେତେକ ଭୂ-ସମ୍ପତ୍ତି ଭୋଗ କରେ । (ଦ୍ରଷ୍ଟବ୍ୟ : ଶ୍ରୀମନ୍ଦିର ସ୍ୱତ୍ତ୍ୱଲିପି, ଦ୍ୱିତୀୟ ଭାଗ, ପୃ - ୨୭୮) କିନ୍ତୁ ଏହି ତଥ୍ୟ ଭୂଲ୍ ଅଟେ । ବିଶିଷ୍ଟ ପ୍ରାବନ୍ଧିକ ମହାମୋହନ ତ୍ରିପାଠୀ ତାଙ୍କ ରଚିତ "ବିଭିନ୍ନ ମଠ ସହିତ ଶ୍ରୀମନ୍ଦିରର ସମ୍ପର୍କ" ପ୍ରବନ୍ଧରେ ଉଲ୍ଲେଖ କରିଛନ୍ତି ଯେ, ପୂର୍ବେ ଝାଡୁ ମଠ ଶ୍ରୀମନ୍ଦିରରେ ପ୍ରତ୍ୟହ ସବୁ ଧୂପ ବେଳେ ଟେରା ପଡ଼ିଲେ ସର୍ବସାଧାରଣ ଓ ମଠ ମାନଙ୍କ ଅବଗତି ପାଇଁ ଝାଞ୍ଜ ବଜାଉ ଥିଲେ । କିନ୍ତୁ ବହୁ ବର୍ଷ ଧରି ଏହି ମଠ ଝାଞ୍ଜ ପିଟା କରୁନଥିବା ଜଣାଯାଏ । (ଦ୍ରଷ୍ଟବ୍ୟ - ଶ୍ରୀକ୍ଷେତ୍ର : ଶ୍ରୀଜଗନ୍ନାଥ, ତୃତୀୟ ସ୍ତବକ, ପୃ-୫୦୦) । ଏଥିରୁ ଅନୁମାନ କରାଯାଏ ଯେ, ଶ୍ରୀମନ୍ଦିର ସ୍ୱତ୍ତ୍ୱଲିପି ପ୍ରସ୍ତୁତ ହେବା ସମୟକୁ (୧୯୫୩/୧୯୫୪ ମସିହା) ଶ୍ରୀକ୍ଷେତ୍ରରେ ଅବସ୍ଥାପିତ ଅନେକ ମଠ ଶ୍ରୀମନ୍ଦିରର ସେବା, ପୂଜାଠାରୁ ବିଛିନ୍ନ ହୋଇଯାଇଥିଲେ, ତେଣୁ ଏହି ସେବା ବିଷୟ ଉଲ୍ଲେଖ ହୋଇଥିଲେ ହେଁ, ବାସ୍ତବ କ୍ଷେତ୍ରରେ ବଡ଼ ଝାଡୁ ମଠ ଝାଞ୍ଜ ପିଟା ସେବା ସେହି ସମୟରେ କରୁନଥିଲେ । ଅପର ପକ୍ଷରେ ମଠର ବର୍ତ୍ତମାନର ମହନ୍ତ ଝାଞ୍ଜ ପିଟା ସେବା ଏହି ମଠ ତରଫରୁ କରାଯାଏ ନାହିଁ ବୋଲି ପ୍ରକାଶ କରନ୍ତି ।

ଶ୍ରୀମନ୍ଦିର ରୋଷଶାଳାରେ ଥିବା ୧୩୨ ନମ୍ବର ଚୁଲିଟି ବଡ଼ ଝାଡୁ ମଠ ନାମରେ ରେକର୍ଡ ହୋଇଅଛି । ୧୯୫୩ ମସିହାରେ ମାତ୍ର ୧୫ ଟଙ୍କା ଖଜଣାରେ ଉକ୍ତ ଚୁଲିଟି କାଶୀ ସୁଆର ଦଖଲ କରନ୍ତି ବୋଲି ଉଲ୍ଲେଖ ରହିଛି । ଏତଦ୍ ବ୍ୟତୀତ ଏହି ମଠ ଭୋଗମଣ୍ଡପ ପନ୍ତି ତାଲିକାରେ ବଡ଼ ଦେଉଳରେ ୧ ହାଣ୍ଡି ଏବଂ ଗୁଣ୍ଡିଚାଘର ଭୋଗ ମଣ୍ଡପରେ ୧ ହାଣ୍ଡି

Digitized by srujanika@gmail.com

ଭୋଗ କରିବାର ଅଧିକାର ପାଇଛନ୍ତି । (ଦ୍ରଷ୍ଟବ୍ୟ : ଶ୍ରୀମନ୍ଦିର ସ୍ୱତ୍ୱଲିପି ଦ୍ୱିତୀୟ ଭାଗ, ପୃ-୨୦୭, ୨୦୯) ଅତୀତରେ ବଡ଼ ଝାଡୁ ମଠ ଶ୍ରୀମନ୍ଦିରରେ ଝାଡୁ ସେବା କରୁଥିବା କରୁଥିବା ଯୋଗୁଁ ଦୈନନ୍ଦିନ ମଠକୁ ଅରୁଆ ଚାଉଳ, ଗୋଟା ମୁଗ ଇତ୍ୟାଦି ଖଞ୍ଜା ହୋଇଥିଲା । ମଠ ସୂତ୍ରରୁ ଜଣାଯାଏ ଯେ ଦୀର୍ଘ ଏକ ଶହ ବର୍ଷ ଧରି ଏହି ବ୍ୟବସ୍ଥା ବନ୍ଦ ହୋଇଯାଇଥିବାରୁ ଅନେକ ବର୍ଷ ଧରି ମଠର ମହନ୍ତ ମାନେ ଶ୍ରୀମନ୍ଦିରରେ ଝାଡୁ ସେବା କରୁ ନଥିବା ଜଣାଯାଏ । ସାଂପ୍ରତିକ ପରିସ୍ଥିତିରେ ଉକ୍ତ ସେବା ପୁନରୁଦ୍ଧାର କରାଯିବା ମଧ ସମ୍ଭବପର ନୁହେଁ । ସଂପ୍ରତି ବଡ଼ଝାଡୁ ମଠଟି ଗୃହୀ ମଠ ଅଟେ । ଏହି ମଠଟି ରାଜ୍ୟ ଦେବୋତ୍ତର ବିଭାଗର ନିୟନ୍ତ୍ରଣାଧୀନରେ ରହିଅଛି ।

ବିଜେସ୍ଥଳୀ :- ହାଲ ବନ୍ଦୋବସ୍ତ ରେକର୍ଡ଼ ଅନୁଯାୟୀ ମାତ୍ର ୨୫୦ ଡ଼ିସିମିଲି ଜମି ଉପରେ ମଠର ବିଜେସ୍ଥଳୀଟି ଅବସ୍ଥିତ । ସାବକ ମୌଜା କାଳିକାଦେବୀ ସାହି ରହିଥିବା ସ୍ଥଳେ ହାଲରେ ଏହା ମଣିକର୍ଣ୍ଣିକା ସାହି ମୌଜାରେ ରେକର୍ଡ଼ ହୋଇଅଛି । ମଠର ମୁଖ୍ୟ ଦ୍ୱାର ପୂର୍ବାଭିମୁଖୀ । ବାଲିସାହି ଖଜାପଟି ଅଞ୍ଚଳର ମୁଖ୍ୟରାସ୍ତାରେ ମଠଟି ରହିଅଛି । ମଠ ବିଜେ ସ୍ଥଳୀରେ ପ୍ରାୟ ୪୦ ବଖରା ଗୃହ ରହିଅଛି । ତନ୍ମଧ୍ୟରେ ମହନ୍ତଙ୍କ କୋଠରୀ, ମନ୍ଦିର, ଗାଦିଘର, ରୋଷ ଘର, ଭଣ୍ଡାର ଘର ଓ ଅନ୍ୟ କେତେକ କୋଠରୀ ବାରଣ୍ଡା, ଅଗଣା ଆଦି ଅନ୍ତର୍ଭୁକ୍ତ । ବର୍ତ୍ତମାନର ମଠାଧୀଶଙ୍କ ସୂତ୍ରରୁ ପ୍ରକାଶ ଯେ, ଏହି ମଠର ପୂର୍ବତନ ମହନ୍ତ ତ୍ରିବିକ୍ରମ ମହାରାଜ ଦକ୍ଷିଣକାଳୀ ମନ୍ଦିର ସଂଲଗ୍ନ ରହିଥିବା ପାଞ୍ଚ ବଖରା ଘରକୁ ଦାନ କରି ଦେଇଥିଲେ । ସମ୍ପ୍ରତି ଏହି ଘରଟି ଦକ୍ଷିଣକାଳୀ ମନ୍ଦିରର ପନ୍ତୀ ଘର ନାମରେ କଥିତ । ଯାହାକି ପୂର୍ବେ ମଠ ରେକର୍ଡ଼ରେ 'ପାଞ୍ଚ ବଖରା ଘର' ବୋଲି କୁହାଯାଉଥିଲା ।

ମଠର ବିଗ୍ରହ :- ବଡ଼ ଝାଡୁ ମଠର ବିଜେସ୍ଥଳୀରେ ଅବସ୍ଥିତ ମନ୍ଦିରରେ ବିଦ୍ୟମାନ ଶ୍ରୀ ରଘୁନାଥ ଜୀଉ ହେଉଛନ୍ତି ମୁଖ୍ୟ ଉପାସ୍ୟ ବିଗ୍ରହ । ଏତଦ୍‌ବ୍ୟତୀତ ରାଧାକୃଷ୍ଣ, ଲକ୍ଷ୍ମୀ, ସତ୍ୟ ନାରାୟଣ, ଲଡୁ ଗୋପାଳ ଏବଂ ପ୍ରାୟ ୩୦ ମୂର୍ତ୍ତି ଶାଳଗ୍ରାମ, ମନ୍ଦିର ଦ୍ୱାର ସମ୍ମୁଖସ୍ଥ ବାରଣ୍ଡାରେ ହନୁମାନ ଜୀଉ ପ୍ରତିଷ୍ଠିତ ହୋଇଛନ୍ତି । ମଠର ମୁଖ୍ୟ ପ୍ରବେଶ ଦ୍ୱାର ଅତିକ୍ରମ କରିବା ପଥରେ ସାମନା କାନ୍ଥରେ ଅତ୍ୟନ୍ତ ପୁରାତନ ସମୟର ଶ୍ରୀ ନୃସିଂହ ଦେବଙ୍କ ଚିତ୍ର ପ୍ରତିମା ଅସୁରକ୍ଷିତ ଭାବେ ଦୃଶ୍ୟମାନ ହେଉଅଛି । ଆଜକୁ ୫୦ ବର୍ଷ ପୂର୍ବେ ମଠରେ ତିନି ଚାରି ଜଣ ବିଦ୍ୟାର୍ଥୀ, ସାଧୁ, ସନ୍ଥ ମଠରେ ଆଶ୍ରୟ ତଥା ପ୍ରସାଦ ସେବନ କରୁଥିବା ଜଣାଯାଏ । ୧୯୫୧, ୧୯୬୨ ଓ ୧୯୭୪ ମସିହାରେ ଓଡ଼ିଶା ସରକାରଙ୍କ ବିଭିନ୍ନ ଭୂ ସଂସ୍କାର ଆଇନ୍‌ର ପ୍ରବର୍ତ୍ତନ ଫଳରେ ମଠର ଆର୍ଥିକ ସ୍ଥିତି ଅତ୍ୟନ୍ତ ନୈରାଶ୍ୟଜନକ ଅବସ୍ଥାରେ ପହଞ୍ଚି ଯାଇଛି । ମଠର ଶହ ଶହ ଏକର ଧାନ ଜମି ଡ଼େଲାଙ୍ଗର କଲ୍ୟାଣପୁର, ସତ୍ୟବାଦୀ

Digitized by srujanika@gmail.com

ଠାରେ ରହିଥିଲେ ହେଁ ଅଧିକାଂଶ ପ୍ରଜା ରାଜଭାଗ ଦେଉ ନଥିବାରୁ ଏଥିରୁ ମଠକୁ କୌଣସି ଆୟ ମିଳି ପାରୁନାହିଁ । ଯତ୍ କିଞ୍ଚିତ୍ ଦୋକାନ ଭଡ଼ା ଓ ଅନ୍ୟାନ୍ୟ ବଗିଚା, ଧାନ ଜମିରୁ ଆଦାୟ ହେଉଥିବା ସ୍ୱଳ୍ପ ଅର୍ଥରେ ମଠ ଠାକୁରଙ୍କ ଯାବତୀୟ ନୀତି, ଉତ୍ସବ ଏବଂ ମଠ ପରିଚାଳନା ଆଦି ନିର୍ବାହ ହେଉଅଛି ।

ମଠର ମୁଖ୍ୟ ଉତ୍ସବ ମଧ୍ୟରେ ଶ୍ରୀରାମ ନବମୀ, ସୁନିଆଁ ବାମନ ଜନ୍ମ ଇତ୍ୟାଦି ଅନ୍ୟତମ । ଆର୍ଥିକ ଅଭାବରୁ ମଠ ବିଜେସ୍ଥଳୀରେ ଅବସ୍ଥିତ ଅଧିକାଂଶ ଗୃହ ଗୁଡ଼ିକ ଅର୍ଦ୍ଧଭଗ୍ନ ତଥା ବିପଦ ସଙ୍କୁଳ ଅବସ୍ଥାରେ ରହିଅଛି । ଏପରିକି ବିଗତ ବର୍ଷ ମଧ୍ୟରେ ମଠ ବିଜେସ୍ଥଳୀର କିଛି ଅଂଶ ଜବରଦଖଲ ଓ ହସ୍ତାନ୍ତର ହୋଇଯିବା ଫଳରେ ସମ୍ପ୍ରତି ମଠଟି ମାତ୍ର ୨୫୦ ଡ଼ିସିମିଲି ଜମି ଉପରେ ରହିଅଛି ।

ବର୍ତ୍ତମାନର ମଠାଧୀଶଙ୍କ ଠାରୁ ପ୍ରକାଶ ଯେ ବହୁ ପୂର୍ବରୁ ମଠରେ ଥିବା ସନନ୍ଦ ଓ ଅନ୍ୟାନ୍ୟ ହୁକୁମନାମା ସମ୍ବନ୍ଧୀୟ ପ୍ରାଚୀନ କାଗଜାତ୍ ନଷ୍ଟ ହୋଇଯାଇଛି । ଏପରିକି ଅର୍ଥାଭାବ ଯୋଗୁଁ ମଠର ମନ୍ଦିରଟିର ଜୀର୍ଣ୍ଣୋଦ୍ଧାର କାର୍ଯ୍ୟ ସମ୍ଭବ ହୋଇପାରୁନାହିଁ । କେବଳ ବିଧିରକ୍ଷା ପୂର୍ବକ ଠାକୁର ନୀତି ଏବଂ ନାମକୁ ମାତ୍ର ଉତ୍ସବ ପାଳିତ ହେଉଛି ।

ବଡ଼ଝାଡୁ ମଠଟିର ଉପଯୁକ୍ତ ରକ୍ଷଣାବେକ୍ଷଣ, ମରାମତି ଅଭାବରୁ ରାଜ ପୃଷ୍ଠପୋଷକତାରେ ନିର୍ମିତ ଏହି ପ୍ରସିଦ୍ଧ ମଠଟି ଅତ୍ୟନ୍ତ ଶୋଚନୀୟ ତଥା ଜରାଜୀର୍ଣ୍ଣ ଅବସ୍ଥାରେ ରହିଅଛି । ସଂରକ୍ଷଣ ଦିଗରେ ଏ ପର୍ଯ୍ୟନ୍ତ ସରକାରୀସ୍ତରରେ ଦେବୋତ୍ତର ବିଭାଗ କିମ୍ବା ବେସରକାରୀ ସ୍ତରରେ କୌଣସି ଉଦ୍ୟମ ହୋଇ ପାରିନାହିଁ ।

✤ ✤ ✤

Digitized by srujanika@gmail.com

ବଳଗଣ୍ଡି ଛତା ମଠ

ଶ୍ରୀ ରାମାନନ୍ଦୀ ସମ୍ପ୍ରଦାୟର ବଳଗଣ୍ଡି ଛତା ମଠଟି ପୁରୀ ବଡ଼ଦାଣ୍ଡର ବଳଗଣ୍ଡି ଛକ ନିକଟରେ ଅବସ୍ଥିତ । ଅତୀତରେ ବଳଗଣ୍ଡି ଛକ ନିକଟରେ ଥିବା ବର, ଅଶ୍ୱତ୍ଥ ବୃକ୍ଷ ତଳେ ଏକ ଛତା ପକାଇ ସାଧୁ ସନ୍ଥମାନେ ଆସ୍ଥାନ ଜମାଇବା ସଙ୍ଗେ ସଙ୍ଗେ ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କ ଦର୍ଶନ ଓ ସମ୍ପ୍ରଦାୟର ପ୍ରଚାର ପ୍ରସାର କାର୍ଯ୍ୟରେ ନିଜକୁ ନିୟୋଜିତ କରୁଥିଲେ । ସମ୍ଭବତଃ ବଳଗଣ୍ଡି ଛକ ନିକଟରେ ଛତା ପକାଇ ରହୁଥିବାରୁ ପରବର୍ତ୍ତୀ ସମୟରେ ଏହି ମଠଟି ବଳଗଣ୍ଡି ଛତା ମଠ ନାମରେ ସର୍ବତ୍ର ପରିଚିତ ହୋଇଥିଲା । ପୂର୍ବେ ଏହି ସ୍ଥାନଟି ମଧ୍ୟ ବଳଗଣ୍ଡି ହରିବଂଶପୁର ନାମରେ କଥିତ ଥିଲା । ବଳଗଣ୍ଡି ଛତା ମଠର ପ୍ରତିଷ୍ଠା ସମ୍ପର୍କରେ ସଂଗୃହୀତ ହୋଇଥିବା ତଥ୍ୟ ଅନୁଯାୟୀ ମଠର ବିଜେସ୍ଥଳୀରେ ନିର୍ମାଣ ହୋଇଥିବା ପକ୍କା ଗୃହଟି ମାତ୍ର ୫୩ ବର୍ଷର ପୁରାତନ । ଏପରିକି ଏହା ପୂର୍ବରୁ ବିଜେସ୍ଥଳୀରେ କୌଣସି ସ୍ଥାୟୀ ପକ୍କା ଗୃହ ନିର୍ମାଣ ହୋଇ ନଥିଲା । ମଠର ପୂର୍ବତନ ମହନ୍ତ ଜୟରାମ ଦାସ ପୁରୀ ପୌର ସଂସ୍ଥା ଠାରୁ ଉକ୍ତ ଯାଗାଟିକୁ ଲିଜ୍ ସୂତ୍ରରେ ଆଣି ମଠର ବିଜେସ୍ଥଳୀରେ ସ୍ଥାୟୀ ଭାବେ କୋଠାଘର ନିର୍ମାଣ କରିଥିବା ମଠ ସୂତ୍ରରୁ ଜଣାଯାଏ । ବର୍ତ୍ତମାନର ମଠ ବିଜେସ୍ଥଳୀଟି ବଡ଼ଦାଣ୍ଡର ସମ୍ମୁଖ ଭାଗ ପଟକୁ ଓସାରରେ ପ୍ରାୟ ୮୦ ଫୁଟ୍ ଓ ଲମ୍ବରେ ପ୍ରାୟ ୪୦ ଫୁଟ୍ ହେବ । ଏଣୁ ପ୍ରାୟ ୭ ଡ଼ିସିମିଲି ଭୂମି ଉପରେ ବର୍ତ୍ତମାନର ମଠଟି ଅବସ୍ଥିତ । ମଠର ମୁଖ୍ୟଦ୍ୱାର ପଶ୍ଚିମାଭିମୁଖୀ ଅଟେ । ବିଜେସ୍ଥଳୀଟି ଦ୍ୱିତାଲା ବିଶିଷ୍ଟ ପକ୍କା ଛାତ ଘର ଅଟେ । ଏଥିରେ ପ୍ରାୟ ୧୫ ବଖରା ଗୃହ ରହିଅଛି । ଭାରତ ବର୍ଷର ବିଭିନ୍ନ ଅଞ୍ଚଳରୁ ଶ୍ରୀକ୍ଷେତ୍ରକୁ ଆଗମନ କରୁଥିବା କେତେକ ସାଧୁ, ସନ୍ଥ ଅତୀତରେ ଏହି ମଠ ବିଜେସ୍ଥଳୀରେ ଥିବା ଛତା ତଳେ ଆଶ୍ରୟ ନେଉଥିଲେ । ବର୍ତ୍ତମାନର ମହନ୍ତ ଶ୍ରୀ ପ୍ରେମାନନ୍ଦ ଦାସ ୧୯୯୮ ମସିହା ମଇ ମାସ ୩୧ ତାରିଖରେ ମହନ୍ତାଇ ଶାଢ଼ୀ ବନ୍ଧାଇ ଗାଦିନାସୀନ ହୋଇଥିଲେ । ତତ୍ ପୂର୍ବରୁ ମହନ୍ତ ଜୟରାମ ରାମ ଓ ତାଙ୍କ ଗୁରୁ ମଠାଧୀଶ ନରସିଂହ ଦାସ ଉକ୍ତ ମଠରେ ମହନ୍ତାଇ ଶାଢ଼ୀ ବନ୍ଧାଇ ମଠ ସେବାପୂଜା ଓ ପରିଚାଳନା ଦାୟିତ୍ୱରେ ରହିଥିଲେ । ଉପରୋକ୍ତ ତିନି ଜଣ ମଠାଧୀଶଙ୍କ ବ୍ୟତୀତ ଅନ୍ୟ କୌଣସି ବ୍ୟକ୍ତିଙ୍କ ନାମ ବର୍ତ୍ତମାନର ମଠ ମହନ୍ତଙ୍କ ନିକଟରେ ଉପଲବ୍ଧ ହେଉନାହିଁ । ପ୍ରକାଶିତ ଏକ ଛାମୁ ଚିଟାଉରୁ ଜଣାଯାଏ ଯେ, ଅତୀତରେ

Digitized by srujanika@gmail.com

ଏହି ମଠରେ ଜନୈକ ରାଜାରାମ ଦାସ ନାମରେ ଜଣେ ମହନ୍ତ ରହି ଥିଲେ । ମଠଟି ପ୍ରାୟ ଚାରି ଶହ ବର୍ଷ ପୂର୍ବର ପୁରାତନ ହୋଇଥିଲେ ହେଁ ତତ୍‌କାଳୀନ ସମୟରେ ବିଜେସ୍ଥଳୀ ଠାରେ କୌଣସି ଗୃହ ନ ଥିବାରୁ ମଠ ସଂପର୍କରେ ବିଶେଷ ତଥ୍ୟ ମଠ କାର୍ଯ୍ୟାଳୟରେ ଉପଲବ୍‌ଧ ହେଉ ନାହିଁ । ପୂର୍ବତନ ମଠାଧୀଶ ଜୟରାମ ଦାସଙ୍କ ବ୍ୟକ୍ତିଗତ ଉଦ୍ୟମରେ ନରସିଂହ ପାଟଣାରେ ପ୍ରାୟ ନବେ ଏକର ସମ୍ପତ୍ତି କ୍ରୟ ହୋଇଥିଲା । ଏତଦ୍ ବ୍ୟତୀତ ସିଦ୍ଧ ମହାବୀର ମନ୍ଦିର ନିକଟସ୍ଥ ରେଳଫାଟକ ନିକଟରେ ମଠ ନାମରେ ଏକ ବଗିଚା ରହିଥିବା ଜଣାଯାଏ ।

ବଳଗଣ୍ଡି ଛତା ମଠ ବିଜେସ୍ଥଳୀରେ ସ୍ୱତନ୍ତ୍ର ମନ୍ଦିର ନିର୍ମାଣ ହୋଇ ନଥିଲେ ହେଁ ମୁଖ୍ୟ ଦ୍ୱାର ସଂଲଗ୍ନସ୍ଥ ଏକ ବୃହତ୍ କୋଠରୀ ମଧ୍ୟରେ ପଶ୍ଚିମାଭିମୁଖୀ ହୋଇ ବିଗ୍ରହ ମାନଙ୍କ ମଧ୍ୟରେ ପତିତପାବନ ମୂର୍ତ୍ତି (ଶ୍ରୀଜଗନ୍ନାଥ ବିଗ୍ରହ), ଶ୍ରୀରାମ, ଲକ୍ଷ୍ମଣ, ସୀତା, ନୃସିଂହ, ହନୁମାନ, ଲଡୁଆ ଗୋପାଳ, ରାଧାକୃଷ୍ଣ, କେତେକ ଶାଳଗ୍ରାମ ମୂର୍ତ୍ତି ବିରାଜମାନ ହୋଇଛନ୍ତି । ମଠରେ ପାଳିତ ଉତ୍ସବ ଗୁଡ଼ିକ ମଧ୍ୟରେ ଶ୍ରୀରାମ ନବମୀ, ଜନ୍ମାଷ୍ଟମୀ, ଗୋବର୍ଦ୍ଧନ ଉତ୍ସବ (କାର୍ତ୍ତିକ ମାସ), ଦୋଳ ପୂର୍ଣ୍ଣିମା, ଗୁରୁ ମହାରାଜାଙ୍କ ଶ୍ରାଦ୍ଧ ମହୋତ୍ସବ ଏବଂ ବାହୁଡ଼ା ଯାତ୍ରା ସମୟରେ ଠାକୁରମାନଙ୍କ ଉଦ୍ଦେଶ୍ୟରେ ମଠ ପକ୍ଷରୁ ପନ୍ତୀ ଭୋଗ ଅନୁଷ୍ଠିତ ହୋଇଥାଏ ।

ମଠରେ ବିରାଜିତ ଠାକୁରମାନଙ୍କ ଦୈନନ୍ଦିନ ନୀତି ମଧ୍ୟରେ ସ୍ନାନ, ବେଶ, ବାଳ ଭୋଗ, ଦ୍ୱିପ୍ରହର ଧୂପ, ସନ୍ଧ୍ୟା ଆଳତି, ରାତ୍ର ଭୋଗ ଇତ୍ୟାଦି ଅନ୍ତର୍ଭୁକ୍ତ ।

ମଠ ବିଜେସ୍ଥଳୀର ପକ୍‌କା ଗୃହ ନିର୍ମାଣ ମାତ୍ର ୫୩ ବର୍ଷର ହୋଇଥିଲେ ହେଁ ବଳଗଣ୍ଡି ଛତା ମଠ ସମ୍ପର୍କରେ ପ୍ରାଚୀନ ତଥ୍ୟ ସଂଗୃହୀତ କରାଯାଇଛି । ବିଶିଷ୍ଟ ଗବେଷକ ଡ଼ଃ ଅମୂଲ୍ୟକୃଷ୍ଣ ମିଶ୍ରଙ୍କ ଗବେଷଣାତ୍ମକ ଗ୍ରନ୍ଥ 'ଜାତୀୟ ସଂହତିର ପ୍ରତୀକ ଭକ୍ତ କବି ସାଲବେଗ ଏକ ଅନ୍ତରଙ୍ଗ ପର୍ଯ୍ୟାଲୋଚନା' ପୁସ୍ତକରେ ସାଲବେଗଙ୍କ ସଂପର୍କୀତ ଏକ କିମ୍ବଦନ୍ତୀକୁ ଭିତ୍ତି କରି ଏହି ମଠର ନାମ ଉଲ୍ଲେଖ କରିଛନ୍ତି । ଯଥା – ''ଛତା ମଠରେ ଅବସ୍ଥାନ କାଳରେ ସାଲବେଗ ତାଙ୍କ ଭକ୍ତମାନଙ୍କ ଗହଣରେ ଶ୍ରୀରାମ, ଶ୍ରୀକୃଷ୍ଣ, ଶ୍ରୀଜଗନ୍ନାଥ ତଥା ଅନ୍ୟାନ୍ୟ ଦେବଦେବୀଙ୍କ ଉଦ୍ଦେଶ୍ୟରେ ଭଜନାବଳୀ ରଚନା କରିଥିଲେ । 'ଆହେ ନୀଳ ଶଇଳ ପ୍ରବଳ ମତ୍ତ ବାରଣ / ମୋ ଆରତ ନଳିନୀ ବନକୁ କର ଦଳନ' ଜଣାଣଟି ବଳଗଣ୍ଡି ଛତା ମଠରେ ଭଗବାନଙ୍କୁ ଆଳତି କରିବା ସମୟରେ ଭକ୍ତମାନଙ୍କ ଗହଣରେ ସାଲବେଗ ସମବେତ କଣ୍ଠରେ ଗାନ କରୁଥିଲେ ।'' (ଦ୍ରଷ୍ଟବ୍ୟ : ଉତ୍କଳ ପ୍ରସଙ୍ଗ, ଜୁଲାଇ, ୨୦୦୩ ସଂଖ୍ୟା, ପୃଷ୍ଠା ୪୫)

ସେହିପରି ବଳଗଣ୍ଡି ଛତା ମଠ ସଂପର୍କରେ ବିଶିଷ୍ଟ ପ୍ରାବନ୍ଧିକ ଇଂଜିନିୟର ରଘୁନାଥ ପାତ୍ରଙ୍କ 'ଯବନ ପ୍ରିୟ ନୀଳାଦ୍ରି ଚନ୍ଦ୍ରମା' ପ୍ରବନ୍ଧରେ ପ୍ରକାଶ ହୋଇଥିବା ତଥ୍ୟ ଅନୁଯାୟୀ

Digitized by srujanika@gmail.com

ସାଲବେଗଙ୍କ ସହିତ ବଳଗଣ୍ଡି ଛତା ମଠର ବହୁ ସଂପର୍କ ରହିଥିଲା । ଏକ ଛାମୁ ଚିଟାଉର ଉଲ୍ଲେଖ ପ୍ରକାରେ, ''ଶ୍ରୀ ପୁରୁଷୋତ୍ତମ କ୍ଷେତ୍ର ବଡ଼ ଦେଉଳ ପରିଛାଙ୍କୁ ଭୋଗ ବିଷୋଇ ମହାଦେବ ମହାପାତ୍ରଙ୍କୁ ଚିଟାଉ ମଧ ବଳଗଣ୍ଡି ଛତା ମହନ୍ତ ରାଜାରାମ ଦାସ ଜମାୟତ ଗୋସ୍ୱାମୀଙ୍କୁ ମଧ ଚିଟାଉ ଏହିକି ବଳଗଣ୍ଡି ହରିବଂଶପୁର ମୁକାମ ବଳଗଣ୍ଡି ଛତାରେ ଭକତ ସାଲବେଗ ସାତ ବରଷ କାଳ ରହଣିରେ ଆମ୍ଭେ ଚାଙ୍ଗଡ଼ାରୁ ସିଦ୍ଧି କରାଇ ବୈଷ୍ଣବ କଣ୍ଠି ଶାଢ଼ୀ ହୁକୁମ କରିଥିଲୁ । ବଡ଼ ଆଖଡ଼ା ହରିଦ୍ଦାସ ଗୋସ୍ୱାମୀ ମହନ୍ତ ବଜରଙ୍ଗ ଦାସ ତାଙ୍କୁ କଣ୍ଠି ଶାଢ଼ୀ ଦେଇଥିଲେ ।''

ଏତଦ୍‌ବ୍ୟତୀତ ସାଲବେଗଙ୍କ 'ଅରଜ ଗୀତିକା'ରେ ପ୍ରାର୍ଥନା ପ୍ରକାରେ ଗଜପତି ନରସିଂହ ଦେବ ସାଲବେଗଙ୍କ ସ୍ୱର୍ଗାରୋହଣ ପରେ ବଳଗଣ୍ଡି ଛତାରେ ଉତ୍ତରକୁ ଚାରି ଗୁଣ୍ଠ ସାତ କଡ଼ି ଜମି ସନ୍ଥ ମହାତ୍ମାଙ୍କ ସମାଧି ପାଇଁ ରାଜାଜ୍ଞା ଦେଇଥିଲେ ।

ଏଥିରୁ ସ୍ପଷ୍ଟ ଭାବେ ଜଣାପଡୁଅଛି ଯେ, ବଳଗଣ୍ଡି ଛତା ମଠର ବିଜେସ୍ଥଳୀଠାରେ ସାଲବେଗ ଦୀର୍ଘ ୭ ବର୍ଷ କାଳ ଅବସ୍ଥାନ କରି ଭଜନ, କୀର୍ତ୍ତନ ତଥା ପ୍ରଭୁ ଆରାଧନାରେ ନିମଜ୍ଜିତ ରହିଥିଲେ ।

ବଳଗଣ୍ଡି ଛତା ମଠ ଅଧିକାରୀ ଓ ସାଲବେଗଙ୍କ ସଂପର୍କରେ ନରସିଂହ ଦେବ ଗଜପତିଙ୍କ ୨୨ ଅଙ୍କ ବୈଶାଖ ୬ ଦିନ ପ୍ରଦତ୍ତ ହୁକୁମନାମାର ଉଲ୍ଲେଖ ପ୍ରକାରେ - ''ସେ ବଳଗଣ୍ଡି ଛତାକୁ ଆଶ୍ରା କରି ଛତା ତଳେ ରହି ତୀର୍ଥ ସେବା କରିଥିବାକୁ ବୈଶାଖ ମାସ ଚତୁର୍ଥୀରେ ସ୍ନ ୧୦୫୮ ସାଲରେ ହରି ଛାଡ଼ି ସ୍ୱର୍ଗଦ୍ୱାରରେ ହରି ଛାଡ଼ିଲେ । ତାଙ୍କୁ ବଡ଼ ଦେଉଳୁ ବୈଷ୍ଣବାଗ୍ନୀ ମଧ ସିଲୁହ ହୋଇଥିଲା । ଅଦ୍ୟ ଶୁକ୍ଳ ଦ୍ୱିତୀୟାରେ ତେରେହି ଥିବାକୁ ବଳଗଣ୍ଡି ଛତାର ଉତ୍ତରକୁ ଚାରିଗୁଣ୍ଠ ସାତ କଡ଼ି ଭୂମି ତାଙ୍କ ନାମେ ହୁକୁମ କରିଲୁଁ । ସେଠାରେ ସେ ରହି ଛାଡ଼ି ଥିବାକୁ ସେଠାରେ ରଥ ରୋକି ପୁରୁଷୋତ୍ତମକୁ ୪ ଅଙ୍କେ ଭକ୍ତି ପଣ ଦେଖାଇବାକୁ ସେ ସ୍ଥାନରେ ବୈଷ୍ଣବ ରୀତିରେ ଭସ୍ମ ରଖି ସମାଧି ଏକ କରିବ । ସେଠାବେ ମହାପ୍ରାସଦ ସମର୍ପଣକୁ ବିମାନବଡୁ ଛତାର ମଦନ ପଣ୍ଡାଙ୍କୁ ଖଇରଚୂଳ ଦୁଇ ମୂର୍ତ୍ତି ମଧ ପଟି ହୁକୁମ ହୋଇଛି । ଏଥକୁ ବଳଗଣ୍ଡି ଛତାର ଅଧିକାରକୁ ରହିବ....... ବୈଶାଖ ମାସରେ ସମାଧି ଲାଗିକୁ କେନ୍ଦୁଲି ଫେଟା ମୁରୁତିଏ ପାଉଥିବେ ଖଟଣି ଆସିଲେ ରୋକ୍ ନ ହେବ । ବଳଗଣ୍ଡି ଛତା ମହନ୍ତଙ୍କୁ ଏମନ୍ତ ଭକତ ରକ୍ଷଣକୁ ଡ଼ମରଖଣ୍ଡରେ ସାତମାଣ ଚାରି ଗୁଣ୍ଠ ଜମି ଖଞ୍ଜା ହେଲା ଜାଣିବ । ବାହୁଡ଼ା ରଥ ସେଠାବେ ହୁଅନ୍ତେ ବଳଗଣ୍ଡି ପନ୍ତିରେ ସାଲବେଗ ପନ୍ତି ଛ ସରା ଲାଗିବ । ଏ ସିଦ୍ଧି ଜାଗ୍ରତରେ ଅଞ୍ଜାମ କରାଇବ ।'' (ନରସିଂହ ଦେବ ଗଜପତିଙ୍କ ୨୨ ଅଙ୍କ ବୈଶାଖ ୬ ଦିନ ହୁକୁମନାମା ଦିଆକ ତଡ଼ଉ ମଧୁ ସାନ୍ତରା ସନ୍ତକ ୪୪୪-

Digitized by srujanika@gmail.com

ହୁକୁମନାମ ନକଲର ନକଲ ବଳଗଣ୍ଡି ଛତା ମଠରୁ ପ୍ରାପ୍ତ - (ଦ୍ରଷ୍ଟବ୍ୟ - ଉତ୍କଳ ପ୍ରସଙ୍ଗ, ରଥ ସଂଖ୍ୟା , ୧୯୮୮, ପୃ ୮୯/୯୦)

ଉପରୋକ୍ତ ହୁକୁମନାମାରୁ ଜଣାଯାଏ ଯେ, ପ୍ରକୃତ ପକ୍ଷେ ବଳଗଣ୍ଡି ଛତା ମଠ ବିଜେସ୍ଥଳୀର ଉତ୍ତର ଦିଗକୁ ସାଲବେଗଙ୍କ ସମାଧି ମନ୍ଦିର ରହିଅଛି । ଏବେ ବି ବାହୁଡ଼ା ଯାତ୍ରା ସମୟରେ ମଠ ପକ୍ଷରୁ ଶ୍ରୀଜଗନ୍ନାଥଙ୍କ ରଥ ଯିବା ବେଳେ ପନ୍ତି ଭୋଗ ଅନୁଷ୍ଠିତ ହେଉଛି । ଏପରିକି ପୂର୍ବେ ମଠ ବିଜେସ୍ଥଳୀଠାରେ ସାଲବେଗଙ୍କ ମୃତ୍ୟୁ ଘଟିଥିବାରୁ ମଠ ମାରଫତ୍‌ରେ ଥିବା ସମାଧି ଲାଗି ପାଇଁ ଖଇରଚୂଳ ଦୁଇ ମୂର୍ତ୍ତି, କେନ୍ଦୁଲି ସୁତାଲୁଗା ପ୍ରଦତ୍ତ ହୋଇଥିଲା । ଏଥି ସହିତ ଉକ୍ତ ସାଲବେଗଙ୍କୁ ଏହି ମଠ ଛତା ତଳେ ଆଶ୍ରୟ ଦିଆଯାଇଥିବାରୁ ରାଜା ନରସିଂହ ଦେବ ଏହି ମଠର ତତ୍‌କାଳୀନ ଅଧିକାରୀଙ୍କୁ ସାତ ମାଣ ଚାରି ଗୁଣ୍ଠ ଜମି ପ୍ରଦାନ କରିଥିଲେ । ଏତଦ୍‌ବ୍ୟତୀତ ଏହି ମଠର ଖଟଣୀ ଭୋଗକୁ ଶ୍ରୀମନ୍ଦିରରେ କେହି ଅଟକ ନ କରିବା ପାଇଁ ହୁକୁମ୍ ହୋଇଥିଲା । ଏହି ପରିପ୍ରେକ୍ଷୀରେ ଉକ୍ତ ମଠ ସଂପର୍କରେ ଅଧିକ ଗବେଷଣା କରାଗଲେ କେତେକ ନୂତନ ତଥ୍ୟ ଉଦ୍‌ଘାଟିତ ହୋଇପାରନ୍ତା ।

ବଳଗଣ୍ଡି ଛତା ମଠ ଠାକୁରଙ୍କ ସେବା, ପୂଜା, ଯାନିଯାତ୍ରା ଏବଂ ପରିଚାଳନା ବାବଦରେ ଖର୍ଚ୍ଚ ହେଉଥିବା ସମସ୍ତ ଅର୍ଥ ମଠ ବିଜେସ୍ଥଳୀରେ ଥିବା କେତେକ ଦୋକାନ ଘର ଭଡ଼ା, ଧାନ ଜମି, ବଗିଚାରୁ ଇତ୍ୟାଦିରୁ ମିଳୁଥିବା ଆୟ ହିଁ ମୁଖ୍ୟ ଉତ୍ସ ଅଟେ । ବର୍ତ୍ତମାନର ମଠାଧୀଶଙ୍କ ବକ୍ତବ୍ୟ ଅନୁଯାୟୀ ଏହି ମଠର ଅନେକ ଶିଷ୍ୟ ଉତ୍ତର ପ୍ରଦେଶ, ଓଡ଼ିଶାର ସମ୍ବଲପୁର ଓ ବଲାଙ୍ଗୀର ଇତ୍ୟାଦି ଅଞ୍ଚଳର ଅଟନ୍ତି । ମଠର ପୂର୍ବତନ ମଠାଧୀଶ ନରସିଂହ ଦାସ ସ୍ଥାନୀୟ କୁରୁଜଙ୍ଗ ଗ୍ରାମରୁ ଆସି ମଠର ଶିଷ୍ୟ ହୋଇଥିଲେ ଏବଂ ଗୁରୁ ମହାରାଜାଙ୍କ ଦେହାନ୍ତ ପରେ ଉକ୍ତ ମଠର ମହନ୍ତ ରୂପେ ଅଭିଷିକ୍ତ ହୋଇ ଠାକୁରଙ୍କ ସେବା, ପୂଜା ଓ ପରିଚାଳନା ଇତ୍ୟାଦି ଦାୟିତ୍ୱରେ ରହିଥିଲେ ।

ଶ୍ରୀ ରାମାନନ୍ଦୀ ସମ୍ପ୍ରଦାୟର ଏହି ମଠର ଇତିହାସ କିମ୍ବା ମଠ ସ୍ଥାପନ ସମ୍ପର୍କରେ ବର୍ତ୍ତମାନର ମଠାଧୀଶ କିମ୍ବା ମଠ କାର୍ଯ୍ୟାଳୟରେ ବିଶେଷ ତଥ୍ୟ ଉପଲବ୍‌ଧ ହେଉ ନାହିଁ । ସଂପୃକ୍ତ ମଠଟି ଦେବୋତ୍ତର ବିଭାଗର ନିୟନ୍ତ୍ରଣାଧୀନ ହୋଇ ନଥିଲେ ହେଁ ମଠର ନୀତି, ଉତ୍ସବ ତଥା ପରିଚାଳନା ଯଥାରୀତି ଅନୁଷ୍ଠିତ ହେଉଥିବା ଜଣାଯାଏ ।

Digitized by srujanika@gmail.com

ବିଶାଖା ମଠ

ଶ୍ରୀଗୌର ମାଧ୍ୱ ସଂପ୍ରଦାୟର ଅନ୍ୟ ଏକ ମଠ ଶ୍ରୀକ୍ଷେତ୍ରରେ ପ୍ରତିଷ୍ଠିତ ଯାହାକି ବିଶାଖା ମଠ ରୂପେ ସୁପରିଚିତ । ଉକ୍ତ ମଠଟି ପୁରୀ ମାର୍କଣ୍ଡେଶ୍ୱର ସାହିର ମୁଖ୍ୟ ରାସ୍ତା ତଥା ମାର୍କଣ୍ଡେୟ ପୁଷ୍କରିଣୀ ନିକଟରେ ଅବସ୍ଥିତ । ହାଲ ବନ୍ଦୋବସ୍ତ ଅନୁଯାୟୀ ଏହି ମଠର ବିଜେସ୍ଥଳୀଟି ମୋଟ୍ ୨୨୭ ଡ଼ିସିମିଲି ଜମି ଉପରେ ବିଦ୍ୟମାନ । ଚୈତନ୍ୟ ମହାପ୍ରଭୁଙ୍କ ଅନୁଗାମୀ ଶିଷ୍ୟ ଗୌଡ଼ୀୟ ବୈଷ୍ଣବ ନରହରି ସରକାର ଏହି ମଠର ପ୍ରତିଷ୍ଠାତା ବୋଲି ଇଣ୍ଟରିମ୍ ଟ୍ରଷ୍ଟି ଶ୍ରୀ ଦାମୋଦର ଦାସ ମତବ୍ୟକ୍ତ କରିଛନ୍ତି । ତେବେ ମଠଟି ପ୍ରାୟ ୪୦୦ ବର୍ଷରୁ ଉର୍ଦ୍ଧ୍ୱ ପୁରାତନ ମନେ ହୁଏ । ସଂପ୍ରତି ଏହି ମଠଟି ରାଜ୍ୟ ଦେବୋତ୍ତର ବିଭାଗର ନିୟନ୍ତ୍ରଣାଧୀନରେ ରହିଅଛି ।

ବିଶାଖା ମଠରେ ମୁଖ୍ୟତଃ ଶ୍ରୀରାଧା କୃଷ୍ଣଙ୍କର ଉପାସନା କରାଯାଇଥାଏ । ଏପରିକି କୃଷ୍ଣ ମନ୍ତ୍ରରେ ସମସ୍ତ ପୂଜା, ଆରାଧନା ଇତ୍ୟାଦି ଅନୁଷ୍ଠିତ ହୋଇଥାଏ । ଏହି ମଠ ହେଉଛି ନେହେଙ୍ଗି ପରମ୍ପରାର ଅନ୍ତର୍ଭୁକ୍ତ । ଅଧିକାରୀ ବା ମହନ୍ତ ମାନଙ୍କର ଚୟନ ପଦ୍ଧତି ହେଲା ଗୁରୁ ଶିଷ୍ୟ ପରମ୍ପରା । ମୁଖ୍ୟ ଶିଷ୍ୟ ବା ଚେଲାଙ୍କୁ ପରବର୍ତ୍ତୀ ଅଧିକାରୀ ରୂପେ ସ୍ୱୀକୃତି ଦିଆଯାଇଥାଏ । ବିଶାଖା ମଠର ଚିତା ହେଲା ବକ୍ରେଶ୍ୱର ପରିବାର ଚିତା । ଉକ୍ତ ମଠର ଇଷ୍ଟ ଦେବତା ହେଉଛନ୍ତି ଶ୍ୟାମଚାନ୍ଦ ଦେବ । ମଠରେ ମୁଖ୍ୟ ବିଗ୍ରହଙ୍କ ବ୍ୟତୀତ ଶ୍ରୀଜଗନ୍ନାଥ, ଶ୍ରୀବଳଭଦ୍ର, ଶ୍ରୀ ସୁଭଦ୍ରା, ଗୁରୁଣ୍ଡି ଗୋପାଳ, ନିତାଇ ଗୌର, ଲକ୍ଷ୍ମୀ, ନୃସିଂହ, ହନୁମାନ, ଶାଳଗ୍ରାମ ଇତ୍ୟାଦି ପୂଜା ପାଉଛନ୍ତି । ଦୈନନ୍ଦିନ ଠାକୁର ମାନଙ୍କ ଯଥାବିଧି ରୀତି, ନୀତି ପାଳିତ ହୋଇଥାଏ ।

ବିଶାଖା ମଠରେ ପାଳିତ ମୁଖ୍ୟ ପର୍ବ ପର୍ବାଣୀ ମଧ୍ୟରେ ରାଧାଷ୍ଟମୀ, ଜନ୍ମାଷ୍ଟମୀ, ଶିବରାତ୍ରି, ଅଁଳା ନବମୀ, ନନ୍ଦ ଉତ୍ସବ, ଦୋଳପୂର୍ଣ୍ଣିମା, ରାମ ନବମୀ, ସୁନିଆଁ, ବାମନ ଜନ୍ମ, ଶ୍ରୀଗୁଣ୍ଡିଚା, ଭାଗବତ ଜନ୍ମ, ଦେବସ୍ନାନ ପୂର୍ଣ୍ଣିମା, ପ୍ରତି ଏକାଦଶୀ ପର୍ବ ଇତ୍ୟାଦି ଅନ୍ତର୍ଭୁକ୍ତ । ଏତଦ୍‌ବ୍ୟତୀତ ପୂର୍ବତନ ମହନ୍ତ ମାନଙ୍କର ତିରୋଧାନ ତିଥି ଗୁଡ଼ିକରେ ଶ୍ରାଦ୍ଧ ମହୋତ୍ସବ ଅନୁଷ୍ଠିତ ହୋଇଥାଏ ।

ମଠରୁ ସଂଗୃହୀତ ତଥ୍ୟ ଅନୁଯାୟୀ ୧୧ ଜଣ ମଠାଧୀଶ ମାନଙ୍କ ନାମ ତାଲିକା ମିଳୁଅଛି । ତନ୍ମଧ୍ୟରେ (୧) ଗୋପୀ ଚରଣ ଦାସ (୨) ବାଞ୍ଛାନିଧି ଦାସ (୩) ଶ୍ୟାମ ଚରଣ ଦାସ (୪) ମାଧୁରୀ ଦାସ (୫) ନିତ୍ୟାନନ୍ଦ ଦାସ (୬) ପୂର୍ଣ୍ଣାନନ୍ଦ ଦାସ (୭) ରାଧାଚରଣ ଦାସ (୮) ଦାମୋଦର ଦାସ (୯) ଗିରିଧାରୀ ଦାସ (୧୦) ପଦ୍ମ ଚରଣ

Digitized by srujanika@gmail.com

ଦାସ (୧୧) ଦିଲ୍ଲୀପ କୁମାର ଦାସ । ୨୦୦୨ ମସିହାରେ ସଂଗୃହୀତ ତଥ୍ୟ ପ୍ରକାରେ ଶ୍ରୀ ଦାମୋଦର ଦାସ ଉକ୍ତ ମଠର ଇଣ୍ଟରିମ୍ ଟ୍ରଷ୍ଟି ଭାବେ ରାଜ୍ୟ ଦେବୋତ୍ତର କମିଶନରଙ୍କ ଦ୍ୱାରା ନିଯୁକ୍ତି ପାଇ ମଠ ଠାକୁରଙ୍କ ସେବାପୂଜା ଓ ପରିଚାଳନା ଇତ୍ୟାଦିର ଦାୟିତ୍ୱ ନିର୍ବାହ କରୁଥିଲେ । ଶ୍ରୀ ଦାସ ତାଙ୍କର ଗୁରୁ ମହନ୍ତ ଦିଲ୍ଲୀପ କୁମାର ଦାସଙ୍କ ଚେଲା ତଥା ମୁଖ୍ୟ ଶିଷ୍ୟ ରୂପେ ରହିଥିବା ଯୋଗୁଁ ମହନ୍ତ ବା ହେରିଡ଼େଟେରୀ ପାଇଁ କମିଶନରଙ୍କ ନିକଟରେ ଦାବୀ କରିଛନ୍ତି ଓ ଏହି ବିଷୟ ବିଚାରାଧୀନ ରହିଥିବା ଜଣାଯାଏ ।

ବିଶାଖା ମଠର ପୂର୍ବତନ ଇଣ୍ଟରିମ୍ ଟ୍ରଷ୍ଟି ଶ୍ରୀ ଦାସଙ୍କ ସୂତ୍ରରୁ ପ୍ରକାଶ ଯେ, ଅତୀତରେ ଏହି ମଠର ଶ୍ରୀମନ୍ଦିରରେ ଚାମର ସେବା ରହିଥିଲା । କିନ୍ତୁ ଶ୍ରୀମନ୍ଦିର ସ୍ୱତ୍ୱଲିପି ପ୍ରସ୍ତୁତ ସମୟରେ ଉକ୍ତ ମଠର ତତ୍କାଳୀନ ଅଧିକାରୀ ନିର୍ଦ୍ଦିଷ୍ଟ ପ୍ରମାଣ ଉପସ୍ଥାପିତ କରିନପାରିବାରୁ ବିଶାଖା ମଠର ଶ୍ରୀମନ୍ଦିରରେ ଥିବା ଚାମର ସେବା ବାଦ୍ ପଡ଼ିଯାଇଛି ।

ମଠ ସମ୍ପତ୍ତି :- ଉକ୍ତ ମଠର ଦୁଇଟି ଖମାର ରହିଅଛି । ଏହି ଦୁଇ ଖମାର ଅଧୀନରେ ତଥା ଅନ୍ୟାନ୍ୟ ମୌଜା ମାନଙ୍କରେ ମୋଟ୍ ୭୫ ଏକର ଧାନ ଜମି ରହିଥିବା ତଥ୍ୟ ଇଣ୍ଟରିମ୍ ଟ୍ରଷ୍ଟିଙ୍କ ସୂତ୍ରରୁ ପ୍ରକାଶ । ମୁଖ୍ୟତଃ ପିପିଲି ମୌଜାର ପାଣିଜଳ, ରଙ୍ଗସୋଲ, ଦନାପଡ଼ା, ସଡ଼ାଙ୍ଗୋଇ, ଉତ୍ତର ବାଡ଼, ଦକ୍ଷିଣ ବାଡ଼, ଗୁଆବାଟି, ସିଙ୍ଗାରକେରୀ, ଖଣ୍ଡି ମଙ୍ଗଳପୁର, ଖଣ୍ଡି ଗାଁ, ତୋରଙ୍ଗ, ଜାଇପୁର, ଜୟପୁର, ବାଣପୁରର ବଉଳାବନ୍ଧ, ରେବଣା ନୂଆଗାଁ, ଅନନ୍ତପୁର, ହରିପୁର, ନିସନା ଆଠବାଟିଆ, ଧୂଆଳି, ବଡ଼ ନଈରୀ, ମଠପୁରୁ ମୌଜା ମାନଙ୍କରେ ସମ୍ପତ୍ତି ରହିଅଛି । ବର୍ତ୍ତମାନ ଏହି ଜମି ସବୁ ପ୍ରଜାମାନଙ୍କ ଦଖଲରେ ଥିବାରୁ ଏଥିରୁ କୌଣସି ଆୟ ମଠକୁ ଆସି ପାରୁନାହିଁ । ତେଣୁ ମଠର ଆର୍ଥିକ ଅବସ୍ଥା ସ୍ୱଚ୍ଛଳ ନୁହେଁ ।

ବିଶାଖା ମଠ ଅଧୀନରେ ଦୁଇଟି ଶାଖା ମଠ ରହିଅଛି । ଗୋଟିଏ ହେଲା ପିପିଲିର ବନାପଡ଼ା ଗ୍ରାମ ଓ ଅନ୍ୟଟି ବାଣପୁରର ବଉଳାବନ୍ଧ ଠାରେ ଅବସ୍ଥିତ । କଥିତ ଅଛି ଏକଦା ପିପିଲି ଅଞ୍ଚଳରେ ହଇଜା ରୋଗ ବ୍ୟାପିଥିଲା । ଏହି ସମୟରେ ଦୋଳପର୍ବ ପଡ଼ିଥାଏ । ଶ୍ରୀକ୍ଷେତ୍ର ଧାମରୁ ତଥା ମଠରୁ ଶ୍ରୀ ଶ୍ୟାମଚାନ୍ଦ ଦେବ ପିପିଲି ଅଞ୍ଚଳକୁ ବିଜେ କରିଥିବା ଯୋଗୁଁ ସେହି ଅଞ୍ଚଳରେ ହଇଜା ବନ୍ଦ ହୋଇଯାଇଥିଲା । ସୁତରାଂ ସେହିଦିନଠାରୁ ବିଜେ ପ୍ରତିମା ପିପିଲି ଖମାରକୁ ଯାଇ ପନ୍ତି ଭୋଗ ଓ ଅନ୍ୟାନ୍ୟ ନୀତି ସମ୍ପାଦନ ପରେ ପୁନଶ୍ଚ ଶ୍ରୀକ୍ଷେତ୍ରକୁ ବାହୁଡ଼ା ବିଜେ କରିବା ପ୍ରଥା ପ୍ରଚଳିତ ରହିଅଛି ।

ଉଲ୍ଲେଖଯୋଗ୍ୟଯେ ପୁରୀ ଜିଲ୍ଲାସ୍ଥ କରଣ ପରିବାରର ଶିଷ୍ୟ ମଣ୍ଡଳୀ ଏହି ମଠର ଶିଷ୍ୟତ୍ୱ ଗ୍ରହଣ କରିଥାନ୍ତି । ପ୍ରାୟ ୪୫୦ ବର୍ଷର ପୁରାତନ ଏହି ମଠଟି ଶିଷ୍ୟମାନଙ୍କ ପ୍ରଣାମି, ଘରଭଡ଼ା, ସୀମିତ ଭୂସମ୍ପତ୍ତିର ଆୟରେ ଚାଲୁଅଛି ।

✣ ✣ ✣

Digitized by srujanika@gmail.com

ରାଣୀ ମଠ

ପୁରୀ କାଳିକାଦେବୀ ସାହିରେ ପ୍ରତିଷ୍ଠିତ ଶ୍ରୀ ମାଧ୍ୱ ଗୌଡ଼େଶ୍ୱର ସମ୍ପ୍ରଦାୟର ଏହି ମଠଟି ପ୍ରାଚୀନ ନ ହେଲେ ମଧ ସ୍ଥାନୀୟ ଅଧିବାସୀମାନଙ୍କ ମଧ୍ୟରେ "ରାଣୀ ମଠ" ଭାବେ ବେଶ୍ ସୁପରିଚିତ । ବିଶାଖାପାଟଣାର ମାଡୁଗୁଲୁ ଷ୍ଟେଟ୍‌ର ରାଣୀ ଚନ୍ଦ୍ରମଣୀ ପଟ୍ଟ ମହାଦେଈ ଅତି ଅଳ୍ପ ବୟସରୁ ବିଧବା ହୋଇଯିବାରୁ ରାଧାକୃଷ୍ଣଙ୍କ ଆରାଧନା ତଥା ପ୍ରଭୁ ଶ୍ରୀ ଚୈତନ୍ୟଙ୍କ ଭକ୍ତି ମାର୍ଗରେ ନିଜକୁ ସମର୍ପିତ କରି ୧ ୯ ୨ ୭ ମସିହାରେ ପବିତ୍ର ଶ୍ରୀକ୍ଷେତ୍ର ଧାମକୁ ଆଗମନ କରିଥିଲେ । ମାଡୁଗୁଲୁ ଷ୍ଟେଟ୍‌ରେ ଥିବା ତାଙ୍କର ସମ୍ପତ୍ତିକୁ ବିକ୍ରୟ କରି ସେ ପ୍ରଥମେ ଶ୍ରୀକ୍ଷେତ୍ରର ପ୍ରସିଦ୍ଧ ରାଧାକାନ୍ତ ମଠରେ ପହଞ୍ଚିଥିଲେ । ରାଧାକାନ୍ତ ମଠର ତତ୍କାଳୀନ ମହନ୍ତ ବା ଅଧିକାରୀ ବିଶ୍ୱମ୍ଭର ନାଥ ଦାସଙ୍କ ଠାରୁ ରାଣୀ ଦୀକ୍ଷା ଗ୍ରହଣ କରି ବୈଷ୍ଣବ ଧର୍ମରେ ଦୀକ୍ଷିତା ହେବା ସଙ୍ଗେ ସଙ୍ଗେ ଗୋଟିଏ ରାଧାକୃଷ୍ଣ ମନ୍ଦିର ନିର୍ମାଣ କରି ପୁରୀଠାରେ ଅବଶିଷ୍ଟ ଜୀବନ କଟାଇବେ ବୋଲି ନିଜର ଇଚ୍ଛା ତତ୍‌କାଳୀନ ମଠାଧୀଶଙ୍କ ନିକଟରେ ପ୍ରକାଶ କରିଥିଲେ । ମହନ୍ତ ବିଶ୍ୱମ୍ଭର ନାଥ ଦାସଙ୍କ ପରାମର୍ଶରେ ସେହି ବର୍ଷ ରାଣୀ କାଳିକା ଦେବୀ ସାହି ମୌଜାରେ ଏକ ଏକର ପାଞ୍ଚ ଡ଼ିସିମିଲି ଜମି ଜନୈକ ବ୍ୟକ୍ତିଙ୍କ ଠାରୁ କ୍ରୟ କରିଥିଲେ । ଜମି କିଣା ହେବାଠାରୁ ପ୍ରାୟ ପାଞ୍ଚ ବର୍ଷ ଧରି ତାଙ୍କର ନିଷ୍ଠା ଓ ବ୍ୟକ୍ତିଗତ ଉଦ୍ୟମରେ ଅତ୍ୟନ୍ତ ସୁନ୍ଦର ଶୈଳୀର ରାଧାକୃଷ୍ଣ ମନ୍ଦିର, ଅନ୍ୟାନ୍ୟ ଗୃହ ଏବଂ ତାଙ୍କ ନିଜ ପାଇଁ ଦ୍ୱିତାଲା ବିଶିଷ୍ଟ ଏକ ଉଆସ ତୋଳାଇଥିଲେ । ଯାହାକି 'ରାଣୀ ଉଆସ' ନାମରେ ପରିଚିତ ଥିଲା ।

ରାଣୀ ମଠ ପରିସରରେ ଥିବା ରାଧାକୃଷ୍ଣ ମନ୍ଦିରର ସମ୍ମୁଖ ଭାଗରେ ସ୍ଥାପିତ ଏକ ମାର୍ବଲ ଫଳକରୁ ଜଣାଯାଏ ଯେ, ୧ ୯୩୨ ମସିହାରେ ମାଡୁଗୁଲୁ ରାଣୀଙ୍କ ପ୍ରଚେଷ୍ଟାରେ ଉକ୍ତ ମନ୍ଦିରରେ ବିଗ୍ରହ ପ୍ରତିଷ୍ଠା କାର୍ଯ୍ୟ ସଂପନ୍ନ ହୋଇଥିଲା ।

ମଠର ମନ୍ଦିର ଓ ଦେବଦେବୀ :- ରାଣୀ ମଠ ବିଜେସ୍ଥଳୀର ମଧ୍ୟ ଭାଗରେ ଅବସ୍ଥିତ ମନ୍ଦିରଟି ଗମ୍ଭୀରା ଓ ଜଗମୋହନ ଏହିପରି ଦୁଇଟି ଭାଗରେ ବିଭକ୍ତ । ମନ୍ଦିରଟିର ଚଟାଣ ଓ କାନ୍ଥ ମାର୍ବଲ, ଚାଇନା ଟାଇଲ୍‌ରେ ନିର୍ମାଣ ହୋଇଛି । ଗମ୍ଭୀରାର ମଧ୍ୟସ୍ଥଳରେ ଏକ କାରୁକାର୍ଯ୍ୟ ପୂର୍ଣ୍ଣ ସିଂହାସନ ନିର୍ମିତ ହେବା ସହିତ ମଠର ଇଷ୍ଟ ବିଗ୍ରହ ରୂପେ ଅତ୍ୟନ୍ତ କମନୀୟ କଳାମୁଗୁନିର ଶିଳାମୂର୍ତ୍ତି ଶ୍ରୀକୃଷ୍ଣ ସେଠାରେ ପ୍ରତିଷ୍ଠିତ ହୋଇଛନ୍ତି । ପ୍ରାୟ ଦୁଇଫୁଟ୍ ଉଚ୍ଚତା ବିଶିଷ୍ଟ ଏହି ବିଗ୍ରହ ଦ୍ୱିଭୁଜ ବିଶିଷ୍ଟ ବଂଶଧାରୀ ଅଟନ୍ତି । ଶ୍ରୀକୃଷ୍ଣଙ୍କ ଡ଼ାହାଣ ପାର୍ଶ୍ୱରେ ଲଳିତା

Digitized by srujanika@gmail.com

ଓ ବାମ ପାର୍ଶ୍ୱରେ ରାଧା ଦେବୀ ବିରାଜିତ । (ଉକ୍ତ ଦୁଇ ଦେବୀ ବିଗ୍ରହ ଧାତୁ ନିର୍ମିତ ଅଟନ୍ତି) ଉପରିବର୍ଣ୍ଣିତ ତିନି ବିଗ୍ରହଙ୍କର ଧାତୁ ନିର୍ମିତ କ୍ଷୁଦ୍ର ବିଜେ ପ୍ରତିମାମାନ ପୂଜା ପାଉଛନ୍ତି । ଝୁଲଣ ମହୋତ୍ସବରେ ଏହି ପ୍ରତିମାମାନେ ଝୁଲଣ କୁଞ୍ଜକୁ ବିଜେ ହୋଇଥାନ୍ତି । ଅନ୍ୟାନ୍ୟ ଦେବଦେବୀ ମଧ୍ୟରେ ଗୌରାଙ୍ଗ, ଗୁରୁଣ୍ଡି ଗୋପାଳ, ନୃସିଂହ, ସୁଦର୍ଶନ (ପ୍ରସ୍ତର) ଓ ଶାଳଗ୍ରାମ ପୂଜିତ ହେଉଛନ୍ତି ।

ମଠର ଦୈନନ୍ଦିନ ନୀତି ବ୍ୟତୀତ ବର୍ଷ ମଧ୍ୟରେ ଦୋଳ ପୂର୍ଣ୍ଣିମା, ଜନ୍ମାଷ୍ଟମୀ, ଝୁଲଣ, ରାଧାଷ୍ଟମୀ, ଗୋବର୍ଦ୍ଧନ ଉତ୍ସବ, ପହିଲି ଭୋଗ, ନନ୍ଦ ଉତ୍ସବ ଇତ୍ୟାଦି ପାଳିତ ହୋଇଥାଏ । ରାଣୀ ଚନ୍ଦ୍ରମଣୀ ପଟ୍ଟ ମହାଦେଈଙ୍କ ସମୟରେ ଉପରୋକ୍ତ ଉତ୍ସବମାନ ବହୁ ଆଡ଼ମ୍ବର ପୂର୍ଣ୍ଣ ଭାବେ ଅନୁଷ୍ଠିତ ହେଉଥିଲା । ୧୯୫୦ ମସିହାରେ ରାଣୀଙ୍କର ମୃତ୍ୟୁ ଘଟିବାରୁ ଏହି ମଠ ଓ ରାଣୀଙ୍କର ଏଠାରେ ଥିବା ସମସ୍ତ ସମ୍ପତ୍ତି ରାଧାକାନ୍ତ ମଠ ଅଧୀନକୁ ଚାଲି ଯାଇଥିଲା । କେତେକ ମଧ୍ୟ ରାଣୀଙ୍କର ମୃତ୍ୟୁ ଜନିତ ଘଟଣା ସନ୍ଦେହଜନକ ବୋଲି ପ୍ରକାଶ କରନ୍ତି । କାରଣ ଉକ୍ତ ମଠର ସମସ୍ତ ସମ୍ପତ୍ତି ବାବଦ ଉଇଲ ଯୋଗୁଁ ରାଧାକାନ୍ତ ମଠକୁ ହସ୍ତାନ୍ତର ନେଇ ସ୍ଥାନୀୟ ସବ୍ ଜଜ୍ କୋର୍ଟରେ ଏକ ମୋକଦ୍ଦମା ଏବେ ମଧ୍ୟ ବିଚରାଧୀନ ରହିଅଛି । ପ୍ରକୃତ ପକ୍ଷେ ରାଧାକାନ୍ତ ମଠ ଅଧୀନକୁ ରାଣୀ ମଠ ଯିବାପରେ ଅର୍ଥାତ୍ ୧୯୫୦ ମସିହା ପରେ ଏହି ମଠର ସେବା ପୂଜା, ଉତ୍ସବ ପାଳନରେ ବ୍ୟାଘାତ ଘଟିଥିଲା । ଏପରିକି ୧୯୮୦ ମସିହାଠାରୁ ୨୦୦୨ ମସିହା ପର୍ଯ୍ୟନ୍ତ ଏହି ମଠ ବିଜେସ୍ଥଳୀଟି ବହୁ ନିଶାଗ୍ରସ୍ତ ଅସାମାଜିକ ଯୁବକ ମାନଙ୍କ ଆଡ୍ଡାସ୍ଥଳୀରେ ପରିଣତ ହୋଇଯାଇଥିଲା । ଏହି ସମୟରେ ବାରମ୍ବାର ସ୍ଥାନୀୟ ପୋଲିସ ଚଢ଼ାଉ କରି ମଠ ବିଜେସ୍ଥଳୀରୁ ନିଶାଗ୍ରସ୍ତ ମଦ୍ୟପ ବ୍ୟକ୍ତିଙ୍କୁ ଗିରଫ କରୁଥିଲେ । ଅପରପକ୍ଷରେ ରାଧାକାନ୍ତ ମଠର ଅବହେଳାରୁ ରାଣୀ ମଠ ମନ୍ଦିରର ମୁଖ ଦ୍ୱାର ଖୋଲୁ ନଥିଲା । ଜନୈକ ପୂଜାରୀ ନାମକୁ ମାତ୍ର ଭୋଗ କରି ମନ୍ଦିରର ଦ୍ୱାର ବନ୍ଧ କରି ଚାଲି ଯାଉଥିଲେ । ମଠଟିର ଚୂନ ରଙ୍ଗ, ମରାମତି ଅଭାବରୁ ବିଜେସ୍ଥଳୀରେ ଥିବା ମନ୍ଦିର ଓ ଅନ୍ୟାନ୍ୟ ଗୃହ ଗୁଡ଼ିକ ଭଗ୍ନ ଓ ଜରାଜୀର୍ଣ୍ଣରେ ପରିଣତ ହେବା ସହିତ ମନ୍ଦିର ଓ ଜଗମୋହନର ଛାତ ଉପରେ ଅଶ୍ୱତ୍ଥ ବୃକ୍ଷ ଉଠି ବଡ଼ ବଡ଼ ଫାଟ ମାନ ସୃଷ୍ଟି ହେବା ଫଳରେ ବର୍ଷାଦିନ ମାନଙ୍କରେ ପାଣି ପ୍ରବେଶ କରି ମନ୍ଦିର ଓ ଜଗମୋହନଟି ଧ୍ୱଂସ ଆଡ଼କୁ ଗତି କରୁଥିଲା ।

୨୦୦୨ ମସିହାରେ କାଳିକା ଦେବୀ ସାହିର ଯୁବ ଆଡ଼ଭୋକେଟ୍ ଶ୍ରୀ ପଦ୍ମନାଭ ଦାଶଙ୍କ ସମେତ କେତେକ ଉତ୍ସାହୀ ଯୁବକ ଏଣ୍ଡାମେଣ୍ଟ କମିଶନରଙ୍କ ଦୃଷ୍ଟିକୁ ଆଣି ଏହି ମଠର କେତେକ ମରାମତି ଓ ସଂସ୍କାର କାର୍ଯ୍ୟ କରିବାରେ ସଫଳ ହୋଇଥିଲେ । ସମ୍ପ୍ରତି ରାଧାକାନ୍ତ ମଠ ପକ୍ଷରୁ ମାସିକ ୧୦ କିଲୋଗ୍ରାମ ଅରୁଆ ଚାଉଳ ଓ ୩୦୦ ଟଙ୍କା ଏହି ମଠକୁ ପ୍ରଦାନ କରାଯାଉଥିବା ଜଣାଯାଏ । ସ୍ଥାନୀୟ ବିଧାୟକ ମଧ୍ୟ ମଠ ବିଜେସ୍ଥଳୀରେ ଥିବା ଗୃହ ଗୁଡ଼ିକର

Digitized by srujanika@gmail.com

ମରାମତି ପାଇଁ କିଛି ଆର୍ଥିକ ସାହାଯ୍ୟ କରିଥିବା ବିଷୟ ମଠର ପୂଜାରୀ ଲୋକନାଥ ଦାଶ ପ୍ରକାଶ କରନ୍ତି । ସେ ଉକ୍ତ ମଠ ଠାକୁରଙ୍କ ସେବାପୂଜା ଦାୟିତ୍ୱରେ ବିଗତ ଚାରି ବର୍ଷ ଧରି ରହିଛନ୍ତି । ଗତ ଏକ ବର୍ଷ ହେବ କାଳିକାଦେବୀ ସାହିର ସ୍ଥାନୀୟ ଯୁବକମାନେ ଠାକୁରଙ୍କ ନୀତି ଓ ଉତ୍ସବ ପାଇଁ ସାହାଯ୍ୟ ସହଯୋଗ କରୁଥିବା ଜଣାଯାଏ ।

ମାତୃଗୁଲୁ ରାଣୀ ଚନ୍ଦ୍ରମଣୀ ପଟ୍ଟମହାଦେଇ ମଠ ସଂଲଗ୍ନ ଉଆସରେ ରହି ଠାକୁରଙ୍କ ଆରାଧନାରେ ଲିପ୍ତ ରହୁଥିଲେ । ତାଙ୍କ ମୃତ୍ୟୁ ପରେ ଏହି ଉଆସଟି କିଛି ବର୍ଷ ପାଇଁ ଖାଲି ପଡ଼ିଥିଲା । ଗତ ପ୍ରାୟ ୨୦ ବର୍ଷ ପୂର୍ବେ ରାଧାକାନ୍ତ ମଠ ଏହି ଉଆସଟିକୁ ଜନୈକ ବ୍ୟକ୍ତିଙ୍କୁ ବିକ୍ରୟ କରିଦେଇଥିଲେ । ସମ୍ପ୍ରତି ରାଣୀ ମଠଟିର ବିଜେସ୍ଥଳୀଟି ପ୍ରାୟ ୭୦ ଫୁଟ୍ ଓସାରରେ ୧୫୦ ଫୁଟ୍ ଲମ୍ବା ମଧ୍ୟରେ ସୀମିତ ରହିଅଛି । ରାଧାକାନ୍ତ ମଠ ଅଧୀନକୁ ଏହି ମଠଟି ଯିବାପରେ ମଠ ବିଜେସ୍ଥଳୀରୁ କିଛି ଅଂଶ ବିକ୍ରୟ ଓ ହସ୍ତାନ୍ତର ହୋଇଯାଇଥିବା ସ୍ଥାନୀୟ ଅଧିବାସୀମାନଙ୍କ ଠାରୁ ପ୍ରକାଶ ।

ରାଣୀ ମଠ ନାମରେ ଆନ୍ଧ୍ରପ୍ରଦେଶ, ପାରଳାଖେମୁଣ୍ଡି ଓ କଟକର ମାଛ ଗାଁ ଅଞ୍ଚଳରେ ପ୍ରାୟ ୧୦୦ ଏକର ଭୂ ସମ୍ପତ୍ତି ରହିଥିଲା । ଏତଦ୍‌ବ୍ୟତୀତ ସଂପୃକ୍ତ ରାଣୀ ତାଙ୍କ ନିଜ ଉଦ୍ୟମରେ ପୁରୀ ସହରର ବଳିଆପଣ୍ଡା ନିକଟବର୍ତ୍ତୀ ସିପଶିରିବୁଲି ମୌଜାରେ ୧୦୦ ଏକର କାଜୁ ଜଙ୍ଗଲ କିଣିଥିଲେ । ଉକ୍ତ ସମ୍ପତ୍ତିଟି ବର୍ତ୍ତମାନ ରାଧାକାନ୍ତ ମଠ ଅଧୀନରେ ରହିଅଛି ।

ମଠରେ ଅବସ୍ଥାନ କରୁଥିବା ବର୍ତ୍ତମାନର ପୂଜାରୀ ଶ୍ରୀ ଦାଶ ଓ କାଳିକାଦେବୀ ସାହିର ଉତ୍ସାହୀ ଯୁବକ ମାନଙ୍କ ଉଦ୍ୟମ ତଥା ଆଗ୍ରହ ଯୋଗୁଁ ଗତ ଏକ ବର୍ଷ ହେବ ମଠ ଠାକୁରଙ୍କ ନୀତି, ଉତ୍ସବ ବିଧିମତେ ପାଳିତ ହେବା ସଙ୍ଗେ ସଙ୍ଗେ ବିଜେସ୍ଥଳୀସ୍ଥ ମନ୍ଦିର ଓ ଅନ୍ୟାନ୍ୟ ଗୃହ ଗୁଡ଼ିକର ଜୀର୍ଣ୍ଣୋଦ୍ଧାର କାର୍ଯ୍ୟ ବାସ୍ତବିକ ପ୍ରଶଂସନୀୟ ଅଟେ ।

✤ ✤ ✤

Digitized by srujanika@gmail.com

ତୋରାଣୀଛତ୍ର ମଠ

ଶ୍ରୀଜଗନ୍ନାଥ ମନ୍ଦିରର ଉତ୍ତର ଦ୍ୱାର ସମ୍ମୁଖରେ ରାମାନନ୍ଦୀ ସମ୍ପ୍ରଦାୟର ଅନ୍ୟତମ ଅନୁଷ୍ଠାନ ତୋରାଣୀ ଛତ୍ର ମଠ ଅବସ୍ଥିତ । ବର୍ତ୍ତମାନର ଇଣ୍ଟରିମ୍ ଟ୍ରଷ୍ଟି ଦାମୋଦର ଦାସଙ୍କ ବକ୍ତବ୍ୟ ଅନୁଯାୟୀ ମଠଟି ୫୦୦ ବର୍ଷର ପୁରାତନ ଅଟେ । ଅପରପକ୍ଷରେ ଗବେଷକ ଡ଼ଃ ସୁରେନ୍ଦ୍ର କୁମାର ମିଶ୍ରଙ୍କ ରଚିତ "ଶତାବ୍ଦୀ ଅନୁଯାୟୀ - ମଠ କ୍ରମାନ୍ୱୟ" ପ୍ରବନ୍ଧରେ ଏହି ମଠଟି ୧୯ଶ ଶତାବ୍ଦୀର ବୋଲି ଉଲ୍ଲେଖ କରିଛନ୍ତି (ଶ୍ରୀ ମନ୍ଦିର ସମାଚାର ଅଗଷ୍ଟ -୨୦୦୧ ସଂଖ୍ୟା ଦ୍ରଷ୍ଟବ୍ୟ) । କିନ୍ତୁ ବାସ୍ତବପକ୍ଷେ ଏହା ୧୯ଶ ଶତାବ୍ଦୀର ବହୁ ପୂର୍ବରୁ ପ୍ରତିଷ୍ଠିତ ହୋଇଥିବା ଜଣାଯାଏ ।

ହାଲ ବନ୍ଦୋବସ୍ତ ରେକର୍ଡ଼ ମୁତାବକ ପ୍ଲଟ ନଂ ୨୬୫ ରେ ମାତ୍ର ୧୭ ଡ଼ିସିମିଲ ପରିମିତ ଜମି ଉପରେ ବର୍ତ୍ତମାନର ମଠ ବିଳେସ୍ଥଳୀଟି ବିଦ୍ୟମାନ । ଏହି ମଠର ଡ଼ାହାଣ ପାର୍ଶ୍ୱରେ ଉତ୍ତର ପାର୍ଶ୍ୱ ମଠ ଓ ବାମ ପାର୍ଶ୍ୱରେ ତ୍ରିମାଳୀ ମଠ ଅବସ୍ଥିତ । ସୁତରାଂ ଦୁଇଟି ପ୍ରସିଦ୍ଧ ମଠ ମଧ୍ୟରେ ତୋରାଣୀ ଛତ୍ର ମଠର ବିଳେସ୍ଥଳୀଟି ରହିଅଛି । ତୋରାଣୀ ଛତ୍ର ମଠଟି ଆୟତନରେ କ୍ଷୁଦ୍ର ହେଲେ ହେଁ ଏହି ମଠର ଏକ ପ୍ରସିଦ୍ଧି ରହିଛି । ପୂର୍ବେ ଉକ୍ତ ମଠ ପକ୍ଷରୁ ପ୍ରତିଦିନ ଶ୍ରୀମନ୍ଦିରରେ ଖଟଣି ଭୋଗ ହୋଇ ଅତିଥି, ଅଭ୍ୟାଗତ ମାନଙ୍କୁ ମହାପ୍ରସାଦ ସେବନରେ ଆପ୍ୟାୟିତ କରାଯାଉଥିଲା । ଏହି ମଠର ବିଶେଷତ୍ୱଯେ, ପ୍ରତ୍ୟହ ବହୁ ସଂଖ୍ୟାରେ ଦୁଃଖୀ, ରଙ୍କୀ ଭିକାରୀ ତଥା ବାଟୋଇ ମାନଙ୍କୁ ଅଭଡ଼ା ତୋରାଣୀ ଛତ୍ର ଦିଆଯାଏ । ସେହି ତୋରାଣୀ ଛତ୍ର ବଣ୍ଟନ ଯୋଗୁଁ ମଠର ନାମ "ତୋରାଣୀ ଛତ୍ର" ଦିଆଯାଇଛି । ବିଶ୍ୱାସ କରାଯାଏ ଯେ, ଏହି ମଠର ମହାପ୍ରସାଦ ତୋରାଣୀ ସେବନ କଲେ ଅକାଳ ବ୍ୟାଧି ଓ ଅନ୍ୟାନ୍ୟ ରୋଗ ଆଦି ଉପଶମ ହୋଇଥାଏ । ଏହି ସେବା ନିମନ୍ତେ ଜମିଦାର ଓ ବଦାନ୍ୟ ବ୍ୟକ୍ତି ବିଶେଷ ଅତୀତରେ ମଠ ମାରଫତ୍‌ରେ ଅମୃତ ମଣୋହି ସମ୍ପତ୍ତି ଖଞ୍ଜି ଥିଲେ ।

ତୋରାଣୀ ଛତ୍ର ମଠର ଉପାସନା ପଦ୍ଧତି ଅନୁଯାୟୀ ଶ୍ରୀରାମଙ୍କ ଉପାସନା ତଥା ରାମ ମନ୍ତ୍ରରେ ପୂଜା କରାଯାଏ ଯଦିଓ ମଠର ଇଷ୍ଟ ଦେବତା ହେଲେ ଦଧିବାମନ ଜୀଉ ଓ ରାଧାକୃଷ୍ଣ । ଅନ୍ୟାନ୍ୟ ବିଗ୍ରହ ମଧ୍ୟରେ ଗୁରୁଣ୍ଡି ଗୋପାଳ, ରାମ, ଲକ୍ଷ୍ମଣ, ସୀତା, ହନୁମାନ, ନୃସିଂହ, ଶାଳଗ୍ରାମ, ଲକ୍ଷ୍ମୀ ଠାକୁରାଣୀ ପୂଜା ପାଉଛନ୍ତି । ମଠ ଠାକୁର ମାନଙ୍କ ଦୈନନ୍ଦିନ ନୀତି ମଧ୍ୟରେ ମଙ୍ଗଳ ଆରତୀ, ବାଲ୍ୟ ଭୋଗ, ଅନ୍ନଭୋଗ, ଦିବା ପହୁଡ଼, ସନ୍ଧ୍ୟା ଆରତୀ ଓ ଅନ୍ନ ଭୋଗ ହୋଇ ରାତ୍ର ପହୁଡ଼ ହୋଇଥାଏ । ବର୍ଷର ବିଭିନ୍ନ ଉତ୍ସବ ମଧ୍ୟରେ

Digitized by srujanika@gmail.com

ଶ୍ରୀରାମଚନ୍ଦ୍ରଙ୍କ ଜନ୍ମ ଉତ୍ସବ, ସୀତା ଜୟନ୍ତୀ, ଏକାଦଶୀ ଓ ଦୋଳପୂର୍ଣ୍ଣିମା ପର୍ବ ପାଳନ କରାଯାଏ । ଏତଦ୍‌ବ୍ୟତୀତ ପରମ୍ପରା ଅନୁସାରେ ମଠର ଗୁରୁ ମହନ୍ତ ମାନଙ୍କର ତିରୋଧାନ ତିଥିରେ ମହୋତ୍ସବ ମାନ ଅନୁଷ୍ଠିତ ହୋଇଥାଏ ।

ପୁରୀ ତୋରାଣୀ ଛତ୍ର ମଠର ନିମାପଡ଼ା ଖେଦିରପୁର ମୌଜାରେ ଗୋଟିଏ ଶାଖା ମଠ ଅଛି । ଏହି ଶାଖା ମଠରେ ବିରାଜିତ ବିଜେ ପ୍ରତିମା ଦୋଳ ପର୍ବରେ ଶିଷ୍ୟ ମାନଙ୍କ ଘର ମାନଙ୍କରେ ବିଜେ କରିଥାନ୍ତି । ମଠରେ ବିରାଜିତ ଠାକୁର ମାନଙ୍କ ଦୈନନ୍ଦିନ ନୀତି, ପର୍ବ,ଉତ୍ସବ ତଥା ପରିଚାଳନା ଇତ୍ୟାଦି ବାବଦରେ ମଠ ବିଜେସ୍ଥଳୀରେ ଥିବା ଘର ଭଡ଼ା ବାବଦ ଆଦାୟ ଅର୍ଥ, ଜମିବାଡ଼ିରୁ ମିଳୁଥିବା ସ୍ୱଳ୍ପ ପରିମାଣ ଅର୍ଥ ଏବଂ ନିମାପଡ଼ା କୋଅପରେଟିଭ୍ ବ୍ୟାଙ୍କ୍‌ରେ ସ୍ଥାୟୀ ଜମାରେ ଗଚ୍ଛିତ ଥିବା ୪ ଲକ୍ଷ ୫୦ ହଜାର ଟଙ୍କା ରାଶିରୁ ମିଳୁଥିବା ସୁଧ ଇତ୍ୟାଦି ଅର୍ଥରେ ମଠର ସମସ୍ତ ଖର୍ଚ୍ଚ ନିର୍ବାହ କରାଯାଉଅଛି । ଅତ୍ୟନ୍ତ ଅବହେଳିତ ଓ ଜରାଜୀର୍ଣ୍ଣ ଅବସ୍ଥାରେ ଏହି ମଠଟି ଦୀର୍ଘ ଦିନ ଧରି ରହିଥିବା ଯୋଗୁଁ ମଠ ସମ୍ବନ୍ଧୀୟ ଗୁରୁତ୍ୱପୂର୍ଣ୍ଣ କାଗଜାତ୍, ସନନ୍ଦ ଓ ଅନ୍ୟାନ୍ୟ ଦଲିଲ ଆଦି ଉପଲବ୍ଧ ହେଉ ନାହିଁ । ଏପରିକି ମାତ୍ର ଦୁଇ ଜଣ ପୂର୍ବତନ ମହନ୍ତ ଯଥା ପଇରାମ ଦାସ ଓ ରାମଚରଣ ଦାସଙ୍କ ବ୍ୟତୀତ ଅନ୍ୟ କୌଣସି ମହନ୍ତ ମାନଙ୍କ ନାମ ତାଲିକା ମଧ୍ୟ ଉପଲବ୍ଧ ହେଉନାହିଁ ।

୨୦୦୨ ମସିହାରେ ସଂଗୃହୀତ ତଥ୍ୟ ଅନୁଯାୟୀ ଦେବୋତ୍ତର ବିଭାଗର ସ୍ୱୀକୃତି ଅନୁଯାୟୀ ଶ୍ରୀ ଦାମୋଦର ଦାସ ମଠ ପରିଚାଳନା ଦାୟିତ୍ୱରେ ରହିଥିବା ଜଣାଯାଏ । ଇଣ୍ଟରିମ୍‌ଟ୍ରଷ୍ଟି ଶ୍ରୀ ଦାସଙ୍କ ଉଦ୍ୟମରେ ମଠ ବିଜେସ୍ଥଳୀରେ ଅବସ୍ଥିତ କେତେକ ଭଗ୍ନ ଗୃହର ମରାମତି କରାଯାଇଅଛି । ସୂଚନାଯୋଗ୍ୟଯେ ବର୍ତ୍ତମାନ ଉକ୍ତ ମଠର କେହି ମହନ୍ତ ରୂପେ ଗାଦିନାସୀନ ହୋଇନଥିବାରୁ ପୂର୍ବ ମହନ୍ତଙ୍କ ୩ଜଣ ଚେଲା ମଠର ଉତ୍ତରାଧୀକାରୀ ରୂପେ ଦାବୀ କରି ମୋକଦ୍ଦମା ଚଳାଇଥିବା ଜଣାଯାଏ ।

ଶ୍ରୀମନ୍ଦିର ସହ ସମ୍ପର୍କ :- ପୂର୍ବେ ଏହି ମଠର ମହନ୍ତଙ୍କ ଶ୍ରୀମନ୍ଦିରରେ ଚାମର ସେବା କରିବାର ଅଧିକାର ଥିଲା । କିନ୍ତୁ ସ୍ୱତ୍ୱଲିପି ପ୍ରସ୍ତୁତ ସମୟରେ ତତ୍‌କାଳୀନ ମଠାଧୀଶ ପ୍ରମାଣ ଦେଖାଇନପାରିବାରୁ କିମ୍ବା ସେହି ସମୟରେ ଉପସ୍ଥିତ ନ ହେବାରୁ ଉକ୍ତ ମଠର ଚାମର ସେବା ସଂପର୍କରେ ଉଲ୍ଲେଖ ହୋଇପାରିନାହିଁ । ଦୈନନ୍ଦିନ ମଠ ତରଫରୁ ଖଟଣୀ ଭୋଗ, ଗୋପାଳ ବଲ୍ଲଭ ଭୋଗରେ ବଲ୍ଲଭ ଭୋଗ ଯୋଗାଣ ବ୍ୟତୀତ ରଥ ଯାତ୍ରା ସମୟରେ ଆଷାଢ଼ ଶୁକ୍ଳ ଏକାଦଶୀ ଦିନ ରଥ ଉପରେ ଠାକୁରମାନେ ଅବସ୍ଥାନ କରୁଥିବା ସମୟେ ଶୁଖିଲା ପ୍ରସାଦ ଭୋଗ ହୋଇଥାଏ ।

ମଠ ଭୂ-ସମ୍ପତ୍ତି :- ଏହି ମଠର ନିମାପଡ଼ା ଅନ୍ତର୍ଗତ ଅଂଶାଳୋ, ଖେଦିରିପୁର, ଭିଳଗ୍ରାମ, ବିଷ୍ଣୁପୁର ଏବଂ ଚାରିଛକ ନିକଟରେ ମୋଟ୍ ୬୫ ଏକର ଧାନ ଜମି ଓ ବଗିଚା ଇତ୍ୟାଦି ରହିଅଛି । ଜମିଦାରୀ ଉଚ୍ଛେଦ ଆଇନ୍ ପ୍ରବର୍ତ୍ତନ ପୂର୍ବରୁ ମଠ ନାମେ ଥିବା କେତେକ ସମ୍ପତ୍ତି ପ୍ରଜା ଦଖଲରେ ଏବଂ କେତେକ ହସ୍ତାନ୍ତର ତଥା ବିକ୍ରୟ ହୋଇଯାଇଛି ।

✤ ✤ ✤

Digitized by srujanika@gmail.com

ସମାଧି ମଠ

ଶ୍ରୀରାମାନୁଜ ସମ୍ପ୍ରଦାୟର ଅନ୍ୟତମ ବିଭବଶାଳୀ ମଠ ରୂପେ ସମାଧି ମଠ ଶ୍ରୀକ୍ଷେତ୍ରରେ ପ୍ରତିଷ୍ଠିତ । ପୂର୍ବ ବନ୍ଦୋବସ୍ତ ରେକର୍ଡ଼ ମୁତାବକ କାଳିକାଦେବୀ ସାହିସ୍ଥ ମୋଟ୍ ୮୧୦ ଡ଼ିସିମିଲି ଜମି ଉପରେ ମଠ ବିଜେସ୍ଥଳୀଟି ରହିଥିଲେ ହେଁ ହାଲ ବନ୍ଦୋବସ୍ତ ରେକର୍ଡ଼ରେ ଉକ୍ତ ମଠଟି ମଣିକର୍ଣ୍ଣିକା ସାହିର ଶ୍ୱେତଗଙ୍ଗା ପୁଷ୍କରିଣୀ ସନ୍ନିକଟସ୍ଥ ୬୩୦ ଡ଼ିସିମିଲି ପରିମିତ ଜମି ଉପରେ ଅବସ୍ଥିତ । ପ୍ରକୃତ ପକ୍ଷେ ବାଲିସାହିର ମୁଖ୍ୟ ରାସ୍ତାରେ ଶ୍ୱେତଗଙ୍ଗା ପୁଷ୍କରିଣୀ ସଂଲଗ୍ନରେ ଏହି ମଠଟି ରହିଅଛି । ପ୍ରାୟ ୨୦୦ ବର୍ଷ ପୂର୍ବରୁ ସମାଧି ମଠଟି ବାଲିସାହି ମୌଜା ଅନ୍ତର୍ଗତ ସମୁଦ୍ରକୂଳ ନିକଟସ୍ଥ ସୋଲାଖିଆ ବରଗଛ ତଥା ବର୍ତ୍ତମାନର ବେଦ ଭବନ ନିକଟରେ ଅବସ୍ଥିତ ଥିଲା । ମଠର ପୂର୍ବତନ ତଥା ପ୍ରଥମ ନାମ ଥିଲା ''ସୀତାରାମ କୋଟ'' ମଠ ସୂତ୍ରରୁ ପ୍ରକାଶ ଯେ, ଅତୀତରେ ଜନୈକ ପ୍ରଖ୍ୟାତ ବୈରାଗୀ ସନ୍ୟାସୀ ମାଧବ ଦାସ ଏହି ସ୍ଥାନରେ ଦୀର୍ଘ ଦିନ ଧରି ସମାଧିସ୍ଥ ହୋଇ ପୁନଃ ପ୍ରକୃତ ଅବସ୍ଥାକୁ ଆସି ଅଲୌକିକତା ପ୍ରଦର୍ଶନ କରିଥିବାରୁ ସେହି ସମୟରେ ରାଜାଜ୍ଞାନୁସାରେ ମଠଟିର ନାମ ''ସମାଧି ମଠ''ରୂପେ ନାମିତ ହୋଇଥିଲା । ଏହି ପ୍ରସିଦ୍ଧ ସନ୍ୟାସୀଙ୍କ ପ୍ରତିଭାରେ ବିମୁଗ୍ଧ ହୋଇ ତତ୍କାଳୀନ ଗଜପତି ମହାରାଜା ସମ୍ମାନ ସ୍ୱରୂପ ଶ୍ରୀମନ୍ଦିରରେ ପ୍ରତ୍ୟହ ଏକ ସମାଧି ହାଣ୍ଡି ଭୋଗ ଖଞ୍ଜି ଥିଲେ । ସେହି ସ୍ମୃତି ସ୍ୱରୂପ ଏବେ ବି ଶ୍ରୀମନ୍ଦିରରେ ପ୍ରଚଳିତ ଏକ ମାଟି ହାଣ୍ଡି ବା ବଡ଼ କୁଡୁଆର ନାମ ''ସମାଧି ହାଣ୍ଡି'' ରୂପେ ପରିଚିତ ।

ପ୍ରାୟ ୬୦୦ ବର୍ଷର ଏହି ପ୍ରାଚୀନ ମଠ ସଂପର୍କରେ 'ଶ୍ରୀକ୍ଷେତ୍ର' ନାମକ ଏକ ବଙ୍ଗଳା ପୁସ୍ତକରେ ଉଲ୍ଲେଖ ଅଛି ଯେ, ''ଅତୀତରେ ଶ୍ରୀମତ୍ ବାସୁଦେବ ରାମାନୁଜ ଦାସଜୀ ଏହି ମଠରେ ଅବସ୍ଥାନ କରିଥିଲେ । ଶ୍ରୀ ଜୟରାମ ଦାସ ନାମକ ଜଣେ ବୈଷ୍ଣବ ଦ୍ୱାଦଶୀ ତିଥିରେ ସମାଧି ମଗ୍ନ ହୋଇ ୧୦ ଦିନ ପର୍ଯ୍ୟନ୍ତ ମଠର ପୂର୍ବତନ ବିଜେସ୍ଥଳୀ ଠାରେ ସମାଧିସ୍ଥ ହୋଇଥିଲେ । ତାହାଙ୍କ ସମାଧିସ୍ଥ ଘଟଣାକୁ ନେଇ ଉକ୍ତ ମଠର ନାମ 'ସମାଧି ମଠ' ହୋଇଅଛି । ଉକ୍ତ ପୁସ୍ତକରୁ ମିଳିଥିବା ସୂଚନା ଏବଂ ମଠ ସୂତ୍ରରୁ ସଂଗ୍ରହ ହୋଇଥିବା ବିବରଣୀ ଅନୁଯାୟୀ ସମାଧିସ୍ଥ ହୋଇଥିବା ସାଧୁଙ୍କ ନାମ ଭିନ୍ନ ଯଥା ଜୟରାମ ଓ ମାଧବ ବୋଲି ଜଣାଯାଏ । ପୂର୍ବେ ଏହି ମଠଟି ବୈରାଗୀ ସମ୍ପ୍ରଦାୟର ଥିଲା । ରାମାନୁଜ ସ୍ୱାମୀଙ୍କର ତିନି

Digitized by srujanika@gmail.com

ଜଣ ଶିଷ୍ୟ (ତୋତାଦ୍ରି) ତାମିଲନାଡୁରୁ ଶ୍ରୀକ୍ଷେତ୍ରକୁ ଆସି ଏଠାରେ ଅବସ୍ଥାନ କରିଥିଲେ । ପରବର୍ତ୍ତୀ ସମୟରେ ମଠଟି ରାମାନୁଜ ସମ୍ପ୍ରଦାୟର ଅନ୍ତର୍ଭୁକ୍ତ ହୋଇଥିଲା । ମଠର ପ୍ରଥମ ବିଜେସ୍ଥଳୀଟି ପ୍ରାୟ ଦେଢ଼ ଏକର ଯାଗା ଉପରେ ରହିଥିଲେ ହେଁ ବିଭିନ୍ନ ସମୟରେ ଏହାର କିଛି କିଛି ଅଂଶ ହସ୍ତାନ୍ତର, ଜବର ଦଖଲ ହୋଇଯାଇ ସଂପ୍ରତି ପ୍ରାୟ ୫୦୦ ଡ଼ିସିମିଲି ପରିମିତ ଭୂମି ମଠ ଦଖଲରେ ରହିଅଛି ବୋଲି ବର୍ତ୍ତମାନର ମଠାଧୀଶଙ୍କ ଠାରୁ ପ୍ରକାଶ ।

ସମାଧି ମଠ ବର୍ତ୍ତମାନଃ ବିଜେସ୍ଥଳୀ ନିର୍ମାଣର ଇତିହାସ ସମ୍ପର୍କରେ ଜଣାଯାଏ ଯେ, ଶ୍ରୀମନ୍ଦିରର ପ୍ରମୁଖ ସେବକ ପାଟଯୋଷୀ ମହାପାତ୍ରଙ୍କ ୫୬ ବଖରା ଘର ତଥା ମେଲା ଡ଼ିହ ଏହି ସ୍ଥାନରେ ଥିଲା । ୧୮୧୫ ମସିହାରେ ସମାଧି ମଠର ତତ୍‌କାଳୀନ ମହନ୍ତ ମହାରାଜ ପାଟଯୋଷୀ ମହାପାତ୍ରଙ୍କ ଠାରୁ ଏହି ଯାଗା ଓ ଘରକୁ କ୍ରୟ କରିଥିଲେ । ୧୮୧୫ ମସିହାରୁ ୧୮୨୦ ମଧ୍ୟରେ ଉକ୍ତ ସ୍ଥାନରେ ମଠ ପକ୍ଷରୁ ଅଫିସ ଖୋଲାଯାଇ ପରିଚାଳନା ସମ୍ବନ୍ଧୀୟ ସମସ୍ତ କାର୍ଯ୍ୟ ଏଠାରେ କରାଯାଉଥିଲା । ୧୮୨୦ ମସିହା ବେଳକୁ ସମାଧି ମଠଟି ପୂର୍ବ ବିଜେସ୍ଥଳୀରୁ ସ୍ଥାନାନ୍ତରିତ ହୋଇ ବର୍ତ୍ତମାନର ବିଜେସ୍ଥଳୀରେ ପ୍ରତିଷ୍ଠିତ ହୋଇଥିଲା । ସୂଚନାଯୋଗ୍ୟଯେ ଅତୀତରେ ମଠର ପୂର୍ବତନ ବିଜେସ୍ଥଳୀରେ ୧୦୮ ମୂର୍ତ୍ତି ଶାଳଗ୍ରାମ ପୂଜିତ ହେଉଥିଲେ ବୋଲି ବର୍ତ୍ତମାନର ମଠାଧୀଶ ପ୍ରକାଶ କରନ୍ତି ।

ସମାଧି ମଠରୁ ସଂଗୃହୀତ ତଥ୍ୟ ଅନୁଯାୟୀ ନିମ୍ନଲିଖିତ ବ୍ୟକ୍ତି ବିଶେଷ ଅତୀତରେ ଏହି ମଠରେ ମହନ୍ତ ରୂପେ ଗାଦିନାସୀନ ହୋଇ କାର୍ଯ୍ୟ ତୁଲାଉଥିଲେ । ତନ୍ମଧ୍ୟରେ :-

ପ୍ରତିଷ୍ଠାତା ମହନ୍ତ ମାଧବ ଦାସ । ମତାନ୍ତରେ ଜୟରାମ ଦାସ । ତତ୍‌ପରେ କେତେକ ମଠାଧୀଶ ମାନଙ୍କ ନାମ ଉପଲବ୍ଧ ହେଉନାହିଁ । ମିଳୁଥିବା ମଠାଧୀଶ ମାନଙ୍କ ନାମ ମଧ୍ୟରେ (୧) ପୁରୁଷୋତ୍ତମ ରାମାନୁଜ ଦାସ (୨) ନାରାୟଣ ରାମାନୁଜ ଦାସ (୩) ଅନିରୁଦ୍ଧ ରାମାନୁଜ ଦାସ (୪) ରାମ ପ୍ରପନ୍ନ ରାମାନୁଜ ଦାସ (୫) ବିଶ୍ୱକ ସେନ୍ ରାମାନୁଜ ଦାସ (୧୯୫୩ ମସିହା ପର୍ଯ୍ୟନ୍ତ ମଠାଧୀଶ ଥିଲେ) (୬) ସୁଦର୍ଶନ ରାମାନୁଜ ଦାସ (୧୯୫୩ ରୁ ୧୯୯୪ ମସିହା ପର୍ଯ୍ୟନ୍ତ) (୭) ମାଧବ ପ୍ରପନ୍ନ ରାମାନୁଜ ଦାସ (ବର୍ତ୍ତମାନର ମଠାଧୀଶ ୬-୬-୧୯୯୪ ଠାରୁ ମହନ୍ତାଇ ଶାଢ଼ୀ ବନ୍ଧାଇ କାର୍ଯ୍ୟ ନିର୍ବାହ କରୁଛନ୍ତି) ।

ସୂଚନାଯୋଗ୍ୟଯେ ୧୯୫୩ ମସିହାଠାରୁ ୧୯୬୨ ମସିହା ପର୍ଯ୍ୟନ୍ତ ରାଜ୍ୟ ଦେବୋତ୍ତର ବିଭାଗ ନିୟନ୍ତ୍ରଣାଧୀନରେ ଏକ ଟ୍ରଷ୍ଟି ବୋର୍ଡ଼ ମଠ ପରିଚାଳନା ପାଇଁ ଗଠିତ ହୋଇଥିଲା । ଏହି ବୋର୍ଡ଼ରେ ସେହି ସମୟରେ ପୁରୀ ସହରର ବିଶିଷ୍ଟ ନାଗରିକ ପଦ୍ମ ଚରଣ ସାମନ୍ତସିଂହାର, ଓକିଲ ସଦାଶିବ ମିଶ୍ର ଏବଂ ବିଶ୍ୱନାଥ ରାଜଗୁରୁ ସଦସ୍ୟ ରୂପେ ମନୋନୀତ ହୋଇଥିଲେ ।

ମଠର ବିଜେସ୍ଥଳୀରେ ପ୍ରତିଷ୍ଠିତ ସାଆଣ ପଥରରେ ନିର୍ମିତ କେତେକ ଗୃହ ମଧ୍ୟରେ

Digitized by srujanika@gmail.com

ମହନ୍ତଙ୍କ ନିବାସ, ରୋଷ ଘର, ଅଭ୍ୟାଗତ ଘର, ବାରଣ୍ଡା, କୂପ, ମନ୍ଦିର, ଜଗମୋହନ, ଅଗଣା ଇତ୍ୟାଦି ରହିଅଛି । ମଠର ପ୍ରବେଶ ଦ୍ୱାରର ଗମ୍ବୁଜ ସଦୃଶ ଗୃହର କାନ୍ଥରେ ରାମାନୁଜ ସ୍ୱାମୀ, ପତିତପାବନ ଓ ମହାବୀରଙ୍କ ଚିତ୍ର ପ୍ରତିମା ରହିଅଛି । ବିଜେସ୍ଥଳୀ ମଧ୍ୟସ୍ଥଳରେ ଏକ ସୁଦୃଶ୍ୟ ମନୋରମ ମନ୍ଦିର ଅବସ୍ଥିତ । ମଠର ମୁଖ୍ୟ ଆରାଧ୍ୟ ଦେବ ଲକ୍ଷ୍ମୀ ନୃସିଂହ (ଧାତୁ ମୂର୍ତ୍ତି ନୃସିଂହଙ୍କ କ୍ରୋଡ଼ରେ ଲକ୍ଷ୍ମୀ ପ୍ରତିମା ଉପବେଶନ କରିଛନ୍ତି) ସିଂହାସନରେ ଅଧିଷ୍ଠିତ ହୋଇଛନ୍ତି । ପାର୍ଶ୍ୱରେ ପ୍ରାୟ ଦେଢ଼ ଫୁଟ୍ ଉଚ୍ଚତା ବିଶିଷ୍ଟ ଚତୁର୍ଦ୍ଧା ମୂର୍ତ୍ତି (ଦାରୁ ବିଗ୍ରହ) ଶ୍ରୀଜଗନ୍ନାଥ, ଶ୍ରୀବଳଭଦ୍ର, ଶ୍ରୀସୁଭଦ୍ରା, ଶ୍ରୀସୁଦର୍ଶନ ବିରାଜିତ ପୂର୍ବକ ପୂଜିତ ହେଉଛନ୍ତି । ଏହି ଦାରୁ ବିଗ୍ରହ ମାନଙ୍କର ନବକଳେବର ବିଧି ମଧ୍ୟ ପ୍ରଚଳିତ ଥିବା ଜଣାଯାଏ । ଏତଦ୍‌ବ୍ୟତୀତ ୪୫ ମୂର୍ତ୍ତି ଶାଳଗ୍ରାମ ଏବଂ କ୍ରିଷ୍ଟାୟ ଗେଡ୍‌ଗୁରୁ ମଧ୍ୟ ସିଂହାସନରେ ପ୍ରତିଷ୍ଠିତ ହୋଇ ପୂଜା ପାଉଛନ୍ତି । ମନ୍ଦିରର ଦ୍ୱାର ଦେଶରେ ଦୁଇ ମୂର୍ତ୍ତି ଜୟ ବିଜୟ ଦ୍ୱାରପାଳ ଭାବେ ଦଣ୍ଡାୟମାନ ଭଙ୍ଗୀରେ ବିଦ୍ୟମାନ ।

ଉପରୋକ୍ତ ପୂଜିତ ବିଗ୍ରହ ମାନଙ୍କର ଦୈନନ୍ଦିନ ପାଳିତ ହେଉଥିବା ନୀତି ମଧ୍ୟରେ ପ୍ରତ୍ୟୁଷରୁ ମଙ୍ଗଳ ଆରତୀ, ସ୍ନାନ ପୂଜା (ଷୋଡ଼ଶ ଉପଚାର), ବାଳଭୋଗ (ଖଇ, କୋରା, କଦଳୀ, ଫଳ ଇତ୍ୟାଦି), ଦିବା ୧୨ ଘଣ୍ଟାରେ ଅନ୍ନ ଭୋଗ, ଦିବା ପହୁଡ଼, ଅପରାହ୍ନ ୪ଟାରେ ପହୁଡ଼ ଖୋଲାଯାଇ ଆରତୀ ହୋଇଥାଏ । ତତ୍‌ପରେ ସନ୍ଧ୍ୟା ଆରତୀ, ରାତ୍ର ଭୋଗ ଇତ୍ୟାଦି ଅନ୍ତର୍ଭୁକ୍ତ । ଏହି ଦେବ କାର୍ଯ୍ୟରେ ମଠାଧୀଶଙ୍କ ସମେତ ପୂଜାରୀ, ଟହଲିଆ ମାନେ ନିୟୋଜିତ ହୋଇଥିବା ଜଣାଯାଏ । ମଠରେ ପାଳିତ ବିଭିନ୍ନ ପର୍ବ ପର୍ବାଣୀ, ଉତ୍ସବ ମଧ୍ୟରେ ଶ୍ରୀରାମ ଜୟନ୍ତୀ, ରାମାନୁଜ ଜୟନ୍ତୀ, ଜ୍ୟେଷ୍ଠ ପୂର୍ଣ୍ଣମୀ (ସ୍ନାନ ପୂର୍ଣ୍ଣମୀ ନୀତି), ଜନ୍ମାଷ୍ଟମୀ, ନୃସିଂହ ଜୟନ୍ତୀ, ସୁନିଆଁ ବାମନ ଜନ୍ମ, ହନୁମାନ ଜୟନ୍ତୀ, ମକର ସଂକ୍ରାନ୍ତି, ଧନୁଭୋଗ, ଚନ୍ଦନ ଉତ୍ସବ ଇତ୍ୟାଦି ମୁଖ୍ୟ ଅଟେ ।

ମଠ ଠାକୁର ମାନଙ୍କ ଦୈନନ୍ଦିନ ନୀତି, ପର୍ବ ପର୍ବାଣୀ, ଉତ୍ସବ ସର୍ବୋପରି ମଠ ପରିଚାଳନା ଇତ୍ୟାଦି ବାବଦରେ ସମ୍ପ୍ରତି ପ୍ରାୟ ଦୁଇ ଲକ୍ଷ ଟଙ୍କା ଖର୍ଚ୍ଚ ହେଉଛି ବୋଲି ବର୍ତ୍ତମାନର ମଠାଧୀଶ ମାଧବ ପ୍ରପନ୍ନ ରାମାନୁଜ ଦାସଙ୍କ ଠାରୁ ପ୍ରକାଶ । ୧୯୫୩ ମସିହା ପର୍ଯ୍ୟନ୍ତ ମଠର ସମସ୍ତ ଦେବ ନୀତି, ପରିଚାଳନା ତଥା ଉତ୍ସବ ପାଇଁ ଆର୍ଥିକ ବାବଦରେ କୌଣସି ପ୍ରତିବନ୍ଧକ ନଥିଲା । ଏପରିକି ୧୯୯୦ ପର୍ଯ୍ୟନ୍ତ ଏହି ବ୍ୟବସ୍ଥାରେ ସେତେଟା ପରିବର୍ତ୍ତନ ହୋଇନଥିଲେ ହେଁ ମଠ କାର୍ଯ୍ୟ ସୁରୁଖୁରୁରେ ଚାଲିଥିଲା । ସମ୍ପ୍ରତି ଆର୍ଥିକ ଅସୁବିଧା ଯୋଗୁଁ ମଠର ନୀତି ଓ ଅନ୍ୟାନ୍ୟ କାର୍ଯ୍ୟ ନିର୍ବାହରେ କେତେକ ଅନିୟମିତତା ପରିଲକ୍ଷିତ ହେଉଅଛି । ଜନୈକ ବିଦ୍ୟାର୍ଥୀଙ୍କୁ ମଠରେ ଆଶ୍ରୟ ପ୍ରଦାନ ଦିଆଯାଇଥିବା ମଠ ସୂତ୍ରରୁ ଜଣାଯାଏ ।

Digitized by srujanika@gmail.com

ସମାଧି ମଠର ଦୈନନ୍ଦିନ ନୀତି, ସେବା ପୂଜା ତଥା ପରିଚାଳନା ନିମିତ୍ତ ପୂର୍ବେ ମଠ ନାମେ ପୁରୀ ଜିଲ୍ଲାର ନିମାପଡ଼ା, ପିପିଲି ଏବଂ କଟକ, କେନ୍ଦ୍ରପଡ଼ା ଜିଲ୍ଲା ମାନଙ୍କରେ ପ୍ରାୟ ୨୮୦୦ ଏକର ଭୂ ସମ୍ପତ୍ତି ରହିଥିଲା । ଜମିଦାରୀ ଉଚ୍ଛେଦ ଆଇନ ପ୍ରବର୍ତ୍ତନ ପରେ ଏହି ସମ୍ପତ୍ତିର ପରିମାଣ ୮୪୧ ଏକର ମଧ୍ୟରେ ସୀମିତ ରହିଥିଲା । ମଠାଧିପତି ମାନଙ୍କୁ ଦାନ ସୂତ୍ରେ ଦିଆଯାଇଥିବା ଅମୃତ ମଣୋହି ଓ ବାହେଲି ଜମି ତାଲିକାରେ ସମାଧି ମଠ ମାରଫତ୍‌ରେ ମରହଟ୍ଟା ଶାସକ ଏକାଜି ଶୁକଦେବ ଅମୃତମଣୋହି ଖର୍ଚ୍ଚ ସକାଶେ ଅବିଭକ୍ତ ପୁରୀ ଜିଲ୍ଲା ଅନ୍ତର୍ଗତ ରଥ ପୁରୁଷୋତ୍ତମପୁର ଓ ବେରବୋଇ ମୌଜାରେ କେତେକ ଭୂ-ସମ୍ପତ୍ତି ଦାନ କରିଥିଲେ । ମଠ ସୂତ୍ରରୁ ପ୍ରକାଶ ଯେ, ଦୀର୍ଘ ଦିନ ଧରି ଏହି ଜମିରୁ କୌଣସି ଆୟ ମଠକୁ ମିଳୁନାହିଁ । ଠାକୁର ମାନଙ୍କ ଭୋଗ ନିମିତ୍ତ କେବଳ ଛଅ ଏକର ଜମି ହାତ ଚାଷ କରାଯାଉଛି । ଏତଦ୍‌ବ୍ୟତୀତ ମଠ ବିଜେସ୍ଥଳୀରେ ଅବସ୍ଥିତ କେତେକ ଦୋକାନ ଘର ଭଡ଼ା ଦିଆଯାଇ ତହିଁରୁ ଆଦାୟ ଅର୍ଥରେ ମଠ ପରିଚାଳନା ବାବଦରେ ବ୍ୟୟ କରାଯାଉଛି ।

ଶ୍ରୀମନ୍ଦିର ସହ ସମ୍ପର୍କ :- ମଠ ସୂତ୍ରରୁ ଜଣାଯାଏ ଯେ, ୧୯୩୦ ମସିହା ପୂର୍ବରୁ ମଠ ତରଫରୁ ପ୍ରତ୍ୟହ ବହୁ ପରିମାଣର ଖଟଣୀ ମହାପ୍ରସାଦ ଭୋଗ ହେଉଥିଲା । ୧୯୩୦ ମସିହାରୁ ୧୯୫୩ ମସିହା ମଧ୍ୟରେ ଦୈନିକ ଗୋଟିଏ ସମାଧି ହାଣ୍ଡି ଅନ୍ନ, ଡ଼ାଲି, ବେସର ଇତ୍ୟାଦି ଖଟଣୀ ଭୋଗ ହୋଇ ମଠରେ ଥିବା ଅତିଥି, ଅଭ୍ୟାଗତଙ୍କୁ ମହାପ୍ରସାଦ ସେବନରେ ଆପ୍ୟାୟିତ କରାଯାଉଥିଲା । ଦୀର୍ଘ ବର୍ଷ ଧରି ଏହି ବ୍ୟବସ୍ଥା ବନ୍ଦ ହୋଇଥିବା ଜଣାଯାଏ । ସେହିପରି କାର୍ତ୍ତିକ ମାସରେ ଶ୍ରୀମନ୍ଦିରକୁ ପ୍ରତ୍ୟହ ବାଲଭୋଗ ମଠ ତରଫରୁ ଯାଉଥିଲା । ତାହା ମଧ୍ୟ ବିଗତ ୫ ବର୍ଷ ଧରି ବନ୍ଦ ରହିଛି । କେବଳ ସ୍ନାନ ପୂର୍ଣ୍ଣମୀ ଦିନ ସନ୍ଧ୍ୟା ସମୟରେ ସ୍ନାନ ମଣ୍ଡପରେ ଅଧିଷ୍ଠିତ ଶ୍ରୀ ବିଗ୍ରହ ମାନଙ୍କ ସମ୍ମୁଖରେ ଏବଂ ରଥଯାତ୍ରା ଦିନ ରଥ ସମ୍ମୁଖରେ ଠାକୁର ମାନଙ୍କୁ ପନ୍ତି ଭୋଗ ହୋଇଆସୁଅଛି । ଅନୁମାନ କରାଯାଏ ଯେ, ପୂର୍ବରୁ ମଠର ବିଜେସ୍ଥଳୀଟି ବେଦ ଭବନ ନିକଟରେ ଥିବାରୁ ବିଭିନ୍ନ ପର୍ବ ତଥା ଉତ୍ସବ ସମୟରେ ବିଜେ ପ୍ରତିମାମାନେ ସେହି ସ୍ଥାନକୁ ବିଜେ କରୁନଥିବା ଯୋଗୁଁ ଶ୍ରୀମନ୍ଦିର ସ୍ୱତ୍ୱଲିପିରେ ଉଲ୍ଲିଖିତ ପନ୍ତି ତାଲିକାରେ ସମାଧି ମଠର ନାମ ମିଳୁନାହିଁ ।ଏପରିକି ଶ୍ରୀମନ୍ଦିର ରୋଷ ଘରେ ଚୂଲି ଓ ଘରଘର ଇତ୍ୟାଦି ଏହି ମଠ ନାମେ ରହିନାହିଁ । ସମ୍ଭବତଃ ଅତୀତରେ ଗଜପତି ମହାରାଜାଙ୍କ ସହ ଏହି ମଠର ସମ୍ପର୍କ ଛିନ୍ନ ହୋଇଯାଇଥିବାରୁ ଅନେକ ବର୍ଷ ପୂର୍ବରୁ ଏହି ମଠର ଶ୍ରୀମନ୍ଦିର ସହ ସେବା ସମ୍ପର୍କ ବିଚ୍ଛିନ୍ନ ହୋଇଯାଇଥିଲେ ହେଁ ମଠ ନାମରେ ଶ୍ରୀମନ୍ଦିରରେ ଏବେ ବି ସମାଧି ହାଣ୍ଡିର ପ୍ରଚଳନ ରହିଅଛି ।

✤ ✤ ✤

Digitized by srujanika@gmail.com

ଚିକିଟୀ ମଠ

ଶ୍ରୀ ନିମ୍ବାର୍କ ସମ୍ପ୍ରଦାୟର ଅନ୍ୟତମ ପ୍ରସିଦ୍ଧ ଚିକିଟୀ ମଠଟି ପୁରୀ ଟାଉନ୍‌ର ବାଲିସାହିରେ ତଥା ବାରାହୀ ଠାକୁରାଣୀଙ୍କ ମନ୍ଦିର ସମ୍ମୁଖରେ ଅବସ୍ଥିତ । ପ୍ରାୟ ୩୦୦ ବର୍ଷରୁ ଉର୍ଦ୍ଧ୍ୱ ପ୍ରାଚୀନ ଏହି ମଠର ଇତିହାସ ସମ୍ପର୍କରେ ସଂପ୍ରତି ମଠରେ କୌଣସି ତଥ୍ୟ ଉପଲବ୍ଧ ହେଉନାହିଁ । ଏପରିକି ବର୍ତ୍ତମାନର ମଠାଧୀଶ ଶ୍ରୀ ବ୍ରଜେନ୍ଦ୍ର ମୋହନ ଦାସଙ୍କ ନିକଟରେ ସଂପୃକ୍ତ ମଠର କୌଣସି ଐତିହାସିକ ଦଲିଲ, ଛାମୁ ଚିଟାଉ ମଧ୍ୟ ନାହିଁ । ଆଜକୁ ୫୦ ବର୍ଷ ପୂର୍ବରୁ ମଠର ସମସ୍ତ କାଗଜାତ୍ ଉପଯୁକ୍ତ ରକ୍ଷଣାବେକ୍ଷଣର ଅଭାବରୁ ସଂପୂର୍ଣ୍ଣ ରୂପେ ନଷ୍ଟ ହୋଇଯାଇଥିବା ଜଣାଯାଏ । ତେବେ ଏଣ୍ଡାମେଣ୍ଟ କମିଶନରଙ୍କ କାର୍ଯ୍ୟାଳୟରେ ଦାଖଲ ହୋଇଥିବା ମଠର ସମ୍ପତ୍ତି ରେଜିଷ୍ଟରର ଉଲ୍ଲେଖ ପ୍ରକାରେ ଅତୀତରେ ଆଚାର୍ଯ୍ୟ ନିମ୍ବାର୍କ ପୁରୁଷୋତ୍ତମ କ୍ଷେତ୍ରକୁ ଆଗମନ କରି ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କୁ ଦର୍ଶନ କରିବା ଅବସରରେ ଚିକିଟୀ ମଠର ବିଜେସ୍ଥଳୀ ଠାରେ ଅବସ୍ଥାନ କରିଥିଲେ । କାଳକ୍ରମେ ଏହି ସ୍ଥାନଟି ଏକ ସାଧାରଣ ଆଶ୍ରମରେ ପରିଣତ ହୋଇଥିଲା । ନିମ୍ବାର୍କ ଆଚାର୍ଯ୍ୟଙ୍କ ଶିଷ୍ୟତ୍ୱ ଗ୍ରହଣ କରିଥିବା ଚିକିଟୀ ରାଜବଂଶଧର ମାନଙ୍କ ମଧ୍ୟରୁ ପିତାମ୍ବର ରାଜେନ୍ଦ୍ର ଦେବ ଜରାଜୀର୍ଣ୍ଣ ଅବସ୍ଥାରେ ରହିଥିବା ଚାଳ ଛପର ଘର ପରିବେଷ୍ଟିତ ଏହି ଆଶ୍ରମଟିକୁ ଭାଙ୍ଗି ଦେଇ ନୂତନ ଭାବେ କୋଠା ଘର ନିର୍ମାଣ କରିଥିଲେ । ଚିକିଟୀ ରାଜାଙ୍କ ଦ୍ୱାରା ଏହି ମଠଟି ପ୍ରତିଷ୍ଠିତ ହୋଇଥିବାରୁ ପରବର୍ତ୍ତୀ ସମୟରେ ସ୍ଥାନୀୟ ଜନସାଧାରଣରେ ଏହା 'ଚିକିଟୀ ମଠ' ରୂପେ ପରିଚିତ ହୋଇଥିଲା ।

ବିଶିଷ୍ଟ ଗବେଷକ ତଥା ପ୍ରତ୍ନତତ୍ତ୍ୱବିତ୍ କେଦାର ନାଥ ମହାପାତ୍ରଙ୍କ 'ଖୁରୁଧା ଇତିହାସ' ପୁସ୍ତକରୁ ଜଣାଯାଏଯେ, ୧୭୭୮ ଖ୍ରୀଷ୍ଟାବ୍ଦରେ ଗଜପତି ମହାରାଜା ବୀର କେଶରୀ ଦେବ (୧ମ) ତାଙ୍କ ରାଜତ୍ୱର ୫୩ ଅଙ୍କରେ ଚିକିଟୀ ମଠର ତତ୍କାଳୀନ ମହନ୍ତ ଅଧିକାରୀ ମାଧବ ଦାସଙ୍କୁ ଏକ ଛାମୁଚିଟାଉ ପ୍ରଦାନ କରିଥିଲେ । ସେ ସମୟରେ ଚିକିଟୀର ରାଜା ଥିଲେ କୃଷ୍ଣଚନ୍ଦ୍ର ରାଜେନ୍ଦ୍ର । ପାଠକଙ୍କ ଅବଗତି ନିମନ୍ତେ ଛାମୁ ଚିଟାଉର ଅବିକଳ ନକଲ ନିମ୍ନରେ ଉଲ୍ଲେଖ କରାଗଲା ।

''ଶ୍ରୀ ପୁରୁଷୋତ୍ତମ ଦେଉଳ ପରିଛାଙ୍କୁ ସମସ୍ତ କାର୍ଯୀମାନଙ୍କୁ ଚଉତରା କୋରକଦାର ସିରିକରଣକୁ ସଦର ସରଦାର ଗୁମାସ୍ତାକୁ ଛ ଭୋଗ ଓଗେର ମାହାସୁଆରଙ୍କୁ

Digitized by srujanika@gmail.com

ଚାରିବାଟକରଣଙ୍କୁ ମାଝି ମିରିଧାକୁ ସର୍ବ ମଙ୍ଗଳାଇଠାରୁ ବାଣପୁର ସରିକି ଘାଟବାଲେ ଦଣ୍ଡଆକୁ ମଧ ଚିଟାଉ । ଅଧିକାରୀ ମାଧବ ଦାସଙ୍କୁ ଯେ ଚିକିଟୀ ମଠ ଅଧିକାରୀ ଆଂଗ୍ୟାଂ ଦେଲୁଂ । ଏହାଙ୍କୁ ଦେଉଳୁ ସାଢ଼ୀ ଚନ୍ଦନ ଦେଇ ଏ ମଠ ଅଧିକାରୀ କରିବ । ଭଣ୍ଡାର ଦ୍ୱାର ଠାରେ ରଥ ଉପରେ ଚାପ ଉପରେ ମଧ ଉପଚାର ଚାମର ଦେଇ ସେବା ଖଟାଇବ । ଏ ମଠ ଠାକୁରଙ୍କ ନିମନ୍ତେ ବହୀ ଚନ୍ଦନ ଦେଉଥିବ । ଏ ମଠ ଆଧି ଉପାଧି ହୋଉଥିବ । ଏଥି ହାଯର ତେରକଡ଼ୀ ମଧ ତଲବ ନ କରିବ । ହାଣ୍ଡୀକରଣ ନ ଲେଖିବ । ଏ ମଠକୁ ଯିନିସ କାଠ ପଥର ବାଂସ ଓଗେର ଆସିବ ।

ଏ ଗଡ଼କୁ ମାହାପ୍ରସାଦ କୋତ ତରାୟୁ ନିରିମାଇଲ ଓଗେର ଚଳିବ । ଏମାନଙ୍କରେ ହାସିଲ ନାଆ ମଗ ମଧ କରିବ । ଏ ଅଧିକାରୀ ପାଲଙ୍କୀ ଚଢ଼ୀ ମସାଲ ଧରାଇ ଦରସନକୁ ଯିବେ । ଏଥି ଅଟକ ନ କରିବ । ଅ୫ଶଙ୍କ ବିଚ୍ଛା ଦି୧୫ନ ଏଥି ହସ୍ତାଅକ୍ଷର ଅଛନ୍ତି ।''

ଉପରୋକ୍ତ ଛାମୁ ଚିଟାଉକୁ ଅନୁଧାନ କଲେ ଜଣାଯାଏ ଯେ, ସେହି ସମୟରେ ପୁରୀ ଟାଉନ୍‌ରେ ସ୍ଥାପିତ ମଠ ମାନଙ୍କ ମଧ୍ୟରେ ଚିକିଟୀ ମଠ ଅଧିକାରୀଙ୍କ ସମ୍ମାନ ଓ ପ୍ରତିପତି ଖୁବ୍ ଉଚ୍ଚରେ ଥିଲା । ପ୍ରଦତ୍ତ ଛାମୁ ଚିଟାଉରେ ତାଙ୍କୁ ଶ୍ରୀମନ୍ଦିରର ଭିତରକାଠ, ରଥ ଉପରେ, ଚାପ ଉପରେ ଚାମର ସେବା ପ୍ରଦାନ କରାଯାଇଥିଲା । ଏପରିକି ଶ୍ରୀମନ୍ଦିରକୁ ଦର୍ଶନ ଉଦ୍ଦେଶ୍ୟରେ ଯିବାବେଳେ ସଂପୃକ୍ତ ମଠର ମହନ୍ତ ପାଲିଙ୍କିରେ ତଥା ମସାଲ ସହ ଶ୍ରୀମନ୍ଦିରକୁ ଯାଇ ପାରିବେ ବୋଲି ଅଧିକାର ଦିଆଯାଇଥିଲା । ୧୭୭୮ ଖ୍ରୀଷ୍ଟାବ୍ଦରେ ଅଧିକାରୀ ମାଧବ ଦାସଙ୍କୁ ଗଜପତି ମହାରାଜା ବୀର କିଶୋର ଦେବ (୧ମ)ଙ୍କ ୫ଶ ଅଙ୍କରେ ଛାମୁ ଚିଟାଉ ଦ୍ୱାରା ଚିକିଟୀ ମଠର ମହନ୍ତ ରୂପେ ସ୍ୱୀକୃତି ଦିଆଯାଇଥିଲା । ଏଭଳି ସମ୍ମାନ ପୁରୀର କ୍ୱଚିତ ମଠାଧୀଶଙ୍କୁ ତତ୍‌କାଳୀନ ସମୟରେ ପ୍ରଦାନ କରାଯାଇଥିଲା ।

ମଠର ବର୍ତ୍ତମାନର ମହନ୍ତଙ୍କ ନିକଟରେ ଉପଲବ୍ଧ ହେଉଥିବା ତଥ୍ୟ ଅନୁଯାୟୀ ମାତ୍ର ୪ଜଣ ମଠାଧୀଶ ମାନଙ୍କ ନାମ ମିଳୁଅଛି । ତନ୍ମଧ୍ୟରେ ମହନ୍ତ ରକ୍ମିଣୀ ଦାସ, ହରେକୃଷ୍ଣ ଦାସ, ରଘୁନାଥ ଦାସ (ଯେ କି ୧୧-୧୧-୧୯୬୧ ମସିହା ପର୍ଯ୍ୟନ୍ତ ମଠାଧୀଶ ରୂପେ କାର୍ଯ୍ୟ ତୁଲାଇଥିଲେ ।) ଏବଂ ବର୍ତ୍ତମାନର ମଠାଧୀଶ ୫୬ ବର୍ଷ ବୟସ୍କ ଶ୍ରୀ ବ୍ରଜେନ୍ଦ୍ର ମୋହନ ଦାସ ୨୩-୧୧-୧୯୬୧ରେ ମହନ୍ତାଇ ଶାଢ଼ୀ ବନ୍ଧାଇ ଅଦ୍ୟାବଧି ମଠାଧୀଶ ରୂପେ କାର୍ଯ୍ୟ ନିର୍ବାହ କରିଆସୁଅଛନ୍ତି । ପୁରାତନ ସମ୍ପତ୍ତି ତାଲିକାର ଉଲ୍ଲେଖ ପ୍ରକାରେ ଏହି ମଠାଧୀଶ ମାନଙ୍କ ମାରଫତ୍‌ରେ ରହିଥିବା ଅମୃତ ମଣୋହି ସମ୍ପତ୍ତି ଏବଂ ଛାମୁଚିଟାଉରୁ ଜଣାଯାଏ ଯେ, ଏହି ମଠର ତତ୍କାଳୀନ ମହନ୍ତ ଅଧିକାରୀ ଗୋଲାବ ଦାସ ଏବଂ ୧୭୭୮ ମସିହାରେ ଅଧିକାରୀ ମାଧବ ଦାସ ଚିକିଟୀ ମଠରେ ମହନ୍ତ ରୂପେ ଗାଦିନାସୀନ ହୋଇଥିଲେ ।

Digitized by srujanika@gmail.com

ଉପରୋକ୍ତ ୬ଜଣ ମଠାଧୀଶଙ୍କ ନାମ ବ୍ୟତୀତ ଏହି ମଠରେ ଅନ୍ୟ କୌଣସି ମହନ୍ତ ବା ଅଧିକାରୀ ମାନଙ୍କ ନାମ ଉପଲବ୍ଧ ହେଉନାହିଁ । ଏ ବିଷୟରେ ଅଧିକ ଗବେଷଣାର ଆବଶ୍ୟକତା ରହିଅଛି ।

ମଠର ବିଜେସ୍ଥଳୀ :- ଚିକିଟୀ ମଠର ବିଜେସ୍ଥଳୀଟି ବର୍ତ୍ତମାନର ବନ୍ଦୋବସ୍ତ ରେକର୍ଡ଼ ଅନୁଯାୟୀ ୨୮୦ ଡ଼ିସିମିଲି ଜମି ଉପରେ ପ୍ରତିଷ୍ଠିତ । ପୂର୍ବରୁ ୫୨୦ ଡ଼ିସିମିଲି ପରିମିତ ଜମିରେ ଏହି ମଠଟି ରହିଥିଲେ ହେଁ ବିଭିନ୍ନ ସମୟରେ ଏଥିରୁ କିଛି ଅଂଶ ହସ୍ତାନ୍ତର, ବିକ୍ରୟ, ଜବରଦଖଲ ଏବଂ ବାଲିସାହି ଆଖେଡ଼ା ଘର ନିର୍ମାଣ ଉଦ୍ଦେଶ୍ୟରେ ଚାଲିଯାଇଛି । ମଠର ମୁଖ୍ୟ ପ୍ରବେଶ ଦ୍ୱାର ଦକ୍ଷିଣାଭିମୁଖୀ । ପ୍ରବେଶ ମାର୍ଗରେ ମନ୍ଦିର, ଜଗମୋହନ, ପାର୍ଶ୍ୱରେ ମହନ୍ତଙ୍କ ନିବାସ ଏବଂ ତତ୍ପାର୍ଶ୍ୱରେ ଅର୍ଦ୍ଧ ଭଗ୍ନ ଅବସ୍ଥାରେ ରହିଥିବା ରୋଷ ଘର ଓ ଅନ୍ୟାନ୍ୟ କୋଠରୀ ରହିଅଛି । ଦୀର୍ଘ ୫୦ ବର୍ଷରୁ ଉର୍ଦ୍ଧ୍ୱ ହେବ ମଠ ବିଜେସ୍ଥଳୀରେ ଥିବା ପୁରାତନ କୋଠରୀ ଗୁଡ଼ିକର ଛାତ ଓ ପଥର କାନ୍ଥ ଭାଙ୍ଗି ଯାଇଥିଲା । ବର୍ତ୍ତମାନର ମଠାଧୀଶଙ୍କ ବ୍ୟକ୍ତିଗତ ଉଦ୍ୟମରେ ୪ ବଖରା ଗୃହ ନିର୍ମାଣ କରାଯାଇଅଛି । ମନ୍ଦିର ପାର୍ଶ୍ୱରେ ଥିବା ଦୁଇଟି ଘର ବର୍ତ୍ତମାନ ମଧ ସଂପୂର୍ଣ୍ଣ ଭାବେ ଚିକିଟୀ ରାଜାଙ୍କ ପ୍ରଦତ୍ତ ଅର୍ଥରେ ମଠର ବିଜେସ୍ଥଳୀଟି ନିର୍ମିତ ହୋଇଥିଲା । ପରବର୍ତ୍ତୀ ସମୟରେ ଉକ୍ତ ମଠର ମହନ୍ତଙ୍କ ଉଦ୍ୟମ ଅଭାବରୁ ହେଉ କିମ୍ବା ଚିକିଟୀ ରାଜବଂଶର ଆର୍ଥିକ ପ୍ରୋତ୍ସାହନ ବନ୍ଦ ହୋଇଯିବା କାରଣରୁ ହେଉ, ମଠଟିର ବିଜେସ୍ଥଳୀରେ ଥିବା ଗୃହ ଗୁଡ଼ିକରେ ଛାତ ଓ କାନ୍ଥ ଭାଙ୍ଗି ଯାଇଥିଲା । ଏପରିକି ମନ୍ଦିରଟି ମଧ ରକ୍ଷଣାବେକ୍ଷଣ ଅଭାବରୁ ଫାଟ ସୃଷ୍ଟି ହୋଇ ବର୍ଷା ଦିନେ ପାଣି ଗଳି ଜଗମୋହନ ଓ ଗମ୍ଭୀରାରେ ପ୍ରବେଶ କରୁଥିଲା । ୧୯୭୪ ମସିହା ପରେ ମଠର ମହନ୍ତ ଶ୍ରୀ ବ୍ରଜେନ୍ଦ୍ର ମୋହନ ଦାସ ବହୁ କଷ୍ଟ ସ୍ୱୀକାର ପୂର୍ବକ କିଛି ଅର୍ଥ ଯୋଗାଡ଼ କରି ୪ ବଖରା ଘର ଓ ମନ୍ଦିରର ମରାମତି କରି ଜୀର୍ଣ୍ଣୋଦ୍ଧାର କାର୍ଯ୍ୟରେ ସାମାନ୍ୟ ସଫଳ ହୋଇଛନ୍ତି । ଏବେ ମଧ ମଠର କେତେକ ଗୃହ ଭଗ୍ନ ଅବସ୍ଥାରେ ରହିଅଛି । ଆର୍ଥିକ ଅଭାବରୁ ଏହାର ମରାମତି ତଥା ସଂରକ୍ଷଣ କାର୍ଯ୍ୟ ହୋଇପାରୁନାହିଁ । ବିଜେସ୍ଥଳୀରେ ଦୁଇଟି ଅଗଣା, ଗୋଟିଏ କୂପ ସମେତ ସ୍ୱଚ୍ଛ ଆୟତନ ବିଶିଷ୍ଟ ବୟାଗତ (ବାଡ଼ି)ରହିଅଛି ।

ମଠର ଦେବଦେବୀ :- ଚିକିଟୀ ମଠର ଇଷ୍ଟ ବିଗ୍ରହ ହେଲେ ଶ୍ରୀଗୋପାଳ ଜୀଉ, ରାଧା, ଲଳିତା (ଉଭୟ ଧାତୁ ମୂର୍ତ୍ତି) । ମୁଖ୍ୟ ବିଗ୍ରହ ଶ୍ରୀଗୋପାଳ ଜୀଉ (କଳାମୁଗୁନି ପ୍ରସ୍ତରରେ ନିର୍ମିତ ଅତ୍ୟନ୍ତ କମନୀୟ ମୂର୍ତ୍ତି) ମଠ ପ୍ରତିଷ୍ଠା ସମୟରେ ପ୍ରତିଷ୍ଠିତ ହୋଇଥିଲେ । କୌଣସି କାରଣ ବଶତଃ ଉକ୍ତ ମୂର୍ତ୍ତି ବିଘ୍ନ ହୋଇଯିବାରୁ ସମୁଦ୍ରରେ ବିସର୍ଜନ କରାଯାଇ ଧଳା ମାର୍ବଲ ପ୍ରସ୍ତରର ଏକ ନୂତନ ଗୋପାଳ ଜୀଉ ବିଗ୍ରହ (ଦେଢ଼ଫୁଟ୍ ଉଚ୍ଚ)ଙ୍କୁ ଅଧିଷ୍ଠିତ

Digitized by srujanika@gmail.com

କରାଯାଇଅଛି । ମଠ ବିଜେସ୍ଥଳୀରେ ଅବସ୍ଥିତ ମୁଖ୍ୟ ମନ୍ଦିରଟି ଲହଡ଼ି ମୁଦା ଶୈଳୀରେ ନିର୍ମିତ । ମନ୍ଦିରଟି ଗର୍ଭଗୃହ ଓ ଜଗମୋହନ ଏହିପରି ଦୁଇ ଭାଗରେ ବିଭକ୍ତ ଅଟେ । ଗର୍ଭଗୃହ ମଧ୍ୟରେ ଥିବା ପ୍ରସ୍ତର ସିଂହାସନରେ ବିରାଜିତ ତଥା ପୂଜିତ ଅନ୍ୟାନ୍ୟ ପାର୍ଶ୍ୱ ଦେବ ଦେବୀ ମଧ୍ୟରେ ମୁଖ୍ୟ ଅଧିଷ୍ଠାତ୍ରୀ ଦେବ ବିଗ୍ରହଙ୍କର ତିନୋଟି ଚଳନ୍ତି ପ୍ରତିମା (କ୍ଷୁଦ୍ର ଧାତୁ ମୂର୍ତ୍ତି), ରାଧାକୃଷ୍ଣ ଯୁଗଳ ମୂର୍ତ୍ତି (୩ଟି ସେଟ୍), ସୀତା, ରାମ, ଲକ୍ଷ୍ମୀ ନାରାୟଣ, ଲଡୁ ଗୋପାଳ ୨ ମୂର୍ତ୍ତି, ଶ୍ରୀଜଗନ୍ନାଥ, ଶ୍ରୀବଳଭଦ୍ର, ଶ୍ରୀସୁଭଦ୍ରା ଓ ଶ୍ରୀସୁଦର୍ଶନ (ଚତୁର୍ଦ୍ଧା ଦାରୁ ବିଗ୍ରହ) । ଏହି ବିଗ୍ରହ ମାନଙ୍କର ଉଚ୍ଚତା ଚକା ସହ ପ୍ରାୟ ଏକ ଫୁଟ୍ । ଏତଦ୍‌ବ୍ୟତୀତ ଗଣେଶ, ହନୁମାନ ଓ ୧୧ ମୂର୍ତ୍ତି ଶାଳଗ୍ରାମ ମଧ୍ୟ ସିଂହାସନରେ ପ୍ରତିଷ୍ଠିତ ହୋଇଛନ୍ତି ।

ଦୈନନ୍ଦିନ ଠାକୁର ମାନଙ୍କର ପାଳିତ ହେଉଥିବା ସେବାପୂଜା ମଧ୍ୟରେ ଅବକାଶ, ବାଲଭୋଗ, ସଖୁଡ଼ି ଭୋଗ, ଦ୍ୱିବା ପହୁଡ଼, ସନ୍ଧ୍ୟା ଆରତୀ, ବାଲ୍ୟ ଭୋଗ ଓ ରାତ୍ର ପହୁଡ଼ ଇତ୍ୟାଦି ପ୍ରଧାନ । ଚିକିଟୀ ମଠରେ ବର୍ଷ ମଧ୍ୟରେ କେତେକ ଉତ୍ସବ, ପର୍ବପର୍ବାଣୀ ମଧ୍ୟ ଅନୁଷ୍ଠିତ ହୋଇଥାଏ । ତନ୍ମଧ୍ୟରେ ୭ ଦିନ ବ୍ୟାପୀ ଝୁଲଣ ଯାତ୍ରା, ଜନ୍ମାଷ୍ଟମୀ, ରାଧାଷ୍ଟମୀ, ଚମ୍ପକ ଦ୍ୱାଦଶୀ, ଦୋଳ ପୂର୍ଣ୍ଣମୀ, ଓଢ଼ଣ ଷଷ୍ଠୀ, ପହିଲି ଭୋଗ, ଧନୁ ସଂକ୍ରାନ୍ତି, ମକର ସଂକ୍ରାନ୍ତି, ଦୀପାବଳୀ, ଗୋବର୍ଦ୍ଧନ ଉତ୍ସବ, ଗହ୍ମା ପର୍ବ, ଚନ୍ଦନ ଭୋଗ ଇତ୍ୟାଦି ଅନ୍ୟତମ ।

ଶ୍ରୀମନ୍ଦିର ସହ ଏହି ମଠର ସଂପର୍କ ରହିଥିବାର ଯଥେଷ୍ଟ ପ୍ରମାଣ ରହିଅଛି । ପୂର୍ବରୁ ଯଦିଓ ମଠାଧୀଶ ମାନଙ୍କର ଉପଚାର ଚାମର ସେବା, ମଶାଲ ନେବା ଇତ୍ୟାଦି ଅଧିକାର ଥିଲା । କିନ୍ତୁ ସ୍ୱତ୍ତ୍ୱଲିପି ପ୍ରସ୍ତୁତ ସମୟରେ ମଠଟି ଅତ୍ୟନ୍ତ ଅବହେଳିତ ଅବସ୍ଥାରେ ରହିଥିବାରୁ ଏହି ମଠର ଶ୍ରୀମନ୍ଦିରରେ ସେବା ସଂପର୍କୀୟ ବିବରଣୀ ଲିପିବଦ୍ଧ ହୋଇପାରିନାହିଁ । ଏପରିକି ତତ୍‌କାଳୀନ ମଠାଧୀଶ ମଧ୍ୟ ସେବା ବିବରଣୀ ପ୍ରସ୍ତୁତ ସମୟରେ ଉପଯୁକ୍ତ ପ୍ରମାଣ ପତ୍ର, ଚିଟାଉ ଇତ୍ୟାଦି ଯୋଗାଇ ପାରିନଥିଲେ । କିନ୍ତୁ ସ୍ୱତ୍ତ୍ୱଲିପିରେ ଉଲ୍ଲେଖ ହୋଇଥିବା ବାହାର ବିଜେ ପନ୍ତି ତାଲିକାରେ ଚିକିଟୀ ମଠ ନାମ ରହିଅଛି । ଏଥି ମଧ୍ୟରେ ରାଧାଷ୍ଟମୀ ଦିନ ଶ୍ରୀ ସୁଦର୍ଶନଙ୍କ ଆଶ୍ରମ ବିଜେ ସମୟରେ ଏହି ମଠର ବିଜେସ୍ଥଳୀଠାରେ ପନ୍ତି ଭୋଗ ହୋଇଥାଏ । ମଠାଧୀଶଙ୍କ ବକ୍ତବ୍ୟ ଅନୁଯାୟୀ ଆଜକୁ ୧୦୦ ବର୍ଷ ପୂର୍ବେ ମଠର ଶ୍ରୀମନ୍ଦିର ରୋଷରେ ଚୁଲି ଓ ସରଘର ରହିଥିବା ତାଙ୍କର ଗୁରୁ ମହାରାଜା ପ୍ରକାଶ କରୁଥିଲେ । ତେବେ ୧୯୫୪ ମସିହାରେ ପ୍ରସ୍ତୁତ ସ୍ୱତ୍ତ୍ୱଲିପିରେ ଏହି ମଠ ନାମରେ କୌଣସି ସରଘର କିମ୍ବା ଚୁଲି ରେକର୍ଡ଼ ହୋଇନଥିବା ଜଣାଯାଏ ।

ମଠ ପରିଚାଳନା :- ଚିକିଟୀ ରାଜାଙ୍କ ଦ୍ୱାରା ପ୍ରତିଷ୍ଠିତ ଏହି ମଠର ପରିଚାଳନା ଦୀର୍ଘ ୨୦୦ ବର୍ଷ ଧରି ନିର୍ବିଘ୍ନରେ ଚାଲିଥିବା ମଠ ସୂତ୍ରରୁ ପ୍ରକାଶ । ବିଶେଷ କରି ୧୯୫୦

Digitized by srujanika@gmail.com

ମସିହା ବେଳକୁ ଏହାର ପରିଚାଳନାରେ ଘୋର ବିଭ୍ରାଟ ପରିଲକ୍ଷିତ ହୋଇଥିଲା । ଚିକିଟୀ ରାଜା ମଧ୍ୟ ଉକ୍ତ ମଠ ସହ କୌଣସି ସଂପର୍କ ରଖୁଲେ ନାହିଁ । ଫଳରେ ମଠଟି ଅତ୍ୟନ୍ତ ଅବହେଳିତ ହୋଇ ପୂର୍ବ ପ୍ରତିପତି, ସମ୍ମାନ ଲୋପ ପାଇ ଯାଇଛି । ଚିକିଟୀ ମଠଟି ଦେବୋତ୍ତର କମିଶନରଙ୍କ ନିୟନ୍ତ୍ରଣାଧୀନା ହେବା ପରେ ୧୯୬୧ ମସିହାଠାରୁ ୧୯୬୪ ପର୍ଯ୍ୟନ୍ତ ଉକ୍ତ ମଠ ପରିଚଳନା ଦାୟିତ୍ୱରେ ପୁରୀର ସ୍ଥାନୀୟ ବ୍ୟକ୍ତି ଶ୍ରୀ ହାଡ଼ିବଂଧୁ ପଣ୍ଡା ରହିଥିଲେ । ତପ୍ରରେ ତା ୨୭.୭.୧୯୬୪ ଠାରୁ ତା ୫.୭.୧୯୬୬ ମସିହା ପର୍ଯ୍ୟନ୍ତ ରାମଜୀ ମଠର ତହାଳୀନ ମହନ୍ତ ବଳରାମ ଦାସ ରହିଥିଲେ । ଏହାପରେ କିଛି ବର୍ଷ ପାଇଁ ବଳରାମ କୋଟ ମଠର ମହନ୍ତ ରାମଚନ୍ଦ୍ର ଦାସ ଏହି ମଠର ପରିଚାଳନା ଦାୟିତ୍ୱରେ ରହିଥିଲେ । ଏଣ୍ଡାମେଣ୍ଟ କମିଶନରଙ୍କ ଆଦେଶ ନଂ ୧୧୮୬ ତା ୧୧.୧୧.୧୯୭୨ ଅନୁଯାୟୀ ଚିକିଟୀ ମଠର ବର୍ତ୍ତମାନର ମହନ୍ତ ଶ୍ରୀ ବ୍ରଜେନ୍ଦ୍ର ମୋହନ ଦାସ କ୍ଷମତା ପ୍ରାପ୍ତ ହୋଇ ପରିଚାଳନା ଦାୟିତ୍ୱରେ ରହି ଅଦ୍ୟାବଧି ମଠ କାର୍ଯ୍ୟ ସୁଚାରୁରୂପେ ତୁଲାଇ ଜୀର୍ଣ୍ଣୋସଂସ୍କାର କାର୍ଯ୍ୟ ସମେତ ବିଦ୍ୟୁତ ସଂଯୋଗ ଓ ପାଣିକଳ ଇତ୍ୟାଦି ମଠକୁ ଆଣିପାରିଛନ୍ତି ।

ମଠର ଭୂସମ୍ପତ୍ତି :- ଚିକିଟୀ ରାଜା ଓ ବଦାନ୍ୟ ବ୍ୟକ୍ତି ମାନଙ୍କ ଦ୍ୱାରା ଏହି ମଠକୁ ଅତୀତରେ ବହୁ ପରିମାଣର ଭୂସମ୍ପତ୍ତି ଦାନ ସୂତ୍ରରେ ମିଳିପାରିଥିଲା । ମଠର ସମ୍ପତ୍ତି ରେଜିଷ୍ଟର (Property Register) ରୁ ଜଣାଯାଏଯେ ପୁରୀ ସଦର, ଗୋପ, ଗଞ୍ଜାମର ଚିକିଟୀ ଇତ୍ୟାଦି ଅଞ୍ଚଳରେ ପ୍ରାୟ ୧୪/୧୫ଟି ମୌଜାରେ ମଠ ନାମରେ ୩୦୧ ଏକର ଭୂସମ୍ପତ୍ତି ରହିଅଛି । ୧୯୭୪ ମସିହା ଭେଷ୍ଟିଂ ପରେ ଏଥି ମଧ୍ୟରୁ ଅନେକ ସମ୍ପତ୍ତି ପ୍ରଜା ଦଖଲକୁ ଚାଲିଯାଇଛି । ମହନ୍ତଙ୍କ ବ୍ୟକ୍ତିଗତ ଉଦ୍ୟମ ଯୋଗୁଁ ଏହି ସମ୍ପତ୍ତିରୁ ସ୍ୱଳ୍ପ ପରିମାଣର ଧାନ ଏବଂ ବିଜେସ୍ଥଳୀରୁ ମିଳୁଥିବା ଘରଭଡ଼ା ଆଦାୟ ଅର୍ଥରେ ମଠର ଯାବତୀୟ ପରିଚାଳନା, ଠାକୁରଙ୍କ ନୀତି, ଉତ୍ସବ ଇତ୍ୟାଦି ସଂପାଦିତ ହେଉଅଛି । ଶ୍ରୀମନ୍ଦିର ରେକର୍ଡ଼ରୁମ୍‌ରେ ମଠ ମାନଙ୍କ ମାରଫତ୍‌ରେ ଥିବା ସମ୍ପତ୍ତି ବିବରଣୀ ତାଲିକାରେ ଚିକିଟୀ ମଠର ତତ୍‌କାଳୀନ ଅଧିକାରୀ ଗୋଲାବ ଦାସଙ୍କୁ ମୌଜା କଣ୍ଟି ଓ ଦୋରଖଣ୍ଡରେ ଅମୃତ ମଣୋହି ଖର୍ଚ୍ଚ ସକାସେ ୨୪୪ ମାଣ ୪ ଗୁଣ୍ଠ ପରିମାଣର ଜମି ଦାନ ସୂତ୍ରରେ ମିଳିଥିଲା ।

ପୁରୀ ସହରରେ ଯେଉଁ ଅଳ୍ପ କେତେକ ନିମ୍ବାର୍କ ପନ୍ଥୀ ମଠ ରହିଅଛି ତନ୍ମଧ୍ୟରେ ଚିକିଟୀ ମଠ ଅନ୍ୟତମ ଓ ଏହାର ପ୍ରସିଦ୍ଧି ରହିଥିଲେ ହେଁ ଆର୍ଥିକ ଅନାଟନ ଯୋଗୁଁ ମଠର ଉନ୍ନତି ତଥା ଆଡ଼ମ୍ବରପୂର୍ଣ୍ଣ ଭାବେ ପର୍ବ, ପର୍ବାଣୀ, ନୀତି ଇତ୍ୟାଦି ପାଳନ କରାଯାଇପାରୁନାହିଁ । ବର୍ତ୍ତମାନର ମହନ୍ତଙ୍କ ଉଦ୍ୟମ ଏବଂ ନିଷ୍ଠା ଯୋଗୁଁ ମଠର ବିଜେସ୍ଥଳୀର ସାମାନ୍ୟ ଜୀର୍ଣ୍ଣୋଦ୍ଧାର ଓ ଦୈନନ୍ଦିନ ସେବା ପୂଜା ଯଥାରୀତି ପାଳନ ହୋଇପାରୁଛି ।

✤ ✤ ✤

Digitized by srujanika@gmail.com

ସାନଝାଡୁ ମଠ

ଦୀର୍ଘ ୫୦୦ ବର୍ଷର ପୁରାତନ ଶ୍ରୀ ସମ୍ପ୍ରଦାୟର (ରାମାନୁଜ ସମ୍ପ୍ରଦାୟ) ସାନ ଝାଡୁ ମଠଟି ରାଜ ପ୍ରତିଷ୍ଠିତ ଅଟେ । ବଡ଼ ଝାଡୁ ମଠ ସଂଲଗ୍ନ ଏହି ମଠଟି ସହ ଶ୍ରୀମନ୍ଦିରର ସଂପର୍କ ରହିଥିବାର ପ୍ରମାଣ ମିଳୁଅଛି । ବଡ଼ ଝାଡୁ ମଠ ପ୍ରତିଷ୍ଠାର ବହୁ ବର୍ଷ ପରେ ଅର୍ଥାତ୍ ଗଜପତି ମହାରାଜା ପ୍ରତାପରୁଦ୍ର ଦେବ କିମ୍ବା ତାଙ୍କ ପରବର୍ତ୍ତୀ ଉତ୍ତରାଧିକାରୀଙ୍କ ସମୟରେ ଏହି ମଠଟି ପ୍ରତିଷ୍ଠା ଲାଭ କରିଥିବା ଜଣାଯାଏ । ସମ୍ପ୍ରତି ମାତ୍ର ସାଢ଼େ ଚାରି ଡ଼ିସିମିଲି ପରିମିତ ଜମି ଉପରେ ସାନ ଝାଡୁ ମଠ ବିଜେସ୍ଥଳୀଟି ଅବସ୍ଥିତ । ଅନୁମାନ କରାଯାଏ ତତ୍କାଳୀନ ଗଜପତିଙ୍କ ଉଦ୍ୟମରେ ଅତୀତରେ କୌଣସି ଏକ ପ୍ରଭାବଶାଳୀ ମହନ୍ତଙ୍କୁ ବଡ଼ଝାଡୁ ମଠ ବିଜେସ୍ଥଳୀର କିଛି ଅଂଶରେ ସାନଝାଡୁ ମଠ ପ୍ରତିଷ୍ଠା ପୂର୍ବକ ଗାଦିନାସୀନ କରାଯାଇଥିଲା ।

ସାନ ଝାଡୁ ମଠଟି ବାଲି ସାହି ମୁଖ୍ୟ ରାସ୍ତାର ଖଜାପଟି ଅଞ୍ଚଳରେ ରହିଅଛି । କିନ୍ତୁ ବନ୍ଦୋବସ୍ତ ରେକର୍ଡ଼ ଅନୁଯାୟୀ ମଠଟି ହାଲ ମୌଜା ମଣିକର୍ଣ୍ଣିକା ସାହି ବୋଲି ପଟ୍ଟାରେ ଉଲ୍ଲେଖ ରହିଛି । ମଠ ସୂତ୍ରରୁ ସଂଗ୍ରହ ହୋଇଥିବା ତଥ୍ୟ ଅନୁଯାୟୀ ବର୍ତ୍ତମାନର ମଠ ମହନ୍ତଙ୍କୁ ମିଶାଇ ମୋଟ୍ ୮ ଜଣ ମଠାଧୀଶ ମାନଙ୍କ ନାମ ମିଳୁଅଛି । ସାନଝାଡୁ ମଠର ପୂର୍ବତନ ମଠାଧୀଶ ମାନେ ତତ୍କାଳୀନ ଗଜପତି ମହାରାଜା ମାନଙ୍କ ଠାରୁ ପ୍ରାପ୍ତ ହୋଇଥିବା ସନନ୍ଦ, ଛାମୁ, ଚିଟାଉ, ତାମ୍ରପଟା ଇତ୍ୟାଦି ସଂରକ୍ଷଣ ଅଭାବରୁ ସମସ୍ତ ମୂଲ୍ୟବାନ ଦଲିଲ, କାଗଜାତ୍ ଆଦି ଉପଲବ୍ଧ ହେଉନାହିଁ । ମଠର ବର୍ତ୍ତମାନ ମଠାଧୀଶଙ୍କ ବକ୍ତବ୍ୟ ଅନୁଯାୟୀ ସମସ୍ତ ସନନ୍ଦ ଓ ଅନ୍ୟାନ୍ୟ ସେବା ସଂପର୍କୀୟ କାଗଜାତ୍ ବହୁ ପୂର୍ବରୁ ନଷ୍ଟ ହୋଇଯାଇଛି ।

ମଠରୁ ସଂଗୃହୀତ ହୋଇଥିବା ପୂର୍ବତନ ମଠାଧୀଶ ମାନଙ୍କ ନାମ ମଧ୍ୟରେ :-

(୧) ଭାଗବତ ରାମାନୁଜ ଦାସ

(୨) ପରଶୁରାମ ରମାନୁଜ ଦାସ

(୩) ଲକ୍ଷ୍ମଣ ରାମାନୁଜ ଦାସ

(୪) କମଳ ନୟନ ରମାନୁଜ ଦାସ

(୫) ରାମାନୁଜ ଦାସ

Digitized by srujanika@gmail.com

(୬) ଦୁର୍ଲଭ ରାମାନୁଜ ଦାସ

(୭) ଉଦୟ ନାରାୟଣ ରାମାନୁଜ ଦାସ (୧୯୭୭ ମସିହା ପର୍ଯ୍ୟନ୍ତ ମଠାଧୀଶ ଥିଲେ)

(୮) ଶ୍ରୀ ସୟମନ୍ତକମଣି ରାମାନୁଜ ଦାସ (ବର୍ତ୍ତମାନର ମଠାଧୀଶ ୧୯୭୭ରୁ ଅଦ୍ୟାବଧି ମହନ୍ତ ରୂପେ କାର୍ଯ୍ୟ ତୁଲାଇ ଆସୁଅଛନ୍ତି)

ମଠ ଠାକୁରଙ୍କ ନୀତି, ଉତ୍ସବ :- ସାନ ଝାଡୁ ମଠର୍ ମୁଖ୍ୟ ଉପାସ୍ୟ ବିଗ୍ରହ ହେଲେ ବିଶମ୍ଭର ରଘୁନାଥ ଜୀଉ । (ଶାଳଗ୍ରାମ ରୂପରେ ପୂଜା ପାଉଛନ୍ତି) । ଏହା ବ୍ୟତୀତ ହନୁମାନ ଜୀଉଙ୍କ ମୂର୍ତ୍ତି ମଧ୍ୟ ଅଧିଷ୍ଠିତ ହୋଇ ପୂଜା ପାଉଛନ୍ତି । ମଠ ଠାକୁର ମାନଙ୍କ ଦୈନନ୍ଦିନ ନୀତି ମଧ୍ୟରେ ସକାଳ ସମୟରେ ବାଲଭୋଗ, ଆରତୀ, ଅନ୍ନଭୋଗ, ସନ୍ଧ୍ୟା ସମୟରେ ବାଲଭୋଗ, ତତ୍ପରେ କ୍ଷୀର ଭୋଗ ହୋଇଥାଏ । ଉଲ୍ଲେଖଯୋଗ୍ୟଯେ ପ୍ରତ୍ୟହ ସନ୍ଧ୍ୟା ୬ଟା ୩୦ ମିନିଟ୍ ଏବଂ ରାତ୍ର ୮ ଘଟିକାରେ ଠାକୁରଙ୍କ ଉଦ୍ଦେଶ୍ୟରେ ଦୁଇ ଥର ଆରତୀ ମଧ୍ୟ ହୋଇଥାଏ ।

ସାନ ଝାଡୁ ମଠରେ ପାଳିତ ବିଶେଷ ପର୍ବ ଉତ୍ସବ ମଧ୍ୟରେ ଶ୍ରୀରାମ ଜନ୍ମ, ନୃସିଂହ ଜନ୍ମ, କୃଷ୍ଣ ଜନ୍ମ, ବାମନ ଜନ୍ମ, ରାମାନୁଜ ଜୟନ୍ତୀ ଇତ୍ୟାଦି ପ୍ରଧାନ ।

ଶ୍ରୀମନ୍ଦିର ସହ ମଠର ସମ୍ପର୍କ :- ସାନ ଝାଡୁ ମଠର ମଠାଧୀଶମାନେ ପ୍ରତ୍ୟହ ଶ୍ରୀମନ୍ଦିରର ଜଗମୋହନରେ ଝାଡୁ ସେବା କରୁଥିଲେ । ସକାଳ ସମୟରେ ଏହି ଝାଡୁ ସେବା କରାଯାଉଥିଲା । ଏତଦ୍‌ବ୍ୟତୀତ ପରମ୍ପରା ଅନୁଯାୟୀ ଶ୍ରୀମନ୍ଦିର ବେଢ଼ା ପରିଷ୍କାର ନିମିତ୍ତ ମଠ ତରଫରୁ ପ୍ରତ୍ୟେକ ମାସରେ କେତେକ ଝାଡୁ (ଖଡ଼ିକା ମୁଠା) ଶ୍ରୀମନ୍ଦିରକୁ ପ୍ରଦାନ କରାଯାଉଥିଲା । ସଂଗୃହୀତ ତଥ୍ୟ ଅନୁସାରେ ବଡ଼ ଝାଡୁ ମଠ ଶ୍ରୀମନ୍ଦିରର ଗମ୍ଭୀରା, ଅଣସର ପିଣ୍ଡି, ଭିତର କାଠ ଇତ୍ୟାଦି ଅଞ୍ଚଳରେ ପ୍ରତ୍ୟହ ଝାଡୁ ଦେବା ସେବା ପାଇଥିବା ବେଳେ ପରବର୍ତ୍ତୀ ସମୟରେ ଗଜପତି ମହାରାଜାମାନେ ଶ୍ରୀ ସମ୍ପ୍ରଦାୟର ସାନ ଝାଡୁ ମଠକୁ ମନ୍ଦିରର ଜଗମୋହନରେ ଝାଡୁ ଦେବା ସେବା ପ୍ରଦାନ କରିଥିଲେ । ଏପରିକି ବଡ଼ ଝାଡୁ ମଠ ସେବା ବନ୍ଦ କରିବାର ବହୁ ବର୍ଷ ପର୍ଯ୍ୟନ୍ତ ସାନ ଝାଡୁ ମଠ ଖଡ଼ିକା ମୁଠା ଯୋଗାଣ ଓ ଜଗମୋହନରେ ଝାଡୁ ଦେବା ସେବା କରିଆସୁଥିଲେ । ପ୍ରାୟ ୧୯୯୦ ମସିହା ପରଠାରୁ ନାମକୁ ମାତ୍ର ଏହି ମଠ ସେବା କରୁଥିବାରୁ ଧୀରେ ଧୀରେ ମନ୍ଦିର ସହ ସେବା ସଂପର୍କ ଲୋପ ପାଇଯାଇଛି । ବିଶେଷ କରି ୧୯୯୫ ମସିହାଠାରୁ ମଠର ଶ୍ରୀମନ୍ଦିର ସହ ସେବା ସଂପର୍କ ସଂପୂର୍ଣ୍ଣ ଭାବେ ବିଚ୍ଛିନ୍ନ ହୋଇଯାଇଛି ।

ବର୍ତ୍ତମାନର ମଠାଧୀଶ ସୟମନ୍ତକମଣି ରାମାନୁଜ ଦାସ ପ୍ରକାଶ କରନ୍ତି ଯେ, ୧୮୩୬ ମସିହାରେ ତତ୍‌କାଳୀନ ମହାରାଜାଙ୍କ ତରଫରୁ ଶ୍ରୀମନ୍ଦିରରେ ଝାଡୁ ଦେବା ସେବା କରିବା ନିମନ୍ତେ ଦୈନିକ ସାତ ସେର ଚାଉଳ, ସାତ ପାଏ (୧ କି.ଗ୍ରା. ୭୫୦ ଗ୍ରାମ୍) ମୁଗ

Digitized by srujanika@gmail.com

ଡ଼ାଲି, ଗୋଛାଏ କାଠ, ଛଟାଙ୍କିଏ ଭଲ ଘିଅ ଏବଂ ପରିବା ପାଇଁ ଆଠଅଣା ଦିଆଯାଉଥିଲା । ଏହାର କାରଣ ଏହି ମଠଟି ସଂପୂର୍ଣ୍ଣ ରୂପେ ରାଜାଙ୍କ ପୃଷ୍ଠପୋଷକତାରେ ପ୍ରତିଷ୍ଠିତ ହୋଇଥିଲା । ୧୯୭୦ ମସିହା ପୂର୍ବରୁ ମନ୍ଦିର ପ୍ରଶାସନ ତରଫରୁ ମୁଗ, ଚାଉଳ ଓ ଭଲ ଘିଅ ମିଳୁଥିଲା । ୧୯୭୦ ମସିହା ପରେ ମନ୍ଦିର କୋଠଭୋଗ ଗୋଦାମରୁ ଦୈନିକ କେବଳ ଏକ ସେର ମୁଗ ଡ଼ାଲି ଦିଆଯାଉଥିଲା । ଅପର ପକ୍ଷରେ ୧୯୬୮ ମସିହାରେ ଶ୍ରୀମନ୍ଦିର କାର୍ଯ୍ୟାଳୟର କୋଠ ଭୋଗ ରେଜିଷ୍ଟରରୁ ଜଣାଯାଏ ଯେ, ଉକ୍ତ ମଠକୁ ସପ୍ତାହକୁ ୮ କି.ଗ୍ରା. ୫୭୫ ଗ୍ରାମ୍ ମୁଗ ଦିଆଯାଉଥିଲା । ସେହିପରି ୧୯୮୭ ମସିହା କୋଠ ଭୋଗ ରେଜିଷ୍ଟରରେ ହୋଇଥିବା ଉଲ୍ଲେଖ ପ୍ରକାରେ ଏହି ମଠକୁ ମାସିକ ୩୭ କି.ଗ୍ରା. ୯୭୫ ଗ୍ରାମ ମୁଗ ପ୍ରଦାନ କରାଯାଉଥିଲା । ସେବା ସଂପର୍କ ବିଚ୍ଛିନ୍ନ ହେବା ଦ୍ୱାରା ୧୯୯୫ ମସିହାରେ ତତ୍‌କାଳୀନ ଶ୍ରୀମନ୍ଦିର ପ୍ରଶାସକଙ୍କ ଆଦେଶକ୍ରମେ ଏହି ମୁଗ ଯୋଗାଣ ସଂପୂର୍ଣ୍ଣ ରୂପେ ବନ୍ଦ ହୋଇଯାଇଛି । ଏହାର ମୁଖ୍ୟ କାରଣ ହେଉଛି କାଳକ୍ରମେ ସାନଝାଡୁ ମଠର ମହନ୍ତ ମାନେ ଆର୍ଥିକ ଅଭାବରୁ ଶ୍ରୀମନ୍ଦିରକୁ ଝାଡୁ ଯୋଗାଇବାରେ ଅସମର୍ଥ ହେବା ସଙ୍ଗେ ସଙ୍ଗେ ନିଜେ ଝାଡୁ ସେବା ନ କରି ମଠର ଶିଷ୍ୟ ଓ ଅନ୍ତେବାସୀ ମାନଙ୍କୁ ଏହି ଝାଡୁ ଦେବା କାର୍ଯ୍ୟରେ ନିୟୋଜନ କଲେ । ଯାହା ଫଳରେ କି ଝାଡୁ ସେବାରେ ଅନିୟମିତତା ପରିଲକ୍ଷିତ ହେଲା । ଏହିପରି ଭାବେ ଶ୍ରୀମନ୍ଦିର ସହ ଉକ୍ତ ମଠର ସେବା ସଂପର୍କ ବିଚ୍ୟୁତ ହୋଇଗଲା ।

ସାନ ଝାଡୁ ମଠର ସେବା ଓ ପରିଚାଳନା ପାଇଁ ତତ୍‌କାଳୀନ ଗଜପତି ମହାରାଜାମାନେ ଅନେକ ଭୂସମ୍ପତ୍ତି ମଠ ମାରଫତ୍‌ରେ ଖଞ୍ଜି ଯାଇଥିଲେ ହେଁ, ବର୍ତ୍ତମାନର ମଠାଧୀଶଙ୍କ ନିକଟରେ ସମ୍ପତ୍ତି ତାଲିକା ଉପଲବ୍ଧ ହେଉନଥିବା ଜଣାଯାଏ । କେବଳ ପୁରୀ ସଦର ହରେକୃଷ୍ଣପୁର ମୌଜାରେ ପ୍ରାୟ ୨୦ ଏକର ଭୂସମ୍ପତ୍ତି ନାମକୁ ମାତ୍ର ରହିଛି ଯଦିଓ ସେଥିରୁ କୌଣସି ଆୟ ମଠକୁ ଆସୁନାହିଁ ବୋଲି ବର୍ତ୍ତମାନର ମଠାଧୀଶ ପ୍ରକାଶ କରନ୍ତି । ମଠ ବିଜେସ୍ଥଳୀରେ ଅବସ୍ଥିତ କେତେକ ଦୋକାନ ଘର ଭଡ଼ାରୁ ଆଦାୟ ହେଉଥିବା ଅର୍ଥରେ ମଠ ନୀତି, ଓ ପରିଚାଳନା ଇତ୍ୟାଦି ଯାବତୀୟ କାର୍ଯ୍ୟ କରାଯାଉଅଛି । ମଠର ଐତିହ୍ୟ ଓ ସଂସ୍କୃତି ସଂପୂର୍ଣ୍ଣଭାବେ ଲୋପ ପାଇଯାଇଛି । କେବଳ ପୂର୍ବ ସ୍ମୃତି ଓ ଭଗ୍ନ ବିଜେସ୍ଥଳୀ ବ୍ୟତୀତ ଅନ୍ୟ କିଛି ଦୃଷ୍ଟି ଗୋଚର ହେଉନାହିଁ । ଏପରିକି ଗତ କିଛି ବର୍ଷ ପୂର୍ବରୁ ଏହି ମଠଟି ଗୃହୀ ମଠ ଭାବେ ପରିଣତ ହୋଇଯାଇଛି । ଆର୍ଥିକ ସ୍ୱଚ୍ଛଳତା ନଥିବାରୁ ମଠର ଗୃହ ଗୁଡ଼ିକ ଭଗ୍ନ ଓ ଜରାଜୀର୍ଣ୍ଣ ଅବସ୍ଥାରେ ରହିଅଛି । ମଠର ମହନ୍ତ ନିଜ ଉଦ୍ୟମରେ କିଛି କାର୍ଯ୍ୟ କରି ଯତ୍‌କିଞ୍ଚିତ ପାରିଶ୍ରମିକ ପାଇ ମଠର ନୀତି, ସେବା ପୂଜା ଇତ୍ୟାଦି ତୁଲାଇ ଆସୁଅଛନ୍ତି । ତେବେ ଶ୍ରୀ ସମ୍ପ୍ରଦାୟର ଶିଷ୍ୟମଣ୍ଡଳୀ ତଥା ଅନ୍ୟାନ୍ୟ ଗୁରୁ ବର୍ଗ ଏଥିପ୍ରତି ଦୃଷ୍ଟି ଦେଇ ଶ୍ରୀମନ୍ଦିର ସହ ସଂପୃକ୍ତ ତଥା ରାଜ ପ୍ରତିଷ୍ଠିତ ସାନ ଝାଡୁ ମଠର ପୁନରୁଦ୍ଧାର ଦିଗରେ ଚେଷ୍ଟିତ ହେଲେ ଏହି ଐତିହ୍ୟ ସଂପନ୍ନ ମଠଟିର ଜୀର୍ଣ୍ଣୋଦ୍ଧାର ହୋଇପାରିବ ।

✤ ✤ ✤

Digitized by srujanika@gmail.com

ସୁରଙ୍ଗୀ ମଠ

ବ୍ରହ୍ମମାଧ୍ୱ ଗୌଡ଼ୀୟ ସମ୍ପ୍ରଦାୟର ଅନ୍ୟତମ ଅନୁଷ୍ଠାନ ସୁରଙ୍ଗୀ ମଠଟି ହରଚଣ୍ଡୀ ସାହିରେ ଅବସ୍ଥିତ । ବାରବାଟି ଯାଗା ନିକଟରେ ତଥା ପ୍ରସିଦ୍ଧ ନାଗା ମଠ ନିକଟରେ ଏହି କ୍ଷୁଦ୍ର ମଠଟି ବିଦ୍ୟମାନ । ୫୦ ଫୁଟ୍ ଓସାର ଓ ୧୦୦ ଫୁଟ୍ ଲମ୍ବ ବିଶିଷ୍ଟ ଜମି ଉପରେ ସୁରଙ୍ଗୀ ମଠ ବିଜେସ୍ଥଳୀଟି ଅବସ୍ଥିତ । ପ୍ରାୟ ୩୦୦ ବର୍ଷ ପୂର୍ବେ ଗଞ୍ଜାମର ସୁରଙ୍ଗୀ ଜମିଦାର ଏହି ମଠଟିକୁ ପ୍ରତିଷ୍ଠା କରିଥିଲେ । ତେଣୁ ମଠର ପରିଚାଳନା ଓ ଠାକୁରଙ୍କ ସେବାପୂଜା ଇତ୍ୟାଦି ବିଷୟ ସଂପୃକ୍ତ ଜମିଦାରଙ୍କ ମାରଫତ୍‌ରେ ରହିଥିବାରୁ ଏହା ଏକ ଘରୋଇ ମଠ ରୂପେ ପରିଚିତ ଥିଲା । ଆଜକୁ ୫୦ ବର୍ଷ ପୂର୍ବେ ସୁରଙ୍ଗୀର ଜମିଦାର ରଘୁନାଥ ନାୟକ ନାମକ ଜନୈକ ବ୍ୟକ୍ତିଙ୍କୁ ଉକ୍ତ ମଠକୁ ବିକ୍ରୟ କରିଦେଇଥିଲେ । ଫଳରେ ରଘୁନାଥ ନାୟକଙ୍କ ବଂଶଧର ଏହି ମଠର ସେବାପୂଜା ତଥା ପରିଚାଳନା ଇତ୍ୟାଦି ଦାୟିତ୍ୱରେ ସେହିଦିନଠାରୁ ରହି ଆସୁଥିବା ଜଣାଯାଏ । ପୂର୍ବରୁ ଏହି ମଠର ମହନ୍ତ ରୂପେ ରାସ ବିହାରୀ ଦାସ ଅବସ୍ଥାପିତ ହୋଇ ଠାକୁରଙ୍କ ସେବା ପୂଜାରେ ନିୟୋଜିତ ହୋଇଥିଲେ । ତତ୍‌ପୂର୍ବରୁ ସୁରଙ୍ଗୀର ଜମିଦାର ଗୃହସ୍ଥ ପୂଜାରୀ ମାନଙ୍କୁ ସୁରଙ୍ଗୀ ମଠ ଠାକୁରଙ୍କ ସେବା ପୂଜା କାର୍ଯ୍ୟରେ ନିଯୁକ୍ତ କରୁଥିଲେ ।

ସୁରଙ୍ଗୀ ଜମିଦାରଙ୍କ ବଂଶଧରମାନେ ଶ୍ରୀଚୈତନ୍ୟ ମହାପ୍ରଭୁଙ୍କ ଭକ୍ତି ମାର୍ଗର ଅନୁଗାମୀ ଥିବାରୁ ପୁରୀରେ ସ୍ଥାପିତ ଏହି କ୍ଷୁଦ୍ର ମଠଟି ଗୌଡ଼ୀୟ ସମ୍ପ୍ରଦାୟର ଅନ୍ତର୍ଭୁକ୍ତ ହୋଇଥିଲା । ମଠର ଇଷ୍ଟ ବିଗ୍ରହ ହେଉଛନ୍ତି ଶ୍ରୀ ରାଧାକାନ୍ତ ଦେବ । ବିଜେସ୍ଥଳୀର ମନ୍ଦିରରେ ବିରାଜିତ ଅନ୍ୟାନ୍ୟ ଦେବଦେବୀ ବିଗ୍ରହମାନଙ୍କ ମଧ୍ୟରେ ରାଧାରାଣୀ, ପତିତପାବନ (ଦାରୁ ବିଗ୍ରହ), ଲକ୍ଷ୍ମୀ, ଗୌରାଙ୍ଗ, ନିତ୍ୟାନନ୍ଦ ମହାପ୍ରଭୁ, ଅଦ୍ୱୈତ ପ୍ରଭୁ, ଗୋପାଳ ୪ ମୂର୍ତ୍ତି, ଶାଳଗ୍ରାମ, ବିଜେ ପ୍ରତିମା ରାଧାକାନ୍ତ, ରାଧାରାଣୀ, ଲଳିତା ଇତ୍ୟାଦି ପୂଜା ପାଉଛନ୍ତି । ପ୍ରତ୍ୟହ ମଠରେ ଅଧିଷ୍ଠିତ ଠାକୁର ମାନଙ୍କର ମଙ୍ଗଳ ଆଳତୀ, ବାଲ୍ୟ ଭୋଗ, ରାଜଭୋଗ (ଅନ୍ନ ଭୋଗ), ରାତ୍ରରେ ସନ୍ଧ୍ୟା ଆରତୀ, ରାତ୍ର ଭୋଗରେ ବାଲଭୋଗ ଓ ପହୁଡ଼ ନୀତି ହୋଇଥାଏ । ବର୍ଷ ମଧ୍ୟରେ ମଠରେ ପାଳିତ ମୁଖ୍ୟ ଉତ୍ସବ ମଧ୍ୟରେ ଜନ୍ମାଷ୍ଟମୀ, ରାଧାଷ୍ଟମୀ, ବାମନ ଜନ୍ମ, ଶ୍ରୀରାମ ନବମୀ, ଝୁଲଣ, ଦୋଳୋତ୍ସବ ଇତ୍ୟାଦି ପ୍ରଧାନ ଅଟେ ।

Digitized by srujanika@gmail.com

ମଠର ବିଜେସ୍ଥଳୀରେ ମନ୍ଦିର, ଜଗମୋହନ, କ୍ଷୁଦ୍ର କୋଠରୀ, ରୋଷ ଘର, ବଗିଚା ଇତ୍ୟାଦି ରହିଅଛି । ୧୯୮୦ ମସିହାରୁ ବର୍ତ୍ତମାନର ମହନ୍ତ ଶ୍ରୀ ବଜେନ୍ଦ୍ର ମୋହନ ଦାସ ଉକ୍ତ ମଠର ପରିଚାଳନା, ସେବା, ପୂଜା, ଉତ୍ସବ ଇତ୍ୟାଦି ଦାୟିତ୍ୱରେ ରହିଛନ୍ତି । ମହନ୍ତ ଶ୍ରୀ ଦାସ ପୁରୀ ଲୋକନାଥ ରୋଡ୍‌ସ୍ଥିତ ନୀଳାଚଳ ଚତୁଃପାଠୀ ସଂସ୍କୃତ ମହାବିଦ୍ୟାଳୟରେ ଶିକ୍ଷକତା କରୁଅଛନ୍ତି । ନିଜର ଉପାର୍ଜିତ ଅର୍ଥ ଓ ଅନ୍ୟାନ୍ୟ ଶିଷ୍ୟମାନଙ୍କ ପ୍ରଦତ୍ତ ଦାନ ଅର୍ଥରେ ମଠର ନୀତି, ସେବା ପୂଜା, ତଥା ପରିଚାଳନା ଇତ୍ୟାଦି କାର୍ଯ୍ୟ ଚାଲୁଅଛି ।

ପୂର୍ବରୁ ମଠ ନାମରେ ସତ୍ୟବାଦୀ ଥାନା ଅନ୍ତର୍ଗତ ଅଳଗୁମ୍‌ଠାରେ ୧୪ ଏକର ଭୂ-ସମ୍ପତ୍ତି ରହିଥିଲେ ହେଁ ଏଥିରୁ ଦୀର୍ଘ ବର୍ଷ ଧରି କୌଣସି ଆୟ ମଠକୁ ଆସୁନାହିଁ ବୋଲି ବର୍ତ୍ତମାନର ମହନ୍ତ ପ୍ରକାଶ କରନ୍ତି । ମଠର ସମସ୍ତ ଖର୍ଚ୍ଚ ବାବଦରେ ମାସିକ ମୋଟ୍ ତିନି ହଜାର ଟଙ୍କା ବ୍ୟୟ ହେଉଥିବା ମଠ ସୂତ୍ରରୁ ଜଣାଯାଏ ।

ମହନ୍ତ ଶ୍ରୀ ବଜେନ୍ଦ୍ର ନନ୍ଦନ ଦାସଙ୍କ ନିଷ୍ଠାପର ସେବା ମନୋଭାବ ତଥା ଉଦ୍ୟମ ଯୋଗୁଁ ଠାକୁରମାନଙ୍କ ସେବା, ପୂଜା, ଇତ୍ୟାଦି ଶୃଙ୍ଖଳିତ ଭାବେ ପାଳିତ ହୋଇଆସୁଅଛି ।

Digitized by srujanika@gmail.com

ରାଧାକୃଷ୍ଣ ମଠ

ପୁରୀ ସଦର ବ୍ଲକ୍ ଅନ୍ତର୍ଗତ ଶଙ୍କରପୁର ମୌଜାରେ ରାଧାକୃଷ୍ଣ ମଠଟି ଅବସ୍ଥିତ । ପ୍ରାୟ ଏକ ଶହ ବର୍ଷ ତଳର ପୁରାତନ ଏହି ମଠଟିର ପ୍ରତିଷ୍ଠାତା ହେଉଛନ୍ତି ଦେବଗଡ଼ର ବାମଣ୍ଡା ନିବାସୀ ରମା ଦାସୀ ନାମକ ଜନୈକ ବୈଷ୍ଣବୀ ମାତା ମା' । ସେ ବୈଷ୍ଣବ ଦୀକ୍ଷା ଗ୍ରହଣ କରି ଶ୍ରୀକ୍ଷେତ୍ରରେ ଭଜନ ସାଧନ କରିବା ନିମନ୍ତେ ନିଜର ସମସ୍ତ ସମ୍ପତ୍ତି ବିକ୍ରୟ ପୂର୍ବକ ଶଙ୍କରପୁର ମୌଜାର ଜଙ୍ଗଲ ମଧ୍ୟରେ ଜମି କିଣି ସେଠାରେ ଏକ କ୍ଷୁଦ୍ର ମନ୍ଦିର ଓ ଗୋଟିଏ ଗୃହ ନିର୍ମାଣ କରିଥିଲେ । ମନ୍ଦିର ମଧ୍ୟରେ ନିଜର ନିତ୍ୟ ଉପାସ୍ୟ ବିଗ୍ରହ ଶ୍ରୀ ରାଧାକୃଷ୍ଣ ଜୀଉ, ଗୋପାଳ ଆଦି ବିଗ୍ରହଙ୍କୁ ପ୍ରତିଷ୍ଠା କରି ଭଜନ ସାଧନରେ ନିୟୋଜିତ ହୋଇ ସେହିଠାରେ ଅବସ୍ଥାନ କରୁଥିଲେ । ମାତା ମା' ରମା ଦାସୀ ବୃଦ୍ଧା ହୋଇଯିବା ସମୟରେ ଜନୈକ ବ୍ରାହ୍ମଣ ପରିବାରର ସାହାଯ୍ୟରେ ମଠ ଠାକୁରଙ୍କ ସେବା ପୂଜା କାର୍ଯ୍ୟ ଚାଳାଉଥିଲେ । ରମା ଦାସୀ ତାଙ୍କର ମୃତ୍ୟୁ ପୂର୍ବରୁ ଦେବଗଡ଼ ବାମଣ୍ଡା ରାଜମାତା ଶ୍ରୀମତୀ କନକ ମଞ୍ଜରୀ ଦେବୀଙ୍କୁ ୧୯୫୧ ମସିହାରେ ସେବା ସମର୍ପଣ ପତ୍ର ଦ୍ୱାରା ମଠର ସମସ୍ତ ପରିଚାଳନା, ଠାକୁର ମାନଙ୍କ ସେବା ପୂଜା ଦାୟିତ୍ୱ ତଥା ସମ୍ପତ୍ତି ହସ୍ତାନ୍ତର କରିଥିଲେ । ଶୁଣାଯାଏ ଯେ, ପୁରୀର ଗଜପତି ମହାରାଜା ରାମଚନ୍ଦ୍ର ଦେବ ଓ ରାଜ ପରିବାରର ସାହାଯ୍ୟ ସହଯୋଗରେ ବୈଷ୍ଣବୀ ରମା ଦାସୀ ପୁରୀ ଠାରୁ ୫ କିଲୋମିଟର ଦୂର ଶଙ୍କରପୁର ଭଳି ଏକ ନିର୍ଜନ ଅରଣ୍ୟ ପରିବେଷ୍ଟିତ ଗ୍ରାମ୍ୟ ପରିବେଶରେ ଏହି ଅନୁଷ୍ଠାନକୁ ନିର୍ମାଣ କରିବାରେ ସମର୍ଥ ହୋଇଥିଲେ । ରାଜା ରାମଚନ୍ଦ୍ର ଦେବ ମଧ୍ୟ ସମୟେ ସମୟେ ହାତୀ ଉପରେ ବସି ଏହି ମଠକୁ ଭ୍ରମଣରେ ଆସୁଥିଲେ । ପୁରୀ ରାଜ ପରିବାରର ସଂପର୍କୀୟ ଦଶପଲ୍ଲା ରାଜମାତା ରାଜସୁନ୍ଦରୀ ଦେବୀ ଏହି ମଠର ପ୍ରତ୍ୟକ୍ଷ ତତ୍ତ୍ୱାବଧାନ କରୁଥିଲେ । ଉଲ୍ଲେଖଯୋଗ୍ୟଯେ ବର୍ତ୍ତମାନର ମହନ୍ତ ଶ୍ରୀ ସୁବଳ ଚରଣ ଦାସଙ୍କର ଗୁରୁ ଭଗ୍ନୀ ହେଉଛନ୍ତି ରାଜ ସୁନ୍ଦରୀ ଦେବୀ । ୧୯୯୦ ମସିହାରେ ବାମଣ୍ଡା ରାଜମାତା କନକ ମଞ୍ଜରୀ ଦେବୀ, ତାଙ୍କର କନ୍ୟା ଦଶପଲ୍ଲା ରାଜମାତା ଶ୍ରୀମତୀ ରାଜସୁନ୍ଦରୀ ଦେବୀ ଓ ଭାଇ ଦ୍ୱୟ ସମସ୍ତେ ମିଶି ମହନ୍ତ ସୁବଳ ଚରଣ ଦାସଙ୍କୁ ରାଧାକୃଷ୍ଣ ମଠର ସେବା ସମର୍ପଣ ଦାୟିତ୍ୱ ପ୍ରଦାନ କରିଥିଲେ ।

ମଠର ପ୍ରତିଷ୍ଠାତା ମାତା ମା' ରମା ଦାସୀଙ୍କ ମୃତ୍ୟୁପରେ ଦୀର୍ଘ ପ୍ରାୟ ୩୦ ବର୍ଷ

Digitized by srujanika@gmail.com

ଧରି ମଠଟି ସଂପୂର୍ଣ୍ଣ ରୂପେ ଅବହେଳିତ ତଥା ଜରାଜୀର୍ଣ୍ଣ ଅବସ୍ଥାରେ ରହିଥିଲା । ୧୯୯୦ ମସିହାଠାରୁ ବର୍ତ୍ତମାନର ମହନ୍ତ ସୁବଳ ଚରଣ ଦାସଜୀଙ୍କ ଆନ୍ତରିକ ଉଦ୍ୟମ ଓ କଠିନ ପରିଶ୍ରମ ଯୋଗୁଁ ମଠର ବିଜେସ୍ଥଳୀଟି ବର୍ତ୍ତମାନ ଅତ୍ୟନ୍ତ ମନୋରମ ତଥା ଦର୍ଶକ ମାନଙ୍କୁ ଆକୃଷ୍ଟ କରିପାରିଛି । ମହନ୍ତ ଦାସଜୀଙ୍କ ଉଦ୍ୟମରେ ମନ୍ଦିରର ମରାମତି କରାଯିବା ସହିତ ନୂତନ ଭାବେ ସିଂହାସନ ନିର୍ମାଣ କରଯାଇଅଛି । ମଠର ବିଭିନ୍ନ ଉନ୍ନତିକର କାର୍ଯ୍ୟ ମଧ୍ୟରେ ଦୁଇଟି ଜଗମୋହନ, ମଠର ଚତୁଃପାର୍ଶ୍ୱରେ ଚୈତନ୍ୟ ମହାପ୍ରଭୁଙ୍କର ମଣ୍ଡପ ନିର୍ମାଣ ସହ ବିଭିନ୍ନ ଲୀଳା ସଂପର୍କୀୟ ମୂର୍ତ୍ତିମାନ ନୂତନ ଭାବେ ନିର୍ମିତ ହୋଇଅଛି । ଏତଦ୍‌ବ୍ୟତୀତ ରାମ ଓ କୃଷ୍ଣଙ୍କ ଲୀଳା ସଂପର୍କୀତ ୧୨ଟି ମୂର୍ତ୍ତି, ଶ୍ରୀ ହନୁମାନ ମୂର୍ତ୍ତି, ଶ୍ରୀରାଧାକୃଷ୍ଣଙ୍କ ବିଗ୍ରହ, କୃତ୍ରିମ ଝରଣା, ମନୋରମ ପୁଷ୍ପ ଉଦ୍ୟାନ, ମଠର ଚତୁଃପାର୍ଶ୍ୱରେ ପାଚେରୀ ନିର୍ମାଣ ଇତ୍ୟାଦି ଅନ୍ୟତମ । ଉଲ୍ଲେଖଯୋଗ୍ୟଯେ ମହନ୍ତଙ୍କ ଉଦ୍ୟମରେ ଏହି ମଠରେ ନୂତନ ଭାବେ ଷଡ୍‌ଭୁଜ ଶ୍ରୀ ଗୌରାଙ୍ଗ ମହାପ୍ରଭୁ ଓ ଶ୍ରୀ ନିତ୍ୟାନନ୍ଦ ମହାପ୍ରଭୁ (ଦାରୁ ବିଗ୍ରହ) ପ୍ରତିଷ୍ଠା ହୋଇ ପୂଜା ପାଉଛନ୍ତି । ଏହି ବିଗ୍ରହ ପ୍ରତିଷ୍ଠା ନେଇ କେତେକ ଅଲୌକିକ ଘଟଣା ତଥା ଅନୁଭୂତି ରହିଥିବା ବିଷୟ ମଠର ଅଧିକାରୀ ଶ୍ରୀ ଦାସ ପ୍ରକାଶ କରନ୍ତି ।

ଉକ୍ତ ମଠଟି ଲୋକଲୋଚନର ଅନ୍ତରାଳରେ ରହିଥିଲେ ହେଁ ଶ୍ରୀକ୍ଷେତ୍ର ଧାମର ଏକ ଅପୂର୍ବ ଆଧାତ୍ମିକ ଅନୁଷ୍ଠାନ କହିଲେ ଅତ୍ୟୁକ୍ତି ହେବ ନାହିଁ । ସାଧୁ, ସନ୍ଥ ମାନଙ୍କର ଭଜନ ସାଧନ ନିମନ୍ତେ ଏହା ଏକ ପ୍ରକୃଷ୍ଟ ଆସ୍ଥାନ । ମଠଟିର ସର୍ବାଙ୍ଗୀନ ଉନ୍ନତି ଓ ଜୀର୍ଣ୍ଣୋଦ୍ଧାର କରାଯିବା ସହିତ ସର୍ବଦା ଏହି ପରିବେଶଟି ଏକ ଆଧାତ୍ମିକ ତଥା ଶାନ୍ତ ପରିବେଶ ସ୍ଥଳ ରୂପେ କେବଳ ପ୍ରତ୍ୟକ୍ଷ ଅନୁଭବରେ ହିଁ ଉପଲବ୍ଧ କରିହେବ । ବର୍ତ୍ତମାନର ମଠାଧୀଶଙ୍କ ବକ୍ତବ୍ୟ ଅନୁଯାୟୀ ଏହିଠାରେ ଏକ ଗୁରୁକୁଳାଶ୍ରମ ଓ ଜରାଶ୍ରମ ନିର୍ମାଣ କରାଯିବାର ପରିକଳ୍ପନା ରହିଅଛି । ଏଥିପାଇଁ ଆବଶ୍ୟକ ଅର୍ଥ ଯୋଗାଡ଼ ଚାଲିଛି ।

ମଠର ବିଜେସ୍ଥଳୀ :- ରାଧାକୃଷ୍ଣ ମଠର ବିଜେସ୍ଥଳୀଟି ପୂର୍ବରୁ ୧୪ ଏକର ପରିମିତ ଜମି ଉପରେ ଅବସ୍ଥିତ ଥିଲା । ଉକ୍ତ ଜମିରେ ଦଖଲ ଭୋଗ କରୁଥିବା ଜନୈକ ବ୍ରାହ୍ମଣ ପରିବାରଙ୍କୁ ଏଥିରୁ କିଛି ଭୂମି ପ୍ରଦାନ କରାଯାଇ ସମ୍ପ୍ରତି ସାଢ଼େ ଏଗାର ଏକର ଜମି ଉପରେ ବିଜେସ୍ଥଳୀଟି ରହିଅଛି ।

ଠାକୁରଙ୍କ ନୀତି ଓ ଉତ୍ସବ :- ରାଧାକୃଷ୍ଣ ମଠରେ ବିରାଜିତ ଠାକୁର ମାନଙ୍କର ଦୈନନ୍ଦିନ ନୀତି ମଧ୍ୟରେ ମଙ୍ଗଳ ଆରତୀ, ଅବକାଶ, ବାଲ୍ୟଭୋଗ, ରାଜଭୋଗ, ସନ୍ଧ୍ୟା ଆରତୀ, ଦିବା ପହୁଡ଼, ସନ୍ଧ୍ୟା କୀର୍ତ୍ତନ, ଭୋଗ ଓ ପହୁଡ଼ ଇତ୍ୟାଦି ପ୍ରତ୍ୟହ ଅନୁଷ୍ଠିତ ହେଉଅଛି ।

Digitized by srujanika@gmail.com

ମହନ୍ତ ସୁବଳ ଚରଣ ଦାସଜୀଙ୍କ ଶିଷ୍ୟ ବାବାଜୀ ଦୟାନିଧି ଦାସ ସେଠାରେ ଅବସ୍ଥାନ କରି ଠାକୁରଙ୍କ ସେବା ପୂଜାକାର୍ଯ୍ୟରେ ନିୟୋଜିତ ହୋଇଛନ୍ତି । ଏତଦ୍‌ବ୍ୟତୀତ ୫/୬ ଜଣ ଶିଷ୍ୟ ମଧ୍ୟ ସେଠାରେ ଆଶ୍ରୟ ନେବା ସହିତ ମଠର ବିଭିନ୍ନ କାର୍ଯ୍ୟରେ ସାହାଯ୍ୟ କରୁଥିବା ମଠ ସୂତ୍ରରୁ ଜଣାଯାଏ ।

ପ୍ରତିବର୍ଷ ଉକ୍ତ ମଠରେ ରାଜମାତା ଓ ରମା ଦାସୀଙ୍କ ଶ୍ରାଦ୍ଧୋତ୍ସବ (ସନ୍ଧ୍ୟା ଦର୍ଶନ ଦିନ ଅନୁଷ୍ଠିତ ହୁଏ), ଜନ୍ମାଷ୍ଟମୀ, ରାଧାଷ୍ଟମୀ, ଦୋଳ ଉତ୍ସବ ଆଦି ବୈଷ୍ଣବୀୟ ପର୍ବ ପର୍ବାଣୀମାନ ମଧ୍ୟ ପାଳନ କରାଯାଉଅଛି ।

ପ୍ରକୃତ ପକ୍ଷେ ବିଗତ ୨୦ ବର୍ଷ ଧରି ଏହି ମଠର ଜୀର୍ଣ୍ଣୋଦ୍ଧାର, ନୂତନ ନିର୍ମାଣ, ଠାକୁରଙ୍କ ନୀତି, ଉତ୍ସବ ଓ ଅନ୍ୟାନ୍ୟ ଉନ୍ନତିମୂଳକ କାର୍ଯ୍ୟ ଶୃଙ୍ଖଳିତ ଭାବେ ଚାଲୁଅଛି । ମଠାଧୀଶ ମାନଙ୍କ ଏଭଳି ମନୋଭାବ ଏବଂ ନିଷ୍ପାପର ଉଦ୍ୟମ ରହିଲେ ପୁରୀର ପ୍ରତିଷ୍ଠିତ ଅନ୍ୟାନ୍ୟ ମଠ ଗୁଡ଼ିକର ପୁନରୁଦ୍ଧାର ତଥା ସୁପରିଚାଳନା ନିଶ୍ଚିତ ରୂପେ ହୋଇପାରିବ, ଏଥିରେ ତିଳେ ମାତ୍ର ସନ୍ଦେହ ନାହିଁ। ରାଧାକୃଷ୍ଣ ମଠ ଏହାର ଜ୍ୱଳନ୍ତ ନିଦର୍ଶନ ।ବର୍ତ୍ତମାନର ମହନ୍ତ ସୁବଳ ଚରଣ ଦାସଙ୍କ ଉଦ୍ୟମ ପ୍ରଶଂସନୀୟ ।

✣ ✣ ✣

Digitized by srujanika@gmail.com

ହାତୀ ଆଖେଡ଼ା ମଠ

ପୁରୀ ବଳଗଣ୍ଡି ଛକ ନିକଟରେ ବଡ଼ ଦାଣ୍ଡର ମୁଖ୍ୟ ରାସ୍ତାରେ ଶ୍ରୀ ରାମାନନ୍ଦୀ ସମ୍ପ୍ରଦାୟର ନିର୍ବାଣୀ ଆଖେଡ଼ା ଅନ୍ତର୍ଗତ ହାତୀ ଆଖେଡ଼ା ମଠଟି ଅବସ୍ଥିତ । ମଠର ଏପରି ନାମକରଣ ସଂପର୍କରେ ମଠ ସୂତ୍ରରୁ ସଂଗ୍ରହ କରାଯାଇଥିବା ତଥ୍ୟ ଅନୁଯାୟୀ ଅତୀତରେ ଯବନ ମାନଙ୍କ ଶ୍ରୀମନ୍ଦିର ଆକ୍ରମଣ ସମୟରେ ଏବଂ ରଥ, ସ୍ନାନ, ଦୋଳ ଯାତ୍ରା ଇତ୍ୟାଦି ବେଳେ ଭାରତ ବର୍ଷର ବିଭିନ୍ନ ନାଗା ସାଧୁ, ସନ୍ଥ ଶ୍ରୀକ୍ଷେତ୍ରକୁ ଆଗମନ କରି ଶ୍ରୀଜଗନ୍ନାଥ ଧର୍ମ ଓ ସଂସ୍କୃତିର ସୁରକ୍ଷା ତଥା କ୍ଷେତ୍ରର ପବିତ୍ରତା ରକ୍ଷା କରିବା ପାଇଁ ଯବନ ମାନଙ୍କ ସହ ସଂଗ୍ରାମ କରୁଥିଲେ । ସାଧାରଣତଃ ସାଧୁ ମାନଙ୍କର ଗୋଟିଏ ସ୍ଥାନରେ ଏକାଠି ହେବା ତଥା ସମାବେଶକୁ ଜମାତ୍ କୁହାଯାଏ । ନାଗା ସାଧୁ, ସନ୍ଥମାନେ ସଙ୍ଗରେ ଆଣୁଥିବା ହାତୀ, ଘୋଡ଼ା ଇତ୍ୟାଦି ତତ୍କାଳୀନ ସମୟରେ ଏହି ମଠର ବିଜେସ୍ଥଳୀଠାରେ ଆଶ୍ରୟ ନେଉଥିଲେ । ତେଣୁ ଏହି ମଠ 'ହାତୀ ଆଖେଡ଼ା ମଠ' ନାମରେ ସୁପରିଚିତ ହୋଇଥିଲା । ଅତୀତରେ ଶହ ଶହ ସଂଖ୍ୟକ ହାତୀ ମଠର ବିଜେସ୍ଥଳୀରେ ଆଶ୍ରୟ ନେଉଥିଲେ ବୋଲି ମଠର ଅଧିକାରୀ ପ୍ରକାଶ କରନ୍ତି ।

ଆଖେଡ଼ାର ସୃଷ୍ଟି ସମ୍ପର୍କରେ ଜଣାଯାଏ ଯେ, ସ୍ୱାମୀ ରାମାନନ୍ଦାଚାର୍ଯ୍ୟ ଓ ସ୍ୱାମୀ ବାଲାନନ୍ଦାଚାର୍ଯ୍ୟ ସାରା ଭାରତ ବର୍ଷର ବିଭିନ୍ନ ତୀର୍ଥ ସ୍ଥାନ ଭ୍ରମଣ କରି ତିନୋଟି ଆଖେଡ଼ା ସୃଷ୍ଟି କରିଥିଲେ । ଯଥା - ନିର୍ମୋହୀ, ଦିଗମ୍ବର ଓ ନିର୍ବାଣୀ । ଏହି ତିନି ଆଖେଡ଼ା ମୁଖ୍ୟ ଅଟନ୍ତି । ଏମାନଙ୍କ ଅଧୀନରେ ବହୁ ଆଖେଡ଼ା ଅନୁଷ୍ଠାନ ମାନ ରହିଅଛି । ବିଶେଷ କରି ଉପରୋକ୍ତ ତିନି ଆଖେଡ଼ାରେ ଏହି ସମ୍ପ୍ରଦାୟର ସମସ୍ତ ସାଧୁ, ସନ୍ଥ ଅନ୍ତର୍ଭୁକ୍ତ ଅଟନ୍ତି । ପୁରୀ ହାତୀ ଆଖେଡ଼ା ମଠଟି ନିର୍ବାଣୀ ଆଖେଡ଼ାର ଅଧୀନରେ ରହିଅଛି । ନିର୍ବାଣୀ ଆଖେଡ଼ାର ମୁଖ୍ୟ କାର୍ଯ୍ୟାଳୟ ଅଯୋଧ୍ୟା (ଫୈଜାବାଦ୍ ଜିଲ୍ଲା) ଠାରେ ପ୍ରତିଷ୍ଠିତ । ଏହାର ନାମ ହେଉଛି ଅଖିଳ ଭାରତୀୟ ପଞ୍ଚ ରାମାନନ୍ଦୀ ନିର୍ବାଣୀ ଆଖେଡ଼ା, ହନୁମାନ ଗଡ଼ି ମନ୍ଦିର (ଅଯୋଧ୍ୟା) ।

ମଠରେ ପୂଜିତ ବିଗ୍ରହ ଏବଂ ଉତ୍ସବ :- ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ବିଷୟ ଯେ, ଏହି ମଠଟି ରାମାନନ୍ଦୀ ସମ୍ପ୍ରଦାୟର ନିର୍ବାଣୀ ଆଖେଡ଼ା ଅନ୍ତର୍ଭୁକ୍ତ ହୋଇଥିଲେ ହେଁ ମଠରେ ପୂଜିତ ଇଷ୍ଟ ବିଗ୍ରହ ହେଉଛନ୍ତି ସ୍ୱୟଂ ଶ୍ରୀଜଗନ୍ନାଥ ମହାପ୍ରଭୁ । ଏଥିରୁ ଅନୁମିତ ହୁଏ ଯେ, ଅତୀତରେ ଶ୍ରୀମନ୍ଦିରର ଆକ୍ରମଣ ସମୟରେ ଏହି ଠାରୁ ସାଧୁସନ୍ଥ ମାନେ ଯବନ ଆକ୍ରମଣର ପ୍ରତିରୋଧ

Digitized by srujanika@gmail.com

କରିବା ସମେତ ନିଜର ଜୀବନକୁ ପ୍ରଭୁ ଜଗନ୍ନାଥଙ୍କ ପାଦପଦ୍ମରେ ଉତ୍ସର୍ଗ କରି ଶ୍ରୀଜଗନ୍ନାଥ ସଂସ୍କୃତି ଓ ଉପାସନା ପରମ୍ପରାକୁ ଉଜ୍ଜୀବିତ ରଖିବା ପାଇଁ ସଂଗ୍ରାମ କରୁଥିଲେ ।

ପ୍ରତିବର୍ଷ ରଥଯାତ୍ରା ଓ ଦୋଳପୂର୍ଣ୍ଣିମା ଉତ୍ସବ ଉପଲକ୍ଷେ ଅଯୋଧ୍ୟାରୁ ପ୍ରାୟ ୨୦୦/୩୦୦ ସାଧୁ ସନ୍ଥ ଏଠାରେ ଅବସ୍ଥାନ କରନ୍ତି । ମଠ ପକ୍ଷରୁ ଏମାନଙ୍କ ପାଇଁ ପ୍ରସାଦିର ସୁବନ୍ଦୋବସ୍ତ କରାଯାଇଥାଏ ।

ହାତୀ ଆଖେଡ଼ା ମଠରେ ପୂଜିତ ଅନ୍ୟାନ୍ୟ ବିଗ୍ରହ ମାନଙ୍କ ମଧ୍ୟରେ ବିଜେସ୍ଥଳୀରେ ଅବସ୍ଥିତ ମୁଖ୍ୟ ମନ୍ଦିର ମଧ୍ୟରେ ଶ୍ରୀ ରଘୁନାଥ ଦେବଜୀ, ମାତା ଜାନକୀଜୀ, ନାରାୟଣ, ବାଳ ଗୋପାଳ, ଶ୍ରୀକୃଷ୍ଣ, ଶାଳଗ୍ରାମ ଅନ୍ୟତମ । ବିଜେସ୍ଥଳୀରେ ଅବସ୍ଥିତ ଅନ୍ୟ ଏକ କ୍ଷୁଦ୍ର ମନ୍ଦିରରେ ତିନୋଟି ହନୁମାନ ବିଗ୍ରହ ପୂଜିତ ହେଉଛନ୍ତି ।

ମଠରେ ପାଳିତ ଦୈନନ୍ଦିନ ନୀତି ମଧ୍ୟରେ ସକାଳେ ବାଲଭୋଗ, ଦ୍ୱିପ୍ରହରରେ ଅନ୍ନଭୋଗ, ସନ୍ଧ୍ୟା ଭୋଗ ସହିତ ପ୍ରାତଃ ଓ ସନ୍ଧ୍ୟା ସମୟରେ ଦୁଇଟି ଆଳତି ହୋଇଥାଏ । ବର୍ଷ ମଧ୍ୟରେ ପାଳିତ ବିଭିନ୍ନ ଉତ୍ସବ ମଧ୍ୟରେ ଶ୍ରୀରାମ ନବମୀ, ଜନ୍ମାଷ୍ଟମୀ, ପଣା ସଂକ୍ରାନ୍ତି, ହନୁମାନ ଜୟନ୍ତୀ, ଗୋବର୍ଦ୍ଧନ କୂଟ, ହୋଲି ଇତ୍ୟାଦି ପ୍ରଧାନ ଅଟେ ।

ମଠ ବିଜେସ୍ଥଳୀ :- ବର୍ତ୍ତମାନର ମଠାଧୀଶଙ୍କ ବକ୍ତବ୍ୟ ଅନୁଯାୟୀ ପୂର୍ବେ ଏହି ମଠର ବିଜେସ୍ଥଳୀଟି ଚାରି ଏକର ବିଶିଷ୍ଟ ଥିଲା । ବର୍ତ୍ତମାନ ବନ୍ଦୋବସ୍ତ ରେକର୍ଡ଼ ଅନୁଯାୟୀ ମାତ୍ର ୪୫୦ ଡ଼ିସିମିଲି ପରିମିତ ଜମି ଉପରେ ମଠର ବିଜେସ୍ଥଳୀଟି ରହିଅଛି । ପୂର୍ବେ ପୁରୀର ସଦର ଚିକିତ୍ସାଳୟ ନିର୍ମାଣ ପାଇଁ ଏହି ମଠର ବିଜେସ୍ଥଳୀରୁ ପ୍ରାୟ ଅଧେ ଏକର ଜମି (୫୦୦ ଡ଼ିସିମିଲି) ପ୍ରଦାନ କରାଯାଇଥିଲା । ସଂପ୍ରତି ମଠର ବିଜେସ୍ଥଳୀରୁ କିଛି ଅଂଶ ହସ୍ତାନ୍ତର, ବିକ୍ରୟ ନେଇ ବହୁ ମାଲିମୋକଦ୍ଦମାମାନ ବିଭିନ୍ନ ଦେଓ୍ୱାନୀ କୋର୍ଟରେ ବିଚାରାଧୀନ ରହିଅଛି । ଏଭଳି ଏକ ପ୍ରସିଦ୍ଧ ମଠଟି ବର୍ତ୍ତମାନ ଆର୍ଥିକ ଅନାଟନରୁ ଅତ୍ୟନ୍ତ ଶୋଚନୀୟ ତଥା ଜରାଜୀର୍ଣ୍ଣ ଅବସ୍ଥାରେ ରହିଥିବା ଜଣାଯାଏ ।

ମଠାଧୀଶଙ୍କ କ୍ରମାନ୍ୱୟ :- ହାତୀ ଆଖେଡ଼ା ମଠରୁ ମିଳୁଥିବା ମଠାଧୀଶମାନଙ୍କ କ୍ରମାନ୍ୱୟ ଅନୁଯାୟୀ :-

ମହନ୍ତ ରାମ ଦାସ

Digitized by srujanika@gmail.com

ମହନ୍ତ ହରେକୃଷ୍ଣ ଦାସ

ମହନ୍ତ ଦାମୋଦର ଦାସ

ମହନ୍ତ ଜଗନ୍ନାଥ ରାମାନୁଜ ଦାସ

ମହନ୍ତ ଗୋପାଳ ଦାସ

ମହନ୍ତ ହୀରା ଦାସ

ମହନ୍ତ ସୀତା ରାମ ଦାସ - ୧୯୧୨ ଖ୍ରୀଷ୍ଟାବ୍ଦ

ମହନ୍ତ ଜନାର୍ଦ୍ଦନ ଦାସ

ମହନ୍ତ ଶ୍ରୀ ଜଗନ୍ନାଥ ଦାସ (ବର୍ତ୍ତମାନ ମଠାଧୀଶ ଅଛନ୍ତି)

ମଠର ସ୍ୱୀକୃତି ପ୍ରାପ୍ତ ଚେଲାଙ୍କ ନାମ ସୁଖରାମ ଦାସ ।

ମଠର ଭୂସଂପତ୍ତି :- ହାତୀ ଆଖେଡ଼ା ମଠର ପୁରୀ ଜିଲ୍ଲାର କୋଣାର୍କ ଓ କାକଟପୁର ଠାରେ ପ୍ରାୟ ୬୦/୭୦ ଏକର ଧାନ ଜମି ଅଛି । ଏତଦ୍ ବ୍ୟତୀତ ମଠର ବିଜେସ୍ଥଳୀରେ ଥିବା ଦୋକାନ ଘର ଭଡ଼ା, ବ୍ୟାଙ୍କରେ ଥିବା ସ୍ଥାୟୀ ଜମାର ସ୍ୱଳ୍ପ ସୁଧ ଅର୍ଥରେ ମଠ ପରିଚାଳନା ହେଉଥିବା ଜଣାଯାଏ । ପ୍ରକୃତ ପକ୍ଷେ ଧାନଜମି ମାନଙ୍କରୁ ଯଥେଷ୍ଟ ଆୟ ଆସୁନଥିବା ସଂପର୍କରେ ମଠାଧୀଶ ଶ୍ରୀ ଦାସ ପ୍ରକାଶ କରନ୍ତି । ଅପର ପକ୍ଷରେ ମଠଟି ବହୁ ମାଲିମୋକଦ୍ଦମାରେ ଜଡ଼ିତ ହୋଇଯାଇଥିବାରୁ ମଠର ଆର୍ଥିକ ଉନ୍ନତିରେ ଏହା ଅନ୍ତରାୟ ସୃଷ୍ଟି କରୁଅଛି । ଏପରିକି ଉପଯୁକ୍ତ ରକ୍ଷଣାବେକ୍ଷଣ ଅଭାବରୁ ମଠର ବିଜେସ୍ଥଳୀଟି ଦିନକୁ ଦିନ ଜରାଜୀର୍ଣ୍ଣ ଅବସ୍ଥାରେ ପହଞ୍ଚିଲାଣି । ଏବେଠାରୁ ଉଦ୍ୟମ ନ ହେଲେ ଆଉ କିଛି ବର୍ଷ ମଧ୍ୟରେ ଏଭଳି ଏକ ପ୍ରସିଦ୍ଧ ମଠର ଅସ୍ତିତ୍ୱ ଅଚିରେ ଲୋପ ପାଇଯିବ ।

✤ ✤ ✤

Digitized by srujanika@gmail.com

ବଡ଼ଛତା ମଠ

ଶ୍ରୀ ରାମାନନ୍ଦୀ ସମ୍ପ୍ରଦାୟର ଅନ୍ୟତମ ପ୍ରସିଦ୍ଧ ମଠ ଭାବେ ପୁରୀ ବଡ଼ଛତା ମଠ ସମଗ୍ର ଭାରତ ବର୍ଷରେ ସୁପରିଚିତ । ପ୍ରାୟ ୪୫୦ ବର୍ଷର ପୁରାତନ ତଥା ସନ୍ଥ ତୁଳସୀ ଦାସଙ୍କ ସମ ସାମୟିକ ଏହି ପ୍ରାଚୀନ ମଠଟିର ଶ୍ରୀକ୍ଷେତ୍ରରେ ପ୍ରତିଷ୍ଠିତ ରାମାନନ୍ଦୀ ସମ୍ପ୍ରଦାୟ ଅନ୍ତର୍ଭୁକ୍ତ ଅନ୍ୟାନ୍ୟ ମଠ ମାନଙ୍କ ମଧ୍ୟରେ ମାନ୍ୟତା ଓ ପ୍ରସିଦ୍ଧି ରହିଅଛି । ଏପରିକି ଶ୍ରୀମନ୍ଦିରର ମେଘନାଦ ପ୍ରାଚୀର ସଂଲଗ୍ନ ଥିବା ମାତ୍ର ଦୁଇଟି ମଠ ମଧ୍ୟରୁ ବଡ଼ ଛତା ମଠ ଅନ୍ୟତମ । ଶ୍ରୀମନ୍ଦିର ସିଂହଦ୍ୱାର ସଂଲଗ୍ନ ଡ଼ାହାଣ ପାର୍ଶ୍ୱରେ ଏହି ମଠର ବିଜେସ୍ଥଳୀଟି ଅବସ୍ଥିତ । ଦ୍ୱିତାଲା ବିଶିଷ୍ଟ ବଡ଼ଛତା ମଠରେ ବିଜେସ୍ଥଳୀଟି ଆୟତନରେ କ୍ଷୁଦ୍ର ହୋଇଥିଲେ ହେଁ ରାମାନନ୍ଦୀ ସମ୍ପ୍ରଦାୟ ମଧ୍ୟରେ ଏହି ମଠର ମହନ୍ତଙ୍କୁ ବହୁ ସମ୍ମାନ ଦିଆଯାଇଥାଏ । ବଡ଼ଛତା ମଠକୁ ମଧ୍ୟ କେତେକ ବଳଭଦ୍ର ଠାକୁରଙ୍କ ପୀଠ ବୋଲି କହିଥାନ୍ତି ।

ବଡ଼ଛତା ମଠ ସମ୍ପର୍କରେ ପଣ୍ଡିତ ହରିହର ମିଶ୍ର ଦ୍ୱାରା ପ୍ରଣୀତ 'ପୁରୀ ତୀର୍ଥ ଦର୍ଶନ' ପୁସ୍ତକର ୩୨ ପୃଷ୍ଠାରେ ଉଲ୍ଲେଖ ଅଛି ଯେ, ''ଏହି ପୀଠ ସିଂହଦ୍ୱାରରେ ଅବସ୍ଥିତ । ଏ ପୀଠର ବୈରାଗୀମାନେ ପ୍ରତ୍ୟହ ଝାଂଜ ଓ ମୃଦଙ୍ଗ ବଜାଇ ମହାପ୍ରଭୁଙ୍କର ପ୍ରାତଃ କାଳରେ ନିଦ୍ରାଭଙ୍ଗ କରାନ୍ତି ଏବଂ ରାତିରେ ଶୟନ କରାନ୍ତି । ସ୍ଥାନୀୟ ଲୋକେ ଅନ୍ୟାନ୍ୟ ମଠ ମଧ୍ୟରେ ବଡ଼ଛତାକୁ ବେଶୀ ମାନ୍ୟ କରନ୍ତି ଏବଂ ଅପତ୍ୟାଦି ମାନଙ୍କୁ ଜୀବିତ କାମନାରେ ଏ ପୀଠର ସାଧୁ ସନ୍ୟାସୀଙ୍କ ଠାରେ ବିକ୍ରୟ କରନ୍ତି । ପୂର୍ବ ମଠାଧୀଶମାନେ ଗୃହରେ ନ ରହି ଗୋଟିଏ ଛତା ତଳେ ଦିନ କଟାଉଥିବାରୁ ମଠର ନାମ ବଡ଼ଛତା ହୋଇଅଛି ।'' ଏଠାରେ ଉଲ୍ଲେଖ ଯୋଗ୍ୟ ଯେ, ସେହି ପ୍ରାଚୀନ ପରମ୍ପରା ଅଦ୍ୟାବଧି ଅକ୍ଷୁର୍ଣ୍ଣ ରହିଥିବା ଜଣାଯାଏ । ଏବେ ବି ବହୁ ବ୍ୟକ୍ତି ବିଶେଷ ତାଙ୍କର ପିଲାମାନଙ୍କ ଆରୋଗ୍ୟ ଓ ଅନ୍ୟାନ୍ୟ ମଙ୍ଗଳ କାମନା ପୂର୍ବକ ଏହି ମଠକୁ ମାନସିକ ସ୍ୱରୂପ ପିଲାମାନଙ୍କୁ ବାବାଜୀ ରୂପେ ବିକ୍ରୟ କରି ପୁନଶ୍ଚ କିଛି ବର୍ଷ ପରେ ତାହାକୁ ମୁକୁଳାଇଥାନ୍ତି ।

ବଡ଼ଛତା ମଠର ପ୍ରତିଷ୍ଠା ସମ୍ପର୍କରେ ଜଣାଯାଏ ଯେ, ଆଜକୁ ୪୫୦ ବର୍ଷ ପୂର୍ବେ ଜନୈକ ପ୍ରସିଦ୍ଧ ସନ୍ଥ ମହାତ୍ମା ସିଂହଦ୍ୱାର ଠାରେ ଏକ ବୃହତ୍ ତାଳପତ୍ର ଛତା ପକାଇ ସେଠାରେ

Digitized by srujanika@gmail.com

ଅବସ୍ଥାନ କରିବା ସହିତ ଏକ ଅଗ୍ନି କୁଣ୍ଡ ସ୍ଥାପନ କରି ସର୍ବଦା ଧୁନି କରୁଥିଲେ । ତାଙ୍କ ସହିତ ରାମାନନ୍ଦୀ ପନ୍ଥୀ ସାଧୁ ଓ ବୈଷ୍ଣବ ମାନେ ଧୁନି କରିବା ସହିତ ରୋଷ କୂପରୁ ପାଣି କାଢୁଥିଲେ ଏବଂ ରୋଷ ଚୂଲାରୁ ବୈଷ୍ଣବାଗ୍ନି ଏହି ଅଗ୍ନିକୁଣ୍ଡକୁ ଆସୁଥିଲା । ଏହି ବୈଷ୍ଣବମାନେ ସିଂହଦ୍ୱାରଠାରେ ଯାତ୍ରୀ ଦଙ୍ଗା ହେଙ୍ଗମା ଗଣ୍ଡଗୋଳ ହେଲେ ମନ୍ଦିର ଦୁଆରିଙ୍କୁ ସାହାଯ୍ୟ କରୁଥିଲେ । ଏପରିକି ଯବନ ମାନଙ୍କ ଆକ୍ରମଣ ସମୟରେ ଉଭୟ ଛାଉଣୀ ମଠ ଓ ବଡ଼ଛତା ମଠର ସାଧୁ, ବୈଷ୍ଣବମାନେ ଏକାଠି ହୋଇ ଆକ୍ରମଣର ପ୍ରତିରୋଧ କରୁଥିଲେ । ବହୁ ବର୍ଷ ପରେ ସେହି ଛତା ଉଠାଯାଇ ମେଘନାଦ ପ୍ରାଚୀର ସଂଲଗ୍ନ ତଥା ସିଂହଦ୍ୱାର ଠାରେ ବଡ଼ ଛତା ମଠର କ୍ଷୁଦ୍ର ବିଜେସ୍ଥଳୀଟି ଛଣ ଛପରରେ ନିର୍ମିତ ହୋଇଥିଲା । ପରବର୍ତ୍ତୀ ସମୟରେ ଏହା ପକ୍‌କା ଗୃହରେ ପରିଣତ ହୋଇଥିଲା । ମେଘନାଦ ପ୍ରାଚୀର ସଂଲଗ୍ନ ଏହି ମଠର ବିଜେସ୍ଥଳୀଟି ଓସାରରେ ପ୍ରାୟ ୨୫ ଫୁଟ୍ ଏବଂ ଦୈର୍ଘ୍ୟରେ ୪୫ ଫୁଟ୍ ମଧ୍ୟରେ ସୀମିତ ।

ପୁରୀର ଯେଉଁ ୫/୬ଟି ମଠ ସହିତ ଶ୍ରୀମନ୍ଦିରର ପ୍ରତ୍ୟହ ନୀତି ସହ ସଂପୃକ୍ତ ରହିଛି, ତନ୍ମଧ୍ୟରେ ବଡ଼ଛତା ମଠ ଅନ୍ୟତମ । ଏହିଭଳି ଏକ ପ୍ରସିଦ୍ଧ ମଠର ଇତିହାସ, ଉତ୍ସବ, ପରିଚାଳନା ତଥା ମଠାଧୀଶମାନଙ୍କ ତାଲିକା ସଂପର୍କରେ ବ୍ୟକ୍ତିଗତ ଭାବେ ଲେଖକ ଅନେକ ଥର ଯୋଗାଯୋଗ କରିଥିଲେ ହେଁ ସଂପୃକ୍ତ ମଠର ଅଧିକାରୀଙ୍କ ଦୀର୍ଘ ଦିନ ଧରି ଅନୁପସ୍ଥିତି ଏବଂ ଅନ୍ୟ କୌଣସି ଚେଲା କିମ୍ବା କର୍ମଚାରୀ ଏହି ବିଷୟରେ ପ୍ରକାଶ ନକରିବାରୁ କେତେକ ତଥ୍ୟ ଉପଲବ୍ଧ ହୋଇପାରୁ ନାହିଁ । ପ୍ରଥମ ଥର ନିମନ୍ତେ ବହୁ ଅନୁସନ୍ଧାନ ପୂର୍ବକ ମଠ ସଂପର୍କରେ କେତେକ ନିର୍ଦ୍ଦିଷ୍ଟ ତଥ୍ୟ ପ୍ରକାଶ କରାଯାଉଅଛି ।

ପୁରୀର ମାନ୍ୟବର ସିଭିଲ୍ ଜଜ୍ (ସିନିୟର ଡ଼ିଭିଜନ) ଙ୍କ ଅଦାଲତରେ ଦାଖଲ ହୋଇଥିବା ଟାଇଟିଲ୍ ସୁଟ ନଂ ୪୦୧/୧୯୯୯ରୁ ମିଳୁଥିବା ତଥ୍ୟ ପ୍ରକାରେ ବଡ଼ ଛତା ମଠ ମହନ୍ତ ମାନଙ୍କ ମଧ୍ୟରେ କ୍ରମାନୁଯାୟୀ ମାତ୍ର ୬ ଜଣଙ୍କ ନାମ ମିଳୁଅଛି ।

ତନ୍ମଧ୍ୟରେ :-

(୧) ମହନ୍ତ ମୋହନ ଦାସ
(୨) ମହନ୍ତ ରାମାନୁଜ ଦାସ
(୩) ମହନ୍ତ କମଳ ଲୋଚନ ଦାସ
(୪) ମହନ୍ତ ଅନାଦୀ ଦାସ
(୫) ମହନ୍ତ ବାଳ ମୁକୁନ୍ଦ ଦାସ
(୬) ମହନ୍ତ ଶ୍ରୀ ରାମସ୍ୱରୂପ ଦାସ (ବର୍ତ୍ତମାନ ମଠାଧୀଶ ରୂପେ କାର୍ଯ୍ୟ ନିର୍ବାହ କରୁଛନ୍ତି)

ଏତଦ୍‌ବ୍ୟତୀତ ଶ୍ରୀମନ୍ଦିରରେ ଅନୁଷ୍ଠିତ ପଦ୍ମବେଶର ପ୍ରତିଷ୍ଠାତା ସନ୍ଥ ମନୋହର ଦାସ, ଯେକି ଏହି ମଠର ବିଜେସ୍ଥଳୀରେ ଥିବା ତତ୍‌କାଳୀନ ଛତା ତଳେ ଆଶ୍ରୟ ନେଇ ନିଜର ଶେଷ ଜୀବନ ଏହି ପୀଠରେ ହିଁ କଟାଇଥିଲେ । ପୂର୍ବତନ ମଠାଧୀଶ ମୋହନ

Digitized by srujanika@gmail.com

ଦାସଙ୍କ ପୂର୍ବରୁ ପ୍ରେମ ଦାସ, ମସ୍ୟ ସ୍ୱାମୀ ଦାସ ଏବଂ ସନ୍ଥ ରଘୁବର ଦାସଙ୍କ ନାମ ବିଭିନ୍ନ ସୂତ୍ରରୁ ମିଳୁଅଛି । ପ୍ରକୃତ ପକ୍ଷେ ମହନ୍ତ ମୋହନ ଦାସଙ୍କ ପୂର୍ବବର୍ତ୍ତୀ ମହନ୍ତ ମାନଙ୍କ ନାମ କ୍ରମାନୁଯାୟୀ ମଠରେ ଉପଲବ୍ଧ ହେଉନାହିଁ । ଗବେଷଣା କରାଗଲେ ଏ ସଂପର୍କରେ ଅଧିକ ତଥ୍ୟ ଉଦ୍‌ଘାଟିତ ହୋଇପାରିବ ।

ବଡ଼ଛତା ମଠ ରାମାନନ୍ଦୀ ସମ୍ପ୍ରଦାୟ ମଧ୍ୟରେ ଏତେ ପ୍ରଭାବଶାଳୀ ଥିଲା ଯେ, ଅତୀତରେ ଏହି ସମ୍ପ୍ରଦାୟର ଯେଉଁ ମଠ ଗୁଡ଼ିକ କୌଣସି କାରଣରୁ ସେବା ପୂଜା ତଥା ପରିଚାଳନା ଇତ୍ୟାଦି କାର୍ଯ୍ୟରେ ବିଫଳ ହେଉଥିଲେ, ସେହି ଅନୁଷ୍ଠାନ ଗୁଡ଼ିକ ବଡ଼ଛତା ମଠ ଅଧୀନକୁ ଚାଲି ଆସୁଥିଲା । ଏହାର ପ୍ରମାଣ ସ୍ୱରୂପ ୧୯୦୪ ମସିହାରେ ଦଶାବତାର ମଠର ସେବାପୂଜା, ପରିଚାଳନା ଓ ସଂପୂର୍ଣ୍ଣ ତତ୍ତ୍ୱାବଧାନ ଦାୟିତ୍ୱ ବଡ଼ଛତା ମଠ ଉପରେ ନ୍ୟସ୍ତ ହୋଇଥିଲା । ସେହିପରି ପୁରୀରେ ପ୍ରତିଷ୍ଠିତ କବି ସମ୍ରାଟ ଉପେନ୍ଦ୍ର ଭଞ୍ଜଙ୍କ ସାଧନା ସ୍ଥଳ ଘୁମୁସର ମଠଟି ଦୀର୍ଘ ବର୍ଷ ଧରି ବଡ଼ ଛତା ମଠ ଅଧୀନରେ ଅବହେଳିତ ଅବସ୍ଥାରେ ରହିଅଛି । ଏହା ବ୍ୟତୀତ ଦୋଳମଣ୍ଡପ ସାହିସ୍ଥ ସନ୍ଥ ନିବାସ, ଅତ୍ୟନ୍ତ ପ୍ରାଚୀନ ସମୟରୁ ଶ୍ରୀକ୍ଷେତ୍ରରେ ଅବସ୍ଥିତ ଅଙ୍ଗୀରା ଆଶ୍ରମ (ଦୋଳମଣ୍ଡପ ସାହିସ୍ଥ ଜହ୍ନି ମୁଣ୍ଡିଆ ଛକ ସନ୍ନିକଟ) ମଧ୍ୟ ଏହି ମଠ ଅଧୀନରେ ରହିଥିବା ଜଣାଯାଏ । ଏପରିକି ଶ୍ରୀମନ୍ଦିରର ଦକ୍ଷିଣ ଦ୍ୱାର ସଂଲଗ୍ନ ମେଘନାଦ ପ୍ରାଚୀର ନିକଟରେ ଏହି ମଠର ବୃହତ୍‌କାୟ ମହାବୀର ମୂର୍ତ୍ତି ପ୍ରତିଷ୍ଠିତ ହୋଇଛନ୍ତି । ଏହି ପ୍ରସ୍ତର ନିର୍ମିତ ମହାବୀର ବିଗ୍ରହର ଉଚ୍ଚତା ପ୍ରାୟ ୧୫ ଫୁଟ୍ ହେବ । ମଠ ତରଫରୁ ତିନି ଜଣ ବାବାଜୀ ବୈଷ୍ଣବ ମହାବୀରଙ୍କ ଦୈନନ୍ଦିନ ନୀତି, ସେବା ପୂଜା ଦାୟିତ୍ୱରେ ନିୟୋଜିତ ହୋଇଛନ୍ତି । ଏହି ମନ୍ଦିରରୁ ଆଦାୟ ହେଉଥିବା ସମସ୍ତ ଅର୍ଥ ମଠ ପାଣ୍ଠିକୁ ଆସୁଅଛି ।

ମଠ ଠାକୁର ଓ ନୀତି, ଉତ୍ସବ :- ବଡ଼ଛତା ମଠ ବିଜେସ୍ଥଳୀରେ ପୂଜିତ ହେଉଥିବା ବିଭିନ୍ନ ଦେବଦେବୀ ମାନଙ୍କ ମଧ୍ୟରେ ଶ୍ରୀ ରଘୁନାଥ ଜୀଉ ହେଉଛନ୍ତି ଉକ୍ତ ମଠର ଇଷ୍ଟ ତଥା ମୁଖ୍ୟ ବିଗ୍ରହ । ଅତ୍ୟନ୍ତ କମନୀୟ ରଘୁନାଥ ଜୀଉ ଦଣ୍ଡାୟମାନ ଭଙ୍ଗୀରେ ବିରାଜିତ। ବିଗ୍ରହଙ୍କର ଉଚ୍ଚତା ସାଢ଼େ ତିନି ଫୁଟ୍ । କଳା ମୁଗୁନି ପ୍ରସ୍ତରରେ ନିର୍ମିତ ଏହି ବିଗ୍ରହଙ୍କର ହସ୍ତରେ ଧନୁର୍ବାଣ ଏବଂ ମସ୍ତକରେ କିରୀଟ ସୁଶୋଭିତ । ତାଙ୍କ ଡ଼ାହାଣ ପାର୍ଶ୍ୱରେ ରଘୁନାଥ ଜୀଉଙ୍କ ସହ ରହିଥିବା ଜନକ ନନ୍ଦିନୀ ସୀତା ଦେବୀ (ଧାତୁ ବିଗ୍ରହ) ଙ୍କ ଉଚ୍ଚତା ପ୍ରାୟ ୩ ଫୁଟ ହେବ । ମଠର ଦୁଇ ଆରାଧ୍ୟ ବିଗ୍ରହଙ୍କୁ ପ୍ରତ୍ୟେକ ଦିନ ବିଭିନ୍ନ ପ୍ରକାରର ସିଲ୍‌କ ବସ୍ତ୍ର, ପୁଷ୍ପମାଲ୍ୟ, ରନ୍ ଅଳଙ୍କାରାଦିରେ ଭୂଷିତ କରାଯାଇଥାଏ । ମଠର ବିଜେସ୍ଥଳୀରେ ଥିବା ଏକ କୋଠରୀ ସଦୃଶ ଦୁଇ ବଖରା ଘର ମଧ୍ୟରୁ ପ୍ରଥମ ବଖରାରେ ଅଢ଼େଇ ଫୁଟ୍ ଉଚ୍ଚତା

Digitized by srujanika@gmail.com

ବିଶିଷ୍ଟ ସିଂହାସନ ଉପରେ ସୀତାରାମ ବିଗ୍ରହ ବିରାଜିତ ହୋଇଥିବା ସ୍ଥଳେ ତାଙ୍କ ଡ଼ାହାଣ ଓ ବାମ ପାର୍ଶ୍ୱରେ ରାଧାକୃଷ୍ଣ, ଲକ୍ଷ୍ମୀନାରାୟଣ, ରାମ, ଲକ୍ଷ୍ମଣ, ସୀତା, ହନୁମାନ, ନୃସିଂହ, ଶଙ୍କର ଭଗବାନ, ମତ୍ସ୍ୟରୂପୀ ଭଗବାନ ଏବଂ ଶତାଧିକ ଦୁର୍ଲଭ ଶାଳଗ୍ରାମ ପୂଜିତ ହେଉଛନ୍ତି । ଏଠାରେ ଉଲ୍ଲେଖଯୋଗ୍ୟଯେ, ଏହି ମଠର ବୈଷ୍ଣବ ଓ ଅନ୍ୟାନ୍ୟ ସନ୍ଥ ମାନେ ଅତୀତରେ ତୀର୍ଥାଟନରୁ ଫେରିବା ସମୟରେ କେତେକ ଦୁର୍ଲଭ ଶାଳଗ୍ରାମ ସଙ୍ଗରେ ଆଣୁଥିଲେ । ଉକ୍ତ ଶାଳଗ୍ରାମଙ୍କୁ ଏହି ମଠକୁ ସେମାନେ ପୂଜା କରିବା ଉଦ୍ଦେଶ୍ୟରେ ଅର୍ପଣ କରୁଥିଲେ । ସେହି ପ୍ରାଚୀନ ସମୟରୁ ମଠକୁ ପ୍ରାପ୍ତ ହୋଇଥିବା ଶତାଧିକ ଶାଳଗ୍ରାମ ଏବେ ବି ନିତ୍ୟ ପୂଜିତ ହେଉଛନ୍ତି । ପ୍ରତ୍ୟେକ ଶାଳଗ୍ରାମ ମୂର୍ତ୍ତିଙ୍କୁ ପ୍ରତ୍ୟହ ସ୍ନାନ ପୂର୍ବକ ତୁଳସୀ ପତ୍ର ଲାଗି କରାଯାଇଥାଏ । ପ୍ରଥମ ବଖରାର ଡ଼ାହାଣ ପାର୍ଶ୍ୱରେ ଅନ୍ୟ ଏକ ସ୍ୱତନ୍ତ୍ର କ୍ଷୁଦ୍ର କୋଠରୀର ମଧ୍ୟଭାଗସ୍ଥିତ ସିଂହାସନ ଉପରେ ପ୍ରାୟ ଏକ ଫୁଟ ଉଚ୍ଚତା ବିଶିଷ୍ଟ ଦାରୁ ବିଗ୍ରହ ଶ୍ରୀ ଜଗନ୍ନାଥ, ଶ୍ରୀ ବଳଭଦ୍ର, ଶ୍ରୀ ସୁଭଦ୍ରା, ଶ୍ରୀ ସୁଦର୍ଶନ, ଗରୁଡ଼ଜୀ, ଶାଳଗ୍ରାମ ଓ ଅନ୍ୟାନ୍ୟ ବିଗ୍ରହମାନେ (ଧାତୁ) ପୂଜା ପାଉଛନ୍ତି । ମଠରେ ବିରାଜିତ ଠାକୁରମାନେ ଦୁଇ ବଖରା ସଦୃଶ ଗୃହରେ ଅଧିଷ୍ଠିତ ହୋଇଥିଲା ବେଳେ ଏହି ଗୃହରେ ଦୁଇଟି ଦ୍ୱାର ରହିଅଛି । ଦ୍ୱାରଦେଶର କାନ୍ଥରେ ପ୍ରାୟ ୭/୮ଟି ହନୁମାନଙ୍କ ବିଗ୍ରହ ରହିଅଛି । ପ୍ରତ୍ୟହ ଠାକୁରମାନଙ୍କର ମଙ୍ଗଳ ଆରତୀ, ଅବକାଶ, ଖେଚୁଡ଼ି ଭୋଗ, ସନ୍ଧ୍ୟା ଆରତୀ, ଭଜନ କୀର୍ତ୍ତନ, ରାତ୍ର ଭୋଗ, ପହୁଡ଼ ଇତ୍ୟାଦି ନୀତି ଅନୁଷ୍ଠିତ ହୋଇଥାଏ । ମଠରେ ଓ ସନ୍ଥ ନିବାସରେ ଅବସ୍ଥାନ କରୁଥିବା କୋଠାରୀ, ବାବାଜୀ, ବୈଷ୍ଣବମାନେ ଏହି ଦେବ ନୀତି, ସେବା ପୂଜା କାର୍ଯ୍ୟରେ ନିୟୋଜିତ ହୋଇଛନ୍ତି । ଉଲ୍ଲେଖଯୋଗ୍ୟଯେ ଉକ୍ତ ମଠର ମହନ୍ତ ଓ ଅନ୍ୟାନ୍ୟ ବାବାଜୀ ବୈଷ୍ଣବ ମାନଙ୍କ ଆଶ୍ରୟ ପାଇଁ ବିଜେସ୍ଥଳୀରେ ସ୍ୱତନ୍ତ୍ର ଗୃହ ନଥିବାରୁ ଦୋଳମଣ୍ଡପ ସାହିସ୍ଥ ମଠର 'ସନ୍ଥ ନିବାସ' ଠାରେ ଆଶ୍ରୟ ଓ ନିତ୍ୟକର୍ମାଦି କାର୍ଯ୍ୟ କରିଥାନ୍ତି । ଏପରିକି ମଠ ବିଜେସ୍ଥଳୀଟିରେ ଏକ ଆଟୁ ବା ଭାଡ଼ି ସଦୃଶ ଘର କରାଯାଇଛି । ଏହି ଭାଡ଼ି ଘରକୁ ଉଠିବା ପାଇଁ ଏକ କାଠର ସିଡ଼ି ମଧ୍ୟ ରହିଛି । ସେଠାରେ ଠାକୁରମାନଙ୍କ ରୋଷଘର ଓ ଅନ୍ୟ ଏକ ଗୃହରେ ନିତ୍ୟ ବ୍ୟବହାର୍ଯ୍ୟ କେତେକ ଜିନିଷପତ୍ର ତଥା ଅନ୍ୟାନ୍ୟ ଉପକରଣ ରଖାଯାଉଅଛି । ଜଗମୋହନଟିରେ ଭଜନ, କୀର୍ତ୍ତନ, ପ୍ରସାଦ ସେବନ ଇତ୍ୟାଦି କାର୍ଯ୍ୟରେ ବ୍ୟବହୃତ ହେଉଥିବା ବେଳେ ଜଗମୋହନର ଡ଼ାହାଣ ପାର୍ଶ୍ୱରେ ଏକ କ୍ଷୁଦ୍ର ଖୋଲା ବଖରାଟିରେ ଝୁଲଣ ଉତ୍ସବ ଅନୁଷ୍ଠିତ ହୋଇଥାଏ । ମଠର ମୁଖ୍ୟ ଦ୍ୱାର ପୂର୍ବାଭିମୁଖୀ । ଦ୍ୱାରଦେଶର ଦୁଇ ପାର୍ଶ୍ୱରେ ଦୁଇଟି କ୍ଷୁଦ୍ର ସିଂହ ମୂର୍ତ୍ତି ବିଦ୍ୟମାନ । ମଠ ଦ୍ୱାର ସଂଲଗ୍ନ ବାରଣ୍ଡାର ଡ଼ାହାଣ ପାର୍ଶ୍ୱରେ ଏକ କ୍ଷୁଦ୍ର କୋଠରୀରେ ଅଗ୍ନି କୁଣ୍ଡ ରହିଅଛି । ଶ୍ରୀମନ୍ଦିର ରୋଷଶାଳାରୁ ଆସୁଥିବା ବୈଷ୍ଣବାଗ୍ନି

Digitized by srujanika@gmail.com

ଏହି କୁଣ୍ଡରେ ରହିଥାଏ । ସୂଚନାଯୋଗ୍ୟଯେ ଏଭଳି ଅଧିକାର ପୁରୀର ଅନ୍ୟ କୌଣସି ମଠର ନାହିଁ । ବଡ଼ ଛତା ମଠରେ ବର୍ଷର ବିଭିନ୍ନ ସମୟରେ ପାଳିତ ପର୍ବ ପର୍ବାଣୀ, ଉତ୍ସବ ଇତ୍ୟାଦି ମଧ୍ୟରେ କାର୍ତ୍ତିକ ମାସରେ ପ୍ରତ୍ୟହ ମଠ ଠାକୁରଙ୍କ ସ୍ୱତନ୍ତ୍ର ମଙ୍ଗଳ ଆରତୀ, ବାଳ ଭୋଗ, ଅଁଳା ନବମୀ ଉତ୍ସବ ପାଳନ କରାଯାଇଥାଏ । ପୌଷ ମାସରେ ପୂର୍ବତନ ମଠାଧୀଶ ତଥା ଶ୍ରୀ ଗୁରୁଦେବଙ୍କର ଶ୍ରାଦ୍ଧ ମହୋତ୍ସବ ପାଳିତ ହୋଇଥାଏ । ମାଘ ମାସରେ ଏ ମଠର ଗୁରୁତ୍ୱପୂର୍ଣ୍ଣ ପର୍ବ ଭାବେ ପଦ୍ମବେଶ ଏବଂ ଫାଲଗୁନ ମାସରେ ରଘୁନାଥ ଜୀଉଙ୍କ ଉଦ୍ଦେଶ୍ୟରେ ମଠରେ ଫଗୁ ଖେଳ ଉତ୍ସବ ପାଳନ କରାଯାଏ । ଚୈତ୍ର ମାସରେ ଭଗବାନ ଶ୍ରୀ ରଘୁନାଥ ଜୀଉଙ୍କର ଜନ୍ମ ମାସ ହୋଇଥିବାରୁ ଜନ୍ମ ମହୋତ୍ସବ ଅତି ଆଡ଼ମ୍ବର ସହକାରେ ଅନୁଷ୍ଠିତ ହୋଇଥାଏ । ବୈଶାଖ ମାସରେ ଠାକୁର ମାନଙ୍କ ଚନ୍ଦନ ଯାତ୍ରା ଅବସରରେ ୪୨ ଦିନ ବ୍ୟାପୀ ମଠର ଇଷ୍ଟ ବିଗ୍ରହ ଶ୍ରୀ ରଘୁନାଥ ଜୀଉଙ୍କୁ ଚନ୍ଦନ ସର୍ବାଙ୍ଗ ବା ଲେପନ କରାଯାଏ । ଉପରୋକ୍ତ ଦିନ ମାନଙ୍କରେ ଠାକୁରଙ୍କୁ ପଇଡ଼ ଏବଂ ପଣା ଭୋଗ ହୋଇଥାଏ । ଏହି ମାସରେ ମଠକୁ ଭାରତର ବିଭିନ୍ନ ସ୍ଥାନରୁ ବହୁ ସାଧୁ, ସନ୍ଥ ଆଗମନ କରିଥାନ୍ତି । ଜ୍ୟେଷ୍ଠ ମାସରେ ମଠରେ ବିରାଜିତ ଚତୁର୍ଦ୍ଧାମୂର୍ତ୍ତି ଦାରୁ ବିଗ୍ରହଙ୍କର ସ୍ନାନ ଉତ୍ସବ ପାଳନ କରାଯାଏ । ସ୍ନାନ ପରେ ବହୁ ପ୍ରକାରର ସୁବ୍ୟଞ୍ଜନ ଭୋଗ ହୋଇଥାଏ । ପରମ୍ପରା ପ୍ରକାରେ ଠାକୁର ମାନଙ୍କୁ (ଶ୍ରୀଜଗନ୍ନାଥ, ଶ୍ରୀବଳଭଦ୍ର, ମା' ସୁଭଦ୍ରା ଓ ଶ୍ରୀ ସୁଦର୍ଶନ ଦେବ) ୧୫ ଦିନ ପାଇଁ ଅଣସରରେ ରଖାଯାଇଥାଏ । ୧୫ ଦିନ ପରେ ଶ୍ରୀମନ୍ଦିର ଭଳି ଏଠାରେ ଠାକୁର ମାନଙ୍କର ନବଯୌବନ ଦର୍ଶନ ହୋଇଥାଏ । ଏ ମାସରେ ମଧ୍ୟ ସାଧୁସନ୍ଥ ମାନେ ମଠକୁ ଆସିଥାନ୍ତି । ଆଷାଢ଼ ମାସରେ ଅନୁଷ୍ଠିତ ରଥ ଯାତ୍ରା ଅବସରରେ ମଠ ପକ୍ଷରୁ ଏହି ଉତ୍ସବକୁ ନିରାଡ଼ମ୍ବର ଭାବେ ପାଳନ କରାଯାଏ । ଶ୍ରାବଣ ମାସରେ ମଠରେ ଝୁଲଣ ଯାତ୍ରା ମହା ସମାରୋହରେ ଅନୁଷ୍ଠିତ ହୋଇଥାଏ । ଏହି ଝୁଲଣକୁ ଶ୍ରୀରାମ, ଲକ୍ଷ୍ମଣ, ସୀତାଜୀ, ହନୁମାନ, ରାଧାକୃଷ୍ଣ ବିଜେ ହୋଇଥାନ୍ତି। ସନ୍ଧ୍ୟା ସମୟରେ ମଠର ଜଗମୋହନରେ ପାରମ୍ପରିକ ସଂଗୀତ ସମାରୋହ ହୋଇଥାଏ । ଉଲ୍ଲେଖଯୋଗ୍ୟଯେ ଅନ୍ୟାନ୍ୟ ମଠ ଓ ମନ୍ଦିର ଅପେକ୍ଷା ଏହି ମଠରେ ଦୀର୍ଘ ୧୦ ଦିନ ବ୍ୟାପୀ ଭିତର ଝୁଲଣ ଓ ବାହାର ଝୁଲଣ ମହୋତ୍ସବ ହୋଇଥାଏ ।

ଶ୍ରୀମନ୍ଦିର ସହ ସମ୍ପର୍କ :- ଶ୍ରୀମନ୍ଦିର ସ୍ୱତ୍ୱଲିପିର ୧୧୯ ନମ୍ବର ବ୍ୟକ୍ତିଗତ ସେବାରେ ''ବଡ଼ଛତା ମଠର ମଙ୍ଗଳ ଆଳତି ଓ ପହୁଡ଼ ଆଳତିରେ କୀର୍ତ୍ତନ, ବାଳଧୂପ, ଚନ୍ଦନ ଓ ଦୋଳରେ କୀର୍ତ୍ତନ କରିବେ । ଏ ମଠ ପଦ୍ମ ବେଶ କରାନ୍ତି । ଦୈନିକ ଦୁଇ ହାଣ୍ଡି ଅଗ୍ନି,

Digitized by srujanika@gmail.com

ବାର୍ଷିକ ୧ ଖଣ୍ଡ ଖଣ୍ଡୁଆ ପାଆନ୍ତି ।'' ବିଷୟ ଉଲ୍ଲେଖ ରହିଛି । ଶ୍ରୀକ୍ଷେତ୍ରରେ ପ୍ରତିଷ୍ଠିତ ଯେଉଁ ସ୍ୱଳ୍ପ କେତେକ ମଠ ଶ୍ରୀମନ୍ଦିରର ଦୈନନ୍ଦିନ ନୀତି, ସେବା ପୂଜା ଯାନିଯାତ୍ରା ସହ ସଂପୃକ୍ତ ତନ୍ମଧ୍ୟରେ ବଡ଼ ଛତା ମଠ ଅନ୍ୟତମ । ଶ୍ରୀମନ୍ଦିରର ପ୍ରଥମ ନୀତି ଦ୍ୱାର ଫିଟା ଓ ମଙ୍ଗଳ ଆଳତୀ ଏବଂ ଶେଷ ନୀତି ପହୁଡ଼ ଆଳତି ସମୟରେ ପୁରୀର ଏକମାତ୍ର ବଡ଼ଛତା ମଠର ସେବା ରହିଛି, ଯାହାକି ଅନ୍ୟ କୌଣସି ମଠର ନାହିଁ । ପ୍ରତ୍ୟହ ସିଂହଦ୍ୱାର କବାଟ ଖୋଲାଯିବା ପରେ ବଡ଼ଛତା ମଠର ୩ ଜଣ ବୈଷ୍ଣବ ସନ୍ଥ ଢ଼ୋଲକି ଓ ଗିନି ଧରି ନାଟ ମନ୍ଦିର (ଯାହାକି ବର୍ତ୍ତମାନ ଜଗମୋହନ ନାମରେ କଥିତ) ଠାରେ ଉପସ୍ଥିତ ହୋଇ ପାରମ୍ପରିକ ସଂଗୀତ ଯଥା 'ରାମକୃଷ୍ଣ ଦାମୋଦର ପ୍ରଭୁ ମାଧବ ମଧୁସୂଦନଂ' 'ଜୟ ଗୋବିନ୍ଦ ଜୟ ଗୋପାଳଂ', 'କେଶବ ମାଧବ ରାମ ଦୟାଗଂ' ପ୍ରଭୃତି ଗାନ କରିବା ସହିତ କୀର୍ତ୍ତନ ଓ ତାଳରେ ବାଦ୍ୟ ବଜାଇଥାନ୍ତି । ଏମାନଙ୍କ ସହ କେତେକ ଦର୍ଶନାର୍ଥୀ, ଭକ୍ତ ମାନେ ମଧ ନାଟମଣ୍ଡପରେ ବସି ଉପରୋକ୍ତ ସଂଗୀତ ଗୁଡ଼ିକୁ ପାଳି ଧରି ଗାନ କରିଥାନ୍ତି । ଏହି ଗାନ ଓ ବାଦ୍ୟ ମଙ୍ଗଳ ଆଳତୀର ଅବ୍ୟବହିତ ପୂର୍ବରୁ ଜୟବିଜୟ ଦ୍ୱାର ଖୋଲା ହେବା ପର୍ଯ୍ୟନ୍ତ ଚାଲିଥାଏ । ଏପରିକି ଶ୍ରୀଗୁଣ୍ଡିଚା ମନ୍ଦିରରେ ଠାକୁରମାନେ ଅବସ୍ଥାନ କରୁଥିବା ସମୟରେ ମଠ ତରଫରୁ ବାଦ୍ୟ, ଗିନି ଧରି ବୈଷ୍ଣବ ମାନେ ଦଶାବତାର ମଠରେ ରହିଥାନ୍ତି । ସେଠାରୁ ପ୍ରତ୍ୟହ ଗୁଣ୍ଡିଚା ମନ୍ଦିରରେ ଉପସ୍ଥିତ ରହି ମଙ୍ଗଳ ଆଳତୀ ସମୟରେ ଗାନ ଓ ବାଦ୍ୟ ବଜାଇଥାନ୍ତି । ବାସ୍ତବିକ ବହୁ ପୁରାତନ ସମୟରୁ ଶ୍ରୀମନ୍ଦିରରେ ବର୍ଷ ତମାମ୍ ଏହି ପାରମ୍ପରିକ ସେବା କରିଆସୁଥିବା ସଂପୃକ୍ତ ମଠର ଅଦ୍ୟାବଧି ଏଥିରେ କୌଣସି ଅନିୟମିତତା କିମ୍ବା ତ୍ରୁଟି ହୋଇନାହିଁ । ପରମ୍ପରା ପ୍ରକାରେ କେବଳ ଅଣସର ସମୟରେ ଏହି ବାଦ୍ୟ କିମ୍ବା ସଂଗୀତ ଗାନ କରାଯାଇନଥାଏ । ଏହା ଏବେ ବି ଅକ୍ଷୁର୍ଣ୍ଣ ରହିଅଛି । ସେହିପରି ଶ୍ରୀମନ୍ଦିରର ଶେଷ ନୀତି ରାତ୍ର ପହୁଡ଼ ଆଳତୀ ସମୟରେ ମଠର ଦୁଇ ଜଣ ବୈଷ୍ଣବ (ବାବାଜୀ) ଢ଼ୋଲକି ଓ ଗିନି ଧରି ଜଗମୋହନକୁ ଯାଇଥାନ୍ତି । ପହୁଡ଼ ଶେଷ ହେବା ପର୍ଯ୍ୟନ୍ତ ସେହି ବୈଷ୍ଣବ ଦୁଇ ଜଣ ବାଦ୍ୟ ବଜାଇଥାନ୍ତି । ଏହି ସମୟରେ ବଡ଼ଛତା ମଠର ବାବାଜୀ ମାନେ ପାରମ୍ପରିକ ଭାବେ ଶ୍ରୀଜୀଉଙ୍କ ଶୟନ ନୀତି ସମୟରେ ତୁଳସୀ ଦାସଙ୍କ ବିରଚିତ ଭଜନ ଗାନ କରିଥାନ୍ତି । ନିମ୍ନରେ ଉକ୍ତ ଭଜନର କିଛି ଅଂଶ ପ୍ରଦତ୍ତ କରାଗଲା ।

''ପୁରୁଷୋତ୍ତମ ପ୍ରଭୁ ତ୍ରିଭୁବନ ଦେବା
ମହିମା ଜୟ ପ୍ରଭୁ ଜୟ ଜୟ ଦେବା
ଜୟ ଜୟ ପ୍ରଭୁ ନିଖିଳ ବିହାରୀ

Digitized by srujanika@gmail.com

ସାଧୁ ସନ୍ଥ ଜନ ହିତକାରୀ
ଜୟ ଶ୍ରୀ ଜଗନ୍ନାଥ ଜୟ ଦେବା
ଶିବ ବିରଞ୍ଚି ନାରଦ କରେ ସେବା
X X X X X X X X X
ପୁଷ୍ପାଞ୍ଜଳି ପ୍ରଭୁ ଜୟ ଜୟ ବରଷେ
ନରନାରୀ ଆନନ୍ଦ ମନେ ହରଷେ
ଚାମର ଛତ୍ର ଶିର ପରେ ଶୋହେ
ଜଗନ୍ନାଥ ଦେବ ସୁଖେ ପହୁଡ଼େ
X X X X X X X X X

(ଦ୍ରଷ୍ଟବ୍ୟ : ଶ୍ରୀମନ୍ଦିର ସମାଚାର ଜୁନ୍, ୧୯୯୭ ସଂଖ୍ୟା)

ପହୁଡ଼ ଶେଷ ହେବା ପରେ ପାରମ୍ପରିକ ଭାବେ ବାବାଜୀମାନେ ଢ଼ୋଲକି ଓ ଗିନି ବଜାଇ ବଜାଇ ଜଗମୋହନରୁ ସାତ ପାହାଚ, ଭିତର ବେଢ଼ା ଓ ବାଇଶି ପାହାଚ ଦେଇ ସିଂହଦ୍ୱାର ବାଟେ ପ୍ରସ୍ଥାନ କରିବା ପରେ ସିଂହଦ୍ୱାର ବନ୍ଦ ହୋଇଥାଏ । ଏଠାରେ ଉଲ୍ଲେଖଯୋଗ୍ୟଯେ ମଙ୍ଗଳ ଆଳତୀ ସମୟରେ ମଠ ପକ୍ଷରୁ ବୋଲାଯାଉଥିବା ଭଜନଗାନ ବର୍ଷର କେତେକ ନିର୍ଦ୍ଦିଷ୍ଟ ମାସରେ ପରିବର୍ତ୍ତିତ ହୋଇ ଅନ୍ୟ ସଂଗୀତ ଗାନ କରଯାଇଥାଏ । ପ୍ରକୃତ ପକ୍ଷେ ସନ୍ଥ ତୁଳସୀ ଦାସଙ୍କ ବିରଚିତ ଭଜନ ମୁଖ୍ୟତଃ ଭାବେ ଏଥିରେ ପରିବେଷଣ ହୋଇଥାଏ । ଏପରିକି ତୁଳସୀ ଦାସଙ୍କ ଇଷ୍ଟ ପ୍ରଭୁ ଶ୍ରୀରାମ ଏବଂ ତାଙ୍କ ରଚିତ ଭଜନ, ଜଣାଣ ସର୍ବୋପରି ଶ୍ରୀରାମ ରୂପୀ ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କ ସେବା ଇତ୍ୟାଦିର ପ୍ରଭାବ ଏହି ମଠ ଉପରେ ରହିଥିବା ପରିଲକ୍ଷିତ ହେଉଅଛି । ବିଶେଷତଃ ଅନ୍ୟାନ୍ୟ ମଠର ଚାମର, ଆଲଟ ସେବା, ମନ୍ଦିର ରୋଷ ଘରେ ଚୁଲା, ସରଘର, ମନ୍ଦିରରେ ପନ୍ତୀ ଭୋଗ ଅଧିକାର ଥିବା ବେଳେ ଏହି ମଠର ସ୍ୱତନ୍ତ୍ର ମଙ୍ଗଳ ଆଳତୀ ଓ ପହୁଡ଼ ଆଳତୀ ନୀତିରେ ପ୍ରତ୍ୟକ୍ଷ ଭାବେ ପାରମ୍ପରିକ ସେବା ସନ୍ଥ ତୁଳସୀ ଦାସଙ୍କ ପରବର୍ତ୍ତୀ ସମୟରେ ହୋଇଥିବା ଅନୁମାନ କରାଯାଏ । କାର୍ତ୍ତିକ ମାସରେ ଶ୍ରୀମନ୍ଦିରରେ ଅନୁଷ୍ଠିତ ବାଲଧୂପ ସମୟରେ ଉକ୍ତ ମଠ ତରଫରୁ ଏକ କ୍ଷୁଦ୍ର ହନୁମାନ ମୂର୍ତ୍ତି ବିଜେ ପୂର୍ବକ ଝୁଲଣ ମୁଣ୍ଡି (ମୁକ୍ତି ମଣ୍ଡପର ସମ୍ମୁଖ ସ୍ଥାନ ତଥା ଚଟାଣ) ଠାରେ ଗିନି ଓ ଢ଼ୋଲକି ବାଦ୍ୟ ବଜାଯାଇ ପାରମ୍ପରିକ ସଂଗୀତ ଗାନ କରାଯାଇଥାଏ । ସେହିପରି ଚନ୍ଦନ ଯାତ୍ରାରେ ପ୍ରତ୍ୟେକ ଦିନ ନରେନ୍ଦ୍ର ସରୋବରରୁ ଠାକୁର ମାନଙ୍କ ବାହୁଡ଼ା ବିଜେ ସମୟରେ ମଠର ବାବାଜିମାନେ ପାଲିଙ୍କି ସମ୍ମୁଖରେ ବାଦ୍ୟ ବଜାଇ ବଜାଇ ମନ୍ଦିର ଭିତରକୁ ଆସିଥାନ୍ତି । ବେଣ୍ଟ ଯାତ୍ରା ସମୟରେ ଉକ୍ତ ମଠର ବୈଷ୍ଣବ (ବାବାଜୀ) ମାନେ ଗିନି ଓ ଢ଼ୋଲକି ବଜାଇ ଠାକୁରଙ୍କ ସଙ୍ଗରେ ଯାତ୍ରା କରିଥାନ୍ତି । ଏତଦ୍‌ବ୍ୟତୀତ ଦୋଳ ପୂର୍ଣ୍ଣିମା ଦିନ ଦୋଳଗୋବିନ୍ଦଙ୍କ ସହ ବାଜା ବଜାଇ ଦୋଳ ବେଦୀକୁ ଯାଇଥାନ୍ତି । ବାହୁଡ଼ା ଯାତ୍ରା ଅବସରରେ ସିଂହଦ୍ୱାର ଠାରେ ତିନି ରଥ ଉପରେ ଠାକୁରମାନେ ବିରାଜମାନ କରୁଥିବା ସମୟରେ ମଙ୍ଗଳ ଆଳତୀ

Digitized by srujanika@gmail.com

ଓ ପହୁଡ଼ ଆଳତୀ ନୀତି ବେଳେ ମଠ ବିଜେସ୍ଥଳୀର ଜଗମୋହନରେ ବାଦ୍ୟ ଓ ସଂଗୀତ ଗାନ କରାଯାଇଥାଏ । ଏପରିକି ବଳିତା, କର୍ପୂର ଇତ୍ୟାଦି ସାମଗ୍ରୀ ମଠ ବିଜେସ୍ଥଳୀଠାରୁ ଯାଇଥାଏ ।

ପରମ୍ପରା ଅନୁଯାୟୀ ଶ୍ରୀମନ୍ଦିର ରୋଷରୁ ବୈଷ୍ଣବାଗ୍ନି ରୋଷ ପାଇକଙ୍କ ଦ୍ୱାରା ମଠର ବାବାଜୀଙ୍କୁ ରୋଷ ଦ୍ୱାର ଠାରେ ପ୍ରଦତ୍ତ ହେବାପରେ ଉକ୍ତ ଅଗ୍ନି ଆସି ମଠର ବିଜେସ୍ଥଳୀରେ ଥିବା ଏକ ଅଗ୍ନି କୁଣ୍ଡରେ ରହିଥାଏ । ଶ୍ରୀମନ୍ଦିର ସେବକ, ମଠାଧୀଶ ତଥା ଅନ୍ୟାନ୍ୟ ଚାମର ସେବା କରୁଥିବା ବ୍ୟକ୍ତି ବିଶେଷଙ୍କ ପରଲୋକ ସମୟରେ ରୋଷରୁ ଅଗ୍ନି ନ ଆସି ପାରିଲେ ଏହି ମଠର ଅଗ୍ନି କୁଣ୍ଡରୁ ବୈଷ୍ଣବାଗ୍ନି ଦାହକ୍ରିୟା ପାଇଁ ଯାଇଥାଏ ।

ଭାଦ୍ରବ କୃଷ୍ଣ ଦଶମୀ ଦିନ ରାମକୃଷ୍ଣ ବଡ଼ ଛତା ମଠ ଆଗରେ କାଠ ସିଂହାସନ ଉପରେ ବିଜେ ହେବାପରେ କୋଳିବିକା ପ୍ରସ୍ତାବ ନୀତି, ଭ୍ରାଦ୍ର ଶୁକ୍ଳ ଏକାଦଶୀ ଦିନ ସନ୍ଧ୍ୟା ଧୂପ ସରିବା ପରେ ମଠ ବିଜେ ସ୍ଥଳୀର ଡ଼ାହାଣ ପାର୍ଶ୍ୱ କୋଣରେ ଇନ୍ଦ୍ରଧ୍ୱଜ ପୂଜା ଅନୁଷ୍ଠିତ ହୋଇଥାଏ । ସେହିପରି ଭାଦ୍ରବ ପୂର୍ଣ୍ଣମୀଦିନ ସନ୍ଧ୍ୟା ଆଳତି ପରେ ଦୋଳଗୋବିନ୍ଦଙ୍କୁ ପାଲିଙ୍କିରେ ବିମାନବଡୁମାନେ ଘଣ୍ଟ, ଛତା, କାହାଳି ସହ ସିଂହଦ୍ୱାର ଦେଇ ବଡ଼ଛତା ମଠ ପାଖକୁ ବିଜେ କରାଇଥାନ୍ତି । ଏଠାରେ ଶୀତଳ ଭୋଗ ବଢ଼ିଲା ପରେ ଭିତରଛ ମହାପାତ୍ର ଇନ୍ଦ୍ର, ଚନ୍ଦ୍ର, ଗୋବିନ୍ଦଙ୍କୁ ବନ୍ଦାପନା କରିଥାନ୍ତି । ସେହିପରି ଭାଦ୍ରବ ଶୁକ୍ଳ ତୃତୀୟାରେ ଅନ୍ଧ ମନ୍ଦିର ହାତୀ ପ୍ରସ୍ତାବ ନୀତି ବେଳେ ଉକ୍ତ ମଠ ପକ୍ଷରୁ ରାମକୃଷ୍ଣଙ୍କୁ ପନ୍ତୀ ଭୋଗ ହୋଇଥାଏ । ଯଥା ଏହିଭଳି ବଡ଼ଛତା ମଠ ବିଜେସ୍ଥଳୀ ସଂଲଗ୍ନ ସ୍ଥାନରେ ବିଜେ ପ୍ରତିମା ମାନଙ୍କ ଅନୁଷ୍ଠିତ ହୋଇଆସୁଥିବା ନୀତି, ଉତ୍ସବ ଇତ୍ୟାଦି ଗୁରୁତ୍ୱପୂର୍ଣ୍ଣ ଅଟେ ।

ରଥଯାତ୍ରା ଦିନ ଠାକୁରମାନେ ରଥାରୂଢ଼ ହେବା ପରେ ମଠ ପକ୍ଷରୁ ପ୍ରଥମ ପନ୍ତୀ ଭୋଗ କରାଯାଇଥାଏ ।

ଶ୍ରୀଜଗନ୍ନାଥ ମହାପ୍ରଭୁ ମାନଙ୍କର ପଦ୍ମବେଶ ନେଇ ବଡ଼ଛତା ମଠର ସୁଖ୍ୟାତି ରହିଛି । ସମଗ୍ର ଉତ୍କଳ ପ୍ରଦେଶରେ ବଡ଼ଛତା ମଠ ପଦ୍ମବେଶ କରାଏ ବୋଲି ପ୍ରସିଦ୍ଧି ରହିଛି । କେତେକ ଗବେଷକଙ୍କ ମତାନୁଯାୟୀ ଏହି ବେଶରେ ପ୍ରବର୍ତ୍ତକ ହେଉଛନ୍ତି ବଡ଼ ଛତା ମଠର ସନ୍ଥ ରଘୁବର ଦାସ (ସପ୍ତଦଶ ଶତାବ୍ଦୀ) ଏପରିକି କବି ଦୀନକୃଷ୍ଣ ଦାସ ଠାକୁର ମାନଙ୍କର ପଦ୍ମମୁଖ ବେଶ ଦେଖି ଅତି ମୁଗ୍ଧ ହୋଇଯାଇ ଏକ ଭଜନ ରଚନା କରିଥିଲେ । ଯଥା :-

Digitized by srujanika@gmail.com

''କମଳା ବର ହେ କଞ୍ଜ ବଦନ
x x x x x x x x x
କମଳ ମୁଖ ଦରଶନେ ମତି କମଳ ଶୋଭନ
କମଳ ବନେ ତ୍ରିଭଙ୍ଗୀ ବଦନ
x x x x x x x x x''

ଏହି ବେଶ ସଂପର୍କରେ ପ୍ରଚଳିତ ଥିବା କିମ୍ବଦନ୍ତୀ ହେଲା, ଜନୈକ ହିନ୍ଦିଭାଷୀ ସନ୍ଥ ମନୋହର ଦାସ ଏକଦା ଶ୍ରୀଜଗନ୍ନାଥଙ୍କୁ ଦର୍ଶନ କରିବାର ଅଭିଳାଷ ନେଇ ଶ୍ରୀକ୍ଷେତ୍ରକୁ ଆଗମନ କରିଥିଲେ । ଆସୁଥିବା ବାଟରେ ଅଦିନରେ ଗୋଟିଏ ପୁଷ୍କରିଣୀରେ ଫୁଟିଥିବା ପଦ୍ମ ପୁଷ୍ପ ଦେଖି ସେ ଆଶ୍ଚର୍ଯ୍ୟ ହୋଇଯାଇଥିଲେ ଏବଂ ତତ୍ପରେ ଗୋଟିଏ ଗାମୁଛାରେ ସେହି ପଦ୍ମ ପୁଷ୍ପକୁ ତୋଳି ଜଗନ୍ନାଥ ମହାପ୍ରଭୁଙ୍କୁ ଲାଗି କରିବା ଉଦ୍ଦେଶ୍ୟରେ ମାଘ ମାସ ଅମାବାସ୍ୟା ଦିନ ଶ୍ରୀକ୍ଷେତ୍ରରେ ପହଞ୍ଚି ସିଧାସଳଖ ଶ୍ରୀମନ୍ଦିରରେ ପ୍ରବେଶ କରିଥିଲେ । ସେହି ପୁଷ୍ପ ଗୁଡ଼ିକୁ ଶ୍ରୀବିଗ୍ରହଙ୍କୁ ଲାଗି କରିବା ପାଇଁ ବହୁ ଅନୁରୋଧ କରିଥିଲେ ହେଁ ପଣ୍ଡାମାନେ ବିଭିନ୍ନ ପ୍ରକାର ତିରସ୍କାର କରି ଉକ୍ତ ପୁଷ୍ପର ଶୁଦ୍ଧତା ନାହିଁ ବୋଲି କଠୋର ଭାଷାରେ ତାଙ୍କୁ ଶୁଣାଇଥିଲେ । ପରିଶେଷରେ ନିରାଶ ହୋଇ ସନ୍ଥ ମନୋହର ସିଂହଦ୍ୱାର ସଂଲଗ୍ନସ୍ଥ ବଡ଼ଛତା ମଠର ବିଜେସ୍ଥଳୀଠାରେ ଆଶ୍ରୟ ନେଇଥିଲେ । ସେହି ରାତ୍ରରେ ସ୍ୱପ୍ନାଦେଶ ପାଇ ଗଜପତି ମହାରାଜା ଭକ୍ତ ମନୋହରଙ୍କ ପଦ୍ମ ପୁଷ୍ପକୁ ଶ୍ରୀଜଗନ୍ନାଥଙ୍କ ବଡ଼ ସିଂହାର ବେଶରେ ଲାଗି କରିବା ପାଇଁ ପାଳିଆ ପୁଷ୍ପାଳକ ସେବକଙ୍କୁ ନିର୍ଦ୍ଦେଶ ଦେଲେ । ସେଦିନ ରାତ୍ରରେ ବଡ଼ ସିଂହାର ବେଶରେ ମହାପ୍ରଭୁ ମାନଙ୍କୁ ପଦ୍ମ ପୁଷ୍ପରେ ବିଭୂଷିତ ହେବାର ଦୃଶ୍ୟ ଦେଖି ସନ୍ଥ ମନୋହର ଭାବ ବିହ୍ୱଳିତ ହୋଇଗଲେ ଓ ସେବକଙ୍କ ପ୍ରଦତ୍ତ କ୍ଷୀରି ପ୍ରସାଦ ସେବନ କଲେ । ଅତୀତର ସେହି ସ୍ମୃତି ଓ ପରମ୍ପରା ଅନୁକ୍ରମରେ ବଡ଼ ଛତା ମଠ ପକ୍ଷରୁ ପ୍ରତିବର୍ଷ ମହାପ୍ରଭୁଙ୍କ ପଦ୍ମବେଶ ସାମଗ୍ରୀ, କ୍ଷୀରି ଅମାଲୁ ଇତ୍ୟାଦି ସମସ୍ତ ଖର୍ଚ୍ଚ ବହନ କରାଯାଇଥାଏ । ପରମ୍ପରା ଅନୁଯାୟୀ ମାଘ ମାସ ଅମାବାସ୍ୟା ପରେ ଏବଂ ବସନ୍ତ ପଞ୍ଚମୀ ତିଥି ମଧ୍ୟରେ ବୁଧବାର କିମ୍ବା ଶନିବାରରେ ଶ୍ରୀଜୀଉଙ୍କର ପଦ୍ମବେଶ ହୋଇଥାଏ । ଗବେଷକ ମାନଙ୍କ ମତାନୁଯାୟୀ ଏହି ବେଶ ପ୍ରାୟ ୩୦୦ ବର୍ଷର ପୁରାତନ ଅଟେ ।

ମଠ ତରଫରୁ ପଦ୍ମବେଶ ନିର୍ମାଣ କରୁଥିବା ପାରମ୍ପରିକ କାରୀଗରଙ୍କ ସୂତ୍ରରୁ ସଂଗ୍ରହ ହୋଇଥିବା ତଥ୍ୟ ଅନୁଯାୟୀ ମଠର ଦୋଳମଣ୍ଡପ ସାହିସ୍ଥ ସନ୍ଥ ନିବାସଠାରେ ମାର୍ଗଶୀର୍ଷ ପୂର୍ଣ୍ଣମୀ ଦିନ ପଦ୍ମ ବେଶର ଅନୁକୂଳ ପୂଜା ହୋଇଥାଏ । ଅନୁକୂଳ ପୂଜାରେ ନୂତନ ବସ୍ତ୍ର, ଛୁଞ୍ଚି, କତୁରୀ, ଛୁରୀ ଇତ୍ୟାଦି ପୂଜା ହୋଇଥାଏ । ଦୀର୍ଘ ଦେଢ଼ ମାସ ଧରି ଏହି ବେଶ କାର୍ଯ୍ୟ ଚାଲିଥାଏ । କାରୀଗରମାନେ ହବିଷ ପାଳନ ପୂର୍ବକ ଭକ୍ତି ସହକାରେ

Digitized by srujanika@gmail.com

ଏକ ନିର୍ଦ୍ଦିଷ୍ଟ ମାପ ଅନୁଯାୟୀ ପଦ୍ମବେଶ କାର୍ଯ୍ୟ କରିଥାନ୍ତି । ବେଶ କାର୍ଯ୍ୟରେ ସଂଶ୍ଳିଷ୍ଟ ଥିବା ଦରଜୀ କାରୀଗର ଶ୍ରୀ ବଳଭଦ୍ର ମହାପାତ୍ରଙ୍କଠାରୁ ମିଳିଥିବା ତଥ୍ୟ ପ୍ରକାରେ ପଦ୍ମବେଶ ପାଇଁ ସୋଲ-୮ବିଡ଼ା (ପ୍ରାୟ ୮୦୦ ଟଙ୍କାର), ଧଳା ଜରି -୧କି.ଗ୍ରା., ଧଳା କନା- ୫ ମିଟର, ନାଲି କନା - ୭ମିଟର, ନେଳି କନା- ୭ ମିଟର, କଇଥ ଅଠା - ୧କି.ଗ୍ରା. ସମେତ ବାଉଁଶ ପାତିଆ, ସୁତା ଇତ୍ୟାଦିର ଆବଶ୍ୟକତା ପଡ଼ିଥାଏ । ମଠ ପକ୍ଷରୁ ଉପରିଲିଖିତ ସମସ୍ତ ଜିନିଷାତ୍ ଯୋଗାଇ ଦିଆଯିବା ସହିତ ବେଶ କରୁଥିବା କାରୀଗରଙ୍କୁ ପ୍ରତ୍ୟହ ମଠ ତରଫରୁ ପ୍ରସାଦ ଓ ଆର୍ଥିକ ସୁବିଧା ପ୍ରଦାନ କରାଯାଇଥାଏ । ସଂପ୍ରତି ଏହି ବେଶ ବାବଦରେ ପ୍ରାୟ ୧୦ ହଜାର ଟଙ୍କା ଖର୍ଚ୍ଚ ହେଉଥିବା ଜଣାଯାଏ । ପଦ୍ମବେଶ ଦିନ ମଠ ପକ୍ଷରୁ ବଳଭଦ୍ର ଓ ଜଗନ୍ନାଥଙ୍କ ବାଡ଼ର ବେଶ ସାମଗ୍ରୀ ନିକଟରେ କ୍ଷୀର, ଛାଚି ଇତ୍ୟାଦି ପଣା ଭୋଗ ହେବାପରେ ପଦ୍ମ ବେଶକୁ ଶୁଦ୍ଧପୂତ ଭାବରେ ଶ୍ରୀମନ୍ଦିର ମଧ୍ୟକୁ ନିଆଯାଇଥାଏ । ୨୦୦୩ ମସିହା ପଦ୍ମ ବେଶ କାର୍ଯ୍ୟ ପୁରୀ ଗୌଡ଼ବାଡ଼ ସାହିର ବିଶ୍ୱନାଥ ପ୍ରତିହାରୀ ଏବଂ ଗଣାମଲ୍ଲସାହି ନିବାସୀ ବଳଭଦ୍ର ମହାପାତ୍ର କରିଥିବା ଜଣାଯାଏ ।

ରତ୍ନ ସିଂହାସନସ୍ଥ ଶ୍ରୀବିଗ୍ରହ ମାନଙ୍କର ପଦ୍ମ ବେଶ ପରମ୍ପରା ପ୍ରକାରେ ବଡ଼ ସିଂହାର ବେଶ ନୀତିରେ ହୋଇଥାଏ । ଏ ଦିନ ଠାକୁର ମାନଙ୍କର ପ୍ରତିଦିନ ଭଳି ବଡ଼ ସିଂହାର ବେଶ ହୋଇନଥାଏ । ପଦ୍ମ ବେଶରେ ଠାକୁର ମାନଙ୍କୁ ସଜ୍ଜିତ କରାଯାଇ ବଡ଼ ସିଂହାର ବେଶ ହେବାପରେ ଉକ୍ତ ମଠ ତରଫରୁ ଯୋଗାଇ ଦିଆଯାଉଥବା ଭୋଗ ଦ୍ରବ୍ୟକୁ ଶ୍ରୀମନ୍ଦିର କୋଠ ଭୋଗ ଚୁଲିରେ ପ୍ରସ୍ତୁତ କରାଯାଇ ୩୬୫ କୁଡୁଆ କ୍ଷୀରି ଓ ଅମାଲୁ ଭୋଗ ହୋଇଥାଏ । ଉକ୍ତ ମହାପ୍ରସାଦକୁ ମଠର ତାଲିକା ମୁତାବକ ପାଳିଆ ସେବକ, ନିଯୋଗ, ମଠ କର୍ମଚାରୀ, ଶ୍ରୀମନ୍ଦିର ଗାରଦ କର୍ମଚାରୀ ଓ ନିର୍ଦ୍ଦିଷ୍ଟ ବ୍ୟକ୍ତି ବିଶେଷକୁ ବଣ୍ଟନ କରାଯାଏ । ଅତୀତରେ ଏହି ବେଶ ଦର୍ଶନ କରିବା ପାଇଁ ଗଜପତି ମହାରାଜାଙ୍କ ପରିବାରର ସଦସ୍ୟମାନେ ବିଳମ୍ବିତ ରାତ୍ରରେ ମନ୍ଦିରକୁ ଆଗମନ କରୁଥିଲେ । ଉଲ୍ଲେଖଯୋଗ୍ୟ ଯେ ବର୍ଷକରେ ଏହି କେବଳ ଗୋଟିଏ ଦିନ ମହାପ୍ରଭୁ ମାନଙ୍କ ପଦ୍ମ ବେଶ ଥାଇ ପହୁଡ଼ ହୋଇଥାଏ । ତତ୍‌ପରଦିନ ମଧ ପଦ୍ମବେଶରେ ମଙ୍ଗଳ ଆଳତୀ ଓ ସର୍ବ ସାଧାରଣ ଦର୍ଶନ ହୋଇଥାଏ । ଲକ୍ଷାଧିକ ଭକ୍ତ ତଥା ଦର୍ଶନାର୍ଥୀ ଏହି ପବିତ୍ର ବେଶ ଦର୍ଶନ କରି ନିଜକୁ କୃତାର୍ଥ ମଣିଥାନ୍ତି ।

ବଡ଼ ଛତା ମଠ ଠାକୁରଙ୍କ ନୀତି, ପୂଜା, ଉତ୍ସବ, ଯାନିଯାତ୍ରା ସର୍ବୋପରି

Digitized by srujanika@gmail.com

ପରିଚାଳନାଦି ଦାୟିତ ବର୍ତ୍ତମାନର ମଠାଧୀଶ ଶ୍ରୀ ରାମ ସ୍ୱରୂପ ଦାସଙ୍କ ଉପରେ ନ୍ୟସ୍ତ । ଆଜକୁ ୨ ବର୍ଷ ଧରି ମଠାଧୀଶ ଶ୍ରୀ ଦାସ କ୍ରମାଗତ ଭାବେ ପୁରୀରେ ଅନୁପସ୍ଥିତ ରହୁଥିବା ମଠ ସୂତ୍ରରୁ ଜଣାଯାଏ । ମଠର ଗୁମାସ୍ତା,କୋଠାରୀ ଓ ଅନ୍ୟ ବୈଷ୍ଣବମାନେ ମଠ ଠାକୁରଙ୍କ ସେବା ପୂଜା ଓ ଅନ୍ୟାନ୍ୟ କାର୍ଯ୍ୟରେ ନିୟୋଜିତ ହୋଇଛନ୍ତି ।

ବଡ଼ଛତା ମଠ ନାମରେ ଥିବା ଭୂସମ୍ପତ୍ତି ମଧ୍ୟରେ ପୁରୀ ଜିଲ୍ଲାର ଛଇତନା, ପୁରୀ ସଦରର ଶଙ୍କରପୁର ମୌଜା, ପୁରୀ ଟାଉନ୍‌ର ଲୋକନାଥ ରୋଡ୍‌ରେ ଥିବା ବଗିଚା ଏବଂ ଗଞ୍ଜାମ ଜିଲ୍ଲାର କେତେକ ସ୍ଥାନରେ ଶତାଧିକ ଏକର ଧାନ ଜମି ଓ ଖମାର ରହିଅଛି । ଜଣାଯାଏ ଯେ, ବର୍ତ୍ତମାନର ମଠାଧୀଶ ଅଧିକାଂଶ ସମୟ ବରହମ୍ପୁର ଠାରେ ଥିବା ମଠର ଖମାର ଘରେ ରହୁଛନ୍ତି ।

ଉଲ୍ଲେଖଯୋଗ୍ୟଯେ ସୁପରିଚାଳନା ଅଭାବରୁ ମଠର ଆର୍ଥିକ ଅବସ୍ଥା ସ୍ୱଚ୍ଛଳ ନ ଥିଲେ ହେଁ, ନିୟମିତ ଭାବେ ଶ୍ରୀମନ୍ଦିରର ସେବା ଏବଂ ମଠ ଠାକୁରଙ୍କ ପ୍ରତ୍ୟହ ନୀତି ଉତ୍ସବ ଇତ୍ୟାଦି ନିରାଡ଼ମ୍ବର ଭାବେ ସମ୍ପାଦନ ହେଉଅଛି । ମଠ ତରଫରୁ ନିଯୁକ୍ତ ବୈଷ୍ଣବମାନେ ସେବାରେ ତ୍ରୁଟି କରୁନଥିବା ଜଣାଯାଏ । ସମ୍ପ୍ରତି ପ୍ରସିଦ୍ଧ ବଡ଼ ଛତା ମଠଟି ରାଜ୍ୟ ଦେବୋତ୍ତର ବିଭାଗର ନିୟନ୍ତ୍ରଣାଧୀନରେ ରହିଅଛି ।

✣ ✣ ✣

Digitized by srujanika@gmail.com

କଟକୀ ମଠ

ପୁରୀ ମାର୍କଣ୍ଡେଶ୍ୱର ସାହି ମୁଖ୍ୟ ରାସ୍ତା ତଥା ଗଡ଼ନ୍ତି ଛକ ନିକଟରେ କଟକୀ ମଠଟି ଅବସ୍ଥିତ । ଉକ୍ତ ମଠଟି ଶ୍ରୀ ରାମାନୁଜ ସମ୍ପ୍ରଦାୟର ପ୍ରତିବାଦୀ ଭୟଙ୍କର ଗାଦୀ (ଗୃହସ୍ଥ)ର ଅନ୍ତର୍ଭୁକ୍ତ ଅଟେ । ଏହାର ମୁଖ୍ୟ ମଠ କଟକର ତୁଳସୀପୁର ଠାରେ ପ୍ରତିଷ୍ଠିତ । ବାସ୍ତବିକ୍ ପୁରୀର କଟକୀ ମଠ ଏହାର ଶାଖା ଅଟେ । ପରମ୍ପରା ଅନୁଯାୟୀ ଦୁଇଟି ମଠର ମହନ୍ତ ଜଣେ ବ୍ୟକ୍ତି ଅଟନ୍ତି । କଟକର ତୁଳସୀପୁର ମଠଟିର ପ୍ରତିଷ୍ଠା ଓ ନାମକରଣ ନେଇ ସନ୍ଥ ତୁଳସୀ ଦାସଙ୍କର ସଂପର୍କ ରହିଅଛି । ମଠର ପ୍ରତିଷ୍ଠାତା ହେଉଛନ୍ତି ସନ୍ଥ ତୁଳସୀ ଦାସ । ଏପରିକି ତାଙ୍କରି ନାମାନୁସାରେ ସେହି ଅଞ୍ଚଳର ନାମ ତୁଳସୀପୁର ଓ ମଠର ନାମ ତୁଳସୀପୁର ମଠ ଭାବେ ପରିଚିତ ହୋଇଛି । 'ଦାର୍ଢ୍ୟତା ଭକ୍ତି'ର ୨ୟ ଭାଗର ଗରୀବ ଦାସ ହେଉଛନ୍ତି ତୁଳସୀପୁର ମଠର ତୃତୀୟ ମଠାଧୀଶ । ତାଙ୍କରି ସମୟରେ ତୁଳସୀପୁର ମଠଟିର ସାମଗ୍ରିକ ଉନ୍ନତି ତଥା ସମୃଦ୍ଧି ହୋଇଥିଲା ।

ତୁଳସୀପୁର ମଠ ପ୍ରତିଷ୍ଠାର ବହୁ ବର୍ଷ ପରେ ପୁରୀରେ 'କଟକୀ ମଠ' ଟି ପ୍ରତିଷ୍ଠିତ ହୋଇଥିଲା । ବର୍ତ୍ତମାନର ମଠାଧୀଶଙ୍କ ବକ୍ତବ୍ୟ ଅନୁଯାୟୀ ଏହି ମଠ ନାମକରଣ ସଂପର୍କରେ ଜଣାଯାଏ ଯେ, କଟକ ତୁଳସୀପୁର ମଠର ମହନ୍ତ ଏଠାକୁ ଆସି ମଠ ନିର୍ମାଣ କରିଥିବାରୁ ଏହି ମଠର ନାମ ସ୍ଥାନୀୟ ଅଧିବାସୀମାନଙ୍କ ମଧ୍ୟରେ 'କଟକୀ ମଠ' ଭାବେ ସୁପରିଚିତ । ଉଲ୍ଲେଖଯୋଗ୍ୟଯେ ତୁଳସୀପୁର ମଠର ଏହା ଏକ ଶାଖା ମଠ ହୋଇଥିବାରୁ ଏଠାରେ ମହନ୍ତମାନଙ୍କ ଗାଦୀନାସୀନ ପରମ୍ପରା ନାହିଁ । ଉକ୍ତ ମଠର ମଠାଧୀଶ ମାନେ ମହନ୍ତାଇ ଶାଢ଼ୀ ବନ୍ଧାଇବା ଓ ଗାଦିନାସୀନ ପରମ୍ପରା କେବଳ କଟକର ତୁଳସୀପୁର ମଠରେ ରହିଅଛି । ମଠାଧୀଶମାନଙ୍କ କ୍ରମାନୁଯାୟୀ କଟକୀ ମଠ ଓ ତୁଳସୀପୁର ମଠର ବର୍ତ୍ତମାନର ମହନ୍ତ ହେଉଛନ୍ତି ୧୯ତମ ମଠାଧୀଶ । ୧୯୭୨ ମସିହାଠାରୁ ଅଦ୍ୟାବଧି ଡ଼କ୍ଟର ବିଜୟ ନାରାୟଣ ରାମାନୁଜ ଦାସ ଉପରୋକ୍ତ ଦୁଇଗୋଟି ମଠର ସେବାପୂଜା ତଥା ପରିଚାଳନା ଦାୟିତ୍ୱରେ ରହିଅଛନ୍ତି । ପୁରୀ ଟାଉନ୍ ସମେତ ଓଡ଼ିଶାର ବିଭିନ୍ନ ଅଞ୍ଚଳରେ ସୁପ୍ରତିଷ୍ଠିତ ଥିବା ଅଳ୍ପ କେତେକ ବିଦ୍ୱାନ ମଠାଧୀଶ ମାନଙ୍କ ମଧ୍ୟରେ ଡ଼କ୍ଟର ଦାସ ଅନ୍ୟତମ । ତାଙ୍କର ଶିକ୍ଷାଗତ ଯୋଗ୍ୟତା ଅନୁଯାୟୀ ସେ ଉତ୍କଳ ବିଶ୍ୱ ବିଦ୍ୟାଳୟରୁ ଏମ୍.ଏ. ଏଲ୍.ଏଲ୍.ବି. ଡ଼ିଗ୍ରୀ, ହିନ୍ଦିରେ କୋବିଦ ଏବଂ 'ଧମ୍ମପଦ' ଉପରେ ଗବେଷଣା କରି ବନାରସ ବିଶ୍ୱବିଦ୍ୟାଳୟରୁ ପି.ଏଚ୍.ଡ଼ି. ସମ୍ମାନ ହାସଲ କରିଛନ୍ତି । ରାଜ୍ୟ ଓ ଭାରତ ବାହାରେ ଅନୁଷ୍ଠିତ ଜାତୀୟ ତଥା ଆନ୍ତର୍ଜାତିକ

Digitized by srujanika@gmail.com

ସେମିନାର୍‌ରେ ଅଂଶ ଗ୍ରହଣ କରି ସେ ବହୁ ଉପାଦେୟ ସନ୍ଦର୍ଭମାନ ପାଠ କରିଛନ୍ତି । ବିଭିନ୍ନ ଧାର୍ମିକ ତଥା ସାଂସ୍କୃତିକ ସଂଗଠନର କର୍ମକର୍ତ୍ତା ଭାବେ ବନାରସର ରାଷ୍ଟ୍ରୀୟ ସାଂସ୍କୃତିକ ବାରଣାସୀ ଚେତନା ପରିଷଦର ଉପସଭାପତି, ଆହ୍ଲାବାଦର ଅଖିଳ ଭାରତ ବର୍ଷୀୟ ଶ୍ରୀ ବୈଷ୍ଣବ ସମ୍ମେଳନର ସଂପାଦକ, ବାରଣାସୀ ଠାରେ ଅନୁଷ୍ଠିତ ସର୍ବଭାରତୀୟ ଶ୍ରୀଜଗନ୍ନାଥ ଚେତନା ସମ୍ମେଳନର ସଂଗଠନ ସଂପାଦକ, ପୁରୀର ଶ୍ରୀ ରାମଚନ୍ଦ୍ର ସ୍ୱାମୀ ଚ୍ୟାରିଟେବୁଲ ହସ୍‌ପିଟାଲର ସଂପାଦକ, ଶ୍ରୀଜଗନ୍ନାଥ ଗବେଷଣା କେନ୍ଦ୍ର, ପୁରୀର କାର୍ଯ୍ୟକାରୀ ସଭାପତି, ପୁରୀ ପୁସ୍ତକ ମେଳା କମିଟିର ଉପଦେଷ୍ଟା ପ୍ରଭୃତି ବହୁ ପଦପଦବୀରେ ରହି କାର୍ଯ୍ୟ କରି ଆସୁଛନ୍ତି । ତାଙ୍କରି ସଂପାଦନାରେ ବାରଣାସୀରୁ ହିନ୍ଦି ଭାଷାରେ ଏକ ସାଂସ୍କୃତିକ ପତ୍ରିକା ପ୍ରକାଶ ପାଉଅଛି । ଡ଼ଃ ଦାସ ଏକାଧାରାରେ ଇଂରାଜୀ, ହିନ୍ଦି, ଓଡ଼ିଆ ଓ ବଙ୍ଗଳା ଭାଷାରେ ପ୍ରବୀଣ ଅଟନ୍ତି । ପୁରୀରେ ଥିବା ମଠାଧୀଶ ମାନଙ୍କ ମଧ୍ୟରେ ଏଭଳି ବିଦ୍ୱାନ୍ କ୍ୱଚିତ ଦେଖିବାକୁ ମିଳନ୍ତି । ସଂପ୍ରତି ଡ଼ଃ ବିଜୟ ନାରାୟଣ ରାମନୁଜ ଦାସ ଶ୍ରୀ ରାମାନୁଜାଚାର୍ଯ୍ୟଙ୍କ ଉପରେ ଗବେଷଣା କରୁଥିବା ଜଣାଯାଏ ।

ମଠ ବିଜେସ୍ଥଳୀ :- ବର୍ତ୍ତମାନର ମଠାଧୀଶ ଡ଼ଃ ଦାସଙ୍କ ସୂତ୍ରରୁ ଜଣାଯାଏ ଯେ, ପୁରୀ କଟକୀ ମଠଟି ପ୍ରାୟ ୨୫୦ ବର୍ଷର ପୁରାତନ ଅଟେ । ସଂପ୍ରତି ବିଜେସ୍ଥଳୀଟି ମାତ୍ର ୧୦୪ ଡ଼ିସିମିଲି ପରିମିତ ଜମି ଉପରେ ଅବସ୍ଥିତ । ଆଜକୁ ଏକ ଶହ ବର୍ଷ ପୂର୍ବରୁ ବର୍ତ୍ତମାନର ବିଜେସ୍ଥଳୀରେ କୌଣସି ସ୍ଥାୟୀ ପକ୍‌କା ଗୃହ ନଥିଲା । ଏଠାରେ ଏକ ବୃହତ୍ କଦଳୀ ବଗିଚା ରହିଥିଲା । କଟକ ତୁଳସୀପୁର ମଠରୁ ମହନ୍ତମାନେ ଏଠାକୁ ଆସି ସାମୟିକ ଭାବେ ଅବସ୍ଥାନ କରୁଥିଲେ । ଅଳ୍ପ କେତେକ ଚାଳଛପର ଗୃହ ବ୍ୟତୀତ ସମସ୍ତ ସ୍ଥାନ ବଗିଚା ରୂପେ ବ୍ୟବହୃତ ହେଉଥିଲା । ଉକ୍ତ ମଠର ତତ୍‌କାଳୀନ ମଠାଧୀଶ ଦାମୋଦର ରାମାନୁଜ ଦାସ ଆଜକୁ ପ୍ରାୟ ୭୦ ବର୍ଷ ପୂର୍ବେ ମଠ ବିଜେସ୍ଥଳୀରେ ସ୍ଥାୟୀ ଭାବେ କେତେକ ପକ୍‌କା ଘର ନିର୍ମାଣ କରିଥିଲେ । ବିଜେସ୍ଥଳୀରେ ଏକ କ୍ଷୁଦ୍ର ମନ୍ଦିର ରହିଅଛି । ମନ୍ଦିରଟିର ଉଚ୍ଚତା ପ୍ରାୟ ୨୦ ଫୁଟ୍ ହେବ । ଏତଦ୍‌ବ୍ୟତୀତ ରୋଷ ଘର, ଭଣ୍ଡାର ଘର, ମହନ୍ତଙ୍କ ନିବାସ, ପୂଜାରୀ ଓ ଟହଲିଆଙ୍କ ଘର ସମେତ ଅନ୍ୟାନ୍ୟ କେତେକ ବଖରା ଘର ରହିଅଛି ।

ପୁରୀର କଟକୀ ମଠରେ ମଠାଧୀଶମାନଙ୍କ କ୍ରମାନ୍ୱୟ ତାଲିକା ଉପଲବ୍ଧ ହେଉନାହିଁ । ସମସ୍ତ ମଠାଧୀଶମାନଙ୍କ ନାମ ତାଲିକା କଟକସ୍ଥିତ ତୁଳସୀପୁର ମଠ ଠାରେ ରହିଅଛି । ବର୍ତ୍ତମାନର ମଠାଧୀଶଙ୍କ ଠାରୁ ସଂଗ୍ରହ ହୋଇଥିବା ତଥ୍ୟ ଅନୁଯାୟୀ ଏହି ମଠରେ ମହନ୍ତ ରୂପେ ପୂର୍ବରୁ ରାମକୃଷ୍ଣ ରାମାନୁଜ ଦାସ, ପଦ୍ମନାଭ ରାମାନୁଜ ଦାସ ଏବଂ ବର୍ତ୍ତମାନର ମଠାଧୀଶଙ୍କ ଗୁରୁ ମହାରାଜ ଦାମୋଦର ରାମାନୁଜ ଦାସ ରହିଥିଲେ । ଏଥି ମଧ୍ୟରୁ ଦାମୋଦର ରାମାନୁଜ ଦାସ ପୁରୀ ସହରର ଜଣେ ସୁପ୍ରତିଷ୍ଠିତ ମହନ୍ତ ରୂପେ ପରିଚିତ ଥିଲେ । ସେ ୧୯୭୨ ମସିହା ପର୍ଯ୍ୟନ୍ତ ମଠାଧୀଶ ରୂପେ ଉକ୍ତ ମଠର ଦାୟିତ୍ୱରେ

Digitized by srujanika@gmail.com

ରହିଥିଲେ । ବ୍ରିଟିଶ ଶାସନାଧୀନ ସମୟରେ ସହରର ଜଣେ ସମ୍ମାନପ୍ରଦ ବ୍ୟକ୍ତି ରୂପେ ତାଙ୍କୁ କିଛି ବର୍ଷ ପାଇଁ 'ଜୁରୀ' ଭାବେ ମନୋନୀତ କରାଯାଇଥିଲା ।

ମଠ ଠାକୁର, ସେବାପୂଜା, ଉତ୍ସବ :- ପୁରୀ କଟକୀ ମଠର ମୁଖ୍ୟ ଇଷ୍ଟ ବିଗ୍ରହ ହେଲେ ଶ୍ରୀଜଗନ୍ନାଥ, ଶ୍ରୀ ବଳଭଦ୍ର, ଶ୍ରୀ ସୁଭଦ୍ରା ଓ ଶ୍ରୀ ସୁଦର୍ଶନ (ଦାରୁ ବିଗ୍ରହ, ଉଚ୍ଚତା ପ୍ରାୟ ୨ ଫୁଟ୍) । ମଠରେ ପ୍ରତିଷ୍ଠିତ ମନ୍ଦିରର ସିଂହାସନର ମଧ୍ୟ ଭାଗରେ ଇଷ୍ଟ ବିଗ୍ରହମାନେ ଅଧିଷ୍ଠିତ । ପାର୍ଶ୍ୱ ଓ ନିମ୍ନ ଦେଶରେ ଲକ୍ଷ୍ମୀ ନାରାୟଣ (ଧାତୁ ମୂର୍ତ୍ତି, ଉଚ୍ଚତା ୧ ଫୁଟ୍), ରାମ, ଲକ୍ଷ୍ମଣ, ସୀତା (ଧାତୁ ମୂର୍ତ୍ତି) ଓ ୧୨ ମୂର୍ତ୍ତି ଶାଳଗ୍ରାମ ପୂଜିତ ହେଉଛନ୍ତି । ଠାକୁରମାନଙ୍କ ସମ୍ମୁଖରେ ଗରୁଡ଼ ମୂର୍ତ୍ତି ବିଦ୍ୟମାନ (ପ୍ରସ୍ତର ମୂର୍ତ୍ତି) । ଏଠାରେ ସୂଚନା ଯୋଗ୍ୟ ଯେ ଏହି ମଠର ଇଷ୍ଟ ବିଗ୍ରହ ଶ୍ରୀଜଗନ୍ନାଥାଦି ଚତୁର୍ଦ୍ଧା ମୂର୍ତ୍ତି ହୋଇଥିବା ସ୍ଥଳେ ଏହାର ମୁଖ୍ୟ ମଠ ତୁଳସୀ ପୁର ମଠର ଇଷ୍ଟ ବିଗ୍ରହ ହେଉଛନ୍ତି ଶ୍ରୀ ରଘୁନାଥ ଜୀଉ । ଅନୁମାନ କରାଯାଏ ଯେ, ତୁଳସୀପୁର ମଠ ନିର୍ମାଣର ବହୁ ବର୍ଷ ପରେ ପୁରୀରେ କଟକୀ ମଠଟିର ନିର୍ମାଣ ହୋଇଥିବାରୁ ବୋଧହୁଏ ତତ୍‌କାଳୀନ ସମୟରେ ଉକ୍ତ ମଠର କୌଣସି ଜଗନ୍ନାଥ ପ୍ରେମୀ ମଠାଧୀଶ ଶ୍ରୀଜଗନ୍ନାଥଙ୍କୁ ଇଷ୍ଟ ବିଗ୍ରହ ରୂପେ ପ୍ରତିଷ୍ଠିତ କରି ଅନ୍ୟ ବିଗ୍ରହଙ୍କୁ ପାର୍ଶ୍ୱ ଦେବତା ଭାବେ ପୂଜା କରିଥିଲେ । କଟକୀ ମଠ ଠାକୁର ମାନଙ୍କର ଅନୁଷ୍ଠିତ ଦୈନନ୍ଦିନ ନୀତି ତଥା ସେବାପୂଜା ମଧ୍ୟରେ ପ୍ରତ୍ୟୁଷରେ ସ୍ନାନ, ଆରତୀ, ବାଲଭୋଗ, ଦ୍ୱିପ୍ରହରରେ ରାଜ ଭୋଗ (ଅନ୍ନ ଭୋଗ), ସନ୍ଧ୍ୟା ବେଳେ ବାଳ ଭୋଗ, ଆରତୀ, ପହୁଡ଼ ଇତ୍ୟାଦି ହୋଇଥାଏ । ମଠ ପରମ୍ପରା ଅନୁଯାୟୀ ଏଠାରେ ନାମକୁ ମାତ୍ର ବିଭିନ୍ନ ପର୍ବ ପର୍ବାଣୀ ପାଳିତ ହୁଏ । ପ୍ରକୃତପକ୍ଷେ କଟକ ତୁଳସୀପୁର ମଠ ଠାରେ ବିଧି ମୁତାବକ ପର୍ବ, ଉତ୍ସବ ଇତ୍ୟାଦି ଅନୁଷ୍ଠିତ ହୋଇଥାଏ ।

ବାହୁଡ଼ା ଯାତ୍ରା ଦିନ ରଥ ସମ୍ମୁଖରେ ମଠ ତରଫରୁ ଶୁଖିଲି ଭୋଗ ଦ୍ରବ୍ୟ ପ୍ରସ୍ତୁତ ହୋଇ ଠାକୁରଙ୍କ ଉଦ୍ଦେଶ୍ୟରେ ଭୋଗ କରାଯାଇଥାଏ । ଏହି ମଠର ନୀତି, ଉତ୍ସବ, ପରିଚାଳନା ଇତ୍ୟାଦି ବାବଦରେ ବାର୍ଷିକ ପ୍ରାୟ ପଚିଶ ହଜାର ଟଙ୍କା ଖର୍ଚ୍ଚ ହେଉଥିବା ମଠ ସୂତ୍ରରୁ ଜଣାଯାଏ । ପୁରୀ ଜିଲ୍ଲାର ନିମାପଡ଼ା ଅଞ୍ଚଳରେ ମଠ ନାମରେ ପ୍ରାୟ ୨୫/୩୦ ଏକର ଧାନ ଜମି ରହିଥିଲେ ହେଁ ଏଥିରୁ କିଛି ରାଜଭାଗ ମିଳୁ ନାହିଁ ବୋଲି ବର୍ତ୍ତମାନର ମଠାଧୀଶ ଡ଼ଃ ଦାସ ପ୍ରକାଶ କରନ୍ତି । ମଠ ବିଜେସ୍ଥଳୀରେ ଥିବା କେତେକ ଗୃହକୁ ଭଡ଼ା ସୂତ୍ରରେ ଦିଆଯିବା ସହିତ ଅଳ୍ପ କେତେକ ଭୂ ସମ୍ପତ୍ତିରୁ ମିଳୁଥିବା ଆୟରେ ମଠ ପରିଚାଳନା ହେଉଅଛି ।

✤ ✤ ✤

Digitized by srujanika@gmail.com

ଭେଙ୍କଟାଚାରୀ ମଠ

ଶ୍ରୀ ରାମାନୁଜ ସମ୍ପ୍ରଦାୟର ଅନ୍ୟତମ ପ୍ରସିଦ୍ଧ ଅନୁଷ୍ଠାନ ଭେଙ୍କଟାଚାରୀ ମଠ ପୁରୀ ବାଲି ସାହିର ମୁଖ୍ୟ ରାସ୍ତାରେ ଅବସ୍ଥିତ । ଏହି ମଠକୁ ଭେଙ୍କଟ ଆଚାରୀ ମଠ ବୋଲି ମଧ୍ୟ କୁହାଯାଇଥାଏ । ମଠଟି ପ୍ରାୟ ତିନି ଶହ ବର୍ଷର ପ୍ରାଚୀନ ବୋଲି ଜଣାଯାଏ । ଉକ୍ତ ମଠ ପ୍ରତିଷ୍ଠାର ଇତିହାସ ସମ୍ପର୍କରେ ବର୍ତ୍ତମାନର ମଠାଧୀଶଙ୍କ ସୂତ୍ରରୁ ପ୍ରକାଶ ଯେ, ଆନ୍ଧ୍ର ପ୍ରଦେଶର ବିଜୟନଗର ଠାରୁ ୧୨ କିଲୋମିଟର ଦୂରରେ ଅବସ୍ଥିତ ରାମ ତୀର୍ଥ ସ୍ଥାନରେ ଏହି ମଠର ଉତ୍ତରାଧିକାରୀମାନେ ବସବାସ କରୁଥିଲେ । ଏମାନେ ତତ୍‌କାଳୀନ ବିଜୟ ନଗରମ୍ ମହାରାଜାଙ୍କ ରାଜଗୁରୁ ଥିଲେ । ପ୍ରାୟ ୩୦୦ ବର୍ଷ ପୂର୍ବେ ଏକଦା ବିଜୟନଗର ରାଜ୍ୟର ଗଜପତିଙ୍କ ସହ ଉକ୍ତ ରାଜଗୁରୁ ଶ୍ରୀକ୍ଷେତ୍ରକୁ ଆସିଥିଲେ । ମହାପ୍ରଭୁଙ୍କ ଦର୍ଶନରେ ବିମୁଗ୍ଧ ହୋଇ ରାଜଗୁରୁ ଶ୍ରୀକ୍ଷେତ୍ରରେ ରହିବାର ଅଭିଳାଷ ଜଣାଇଥିଲେ । ବିଜୟନଗର ରାଜ୍ୟର ଗଜପତିଙ୍କ ଅନୁରୋଧ କ୍ରମେ ଖୋର୍ଦ୍ଧା ରାଜ୍ୟର ଗଜପତି ପୁରୀ ବାଲିସାହିର ମଶାଣୀ ମହାବୀର ନିକଟରେ ଖଣ୍ଡିଏ ଜମି ବିଜୟନଗର ରାଜ୍ୟର ରାଜଗୁରୁଙ୍କୁ ମଠ ସ୍ଥାପନ ନିମନ୍ତେ ଦାନ କରିଥିଲେ । ପରବର୍ତ୍ତୀ ସମୟରେ ବାଲିସାହିର ଦେଉଳକରଣଙ୍କ ଠାରୁ ମଠ ସଂଲଗ୍ନ ୧୨ ବଖରା ଘରକୁ ୪୦୦୦ ଟଙ୍କାରେ ଭେଙ୍କଟାଚାରୀ ମଠର ମଠାଧୀଶ କିଣି ମଠ ବିଜେସ୍ଥଳୀ ସହିତ ଏହି ବାର ବଖରା ଘରକୁ ମିଶାଇ ଦେଇଥିଲେ । କିଛି ବର୍ଷ ଧରି ମଠର ଗୃହ ଗୁଡ଼ିକ ଚାଳ ଛପର ଘର ରହିଥିଲା । ୧୮୫୭ ମସିହାରେ ତତ୍‌କାଳୀନ ମଠାଧୀଶ କୁମାର ଭେଙ୍କଟାଚାରୀଙ୍କ ଉଦ୍ୟମରେ ମଠ ବିଜେସ୍ଥଳୀଟି ପକ୍କା ଛାତ ଓ ପ୍ରସ୍ତର ନିର୍ମିତ ଗୃହରେ ପରିଣତ ହୋଇଥିଲା । ମଠ ପ୍ରତିଷ୍ଠା ସମ୍ପର୍କରେ ବିଶିଷ୍ଟ ପ୍ରାବନ୍ଧିକ ତଥା ଐତିହାସିକ ଭାଗୀରଥି ମହାପାତ୍ରଙ୍କ ରଚିତ 'ରତ୍ନ କୋଷ ବା ବୃହତ୍ ବିବିଧ ସଂଗ୍ରହ' ପୁସ୍ତକର ଉଲ୍ଲେଖ ପ୍ରକାରେ ''ଦ୍ରାବିଡ଼ ଦେଶୀୟ ରାମତୀର୍ଥ ନାମକ ସ୍ଥାନର ମହନ୍ତ ଶ୍ରୀ ବେଙ୍କଟ ସ୍ୱାମୀ ଏହି ମଠ ସ୍ଥାପନ କରିଥିଲେ । ଏହା ଗୃହୀ ମଠ । ଦୁର୍ଭିକ୍ଷ ପାଇଁ ପ୍ରସିଦ୍ଧ ଡ଼ଭାର ମୌଜା ଏହି ମଠର ଜମିଦାରୀ'' । ଏତଦ୍ ବ୍ୟତୀତ ୧୯୪୮ ମସିହାରେ ବାବୁ ଲକ୍ଷ୍ମଣ ଚରଣ ମହାନ୍ତିଙ୍କ ଦ୍ୱାରା ମୁଦିତ ''ଶ୍ରୀ ମର୍ତ୍ତ୍ୟ ବୈକୁଣ୍ଠ' ପତ୍ରିକାରେ ଉକ୍ତ ମଠ ବିଷୟରେ ପଦ୍ୟ ଆକାରରେ ପ୍ରକାଶ ପାଇଅଛି ।

ଯଥା - ଦାବ୍ରିଡ଼ ଦେଶରେ ଅଛି ସ୍ଥାନ ରାମତୀର୍ଥ
ତହିଁରେ ରହିଅଛି ପୁଣି ଏକ ଗୋଟି ମଠ

Digitized by srujanika@gmail.com

ସେହି ମଠର ମହନ୍ତ ଶ୍ରୀ ଭେଙ୍କଟ ସ୍ୱାମୀ
କ୍ଷେତ୍ରେ କ୍ଷେତ୍ରବାସ ପାଇ ହେଲେ ଅନୁଗାମି
ବାଲି ସାହିରେ ଏ ମଠ ସ୍ଥାପନ କରିଲେ
ଆପଣା ନାମରେ ମଠ ନାମ ବସାଇଲେ
ଗୃହୀ ମଠ ଏହୁ ଅଟେ ଶୁଣ ମନ ଦେଇ
ଡ଼ଭାର ମଉଜା ଜମିଦାରିତ ଅଟଇ ।''

ଶ୍ରୀ ରାମାନୁଜ ସମ୍ପ୍ରଦାୟ ଅନ୍ତର୍ଭୁକ୍ତ ଭେଙ୍କଟାଚାରୀ ମଠର ବର୍ତ୍ତମାନର ମହନ୍ତଙ୍କ ନାମ ଶ୍ରୀମତ୍ ତ୍ରିରୁମଲ୍ଲ ପେଦେଣ୍ଟି ସମ୍ପତ୍ କୁମାର ଶ୍ରୀକୁମାର ଭେଙ୍କଟାଚାରୀ ସ୍ୱାମୀ । ପୂର୍ବେ ତ୍ରିରୁମଲ୍ଲ ପେଦେଣ୍ଟି ସମ୍ପତ୍ କୁମାର ଉପାଧିଟି ବିଜୟ ନଗରମ୍ ରାଜ୍ୟର ମହାରାଜାଙ୍କ ଦ୍ୱାରା ପ୍ରଦତ୍ତ ହୋଇଥିଲା । ଉଲ୍ଲେଖଯୋଗ୍ୟଯେ କ୍ରମାଗତ ଭାବେ ଦୁଇ ଜଣ ମଠାଧୀଶମାନଙ୍କ ନାମ ପରେ ପୁନଃ ସେହି ନାମ ଧାରଣ କରି ପରବର୍ତ୍ତୀ ମଠାଧୀଶମାନେ ମଠରେ ଶାଢ଼ୀ ବନ୍ଧାଇ ସେବାପୂଜା ଇତ୍ୟାଦି ଦାୟିତ୍ୱ ତୁଲାଇଥାନ୍ତି । ତେଣୁ ମାତ୍ର ଦୁଇଟି ନାମକୁ ହିଁ ଅନ୍ୟ ମଠାଧୀଶମାନେ ଧାରଣ କରିବା ପରମ୍ପରା ରହିଅଛି । ତାହା ହେଲା କୁମାର ଭେଙ୍କଟାଚାରୀ ସ୍ୱାମୀ ଏବଂ ଜଗନ୍ନାଥ ଅନନ୍ତ ଭେଙ୍କଟାଚାରୀ ସ୍ୱାମୀ । ଅପର ପକ୍ଷରେ ଏହି ମଠକୁ ସମ୍ପତ୍ତି ପ୍ରଦାନ ସଂପର୍କୀୟ ପୁରାତନ ରେକର୍ଡ଼ରୁ ଭେଙ୍କଟାଚାରୀ ମଠର ମହନ୍ତ ରାମାନୁଜ ଆଚାରୀ ସ୍ୱାମୀ ଏବଂ ସଂପତ୍ କୁମାର ନରସିଂହ ଆଚାରୀ ସ୍ୱାମୀଙ୍କ ନାମ ମଧ୍ୟ ମିଳୁଅଛି ।

ବିଜେସ୍ଥଳୀ :- ଭେଙ୍କଟାଚାରୀ ମଠର ବିଜେସ୍ଥଳୀଟି ବନ୍ଦୋବସ୍ତ ରେକର୍ଡ଼ ଅନୁଯାୟୀ ଏକ ଏକର ଶହେ ବାଷଠି ଡ଼ିସିମିଲି ପରିମିତ ଜମି ଉପରେ ରହିଥିଲେ ହେଁ ବାସ୍ତବ କ୍ଷେତ୍ରରେ ୭୦୦ ଡ଼ିସିମିଲି ଜମି ଉପରେ ମଠଟି ରହିଅଛି ବୋଲି ବର୍ତ୍ତମାନର ମଠାଧୀଶ ପ୍ରକାଶ କରନ୍ତି । କାଶୀର ରାଣୀ ଉକ୍ତ ମଠକୁ ଏହାର ବିଜେସ୍ଥଳୀ ସମ୍ମୁଖରେ କିଛି ଭୂମି ଦାନ ସୂତ୍ରରେ ପ୍ରଦାନ କରିଥିବା ଜଣାଯାଏ ।

ମଠଟ଼ି ମୁଖ୍ୟ ଦ୍ୱାର ପଶ୍ଚିମାଭିମୁଖୀ । ମୁଖ୍ୟ ଦ୍ୱାରର ପ୍ରସ୍ତରର ଦ୍ୱାର ବନ୍ଧରେ ଅନେକ ସୂକ୍ଷ୍ମ କାରୁକାର୍ଯ୍ୟମାନ ଦୃଶ୍ୟମାନ ହୋଇଥାଏ । ବିଜେସ୍ଥଳୀରେ ମଠର ମନ୍ଦିର, ମହନ୍ତଙ୍କ ନିବାସ, ଧାନ କୋଠି, ପୂଜାରୀ ଘର, ରୋଷ ଘର, ପନ୍ତୀ ଘର, ଅଗଣା, କୂପ ଇତ୍ୟାଦି ରହିଅଛି । ଏଥି ମଧ୍ୟରୁ ଧାନ କୋଠି ଗୃହ ଗୁଡ଼ିକ ସଂପୂର୍ଣ୍ଣ ଭଗ୍ନ ଅବସ୍ଥାରେ ରହିଅଛି ।

ଠାକୁରଙ୍କ ନୀତି, ଉତ୍ସବ :- ଉକ୍ତ ମଠର ବିଜେସ୍ଥଳୀର ସମ୍ମୁଖ ଭାଗରେ ଅବସ୍ଥିତ ମନ୍ଦିରରେ ମୁଖ୍ୟ ପୂଜିତ ବିଗ୍ରହ ରୂପେ ପତିତପାବନ (ଦାରୁ ବିଗ୍ରହ) ସିଂହାସନର ମଧ୍ୟ ଭାଗରେ ଅଧିଷ୍ଠିତ ହୋଇଛନ୍ତି । ବିଗ୍ରହଙ୍କର ଉଚ୍ଚତା ପ୍ରାୟ ସାଢ଼େ ତିନି ଫୁଟ୍ ହେବ । ପତିତପାବନଙ୍କ ପାର୍ଶ୍ୱରେ ପଞ୍ଚ ଧାତୁ ବିଶିଷ୍ଟ ବଂଶୀଧାରୀ ଗୋପାଳ, ଶ୍ରୀଦେବୀ, ଭୂଦେବୀ, କୃଷ୍ଣ, ଭେଙ୍କେଟେଶ୍ୱର, ରାମାଭିଷେକ ମୂର୍ତ୍ତି ସହ ୪୦ ମୂର୍ତ୍ତି ଦୁର୍ଲଭ ଶାଳଗ୍ରାମ ପୂଜିତ ହେଉଛନ୍ତି । ଏତଦ୍‌ବ୍ୟତୀତ ଏହି ମନ୍ଦିରରେ ରଙ୍ଗନାଥ ସ୍ୱାମୀ ବିଗ୍ରହ (ନାରାୟଣଙ୍କ କ୍ରୋଡ଼ରେ ଲକ୍ଷ୍ମୀ ବିରାଜିତ ପୂର୍ବକ ଏକ ଧାତୁମୂର୍ତ୍ତି) ଓ ଶ୍ରୀ ଗୋଦା ଦେବୀ ମଧ୍ୟ ପୂଜା ପାଉଛନ୍ତି ।

Digitized by srujanika@gmail.com

ମଠ ଠାକୁରମାନଙ୍କ ଦୈନନ୍ଦିନ ନୀତି ମଧ୍ୟରେ ପ୍ରତ୍ୟୁଷରୁ ଆରତୀ, ନିତ୍ୟ ଅର୍ଚ୍ଚନା (ସ୍ନାନ, ବେଶ, ପୁଷ୍ପାର୍ପଣ) ହୋଇ ବାଲଭୋଗ ହୋଇଥାଏ । ଏଥିରେ ଖଇ, ଉଖୁଡ଼ା ଇତ୍ୟାଦି ଭୋଗ ହୋଇଥାଏ । ଦିବା ୧୧ ଘଣ୍ଟା ସମୟରେ ଅନ୍ନଭୋଗ, ଦିବା ପହୁଡ଼, ସନ୍ଧ୍ୟାରେ ପୁନଃ ବାଲ ଭୋଗରେ ଫଳ, ଖଇ, କୋରା ଇତ୍ୟାଦି ଭୋଗ କରାଯାଇଥାଏ । ଏହା ପରେ ରାତ୍ର ଆରତୀ ହୋଇ ଠାକୁରମାନଙ୍କ ପହୁଡ଼ ନୀତି ହୋଇଥାଏ । ଏହି ସେବାପୂଜା କାର୍ଯ୍ୟରେ ବର୍ତ୍ତମାନ ମଠରେ ଅବସ୍ଥାନ କରୁଥିବା ପଦ୍ମନାଭ ରଥ ଶର୍ମାଙ୍କୁ ମଠ ପକ୍ଷରୁ ନିୟୋଜିତ କରାଯାଇଛି । ସେ ରାମାନୁଜୀୟ ଦୀକ୍ଷା ନେବା ପରେ ଠାକୁରମାନଙ୍କ ସେବା ପୂଜା କାର୍ଯ୍ୟରେ ନିଯୁକ୍ତ ହୋଇଛନ୍ତି ।

ଭେଙ୍କଟାଚାରୀ ମଠରେ ପାଳିତ ମୁଖ୍ୟ ଉତ୍ସବ ତଥା ପର୍ବ ପର୍ବାଣୀ ମଧ୍ୟରେ କୁମାର ପୂର୍ଣ୍ଣମୀ, ରାମନବମୀ, ଜନ୍ମାଷ୍ଟମୀ, ବିଜୟାଦଶମୀ ପୂଜା (ଶାରଦୀୟ ପୂଜା), ପୋଙ୍ଗଲ (ମକର ସଂକ୍ରାନ୍ତି) ଇତ୍ୟାଦି ମହା ସମାରୋହରେ ପାଳିତ ହୋଇଥାଏ । ପୂର୍ବତନ ମଠାଧୀଶ ମାନଙ୍କର ଶ୍ରାଦ୍ଧ ମହୋତ୍ସବ ମଧ୍ୟ ତିଥି ଅନୁସାରେ ଅନୁଷ୍ଠିତ ହୋଇଥାଏ । ସୂଚନାଯୋଗ୍ୟ ଯେ ଧନୁସଂକ୍ରାନ୍ତି ଠାରୁ ମକର ସଂକ୍ରାନ୍ତି ପର୍ଯ୍ୟନ୍ତ ଦୀର୍ଘ ଏକ ମାସ ଧରି ମଠରେ ଧନୁମାସ ବ୍ରତ ପାଳିତ ହୋଇଥାଏ । ଉକ୍ତ ମାସରେ ପ୍ରତିଦିନ ପ୍ରତ୍ୟୁଷରୁ ରଙ୍ଗନାଥ ସ୍ୱାମୀଙ୍କୁ ଖେଚେଡ଼ି ଭୋଗ ହୁଏ । ଏହା ବ୍ୟତୀତ ବିଶେଷ ଦିବସ ମାନଙ୍କରେ ଚାରି ପ୍ରକାର ଅନ୍ନ, ବ୍ୟଞ୍ଜନ ଓ ଲଡୁ ଭୋଗ ହୋଇଥାଏ । ୩୦ ଦିନ ଯାକ ପ୍ରତିଦିନ ଗୋଟିଏ ଗୋଟିଏ ଶ୍ଳୋକରେ ଆରତୀ ହୋଇ ସ୍ୱତନ୍ତ୍ର ପୂଜା କରାଯାଇଥାଏ । ଏହାକୁ 'ତିରୁପାୱେଇ' କୁହାଯାଏ । ଏହା ଅର୍ଥ ଠାକୁରଙ୍କ ବିଶେଷ ପୂଜା ଓ ଗୁଣଗାନ, କୀର୍ତ୍ତନକୁ ହିଁ ବୁଝାଇଥାଏ ।

ଶ୍ରୀମନ୍ଦିର ସହ ମଠର ସଂପର୍କ :- ଏହି ମଠଟି ପରମ୍ପରା ଅନୁଯାୟୀ ଗୃହୀ ମଠ ହୋଇଥିଲେ ହେଁ ଶ୍ରୀଜଗନ୍ନାଥ ମନ୍ଦିର ସ୍ୱତ୍ୱଲିପିର ତୃତୀୟ ଭାଗର ସେବା ନଂ ୧୧୯ରେ ଥିବା କ୍ରମିକ ନଂ ୭୨ରେ ଭେଙ୍ଗଟାଚାରୀ ମଠର ଶ୍ରୀମନ୍ଦିରରେ ଚାମର ଓ ଆଲଟ ସେବା କରିବାର ଅଧିକାର ସଂପର୍କେ ଉଲ୍ଲେଖ ରହିଛି । ମଠର ମହନ୍ତ ଶାଢ଼ୀ ବନ୍ଧାଇବା ପରେ ଏହି ଚାମର ଓ ଆଲଟ ସେବା ପରମ୍ପରାକ୍ରମେ କରିପାରିବେ । କୁମାର ପୂର୍ଣ୍ଣମୀ ଦିନ ମଠ ବିଜେସ୍ଥଳୀ ସମ୍ମୁଖରେ ଶ୍ରୀ ସୁଦର୍ଶନ ଦେବଙ୍କ ବିଜେ ଅବସରରେ ମଠ ପକ୍ଷରୁ ପନ୍ତୀ ଭୋଗ ହୋଇଥାଏ । ବର୍ତ୍ତମାନର ମଠାଧୀଶଙ୍କ ବକ୍ତବ୍ୟ ଅନୁଯାୟୀ ପୂର୍ବେ ରଥ କାଠ ବୁହା ହେବା ପାଇଁ ମଠ ତରଫରୁ ଶ୍ରୀମନ୍ଦିରକୁ ଶଗଡ଼ ଯୋଗାଇ ଦିଆଯାଉଥିଲା । ସଂପ୍ରତି ଏହି ବ୍ୟବସ୍ଥା ବନ୍ଦ ହୋଇଯାଇଛି । ସୂଚନାଯୋଗ୍ୟଯେ ୧୯୬୨ ଓ ୧୯୬୩ ମସିହାରେ ଶ୍ରୀମନ୍ଦିର ପ୍ରଶାସନିକ ରିପୋର୍ଟର ଉଲ୍ଲେଖ ପ୍ରକାରେ ଏହି ମଠ ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କ ପ୍ରସିଦ୍ଧ ରଥଯାତ୍ରା ଉପଲକ୍ଷେ ରଥ କାଠ ବୋହିବା ନିମନ୍ତେ ଯଥାକ୍ରମେ ୧୯୬୨ରେ ୧୧ଟି ଶଗଡ଼ ଗାଡ଼ି ଓ ୧୯୬୩ ମସିହାରେ ୪ଟି ଶଗଡ଼ ଗାଡ଼ି ଯୋଗାଇ ଥିଲେ । ସମ୍ପ୍ରତି ୩୫ ବର୍ଷରୁ ଉର୍ଦ୍ଧ୍ୱ ଧରି ଏହି ବ୍ୟବସ୍ଥା ଅନୁସୃତ ହେଉ ନାହିଁ ।

ମଠ ପକ୍ଷରୁ ପ୍ରତ୍ୟହ ଶ୍ରୀମନ୍ଦିରର ଭୋଗମଣ୍ଡପ ନୀତିରେ ୨ ସେର ଚାଉଳର

Digitized by srujanika@gmail.com

ଅନ୍ନ ଓ ଅଧସେର ଡ଼ାଲି ଖଟଣୀ ଭୋଗ କରାଯାଇ ଏହି ମହାପ୍ରସାଦ ମଠକୁ ଆସୁଅଛି । ବର୍ତ୍ତମାନ ସୁଦ୍ଧା ସେହି ପରମ୍ପରା ବଜାୟ ରହିଛି ।

ମଠର ସମ୍ପତ୍ତି ଓ ପରିଚାଳନା :- ଅତୀତରେ ଏହି ମଠର ଅନେକ ଭୂ ସମ୍ପତ୍ତି ରହିଥିଲା । ପ୍ରାୟ ଏକ ହଜାର ଏକର ଭୂ ସମ୍ପତ୍ତି ମଧ୍ୟରୁ ଏବେ ମାତ୍ର ୨୦ ଏକର ଭୂ ସମ୍ପତ୍ତିରୁ ଆୟ ଆସୁଛି ବୋଲି ବର୍ତ୍ତମାନର ମହନ୍ତ ଶ୍ରୀକୁମାର ଭେଙ୍କେଟାଚାରୀ ସ୍ୱାମୀ ପ୍ରକାଶ କରନ୍ତି । ପୂର୍ବେ ପୁରୀ ଜିଲ୍ଲାର କାକଟପୁର ତହସିଲ ଅନ୍ତର୍ଗତ ଆରିହିଁ, ଉଜାଗଡ଼, ନିମାପଡ଼ାର ଅଣ୍ଡରା ଇଛାପୁର, ଡ଼ଭାର, ଶିଶୁ ଇତ୍ୟାଦି ଅଞ୍ଚଳରେ ଶହ ଶହ ଏକର ଧାନ ଜମି, ବଗିଚା ଇତ୍ୟାଦି ସମ୍ପତ୍ତି ମଠକୁ ଦାନ ସୂତ୍ରରେ ମିଳିଥିଲା । ଭୋଇ ବଂଶ ରାଜତ୍ୱ ସମୟରେ ତଥା ମରହଟ୍ଟା ଶାସକ ମାନଙ୍କ ଦ୍ୱାରା ଶ୍ରୀମନ୍ଦିର ପରିଚାଳନା ହେଉଥିବା ସମୟରେ ଏକ ପୁରାତନ ରେକର୍ଡ଼ରୁ ଜଣାଯାଏ ଯେ, ଭେଙ୍କଟାଚାରୀ ମଠକୁ ମହାରାଜା କାନୁଜି ଭୋସଲା ହାକିମ୍ ମରହଟ୍ଟା ଅମୃତ ମଣୋହି ଖର୍ଚ୍ଚ ସକାଶେ ପଶ୍ଚିମ ଦୁଆଇ ପ୍ରଗଣା ଅନ୍ତର୍ଗତ (ପୁରୀ ତହସିଲ) ଚକ୍ରପଡ଼ା ମୌଜା, ଉଜାଗଡ଼ ମୌଜା ଏବଂ କୋଠଦେଶ ପ୍ରଗଣାର ତୋରିହିଁ ବନ୍ଧ ମୌଜାରେ କେତେକ ଭୂସମ୍ପତ୍ତି ଉକ୍ତ ମଠର ତତ୍‌କାଳୀନ ମଠାଧୀଶ ମହନ୍ତ ରାମାନୁଜ ଆଚାରୀ ସ୍ୱାମୀଙ୍କ ମାରଫତ୍‌ରେ ଦାନ କରିଥିଲେ । ସେହିପରି ଚେମନାସ ସୁବେଦାର ମଠର ସଂପତ କୁମାର ନରସିଂହ ଆଚାରୀ ସ୍ୱାମୀଙ୍କୁ ଅମୃତ ମଣୋହି ଏବଂ ସଦର ଓ୍ୟାରଜାଙ୍କ ଖର୍ଚ୍ଚ ସକାଶେ ପୂର୍ବ ଦୁଆର ପ୍ରଗଣା ଅନ୍ତର୍ଗତ ଡ଼ଭାର ମୌଜାରେ ୧୦୬୧ ମାଣ ୧୬ ଗୁଣ୍ଠ ୨ ବିସ୍ୱା ଭୂ ସମ୍ପତ୍ତି ଦାନ କରିଥିଲେ । ଏତଦ୍ ବ୍ୟତୀତ ଚେତିନା ସୁବେଦାର ଏହି ମଠ ମାରଫତ୍‌ରେ ବାଲିଆ ଶାସନ ମୌଜାରେ ଅମୃତ ମଣୋହି ଖର୍ଚ୍ଚ ନିମେନ୍ତ କେତେକ ଭୂ ସମ୍ପତ୍ତି ଦାନ କରିଥିଲେ । ଉପରୋକ୍ତ ସମ୍ପତ୍ତି ବିବରଣୀରୁ ଜଣାଯାଏ ଯେ, ଆଜକୁ ୩୦୦ ବର୍ଷ ପୂର୍ବେ ଏହି ମଠ ଆର୍ଥିକ ଦୃଷ୍ଟିରୁ ଏକ ସମୃଦ୍ଧଶାଳୀ ମଠ ରୂପେ ପୁରୀ ସହରରେ ପ୍ରସିଦ୍ଧି ଲାଭ କରିଥିଲା । ଏହି ମଠ ନାମରେ ଆନ୍ଧ୍ର ପ୍ରଦେଶରେ ମଧ୍ୟ କେତେକ ଭୂ ସମ୍ପତ୍ତି ରହିଥିବା ଜଣାଯାଏ ।

ସମ୍ପ୍ରତି ମଠ ଠାକୁରଙ୍କ ନୀତି, ଉତ୍ସବ ତଥା ପରିଚାଳନା ବାବଦରେ ବାର୍ଷିକ ପ୍ରାୟ ପଚାଶ ହଜାର ଟଙ୍କା ଖର୍ଚ୍ଚ ହେଉଥିବା ମଠ ସୂତ୍ରରୁ ପ୍ରକାଶ । ଉକ୍ତ ଅନୁଷ୍ଠାନଟି ଗୃହୀ ମଠ ହୋଇଥିବାରୁ ମଠାଧୀଶଙ୍କ ସପରିବାର ଏହିଠାରେ ବସବାସ କରିଥାନ୍ତି । ମଠ ବିଜେସ୍ଥଳୀରେ ଥିବା କେତେକ ଦୋକାନ ଭଡ଼ା, ଘର ଭଡ଼ା, ଅଟା ମିଲ୍, ଧାନ ଜମି ଇତ୍ୟାଦିରୁ ଆଦାୟ ହେଉଥିବା ଅର୍ଥରେ ମଠର ଯାବତୀୟ ଖର୍ଚ୍ଚ ନିର୍ବାହ କରାଯାଉଅଛି । ବର୍ତ୍ତମାନ ମଠରେ ୨ ଜଣ ବିଦ୍ୟାର୍ଥୀ ଆଶ୍ରୟ ନେଇ ସଂସ୍କୃତ ଶିକ୍ଷା ଗ୍ରହଣ କରୁଛନ୍ତି । ତାଙ୍କର ଆଶ୍ରୟ ଓ ପ୍ରସାଦ ସେବନ ଇତ୍ୟାଦି ମଠ ତରଫରୁ ବହନ କରାଯାଉଅଛି । ଦେବୋତ୍ତର ବିଭାଗ ନିୟନ୍ତ୍ରଣାଧୀନରେ ମଠଟି ରହିଅଛି ।

✤ ✤ ✤

Digitized by srujanika@gmail.com

କବୀର ଚୌରା ମଠ

ଶ୍ରୀକ୍ଷେତ୍ରର ସ୍ୱର୍ଗଦ୍ୱାର ସମ୍ମୁଖରେ ଭାରତ ପ୍ରସିଦ୍ଧ 'କବୀର ଚୌରା ମଠ'ଟି ଅବସ୍ଥିତ । ଯେଉଁଠାରେ କି ସନ୍ଥ କବୀର କିଛି କାଳ ଅବସ୍ଥାନ କରିଥିଲେ । ସମଗ୍ର ଓଡ଼ିଶାରେ ଥିବା କବୀର ପନ୍ଥୀ ମଠ ମାନଙ୍କ ମଧ୍ୟରେ ପୁରୀର 'କବୀର ଚୌରା ମଠ' ମୁଖ୍ୟ ଅଟେ । ଏହି ସ୍ଥାନଟି କବୀରଙ୍କ ପ୍ରତ୍ୟକ୍ଷ ସଂସ୍ପର୍ଶରେ ଆସି ଭାରତବର୍ଷର କବୀର ପନ୍ଥୀ ଧର୍ମାବଲମ୍ବୀ ବ୍ୟକ୍ତିମାନଙ୍କ ପାଇଁ ଏହା ଏକ ପବିତ୍ରତମ ସ୍ଥାନ ରୂପେ ବିବେଚିତ ହୋଇଥାଏ । ମହୋଦଧିର ଅନତି ଦୂରରେ ପ୍ରତିଷ୍ଠିତ ପ୍ରାୟ ୪୯୦ ବର୍ଷର ପ୍ରାଚୀନ ଏହି ମଠର ଇତିହାସ ସମ୍ପର୍କରେ ବିଶିଷ୍ଟ ପ୍ରାବନ୍ଧିକ ଗଣନାଥ ଦାସଙ୍କ ଉଲ୍ଲେଖ ପ୍ରକାରେ, ଚତୁର୍ଦ୍ଦଶ ଶତାବ୍ଦୀର ପ୍ରାନ୍ତ ଭାଗରେ ବାରଣାସୀ ନିକଟସ୍ଥ ଲହରତଲାଓ ଠାରେ ସନ୍ଥ କବୀର ୧୩୯୮ ସାଲରେ ଜନ୍ମ ଗ୍ରହଣ କରିଥିଲେ । ଡ଼ଃ ତାରାଚାନ୍ଦଙ୍କ ମତରେ ଖ୍ରୀ: ୧୩୯୮ରେ କାଶୀ ନିକଟବର୍ତ୍ତୀ ଏକ ଗ୍ରାମରେ କବୀର ଦାସ ଜନ୍ମ ଗ୍ରହଣ କରିଥିଲେ ଓ ଜଣେ ମୁସଲମାନ ତନ୍ତୀ ପରିବାରରେ ପାଳିତ ହୋଇଥିଲେ । (ଡ଼ଃ ତାରା ଚାନ୍ଦଙ୍କ – 'Influence of Islam on India Civilization' ପୁସ୍ତକ, ପୃ ୧୪୬/୧୪୭ ଦ୍ରଷ୍ଟବ୍ୟ) କଥିତ ଅଛି ଯେ, ସ୍ୱାମୀ ରାମାନନ୍ଦଙ୍କ ଆଶୀର୍ବାଦରୁ ଜନୈକା ବ୍ରାହ୍ମଣୀ ଗର୍ଭରୁ କବୀରଙ୍କ ଜନ୍ମ ଲାଭ ହୋଇଥିଲା ।

ସନ୍ଥ କବୀର ନିର୍ଗୁଣ ପରଂବ୍ରହ୍ମବାଦୀ ରାମୋପାସକ ଥିବାରୁ ଆଚରଣ ଥିଲା ପ୍ରେମମୟ, ଜାତି ଅଜାତି, ଛୁଆଁ ଅଛୁଆଁ ଭେଦାଭେଦର ଊର୍ଦ୍ଧ୍ୱରେ । ରାମ ଓ ଆଲ୍ଲାଙ୍କୁ ସେ ସମ ଦୃଷ୍ଟିରେ ଦେଖୁଥିଲେ । ତାଙ୍କ ସିଦ୍ଧାନ୍ତ ପ୍ରଚାର ଲାଗି ଅନୁକୂଳ କ୍ଷେତ୍ର ସନ୍ଧାନରେ ସମଗ୍ର ଭାରତ ପରିକ୍ରମା କରି ଶେଷରେ ସେ ପୁରୀ ଠାରେ ପହଞ୍ଚିଥିଲେ ଏବଂ ଏଠାରେ ମହାପ୍ରସାଦ ସେବନରେ ଆଚାଣ୍ଡାଳ ବ୍ରାହ୍ମଣ ମଧ୍ୟରେ ପ୍ରତିଷ୍ଠିତ ସାମ୍ୟ ମୈତ୍ରୀ ପରମ୍ପରାରେ ବିମୁଗ୍ଧ ହୋଇ ପଡ଼ିଥିଲେ ।[୧] ସେ ଜଗନ୍ନାଥଙ୍କ ମୂର୍ତ୍ତି ତତ୍ତ୍ୱ ତଥା ଶୂନ୍ୟବାଦର ମହିମା ଦ୍ୱାରା ପ୍ରଭାବିତ ହୋଇ ସ୍ୱଳ୍ପ ସମୟ ପାଇଁ ଜଗନ୍ନାଥ ଧାମରେ ଅବସ୍ଥାନ କରି ଥିଲେ ଓ ରାଜାନୁଗ୍ରହରୁ ସ୍ୱର୍ଗଦ୍ୱାର ନିକଟରେ ଛତା ପକାଇ ଗୋଟିଏ କୁଟୀର ସ୍ଥାପନ କରିଥିଲେ । ପରବର୍ତ୍ତୀ ସମୟରେ ଏହି ମଠ 'କବୀର ଚୌରା' ନାମରେ ପରିଚିତ ହୋଇଥିଲା । ମହାନ୍ ବ୍ରହ୍ମଜ୍ଞାନୀ ଆଧ୍ୟାତ୍ମିକବାଦୀ ଭାବରେ ସନ୍ଥ କବୀରଙ୍କ ସେହି ସମୟରେ ସାରା ଦେଶରେ ତାଙ୍କର ଖ୍ୟାତି ଥିଲା । ସନ୍ଥ କବୀରଙ୍କର ଜୀବଦ୍ଦଶାରେ ପୁରୁଷୋତ୍ତମ କ୍ଷେତ୍ର ପୁରୀକୁ ଆଗମନ ଏକ ଐତିହାସିକ ଘଟଣା ରୂପେ ଗୃହୀତ ହୁଏ । କବୀର ବାଣୀର ପୃଷ୍ଠା ୧୭୦ରେ ବର୍ଣ୍ଣିତ ଅଛି ଯେ :-

Digitized by srujanika@gmail.com

"ସମ୍ବତ୍ ପନ୍ଦ୍ରହସୌ ଉନହତ୍ତର ଆବୈ ।
ସଦ୍‌ଗୁରୁ ଚଲେ ଉଡ଼ୀସା ଜାବୈ ॥
କାସୀ ଛୋଡ଼ ଉଡ଼ୀସା ଆୟେ ।
ଆସା ଗାଡ଼େ ସିନ୍ଧୁ ତୀର ॥
ଜାୟ ପୁରୀ ପୁରୁଷୋତ୍ତମ କେ ପ୍ରଭୁ ।
ଦେକର ଦଣ୍ଡ ସମୁଦ୍ର ହଟାୟୋ ॥"

ସମ୍ବତ୍ ୧୫୬୯ ଅର୍ଥାତ୍ ସନ୍ ୧୫୧୨ ସାଲରେ ସନ୍ଥ କବୀରଙ୍କର ବୟସ ଥିଲା ୧୧୪ ବର୍ଷ । ପରିଣତ ବୟସରେ ସୁଦୂର ବାରଣାସୀରୁ ପୁରୀ ଆସିବା ନିମେନ୍ତ ତତ୍କାଳୀନ ଗଜପତି ମହାରାଜା ମହାପ୍ରଭୁ ଜଗନ୍ନାଥଙ୍କ ସ୍ୱପ୍ନାଦେଶ ମତେ ବିଶେଷ ଦୂତ ରୂପେ ନିଜର ମହାମନ୍ତ୍ରୀଙ୍କୁ ପଠାଇ ତାଙ୍କୁ ନିମନ୍ତ୍ରଣ କରି ଆଣିଥିଲେ । ପ୍ରବାଦ ମତେ ସମୁଦ୍ର ଶ୍ରୀମନ୍ଦିରକୁ ଅଚାନକ ଆକ୍ରମଣ କଲାରୁ ସମୁଦ୍ରକୁ ନିୟନ୍ତ୍ରଣ କରିବା ନିମିତ୍ତ ପ୍ରଭୁ ଜଗନ୍ନାଥଙ୍କ ନିର୍ଦ୍ଦେଶ ଅନୁସାରେ ନିମନ୍ତ୍ରଣ କରାଯାଇଥିଲା । କବୀର ପନ୍ଥୀମାନେ ମଧ୍ୟ ବିଶ୍ୱାସ କରନ୍ତି ଯେ, ସମୁଦ୍ର ତଟରେ ଆଶାବାଡ଼ି ରୋପଣ କରି କବୀର ତାଙ୍କର ଆଧ୍ୟାତ୍ମିକ ପ୍ରଭାବରେ ସମୁଦ୍ରକୁ ନିୟନ୍ତ୍ରଣ କରିଥିଲେ । ସମୁଦ୍ର ଶ୍ରୀମନ୍ଦିର ପାଦ ଦେଶରୁ ସ୍ୱର୍ଗଦ୍ୱାର ପର୍ଯ୍ୟନ୍ତ ଅପସରି ଯାଇଥିଲା ।[୨] ପ୍ରାବନ୍ଧିକ ଗଣନାଥ ଦାସ ଖ୍ରୀ: ୧୫୧୨ରେ ସନ୍ଥ କବୀର ଆସିଥିବା ବିଷୟ ଉଲ୍ଲେଖ କରିଥିବା ବେଳେ ମାଧବ ପଟ୍ଟନାୟକଙ୍କ ବୈଷ୍ଣବ ଲୀଳାମୃତ ଗ୍ରନ୍ଥରେ ପ୍ରକାଶ ପାଇଥିବା ତଥ୍ୟ ଅନୁଯାୟୀ ଓଡ଼ିଶାର ଗଜପତି ମହାରାଜା ପ୍ରତାପରୁଦ୍ର ଦେବଙ୍କ ଚବିଶ ଅଙ୍କରେ ଅର୍ଥାତ୍ ୧୫୧୭ ଖ୍ରୀଷ୍ଟାବ୍ଦରେ ଉତ୍ତରରୁ ପୁରୀ କ୍ଷେତ୍ରକୁ ଝୋଲିଆ କବୀର ଆସିଥିଲେ । ସେ ନୀଳାଚଳରେ କେବଳ ଗୋଟିଏ ମାସ ସତ୍‌ସଙ୍ଗ ଲାଭ କରି ପୁଣି ଉତ୍ତର ଭାରତକୁ ପ୍ରତ୍ୟାବର୍ତ୍ତନ କରିଥିଲେ ।[୩]

"ରାଜାର ଅଙ୍କ ଚଉବିଂଶେ
ଉତ୍ତରୁ ସନ୍ନ୍ୟାସୀଏ ଆସେ
ତା ନାମ ଝୋଲିଆ କବୀର
କଷାବସନ ଦେହ ତାର
ତୁମ୍ବୁରା ଏକ ଧରି ହାତେ
ମଧୁର ସ୍ୱର ଗାଏ ଗୀତେ
ଚଳିଲେ ମାସକ ଅନ୍ତରେ
ରାଜାର ଚବିଶ ଅଙ୍କରେ ।" (ବୈଷ୍ଣବଲୀଳାମୃତ, ୫ମ ଅଧ୍ୟାୟ)

କବୀରଙ୍କ ଶ୍ରୀକ୍ଷେତ୍ର ଆଗମନର ସଠିକ୍ ମସିହା ନେଇ ଏବେ ବି ଗବେଷଣାର ଆବଶ୍ୟକ ରହିଛି । କାରଣ ୧୧୪ ବର୍ଷ ବୟସରେ ସୁଦୂର ବାରଣାସୀରୁ ପଦବ୍ରଜରେ ଆସି ପୁଣି ଏକ ମାସ ପରେ ଶ୍ରୀକ୍ଷେତ୍ରରୁ ବାହୁଡ଼ିବା ନେଇ ସଂଶୟ ରହୁଥିବା ବେଳେ ତାଙ୍କର

Digitized by srujanika@gmail.com

ଶିଷ୍ୟ ଧର୍ମ ଦାସ କବୀର ଚୌରା ମଠର ମହନ୍ତ ରୂପେ ଖ୍ରୀ: ୧୫୧୩ ପର୍ଯ୍ୟନ୍ତ ରହିଥିଲେ । ମାତ୍ର ୧ ବର୍ଷ ବ୍ୟବଧାନରେ ମଠ ପ୍ରତିଷ୍ଠା, ମହନ୍ତ ରୂପେ ଧର୍ମ ଦାସ ମଠରେ ରହିବା ଇତ୍ୟାଦି ବିଷୟ ବିଚାର୍ଯ୍ୟ । ଅପର ପକ୍ଷରେ ବିଶିଷ୍ଟ ଗବେଷକ ଡ଼କ୍ଟର ବଂଶୀଧର ମହାନ୍ତିଙ୍କ ମତାନୁଯାୟୀ ମଧ୍ୟଯୁଗୀୟ ଧର୍ମଧାରାରେ ରାମାନନ୍ଦଙ୍କର ପ୍ରଧାନ ଶିଷ୍ୟ ସନ୍ଥ କବୀରଙ୍କର ମତବାଦ ସମଗ୍ର ଉତ୍ତର ଭାରତରେ ଏକ ସମୟରେ ବହୁ ଲୋକପ୍ରିୟତା ଲାଭ କରିଥିଲା । କବୀର ମୁସଲମାନ କୋଲାର ସନ୍ତାନ ଥିଲେ । (ଖ୍ରୀ. ୧୩୯୮-୧୪୪୮) । ଆମ ଓଡ଼ିଆ ସାହିତ୍ୟରେ କବୀର ଗୋରେଖ ସମ୍ବାଦ ନାମକ ଗ୍ରନ୍ଥ ସହିତ ଦାଢ଼୍ୟତା ଭକ୍ତିରେ ଭକ୍ତ କବୀରଙ୍କ ପ୍ରସଙ୍ଗ ରହିଛି । ମହିମା ଗୋସ୍ୱାମୀଙ୍କ ପରି କବୀରଙ୍କ ସମ୍ବନ୍ଧରେ କୁହାଯାଇଥାଏ ଯେ, କବୀର ହେଉଛନ୍ତି ସାକ୍ଷାତ ନିରଞ୍ଜନ ପୁରୁଷ ଓ ତାଙ୍କର ପୁଣି ଜନ୍ମ ଆସିଲା କେଉଁଠୁ । କବୀର ଗୁରୁ ରାମାନନ୍ଦଙ୍କର ଦ୍ୱାଦଶ ଶିଷ୍ୟ ମଧ୍ୟରେ ଅନ୍ୟତମ । କବୀରଙ୍କର ଧାର୍ମିକ ମତବାଦରେ ମୂର୍ତ୍ତି ପୂଜା ଜାତିଭେଦ ତୀର୍ଥ ବ୍ରତମାଳା ତିଳକର ସ୍ଥାନ ଆଦୌ ନାହିଁ । ଧର୍ମ ନାମରେ ଯେ ସମସ୍ତ ବ୍ୟଭିଚାର ଓ କୁ ସଂସ୍କାର ଥିଲା ତାକୁ ସେ କଠୋର ସମାଲୋଚନା କରିଛନ୍ତି । କବୀର ସଂସ୍କୃତ ଭାଷାକୁ ପରିହାର କରି ଲୋକ ଭାଷାରେ ତାଙ୍କର ଅମର ବାଣୀ ସମୂହ ଲିପିବଦ୍ଧ କରିଯାଇଛନ୍ତି ।[୪]

କବୀରଙ୍କ ଜନ୍ମ ମସିହା ନେଇ ସମସ୍ତ ଐତିହାସିକ ତଥା ଗବେଷକମାନଙ୍କ ମତ ଏକ ହୋଇଥିଲେ ହେଁ ତାଙ୍କର ଦେହ ତ୍ୟାଗରେ ଦ୍ୱିମତ ରହିଛି । କେତେକ କବୀର ପୁରୀ ଠାରେ ଦେହତ୍ୟାଗ କରିଥିବା ବିଷୟ ଉଲ୍ଲେଖ କରିଥିବାବେଳେ ଅନ୍ୟ କେତେକଙ୍କ ମତରେ କବୀର ବାରଣାସୀରୁ ପ୍ରାୟ ଅଶୀ କିଲୋମିଟର ଦୂର ମଗହର ଠାରେ ଓ ଅନ୍ୟ କେତେକ ଗୋରଖପୁର ଜିଲ୍ଲାର ରତନପୁରଠାରେ କବୀର ଦେହ ତ୍ୟାଗ କରିଥିଲେ । ଏ ସମ୍ପର୍କରେ ପ୍ରଖ୍ୟାତ୍ ଐତିହାସିକ ଆବୁଲଫଜଲଙ୍କ ମତରେ ସନ୍ଥ କବୀର ପୁରୀସ୍ଥିତ ମଠରେ ମାସାଧିକକାଳ ରହି ଏଠାରେ ଦେହତ୍ୟାଗ କରିଥିଲେ ଏବଂ ପୁରୀ ଠାରେ ହିଁ ତାଙ୍କର ପ୍ରକୃତ ସମାଧି ପୀଠ ରହିଛି । ଏ ମତକୁ ସମର୍ଥନ କରି ଓଡ଼ିଶା ସାହିତ୍ୟ ଏକଡ଼େମୀ ଦ୍ୱାରା ପ୍ରକାଶିତ 'ପ୍ରାଚୀ ନଦୀର ଐତିହାସିକ ବିଭବ' ଗ୍ରନ୍ଥରେ ଡ଼ଃ ରାଧାଚରଣ ପଣ୍ଡା ମତବ୍ୟକ୍ତ କରି ଲେଖିଛନ୍ତି ଯେ - ମହାପୁରୁଷ କବୀର ହିନ୍ଦୁ ଓ ମୁସଲମାନଙ୍କ ମଧ୍ୟରେ ଐକ୍ୟ ଭାବ ଜାତ କରିବା ନିମନ୍ତେ ନିଜ ମତ ପ୍ରକାଶ କରି ଶେଷ ଜୀବନ ଏହି ପୁଣ୍ୟ ଧାମ ପୁରୀରେ କଟାଇଥିଲେ । ବାରଣାସୀର କବୀର ଚୌରା ପରି ଶ୍ରୀକ୍ଷେତ୍ର ପୁରୀ ଧାମର ବାଲିସାହିରେ ମଧ୍ୟ ଏକ କବୀର ଚୌରା ଓ ମଠ ରହିଛି ।[୫] କବୀରଙ୍କ ପରେ ତାଙ୍କର ଅନ୍ୟତମ ଶିଷ୍ୟ ଧର୍ମ ଦାସ ମଧ୍ୟ ଗୁରୁଙ୍କ ପରି ଜଗନ୍ନାଥ ଧାମକୁ ନିଜ ସାଧନାର ପୀଠ ରୂପେ ବାଛି ନେଇଥିଲେ । ଖ୍ରୀ: ୧୫୧୩ରେ ଧର୍ମ ଦାସଙ୍କ ଦେହାନ୍ତ ପରେ ତାଙ୍କ ପୁତ୍ର 'ମୁକ୍ତାମନି' କବୀର ପନ୍ଥୀ ମହନ୍ତ ରୂପେ କବୀର ଚୌରା ମଠରେ ଗାଦିନାସୀନ ହୋଇଥିଲେ ।[୬] ଏପରିକି

Digitized by srujanika@gmail.com

କବୀର ଏହିଠାରେ ଅବସ୍ଥାନ କରିଥିବାର ତେଣୁ ପ୍ରମାଣ ହେଉଛି ତାଙ୍କର ସମାଧି ମନ୍ଦିର । ତେଣୁ ଡ଼ଃ ରାଧାଚରଣ ପଣ୍ଡାଙ୍କ ମତ ଅଧିକ ଗ୍ରହଣଯୋଗ୍ୟ ମନେହୁଏ ।

ସନ୍ଥ କବୀରଙ୍କ ସମ୍ପର୍କରେ କେତେକ କିମ୍ବଦନ୍ତୀ ପ୍ରଚଳିତ ରହିଅଛି । ତନ୍ମଧ୍ୟରେ କବୀର ଶ୍ରୀମନ୍ଦିରରେ ଜଗନ୍ନାଥ ମହାପ୍ରଭୁଙ୍କୁ ଦର୍ଶନ କରିବା ପାଇଁ ମୁସଲମାନମାନେ ବ୍ୟବହାର କରୁଥିବା ଟୋପି ସଦୃଶ ଟୋପି ପିନ୍ଧି ମନ୍ଦିରକୁ ପ୍ରବେଶ କରିବାକୁ ଚାହିଁଲାରୁ ପଣ୍ଡାମାନେ ବିରୋଧ କରିଥିଲେ । ପରେ ଦେଖାଯାଉଥିଲା ମହାପ୍ରଭୁଙ୍କୁ ଦର୍ଶନ କରୁଥିବା ସମସ୍ତ ଯାତ୍ରୀ ତଦ୍ରୂପି ଟୋପି ପିନ୍ଧି ଦର୍ଶନ କରୁଛନ୍ତି । ପରେ ମହାପ୍ରଭୁ ବଡ଼ ପଣ୍ଡାଙ୍କୁ ସ୍ୱପ୍ନାଦେଶ ଦେଇଥିଲେ, କବୀର ତାଙ୍କର ପରମଭକ୍ତ, ତାଙ୍କୁ ମନ୍ଦିର ପ୍ରବେଶ କରିବାକୁ ବାରଣ କରନାହିଁ । ପରନ୍ତୁ ତାଙ୍କୁ ସବୁ ପ୍ରକାର ସାହାଯ୍ୟ, ସାଦର ଅଭ୍ୟର୍ଥନା କର । ତତ୍ପରେ କବୀର ଜଗନ୍ନାଥ ମହାପ୍ରଭୁଙ୍କୁ ଦର୍ଶନ କରିଥିଲେ । ଅନ୍ୟ ଏକ ଆଖ୍ୟାୟିକା ଅନୁଯାୟୀ କବୀରଙ୍କ ଶିଷ୍ୟ ମୂଳକ ଦାସଜୀଙ୍କ ନିମନ୍ତ୍ରଣ କ୍ରମେ କବୀର ପୁରୀ ଧାମ ଆସିଥିଲେ । ''ମେରା ଗୁରୁ ବନାରସୀ- ଚେଲା ସମୁନ୍ଦର ତୀର'' । ଡ଼ାଃ ଗୋବିନ୍ଦ ତ୍ରିଗୁଣାୟତଙ୍କ 'କବୀରକୀ ବିଚାରଧାରା' (ସାହିତ୍ୟ ନିକେତନ, କାନ୍ପୁରା, ୧୯୫୧, ପୃ- ୩୧) ରେ ଉଲ୍ଲେଖ ପ୍ରକାରେ ଶିଷ୍ୟ ମୂଳକ ଦାସଙ୍କ ଆମନ୍ତ୍ରଣ କ୍ରମେ କବୀର ବନାରସ ଠାରୁ ପୁରୀକୁ ପଦ ଯାତ୍ରା କରି ଆସିଥିଲେ । କେବଳ ପୁରୀ ନୁହେଁ ସେ ତୀର୍ଥ ପର୍ଯ୍ୟଟନରେ ବାଗଦାଦ୍, ସମରକନ୍ଦ, ଗୁଜୁରାଟ, ଗଣ୍ଡରପୁର ଆଦି ସ୍ଥାନକୁ ମଧ୍ୟ ଯାଇଥିଲେ । ଏହି ଚେଲା ମୂଳକ ଦାସଙ୍କ ଜଗନ୍ନାଥ ଭକ୍ତି ଅତୁଳନୀୟ ଓ ଜଗନ୍ନାଥଙ୍କ ପାଇଁ ମୂଳକ ଦାସ ଖେଚେଡ଼ି ଭୋଗର ବନ୍ଦୋବସ୍ତ କରିଥିଲେ । କବୀର ପୁରୀ ଅବସ୍ଥାନ ସମୟରେ ତାଙ୍କର ପରିଧାନ ପରିବର୍ତ୍ତନ କରିଥିଲେ । କବୀର ପନ୍ଥୀ ସାଧୁମାନେ କାଶୀ, ମଗହର, ରତନପୁର ଓ ପୁରୀକୁ ସମାନ ଭାବରେ ପବିତ୍ର ଓ ପୁଣ୍ୟ ପୀଠ ବୋଲି ମନେ କରନ୍ତି ଓ ସନ୍ଥ କବୀର ଦାସଙ୍କୁ ସଦ୍‌ଗୁରୁ ଓ ଅବତାରୀ ରୂପେ ଭକ୍ତି କରନ୍ତି । ତାଙ୍କର ସାମ୍ପ୍ରଦାୟିକ ସାହିତ୍ୟରେ ଜଗନ୍ନାଥ ଦର୍ଶନର ବିଶଦ ବର୍ଣ୍ଣନା ମିଳେ । ଗୁଜୁରାଟ ବାସୀ ସ୍ୱାମୀ ବ୍ରହ୍ମଲୀନ ମୁନି ସଦ୍‌ଗୁରୁ 'ଶ୍ରୀ କବୀର ଚରିତମ୍' (ପୃଷ୍ଠା ୩୨୦-୨୧)ରେ ଉଲ୍ଲେଖ କରିଛନ୍ତିଯେ, ''ସଦ୍‌ଗୁରୁ ଶ୍ରୀ କବୀର ସ୍ୱାମୀଙ୍କ ନିର୍ଦ୍ଦେଶରେ ଧର୍ମ ଦାସ ନିଜ ପୁତ୍ରକୁ ଗାଦୀରେ ବସାଇ ପ୍ରଥମାଚାର୍ଯ୍ୟ ପଦ ପ୍ରଦାନ ପୂର୍ବକ ଗୁରୁଙ୍କ ସହ ଜଗନ୍ନାଥ ପୁରୀ ଯାତ୍ରା କଲେ । ସେଠାରେ ଶ୍ରୀଜଗନ୍ନାଥଙ୍କ ଦର୍ଶନ, ସଦ୍‌ଗୁରୁ ସେବା, ଜ୍ଞାନ ଚର୍ଚ୍ଚା ଓ ଜୀବନ୍ମୁକ୍ତିର ବିଲକ୍ଷଣ ସୁଖ ଅନୁଭବ ପୂର୍ବକ କିଛିକାଳ ଅତିବାହିତ କରି ଶ୍ରୀ ଧର୍ମ ଦାସଜୀ ସଦ୍‌ଗୁରୁ, ଶ୍ରୀଜଗନ୍ନାଥଙ୍କ ସାନ୍ନିଧ୍ୟରେ ନଶ୍ୱର ଶରୀର ପରିତ୍ୟାଗ କରି ପରମପଦ ଲାଭ କଲେ । କବୀର ବ୍ରତ, କର୍ମକାଣ୍ଡ, ବିଗ୍ରହ ପୂଜା ଆଦିର ସମର୍ଥକ ନଥିଲେ ମଧ୍ୟ ତାଙ୍କର ଓଡ଼ିଶା ଯାତ୍ରା, ଶ୍ରୀଜଗନ୍ନାଥ ବିଗ୍ରହ ପୂଜା ସମ୍ପର୍କରେ କୌଣସି ବିରୋଧୀ ଉକ୍ତି ବା ତଥ୍ୟ ମିଳେ ନାହିଁ ।[୭]

ପୁରୀ ଅବସ୍ଥାନକାଳରେ ସନ୍ଥ କବୀର ନିୟମିତ ଜଗନ୍ନାଥ ମହାପ୍ରଭୁଙ୍କୁ ଦର୍ଶନ କରୁଥିଲେ । ଦର୍ଶନ କାଳରେ ସ୍ୱରଚିତ ଭଜନମାନ ପରିବେଷଣ କରୁଥିବା ଜଣାଯାଏ ।

Digitized by srujanika@gmail.com

ତନ୍ମଧ୍ୟରେ ନିମ୍ନଲିଖିତ ଭଜନଟି ବହୁ ଲୋକପ୍ରିୟ ଏବଂ ଏବେ ମଧ୍ୟ ବହୁ ପଶ୍ଚିମାଯାତ୍ରୀଙ୍କ ମୁଖରୁ ଏହା ଶୁଣାଯାଏ ।

''ଉଡ଼ିଶା ଜଗନ୍ନାଥ ପୁରୀ ମେଁ ଠାକୁର ଭଲେ ବିରାଜୋଜୀ ।
କାହେ ଛୋଡ଼ୀ ମଥୁରା ନଗରୀ କାହେ ଛୋଡ଼ୀ କାସୀ
ଝାଡ଼ଖଣ୍ଡ ମେଁ ଜାୟ ବିରାଜେ ବୃନ୍ଦାବନ କେ ବାସୀ
ଠାକୁର ଭଲେ ବିରାଜୋଜୀ ।।
ବୃନ୍ଦାବନ ମେଁ ରାସ ରଚାଇ ତବ ହରିପୁରୀ ସିଧାରେ ।
ବୋଧ ରୂପ ବନକର ପ୍ରଭୁବର ବୈଠେ ସିନ୍ଧୁ କିନାରେ ।
ଠାକୁର ଭଲେ ବିରାଜୋଜୀ ।।
ନୀଲଚକ୍ରପର ଧ୍ୱଜା ବିରାଜୈ ମସ୍ତକ ସୋହେ ହୀରା
ଠାକୁର ଆଗେ ଦାସୀ ନାଚେ ଗାବୈ ଦାସ କବୀରା
ଠାକୁର ଭଲେ ବିରାଜୋ ଜୀ ।।''

'କବୀର ବାଣୀ' ଗ୍ରନ୍ଥରେ ପ୍ରକାଶିତ ଅଭିମତ ଅନୁସାରେ ସନ୍ଥ କବୀର ପରିଣତ ବୟସରେ ଅର୍ଥାତ୍ ତାଙ୍କୁ ଯେତେବେଳେ ୧୧୪ ବର୍ଷ ବୟସ, ସେ ପୁରୀ ଆଗମନ କରିଥିଲେ । ଶ୍ରୀମନ୍ଦିରକୁ ସମୁଦ୍ରର ଆକ୍ରମଣରୁ ରକ୍ଷା କରିଥିଲେ । ସେତେବେଳେ କବୀର ଆଧ୍ୟାତ୍ମିକ ବିକାଶର ଶୀର୍ଷ ସ୍ତରରେ ଉପନୀତ ହୋଇ ସାରିଥିଲେ ।

ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କ ସେବା, ଆରାଧନାର ପ୍ରଣାଳୀ ପରମ୍ପରାରେ ଯେଉଁ ସମସ୍ତ ବିଶେଷଣ ଲକ୍ଷ୍ୟ କରାଯାଏ ସେଗୁଡ଼ିକ ସନ୍ଥ କବୀରଙ୍କ ଆଧ୍ୟାତ୍ମିକ ଚେତନାର ଭାବଧାରାରେ ପ୍ରାଧାନ୍ୟ ପ୍ରାପ୍ତ ହୋଇଥିବା ଦେଖାଯାଏ । ଦୃଷ୍ଟାନ୍ତ ସ୍ୱରୂପ, ଜଗନ୍ନାଥ ମନ୍ଦିର ବ୍ୟତୀତ ଅନ୍ୟ କୌଣସି ମନ୍ଦିରରେ ଆବ୍ରାହ୍ମଣ ଚାଣ୍ଡାଳ ଏକ ପାତ୍ରରେ ସଂଖୁଡ଼ି ଭୋଜନ କରିବାର ଦେଖାଯାଏ ନାହିଁ । ମହାପ୍ରସାଦ ବା କୈବଲ୍ୟ ସ୍ପର୍ଶରେ ଜାତିବାରଣ ନାହିଁ । ଉଚ୍ଛିଷ୍ଟ ନାହିଁ । ସମସ୍ତେ ସମାନ । ସମାନ ଭାବରେ କୈବଲ୍ୟ ଓ ମହାପ୍ରସାଦର ଅଧିକାରୀ । ରଥଯାତ୍ରାକାଳରେ ବିଗ୍ରହ ମାନଙ୍କୁ ଜାତି ନିର୍ବିଶେଷରେ ସମସ୍ତେ ସ୍ପର୍ଶ କରିବା ରଥଟଣାରେ ଭାଗ ନେବା ଇତ୍ୟାଦି ବିଶେଷ ତାତ୍ପର୍ଯ୍ୟପୂର୍ଣ୍ଣ । ସନ୍ଥ କବୀର ଜାତି ପ୍ରଥା, ଛୁଆଁ, ଅଛୁଆଁ ବାରଣ, କୁଳ ଗୋତ୍ର, ବଂଶ ପରମ୍ପରାର ମର୍ଯ୍ୟାଦାକୁ ଅଗ୍ରାହ୍ୟ କରୁଥିଲେ । ତାଙ୍କ ମତରେ ଏ ସମସ୍ତ ଅବାନ୍ତର । କେବଳ ମାନବର ଚରିତ୍ର, ଆଚରଣ ହିଁ ତାର ଏକମାତ୍ର ସମ୍ବଳ, ଏକମାତ୍ର ପରିଚୟ। ଶ୍ରୀମନ୍ଦିର ପରମ୍ପରା ସହିତ ସନ୍ଥ କବୀରଙ୍କର ଏହି ଭାବଧାରାର ସାମଞ୍ଜସ୍ୟ ବାସ୍ତବିକ ଗୁରୁତ୍ୱପୂର୍ଣ୍ଣ । କବୀର ତାଙ୍କ ପ୍ରବର୍ତ୍ତିତ ସହଜପ୍ରେମ ଭକ୍ତି ମାର୍ଗରେ ସର୍ବ ଧର୍ମ ସମନ୍ୱୟର ଉଦାରଭାବ ଉପରେ ଗୁରୁତ୍ୱ ଆରୋପ କରିଥିଲେ । ସନ୍ଥ କବୀରଙ୍କ ଭକ୍ତି ମାର୍ଗରେ ଆତ୍ମ ସମର୍ପଣ ଭାବ ଶ୍ରୀଜଗନ୍ନାଥ ତତ୍ତ୍ୱର ଆତ୍ମ ସମର୍ପଣ ଭାବ ପରସ୍ପର ପ୍ରତି ସମର୍ଥନ ସୂଚକ ଓ ପୋଷକ ହୋଇଥିବା ସମ୍ଭବ ।(୮) ସନ୍ଥ କବୀରଙ୍କ ମାନବବାଦର

Digitized by srujanika@gmail.com

ବାର୍ତ୍ତା ପ୍ରଚାର ଓ ପ୍ରସାର କରିବାରେ ପ୍ରକୃଷ୍ଟ କ୍ଷେତ୍ର ରୂପେ ଶ୍ରୀକ୍ଷେତ୍ର ପୁରୁଷୋତ୍ତମ ପୁରୀ ହିଁ ବିବେଚିତ ହୋଇଥିଲା । ତାଙ୍କ ମତରେ ଦୟା, ପ୍ରେମ, ଭକ୍ତି, ଅହିଂସା, ସାଂପ୍ରଦାୟିକତା ଓ ଭେଦଭାବ ଶୂନ୍ୟତାରେ ଭଗବାନଙ୍କୁ ଉପଲବ୍ଧ କରିହେବ । ଧର୍ମ ବିଭିନ୍ନ କିନ୍ତୁ ଭଗବାନ ଏକ । ଏହି ମତବାଦରେ ଉଭୟ ହିନ୍ଦୁ ଓ ମୁସଲମାନଙ୍କୁ ଏକ କରି ପାରିଥିଲେ । କଥିତ ଅଛି କବୀରଙ୍କର ମୃତ ଦେହ ଉପରେ କାହାର ଅଧିକାର ଅଁଛି, ସେଥିପାଇଁ ହିନ୍ଦୁ ମୁସଲମାନ ମାନଙ୍କ ମଧ୍ୟରେ ଦ୍ୱନ୍ଦ ହେଲା । କବୀରଙ୍କୁ ଦାହ କରାଯିବ ନା କବର ଦିଆଯିବ । କିନ୍ତୁ ମୃତ ଦେହ ଘୋଡ଼ଣୀ ଖୋଲିବା ପରେ ଦେଖାଗଲା ଯେ, ମୃତ ଦେହ ପରିବର୍ତ୍ତେ କେତେଗୁଡ଼ିଏ ଫୁଲ ମାତ୍ର ପଡ଼ିଅଛି । ଶିଷ୍ୟମାନେ ଦ୍ୱନ୍ଦ ଭୁଲି ଅଧା ଅଧା ଫୁଲ ବାଣ୍ଟି ନେଲେ ।

କବୀରଙ୍କର ଧର୍ମ ଦର୍ଶନ ସହିତ ଓଡ଼ିଶୀ ବୈଷ୍ଣବ ଧର୍ମର ଘନିଷ୍ଠ ସଂପର୍କ ରହିଛି ।

ଓଡ଼ିଶାର କେନ୍ଦ୍ରାପଡ଼ା ଜିଲ୍ଲାର ବନ୍ଧପୁର, ବଡ଼ ଗାଁ, ବିଂଝାରପୁରର ଗୌଡ଼ ସାହି ଓ କଟକ ଜିଲ୍ଲାର ଚଣ୍ଡିଲ, ନାଗପୁର, ଦାନପୁର ଓ ଚାଉଳିଆ ଗଞ୍ଜ ମଠ କବୀର ସଂପ୍ରଦାୟ ଅନ୍ତର୍ଭୁକ୍ତ ଅଟେ । ଉପରୋକ୍ତ ମଠ ମାନଙ୍କ ମଧ୍ୟରେ ଏହି ସମ୍ପ୍ରଦାୟର ପ୍ରଧାନ ପୀଠ ହେଉଛି ପୁରୀସ୍ଥ କବୀର ଚୌରା ମଠ ।

କବୀର ଚୌରା ମଠ ବିଜେସ୍ଥଳୀଟି ପୂର୍ବେ ରାଜପ୍ରଦତ୍ତ ଅନୁଯାୟୀ ୪ ଏକର ଜମି ଉପରେ ଅବସ୍ଥିତ ଥିଲା । ପରବର୍ତ୍ତୀ ସମୟରେ ଏଥିରୁ ଅର୍ଦ୍ଧାଧିକ ଜମି ଚାଲିଯାଇ ସଂପ୍ରତି ପ୍ରାୟ ଦୁଇ ଏକର ସୀମିତ ଜମି ଉପରେ ଏହି ମଠଟି ରହିଅଛି । ଜମି ପ୍ରଦାନ ସଂପର୍କରେ ଏକ ସୁନ୍ଦର କିମ୍ବଦନ୍ତୀ ପ୍ରଚଳିତ ରହିଛି । ତାହା ହେଲା ସନ୍ଥ କବୀର ଉତ୍କଳ ଗଜପତିଙ୍କର ଅଭ୍ୟର୍ଥନା ତଥା ଭଦ୍ରୋଚିତ ବ୍ୟବହାରରେ ପ୍ରୀତ ହୋଇ ଶ୍ରୀମନ୍ଦିର ନିକଟସ୍ଥ ଏକ ବେଦୀ ଉପରେ ଉପବେଶନ କରି ଧ୍ୟାନସ୍ଥ ହେଲେ । ପରି ଦିନ ପ୍ରଭାତରୁ ଦେଖାଗଲା ସମୁଦ୍ର କିଛି ବାଟ ପର୍ଯ୍ୟନ୍ତ ଶ୍ରୀମନ୍ଦିର ନିକଟରୁ ଅପସରି ଯାଇଛି । କବୀର ନିଜର ନିତ୍ୟକର୍ମ ସାରି ସମୁଦ୍ରର ନୂତନ କୂଳ ସମୀପବର୍ତ୍ତୀ ଏକ ଉଚ୍ଚ ସ୍ଥାନରେ ଡ଼େରା ପକାଇ ସେଠାରେ ଭଜନ କଲେ । ରାଜା ତତ୍କ୍ଷଣାତ୍ ସେଠାରେ ଏକ ଆଶ୍ରମ ଓ ଅନ୍ୟାନ୍ୟ ସାହାଯ୍ୟ ଦେଇ ଶ୍ରୀମନ୍ଦିରରୁ ପ୍ରତ୍ୟହ ମହାପ୍ରସାଦ ପଠାଇବାର ବନ୍ଦୋବସ୍ତ କରିଥିଲେ । ଆଜି ସେହି ସ୍ଥାନଟି 'କବୀର ଚୌରା ମଠ' ବୋଲି ସର୍ବତ୍ର ଖ୍ୟାତ । ଯେଉଁ ଅଳ୍ପ କେତେ ଦିନ କବୀର ଏହି ସ୍ଥାନରେ ଭଜନ ସାଧନରେ ନିମଗ୍ନ ଥିଲେ, ସେହି ପବିତ୍ର ଭୂମିରେ ଗଢ଼ିଉଠିଥିବା ଗୋଟିଏ ସୁଉଚ୍ଚ ସମାଧି ମନ୍ଦିର ଦୃଶ୍ୟମାନ ହୋଇଥାଏ । ଉକ୍ତ ଗମ୍ବୁଜ ସଦୃଶ ମନ୍ଦିରକୁ 'ଧ୍ୟାନ ସମାଧି ମନ୍ଦିର' କୁହାଯାଉଅଛି । ସମାଧି ମନ୍ଦିରର ଦ୍ୱାର ଅତ୍ୟନ୍ତ କ୍ଷୁଦ୍ର ତଥା ସଂକୀର୍ଣ୍ଣ । ଜଣେ ସମାଧି ମନ୍ଦିରକୁ ପ୍ରବେଶ କରିବା ପୂର୍ବରୁ ନଇଁ କରି ତା ଭିତରକୁ ଯାଇପାରିବ । ଏତଦ୍‌ବ୍ୟତୀତ ସମାଧି ମନ୍ଦିରର ବାମ ପାର୍ଶ୍ୱରେ ଛୋଟ ବଡ଼ ହୋଇ ଆହୁରି ୧୫ଟି ସମାଧି ମନ୍ଦିର ଅତ୍ୟନ୍ତ ଜରାଜୀର୍ଣ୍ଣ ଅବସ୍ଥାରେ ରହିଅଛି । ଅନୁସନ୍ଧାନରୁ ଜଣାଗଲା ଯେ, ଏହି ମଠର ପୂର୍ବତନ ମହନ୍ତ

Digitized by srujanika@gmail.com

ଓ ମାତା ମା'ଙ୍କର ଏହି ସମାଧି ଗୁଡ଼ିକ ମଠ ପରିସରରେ ନିର୍ମାଣ କରାଯାଇଥିଲା । ସମାଧି ମନ୍ଦିର ମଧ୍ୟରେ ଧର୍ମ ଦାସ, ତାଙ୍କ ପତ୍ନୀ ଅମିନ୍ ମାତା, ନଟବର ଦାସ, ଦେବକୀ ମାତା ଇତ୍ୟାଦି ମାନଙ୍କ ସମାଧି ମନ୍ଦିର ରହିଅଛି । ପ୍ରତ୍ୟହ ଜଣେ ପୂଜକ ସନ୍ଥ କବୀରଙ୍କ ସମାଧି ମନ୍ଦିର ସମେତ ଆରତୀ ଓ ପୂଜାର୍ଚ୍ଚନା କରୁଥିବା ଜଣାଯାଏ । ସନ୍ଥ କବୀରଙ୍କ ସମାଧି ମନ୍ଦିରରେ ତାଙ୍କ ବ୍ୟବହୃତ କଠଉ ଏବଂ ହଥିଆ (ଆଶବାଡ଼ି – କାଠ ନିର୍ମିତ) ରଖାଯାଇ ଅତ୍ୟନ୍ତ ଶ୍ରଦ୍ଧାର ସହ ପୂଜା କରାଯାଉଅଛି । ମଠ ବିଜେସ୍ଥଳୀର ପଶ୍ଚାତ୍ ଭାଗରେ ଥିବା ଖାଲି ଯାଗା ମଧ୍ୟରେ ଏହି ସମାଧି ମନ୍ଦିର ଗୁଡ଼ିକ ରହିଅଛି । ସେହି ପରିସରରେ ଏକ ଲମ୍ବା ବାଉଁଶରେ ଧଳା ରଙ୍ଗର ଏକ ପତାକା ବା ଧ୍ୱଜା ଉଡୁଛି । କବୀର ପନ୍ଥୀମାନେ ଏହି ଧ୍ୱଜାକୁ 'ଧର୍ମ ଧ୍ୱଜା' ବୋଲି କହିଥାନ୍ତି । ପ୍ରତ୍ୟେକ ବର୍ଷ ଦଶହରା ଦିନ ଏହି ଧ୍ୱଜାର ସଂସ୍କାର ପୂଜା କରାଯାଏ । ଏତଦ୍‌ବ୍ୟତୀତ ଦୋଳପୂର୍ଣ୍ଣିମା ଦିନ କବୀରଙ୍କ ଧ୍ୟାନ ସମାଧି ମନ୍ଦିରରେ ସ୍ୱତନ୍ତ୍ର ଭାବେ ଏକ 'ଚଉକା ଆଳତୀ' ହୋଇଥାଏ । ସେହି ପବିତ୍ର ସ୍ଥାନ ଅଦ୍ୟାବଧି କବୀର ପନ୍ଥୀ ମାନଙ୍କ ପାଇଁ ଭାରତର ଏକ ପ୍ରସିଦ୍ଧ ପୀଠ ରୂପେ ସ୍ୱୀକୃତ । ୧୯୪୮ ମସିହାରେ ପ୍ରକାଶିତ 'ଶ୍ରୀ ମର୍ତ୍ତ୍ୟ ବୈକୁଣ୍ଠ' ପତ୍ରିକାରେ ଉଲ୍ଲେଖ ପ୍ରକାରେ :-

''କବିରଙ୍କ ପାଦୁକା ଯେ ଆଉ ଜପାମାଳି
ପୂଜା କରୁଛନ୍ତି ଶିଷ୍ୟେ କରିଣ ଶଙ୍ଖାଳି
ଏ ମଠର କାଞ୍ଜି ପାଣି ଅଟଇ ପ୍ରସିଦ୍ଧ''

ଅତୀତରେ କବୀର ଚୌରା ମଠରେ ହେଉଥିବା କାଞ୍ଜି ପାଣି ଓ ଅନ୍ନ ମହାପ୍ରସାଦରେ ପ୍ରସ୍ତୁତ ଟଙ୍କ ତୋରାଣୀର ପ୍ରସିଦ୍ଧି ରହିଥିଲା । ଯିଏବି ଏହି ମଠକୁ ପରିଭ୍ରମଣରେ ଆସୁଥିଲେ, ତାଙ୍କୁ ମହାପ୍ରସାଦରେ ପ୍ରସ୍ତୁତ 'ବାସି ତୋରାଣି' ହିଁ ବିତରଣ କରାଯାଉଥିଲା । ପଶ୍ଚିମା ଯାତ୍ରୀମାନେ ମାନସିକ କରି ଏହି ତୋରାଣି ସେବନ କରିଥାନ୍ତି । ବିପଦ ଆପଦ, ରୋଗ ବୈରାଗ୍ୟରେ ଏହା ତାଙ୍କ ପାଇଁ କବୀରଙ୍କର ଅବ୍ୟର୍ଥ ଆଶୀର୍ବାଦ ବୋଲି ପ୍ରତୀତ ହୁଏ ।[୮] ଅତୀତର ସେହି ପରମ୍ପରା ଆଜି ଲୁଣ୍ଠିତ । ମଠ ପକ୍ଷରୁ ସେ ପ୍ରକାର 'ଟଙ୍କ ତୋରାଣି'ର ବନ୍ଦୋବସ୍ତ କରାଯାଉନଥିବାର ଦୃଷ୍ଟିଗୋଚର ହେଉଅଛି । ଏଠାରେ ପ୍ରଣିଧାନ ଯୋଗ୍ୟଯେ, କବୀର ବିଗ୍ରହ ପୂଜାରେ ବିଶ୍ୱାସ କରୁନଥିବା ଯୋଗୁଁ ଏହି ମଠରେ କୌଣସି ମନ୍ଦିର କିମ୍ବା ନିର୍ଦ୍ଦିଷ୍ଟ ମୂର୍ତ୍ତିର ପୂଜାର୍ଚ୍ଚନା କରାଯାଇନଥିଲା । କିନ୍ତୁ ବିଗତ ଏକ ଶହ ଶର୍ଷ ମଧ୍ୟରେ ମଠରେ ଆଶ୍ରୟ ନେଇଥିବା ଜନୈକା ଦେବକୀ ମାତା ନିଜ ଉଦ୍ୟମରେ ମଠ ପରସରରେ ଏକ ମନ୍ଦିର ନିର୍ମାଣ କରି ତହିଁରେ ରାଧାକୃଷ୍ଣ ବିଗ୍ରହଙ୍କୁ ସ୍ଥାପନା କରିଥିଲେ । ସଂପ୍ରତି ଏହି ମନ୍ଦିରଟି

Digitized by srujanika@gmail.com

ଅତ୍ୟନ୍ତ ଜରାଜୀର୍ଣ୍ଣ ତଥା ଭଗ୍ନ ଅବସ୍ଥାରେ ରହିଅଛି ।

କବୀର ପନ୍ଥୀ ଧର୍ମାବଲମ୍ବୀ ମାନଙ୍କର ଛତିଶଗଡ଼ ଠାରେ 'ଦାମ ଆଖେଡ଼ା' ନାମରେ ଏକ ଅନୁଷ୍ଠାନ ରହିଅଛି । ପୁରୀ କବୀର ଚୌରା ମଠ ସହିତ ଏହି ଆଖେଡ଼ାର ଘନିଷ୍ଠ ସମ୍ପର୍କ ରହିବା ସହିତ ଦାମ ଆଖେଡ଼ାଠାରେ କବୀରଙ୍କ ଏକ ଗଦି ରହିଅଛି । ଏହି ଆଖେଡ଼ାରୁ ବହୁ ଶିଷ୍ୟ ଏଠାକୁ ଆଗମନ କରିବା ସହିତ ଛତିଶଗଡ଼ ଅଞ୍ଚଳରୁ ଦୋଳପୂର୍ଣ୍ଣିମା ସମୟରେ ବହୁ ପଣ୍ଡିମାଯାତ୍ରୀ ପୁରୀସ୍ଥିତ ଏହି ମଠରେ ଆଶ୍ରୟ ନେଇଥାନ୍ତି ।

ସନ୍ଥ କବୀରଙ୍କ ଦେହ ତ୍ୟାଗ ପରେ ତାଙ୍କର ଅନ୍ୟତମ ପ୍ରିୟ ଶିଷ୍ୟ ଧର୍ମ ଦାସ ଏହି ପୀଠକୁ ନିଜ ସାଧନାର କ୍ଷେତ୍ର ରୂପେ ବାଛି ନେଇଥିଲେ । ୧୫୧୩ ଖ୍ରୀଷ୍ଟାବ୍ଦରେ ଧର୍ମ ଦାସଙ୍କ ଦେହାନ୍ତ ପରେ ତାଙ୍କ ପୁତ୍ର 'ମୁକ୍ତାମୁନି' କବୀର ପନ୍ଥୀ ମହନ୍ତ ରୂପେ କବୀର ଚୌରା ମଠରେ ଗାଦିନାସୀନ ହୋଇଥିଲେ । ଉଲ୍ଲେଖଯୋଗ୍ୟଯେ ଧର୍ମଦାସଙ୍କ ପନ୍ନୀ ଅମିନ ମାତା ଓ ପୁତ୍ର ମୁକ୍ତାମୁନି ଏହି ମଠରେ ରହିଥିବାର ପ୍ରମାଣ ମିଳୁଅଛି । ଅଦ୍ୟାବଧି ଏହି ଦୁଇ ଜଣଙ୍କ ସମାଧି ମନ୍ଦିର ଏହି ମଠର ବିଜେସ୍ଥଳୀରେ ରହିଅଛି । ମୁକ୍ତାମୁନିଙ୍କ ପରେ ଏହି ମଠର ଅନ୍ୟତମ ପ୍ରସିଦ୍ଧ ମହନ୍ତ ନଟବର ଦାସ ସାହେବଙ୍କ ନାମ ଉଲ୍ଲେଖଯୋଗ୍ୟ । ତାଙ୍କ ସମୟରେ ମଠ ବିଜେସ୍ଥଳୀରେ ବହୁ ପକ୍କା ଗୃହ ଓ ଅନେକ ଉନ୍ନତିକର କାର୍ଯ୍ୟ ହୋଇଥିଲା । ଏପରିକି ମଠ ନାମରେ କଟକ ଜିଲ୍ଲାର କେତେକ ସ୍ଥାନରେ କିଛି ପରିମାଣର ଭୂ ସମ୍ପତ୍ତି ମଧ୍ୟ କ୍ରୟ କରାଯାଇଥିଲା । ତାଙ୍କ ଦ୍ୱାରା ପ୍ରଣୀତ 'ଶ୍ରୀ ସତ୍ୟ କବୀର ଦର୍ଶନାମୃତ' ଗ୍ରନ୍ଥରେ ଓଡ଼ିଶାରେ କବୀର ସଂପ୍ରଦାୟର ଇତିହାସ ଓ କବୀରଙ୍କ ଜୀବନୀ ସମ୍ବନ୍ଧରେ ବହୁ ବିଷୟ ବର୍ଣ୍ଣିତ ହୋଇଛି ।

ସଂପ୍ରତି ଏହି ଇତିହାସ ପ୍ରସିଦ୍ଧ କବୀର ଚୌରା ମଠଟି ଅତ୍ୟନ୍ତ ଅବହେଳିତ ତଥା ଜରାଜୀର୍ଣ୍ଣ ଅବସ୍ଥାରେ ରହିଥିବା ସଙ୍ଗେ ସଙ୍ଗେ ବର୍ତ୍ତମାନର ମଠାଧୀଶ ଦୀର୍ଘ ବର୍ଷ ଧରି ଉକ୍ତ ମଠରେ ଅନୁପସ୍ଥିତ ରହୁଥିବା ଯୋଗୁଁ ମଠ ସଂପର୍କରେ କୌଣସି ତଥ୍ୟ ଉପଲବ୍ଧ ହୋଇପାରୁନାହିଁ । ଏପରିକି ମଠର ମହନ୍ତ ମାନଙ୍କର କ୍ରମାନ୍ୱୟ ତାଲିକା ମଧ୍ୟ ମିଳୁପାରୁନାହିଁ । ମଠରେ ଥିବା ଜନୈକ ଶିଷ୍ୟଙ୍କ ଠାରୁ ସଂଗୃହୀତ ହୋଇଥିବା ତଥ୍ୟ ଅନୁଯାୟୀ ସୀତାରାମ ଦାସ, ବାଇଧର ଦାସଙ୍କ ବ୍ୟତୀତ ବର୍ତ୍ତମାନର ମହନ୍ତ ଧ୍ରୁବ ଚରଣ ଦାସଜୀଙ୍କର ନାମ ମିଳୁଅଛି । ମହନ୍ତ ଧ୍ରୁବଚରଣ ଦାସ କଟକରେ ରହୁଥିବା ବିଷୟରେ ମଠର ଅନ୍ତେବାସୀମାନେ ପ୍ରକାଶ କରନ୍ତି ।

ଭାରତର ପ୍ରସିଦ୍ଧ ସନ୍ଥ କବୀରଙ୍କ ସଂସ୍ପର୍ଶରେ ଆସିଥିବା ଏହି ପବିତ୍ର ପୀଠର ସ୍ମୃତିକୁ କେବଳ ରକ୍ଷା କରିବା ବ୍ୟତୀତ ଅନ୍ୟ ସମସ୍ତ ପରମ୍ପରା ଏବେ ଭୂଲୁଣ୍ଠିତ ।

Digitized by srujanika@gmail.com

ସହାୟକ ଗ୍ରନ୍ଥ ସୂଚୀ :

(୧) ଶ୍ରୀକ୍ଷେତ୍ର : ସାଧୁସନ୍ଥଙ୍କର ଲୀଳା କ୍ଷେତ୍ର – ସୂର୍ଯ୍ୟନାରାୟଣ ଦାସ
ପୃ - ୩୯୧ (ଶ୍ରୀକ୍ଷେତ୍ର : ଶ୍ରୀଜଗନ୍ନାଥ - ଉ.ପା.ସଂ- ୩ୟସ୍ତବକ, ୧୯୮୮)

(୨) ଶ୍ରୀଜଗନ୍ନାଥ ମହାପ୍ରଭୁ ଓ ସନ୍ଥ କବୀର – ଗଣନାଥ ଦାସ, ପୃ ୭୫/୭୬
('ଶ୍ରୀ ମନ୍ଦିର' ପତ୍ରିକା ରଥ ସଂଖ୍ୟା, ୧୯୮୭)

(୩) ଶ୍ରୀ ଶ୍ରୀ ଜଗନ୍ନାଥ ଭକ୍ତ ଚରିତ ମାଳା – ଡ଼କ୍ଟର ରାମଚନ୍ଦ୍ର ମିଶ୍ର, ପୃ ୧୪୨

(୪) ଭାରତର ଧାର୍ମିକ ପରଂପରା ଓ ଶ୍ରୀଜଗନ୍ନାଥ – ଡଃ ବଂଶୀଧର ମହାନ୍ତି,
ପୃ – ୧୪, "ଶ୍ରୀମନ୍ଦିର", ରଥ ବିଶେଷାଙ୍କ – ୧୯୯୦

(୫) ଶ୍ରୀକ୍ଷେତ୍ର : ଶ୍ରୀଜଗନ୍ନାଥ (ଉ.ପା.ସଂ – ୩ୟ ସ୍ତବକ, ପୃ – ୩୦୭)

(୬) 'ଶ୍ରୀ ଜଗନ୍ନାଥ' ପତ୍ରିକା – ପ୍ରଥମ ସଂଖ୍ୟା – ୧୯୮୦ (ଶ୍ରୀ ନୀଳମଣି ମିଶ୍ରଙ୍କ ପ୍ରବନ୍ଧ ଦ୍ରଷ୍ଟବ୍ୟ)

(୭) ଶ୍ରୀକ୍ଷେତ୍ରରେ ସାଧୁ ସନ୍ଥ – ଡ଼ାକ୍ତର ଶୈଳେଶ୍ୱର ନନ୍ଦ
(ଉ.ପା.ସଂ – ୩ୟ ସ୍ତବକ, ପୃ- ୩୦୭/ ୩୦୮)

(୮) "ଶ୍ରୀ ମନ୍ଦିର" ପତ୍ରିକା (ରଥ ସଂଖ୍ୟା, ୧୯୮୭, ପୃ -୭୬/୭୭)

(୯) କବୀର ପନ୍ଥୀଙ୍କ ଜଗନ୍ନାଥ ଏକ ଅଭୁଲା ପରମ୍ପରା (ପ୍ରବନ୍ଧ) – ଡ଼ଃ ଶଙ୍କର ଲାଲ ପୁରୋହିତ (ନବଲିପି ପତ୍ରିକା)

✤ ✤ ✤

Digitized by srujanika@gmail.com

ପୌର୍ଣ୍ଣମାସୀ ମଠ

ପୁରୀ ବାଲିସାହିସ୍ଥ ଶ୍ୱେତଗଙ୍ଗା ପୁଷ୍କରିଣୀର ପଶ୍ଚିମ ପାର୍ଶ୍ୱରେ ପୌର୍ଣ୍ଣମାସୀ ମଠ ଅବସ୍ଥିତ । ମାଧ୍ୱ ଗୌରେଶ୍ୱର ସମ୍ପ୍ରଦାୟର ନିତ୍ୟାନନ୍ଦ ପରିବାରଭୁକ୍ତ ବ୍ରଜବାସୀ ଶ୍ରୀ ମଧୁସୂଦନ ଦାସ ଗୋସ୍ୱାମୀ ଅନୁଗତ ପୌର୍ଣ୍ଣମାସୀ ଦାସୀ ମାତା ନିଜର ଗୃହ ପୂଜିତ ଇଷ୍ଟଦେବୀ ପୌର୍ଣ୍ଣମାସୀ ରାଧାଗୋବିନ୍ଦ ଦେବଙ୍କୁ ଗୋଟିଏ କାଠ ବାକ୍ସରେ ଧରି ନାନା ଗ୍ରାମ ଭ୍ରମଣ କରି କରି ଭିକ୍ଷା ଗ୍ରହଣ ପୂର୍ବକ ଶ୍ରୀକ୍ଷେତ୍ର ଧାମକୁ ଆସିଥିଲେ । ପୌର୍ଣ୍ଣମାସୀ ଦାସୀ ମାତା ୧୮୮୫ ମସିହାରେ ତତ୍କାଳୀନ ରାଘବ ଦାସ ମଠର ମହନ୍ତ ମହାରାଜ ଭଗବତ ରାମାନୁଜ ଦାସଙ୍କ ଠାରୁ ଉକ୍ତ ମଠର ଶ୍ୱେତଗଙ୍ଗା ପୁଷ୍କରିଣୀର ପଶ୍ଚିମ ପାର୍ଶ୍ୱରେ ଥିବା ଜମିରୁ ସ୍ୱଳ୍ପ ପରିମାଣର ଭୂମି ଆଣି ସେଠାରେ ଏକ କ୍ଷୁଦ୍ର କୁଟୀର ନିର୍ମାଣ କରି ତାଙ୍କର ଆରାଧ ଇଷ୍ଟ ଦେବୀଙ୍କୁ ପ୍ରତିଷ୍ଠିତ ପୂର୍ବକ ସେହି କୁଟୀରକୁ ପୌର୍ଣ୍ଣମାସୀ ମଠ ନାମରେ ନାମିତ କରାଇଲେ । କିଛି ଦିନ ପରେ କଳାହାଣ୍ଡି ଜିଲ୍ଲା ଅନ୍ତର୍ଗତ ଜୟପାଟଣାର ଜମିଦାର ସାହେବ ଶ୍ରୀ ବ୍ରଜ କିଶୋର ସିଂହ ଦେବ ଯେ କି ନିଃ ସନ୍ତାନ ଥିଲେ ଏବଂ ସଦାସର୍ବଦା ମାଆ ଭଗବତୀଙ୍କୁ ସ୍ମରଣ ଓ ଆରଧନା କରୁଥିଲେ । ତାଙ୍କୁ ଦିନେ ସ୍ୱପ୍ନାଦେଶ ହେଲା ତୁମେ ପୁରୀର ଶ୍ୱେତଗଙ୍ଗା ନିକଟସ୍ଥ ଯୋଗମାୟା ପୌର୍ଣ୍ଣମାସୀଙ୍କ ପ୍ରସାଦ ଗ୍ରହଣ କଲେ ତୁମର ମନୋବାଞ୍ଛିତ ଫଳ ପ୍ରାପ୍ତ ହେବ । ସ୍ୱପ୍ନାଦେଶ ପାଇ ଜମିଦାର ସାହେବ ପୁରୀକୁ ଆଗମନ କରି ଉକ୍ତ ମଠରେ ପହଞ୍ଚିଥିଲେ । ପୌର୍ଣ୍ଣମାସୀ ଦାସୀ ମାତାଙ୍କ ଉତ୍ତରାଧିକାରୀ କୃଷ୍ଣମଣି ଦାସୀ ମାତାଙ୍କ ଠାରୁ ପୌର୍ଣ୍ଣମାସୀଙ୍କ ପ୍ରସାଦ ଗ୍ରହଣ କରି ଉମାଶଙ୍କର ସିଂହଦେବ ଓ ବୀରେନ୍ଦ୍ର ନାଥ ସିଂହଦେବଙ୍କୁ ପୁତ୍ର ରୂପେ ପ୍ରାପ୍ତ ହେଲେ । ତେଣୁ ଉକ୍ତ ଜମିଦାର ପୌର୍ଣ୍ଣମାସୀଙ୍କ କୁଟୀରକୁ ଭାଙ୍ଗି ମାଟି ଆଟୁଘର ଗୋଟିଏ କରାଇ ଦେଇଥିଲେ । ଅନ୍ୟାନ୍ୟ ଭକ୍ତମାନେ ନିଜ ନିଜ ସେବିତ ବିଗ୍ରହ ମାନଙ୍କୁ ସେବା କରି ନପାରି ଅଯାଚିତ ଭାବରେ ଆଣି କୃଷ୍ଣମଣି ଦାସୀ ମାତାଙ୍କୁ ଅନୁରୋଧ କରି ସିଂହାସନରେ ବିଜେ କରାଇ ଚାଲିଗଲେ । କୃଷ୍ଣମଣି ଦାସୀ ମାତା ବୃଦ୍ଧାବସ୍ଥା ଯୋଗୁଁ ଆନ୍ଧ୍ରପ୍ରଦେଶର ବୃନ୍ଦା ଦାସୀ ମାତାଙ୍କୁ ଉତ୍ତରାଧିକାରୀ ରୂପେ ଗ୍ରହଣ କରିଥିଲେ । କୃଷ୍ଣମଣି ଦାସୀ ମାତା ଆନ୍ଧ୍ରପ୍ରଦେଶରେ ଭିକ୍ଷା କରୁଥିଲା ବେଳେ ପାର୍ବତୀପୁରମ୍‌ର ବଡ଼ ବ୍ରାହ୍ମଣ ସାହିର ବୃନ୍ଦା ଦାସୀ ମାତାଙ୍କ ଭାଇ ନାରାୟଣ ପାଢ଼ୀଙ୍କୁ ଆଦେଶ ଦେଇ ସତ୍ୟ କରାଇଥିଲେ ଯେ ତୁମର ଏ ଗର୍ଭରେ ପୁତ୍ର ଜାତ ହେବ । ସେହି ପୁତ୍ରକୁ ଶ୍ରୀରାଧା ଗୋବିନ୍ଦ ପୌର୍ଣ୍ଣମାସୀଙ୍କ ସେବା ରକ୍ଷା ପାଇଁ ନିଶ୍ଚୟ ଦତ୍ତ କରିବ । ଏଣୁ ନାରାୟଣ ପାଢ଼ୀଙ୍କର ପୁତ୍ର ଜାତ ହେବାରୁ ପୌର୍ଣ୍ଣମାସୀଙ୍କ ଆଜ୍ଞାରୁ ମୁଁ ପୁତ୍ର ଲାଭ କଲି ଭାବି ପାଞ୍ଚ ବର୍ଷ ଛଅ ମାସ ଅର୍ଥାତ୍ ୧୯୩୬ ମସିହାରେ ନିଜେ ପୁତ୍ରକୁ ଧରି ଶ୍ରୀକ୍ଷେତ୍ରର ପୌର୍ଣ୍ଣମାସୀ ମଠରେ ପହଞ୍ଚିଥିଲେ । ବୃଦ୍ଧା କୃଷ୍ଣମଣି ଦାସୀ ମାତା ଓ ବୃନ୍ଦା ଦାସୀ ମାତାଙ୍କୁ ପୌର୍ଣ୍ଣମାସୀଙ୍କ ସେବା ନିମିତ୍ତ ପୁତ୍ରକୁ ସମର୍ପଣ କଲେ ଏବଂ ପୌର୍ଣ୍ଣମାସୀଙ୍କର ଶରଣାଗତ ହେଲେ । କୃଷ୍ଣମଣି ଦାସୀ ମାତା ଉକ୍ତ ଶିଶୁକୁ

Digitized by srujanika@gmail.com

ସାମାନ୍ୟ ବିଦ୍ୟାଧ୍ୟୟନ କରାଇ ଦୀକ୍ଷା ଦାନ କରି ନଅବର୍ଷ ଛଅ ମାସରେ ଯଜ୍ଞୋପବୀତ ପୂର୍ବକ ଭେଖାଶ୍ରୀତ କରାଇଥିଲେ । ଶ୍ରୀ ରାଧାକାନ୍ତ ମଠ ଆଚାର୍ଯ୍ୟ ପୀଠ ହେତୁ ଉକ୍ତ ମଠରେ ବୈଷ୍ଣବ ଆଚାର ଶିକ୍ଷା ଓ ବିଗ୍ରହ ସେବା ସହ ସଂସ୍କୃତ ଅଧ୍ୟୟନ ମଧ କରାଇଥିଲେ । କୃଷ୍ଣମଣି ଦାସୀ ମାତା ୧୯୪୭ ମସିହାରେ ଇହଧାମ ତ୍ୟାଗ କରିବାରୁ ବୃନ୍ଦା ଦାସୀ ମାତା ପୁତ୍ର ଶିଶୁ ଅଦ୍ୱୈତ ଚରଣ ଦାସଙ୍କୁ ରାଧାକାନ୍ତ ମଠରୁ ନେଇ ଆସିଲେ ଏବଂ ପୌର୍ଣ୍ଣମାସୀଙ୍କ ସେବାରେ ନିଯୁକ୍ତି କରାଇଲେ । ବୃନ୍ଦା ଦାସୀ ମାତା ପୂର୍ବ ପରି ନିଜର ପରିଚିତ ସ୍ଥାନ କୋରାପୁଟ, ଜୟପୁର, ରାୟଗଡ଼ା, ନବରଙ୍ଗପୁର, ପାର୍ବତୀପୁରମ୍‌ରୁ ଭିକ୍ଷା କରି କରି ୧୯୬୦ ମସିହାରେ ମାଟି ଆଟୁ ନିର୍ମିତ ଘରକୁ ଭାଙ୍ଗି ନୂତନ ପ୍ରକାରର ତିନୋଟି ଘର ଏବଂ ପୌର୍ଣ୍ଣମାସୀ ମନ୍ଦିର ଓ ସିଂହାସନର ନିର୍ମାଣ କରାଇଥିଲେ । ବୃଦ୍ଧାବସ୍ଥା ପ୍ରାପ୍ତ ହେତୁ ବୃନ୍ଦା ଦାସୀ ମାତା ଅଦ୍ୱୈତ ଚରଣ ଦାସଙ୍କୁ ଉତ୍ତରାଧିକାରୀ ରୂପେ ଗ୍ରହଣ କରି ଇହଧାମ ତ୍ୟାଗ କଲେ । ଅଦ୍ୱୈତ ଚରଣ ଦାସ ବହୁ କଷ୍ଟ ସ୍ୱୀକାର ପୂର୍ବକ ୩୦ ବର୍ଷ ଧରି ଗୋମାତାଙ୍କ ସେବା ଏବଂ ଭିକ୍ଷା କରି ଭଗବତୀ ପୌର୍ଣ୍ଣମାସୀଙ୍କ ସେବା କାର୍ଯ୍ୟ ନିର୍ବାହ କରିଆସୁଅଛନ୍ତି । ଆଗନ୍ତୁକ ଶ୍ରଦ୍ଧାଳୁ ଭକ୍ତ, ଶିଷ୍ୟମାନେ ପୌର୍ଣ୍ଣମାସୀଙ୍କ କୃପାରୁ ୧୯୬୦ ମସିହାଠାରୁ ନିଜ ନିଜ ନାମରେ ମଠ ଠାରେ ଗୋଟିଏ ଗୋଟିଏ ଯାତ୍ରୀ ନିବାସ ଗୃହ ନିର୍ମାଣ କରିଥିବା ଜଣାଯାଏ । ସଂପ୍ରତି ମଠରେ ପୂର୍ଣ୍ଣ କୁମ୍ଭ ସ୍ୱରୂପ ଶ୍ରୀମୁଖ ଥାଇ ପୌର୍ଣ୍ଣମାସୀ ଦେବୀ, ଶ୍ରୀରାମ, ଲକ୍ଷ୍ମଣ, ଜାନକୀ, ଗୋପାଳଜୀ, ମହାପ୍ରଭୁ, ନିତ୍ୟାନନ୍ଦ ପ୍ରଭୁ, ଗୌର ଗଦାଧର, ରାଧା ଗୋପୀନାଥ, ଲକ୍ଷ୍ମୀନୃସିଂହ ଓ ଶାଳଗ୍ରାମ ଶିଳାଙ୍କୁ ପୌର୍ଣ୍ଣମାସୀଙ୍କ ସିଂହାସନକୁ ବର୍ଦ୍ଧିତ କରାଇ ବିଜେ କରାଇଛନ୍ତି । ୧୯୭୭ ମସିହାରେ ଗୌର ଗମ୍ଭୀରା ପୀଠାଧିଶ୍ୱର ରାଧାକାନ୍ତ ମଠ ମହନ୍ତ ଶ୍ରୀ ଗୌର ଗୋବିନ୍ଦ ଦାସ ଗୋସ୍ୱାମୀ ଶ୍ରୀ ଅଦ୍ୱୈତ ଚରଣ ଦାସଙ୍କୁ କଣ୍ଠି ଶାଢ଼ୀ ଦେଇ ପୌର୍ଣ୍ଣମାସୀ ମଠର ଅଧିକାରୀ କରାଇଥିଲେ । ଅଧିକାରୀ ଅଦ୍ୱୈତ ଚରଣ ଦାସ ଉପରୋକ୍ତ ଭିକ୍ଷା ଦ୍ୱାରା ପୌର୍ଣ୍ଣମାସୀଙ୍କର ଓ ସାଧୁ ଗୁରୁ ବୈଷ୍ଣବଙ୍କର ଆନୁଗତ୍ୟରେ ସେବା ଚଳାଇ ଆସୁଥିଲେ ।

ପୌର୍ଣ୍ଣମାସୀ ମଠରେ ପାଳିତ ବିଭିନ୍ନ ପର୍ବ, ଉତ୍ସବ ମଧ୍ୟରେ ପୌର୍ଣ୍ଣବାସୀଙ୍କ ସିଂହାସନ ବିଜେ ଉତ୍ସବ (ବୈଶାଖ ମାସ ଶୁକ୍ଳ ଦ୍ୱାଦଶୀ), ଗୋବର୍ଦ୍ଧନ ଉତ୍ସବ, ବ୍ୟଞ୍ଜନ ଦ୍ୱାଦଶୀ, ଝୁଲଣ ଯାତ୍ରା, ନନ୍ଦ ଉତ୍ସବ, ଦୋଳ ଯାତ୍ରା, ପହିଲି ଭୋଗ; କାର୍ତ୍ତିକ ମାସରେ ବାଳ ଭୋଗ, ନିୟମ ସେବା ଆଦି ଅନ୍ତର୍ଭୁକ୍ତ । ବର୍ତ୍ତମାନର ଅଧିକାରୀ ନିଜର ଅସୁସ୍ଥତା ଓ ଚତୁର୍ଥାବସ୍ଥା ହେତୁ ୧୯୯୯ ମସିହାରେ ଗଞ୍ଜାମ ଜିଲ୍ଲାର ଗୁଙ୍ଗୁରି ଗ୍ରାମର ଅଭିମନ୍ୟୁ ପାଢ଼ୀଙ୍କ ମଧ୍ୟମ ପୁତ୍ରକୁ ଆଣି ଦୀକ୍ଷା ଶିକ୍ଷା ପ୍ରଦାନ କରି ନବ ଗୌରାଙ୍ଗ ଦାସ ନାମରେ ନାମିତ କରାଇ ଚେଲା ରୂପେ ଗ୍ରହଣ କରିଛନ୍ତି । ଉକ୍ତ ଚେଲାଙ୍କ ସହ ଭକ୍ତ, ଦାତା, ଶିଷ୍ୟ ମାନଙ୍କୁ ଏକତ୍ର କରି ପୌର୍ଣ୍ଣମାସୀ ମଠର ଏକ ପରିଚାଳନା କମିଟି ଗଠନ କରାଯାଇଛି । ୨୦୦୩ ମସିହାରେ ଉକ୍ତ କମିଟିକୁ ରେଜେଷ୍ଟ୍ରିଭୁକ୍ତ କରାଯାଇଛି ।

ମଠଟି ଆୟତନରେ କ୍ଷୁଦ୍ର ହୋଇଥିଲେ ହେଁ ମହନ୍ତ ଓ ଚେଲାଙ୍କ ବ୍ୟକ୍ତିଗତ ଉଦ୍ୟମରେ ଶ୍ରୀରାଧା ଗୋବିନ୍ଦ ପୌର୍ଣ୍ଣମାସୀଙ୍କ ସେବା କାର୍ଯ୍ୟ ସୁଚାରୁରୂପେ ଚାଲି ଆସୁଅଛି ।

✣ ✣ ✣

Digitized by srujanika@gmail.com

ବିଦୁର ମଠ

ପୁରୀର ସ୍ୱର୍ଗଦ୍ୱାର ଛକ ନିକଟରେ ଶ୍ରୀରାମାନନ୍ଦୀ ସମ୍ପ୍ରଦାୟର ଅନ୍ୟ ଏକ ପ୍ରସିଦ୍ଧ ମଠ ରହିଅଛି । ଯାହାକି 'ବିଦୁର ମଠ' ନାମରେ ସୁପରିଚିତ । ପ୍ରାୟ ୫୦୦ ବର୍ଷର ପୁରାତନ ଏହି ପ୍ରସିଦ୍ଧ ମଠର ପ୍ରତିଷ୍ଠା ସଂପର୍କୀୟ ଇତିହାସ ଏପର୍ଯ୍ୟନ୍ତ ରହସ୍ୟାବୃତ ରହିଅଛି । ଶ୍ରୀଚାନ୍ଦଙ୍କ ପ୍ରତିଷ୍ଠିତ ବାଉଳି ମଠର ପଶ୍ଚାତ୍ ଭାଗରେ ବିଦୁର ମଠଟି ଅବସ୍ଥିତ ।

'ବିଦୁର ମଠ' ସମ୍ପର୍କରେ ଏକ ସୁନ୍ଦର ଆଖ୍ୟାୟିକା ପ୍ରଚଳିତ ରହିଛି । ଦ୍ୱାପର ଯୁଗରେ ଶ୍ରୀକୃଷ୍ଣ ତାଙ୍କର ପ୍ରିୟ ଭକ୍ତ ବିଦୁରଙ୍କ ଗୃହରେ ଶାଗ ଭଜା ସେବନ କରିଥିଲେ । ଶ୍ରୀକୃଷ୍ଣ ଶ୍ରୀକ୍ଷେତ୍ରରେ ଜଗନ୍ନାଥ ରୂପେ ଆବିର୍ଭାବ ହେଲେ ଓ ଭକ୍ତ ବିଦୁର ଅନ୍ୟତ୍ର ଜନ୍ମ ଗ୍ରହଣ କରି କୁମ୍ଭୀର ପିଠିରେ ବସି ସମୁଦ୍ରରେ ଆସି ଶ୍ରୀକ୍ଷେତ୍ରର ସ୍ୱର୍ଗଦ୍ୱାର ଠାରେ ପହଞ୍ଚିଲେ । ସେଠାରେ ଏକ ଚଉରା ପାଖରେ ଜଗନ୍ନାଥଙ୍କୁ ସ୍ଥାପନା କରି ପ୍ରତ୍ୟହ ଚାଉଳ ଖୁଦରେ ୩ଟି ପିଠା ପ୍ରସ୍ତୁତ କରି ଠାକୁରଙ୍କ ଉଦ୍ଦେଶ୍ୟରେ ନୈବେଦ୍ୟ କରୁଥିଲେ । ଜଗନ୍ନାଥ ମହାପ୍ରଭୁ ପ୍ରତ୍ୟେକ ଦିନ ସେହି ପିଠାକୁ ଗ୍ରହଣ କରିବା ପାଇଁ ଭକ୍ତ ବିଦୁରଙ୍କ ପ୍ରତିଷ୍ଠିତ ଚଉରା ନିକଟରେ ଆବିର୍ଭାବ ହେଉଥିଲେ । ଏଣେ ଶ୍ରୀମନ୍ଦିରରେ ରାଜ ଭୋଗ ପୂଜା ବସିବା ସମୟରେ ପଣ୍ଡା ମାନଙ୍କ ଚକ୍ଷୁରେ ଶ୍ରୀଜଗନ୍ନାଥ ଦେଖାଦେଲେ ନାହିଁ । ଚାରି ଆଡ଼େ ଏ କଥା ପ୍ରଘଟ ହୋଇଗଲା । ତତ୍‌କାଳୀନ ଗଜପତି ମହାରାଜାଙ୍କ କାନକୁ ଏକଥା ଗଲା । କ'ଣ କରାଯିବ ସେ ବିଷୟରେ କେହି କିଛି କହିପାରୁ ନଥାନ୍ତି । ଏହି ସମୟରେ ଜଗନ୍ନାଥଙ୍କର ଆଉ ଜଣେ ନିଷ୍ଠାପର ଭକ୍ତ ମୁଲକ ଦାସ ଶ୍ରୀକ୍ଷେତ୍ରରେ ଅବସ୍ଥାନ କରୁଥାନ୍ତି । ପ୍ରତ୍ୟହ ମହାପ୍ରସାଦ ବ୍ୟତୀତ ସେ ଅନ୍ୟ କିଛି ସେବନ କରନ୍ତି ନାହିଁ । ମହାପ୍ରସାଦ ଦୀର୍ଘ ଦିନ ଧରି ଉଠି ନ ପାରିବା ଯୋଗୁଁ ଉପବାସରେ ରହି ମୁଲକ ଦାସ ଶୀର୍ଣ୍ଣ ଓ ଦୁର୍ବଳ ହେବାରେ ଲାଗିଲେ । ଦିନେ ସ୍ୱପ୍ନରେ ମୁଲକଜୀ ଦେଖିଲେ ବିଦୁର ସ୍ୱର୍ଗଦ୍ୱାର ଚଉରା ଠାରେ ଖୁଦ ପିଠା ପ୍ରସ୍ତୁତ କରି ତାହାକୁ ଜଗନ୍ନାଥ ମହାପ୍ରଭୁଙ୍କୁ ନୈବେଦ୍ୟ କରୁଛନ୍ତି । ଶ୍ରୀଜଗନ୍ନାଥ ଭକ୍ତ ବିଦୁରଙ୍କ ଏହି ଖୁଦ ପିଠାକୁ ସନ୍ତୋଷର ସହିତ ଗ୍ରହଣ କରୁଛନ୍ତି । ମୁଲକ ଦାସ ସ୍ୱପ୍ନରେ ଯାହା ଦେଖିଥିଲେ ତାହା ମନ୍ଦିରର ତତ୍‌କାଳୀନ ପରିଛାଙ୍କ ନିକଟରେ ଜଣାଇଲେ । ପରିଛା ତତ୍‌କ୍ଷଣାତ୍ ସ୍ୱର୍ଗଦ୍ୱାର ଯାଇ ଗୁପ୍ତରେ ଶ୍ରୀଜଗନ୍ନାଥଙ୍କ ଖୁଦ ପିଠା ଗ୍ରହଣ କରୁଥିବା ଦୃଶ୍ୟ ଦେଖି ଚକିତ ହୋଇଗଲେ । ଗଜପତି ମହାରାଜା ଏହା ଶୁଣି ଭକ୍ତ ବିଦୁର ଅବସ୍ଥାନ କରୁଥିବା ସ୍ୱର୍ଗଦ୍ୱାରସ୍ଥ ଚଉରା ଠାରେ ଉପସ୍ଥିତ ହେଲେ । କିନ୍ତୁ ବିଦୁର ସେଠାରୁ ଅନ୍ତର୍ଦ୍ଧାନ ହୋଇଯାଇଥିଲେ । ରାଜା ବିଦୁରଙ୍କ ଦର୍ଶନ ପାଇଲେ ନାହିଁ ସତ, କିନ୍ତୁ ଭକ୍ତ ମୁଲକ ଦାସ ଏହି ତଥ୍ୟ ପ୍ରଥମେ ଜଣାଇଥିବାରୁ ସେହି

Digitized by srujanika@gmail.com

ଆସ୍ଥାନକୁ ମୂଳକ ଦାସଙ୍କୁ ପ୍ରଦାନ କରିଥିଲେ । ଭକ୍ତ ବିଦୁରଙ୍କ ପରି ମୂଳକ ଦାସ ସେହିଠାରେ ପ୍ରତ୍ୟହ ଖୁଦ ପିଠା ପ୍ରସ୍ତୁତ କରି ତାଙ୍କର ସ୍ମୃତିକୁ ବଜାୟ ରଖିଲେ । ସଂପ୍ରତି ଭକ୍ତ ବିଦୁର ଓ ମୂଳକ ଦାସଙ୍କ ସ୍ମୃତି ଅନୁସାରେ ସେହି ପବିତ୍ର ସ୍ଥାନକୁ 'ମୂଳକ ଚଉରା' ବା 'ବିଦୁର ଛତା' ବୋଲି କୁହାଯାଉ ଅଛି ।[୧]

ଡ଼ଃ ଗୋବିନ୍ଦ ତ୍ରିଗୁଣାୟତଙ୍କ ଲିଖିତ ''କବୀରକି ବିଚାରଧାରା''ରେ ଉଲ୍ଲେଖ ଅଛି ଯେ, ଶିଷ୍ୟ ମୂଳକ ଦାସଙ୍କ ଆମନ୍ତ୍ରଣ କ୍ରମେ ସନ୍ଥ କବୀର ଶ୍ରୀକ୍ଷେତ୍ରକୁ ଆଗମନ କରିଥିଲେ ଏବଂ ସ୍ୱର୍ଗଦ୍ୱାରଠାରେ ଏକ ଚଉରା ପ୍ରତିଷ୍ଠା କରି ସେଠାରେ କିଛି କାଳ ଅବସ୍ଥାନ କରିଥିଲେ । ଶ୍ରୀଜଗନ୍ନାଥଙ୍କ ପ୍ରତି ଅତୁଳନୀୟ ଭକ୍ତିଭାବ ରଖିଥିବା ମୂଳକ ଦାସ ମଧ୍ୟ ବର୍ତ୍ତମାନର କବୀର ଚୌରା ମଠର ଠିକ୍ ସମ୍ମୁଖ ଭାଗରେ ଏକ ଚଉରା ପ୍ରତିଷ୍ଠା କରି ସେଠାରେ ଅବସ୍ଥାନ କରୁଥିଲେ, ଯାହାକି 'ମୂଳକ ଚଉରା' ବା 'ବିଦୁର ମଠ' ନାମରେ ସୁପରିଚିତ । ତେଣୁ ମୂଳକ ଦାସ ଆଜକୁ ପାଞ୍ଚ ଶହ ବର୍ଷ ପୂର୍ବେ ଅର୍ଥାତ୍ ଖ୍ରୀଷ୍ଟିୟ ପଞ୍ଚଦଶ ଶତାବ୍ଦୀରେ ଏହି ଠାରେ ଅବସ୍ଥାନ କରୁଥିବା ଜଣାଯାଏ ।[୨]

'ଶ୍ରୀ ମର୍ତ୍ତ୍ୟ ବୈକୁଣ୍ଠ' ପତ୍ରିକାରେ ଏହି ମଠ ସମ୍ପର୍କରେ ପ୍ରକାଶିତ ହୋଇଥିବା ତଥ୍ୟ ଅନୁଯାୟୀ :-

**''ବିଦୁର ନାମରେ ଭକ୍ତ ଦ୍ୱାପର ଯୁଗରେ
ଶ୍ରୀକୃଷ୍ଣଙ୍କର ସେହୁ ପରମ ବନ୍ଧୁ ଥିଲେ
ଭକ୍ତି ଭାବେ ଶାକ ଅନ୍ନ ଭକ୍ତ ଦେଇଥିଲେ
ଭକ୍ତଭାବ ଭାବଗ୍ରାହୀ ତାହା ଭୁଞ୍ଜି ଥିଲେ
ତାହାଙ୍କର ମୁକ୍ତି ପୀଠ ଅଟେ ଏହି ମଠ
ନାମକରଣ ହୋଇଛି ଏ ବିଦୁର ମଠ
ସେହି ଭକ୍ତ ଭକ୍ତି ସ୍ମୃତି ଏହିଠାରେ ଅଛି
ଶାକ ଅନ୍ନ ଖଇରାତ ପ୍ରତ୍ୟେହ ହେଉଛି ''**[୩]

ମଠ ସୂତ୍ରରୁ ସଂଗ୍ରହ ହୋଇଥିବା ତଥ୍ୟ ଅନୁଯାୟୀ ବିଦୁର ମଠରେ ଅଦ୍ୟାବଧି ୧୩ ଜଣ ମଠାଧୀଶ ରହି ଥିବା ଜଣାଯାଏ । ବର୍ତ୍ତମାନର ମଠାଧୀଶ ହେଉଛନ୍ତି ରଘୁବୀର ଦାସ । ତାଙ୍କର ଗୁରୁ ହେଉଛନ୍ତି ଗଙ୍ଗାଧର ଦାସ ଏବଂ ଏହାଙ୍କ ପୂର୍ବରୁ ରାଜାରାମ ଦାସ ଉକ୍ତ ମଠର ମଠାଧୀଶ ଥିଲେ ।

ମଠର ପ୍ରତିଷ୍ଠା ସମ୍ପର୍କରେ ଜଣାଯାଏ ଯେ, ପ୍ରଥମେ ଏହି ମଠଟି ଏକ ଚାଳ କୁଡିଆ ଘର ମଧ୍ୟରେ ସୀମିତ ଥିଲା । ପରବର୍ତ୍ତୀ ସମୟରେ ଏହି ବିଜେସ୍ଥଳୀରେ ମନ୍ଦିର ଓ ଅନ୍ୟାନ୍ୟ ପକ୍କା ଗୃହ ନିର୍ମିତ ହୋଇଥିଲା । ମଠ ବିଜେସ୍ଥଳୀରେ ଦୁଇଟି ମନ୍ଦିର ରହିଛି । ଗୋଟିଏ ମନ୍ଦିରରେ ଭକ୍ତ ବିଦୁରଙ୍କର ପ୍ରସ୍ତର ମୂର୍ତ୍ତି ଏବଂ କ୍ଷୁଦ୍ର ଜଗନ୍ନାଥ, ବଳଭଦ୍ର ଓ ସୁଭଦ୍ରାଙ୍କର ଦାରୁ ବିଗ୍ରହ ପୂଜିତ ହେଉଛନ୍ତି । ଏହି ମୂର୍ତ୍ତି ପ୍ରାୟ ୫୦୦ ବର୍ଷ ତଳର ପୁରାତନ ବୋଲି ମଠ ସୂତ୍ରରୁ ପ୍ରକାଶ । ପ୍ରତ୍ୟହ ପରମ୍ପରା ଅନୁଯାୟୀ ଏଠାରେ ଖୁଦ ପିଠା ଏକ

Digitized by srujanika@gmail.com

ଗୋଟି, କୋଶଳା ଶାଗ ଓ କାର୍ତ୍ତିକ ମାସରେ ଅଗସ୍ତି ଶାଗ ପ୍ରସ୍ତୁତ ହୋଇ ଜଗନ୍ନାଥାଦି ବିଗ୍ରହମାନଙ୍କୁ ଭୋଗ ହୋଇଥାଏ ।

ମଠ ପରିସରରେ ଥିବା ଅନ୍ୟ ଏକ ମନ୍ଦିରର ସିଂହାସନରେ ସାଢ଼େ ତିନି ଫୁଟ ଉଚ୍ଚରେ ଚତୁର୍ଦ୍ଧା ମୂର୍ତ୍ତି (ଦାରୁ ବିଗ୍ରହ), ରାଧା କୃଷ୍ଣ, ମଦନମୋହନ, ରାମ, ଲକ୍ଷ୍ମଣ, ସୀତା, ଲଡୁ ଗୋପାଳ, ଶତାଧିକ ଶାଳଗ୍ରାମ, ବନବିହାରୀ, ଗରୁଡ଼ ମୂର୍ତ୍ତି ବିରାଜିତ ହୋଇଛନ୍ତି । ବିଦୁର ମଠରେ ପୂଜିତ ଠାକୁରମାନଙ୍କର ଦୈନନ୍ଦିନ ନୀତି ମଧ୍ୟରେ ପ୍ରତ୍ୟହ ଦୁଇ ବେଳା ଆରତୀ, ଖୁଦ ପିଠା, ଶାଗ, ଅନ୍ନଭୋଗ, ରାତ୍ରରେ କ୍ଷୀର, କଦଳୀ ଇତ୍ୟାଦି ଭୋଗ ହୋଇଥାଏ । ମନ୍ଦିର ସମ୍ମୁଖରେ ଏକ ତୁଳସୀ ଚଉରା ଓ ବୃନ୍ଦାବତୀ ଦେବୀ ପ୍ରତିଷ୍ଠିତ ହୋଇଛନ୍ତି । ଏଠାରେ ଉଲ୍ଲେଖଯୋଗ୍ୟଯେ ପୁରୀର ଏହି ଗୋଟିଏ ମଠ ଯେଉଁଠାରେ କି ପ୍ରତ୍ୟହ ଅତ୍ୟନ୍ତ ପ୍ରାଚୀନ ସମୟରୁ ଜଗନ୍ନାଥଙ୍କୁ ଖୁଦରେ ପ୍ରସ୍ତୁତ ପିଠା ଭୋଗ ହୋଇଆସୁଅଛି ।

ବର୍ଷର ବିଭିନ୍ନ ତିଥିରେ ପାଳିତ ପର୍ବ ପର୍ବାଣୀ ମାନଙ୍କ ମଧ୍ୟରେ ଗହ୍ମା ପୂର୍ଣ୍ଣିମା, ଦୋଳ ପୂର୍ଣ୍ଣିମା, ମକର ସଂକ୍ରାନ୍ତି, ଚିତଉ ଅମାବାସ୍ୟା, ଜନ୍ମାଷ୍ଟମୀ, ରାମନବମୀ ପ୍ରଭୃତି ଅନ୍ୟତମ ତଥା ମୁଖ୍ୟ ଅଟେ । ସ୍ନାନ ପୂର୍ଣ୍ଣିମା ଦିନ ମଠର ଜଗମୋହନରେ ଥିବା ସ୍ନାନ ବେଦୀକୁ ଚତୁର୍ଦ୍ଧା ମୂର୍ତ୍ତିଙ୍କୁ ବିଜେ ପୂର୍ବକ ସେଠାରେ ସ୍ନାନ ନୀତି କରାଯାଇଥାଏ ।

ବିଦୁର ମଠର ପରିଚଳନା ଓ ଦେବ ନୀତି ସମ୍ପାଦନ ନିମନ୍ତେ ପୁରୀ ଜିଲ୍ଲା ଗୋପ ଥାନାର ବିରତୁଙ୍ଗ ଠାରେ ମଠର ୬୫ ଏକର ଧାନ ଜମି ଓ ଖମାରରୁ ଆଦାୟ ହେଉଥିବା ଅର୍ଥ ସମେତ ମଠ ବିଚ୍ଛେସ୍ଥଳୀରେ ଥିବା କେତେକ କୋଠରୀକୁ ଭଡ଼ା ଓ ଲିଜ୍ ସୂତ୍ରେ ଦିଆଯାଇ ତହିଁରୁ ଆଦାୟ ହେଉଥିବା ଅର୍ଥ ମୁଖ୍ୟ ଅଟେ । ସଂପ୍ରତି ଉକ୍ତ ମଠର ନୀତି, ଉତ୍ସବ, ପରିଚାଳନା ସର୍ବୋପରି ଠାକୁରଙ୍କ ନୀତି ଯଥାବିଧି ଶାନ୍ତି ଶୃଙ୍ଖଳାର ସହ ସମାହିତ ହେଉଥିବା ଜଣାଯାଏ ।

ସହାୟକ ଗ୍ରନ୍ଥ ସୂଚୀ :

୧) ଭକ୍ତର ଜଗନ୍ନାଥ - ଆଶୁତୋଷ ନାୟକ, ପ୍ରକାଶକ, ଓଡ଼ିଶା ବୁକ୍ ଷ୍ଟୋର, କଟକ, ୧୯୯୮, ପୃଷ୍ଠା ୪୧/୪୨

୨) ଶ୍ରୀକ୍ଷେତ୍ରରେ ସାଧୁ ସନ୍ଥ - ଡାକ୍ତର ଶୈଳେଶ୍ୱର ନନ୍ଦ (ଉ.ପା.ସ -୩ୟ ସ୍ତବକ), ପୃ- ୩୦୭

୩) ଶ୍ରୀ ମର୍ତ୍ତ୍ୟ ବୈକୁଣ୍ଠ, ପ୍ରକାଶକ - ବୈକୁଣ୍ଠ ଭିକାରୀ ପ୍ରେସ୍, ବାବୁ ଲକ୍ଷ୍ମଣ ଚରଣ ମହାନ୍ତିଙ୍କ ଦ୍ୱାରା ୧୯୪୮ ମସିହାରେ ମୁଦ୍ରିତ ।

୪) ବିଦୁର ମଠ କାର୍ଯ୍ୟାଳୟ

✤ ✤ ✤

Digitized by srujanika@gmail.com

ଶ୍ରୀ ହରିଦାସ ଠାକୁର ସମାଧି ମଠ

ଶ୍ରୀକ୍ଷେତ୍ର ଧାମ ବା ଅଧୁନାତନ ପୁରୀ ସହରର ସମୁଦ୍ର କୂଳରେ ସ୍ୱର୍ଗଦ୍ୱାର ଶ୍ମଶାନର ଅନତି ଦୂରରେ ଦେଶ ବିଦେଶ ଖ୍ୟାତ ତଥା ଧର୍ମ ନିର୍ବିଶେଷରେ ଆରାଧିତ ଶ୍ରୀ ହରିଦାସ ଠାକୁର ସମାଧି ମଠଟି ଅବସ୍ଥିତ । ବନ୍ଦୋବସ୍ତ ରେକର୍ଡ଼ ଅନୁଯାୟୀ ପୁରୀ ଟାଉନ୍‌ର ଗୌଡ଼ବାଡ଼ ସାହି ମୌଜାରେ ଉକ୍ତ ମଠଟି ରହିଅଛି । ପ୍ରାୟ ଅଧେ ଏକର ପରିମିତ ଭୂମି ଉପରେ ସମଗ୍ର ବିଜେସ୍ଥଳୀଟି ପ୍ରତିଷ୍ଠିତ । ମଠର ଇତିହାସ ସମ୍ପର୍କରେ ଚୈତନ୍ୟ ଚରିତାମୃତ ଗ୍ରନ୍ଥରେ ସବିଶେଷ ବର୍ଣ୍ଣନା ରହିଛି । ଶ୍ରୀ ଚୈତନ୍ୟ ମହାପ୍ରଭୁ ଭକ୍ତ ହରିଦାସଙ୍କର ଅନ୍ତିମ ଆକାଂକ୍ଷା ପୂରଣ କରି ତାଙ୍କ ଅପ୍ରକଟ ସମୟରେ ଦର୍ଶନ ଦେଇଥିଲେ ଓ ଅପ୍ରକଟ ପରେ ସ୍ୱହସ୍ତରେ ତାଙ୍କ ଶରୀରକୁ ବର୍ତ୍ତମାନର ବିଜେସ୍ଥଳୀର ବାଲୁକା ରାଶି ମଧ୍ୟରେ ସ୍ଥାପନା କରି ସମାଧି ଦେଇଥିଲେ । ତେଣୁ ଏହାର ନାମ ହରିଦାସ ଠାକୁର ସମାଧି ମଠ ହୋଇଛି । ଏପରିକି ସମାଧି ସ୍ଥଳଟି ଭଜନ କୁଟୀର ନାମରେ ମଧ୍ୟ ଖ୍ୟାତ ।

ସିଦ୍ଧ ପୁରୁଷ ହରିଦାସ ଠାକୁରଙ୍କ ସମ୍ପର୍କରେ ଚୈତନ୍ୟ ଭାଗବତ ଆଦି - ୧୧ର ଉଲ୍ଲେଖ ପ୍ରକାରେ ବର୍ତ୍ତମାନର ବଙ୍ଗଳା ପ୍ରଦେଶର ବୁଢ଼ନ୍ ନାମକ ଗ୍ରାମରେ ଏକ ମୁସଲମାନ ପରିବାରରେ ହରି ଦାସ ଜନ୍ମ ଗ୍ରହଣ କରିଥିଲେ ।

ଶ୍ରୀ ନରହରି ଦାସ କୃତ ଅଦ୍ୱୈତ ବିଳାସ ଅନୁସାରେ ସେ ୧୩୭୨ ଶକାବ୍ଦ ମାର୍ଗଶୀର ମାସରେ ଖାନ ଉଲ୍ଲା କାଜିର ଘରେ ଅବତୀର୍ଣ୍ଣ ହୋଇଥିଲେ । ଅନ୍ୟ ଏକ ମତାନୁଯାୟୀ ବଙ୍ଗଳା ଦେଶ ଅନ୍ତର୍ଗତ ଯଶୋହର ଜିଲ୍ଲାର ବୁଢ଼ନ୍ ଗ୍ରାମରେ ୧୪୪୯ ଖ୍ରୀଷ୍ଟାବ୍ଦରେ ଏକ ବ୍ରାହ୍ମଣ କୂଳରେ ହରି ଦାସ ଜନ୍ମ ଗ୍ରହଣ କରିଥିଲେ । ତାଙ୍କ ପିତାଙ୍କ ନାମ ମନୋହର ଓ ମାତାଙ୍କ ନାମ ଥିଲା ଉଜ୍ଜ୍ୱଳା । ବାଲ୍ୟାବସ୍ଥାରେ ହିଁ ପିତା ମାତାଙ୍କର ଅକାଳ ବିୟୋଗ ହେବାରୁ ମଳୟ କାଜୀ ନାମକ ଜଣେ ମୁସଲମାନ ତାଙ୍କୁ ନେଇ ଲାଳନ ପାଳନ କରିଥିଲା । କେତେକ ମଧ୍ୟ ହରି ଦାସ ମାଘ ପୂର୍ଣ୍ଣିମାରେ ଜନ୍ମ ଗ୍ରହଣ କରିଥିଲେ ବୋଲି ପ୍ରକାଶ କରନ୍ତି । ଯେଉଁ ତିଥିକୁ କି ବର୍ତ୍ତମାନ ସୁଦ୍ଧା ଏହି ମଠ, ବାଂଲାଦେଶର ବେନାପୋଲରେ ତଥା ଅନ୍ୟାନ୍ୟ ବହୁ ଗୌଡ଼ୀୟ ବୈଷ୍ଣବ ଅନୁଷ୍ଠାନରେ ତାଙ୍କର ଜନ୍ମ ତିଥି ରୂପେ ପାଳନ କରାଯାଉଅଛି । ପିଲାଟି ଦିନରୁ ହରିଦାସ ଠାକୁର ଭଗବତ୍ ଚିନ୍ତାରେ ନିମଗ୍ନ ରହୁଥିଲେ । କିଭଳି କେଉଁ ମଣିର ସ୍ପର୍ଶରେ ସଂସାରର ସକଳ ବନ୍ଧନ ଛିନ୍ନ କରି ଶ୍ରୀ ହରିଙ୍କ ପାଦପଦ୍ମରେ ଆଶ୍ରୟ ଗ୍ରହଣ କରିଥିଲେ ସେ କଥା ଅଦ୍ୟାବଧି ରହସ୍ୟାବୃତ ରହିଛି । ଏପରିକି ସେ ମୁସଲମାନ ପରିବାରରେ ବଢ଼ି ମଧ୍ୟ ଶ୍ରୀଜଗନ୍ନାଥଙ୍କର ଅଭିନ୍ନ ଶ୍ରୀ ଚୈତନ୍ୟ ଦେବଙ୍କର ପରମ ଭକ୍ତ ଥିଲେ । ଭାରତ ବର୍ଷର ଇତିହାସରେ ମୁସଲମାନ ରାଜା ମାନଙ୍କ ପ୍ରଭାବରେ ଶତ ସହସ୍ର ହିନ୍ଦୁ ମୁସଲମାନ ଧର୍ମ

Digitized by srujanika@gmail.com

ଗ୍ରହଣ କରିବା କଥା ସତ୍ୟ । କିନ୍ତୁ ମୁସଲମାନ ମାନଙ୍କର ଅତ୍ୟାଚାରକୁ ଭ୍ରୁକ୍ଷେପ ନ କରି ଏବଂ ହିନ୍ଦୁ ସମାଜର ସୁଦୃଢ଼ ପ୍ରାଚୀର ଭେଦ କରି କୌଣସି ମୁସଲମାନ ପକ୍ଷେ ହିନ୍ଦୁ ଧର୍ମକୁ ଆଦୋରି ନେଇ ଭକ୍ତ ଚୂଡ଼ାମଣି ବୋଲି ପରିଗଣିତ ହେବା ଏକ ଅଦ୍ଭୁତ ଓ ବିରଳ ଘଟଣା । ଠାକୁର ହରିଦାସ ବିଭିନ୍ନ ଗ୍ରାମରେ ଅବସ୍ଥାନ କରି ଅଲୌକିକ ଲୀଳା ପ୍ରଦର୍ଶନ କରିଥିବା ବିଭିନ୍ନ ବଙ୍ଗୀୟ ବୈଷ୍ଣବ ଗ୍ରନ୍ଥରୁ ଜଣାଯାଏ । ଏପରିକି ଠାକୁର ହରିଦାସଙ୍କୁ କେହି କେହି 'ବ୍ରହ୍ମ ହରିଦାସ' ବୋଲି କହିଥାନ୍ତି ।

ଶ୍ରୀ ଚୈତନ୍ୟ ମହାପ୍ରଭୁ ଶ୍ରୀକ୍ଷେତ୍ର ଧାମକୁ ଆଗମନ କରିବାର ତିନି ବର୍ଷ ପରେ ଶ୍ରୀ ହରି ଦାସ ଠାକୁର ୧୫୧୩ ଖ୍ରୀଷ୍ଟାବ୍ଦରେ ଶ୍ରୀକ୍ଷେତ୍ରରେ ପଦାର୍ପଣ କରିଥିଲେ । ଭକ୍ତ ପ୍ରହ୍ଲାଦଙ୍କ ପରି ଠାକୁର ହରିଦାସ ମଧ୍ୟ ସମସ୍ତ ଅଗ୍ନି ପରୀକ୍ଷାରୁ ଉତ୍ତୀର୍ଣ୍ଣ ହୋଇଥିଲେ । ତାଙ୍କର ପୁଣ୍ୟ ପ୍ରତିଭା, ଭଗବତ୍ ଭକ୍ତି, ଚରିତ୍ରବତ୍ତା, ମାଧୁର୍ଯ୍ୟ ବିନୟ, ଅତୁଳନୀୟ ଦୟା,କ୍ଷମା ଓ ତିତିକ୍ଷା ତାଙ୍କୁ ପ୍ରହ୍ଲାଦଙ୍କ ସମ ଆସନକୁ ଉନ୍ନତ କରିପାରିଛି । ଚିର କୁମାର ବ୍ରତଧାରୀ ଆଜନ୍ମ ବ୍ରହ୍ମଚାରୀ ଠାକୁର ହରି ଦାସଙ୍କର ନାମ ଯଜ୍ଞର ଆରମ୍ଭ ବେନାପୋଲର (ଅଧୁନା ବାଂଲାଦେଶ ଶିୟାଳଦହ - ଖୁଲନା ରେଲ ଲାଇନ୍ ଅନ୍ତର୍ଗତ ଏକ ଷ୍ଟେସନ୍) ସାଧନ କାନନରେ ଓ ଏହାର ପୂର୍ଣ୍ଣତ୍ୱ ଶ୍ରୀ ପୁରୁଷୋତ୍ତମ କ୍ଷେତ୍ରରେ ପ୍ରତି ମାସରେ ଏକ କୋଟି ଅର୍ଥାତ୍ ପ୍ରତିଦିନ ତିନି ଲକ୍ଷରୁ ଉର୍ଦ୍ଧ୍ୱ ହରିନାମ ଜପ କରିବା ତାଙ୍କର ଏକ କଠୋର ନିୟମ ଥିଲା । ଦିବସର ବାର ଘଣ୍ଟା ସମୟ ମଧ୍ୟରେ ଏହି ସଂଖ୍ୟା ପୂରଣ କରିବା ସମ୍ଭବପର ହୋଇପାରୁ ନଥିବାରୁ ସେ ସନ୍ଧ୍ୟାକାଳରେ ନାମ କୀର୍ତ୍ତନ ଆରମ୍ଭ କରନ୍ତି ଏବଂ ଯେତେକ୍ଷଣ ପର୍ଯ୍ୟନ୍ତ ତାଙ୍କର ସେହି ସଂକଳ୍ପିତ ସଂଖ୍ୟା ପୂରଣ ନ ହୁଏ ସେତେ ସମୟ ପର୍ଯ୍ୟନ୍ତ ସେ ଧ୍ୟାନରେ ମହାଯୋଗୀ ପରି ଉପବିଷ୍ଟ ରହିଥାଆନ୍ତି । ତାଙ୍କର ଦୃଢ଼ ବିଶ୍ୱାସ ଯେ ଏକମାତ୍ର ହରିନାମ ଶ୍ରବଣ କଲେ ମନୁଷ୍ୟ କଥାତ ଦୂରେ ଥାଉ, ଏପରିକି ପଶୁ, ପକ୍ଷୀ, କୀଟ ପତଙ୍ଗ ପର୍ଯ୍ୟନ୍ତ ସମସ୍ତେ ଅନାୟସରେ ମୁକ୍ତି ଲାଭ କରିବେ ।

ନିଜ ଜନ୍ମସ୍ଥାନ ଇଲାକାରେ ଠାକୁର ହରି ଦାସଙ୍କର ପ୍ରଥମ ଅଗ୍ନି ପରୀକ୍ଷା ତାଙ୍କର ଭଗବାନ ନାମ ସଂକୀର୍ତ୍ତନରେ ଆକୃଷ୍ଟ ହୋଇ ସେ ଅଞ୍ଚଳର ଲୋକମାନେ ହରି ଦାସଙ୍କ ଚରଣ ତଳେ ପଡ଼ି ଭକ୍ତି ଗଦ୍ ଗଦ୍ ଚିତ୍ତରେ ଅବନତ ହେଉଥିଲେ । ଏହା ଫଳରେ ସେ ଅଞ୍ଚଳର ଜମିଦାର ବୈଷ୍ଣବ ଦ୍ୱେଷୀ ରାମଚନ୍ଦ୍ର ଖାନ୍ ପକ୍ଷେ ଏହା ଅସହ୍ୟ ହେଲା । ଈର୍ଷାନ୍ୱିତ ଜମିଦାର ଠାକୁର ହରିଦାସଙ୍କ ଚରିତ୍ର ସଂହାର କରି ତାଙ୍କୁ ଲୋକ ଚକ୍ଷୁରେ ଅପଦସ୍ଥ କରିବା ଉଦ୍ଦେଶ୍ୟରେ ସେ ଇଲାକାର ସର୍ବଶ୍ରେଷ୍ଠା ସର୍ବାଙ୍ଗ ସୁନ୍ଦରୀ ନବଯୌବନା ଗଣିକାକୁ ବହୁ ମୂଲ୍ୟ ଉପହାର ପ୍ରଲୋଭନରେ ନିଯୁକ୍ତ କଲା । ଗଣିକାଟି ରାତ୍ରର ପ୍ରଥମ ପ୍ରହରରେ ନିର୍ଜନ ବେଳାରେ ହରି ଦାସଙ୍କ କୁଟୀର ସମ୍ମୁଖରେ ତାର ଅଭିଳାଷ ନିବେଦନ କଲା । ଭୀଷ୍ମ ପ୍ରତିଜ୍ଞ ଠାକୁର ହରିଦାସ ଗଣିକା ପ୍ରତି ତିଳାର୍ଦ୍ଧ ଘୃଣା ବା କ୍ରୋଧ ପ୍ରକାଶ ନକରି ତାଙ୍କ ସଂକଳ୍ପିତ ନାମ ସଂଖ୍ୟା ପୂରଣ ସମୟ ପର୍ଯ୍ୟନ୍ତ ଅପେକ୍ଷା କରିବାକୁ ଆଶ୍ୱାସନା ଦେଲେ । ରାତ୍ରି ଶେଷ ହେଲେ ମଧ୍ୟ ନାମ ସଂଖ୍ୟା ପୂରଣ ହୋଇପାରିଲା ନାହିଁ । ଗଣିକାଟି ପ୍ରଥମ ଓ ଦ୍ୱିତୀୟ ରାତ୍ରି ତାର ଅସଲ

Digitized by srujanika@gmail.com

ପ୍ରଚେଷ୍ଟାରେ ବିଫଳ ହେଲେ ମଧ୍ୟ ବାଧ୍ୟ ହୋଇ ଅଶ୍ରଦ୍ଧା ଓ ଛଳରେ ପ୍ରତୀକ୍ଷା ସମୟ ମଧ୍ୟରେ ଠାକୁର ହରି ଦାସଙ୍କ ନାମ କୀର୍ତ୍ତନ ଶ୍ରବଣ କଲା । ନବଧା ଭକ୍ତିର ପ୍ରଥମ ସାଧନ ସୋପାନ ଶ୍ରବଣରେ ଅଶ୍ରଦ୍ଧାରେ ପାଦ ଦେଲାପରେ ମାତ୍ର ଦୁଇଟି ଦିନରେ ଗଣିକାର ହୃଦୟରେ ତାର ଅଜ୍ଞାତରେ ଭକ୍ତି ଲତାର ଅଙ୍କୁରୋଦମ୍ ହେଲା ଓ ତୃତୀୟ ରାତ୍ରି ଶେଷରେ ସେ ଅପଚେଷ୍ଟାରୁ ବିମୁଖ ହୋଇ ଭଗବତ୍ ମୁଖୀ ହେଲା । ପରିଣାମ ସ୍ୱରୂପ ସମସ୍ତ ସାଂସାରିକ ବିଷୟକୁ ତ୍ୟାଗ କରି ସଙ୍ଗେ ସଙ୍ଗେ ପରମ ବୈଷ୍ଣବୀ ହୋଇଗଲା । ସେହିପରି ଆଉ ଦିନର ଏକ ଘଟଣା- ଠାକୁର ହରି ଦାସ ଗଙ୍ଗା ନଦୀ ତଟସ୍ଥ ନିଜ କୁଟୀରରେ ଭଜନରତ ଥିବା ସମୟରେ ଥରେ ଜ୍ୟୋସ୍ନା ଧୌତ ରାତ୍ରିରେ ସ୍ୱୟଂ ମାୟାଦେବୀ ସର୍ବାଳଙ୍କାର ଓ ସର୍ବାଭରଣ ଭୂଷିତା ଏକ ଅପରୂପ ଲାବଣ୍ୟମୟୀ ମୋହିନୀ ଯୁବତୀ ବେଶରେ ସହସା ପ୍ରବେଶ କରି ତଥା ପରିଚୟକୁ ଗୋପନ ରଖି ହରି ଦାସଙ୍କ ଚରଣ ବନ୍ଦନାନ୍ତେ ତାଙ୍କ ସହିତ ସହବାସ କରିବା ପାଇଁ ପ୍ରାର୍ଥନା କରିବାରୁ ଶ୍ରୀ ହରିଦାସ ପୂର୍ବପରି ତାଙ୍କ ନାମ ସଂଖ୍ୟା-ପୂରଣ-ସଂକଳ୍ପ ଉପସ୍ଥାପନ କରି ରମଣୀକୁ ନାମ ସଂକୀର୍ତ୍ତନ ଶ୍ରବଣ ପୂର୍ବକ ଅପେକ୍ଷା କରିବାକୁ ଆଶ୍ୱାସନା ଦେଲେ । ଏହି ପ୍ରକାରେ ତିନି ରାତି ପରୀକ୍ଷା କରିବା ପରେ ତୃତୀୟ ରାତ୍ରି ଶେଷରେ ନିଜର ପରିଚୟ ପ୍ରକାଶ କରି ମାୟା ଦେବୀ କହିଥିଲେ ଯେ, ସେ ସ୍ୱୟଂ ମାୟା ଦେବୀ ଏବଂ ସେ ଚରିତ୍ର ପରୀକ୍ଷା କରିବାକୁ ଏଠାକୁ ଆସିଛନ୍ତି ।

ହରିନାମ ସଂକୀର୍ତ୍ତନ ସର୍ବସ୍ୱ ଠାକୁର ହରିଦାସ ହରିନାମ ପ୍ରସାର ପାଇଁ କୌଣସି ଦଣ୍ଡ କିମ୍ବା ଦଣ୍ଡାଧାରି ପ୍ରତି ଘୃଣା ବିଦ୍ୱେଶ ନ ରଖି ସହାସ୍ୟ ବଦନରେ ନିର୍ଯ୍ୟାତନା ସହ୍ୟ କରୁଥିଲେ । ଏହାର କାରଣ ଠାକୁର ହରିଦାସ ନିଜକୁ ଶ୍ରୀକୃଷ୍ଣ ଭଗବାନଙ୍କ ଠାରେ ସମ୍ପୂର୍ଣ୍ଣ ରୂପେ ସମର୍ପଣ କରିଥିଲେ ।

ଶ୍ରୀ ଚୈତନ୍ୟ ମହାପ୍ରଭୁ, ଶ୍ରୀ ନିତ୍ୟାନନ୍ଦ ପ୍ରଭୁ, ଶ୍ରୀ ଅଦ୍ୱୈତ ପ୍ରଭୁ, ଶ୍ରୀ ଗଦାଧର ପ୍ରଭୁ ଆଦିଙ୍କ ସାହାଚର୍ଯ୍ୟ ଲାଭ ସୁଯୋଗରେ ସେ ଇଷ୍ଟ ଗୋଷ୍ଠୀ, ନାମ - ସଂକୀର୍ତ୍ତନ, ଶାସ୍ତ୍ରାର୍ଥ ଆଲୋଚନା ଦ୍ୱାରା ତାଙ୍କ ବୈଷ୍ଣବ ତତ୍ତ୍ୱର ଶ୍ରେଷ୍ଠ ପରାକାଷ୍ଠା ପ୍ରଦର୍ଶନ କରାଇଥିଲେ । ଏପରିକି ଶ୍ରୀଳ ଅଦ୍ୱୈତ ଆଚାର୍ଯ୍ୟ ଠାକୁର ହରିଦାସଙ୍କୁ ସର୍ବଶ୍ରେଷ୍ଠ ବ୍ରାହ୍ମଣ ଜ୍ଞାନେ ଏକଦା ନିଜ ମାତୃ ଶ୍ରାଦ୍ଧର ବ୍ରାହ୍ମଣ ପ୍ରାପ୍ୟ ପାତ୍ରଟି ଦାନ କରିଥିଲେ । ଏହିପରି ଅନେକ ଅଦ୍ଭୁତ ଘଟଣା ଠାକୁର ହରି ଦାସଙ୍କ ପ୍ରକଟ କାଳରେ ଦେଖାଯାଏ ।

ଶ୍ରୀ ଚୈତନ୍ୟ ମହାପ୍ରଭୁଙ୍କର ଦାକ୍ଷିଣାତ୍ୟ ତୀର୍ଥ ଯାତ୍ରା ପରେ ସେ ନୀଳାଚଳରେ କାଶୀ ମିଶ୍ରାଳୟରେ ଅବସ୍ଥାନ କରୁଥିବା ସମୟରେ ଠାକୁର ହରିଦାସଙ୍କର ନୀଳାଚଳ ଆଗମନ ହୋଇଥିଲା । ଶ୍ରୀ ଚୈତନ୍ୟ ମହାପ୍ରଭୁ ତାଙ୍କୁ କାଶୀ ମିଶ୍ରଙ୍କର ପୁଷ୍ପ ଉଦ୍ୟାନ (ବର୍ତ୍ତମାନର ସିଦ୍ଧ ବକୁଳ ମଠ ବିଜେସ୍ଥଳୀ)ରେ ଏକ କୁଟୀରରେ ଅବସ୍ଥାନ କରିବା ପାଇଁ ଓ ପ୍ରତ୍ୟେକ ଦିନ ସେଠାକୁ ତାଙ୍କ ପାଇଁ ମହାପ୍ରସାଦ ପଠାଇବାର ବନ୍ଦୋବସ୍ତ କରିଥିଲେ । ଏକଦା ଶ୍ରୀ ଚୈତନ୍ୟ ମହାପ୍ରଭୁଙ୍କ ପ୍ରିୟ ସେବକ ଗୋବିନ୍ଦ ହରି ଦାସଙ୍କ ପାଇଁ ମହାପ୍ରସାଦ ଆଣି ଦେଖନ୍ତି ତ ସେ

Digitized by srujanika@gmail.com

ସିଦ୍ଧ ବକୁଳ ତଳେ ମୃଦୁ ସ୍ୱରରେ ମହାମନ୍ତ୍ର ଜପ କରୁଛନ୍ତି । ତାଙ୍କର ସଂକଳ୍ପିତ ନାମ ସଂଖ୍ୟା ପୂରଣ ହୋଇ ନ ପାରିଥିବା ଦୃଷ୍ଟିରୁ କେବଳ ବିଧି ରକ୍ଷା ପାଇଁ ମହାପ୍ରସାଦଙ୍କୁ ସମ୍ମାନ ଜଣାଇବା ଉଦ୍ଦେଶ୍ୟରେ ମାତ୍ର ଏକ କଣିକା ପ୍ରସାଦ ଗ୍ରହଣ କଲେ । ଗୋବିନ୍ଦ ମୁଖରୁ ଏହି ଘଟଣା ଶୁଣି ଶ୍ରୀଚୈତ୍ୟ ମହାପ୍ରଭୁ ତତ୍‌ପରଦିନ ହରି ଦାସଙ୍କୁ ଦର୍ଶନ ଦେଇ କହିଲେ, 'ସିଦ୍ଧ ଦେହରେ ସାଧନରେ ଏତେ ଆଗ୍ରହ କାହିଁକି ? ଠାକୁର ହରି ଦାସ ଶ୍ରୀଳ ଅଦ୍ୱୈତ ଆଚାର୍ଯ୍ୟଙ୍କ ଠାରୁ ଆଗରୁ ଅବଗତ ହୋଇଥିଲେ ଯେ ଶ୍ରୀମନ୍ମହାପ୍ରଭୁ ଅଚିରେ ଲୀଳା ସଂବରଣ କରିବେ । ଏହା ଦେଖିବା ତାଙ୍କ ପକ୍ଷେ ଦୁଃସହ ହେବ । ତେଣୁ ସେ ନିବେଦନ କଲେ ଯେ, 'ତାଙ୍କର ବାସନା ଶ୍ରୀମନ୍ମହାପ୍ରଭୁଙ୍କର ଲୀଳା ସଂବରଣ ପୂର୍ବରୁ ସେ ହୃଦୟରେ ତାଙ୍କ ଚରଣ କମଳ ଧରି, ତାଙ୍କ ଚନ୍ଦ୍ର ବଦନକୁ ଦର୍ଶନ କରି ଜିହ୍ୱାରେ ଶ୍ରୀକୃଷ୍ଣ ଚୈତନ୍ୟ ନାମ ଉଚ୍ଚାରଣ କରି ନିଜ ପ୍ରାଣ ବିସର୍ଜନ କରିବେ' । ଅନ୍ତର୍ଯ୍ୟାମୀ ଶ୍ରୀମନ୍ମହାପ୍ରଭୁଙ୍କୁ ଠାକୁର ହରି ଦାସଙ୍କ ବାସନା ଅଛପା ନଥିଲା । ସେ ତ ଭକ୍ତ ବାଞ୍ଛା ପୂରଣ କରିବାରେ ତତ୍ପର । ତାପରଦିନ ଭାଦ୍ର ଶୁକ୍ଳ ଚତୁର୍ଦ୍ଦଶୀ ତିଥିରେ ସିଦ୍ଧ ବକୁଳରେ ମହା ସଂକୀର୍ତ୍ତନ ମଧ୍ୟରେ ଶ୍ରୀମନ୍ମହାପ୍ରଭୁ ଠାକୁର ହରି ଦାସଙ୍କ ବାସନା ପୂର୍ଣ୍ଣ କରି ନିଜର ଭକ୍ତ ବାଞ୍ଛାକଳ୍ପତରୁ ନାମକୁ ସାର୍ଥକ କଲେ ।

ଚୈତନ୍ୟ ଚରିତାମୃତ ଗ୍ରନ୍ଥରେ ବର୍ଣ୍ଣିତ ହୋଇଛି ଯେ :-

''ହରିଦାସ ନିଜାଗ୍ରେତେ ପ୍ରଭୁରେ ବସାଇଲା
ନିଜ ନେତ୍ର ଦୁଇ ଭୃଙ୍ଗ ମୁଖ ପଦ୍ମେ ଦେଲା
ସ୍ୱ ହୃଦୟେ ଆନି ଧରିଲ ପ୍ରଭୁର ଚରଣ
ସର୍ବ ଭକ୍ତ ପଦରେଣୁ ମସ୍ତକେ ଭୂଷଣ
ଶ୍ରୀକୃଷ୍ଣ ଚୈତନ୍ୟ ପ୍ରଭୁ ବଲେ ବାରବାର
ପ୍ରଭୁ ମୁଖ ମାଧୁରୀ ପିୟେ ନେତ୍ରେ ଜଲଧାର
ଶ୍ରୀକୃଷ୍ଣ ଚୈତନ୍ୟ ଶବ୍ଦ କରିତେ ଉଚ୍ଚାରଣ
ନାମେର ସହିତ ପ୍ରାଣ କରିଲା ଉତ୍‌କ୍ରାମଣ'' ।

x x x x x x x x

''ହରିଦାସେର ତନୁ ପ୍ରଭୁ କୋଲେ ଲଇଲ ଉଠାଇୟା
ଅଙ୍ଗନେ ନାଚୟେ ପ୍ରଭୁ ପ୍ରେମାବିଷ୍ଟ ହୋୟାଁ ।''

ଠାକୁର ହରିଦାସଙ୍କର ଶରୀରକୁ ଶ୍ରୀଚୈତନ୍ୟ ମହାପ୍ରଭୁ ନିଜେ ହସ୍ତରେ ଧରି ସମୁଦ୍ରରେ ସ୍ନାନ କରାଇ ତାଙ୍କ ସମାଧି ରଚନା କରି ସ୍ୱହସ୍ତରେ ବାଲୁକା ସ୍ଥାପନ କଲେ । ସେହି ସନ୍ଧ୍ୟାରେ ଶ୍ରୀଜଗନ୍ନାଥ ମନ୍ଦିରର ସିଂହଦ୍ୱାର ସମ୍ମୁଖରେ ଲୁଗାକାନି ପାତି (ଆଞ୍ଚଳ ପାତି) ମହାପ୍ରସାଦ ଭିକ୍ଷା କରି ହରି ଦାସଙ୍କ ମହୋତ୍ସବ କଲେ । ଏ ସମ୍ବନ୍ଧରେ ଶ୍ରୀମନ୍ମହା ପ୍ରଭୁଙ୍କ

Digitized by srujanika@gmail.com

ଲୀଳାର ପ୍ରାମାଣିକ ଗ୍ରନ୍ଥ 'ଶ୍ରୀ ଚୈତନ୍ୟ ଚରିତାମୃତ'ରେ ସ୍ୱୟଂ ତାଙ୍କ ଶ୍ରୀମୁଖ ନିସୃତ ବାଣୀ-

"ହରିଦାସେର ବିଜୟ ଉତ୍ସବ ଯେ କୈଲ ଦର୍ଶନ
ଯେଇ ତାହାଁ ନୃତ୍ୟକୈଲ, ଯେ କୈଲ କୀର୍ତ୍ତନ
ଯେ ତାରେ ବାଲୁକା ଦିତେ କରିଲା ଗମନ
ତାର ମହୋତ୍ସବେ ଯେଇ କରିଲା ଭୋଜନ
ଅଚିରେ ହୋଇବେ ତା ସବାର କୃଷ୍ଣ ପ୍ରାପ୍ତି
ହରି ଦାସ ଦର୍ଶନେ ଐଛେ ହୟ ଶକ୍ତି ।"

ଚୈତନ୍ୟ ମହାପ୍ରଭୁ ପ୍ରତ୍ୟହ ସମୁଦ୍ର ସ୍ନାନ ସାରି ହରି ଦାସଙ୍କ ସମାଧିସ୍ଥଳକୁ ଆସନ୍ତି ଓ ଶିଷ୍ୟ ମାନଙ୍କ ସହ ଭଜନ କୀର୍ତ୍ତନରେ ମଗ୍ନ ରହୁଥିଲେ । ନିତାଇ ପଦ ଦାସ ବାବାଜୀଙ୍କ ଦ୍ୱାରା ପ୍ରକାଶିତ "ଠାକୁର ହରି ଦାସ" ବଙ୍ଗଳା ପୁସ୍ତକରେ ବର୍ଣ୍ଣିତ ହୋଇଥିବା ତଥ୍ୟ ପ୍ରକାରେ ହରି ଦାସ ଠାକୁର ସମାଧି ମଠଟି ପୂର୍ବେ ଶ୍ରୀ ସିଦ୍ଧ ବକୁଳ ମଠର ଅଧୀନରେ ଥିଲା । କାଳକ୍ରମେ ଏହା ତୋଟା ଗୋପୀନାଥ ମଠ ମାରଫତ୍‌ରେ ଥିବା ଦ୍ୱାଦଶ ପୁରୁଷ ଦୟାମୟୀ ଦିବ୍ୟାଙ୍କର ଦୁଇ କନ୍ୟା ବ୍ରଜ ସୁନ୍ଦରୀ ଦିବ୍ୟା ଓ ରାମୀ ଦିବ୍ୟା ଥିଲେ । ବ୍ରଜ ସୁନ୍ଦରୀ ଦିବ୍ୟାଙ୍କର ପୁତ୍ର ଗୋପୀନାଥ ଦେବ ଗୋସ୍ୱାମୀ ଓ ରାମୀ ଦିବ୍ୟାଙ୍କର ପୁତ୍ର କୁଞ୍ଜ ବିହାରୀ ଦେବ ଗୋସ୍ୱାମୀ । ପ୍ରାୟ ଏକଶତ ବର୍ଷ ପୂର୍ବେ ଏହି ମଠର ସେବା ପୁରୀ ତୋଟା ଗୋପୀନାଥଙ୍କ ସେବକ, ଯେ କି ପୁରୀ ଟାଉନ୍‌ର କୁଣ୍ଡେଇବେଣ୍ଟ ସାହିର ଗୋସ୍ୱାମୀ ପରିବାର ଭାବେ ସୁପରିଚିତ । ସେହି ସମୟରୁ ପୁରୀ ରାଜକୋଷରୁ ଏହି ମଠର ସେବାପୂଜା ପାଇଁ ମାସିକ ୫୦ ଟଙ୍କା ମିଳୁଥିଲା । ସେହି ବ୍ୟବସ୍ଥା ଦୀର୍ଘ ବର୍ଷ ଧରି ବନ୍ଦ ହୋଇଯାଇଥିବା ମଠ ସୂତ୍ରରୁ ପ୍ରକାଶ ।

କୁଞ୍ଜ ବିହାରୀ ଦେବ ଗୋସ୍ୱାମୀ ନିଃସନ୍ତାନ ଥିବାରୁ ତାଙ୍କ ମୃତ୍ୟୁ ପରେ ତାଙ୍କ ପତ୍ନୀ ହରସୁନ୍ଦରୀ ଦିବ୍ୟା ନିଜ ଭ୍ରାତା ଶ୍ରୀ ରଙ୍ଗନାଥ ଦେବ ଗୋସ୍ୱାମୀଙ୍କ ନାମରେ ତୋଟା ଗୋପୀନାଥ ମଠର ଅର୍ଦ୍ଧାଂଶ ସମ୍ପତ୍ତି ପ୍ରଦାନ କରିଥିଲେ । ଏହି କୁଞ୍ଜ ବିହାରୀଙ୍କ ସମୟରେ ଆର୍ଥିକ ଅନାଟନ ହେତୁ ତୋଟା ଗୋପୀନାଥ ମଠଟିକୁ ମାତ୍ର ୨୫୦୦ ଟଙ୍କାରେ ତତ୍‌କାଳୀନ ତ୍ରିମାଳୀ ମଠ ମହନ୍ତ ମହାରାଜାଙ୍କୁ କଣ୍ଟକବଲା କରି ଦେଇଥିଲେ । ଆର୍ଥିକ ଅଭାବରୁ ଯେନ ତେନ ପ୍ରକାରେଣ ହରି ଦାସ ଠାକୁର ମଠର ସେବା ଚଳାଇ ଆସୁଥିଲେ । ଏହିପରି ଏକ ଘଡ଼ି ସନ୍ଧି ମୂହୁର୍ତ୍ତରେ ବୈଷ୍ଣବାଗ୍ରଗଣ୍ୟ ଶ୍ରୀ ପାଦ ରାଧାରମଣ ଚରଣ ଦାସ ବାବାଜୀ ମହାଶୟଙ୍କ ପରମ ଅନୁଗତ ଶିଷ୍ୟ ଶ୍ରୀ ପାଦ ରାମ ଦାସ ବାବାଜୀ ଏହା ଦେଖି ଅତ୍ୟନ୍ତ ମର୍ମାହତ ହେଲେ । ମନ୍ଦିରର ଋଣ ମୁକ୍ତି ସହିତ ବିଗ୍ରହ ମାନଙ୍କର ଉପଯୁକ୍ତ ସେବା ପୂଜା ନିମନ୍ତେ ତାଙ୍କର ମନ, ପ୍ରାଣ ଚଳ ଚଞ୍ଚଳ ହୋଇ ଉଠିଥିଲା । ଏହାର ଉଦ୍ଧାର ପାଇଁ ସେ ଅତି ଉତ୍ସାହ ଓ ଆବେଗର ସହିତ ଆଗେଇ ଆସିଥିଲେ । ସେ ଅର୍ଥ ସଂଗ୍ରହ ଅଭିଯାନରେ ବିଭିନ୍ନ ବ୍ୟକ୍ତି ବିଶେଷଙ୍କ ଦ୍ୱାରସ୍ଥ ହୋଇଥିଲେ । ଆକସ୍ମିକ ଭାବେ ଶ୍ରୀ ଗୁରୁଦେବଙ୍କ ସ୍ୱପ୍ନାଦିଷ୍ଟ ହୋଇ ସଂପତ୍ତିଶାଳୀ ଶୀଳ ପରିବାର ପୁତ୍ରବଧୂ କୁମୁଦିନୀ ଦାସୀ ଅତି ଆନନ୍ଦ ତଥା ଆଗ୍ରହର ସହିତ ଏକାକୀ ସମସ୍ତ ଅର୍ଥ ବହନ କରିବାକୁ ଆଗେଇ ଆସିଥିଲେ । କଣ୍ଟକବଲାର ମିଆଦ ଶେଷ

Digitized by srujanika@gmail.com

ହେବାର ୨ ମାସ ପୂର୍ବରୁ ଶ୍ରୀ ରାମ ଦାସ ବାବାଜୀ ମହାରାଜ ଦିନେ କୁଞ୍ଜ ବିହାରୀ ଦାସ ଗୋସ୍ୱାମୀଙ୍କୁ କହିଥିଲେ, ଯଦି ସେ ହରି ଦାସ ଠାକୁରଙ୍କ ସମାଧି ପୀଠଟି ତାଙ୍କ ନାମରେ ଲେଖିଦେବେ, ତେବେ ସେ ବନ୍ଧା ପଡ଼ିଥିବା ଟୋଟା ଗୋପୀନାଥ ମନ୍ଦିର ଓ ସେବା ତଥା ସମ୍ପତ୍ତି ବାବଦ ସମସ୍ତ ଋଣ ମୁକ୍ତ କରିଦେବେ । ଏହି କଥାରେ କୁଞ୍ଜ ବିହାରୀ ଗୋସ୍ୱାମୀ ରାଜି ହୋଇଯିବାରେ ଶ୍ରୀ ପାଦ ରାମ ଦାସ ବାବାଜୀ କୁମୁଦିନୀ ଦାସୀଙ୍କ ଠାରୁ ଋଣ ପରିଶୋଧ ବାବଦ ମୋଟ୍ ତିନି ହଜାର ଟଙ୍କା ଆଣି ତ୍ରିମାଳୀ ମଠକୁ ଦେବାରେ ଟୋଟା ଗୋପୀନାଥ ସମ୍ପତ୍ତିଟି ଉଦ୍ଧାର ହୋଇଥିଲା । ପୂର୍ବ ଚୁକ୍ତି ଅନୁଯାୟୀ ୨୯-୧୦-୧୯୦୭ ମସିହାରେ ଉକ୍ତ ଟଙ୍କା ଗ୍ରହଣ ବାବଦରେ ଶ୍ରୀ ଗୋସ୍ୱାମୀ ହରିଦାସ ସମାଧି ପୀଠ ସମେତ ସେବା ସମର୍ପଣ ପତ୍ର ଏକ ରେଜେଷ୍ଟ୍ରି କବଲା ଦ୍ୱାରା ହସ୍ତାନ୍ତର କରିଥିଲେ । ଗୋସ୍ୱାମୀ ପରିବାରରୁ ମୁକ୍ତ ହୋଇ ବିରକ୍ତ ବୈଷ୍ଣବଙ୍କ ହସ୍ତକୁ ଆସିଲା ପରେ ଶ୍ରୀ ପାଦ ରାମ ଦାସ ବାବାଜୀ ମହାଶୟଙ୍କ ଅଦମ୍ୟ ପ୍ରଚେଷ୍ଟା ବଳରେ ଏହି ସମାଧିସ୍ଥଳରେ ବିଶେଷ ଉନ୍ନତି ହେବାକୁ ଲାଗିଲା ଏବଂ ଏହି ମଠର ବହୁଳ ପ୍ରଚାର ତଥା ପ୍ରସାର ହେବା ଫଳରେ ବହୁ ଗୌଡ଼ୀୟ ବୈଷ୍ଣବଙ୍କର ଏଠାରେ ସମାଗମ ହେଲା । ମଠର ଭବିଷ୍ୟତ ସୁପରିଚାଳନା ନିମନ୍ତେ ଶ୍ରୀ ପାଦ ରାମ ଦାସ ବାବାଜୀ ତାଙ୍କ ପ୍ରକଟ ସମୟରେ ତା ୧୨-୯-୧୯୪୯ ମସିହାରେ ଏକ ଟ୍ରଷ୍ଟ ବୋର୍ଡ଼ (Deed of trust and settlement) ସମ୍ପାଦନ କରି ଟ୍ରଷ୍ଟର ନାମ ''ଶ୍ରୀ ଶ୍ରୀ ହରିଦାସ ଠାକୁର ଟ୍ରଷ୍ଟ, ସ୍ୱର୍ଗ ଦ୍ୱାର, ପୁରୀ'' ରଖିଥିଲେ । ତାଙ୍କ ପ୍ରକଟ ସମୟରେ ସେ ଏକକ ଟ୍ରଷ୍ଟି ଥିଲେ । ବିଭିନ୍ନ ନିୟମ ମଧ୍ୟରେ ଏହି ଟ୍ରଷ୍ଟରେ କେବଳ ରାଧାରମଣ ଗଣର ବିରକ୍ତ ବୈଷ୍ଣବ ଟ୍ରଷ୍ଟି ଯୋଗ୍ୟ ହୋଇପାରିବେ ବୋଲି ସର୍ତ୍ତ ଲିପିବଦ୍ଧ ରହିଲା । ଏହି ଦଲିଲ ବଳରେ ନିଯୁକ୍ତ ଟ୍ରଷ୍ଟି ମାନଙ୍କୁ ଓଡ଼ିଶା ଦେବୋତ୍ତର କମିଶନର ତାଙ୍କ ଆଦେଶ ନଂ ୬୪ ତା ୯-୮-୧୯୫୪ ଦ୍ୱାରା ହେରିଡ଼େଟାରୀ ଟ୍ରଷ୍ଟି ରୂପେ ସ୍ୱୀକୃତି ଦେଇଥିଲେ । 'ଠାକୁର ହରିଦାସ' ବଙ୍ଗଳା ପୁସ୍ତକରେ ହୋଇଥିବା ଉଲ୍ଲେଖ ପ୍ରକାରେ ପରବର୍ତ୍ତୀ ସମୟରେ ଏହି ଟ୍ରଷ୍ଟ ବୋର୍ଡ଼ରେ ଶ୍ରୀ କହ୍ନାଇ ଦାସ ବାବାଜୀ, ନିତାଇ ପଦ ବାବାଜୀ, ଶ୍ରୀ ମହାପ୍ରଭୁ ଦାସ ବାବାଜୀ, ମଧୁସୂଦନ ଦାସ ବାବାଜୀ, ବ୍ରଜ ଗୋପାଳ ଦାସ ବାବାଜୀ ଟ୍ରଷ୍ଟି ଭାବରେ ରହିଥିଲେ ।

ହରି ଦାସ ସମାଧି ମଠର ପରିଚାଳକ ଶ୍ରୀଳ ରାମ ଦାସ ବାବାଜୀ ଜଣେ ଅସାଧାରଣ ଭଜନ ନନ୍ଦୀ ସିଦ୍ଧ ମହାତ୍ମା ଥିଲେ । ଓଡ଼ିଶାର ପୁରପଲ୍ଲୀରେ ତାଙ୍କ ପ୍ରଚାରିତ 'ନିତାଇ ଗୌର ରାଧେ ଶ୍ୟାମ' ନାମ ଏବେ ମଧ୍ୟ ବହୁଳ ଭାବେ ପ୍ରଚଳିତ ରହିଛି । ସେ ହରି ଦାସ ସମାଧି ମଠକୁ ନିଜ ନିୟନ୍ତ୍ରଣକୁ ଆଣି ଶ୍ରୀ ଗୋବିନ୍ଦ ଦାସ ବାବାଜୀଙ୍କୁ ସେବା ସମର୍ପଣ ପ୍ରଦାନ କରିଥିଲେ । ଗୋବିନ୍ଦ ଦାସ ବାବାଜୀଙ୍କ ଠାରୁ ମହନ୍ତ ପରମ୍ପରା ନିମ୍ନ ପ୍ରକାରେ ହେଲା ।

Digitized by srujanika@gmail.com

(୧) ଶ୍ରୀ ଗୋବିନ୍ଦ ଦାସ ବାବାଜୀ ମହାରାଜ

(୨) ଶ୍ରୀ ସଚ୍ଚିଦାନନ୍ଦ ଦାସ ବାବାଜୀ ମହାରାଜ

(୩) ଶ୍ରୀ ସୀତାନାଥ ଦାସ ବାବାଜୀ ମହାରାଜ

(୪) ଶ୍ରୀ ନନ୍ଦ ବାବୁ (କଟକ ଜିଲ୍ଲା)

(୫) ଶ୍ରୀ ନିତ୍ୟାନନ୍ଦ ଦାସ ବାବାଜୀ

(୬) ଶ୍ରୀ ନିତାଇ ବାବୁ (କେନ୍ଦ୍ରାପଡ଼ା)

(୭) ଶ୍ରୀ କିଶୋରୀ ଦାସ ବାବାଜୀ

(୮) ଶ୍ରୀ ନିତାଇ ପଦ ଦାସ ବାବାଜୀ ମହାରାଜ (୧୯୫୮ ମସିହାରୁ ୧୯୯୫ ମସିହା

(୯) ଶ୍ରୀ ଅଦ୍ୱୈତ ଦାସ ବାବାଜୀ ମହାରାଜ (ବର୍ତ୍ତମାନର ପରିଚାଳକ ତଥା ଅଧକ୍ଷ)

ଉପରୋକ୍ତ ମହନ୍ତ ପରମ୍ପରା ମଧ୍ୟରେ ଶ୍ରୀ ନିତାଇ ପଦ ଦାସ ବାବାଜୀଙ୍କ ସମୟରେ ମଠର ସର୍ବାଙ୍ଗୀନ ଉନ୍ନତି ହୋଇଥିଲା । ଦୀର୍ଘ ୩୭ ବର୍ଷ ଧରି ସେ ମଠ ପରିଚାଳନା ଦାୟିତ୍ୱରେ ରହିଥିଲେ । ସେ ମଠର ପରିସର ବୃଦ୍ଧି କରିବା ସଙ୍ଗେ ସଙ୍ଗେ ଠାକୁରଙ୍କ ନିମିତ୍ତ ଗୃହ ନିର୍ମାଣ ତଥା ମଠର ବହୁ ମରାମତି କାର୍ଯ୍ୟ କରିଥିଲେ । ଏପରିକି ମଠରେ ଅଖଣ୍ଡ ନାମ ସ୍ଥାପନ କରି ବୈଷ୍ଣବ ତଥା ଭକ୍ତ ମାନଙ୍କର ଅଶେଷ କଲ୍ୟାଣ କରିଯାଇଛନ୍ତି । ପୁରୀ ମାଧ୍ୱ ଗୌଡ଼ୀୟ ସମ୍ପ୍ରଦାୟର ସେ ସଭାପତି ଥିଲେ । ମଠରେ ଗୋ ସେବା ଓ ଦରିଦ୍ର ନାରାୟଣ ସେବା ପ୍ରଭୃତି ତାଙ୍କର ଅନବଦ୍ୟ କୃତି । ପ୍ରତିବର୍ଷ ଫାଲଗୁନ ପୂର୍ଣ୍ଣିମା ଦିନଟି ଶ୍ରୀଗୌରାଙ୍ଗ ମହାପ୍ରଭୁଙ୍କର ଶୁଭାବିର୍ଭାବ ତିଥି । ଏହି ଉପଲକ୍ଷେ ସିଂହଦ୍ୱାର ଠାରେ ଚବିଶ ପ୍ରହର ନାମ ଯଜ୍ଞ ହୋଇଆସୁଛି । ଏହି ନାମ ଯଜ୍ଞ ଶ୍ରୀ ନିତାଇ ପଦ ବାବାଜୀ ମହାରାଜ ପ୍ରବର୍ତ୍ତନ କରି ବୈଷ୍ଣବ ତଥା ଜନ ସାଧାରଣଙ୍କର ଚିର ସ୍ମରଣୀୟ ହୋଇଛନ୍ତି । ବର୍ତ୍ତମାନର ଅଧକ୍ଷ ଶ୍ରୀ ଅଦ୍ୱୈତ ଦାସ ବାବାଜୀ ମହାରାଜ ଶ୍ରୀ ବୃନ୍ଦାବନ ଧାମରେ ଭଜନ କରୁଥିଲେ । ସେ ନିତାଇ ପଦ ଦାସ ମହାରାଜଙ୍କର ଅତ୍ୟନ୍ତ କୃପା ପାତ୍ର ଅଟନ୍ତି । ବର୍ତ୍ତମାନର ନୂତନ ନାଟ ମନ୍ଦିର ତାଙ୍କ ପ୍ରଚେଷ୍ଟାରେ ହୋଇଅଛି । ମଠର ଉନ୍ନତି ତଥା ଠାକୁରଙ୍କ ସେବା ପୂଜା ନିମନ୍ତେ ସେ ସର୍ବଦା ତତ୍ପର ।

ମଠ ବିଜେସ୍ଥଳୀ :- ପୁରୀ ଗୌଡ଼ବାଡ଼ ସାହି ମୌଜା ଅନ୍ତର୍ଗତ ସ୍ୱର୍ଗଦ୍ୱାର ଶଶ୍ମାନର ସମୀପବର୍ତ୍ତୀ ସମୁଦ୍ରକୂଳ ନିକଟରେ ପ୍ରାୟ ଅଧ ଏକର ପରିମିତ ଜମି ଉପରେ ବର୍ତ୍ତମାନର ମଠ ବିଜେସ୍ଥଳୀଟି ଅବସ୍ଥିତ । ମଠର ମୁଖ୍ୟ ଦ୍ୱାର ପୂର୍ବାଭିମୁଖୀ ହୋଇଥିବାବେଳେ ଅନ୍ୟ

Digitized by srujanika@gmail.com

ଏକ ଦ୍ୱାର ସ୍ୱର୍ଗଦ୍ୱାର ରାସ୍ତାର ସମ୍ମୁଖ ଭାଗ ଅର୍ଥାତ୍ ଉତ୍ତର ଦିଗକୁ ରହିଅଛି । ମଠ ପରିସରରେ ସମାଧି ମନ୍ଦିର, ମନ୍ଦିର, ନାଟ ମନ୍ଦିର, ବୈଷ୍ଣବ ଖଣ୍ଡ ଓ ପ୍ରାୟ ୧୦ ବଖରା ଗୃହ ସମେତ ଗୋଶାଳା, ବଗିଚା ଇତ୍ୟାଦି ରହିଅଛି । ନାଟ ମନ୍ଦିରଟି ୧୯୯୯ ମସିହାରେ ଜୀର୍ଣ୍ଣୋଦ୍ଧାର କରାଯାଇ ଏହାର ନୂତନ କଳେବର କରାଯାଇଅଛି ।

ମଠ ବିଜେସ୍ଥଳୀର ନାଟ ମନ୍ଦିର ସଂଲଗ୍ନ ହରିଦାସ ଠାକୁରଙ୍କ ସମାଧି ମନ୍ଦିର ରହିଅଛି । ପୂର୍ବେ ଏହି ସମାଧି ମନ୍ଦିରଟି ଉଚ୍ଚତାରେ କ୍ଷୁଦ୍ର ଥିଲା । ପରବର୍ତ୍ତୀ ସମୟରେ ଏହି କ୍ଷୁଦ୍ର ମନ୍ଦିରଟିର ଜୀର୍ଣ୍ଣୋଦ୍ଧାର କରାଯାଇ ବୃହତ୍ ଆକାରରେ ନିର୍ମାଣ କରଯାଇଛି । ସମାଧି ମନ୍ଦିର ଦ୍ୱାର ଦେଶରେ (ଜଗାଇ ମାଧାଇ ଜୟ ବିଜୟ ରୂପେ ବିଦ୍ୟମାନ) ଗରୁଡ଼ ଓ ହନୁମାନ ମୂର୍ତ୍ତି ମଧ ବିରାଜିତ ହୋଇଛନ୍ତି । ସମାଧି ପିଣ୍ଡିର ମରାମତି କାର୍ଯ୍ୟ ହେଉଥିବା ସମୟରେ ଏଥିରୁ ତୁଳସୀ ମାଳର କେତେକ ଅଂଶ, ଝୁଲା, ବାଡ଼ି ଇତ୍ୟାଦି ମିଳିଥିଲା । ପୁନଶ୍ଚ ସେହି ସବୁ ଜିନିଷାତ୍ ମାନ ପିଣ୍ଡି ମଧରେ ସଂସ୍ଥାପିତ କରାଯାଇଥିବା ବିଷୟ ବର୍ତ୍ତମାନର ମଠ ପରିଚାଳକ ଶ୍ରୀ ଦାସଙ୍କ ସୂତ୍ରରୁ ଜଣାଯାଏ । ସମାଧି ମନ୍ଦିର ପାର୍ଶ୍ୱରେ ଥିବା ମନ୍ଦିରରେ ଶ୍ରୀ ଗୌରାଙ୍ଗ ମହାପ୍ରଭୁ (ଦାରୁ ବିଗ୍ରହ), ନିତ୍ୟାନନ୍ଦ ପ୍ରଭୁ, ରାଧାଶ୍ୟାମ ସୁନ୍ଦର, ଅଦ୍ୱୈତ ପ୍ରଭୁ, ରାଧା ମଦନ ମୋହନ, ଲଳିତା, ଦେଢ଼ଫୁଟ ଉଚ୍ଚତା ବିଶିଷ୍ଟ ସିଂହାସନରେ ଚତୁର୍ଦ୍ଧା ମୂର୍ତ୍ତି (ଜଗନ୍ନାଥ, ବଳଭଦ୍ର, ସୁଭଦ୍ରା, ସୁଦର୍ଶନ), ମଦନ ଗୋପାଳ, ବଳରାମ, ଗୋପାଳ, ଗିରିରାଜ ୮ ମୂର୍ତ୍ତି, ନାରାୟଣ ଶାଳଗ୍ରାମ ୩୨ ମୂର୍ତ୍ତି ପୂଜିତ ହେଉଛନ୍ତି । ଏହି ମଠରେ ଠାକୁର ମାନଙ୍କ ଆର୍ବିଭାବ ଓ ପ୍ରତିଷ୍ଠା ନେଇ ବହୁ ଅଲୌକିକ ଘଟଣା ଘଟିଥିବା ବିଷୟ ବର୍ତ୍ତମାନର ପରିଚାଳକ ଶ୍ରୀ ଦାସ ପ୍ରକାଶ କରନ୍ତି ।

କେନ୍ଦ୍ରାପଡ଼ାର ଜନୈକ ଭକ୍ତ ଭ୍ରମରବର ଏହି ସମାଧି ପୀଠରେ ପ୍ରଥମ ଥର ନିମନ୍ତେ ନିତ୍ୟାନନ୍ଦ ପ୍ରଭୁ, ଗୌରାଙ୍ଗ ମହାପ୍ରଭୁ ଓ ଶ୍ରୀ ଅଦ୍ୱୈତ ପ୍ରଭୁ ଇତ୍ୟାଦି ତିନି ବିଗ୍ରହଙ୍କୁ ପ୍ରତିଷ୍ଠା କରିଥିଲେ । ଆଜକୁ ଦୁଇ ବର୍ଷ ପୂର୍ବେ ମଠର ଜନୈକ ସେବକ ଗୋପାଳ ଦାସ ସମୁଦ୍ର କୂଳରେ ପ୍ରାତଃ ସମୟରେ ଭ୍ରମଣ କରୁଥିବା ବେଳେ ହଠାତ୍ ସମୁଦ୍ର କୂଳର ଉପକଣ୍ଠରେ କଳା ମୁଗୁନି ପ୍ରସ୍ତରର ଏକ ଗରୁଡ଼ ମୂର୍ତ୍ତି ଦୃଶ୍ୟମାନ ହୋଇଥିଲା । ଉକ୍ତ ମୂର୍ତ୍ତିଟିକୁ ସଂପୃକ୍ତ ସେବକ ଶ୍ରୀ ଦାସ ମଠକୁ ସଙ୍ଗରେ ନେଇ ଆସିଥିଲେ । ତା'ର ଠିକ୍ ୧୫ଦିନ ପରେ ହଠାତ୍ ସେହି ସମୁଦ୍ର କୂଳରେ ଏକ ଲୁଗା ଗଣ୍ଠିଲିରେ ତିନିମୂର୍ତ୍ତି ଜଗନ୍ନାଥ, ବଳଭଦ୍ର ଓ ସୁଦର୍ଶନ ଦାରୁ ମୂର୍ତ୍ତି ଭାସମାନ ଅବସ୍ଥାରେ ମଳିଥିଲା ଏବଂ ତତ୍ପର ଦିନ ପ୍ରାତଃ ସମୟରେ ପୁନଶ୍ଚ ସେହି ସ୍ଥାନରେ ସୁଭଦ୍ରାଙ୍କ ମୂର୍ତ୍ତି ମିଳିଥିଲା । ସଂପ୍ରତି ମୂର୍ତ୍ତି ଗୁଡ଼ିକ ମଠର ମନ୍ଦିରରେ ରଖାଯାଇ ପୂଜାର୍ଚ୍ଚନା କରଯାଉଅଛି । ଶ୍ରୀପଞ୍ଚମୀ ଦିନ ବୈଦିକ ନୀତିରେ ଚତୁର୍ଦ୍ଧାମୂର୍ତ୍ତିଙ୍କୁ ସିଂହାସନରେ ପ୍ରତିଷ୍ଠା କରାଯାଇଅଛି । ଉଲ୍ଲେଖଯୋଗ୍ୟଯେ ମନ୍ଦିରରେ ପ୍ରତିଷ୍ଠିତ ତିନୋଟି ସିଂହାସନରେ

Digitized by srujanika@gmail.com

ସମସ୍ତ ମୂର୍ତ୍ତି ମାନଙ୍କୁ ଅଧିଷ୍ଠିତ କରାଯାଇଅଛି । ଶ୍ରୀମନ୍ଦିର ରୋଷ ଘରେ ପ୍ରସ୍ତୁତ ମହାପ୍ରସାଦ ଭଳି ଶ୍ରୀପଞ୍ଚମୀ ଦିନ ଏହି ମଠରେ ଜନୈକ ମନ୍ଦିରର ସୁପକାର ସେବକ ରାମ ମହାସୁଆରଙ୍କ ଦ୍ୱାରା ହାଣ୍ଡି କୁଡୁଆରେ ଶ୍ରୀପ୍ରସାଦ ପ୍ରସ୍ତୁତ ପୂର୍ବକ ଭୋଗ ହେବାର ପରମ୍ପରା ଗତ ଦୁଇ ବର୍ଷ ଧରି ଚାଲୁଅଛି ।

ଠାକୁରଙ୍କ ନିତ୍ୟ ସେବା :- ହରି ଦାସ ଠାକୁର ସମାଧି ମଠରେ ବିଧି ମୁତାବକ ଠାକୁର ମାନଙ୍କର ସମସ୍ତ ନୀତି ସୁଚାରୁ ରୂପେ ପାଳିତ ହେଉଅଛି । ରାତ୍ର ୪ଟାରେ ମଙ୍ଗଳ ଆଳତୀ, ମଙ୍ଗଳ ଆଳତୀ ନୀତି ପର ଠାରୁ ଦନ୍ତ ମାର୍ଜନ, ସ୍ନାନ, ବସ୍ତ୍ରାଭରଣ, ଫୁଲ ଚନ୍ଦନ ସେବା, ବାଳ ଭୋଗ (ଖେଚୁଡ଼ି, ଫଳ ଆଦି ଭୋଗ) ବିତରଣ । ୭ଟା ୩୦ ମିନିଟ୍‌ରେ ପୁନଶ୍ଚ ଠାକୁରଙ୍କ ସିଂହାର, ମଧ୍ୟାହ୍ନ ଭୋଗ ଦିବା ୧୦ଟା ୩୦ ମିନିଟ୍‌ରେ । ଏଥିରେ ଅନ୍ନ ଭୋଗ ସମେତ ୭ ପ୍ରକାର ବ୍ୟଞ୍ଜନ ଭୋଗ ହୋଇଥାଏ । ମଧ୍ୟାହ୍ନ ଆରତୀ ୧୧ଟା ୩୦ମିନିଟ୍, ପହୁଡ଼ ଦିବା ୧୨ ଘଣ୍ଟା, ପ୍ରସାଦ ବିତରଣ । ସୂଚନାଯୋଗ୍ୟଯେ ପ୍ରତ୍ୟହ ୬୦ରୁ ୮୦ ପର୍ଯ୍ୟନ୍ତ ସାଧୁ, ସନ୍ଥ, ବୈଷ୍ଣବ, ମଠର ଅନ୍ତେବାସୀ ତଥା ଦରିଦ୍ର ନାରାୟଣଙ୍କୁ ପ୍ରସାଦ ସେବନରେ ଆପ୍ୟାୟିତ କରାଯାଇଥାଏ । ଠାକୁରଙ୍କ ଉତ୍‌ଥାପନ ଅପରାହ୍ନ ୩ଟା ୩୦ ମିନିଟ୍‌ରେ ହୋଇଥାଏ । ଅପରାହ୍ନ ୪ଟାରେ ପାଏସ୍ ଭୋଗ (ସୁସ୍ୱାଦୁ କ୍ଷୀରି ଭୋଗ), ଗୋଧୂଳି ଲଗ୍ନ ସମୟରେ ସନ୍ଧ୍ୟା ଆରତୀ, ବସ୍ତ୍ର ପରିବର୍ତ୍ତନ, କୀର୍ତ୍ତନ (ବୃନ୍ଦାରାଣୀ ପରିକ୍ରମା କୀର୍ତ୍ତନ, ଠାକୁରଙ୍କ ସମାଧି ମନ୍ଦିର ପରିକ୍ରମା କୀର୍ତ୍ତନ, ନାମ ଉଦଣ୍ଡ କୀର୍ତ୍ତନ) ଇତ୍ୟାଦି ୧ ଘଣ୍ଟା ଧରି ଚାଲିଥାଏ । ରାତ୍ର ୮ଟାରେ ଅନ୍ନ, ରୁଟି, ଡ଼ାଲି, ତରକାରୀ, ଭଜା, କ୍ଷୀର ଇତ୍ୟାଦି ଭୋଗ । ଏତଦ୍ ବ୍ୟତୀତ ପ୍ରତ୍ୟହ ଶ୍ରୀମନ୍ଦିରରୁ ଶ୍ରୀ ମହାପ୍ରସାଦ ଆସି ସମାଧି ମନ୍ଦିରରେ ଲାଗି ହୋଇଥାଏ । ରାତ୍ର ୮ଟା ୪୫ ମନିଟ୍‌ରେ ଶୟନ ଆରତୀ ଏବଂ ରାତ୍ର ୯ଟାରେ ଠାକୁର ମାନଙ୍କ ପହୁଡ଼ ହୋଇ ମନ୍ଦିର ବନ୍ଦ ହୋଇଥାଏ । ଏଠାରେ ସୂଚନା ଯୋଗ୍ୟଯେ, ୧୯୮୨ ମସିହାରେ ଅନୁଷ୍ଠିତ ଶ୍ରୀଚୈନତ୍ୟ ମହାପ୍ରଭୁଙ୍କ ପଞ୍ଚ ଶତ ବାର୍ଷିକୀ ଉତ୍ସବ ଅବସରରେ ଉକ୍ତ ମଠ ପରିସରରେ ତତ୍‌କାଳୀନ ମହନ୍ତ ତଥା ପରିଚାଳକ ଶ୍ରୀ ନିତାଇ ପଦ ଦାସଜୀ ମହାରାଜଙ୍କ ଉଦ୍ୟମରେ ଅଖଣ୍ଡ ହରିନାମ ସଂକୀର୍ତ୍ତନ ଆରମ୍ଭ କରାଯାଇ ଅଦ୍ୟାବଧି ଚାଲୁଅଛି । ଏତଦ୍‌ବ୍ୟତୀତ ମହାପ୍ରଭୁଙ୍କ ଜନ୍ମ ତିଥି ଫାଲଗୁନ ପୂର୍ଣ୍ଣିମା (ଦୋଳ ପୂର୍ଣ୍ଣିମା) ଉପଲକ୍ଷେ ଶ୍ରୀମନ୍ଦିରର ସିଂହଦ୍ୱାର ଠାରେ 'ଭଜ ନିତାଇ ଗୌର ରାଧେ ଶ୍ୟାମ ଜପ ହରେ କୃଷ୍ଣ ହରେ ନାମ' ୨୪ ପ୍ରହର ସଂକୀର୍ତ୍ତନ ହୋଇଥାଏ । ୧୯୮୨ ମସିହାଠାରୁ ସିଂହଦ୍ୱାରଠାରେ ଉକ୍ତ ତିଥିରେ ମଠ ପକ୍ଷରୁ ସର୍ବ ସାଧାରଣ ଓ ଭକ୍ତ ମାନଙ୍କୁ ଚୂଡ଼ା ଭୋଗ ବିତରଣ କରାଯାଇଆସୁଅଛି ।

ମଠର ପର୍ବ, ଉତ୍ସବ :- ଶ୍ରୀ ହରିଦାସ ଠାକୁର ସମାଧି ମଠରେ ପାଳିତ ବିଭିନ୍ନ ପର୍ବ ପର୍ବାଣୀ ମଧ୍ୟରେ ଦୋଳପୂର୍ଣ୍ଣିମାରେ ଚୈତନ୍ୟ ମହାପ୍ରଭୁଙ୍କ ଜନ୍ମ ତିଥି ମହୋତ୍ସବ, ନିତ୍ୟାନନ୍ଦ ପ୍ରଭୁଙ୍କ ଜନ୍ମୋତ୍ସବ, ମାଘ ସପ୍ତମୀରେ ଅଦ୍ୱୈତ ପ୍ରଭୁଙ୍କ ଜନ୍ମୋତ୍ସବ, ମାଘ ପୂର୍ଣ୍ଣିମାରେ ହରିଦାସ ଠାକୁରଙ୍କ ଜନ୍ମୋତ୍ସବ, ଷଡ଼ ଜୟନ୍ତୀ ମହୋତ୍ସବ (ରୂପ ଗୋସ୍ୱାମୀ, ସନାତନ ଗୋସ୍ୱାମୀ,

Digitized by srujanika@gmail.com

ରଘୁନାଥ ଭଟ୍ଟ ଗୋସ୍ୱାମୀ, ଜୀବ ଗୋସ୍ୱାମୀ, ଗୋପାଳ ଭଟ୍ଟ ଗୋସ୍ୱାମୀ, ରଘୁନାଥ ଦାସ ଗୋସ୍ୱାମୀ), ସଂପ୍ରଦାୟିକ ମହାପୁରୁଷଙ୍କ ଜନ୍ମ ଜୟନ୍ତୀ ମଧ୍ୟରେ ଜଗତ୍ ବନ୍ଧୁ, ବିଜୟ କୃଷ୍ଣ ଗୋସ୍ୱାମୀ, ଗୋପାଳ ଗୁରୁ, ଶ୍ରୀନିବାସ ଆଚାର୍ଯ୍ୟ, ସାର୍ବଭୌମ ଭଟ୍ଟାଚାର୍ଯ୍ୟ ପ୍ରଭୃତି ଅନ୍ତର୍ଭୁକ୍ତ ଭାଦ୍ର ଅନନ୍ତ ଚତୁର୍ଦ୍ଦଶୀ ତିଥିରେ ଶ୍ରୀ ହରିଦାସ ଠାକୁରଙ୍କ ମହା ସମାଧି ବା ତିରୋଧାନ ତିଥି ଉପଲକ୍ଷେ 'ନିର୍ଜାନ ମହୋତ୍ସବ' ମହାସମାରୋହରେ ପାଳିତ ହୋଇଥାଏ । ଆଶ୍ୱୀନ ଶୁକ୍ଳ ଅଷ୍ଟମୀ ତିଥିରେ ମଠର ପୂର୍ବତନ ବାବାଜୀ ମହାରାଜ ନିତାଇ ପଦ ଦାସଙ୍କ ତିରୋଭାବ ଉତ୍ସବ । ଆଶ୍ୱୀନ ଶୁକ୍ଳ ଅଷ୍ଟମୀ ତିଥିରେ ମଠର ପୂର୍ବତନ ବାବାଜୀ ମହାରାଜ ନିତାଇ ପଦ ଦାସଙ୍କ ତିରୋଭାବ ଉତ୍ସବ । ଆଶ୍ୱୀନ ଶୁକ୍ଳ ଅଷ୍ଟମୀର ୧୦ ଦିନ ପୂର୍ବରୁ ଶ୍ରୀମଦ୍ ଭାଗବତ ସପ୍ତାହ ପାଳନ ଏବଂ ଶେଷ ଦିନ '୬୪ ମହନ୍ତ ଭୋଗ' ହୋଇଥାଏ । ପରମ୍ପରା ଅନୁଯାୟୀ ଏହି ଦିନ ଚୈତନ୍ୟ ମହାପ୍ରଭୁଙ୍କର ନିତ୍ୟ ପାର୍ଷଦ ସହ ୬୪ ମହନ୍ତଙ୍କର ଭୋଗମାଳା ଆରାଧନ ହୋଇଥାଏ । ଉକ୍ତ ଉତ୍ସବରେ ବିଭିନ୍ନ ମହାପୁରୁଷ ଓ ଏହି ସମ୍ପ୍ରଦାୟର ବିଶିଷ୍ଟ ଗୁରୁ ମାନଙ୍କ ଫଟୋ ରଖାଯାଇ ପୂଜାର୍ଚ୍ଚନା କରଯାଇଥାଏ । ମେଷ ସଂକ୍ରାନ୍ତିରେ ରାଧାରମଣଙ୍କ ଜନ୍ମୋତ୍ସବ, ସମସ୍ତ ଏକାଦଶୀ ତିଥି ପାଳନ, ସ୍କନ୍ଦ ଷଷ୍ଠୀରେ ଶ୍ରୀପାଦ୍ ରାମ ଦାସ ବାବାଜୀଙ୍କ ଜନ୍ମୋତ୍ସବ ଏବଂ ମାର୍ଗଶୀର କୃଷ୍ଣ ଚତୁର୍ଦ୍ଦଶୀରେ ତିରୋଧାନ ମହୋତ୍ସବ ଇତ୍ୟାଦି ପାଳନ କରାଯାଇଥାଏ ।

ମଠ ପରିଚାଳନା :- ସଂପ୍ରତି ମଠର ମୁଖ୍ୟ ପରିଚାଳକ ରୂପେ ମହନ୍ତ ଶ୍ରୀ ଅଦ୍ୱୈତ ଦାସ ବାବାଜୀ ମହାରାଜ ଉକ୍ତ ମଠର ଦାୟିତ୍ୱରେ ରହି ମଠ ଠାକୁରଙ୍କ ନିତ୍ୟ ସେବା, ସମାଧି ମନ୍ଦିରର ପୂଜାର୍ଚ୍ଚନା, ପ୍ରତ୍ୟହ ଦରିଦ୍ର ନାରାୟଣ ସେବା ତଥା ଉତ୍ସବ ଇତ୍ୟାଦି ସୁଚାରୁ ରୂପେ ତୁଲାଉଥିବା ଜଣାଯାଏ । ମଠର ଉପରୋକ୍ତ କାର୍ଯ୍ୟ ନିମନ୍ତେ ମନ୍ଦିର ପୂଜକ ଭାବେ ୩ ଜଣ, ରୋଷ କାର୍ଯ୍ୟରେ ୩ ଜଣ, ପୂଜାରୀ ୧ ଜଣ, ବାବାଜୀ ୨ ଜଣ, ଭଣ୍ଡାର ୨ ଜଣ, ନାମ ସଂକୀର୍ତ୍ତନ ପାଇଁ ୪୦ ଜଣ ବୈଷ୍ଣବ (ବାବାଜୀ), ଗୋ ସେବା ପାଇଁ ୧ ଜଣ, ଟହଲିଆ ୧ ଜଣ ନିୟୋଜିତ ହୋଇଛନ୍ତି । ଏତଦ୍‌ବ୍ୟତୀତ ୪/୫ ଜଣ ବ୍ରାହ୍ମଣ ବିଦ୍ୟାର୍ଥୀଙ୍କୁ ମଠରେ ଆଶ୍ରୟ ଦିଆଯିବା ସହିତ ପ୍ରସାଦିରେ ଆପ୍ୟାୟିତ କରାଯାଇଥାଏ ।

ମଠର ଦେବ ନୀତି ନିମନ୍ତେ ଅଦ୍ୟାବଧି ଟିୟୁୱେଲ ପାଣି କିମ୍ବା ରନ୍ଧନ ଗ୍ୟାସ ବ୍ୟବହୃତ ହେଉନଥିବା ଜଣାଯାଏ । ସେହିପରି ପରମ୍ପରା ମୁତାବକ ଅଦ୍ୟାବଧି ଶ୍ରୀମନ୍ଦିରର ଶ୍ରୀମହାପ୍ରସାଦ ପ୍ରତିଦିନ ଅଣାଯାଇ ଠାକୁର ହରିଦାସଙ୍କ ସମାଧିରେ ସମର୍ପଣ କରାଯାଉଅଛି ।

ସମୁଦ୍ର କୂଳ ସମୀପବର୍ତ୍ତୀ ଏହି ମଠଟିର ସୁପରିଚାଳନା ଯୋଗୁଁ ଦିନକୁ ଦିନ ଉକ୍ତ ଅନୁଷ୍ଠାନର ଉନ୍ନତି ହେବା ସହିତ ପ୍ରତ୍ୟହ ବହୁ ସଂଖ୍ୟକ ବଙ୍ଗୀୟ ତଥା ଓଡ଼ିଆ ଭାଷୀ ଗୌଡ଼ୀୟ ବୈଷ୍ଣବ, ସାଧାରଣ ବ୍ୟକ୍ତି ବିଶେଷ ଏଠାକୁ ଆଗମନ କରି ଭଜନକୋଠି, ସମାଧି ମନ୍ଦିର ଦର୍ଶନ କରି ଆତ୍ମ ସନ୍ତୋଷ ଲାଭ କରି ଥାଆନ୍ତି ।

✤ ✤ ✤

Digitized by srujanika@gmail.com

ଅଯୋଧ୍ୟା ଦାସ ମଠ

ସନ୍ଥ ଶ୍ରୀ ଚାନ୍ଦଜୀଙ୍କ ପ୍ରତିଷ୍ଠିତ ଉଦାସୀନ ସଂପ୍ରଦାୟ ଅନ୍ତର୍ଭୁକ୍ତ ଏକ କ୍ଷୁଦ୍ର ଅନୁଷ୍ଠାନ 'ଅଯୋଧ୍ୟା ଦାସ ମଠ' ଶ୍ରୀକ୍ଷେତ୍ରର ସ୍ୱର୍ଗଦ୍ୱାର ଠାରେ ପ୍ରତିଷ୍ଠିତ । ପୁରୀରେ ଥିବା ଏହି ସଂପ୍ରଦାୟର ମୋଟ୍ ତିନିଗୋଟି ମଠ ମଧ୍ୟରୁ ଏହା ହେଉଛି ଅନ୍ୟତମ ଅନୁଷ୍ଠାନ । ଅଯୋଧ୍ୟା ଦାସ ମଠଟି ସ୍ୱର୍ଗଦ୍ୱାର ଛକସ୍ଥିତ ସମୁଦ୍ରକୂଳରେ ଅବସ୍ଥିତ । ଠାକୁର ହରିଦାସ ସମାଧି ମଠ ଏବଂ ସାତ ଲହଡ଼ି ମଠ ଦ୍ୱୟ ସମୁଦ୍ର କୂଳରେ ପ୍ରତିଷ୍ଠିତ ଥିବା ପରି ଏହି ମଠଟି ଠିକ୍ ସ୍ୱର୍ଗଦ୍ୱାର ଛକ ଠାରେ ରହିଅଛି । ମଠଟିର ପ୍ରତିଷ୍ଠା ପ୍ରାଚୀନ ନହେଲେ ହେଁ ପ୍ରାୟ ୨୦୦ ବର୍ଷର ପୁରାତନ ବୋଲି ଜଣାଯାଏ । ଅଯୋଧ୍ୟା ଦାସ ନାମରେ ଜନୈକ ଧର୍ମପ୍ରାଣ ବ୍ୟକ୍ତି ଏହି ମଠଟି ପ୍ରତିଷ୍ଠା କରିଥିଲେ । ଏଣୁ ତାଙ୍କରି ନାମରେ ମଠଟିର ନାମ 'ଅଯୋଧ୍ୟା ଦାସ ମଠ' ହୋଇଅଛି ।

ମଠର ବିଜେସ୍ଥଳୀଟି ଆୟତନରେ କ୍ଷୁଦ୍ର ହୋଇଥିଲେ ହେଁ ବିଭିନ୍ନ ଘାତ ପ୍ରତିଘାତ ମଧ୍ୟରେ ଗତି କରି ଏବେବି ଏହାର ସେବା, ପୂଜା ଅକ୍ଷୁର୍ଣ୍ଣ ରହିପାରିଛି । ମଠଟିର ମୁଖ୍ୟ ଦ୍ୱାର ଉତ୍ତରାଭିମୁଖୀ ଅଟେ । ମଠର ଏକ ଗୃହରେ ପ୍ରସ୍ତର ନିର୍ମିତ ସିଂହାସନରେ ଚତୁର୍ଦ୍ଧାମୂର୍ତ୍ତି ଦାରୁ ବିଗ୍ରହ ପୂଜିତ ହେଉଛନ୍ତି । ବିଗ୍ରହମାନଙ୍କର ଉଚ୍ଚତା ପ୍ରାୟ ୪ ଫୁଟ୍ ହେବ । ମଠର ଇଷ୍ଟ ବିଗ୍ରହ ରୂପେ ଶ୍ରୀଜଗନ୍ନାଥାଦି ଚତୁର୍ଦ୍ଧା ମୂର୍ତ୍ତି ପୂଜିତ ହେବା ସହିତ ରାଧାକୃଷ୍ଣ, ପତିତପାବନ ମୂର୍ତ୍ତି (କ୍ଷୁଦ୍ରମୂର୍ତ୍ତି) ଓ ପାର୍ଶ୍ୱରେ ଅଯୋଧ୍ୟା ଦାସଙ୍କ ମୂର୍ତ୍ତି ରହିଅଛି । ଏହି ଗୃହ ସଂଲଗ୍ନ ଅନ୍ୟ ଏକ କୋଠରୀରେ ତୀର୍ଥେଶ୍ୱର ମହାଦେବ ଲିଙ୍ଗ ଶକ୍ତି ଆକାରରେ ପୂଜିତ ହେଉଛନ୍ତି । ପାର୍ଶ୍ୱରେ ପାର୍ବତୀ, ବୃଷଭ ଇତ୍ୟାଦି ବିଗ୍ରହ ବିରାଜିତ । ବିଜେସ୍ଥଳୀର କିଛି ଅଂଶକୁ ନେଇ ମାଲି ମୋକଦ୍ଦମା ଚାଲିଥିବା ବିଷୟ ବର୍ତ୍ତମାନର ପୂଜକ ଶ୍ରୀ ଦାଶ ପ୍ରକାଶ କରନ୍ତି ।

ମଠରେ ପାଳିତ ଦୈନନ୍ଦିନ ନୀତି ବ୍ୟତୀତ ସ୍ନାନ ପୂର୍ଣ୍ଣିମା ମହୋତ୍ସବ, ଅଣସର ବିଧି ବିଧାନମାନ ଅନୁଷ୍ଠିତ ହୋଇଥାଏ । ବର୍ତ୍ତମାନ ଠାକୁରଙ୍କ ସେବାପୂଜା ଦାୟିତ୍ୱରେ ରହିଥିବା ଶ୍ରୀ ଦୀନବନ୍ଧୁ ଦାଶ ପ୍ରକାଶ କରନ୍ତି ଯେ, ପୂର୍ବେ ଶ୍ରୀମନ୍ଦିରରୁ ଅମାବାସ୍ୟା ନାରାୟଣ

Digitized by srujanika@gmail.com

ବିଜେ ସମୟରେ ମଠର ବିଜେସ୍ଥଳୀଠାରେ ପଙ୍କ୍ତୀ ଭୋଗ ହେଉଥିଲା । ଅନେକ ବର୍ଷ ଧରି ଏହି ପଙ୍କ୍ତି ଭୋଗ ବ୍ୟବସ୍ଥା ବନ୍ଦ ହୋଇଯାଇଛି । ଉଲ୍ଲେଖଯୋଗ୍ୟଯେ ମଠ ବିଜେସ୍ଥଳୀର ସମ୍ମୁଖ ଦ୍ୱାର ଦେଇ ଅମାବାସ୍ୟା ନାରାୟଣ ସମୁଦ୍ରକୂଳକୁ ବିଜେ କରିଥାନ୍ତି ।

ମଠର ପ୍ରତିଷ୍ଠାତା ମହନ୍ତ ଅଯୋଧ୍ୟା ଦାସଙ୍କ ପରେ ତାଙ୍କର ଶିଷ୍ୟ ଅଭୟ ଦାସ ଉକ୍ତ ମଠର ମହନ୍ତ ରୂପେ ଗାଦିନାସୀନ ହୋଇଥିଲେ । ତତ୍‌ପରେ ମହନ୍ତ ପ୍ରୀତମ୍ ଦାସ ଦୀର୍ଘ ବର୍ଷ ଧରି ଏହି ମଠର ମହନ୍ତ ରୂପେ ଦାୟିତ୍ୱ ଗ୍ରହଣ କରିଥିଲେ । ୧୯୯୮ ମସିହାରେ ୧୦୨ ବର୍ଷ ବୟସରେ ତାଙ୍କର ମଠ ପରିସରଠାରେ ଦେହାନ୍ତ ହୋଇଥିଲା । ସେ ବିହାରର ଅଧିବାସୀ ଥିଲେ । ଉଦାସୀନ ସମ୍ପ୍ରଦାୟର ବିଭିନ୍ନ ଉତ୍ସବ ଏବଂ ଏହ୍ଲାବାଦସ୍ଥିତ ପଞ୍ଚାୟତି ଆଖେଡ଼ାର ସମସ୍ତ କାର୍ଯ୍ୟକ୍ରମରେ ଅଂଶ ଗ୍ରହଣ କରି ସମସ୍ତଙ୍କ ନିକଟରେ ସେ ସୁପରିଚିତ ଥିଲେ । ତାଙ୍କର ଅନ୍ତିମ ସମୟରେ ମଠ ବିଜେସ୍ଥଳୀର କିଛି ଅଂଶର ଜମିକୁ ନେଇ ମାଲି ମୋକଦ୍ଦମା ସୃଷ୍ଟି ହୋଇ ଅଦ୍ୟାବଧି ତାହା କୋର୍ଟରେ ବିଚାରାଧୀନ ରହିଅଛି । ମଠ ନାମରେ ଥିବା ଅଳ୍ପ କେତେକ ଭୂ-ସମ୍ପତ୍ତିରୁ ବର୍ତ୍ତମାନ କୌଣସି ଆୟ ଆସୁନାହିଁ ବୋଲି ବର୍ତ୍ତମାନ ସେବା ପୂଜା ଦାୟିତ୍ୱରେ ଥିବା ଶ୍ରୀ ଦାଶ ପ୍ରକାଶ କରନ୍ତି ।

ରାଜ୍ୟ ଦେବୋତ୍ତର ବିଭାଗ ଦ୍ୱାରା ଗଠିତ ଏକ ଟ୍ରଷ୍ଟ ବୋର୍ଡ୍ ଦ୍ୱାରା ମଠଟି ପରିଚାଳିତ ହେଉଅଛି । ସଂପ୍ରତି ଟ୍ରଷ୍ଟବୋର୍ଡ୍‌ର ସଦସ୍ୟ ରୂପେ ପୁରୀର ବିଶିଷ୍ଟ ଆଇନ୍‌ଜିବୀ ଶ୍ରୀଯୁକ୍ତ ବାମଦେବ ମିଶ୍ର ମନୋନୀତ ହୋଇଛନ୍ତି ।

ଶ୍ରୀ ଉଦାସୀନ ସମ୍ପ୍ରଦାୟର ଏହି କ୍ଷୁଦ୍ର ମଠଟି ସମୁଦ୍ରକୂଳର ସ୍ୱର୍ଗଦ୍ୱାର ଠାରେ ରହିଥିଲେ ହେଁ ଲୋକଲୋଚନର ଅନ୍ତରାଳରେ ରହିଅଛି । ମଠଟିର ଆର୍ଥିକ ଅବସ୍ଥା ମଧ ସ୍ୱଚ୍ଛଳ ନୁହେଁ ।

✣ ✣ ✣

Digitized by srujanika@gmail.com

ରାଧାଶ୍ୟାମ ମଠ

ପୁରୀ ବଡ଼ଦାଣ୍ଡର ମରିଚିକୋଟ ଛକ ନିକଟସ୍ଥ ଶ୍ୟାମକୁଞ୍ଜ ଲେନ୍‌ରେ ଶ୍ରୀ ବ୍ରହ୍ମ ମାଧ୍ୱ ଗୌରେଶ୍ୱର ସମ୍ପ୍ରଦାୟର ରାଧାଶ୍ୟାମ ମଠଟି ଅବସ୍ଥିତ । ଉକ୍ତ ମଠଟି ତ୍ୟାଗୀ ବୈଷ୍ଣବ ପରମ୍ପରାର ଶ୍ରୀ ବକ୍ରେଶ୍ୱର ପରିବାର ଅନ୍ତର୍ଭୁକ୍ତ ଅଟେ । ମାତ୍ର ୧୦୦ ବର୍ଷର ପୁରାତନ ଏହି ମଠଟି ଆୟତନରେ ଅତ୍ୟନ୍ତ କ୍ଷୁଦ୍ର ହୋଇଥିଲେ ହେଁ ମଠର ନୀତି, ଉତ୍ସବ ସର୍ବୋପରି ଏହାର ପରିଚାଳନା ଇତ୍ୟାଦି କାର୍ଯ୍ୟ ଅତ୍ୟନ୍ତ ଶୃଙ୍ଖଳିତ ତଥା ଆଡ଼ମ୍ବର ପୂର୍ଣ୍ଣ ଭାବେ ପାଳନ କରାଯାଉଅଛି ।

ରାଧାଶ୍ୟାମ ମଠ ପ୍ରତିଷ୍ଠାର ଇତିହାସ ସମ୍ପର୍କରେ ଜଣାଯାଏ ଯେ, ଗୌଡ଼ୀୟ ବୈଷ୍ଣବ ପରମ୍ପରାର ଭକ୍ତି ପ୍ରବାହରେ ଉଦ୍‌ବୁଦ୍ଧ ହୋଇ ବଡ଼ମ୍ବା ନିବାସୀ ଜନୈକା ଶକୁନ୍ତଳା ପାଣିଗ୍ରାହୀ ନାମ୍ନୀ ରକ୍ଷଣଶୀଳ ବ୍ରାହ୍ମଣ ପରିବାରର ମହିଳା ଶ୍ରୀକ୍ଷେତ୍ର ଧାମରେ ବାସ କରିବା ନିମନ୍ତେ ନିଜର ସମସ୍ତ ସଂପତ୍ତି ବିକ୍ରୟ କରି ଶ୍ରୀ ରାଧାକାନ୍ତ ମଠର ପୂର୍ବତନ ମହନ୍ତ ବିଶ୍ୱମ୍ଭର ଦାସ ମହାରାଜଙ୍କଠାରୁ ଭେକ ଗ୍ରହଣ ପୂର୍ବକ ଏକ କ୍ଷୁଦ୍ର ମଠ ପ୍ରତିଷ୍ଠା କରି ପରମ ପାବନ ବୈଷ୍ଣବ ଜୀବନ ଯାପନ କଲେ । ବୈଷ୍ଣବ ଦୀକ୍ଷା ଗ୍ରହଣ କରି ସଂପୃକ୍ତ ଧର୍ମପ୍ରାଣ ମହିଳା ଶକୁନ୍ତଳା ପାଣିଗ୍ରାହୀରୁ ସୁଚିତ୍ରା ଦାସୀ ଭାବେ ପରିଚିତ ହୋଇଥିଲେ । ପୁରୀ ଟାଉନ୍‌ର ଶ୍ୟାମକୁଞ୍ଜ ଗଳିରେ ଏକ କ୍ଷୁଦ୍ର ଚାଳ ଘର ନିର୍ମାଣ କରି ସେ ନିତ୍ୟ ଭଜନ ସାଧନ କରୁଥିଲେ । ପରବର୍ତ୍ତୀ ସମୟରେ ମଠରେ ଏକ ମନ୍ଦିର ନିର୍ମାଣ କରି ତହିଁରେ ନିଜର ଇଷ୍ଟ ଠାକୁର ଶ୍ରୀ ରାଧାକୃଷ୍ଣ ବିଗ୍ରହଙ୍କୁ ସ୍ଥାପନା କରିଥିଲେ । ମଠରେ ପୂଜିତ ଅନ୍ୟାନ୍ୟ ବିଗ୍ରହଙ୍କ ମଧ୍ୟରେ ରାଧାଶ୍ୟାମ ଜୀଉ, ଗୋବିନ୍ଦ ଗୋପାଳ ଜୀଉ (ଧାତୁ ବିଗ୍ରହ), ରାଧାକାନ୍ତ ଜୀଉ, ଗୋପାଳ, ଗୌରାଙ୍ଗ ମହାପ୍ରଭୁ, ପତିତପାବନ, ୧୫ ମୂର୍ତ୍ତି ଶାଳଗ୍ରାମ (ଗିରିରାଜ ଶିଳା) ପ୍ରଭୃତି ବିରାଜିତ । ଉଲ୍ଲେଖଯୋଗ୍ୟଯେ ମଠରେ ପାଳିତ ହେଉଥିବା ଝୁଲଣ ଉତ୍ସବକୁ ରାଧାକାନ୍ତ ଜୀଉ ବିଜେ କରିଥାନ୍ତି ।

ମଠର ପ୍ରତିଷ୍ଠାତ୍ରୀ ସୁଚିତ୍ରା ଦାସୀଙ୍କର ବାର୍ଦ୍ଧକ୍ୟାବସ୍ଥା ଯୋଗୁଁ ପୁରୀ ରାଧାକାନ୍ତ ମଠ (ଗମ୍ଭୀରା)ର ତତ୍କାଳୀନ ମଠାଧୀଶ ବିଶ୍ୱମ୍ଭର ଦାସଜୀଙ୍କ ପ୍ରେରଣା ଅନୁଯାୟୀ ସେ ଶ୍ରୀ

Digitized by srujanika@gmail.com

ବୃନ୍ଦାବନ ଧାମରେ ବାସ କରୁଥିବା ପଣ୍ଡିତ ମଦନ ମୋହନ ଦାସଙ୍କୁ ଏହି ମଠ ଠାକୁରଙ୍କ ସେବା, ପୂଜା ଦାୟିତ୍ୱ ଅର୍ପଣ କରିଥିଲେ । କିଛି ବର୍ଷ ଧରି ପଣ୍ଡିତ ମଦନମୋହନ ଦାସଜୀ ମଠର ନୀତି, ମହୋତ୍ସବ, ସେବା, ପୂଜା ସୁଚାରୁରୂପେ ତୁଲାଇଥିଲେ । ତାଙ୍କର ସ୍ୱଧାମ ପ୍ରାପ୍ତି ପରେ ୧୯୮୦ ମସିହାରେ ପ୍ରଧାନ ଶିଷ୍ୟ ଶ୍ରୀ ସୁବଳ ଚରଣ ଦାସ ମଠର ସେବାପୂଜା ଦାୟିତ୍ୱ ଗ୍ରହଣ କରିଥିଲେ । ଏହା ପରେ ୧୯୮୭ ମସିହା ଅଗଷ୍ଟ ମାସ (ଭାଦ୍ରବ କୃଷ୍ଣ ଚତୁର୍ଦ୍ଦଶୀ ତିଥି)ରେ ଚର୍ତୁସମ୍ପ୍ରଦାୟର ସନ୍ଥ, ମହନ୍ତ, ଅଣୀ, ଆଖେଡ଼ା ଏବଂ ନିଶାଣମାନଙ୍କ ଉପସ୍ଥିତିରେ ଉକ୍ତ ମଠକୁ ମହନ୍ତାଇ ମଠ ରୂପେ ସ୍ୱୀକୃତି ଦିଆଯାଇ ସୁବଳ ଚରଣ ଦାସଜୀଙ୍କୁ ମହନ୍ତାଇ ଶାଢ଼ୀ ବନ୍ଧା ଯାଇ ଶାଟିକା ବନ୍ଧନ ଉତ୍ସବ ସଂପାଦନ କରାଯାଇଥିଲା । ଏଠାରେ ସୂଚନାଯୋଗ୍ୟଯେ ପୂର୍ବରୁ ଏହି ମଠରେ ମହନ୍ତାଇ ଶାଢ଼ୀ ବନ୍ଧା ପରମ୍ପରା ନଥିଲା । ବର୍ତ୍ତମାନର ମହନ୍ତଙ୍କ ସମୟରେ ଏହା ପ୍ରଥମ ଥର ପାଇଁ ଆରମ୍ଭ ହୋଇଛି । କାରଣ ଉକ୍ତ ମଠଟି ସଂପୂର୍ଣ୍ଣ ରୂପେ ଏକ ଗୃହୀ ତଥା ବ୍ୟକ୍ତିଗତ ଅନୁଷ୍ଠାନ ଥିଲା ।

ମଠ ଠାକୁରଙ୍କ ନୀତି :- ରାଧାଶ୍ୟାମ ମଠରେ ପାଳିତ ଠାକୁରମାନଙ୍କ ଦୈନନ୍ଦିନ ନୀତି ମଧ୍ୟରେ ଠିକ୍ ଭୋର ୪ଟା ୩୦ ମିନିଟ୍‌ରେ ମଠ ମନ୍ଦିରର ଦ୍ୱାର ଉତ୍‌ଥାପନ ଓ ମଙ୍ଗଳ ଆରତୀ, ଅବକାଶ, ସିଂହାର, ବାଲ୍ୟଭୋଗ, ମଧ୍ୟାହ୍ନ ଭୋଗ (ଅନ୍ନଭୋଗ), ମଧ୍ୟାହ୍ନ ଆରତୀ, ବିଶ୍ରାମ, ଅପରାହ୍ନରେ ଉତ୍‌ଥାପନ, ଉତ୍‌ଥାପନ ଭୋଗ, ସନ୍ଧ୍ୟା ଆରତୀ, ରାତ୍ର ଭୋଗ ଏବଂ ତପ୍ରରେ ବିଶ୍ରାମ (ପହୁଡ଼) ନୀତି ଅନୁଷ୍ଠିତ ହୋଇଥାଏ ।

ମଠର କାର୍ଯ୍ୟକ୍ରମ :- ଭୋର ୫ଟାରୁ ୭ଟା ପର୍ଯ୍ୟନ୍ତ ମଠର ଅନ୍ତେବାସୀମାନେ ପ୍ରାତଃ ସ୍ମରଣରେ ଗୁରୁବନ୍ଦନା, ଗୌର ବନ୍ଦନା, ଶ୍ରୀକୃଷ୍ଣ, ରାଧାରାଣୀ ବନ୍ଦନା, ଗୋପାଳ ସହସ୍ରନାମ, ହନୁମାନ ଚାଳିଶା, ଗୀତା ପାଠ କରିଥାନ୍ତି । ତପ୍ରରେ ବୈଷ୍ଣବ, ମାତା, ଶିଷ୍ୟ ପ୍ରଭୃତି ନିଜ ନିଜର ତିଳକ ଆହ୍ନିକ କରିଥାନ୍ତି । ପୂର୍ବାହ୍ନ ୮ ଘଟିକାଠାରୁ ଦିବା ୧୦ଟା ପର୍ଯ୍ୟନ୍ତ ମଠର ମନ୍ଦିର ସମୁଖରେ ସାମୟିକ ନାମ କୀର୍ତ୍ତନ, ମଠର ଅନ୍ୟାନ୍ୟ ସେବା କାର୍ଯ୍ୟ, ମଧ୍ୟାହ୍ନରେ ପ୍ରସାଦ ସେବା, ବିଶ୍ରାମ, ଅପରାହ୍ନ ୩ ଘଟିକାରୁ ୫ଟା ପର୍ଯ୍ୟନ୍ତ ଠାକୁରଙ୍କ ସମୁଖରେ ନାମ କୀର୍ତ୍ତନ, ସନ୍ଧ୍ୟା ୬ଟା ୧୫ ମିନିଟ୍‌ରେ ସନ୍ଧ୍ୟା ଆରତୀ, ସନ୍ଧ୍ୟା ୭ ଘଣ୍ଟାରୁ ୮ଟା ୩୦ ମିନିଟ ସମୟ ପର୍ଯ୍ୟନ୍ତ ସାନ୍ଧ୍ୟ ପାଠ୍ୟ, ପ୍ରବଚନ କାର୍ଯ୍ୟକ୍ରମ ହୋଇଥାଏ । ଏହାପରେ ରାତ୍ର ୯ଟାରେ ଠାକୁରଙ୍କ ରାତ୍ର ଭୋଗ ଓ ରାତ୍ର ୧୦ଟାରେ ଅନ୍ତେବାସୀ ବୈଷ୍ଣବଗଣ ପ୍ରସାଦ ସେବା କରିବା ପରେ ସମସ୍ତେ ବିଶ୍ରାମ ନେଇଥାନ୍ତି । ସଂପ୍ରତି ମଠାଧୀଶଙ୍କ ସମେତ ପୂଜାରୀ ୧ଜଣ, ଟହଲିଆ ୧ଜଣ, ବିଦ୍ୟାର୍ଥୀ ୧ଜଣ, ଚେଲା ଅନ୍ୟାନ୍ୟ ବୈଷ୍ଣବ, ମାତା ଇତ୍ୟାଦି ପ୍ରାୟ ୧୦ ଜଣ ମଠରେ ଅବସ୍ଥାନ କରୁଛନ୍ତି । ଉଲ୍ଲେଖଯୋଗ୍ୟଯେ ପ୍ରତ୍ୟହ ଠାକୁରଙ୍କ ନୀତି ଓ ମଠର

Digitized by srujanika@gmail.com

ଅନ୍ୟାନ୍ୟ ଧାର୍ମିକ କାର୍ଯ୍ୟକ୍ରମ ସମୟାନୁସାରେ ଓ ଅତ୍ୟନ୍ତ ଶୃଙ୍ଖଳାର ସହିତ ଚାଲୁଅଛି । ଶ୍ରୀକ୍ଷେତ୍ରରେ ପ୍ରତିଷ୍ଠିତ ଅନ୍ୟ କେତେକ ଶୃଙ୍ଖଳିତ ମଠାନୁଷ୍ଠାନ ମଧ୍ୟରେ ରାଧାଶ୍ୟାମ ମଠ ଅନ୍ୟତମ ।

ମଠର ଉତ୍ସବ :- ଏହି ମଠରେ ଶ୍ରୀ ମାଧ୍ୱ ଗୌରେଶ୍ୱର ବୈଷ୍ଣବ ସଂଘ, ପୁରୀଙ୍କ ଦ୍ୱାରା ପ୍ରକାଶିତ ବୈଷ୍ଣବ ବ୍ରତୋତ୍ସବ ପଞ୍ଜିକାରେ ବର୍ଣ୍ଣିତ ତିଥି ଓ ଉତ୍ସବ ଅନୁଯାୟୀ ସମସ୍ତ ପ୍ରକାରର ୨୪ ଏକାଦଶୀ ବ୍ରତ, ଷଡ଼୍ ଜୟନ୍ତୀ ମଧ୍ୟରେ ନୃସିଂହ ଚତୁର୍ଦ୍ଦଶୀ, ଜନ୍ମାଷ୍ଟମୀ, ରାଧାଷ୍ଟମୀ, ବାମନ ଦେବ ଜନ୍ମ ଉପବାସ, ଶିବରାତ୍ରି ବତ୍ର ଉପବାସ, ଶ୍ରୀରାମ ନବମୀ ବ୍ରତୋପବାସ ସମେତ ଶ୍ରୀ ଅଦ୍ୱୈତ ପ୍ରଭୁଙ୍କର ଜନ୍ମପୋବାସ, ଶ୍ରୀନିତ୍ୟାନନ୍ଦ ପ୍ରଭୁଙ୍କର ଜନ୍ମୋପାବାସ, ଦୋଳ ପୂର୍ଣ୍ଣିମା, ଶ୍ରୀ ଚୈତନ୍ୟ ମହାପ୍ରଭୁଙ୍କ ଜନ୍ମୋପାବାସ ପାଳିତ ହେଉଅଛି । ଏତଦ୍ ବ୍ୟତୀତ ଶ୍ରୀ ରାଧାଶ୍ୟାମ ମଠର ବିଶେଷ ଉତ୍ସବ କାର୍ଯ୍ୟକ୍ରମ ଅନୁଯାୟୀ ମହାବିଷ୍ଣୁବ ସଂକ୍ରାନ୍ତି, ନୂତନ ବର୍ଷର ଅଭିନନ୍ଦନ ଉତ୍ସବ, ଜ୍ୟୋଷ୍ଠ କୃଷ୍ଣ ଦ୍ୱାଦଶୀରେ ରାଧା ଦାସୀ (ଦଶପଲ୍ଲା ରାଜମାତାଙ୍କର ସ୍ମରଣ ମହୋତ୍ସବ) ଆଷାଢ଼ ପୂର୍ଣ୍ଣିମାରେ ଶ୍ରୀ ଗୁରୁ ପୂର୍ଣ୍ଣିମା, ଶ୍ରାବଣ ଏକାଦଶୀଠାରୁ ପାଞ୍ଚଦିନ ବ୍ୟାପୀ ଶ୍ରୀ ରାଧାଶ୍ୟାମ ଜୀଉଙ୍କର ଝୁଲଣ ଉତ୍ସବ, ଶ୍ରୀ ଗୋପାଳ ସମ୍ମେଳନ ଓ ନନ୍ଦ ଉତ୍ସବ, ଭାଦ୍ର କୃଷ୍ଣ ଚତୁର୍ଦ୍ଦଶୀରେ ପରମ ପୂଜ୍ୟ ଗୁରୁଦେବ ପଣ୍ଡିତ ମଦନ ମୋହନ ଦାସୀ ମହାରାଜଙ୍କର ବାର୍ଷିକ ସ୍ମରଣ ମହୋତ୍ସବ, ଏକ ମାସ ବ୍ୟାପୀ ନିୟମ ସେବା ବ୍ରତ ପାଳନ, ଶ୍ରୀ ଗୋବର୍ଦ୍ଧନ ପୂଜା (ଅନ୍ନ କୂଟ ମହୋତ୍ସବ), ଶ୍ରୀକ୍ଷେତ୍ର ପରିକ୍ରମା, ଶ୍ରୀ ଗୌର ବିହାର ଠାରେ ପରିକ୍ରମାକାରୀ ଭକ୍ତ ଓ ବୈଷ୍ଣବମାନଙ୍କ ନିମିତ୍ତ ବାଲ୍ୟ ଭୋଗ ଉତ୍ସବ, ବାମନ ଦ୍ୱାଦଶୀରେ ଶ୍ରୀ ରାଧାଶ୍ୟାମ ଜୀଉଙ୍କର ୧୦୮ ପ୍ରକାର ବ୍ୟଞ୍ଜନ ଭୋଗ ଓ ଆରତୀ, ଶ୍ରୀ ରାଧାଶ୍ୟାମ ଜୀଉଙ୍କର ହୋଲି ଉତ୍ସବ ଓ ରଙ୍ଗ ଖେଳ ଇତ୍ୟାଦି ଉତ୍ସବମାନ ଆଡ଼ମ୍ବର ପୂର୍ଣ୍ଣ ଭାବେ ପାଳନ କରାଯାଉଅଛି । ଅକ୍ଷୟ ତୃତୀୟା ଦିନ ବୈଷ୍ଣବ ସଂଘ ପକ୍ଷରୁ ଚନ୍ଦନ ଯାତ୍ରା ଶୋଭା ଯାତ୍ରାରେ ଆୟୋଜିତ ସଂକୀର୍ତ୍ତନରେ ମଠ ପକ୍ଷରୁ କାକରା ଭୋଗ କରାଯାଇ ନରେନ୍ଦ୍ର ପୁଷ୍କରିଣୀ ଠାରେ ବୈଷ୍ଣବମାନଙ୍କୁ ବିତରଣ କରାଯାଇଥାଏ । ଏହି ସଂକୀର୍ତ୍ତନ ଦୀର୍ଘ ୨୧ ଦିନ ଧରି ଅନୁଷ୍ଠିତ ହୋଇଥାଏ । ଏଥିରେ ବିଭିନ୍ନ ମଠର ମହନ୍ତ ଓ ଅନ୍ୟ ବୈଷ୍ଣବମାନେ ପ୍ରତ୍ୟହ ସଂକୀର୍ତ୍ତନରେ ଅଂଶ ଗ୍ରହଣ କରିଥାନ୍ତି । ଉଲ୍ଲେଖଯୋଗ୍ୟ ଯେ, ମାର୍ଗଶୀର ଶୁକ୍ଳ ପକ୍ଷ ଦ୍ୱାଦଶୀ ତିଥି ଦିନ ଭଗବାନ୍ ଶ୍ରୀକୃଷ୍ଣ ମାତା ଯଶୋଦାଙ୍କ ହସ୍ତରୁ ବିଭିନ୍ନ ସୁମିଷ୍ଟ ବ୍ୟଞ୍ଜନ ସେବନ କରିଥିଲେ । ଉଲ୍ଲେଖଯୋଗ୍ୟଯେ ମାର୍ଗଶୀର ଶୁକ୍ଳ ପକ୍ଷ ଦ୍ୱାଦଶୀ ତିଥି ଦିନ ଭଗବାନ ଶ୍ରୀକୃଷ୍ଣ ମାତା ଯଶୋଦାଙ୍କ ହାତରୁ ବିଭିନ୍ନ ସୁମିଷ୍ଟ ବ୍ୟଞ୍ଜନ ସେବନ କରିଥିଲେ । ସେହି ପରମ୍ପରାର ସ୍ମୃତି ସ୍ୱରୂପ ବ୍ୟଞ୍ଜନ ଦ୍ୱାଦଶୀରେ ବର୍ତ୍ତମାନର ମଠାଧୀଶ ସୁବଳ ଚରଣ ଦାସ

Digitized by srujanika@gmail.com

ମହାରାଜଙ୍କ ବ୍ୟକ୍ତିଗତ ଉଦ୍ୟମରେ ମଠରେ ସ୍ୱତନ୍ତ୍ର ଭାବେ ୧୬୦ ପ୍ରକାରର ସୁମିଷ୍ଟ ପିଷ୍ଟକ, ବ୍ୟଞ୍ଜନ ରାଧାକୃଷ୍ଣ ବିଗ୍ରହଙ୍କୁ ପୂଜା କରାଯାଇ ବୈଷ୍ଣବ ଓ ଅନ୍ୟାନ୍ୟ ଅତିଥି ଅଭ୍ୟାଗତଙ୍କୁ ପ୍ରସାଦ ସେବନରେ ଆପ୍ୟାୟିତ କରାଯାଇଥାଏ ।

ମଠ ବିଜେସ୍ଥଳୀ/ପରିଚାଳନା :- ପୁରୀ ଟାଉନର ଶ୍ୟାମ୍‌କୁଞ୍ଜ ଲେନ୍‌ରେ ଥିବା ମାତ୍ର ସାଢ଼େ ପାଞ୍ଚ ଡ଼ିସିମିଲି ଜମି ଉପରେ ରାଧାଶ୍ୟାମ ମଠଟି ଅବସ୍ଥିତ । ବିଜେସ୍ଥଳୀଟି ୨୦ ଫୁଟ୍ ଓସାରରେ ପ୍ରାୟ ୧୨୦ ଫୁଟ ଲମ୍ବ ବିଶିଷ୍ଟ ଅଟେ । ମଠର ମୁଖ୍ୟ ଦ୍ୱାର ଦକ୍ଷିଣାଭିମୁଖୀ । ମଠାଧୀଶଙ୍କ ଉଦ୍ୟମରେ ୧୯୮୦ ମସିହାରୁ ଅଦ୍ୟାବଧି ଦୀର୍ଘ ୨୩ ବର୍ଷ ମଧ୍ୟରେ ମଠର ବିଜେସ୍ଥଳୀରେ ଦ୍ୱିତାଲା କୋଠାଘର, ମନ୍ଦିରର ଜୀର୍ଣ୍ଣୋଦ୍ଧାର, ବିଦ୍ୟୁତ ଲାଇନ୍, ପାଣିକଳ, ମନ୍ଦିର ଜଗମୋହନ, ନୂତନ ଝୁଲଣ କୁଞ୍ଜ ଇତ୍ୟାଦିର ନିର୍ମାଣ କରାଯିବା ଫଳରେ ସର୍ବାଙ୍ଗୀନ ଉନ୍ନତି ହୋଇପାରିଛି । ବିଶେଷ କରି ଗତ ୩/୪ ବର୍ଷ ମଧ୍ୟରେ ମଠର ମନ୍ଦିର, ଜଗମୋହନ ଇତ୍ୟାଦିର ଜୀର୍ଣ୍ଣୋଦ୍ଧାର କରାଯାଇ ମାର୍ବଲ, ଚାଇନାଟାଇଲ ପକାଯିବା ସହିତ ୮ ବଖରା ଘର ମଧ୍ୟ ନିର୍ମାଣ କରାଯାଇଛି । ରାଧାଶ୍ୟାମ ମଠଟି ଏକ ଘରୋଇ ମଠ ରୂପେ ପ୍ରତିଷ୍ଠିତ ହୋଇଥିବାରୁ ରାଜ୍ୟ ଦେବୋତ୍ତର ବିଭାଗ ଦ୍ୱାରା ଉକ୍ତ ମଠଟି ନିୟନ୍ତ୍ରଣାଧୀନ ନୁହେଁ । ଶିଷ୍ୟମାନଙ୍କ ଦାନ ଓ ସ୍ୱଳ୍ପ ପରିମାଣର ଭୂ-ସମ୍ପତ୍ତିରୁ ଆଦାୟ ଅର୍ଥରେ ମଠର ସମସ୍ତ ଖର୍ଚ୍ଚ ନିର୍ବାହ କରାଯାଉଅଛି । ବର୍ତ୍ତମାନର ମଠାଧୀଶ ସୁବଳ ଚରଣ ଦାସ ଜଣେ ଶିକ୍ଷିତ, ନମ୍ର ତଥା ଆଧ୍ୟାତ୍ମିକବାଦୀ ବ୍ୟକ୍ତି ଅଟନ୍ତି । ସେ ଏହି ସମ୍ପ୍ରଦାୟସଂଘର ଦୀର୍ଘ ୧୮ ବର୍ଷ ପର୍ଯ୍ୟନ୍ତ ସାଧାରଣ ସଂପାଦକ ରୂପେ କାର୍ଯ୍ୟ ନିର୍ବାହ କରି ଗୌରେଶ୍ୱର ସମ୍ପ୍ରଦାୟର ବହୁ ଉନ୍ନତିକର କାର୍ଯ୍ୟ କରିଛନ୍ତି । ସେ ଏକାଧାରାରେ ବଙ୍ଗଳା, ହିନ୍ଦି, ଇଂରାଜୀ ଏବଂ ଓଡ଼ିଆ ଏହିପରି ୪ଟି ଭାଷା ଜାଣିଛନ୍ତି । ବୈଷ୍ଣବ ଦୀକ୍ଷା ନେବା ପୂର୍ବରୁ ସେ କିଛି ବର୍ଷ ଧରି ଶିକ୍ଷକତା କରୁଥିଲେ । ନିଖିଳ ଉତ୍କଳ ମଠ ମନ୍ଦିରାଧୀଶ ସେବା ସଂଘର କ୍ରମାଗତ ଭାବେ ୩ ବର୍ଷ ଧରି ସାଧାରଣ ସଂପାଦକ ରୂପେ କାର୍ଯ୍ୟ କରିବାପରେ ବର୍ତ୍ତମାନ ଏହାର ମୁଖ୍ୟ ସଚେତକ ରହିଛନ୍ତି । ସଂପ୍ରତି ମାଧ୍ୱ ଗୌରେଶ୍ୱର ବୈଷ୍ଣବ ସଂଘର ସଭାପତି ରୂପେ ମହନ୍ତ ସୁବଳ ଚରଣ ଦାସ ମନୋନୀତ ହୋଇଛନ୍ତି । ୨୦୦୧ ମସିହାରେ ତିର୍ତୋଲର ଶିଶୁ ଅନନ୍ତ ଆଶ୍ରମ ଠାରେ ବାବା ବଳିଆ ତାଙ୍କୁ ରୌପ୍ୟ ମୁକୁଟରେ ସ୍ୱର୍ଣ୍ଣ ଟିକା ଥାଇ ଗୋଟିଏ 'ମହାରାଜ ପଗଡ଼ି' ଉପାଧିରେ ଭୂଷିତ କରିଥିଲେ । ଚଳିତ ବର୍ଷ କୁମ୍ଭ ମେଳାର ସ୍ରାହି ସ୍ନାନରେ ବୈଷ୍ଣବମାନେ ତାଙ୍କୁ ''ଶ୍ରୀ ମହନ୍ତ'' ଉପାଧିରେ ସମ୍ମାନିତ କରିଛନ୍ତି । ମହନ୍ତ ସୁବଳ ଚରଣ ଦାସଙ୍କ ଆଗ୍ରହ ତଥା ବ୍ୟକ୍ତିଗତ ଉଦ୍ୟମରେ ବିଭିନ୍ନ ଧର୍ମଗ୍ରନ୍ଥ ସଂଗ୍ରହ କରାଯାଇ ଏକ କ୍ଷୁଦ୍ର ବୈଷ୍ଣବ ପାଠାଗାର ମଠ ଠାରେ ପ୍ରତିଷ୍ଠା କରିଛନ୍ତି ।

Digitized by srujanika@gmail.com

ମହନ୍ତ ଶ୍ରୀ ଦାସଙ୍କ ସେବା ନିଷ୍ଠା, ଭକ୍ତିଭାବ ତଥା ମଠ ପରିଚାଳନାରେ ମୁଗ୍ଧ ହୋଇ ଦଶପଲ୍ଲା ରାଜମାତା ପୁରୀକୁ ଆସିଲେ ଏହି ମଠରେ ଆଶ୍ରୟ ନେଇଥାନ୍ତି । ଏପରିକି ବର୍ତ୍ତମାନର ମଠାଧୀଶଙ୍କର ସେ ଗୁରୁ ଭଗ୍ନୀ ଅଟନ୍ତି ।

ଅତି ଅଳ୍ପ ଦିନ ମଧ୍ୟରେ ରାଧାଶ୍ୟାମ ମଠ ମହନ୍ତଙ୍କ ବ୍ୟକ୍ତିଗତ ଉଦ୍ୟମରେ ଓଡ଼ିଶାର ପ୍ରାୟ ସମସ୍ତ ଜିଲ୍ଲା ଓ ପଶ୍ଚିମବଙ୍ଗର କଲିକତା ଇତ୍ୟାଦିକୁ ମିଶାଇ ମୋଟ୍ ଏକ ହଜାର ଶିଷ୍ୟ ଏହି ମଠର ଅନୁଗାମୀ ଅଟନ୍ତି ।

ବିଗତ ୨୦ ବର୍ଷ ମଧ୍ୟରେ ପୁରୀସ୍ଥିତ ଏହି ମଠର ଉତ୍ସବ, ବିଭିନ୍ନ ବୈଷ୍ଣବୀୟ କାର୍ଯ୍ୟକ୍ରମ ତଥା ପରିଚାଳନାରେ ବିଶେଷ ଉନ୍ନତି ପରିଲକ୍ଷିତ ହେବାର ମୁଖ୍ୟ କାରଣ ହେଉଛି ବର୍ତ୍ତମାନର ମଠାଧୀଶଙ୍କ ବ୍ୟକ୍ତିଗତ ନିଷ୍ଠା, ନିଃସ୍ୱାର୍ଥପରତା, ଭକ୍ତିଭାବ ସର୍ବୋପରି ସଂପୂର୍ଣ୍ଣ ରୂପେ ଈଶ୍ୱରଙ୍କ ନିକଟରେ ନିଜକୁ ସମର୍ପଣ କରି କାର୍ଯ୍ୟରେ ଅଗ୍ରସର ହୋଇଥିବା ଯୋଗୁଁ ସମ୍ଭବ ହୋଇପାରିଛି । ଅନ୍ୟାନ୍ୟ ମଠ ଗୁଡ଼ିକ ଏହି ଆଦର୍ଶରେ ଅନୁପ୍ରାଣିତ ହୋଇ ପାରିଲେ ମଠ ସଂସ୍କୃତିର ପୁନରୁଦ୍ଧାର ହୋଇପାରିବ ଏଥିରେ ସନ୍ଦେହ ନାହିଁ ।

✤ ✤ ✤

Digitized by srujanika@gmail.com

ବାୟାବାବା ମଠ

ପୁରୀ ନରେନ୍ଦ୍ରକୋଣଠାରେ ୧୯୬୮ ମସିହାରେ ନାମଯଜ୍ଞର ପ୍ରତିଷ୍ଠା ହୋଇ 'ବାୟାବାବା ମଠ'ଟି ପ୍ରତିଷ୍ଠିତ ହୋଇଥିଲା । ଉକ୍ତ ମଠର ନାମ 'ଶ୍ରୀ କଳ୍ପତରୁ ଅଖଣ୍ଡ ନାମ ଭବନ' ନାମରେ ମଧ୍ୟ ପରିଚିତ । ମଠର ପ୍ରତିଷ୍ଠାତା ଶ୍ରୀମଦ୍ ବାୟାବାବା (ଯେକି ତାଙ୍କ ଗୁରୁଙ୍କ ଦ୍ୱାରା ଶଚିନନ୍ଦନ ଦାସ ବାବାଜୀ ରୂପେ ପରିଚିତ ଥିଲେ) ୧୮୯୯ ମସିହା ପୌଷ କୃଷ୍ଣ ଷଷ୍ଠି ୧୧/୫ ପୂର୍ବା ଫାଲଗୁନି ସିଂହ ନକ୍ଷତ୍ରରେ କେନ୍ଦ୍ରାପଡ଼ା ଜିଲ୍ଲାର କନିକା ନିକଟସ୍ଥ କୋରଡ଼ାଗଡ଼ ଗ୍ରାମରେ ଜନ୍ମ ଗ୍ରହଣ କରିଥିଲେ । ତାଙ୍କ ପିତାଙ୍କ ନାମ ଥିଲା ଲାଲୁ ମଙ୍ଗରାଜ । ୧୯୦୫ ମସିହାରେ ସେ ପ୍ରାଥମିକ ସ୍କୁଲରେ ବିଦ୍ୟାରମ୍ଭ ଶେଷ କରି ୧୯୧୮ ମସିହାରେ ରେଭନ୍‌ସା ମହାବିଦ୍ୟାଳୟରେ ନାମ ଲେଖାଇଥିଲେ । ସେହି ସମୟରେ ବାୟାବାବା ସ୍ୱାଧୀନତା ଆନ୍ଦୋଳନରେ ଯୋଗ ଦେଇଥିଲେ । ଜନ୍ମରୁ ତାଙ୍କର ସଂସାର ପ୍ରତି ବୈରାଗ୍ୟ ମନୋଭାବ ତଥା ସାଧୁ ଲକ୍ଷଣମାନ ପରିସ୍ଫୁଟ ହୋଇଥିଲା । ଆଶ୍ଚର୍ଯ୍ୟଜନକ ଭାବେ ତାଙ୍କୁ ଯେତେବେଳେ ମାତ୍ର ୨୧ ଦିନ ହୋଇଥିଲା, ଗୋଟିଏ ମର୍କଟ ଉଠାଇନେଇ ଏକ ବୃକ୍ଷ ଉପରେ କିଛି ସମୟ ତାଙ୍କ ସହିତ ଖେଳିବା ପରେ ପୁନଶ୍ଚ ଛାଡ଼ି ଦେଇ ଚାଲିଯାଇଥିଲା । ୧୯୧୭ ମସିହାରେ ସେ ପୁରୀ ଝାଞ୍ଜପିଟା ମଠର ତତ୍‌କାଳୀନ ମହନ୍ତ ଶ୍ରୀ ରାମ ଦାସ ବାବାଜୀଙ୍କ ଠାରୁ ଦୀକ୍ଷା ଗ୍ରହଣ କରିଥିଲେ । ଏହାପରେ ୧୯୩୭ ମସିହାରେ ବୈଷ୍ଣବ ବେଶ ଧରି ଶ୍ରୀମଦ୍ ବାୟାବାବା ତୋଣ୍ଡାକୁଡ଼ା (ପାଟକୁରା ନିର୍ବାଚନ ମଣ୍ଡଳୀ) ଠାରେ 'ଗୋବିନ୍ଦ ଧାମ' ନାମରେ ଏକ ଆଶ୍ରମ ପ୍ରତିଷ୍ଠା କରି ସେଠାରେ ଏକ ଗୁମ୍ଫାରେ ଆଶ୍ରୟ ନେଇଥିଲେ । ସେହି ସମୟରେ ସେ ଦୀର୍ଘ ବର୍ଷ ଧରି ଅଖା ବସ୍ତ୍ର ପରିଧାନ କରି ମୌନବ୍ରତ ପାଳନ କରିଥିଲେ । ତପ୍ରେ ଆସାମ, ପଶ୍ଚିମବଙ୍ଗ, ହିମାଳୟର ପାଦଦେଶରେ ସାଧୁମାନଙ୍କ ସଂସ୍ପର୍ଶରେ ଆସିଥିଲେ । ୧୯୪୮ ମସିହାରେ ପାଟକୁରାଠାରେ ଲକ୍ଷ୍ମୀ ନାରାୟଣ ବିଦ୍ୟାପୀଠ ସ୍ଥାପନ କରି ପିଲାମାନଙ୍କୁ ପାଠ ପଢ଼ାଉଥିଲେ । ପରେ ପରେ ବାଲିକୁଦା ଆଶ୍ରମ ଓ ସ୍କୁଲ ପ୍ରତିଷ୍ଠା ପରେ ସେ ବୃନ୍ଦାବନରେ ୧୯୫୦ ମସିହାରେ ପ୍ରଥମ ଓଡ଼ିଆ ମଠ ସ୍ଥାପନ କରିଥିଲେ, ଯାହାକି କଳ୍ପତରୁ ଆଶ୍ରମ ଭାବେ ସୁପରିଚିତ । ଏହି ସମୟ ମଧ୍ୟରେ ତାଙ୍କରି ବ୍ୟକ୍ତିଗତ ଉଦ୍ୟମରେ ଓଡ଼ିଶାର ବହୁ ସ୍ଥାନରେ ଆଶ୍ରମମାନ ପ୍ରତିଷ୍ଠା ହୋଇଥିଲା । ୧୯୬୮ ମସିହାଠାରୁ

Digitized by srujanika@gmail.com

ପୁରୀରେ ପ୍ରତିଷ୍ଠିତ ଆଶ୍ରମରେ ଅଖଣ୍ଡ ନାମ ଯଜ୍ଞ ଆରମ୍ଭ ହେଲା । ନାମ ବିନା ସେ ରହି ପାରନ୍ତି ନାହିଁ । ଏପରିକି ଗାଡ଼ିରେ ଯିବା ସମୟରେ ମଧ୍ୟ ନାମ ସଂକୀର୍ତ୍ତନ କରିଥାନ୍ତି । ପୁରୀର ଏହି ଅନୁଷ୍ଠାନଟି ପରବର୍ତ୍ତୀ ସମୟରେ 'ବାୟାବାବା ମଠ' ଭାବେ ସର୍ବତ୍ର ପରିଚିତ ହୋଇଥିଲା । ଶ୍ରୀମଦ୍ ବାୟାବାବାଙ୍କ ଦ୍ୱାରା ପ୍ରତିଷ୍ଠିତ ମଠ ବା ଆଶ୍ରମ ମାନଙ୍କ ମଧ୍ୟରେ ସର୍ବ ବୃହତ ମଠ ଥିଲା କେନ୍ଦ୍ରାପଡ଼ା ନୃସିଂହ ଟିକିରି ମଠ । ତାଙ୍କର ପ୍ରଗାଢ଼ ଉଦ୍ୟମରେ 'ନୀଳାଚଳ ମାଧୁରୀ' ନାମରେ ଏକ ଆଧାତ୍ମିକ ପତ୍ରିକା ପ୍ରକାଶ ପାଇଥିଲା । ବାର୍ଦ୍ଧକ୍ୟ ସମୟରେ ପରଲୋକ ଗମନର କିଛି ବର୍ଷ ପୂର୍ବରୁ ବାୟାବାବା ଶ୍ରୀ ଶଚିନନ୍ଦନ ଟ୍ରଷ୍ଟ ଗଠନ କରି ସମସ୍ତ ପରିଚାଳନା ଦାୟିତ୍ୱ ଶ୍ରୀ ମୁରଲି ଧର ପାତ୍ର ଓ ଶ୍ରୀ ରାଧିକା ଜୀବନ ଦାସଙ୍କୁ ଅର୍ପଣ କରିଥିଲେ । ପରବର୍ତ୍ତୀ ସମୟରେ ଟ୍ରଷ୍ଟର ସଭାପତି ଶ୍ରୀ ପଦ୍ମନାଭ ସାମଲ ଏବଂ ସଂପାଦକ ରୂପେ ଶ୍ରୀ ଅଦ୍ୱୈତ ଚରଣ ଦାସ ମନୋନୀତ ହୋଇ କାର୍ଯ୍ୟ ନିର୍ବାହ କରୁଛନ୍ତି । ଟ୍ରଷ୍ଟ ଉଇଲରେ ଥିବା ସର୍ତ୍ତ ଅନୁଯାୟୀ ପ୍ରତ୍ୟେକ ଆଶ୍ରମ ବା ମଠରେ ଜଣେ ଲେଖାଏଁ ପରିଚାଳକ (ତତ୍ତ୍ୱାବଧାରକ) ନିଯୁକ୍ତ ହୋଇଛନ୍ତି ।

ଶ୍ରୀମଦ୍ ବାୟାବାବାଙ୍କ ଅଲୌକିକ ଶକ୍ତି ଓ ପ୍ରଭାବରେ ସମଗ୍ର ଓଡ଼ିଶାରେ ନାମ, ଭାଗବତ, ଗୀତା, ରାମଚରିତ, ଯଜ୍ଞ ଇତ୍ୟାଦି ଅନୁଷ୍ଠିତ ହେଉଥିଲା । ପ୍ରତ୍ୟହ ହଜାର ହଜାର ଲୋକଙ୍କୁ ପ୍ରସାଦ ବିତରଣ କରିବାରେ ତାଙ୍କୁ ଅପାର ଆନନ୍ଦ ମିଳୁଥିଲା । ସେ ଅଷ୍ଟାଦଶ ସିଦ୍ଧିର ଅଧିକାରୀ ଥିଲେ । ଅନେକ ସମୟରେ ଶ୍ରୀମଦ୍ ବାୟା ବହୁ ଦୂରରେ ରହି ଶ୍ରୀ ମହାନନ୍ଦ ଦାସ, ଶ୍ରୀ ଶ୍ରୀ ଅଭିରାମ ପରମହଂସ ଓ ବ୍ରଦୀ ନାରାୟଣର ଅନ୍ୟାନ୍ୟ ସାଧୁ ସନ୍ଥ ମାନଙ୍କ ସହ ସଂପର୍କ ରଖୁଥିଲେ । ପ୍ରାଚୀ କ୍ଷେତ୍ରର ମଧୁ ବାବା, ଜଳୌକାର ଶ୍ରୀ ବୈକୁଣ୍ଠ ବ୍ରହ୍ମଚାରୀ, ପଣ୍ଡିତ ବୈଷ୍ଣବ ଚରଣ ଦାସ, ଶ୍ରୀ ଚକ୍ରଧର ଦାସ ପ୍ରମୁଖ ବିଶିଷ୍ଟ ସନ୍ଥ, ପଣ୍ଡିତମାନେ ତାଙ୍କର କାର୍ଯ୍ୟକ୍ରମରେ ଯୋଗ ଦେଉଥିଲେ । ଏପରିକି ଶ୍ରୀ ଚିଦାନନ୍ଦ ସରସ୍ୱତୀ ଓ ଶ୍ରୀ ହରିହରାନନ୍ଦ ଗିରିଙ୍କ ସହିତ ତାଙ୍କର ଘନିଷ୍ଠତା ରହିଥିଲା । ବାୟାବାବା ତାଙ୍କର ସିଦ୍ଧି ଓ ଯୋଗଶକ୍ତି ବଳରେ ଠାକୁର ଅଭିରାମ ପରମହଂସଙ୍କ ସହ ଅଧିକାଂଶ ସମୟରେ କଥାବାର୍ତ୍ତା ହୋଇପାରୁଥିଲେ । ଆଶ୍ଚର୍ଯ୍ୟର ବିଷୟ ସେତେବେଳେ ଉଭୟଙ୍କ ମଧ୍ୟରେ ଯୋଗସୂତ୍ର ପାଇଁ ଫୋନ୍ ବ୍ୟବସ୍ଥା ନଥିଲା । ଏପରିକି କେନ୍ଦ୍ରାପଡ଼ାରୁ ଡ଼ାକ ମାଧମରେ ଚିଠିଟିଏ କରମଳାରେ ପହଞ୍ଚିବାକୁ ୬/୭ ଦିନ ସମୟ ଲାଗି ଯାଉଥିଲା । କିନ୍ତୁ ଠାକୁର ଅଭିରାମ ପରମହଂସ ବାୟାବାବାଙ୍କ ସହିତ କ'ଣ କଥାବାର୍ତ୍ତା ହେଉଥିଲେ, ତାହା ସେଠାରେ ଉପସ୍ଥିତ ଥିବା ଭକ୍ତମାନଙ୍କ ସମୁଖରେ ପ୍ରକାଶ କରୁଥିଲେ । ଏହି ବିଷୟରେ କେତେକ ଭକ୍ତ ବାୟାବାବାଙ୍କ ଠାରେ ରହି ମଧ ଠାକୁରଙ୍କ ବାର୍ତ୍ତା ବାୟାବାବାଙ୍କ ମାଧମରେ ଜାଣି ପାରୁଥିଲେ । ମଠ ସୂତ୍ରରୁ ସଂଗୃହୀତ

Digitized by srujanika@gmail.com

ହୋଇଥିବା ତଥ୍ୟ ଅନୁଯାୟୀ ଏକଦା କେନ୍ଦ୍ରାପଡ଼ା ଅଞ୍ଚଳରେ ବାବା ଥାନ୍ତି । ଠିକ୍ ରାତ୍ର ୧୨ଟା ସମୟରେ ହିମାଳୟର ଜଣେ ସାଧୁ ପହଞ୍ଚିଥିଲେ । ଶ୍ରୀମଦ୍ ବାବା ଆଗରୁ ତାହା ଜାଣି ପାରିଥିଲେ । ତେଣୁ ସେଦିନ ରାତ୍ରରେ ବିଶ୍ରାମ କରିନଥାନ୍ତି । ସେହି ସାଧୁ ଜଣକ ବନ୍ୟାଥିବା ନଦୀ ଉପରେ ଚାଲି କରି ଯିବା ଉପସ୍ଥିତ ଥିବା ଲୋକ ଦେଖିଲେ ଏବଂ ବାବାଙ୍କୁ ଏହି ଆଶ୍ଚର୍ଯ୍ୟକର ଘଟଣା ସମ୍ପର୍କରେ ପଚାରିଥିଲେ । ବାବା ସ୍ମିତ ହାସ୍ୟ ବଦନରେ କହିଥିଲେ ଯେ ସାଧୁ ଏପରି ଏକ ଶରୀର ଦେଖାଇଥିଲେ, ପ୍ରକୃତ ଶରୀର ତାହା ନୁହେଁ । ଶ୍ରୀମଦ୍ ବାୟା ତାଙ୍କର ଅଲୌକିକ ଶକ୍ତି ଓ ଘଟଣା ଗୁଡ଼ିକ ପ୍ରଚାର କରିବାକୁ ନିଷିଦ୍ଧ କରିଥିବାରୁ ତାଙ୍କ ଜୀବଦ୍ଦଶା ମଧ୍ୟରେ ଏହା ଆଦୌ ପ୍ରଚାରିତ ହୋଇପାରି ନଥିଲା ।

ଶ୍ରୀମଦ୍ ବାବାଙ୍କର ଶେଷ ଉପଦେଶ ଥିଲା ଯେ, ଭଗବାନ ଯଦି ଏ ଯୁଗରେ ଅବତାର ହୋଇଆସନ୍ତି, ଆଜିର ମନୁଷ୍ୟ ନିଜ ସ୍ୱାର୍ଥ ପାଇଁ ତାଙ୍କ ଦେହରୁ ସମସ୍ତ କେଶ ଲୋମ ଉପାଡ଼ି ନେଇଯିବ । ତେଣୁ ଘୋର କଳିରେ ସାଧୁ ସନ୍ୟାସୀ ଆଉ ତିଷ୍ଟି ପାରିବେ ନାହିଁ । ଭଗବାନ ରାମ କୃଷ୍ଣ ଏ ଧରାକୁ ଆସିଲେ ଓ ଲୀଳା ଶେଷ କରି ପ୍ରତ୍ୟାବର୍ତ୍ତନ କରିଥିଲେ । ସମୟ ହୋଇଗଲାଣି ବାୟା ମଧ ଚାଲିଯିବ ।

୧୯୮୧ ମସିହାରେ ଶ୍ରୀମଦ୍ ବାୟା ପୁରୀ ଛାଡ଼ିବା ପୂର୍ବରୁ ବର୍ତ୍ତମାନର ମଠ ପରିଚାଳକ ଶ୍ରୀ ବଳଭଦ୍ର ଦାସଙ୍କୁ ଡ଼ାକି କହିଥିଲେ ଯେ, ମହାପ୍ରଭୁ ଶ୍ରୀ ଶ୍ରୀ ଜଗନ୍ନାଥଙ୍କ ଶେଷ ଦର୍ଶନ ହେଲା, ବାୟା ଆଉ ଫେରିବନି । ଏଥି ସହିତ ୧୯୯୨/୯୩ ମସିହାରେ କ'ଣ ଘଟିବ, ସେକଥା ମଧ କହି ଦେଇଥିଲେ । ତଦନୁଯାୟୀ ବାବାଙ୍କ ପରାମର୍ଶ କ୍ରମେ ୧୯୯୨ ମସିହାରୁ ବାବାଜୀ ଶ୍ରୀ ବଳଭଦ୍ର ଦାସ ପୁରୀ ବାୟାବାବା ମଠ ଦାୟିତ୍ୱରେ ରହିଅଛନ୍ତି । ୧୯୮୧ ମସିହା ଅନନ୍ତ ଚତୁର୍ଦ୍ଦଶୀରେ ଶ୍ରୀମଦ୍ ବାୟାବାବା ମହା ସମାଧିସ୍ଥ ହୋଇଥିଲେ । ସେହି ସମୟରେ ସେ କଟକରେ ଅବସ୍ଥାନ କରୁଥିଲେ । ଟ୍ରଷ୍ଟର ସେକ୍ରେଟାରୀ ଶ୍ରୀ ରାଧିକା ଜୀବନ ଦାସଙ୍କୁ ଡ଼ାକି ବାବା କହିଥିଲେ, 'ତୁମ୍ଭଙ୍କୁ ଏ ରଘୁ କୁଳ ଲାଗିଲା ହରି ବୋଲ କର' କହି ନିତ୍ୟ ଲୀଳାରେ (ସୂକ୍ଷ୍ମ ଶରୀରରେ) ପ୍ରବେଶ କରିଥିଲେ ।

ପୁରୀ ବାୟାବାବା ମଠର ପରିଚାଳକ ଶ୍ରୀ ବଳଭଦ୍ର ଦାସ ବାବାଜୀଙ୍କ ଆଗ୍ରହ ଓ ନିଷ୍ପାପର ଉଦ୍ୟମରେ ମଠର ସମସ୍ତ କାର୍ଯ୍ୟକ୍ରମ ସୁଚାରୁ ରୂପେ ଚାଲୁଅଛି । ବାବାଙ୍କର ପ୍ରିୟ ଅଖଣ୍ଡ ନାମ ଯଜ୍ଞକୁ ଅକ୍ଷୁର୍ଣ୍ଣ ରଖିବା ପାଇଁ ଶ୍ରୀ ଦାସ ଆଉ ପାଦେ ଆଗେଇ ଯାଇ କାର୍ତ୍ତିକ ମାସରେ ଶ୍ରୀମନ୍ଦିରରେ ନାମ ସଂକୀର୍ତ୍ତନ କାର୍ଯ୍ୟକ୍ରମ ସହିତ ଚନ୍ଦନ ଯାତ୍ରା ୨୧ ଦିନ ଯାକ ମଦନମୋହନ ଓ ରାମକୃଷ୍ଣଙ୍କ ବିମାନ ସମ୍ମୁଖରେ ସିଂହଦ୍ୱାରଠାରୁ ନରେନ୍ଦ୍ର ପୁଷ୍କରିଣୀ ପର୍ଯ୍ୟନ୍ତ

Digitized by srujanika@gmail.com

ଶୋଭାଯାତ୍ରାରେ ମଠ ପକ୍ଷରୁ ନାମ ସଂକୀର୍ତ୍ତନ କରାଯାଉଅଛି । ଏଥିପାଇଁ ମନ୍ଦିର ପ୍ରଶାସନ ପକ୍ଷରୁ ଉକ୍ତ ମଠକୁ ଅନୁମତି ମିଳୁଅଛି । ପ୍ରତ୍ୟହ ମଠରେ ନାମ ସଂକୀର୍ତ୍ତନ ସହିତ ୩ ରୁ ୫ ଜଣଙ୍କୁ ପ୍ରସାଦରେ ଆପ୍ୟାୟିତ କରାଯାଉଅଛି । ଏତଦ୍‌ବ୍ୟତୀତ ମଠ ତାର ବିଭିନ୍ନ ମହୋତ୍ସବରେ ତୀର୍ଥ ଯାତ୍ରୀ ଓ ସାଧୁସନ୍ଥ ବୈଷ୍ଣବମାନଙ୍କ ସେବାରେ ନିୟୋଜିତ ହୋଇଆସୁଅଛି । ସଂପ୍ରତି ପରିଚାଳକ ଶ୍ରୀ ବଳଭଦ୍ର ଦାସଙ୍କ ବକ୍ତବ୍ୟ ଅନୁଯାୟୀ ମଠରେ ୧୦ଜଣ ସଂସ୍କୃତ ବିଦ୍ୟାର୍ଥୀଙ୍କୁ ବିନା ଶୁଳକ୍‌ରେ ଆଶ୍ରୟ ପ୍ରଦାନ ସହିତ ପ୍ରସାଦ ସେବନର ସୁବନ୍ଦୋବସ୍ତ କରାଯାଉଅଛି । ମଠର ବିଚ୍ଛେସ୍ଥଳୀ ପରିସରରେ ଚାଲୁଥିବା ନାମ ସଂକୀର୍ତ୍ତନ ସହିତ ଇଷ୍ଟ ବିଗ୍ରହ ରାଧାକୃଷ୍ଣ, ଗୋପାଳ, ଶାଳଗ୍ରାମ ୧୨ ମୂର୍ତ୍ତି ପୂଜିତ ହେଉଛନ୍ତି । ଉକ୍ତ ମଠଟି ବ୍ରହ୍ମମାଧ୍ୱ ଗୌରେଶ୍ୱର ସଂପ୍ରଦାୟ ମଧ୍ୟରେ ଅନ୍ତର୍ଭୁକ୍ତ ହୋଇଥିବା ଜଣାଯାଏ । ବର୍ତ୍ତମାନର ପରିଚାଳକ ଶ୍ରୀ ଦାସ ୧୯୭୦ ମସିହାରେ ଶ୍ରୀମଦ୍ ବାବାଙ୍କ ଠାରୁ ଦୀକ୍ଷା ନେଇଥିଲେ । ୧୯୯୨ ମସିହା ଠାରୁ ମଠର ପରିଚାଳକ ରୂପେ ସେ ଦାୟିତ୍ୱରେ ରହିଥିଲେ ହେଁ ଗତ ୭.୩.୨୦୦୨ ତାରିଖ ଦିନ ପୁରୀର ସମସ୍ତ ଗୌଡ଼ୀୟ ବୈଷ୍ଣବ ଅଧିକାରୀଙ୍କ ଉପସ୍ଥିତିରେ ସଂପୂର୍ଣ୍ଣ ଭାବେ ପାରମ୍ପରିକ ଦୀକ୍ଷା ତଥା ଭେଖ ଗ୍ରହଣ କରିଥିଲେ ।

ପୁରୀ ସହରରେ ପ୍ରତିଷ୍ଠିତ ବାୟାବାବା ମଠଟି ପ୍ରାଚୀନ ନହେଲେ ମଧ୍ୟ ଉକ୍ତ ଅନୁଷ୍ଠାନର ସୁପରିଚାଳନା, ନାମ ସଂକୀର୍ତ୍ତନ, ଅତିଥି ଅଭ୍ୟାଗତ ସେବା ଓ ଅନ୍ୟାନ୍ୟ ଆଧ୍ୟାତ୍ମିକ କାର୍ଯ୍ୟକ୍ରମ ଅନ୍ୟାନ୍ୟ ମଠ ମାନଙ୍କ ପାଇଁ ଆଦର୍ଶର ଏକ କେନ୍ଦ୍ର ରୂପେ ପରିଗଣିତ ହୋଇଛି ।

Digitized by srujanika@gmail.com

ରାଧା କିଶୋର ଜୀଉ ମଠ

ପୁରୀ ଟାଉନ୍‌ର ଝାଡ଼େଶ୍ୱରୀ ସାହି ସାମିଲ ତଳମାଳି ସାହିରେ ଶ୍ରୀ ବ୍ରହ୍ମ ମାଧ୍ୱ ଗୌରେଶ୍ୱର ସମ୍ପ୍ରଦାୟର ଶ୍ରୀ ରାଧା କିଶୋର ଜୀଉ ମଠଟି ଅବସ୍ଥିତ । ବକ୍ରେଶ୍ୱର ପରିବାର ଅନ୍ତର୍ଭୁକ୍ତ ଉକ୍ତ ମଠର ଅନ୍ୟ ନାମ ଗିରିଧାରୀ କିଶୋର ଜୀଉ ମଠ ଅଟେ । ମଠଟି ପ୍ରାୟ ୨୦୦ ବର୍ଷର ପୁରାତନ ଅଟେ । ମଠ ପ୍ରତିଷ୍ଠା ସମ୍ପର୍କରେ ଜଣାଯାଏ ଯେ, ଜନୈକ ରାଧା କିଶୋର ଧଳ ଯେ କି ଆନନ୍ଦପୁର ରାଜାଙ୍କର ଜଣେ କର୍ମଚାରୀ ଥିଲେ । ସେ ନିଃସନ୍ତାନ ଥିବାରୁ ଶ୍ରୀକ୍ଷେତ୍ର ଅଭିମୁଖେ ଆଗମନ କରି ଶ୍ରୀମନ୍ଦିରର କୀର୍ତ୍ତନ ଚକଡ଼ାରେ ଭଜନ, ଜଣାଣ ପରିବେଷଣ କରୁଥିଲେ । କିଛି ଦିନ ଅନ୍ତେ ସେ ବଡ଼ଦାଣ୍ଡସ୍ଥ ବଡ଼ଶଙ୍ଖଠାରେ ଏକ କୁଡ଼ିଆ ଚାଳ ଘର ନିର୍ମାଣ କରି ରାଧା କିଶୋର ଜୀଉ ବିଗ୍ରହ ପ୍ରତିଷ୍ଠା କରି ଠାକୁରଙ୍କ ସେବା ପୂଜା ପାଇଁ ମାତା ଓ ବାବାଜୀଙ୍କୁ ମଧ୍ୟ ନିୟୋଜିତ କରିଥିଲେ । ଏହିପରି କିଛି ବର୍ଷ ଚାଲିଲା ପରେ ରାଧା କିଶୋର ଜୀଉ ବିଗ୍ରହ ମାନଙ୍କର ସେବା ପୂଜା ଦାୟିତ୍ୱ ମଠରେ ରହୁଥିବା ବୃଦ୍ଧା ମାତା ତୁଲାଇବା ପାଇଁ ଅକ୍ଷମ ହୋଇ ପଡ଼ିଥିଲେ । ଏକଦା ଉକ୍ତ ବୃଦ୍ଧା ମାତା ପ୍ରଭୁଙ୍କୁ ସ୍ମରଣ କରି ମନଦୁଃଖରେ ଶ୍ରୀମନ୍ଦିରରେ ଉପସ୍ଥିତ ଥିବା ସମୟରେ ବୃନ୍ଦାବନରୁ ଆସିଥିବା ସୁବଳ ଦାସ ମହାରାଜଙ୍କ ସହ ତାଙ୍କର ଦୈବାତ୍ ସାକ୍ଷାତ୍ ହୋଇ ପରସ୍ପର ଆଳାପ ଆଲୋଚନା କ୍ରମେ ମଠ ଠାକୁରମାନଙ୍କ ସେବା ପୂଜା ଦାୟିତ୍ୱ ନେବା ପାଇଁ ଅନୁରୋଧ କରିଥିଲେ । ବୃଦ୍ଧା ମାତା ମା'ଙ୍କ କଥାରେ ସୁବଳ ମହାରାଜ ଠାକୁରଙ୍କ ସେବା ପୂଜା ଦାୟିତ୍ୱ ନେବା ପାଇଁ ରାଜି ହୋଇ ମାତା ମା'ଙ୍କ ସହ ମଠର ପୂର୍ବତନ ବିଜେସ୍ଥଳୀକୁ ଆସିଥିଲେ । କିଛି ଦିନ ଅନ୍ତେ ସଂପୃକ୍ତ ଯାଗାର ମାଲିକ ବିଗ୍ରହଙ୍କ ସମେତ ବୃଦ୍ଧାମାତା ଓ ସୁବଳ ଦାସଙ୍କୁ ସେଠାରୁ ଉଠାଇ ଦେବାରୁ ଠାକୁରଙ୍କୁ ଧରି ସଂପୃକ୍ତ ବାବାଜୀ ସୁବଳ ଦାସ ପୁରୀର ହଳଦିଆ ମଠରେ ଭଡ଼ା ସୂତ୍ରରେ ରହିବା ଅବସରରେ ଜନୈକ ମାତା ପ୍ରେମ ଦାସୀଙ୍କୁ ଠାକୁରଙ୍କ ସେବା ପୂଜା ଦାୟିତ୍ୱ ଦେଇ ସୁବଳ ମହାରାଜ ବୃନ୍ଦାବନକୁ ଯାଇଥିଲେ । ସୁବଳ ଦାସଙ୍କ ବୃନ୍ଦାବନ ଅବସ୍ଥାନ ସମୟରେ ସଂପୃକ୍ତ ମାତା ପ୍ରେମ ଦାସୀ ପୁରୀ ଟାଉନର ତଳ ମାଳି ସାହିସ୍ଥ ଜଗନ୍ନାଥ ବଲ୍ଲଭ ମଠ ବଗିଚାର କିଛି ଅଂଶ ଦଖଲ କରି ରହିଥିବା ଶ୍ୟାମ ଭୋଇଙ୍କ ଠାରୁ ନିଜର ସମସ୍ତ ଗହଣା, ଅଳଙ୍କାର ଇତ୍ୟାଦି ବିକ୍ରୟ କରି ଯାଗାଟିକୁ କିଣି ଥିଲେ । ସଂପୃକ୍ତ ମାତା ମା' ଭିକ୍ଷା କରି ସେଠାରେ ଏକ କୁଡ଼ିଆ ଘର ନିର୍ମାଣ ପୂର୍ବକ ରାଧା କିଶୋର ଜୀଉ ସେବା, ପୂଜାର୍ଚ୍ଚନାରେ ନିଜକୁ ନିୟୋଜିତ କରିଥିଲେ । ତତ୍‌ପରେ ସୁବଳ ମହାରାଜ ବୃନ୍ଦାବନରୁ ଫେରି ତାଙ୍କର ବାଲେଶ୍ୱରରେ ଥିବା ଜନୈକ ଶିଷ୍ୟ ଚୁନି ଲାଲ ଓରଫ୍ ଚୈତନ୍ୟ ଚରଣ ଦାସଙ୍କୁ ମଠର ପୁନରୁଦ୍ଧାର ସମ୍ପର୍କରେ କହିବାରେ ଶ୍ରୀ ଦାସ ମାତା ମା'ଙ୍କ ଠାରୁ ବିଜେସ୍ଥଳୀ ସମ୍ପତ୍ତିଟି ନିଜ

Digitized by srujanika@gmail.com

ନାମରେ ଆଣି ଉକ୍ତ ସ୍ଥାନରେ ସ୍ଥାୟୀଭାବେ କୋଠା ଘର ନିର୍ମାଣ କରି ଥିଲେ । ଏହା ପ୍ରାୟ ୬୦ ବର୍ଷ ପୂର୍ବର ଘଟଣା । ମଠ ବିଜେସ୍ଥଳୀଟି ସ୍ଥାୟୀ ପକ୍‌କା ଗୃହରେ ପରିଣତ ହେବା ପରେ ଶ୍ରୀଚୈତନ୍ୟ ଚରଣ ଦାସ ତାଙ୍କର ଗୁରୁ ସୁବଳ ଦାସ ମହାରାଜଙ୍କୁ ସେବା ସମର୍ପଣ ପତ୍ର ଅର୍ପଣ କରିଥିଲେ । ୧୯୬୮ ମସିହା ଠାରୁ ୧୯୮୩ ପର୍ଯ୍ୟନ୍ତ ସୁବଳ ଦାସଜୀ ମଠ ପରିଚାଳନା ତଥା ଠାକୁରଙ୍କ ସେବା ପୂଜା ଦାୟିତ୍ୱରେ ରହିଥିଲେ । ତାଙ୍କର ପ୍ରାପ୍ତି ହେବା ପରେ ଶିଷ୍ୟ ଶ୍ରୀକୃଷ୍ଣ ଚୈତନ୍ୟ ଦାସ ସେହିଦିନଠାରୁ ଅଦ୍ୟାବଧି ମଠର ଅଧିକାରୀ ରୂପେ ରହି ଠାକୁରଙ୍କ ସେବା ପୂଜା ଦାୟିତ୍ୱ ତୁଲାଇ ଆସୁଅଛନ୍ତି ।

ମଠ ଠାକୁରଙ୍କ ନୀତି ଓ ପର୍ବ ପର୍ବାଣୀ :- ଚୈତନ୍ୟ ଚରଣ ଦାସଜୀଙ୍କ ସମୟରେ ଗିରିଧାରୀ କିଶୋର ଜୀଉ (ଗୋବର୍ଦ୍ଧନ ଶିଳା ଶାଳଗ୍ରାମ ଭାବେ) ପୂଜିତ ହୋଇ ଆସୁଅଛନ୍ତି । ଅନ୍ୟାନ୍ୟ ବିଗ୍ରହ ମଧ୍ୟରେ ପତିତପାବନ ଜଗନ୍ନାଥ (ଦାରୁ ବିଗ୍ରହ), ରାଧାକୃଷ୍ଣ ଓ ଅନ୍ୟାନ୍ୟ ଶାଳଗ୍ରାମ ମୂର୍ତ୍ତି ବିରାଜିତ ପୂର୍ବକ ପୂଜିତ ହେଉଛନ୍ତି ।

ନୀତି :- ଦୈନିକ ମଠ ଠାକୁର ମାନଙ୍କ ନୀତି ମଧ୍ୟରେ ଉତ୍‌ଥାପନ (ମଙ୍ଗଳ ଆରତୀ), ଅବକାଶ, ସେବା ଶୃଙ୍ଗାର, ବାଲ୍ୟ ଭୋଗ, ରାଜଭୋଗ (ଅନ୍ନଭୋଗ), ଦିବା ପହୁଡ଼, ଉତ୍‌ଥାପନ, ସନ୍ଧ୍ୟା ଆରତୀ, ରାତ୍ର ଭୋଗ ଇତ୍ୟାଦି ଅନ୍ତର୍ଭୁକ୍ତ ।

ରାଧା କିଶୋର ଜୀଉ ମଠରେ ଅନୁଷ୍ଠିତ ପର୍ବ ପର୍ବାଣୀ ମଧ୍ୟରେ ଦୋଳ ପୂର୍ଣ୍ଣମୀ, ଜନ୍ମାଷ୍ଟମୀ, ରାମନବମୀ, ଶିବରାତ୍ରି, ରାଧାଷ୍ଟମୀ, କାର୍ତ୍ତିକ ମାସ ନିୟମ ସେବା, ଓଢ଼ଣ ଷଷ୍ଠୀ, ବସନ୍ତ ପଞ୍ଚମୀ, ପୌଷ ପୂର୍ଣ୍ଣମୀ ଇତ୍ୟାଦି ଉତ୍ସବ ମଠର ଆର୍ଥିକ ସ୍ୱଚ୍ଛଳତା ଅନୁସାରେ ଯଥାରୀତି ପାଳିତ ହେଉଅଛି । ପୂର୍ବେ ଏହି ମଠଟି ବଡ଼ଶଙ୍ଖ ଠାରେ ଥିବା ବେଳେ ରଥଯାତ୍ରା ସମୟରେ ମଠ ତରଫରୁ ପନ୍ତିଭୋଗ ହେଉଥିଲା । କିନ୍ତୁ ତଳମାଳି ସାହିକୁ ମଠଟି ଉଠିଯିବା ପରେ ଏହି ପନ୍ତି ଭୋଗ କରାଯାଉନାହିଁ ବୋଲି ବର୍ତ୍ତମାନର ମଠାଧୀଶ ପ୍ରକାଶ କରନ୍ତି ।

ମାତ୍ର ୧୧ ଡ଼ିସିମିଲି ଜମି ଉପରେ ମଠର ବିଜେସ୍ଥଳୀଟି ଅବସ୍ଥିତ । ମଠ ପରିସରରେ ମନ୍ଦିର, ଜଗମୋହନ, ମହନ୍ତଙ୍କ ବିଶ୍ରାମ କକ୍ଷ, କୂପ, ରୋଷ ଘର ଓ ଅନ୍ୟ ଏକ କୋଠରୀ ରହିଅଛି ।

ବର୍ତ୍ତମାନର ମଠାଧୀଶ ଶ୍ରୀକୃଷ୍ଣ ଚୈତନ୍ୟ ଦାସଙ୍କ ଉଦ୍ୟମ ଓ ସେବାନିଷ୍ଠା ଯୋଗୁଁ ଠାକୁରମାନଙ୍କ ସେବା, ପୂଜା, ଉତ୍ସବ ନିରାଡ଼ମ୍ବର ଭାବେ ପାଳିତ ହେଉଥିବା ଜଣାଯାଏ । ସଂପୂର୍ଣ୍ଣ ବ୍ୟକ୍ତିଗତ ଉଦ୍ୟମରେ ମଠଟି ଗଢ଼ିଉଠିଥିବାରୁ ଶ୍ରୀମନ୍ଦିରର ନୀତି, ଉତ୍ସବ ସହିତ ଏହି ମଠଟି ସଂପୃକ୍ତ ହୋଇ ପାରିନାହିଁ ।

✤ ✤ ✤

Digitized by srujanika@gmail.com

ବାଉଳି ମଠ

ଶ୍ରୀ ଉଦାସୀନ ସଂପ୍ରଦାୟର ଅନ୍ୟତମ ପ୍ରସିଦ୍ଧ ଧାର୍ମିକ ଅନୁଷ୍ଠାନ ବାଉଳି ମଠ ପୁରୀର ସ୍ୱର୍ଗଦ୍ୱାର ନିକଟରେ ଅବସ୍ଥିତ । ଏହା ଏଲାହାବାଦସ୍ଥିତ କିଟ୍‌ଗଞ୍ଜ ଠାରେ ପ୍ରତିଷ୍ଠିତ ଉଦାସୀନ ସଂପ୍ରଦାୟର ବଡ଼ ଆଖେଡ଼ା ପଞ୍ଚାୟତର ଅନ୍ତର୍ଭୁକ୍ତ । ପୁରୀ ବାଲି ସାହିର ଶେଷ ସୀମା ତଥା ମୁଖ୍ୟ ରାସ୍ତାରେ ଭାରତ ପ୍ରସିଦ୍ଧ ବାଉଳି ମଠକୁ ପ୍ରତ୍ୟହ ଶହ ଶହ ସଂଖ୍ୟକ ଦର୍ଶନାର୍ଥୀ ଭ୍ରମଣରେ ଯାଇ ମୁଖ୍ୟତଃ ଦେଢ଼ଶ୍ବର-ଭାଇବୋହୂ କୂଅ ଓ ପବିତ୍ର ଗ୍ରନ୍ଥ ସାହେବ ଦର୍ଶନ କରିଥାନ୍ତି । ଏହି ମଠ ପ୍ରତିଷ୍ଠା ସମ୍ପର୍କରେ ବିଭିନ୍ନ ପ୍ରାବନ୍ଧିକ ତଥା ଗବେଷକମାନେ ନାନକ ଏହାର ପ୍ରତିଷ୍ଠାତା ବୋଲି କହିଛନ୍ତି ଯଦିଓ ମଙ୍ଗୁ ମଠର ମହନ୍ତ ବୈଦ୍ୟନାଥ ଦାଶ ଏହି ତଥ୍ୟକୁ ଅସ୍ୱୀକାର କରିଛନ୍ତି । ତାଙ୍କ ମତରେ ନାନକ ଶ୍ରୀକ୍ଷେତ୍ରର ଦୁଇଟି ସ୍ଥାନରେ ସାମୟିକ ଅବସ୍ଥାନ କରିଥିଲେ । ତନ୍ମଧ୍ୟରେ ସିଂହଦ୍ୱାର ସମ୍ମୁଖରେ ଏକ ଛତା ପକାଇ ସେଠାରେ କିଛି ସମୟ ଭଜନ ସାଧନରେ ବିତାଇଥିଲେ ଓ ଅନ୍ୟ ସ୍ଥାନଟି ହେଲା ପୁରୀର ବାଉଳି ମଠ । ସମୁଦ୍ର କୂଳର ନିର୍ଜନ ସ୍ଥାନରେ ଏକ ଆଧ୍ୟାତ୍ମିକ ପରିବେଶରେ କିଛି ଦିନ ପାଇଁ ବାଉଳି ମଠର ବିଜେସ୍ଥଳୀରେ ଅବସ୍ଥାନ କରିଥିଲେ । ପରବର୍ତ୍ତୀ ସମୟରେ ନାନକଙ୍କ ଜ୍ୟେଷ୍ଠପୁତ୍ର ଉଦାସୀନାଚାର୍ଯ୍ୟ ଜଗତ୍‌ଗୁରୁ ଶ୍ରୀ ଚନ୍ଦ୍ରଜୀ ଭଗବାନ ଶ୍ରୀକ୍ଷେତ୍ରକୁ ଆଗମନ କରି ପିତାଙ୍କର ଅବସ୍ଥାନ ଯାଗାରେ ଆଶ୍ରୟ ନେଇଥିଲେ । ବାସ୍ତବିକ୍ ଶ୍ରୀଚାନ୍ଦ ହିଁ ପୁରୀର ମଙ୍ଗୁ ମଠ ଓ ବାଉଳି ମଠର ପ୍ରତିଷ୍ଠାତା । ଏପରିକି ଏହାର ପ୍ରମାଣ ସ୍ୱରୂପ ଉକ୍ତ ଦୁଇ ମଠର ଗୁରୁ ପରମ୍ପରା ଶ୍ରୀ ଚନ୍ଦ୍ରଜୀ ତଥା ଶ୍ରୀ ଚାନ୍ଦଜୀଙ୍କ ସମୟରୁ ହିଁ ଗଢ଼ି ଆସୁଅଛି ।

ନାନକଙ୍କ ଶ୍ରୀକ୍ଷେତ୍ର ଆଗମନ ସମ୍ପର୍କରେ ସର୍ବଶେଷ ତଥ୍ୟାନୁଯାୟୀ ଶିଖ ଧର୍ମର ପ୍ରତିଷ୍ଠାତା ତଥା ଗୁରୁ ସନ୍ଥ ନାନକ ସତ୍ୟ, ନିଃସ୍ୱାର୍ଥପରତା ଓ ଏକେଶ୍ୱରବାଦର ପ୍ରଚାର ଉଦ୍ଦେଶ୍ୟରେ ସମଗ୍ର ଭାରତ ପରିକ୍ରମା କରି ଶ୍ରୀକ୍ଷେତ୍ରରେ ପହଞ୍ଚିଥିଲେ । ଡ଼ଃ ବ୍ରଜ କିଶୋର ସାହୁଙ୍କ ମତାନୁଯାୟୀ ଗୁରୁ ନାନକ ୧୫୦୮ ଖ୍ରୀଷ୍ଟାବ୍ଦରେ ପବିତ୍ର ଶ୍ରୀ ପୁରୁଷୋତ୍ତମ ଧାମରେ ପଦାର୍ପଣ କରିଥିଲେ । ବର୍ତ୍ତମାନର 'ବାଉଳି ମଠ' ନାମରେ ଯେଉଁ ସ୍ଥାନ ସୁପ୍ରସିଦ୍ଧ ଓ ଯାହା 'ଦେଢ଼ଶ୍ବର ଭାଇବୋହୂ କୂଅ' ନିକଟରେ ଅବସ୍ଥିତ, ସେହି ସ୍ଥାନକୁ ନିଜର ଶ୍ରୀକ୍ଷେତ୍ର ରହଣୀ କାଳୀନ ବାସସ୍ଥାନ ଭାବରେ ନିର୍ବାଚିତ କରି ସେ ସେଠାରେ ବିଶ୍ରାମ ଗ୍ରହଣ ପୂର୍ବକ ପ୍ରକୃତିର ନିତ୍ୟ ନୂତନ ସୌନ୍ଦର୍ଯ୍ୟ ଉପଭୋଗ କରିବାକୁ ଲାଗିଲେ । ଏହି ତଥ୍ୟକୁ ଉଦାସୀନ ସଂପ୍ରଦାୟର

Digitized by srujanika@gmail.com

ମହନ୍ତ ବୈଦ୍ୟନାଥ ଦାଶ ସମର୍ଥନ କରି ପ୍ରକାଶ କରନ୍ତି ଯେ, ଗୁରୁ ନାନକ ଭାରତର ଯେଉଁ ଯେଉଁ ସ୍ଥାନ ପରିଭ୍ରମଣ କରି ସେଠାରେ ସାମୟିକ ଭାବେ ଅବସ୍ଥାନ କରିଥିଲେ, ସେହି ସେହି ସ୍ଥାନକୁ ତାଙ୍କର ସୁପୁତ୍ର ଶ୍ରୀ ଚାନ୍ଦଜୀ ଯାଇଛନ୍ତି ଏବଂ ସେଠାରେ ମଧ ସାମୟିକ ଭାବେ ଅବସ୍ଥାନ କରିଛନ୍ତି । ଏହାର ପ୍ରମାଣ ଶ୍ରୀ ଚାନ୍ଦଜୀ ବର୍ତ୍ତମାନର ମଙ୍ଗୁମଠ ଓ ବାଉଳି ମଠର ବିଜେସ୍ଥଳୀ ଠାରେ ଅବସ୍ଥାନ କରିଥିଲେ ।

ଗୁରୁ ନାନକଙ୍କର ଏକମାତ୍ର ପଟ୍ଟଶିଷ୍ୟ ମର୍ଦ୍ଦିନ୍‌ନା ମୁସଲମାନ କୂଳରେ ଜନ୍ମ ହୋଇଥିଲେ । ସେ ଗୁରୁଙ୍କ ସଙ୍ଗେ ଶ୍ରୀକ୍ଷେତ୍ରକୁ ଆଗମନ କରିବା ସହିତ ଗୁରୁଙ୍କ ନିର୍ଦ୍ଦେଶ ଲାଭ କରି ସିଂହଦ୍ୱାର ଠାରେ ପହଞ୍ଚି ଶ୍ରୀମନ୍ଦିରରେ ପ୍ରବେଶ କରିବା ପାଇଁ ପଣ୍ଡା ମାନଙ୍କର ସ୍ୱୀକୃତି ମାଗିଥିଲେ । କିନ୍ତୁ ପଣ୍ଡାମାନେ ଜଣେ ମୁସଲମାନଙ୍କୁ ଶ୍ରୀମନ୍ଦିରରେ ପ୍ରବେଶ ଓ ପ୍ରସାଦ ସେବନ କରିବା ପାଇଁ ସ୍ୱୀକୃତି ଦେବାକୁ କୁଣ୍ଠାବୋଧ କରିଲେ । କ୍ଷୁଧା, ଅପମାନ ଓ କ୍ଷୋଭର ଲାଞ୍ଛନାକୁ ବହନ କରି ମର୍ଦ୍ଦିନ୍‌ନା ଫେରି ଆସିଥିଲେ ସ୍ୱର୍ଗଦ୍ୱାର ଠାରେ ଆଶ୍ରୟ ନେଇଥିବା ଗୁରୁ ନାନକଙ୍କ ନିକଟକୁ ଏବଂ ଘଟିଥିବା ସମସ୍ତ ବିଷୟ ଗୁରୁଙ୍କ ନିକଟରେ ପ୍ରକାଶ କରିଥିଲେ । ମର୍ଦ୍ଦିନ୍‌ନା କଥା ଶୁଣି ଗୁରୁ ନାନକ ବ୍ୟଥିତ ହେଲେ ଏବଂ ଶ୍ରୀ ଜଗନ୍ନାଥ ମହାପ୍ରଭୁଙ୍କ ନିକଟରେ ପ୍ରାର୍ଥନା କଲେ । ଏହି ପ୍ରାର୍ଥନା କରିବା ସମୟରେ ତାଙ୍କ ନେତ୍ର ଯୁଗଳରୁ ଦୁଇଧାର ଲୋତକ ଝରି ଆସିଲା । ସେଦିନ ସନ୍ଧ୍ୟା ଆଳତି ସମୟରେ ଗଜପତି ମହାରାଜା ମହାପ୍ରଭୁଙ୍କ ଆଳତି ଦର୍ଶନ କରିବା ପାଇଁ ଆସିଥିଲେ । ଆଳତି ଚାଲୁଥିବା ସମୟରେ ହଠାତ୍ ଏକ ଅଦ୍ଭୁତ ଘଟଣା ଦୃଶ୍ୟମାନ ହେଲା । ଆଳତି ଦାନୀ ସିଂହାରୀମାନଙ୍କ ହସ୍ତରୁ ବିଚ୍ୟୁତ ହୋଇ ଶୂନ୍ୟେ ଶୂନ୍ୟେ ମନ୍ଦିରରୁ ବାହାରି ଗଲା । ଗଜପତି ମହାରାଜା ଏ ଅଦ୍ଭୁତ କାଣ୍ଡ ଦେଖି ବିରସ ମନରେ ଆଳତି ଥାଳ (ଦାନୀ)କୁ ଅନୁସରଣ କଲେ । ସେ ଥାଳ ଶୂନ୍ୟରେ ଉଡ଼ିଯାଇ ସମୁଦ୍ର କୂଳ ଆଡ଼କୁ ଗତି ଗଲା । ଶେଷରେ ଥାଳଟି ପହଞ୍ଚିଲା ନାନକଙ୍କ ନିକଟରେ ଏବଂ ତାଙ୍କ ମସ୍ତକ ଉପରେ ତାହା ସ୍ଥିର ହୋଇଗଲା । ସେତେବେଳେ ନାନକ ଧ୍ୟାନମଗ୍ନ ଅବସ୍ଥାରେ ଉପବେଶନ କରିଥିଲେ । ତାଙ୍କ ମୁଖ ମଣ୍ଡଳରେ ଗମ୍ଭୀରତାର ଲକ୍ଷଣ ତଥା ଚକ୍ଷୁ ଯୁଗଳରେ ଅର୍ଦ୍ଧ ଶୁଷ୍କ ଦୁଇ ଧାର ଲୁହ ପରିଦୃଷ୍ଟ ହେଉଥିଲା । ଗଜପତି ମହାରାଜା ଏ ବିଚିତ୍ର ତଥା ଅପୂର୍ବ ଦୃଶ୍ୟ ଦର୍ଶନ କରି ଭାବ ବିମୁଗ୍ଧ ହୋଇପଡ଼ିଲେ ଏବଂ ସାଧୁ ମହାତ୍ମାଙ୍କୁ ଭକ୍ତିପୂତ ପ୍ରଣାମ ନିବେଦନ କରି ତାଙ୍କ ସମୁଖରେ ଯୋଡ଼ ହସ୍ତରେ ଦଣ୍ଡାୟମାନ ହୋଇ ରହିଲେ । ରାଜାଙ୍କୁ ଲକ୍ଷ୍ୟ କରି ନାନକ କହିଲେ- "ମହାରାଜ ! ଈଶ୍ୱର ସବୁଠାରେ ଅଛନ୍ତି । ସେ କୌଣସି ବ୍ୟକ୍ତି ବା ଗୋଷ୍ଠୀ ବିଶେଷର ନୁହଁନ୍ତି । ଏ ସମଗ୍ର ସୃଷ୍ଟି ତାଙ୍କର । ସୃଷ୍ଟିର ପ୍ରତି ଜୀବ ମଧ୍ୟରେ ସେ ସମଭାବରେ ବିଦ୍ୟମାନ । ପ୍ରତ୍ୟେକ ମନୁଷ୍ୟ ତାଙ୍କର ସନ୍ତାନ । ସେ ହିନ୍ଦୁ ହେଉ, ମୁସଲମାନ କିମ୍ବା ବୌଦ୍ଧ ହେଉ ଅଥବା ଜୈନ ହେଉ, ସମସ୍ତେ ତାଙ୍କର ପ୍ରିୟ । ଜଗନ୍ନାଥଙ୍କ ପ୍ରସାଦ କେବଳ ହିନ୍ଦୁ ଜାତି ପାଇଁ ଉଦ୍ଦିଷ୍ଟ ନୁହେଁ, ତାହା ସମସ୍ତଙ୍କ ପାଇଁ । ଜଗନ୍ନାଥ

Digitized by srujanika@gmail.com

ଧର୍ମ କେବଳ ହିନ୍ଦୁ ଧର୍ମର ଅନ୍ତର୍ଭୁକ୍ତ ନୁହେଁ, ତାହା ହେଉଛି ସନାତନ ଧର୍ମ । ମାନବୀୟ ଧର୍ମ । ଜଗନ୍ନାଥ ମହାପ୍ରଭୁ କେବଳ ଶ୍ରୀମନ୍ଦିରସ୍ଥ ରତ୍ନ ସିଂହାସନରେ ଆବଦ୍ଧ ନୁହଁନ୍ତି, ସେ ସମସ୍ତଙ୍କ ହୃଦୟ ସିଂହାସନରେ ବିରାଜମାନ ।'' ଏହା କହି ନାନକ ତାଙ୍କର ଦୁଇ ପାପୁଲି ଯୋଡ଼ି ରାଜାଙ୍କୁ ଦେଖାଇଥିଲେ । ମହାରାଜାଙ୍କ ସମେତ ଉପସ୍ଥିତ ସମସ୍ତ ଜନତା ନାନକଙ୍କ ହାତରେ ଦେଖିବାକୁ ପାଇଲେ ଶ୍ରୀମନ୍ଦିରସ୍ଥ ରତ୍ନସିଂହାସନ ଓ ତତ୍ ଉପସ୍ଥିତ ଭକ୍ତ ବାନ୍ଧବ ଜଗନ୍ନାଥ, ବଡ଼ଠାକୁର ବଳଭଦ୍ର ଓ ବିଶ୍ୱ ଜନନୀ ସୁଭଦ୍ରାଙ୍କର କମନୀୟ ଛବି । ଦିବ୍ୟ ଅଳଙ୍କାରରେ ଭୂଷିତ ହୋଇ ନାନକଙ୍କ ପାପୁଲି ମଧ୍ୟରେ ତିନି ଠାକୁର ସତେ ଯେପରି ହସ ହସ ମୁଖରେ ତଥା କରୁଣାର୍ଦ୍ର ନୟନରେ ସମସ୍ତଙ୍କୁ ଅନାଇଁ ରହିଥିଲେ । ନିଜ ମସ୍ତକ ଉପରେ ସ୍ଥିର ଥିବା ଆଳତି ଥାଳକୁ ଲକ୍ଷ୍ୟ କରି ଗୁରୁ ନାନକଙ୍କ ମୁଖରୁ ଗୁରୁ ଗମ୍ଭୀର ସ୍ୱରରେ ନିର୍ଗତ ହେଲା ପ୍ରଭୁଙ୍କ ଉଦ୍ଦେଶ୍ୟରେ କେଇ ପଦ ପ୍ରାର୍ଥନା ଗୀତି-

> ''ଗଗନ ମୈ ଥାଲୁ ରବି ଚନ୍ଦ୍ରୁ ଦୀପକ ବନେ
> ତାରକା ମଣ୍ଡଳ ଜନକ ମୋତୀ ।
> ଧୂପୁମଳ ଆନଲୋ ପବଣୁ ଚବରୋ
> ସଚଳ ବନରାଇ ଫଳନ୍ତି ଜ୍ୟୋତି ।
> କୈସେ ଆରତି ହୋଇ ଭବ ଖଣ୍ଡନା ତେରି ଆରତି
> ଅନହତା ଶବଦ ବାଜନ୍ତ ଭେରୀ ।''

ଏହି ଅଦ୍ଭୁତ ଦୃଶ୍ୟ ଘଟିବାର ଅନେକ ବର୍ଷ ଅତିବାହିତ ହୋଇଗଲାଣି ତଥାପି ଏହି ଘଟଣାର ସ୍ମୃତି ସ୍ୱରୂପ ଏବେ ମଧ୍ୟ ଶ୍ରୀକ୍ଷେତ୍ରରେ ଦଣ୍ଡାୟମାନ ହୋଇ ରହିଛି ଗୁରୁ ନାନକଙ୍କର ସାମୟିକ ବିଶ୍ରାମସ୍ଥଳୀ ସୁ ପ୍ରସିଦ୍ଧ 'ବାଉଳି ମଠ' ।[୧]

ବିଶିଷ୍ଟ ଐତିହାସିକ ତଥା ପ୍ରାବନ୍ଧିକ ଡ଼ଃ ମାୟାଧର ମାନସିଂହଙ୍କ ମତରେ ନାନକ ପୁରୀ ଆସିଥିଲେ ଶ୍ରୀଜଗନ୍ନାଥ ଦର୍ଶନ ଉଦ୍ଦେଶ୍ୟରେ । ବିଶେଷ କରି ତାଙ୍କର ପ୍ରସିଦ୍ଧ ଆରତୀ ଭଜନର ମୂଳ ପ୍ରେରଣା ଶ୍ରୀମନ୍ଦିରରେ ହେଉଥିବା ଆଳତି । ପୁରୀରେ ଠାକୁରଙ୍କର୍ ଆଳତି ଦେଖି ତୃପ୍ତ ନ ହୋଇ ସେ ଯେଉଁ ପଦମାନ ଆବୃତ୍ତି କରି ଥିଲେ ତାହା ଥିଲା ଚମତ୍କାର କବି ଦୃଷ୍ଟିର ପରିଚୟ । ସୂର୍ଯ୍ୟ, ଚନ୍ଦ୍ର ଯେଉଁ ଆଳତି ଦାନି, ଅସଂଖ୍ୟ ତାରକା ଯେଉଁଠି ମୁକ୍ତା, ଚନ୍ଦନ ବନ ଯାହାଙ୍କ ଧୂପ, ମନ୍ଦ ସମୀରଣ ଯାହାଙ୍କ ଆଲଟ, ବନ କୁସୁମ ଯାହାଙ୍କ ପଦତଳେ ଅର୍ପିତ... ।[୨]

ଗୁରୁ ନାନକଙ୍କ ପୁରୀ ରହଣୀକାଳରେ ଶ୍ରୀଚୈତନ୍ୟ ସହ ତାଙ୍କର ସାକ୍ଷାତ ଘଟିଥିଲା ଏବଂ ନାନକ ମଧ୍ୟ ନାମ ସଂକୀର୍ତ୍ତନରେ ଯୋଗ ଦେଇଥିଲେ । ସେଠାରେ ରାୟ ରାମାନନ୍ଦ ନାନକଙ୍କର ଅନ୍ୟତମ ସଖା ସ୍ୱରୂପ ରହିଥିଲେ । ନିଜ ଶେଷ ଜୀବନରେ ନାନକ ଇରାବତୀ ତଟବର୍ତ୍ତୀ 'କରତାରପୁର' ଠାରେ ୭୦ ବର୍ଷ ବୟସ୍‌ରେ ୧୫୩୯ ଖ୍ରୀଷ୍ଟାବ୍ଦରେ ଦେହତ୍ୟାଗ

Digitized by srujanika@gmail.com

କରିଥିଲେ । ଗୁରୁ ନାନକ ଶ୍ରୀକ୍ଷେତ୍ରରୁ ପ୍ରତ୍ୟାବର୍ତ୍ତନ ସମୟରେ ସେହି ସ୍ଥାନରେ ବାଉଳି ମଠ ପ୍ରତିଷ୍ଠା ହୋଇନଥିବା ଜଣାଯାଏ ।

୧୪୯୪ ଖ୍ରୀଷ୍ଟାବ୍ଦ ଭାଦ୍ର ଶୁକ୍ଳ ପକ୍ଷ ନବମୀ ତିଥିରେ ତତ୍‌କାଳୀନ ପଞ୍ଜାବ ପ୍ରଦେଶର ତାଲବଣ୍ଡି ଗ୍ରାମରେ ହିନ୍ଦୁ ସୂର୍ଯ୍ୟବଂଶୀ ଶ୍ରୀ ନାନକଙ୍କ ଧର୍ମ ପତ୍ନୀ ସୁଲକ୍ଷଣା ଦେବୀଙ୍କ ପବିତ୍ର ଗର୍ଭରୁ ଶ୍ରୀ ଶଙ୍କର ଭଗବାନ ଶ୍ରୀ ଚନ୍ଦ୍ର ଜନ୍ମଗ୍ରହଣ କରିଥିଲେ । ଶ୍ରୀ ଚନ୍ଦ୍ରଙ୍କ ଆବିର୍ଭାବ ସମୟରେ ତାଙ୍କ ଶରୀରରେ ବିଭୂତି ଏବଂ କର୍ଣ୍ଣରେ ଏକ କୁଣ୍ଡଳ ଚିହ୍ନ ଥିଲା । ଏହି ଖବର ନାନକଙ୍କର ନିଜ ଭଉଣୀ ପ୍ରଥମେ ସମସ୍ତଙ୍କୁ ଶୁଣାଇଥିଲେ । ମାତ୍ର ୩୧ ବର୍ଷ ବୟସରେ ଶ୍ରୀ ଚନ୍ଦ୍ରଜୀ ଭାରତର କେତେକ ପ୍ରମୁଖ ତୀର୍ଥ କ୍ଷେତ୍ର ପର୍ଯ୍ୟଟନ କରି ପରମ ପବିତ୍ର ଶ୍ରୀ କ୍ଷେତ୍ରରେ ପଦାର୍ପଣ କରିଥିଲେ । ଏହି କ୍ଷେତ୍ରକୁ ପଦାର୍ପଣ କରିବା ପୂର୍ବରୁ ଶ୍ରୀ ଚନ୍ଦ୍ରଜୀ ପରଂବ୍ରହ୍ମ ଶ୍ରୀ ଜଗନ୍ନାଥଙ୍କ ସମ୍ବନ୍ଧରେ ଜାଣି ଥିଲେ ଏବଂ ତାଙ୍କ ପିତା ଗୁରୁ ନାନକ ଏଥି ପୂର୍ବରୁ ଶ୍ରୀକ୍ଷେତ୍ରରେ ସ୍ୱଳ୍ପ ସମୟ ଅବସ୍ଥାନ କରିଥିବାରୁ ଭାରତର ତତ୍‌କାଳୀନ ସମୟର ଏହି ପ୍ରମୁଖ ଧାର୍ମିକ ପୀଠକୁ ଆସିବା ପାଇଁ ମନସ୍ଥ କରିଥିଲେ । 'ଜନ୍ମସାକ୍ଷୀ ବାବା ଶ୍ରୀ ଚନ୍ଦ୍ରଜୀ ଭଗବାନ' ପୁସ୍ତକରେ ଉଲ୍ଲେଖ ଅଛି ଯେ, "ଦିନେ ଜନୈକ ସନ୍ଥ କମଲିଏ ବାବା ଶ୍ରୀ ଚନ୍ଦ୍ରଜୀଙ୍କ ଆଗରେ ଜଗନ୍ନାଥ ଧାମକୁ ଦର୍ଶନ କରିବାର ଇଚ୍ଛା ପ୍ରକାଶ କରିଥିଲେ । ଏକଥା ଶୁଣି ଶ୍ରୀ ଚନ୍ଦ୍ର କହିଥିଲେ ଯେ ତୁମ୍ଭେ ଯେଉଁଠାରେ ବସିଛ, ସେହିଠାରେ ଜଗନ୍ନାଥ ଉପସ୍ଥିତ ଅଛନ୍ତି । ଜଗତର ନାଥ ସମସ୍ତଙ୍କର ପ୍ରିୟ ଅଟନ୍ତି । ଅଗ୍ନି କୁଣ୍ଡକୁ ଦେଖାଇ ବାବା ଶ୍ରୀଚନ୍ଦ୍ରଜୀ ଏକ ଅଲୌକିକ ଘଟଣା ଘଟାଇଥିଲେ । କମଲିଏ ଦେଖିଲେ ଶ୍ରୀ ଚନ୍ଦ୍ର ପୁରୀ ଜଗନ୍ନାଥ ମନ୍ଦିରରେ ଶାସ୍ତ୍ରାର୍ଥ ଆଲୋଚନା କରୁଛନ୍ତି । ପଣ୍ଡାମାନେ ତାଙ୍କୁ ମନ୍ଦିରକୁ ଡ଼ାକି ନେଇଛନ୍ତି । ସେଠାରେ ସେ ଶ୍ରୀଜଗନ୍ନାଥ ଓ ଶ୍ରୀ ଚନ୍ଦ୍ରଙ୍କୁ ଦେଖି ସାଷ୍ଟାଙ୍ଗ ପ୍ରଣାମ କରୁଛନ୍ତି ।[୩]

ଏତଦ୍ ବ୍ୟତୀତ ଉପରିବର୍ଣ୍ଣିତ ପୁସ୍ତକର ୯୨ ପୃଷ୍ଠାରେ 'ଜଗନ୍ନାଥ ପୁରୀ କୋ ପୁତ୍ର ବକ୍‌ସା' ଏବଂ ୧୪୮ ପୃଷ୍ଠାରେ 'ଜଗନ୍ନାଥ ପୁରୀ ସାକ୍ଷୀ' ବିଷୟରେ ଶ୍ରୀ ଚନ୍ଦ୍ରଜୀଙ୍କ ଶ୍ରୀକ୍ଷେତ୍ରର ଅବସ୍ଥାନକାଳରେ ବହୁ ଅଲୌକିକ ଘଟଣା ଘଟିଥିବା ବିଷୟରେ ଉଲ୍ଲେଖ ରହିଥିବା ଜଣାଯାଏ ।

ଶ୍ରୀ ଚାନ୍ଦଜୀଙ୍କ ପ୍ରତ୍ୟାବର୍ତ୍ତନ ପରେ ଏହି ବିଜେସ୍ଥଳୀରେ ବାଉଳି ମଠଟି ପ୍ରତିଷ୍ଠିତ ହେଇଥିଲା । ସଂପ୍ରତି ମଠ ସୂତ୍ରରୁ ସଂଗ୍ରହ ହୋଇଥିବା ତଥ୍ୟ ଅନୁଯାୟୀ ମଠଟିର ପ୍ରଥମ ନାମ ଥିଲା 'ଶ୍ରୀ ଚନ୍ଦ୍ର ଆଶ୍ରମ' । ପରବର୍ତ୍ତୀ ସମୟରେ ଶ୍ରୀଚନ୍ଦ୍ରଙ୍କ ଅନୁଗାମୀ ଶିଷ୍ୟମାନେ ଏହିଠାରେ ଅବସ୍ଥାନ କରି ସ୍ଥାୟୀ ପକ୍‌କା ଗୃହ, ପବିତ୍ର ଗ୍ରନ୍ଥ ସାହେବ, ଶ୍ରୀ ଚନ୍ଦ୍ରଙ୍କ ମାର୍ବଲ ମୂର୍ତ୍ତି, ଚତୁର୍ଦ୍ଧା ମୂର୍ତ୍ତି ଇତ୍ୟାଦି ସ୍ଥାପନ କରିଛନ୍ତି ଓ ଏହା 'ବାଉଳି ମଠ' ନାମରେ ପରିଚିତ

Digitized by srujanika@gmail.com

ହୋଇଛି । ପ୍ରକୃତ ପକ୍ଷେ ମଠ ବିଜେସ୍ଥଳୀରେ ପଞ୍ଜାବ ପ୍ରଦେଶର ସ୍ୱତନ୍ତ୍ର ଢ଼ାଞ୍ଚାରେ ନିର୍ମିତ ଏକ କୂପ ରହିଅଛି । ତାଙ୍କ ଭାଷାରେ କୂପକୁ 'ବାଉଳି ସାହେବ' କୁହାଯାଏ ।

ଉଲ୍ଲେଖଯୋଗ୍ୟଯେ ଅତୀତରେ ମଙ୍ଗୁ ମଠ ଏବଂ ବାଉଳି ମଠର ତତ୍ତ୍ୱବଧାନ ତଥା ପରିଚାଳନାରେ ଜଣେ ମଠାଧୀଶ ରହୁଥିଲେ । ପ୍ରମାଣ ସ୍ୱରୂପ ଉକ୍ତ ଦୁଇ ମଠର ଅଧିକାଂଶ ମହନ୍ତଙ୍କ ନାମ ଏକ ବୋଲି ଗୁରୁ ପରମ୍ପରାରୁ ଜଣାଯାଏ । ବିଶେଷ କରି ୧୯୧୨ ମସିହାର ଏକ ସନନ୍ଦରୁ ଜଣାଯାଏ ମଙ୍ଗୁ ମଠର ମଠାଧୀଶ କୃପାରାମ ଦାସ ଉଭୟ ମଠର ଶେଷ ମହନ୍ତ ଥିଲେ । ତାଙ୍କ ପରେ ଉକ୍ତ ମଠ ମାନଙ୍କର ମହନ୍ତ ରୂପେ ସ୍ୱତନ୍ତ୍ର ବ୍ୟକ୍ତି ହୋଇ ଆସୁଅଛନ୍ତି । କାରଣ ପରବର୍ତ୍ତୀ ସମୟରେ ମଙ୍ଗୁ ମଠର ମହନ୍ତ ରୂପେ କାଶୀରାମ ଦାସ ଏବଂ ବାଉଳି ମଠର ମହନ୍ତ ସାହେବ ରାମ ଦାସ ରହିଥିବାର ପ୍ରମାଣ ମିଳୁଅଛି ।

ବାଉଳି ମଠରୁ ସଂଗୃହୀତ ମଠାଧୀଶମାନଙ୍କ ନାମ ତଥା ଗୁରୁ ପରଂପରାର କ୍ରମାନ୍ୱୟ ତାଲିକା ଅନୁଯାୟୀ :-

ଗୁରୁ ଶ୍ରୀ ଚାନ୍ଦଜୀ (ଶ୍ରୀ ଚନ୍ଦ୍ର ଭଗବାନଜୀ) ପ୍ରତିଷ୍ଠାତା

(୧) ବାବା ଗୁରୁ ଦତ୍ତାଜୀ
(୨) ବାବା ବାଲୁ ହାସ୍ୟଜୀ
(୩) ବାବା ଯାଦବ ରାଏଜୀ
(୪) ବାବା ସାହାଜୀ (ବାବା ସାହେବଜୀ)
(୫) ବାବା ଜୀବନ ଦାସଜୀ
(୬) ବାବା ବାଲକ ଦାସଜୀ
(୭) ବାବା ଯୋଧା ଦାସଜୀ
(୮) ବାବା ସଙ୍ଗତ୍ ଦାସଜୀ
(୯) ବାବା ନିଧା ଦାସଜୀ
(୧୦) ବାବା ବିଷ୍ଣୁ (ବିସୁନୁ) ଦାସଜୀ
(୧୧) ବାବା ଗୁରୁ ପ୍ରସାଦ ଦାସଜୀ
(୧୨) ବାବା କୃପାରାମ ଦାସଜୀ
(୧୩) ଗୁରୁଭାଇ ସାହେବ ରାମ ଦାସଜୀ (୧୯୩୦ ମସିହାରେ ମଠାଧୀଶ ଥିବାର ପ୍ରମାଣ ମିଳୁଅଛି)
(୧୪) ବାବା ମାଧବ ଦାସ (୧୯୪୬ ମସିହା ପର୍ଯ୍ୟନ୍ତ ମଠାଧୀଶ ଥିଲେ)
(୧୫) ବାବା ରାମ ଚରଣ ଦାସ (୧୯୪୬ ମସିହାରୁ ୧୩.୧୧.୧୯୬୧ (କାର୍ତ୍ତିକ ଶୁକ୍ଳ ପଞ୍ଚମୀ ପର୍ଯ୍ୟନ୍ତ)

Digitized by srujanika@gmail.com

(୧୬) ମହନ୍ତ ଶ୍ରୀ ସତ୍ୟ ନାରାୟଣ ଦାସ (୨୫.୧୧.୧୯୬୧ ମସିହାରୁ ଅଦ୍ୟାବଧି ମଠର ମହନ୍ତ ରୁପେ କାର୍ଯ୍ୟ ନିର୍ବାହ କରୁଅଛନ୍ତି ।)

ଉଲ୍ଲେଖଯୋଗ୍ୟ ଯେ ଏହି ଦୁଇ ସଂପ୍ରଦାୟର ମଠାଧୀଶ ମାନେ ପରମ୍ପରା କ୍ରମେ ସମସ୍ତ ଗୁରୁ ପ୍ରଣାଳୀ ସକାଳେ ଓ ସନ୍ଧ୍ୟାରେ ଦୁଇ ଥର ସ୍ମରଣ କରିଥାନ୍ତି । ଏହି ଗୁରୁ ବନ୍ଦନାରେ ଶ୍ରୀଚନ୍ଦ୍ର ଏବଂ ନାନକଙ୍କୁ ମଧ୍ୟ ସ୍ମରଣ କରାଯାଇଥାଏ ।

ମଙ୍ଗୁ ମଠ ଅଧୀନରେ ପୂର୍ବରୁ ଏହି ମଠଟି ରହି ଆସିଥିଲେ ହେଁ ବିଗତ ଏକ ଶହ ବର୍ଷ ଧରି ଏହି ମଠଟିରେ ସ୍ୱତନ୍ତ୍ର ଭାବେ ମଠାଧୀଶ ରହି ପରିଚାଳିତ ହେଉଥିବା ଜଣାଯାଏ । କାରଣ ୧୯୩୦ ମସିହା ଫେବୃୟାରୀ ୨୭ ତାରିଖରେ ଶ୍ରୀ ଆର.ପି.ଏନ୍. ସାହି, ସଚିବ, ହିନ୍ଦୁ ରିଲିଜିୟସ୍ ଆଣ୍ଡ ଚ୍ୟାରିଟେବୁଲ ଏଣ୍ଡାମେଣ୍ଟସ୍ କମିଟି, ବିହାର ଏବଂ ଓଡ଼ିଶା, ପାଟଣାଙ୍କ ଚିଠି ନଂ ୧୫୨୦/୬୨୦ ଏଚ୍.ଆର.ସିରେ ବାଉଳି ମଠର ତତ୍କାଳୀନ ମଠାଧୀଶ ସାହେବ ରାମ ଦାସଙ୍କୁ ମଠର ସନନ୍ଦ ଓ ଦସ୍ତପତ୍ର ସଂପର୍କୀୟ କାଗଜାତ୍ ଦାଖଲ କରିବା ପାଇଁ ଜଣାଇଥିଲେ । ତଦନୁଯାୟୀ ୧୯୩୦ ମସିହା ମାର୍ଚ୍ଚ ୧୫ ତାରିଖ ଦିନ ମହନ୍ତ ସାହେବ ରାମ ଦାସ ବାଉଳି ମଠରେ କୌଣସି ପୁରାତନ କାଗଜାତ୍ ବା ସନନ୍ଦ ନାହିଁ ବୋଲି ଜଣାଇବା ସଙ୍ଗେ ସଙ୍ଗେ ମଠ ବିଜେସ୍ଥଳୀଟି ସେଟେଲମେଣ୍ଟ ଖତିୟାନ୍‌ରେ ଲାଖରାଜ ବାହେଲି ସ୍ୱତ୍ୱରେ ରହିଥିବା ବିଷୟରେ ଉଲ୍ଲେଖ କରିଥିବା ଚିଠିଟିର ନକଲ ଅଦ୍ୟାବଧି ମଠରେ ସୁରକ୍ଷିତ ହୋଇ ରହିଅଛି । ଏତଦ୍‌ବ୍ୟତୀତ ରାଜ୍ୟ ଦେବୋତ୍ତର କମିଶନର, ଓଡ଼ିଶାଙ୍କ କାର୍ଯ୍ୟାଳୟ ଆଦେଶ ନଂ ୨୪୩ ତା୨୫.୮.୧୯୬୧ ଅନୁଯାୟୀ ମଙ୍ଗୁ ମଠର ମହନ୍ତ କାଶୀରାମ ଦାସ ବାଉଳି ମଠର ଇଣ୍ଟରିମ୍‌ଟ୍ରଷ୍ଟି ରୂପେ ନିଯୁକ୍ତି ପାଇଥିଲେ । କାରଣ ବାଉଳି ମଠର ତତ୍କାଳୀନ ମହନ୍ତ ରାମ ଚରଣ ଦାସ ସେହି ସମୟରେ ରୋଗରେ ପୀଡ଼ିତ ଥିବାରୁ ଠାକୁରଙ୍କ ସେବାପୂଜା ତଥା ପରିଚାଳନା କରିବାରେ ଅକ୍ଷମ ହୋଇ ପଡ଼ିଥିଲେ । ୧୯୬୧ ମସିହା ଅଗଷ୍ଟ ୧୧ ତାରିଖରେ ମହନ୍ତ ରାମ ଚରଣ ଦାସ ଏକ ଇଚ୍ଛାପତ୍ର (Will) ରେ ତାଙ୍କର ଚେଲା ତଥା ଉତ୍ତରାଧିକାରୀ ଭାବେ ବର୍ତ୍ତମାନର ମହନ୍ତ ସତ୍ୟନାରାୟଣ ଦାସଙ୍କୁ ମନୋନୀତ କରିଥିଲେ । ତଦନୁଯାୟୀ ଦେବୋତ୍ତର କାର୍ଯ୍ୟାଳୟ, ଓଡ଼ିଶା ପକ୍ଷରୁ ଆଦେଶ ନଂ ୨୨୬୯-୭୦ (ଏମ୍) ତା୨୭.୫.୧୯୬୫ରେ ବର୍ତ୍ତମାନର ମହନ୍ତଙ୍କୁ ମଠର ଇଣ୍ଟରିମ୍ ଟ୍ରଷ୍ଟି ରୂପେ ନିଯୁକ୍ତି କରିଥିଲେ ।

ମଠ ବିଜେସ୍ଥଳୀ ଜମି :- ଗୁରୁ ନାନକ ଓ ଶ୍ରୀ ଚନ୍ଦ୍ରଜୀ ଅବସ୍ଥାନ କରିଥିବା ବିଜେସ୍ଥଳୀରେ ବାଉଳି ମଠଟି ପ୍ରତିଷ୍ଠିତ ହୋଇଅଛି । ତେବେ ମଠଟି ପ୍ରାୟ ୪୫୦ ବର୍ଷର ପୁରାତନ ହେବ । ମଠ ସୂତ୍ରରୁ ଜଣାଯାଏ ଯେ ପୂର୍ବେ ୪ ଏକର ଜମି ଉପରେ ମଠର ବିଜେସ୍ଥଳୀଟି ଅବସ୍ଥିତ ଥିଲା । ତତ୍କାଳୀନ ଗଜପତି ମହାରାଜା ପୂଜ୍ୟ ଶ୍ରୀ ଚାନ୍ଦଜୀ ଅବସ୍ଥାନ କରୁଥିବା ଯାଗାଟିକୁ

Digitized by srujanika@gmail.com

ମଠ ପ୍ରତିଷ୍ଠା କରିବା ପାଇଁ ଅନୁମତି ପ୍ରଦାନ କରିଥିଲେ । ଏପରିକି ଗଜପତିଙ୍କ ବଦାନ୍ୟତା ଯୋଗୁଁ ପୁରୀ ଜିଲ୍ଲାର ବିଭିନ୍ନ ଅଞ୍ଚଳରେ ଶତାଧିକ ଏକର ଜମି ମଧ୍ୟ ଖଞ୍ଜା ଯାଇଥିଲା । ପୂର୍ବବନ୍ଦୋବସ୍ତ ରେକର୍ଡ଼ ଅନୁଯାୟୀ ୨୧.୨.୧୮୯୯ ମସିହାରେ ବାଉଳି ମଠ ପୁରୀ ଟାଉନର ରାହାଙ୍ଗ ପ୍ରଗଣାର ବାଲି ସାହି ମୌଜାରେ ମୋଟ୍ ୬୨୦ ଡ଼ିସିମିଲି ଜମି ମହନ୍ତ ଗୁରୁ ପ୍ରସାଦ ଦାସ ଗୁରୁ ବିସ୍ନୁ ଦାସ, ମଠ ବାଉଳଙ୍କ ନାମେ ରହିଥିଲା । ପରବର୍ତ୍ତୀ ସମୟରେ ହାଲ ରେକର୍ଡ଼ ଅନୁଯାୟୀ ପୁରୀ ଟାଉନ୍ ନୋକିଆ ସାହି ମୌଜାର ୟୁନିଟ୍ ୧୨ ଖାତା ନଂ ୬୫ର ପ୍ଲଟ ନଂ ୪୦/୧୩୯୨ରେ ୭ ଡ଼ିସିମିଲି ଏବଂ ପ୍ଲଟ ନଂ୩୮ ରେ ୪୪୭ ଡ଼ିସିମିଲି ଏହିପରି ମୋଟ୍ ୪୫୪ ଡ଼ିସିମିଲି ଜମି ସ୍ଥିତିବାନ ସତ୍ତ୍ୱରେ ଶ୍ରୀ ଜଗନ୍ନାଥ ମହାପ୍ରଭୁ ବିଜେ ଶ୍ରୀକ୍ଷେତ୍ର, ମାର୍ଫତ୍ ଶ୍ରୀ ଜଗନ୍ନାଥ ମନ୍ଦିର ପରିଚାଳନା କମିଟି, ପୁରୀଙ୍କ ନାମେ ରେକର୍ଡ଼ ହୋଇଛି । ଏହି ରେକର୍ଡ଼କୁ ଚାଲେଞ୍ଜ କରି ବର୍ତ୍ତମାନର ମଠାଧୀଶ ରାଜ୍ୟ ଉଚ୍ଚ ନ୍ୟାୟାଳୟରେ ଓ.ଜେ.ସି ନଂ ୧୯୪୬/୨୦୦୧ରେ ଏକ ମୋକଦ୍ଦମା ରୁଜୁ କରିଛନ୍ତି । ସଂପ୍ରତି ଏହା ଉଚ୍ଚ ନ୍ୟାୟାଳୟରେ ବିଚାରାଧୀନ ରହିଥିବା ଜଣାଯାଏ ।

ଦେଢ଼ଶୁର ଭାଇବୋହୂ କୂପ :- ବାଉଳି ମଠର ବିଜେସ୍ଥଳୀରେ ରହିଥିବା କୂପଟିର ନାମ 'ଦେଢ଼ଶୁର ଭାଇ ବୋହୂ କୂଅ' । ଶ୍ରୀକ୍ଷେତ୍ରରେ ପ୍ରତିଷ୍ଠିତ ମଠ ଓ ମନ୍ଦିର ମାନଙ୍କରେ ଥିବା କୂପ ମାନଙ୍କ ମଧ୍ୟରୁ ଏହି କୂପଟି ସ୍ୱତନ୍ତ୍ର ଧରଣର ଓ ଏହାର ଏକ ବିଶେଷତ୍ୱ ରହିଅଛି । ଏପରିକି ଓଡ଼ିଶା ସମେତ ପଞ୍ଜାବ, ହରିୟାନା, ପଶ୍ଚିମବଙ୍ଗର ତୀର୍ଥ ଯାତ୍ରୀ ତଥା ପର୍ଯ୍ୟଟକମାନେ ଏହି ପବିତ୍ର କୂପକୁ ଦର୍ଶନ କରିବାକୁ ଆସିଥାନ୍ତି । ପୁରୀ ସହରରେ ମଧ୍ୟ ଉକ୍ତ କୂପ ଯୋଗୁଁ ବାଉଳି ମଠର ପ୍ରସିଦ୍ଧି ରହିଛି ।

କୂପରୁ ପାଣି ଆଣିବା ପାଇଁ ଦୁଇ ପଟେ ଦୁଇଟି ବାଟ ମଧ୍ୟ ରହିଛି । କୂପଟିର ନିର୍ମାଣ ଶୈଳୀ ଏପରି ହୋଇଛି ଯେ ଦୁଇ ପଟରୁ ପାଣି ଆଣୁ ଥିବା ଲୋକେ କେହି କାହାକୁ ଦେଖି ପାରିବେ ନାହିଁ । କୂପଟିର ଦୁଇଟି ବାଟ ମଧ୍ୟରେ ପ୍ରାୟ ୩୦ ଫୁଟ୍ ଦୂରତା ରହିଛି । ଗୋଟିଏ ହେଲା କୂପଟିର ଚାନ୍ଦିନୀ ଉପରେ ଠିଆ ହୋଇ ସିଧାସଳଖ କୂପରୁ ପାଣି କଢ଼ା ଯାଇ ପାରିବ ଏବଂ ଅନ୍ୟଟି ହେଲା ଏକ ସୁଡ଼ଙ୍ଗର ପ୍ରବେଶ ଦ୍ୱାର ଦେଇ ପାବଛଯୁକ୍ତ କୂପର ଜଳ ନିକଟରେ ପହଞ୍ଚିବା ପାଇଁ ସୁଡ଼ଙ୍ଗ ମଧ୍ୟରେ ଥିବା ପାହାଚ ଦେଇ ଯିବାକୁ ପଡ଼ିଥାଏ । ଏଥିରେ ମୋଟ୍ ୩୮ ଟି ପ୍ରସ୍ତର ନିର୍ମିତ ପାହାଚ ରହିଛି । ସୁଡ଼ଙ୍ଗର ଶେଷ ଭାଗ କାନ୍ଥରେ ପଶ୍ଚିମାଭିମୁଖୀ ହୋଇ ମହାଲକ୍ଷ୍ମୀଙ୍କ (ପ୍ରସ୍ତର ନିର୍ମିତ ୧ଫୁଟ୍ ଉଚ୍ଚତା ବିଶିଷ୍ଟ) ବିଗ୍ରହ ସ୍ଥାପିତ ହୋଇଅଛି । ମଠ ଠାକୁରମାନଙ୍କ ନୀତି ନିମନ୍ତେ ଏହି କୂପର ଜଳ ବ୍ୟବହୃତ ହୋଇଥାଏ । ସମୁଦ୍ରକୂଳରେ ଥିବା ଏହି କୂପଟିର ଜଳ ମଧ୍ୟ ଅତ୍ୟନ୍ତ ମଧୁର ଅଟେ ।

Digitized by srujanika@gmail.com

ଶ୍ରୀକ୍ଷେତ୍ରର ସାଂସ୍କୃତିକ ଜୀବନରେ ଶିଖ ଧର୍ମର ହିନ୍ଦୁଧର୍ମ ସହିତ ଏକ ମଧୁର ସ୍ମାରକୀ ରୂପେ ବାଉଳି ମଠରେ ଏହି କୂପଟି ବିଦ୍ୟମାନ । ଜନଶ୍ରୁତି ଅନୁଯାୟୀ ନାନକଙ୍କ ଭଜନରେ ଆକୃଷ୍ଟ ହୋଇ ଶ୍ରୀଜଗନ୍ନାଥ, ବଳଭଦ୍ର, ସୁଭଦ୍ରା ଏଠାକୁ ପ୍ରତ୍ୟହ ଆସୁଥିଲେ । ଏକଦା ନାନକ ସେମାନଙ୍କର ଛଦ୍ମବେଶ ଜାଣିପାରି ଅଭ୍ୟର୍ଥନା କରିବାକୁ ଯିବାରୁ ସେମାନେ ସେଠାରୁ ଅଦୃଶ୍ୟ ହୋଇଯାଇଥିଲେ । ଅପରପକ୍ଷରେ ଏହି କୂପ ସହିତ ଅନ୍ୟ ଏକ କିମ୍ବଦନ୍ତୀ ପ୍ରଚଳିତ ରହିଛି । କିମ୍ବଦନ୍ତୀଟି ହେଲା, 'ଦିନେ ଏହି ମଠର କୂପ ନିକଟରେ ନାନକଙ୍କ ପୁତ୍ର ଶ୍ରୀଚାନ୍ଦଜୀଙ୍କ ସହ ଜଗନ୍ନାଥ ଓ ବଳଭଦ୍ର ଦୁଇ ଭାଇ ବସିଥିବାରୁ ଦେଢ଼ଶୁରଙ୍କୁ ମାନ୍ୟ କରି ଲକ୍ଷ୍ମୀ ସୁଡ଼ଙ୍ଗ ପଥରେ ଯାଇ କୂପରୁ ପାଣି ଆଣିଥିଲେ । ସାଧାରଣତଃ ଓଡ଼ିଆ ପରିବାର ମଧ୍ୟରେ ଦେଢ଼ଶୁର ଭାଇବୋହୂ ମଧ୍ୟରେ ସାମାଜିକ ସଂପର୍କ ଓ ଚଳଣିର ଏହା ଏକ ନିଛକ ନମୁନା । ପଞ୍ଜାବ ଓ ରାଜସ୍ଥାନରେ ଏହି ପ୍ରକାରର କୂପକୁ 'ବଉଳି' କୁହାଯାଏ । ତେଣୁ ପଞ୍ଜାବରେ ନିର୍ମିତ ସ୍ୱତନ୍ତ୍ର ଶୈଳୀର କୂପର ନାମକୁ ନେଇ ଏହି ମଠ 'ବାଉଳିମଠ' ନାମରେ ସୁପରିଚିତ ହେବା ଅଧିକ ସମ୍ଭବପର ମନେ ହୁଏ ।

ବର୍ତ୍ତମାନର ମହନ୍ତ ସତ୍ୟନାରାୟଣ ଦାସଙ୍କ ଦ୍ୱାରା ପ୍ରସ୍ତୁତ ଏକ ରିପୋର୍ଟରେ ମଠର କୂପ ସଂପର୍କରେ ଥିବା ଉଲ୍ଲେଖ ପ୍ରକାରେ, ''ଶ୍ରୀକ୍ଷେତ୍ରର ପ୍ରସିଦ୍ଧ ଦର୍ଶନୀୟ ସ୍ଥାନମାନଙ୍କ ମଧ୍ୟରେ ଓଡ଼ିଶାର ଓଡ଼ିଆ ମାନଙ୍କ ଘରେ ଘରେ 'ଦେଢ଼ଶୁର ଭାଇବୋହୂ କୂଅ' ପରିଚିତ ଅଟେ । ମାର୍ଗଶୀର ମାସ ମାଣବସା ଗୁରୁବାରର କାହାଣୀ ମଧ୍ୟରେ ଦେଢ଼ଶୁର ହିସାବେ ଠାକୁର ଶ୍ରୀ ବଳଭଦ୍ର ଏବଂ ଭାଇବୋହୂ ମା ଲକ୍ଷ୍ମୀଙ୍କ କଥା ଉଲ୍ଲେଖ ଅଛି । ବିଶ୍ୱକର୍ମାଙ୍କୁ ସ୍ମରଣ କରି ଦେଢ଼ଶୁର ଓ ନିଜ ସ୍ୱାମୀ ଶ୍ରୀଜଗନ୍ନାଥଙ୍କ ଭୋଜନାର୍ଥେ ସମୁଦ୍ରକୂଳରେ ଲୁଣି ପାଣି ଅଞ୍ଚଳରୁ ମଧୁର ଜଳ ସଂଗ୍ରହ ପୂର୍ବକ ଅନ୍ନ, ବ୍ୟଞ୍ଜନ, ପିଷ୍ଟକ ଆଦି ପ୍ରସ୍ତୁତ କରି ପରିବେଷଣ କରିଥିଲେ ଏବଂ ଉକ୍ତ ମଧୁର ଜଳ ମଧ୍ୟ ପାନ କରିବା ନିମନ୍ତେ ଦେଇଥିବା ବିଷୟମାନ ମାଣବସା ଗୁରୁବାର ବହିରେ ଉଲ୍ଲେଖ ଅଛି । ଉକ୍ତ 'ଭାଇବୋହୂ କୂପ' ମଧ୍ୟକୁ ଯିବା ନିମନ୍ତେ ଥିବା ରାସ୍ତା ଏବଂ ପାହାଚର ବାମ ପଟେ ଆଜକୁ ଦୀର୍ଘ ବର୍ଷ ହେବ ପ୍ରସ୍ତର ନିର୍ମିତ ପୁରାତନ ଲକ୍ଷ୍ମୀ ପ୍ରତିମା ମୂର୍ତ୍ତି ଅଦ୍ୟାବଧି ପୂଜିତ ହୋଇ ଆସୁଅଛନ୍ତି'' ।

ବର୍ତ୍ତମାନ ଏହି ସ୍ଥାନଟି ଉଭୟ ହିନ୍ଦୁ ଓ ଶିଖ ମାନଙ୍କର ଏକ ପବିତ୍ର ସ୍ଥଳୀ ଅଟେ ।

ସ୍ୱର୍ଗଦ୍ୱାର ନିଶୁଣି :- ବାଉଳି ମଠର ଅନ୍ୟତମ ଆକର୍ଷଣ ହେଉଛି 'ସ୍ୱର୍ଗଦ୍ୱାର ଖୁଣ୍ଟି' ବା 'ସ୍ୱର୍ଗଦ୍ୱାର ନିଶୁଣି' । ଏହି ନିଶୁଣି ସଂପର୍କରେ ଏକ ସୁନ୍ଦର କିମ୍ବଦନ୍ତୀ ପ୍ରଚଳିତ ରହିଛି । ରାମାୟଣ ଯୁଗର ସମୟ । ରାବଣ ଏହିଠାରୁ ସ୍ୱର୍ଗକୁ ନିଶୁଣି ନିର୍ମାଣ ଆରମ୍ଭ କରିଥିଲା । କୌଣସି କାରଣବଶତଃ ଏହା ନିର୍ମାଣ ଆରମ୍ଭରୁ ବିଘ୍ନ ଘଟି ଅସଂପୂର୍ଣ୍ଣ ରହିଯାଇଥିଲା । ସେହି ନିଶୁଣି ସ୍ଥାନଟି ଦୀର୍ଘ ବହୁବର୍ଷ ଧରି ବାଉଳି ମଠ ଅଧୀନରେ ରହିଅଛି । ସଂପ୍ରତି ବାଉଳି ମଠର ଦ୍ୱାର ସମୁଖରେ ଅର୍ଥାତ୍ ରାସ୍ତାର ଅପର ପାର୍ଶ୍ୱରେ ପ୍ରାୟ ୩ ଫୁଟ୍ ଉଚ୍ଚର ମାଙ୍କଡ଼ା

Digitized by srujanika@gmail.com

ପଥରରେ ନିର୍ମିତ ଏକ ସ୍ତମ୍ଭ ବିଦ୍ୟମାନ । ପ୍ରତ୍ୟହ ମଠ ପକ୍ଷରୁ ଏହି ସ୍ତମ୍ଭର ପୂଜା କରାଯାଉଅଛି । ୧୯୯୦ ମସିହା ଖତିୟାନ୍ ରେକର୍ଡ଼ରେ ଦେବସ୍ଥଳୀ, ସ୍ୱର୍ଗଦ୍ୱାର ନିଶୁଣି ୧୦ ଡ଼ିସିମିଲି ଜମି ବାଉଳି ମଠ ନାମରେ ରହିଅଛି । ମଠରୁ ସଂଗୃହୀତ ତଥ୍ୟ ଅନୁଯାୟୀ ପୂର୍ବେ ଏହି ସ୍ଥାନଟି ପୁରୀର ପ୍ରସିଦ୍ଧ ଗୋବର୍ଦ୍ଧନ ମଠ ଅଧୀନରେ ରହିଥିଲା । କୌଣସି ଏକ ସମୟରେ ଏହି ସ୍ତମ୍ଭ ଓ ଏହାର ଚର୍ତୁପାର୍ଶ୍ୱ ସ୍ଥାନଟି ବାଉଳି ମଠ ଅଧୀନକୁ ଚାଲି ଆସିଥିଲା । ମଠରେ ଥିବା ପୁରାତନ କାଗଜାତ୍‌ରୁ ଜଣାଯାଏ ଯେ, ଆଜକୁ ଦୀର୍ଘ ୭୩ ବର୍ଷ ପୂର୍ବେ ଶଙ୍କରାଚାର୍ଯ୍ୟ ମଠକୁ ବାଉଳି ମଠ ତରଫରୁ ଏହି ସ୍ଥାନ ପାଇଁ ବାର୍ଷିକ ଦୁଇ ଟଙ୍କା ପଚାଶ ପଇସା ଖଜଣା ଦେବାକୁ ପଡୁଥିଲା । ଏହାର ପ୍ରମାଣ ଶ୍ରୀ ଗୋବର୍ଦ୍ଧନ ମଠର ଖଜଣା ବାବଦ ରସିଦ୍ ମଠରେ ସଂରକ୍ଷିତ ହୋଇ ରହିଛି । ଏପରିକି ଏହି ଖଜଣା ଅର୍ଥ ପଏଠ କରିବା ନେଇ ଗୋବର୍ଦ୍ଧନ ମଠର ତତ୍‌କାଳୀନ ପୀଠାଧୀଶ ସ୍ୱାମୀ ଭାରତୀ କୃଷ୍ଣ ତୀର୍ଥ ତାଙ୍କ ନିଜ ଦସ୍ତଖତରେ ବାଉଳି ମଠର ତତ୍‌କାଳୀନ ମହନ୍ତ ବାବା ସାହେବ ରାମ ଦାସଙ୍କୁ ୨୬.୪.୧୯୩୦ରେ ଏକ ଚିଠି ପ୍ରଦାନ କରିଥିଲେ । ଉକ୍ତ ଚିଠିଟି ଅଦ୍ୟାବଧି ମଠରେ ସୁରକ୍ଷିତ ହୋଇ ରହିଅଛି । ତହିଁର ଏକ ନକଲ ସଂଗ୍ରହ କରାଯାଇ ଉକ୍ତ ପୁସ୍ତକର ପରିଶିଷ୍ଟରେ ପ୍ରକାଶ କରାଯାଇଛି ।

ମଠର ମୁଖ୍ୟଦ୍ୱାର ଉତ୍ତରାଭିମୁଖୀ । ଦ୍ୱାର ସମ୍ମୁଖରେ ଜୟ ବିଜୟ ମୂର୍ତ୍ତି ବିଦ୍ୟମାନ । ଦ୍ୱାରର ଶୀର୍ଷ ଦେଶରେ ଏକ କ୍ଷୁଦ୍ର ଗଣେଶ ବିଗ୍ରହ ବିରାଜିତ ହୋଇଛନ୍ତି । ପ୍ରତ୍ୟହ ଉକ୍ତ ମୂର୍ତ୍ତିଙ୍କୁ ପୂଜା କରାଯାଉଅଛି । ମଠ ବିଜେସ୍ଥଳୀରେ ଠାକୁରଙ୍କ ଗୃହ, ସମାଧି ମନ୍ଦିର, ମହନ୍ତଙ୍କ ନିବାସ, ରୋଷ ଘର, ପଙ୍ଗତ ଘର, ଅମୁଣିଆ ଘର, ସାଧୁସନ୍ଥମାନଙ୍କ ରହିବା ପାଇଁ ଘର ଇତ୍ୟାଦି ମିଶି ପ୍ରାୟ ୭/୮ ବଖରା କୋଠରୀ ରହିଅଛି । ମଠର ଅଗଣାରେ ପ୍ରସିଦ୍ଧ 'କୂପ'ଟି ରହିଅଛି ।

ମଠ ଠାକୁରଙ୍କ ନୀତି, ଉତ୍ସବ :- ବାଉଳି ମଠରେ ଅଧିଷ୍ଠିତ ଠାକୁରମାନଙ୍କ ପାଇଁ ଉଦ୍ଦିଷ୍ଟ କୋଠରୀରେ ମୁଖ୍ୟ ଇଷ୍ଟ ବିଗ୍ରହ ରୂପେ ପ୍ରାୟ ୩ ଫୁଟ୍ ଉଚ୍ଚ ବିଶିଷ୍ଟ ଦାରୁ ବିଗ୍ରହ ପତିତପାବନ (ଶ୍ରୀଜଗନ୍ନାଥ) ସିଂହାସନ ଉପରେ ପ୍ରତିଷ୍ଠିତ ହୋଇଛନ୍ତି । ଅନ୍ୟାନ୍ୟ ପାର୍ଶ୍ୱ ଦେବଦେବୀ ମଧ୍ୟରେ ରାଧାକୃଷ୍ଣ, ଗୋପାଳ, କୃଷ୍ଣ, ଲକ୍ଷ୍ମୀ, ୨୨ ମୂର୍ତ୍ତି ଶାଳଗ୍ରାମ, ୫ ମୂର୍ତ୍ତି ମହାବୀର ବିଗ୍ରହ ରହିଛନ୍ତି । ଗୀତା, ଭାଗବତ ଗ୍ରନ୍ଥ ମଧ୍ୟ ପବିତ୍ର ଭାବେ ଉକ୍ତ ଗୃହରେ ରଖାଯାଇଅଛି ।

ଠାକୁରମାନଙ୍କ ଦୈନନ୍ଦିନ ନୀତି ମଧ୍ୟରେ ସକାଳ ସମୟରେ ଆଳତୀ, ଅବକାଶ, ବାଲ୍ୟଭୋଗ, ଦ୍ୱିପ୍ରହରରେ ଅନ୍ନଭୋଗ, ପହୁଡ଼, ସନ୍ଧ୍ୟା ଆଳତି, ଫଳ କ୍ଷୀର ଭୋଗ, ପହୁଡ଼, ସନ୍ଧ୍ୟା ଆଳତି, ଫଳ କ୍ଷୀର ଭୋଗ, ପହୁଡ଼ ନୀତି ଅନ୍ତର୍ଭୁକ୍ତ । ବର୍ତ୍ତମାନର ମଠାଧୀଶଙ୍କ ସୂତ୍ରରୁ ପ୍ରକାଶ ଯେ, ମଠ ଠାକୁରଙ୍କ ନୀତି, ସେବା ପୂଜାରେ ଜନୈକ ପୂଜକ ଶ୍ରୀ ନବକିଶୋର

Digitized by srujanika@gmail.com

ରଥଙ୍କୁ ନିୟୋଜିତ କରାଯାଇଛି । ବର୍ଷର ବିଭିନ୍ନ ତିଥିରେ ପାଳିତ ଉତ୍ସବ, ପର୍ବପର୍ବାଣୀ ସମେତ ପ୍ରତ୍ୟେକ ସଂକ୍ରାନ୍ତିରେ ହୋମ ପୂଜା ହୋଇଥାଏ । ଦେବସ୍ନାନ ପୂର୍ଣ୍ଣିମାରେ ପତିତପାବନ ଦାରୁ ବିଗ୍ରହଙ୍କର ସ୍ନାନ ନୀତି ପରେ ମଠ ପକ୍ଷରୁ ନିର୍ମିତ ହାତୀ ବେଶ ଓ ସ୍ୱତନ୍ତ୍ର ଭୋଗ ଅନୁଷ୍ଠିତ ହୋଇଥାଏ । ରାମ ନବମୀ, କୃଷ୍ଣ ଜନ୍ମ, ରାଧାଷ୍ଟମୀ ଇତ୍ୟାଦି ପର୍ବ ପାଳନ କରାଯିବା ସହିତ ଭାଦ୍ରବ ନବମୀରେ ଶ୍ରୀ ଚାନ୍ଦଜୀଙ୍କର ଜନ୍ମୋତ୍ସବ ଉପଲକ୍ଷେ ମଠରେ ଏକ ସ୍ୱତନ୍ତ୍ର ପ୍ରସାଦ ଯାହାକୁ କି 'କଡ଼ା ପ୍ରସାଦ' କୁହାଯାଏ । ସମାନ ଭାଗର ସୁଜି, ଚିନି ଓ ଘିଅ ଏବଂ ଖିସ୍‌ମିସ୍ ପଡ଼ି (ମହନଭୋଗ) ଏକ ସ୍ୱତନ୍ତ୍ର ପ୍ରକାରର ସୁସ୍ୱାଦୁ ପ୍ରସାଦ ଭୋଗ ହୋଇଥାଏ । ଏତଦ୍‌ବ୍ୟତୀତ ପୂର୍ବତନ ଗୁରୁ ମଠାଧୀଶ ମାନଙ୍କର ଶ୍ରାଦ୍ଧୋତ୍ସବ ମଧ୍ୟ ପାଳିତ ହୋଇଥାଏ ।

ଠାକୁରମାନେ ଅଧିଷ୍ଠିତ ହୋଇଥିବା କୋଠରୀର ଠିକ୍ ପରବର୍ତ୍ତୀ ଖୋଲା ଗୃହର ମଧ୍ୟ ଭାଗରେ ଏକ ପିଣ୍ଡି ଉପରେ କାଠ ଚଉଦଳଟିଏ ରଖାଯାଇଛି । ଏହି ଚଉଦଳଟି ସୁସଜ୍ଜିତ ହୋଇ ଶିଖ୍ ଧର୍ମାବଲମ୍ବୀଙ୍କର ପବିତ୍ର ଗ୍ରନ୍ଥ ସାହେବ ସେହିଠାରେ ରହିଛି । ଏହି ଗ୍ରନ୍ଥ ସାହେବର ସମ୍ମୁଖରେ ଏକ କାଚ ବନ୍ଧେଇ ଫଟୋ ରହିଛି । ଏହି ଫଟୋରେ ଗୁରୁ ନାନକ, ଶ୍ରୀ ଚାନ୍ଦ, ଲକ୍ଷ୍ମୀଚାନ୍ଦ ଏବଂ ମାର୍ଜନାଙ୍କ ଚିତ୍ର ରହିଛି । ନିମ୍ନରେ ଦୁଇ ସେବକ (ବାଲା) ଦଣ୍ଡାୟମାନ ହୋଇଛନ୍ତି । ଗ୍ରନ୍ଥ ସାହେବର ପାର୍ଶ୍ୱରେ ଏକ ଚାମର ରହିଅଛି । ଚଉଦଳର ବାମ ପାର୍ଶ୍ୱରେ ପ୍ରାୟ ଏକ ଫୁଟ୍ ଉଚ୍ଚର ମାର୍ବଲ ପ୍ରସ୍ତରରେ ନିର୍ମିତ ଶ୍ରୀ ଚାନ୍ଦଙ୍କର ମୂର୍ତ୍ତି ବିରାଜିତ ପୂର୍ବକ ପୂଜିତ ହେଉଛନ୍ତି । ପରବର୍ତ୍ତୀ ସମୟରେ ଏହି ମୂର୍ତ୍ତିକୁ ବିଭିନ୍ନ ରଙ୍ଗରେ ଚିତ୍ରିତ କରାଯାଇଅଛି । ଏହି ସ୍ଥାନରେ ଏକ ପିଣ୍ଡି ମଧ୍ୟ ରହିଅଛି । ନୂତନ ମହନ୍ତ ମାନଙ୍କର ଶାଢ଼ୀ ବନ୍ଧନ ତଥା ଗାଦିନାସୀନ ପରମ୍ପରା ଏହି ପିଣ୍ଡି ବା ଗାଦୀ ଉପରେ ଅନୁଷ୍ଠିତ ହୋଇଥାଏ । ବିଭିନ୍ନ ପ୍ରାବନ୍ଧିକମାନେ ବାଉଳି ମଠ ଠାରେ ନାନକଙ୍କ ଦ୍ୱାରା ଗ୍ରନ୍ଥ ସାହେବ ପ୍ରତିଷ୍ଠିତ ହୋଇଛି ବୋଲି ଯାହା ପ୍ରକାଶ କରିଛନ୍ତି, ତାହା ଭ୍ରମାତ୍ମକ ତଥା ଏହି ବିଷୟରେ କୌଣସି ପ୍ରାମାଣିକ ତଥ୍ୟ ଅଦ୍ୟାବଧି ଉପସ୍ଥାପିତ ହୋଇ ପାରିନାହିଁ । ଶ୍ରୀ ଚାନ୍ଦଜୀଙ୍କ ପରବର୍ତ୍ତୀ ସମୟରେ ଅର୍ଥାତ୍ ଗୁରୁଦତ୍ତାଜୀ କିମ୍ବା ବାବା ସାହେବଜୀ (ସାହାଜୀ)ଙ୍କ ସମୟରେ ଏହି ମଠର ବିଜେସ୍ଥଳୀରେ ପବିତ୍ର ଗ୍ରନ୍ଥ ସାହେବଙ୍କୁ ରଖାଯାଇଥିବା ଅଧିକ ସମ୍ଭବ ମନେ ହୁଏ । ଏପରିକି ଜଗନ୍ନାଥାଦି ଅନ୍ୟାନ୍ୟ ବିଗ୍ରହ ଏବଂ ଦେଢ଼ଶୁର ଭାଇବୋହୂ କୂପର ସ୍ୱତନ୍ତ୍ର ନିର୍ମାଣ ଶୈଳୀ ନାନକ କିମ୍ବା ଶ୍ରୀ ଚାନ୍ଦଜୀଙ୍କ ସମୟରେ ପ୍ରତିଷ୍ଠିତ ହୋଇ ନଥିଲା । ଅନୁମାନ କରାଯାଏ ଯେ, ସାଧାରଣ କୂପଟିଏ ସେହି ସମୟରେ ତତ୍‌କାଳୀନ ରାଜାନୁଗ୍ରହରୁ ନିର୍ମାଣ ହୋଇ ପାରୁଥିଲା ।

ସମଗ୍ର ଶିଖ୍ ସମାଜରେ ପୁରୀ ବାଉଳି ମଠଟିର ପ୍ରସିଦ୍ଧି ଓ ଲୋକପ୍ରିୟତା ରହିଥିବାର ମୁଖ୍ୟ କାରଣ ହେଉଛି ପବିତ୍ର ଗ୍ରନ୍ଥ ସାହେବ । ଶିଖ୍ ଧର୍ମାବଲମ୍ବୀମାନେ ଏହି

Digitized by srujanika@gmail.com

ମଠକୁ ଆଗମନ କରି ପବିତ୍ର ଗ୍ରନ୍ଥ ସାହେବର ପଠନ ଓ ଚାମର ସେବାର ପରମ୍ପରା ଅଦ୍ୟାବଧି ରହିଅଛି । ଅତୀତରେ ଶିଖ ସମ୍ପ୍ରଦାୟର ବହୁ ବିଶିଷ୍ଟ ବ୍ୟକ୍ତିମାନଙ୍କ ମଧ୍ୟରେ ଭାରତର ତତ୍କାଳୀନ ରାଷ୍ଟ୍ରପତି ଜ୍ଞୈଲ ସିଂ, ରାଜ୍ୟପାଳ ଯୋଗୀନ୍ଦର ସିଂ, ପୂର୍ବତନ ପ୍ରଧାନମନ୍ତ୍ରୀ ଶ୍ରୀ ଚନ୍ଦ୍ରଶେଖର, ସାମରିକ ବାହିନୀ ସମେତ ପଞ୍ଜାବ ତଥା ଭାରତର ବହୁ ଉଚ୍ଚ ପଦାଧିକାରୀ ଏହି ମଠକୁ ଆସି ପାରମ୍ପରିକ ଭାବେ ପବିତ୍ର ଗ୍ରନ୍ଥ ସାହେବ ପାଠ କରିଥିବାର ପ୍ରମାଣ ରହିଅଛି ।

ଗ୍ରନ୍ଥ ସାହେବ ରଖାଯାଇଥିବା ଗୃହର ଡାହଣ ପାର୍ଶ୍ୱରେ ଅନ୍ୟ ଏକ କୋଠରୀରେ ସମାଧି ମନ୍ଦିର ରହିଅଛି । ପୂର୍ବତନ ମଠାଧୀଶ ମାନଙ୍କର ମୃତଶରୀର ସ୍ୱର୍ଗଦ୍ୱାରଠାରେ ଦାହ କରାଯିବା ପରେ ସେଠାରୁ ଅସ୍ଥି ଅଣାଯାଇ ସମାଧି ମନ୍ଦିରରେ ସ୍ଥାପନ କରାଯାଇଥାଏ । ଉକ୍ତ ସମାଧି ମନ୍ଦିରରେ କେତେକ କ୍ଷୁଦ୍ର ସମାଧିମାନ ନିର୍ମିତ ହୋଇଅଛି । ପ୍ରତ୍ୟହ ସେହି ସମାଧିମାନଙ୍କରେ ମଠ ପକ୍ଷରୁ ପାଣି ଓ ଫୁଲ ପ୍ରଦାନ କରାଯାଇଥାଏ । ଏହି ମଠର ବିଜେସ୍ଥଳୀରେ ଠାକୁର ଓ ଗ୍ରନ୍ଥ ସାହେବ ଗୃହର ପାର୍ଶ୍ୱରେ ସମାଧି ମଠର ମନ୍ଦିର ଥିବା ବେଳେ ପୁରୀର ଅନ୍ୟାନ୍ୟ ପ୍ରତିଷ୍ଠିତ ମନ୍ଦିର ସମାଧି ଗୁଡ଼ିକ ବିଜେସ୍ଥଳୀ ସଂଲଗ୍ନ ବାଡ଼ି (ବଗିଚା) କିମ୍ବା ଅଗଣା ମାନଙ୍କରେ ରହିଥିବା ଦୃଶ୍ୟମାନ ହୁଏ ।

ସମାଧି ମନ୍ଦିର ସମ୍ମୁଖରେ ଅର୍ଥାତ୍ ଅନ୍ୟ ଏକ ଗୃହର ମଧ୍ୟ ଭାଗରେ ଏକ ଧୂନୀ (ଯଜ୍ଞକୁଣ୍ଡ) ରହିଛି । ସାଧୁମାନେ ଏଠାରେ ଧୂନି ଲଗାଇ ଜପ, ସାଧନା କରିଥାନ୍ତି । ଧୂନି କୁଣ୍ଡର ପାର୍ଶ୍ୱରେ ଶ୍ରୀଚାନ୍ଦଙ୍କ ବିଶ୍ରାମ ପାଇଁ ଏକ ଶୟନ ଆସନ ରହିଛି । ଏକ ମଶାରୀ ଦ୍ୱାରା ଆବୃତ ଏହି ଶୟନ ଆସନଟି ସ୍ୱତନ୍ତ୍ର ଭାବେ ମଠ ପରମ୍ପରାର ସ୍ୱାକ୍ଷର ବହନ କରେ ।

ମଠ ପରିଚାଳନା :- ରାଜ୍ୟ ଦେବୋତ୍ତର କମିଶନରଙ୍କ ପ୍ରତ୍ୟକ୍ଷ ନିୟନ୍ତ୍ରଣାଧୀନରେ ଥିବା ଏହି ମଠଟିର ପରିଚାଳନା ତଥା ସେବା ପୂଜା ଦାୟିତ୍ୱ ବର୍ତ୍ତମାନର ମହନ୍ତ ସତ୍ୟ ନାରାୟଣ ଦାସଙ୍କ ଉପରେ ନ୍ୟସ୍ତ । ମହନ୍ତଙ୍କୁ ମଠ କାର୍ଯ୍ୟରେ ସହାୟତା କରିବା ପାଇଁ ପୂଜାରୀ ୧ ଜଣ, ଯୋଗାଣିଆ ୧ ଜଣ, ଟହଲିଆ ୧ ଜଣ ଏବଂ ଗୁମାସ୍ତା ୧ ଜଣ ରହିଛନ୍ତି । ବର୍ତ୍ତମାନର ମହନ୍ତ ତାଙ୍କର ଚେଲା ରୂପେ ଅକ୍ଷୟ କୁମାର ଦାସଙ୍କୁ ମନୋନୀତ କରିଥିବା ଜଣାଯାଏ ।

ସଂପ୍ରତି ମଠର ପରିଚାଳନା ଓ ସେବା ପୂଜା ବାବଦରେ ବାର୍ଷିକ ପ୍ରାୟ ୫୦ ହଜାର ଟଙ୍କା ଖର୍ଚ୍ଚ ହେଉଥିବା ଜଣାଯାଏ । ଶିରୁଳି ମହାବୀର ମନ୍ଦିର ନିକଟସ୍ଥ ଗୋଦରାବିନ୍ଧା, ଖୋର୍ଦ୍ଧାର ପିତାପଲ୍ଲୀଠାରେ ଥିବା ୧୫ ଏକର ଧାନ ଜମି, ମଠ ବିଜେସ୍ଥଳୀ ଠାରେ ଥିବା ଦୋକାନ ଗୃହ ଭଡ଼ା, ବିଭିନ୍ନ ଶିଷ୍ୟ ତଥା ପର୍ଯ୍ୟଟକ ମାନଙ୍କ ପ୍ରଦତ୍ତ ଦାନ ଅର୍ଥରେ ମଠର ଯାବତୀୟ ପରିଚାଳନା ଓ ନୀତି ଇତ୍ୟାଦି କାର୍ଯ୍ୟ ନିର୍ବାହ ହେଉଅଛି । ଅତୀତରେ ଏହି ମଠ

Digitized by srujanika@gmail.com

ମାରଫତ୍‌ରେ ଥିବା ଭୂସଂପତ୍ତିର ସଂପୂର୍ଣ୍ଣ ବିବରଣୀ ମଠ କାର୍ଯ୍ୟାଳୟରେ ଉପଲବ୍ଧ ହେଉନାହିଁ । ମଠ ମହନ୍ତଙ୍କ ଉଦ୍ୟମ କ୍ରମେ ବିଜେସ୍ଥଳୀ ଠାରେ କେତେକ ନୂତନ ଗୃହ ନିର୍ମାଣ କରାଯାଇଛି ।

ସମଗ୍ର ଭାରତର ଶିଖ୍ ଓ ସନାତନ ହିନ୍ଦୁ ଧର୍ମାବଲମ୍ବୀ ବ୍ୟକ୍ତି ମାନଙ୍କର ପବିତ୍ରମିଳନ ପୀଠ 'ବାଉଳି ମଠ'ଟି ଅତୀତର ସେହି ମଧୁର ସ୍ମୃତିକୁ ଉଜ୍ଜୀବିତ କରି ପାରିଛି ଏଥିରେ ସନ୍ଦେହ ନାହିଁ ।

ସହାୟକ ଗ୍ରନ୍ଥ ସୂଚୀ ଓ ବ୍ୟକ୍ତି ବିଶେଷ :

୧. ଗୁରୁ ନାନକ ଓ ଶ୍ରୀଜଗନ୍ନାଥ - ଡ଼ଃ ବ୍ରଜକିଶୋର ସାହୁ ('ଶ୍ରୀମନ୍ଦିର' ପତ୍ରିକା, ରଥ ସଂଖ୍ୟା ୧୯୮୭, ପୃ-୬୧, ୬୨)

୨. ହମ୍ ସବ୍ ନାନକ ସାଇଁ ହେ - ଡକ୍ଟର ସିଦ୍ଧେଶ୍ୱର ମହାପାତ୍ର (ନବକଳେବର ସଂଖ୍ୟା, ୧୯୯୬ ପତ୍ରିକା, ଜୟ ଜଗନ୍ନାଥ ପ୍ରଚାର ସମିତି, ପୃଷ୍ଠା-୨୬)

୩. ଜନ୍ମସାକ୍ଷୀ ବାବା ଶ୍ରୀ ଚନ୍ଦ୍ରଜୀ ଭଗବାନ - ସର୍ଦ୍ଦାର ଧନା ସିଂହଜୀ, ଅମୃତସର (ଶ୍ରୀଜଗନ୍ନାଥ କେ ଦର୍ଶନ-ପୃ ୭୭)

୪. ଏଜନ - ପୃଷ୍ଠା ୯୨/୧୪୮

୫. ମଙ୍ଗୁମଠର ମହନ୍ତ ଶ୍ରୀ ବୈଦ୍ୟନାଥ ଦାଶ

୬. ବାଉଳି ମଠର ମହନ୍ତ ଶ୍ରୀ ସତ୍ୟ ନାରାୟଣ ଦାସ

୭. ଶ୍ରୀକ୍ଷେତ୍ର : ଶ୍ରୀଜଗନ୍ନାଥ (ଉ.ପା.ସଂ - ୩ୟ ସ୍ତବକ, ପୃଷ୍ଠା- ୩୯୧.୩୯୨)

✤ ✤ ✤

Digitized by srujanika@gmail.com

ଝାଞ୍ଜପିଟା ମଠ

ସମଗ୍ର ଗୌଡ଼ୀୟ ବୈଷ୍ଣବ ମାନଙ୍କର ପ୍ରିୟ ଦର୍ଶନୀୟସ୍ଥଳୀ ରୂପେ ଶ୍ରୀ ଝାଞ୍ଜ ପିଟା ମଠ ଅତ୍ୟନ୍ତ ସୁପରିଚିତ । ପୁରୀ ଟାଉନ୍‌ର ଦୋଳମଣ୍ଡପ ସାହି ଓ ସୁଆର ସାହିର ପଶ୍ଚାତ୍ ଭାଗରେ ପ୍ରାୟ ଅଧ ଏକରରୁ ଉର୍ଦ୍ଧ୍ୱ ପରିମିତ ଭୂଖଣ୍ଡ ଉପରେ ଝାଞ୍ଜପିଟା ମଠ ବିଦ୍ୟମାନ । ଏହା ଚତୁଃ ସମ୍ପ୍ରଦାୟ ଅନ୍ତର୍ଗତ ମାଧ୍ୱାଚାର୍ଯ୍ୟ ଶାଖାର ଗୌଡ଼ୀୟ ଉପଶାଖା ସମ୍ବଳିତ । ସାଧାରଣରେ ଉକ୍ତ ମଠଟି ଶ୍ରୀ ବ୍ରହ୍ମ ମାଧ୍ୱ ଗୌରେଶ୍ୱର (ଗୌଡ଼ୀୟ ସମ୍ପ୍ରଦାୟ) ସମ୍ପ୍ରଦାୟର ଅନ୍ତର୍ଭୁକ୍ତ ଓ ସୁପରିଚିତ ଅଟେ । ମଠଟି ପ୍ରାୟ ଚାରି ଶହ ବର୍ଷର ପୁରାତନ ବୋଲି ଜଣାଯାଏ । ମଠ ସୂତ୍ରରୁ ପ୍ରକାଶ ଯେ ଭକ୍ତି ଧର୍ମର ପ୍ରବର୍ତ୍ତକ ଶ୍ରୀ ଶ୍ରୀ କୃଷ୍ଣ ଚୈତନ୍ୟ ମହାପ୍ରଭୁଙ୍କ ପୁରୀ ଅବସ୍ଥାନ କାଳରେ ତଥା ଉତ୍କଳର ଗଜପତି ଶ୍ରୀ ପ୍ରତାପରୁଦ୍ର ଦେବଙ୍କ ସମୟରେ ଏହାର ଉତ୍ପତ୍ତି ।

ମଠ ପ୍ରତିଷ୍ଠାର ଇତିହାସ :- ଅତୀତରେ ମଠ ବିଜେସ୍ଥଳୀ ସ୍ଥାନଟି ଅରଣ୍ୟ ସଙ୍କୁଳ ଥିଲା । ପ୍ରଭୁ ନିତ୍ୟାନନ୍ଦ ଏହି ସ୍ଥାନରେ କେତେକ ବାଳକଙ୍କୁ ନେଇ ଶ୍ରୀ ଗୌର ପ୍ରେମାନନ୍ଦ ମତ୍ତରେ ନୃତ୍ୟ କରିଥିଲେ । ଶ୍ରୀ ଚୈତନ୍ୟ ମହାପ୍ରଭୁଙ୍କ ଅର୍ନ୍ତଧାନ ପରେ ଭାରତ ବର୍ଷର ଲୋକପ୍ରିୟ ପ୍ରଖ୍ୟାତ ଧର୍ମ ପ୍ରଚାରକ ଗୌଡ଼ୀୟ ବୈଷ୍ଣବ ସନ୍ଥ ନରୋତ୍ତମ ଦାସ ଠାକୁର ପ୍ରଭୁ ନିତ୍ୟାନନ୍ଦଙ୍କ ପଦାଙ୍କିତ ଏହି ସ୍ଥାନଟିକୁ ପରବର୍ତ୍ତୀ ସମୟରେ ଦର୍ଶନ କରି ଭାବ ବିହ୍ୱଳିତ ହୋଇ ଉଠିଥିଲେ । ପୁରୀସ୍ଥିତ ଶ୍ରୀଚୈତନ୍ୟଙ୍କର ଲୀଳାସ୍ଥଳୀ ଗୁଡ଼ିକ ଦର୍ଶନ କରିବା କାଳରେ ଏହି ସ୍ଥାନକୁ ଆସି ଅତ୍ୟନ୍ତ ଭାବ ବିହ୍ୱଳିତ ଚିତ୍ତରେ ଏଠିକାର ଧୂଳି ଦେହରେ ବୋଳି ହୋଇ ମୂର୍ଚ୍ଛିତ ହୋଇପଡ଼ନ୍ତି । ତାହାଙ୍କ ପରିବେଷ୍ଟିତ ଦର୍ଶକ ମଣ୍ଡଳୀ ଓ ଶିଷ୍ୟଗଣ ଆଶ୍ଚର୍ଯ୍ୟ ହୋଇ ଏପରି ଭାବ ବିହ୍ୱଳତା କାରଣ ଜିଜ୍ଞାସା କରନ୍ତେ ଉତ୍ତରରେ କହନ୍ତି, ଏହି ଭୂମି ଶ୍ରୀ ଚୈତନ୍ୟ ଓ ଶ୍ରୀ ନିତ୍ୟାନନ୍ଦ ପ୍ରଭୁଙ୍କର ପାଦ ସ୍ପର୍ଶରେ ପରମ ପବିତ୍ର ତଥା ଆଶୁ ଭକ୍ତି ପ୍ରଦାୟକ । ଏଠାରେ ଉଭୟ ପ୍ରଭୁ ନଗରବାସୀଙ୍କୁ ସଙ୍ଗରେ ନେଇ ମହା ସଂକୀର୍ତ୍ତନ ରସର ଅମୃତମୟୀ ଧାରା ପ୍ରବାହିତ କରାଇଥିଲେ ଯାହା ପୁରୀ କ୍ଷେତ୍ର ଉପରେ ଅଲୌକିକ ପ୍ରଭାବ ପକାଇଥିଲା । ଏହି ମାଟିରେ ଅଳ୍ପ ସାଧନାରେ ମନ୍ତ୍ରସିଦ୍ଧ ହୋଇଥାଏ ଏବଂ ଏହି ମାଟି ହରି ଭଜନରେ ଆଶୁ ଭକ୍ତି ପ୍ରଦାନକାରୀ । ଦୁଇ ପ୍ରଭୁଙ୍କର ଲୀଳା ପ୍ରଭାବରେ ଏହି ଭୂମିରେ ଭଜନ ବିଘ୍ନ ବହୁତ କମ୍ । ଶ୍ରୀଳ ନରୋତ୍ତମ ଦାସ ଠାକୁରଙ୍କର ଉପରୋକ୍ତ ବାକ୍ୟରେ ଉଦ୍‌ବୁଦ୍ଧ ଜନୈକ ତଦୀୟ

Digitized by srujanika@gmail.com

ଶିଷ୍ୟ ଶ୍ରୀଳ ସେବା ଦାସ ବାବାଜୀ ମହାରାଜ ଗୁରୁଦେବଙ୍କ ଅନୁମତି ନେଇ ଏହି ସ୍ଥାନରେ କୁଟୀର ନିର୍ମାଣ କରି ସମଗ୍ର ଜୀବନ ଭଜନ ସାଧନ କରିଥିଲେ । ଶ୍ରୀଳ ନରୋତ୍ତମ ଦାସ ଠାକୁର ଅନ୍ତର୍ହିତ ହୁଅନ୍ତେ ତଦୀୟ ନିତ୍ୟ ସେବା ବିଗ୍ରହ ଶ୍ରୀ ଶ୍ରୀ ରାଧାକାନ୍ତ ଦେବ ଜୀଉ ଯୁଗଳ ବୃନ୍ଦାବନରୁ ଏହି ସ୍ଥାନକୁ ଆସି ଅଦ୍ୟାବଧି ପୂଜିତ ହେଉଛନ୍ତି । ମଠର ପ୍ରତିଷ୍ଠାତା ଶ୍ରୀଳ ସେବା ଦାସଙ୍କ ଜୀବନ ଅତ୍ୟନ୍ତ ଉତ୍ସର୍ଗୀକୃତ ବୋଲି ଲୋକ ମୁଖରୁ ଶୁଣାଯାଏ । ସେ ପ୍ରତ୍ୟହ ରାତ୍ରିର ଚତୁର୍ଥ ପ୍ରହରରେ ଉଠି ଏକ ବଡ଼ ଝାଞ୍ଜ ଧରି ଖୁବ୍ ଜୋରରେ ବଜାଇ ବଜାଇ ଉଚ୍ଚ ସ୍ୱରରେ ନାମ ସଂକୀର୍ତ୍ତନରେ ମଠରୁ ବାହାରି ଶ୍ରୀମନ୍ଦିର ଚତୁପାର୍ଶ୍ୱ ପରିକ୍ରମା କରି ପୁନଶ୍ଚ ମଠକୁ ପ୍ରତ୍ୟାବର୍ତ୍ତନ କରିଥାନ୍ତି । ମଠ ପରିସରରେ ଉଚ୍ଚ ସ୍ୱରରେ ଝାଞ୍ଜ ବଜାଇ ନାମ କରନ୍ତି । ତାଙ୍କର ଉଦ୍ଦେଶ୍ୟ ଥିଲା ଶ୍ରୀଜଗନ୍ନାଥ ଦେବଙ୍କ ପ୍ରାତଃ କାଳୀନ ମଙ୍ଗଳ ଆରତୀ ଦର୍ଶନ ନିମନ୍ତେ ପୁରୀ ବାସୀଙ୍କୁ ଜାଗ୍ରତ କରାଇବା । ବର୍ତ୍ତମାନର ପୁରୀ ରାଜ ନଅର ଠାରୁ ଅନତି ଦୂରରେ ଅବସ୍ଥିତ ଏହି ମଠରେ ବଜାଯାଉଥିବା ଝାଞ୍ଜ ଶବ୍ଦରେ କୌତୁହଳୀ ତତ୍କାଳୀନ ଗଜପତି ମହାରାଜାଙ୍କ ଶୁଭ ଦୃଷ୍ଟିରେ ଉକ୍ତ ମଠ ଓ ବାବାଜୀମାନେ ରହିଥିବାରୁ ରାଜାନୁଗ୍ରହରୁ ପ୍ରତ୍ୟହ ଶ୍ରୀମନ୍ଦିରରୁ ମହାପ୍ରସାଦ ଖଞ୍ଜା ବ୍ୟବସ୍ଥା ହୁଏ ଓ କାଳକ୍ରମେ ଲୋକମୁଖରେ ଏହି ମଠ ଝାଞ୍ଜ ପିଟା ମଠ ନାମରେ ଖ୍ୟାତ ହୋଇଥିଲା । ରାଜାନୁଗ୍ରହରୁ ମହାପ୍ରସାଦ ବ୍ୟବସ୍ଥା ଖଞ୍ଜା ହୋଇଥିବାରୁ ବହୁ ତୀର୍ଥାଚାରୀ ପର୍ଯ୍ୟଟକ, ସାଧୁସନ୍ଥ ଏହି ମଠରେ ଆଶ୍ରୟ ନେଉଥିଲେ । ଚାରି ଧାମ ଯାତ୍ରୀ ତଥା ସାଧୁ ସନ୍ଥ ମାନଙ୍କ ମଧରେ ଏହି ମଠ ଆଶ୍ରୟ ସ୍ଥଳ ରୂପେ ସମଗ୍ର ଭାରତ ବର୍ଷରେ ପରିଚିତ ହୋଇଥିଲା । ଏଣୁ ଏହି ମଠ ପରିସରରେ ଚାରିଧାମ ନାମରେ ଏକ ବିଶ୍ରାମ ମଣ୍ଡପ ଅଦ୍ୟାବଧି ବିଦ୍ୟମାନ । କାଳର କରାଳ ସ୍ରୋତରେ ପରବର୍ତ୍ତୀ ସମୟରେ ଏକଦା ଏହି ମଠଟି ବନ୍ଧକ ଓ କୋରଖ ହୋଇ ଚରମ ଅବନତିର ସମ୍ମୁଖୀନ ହୋଇଥିଲା । ଏପରିକି ଆରାଧ ଦେବତା ଶ୍ରୀ ଶ୍ରୀ ରାଧାକାନ୍ତ ଦେବ ଜୀଉ ଯୁଗଳ ମୂର୍ତ୍ତି ଅସ୍ଥାବର ସମ୍ପତ୍ତି ରୂପେ ବିବେଚିତ ହୋଇ ମାଲ୍ଖାନାରେ ରହିଥିଲେ । ବ୍ରିଟିଶ୍ ରାଜତ୍ୱ କାଳରେ ମଠର ଏହି ଦୁର୍ଗତି ଘଟିଥିଲା ।

୧୮୯୦ ମସିହାରେ ଗୌଡ଼ୀୟ ବୈଷ୍ଣବ ପ୍ରବର ସିଦ୍ଧ ସାଧୁ ଶ୍ରୀଳ ଶ୍ରୀପାଦ ରାଧାରମଣ ଚରଣ ଦାସ ଦେବ ପୁରୀକୁ ଆଗମନ କରିଥିଲେ । ଝାଞ୍ଜ ପିଟା ମଠ ଓ ଆରାଧ ବିଗ୍ରହଙ୍କର ଏତାଦୃଶ ଦୂରାବସ୍ଥାରେ ବିଚଳିତ ହୋଇ ତତ୍କାଳୀନ ରାଜା ତୃତୀୟ ମୁକୁନ୍ଦ ଦେବ ଓ ଭକ୍ତମାନଙ୍କ ସହାୟତାରେ ମଠର ପୁନରୁଦ୍ଧାର ସେହି ବର୍ଷ ମାଘ ମାସ ବସନ୍ତ ପଞ୍ଚମୀ ତିଥିରେ ଆରାଧ ଦେବତା ଶ୍ରୀ ଶ୍ରୀ ରାଧାକାନ୍ତ ଦେବ ଜୀଉ ବିଗ୍ରହଙ୍କୁ ସିଂହାସନରେ ପୁନଃ ପ୍ରତିଷ୍ଠା କରି ସେବା ପୂଜା ଭାର ନିଜେ ବହନ କରିଥିଲେ । ତତ୍ପରେ ତାଙ୍କର ଶିଷ୍ୟ ପ୍ରବର ଭାରତ ବିଖ୍ୟାତ ସଂକୀର୍ତ୍ତନାଚାର୍ଯ୍ୟ ଶ୍ରୀଳ ଶ୍ରୀପାଦ ରାମ ଦାସ ବାବାଜୀ ମହାରାଜ ୧୯୦୫ରୁ ୧୯୫୩ ମସିହା ପର୍ଯ୍ୟନ୍ତ ଏହି ମଠର ସେବା ଦାୟିତ୍ୱ ବହନ କରିଥିଲେ । ୧୯୫୩ରୁ ୧୯୭୨ ପର୍ଯ୍ୟନ୍ତ ଶ୍ରୀପାଦ ନନି ଗୋପାଳ ଦାସ ବାବାଜୀ ଓ ତଦନ୍ତେ ୧୯୭୨

Digitized by srujanika@gmail.com

ଠାରୁ ୧୯୯୫ ମସିହା ପର୍ଯ୍ୟନ୍ତ ଶ୍ରୀପାଦ ନିତାଇପଦ ଦାସ ବାବାଜୀ ମହାରାଜ ସେବା ଦାୟିତ୍ୱ ନିର୍ବାହ କରିଥିଲେ । ଅଧୁନା ୧୯୯୫ ମସିହାଠାରୁ ଅଦ୍ୟାବଧି ଶ୍ରୀ ସଚ୍ଚିଦାନନ୍ଦ ଦାସ ବାବାଜୀ ରାଧାକାନ୍ତ ଦେବ ଜୀଉଙ୍କର ସେବା ପୂଜାରେ ନିୟୋଜିତ ରହିବା ସହିତ ମଠ ପରିଚାଳନା ଦାୟିତ୍ୱ ନିର୍ବାହ କରୁଛନ୍ତି ।

ମଠର ବୈଶିଷ୍ଟ୍ୟ :- ଝାଞ୍ଜ ପିଟା ମଠର ଆରାଧ ଦେବତା ଶ୍ରୀ ଶ୍ରୀ ରାଧାକାନ୍ତ ଦେବ ଜୀଉଙ୍କ ସମେତ ତିନି ମୂର୍ତ୍ତି ଶାଳଗ୍ରାମ ପୂଜିତ ହେଉଛନ୍ତି । ପ୍ରତ୍ୟହ ବହୁ ଦର୍ଶନାର୍ଥୀ ଓ ଗୌଡ଼ୀୟ ବୈଷ୍ଣବାଲମ୍ବୀ ଭକ୍ତ ଗଣ ଏହି ମଠକୁ ଆସିଥାନ୍ତି । ଏଠାରେ ଅହରହ ଅଖଣ୍ଡ ନାମ ସଂକୀର୍ତ୍ତନ ହୋଇଆସୁଅଛି । ପ୍ରତ୍ୟହ ତ୍ରିସନ୍ଧ୍ୟା କୀର୍ତ୍ତନ ସହ ଅକ୍ଷୁର୍ଣ୍ଣ ସେବା ପୂଜା ଓ ଅନେକ ପର୍ବ ପର୍ବାଣୀ ଯଥା ରୀତି ପାଳିତ ହୋଇଥାଏ । ସନ୍ଧ୍ୟା ସମୟରେ ଏହି ମଠ ପରିସରରେ ଶ୍ରୀମଦ୍ ଭାଗବତ (ମୂଳ ସଂସ୍କୃତ) ଆଲୋଚିତ ହୋଇଥାଏ । ଶତାଧିକ ଲବ୍ଧ ପ୍ରତିଷ୍ଠିତ ବିଦ୍ୱାନ ବ୍ୟକ୍ତି ଓ ଅନ୍ୟାନ୍ୟ ଶ୍ରୋତା ଏଠାରେ ଉପସ୍ଥିତ ହୋଇ ଏହି ଆଧ୍ୟାତ୍ମିକ କାର୍ଯ୍ୟକ୍ରମରେ ଅଂଶ ଗ୍ରହଣ କରିଥାନ୍ତି । ପୁରୀର ବଡ଼ ଦାଣ୍ଡରେ ଅନେକ ସ୍ଥାନରେ ତଥା ଶ୍ରୀମନ୍ଦିର ସିଂହଦ୍ୱାରରେ ଏହି ମଠ ତରଫରୁ ଅଷ୍ଟ ପ୍ରହର ଓ ଚବିଶ ପ୍ରହର ବ୍ୟାପୀ ଅଖଣ୍ଡ ନାମ ସଂକୀର୍ତ୍ତନ ମାନ ଅନୁଷ୍ଠିତ ହୋଇଥାଏ । ବର୍ତ୍ତମାନର ମଠାଧୀଶ ଶ୍ରୀ ସଚ୍ଚିଦାନନ୍ଦ ଦାସଜୀ ଜଣେ ସୁବକ୍ତା ଓ ଆଧ୍ୟାତ୍ମିକବାଦୀ ବ୍ୟକ୍ତି ଅଟନ୍ତି । ଓଡ଼ିଶାରେ ତାଙ୍କର ବହୁ ଖ୍ୟାତି ରହିଅଛି । ପୁରୀ ସହରର ଅନେକ ଶ୍ରଦ୍ଧାଳୁ ଭକ୍ତଙ୍କର ଆଧ୍ୟାତ୍ମିକ ସାଧନାର ପୀଠ ରୂପେ ଏହି ମଠ ବର୍ତ୍ତମାନ ପୁରୀ ସହରବାସୀଙ୍କ ମଧ୍ୟରେ ଅତି ପରିଚିତ ।

ଶ୍ରୀମନ୍ଦିର ସହିତ ସମ୍ପର୍କ :- ଶ୍ରୀଜଗନ୍ନାଥ ମନ୍ଦିର ଉତ୍ତର ଦିଗସ୍ଥ ଭିତର ବେଢ଼ାର ପ୍ଲଟ ନଂ ୧୩୨, ୧୩୩ ଓ ୧୩୪ରେ 'ଶ୍ରୀଚୈତନ୍ୟ ପାଦ ପଦ୍ମ ଓ ଚଉତରା' ଅବସ୍ଥିତ । ଝାଞ୍ଜ ପିଟା ମଠ ତରଫରୁ ପ୍ରତ୍ୟହ ଗୌରାଙ୍ଗ ମହାପ୍ରଭୁଙ୍କର ପାଦପଦ୍ମ ସେବା କରାଯାଏ । ଉକ୍ତ ମଠର ଜନୈକ ବାବାଜୀ ପ୍ରତ୍ୟହ ପାଦ ପଦ୍ମରେ ପାଣି ଦିଅନ୍ତି । ଶ୍ରୀମନ୍ଦିର ସ୍ୱତ୍ୱଲିପିରେ ୧୧୯ ନମ୍ବରରେ ଥିବା ବ୍ୟକ୍ତିଗତ ବା ଆନୁଷ୍ଠାନିକ ସେବାର କ୍ରମିକ ନଂ ୧୧ରେ ଝାଞ୍ଜ ପିଟା ମଠର 'ପାଦ ପଦ୍ମ ସେବା' ବିଷୟରେ ଉଲ୍ଲେଖ ରହିଛି । ବର୍ଷର କେତେକ ନିର୍ଦ୍ଦିଷ୍ଟ ସମୟରେ ଶ୍ରୀମନ୍ଦିର ଭିତର ବେଢ଼ା ଓ ସିଂହ ଦ୍ୱାର ସମ୍ମୁଖରେ ମଠ ତରଫରୁ ସଂକୀର୍ତ୍ତନ କରାଯାଇଥାଏ । ରଥ ଯାତ୍ରା ପୂର୍ବ ଦିନ ମଠ ବିଜେସ୍ଥଳୀଠାରୁ ଝାଲି ମହୋତ୍ସବ ବହୁ ଆଡ଼ମ୍ବର ପୂର୍ଣ୍ଣ ଭାବେ ଏକ ଶୋଭାଯାତ୍ରାରେ ରାଧାକାନ୍ତ ମଠକୁ ଯାଇଥାଏ । ଏତଦ୍‌ବ୍ୟତୀତ ଶ୍ରୀଗୁଣ୍ଡିଚା ଯାତ୍ରାର ଅବ୍ୟବହିତ ପୂର୍ବରୁ ଝାଞ୍ଜପିଟା ମଠର ମହନ୍ତଙ୍କ ନେତୃତ୍ୱରେ ଅନ୍ୟାନ୍ୟ ଗୌଡ଼ୀୟ ବୈଷ୍ଣବ ଓ ବାବାଜୀମାନେ ଶ୍ରୀଗୁଣ୍ଡିଚା ମନ୍ଦିରକୁ ସଫା କରିବା ପାଇଁ ଯାଇଥାନ୍ତି । ଯାହାକି ଗୁଣ୍ଡିଚା ମାର୍ଜନା ଲୀଳା ନାମରେ ପରିଚିତ । ସେହି ଲୀଳାର ମୁଖ୍ୟ ପୁରୋଧା ଭାବରେ ଝାଞ୍ଜପିଟା ମଠ ପ୍ରତିବର୍ଷ ଅଗ୍ରଣୀ ଭୂମିକା ନେଇଥାଏ ।

✤ ✤ ✤

Digitized by srujanika@gmail.com

ମହୀ ପ୍ରକାଶ ମଠ

ଶ୍ରୀ ଶଙ୍କର ସମ୍ପ୍ରଦାୟର ବ୍ରହ୍ମଚାରୀ ମତାବଲମ୍ବୀ ଶ୍ରୀ ମହୀପ୍ରକାଶ ମଠ ପୁରୀ ହରଚଣ୍ଡୀ ସାହିରେ ଅବସ୍ଥିତ । ପ୍ରାୟ ଦେଢ଼ ଏକରରୁ ଉର୍ଦ୍ଧ୍ୱ ଯାଗା ଉପରେ ଉକ୍ତ ମଠର ବିଜେସ୍ଥଳୀଟି ରହିଅଛି । ଅଦ୍ୟାବଧି ମାତ୍ର ୬ଜଣ ମଠାଧୀଶଙ୍କ ନାମ ତାଲିକା ଉପଲବ୍ଧ ହେଉଅଛି । ମଠ ପ୍ରତିଷ୍ଠା ସମ୍ପର୍କରେ ଜଣାଯାଏ ଯେ ମଧ୍ୟପ୍ରଦେଶ ରାଜ୍ୟ କାନପୁର ଜିଲ୍ଲାର ତିଓ୍ୱାରୀ ବଂଶର ରାମକୃଷ୍ଣ ତିଓ୍ୱାରୀ ନାମକ ଜନୈକ ବ୍ୟକ୍ତି ବ୍ରହ୍ମଚାରୀ ଦୀକ୍ଷା ଅବଲମ୍ବନ କରି ଶ୍ରୀକ୍ଷେତ୍ର ଅଭିମୁଖେ ଆଗମନ କରିଥିଲେ । ତତ୍‌କାଳୀନ ଉତ୍କଳର ଗଜପତି ମହାରାଜା ରାମଚନ୍ଦ୍ର ଦେବଙ୍କ ଅନୁଗ୍ରହ ଯୋଗୁଁ ମାର୍କଣ୍ଡ ପୁଷ୍କରିଣୀ କୂଳ ନିକଟରେ ଏକ ଯାଗା ପାଇ ସେଠାରେ ମଠଟିଏ ପ୍ରତିଷ୍ଠା କରିଥିଲେ । ତାଙ୍କର ଧାର୍ମିକ ପ୍ରବୃତ୍ତି ତଥା ଉତ୍ତମ ଆଚରଣରେ ସନ୍ତୁଷ୍ଟ ହୋଇ ରାଜା ତାଙ୍କୁ ପୁରୀ ସଦର ଥାନା ଅଧୀନସ୍ଥ ଗୌଡ଼କେରା ମୌଜା ସମ୍ପତ୍ତିଟି ମଠକୁ ଦାନ କରିଥିଲେ । ରାମକୃଷ୍ଣ ବ୍ରହ୍ମଚାରୀଙ୍କ ଶେଷ ଅବସ୍ଥା ସମୟରେ ରାଏବରେଲି ଜିଲ୍ଲାର ତ୍ରିପାଠୀ ବଂଶର ମହୀପ୍ରକାଶ ନାମକ ଜନୈକ ବ୍ୟକ୍ତିଙ୍କୁ ଶିଷ୍ୟ ରୂପେ ବ୍ରହ୍ମଚାରୀ ଦୀକ୍ଷା ପ୍ରଦାନ କରିଥିଲେ । ପ୍ରତିଷ୍ଠାତା ମହନ୍ତ ରାମକୃଷ୍ଣ ବ୍ରହ୍ମଚାରୀଙ୍କ ତିରୋଧାନ ପରେ ମହୀପ୍ରକାଶ ବ୍ରହ୍ମଚାରୀ ମଠାଧୀଶ ହେବା ସଙ୍ଗେ ସଙ୍ଗେ ନିଜ ପ୍ରତିଭା ବଳରେ ରୋଡଙ୍ଗର ପ୍ରତାପଶାଳୀ ବକ୍ସି ତାଙ୍କର ହରଚଣ୍ଡୀ ସାହିରେ ଥିବା ଏକ ସମ୍ପତ୍ତି ଉପରେ ଏକ ମଠ ନିର୍ମାଣ କରିବା ସଙ୍ଗେ ସଙ୍ଗେ ନିଜ ଗୁରୁଙ୍କ ନାମାନୁସାରେ ଏହାକୁ ମହୀପ୍ରକାଶ ମଠ ନାମରେ ନାମିତ କରିଥିଲେ । ଏପରିକି ବକ୍ସିଙ୍କ ଅଧୀନସ୍ଥ ଲେମ୍ବାଇ, ପରବଳ, କାଳିକାବାଡ଼ି ଓ ନରଣପୁର ପ୍ରଭୃତି ମୌଜା ମାନଙ୍କରେ ଥିବା କେତେକ ସମ୍ପତ୍ତି ମଠର ଅମୃତ ମଣୋହି ଖର୍ଚ୍ଚ ନିମନ୍ତେ ଅର୍ପି ଦେଇଥିଲେ । ଏଣୁ ମହୀପ୍ରକାଶ ମଠଟିର ବିଜେସ୍ଥଳୀଟି ଦୁଇ ଶହ ବର୍ଷର ପୁରାତନ ଅଟେ । କେତେକ ପ୍ରାବନ୍ଧିକ ତଥା ଗବେଷକ ଏହି ମଠଟି ପ୍ରାୟ ୭୦୦/୮୦୦ ବର୍ଷର ପୁରାତନ ବୋଲି ପ୍ରକାଶ କରିଥିବା ତଥ୍ୟ ଭ୍ରମାତ୍ମକ ଅଟେ । ବକ୍ସିଙ୍କ ସମୟରେ ଏହି ମଠଟି ନିର୍ମିତ ହୋଇଥିଲା ଏବଂ ମଠ ନିର୍ମାଣ ପରଠାରୁ ମଠାଧୀଶ ମାନଙ୍କ ନାମ ତାଲିକା କ୍ରମାନୁଯାୟୀ ଉପଲବ୍ଧ ହେଉଅଛି । ତେଣୁ ଉପରୋକ୍ତ ପ୍ରମାଣିକ ତଥ୍ୟ ଅନୁଯାୟୀ ମହୀ ପ୍ରକାଶ ମଠଟି ଅତ୍ୟନ୍ତ ପ୍ରାଚୀନ ମନେ ହୁଏ ନାହିଁ ।

ମହୀ ପ୍ରକାଶ ବ୍ରହ୍ମଚାରୀଙ୍କ ଦେହାନ୍ତ ପରେ ତାଙ୍କ ଶିଷ୍ୟ ହରଦେଇ ଜିଲ୍ଲାର ଶୁକ୍ଳ ବଂଶର ଲଛମନ ପ୍ରକାଶ ମଠାଧୀଶ ରୂପେ କାର୍ଯ୍ୟ କରିଥିଲେ । ରାଏବରେଲି ଜିଲ୍ଲାର ତ୍ରିପାଠୀ ବଂଶର ବଳଦେବ ପ୍ରକାଶଙ୍କୁ ସେ ଶିଷ୍ୟ ରୂପେ ଗ୍ରହଣ କରିଥିଲେ । ଏହି ସମୟରେ ଲଛମନ ପ୍ରକାଶ ସ୍ୱର୍ଗାରୋହଣ କରିବାରୁ ତାଙ୍କ ଶିଷ୍ୟ ନାବାଳକ ଥିବା ଦୃଷ୍ଟେ ତାଙ୍କର ମହାଫିସ୍

Digitized by srujanika@gmail.com

ସ୍ୱରୂପ ବ୍ରଜ ଲାଲ ଶୁକ୍ଳ ନିଯୁକ୍ତ ହୋଇଥିଲେ । ବଳଦେବ ପ୍ରକାଶ ସାବାଳକ ହେବାରେ ବ୍ରଜଲାଲ ଶୁକ୍ଳାଙ୍କ ଠାରୁ ସମସ୍ତ ଦାୟିତ୍ୱ କାଢ଼ି ନେଇ ନିଜେ ମଠ ପରିଚାଳନା କରିବା ସହିତ ମଠର ସର୍ବାଙ୍ଗୀନ ଉନ୍ନତି କରିଥିଲେ । ଉକ୍ତ ମଠାଧୀଶଙ୍କ ପରେ ସଦାଶିବ ପ୍ରକାଶ ବ୍ରହ୍ମଚାରୀ କିଛି ଦିନ ପାଇଁ ମହୀପ୍ରକାଶ ମଠ ମହନ୍ତ ରୂପେ ଗାଦୀନାସୀନ ହୋଇଥିଲେ । ତତ୍‌ପରେ ଅର୍ଥାତ୍ ୧୯୬୨ ମସିହା ପରେ ରାମ ପ୍ରକାଶ ବ୍ରହ୍ମଚାରୀ ଶେଷ ମହନ୍ତ ରୂପେ ଏହି ମଠରେ ଅବସ୍ଥାନ କରୁଥିଲେ । ୧୯୮୨ ମସିହାରେ ସେ ମଠ ଛାଡି ପଳାଇ ଯିବା ପରେ ଦେବୋତ୍ତର ବିଭାଗ ଦ୍ୱାରା ନିଯୁକ୍ତ ଏକଜ୍ୟୁଟିଭ୍ ଅଫିସରମାନେ ମଠ ପରିଚାଳନା ଦାୟିତ୍ୱରେ ରହିଥିଲେ । ୧୯୬୨ ମସିହାରୁ ୧୯୬୯ ମସିହା ପର୍ଯ୍ୟନ୍ତ ଏହି ମଠର ଏକଜ୍ୟୁଟିଭ ଅଫିସର ଭାବେ ଶ୍ରୀ ବାସୁଦେବ ମିଶ୍ର ଏବଂ ତତ୍‌ପରେ ସର୍ବଶ୍ରୀ ଏସ୍.ଏନ୍. ଷଡଙ୍ଗୀ, ବଳରାମ ପୃଷ୍ଟି, ବାଳକୃଷ୍ଣ ପ୍ରତିହାରୀ (୧୯୭୪ ରୁ ୧୯୮୨), ଲକ୍ଷ୍ମୀ ନାରାୟଣ ମିଶ୍ର, ଯମେଶ୍ୱର ଦାସ ପ୍ରଭୃତି କାର୍ଯ୍ୟ ନିର୍ବାହ କରିଥିଲେ ।

ଉକ୍ତ ସମୟ ମଧ୍ୟରେ ସ୍ୱର୍ଗତ କେଦାର ନାଥ ଗୁରୁ କିଛି ବର୍ଷ ପାଇଁ ମଠର ଇଣ୍ଟରିମ୍ ଟ୍ରଷ୍ଟି ଭାବେ ନିଯୁକ୍ତ ପାଇଥିଲେ । ସଂପ୍ରତି ପଦ୍ମନାଭ ମହାସୁଆର ବିଗତ ଏକ ବର୍ଷ ଧରି କାର୍ଯ୍ୟନିର୍ବାହୀ ଅଧିକାରୀ ରୂପେ ନିଯୁକ୍ତି ପାଇ ମଠ ପରିଚାଳନା ଦାୟିତ୍ୱରେ ରହିଛନ୍ତି ।

ମହୀ ପ୍ରକାଶ ମଠର ଅଧିଷ୍ଠାତ୍ରୀ ବିଗ୍ରହ ହେଉଛନ୍ତି ଶ୍ରୀ ନୃସିଂହ ଦେବ । ମଠର ମନ୍ଦିରରେ ବଗଳାମୁଖୀ, ରାଧାକୃଷ୍ଣ, ଶିବ ମନ୍ଦିର, ଶ୍ରୀଜଗନ୍ନାଥ (ପତିତପାବନ ମୂର୍ତ୍ତି), ପ୍ରାୟ ୫୦ରୁ ଉର୍ଦ୍ଧ୍ୱ ଶାଳଗ୍ରାମ ମୂର୍ତ୍ତି ବିରାଜିତ ପୂର୍ବକ ଦୈନନ୍ଦିନ ପୂଜିତ ହେଉଛନ୍ତି । ଦୈନିକ ନୀତି ମଧ୍ୟରେ ଠାକୁର ମାନଙ୍କ ସ୍ନାନ, ବଲ୍ଲଭ, ଅନ୍ନଭୋଗ, ରାତ୍ରିରେ ସନ୍ଧ୍ୟା ଧୂପ ଭୋଗ ଇତ୍ୟାଦି ଅନୁଷ୍ଠିତ ହୋଇଥାଏ । ବର୍ଷ ମଧ୍ୟରେ ପାଳିତ ବିଭିନ୍ନ ଉତ୍ସବ ମଧ୍ୟରେ ନୃସିଂହ ଜନ୍ମ ଉତ୍ସବ, ସୁନିଆଁ, କୃଷ୍ଣ ଜନ୍ମ, ଶୀତଳ ଷଷ୍ଠୀ, ରାଧାଷ୍ଟମୀ, ମହନ୍ତ ମାନଙ୍କ ଶ୍ରାଦ୍ଧ ଉତ୍ସବ ଇତ୍ୟାଦି ପ୍ରଧାନ । ଶୀତଳ ଷଷ୍ଠୀ ପର୍ବ ଉପଲକ୍ଷେ କନ୍ୟା ଚୋରୀ ପନ୍ତୀରେ ଯମେଶ୍ୱର ମହାଦେବଙ୍କ ଚଳନ୍ତି ପ୍ରତିମା ମଠ ବିଜେସ୍ଥଳୀରେ ଥିବା ଏକ ସ୍ୱତନ୍ତ୍ର ସ୍ଥାନରେ ବିଜେ ହୁଅନ୍ତି । ସେଠାରେ ପନ୍ତୀ ଭୋଗ ହୋଇଥାଏ ।

ଶ୍ରୀମନ୍ଦିର ସହ ମଠର ସଂପର୍କ :- ଅତୀତରେ ଶ୍ରୀଜଗନ୍ନାଥ ମହାପ୍ରଭୁ ମାନଙ୍କ ଫୁଲ ଓ ବସ୍ତ୍ର ରଖାଯିବା ପାଇଁ ବାଉଁଶରେ ତିଆରି ବଡ଼ ବଡ଼ ତାଟ ଯୋଗାଇବା ଦାୟିତ୍ୱରେ ଏହି ମଠ ରହିଥିଲା । ଅନବସର ସମୟରେ ମୈଳମ ଭୋଗ ପାଇଁ ୩ ସରା ଧୁଆମୁଗ, ଖଣ୍ଡ, ନଡ଼ିଆ କୋରା ମଠ ତରଫରୁ ଶ୍ରୀମନ୍ଦିରକୁ ଯାଇଥାଏ । ପତି ମହାପାତ୍ରଙ୍କୁ ଏହି ଭୋଗ ପାଇଁ ମଠ ପକ୍ଷରୁ ପାଉଣା ମଧ୍ୟ ଦିଆଯାଇଥାଏ । ୧୯୭୪ ମସିହା ପର୍ଯ୍ୟନ୍ତ ପ୍ରତିଦିନ ଖଟଣୀ ଭୋଗ ହେଉଥିଲା । ପରବର୍ତ୍ତୀ ସମୟରେ ଏହି ଭୋଗର ପରିମାଣ କମ୍ ହୋଇଯାଇଥିଲା । ପ୍ରତ୍ୟହ ଅବକାଶ ନୀତି ପାଇଁ ଦାନ୍ତ କାଠି ମହୀପ୍ରକାଶ ମଠ ଯୋଗାଇବା ବିଧି ରହିଥିଲା । ଏହି ମଠର ସ୍ୱାମୀ ଦଣ୍ଡଧରି ଶ୍ରୀମନ୍ଦିରକୁ ଯାଇପାରିବେ ଓ ଆସନ ପକାଇ ବସି ପାରିବାର ଅଧିକାର ରହିଛି । ଶାଢ଼ୀ ବନ୍ଧାଇ ମହନ୍ତ ସେବା କରୁଥିବା ମଠାଧୀଶଙ୍କର ପରଲୋକ ହୋଇଗଲେ ଶ୍ରୀମନ୍ଦିର ରୋଷରୁ ବୈଷ୍ଣବାଗ୍ନି ପ୍ରଦାନ କରାଯାଏ ।

Digitized by srujanika@gmail.com

ମହୀ ପ୍ରକାଶ ମଠର ଶ୍ରୀମନ୍ଦିର ରୋଷ ଘରେ ଚୂଲି ନଂ ୧୩୬ ଓ ଚୂଲି ନଂ ୧୫୮,୧୫୯ ଏହିପରି ତିନୋଟି ଚୂଲି ରହିଥିବା ସ୍ୱତ୍ତ୍ୱଲିପିରୁ ଜଣାଯାଏ। ବାର୍ଷିକ ଭଡ଼ା ସୂତ୍ରରେ ସେବକ ମାନେ ଏହି ଚୂଲି ଉପଭୋଗ କରୁଥିବା ବିଷୟ ମଧ୍ୟ ଉଲ୍ଲେଖ ରହିଛି । (ଦ୍ରଷ୍ଟବ୍ୟ - ଶ୍ରୀମନ୍ଦିର ସ୍ୱତ୍ତ୍ୱଲିପି,Part-II, ପୃଷ୍ଠା-୨୬୧) । ସେହିପରି ପୂର୍ବେ ଶ୍ରୀମନ୍ଦିର ଭିତର ବେଢ଼ାର ଉତ୍ତରଦ୍ୱାର ସମ୍ମୁଖସ୍ଥ ସତ୍ୟନାରାୟଣ ମନ୍ଦିର ନିକଟରେ ପ୍ଲଟ ନଂ ୧୩୦ରେ ମହୀପ୍ରକାଶ ମଠର ଦୁଇ ବଖରା ସରଘର ରହିଥିଲା । ସଂପ୍ରତି ଉକ୍ତ ସର ଘର ଦ୍ୱୟ ଦୁଇ ଜଣ ସେବକଙ୍କ ଦଖଲରେ ରହିଅଛି । ମହୀପ୍ରକାଶ ମଠ ଶ୍ରୀମନ୍ଦିର କୋଠ ଭୋଗରୁ ପ୍ରତ୍ୟହ ବଲ୍ଲଭରେ ୧ ମୂର୍ତ୍ତି ବଡ଼ କୋରା ଓ ସନ୍ଧ୍ୟା ଧୂପରେ ୧ ମୂର୍ତ୍ତି ମାଠପୁଳି ପାଇଥାନ୍ତି ।

ମଠ ଭୂସମ୍ପତ୍ତି :- ୧୯୭୪ ମସିହା ପୂର୍ବରୁ ମଠ ନାମରେ ପ୍ରାୟ ୧୫୦୦ ଏକର ଭୂ ସମ୍ପତ୍ତି ପୁରୀ ଜିଲ୍ଲାର ପିପିଲି, ଗୋପ, କାକଟପୁର, ଗୌଡ଼କେରା, ସାତପଡ଼ା, ହରିପୁର, ପରବଳ, କୁହୁଡ଼ି ଇତ୍ୟାଦି ସ୍ଥାନ ମାନଙ୍କରେ ରହିଥିଲା । ଜମିଦାରୀ ଉଚ୍ଛେଦ ଆଇନ୍ ପ୍ରବର୍ତ୍ତନ ହେବା ଫଳରେ ମଠର ବହୁ ସମ୍ପତ୍ତି ପ୍ରଜା ମାନଙ୍କ ଦଖଲକୁ ଚାଲିଯିବା ସଙ୍ଗେ ସଙ୍ଗେ କେତେକ ସ୍ଥାନରେ ମଠ ଜମି ଗୁଡ଼ିକ ପ୍ରଜା ମାନଙ୍କ ଜବର ଦଖଲ ଓ ମାଲି ମୋକଦ୍ଦମା ଚାଲିବା ଫଳରେ ଏଥିରୁ ପ୍ରାୟତଃ ଆୟ ଆସୁନଥିବା ଜଣାଯାଏ । ଆଜକୁ ପ୍ରାୟ ୮୦ ବର୍ଷ ପୂର୍ବେ ସଂପୃକ୍ତ ମଠର ମହନ୍ତଙ୍କ ଉଦ୍ୟମ କ୍ରମେ ଶହ ଶହ ଏକର ଜମି, ବଗିଚା ଇତ୍ୟାଦି ଖର୍ଦ୍ଦି କରାଯାଇଥିଲା । ସଂପ୍ରତି ଏହି ଜମିରୁ ଅର୍ଦ୍ଧାଧିକ ଅଂଶ ମଠ ନାମରେ ଅଦ୍ୟାବଧି ରହିଥିବା ଜଣାଯାଏ ।

ଅତୀତରେ ମଠର ବିଜେସ୍ଥଳୀରେ ବିଦ୍ୟାର୍ଥୀମାନେ ରହି ଆଶ୍ରୟ ନେବା ସହିତ ମାଗଣାରେ ଖଟଣୀ ମହାପ୍ରସାଦ ସେବନ କରୁଥିଲେ । ଆର୍ଥିକ ଅବସ୍ଥା ଅତ୍ୟନ୍ତ ଶୋଚନୀୟ ହୋଇଯିବାରୁ ଏହା ବନ୍ଦ ରହିଛି । ୧୯୭୪ ମସିହା ବେଳେ ପ୍ରାୟ ୧୫ ଜଣ ବିଦ୍ୟାର୍ଥୀଙ୍କ ବ୍ୟତୀତ ମଠର ଟହଲିଆ, ପୂଜାରୀ, ଝାଡୁଦାର, ତହସିଲଦାର ଇତ୍ୟାଦି ୮ ଜଣ କର୍ମଚାରୀ ରହିଥିଲେ ।

ବିଗତ ୨୫ ବର୍ଷ ଧରି ଆର୍ଥିକ ଅଭାବରୁ ମଠ ତାର ପୂର୍ବ ପରମ୍ପରା ପ୍ରକାରେ ଉତ୍ସବ, ନୀତି, ବିଜେସ୍ଥଳୀର ସଂରକ୍ଷଣ କାର୍ଯ୍ୟ ସୂଚାରୁ ରୂପେ କରି ପାରୁନାହିଁ । ଗତ କିଛି ବର୍ଷ ପୂର୍ବେ ମଠ ପରିସରରେ ଏକ ବିଦ୍ୟାଳୟ (ସରସ୍ୱତୀ ଶିଶୁ ମନ୍ଦିର) ଖୋଲାଯାଇ ଭଡ଼ା ବାବଦ ଅର୍ଥରେ ସ୍କୁଲ ପରିଚାଳନା ସଂସ୍ଥା ପକ୍ଷରୁ ମଠର କେତେକ ଗୃହ ଓ ଛାତର ମରାମତି କାର୍ଯ୍ୟ କରାଯାଇଅଛି ।

ଶ୍ରୀ ଶଙ୍କର ସମ୍ପ୍ରଦାୟର ଏହି ସୁପ୍ରସିଦ୍ଧ ମଠଟିରେ ବର୍ତ୍ତମାନ କେହି ମଠାଧୀଶ ନଥିବାରୁ ଦେବୋତ୍ତର ବିଭାଗ ପକ୍ଷରୁ ନିଯୁକ୍ତ କାର୍ଯ୍ୟନିର୍ବାହୀ ଅଧିକାରୀଙ୍କ ଦ୍ୱାରା ମଠ ପରିଚାଳନା ଓ ଠାକୁର ମାନଙ୍କ ନୀତି, ଉତ୍ସବ ଇତ୍ୟାଦି ଯଥାରୀତି ଅନୁଷ୍ଠିତ ହେଉଥିବା ଜଣାଯାଏ ।

✤ ✤ ✤

Digitized by srujanika@gmail.com

ହାତୀ ଗୁରୁଦେବ ମଠ

ପୁରୀ ଟାଉନ୍‌ର ବାସେଲୀ ସାହିରେ ହାତୀ ଗୁରୁଦେବ ମଠଟି ଅବସ୍ଥିତ । ଶ୍ରୀ ଅନନ୍ତ ସମ୍ପ୍ରଦାୟ ଅନ୍ତର୍ଭୁକ୍ତ ଉକ୍ତ ମଠଟିର ପ୍ରତିଷ୍ଠା ସମୟ ପ୍ରାୟ ଏକ ଶହ ବର୍ଷ ଅଟେ । ମଠର ନାମାନୁସାରେ ବାସେଲୀ ସାହିର ସଂପୃକ୍ତ ଲେନ୍‌ଟି ହାତୀଗୁରୁଦେବ ଲେନ୍ ଭାବେ ସୁପରିଚିତ । ପୁରୀ ଜିଲ୍ଲାର ଡେ଼ଲାଙ୍ଗ ବଜାରଠାରୁ ମାତ୍ର ଦେଢ଼ କିଲୋମିଟର ଦୂରରେ ଅବସ୍ଥିତ ବେନୁପଡ଼ା ଗାଦୀ ବା ମଠର ଏହା ଏକ ଶାଖା ମଠ । ପ୍ରାବନ୍ଧିକ ସରୋଜ କୁମାର ପଣ୍ଡାଙ୍କ ବିବରଣୀ ପ୍ରକାରେ ବେନୁପଡ଼ା ମଠର ପୂର୍ବତନ ଅଧ୍ୟକ୍ଷ ଆର୍ତ୍ତ ଦାସ ତାଙ୍କର ନିଜସ୍ୱ ଉଦ୍ୟମରେ ଓଡ଼ିଶାର ଅଣି କୋଶ ମଧ୍ୟରେ ୭୫୨ ଗୋଟି ଗାଦି ସ୍ଥାପନ କରିଯାଇଛନ୍ତି । ସେହି ଗାଦି ଗୁଡ଼ିକ ଓଡ଼ିଶାର ପୁରପଲ୍ଲୀରେ 'ଗାଦି ବ୍ରହ୍ମ' ନାମରେ ପରିଚିତ । ପୁରୀର ହାତୀଗୁରୁଦେବ ମଠ ପରିସରରେ ଅନୁରୂପ ଗାଦି ପ୍ରତିଷ୍ଠା ହୋଇଅଛି । ହାତୀଗୁରୁଦେବ ମଠରେ ଉପାସିତ ଗାଦି ବ୍ରହ୍ମର ମହାତ୍ମ୍ୟ ଅନୁଯାୟୀ ଏହା ହେଉଛି ଆର୍ତତ୍ରାଣ ଗାଦି ବା ବଠାକୁର (ବଳଭଦ୍ର)ଙ୍କ ଗାଦି । ଏହି ମଠର ପରମ୍ପରା ଅନୁଯାୟୀ ମଠାଧୀଶମାନେ ଟୋପିବାଡ଼ି ଗ୍ରହଣ କରି ମହନ୍ତ ପଦବୀରେ ଅଭିଷିକ୍ତ ହୋଇଥାନ୍ତି ।

ଏକ ଶହ ବର୍ଷ ତଳର ପୁରାତନ ଏହି ମଠ ନିର୍ମାଣ ସମ୍ପର୍କରେ ମିଳୁଥିବା ତଥ୍ୟ ଅନୁଯାୟୀ ମେଦିନୀପୁରର ଜନୈକ ହରମୋହନ ଦାସ ଶ୍ରୀକ୍ଷେତ୍ରକୁ ଆଗମନ କରି ମଣିକର୍ଣ୍ଣିକା ସାହିରେ ଅବସ୍ଥାନ କରିଥିଲେ । ସେ ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କର ଜଣେ ବଡ଼ ଭକ୍ତ ଥିଲେ । ପାନ ବ୍ୟବସାୟ କରି ନିଜର ଗୁଜୁରାଣ ମେଣ୍ଟାଇବା ସହିତ ଦିନେ ସ୍ୱପ୍ନାଦେଶ ପାଇ ବେନୁପଡ଼ା ଗାଦୀର ଅନୁମତି କ୍ରମେ ବାସେଲୀ ସାହିରେ ଏକ କ୍ଷୁଦ୍ର ଜମି କିଣିଥିଲେ ଏବଂ ସେଠାରେ 'ଗାଦୀ ବ୍ରହ୍ମ' ସ୍ଥାପନ କରିଥିଲେ । ହରମୋହନ ଦାସ ମଠଟିକୁ ପ୍ରତିଷ୍ଠା କରିବା ପରେ ସର୍ବ ସାଧାରଣରେ 'ହାତୀ ଗୁରୁଦେବ' ନାମରେ ପରିଚିତ ହୋଇଥିଲେ । ଏହାଙ୍କ ସମୟରେ ମଠରୁ ବିଭୂତି ଓ ହୁକୁମ ପାଇ ବହୁ କୁଷ୍ଠରୋଗୀ ଆରୋଗ୍ୟ ଲାଭ କରିଥିଲେ । ଏପରିକି ସେବକ ସମାଜରେ ଏହି ମଠ ବଠାକୁରଙ୍କ ଗାଦୀ ଭାବେ ସର୍ବତ୍ର ସୁପରିଚିତ ଥିଲା । ହାତୀଗୁରୁଦେବଙ୍କ ପରେ ସତ୍ୟାନନ୍ଦ ଦାସ କିଛି ବର୍ଷ ପାଇଁ ଏହି ମଠରେ ମହନ୍ତ ରୂପେ ଅଭିଷିକ୍ତ ହୋଇଥିଲେ । ତତ୍‌ପରେ ଦୀର୍ଘ ୪୦ ବର୍ଷରୁ ଊର୍ଦ୍ଧ୍ୱ ସମୟ ଧରି ରଘୁନାଥ ଦାସ

Digitized by srujanika@gmail.com

ମହନ୍ତ ରୂପେ ରହିଥିଲେ । ତାଙ୍କର ଦେହାନ୍ତ ପରେ ବେନୁପଢ଼ା ମଠର ଅନ୍ୟତମ ଶିଷ୍ୟ ଆଦିକନ୍ଦ ଦାସ ଶେଷ ମହନ୍ତ ରୂପେ ମାତ୍ର ଅଳ୍ପ ବର୍ଷ ପାଇଁ କାର୍ଯ୍ୟ ନିର୍ବାହ କରିଥିଲେ । ମୃତ୍ୟୁର ୩ ବର୍ଷ ପୂର୍ବରୁ ଉକ୍ତ ମଠର ସେବା ପୂଜା ଦାୟିତ୍ୱ ତୁଲାଇବା ପାଇଁ ଅକ୍ଷମତା ପ୍ରକାଶ ପୂର୍ବକ ଶ୍ରୀ ଚିତ୍ତରଞ୍ଜନ ମିଶ୍ରଙ୍କୁ ସେବା ସମର୍ପଣ ପତ୍ର ପ୍ରଦାନ କରି ଦେଇଥିଲେ । ସେହିଦିନ ଠାରୁ ଅଦ୍ୟାବଧି ଶ୍ରୀଯୁକ୍ତ ମିଶ୍ର ଏହି ମଠ ଠାକୁରଙ୍କ ନୀତି, ସେବା, ପୂଜା ଇତ୍ୟାଦିର ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ରହି ଆସୁଛନ୍ତି । ତାଙ୍କ ଦ୍ୱାରା ନିଯୁକ୍ତ ଜନୈକ ପୂଜକ ରବି ନାରାୟଣ ମିଶ୍ର ଠାକୁରଙ୍କ ସେବା ପୂଜା କାର୍ଯ୍ୟ କରି ଆସୁଅଛନ୍ତି । ସୂଚନାଯୋଗ୍ୟଯେ ମଠର ମହନ୍ତ ମାନେ ବ୍ରହ୍ମଚାରୀ ହୋଇ ରହିବାର ନିୟମ ରହିଛି । ପରମ୍ପରା ଅନୁଯାୟୀ ଏହି ମହନ୍ତ ମାନେ ଟୋପି (ଚୂଳ ସଦୃଶ) ଏବଂ ବାଡ଼ି ଗ୍ରହଣ କରି ମହନ୍ତ ପଦବୀରେ ଅଭିଷିକ୍ତ ହେଉଥିଲେ ।

ହାତୀ ଗୁରୁଦେବ ମଠ ବିଜେସ୍ଥଳୀଟିର ଆୟତନ ପ୍ରସ୍ଥରେ ପ୍ରାୟ ୫୫ ଫୁଟ ଏବଂ ଲମ୍ବାରେ ୧୩୦ ଫୁଟ ହେବ । ଏହି କ୍ଷୁଦ୍ର ମଠଟିର ମୁଖଦ୍ୱାର ପୂର୍ବାଭିମଖୀ । ବିଗତ ୨୦ ବର୍ଷ ଧରି ମରାମତି ଓ ରକ୍ଷଣାବେକ୍ଷଣ ଅଭାବରୁ ମଠର ବିଜେସ୍ଥଳୀଟି ଅତ୍ୟନ୍ତ ଜୀର୍ଣ୍ଣ ତଥା ପରିତ୍ୟକ୍ତ ଅବସ୍ଥାରେ ରହିଅଛି । ଗତ ବର୍ଷ ପ୍ରବଳ ବର୍ଷା ହେବା ଫଳରେ ଜଗମୋହନର ଛାତଟି ମଧ୍ୟ ସଂପୂର୍ଣ୍ଣ ଭାଙ୍ଗି ପଡ଼ିଛି ।

ବିଜେସ୍ଥଳୀରେ ଅବସ୍ଥିତ ପ୍ରାୟ ୨୫ ଫୁଟ୍ ଉଚ୍ଚତା ବିଶିଷ୍ଟ ଏକ ମନ୍ଦିର ରହିଅଛି । ମନ୍ଦିର ସମ୍ମୁଖରେ ଅର୍ଥାତ୍ ଜଗମୋହନର ମଧ୍ୟସ୍ଥଳରେ ସାଢ଼େ ତିନି ଫୁଟ୍ ଉଚ୍ଚର ଏକ ସ୍ତମ୍ଭ ଉପରେ ଏକ କ୍ଷୁଦ୍ର ଗରୁଡ଼ ମୂର୍ତ୍ତି ବିରାଜିତ । ମନ୍ଦିର ମୁଖ୍ୟ ଦ୍ୱାରର ଦୁଇ ପାର୍ଶ୍ୱରେ ଜୟ ବିଜୟ ଏବଂ ଦ୍ୱାରର ଉପରିଭାଗରେ ନବ ଗ୍ରହ ମୂର୍ତ୍ତି ସ୍ଥାପିତ ହୋଇଛନ୍ତି । ମନ୍ଦିର ଦ୍ୱାର ଦେଶର ଡାହାଣ ପାର୍ଶ୍ୱରେ ଅନ୍ନପୂର୍ଣ୍ଣା ଦେବୀ ବିରାଜିତ । ମୁଖ୍ୟ ମନ୍ଦିରର ବାହ୍ୟ ପାର୍ଶ୍ୱ କାନ୍ଥରେ ବରାହ, ନୃସିଂହ ଓ ବାମନ ବିଗ୍ରହ ଯଥାକ୍ରମେ ତିନି ଦିଗରେ ଅଧିଷ୍ଠିତ ହୋଇଛନ୍ତି ।

ମନ୍ଦିରର ମଧ୍ୟସ୍ଥଳରେ ପ୍ରାୟ ୩ ଫୁଟ୍ ଉଚ୍ଚର ଏକ ଗାଦି ରହିଅଛି । ଗାଦିର ଉପରେ ଏକ ଟୋପର ଏବଂ ଚାରିପାଖେ ବସ୍ତ୍ର ଦ୍ୱାରା ଆବୃତ କରାଯାଇଛି । ଗାଦିବ୍ରହ୍ମର ପଛ ପାର୍ଶ୍ୱରେ ପ୍ରାୟ ୪ ଫୁଟ୍ ଉଚ୍ଚର ସିଂହାସନ ଉପରେ ଚତୁର୍ଦ୍ଧାମୂର୍ତ୍ତି ଶ୍ରୀଜଗନ୍ନାଥ, ଶ୍ରୀବଳଭଦ୍ର, ଶ୍ରୀସୁଭଦ୍ରା, ଶ୍ରୀସୁଦର୍ଶନଙ୍କ ସହ ଶ୍ରୀ ମାଧବ (ଜଗନ୍ନାଥଙ୍କ କ୍ଷୁଦ୍ର ପ୍ରତିମା) ଅଧିଷ୍ଠିତ ହୋଇଛନ୍ତି । ମାଧବଙ୍କ ବାମ ପାର୍ଶ୍ୱରେ ମଠର ଟୋପି, ବାଡ଼ି ରଖାଯାଇଅଛି । ସିଂହାସନ ଓ ଗାଦିର ସମ୍ମୁଖ ଭାଗରେ ଏକ କାଷ୍ଠ ନିର୍ମିତ ଖଟୁଲି ଉପରେ ରାଧାକୃଷ୍ଣ (୪ମୂର୍ତ୍ତି), ଗୁରୁଣ୍ଡି ଗୋପାଳ, ମହାଲକ୍ଷ୍ମୀ (୨ମୂର୍ତ୍ତି), ସରସ୍ୱତୀ, ଶୟନ ନୀତି ପାଇଁ ଶୟନ ଲଡୁ ଗୋପାଳ

Digitized by srujanika@gmail.com

ରହିଛନ୍ତି । ଅନ୍ୟ ଏକ କ୍ଷୁଦ୍ର ଖଟୁଲି ଉପରେ କୃଷ୍ଣ (ଗୋପାଳ ମୂର୍ତ୍ତି), ରାଧା, ୮ ମୂର୍ତ୍ତି ଶାଳଗ୍ରାମ ଇତ୍ୟାଦି ଦେବଦେବୀ ଅଧିଷ୍ଠିତ ପୂର୍ବକ ପୂଜିତ ହେଉଛନ୍ତି । ମଠ ଅଗଣାର ଦକ୍ଷିଣ ଦିଗରେ ସ୍ନାନ ବେଦୀଟିଏ ରହିଛି । ସ୍ନାନ ପୂର୍ଣ୍ଣିମା ଦିନ ସିଂହାସନରୁ ଚତୁର୍ଦ୍ଧାମୂର୍ତ୍ତିଙ୍କୁ ପହଣ୍ଡି ବିଜେରେ ଉକ୍ତ ସ୍ନାନ ବେଦୀକୁ ଅଣାଯାଇ ପାରମ୍ପରିକ ସ୍ନାନ ନୀତି କରାଯାଇଥାଏ । ଏ ଦିନ ମଠ ତରଫରୁ ବହୁ ପରିମାଣର ଅନ୍ନଭୋଗ କରାଯାଇ ଶତାଧିକ ବ୍ୟକ୍ତିଙ୍କୁ ପ୍ରସାଦ ସେବନରେ ଆପ୍ୟାୟିତ କରାଯାଇଥାଏ ।

ମଠରେ ପାଳିତ ବିଭିନ୍ନ ଉତ୍ସବ ତଥା ପର୍ବ ପର୍ବାଣୀ ମଧ୍ୟରେ ଦୋଳୋତ୍ସବ, ମକର ସଂକ୍ରାନ୍ତି, ପହଲିଭୋଗ, ଜନ୍ମାଷ୍ଟମୀ ଇତ୍ୟାଦି ପର୍ବ ଅନ୍ୟତମ ।

ହାତୀଗୁରୁଦେବ ମଠର ପରମ୍ପରା ଅନୁଯାୟୀ ପ୍ରତି ସଂକ୍ରାନ୍ତି ଦିନ ସନ୍ଧ୍ୟା ସମୟରେ ସିଂହଦ୍ୱାର ସମ୍ମୁଖସ୍ଥ ଅରୁଣ ଚକଡ଼ା ଠାରେ ହୋମ କରାଯାଇଥାଏ । ପୂର୍ବରୁ ଗାଦିର ଗୋସାଇଁ ବା ମହନ୍ତ ମାନେ ଏଠାରେ ହୋମ କରୁଥିଲେ । ବହୁବର୍ଷ ଧରି ମଠ ପକ୍ଷରୁ ଜନୈକ ବ୍ରାହ୍ମଣ ଏହି ହୋମ କରୁଥିବା ଜଣାଯାଏ ।

ପୁରୀର ଯାନିଯାତ୍ରା ଯଥା କାର୍ତ୍ତିକ ପୂର୍ଣ୍ଣିମା ଦିନ ଏହି ମଠର ମହନ୍ତ ବା ଗୋସାଇଁ ତାଙ୍କର ପାରମ୍ପରିକ ବେଶ ଭୂଷା ପରିଧାନ ପୂର୍ବକ ଶ୍ରୀକ୍ଷେତ୍ର ପରିକ୍ରମା କରିଥାନ୍ତି । ମହନ୍ତ ତାଙ୍କର ମିରିଜାଇ କୁର୍ତ୍ତା, ମୟୂର ଚୂଳିଆ ଟୋପର, ଅଣ୍ଟାରେ ବଂଶୀ ଓ ହସ୍ତରେ ଯଷ୍ଟି (ବାଡ଼ି) ଧରି ଦୋହଲି ଦୋହଲି ନୃତ୍ୟ ଭଙ୍ଗୀରେ ମନ୍ଦିର ପରିକ୍ରମା ସମେତ ବିଭିନ୍ନ ସାହି ମାନଙ୍କରେ ଭ୍ରମଣ କରିଥାନ୍ତି ।

ମଠ ନାମରେ ପୁରୀର ଗିରନାରୀବନ୍ତ ଓ ବ୍ରହ୍ମଗିରି ଅଞ୍ଚଳରେ ସ୍ୱଳ୍ପ ପରିମାଣର ଭୂ-ସମ୍ପତ୍ତି ରହିଥିଲା । ବର୍ତ୍ତମାନ ଉକ୍ତ ସମ୍ପତ୍ତିରୁ କୌଣସି ଆୟ ଆସୁନଥିବା ଜଣାଯାଏ । ଘୋର ଆର୍ଥିକ ଦୁରାବସ୍ଥା ମଧ୍ୟରେ ମଠ ରହିଥିବା ବେଳେ ବର୍ତ୍ତମାନର ସେବା ସମର୍ପଣ ଦାୟିତ୍ୱରେ ଥିବା ଶ୍ରୀ ମିଶ୍ର ମଠ ଠାକୁରଙ୍କ ଦୈନନ୍ଦିନ ନୀତି, ସେବାପୂଜା ବାବଦରେ ମାସିକ ୫୦୦ ଟଙ୍କା ପ୍ରଦାନ କରୁଥିବା ଜଣାଯାଏ । ଉକ୍ତ ମଠଟି ରାଜ୍ୟ ଦେବୋତ୍ତର ବିଭାଗର ତାଲିକା କିମ୍ବା ନିୟନ୍ତ୍ରଣରେ ରହିନାହିଁ । ଏପରିକି ମଠର ସମ୍ପତ୍ତି ଗୁଡ଼ିକ ଅମୃତ ମଣୋହି ସତ୍ତ୍ୱ ନୁହେଁ ।

✤ ✤ ✤

Digitized by srujanika@gmail.com

ଖୁରୁଣ୍ଟି ମଠ

ଶ୍ରୀ ଅନନ୍ତ ସମ୍ପ୍ରଦାୟର ଅନ୍ୟତମ ଅନୁଷ୍ଠାନ ଖୁରୁଣ୍ଟି ମଠଟି ପୁରୀ ମାର୍କଣ୍ଡେଶ୍ୱର ସାହିରେ ଅବସ୍ଥିତ । ଉକ୍ତ ମଠଟି ମିଶ୍ର ସାହିର ରାୟ ବାହାଦୁର ପରିବାରଙ୍କ ନିଜସ୍ୱ ସମ୍ପତ୍ତି ମଧ୍ୟରେ ଅନ୍ତର୍ଭୁକ୍ତ ।

ଖୁରୁଣ୍ଟି ମଠର ବିଜେସ୍ଥଳୀଟି ମଙ୍ଗଳାଘାଟ ରୋଡ଼ସ୍ଥିତ ଏକ ବୃହତ୍ ବଗିଚା ପରିବେଷ୍ଟିତ ସ୍ଥାନରେ ରହିଅଛି । ବିଜେସ୍ଥଳୀରେ ମନ୍ଦିର, ଜଗମୋହନ, ମହନ୍ତଙ୍କ ନିବାସ, ରୋଷଘର ନିର୍ମିତ ହେବା ସହିତ ଏଠାରେ ଗାଦି, ଚତୁର୍ଦ୍ଧା ଦାରୁ ବିଗ୍ରହ, ବଟ ପତ୍ରଶାୟୀ ବାଳମୁକୁନ୍ଦ ରୂପଧାରୀ ଅନନ୍ତଗୋପାଳ, ମଦନ ମୋହନ, ଲକ୍ଷ୍ମୀ, ସରସ୍ୱତୀ, ରାଧା ଅଧିଷ୍ଠିତ ହୋଇଥିବା ସ୍ଥଳେ ଅନ୍ୟ ଏକ କ୍ଷୁଦ୍ର ମନ୍ଦିରରେ ବିମଳା ଯୋଗମାୟା ଓ ଅଷ୍ଟଭୁଜା ଦୁର୍ଗା ମୂର୍ତ୍ତି ପୂଜିତ । ଶୟନ ନୀତିରେ ଅନନ୍ତ ଗୋପାଳ ଶୟନ କରନ୍ତି । ମୁଖ୍ୟ ମନ୍ଦିର ଦ୍ୱାରଦେଶର ଦୁଇ ପାର୍ଶ୍ୱରେ ଜୟ ବିଜୟ, ପାର୍ଶ୍ୱ ଦେବତା ଭାବରେ ବରାହ, ନୃସିଂହ ଓ ବାମନ ପ୍ରତିଷ୍ଠିତ । ମନ୍ଦିର ଦକ୍ଷିଣ ପାର୍ଶ୍ୱରେ ସ୍ନାନ ବେଦୀ ଓ ଅଗ୍ନି କୋଣରେ ଏକ ଦୋଳବେଦୀ ରହିଅଛି ।

ମଠରେ ଅଧିଷ୍ଠିତ ଠାକୁର ମାନଙ୍କ ଦୈନନ୍ଦିନ ନୀତି ମଧ୍ୟରେ ସକାଳେ ସ୍ନାନ, ବାଲଭୋଗ, ମଧ୍ୟାହ୍ନରେ ଅନ୍ନଭୋଗ, ସନ୍ଧ୍ୟାରେ ଆଳତୀ, ରାତ୍ରରେ ଚୁଡ଼ା, କ୍ଷୀର, ଫଳ ଇତ୍ୟାଦି ଭୋଗ ହୁଏ । ସଂପ୍ରତି କପିଳେଶ୍ୱରପୁର ଗ୍ରାମର ଶ୍ରୀ ସତ୍ୟ ନାରାୟଣ କର ଉକ୍ତ ମଠ ଠାକୁର ଏବଂ ଗାଦିର ସେବା ପୂଜା ଭାର ବହନ କରିଛନ୍ତି । ସେ କାକଟପୁରର ଅନନ୍ତବଟର ଅଦ୍ୱୈତ ଦାସଙ୍କ ଠାରୁ ଅନନ୍ତ ଦୀକ୍ଷା, ଅଣାକ୍ଷର ଓ ଏକାକ୍ଷର ମନ୍ତ୍ରରେ ଦୀକ୍ଷିତ ।

ହାତୀ ଗୁରୁଦେବ ମଠର ପୂର୍ବତନ ମହନ୍ତ ରଘୁନାଥ ଦାସ ଏହି ମଠର ଶେଷ ମହନ୍ତ ଥିଲେ । ତାଙ୍କର ଦେହାନ୍ତ ପରେ ମଠର ସେବା ପୂଜା ଦାୟିତ୍ୱରେ ଶ୍ରୀ କର ଅଦ୍ୟାବଧି ରହିଛନ୍ତି ।

✣✣✣

Digitized by srujanika@gmail.com

ତ୍ରିମାଳୀ ମଠ

ଶ୍ରୀ ରାମାନୁଜ ସମ୍ପ୍ରଦାୟର ଅନ୍ୟତମ ପ୍ରସିଦ୍ଧ ତଥା ବିଭବଶାଳୀ ମଠ ରୂପେ ତ୍ରିମାଳୀ ମଠ ସମଗ୍ର ଓଡିଶାରେ ସୁପରିଚିତ । ଶ୍ରୀମନ୍ଦିରର ଉତ୍ତର ଦ୍ୱାର ସମ୍ମୁଖରେ ଅବସ୍ଥିତ ପୁରୀ ତ୍ରିମାଳୀ ମଠଟି ରାମାନୁଜ ସମ୍ପ୍ରଦାୟ ତୋତାଦ୍ରି ଗାଦି ପରମ୍ପରାର ଅନ୍ତର୍ଭୁକ୍ତ । ପ୍ରାୟ ୬୫୦ ବର୍ଷର ପୁରାତନ ଏହି ମଠ ପ୍ରତିଷ୍ଠାର ଇତିହାସ ସମ୍ପର୍କରେ ଜଣାଯାଏ ଯେ, ତାମିଲନାଡୁ ରାଜ୍ୟ ତିରୁନେ୍ଲଭେଲିର ବିଷ୍ଣୁଚିତ୍ ସ୍ୱାମୀ ନାମକ ଜନୈକ ଧର୍ମପ୍ରାଣ ବ୍ୟକ୍ତି ସପରିବାର ଶ୍ରୀକ୍ଷେତ୍ରକୁ ଆଗମନ କରି ରାଜାଜ୍ଞା କ୍ରମେ ବର୍ତ୍ତମାନର ମଠ ବିଜେସ୍ଥଳୀଠାରେ କିଛି କାଳ ଅବସ୍ଥାନ କରିଥିଲେ । ଅବସ୍ଥାନ ସମୟରେ ସେଠାରେ ଏକ କୁଟୀର ବା କୁଡିଆ ଘର ନିର୍ମାଣ କରି ଶ୍ରୀଜଗନ୍ନାଥଙ୍କ ଉପାସନାରେ ନିମଜ୍ଜିତ ହୋଇଥିଲେ । ବିଷ୍ଣୁଚିତ ସ୍ୱାମୀଙ୍କର ପ୍ରାୟ ୩୫୦ ବର୍ଷ ପରେ ସପ୍ତଦଶ ଶତାବ୍ଦୀରେ ନାଥମୁନି ପରମାର୍ଥୀଙ୍କ ସମୟରେ ପରିଦୃଶ୍ୟମାନ ମଠ ବିଜେସ୍ଥଳୀଟି ନିର୍ମାଣ ହୋଇଥିଲା ବୋଲି ବର୍ତ୍ତମାନର ମଠାଧୀଶଙ୍କ ପିତା ଶ୍ରୀକୃଷ୍ଣ ରାମାନୁଜ ଦାସଙ୍କ ସୂତ୍ରରୁ ପ୍ରକାଶ । ନାଥ ମୁନିଙ୍କ ପୂର୍ବରୁ ମଠଟି ପକ୍କା ଗୃହରେ ପରିଣତ ହୋଇନଥିବା ଏବଂ ବିଷ୍ଣୁଚିତ୍ ସ୍ୱାମୀଙ୍କ ପରବର୍ତ୍ତୀ ମଠାଧୀଶମାନଙ୍କ ନାମ ସମ୍ପର୍କରେ ମଠରେ କୌଣସି ତଥ୍ୟ ଉପଲବ୍ଧ ହେଉନାହିଁ ।

ତାମିଲ ଭାଷାରେ ତିରୁମଲାଇ ଅର୍ଥ 'ଶ୍ରୀକୁଟୀର' । ତିରୁ ଅର୍ଥ 'ଶ୍ରୀ' ଏବଂ ମଲାଇ ଅର୍ଥ 'ଘର' ବା 'କୁଟୀର' । ଶ୍ରୀକୁଟୀର ବା ତିରୁମଲାଇ ଶବ୍ଦଟି ଅପଭ୍ରଂଶ ହୋଇ କାଳକ୍ରମେ ଏହି ଅନୁଷ୍ଠାନର ନାମ ତ୍ରିମାଳୀ ମଠ ହୋଇଅଛି । ଅପରପକ୍ଷରେ ଏହି ମଠ ପ୍ରତିଷ୍ଠା ସମ୍ପର୍କରେ ବାବୁ ଲକ୍ଷ୍ମଣ ଚରଣ ମହାନ୍ତିଙ୍କ ଦ୍ୱାରା ୧୯୪୮ ମସିହାରେ ମୁଦ୍ରିତ 'ଶ୍ରୀ ମର୍ତ୍ତ୍ୟ ବୈକୁଣ୍ଠ' ପତ୍ରିକାରେ କାବ୍ୟ ରୂପେ ଉଲ୍ଲେଖ ହୋଇଛି ଯେ :-

"ଶ୍ରୀରାମ ଲକ୍ଷ୍ମଣ ସୀତା ତିନି ନାମ ଧରି
ତପସ୍ୱୀ ଜପୁଣ ଥିଲେ ତିନି ଗୋଟି ମାଳି
ତିନି ମାଳି ଜପିବାର ଅଟେ ଏହି ପୀଠ
ମଠ ନାମ ହୋଇଅଛି ଏ ତ୍ରିମାଳି ମଠ
ଚନ୍ଦନ ଯାତ୍ରାରେ କେଳି କଦମ୍ବର ବେଶ
ଏହି ମଠ ଯୋଗାଏଟି ଦିନ ଏକବିଂଶ
ଶ୍ରୀଗୁଣ୍ଡିଚା ଯାତ୍ରା ଆଉ ବାହୁଡା ଯାତ୍ରାରେ

Digitized by srujanika@gmail.com

ରଥ ପନ୍ତି ଭୋଗ ଖଞ୍ଜା ଅଛି ଏ ମଠର
କିମ୍ବଦନ୍ତୀ ଅଛି ଜନେ କହୁଅଛି ଶୁଣ
ଏକ ଗୁରୁ ତିନି ଶିଷ୍ୟ ହୋଇଥିଲେ ଜାଣ
ପ୍ରଥମ ଶିଷ୍ୟ ଉତ୍ତର ପାର୍ଶ୍ୱ ଏ ମଠ
ଦ୍ୱିତୀୟ ଶିଷ୍ୟ ଅଟେ ତୋରାଣି ଛତ୍ର ମଠ
ତୃତୀୟ ଶିଷ୍ୟ ତ୍ରିମାଳି ମଠ ଏ ଅଟଇ
ବହୁ ଅନୁସନ୍ଧାନରେ ବଂଶୀଧର କହି '' ।

ଉପରୋକ୍ତ କାବ୍ୟରୁ ଜଣାଯାଏ ଯେ, ଅତୀତରେ ଏହି ମଠର ବହୁ ସଂପର୍କ ଶ୍ରୀମନ୍ଦିରର ଯାନିଯାତ୍ରା, ବେଶ ତଥା ନୀତି ସହିତ ପ୍ରତ୍ୟକ୍ଷ ଭାବେ ରହିଥିଲା । ଜନୈକ ବୈଷ୍ଣବଙ୍କର ତିନି ଶିଷ୍ୟ ମଧ୍ୟରୁ ତୃତୀୟ ଶିଷ୍ୟ ତ୍ରିମାଳୀ ମଠର ମହନ୍ତ ହୋଇଥିଲେ ବୋଲି ଯାହା ପ୍ରକାଶ ପାଇଛି, ସେ ବିଷୟରେ କୌଣସି ପ୍ରାମାଣିକ ତଥ୍ୟ ଉପଲବ୍ଧ ହେଉନାହିଁ । ଐତିହାସିକ ବିବରଣୀ ଅନୁଯାୟୀ ନରସିଂହ ଦେବ (ପଞ୍ଚମ) ୧୩୭୮ ଖ୍ରୀଷ୍ଟାବ୍ଦରେ ଯୁବରାଜ ଶାଢୀରେ ଅଭିଷିକ୍ତ ହୋଇ ପିତାଙ୍କ ଜୀବିତାବସ୍ଥାରେ ୧୩୦୪ ଶକାବ୍ଦ ପର୍ଯ୍ୟନ୍ତ ୭-୮ ଅଙ୍କରେ ରାଜତ୍ୱ କରି, ପିତାଙ୍କ ଆବାହନ ପରେ ୧୩୦୪ ଶକାବ୍ଦ ୮ ଅଙ୍କରେ ତ୍ରିମାଳି ମଠ ତାମ୍ର ଶାସନ ଦାନ କରିଥିଲେ । (ଦ୍ରଷ୍ଟବ୍ୟ- ମାଦଳାପାଞ୍ଜି ଓ ଶ୍ରୀକ୍ଷେତ୍ର ମହାରାଜା ମାନଙ୍କ ଅଙ୍କ-ଲେ-ଗୋବିନ୍ଦ ଚନ୍ଦ୍ର ହରିଚନ୍ଦନ ଜଗଦ୍ଦେବ, ''ଶ୍ରୀମନ୍ଦିର'' ପତ୍ରିକା ଦ୍ୱିତୀୟ ସଂଖ୍ୟା - ୧୯୮୧, ପୃଷ୍ଠା-୨୬) ଡଃ ହରେକୃଷ୍ଣ ମହତାବଙ୍କ 'ଓଡିଶା ଇତିହାସ' ପୁସ୍ତକ ପ୍ରଥମ ଭାଗ, ୨୫୧ ପୃଷ୍ଠାରେ ଉଲ୍ଲେଖ ପ୍ରକାରେ, ''ତ୍ରିମାଳୀ ମଠ ତାମ୍ର ଶାସନ (ପରବର୍ତ୍ତିତ ନାମ କେନ୍ଦୁଲୀ (୨) ତାମ୍ର ଶାସନ) ସ୍ୱର୍ଗତ ମନମୋହନ ଚକ୍ରବର୍ତ୍ତୀ ପୁରୀର ତ୍ରିମାଳୀ ମଠରୁ ୧୮୯୫ ଖ୍ରୀଷ୍ଟାବ୍ଦରେ ପାଇଥିଲେ । କିନ୍ତୁ ବିଶିଷ୍ଟ ଐତିହାସିକ ତଥା ଶିଳାଲେଖବିତ୍ ଡଃ ସତ୍ୟନାରାୟଣ ରାଜଗୁରୁ ତ୍ରିମାଳୀ ମଠ ତାମ୍ର ଶାସନଟିର ପ୍ରାପ୍ତିସ୍ଥାନ ପୁରୀ ଜିଲ୍ଲାର ବାଲିପାଟଣା ଥାନା ଅନ୍ତର୍ଗତ କେନ୍ଦୁଲୀ ଗ୍ରାମ ବୋଲି ପ୍ରକାଶ କରନ୍ତି'' । ପ୍ରକୃତ ପକ୍ଷେ ଏ ସମ୍ବନ୍ଧରେ ମଠ ସୂତ୍ରରୁ ଜଣାଯାଏ ଯେ, ତ୍ରିମାଳୀ ମଠ ଅଧୀନରେ କେନ୍ଦୁଲୀ ଗ୍ରାମ ଠାରେ ଅନେକ ଭୂସମ୍ପତ୍ତି ଓ ଖମାର ଇତ୍ୟାଦି ରହିଅଛି । ସେହିଠାରୁ ଏହି ତାମ୍ର ଶାସନ ମିଳିଥିଲା । ତତ୍କାଳୀନ ମଠ ମହନ୍ତ ତ୍ରିମାଳୀ ମଠର କେନ୍ଦୁଲୀଠାରେ ଥିବା ଖମାର ଘରେ ତାହାକୁ ରଖିଥିଲେ ଏବଂ ସେହିଠାରୁ ଉକ୍ତ ତାମ୍ର ଶାସନକୁ ଗବେଷଣା ଉଦ୍ଦେଶ୍ୟରେ ପ୍ରଦାନ କରିଥିଲେ । ପୁରୀସ୍ଥ ମଠ ବିଜେସ୍ଥଳୀଠାରେ ସଂପୃକ୍ତ ତାମ୍ର ଶାସନ ନଥିଲା । ଏପରିକି ଗତ କିଛି ବର୍ଷ ପୂର୍ବେ କେନ୍ଦୁଲୀରେ ଥିବା ମଠର ଗୋଟିଏ ଜମିର ଖନନ ସମୟରେ ମାଟିତଳୁ ଅତ୍ୟନ୍ତ କମନୀୟ ଭଗ୍ନ ମୂର୍ତ୍ତି ଆବିଷ୍କୃତ ହେବା ସଙ୍ଗେ ସଙ୍ଗେ ୬ ଗୋଟି ତାମ୍ରପଟା ମଧ୍ୟ ମିଳିଥିଲା । ସମ୍ଭବତଃ ଏହା ମ୍ୟୁଜିୟମ୍ କିମ୍ବା ଅନ୍ୟ କୌଣସି ଗବେଷଣାଗାରରେ ରହିଥାଇପାରେ ବୋଲି ତ୍ରିମାଳୀ ମଠର କୃଷ୍ଣ ରାମାନୁଜ ଦାସ ପ୍ରକାଶ କରନ୍ତି । ତ୍ରିମାଳୀ ମଠର ତାମ୍ର ଶାସନ ସମ୍ବନ୍ଧରେ ଡଃ ମହତାବଙ୍କ 'ଓଡିଶା ଇତିହାସ' ପୁସ୍ତକରେ ଉଲ୍ଲେଖ

Digitized by srujanika@gmail.com

ହୋଇଥିବା ତଥ୍ୟ ପକାରେ "ତ୍ରିମାଳୀ ମଠ ତାମ୍ର ଶାସନ ନରସିଂହ ଦେବ ୪ର୍ଥଙ୍କ (ଖ୍ରୀ ୧୩୭୮ ରୁ ଖ୍ରୀ ୧୪୧୪) ଦ୍ୱାରା ଶକାବ୍ଦ ୧୩୦୫ରେ ତାଙ୍କର ୮ ଅଙ୍କରେ ଚୈତ୍ର ମାସ ଶୁକ୍ଳ ପକ୍ଷ ତ୍ରୟୋଦଶୀ ରବିବାର ଦିନ ପ୍ରଦତ୍ତ ହୋଇଥିଲା । ତାମ୍ର ଶାସନରେ ବର୍ଣ୍ଣିତ ଥିବା ପ୍ରଧାନ ବିଷୟବସ୍ତୁ ଏହି ଯେ ରାଜା ନରସିଂହ ଦେବ ତାଙ୍କର ସନ୍ଧି ବିଗ୍ରହକ ସ୍ୱପ୍ନେଶ୍ୱର ନାମଧେୟ ବ୍ରାହ୍ମଣଙ୍କୁ ଘରବାଡି ସହିତ ଚାରିବାଟି ଜମି ଦାନ ଦେଇଥିଲେ । ତାମ୍ର ଶାସନରେ ଥିବା ଅନ୍ୟାନ୍ୟ ବିଷୟ ମାନଙ୍କ ମଧ୍ୟରେ ଗଙ୍ଗ ନରପତି ମାନଙ୍କର କୀର୍ତ୍ତି ବର୍ଣ୍ଣନ ଓ ସେମାନଙ୍କର ରାଜତ୍ୱକାଳ ନିରୂପଣ ବିଶେଷ ଭାବରେ ଜଣାପଡେ । ତାମ୍ର ଶାସନର କେତେକ ଉଦ୍ଧୃତାଂଶ ନିମ୍ନରେ ପ୍ରଦତ୍ତ କରାଯାଉଅଛି:-

"ରାଉତପତା ପାଖର ରସବନ୍ଧଜିତ ଚିଆରିସ ପଞ୍ଚାଶମାଢ ୪୫୦ ଚାନ୍ଦଲୋ ପାଖର .... ମହାସେନାପତିର ସୀମା କଲା ପ୍ରମାଣେ । ଅସ୍ୟ ଗ୍ରାମସ୍ୟ ପୂର୍ବସୀମା ମଲଏ ଗ୍ରାମର କପିଳେଶ୍ୱର ଦେବଙ୍କର ଦେଉଳର ପଶ୍ଚିମ ବିବାଦ ସୋଲ ଦଣ୍ଡାର କତ କଙ୍କଡା ଦଣ୍ଡାର ଅର୍ଦ୍ଧ ଆଦିକର ଅଣ୍ଡଲ ଗ୍ରାମର ସୋଲ ଭୂଇଁର ପଶ୍ଚିମସାନ୍ଧ .... ମକୁଲୁଣ୍ଡା ଗ୍ରାମର ପୁରୟା ନୂଆ ଘାଇର କୋଣୀ ପଥର ବଡ ବରଗଛ........"

(ଦ୍ରଷ୍ଟବ୍ୟ : ଓଡିଶା ଇତିହାସ, ପୃ ୨୫୧, ୨୫୨)

ଉଲ୍ଲେଖଯୋଗ୍ୟଯେ ପ୍ରଥମଥର ନିମନ୍ତେ ତ୍ରିମାଳୀ ମଠ ତାମ୍ର ଶାସନର ଲିପି ଓଡିଆରେ ଖୋଦିତ ହୋଇଥିବା ଜଣାଯାଏ । ଏ ସଂପର୍କରେ ଗୋବର୍ଦ୍ଧନ ଦୋରାଙ୍କ "The Saurus of events & dates of Orissa" ପୁସ୍ତକରେ ଉଲ୍ଲେଖ ପ୍ରକାରେ, "During the reign of Narasingh Dev-IV (1378-1414) Trimalimath Copper plate was inscribed in Oriya. He changed the system, by introducing oriya language. Oriya was accepted as the state language" । ଏଥିରୁ ଜଣାଯାଏ ଯେ ୧୩୭୮ ଖ୍ରୀଷ୍ଟାବ୍ଦ ସମୟରେ ପୁରୀ ତ୍ରିମାଳୀ ମଠର ପ୍ରସିଦ୍ଧି ରହିଥିଲା । ତତ୍କାଳୀନ ସମୟରେ ଶ୍ରୀକ୍ଷେତ୍ରରେ ଯେଉଁ ଅଳ୍ପ କେତେକ ମଠ ପ୍ରତିଷ୍ଠିତ ଥିଲା ତନ୍ମଧ୍ୟରେ ତ୍ରିମାଳୀ ମଠ ଅନ୍ୟତମ ଥିଲା । ଏପର୍ଯ୍ୟନ୍ତ ତ୍ରିମାଳୀ ମଠରେ ୧୫ ଜଣ ମଠାଧୀଶ ରହିଥିବା ଅନୁମାନ କରାଯାଏ । କିନ୍ତୁ ମଠ କାର୍ଯ୍ୟାଳୟରୁ ଏଥି ମଧ୍ୟରୁ ମାତ୍ର ୯ ଜଣଙ୍କ ନାମ ମିଳୁଅଛି । ମଠର ପୂର୍ବତନ ମଠାଧୀଶ ସଙ୍କର୍ଷଣ ରାମାନୁଜ ଦାସ କେବଳ ୫୧ ବର୍ଷ ଧରି ମଠାଧୀଶ ରୂପେ ରହିଥିଲେ । ଏଣୁ ତାମ୍ର ଶାସନର ପ୍ରମାଣ ଅନୁଯାୟୀ ମଠଟି ପ୍ରାୟ ୬୫୦ ବର୍ଷର ପୁରାତନ ବୋଲି ଜଣାଯାଏ ।

ମଠାଧୀଶଙ୍କ କ୍ରମାନ୍ୱୟ :- ତ୍ରିମାଳୀ ମଠ ବିଜେସ୍ଥଳୀରେ ସର୍ବ ପ୍ରଥମେ କୁଡିଆ ଘର ବା କୁଟୀର କରି ରହିଥିବା ବିଷ୍ଣୁଚିତ୍ ସ୍ୱାମୀ ଓ ତତ୍‌ପରବର୍ତ୍ତୀ ମଠାଧୀଶ ମାନଙ୍କ ସମ୍ପର୍କରେ

Digitized by srujanika@gmail.com

କୌଣସି ତଥ୍ୟ ମଠରେ ଉପଲବଧ ହେଉନାହିଁ । ତ୍ରିମାଳୀ ମଠଟି ସ୍ଥାୟୀ ପକ୍‌କା ଗୃହରେ ପରିଣତ ହୋଇଥିଲା ଲକ୍ଷ୍ମନ ଦାସ ଓରଫ୍ ନାଥ ମୁନିଙ୍କ ସମୟରେ । ତାଙ୍କର ଉଦ୍ୟମରେ ମଠ ବିଜେସ୍ଥଳୀରେ କୋଠାଘର ନିର୍ମିତ ହୋଇଥିଲା । ଏହ ପ୍ରାୟ ସପ୍ତଦଶ ଶତାବ୍ଦୀର ପ୍ରାରମ୍ଭରେ ହୋଇଥିଲା । ନାଥ ମୁନିଙ୍କ ପରେ ନିମ୍ନମତେ ମଠାଧୀଶ ମାନଙ୍କ କ୍ରମାନ୍ୱୟ ତାଲିକା ନିମ୍ନରେ ଉଲ୍ଲେଖ କରାଯାଉଛି :-

(୧) ତ୍ରିମାଳୀ ମଠର ସ୍ଥାୟୀ ପକ୍‌କା ଗୃହର ନିର୍ମାଣ - ଲକ୍ଷ୍ମନ ଦାସ ଓରଫ୍ ନାଥ ମୁନି

ପରମାର୍ଥୀ

(୨) ସୀତାରାମ ଦାସ

(୩) ବଳରାମ ଦାସ

(୪) କେଶବ ଦାସ (ଏହାଙ୍କ ସମୟରେ ନୂତନ ଭାବେ ମଠରେ ଠାକୁର ମାନଙ୍କ ପ୍ରତିଷ୍ଠା ହୋଇଥିଲା । ୧୭୫୧-୫୨ ମସିହାରେ ଆଠଗଡ ରାଜାଙ୍କ ଦ୍ୱାରା ପ୍ରଦତ୍ତ ସନ୍ନନ୍ଦ ମୁତାବକ ସଂପୃକ୍ତ ମଠାଧୀଶ ତ୍ରିମାଳୀ ମଠରେ ମହନ୍ତ ରୂପେ ରହିଥିବାର ପ୍ରମାଣ ମିଳୁଅଛି) ।

(୫) ମଧୁସୂଦନ ଦାସ - (ଏହି ମଠାଧୀଶଙ୍କ ପର୍ଯ୍ୟନ୍ତ ତ୍ରିମାଳୀ ମଠଟି ବୈରାଗୀ ସମ୍ପ୍ରଦାୟ ଅନ୍ତର୍ଭୁକ୍ତ ଥିଲା) ।

(୬) ଗୋଷ୍ଠୀପୂର୍ଣ୍ଣ ରାମାନୁଜ ଦାସ (୧୮୭୩-୭୪ ମସିହାରେ ମଠାଧୀଶରୂପେ ଥିବାର ପ୍ରମାଣ ମିଳୁଅଛି । ଏହି ମଠାଧୀଶଙ୍କ ସମୟରେ ମଠରେ ରଘୁନାଥ ମହାପ୍ରଭୁଙ୍କ ପ୍ରତିଷ୍ଠା ହେଲା । ଏପରିକି ଉକ୍ତ ମଠଟି ଏହାଙ୍କ ସମୟଠାରୁ ଶ୍ରୀ ସମ୍ପ୍ରଦାୟ (ଆଚାରି)ରେ ମିଶିଗଲା ।

(୭) ହରି ରାମାନୁଜ ଦାସ (ଏ ଜଣେ ପ୍ରସିଦ୍ଧ ଓ ପ୍ରତିପତିଶାଳୀ ମହନ୍ତ ଥିଲେ)

(୮) ଶଙ୍କର୍ଷଣ ରାମାନୁଜ ଦାସ (୧୯୩୩ ମସିହାରୁ ୧୯୮୪ ଫେବୃୟାରୀ ୨୨ ତାରିଖ ପର୍ଯ୍ୟନ୍ତ ମଠାଧୀଶ ରୂପେ କାର୍ଯ୍ୟ କରିଥିଲେ) ।

(୯) ଶ୍ରୀ ଶ୍ରୀନିବାସ ରାମାନୁଜ ଦାସ (ମାତ୍ର ୯ ବର୍ଷ ବୟସରେ ୧୯୮୪ ମସିହା ମାର୍ଚ୍ଚ ୫ ତାରିଖରୁ ମହନ୍ତାଇ ଶାଢୀ ବନ୍ଧାଇ ଗାଦିନାସୀନ ହୋଇ ମଠାଧୀଶ ରୂପେ କାର୍ଯ୍ୟନିର୍ବାହ କରୁଛନ୍ତି) ।

ବର୍ତ୍ତମାନର ମଠାଧୀଶ ଶ୍ରୀନିବାସ ରାମାନୁଜ ଦାସ ସଂସ୍କୃତରେ ଶାସ୍ତ୍ରୀ ଏବଂ

Digitized by srujanika@gmail.com

ଭେଙ୍କେଟେଶ୍ୱର ବିଶ୍ୱ ବିଦ୍ୟାଳୟରୁ ବିଶିଷ୍ଟ ଅଦ୍ୱୈତ ବେଦାନ୍ତ ବିଷୟରେ କୃତିତ୍ୱ ହାସଲ କରିଥିବା ଜଣାଯାଏ । ସଂପ୍ରତି ମଠାଧୀଶଙ୍କ ବୟସ ୨୮ ବର୍ଷ । ଯଦି ପ୍ରଥମ ମଠାଧୀଶ ଠାରୁ ତାଙ୍କର କ୍ରମାନ୍ୱୟ ଧରାଯାଏ, ତେବେ ସେ ହେଉଛନ୍ତି ତ୍ରିମାଳୀ ମଠର ୧୫ତମ ମଠାଧୀଶ । ଏ ବିଷୟରେ ଗବେଷଣା କରାଗଲେ ଅଧିକ ତଥ୍ୟ ଉପଲବ୍ଧ ହୋଇପାରିବ । ତ୍ରିମାଳୀ ମଠର ମଠାଧୀଶ ମାନଙ୍କ ସଂପର୍କରେ ମଠ କାର୍ଯ୍ୟାଳୟ ସୂତ୍ରରୁ ସଂଗ୍ରହ ହୋଇଥିବା ତଥ୍ୟ ଅନୁଯାୟୀ ପୂର୍ବତନ ମଠାଧୀଶ ଶଙ୍କର୍ଷଣ ରାମାନୁଜ ଦାସ ଦୀର୍ଘ ୪୦ ବର୍ଷ ଧରି ଓଡିଶାରେ ରାମଚରିତ ମାନସ ଉପରେ ବ୍ୟାପକ ପ୍ରଚାର ଚଳାଇଥିଲେ । ରାମଚରିତ ଉପରେ ତାଙ୍କର ଅଗାଧ ପାଣ୍ଡିତ୍ୟ ଥିଲା । ଭୁବନେଶ୍ୱର ୟୁନିଟ୍ ୧ର ଆଦିବାସୀ ପଡିଆ ନିକଟରେ ଥିବା ରାମ ମନ୍ଦିର ସଂପୃକ୍ତ ମଠାଧୀଶଙ୍କ ଉଦ୍ୟମରେ ନିର୍ମାଣ ହୋଇଥିଲା । ଏତତ୍‌ବ୍ୟତୀତ ଏହାଙ୍କ ସମୟରେ ମଠରେ 'କାଚଝୁଲଣ' ଆରମ୍ଭ ହୋଇଥିଲା । ମଠର ଅନ୍ୟତମ ମଠାଧୀଶ ହରି ରାମାନୁଜ ଦାସ ଜଣେ ପ୍ରସିଦ୍ଧ ଓ ପ୍ରତିଭାଶାଳୀ ମହନ୍ତ ଥିଲେ । ଆଜକୁ ଏକ ଶହ ବର୍ଷ ପୂର୍ବେ ଉକ୍ତ ମହନ୍ତଙ୍କ ଉଦ୍ୟମରେ ମଠ ନାମରେ ବହୁ ପରିମାଣର ଭୂସମ୍ପତ୍ତି ଖର୍ଦ୍ଦି ହୋଇଥିଲା । ସପ୍ତଦଶ ଶତାବ୍ଦୀରେ ଅନ୍ୟତମ ମଠାଧୀଶ ନାଥ ମୁନି ପରମାର୍ଥୀ ନାମରେ ଜନୈକ ପ୍ରଭାବଶାଳୀ ଓଡିଆ ମହନ୍ତ ଏହି ମଠ ବିଜେସ୍ଥଳୀର କୋଠାଘର ନିର୍ମାଣ, ଭୂ ସମ୍ପତ୍ତି କ୍ରୟ ଏବଂ ଶ୍ରୀମନ୍ଦିର ସେବା ନୀତି ସହିତ ପ୍ରତ୍ୟକ୍ଷ ଭାବେ ଜଡିତ ହୋଇଥିଲେ । ତାଙ୍କ ସମୟରେ ମଠକୁ ଅମୃତ ମଣୋହି ଖର୍ଚ୍ଚ ସକାସେ କେତେକ ଭୂସମ୍ପତ୍ତି ଦାନ ସୂତ୍ରରେ ମିଳିଥିଲା । ସେହିପରି ମହନ୍ତ କେଶବ ରାମାନୁଜ ଦାସଙ୍କ ସମୟରେ ଆଠଗଡ ରାଜାଙ୍କ ଦ୍ୱାରା ଆଠଗଡର ବାବରାପୁରରେ କେତେକ ଭୂସମ୍ପତ୍ତି ମଠକୁ ଦାନ ସୂତ୍ରେ ପ୍ରଦତ୍ତ ହୋଇଥିଲା ।

ମଠ ବିଜେ ସ୍ଥଳୀ :- ପୂର୍ବ ବନ୍ଦୋବସ୍ତର ସାବିକ ରେକର୍ଡରେ ପୁରୀ ମାର୍କଣ୍ଡେଶ୍ୱର ସାହି ମୌଜାରେ ତ୍ରିମାଳୀ ମଠଟି ଅବସ୍ଥିତ ଥିଲା । ସେତେବେଳେ ଶ୍ରୀମନ୍ଦିରର ଉତ୍ତରଦ୍ୱାର ସମ୍ମୁଖ ଅଞ୍ଚଳକୁ ମାର୍କଣ୍ଡେଶ୍ୱର ସାହିରେ ଅନ୍ତର୍ଭୁକ୍ତ କରାଯାଇଥିଲା । ସଂପ୍ରତି ହାଲ୍ ରେକର୍ଡରେ ତ୍ରିମାଳୀ ମଠଟି ଚୁଡଙ୍ଗ ସାହି ମୌଜାରେ ମୋଟ୍ ୨୧୩ ଡିସିମିଲ ପରିମିତ ଜମି ଉପରେ ରହିଅଛି । ଶ୍ରୀମନ୍ଦିର ଉତ୍ତରଦ୍ୱାର ତଥା କୋଇଲି ବୈକୁଣ୍ଠର ସମ୍ମୁଖ ଭାଗରେ ଅବସ୍ଥିତ ତ୍ରିମାଳୀ ମଠର ବିଜେସ୍ଥଳୀଟି ଦ୍ୱିତାଲା ବିଶିଷ୍ଟ କୋଠାଘର ଅଟେ । ମଠର ମୁଖ୍ୟ ଅଗଣା ମଧ୍ୟରେ ମନ୍ଦିରଟିଏ ରହିଅଛି । ମଠ ବିଜେସ୍ଥଳୀରେ ଗାଦୀଘର, ଝୁଲଣ କୁଞ୍ଜ, ରୋଷଘର, ସରଘର, କୂପ, ବଗିଚା ସମେତ ପ୍ରାୟ ୨୦ ବଖରା ଘର ରହିଅଛି । ଏଥି ମଧ୍ୟରୁ ଉତ୍ତର ପାର୍ଶ୍ୱସ୍ଥ ୧୦ ବଖରା ଘର ସଂପୂର୍ଣ୍ଣ ଭଗ୍ନ ଅବସ୍ଥାରେ ରହିଅଛି । ମଠର ଗୃହ ଗଡ଼ିକ ଉଭୟ ସାଆଣ ଓ ମାଙ୍କଡା ପଥରରେ ନିର୍ମିତ ।

ମଠ ଠାକୁରଙ୍କ ନୀତି, ଉତ୍ସବ :- ତ୍ରିମାଳୀ ମଠର ମୁଖ୍ୟ ଇଷ୍ଟ ବିଗ୍ରହ ହେଲେ ଶ୍ରୀ ରଘୁନାଥ

Digitized by srujanika@gmail.com

ଜୀଉ (ଅଷ୍ଟ ଧାତୁ ବିଗ୍ରହ - ଉଚ୍ଚତା ପ୍ରାୟ ଦେଢଫୁଟ୍) । ଦୀର୍ଘ ୧୫୦ ବର୍ଷରୁ ଉର୍ଦ୍ଧ୍ୱ ଧରି ଏହି ରଘୁନାଥ ଜୀଉ ମୂର୍ତ୍ତି ପୂଜିତ ହେଉଥିଲେ । କୌଣସି କାରଣବଶତଃ ବିଗ୍ରହଟି ବିଘ୍ନ ହୋଇଯିବାରୁ ୧୯୯୩ ମସିହାରେ ଉକ୍ତ ବିଗ୍ରହଙ୍କୁ ସମୁଦ୍ରରେ ବିସର୍ଜନ କରାଯାଇ ସେହି ବର୍ଷ ନୂତନ ଭାବେ ଆଉ ଏକ ରଘୁନାଥ ଜୀଉ ବିଗ୍ରହ ପ୍ରତିଷ୍ଠିତ ହୋଇ ଦୈନନ୍ଦିନ ପୂଜିତ ହେଉଛନ୍ତି । ମଠ ବିଜେସ୍ଥଳୀରେ ଥିବା ମନ୍ଦିରରେ ବିରାଜିତ ଅନ୍ୟାନ୍ୟ ପାର୍ଶ୍ୱ ଦେବଦେବୀ ମଧ୍ୟରେ ବୃନ୍ଦାବନ ଦେବ (ରାଧାକୃଷ୍ଣ ଧାତୁ ବିଗ୍ରହ) ଯେକି ଝୁଲଣକୁ ବିଜେ ହୋଇଥାନ୍ତି । ଶ୍ରୀଜଗନ୍ନାଥ, ଶ୍ରୀବଳଭଦ୍ର, ଶ୍ରୀସୁଭଦ୍ରା (ତ୍ରିମୂର୍ତ୍ତି ଦାରୁ ବିଗ୍ରହ), ଭେଙ୍କେଟେଶ୍ୱର ବିଗ୍ରହ (ତମ୍ବା ଧାତୁ ପ୍ଲେଟରେ ଖୋଦିତ-ଉଚ୍ଚତା ପ୍ରାୟ ଦେଢ ଫୁଟ), ୧୨ ଜଣ ଅଲୱାର ସ୍ୱାମୀଙ୍କ ମୂର୍ତ୍ତି (ତମ୍ବା ପ୍ଲେଟ୍‌ରେ ଖୋଦିତ), ରାମ, ଲକ୍ଷ୍ମଣ, ସୀତା, ହନୁମାନ (ଏହି ମୂର୍ତ୍ତି ନୂତନ ଭାବେ ୧୯୯୩ ମସିହାରେ ପ୍ରତିଷ୍ଠିତ ହୋଇଥିଲେ) । ଭଗବାନ ନୃସିଂହ ଶିଳା ସମେତ ୧୩ ମୂର୍ତ୍ତି ଶାଳଗ୍ରାମ ପ୍ରତିଷ୍ଠିତ ପୂର୍ବକ ପ୍ରତ୍ୟହ ପୂଜାର୍ଚ୍ଚନା କରାଯାଉଅଛି ।

ଠାକୁର ମାନଙ୍କ ଦୈନନ୍ଦିନ ନୀତି ମଧ୍ୟରେ ପ୍ରାତଃ ସମୟରେ ମଙ୍ଗଳ ଆରତୀ, ସ୍ନାନ, ନୀତି, ବାଲ୍ୟଭୋଗ (ଫଳ ଭୋଗ), ରାଜ ଭୋଗ (ଅନ୍ନ ପ୍ରସାଦ), ଦିବା ପହୁଡ, ଅପରାହ୍ନରେ ଆରତୀ, ବାଲ୍ୟଭୋଗ (ଫଳ, ଖଇ, ଉଖୁଡା ଇତ୍ୟାଦି) ରାତ୍ର ପହୁଡ ନୀତି ଅନୁଷ୍ଠିତ ହୋଇଥାଏ ।

ଦୈନନ୍ଦିନ ନୀତି ବ୍ୟତୀତ ଉକ୍ତ ମଠରେ ବର୍ଷର ବିଭିନ୍ନ ଦିବସରେ ପର୍ବ ପର୍ବାଣୀମାନ ପାଳନ କରାଯାଇଥାଏ । ତନ୍ମଧ୍ୟରେ ଶ୍ରୀରାମ ନବମୀ, ଜନ୍ମାଷ୍ଟମୀ, ଗୋବର୍ଦ୍ଧନ ଉତ୍ସବ (ଅନ୍ନ କୂଟ), କାର୍ତ୍ତିକ ଅମାବାସ୍ୟା ପରେ ପଡିଥାଏ । ଏହି ପର୍ବରେ ୫୬ ପ୍ରକାର ଭୋଗ ପ୍ରସ୍ତୁତ ହୋଇ ମଠ ଠାକୁର ମାନଙ୍କ ଠାରେ ନୈବେଦ୍ୟ ହୋଇଥାଏ । ସୁନିଆଁ (ଗାଦୀ ପୂଜା), ଗୁରୁ ମଠାଧୀଶ ମାନଙ୍କ ଶ୍ରାଦ୍ଧୋତ୍ସବ, ଦଶହରା (ସିରସ୍ତା ପୂଜା), ଗୁରୁ ପୂର୍ଣ୍ଣିମା ଓ ଝୁଲଣ ଉତ୍ସବ ଇତ୍ୟାଦି ପ୍ରଧାନ ଅଟେ । ଉଲ୍ଲେଖଯୋଗ୍ୟ ଯେ ୧୯୬୪ ମସିହା ପୂର୍ବରୁ ମଠରେ ଜରି, ଜମୁରା, ଶୋଲରେ ଝୁଲଣ କୁଞ୍ଜର ସାଜସଜ୍ଜା ହେଉଥିଲା । ପୂର୍ବତନ ମଠାଧୀଶ ଶଙ୍କର୍ଷଣ ରାମାନୁଜ ଦାସ ୧୯୬୪ ମସିହାରେ ବୃନ୍ଦାବନରୁ ସ୍ୱତନ୍ତ୍ର ଭାବେ କାଚରେ ନିର୍ମିତ ଏକ ଝୁଲଣ କୁଞ୍ଜ କ୍ରୟକରି ସେହି ବର୍ଷ ଠାରୁ ମଠରେ କାଚ ଝୁଲଣ ଆରମ୍ଭ କରାଇଥିଲେ । ଏପରିକି ସ୍ଥାନୀୟ ଅଧିବାସୀ ମାନଙ୍କ ମଧ୍ୟରେ ଏବେବି ତ୍ରିମାଳୀ ମଠ କାଚ ଝୁଲଣର ପ୍ରସିଦ୍ଧି ରହିଅଛି । ଶ୍ରାବଣ ଦଶମୀ ଠାରୁ ଦୀର୍ଘ ୭ ଦିନ ବ୍ୟାପୀ ଏହି ଝୁଲଣ ଯାତ୍ରା ମହା ଆଡମ୍ବରପୂର୍ଣ୍ଣ ଭାବେ ଏହି ମଠରେ ପାଳିତ ହୋଇଥାଏ ।

ଶ୍ରୀ ମନ୍ଦିର ନୀତି ଓ ଉତ୍ସବରେ ମଠର ସଂପର୍କ :- ଅତ୍ୟନ୍ତ ପ୍ରାଚୀନ ସମୟରୁ ଶ୍ରୀମନ୍ଦିରର ଦୈନନ୍ଦିନ ନୀତି ଓ ବିଶେଷ ଉତ୍ସବ ସହିତ ତ୍ରିମାଳୀ ମଠର ସଂପର୍କ ରହିଆସିଅଛି । ୧୯୫୪ ମସିହାରେ ପ୍ରସ୍ତୁତ ଶ୍ରୀମନ୍ଦିର ସ୍ୱତ୍ତ୍ୱଲିପି ତୃତୀୟ ଭାଗର ୧୧୯ ନମ୍ବର ବ୍ୟକ୍ତିଗତ ସେବା

Digitized by srujanika@gmail.com

ତାଲିକାର ପୃଷ୍ଠା ୧୮୬ରେ କ୍ରମିକ ନଂ ୫୮ରେ ଥିବା ଉଲ୍ଲେଖ ପ୍ରକାରେ ''ତ୍ରିମାଳୀ ମଠ ମହନ୍ତ ଉପଚାର ଚାମର ଓ ଆଲଟ ସେବା କରିପାରିବେ । ଏହି ମଠ ମଶାଲ ପାଆନ୍ତି । ଦୈନନ୍ଦିନ ଅବକାଶ ନୀତି ପାଇଁ ଦିହୁଡି ଯୋଗାନ୍ତି । ଦୈନିକ ବଲ୍ଲଭ ଯୋଗାନ୍ତି ।'' ପୂର୍ବେ ଏହି ମଠ ମହନଭୋଗ ମଧ କରୁଥିଲେ । କିନ୍ତୁ ପ୍ରକୃତ ପକ୍ଷେ ବହୁ ବର୍ଷ ଧରି ଏହି ଭୋଗ ହେଉନଥିବା ଜଣାଯାଏ । ମଠ ସୂତ୍ରରୁ ସଂଗ୍ରହ ହୋଇଥିବା ତଥ୍ୟ ଅନୁଯାୟୀ ଅତୀତରେ ଏହି ମଠ ତରଫରୁ ଶ୍ରୀମନ୍ଦିରର ବଲ୍ଲଭ ଭୋଗ ନିମନ୍ତେ ବିଭିନ୍ନ ଫଳ, ଖଇ ଇତ୍ୟାଦି ପଠାଯାଉଥିଲା । ପ୍ରତ୍ୟେକ ଦିନ ଖଟଣୀ ଭୋଗରେ ୨ଟି ବାଇହାଣ୍ଡି ଅନ୍ନ, ଡାଲି, ବେସର ଇତ୍ୟାଦି ଭୋଗ ହୋଇ ମଠରେ ରହୁଥିବା ସାଧୁ, ସନ୍ଥ, ବିଦ୍ୟାର୍ଥୀ, ଅଭ୍ୟାଗତ ତଥା ଦରିଦ୍ର ନାରାୟଣଙ୍କୁ ମହାପ୍ରସାଦ ସେବନରେ ଆପ୍ୟାୟିତ କରାଯାଉଥିଲା । ସଂପ୍ରତି ଏହି ଭୋଗର ପରିମାଣ ମାତ୍ର ୫ ଜଣରେ ସୀମିତ ହୋଇଯାଇଛି । ସେହିପରି ଯେତେବେଳେ ଶ୍ରୀମନ୍ଦିରକୁ ବିଦ୍ୟୁତ ଆଲୋକ ଯାଇନଥିଲା, ଅନେକ ବର୍ଷ ଧରି ରାତ୍ରରେ ସନ୍ଧ୍ୟା ଆରତୀଠାରୁ ସନ୍ଧ୍ୟା ଧୂପ ସମୟରେ ମଠ ପକ୍ଷରୁ ପ୍ରତ୍ୟହ ୨ଟି ମଶାଲ ଦିହୁଡି ଯାଉଥିଲା । ବିଦ୍ୟୁତ୍ ଲାଇନ୍ ଆସିବାପରେ ଏହି ପରମ୍ପରା ବନ୍ଦ ହୋଇଯାଇଛି । ପୂର୍ବେ ମଠର ଖମାରରୁ ଉକ୍ତ ମଶାଲ ଦିହୁଡି ନିମନ୍ତେ ପ୍ରଚୁର ପରିମାଣରେ ପୋଲାଙ୍ଗ ତେଲ ଆସୁଥିଲା । ଏହି ତେଲରେ ଶ୍ରୀମନ୍ଦିର ଓ ମଠରେ ମଶାଲ ଦିହୁଡି ଜଳୁଥିଲା । ପ୍ରାୟ ୧୯୮୦ ମସିହା ପର୍ଯ୍ୟନ୍ତ ମଠର ପୂର୍ବତନ ମଠାଧୀଶ ଶଙ୍କର୍ଷଣ ରାମାନୁଜ ଦାସ ଶ୍ରୀମନ୍ଦିରରେ ଚାମର ସେବା କରିଆସୁଥିଲେ । ବର୍ତ୍ତମାନର ମଠାଧୀଶ ଶ୍ରୀନିବାସ ରାମାନୁଜ ଦାସ ଶ୍ରୀମନ୍ଦିରରେ ସେବା କରିବା ନିମନ୍ତେ ଶାଢୀ ବନ୍ଧାଇନଥିବାରୁ ୧୯୮୪ ମସିହା ଠାରୁ ଅଦ୍ୟାବଧି ଉକ୍ତ ମଠ ମହନ୍ତ ଶ୍ରୀମନ୍ଦିରରେ ଚାମର ସେବା କରିପାରୁ ନାହାଁନ୍ତି ।

ସନନ୍ଦ :- ଅତୀତରେ ତ୍ରିମାଳୀ ମଠରେ ମହନ୍ତ ମାନଙ୍କୁ କେତେକ ସମ୍ମାନଜନକ ସେବା, ପନ୍ତି ଭୋଗ ଓ ଅନ୍ୟାନ୍ୟ ସ୍ୱତନ୍ତ୍ର ଅଧିକାର ତତ୍କାଳୀନ ଗଜପତି ମହାରାଜାମାନେ ସନନ୍ଦ ମାଧ୍ୟମରେ ପ୍ରଦାନ କରିଥିଲେ । ତନ୍ମଧ୍ୟରେ ବୀର କିଶୋର ଦେବ (ପ୍ରଥମ)ଙ୍କ ୧୯ ଅଙ୍କରେ ଏହି ମଠର ପୂର୍ବତନ ମହନ୍ତ କେଶବ ଦାସଙ୍କୁ ଶ୍ରୀମନ୍ଦିରରେ ଉପଚାର ଚାମର, ଆଲଟ ସେବା ସମେତ ନିର୍ଦ୍ଦିଷ୍ଟ ଅଧିକାର ମିଳିଥିବା ବିଷୟରେ ମଠରୁ ସଂଗୃହୀତ ଏକ ସନନ୍ଦରୁ ଜଣାଯାଏ । ଅନୁସନ୍ଧାନରୁ ଜଣାଗଲାଯେ, ବୀର କିଶୋର (୧ମ)ଙ୍କ ୧୯ ଅଙ୍କ ୨୨-୮-୧୭୫୧ରେ ପ୍ରଚଳନ ହୋଇଥିଲା । ଏଣୁ ୧୭୫୧ ମସିହାରେ ଏହି ସନନ୍ଦଟି ପ୍ରଦତ୍ତ ହୋଇଥିବାର ପ୍ରମାଣ ମିଳୁଅଛି । ସନନ୍ଦଟିର ଅବିକଳ ନକଲ ପରିଶିଷ୍ଟରେ ପ୍ରଦାନ କରାଯାଇଅଛି ।

ଏତଦ୍ ବ୍ୟତୀତ ସୂର୍ଯ୍ୟମଣି ପାଟମହାଦେଈଙ୍କ ଦ୍ୱାରା ପ୍ରଦତ୍ତ ସନନ୍ଦରେ ଏହି ମଠକୁ

Digitized by srujanika@gmail.com

ଚାମର ଓ ଆଲଟ ସେବା ଓ ମଶାଲ ଇତ୍ୟାଦି ନେବାର ଅଧିକାର ଦିଆଯାଇଥିଲା । ମଠରୁ ସଂଗୃହୀତ ଉକ୍ତ ଛାମୁ ଚିଟାଉର ପାଠୋଦ୍ଧାର କରାଯାଇ ନିମ୍ନରେ ଅବିକଳ ଉଲ୍ଲେଖ କରାଯାଇଛି :-

"ଶ୍ରୀ ପୁରୁଷୋତ୍ତମ ବଡ ଦେଉଳ ପରୀକ୍ଷାଙ୍କୁ ସମସ୍ତ କାର୍ଯୀ ମାନଙ୍କୁ ଚଉତରା ତହସିଲଦାର ସିଠୀ କରଣଙ୍କୁ ସହର ସରଦାରକୁ ଛ ଭୋଗ ବୀସୋଇକୀ ସୁଆର ମହାସୁଆରକୁ କୋରାମଣ୍ଡା ବୀସୋଇକୀ ସାତ ସାହି ନାଏକକୁ ଚାରି ବାଟ କରଣକୁ ବାଣପୁରଠାରୁ ମଙ୍ଗଳାକୁଳ ସରୀକୀ ପେଣ୍ଠୁଘାଟ ବୀସୋଇ ଦଣ୍ଡିଆକୁ ମଧ ଚିଟାଉ ମାର୍କଣ୍ଡସ୍ୱର ସାହି ତ୍ରିମାଳୀ ମଠ ମହନ୍ତ ଗୋଷ୍ଠୀ ପୂର୍ଣ୍ଣ ରାମାନୁଯ ଦାସଙ୍କୁ ଯେ ଚାମର ଆଲଟ ସେବା ମସାଲ ମଧ ଆଗ୍ୟାଁ ଦେଲୁଁ ଏହାଁଙ୍କୁ ଭଣ୍ଡାରରୁ ଉପଚାର ଚାମର ଦେଇ ଏ ଦ୍ୱାରଠାରେ ରଥ ଉପରେ ଚାପ ଉପରେ ଯାନୀ ଯାତ୍ରା ମାନଙ୍କରେ ଖଟାଇବ ମଧ ଆଲଟ ସେବା ଦସ୍ତୁର ମତେ କରାଇବ ଏ ମଠର ସାଢୀ ଚନ୍ଦନ ପରମ୍ପରା ମାଫିକେ ଦେବ ଏହାଙ୍କ ମଠର ବୈଷ୍ଣବେ ମଠ ମାନଙ୍କ ସମସା ଏ ଶ୍ରୀମହାପ୍ରଭୁଙ୍କ ଶ୍ରୀଛାମୁରେ ରୂପା ଦୁହୁଡୀ ଖଟୀବେ ଏ ମହନ୍ତ ଦେଉଳକୁ ଗଲେ ଦେଉଳ ବେଢା ଭୀତରକୁ ମସାଲ ଯାଉଥିବ ଅଟକ ନକରୀବ ଏ ମଠର ନୀତ୍ୟାନୀ ମୁଣୋହୀ ଆଧି ଉପାଧି କୋଇଲୀ ଛପନ ଭୋଗ ଗୋପାଳବଲ୍ଲଭ ବାଲଧୂପ ଅଣସର ତାଟୀ ପଣା ସର୍ବାଙ୍ଗ ଲାଗିଲୁଗା ମଧ କରାଇବେ ଏଥିର ହାସିଲ ତେର କଡି ସିଠ ପ୍ରସାଦ ତଲବ ନ କରିବ ଏ ମହନ୍ତଙ୍କ ସଲତନକୁ ସୁନା କଳସ ପାଲକୀଁ ଚାମର ମୟୁର ଝୁଲ ଗରୁଡ ଗୋବୀନ୍ଦ ତ୍ରାସ ମସାଲ ମଧ ଆଗ୍ୟାଁ ଦେଲୁଁ ଏ ସଲତନରେ ଯାଆସ କରୀବେ ଅଟକ ନ କରୀବ ଅ ୧୫ଙ୍କ ତୁଳ ମାସ ଦୀ ୧୫ନର :"

ଉପରୋକ୍ତ ଛାମୁ ଚିଟାଉ ପାଠୋଦ୍ଧାର କରାଯାଇ ଅନୁସନ୍ଧାନ କରିବାରେ ଜଣାଗଲାଯେ ଏହା ଗଜପତି ଦିବ୍ୟସିଂହ ଦେବଙ୍କ ୧୫ଅଙ୍କ ତୁଳମାସରେ ଅର୍ଥାତ୍ ୧୮୭୪ ମସିହା ଅକ୍ଟୋବର ମାସରେ ସୂର୍ଯ୍ୟମଣି ପାଟମହାଦେଇ ତ୍ରିମାଳୀ ମଠର ତତ୍କାଳୀନ ମହନ୍ତ ଗୋଷ୍ଠୀପୂର୍ଣ୍ଣ ରାମାନୁଜ ଦାସଙ୍କୁ ପ୍ରଦାନ କରିଥିଲେ ।

ତ୍ରିମାଳୀ ମଠର ଶ୍ରୀମନ୍ଦିରରେ ଦୈନନ୍ଦନ ସେବା ବ୍ୟତୀତ କେତେକ ନିର୍ଦ୍ଦିଷ୍ଟ ଯାନିଯାତ୍ରାରେ ଭୂମିକା ରହିଥିଲା । ଚନ୍ଦନଯାତ୍ରା ସମୟରେ ଏହି ମଠ ତରଫରୁ ଠାକୁର ମାନଙ୍କ ଚାପକୁ ସୋଲ, ଜରି, କନା ଇତ୍ୟାଦିରେ ସୁସଜ୍ଜିତ କରାଯାଉଥିଲା । ଦୀର୍ଘ ୨୩/୨୪ ବର୍ଷ ଧରି ଏହା ବନ୍ଦ ହୋଇଯାଇଥିବା ମଠ ସୂତ୍ରରୁ ଜଣାଯାଏ । ସେହିପରି ୧୯୪୮ ମସିହାରେ ମୁଦ୍ରିତ "ଶ୍ରୀ ମର୍ତ୍ତ୍ୟ ବୈକୁଣ୍ଠ" ପତ୍ରିକାରେ ଉଲ୍ଲେଖ ପ୍ରକାରେ ଚନ୍ଦନ ଯାତ୍ରା ଅବସରରେ ଶ୍ରୀମଦନମୋହନ ଦେବଙ୍କର କେଳି କଦମ୍ବ ବେଶ ଏହି ମଠ ଯୋଗାଉଥିଲା । କାର୍ତ୍ତିକ ମାସରେ ପ୍ରତ୍ୟହ ଏହି ମଠରୁ ବାଳ ଭୋଗ ଯାଇଥାଏ । ଅଣସର ସମୟରେ ପଣାଭୋଗ ଯୋଗାଯାଇଥାଏ । ସ୍ନାନ ପୂର୍ଣ୍ଣିମା ଦିନ ଠାକୁରମାନଙ୍କ ବାହୁଡା ବିଜେ ସମୟରେ ପ୍ରତିହାରୀ ନିଯୋଗର କାର୍ଯ୍ୟାଳୟରେ ଏହି ମଠର ପନ୍ତୀ ଭୋଗ ହୋଇଥାଏ । ଏ ସମ୍ପର୍କରେ

Digitized by srujanika@gmail.com

ଶ୍ରୀମନ୍ଦିର ସ୍ୱତ୍ୱଲିପିରେ ଉଲ୍ଲେଖ ଅଛି ଯେ, ''ଭିତର ବେଢ଼ାର ପ୍ଲଟ ନଂ ୧୨୮ରେ ପ୍ରତିହାରୀ ନିଯୋଗ ଘର, ଅଫିସ, ଶ୍ୟାମରାଇ ଠାକୁରଙ୍କ ମନ୍ଦିର - ଏହି ସ୍ଥାନର ମଧ୍ୟମ ଅଂଶ ତ୍ରିମାଳୀ ମଠର ସରଘର ଥିଲା ବୋଲି ଦାବୀ କରନ୍ତି । ମହନ୍ତ ଆପତ୍ତି କଲେ ହେଁ ମନ୍ଦିର କର୍ତ୍ତୃପକ୍ଷ ତାଙ୍କୁ ପନ୍ତି କରିବାର ଅଧିକାର ଦେଲେ ମାତ୍ର ଉକ୍ତ ସ୍ଥାନ ପ୍ରତିହାରୀ ନିଯୋଗ ଦଖଲରେ ଅଛି'' । ମଠ ସୂତ୍ରରୁ ପ୍ରକାଶ କରାଯାଏ ଯେ, ଅତୀତରେ ଏହି ସ୍ଥାନଟି ମଠର ସରଘର ରୂପେ ବ୍ୟବହୃତ ହେଉଥିଲା । ଶ୍ରୀ ଗୁଣ୍ଡିଚା ଓ ନୀଳାଦ୍ରି ବିଜେ ଦିନ ଠାକୁର ମାନଙ୍କ ପହଣ୍ଡି ବିଜେ ସମୟରେ ମଠ ତରଫରୁ ଏହି ସ୍ଥାନରେ ପନ୍ତି ଭୋଗ ହୋଇଥାଏ । ଏତଦ୍‌ବ୍ୟତୀତ ରକ୍ଷୀପଞ୍ଚମୀ ଦିନ ଶ୍ରୀମନ୍ଦିରରୁ ଶ୍ରୀଦେବୀ (ଲକ୍ଷ୍ମୀ ଠାକୁରାଣୀ) ମଠ ବିଜେସ୍ଥଳୀର ମୁଖ୍ୟ ଦ୍ୱାର ଠାରେ ବିଜେ ହେବାପରେ ସେଠାରେ ମଠ ପକ୍ଷରୁ ପନ୍ତି ଭୋଗ କରାଯାଇଥାଏ । ପନ୍ତିରେ ସାଧାରଣତଃ ଧୁଆ ମୁଗ, ସୋଲା, କେଳି, କ୍ଷୀର ପଣା, ପଇଡ, କାକୁଡି, ଚାଉଳିଆ, କମଳା, ସେଓ, ଜାଇଫଳ ମିଶ୍ରିତ ଜଳ ଇତ୍ୟାଦି ଭୋଗ ହୋଇଥାଏ । ରଥ ଯାତ୍ରା ଦିନ ପହଣ୍ଡି ସମୟରେ ଏହି ମଠର ବୈଷ୍ଣବମାନେ ଏକ ଗୋଟି ଆଲଟ ସେବା ଓ ମହନ୍ତାଇ ଶାଢ଼ୀ ବନ୍ଧାଇ ମଠାଧୀଶ ସୁନାବେଣ୍ଟ ଚାମର ତଥା ଅନ୍ୟାନ୍ୟ ବୈଷ୍ଣବମାନେ ୨/୩ଟି ରୂପା ବେଣ୍ଟ ଚାମର ଧରି ସେବା କରିଥାନ୍ତି । ଶ୍ରୀମନ୍ଦିର ସ୍ୱତ୍ୱଲିପିର ଉଲ୍ଲେଖ ପ୍ରକାରେ ଶ୍ରୀମନ୍ଦିର ରୋଷ ଘର ଚୁଲି ଯେଉଁ ଅଳ୍ପ କେତେକ ନିର୍ଦ୍ଦିଷ୍ଟ ମଠ ମାନଙ୍କ ନାମରେ ରେକର୍ଡ ହୋଇଛି । ତନ୍ମଧ୍ୟରେ ତ୍ରିମାଳୀ ମଠ ଅନ୍ୟତମ । ରୋଷଘରର ସେକସନ୍ ୭ରେ ଥିବା ୧୮୦ନମ୍ବର ଚୁଲିଟି ତ୍ରିମାଳୀ ମଠ ନାମରେ ରେକର୍ଡ ହୋଇଛି । ଉକ୍ତ ଚୁଲିକୁ ୧୯୫୪-୫୫ ମସିହାରେ କାଳୁ ପଡିଆରୀ ଦଖଲ କରନ୍ତି ବୋଲି ବର୍ଣ୍ଣିତ ରହିଛି ।

୧୯୬୨-୬୩ ମସିହା ଶ୍ରୀମନ୍ଦିର ପ୍ରଶାସନ ବାର୍ଷିକ ରିପୋର୍ଟ ଅନୁଯାୟୀ ପୁରୀ ତ୍ରିମାଳୀ ମଠ ୧୯୬୨ ମସିହାରେ ରଥକାଠ ବୁହା ହେବା ପାଇଁ ୮ ଗୋଟି ଶଗଡ ଗାଡି ଯୋଗଇଥିଲେ । ସେହିପରି ୧୯୬୩ ମସିହାରେ ୬ଟି ଶଗଡ଼ ଗାଡ଼ି ଉକ୍ତ କାର୍ଯ୍ୟ ନିମନ୍ତେ ମଠ ତରଫରୁ ପଠାଯାଇଥିଲା । (ଦ୍ରଷ୍ଟବ୍ୟ :The Orissa Gazette, April, 1965 Part-VII, P-599) । ଏହି ପରମ୍ପରା ପ୍ରାୟ ୩୮ ବର୍ଷ ଧରି ଲୋପ ପାଇଯାଇଛି ।

ଏହିପରି ଶ୍ରୀମନ୍ଦିରର କେତେକ ସେବା, ନୀତି, ଉତ୍ସବ ସହିତ ଉକ୍ତ ମଠର ସମ୍ପର୍କ ରହି ଆସିଥିଲା । ଅପରପକ୍ଷରେ ଅଧିକ ଗବେଷଣା କରାଗଲେ ମନ୍ଦିରରେ ଥିବା ସେବା ସଂପର୍କରେ ଆହୁରି କେତେକ ନୂତନ ତଥ୍ୟ ପ୍ରକାଶ ପାଇପାରିବ ।

ମଠ ସମ୍ପତ୍ତି ଓ ପରିଚାଳନା :- ପୁରୀର ଏମାର, ଦକ୍ଷିଣପାର୍ଶ୍ୱ, ରାଘବ ଦାସ, ଓଡିଆ ମଠ, ଜଗନ୍ନାଥ ବଲ୍ଲଭ, ଉତ୍ତରପାର୍ଶ୍ୱ ଇତ୍ୟାଦି ବିତ୍ତଶାଳୀ ମଠ ମାନଙ୍କ ମଧ୍ୟରେ ତ୍ରିମାଳୀ ମଠ ଅନ୍ୟତମ । ଏହି ମଠର ପୂର୍ବତନ ମଠାଧୀଶ ମାନଙ୍କ ନିଷ୍ଠା ଓ ଉଦ୍ୟମ ଫଳରେ ଅତୀତରେ ମଠ ନାମରେ ଏକ ହଜାର ଏକରରୁ ଉର୍ଦ୍ଧ୍ୱ ସମ୍ପତ୍ତି ଦାନ ସୂତ୍ରରେ ଏବଂ କେତେକ ଖର୍ଦ୍ଦି କରାଯାଇଥିଲା । ବିଶେଷ କରି ମଠାଧୀଶ ନାଥମୁନି ପରମାର୍ଥୀ, ଅଧିକାରୀ ମଞ୍ଜୁରୀ

Digitized by srujanika@gmail.com

ଦାସ, ହରି ରାମାନୁଜ ଦାସ, କେଶବ ରାମାନୁଜ ଦାସ ଓ ଶଙ୍କର୍ଷଣ ରାମାନୁଜ ଦାସଙ୍କ ନାମ ଉଲ୍ଲେଖଯୋଗ୍ୟ । ପୁରୀର ମଠାଧୀପତି ମାନଙ୍କ ମାରଫତ୍‌ରେ ବିଭିନ୍ନ ମହାରାଜା, ଜମିଦାର, ମରହଟ୍ଟା ଶାସକ ମାନଙ୍କ ପ୍ରଦତ୍ତ ଅମୃତ ମଣୋହି ସମ୍ପତ୍ତି ତାଲିକା ମଧ୍ୟରେ ତ୍ରିମାଳୀ ମଠର ଅଧିକାରୀ ମଙ୍ଗୁରୀ ଦାସଙ୍କୁ ଦେଓ୍ୱାନ୍ ଭ୍ରମରବର ରାୟ ଅମୃତ ମଣୋହି ଖର୍ଚ୍ଚ ସକାଶେ ରାହାଙ୍ଗ ପ୍ରଗଣା ଅନ୍ତର୍ଗତ କାଣ୍ଡଗୋଦା ମୌଜାରେ ୬୫ ବାଟି ୧୧ମାଣ ଭୂସମ୍ପତ୍ତି ଦାନ କରିଥିଲେ । ମଠ ସୂତ୍ରରୁ ଜଣାଯାଏ ଯେ, ସିରୁଳି ମହାବୀର ନିକଟସ୍ଥ କାଣ୍ଡଗୋଦା ଠାରେ ଏବେ ବି ମଠ ନାମରେ ପ୍ରାୟ ୫୦୦ ଏକର ଭୂ ସମ୍ପତ୍ତି ରହିଅଛି । କିନ୍ତୁ ୧୯୭୪ ମସିହା ଭେଷ୍ଟିଂ ପରେ ଏଥିରୁ କୌଣସି ଆୟ ମଠକୁ ଆସୁନାହିଁ । ସେହିପରି ତ୍ରିମାଳୀ ମଠର ଅନ୍ୟତମ ଓଡିଶା ମହନ୍ତ ନାଥ ମୁନି ପରମାର୍ଥୀଙ୍କୁ ମହାରାଜା ଦିବ୍ୟସିଂହ ଦେବ (ଖ୍ରୀ ୧୬୬୮-ଖ୍ରୀ ୧୭୧୬) ଅମୃତ ମଣୋହି ଓ ମଦନମୋହନ ଦେବଙ୍କ ଚନ୍ଦନ ଯାତ୍ରା ଭୋଗ ସକାଶେ ଆଇଁସ ମୌଜାରେ ୧୩ ବାଟି ୬ମାଣ ଓ ସୁନନ୍ଦ ମୌଜାରେ ୯ ବାଟି ୧ ବିଶ୍ୱା ଭୂ-ସମ୍ପତ୍ତି ଦାନ କରିଥିଲେ । (ଦ୍ରଷ୍ଟବ୍ୟ -Shri Jagannath Temple Record Room No. 485 / 41B rou II1976) ଏତଦ୍‌ବ୍ୟତୀତ ଉକ୍ତ ମଠର ମହନ୍ତ କେଶବ ରାମାନୁଜ ଦାସଙ୍କ ସମୟରେ ଆଠଗଡ ରାଜାଙ୍କ ଦ୍ୱାରା ଆଠଗଡର ବାବରାପୁର ମୌଜାରେ ୧୪୫ ଏକର ଭୂସମ୍ପତ୍ତି ମଠକୁ ପ୍ରଦତ୍ତ ହୋଇଥିଲା । ମଠ ନାମରେ ଥିବା ଅନ୍ୟାନ୍ୟ ସମ୍ପତ୍ତି ମଧ୍ୟରେ ବରହମ୍‌ପୁର ରନ୍‌ପୁର ମୌଜାରେ ଥିବା ପ୍ରାୟ ୩୦୦ ରୁ ୪୦୦ ଏକର ଭୂସମ୍ପତ୍ତି, କେନ୍ଦୁଲୀ ଶାସନରେ ଥିବା ଖମାର, ବଗିଚା ଓ ପ୍ରାୟ ୧୦୦ ଏକରରୁ ଉର୍ଦ୍ଧ୍ୱ ଧାନ ଜମି, ପିପିଲିର ଗଙ୍ଗପଡାଠାରେ ୧୫ ଏକ଼ର, ପୁରୀର ମଙ୍ଗଳାହାଟ ଠାରେ ଥିବା ଏକ ବଗିଚା ଇତ୍ୟାଦି ସମ୍ପତ୍ତି ଅନ୍ତର୍ଭୁକ୍ତ । ୧୯୫୩ ମସିହାରେ ପୁରୀ ବଳଗଣ୍ଡି ଛକ ନିକଟସ୍ଥ କୁଣ୍ଡେଇବେଣ୍ଟ ସାହିରେ ଥିବା ବଡ ମଠ ଠାରୁ ତ୍ରିମାଳୀ ମଠର ପୂର୍ବତନ ମଠାଧୀଶ ସଙ୍କର୍ଷଣ ରାମାନୁଜ ଦାସ ସ୍ଥାୟୀ ଲିଜ୍ ସୂତ୍ରରେ ମୂଲ୍ୟବାନ୍ ସମ୍ପତ୍ତି ଖରିଦ୍ କରିଥିଲେ । ଏହି ସମ୍ପତ୍ତି ଅଦ୍ୟାବଧି ତ୍ରିମାଳୀ ମଠ ନାମେ ରେକର୍ଡ ରହିଛି । ଉକ୍ତ ସମ୍ପତ୍ତି ଉପରେ ଥିବା କେତେକ ଗୃହକୁ ଭଡା ଦିଆଯାଉଥିବାର ପ୍ରମାଣ ମିଳୁଅଛି । ମଠ ତରଫରୁ 'ବଳଗଣ୍ଡି ଘର ଭଡା' ନାମରେ ଏକ ରସିଦ୍ ଦିଆଯାଇ ଭଡା ଅର୍ଥ ଆଦାୟ କରାଯାଉଥିଲା । ବର୍ତ୍ତମାନ ଘର ଭଡା ବାବଦରେ ଏଥିରୁ କୌଣସି ଆୟ ମିଳୁନାହିଁ ବୋଲି ମଠାଧୀଶ ପ୍ରକାଶ କରନ୍ତି । ସମ୍ପ୍ରତି ୪୮ ଡିସିମିଲି ଘରବାରି କିସମ ସମ୍ପତ୍ତି ଭାବେ ମଠ ନାମରେ ବେବନ୍ଦୋବସ୍ତ ସୂତ୍ରେ ପଟ୍ଟା ମିଳିଅଛି ।

ତ୍ରିମାଳୀ ମଠ ଅଧୀନରେ ଏହାର ବିଜେସ୍ଥଳୀ ପାର୍ଶ୍ୱରେ 'ଗୋପାଳ ଭବନ' ନାମରେ ଏକ କୋଠାଘର ରହିଅଛି । ଉକ୍ତ ଗୃହଟିକୁ ଜନୈକ ବୈଷ୍ଣବୀ ମାତା ତାଙ୍କର ନିଜ ଉଦ୍ୟମରେ ନିର୍ମାଣ କରିଥିଲେ । ଏହି ଭବନ ମଧ୍ୟରେ ଏକ କ୍ଷୁଦ୍ର ମନ୍ଦିର ମଧ୍ୟ ରହିଅଛି । ମୃତ୍ୟୁ ପୂର୍ବରୁ ଏହି କୋଠାଘରଟିକୁ ସମ୍ପୃକ୍ତ ମାତା ତ୍ରିମାଳୀ ମଠକୁ ଦାନ କରିଦେଇଥିଲେ ।

Digitized by srujanika@gmail.com

ସୂଚନାଯୋଗ୍ୟଯେ ଏହି ସମ୍ପତ୍ତି ଅମୃତମଣୋହି ସମ୍ପତ୍ତି ମଧ୍ୟରେ ଅନ୍ତର୍ଭୁକ୍ତ ନୁହେଁ ।

"ଶ୍ରୀକ୍ଷେତ୍ର" ନାମକ ଏକ ବଙ୍ଗଳା ପୁସ୍ତକର ଉଲ୍ଲେଖ ପ୍ରକାରେ ଟୋଟା ଗୋପୀନାଥ ମଠ ଓ ସେବା ଇତ୍ୟାଦି ପାଇଁ ଆର୍ଥିକ ଅଭାବ ପଡିବାରୁ କୁଞ୍ଜ ବିହାରୀ ଗୋସ୍ୱାମୀ ତେତ୍କାଳୀନ ତ୍ରିମାଳୀ ମଠ ମହାରାଜଙ୍କ ନିକଟରେ କଣ୍ଟ କବଲା କରି ଧାର ସ୍ୱରୂପ ୨୫୦୦ଟଙ୍କାନେଇ ଏକ ବର୍ଷ ପାଇଁ ବନ୍ଧକ ରଖିଥିଲେ ।

ତ୍ରିମାଳୀ ମଠ ଠାକୁରଙ୍କ ନୀତି, ସେବା, ପୂଜା, ଉତ୍ସବ ତଥା ପରିଚାଳନା ଇତ୍ୟାଦି ଶୃଙ୍ଖଳିତ ଭାବେ ଅନୁଷ୍ଠିତ ହେଉଥିବା ଜଣାଯାଏ । ସମ୍ପ୍ରତି ଏହି କାର୍ଯ୍ୟ ପାଇଁ ଜଣେ ପୂଜାରୀ, ଜଣେ ଟହଲିଆ ଏବଂ ମଠର ଅନ୍ୟାନ୍ୟ କାର୍ଯ୍ୟ ପାଇଁ ଜଣେ କର୍ମଚାରୀଙ୍କୁ ନିଯୋଜିତ କରାଯାଇଅଛି । ଏହା ବ୍ୟତୀତ ୩ ଜଣ ବିଦ୍ୟାର୍ଥୀଙ୍କୁ ମଠରେ ଆଶ୍ରୟ ଓ ପ୍ରସାଦ ସେବନ ଇତ୍ୟାଦିର ବନ୍ଦୋବସ୍ତ ମଠ ପକ୍ଷରୁ କରାଯାଇଅଛି । ଉଲ୍ଲେଖଯୋଗ୍ୟଯେ, ଆଜକୁ ପ୍ରାୟ ୫୦ ବର୍ଷ ପୂର୍ବେ ମଠରେ ୧୫ ଜଣ ବିଦ୍ୟାର୍ଥୀ ଆଶ୍ରୟ ନେଇଥିଲେ ।

ରଥଯାତ୍ରା, ଦୋଳପୂର୍ଣ୍ଣିମା ଇତ୍ୟାଦି ଉତ୍ସବ ମାନଙ୍କରେ ପ୍ରତ୍ୟେକ ବର୍ଷ ଏହି ମଠକୁ ସ୍ୱତଃ ପ୍ରବୃତ୍ତ ଭାବେ ଅନେକ ସାଧୁ, ସନ୍ଥ ଆସିଥାନ୍ତି । ସେହି ସମୟରେ ମଠ ତରଫରୁ ସମସ୍ତ ସାଧୁ ତଥା ବାବାଜୀ ବୈଷ୍ଣବଙ୍କୁ ପ୍ରସାଦ ସେବନରେ ଆପ୍ୟାୟିତ କରାଯାଇଥାଏ ।

ଶ୍ରୀକ୍ଷେତ୍ରରେ ସୁପ୍ରତିଷ୍ଠିତ ଥିବା ଏହି ମଠଟିର ଆର୍ଥିକ ସ୍ୱଚ୍ଛଳତା ପୂର୍ବାପେକ୍ଷା ଦୃଢ଼ ନଥିବାରୁ ବିଭିନ୍ନ ମହୋତ୍ସବ, ଅତିଥି ଅଭ୍ୟାଗତ ସେବାକାର୍ଯ୍ୟ ଅନେକାଂଶରେ ବାଧାପ୍ରାପ୍ତ ହେଉଥିବା ଜଣାଯାଏ । ତେବେ ଏହି ମଠଟି ତାର ପୂର୍ବ ପରମ୍ପରାକୁ ଅଦ୍ୟାବଧି ବଜାୟ ରଖି ଯଥାରୀତି କାର୍ଯ୍ୟ ସମ୍ପାଦନ ନିର୍ବାହ କରୁଛନ୍ତି । ଶ୍ରୀମନ୍ଦିରରେ ଆଲଟ ଓ ଚାମର,ପନ୍ତିଭୋଗ, ମଠର ଝୁଲଣ ଓ ଅନ୍ୟାନ୍ୟ ଉତ୍ସବ ପାଳିତ ହେବା ଏହାର ଜ୍ୱଳନ୍ତ ନିଦର୍ଶନ ।

ସହାୟକ ଗ୍ରନ୍ଥ ସୂଚୀ

୧. ଶ୍ରୀଜଗନ୍ନାଥ ମନ୍ଦିର ସ୍ୱତ୍ୱଲିପି, ତୃତୀୟ ଭାଗ ପୃ-୧୮୬

୨. ଓଡିଶା ଇତିହାସ (ପ୍ରଥମ ଭାଗ) - ଡଃ ହରେକୃଷ୍ଣ ମହତାବ, ପୃ-୨୫୧/ ୨୫୨

୩. "ଶ୍ରୀ ମର୍ତ୍ତ୍ୟ ବୈକୁଣ୍ଠ" ପତ୍ରିକା ୧୯୪୮, ପ୍ରକାଶନ -ବାବୁ ଲକ୍ଷ୍ମଣ ଚରଣ ମହାନ୍ତି

୪. The Saurus of events & dates of Orissa- Sri Gobardhan Dora, First Publication - 2003, P-46.

୫. The Orissa Gazette April 1965, Part - VII, P-599.

୬. "ଶ୍ରୀମନ୍ଦିର" ପତ୍ରିକା, ଦ୍ୱିତୀୟ ସଂଖ୍ୟା, ୧୯୮୧

୭. ତ୍ରିମାଳୀ ମଠ ସନନ୍ଦ ଓ ଛାମୁ ଚିଟାଉ (ଶ୍ରୀ କୃଷ୍ଣଚନ୍ଦ୍ର ରାମାନୁଜ ଦାସ, ତ୍ରିମାଳୀ ମଠ, ପୁରୀଙ୍କ ଠାରୁ ପ୍ରାପ୍ତ)

Digitized by srujanika@gmail.com

ଶ୍ରୀ ରାମଜୀ ମଠ

ଶ୍ରୀ ନିମ୍ବାର୍କ ସଂପ୍ରଦାୟର ଅନ୍ୟତମ ପ୍ରସିଦ୍ଧ ମଠ ଶ୍ରୀ ରାମଜୀ ମଠ ପୁରୀର ବୁଡ଼ଙ୍ଗ ସାହିରେ ଅବସ୍ଥିତ । ସନ୍ଥ ରାମଜୀ ଦେବାଚାର୍ଯ୍ୟ ଏହି ମଠ ସ୍ଥାପନ କରିଥିବାରୁ ତଥା ତାଙ୍କର ତପସ୍ୟା, ତ୍ୟାଗ, ଭଜନ ସାଧନ, ନିଷ୍ଠାର ପ୍ରଭାବରେ ଏହି ଅନୁଷ୍ଠାନର ନାମ ପରବର୍ତ୍ତୀ ସମୟରେ ତାଙ୍କରି ନାମାନୁସାରେ 'ରାମଜୀ ମଠ' ହୋଇଅଛି । ମଠ ପ୍ରତିଷ୍ଠା ନେଇ ରହିଥିବା କିମ୍ବଦନ୍ତୀ ଅନୁଯାୟୀ, ''ଅତୀତରେ ଏକଦା ଉତ୍କଳର ଗଜପତି ମହାରାଜା ବୁଡ଼ଙ୍ଗ ସାହି ପଥ ଦେଇ ଅଶ୍ୱାରୋହଣ ପୂର୍ବକ ଗମନ କରୁଥିବା ସମୟରେ ତାଙ୍କର ଅଶ୍ୱଟି ହଠାତ୍ ଏହି ସ୍ଥାନରେ (ମଠର ବିଜେସ୍ଥଳୀଠାରେ) ଅଟକି ଯାଇଥିଲା । ସେତେବେଳେ ମଧ୍ୟାହ୍ନ ସମୟ ହୋଇଥାଏ । ମହାରାଜା ଅଶ୍ୱରୁ ଓହ୍ଲାଇ ଦେଖିଲେ ଏକ ଅଶ୍ୱତ୍‌ଥ ବୃକ୍ଷ ମୂଳରେ ଜଣେ ସାଧୁ ଧ୍ୟାନରତ ଅଛନ୍ତି । ମହାରାଜା ସାଧୁଙ୍କ ନିକଟକୁ ଯାଇ ପ୍ରଣାମ ନିବେଦନ ପୂର୍ବକ ଅଶ୍ୱର ଏତାଦୃଶ ଅବସ୍ଥା ସଂପର୍କରେ ପଚାରିଲେ । ସାଧୁ ଜଣକ ବାହ୍ୟ ଜଗତକୁ ପ୍ରାପ୍ତ ହୋଇ ନିଜ ସମ୍ମୁଖରେ ଗଜପତି ମହାରାଜାଙ୍କୁ ଦେଖି ଆନନ୍ଦିତ ହେବା ସଙ୍ଗେ ସଙ୍ଗେ ଆସନ ଗ୍ରହଣ କରିବା ପାଇଁ ଇଙ୍ଗିତ ଦେଇଥିଲେ । ଅଶ୍ୱର ସ୍ଥାଣୁତ୍ୱ ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କ ଅପାର କରୁଣାରୁ ଅଚିରେ ଦୂରୀଭୂତ ହୋଇଯିବ ବୋଲି ସାଧୁ ଗଜପତିଙ୍କୁ କହିଥିଲେ । ଗଜପତି ଏହି ବାକ୍ୟ ଶୁଣି ଅଶ୍ୱ ଆରୋହଣ କରିବା ମାତ୍ରେ ତାହା ବିଦ୍ୟୁତ୍ ବେଗରେ ଗତି କରିବାକୁ ଲାଗିଲା । ସାଧୁଙ୍କର ଏହି ଅଲୌକିକ ସାଧନାକୁ ଅନୁଭବ କରି ଗଜପତି ଆପଣଙ୍କର କି ସେବା କରିବି ବୋଲି ନିବେଦନ କରିଥିଲେ । ସାଧୁ ମହାରାଜ ତାଙ୍କ ପାଖରେ ଥିବା ଏକ ଲେଙ୍ଗୁଟି ଦେଖାଇ ଏହି ଲେଙ୍ଗୁଟି (କୌପୁନୀ) ଆକାରର ଜମି ପ୍ରଦାନ କଲେ ସେ କ୍ଷୁଦ୍ର ଆଶ୍ରମଟିଏ ସ୍ଥାପନ କରିବେ ବୋଲି ପ୍ରକାଶ କରିଥିଲେ । ଗଜପତି ମହାରାଜା ସାଧୁଙ୍କର ଏହି ବାକ୍ୟ ଶୁଣି ସାମାନ୍ୟ ହସି କହିଥିଲେ ବାସ ଏତିକି ଜାଗା ମାତ୍ର । ସାଧୁ କହିଲେ ମୋର ଆଉ ଅଧିକ ଲୋଡ଼ା ନାହିଁ । ଗଜପତିଙ୍କ ନିର୍ଦ୍ଦେଶକ୍ରମେ ତତ୍ ପର ଦିନ ରାଜ କର୍ମଚାରୀମାନେ ଲେଙ୍ଗୁଟି ମାପ ଅନୁଯାୟୀ ଜଗା ଦେବାରେ ତାହା ଉତ୍ତର ଦିଗରେ ନରେନ୍ଦ୍ର ପୁଷ୍କରିଣୀ, ଗୋଟିଏ ପଟେ ମାର୍କଣ୍ଡ ପୁଷ୍କରିଣୀ ଓ ଅନ୍ୟ ଦିଗରେ ତିନି କୋଣିଆ ବଗିଚା ପର୍ଯ୍ୟନ୍ତ ଲମ୍ବିଗଲା । ଗଜପତି ସାଧୁଙ୍କ ମହାତ୍ମ୍ୟ ବୁଝି ପାରିଲେ ।'' ସେହି ସାଧୁ ହେଉଛନ୍ତି ରାମଜୀ ଦେବାଚାର୍ଯ୍ୟ । ଦେବାଚାର୍ଯ୍ୟଙ୍କ ଉଦ୍ୟମରେ ସେଠାରେ ଆଶ୍ରମଟିଏ ପ୍ରତିଷ୍ଠା ହୋଇଥିଲା ଯାହାକି ପରବର୍ତ୍ତୀ ସମୟରେ ରାମଜୀ ମଠ ଭାବେ ପରିଚିତ ହେଲା ।

Digitized by srujanika@gmail.com

ରାମଜୀ ମଠର ପକ୍କା ଗୃହ ନିର୍ମାଣ ଓ ଅନ୍ୟ କେତେକ ଉନ୍ନତିକର କାର୍ଯ୍ୟ ବୈଷ୍ଣବୀ ବଂଶୀ ଗୋପାଳଙ୍କ ଦ୍ୱାରା ହୋଇଥିବାର ପ୍ରମାଣ ମିଳୁଅଛି । ଏ ସଂପର୍କରେ ସମ୍ବଲପୁର ଜିଲ୍ଲା ଗେଜେଟିୟରରୁ ଜଣାଯାଏ ଯ, "x x x x x Banshi Gopal became a Vaishnavite ascetic and built some "Mathas" like the Gopalji Matha at Sambalpur and Sonepur. The establishment of the Ramaji Matha at Puri is also attributed to him x x x x" (Orissa District Gazetteers, Sambalpur, 1971 Page -62) । ପ୍ରାବନ୍ଧିକ ଦୀପକ କୁମାର ପଣ୍ଡାଙ୍କ ଲିଖିତ "ସମ୍ବଲପୁର ରାଜପୁତ୍ରଙ୍କ ଦ୍ୱାରା ଶ୍ରୀ ଜଗନ୍ନାଥ ଧାମରେ ନିର୍ମିତ ରାମଜୀ ମଠ" ଶୀର୍ଷକ ପ୍ରବନ୍ଧର ଉଲ୍ଲେଖ ପ୍ରକାରେ ସମ୍ବଲପୁର ଚୌହାଣ ବଂଶର ଚତୁର୍ଥ ରାଜା ମଧୁକର ଦେବଙ୍କର ଥିଲେ ପାଞ୍ଚ ପୁଅ । ସେମାନେ ହେଲେ ବଳିଆର ସିଂହ, ଅନିରୁଦ୍ଧ ସାଏ, ବଂଶୀ ଗୋପାଳ, ମଦନ ଗୋପାଳ ଏବଂ ଅନନ୍ତ ସାଏ । ବଳିୟାର ସିଂହ ସମ୍ବଲପୁରର ଚୌହାଣ ବଂଶୀୟ ରାଜା ମାନଙ୍କ ମଧ୍ୟରେ ସର୍ବଶ୍ରେଷ୍ଠ ପ୍ରମାଣିତ ହେଲେ, ମଦନ ଗୋପାଳଙ୍କୁ ସୋନପୁର ଦିଆଗଲା । ସେ ହେଲେ ସୋନପୁରର ପ୍ରଥମ ଚୌହାଣ ରାଜା । ବଂଶୀ ଗୋପାଳ ବୈଷ୍ଣବୀ ହୋଇଗଲେ । ରାଜନୀତିରେ ତାଙ୍କ ରୁଚି ନ ଥିଲା । ସେ ସମ୍ବଲପୁରରେ ଗୋପାଳଜୀ ମଠ ଓ କୁଠାରେ ଶ୍ରୀଜଗନ୍ନାଥ ମନ୍ଦିର ନିର୍ମାଣ କରାଇଥିଲେ । ତତ୍‌ପରେ ପୁରୀ ଯାଇ ଶ୍ରୀମନ୍ଦିର ନିକଟରେ ରାମଜୀ ମଠର ମନ୍ଦିର ଓ ଘରଦ୍ୱାର ନିର୍ମାଣ କରାଇଲେ । ସୋନପୁର ଅଞ୍ଚଳର କେତେକ ଗ୍ରାମ ପୁରୀ ରମଜୀ ମଠର ପରିଚାଳନା ପାଇଁ ଦାନ ସୂତ୍ରରେ ଦେଇଥିଲେ । ଶୁଣାଯାଏ ଯେ, ତାଙ୍କର ଅନ୍ତିମ ଜୀବନ ପୁରୀ ରାମଜୀ ମଠରେ ଅତିବାହିତ ହୋଇଥିଲା । ସମ୍ବଲପୁର, ସୋନପୁର ଓ ପୁରୀ ରାମଜୀ ମଠ ନିମ୍ବାର୍କ ପନ୍ଥୀ ସମ୍ବନ୍ଧିତ ଅଟେ । ପୁରୀ ଗଜପତିଙ୍କ ବର୍ତ୍ତମାନର ରାଜନଅର ସମ୍ମୁଖ ରାସ୍ତାର (ଅର୍ଥାତ୍ ବଡ଼ ଦାଣ୍ଡର) ଅପରପାର୍ଶ୍ୱରେ ବୁଡ଼ଙ୍ଗ ସାହି ଗଳିରେ ଥିବା ରାମଜୀ ମଠରେ ଏହି ବଂଶର ବହୁ ରାଜା ଓ ତାଙ୍କ ପରିବାରମାନେ ଶ୍ରୀକ୍ଷେତ୍ର ରହଣୀ କାଳରେ ସାମୟିକ ଅବସ୍ଥାନ କରୁଥିଲେ । ବଂଶୀ ଗୋପାଳଙ୍କ ପଦାଙ୍କ ଅନୁସରଣ କରି ସୋନପୁର ରାଜାମାନେ ପୁରୀ ରାମଜୀ ମଠର ମହନ୍ତ ମାନଙ୍କ ଶିଷ୍ୟତ୍ୱ ଗ୍ରହଣ କରୁଥିଲେ । ଏବେ ମଧ୍ୟ ଏ ପରମ୍ପରା ଅବ୍ୟାହତ ରହିଛି । ବୌଦ ରାଜା ମଧ୍ୟ ଏଠାରେ ଶିଷ୍ୟତ୍ୱ ଗ୍ରହଣ କରିଥିଲେ । ସୋନପୁର ଓ ବୌଦ ରାଜ ବଂଶର ପୃଷ୍ଠପୋଷକତାରେ ପରିଦୃଷ୍ଟ ଏହି ମଠରେ ବିଭିନ୍ନ ସମୟରେ ବହୁ ସିଦ୍ଧ ମହାତ୍ମାମାନେ ଅବସ୍ଥାନ କରିଛନ୍ତି । ପଞ୍ଚସଖାଙ୍କ ମଧ୍ୟରୁ ବଳରାମ ଦାସ ଏହି ମଠରେ ସାମୟିକ ଅବସ୍ଥାନ କରିଥିବା ତଥ୍ୟ ମଠ ସୂତ୍ରରୁ ପ୍ରକାଶ ।

ମଠ ପରମ୍ପରା ଓ ଗୁରୁ କ୍ରମାନ୍ୱୟ :- ନିମ୍ବାର୍କାଚାର୍ଯ୍ୟଙ୍କ ପ୍ରତିଷ୍ଠିତ ନିମ୍ବାର୍କ ସଂପ୍ରଦାୟରେ ରାଧାକୃଷ୍ଣଙ୍କ ଯୁଗଳ ଉପାସନା ମୁଖ୍ୟ ଧ୍ୟେୟ ଅଟେ । ଏହି ସଂପ୍ରଦାୟର ମୂଳ ଗାଦି ବୃନ୍ଦାବନର ନିମଗାଁ ଠାରେ ପ୍ରତିଷ୍ଠିତ । ଶେରଶାହଙ୍କ ରାଜତ୍ୱ ସମୟରେ ଏହି ନିମ୍ବାର୍କାଚାର୍ଯ୍ୟ ପୀଠଟି ରାଜସ୍ଥାନର ସଲେମାବାଦ୍ ଠାରେ ପ୍ରତିଷ୍ଠିତ ହୋଇଥିଲା ।

Digitized by srujanika@gmail.com

ନିମ୍ବାର୍କପନ୍ଥୀ ପରଂପରା ଅନୁଯାୟୀ :-

(୧) ଶ୍ରୀ ହଂସ ଭଗବାନ

(୨) ଚତୁଃ ସନକ (ସନକ, ସନନ୍ଦନ, ସନାତନ, ସନତ କୁମାର)

(୩) ଦେବର୍ଷି ନାରଦ

(୪) ନିମ୍ବାର୍କାଚାର୍ଯ୍ୟ

ରାମଜୀ ମଠର ଗୁରୁ କ୍ରମାନ୍ୱୟ ପ୍ରକାରେ ନିମ୍ନଲିଖିତ ମଠାଧୀଶମାନେ ଗାଦିନାସୀନ ହୋଇଛନ୍ତି । ଯଥା -

(୧) ରାମଜୀ ଦେବାଚାର୍ଯ୍ୟ (ପ୍ରତିଷ୍ଠାତା)

(୨) ମନୋହର ଦାସ

(୩) ନାରାୟଣ ଦାସ

(୪) ରାଧିକା ଦାସ

(୫) ଯଶୋଦା ନନ୍ଦନ ଦାସ

(୬) ହରେକୃଷ୍ଣ ଦାସ (୧୯୧୧ ମସିହା ପର୍ଯ୍ୟନ୍ତ ମଠାଧୀଶ ଥିଲେ)

(୭) ବ୍ରଜ ବିହାରୀ ଦାସ (୧୯୧୧-୧୯୨୧ ମସିହା)

(୮) ବଳାରାମ ଦାସ (୧୯୨୯-୧୯୯୦)

(୯) ମହନ୍ତ ଶ୍ରୀ ବଂଶୀଧର ଦାସ (୨୩-୮-୧୯୯୦ ଠାରୁ ଅଦ୍ୟାବଧି ମଠାଧୀଶ ରୂପେ କାର୍ଯ୍ୟ ନିର୍ବାହ କରୁଛନ୍ତି)

ଉପରିଲିଖିତ ମଠାଧୀଶ ମାନଙ୍କ ମଧ୍ୟରୁ ହରେକୃଷ୍ଣ ଦାସ ଜଣେ ବିଦ୍ୱାନ ତଥା ପଣ୍ଡିତ ବ୍ୟକ୍ତି ଥିଲେ । ତାଙ୍କ ସମୟରେ ମଠର କେତେକ ଉନ୍ନତିକର କାର୍ଯ୍ୟ ସଂପାଦିତ ହୋଇଥିଲା । ବର୍ତ୍ତମାନର ମଠାଧୀଶ ଜଣେ ଶିକ୍ଷିତ, ଆମାୟିକ ତଥା ନମ୍ର ସ୍ୱଭାବର ବ୍ୟକ୍ତି ଅଟନ୍ତି । ମଠର ଉନ୍ନତି ତଥା ଦେବ ସେବା ତାଙ୍କର ମୁଖ୍ୟ ଧେୟ ଅଟେ ।

ମଠର ବିଳେସ୍ଥଳୀ :- ଅତୀତରେ ରାମଜୀ ମଠର ବିଳେସ୍ଥଳୀଟି ଦୁଇ ଏକର ପରିମିତ ଭୂମି ଉପରେ ଅବସ୍ଥିତ ଥିଲା । ସଂପ୍ରତି ଏହା ୭୫୦ ଡ଼ିସିମିଲି ଜମି ମଧ୍ୟରେ ସୀମିତ ରହିଅଛି । ବିଳେସ୍ଥଳୀରେ ଥିବା ୨୫ ବଖରା ଘର ମଧ୍ୟରୁ ପ୍ରାୟ ୧୫ ବଖରା ଗୃହ ଭଗ୍ନ ତଥା ଜରାଜୀର୍ଣ୍ଣ ଅବସ୍ଥାରେ ରହିଅଛି । ବିଳେସ୍ଥଳୀ ପରିସର ମଧ୍ୟରେ ରାମଜୀ

Digitized by srujanika@gmail.com

ଦେବାଚାର୍ଯ୍ୟଙ୍କ ଆସନ ମନ୍ଦିର, ରାହାସ ଘର, ଗାଦି ଘର, ଧାନ କୋଠି, ଅମୁଣିଆ ଘର, ସରଘର, ପନ୍ତି ଘର, ୨ଟିକୂପ, ବଡ଼ ଅଗଣା ୪ଟା ଓ ସାନ ଅଗଣା ୩ଟି, ରାଧା ସାଗର ଗୋପାଳ ଦେବ ମନ୍ଦିର, ଜଗମୋହନ ଇତ୍ୟାଦି ଅନ୍ତର୍ଭୁକ୍ତ ।

ମଠର ଇଷ୍ଟ ବିଗ୍ରହ / ପାର୍ଶ୍ୱ ବିଗ୍ରହ :- ରାମଜୀ ମଠର ମୁଖ୍ୟ ଇଷ୍ଟ ବିଗ୍ରହ ହେଉଛନ୍ତି ଶ୍ରୀ ଶ୍ରୀ ରାଧା ସାଗର ଗୋପାଳ ଦେବ ଓ ଶ୍ରୀ ଜଗନ୍ନାଥ ମହାପ୍ରଭୁ । ଅନ୍ୟାନ୍ୟ ପାର୍ଶ୍ୱ ଦେବଦେବୀ ବିଗ୍ରହ ମାନଙ୍କ ମଧ୍ୟରେ ଶ୍ରୀ ରାଧାରାଣୀ (ବିଜେ ପ୍ରତିମା), ଶ୍ରୀକୃଷ୍ଣ (ବିଜେ ପ୍ରତିମା), ଲଳିତା (ବିଜେ ପ୍ରତିମା), ଶ୍ରୀକୃଷ୍ଣ (୪ମୂର୍ତ୍ତି), ଶ୍ରୀ ରାଧା (୪ ମୂର୍ତ୍ତି), ଶ୍ରୀ ବାମନ, ଶ୍ରୀ ନାରାୟଣ (୩ ମୂର୍ତ୍ତି), ଶ୍ରୀ ଲକ୍ଷ୍ମୀ (୨ମୂର୍ତ୍ତି), ଶ୍ରୀ ନୃସିଂହ (୨ମୂର୍ତ୍ତି), ଶ୍ରୀ ବଳରାମ, ଶ୍ରୀ ରାମଚନ୍ଦ୍ର, ଶ୍ରୀ ଲଡୁଗୋପାଳ (୪ମୂର୍ତ୍ତି), ଶ୍ରୀ ଗିରିଧାରୀ, ଗରୁଡ଼, ଶାଳଗ୍ରାମ -୪୨ ମୂର୍ତ୍ତି, ନବଗ୍ରହ, ଅରୁଣ, ଶ୍ରୀ ଗଣେଶ, ହନୁମାନ । ଉପରିଲିଖିତ ଦେବଦେବୀ ମୁଖ୍ୟ ମନ୍ଦିରରେ ପୂଜିତ ହେଉଥିବାବେଳେ ଜଗମୋହନ କାନ୍ଥର ଠଣାରେ ନିମ୍ବାର୍କଙ୍କ ଫଟୋଚିତ୍ର ପୂଜା ପାଉଅଛି ।

ଦୈନନ୍ଦିନ ନୀତି :- ମଠରେ ବିରାଜିତ ଠାକୁର ମାନଙ୍କ ଦୈନନ୍ଦିନ ନୀତି ମଧ୍ୟରେ ମଙ୍ଗଳ ଆରତୀ, ପୂର୍ବାହ୍ନ ୮ଟା ସମୟରେ ବାଲ୍ୟ ଭୋଗ ଓ ଶୃଙ୍ଗାର ଆଳତି ହୋଇଥାଏ । ମଧ୍ୟାହ୍ନ ସମୟରେ ରାଜ ଭୋଗ ସେବା ଯଥା ଅନ୍ନ, ଡ଼ାଲି, ବେସର, ଖଟା ଇତ୍ୟାଦି ଭୋଗ କରାଯାଏ । ଅପରାହ୍ନ ସମୟରେ ବାଳଭୋଗ ହୋଇଥାଏ ଏବଂ ସନ୍ଧ୍ୟା ସମୟରେ ବାଳଭୋଗ ସହ ଆଳତି କରାଯାଏ । ରାତ୍ର ସମୟରେ ରାତ୍ରି ଭୋଗ ଓ ଶୟନାଳତି ଅନୁଷ୍ଠିତ ପୂର୍ବକ ପହୁଡ଼ ନୀତି ହୋଇଥାଏ ।

ମଠରେ ପାଳିତ ମୁଖ୍ୟ ପର୍ବ ପର୍ବାଣୀ ମଧ୍ୟରେ ମହାବିଷୁବ ସଂକ୍ରାନ୍ତି (ପଣା ସଂକ୍ରାନ୍ତି), ଚନ୍ଦନ ଯାତ୍ରା, ନୃସିଂହ ଜନ୍ମ, ସ୍ନାନ ପୂର୍ଣ୍ଣିମା ଓ ଅଣସର ସେବା, ନବଯୌବନ ମହୋତ୍ସବ, ଗହ୍ମା ପୂର୍ଣ୍ଣିମା, ଝୁଲଣ, ବଳଭଦ୍ର ଜନ୍ମ ଉତ୍ସବ, ଜନ୍ମାଷ୍ଟମୀ, ରାଧାଷ୍ଟମୀ, ଦୀପାବଳୀ, ଗୋବର୍ଦ୍ଧନ ପୂଜା, ଓଢ଼ଣ ଷଷ୍ଠୀ, ଧନୁ ସଂକ୍ରାନ୍ତି, ମକର ସଂକ୍ରାନ୍ତି, ଦୋଳ ପୂର୍ଣ୍ଣିମା, ରାମ ନବମୀ, ବାମନ ଜନ୍ମ ଓ ସୁନିଆ ପର୍ବ, କାର୍ତ୍ତିକ ପୂର୍ଣ୍ଣମୀରେ ନିମ୍ବାର୍କ ଜୟନ୍ତୀ (ନିମ୍ବାର୍କ ସହସ୍ର ନାମ ଜନ୍ମୋତ୍ସବରେ ଗୋପାଳ ସହସ୍ର ନାମ, ରାଧା ସହସ୍ର ନାମ ପାଠ ହୋଇଥାଏ ।)

ଶ୍ରୀମନ୍ଦିର ସହିତ ମଠର ସଂପର୍କ:- ବହୁ ବର୍ଷ ଧରି ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କର ଦୈନିକ ଅମୃତ ମଣୋହି ସେବା ଏହି ଅନୁଷ୍ଠାନ କରୁଥିଲା । ସ୍ୱତ୍ତ୍ୱଲିପିର ୧୧୯ ନମ୍ବରରେ ଥିବା ଶ୍ରୀଜଗନ୍ନାଥ ମନ୍ଦିରର ବ୍ୟକ୍ତିଗତ ଆନୁଷ୍ଠାନିକ ସେବା ବା ଉପସତ୍ତ୍ୱ ତାଲିକାର କ୍ରମିକ ନଂ ୬୯ରେ ରାମଜୀ ମଠ ମହନ୍ତଙ୍କ ଚାମର ସେବା ବିଷୟରେ ଉଲ୍ଲେଖ ରହିଛି । ଶ୍ରୀଜଗନ୍ନାଥଙ୍କ ରଥ ଯାତ୍ରା ସମୟରେ ରଥ କାଠ ବୁହା ହେବା ପାଇଁ ମଠ ତରଫରୁ ଆଠ ଗୋଟି ଶଗଡ଼

Digitized by srujanika@gmail.com

ଗାଡ଼ି ନିୟୋଜିତ କରାଯାଉଥିଲା । ଏହି ବ୍ୟବସ୍ଥା ଦୀର୍ଘ ୪୫ ବର୍ଷ ଧରି ବନ୍ଦ ହୋଇଯାଇଛି । ଚନ୍ଦନଯାତ୍ରା ବେଳେ ମଦନ ମୋହନଙ୍କ ଚାପ ବିଜେ ସମୟରେ ଏହି ମଠ ତରଫରୁ ଦିହୁଡ଼ି ସେବା କରାଯାଉଥିଲା । ଏହା ମଧ୍ୟ ଦୀର୍ଘ ବର୍ଷ ଧରି ଅର୍ଥାତ୍ ସ୍ୱତ୍ତ୍ୱଲିପି ପ୍ରସ୍ତୁତ ସମୟ ୧୯୫୪ ମସିହା) ପୂର୍ବରୁ ବନ୍ଦ ହୋଇଯାଇଥିବାରୁ ଉକ୍ତ ସେବା ବିଷୟରେ ଲିପିବଦ୍ଧ ହୋଇନାହିଁ ।

ଶ୍ରୀମନ୍ଦିରରୁ ବିଭିନ୍ନ ବିଜେ ପ୍ରତିମା ମାନଙ୍କର ଶ୍ରୀକ୍ଷେତ୍ର ଭ୍ରମଣ ସମୟରେ ରାମଜୀ ମଠ ତରଫରୁ ପନ୍ତୀ ଭୋଗ ହୋଇଥାଏ । ତନ୍ମଧ୍ୟରେ ଶ୍ରାବଣ ମାସରେ ଚକ୍ରବୁଲା ଏକାଦଶୀ, କାଳୀୟ ଦଳନ ଏକାଦଶୀ ଓ ମାର୍ଗଶୀର ଶୁକ୍ଳ ଚତୁର୍ଦ୍ଦଶୀରେ ପଣ୍ଡୁ ନୃସିଂହ ବିଜେ ସମୟରେ ମଠର ବିଜେସ୍ଥଳୀ ଠାରେ ପନ୍ତୀ ଭୋଗ ହୋଇଥାଏ ।

ମଠ ପରିଚାଳନା :- ରାମଜୀ ମଠଟି ଓଡ଼ିଶା ହିନ୍ଦୁ ଦେବୋତ୍ତର କମିଶନରଙ୍କ ପରିଚାଳନାଧୀନ ଅଟେ । ବର୍ତ୍ତମାନର ମହନ୍ତ ଏଣ୍ଡାମେଣ୍ଟ କମିଶନରଙ୍କ ଦ୍ୱାରା ହେରିଡ଼େଟେରୀ ଟ୍ରଷ୍ଟି ଭାବେ ନିଯୁକ୍ତ ହୋଇଛନ୍ତି । ୧୯୭୨ ମସିହା ଠାରୁ ୧୯୯୦ ମଧ୍ୟରେ ଦେବୋତ୍ତର ବିଭାଗ ତରଫରୁ କାର୍ଯ୍ୟନିର୍ବାହୀ ଅଧିକାରୀ ମାନଙ୍କୁ ନିଯୁକ୍ତ କରାଯାଇ ମଠ ପରିଚାଳନା ଭାର ସଂପୃକ୍ତ ବ୍ୟକ୍ତି ବିଶେଷଙ୍କ ଉପରେ ନ୍ୟସ୍ତ କରାଯାଇଥିଲା । ଏହି ସମୟ ମଧ୍ୟରେ ମଠର କେତେକ ଭୂ ସମ୍ପତ୍ତି ବିକ୍ରୟ କରାଯିବା ସହିତ ଉପଯୁକ୍ତ ରକ୍ଷଣାବେକ୍ଷଣ ତଥା ମରାମତି ଅଭାବରୁ ଭଗ୍ନ ଅବସ୍ଥାରେ ରହିଥିଲା । ଏପରିକି ମଠର ଆର୍ଥିକ ସ୍ୱଚ୍ଛଳତା ଭଲ ନଥିବାରୁ ମଠ ଠାକୁରଙ୍କ ପର୍ବ ପର୍ବାଣୀ, ମରାମତି ଓ ଅନ୍ୟାନ୍ୟ କାର୍ଯ୍ୟରେ ଘୋର ବିଶୃଙ୍ଖଳା ପରିଲକ୍ଷିତ ହୋଇଥିଲା । ବର୍ତ୍ତମାନର ମଠାଧୀଶଙ୍କ ଉଦ୍ୟମରେ ମନ୍ଦିର, ଜଗମୋହନ ଓ ଦୁଇ ତିନି ବଖରା ଗୃହର ଜୀର୍ଣ୍ଣୋଦ୍ଧାର କରାଯିବା ସଙ୍ଗେ ସଙ୍ଗେ ଦେବ ନୀତି ସୁଚାରୁରୂପେ ଚାଲୁଅଛି । ମଠ ବିଜେସ୍ଥଳୀର କିଛି ଅଂଶ ବିକ୍ରୟ ହୋଇ ସେ ବାବଦରେ ବ୍ୟାଙ୍କ୍‌ରେ ବତିଶ ହଜାର ଟଙ୍କା ସ୍ଥାୟୀ ଜମା ରୂପେ ଗଚ୍ଛିତ ରହିଛି ।

ମଠ ପରିଚାଳନା ଓ ଠାକୁର ମାନଙ୍କ ନୀତି ଇତ୍ୟାଦି କାର୍ଯ୍ୟରେ ମଠାଧୀଶଙ୍କ ବ୍ୟତୀତ ଦୁଇ ଜଣ ପୂଜାରୀ, ୧ ଜଣ ଟହଲିଆ, ଅଫିସ ଓ ମଠର ଅନ୍ୟାନ୍ୟ କାର୍ଯ୍ୟ ପାଇଁ ୧ ଜଣ କର୍ମଚାରୀ ନିୟୋଜିତ ହେବା ସହିତ ଦୁଇ ଜଣ ସାଧୁ ମଠରେ ଅବସ୍ଥାନ କରୁଥିବା ଜଣାଯାଏ ।

ମଠର ଯାବତୀୟ ପରିଚାଳନା, ପର୍ବପର୍ବାଣୀ, ଦେବ ନୀତି ପାଇଁ ବିଭିନ୍ନ ସମୟରେ କେତେକ ଭୂସମ୍ପତ୍ତି ମଠ ନାମେ ଖଞ୍ଜା ଯାଇଥିଲା । ସମ୍ବଲପୁର ରାଜବଂଶର ବଂଶୀ ଗୋପାଳ ଏହି ମଠ ମାରଫତ୍‌ରେ କେତେକ ମୂଲ୍ୟବାନ ଜମି ଦାନ କରିଥିବା ବିଷୟ ମଠ ସୂତ୍ରରୁ ପ୍ରକାଶ । ଏକ ପ୍ରାଚୀନ ରେକର୍ଡ଼ରୁ ଜଣାଯାଏ ଯେ, ରାମଜୀ ମଠର ତତ୍‌କାଳୀନ ମଠାଧୀଶ ନାରାୟଣ ଦାସଙ୍କ ମାରଫତ୍‌ରେ ରାଜେ ଜାନୁଯି ଭୋସଲା ମଠର ଅମୃତ ମଣୋହି ଖର୍ଚ୍ଚ

Digitized by srujanika@gmail.com

ସକାଶେ ଲେମ୍ବାଇ ପ୍ରଗଣାସ୍ଥିତ ପୋଡ଼ପୋଡ଼ା ମୌଜାରେ ୧୧୧ ମାଣ ୨୨ ଗୁଣ୍ଠ ୭ ବିଶ୍ଵା ଭୂସମ୍ପତ୍ତି ଦାନ କରିଥିଲେ । ସଂପ୍ରତି ପୁରୀ ଜିଲ୍ଲା ଅନ୍ତର୍ଗତ ଛଇତନା ନିକଟସ୍ଥ ମହାପୁରୁ, ପୋଡ଼ପୋଡ଼ା, ନିମାପଡ଼ା ନିକଟସ୍ଥ ଚଅଁରପଦା ଓ ଢ଼େଣ୍ଢୁଆରେ ମଠର ଧାନ ଜମି ଓ ଖମାରମାନ ରହିଅଛି । ପଣ୍ଡିତ ସୂର୍ଯ୍ୟନାରାୟଣ ଦାଶଙ୍କ "ଶ୍ରୀଜଗନ୍ନାଥ ମନ୍ଦିର ଓ ଜଗନ୍ନାଥ ତତ୍ତ୍ଵ" ପୁସ୍ତକରେ ବର୍ଣ୍ଣିତ ତଥ୍ୟ ପ୍ରକାରେ ଶ୍ରୀକ୍ଷେତ୍ରର କେତେକ ମଠ ମାନଙ୍କ ମାରଫତ୍‌ରେ ବିଭିନ୍ନ ଗ୍ରାମରେ ଜମି ସବୁ ରହିଥିଲା । ତନ୍ମଧ୍ୟରେ ମଠ ମହନ୍ତ ରାମଜୀ - ପ୍ରଗଣା-କୋଠଦେଶ-ଚୁନାଇଡ଼ିହ, ପ୍ରଗଣା ରାହାଙ୍ଗ ପାଟଣା ଓଗେର । ପାଟଣା ଜଗନ୍ନାଥ ପ୍ରସାଦ, ପାଟଣା ଦକ୍ଷିଣବର, ମଧୁପୁର ଶାସନ । ଅରଜି ତୋଟା ଓଗେର ନଡ଼ିଆ, ଗୁଆ । ପ୍ରଗଣା ପୂର୍ବବାହି- ୧୪ଟି ଗ୍ରାମ, ଅରଜି ମୁତଫରକତ । ପ୍ରଗଣା - କୋଠ ଦେଶ - ୧୭ଟା ମୌଜା, ଅରଜି ମୁତଫରକତ । (ଦ୍ର - ଶ୍ରୀଜଗନ୍ନାଥ ମନ୍ଦିର ଓ ଜଗନ୍ନାଥ ତତ୍ତ୍ଵ (କ୍ଷେତ୍ର ପରିକ୍ରମା), ପୃ - ୯୫) ବହୁ ସମ୍ପତ୍ତିର ଅଧିକାରୀ ରାମଜୀ ମଠ ସଂପ୍ରତି ଜମି ଓ ବଗିଚା ମାନଙ୍କରୁ ଆସୁଥିବା ଆୟ ଅତ୍ୟନ୍ତ ନଗଣ୍ୟ । ଭୂ ସମ୍ପତ୍ତି ଉପରୁ କର୍ତ୍ତୃତ୍ଵ ହରାଇଥିବାରୁ ମଠ ପୂର୍ବର ସେ ଚାକଚକ୍ୟତା ଓ ପରମ୍ପରା ବଜାୟ ରଖିପାରୁନାହିଁ । କେବଳ ରାଧା ସାଗର ଗୋପାଳ ଦେବଙ୍କ ବିଧି ମତେ ସେବାପୂଜା ହେଉଛି ଏବଂ ସ୍ମୃତି ଭାବରେ ଏଠାରେ ରହିଛି ରାମଜୀ ଦେବାଚାର୍ଯ୍ୟଙ୍କ ଆସନ ମନ୍ଦିର । ଏପରିକି ସମ୍ବଲପୁର ଚୌହାଣ ରାଜବଂଶର ଆର୍ଥିକ ସହାୟତା ତଥା ପୃଷ୍ଠପୋଷକତା ମଧ୍ୟ ଅନେକ ବର୍ଷ ଧରି ବନ୍ଦ ହୋଇଯାଇଛି । ଏଭଳି ସୁପ୍ରସିଦ୍ଧ ଧାର୍ମିକ ଅନୁଷ୍ଠାନର ରକ୍ଷଣାବେକ୍ଷଣ ତଥା ସେବା ପୂଜା ପରମ୍ପରା ବଜାୟ ରଖିବାରେ ବର୍ତ୍ତମାନର ମଠାଧୀଶ ଯତ୍‌ପରନାସ୍ତି ଉଦ୍ୟମ ଚଳାଇବା ବାସ୍ତବିକ୍ ପ୍ରଶଂସନୀୟ ।

ତଥ୍ୟସୂତ୍ର :

- ରାମଜୀ ମଠର ମହନ୍ତ ଶ୍ରୀ ବଂଶୀଧର ଦାସ
- ଶ୍ରୀଜଗନ୍ନାଥ ମନ୍ଦିର ସ୍ଵତ୍ତ୍ଵଲିପି
- ଦୈନିକ ସମ୍ବାଦ ପତ୍ର 'ଅଗ୍ନିଶିଖା' - ଜୁଲାଇ ୧୦ ତାରିଖ, ୨୦୦୩ ମସିହା ସଂଖ୍ୟା
- ସମ୍ବଲପୁର ଜିଲ୍ଲା ଗେଜେଟିୟର, ୧୯୭୧
- ଶ୍ରୀଜଗନ୍ନାଥ ମନ୍ଦିର ଓ ଜଗନ୍ନାଥ ତତ୍ତ୍ଵ-ଲେ-ସୂର୍ଯ୍ୟନାରାୟଣ ଦାଶ

Digitized by srujanika@gmail.com

ଭୂଗୋତ୍ରୀ ମୋହିନୀ ମଠ

ଶ୍ରୀ ମାଧ୍ୱ ଗୌରେଶ୍ୱର ବୈଷ୍ଣବ ସଂପ୍ରଦାୟ ଅନ୍ତର୍ଭୁକ୍ତ ଭୂ ଗୋତ୍ରୀ ମୋହିନୀ ମଠଟି ପୁରୀ ଟାଉନ୍‌ରେ ବାଲିସାହି ମୌଜା ଅନ୍ତର୍ଗତ ଖୁଣ୍ଟିଆ ସାହିର ଗଛକାଳୀ ମନ୍ଦିର ନିକଟରେ ଅବସ୍ଥିତ । ମଠର ପ୍ରତିଷ୍ଠା ସମ୍ପର୍କରେ ଜଣାଯାଏ ଯେ, ସପ୍ତଦଶ ଶତାବ୍ଦୀର ଶେଷ ଭାଗରେ ବିହାର ପ୍ରଦେଶର ସିଲେଟ୍ ଜିଲ୍ଲାର ବିଥଙ୍ଗ ଗ୍ରାମର ମୋହିନୀ ଦାସୀ ନାମ୍ନୀ ଜନୈକା ବୈଷ୍ଣବୀ ଶ୍ରୀକ୍ଷେତ୍ରକୁ ଆଗମନ କରି ଏହି ସ୍ଥାନରେ ମଠଟିଏ ପ୍ରତିଷ୍ଠା କରିଥିଲେ । ମୋହିନୀ ଦାସୀ ବୈଷ୍ଣବ ଧର୍ମରେ ଦୀକ୍ଷିତା ହେବା ପୂର୍ବରୁ ''ଭୂ'' ଗୋତ୍ରୀ ଥିଲେ । ଅର୍ଥାତ୍ ତାଙ୍କର ''ଭୂ'' ଗୋତ୍ର ଥିଲା । ତେଣୁ ସେ ସର୍ବଦା ନିଜକୁ ଭୂଗୋତ୍ରୀ ବ୍ରାହ୍ମଣ୍ୟ ବୋଲାଉ ଥିଲେ । ବୈଷ୍ଣବ ଧର୍ମରେ ଦୀକ୍ଷିତା ହେବା ପରେ ସେ ତାଙ୍କ ନାମ ଓ ଗୋତ୍ରାନୁସାରେ ମଠଟିର ନାମ ''ଭୂଗୋତ୍ରୀ ମୋହିନୀ ମଠ'' ନାମକରଣ କରିଥିଲେ । କିନ୍ତୁ କାଳକ୍ରମେ ଏହି ଭୂଗୋତ୍ରୀ ମୋହିନୀ ନାମଟି ଅପଭ୍ରଂଶ ହୋଇ ''ଜଗତ୍ର ମୋହିନୀ ମଠ'' ନାମରେ ସୁପରିଚିତ ହୋଇଯାଇଛି । ବର୍ତ୍ତମାନ ଏହା ଜଗତ୍ର ମୋହିନୀ ମଠ ନାମରେ ସ୍ଥାନୀୟ ଅଧିବାସୀଙ୍କ ମଧ୍ୟରେ ପ୍ରସିଦ୍ଧି ଲାଭ କରିଅଛି । ଏହା ସଂପୂର୍ଣ୍ଣ ଭାବେ ଏକ ଘରୋଇ ମଠ ହୋଇଥିବାରୁ ଓଡ଼ିଶା ହିନ୍ଦୁ ଦେବୋତ୍ତର କମିଶନରଙ୍କ ନିୟନ୍ତ୍ରଣାଧୀନ ନୁହେଁ ।

ଜଗତ୍ର ମୋହିନୀ ମଠର ବିଜେସ୍ଥଳୀଟି ମୋଟ୍ ୧୧୭ ଡ଼ିସିମିଲ ଜମି ଉପରେ ଅବସ୍ଥିତ । ମନ୍ଦିର ବ୍ୟତୀତ ୪ ଗୋଟି ଗୃହ, ରୋଷେଇ ଘର, ଭଣ୍ଡାର ଇତ୍ୟାଦି ନିର୍ମାଣ ହୋଇଥିଲା । ଉପଯୁକ୍ତ ରକ୍ଷଣାବେକ୍ଷଣ ଓ ମରାମତି ଅଭାବରୁ ସମସ୍ତ ଗୃହ ଗୁଡ଼ିକର ଛାତ ଭୁଷୁଡ଼ି ପଡ଼ି ଅତ୍ୟନ୍ତ ଜରାଜୀର୍ଣ୍ଣ ଅବସ୍ଥାରେ ରହିଅଛି ।

ମଠ ବିଜେସ୍ଥଳୀସ୍ଥ ମନ୍ଦିରରେ ଶ୍ରୀଜଗନ୍ନାଥ, ଶ୍ରୀକୃଷ୍ଣ, ଶ୍ରୀବଳରାମ ବିଗ୍ରହ ବିରାଜିତ ପୂର୍ବକ ପୂଜା ପାଉଛନ୍ତି । ଠାକୁର ମାନଙ୍କ ଦୈନନ୍ଦିନ ନୀତି ଅନୁଯାୟୀ ପ୍ରତ୍ୟହ ଭୋର ୪ଟା ସମୟରେ ମାଙ୍ଗଳ ଭୋଗ ହୋଇ ମଙ୍ଗଳ ଆରତୀ ହୋଇଥାଏ । ତପ୍ରେ ଅବକାଶ ଓ ସିଂହାର ହୋଇ ସିଂହାର ଭୋଗ ଲାଗେ । ମଧ୍ୟାହ୍ନରେ ରାଜ ଭୋଗ (ଅନ୍ନ ଭୋଗ) ହୋଇ ଠାକୁରମାନଙ୍କ ପହୁଡ଼ ନୀତି ଅନୁଷ୍ଠିତ ହୋଇଥାଏ । ଅପରାହ୍ନ ୪ଟାରେ ଉତ୍ଥାପନ ପୂର୍ବକ ଭୋଗ ଲାଗେ । ସନ୍ଧ୍ୟା ସମୟରେ ସନ୍ଧ୍ୟା ଆରତୀ ଓ କୀର୍ତ୍ତନ ହୋଇଥାଏ । ରାତ୍ର ୮ ଘଟିକା ସମୟରେ ଠାକୁରଙ୍କ ବେଶ ପରିବର୍ତ୍ତନ ହୋଇ ଶୟନ ଭୋଗ କରାଯାଇଥାଏ । ମଠର କୌଣସି ଆୟ ଆମଦାନୀ ନଥିବାରୁ ବର୍ଷର ସମସ୍ତ ଯାନିଯାତ୍ରା ପାଳନ ନହୋଇ କେତେକ ମୁଖ୍ୟ ପର୍ବ ଯଥାଶକ୍ତି ପାଳନ କରାଯାଇଥାଏ ।

Digitized by srujanika@gmail.com

ମଠର ପରମ୍ପରା :- ମଠର ପ୍ରତିଷ୍ଠାତ୍ରୀ ମୋହିନୀ ଦାସୀ ମାଧ୍ୱ ଗୌରେଶ୍ୱର ବୈଷ୍ଣବ ସଂପ୍ରଦାୟ 'ଶ୍ରୀ ବକ୍ରେଶ୍ୱର' ପରିବାରରୁ ଦୀକ୍ଷା ଗ୍ରହଣ କରିଥିଲେ । ମୋହିନୀ ଦାସୀଙ୍କ ପରେ କୃଷ୍ଣ ଚନ୍ଦ୍ର ଦାସ ମହାରାଜ ମଠର ସେବା ଭାର ଗ୍ରହଣ କରିଥିଲେ । ସୂଚନାଯୋଗ୍ୟଯେ ସପ୍ତମ ମଠାଧୀଶ ଜଗଦାନନ୍ଦ ଦାସ ମହାରାଜଙ୍କ ପର୍ଯ୍ୟନ୍ତ ସମସ୍ତେ ମାଧ୍ୱ ଗୌରେଶ୍ୱର ସଂପ୍ରଦାୟର ଅନ୍ତର୍ଭୁକ୍ତ ଥିଲେ । କେବଳ ଅଷ୍ଟମ ମଠାଧୀଶ ପାଣ୍ଡବ ଦାସ ମହାରାଜ 'ଶ୍ରୀ' ସଂପ୍ରଦାୟର ଅନ୍ତର୍ଭୁକ୍ତ ଥିଲେ । ପାଣ୍ଡବ ଦାସ ଜନୈକ ସନ୍ୟାସିନୀ ଜ୍ୟୋତିର୍ମୟୀ ନନ୍ଦଙ୍କୁ ସେବା ଭାର ଅର୍ପଣ କରିଥିଲେ । ଜ୍ୟୋତିର୍ମୟୀ ନନ୍ଦ ବର୍ତ୍ତମାନର ସିଦ୍ଧ ବକୁଳ ମଠର ମହନ୍ତ ମହାରାଜ ଶ୍ରୀନିବାସ ଦାସଙ୍କୁ ମଠର ସେବା ପୂଜା ଭାର ଅର୍ପଣ କରିଅଛନ୍ତି ।

ମଠ ମହନ୍ତ ମହାରାଜମାନଙ୍କ କ୍ରମାନ୍ୱୟ :-

୧ - ଭୂ ଗୋତ୍ରୀ ମୋହିନୀ ଦାସୀ

୨ - କୃଷ୍ଣ ଚନ୍ଦ୍ର ଦାସ

୩- ରାମହରି ଦାସ

୪- ରାଜେନ୍ଦ୍ର ଦାସ

୫- କୃଷ୍ଣ ପ୍ରସନ୍ନ ଦାସ

୬- ଜାନକୀ ଦାସ

୭- ଜଗଦାନନ୍ଦ ଦାସ

୮ - ପାଣ୍ଡବ ଦାସ

୯ - ଜ୍ୟୋତିର୍ମୟୀ ନନ୍ଦ

୧୦-ଶ୍ରୀନିବାସ ଦାସ ମହାରାଜ (ବର୍ତ୍ତମାନର ମହନ୍ତ)

ଜଗତ୍ରମୋହିନୀ ମଠ ଠାକୁରଙ୍କ ସେବା ପୂଜା ତଥା ପରିଚାଳନା ନିମନ୍ତେ ପୂର୍ବେ ସୁଜନପୁର ମୌଜାରେ ୭୪ ଏକର ଜମି ରହିଥିଲା । କିନ୍ତୁ ଜମିଦାରୀ ଉଚ୍ଛେଦ ଆଇନ୍ ପ୍ରବର୍ତ୍ତନ ପରେ ସେ ସବୁ ପ୍ରଜା ଦଖଲକୁ ଚାଲିଗଲା । ଏହି କାରଣ ଯୋଗୁଁ ସଂପ୍ରତି ଏଥିରୁ କୌଣସି ଆୟ ମଠକୁ ଆସୁନାହିଁ । ଆଜକୁ ଦୀର୍ଘ ଦଶ ବର୍ଷ ଧରି ସିଦ୍ଧ ବକୁଳ ମଠର ମହନ୍ତ ଶ୍ରୀନିବାସ ଦାସ ମହାରାଜ ତାଙ୍କ ନିଜ ଉଦ୍ୟମରେ ଏହି ମଠର ସେବା ପୂଜା ତଥା ପରିଚାଳନା ବାବଦ ସମସ୍ତ ଖର୍ଚ୍ଚ ତୁଲାଇ ଆସୁଅଛନ୍ତି । ଏପରିକି ଆର୍ଥିକ ଅଭାବରୁ ମଠର ଜୀର୍ଣ୍ଣୋଦ୍ଧାର କାର୍ଯ୍ୟ ସମ୍ଭବପର ହୋଇ ପାରୁନାହିଁ ।

✤ ✤ ✤

Digitized by srujanika@gmail.com

ବଡ଼ ଓଡ଼ିଆ ମଠ ଓ ସାତ ଲହଡ଼ି ମଠର କଳା ସ୍ଥାପତ୍ୟ

ପବିତ୍ର ଓଡ଼ିଆ ଭାଗବତର ରଚୟିତା ଅତିବଡ଼ି ଜଗନ୍ନାଥ ଦାସଙ୍କ ଦ୍ୱାରା ପ୍ରତିଷ୍ଠିତ ବଡ଼ ଓଡ଼ିଆ ମଠ ଓ ସାତ ଲହଡ଼ି ମଠ ଶ୍ରୀକ୍ଷେତ୍ରରେ ଅଦ୍ୟାବଧି ବିଦ୍ୟମାନ ପୂର୍ବକ ଉତ୍କଳୀୟ ବୈଷ୍ଣବମାନଙ୍କ ପାଇଁ ଏକ ସ୍ମରଣୀୟ ପୀଠ ରୂପେ ପ୍ରସିଦ୍ଧି ଲାଭ କରିପାରିଛି । ଏଥିମଧ୍ୟରୁ ଶ୍ରୀକ୍ଷେତ୍ରରେ ବଡ଼ ଓଡ଼ିଆ ମଠ ଅତିବଡ଼ିଙ୍କ ପ୍ରଥମ ଆଶ୍ରମସ୍ଥଳ ହୋଇଥିବାବେଳେ ପରବର୍ତ୍ତୀ ସମୟରେ ସାତ ଲହଡ଼ି ମଠ ତାଙ୍କର ସାଧନାସ୍ଥଳ ତଥା ତିରୋଭାବ ପୀଠ ରୂପେ ସମଗ୍ର ଓଡ଼ିଶାରେ ସୁପରିଚିତ । ଅଦ୍ୟାବଧି ଉପରୋକ୍ତ ଦୁଇଟି ପୀଠର ପ୍ରତିଷ୍ଠା, ସ୍ଥାପତ୍ୟ, କଳା, ଭାସ୍କର୍ଯ୍ୟ ଉପରେ ବିଶେଷ ଆଲୋକପାତ ହୋଇପାରିନଥିବାରୁ ସେ ସମ୍ପର୍କରେ ନୂତନ ଭାବେ ସଂଗୃହୀତ କେତେକ ତଥ୍ୟକୁ ପାଠକ ମାନଙ୍କ ନିମିତ୍ତ ଉପସ୍ଥାପନ କରାଯାଉଅଛି ।

ବଡ଼ ଓଡ଼ିଆ ମଠ

ବଡ଼ ଓଡ଼ିଆ ମଠ ପ୍ରତିଷ୍ଠାର ଇତିହାସ ସମ୍ପର୍କରେ ଜଣାଯାଏ ଯେ, ଅତିବଡ଼ି ଜଗନ୍ନାଥ ଦାସ ଶ୍ରୀଜଗନ୍ନାଥଙ୍କର ପରମ ଭକ୍ତ ଥିଲେ । ଓଡ଼ିଶାର ବୈଷ୍ଣବ ଧର୍ମକୁ ହିଁ ଶ୍ରୀଜଗନ୍ନାଥ ଧର୍ମ ରୂପେ ଗୁରୁତ୍ୱ ପ୍ରଦାନ କରାଯାଇଥିଲା । ଏପରିକି ପ୍ରତାପରୁଦ୍ର ଦେବଙ୍କ ପାଟ ମହିଷୀ ଗୌର ପାଟମହାଦେଈ ଅତିବଡ଼ି ଜଗନ୍ନାଥ ଦାସଙ୍କ ପ୍ରତିଭାରେ ବିମୁଗ୍ଧ ହୋଇ ବାସେଳି ସାହିରେ ତଥା ଶ୍ରୀଜଗନ୍ନାଥ ମନ୍ଦିରର ବାୟୁକୋଣସ୍ଥିତ ଅନତି ଦୂରରେ ତାଙ୍କର ରହିଥିବା ସାମୟିକ ରାଣୀ ହଂସପୁର (ରାଣୀ ଉଆସ)କୁ ଅତିବଡ଼ିଙ୍କୁ ପ୍ରଦାନ କରିଥିଲେ । ସେଠାରେ ଅତିବଡ଼ି ମାତ୍ର ୨୨ ବର୍ଷ ବୟସରେ (୧୫୧୨ ଖ୍ରୀଷ୍ଟାବ୍ଦରେ) ଓଡ଼ିଆ ମଠ ସ୍ଥାପନ କରିଥିଲେ ।

ଏପରିକି ପାଟରାଣୀ ମଠର ବିଭିନ୍ନ ସେବା ପୂଜା ନିମିତ୍ତ କେତେକ ଭୂ ସମ୍ପତ୍ତି ଅତିବଡ଼ିଙ୍କ ମାରଫତରେ ଖଞ୍ଜି ଦେଇଥିଲେ । ଜଗନ୍ନାଥ ଦାସ ଗୋସ୍ୱାମୀ ସେହି ସ୍ଥାନରେ ଅବସ୍ଥାନ କରି ଓଡ଼ିଶୀ ବୈଷ୍ଣବ ଧର୍ମ, ଜଗନ୍ନାଥ ସଂସ୍କୃତି ଏବଂ ଭାଗବତ ପ୍ରଚାର ପ୍ରସାରରେ ନିମଗ୍ନ ରହିଥିଲେ ।

ଶ୍ରୀକ୍ଷେତ୍ରର ଏହି ଗୋଟିଏ ମଠ, ଯାହାକି ଗଜପତିଙ୍କ ରାଣୀ ଉଆସରେ ପ୍ରତିଷ୍ଠିତ

Digitized by srujanika@gmail.com

ହୋଇପାରିଥିଲା । ଏଥିରୁ ଜଣାଯାଏ ଯେ ସେ ସମୟରେ ଜଗନ୍ନାଥ ଦାସଙ୍କ ପ୍ରତିଷ୍ଠା ଓ ପ୍ରସିଦ୍ଧି ରହିଥିଲା । ତତ୍କାଳୀନ ବଡ଼ ଓଡ଼ିଆ ମଠର ଅବସ୍ଥିତି ଓ ବିଜେସ୍ଥଳୀର କେତେକ ପରିବର୍ତ୍ତନ ଘଟିଥିଲେ ହେଁ, ଏବେ ବି ଅତିବଡ଼ିଙ୍କ ବହୁ ସ୍ମୃତି ଏଠାରେ ଉଜ୍ଜୀବିତ ହୋଇ ରହିଅଛି । ଓଡ଼ିଆ ମାନଙ୍କର ଏହି ମଠ ହୋଇଥିବାରୁ ତଥା ଅତିବଡ଼ି ଜଗନ୍ନାଥ ଦାସ ଏହି ପୀଠର ପ୍ରତିଷ୍ଠାତା ହୋଇଥିବାରୁ ସମ୍ଭବତଃ ଏହି ମଠକୁ "ବଡ଼ ଓଡ଼ିଆ ମଠ" ନାମରେ ନାମିତ କରାଯାଇଛି । ଅତିବଡ଼ୀ ସଂପ୍ରଦାୟ ଅନ୍ତର୍ଭୁକ୍ତ ବଡ଼ ଓଡ଼ିଆ ମଠ ଅଧୀନରେ ପ୍ରାୟ ୨୦ ଗୋଟି ମଠ ରହିଥିଲା ଏବଂ ଓଡ଼ିଶା ତଥା ରାଜ୍ୟ ବାହାରେ ପ୍ରାୟ କୋଡ଼ିଏ ହଜାରରୁ ଅଧିକ ଶିଷ୍ୟ ଏ ପୀଠର ଅନୁଗାମୀ ଥିଲେ ।

ମଠ ବିଜେସ୍ଥଳୀ :- ସମ୍ପ୍ରତି ମଠ କାର୍ଯ୍ୟାଳୟ ସୂତ୍ରରୁ ସଂଗ୍ରହ କରାଯାଇଥିବା ତଥ୍ୟ ଅନୁଯାୟୀ ବର୍ତ୍ତମାନର ବଡ଼ ଓଡ଼ିଆ ମଠ ବିଜେସ୍ଥଳୀଟି ପ୍ରାୟ ୩ ଏକର ୬୦୦ ଡ଼ିସିମିଲି ପରିମିତ ଜମି ଉପରେ ଅବସ୍ଥିତ । ପୂର୍ବେ ଏହା ୭ ଏକର ଭୂସମ୍ପତ୍ତି ଉପରେ ପ୍ରତିଷ୍ଠିତ ଥିଲା । ମଠର ନବମତମ ମଠାଧୀଶ ନୀଳାଦ୍ରି ଦାସ ଗୋସ୍ୱାମୀଙ୍କ ସମୟରେ ସାନ ଓଡ଼ିଆ ମଠର ଉତ୍ପତ୍ତି ହୋଇଥିବା ଜଣାଯାଏ । ଉକ୍ତ ମଠ ମହନ୍ତଙ୍କର ଦୁଇ ଜଣ ପ୍ରମୁଖ ଶିଷ୍ୟ ରହିଥିବାରୁ ସେତେବେଳେ ବଡ଼ ଓଡ଼ିଆ ମଠର ବିଜେସ୍ଥଳୀର କିଛି ଅଂଶ ସାନ ଓଡ଼ିଆ ମଠ ନାମରେ ସୃଷ୍ଟି ହୋଇ ସଂପୃକ୍ତ ଶିଷ୍ୟଦ୍ୱୟ ଦୁଇ ମଠର ମଠାଧୀଶ ରୂପେ ଗାଦିନାସୀନ ହୋଇଥିଲେ । ପରବର୍ତ୍ତୀ ସମୟରେ ବଡ଼ ଓଡ଼ିଆ ମଠର ଦ୍ୱାବିଂଶତମ ମହନ୍ତ ବୃନ୍ଦାବନ ଦାସଙ୍କ ସମୟରେ ଏହି ମଠ ଦ୍ୱୟର ଏକତ୍ରୀକରଣ ହୋଇ କେବଳ ବଡ଼ ଓଡ଼ିଆ ମଠ ରହିଥିଲା । ଶତାଧିକ ବର୍ଷ ପୂର୍ବରୁ ବଡ଼ ଓଡ଼ିଆ ମଠର ବିଜେସ୍ଥଳୀରୁ କିଛି ଅଂଶ ମ୍ୟୁନିସିପାଲିଟି ରାସ୍ତା, ସାହି ତଥା ବସ୍ତିମାନ ଗଢ଼ି ଉଠିଥିବା ମଠସୂତ୍ରରୁ ଜଣାଯାଏ ।

ବଡ଼ ଓଡ଼ିଆ ମଠର ମୁଖ୍ୟ ଦ୍ୱାର ଦକ୍ଷିଣାଭିମୁଖୀ । ଉକ୍ତ ମୁଖ୍ୟ ଦ୍ୱାରଟି କାଠ ପଟାରେ ନିର୍ମିତ । ଦ୍ୱାରରେ ଅନେକ ପୁଷ୍ପ, ଡ଼ାଳି, ଲତା ଇତ୍ୟାଦି ପୁରାତନ କାରୁକାର୍ଯ୍ୟର ଖୋଦେଇ ଚିତ୍ର ରହିଛି । ମୁଖ୍ୟ ତଥା ବୃହତ୍ ଦ୍ୱାରଟି ଅତିକ୍ରମ କଲେ ଦରୱାନ ଘର ପଡ଼େ । ସଂପ୍ରତି ମଠର ଆର୍ଥିକ ଅବସ୍ଥା ସ୍ୱଚ୍ଛଳ ନଥିବାରୁ ଦରୱାନ କେହି ନିଯୁକ୍ତ ନାହାନ୍ତି । ଏଣୁ ଉକ୍ତ ଘରଟି ଅବ୍ୟବହୃତ ହୋଇ ପଡ଼ିରହିଛି । ମଠର ସଦର ଦ୍ୱାର ଓ ଭିତର ଦ୍ୱାର ବନ୍ଦ ଥିଲେ ବାହାରୁ ଆସିଥିବା ଅତିଥି, ଶିଷ୍ୟ ତଥା ପ୍ରସାଦ ଇତ୍ୟାଦି ପ୍ରଥମେ ଏହି ଘରେ ରହିଥାନ୍ତି । ଏହିଠାରୁ ମଠର ମୁଖ୍ୟ ସାମନା ଦାଣ୍ଡ ଅଗଣାକୁ ଯିବା ବାଟରେ ଦକ୍ଷିଣାଭିମୁଖୀ ହୋଇ ଏକ କ୍ଷୁଦ୍ର ମନ୍ଦିରରେ ହନୁମାନ ବିଗ୍ରହ ପ୍ରତିଷ୍ଠିତ ହୋଇ ପୂଜା ପାଉଛନ୍ତି । ଆଜକୁ ପ୍ରାୟ ଏକ ଶହ ବର୍ଷ ପୂର୍ବେ ଦୋଳପୂର୍ଣ୍ଣିମା ତିଥିରେ ଏହି ବିଗ୍ରହ ପ୍ରତିଷ୍ଠିତ ହୋଇଥିବା ମଠ ସୂତ୍ରରୁ ଜଣାଯାଏ । ଏହାପରେ ସାମନା ଦାଣ୍ଡ ଅଗଣାର ପଶ୍ଚିମ ଦିଗକୁ ଯାଇ ଗାଦି ଘର ନିକଟରେ ପହଞ୍ଚିବାକୁ ହେଲେ ଦୁଇଟି ଅଗଣା ଅତିକ୍ରମ କରି ଯିବାକୁ ପଡ଼ିଥାଏ । ଉଲ୍ଲେଖଯୋଗ୍ୟଯେ ମଠର

Digitized by srujanika@gmail.com

ବିଜେସ୍ଥଳୀରେ ବୃହତ୍ ଓ କ୍ଷୁଦ୍ର ଆକାରର ମୋଟ୍ ୨୭ଟି ଅଗଣା ରହିଅଛି । ଏହି ଅଗଣା ଗୁଡ଼ିକର ବିଭିନ୍ନ ନାମ ମଧ୍ୟ ରହିଛି । ତନ୍ମଧ୍ୟରେ ଦାଣ୍ଡ ଅଗଣା, ଯୋଗଣିଆ ତଥା ଟୋଲ୍ ଅଗଣା, ପାଣି କୁଣ୍ଡ ଅଗଣା, ଗାଦି ଅଗଣା, ମନ୍ଦିର ଅଗଣା, ଦୋଳବେଦୀ ଅଗଣା, ଭଣ୍ଡାର ଅଗଣା, ପାଳବାଡ଼ି ଅଗଣା, ଫୁଲବାଡ଼ି ଅଗଣା, ଶଗଡ଼ ଅଗଣା, ଷଣ୍ଢ ଅଗଣା, ଗୁହାଳ ଅଗଣା, ଘୋଡ଼ା ଅଗଣା, ନୂଆ ଚୌକ ଅଗଣା, ଗୋରୁ କୁଣ୍ଡ ଅଗଣା, ତୁଳସୀବାଡ଼ି ଅଗଣା ଇତ୍ୟାଦି ଅନ୍ୟତମ । ମଠର ପଛ ପାର୍ଶ୍ୱରେ ବିଭିନ୍ନ ପୁଷ୍ପ ବୃକ୍ଷ, ତୁଳସୀ ଓ ନାରିକେଳ ବୃକ୍ଷର ବଗିଚା ନାମକୁ ମାତ୍ର ରହିଛି ।

ସମ୍ପ୍ରତି ମଠ ବିଜେସ୍ଥଳୀରେ ୩ଟି କୂପ ରହିଅଛି । କୂପ ଗୁଡ଼ିକର ଚାନ୍ଦିନୀ ଓ ନନ୍ଦ ଇତ୍ୟାଦି ସାଆଣ ପଥରରେ ନିର୍ମିତ । ପୂର୍ବେ ମଠର ୫ଟି କୂପ ରହିଥିଲା । ତତ୍କାଳୀନ ପୁରୁଷୋତ୍ତମ କ୍ଷେତ୍ରରେ ପ୍ରଥମ କରି ପୌର ସଂସ୍ଥା ଗଠିତ ହେବାରେ ମଠର କିଛି ଅଂଶ ମ୍ୟୁନିସିପାଲିଟି ରାସ୍ତା, ବିଭିନ୍ନ ସାହି ବସ୍ତି ପ୍ଲାନ୍‌ରେ ୨ ଗୋଟି କୂପ ରହି ଯାଇଛି । ଏଥି ମଧ୍ୟରୁ ବନଦୁର୍ଗା ଠାକୁରାଣୀଙ୍କ ସମ୍ମୁଖ ଭାଗରେ ଥିବା ଗୋଟିଏ କୂପ ଏହାର ଅନ୍ତର୍ଭୁକ୍ତ । ବର୍ତ୍ତମାନ ମଠ ବିଜେସ୍ଥଳୀସ୍ଥ ଦୋଳବେଦୀ ଓ ପାଣିକୁଣ୍ଡ ଅଗଣାରେ ଥିବା ଦୁଇ ଗୋଟି କୂପର ଜଳରେ ଠାକୁର ମାନଙ୍କ ଦୈନନ୍ଦିନ ନୀତି, ରୋଷ କାର୍ଯ୍ୟ ଇତ୍ୟାଦି ସମ୍ପାଦିତ ହେଉଅଛି ।

ଶ୍ରୀକ୍ଷେତ୍ରରେ ପ୍ରତିଷ୍ଠିତ ବିଭିନ୍ନ ସମ୍ପ୍ରଦାୟର ଅଳ୍ପ କେତେକ ବୃହତ୍ ମଠ ମଧ୍ୟରେ ବଡ଼ ଓଡ଼ିଆ ମଠ ଅନ୍ୟତମ । ମଠ ବିଜେସ୍ଥଳୀରେ ପ୍ରାୟ ୩୬୫ ବଖରା ଗୃହ ରହିଅଛି । ଏଥି ମଧ୍ୟରୁ ୨୧୫ ବଖରା ଘର ଭଗ୍ନ, ଅର୍ଦ୍ଧ ଭଗ୍ନ ତଥା ଜୀର୍ଣ୍ଣ ଅବସ୍ଥାରେ ରହିଅଛି । ଉପଯୁକ୍ତ ରକ୍ଷଣାବେକ୍ଷଣ ଓ ମରାମତି ଅଭାବରୁ ଅଧିକାଂଶ ଗୃହର ଛାତ ଭାଙ୍ଗି ପଡ଼ିଛି । ଅବଶିଷ୍ଟ ୧୫୦ ବଖରା ଗୃହ ବ୍ୟବହାର ଉପଯୋଗୀ ଅଟେ । ମଠ ବିଜେସ୍ଥଳୀରେ ଅବସ୍ଥିତ ବିଭିନ୍ନ ଅଗଣା, ବାରଣ୍ଡା, ପାହାଚ, ଗୃହର କାନ୍ଥ ଇତ୍ୟାଦି ନିର୍ମାଣରେ ସାଆଣ ଓ ମାଙ୍କଡ଼ା ପଥର ବ୍ୟବହୃତ ହୋଇଅଛି । ମଠ ଗୃହର ଛାତ ଗୁଡ଼ିକ ପୁରାତନ ଟାଇଲ୍, ଇଟା, କାଠର କଡ଼ି, ବରଗା, ଚୂନ, ବାଲି ସମ୍ମିଶ୍ରଣରେ ନିର୍ମିତ ହୋଇଥିବା ଭଗ୍ନ ଗୃହର ଛାତ ଗୁଡ଼ିକୁ ଦେଖିଲେ ଜଣାଯାଏ ।

ମଠ ବିଜେସ୍ଥଳୀରେ ଅବସ୍ଥିତ କେତେକ ପ୍ରସିଦ୍ଧ କୋଠରୀ ମଧ୍ୟରେ ଗାଦି ଘର, ଭଣ୍ଡାର ଘର, ରୋଷ ଘର, ପଙ୍ଗତ ଘର, ସର ଘର, ଖଟଣୀ ଘର, ଝୁଲଣ ଘର, ସାତ ବଖରା ଘର, ପାଞ୍ଚ ବଖରା ଘର, କଚେରୀ ଘର (୨ଟି), ବାହାର ଓ ଭିତର ଭଜନ ମନ୍ଦିର, ଗୁହାଳ ଘର, କବାଟ ଘର, ବାଟ ଗାଦି ଘର, ଭିତର ଗାଦି ଘର ଇତ୍ୟାଦି ଅନ୍ୟତମ । ଉପରୋକ୍ତ ବର୍ଣ୍ଣିତ ଘର ଗୁଡ଼ିକ ମଧ୍ୟରୁ ''ଗାଦି ଘର''ର ଐତିହ୍ୟ ଓ ପରମ୍ପରା ରହିଅଛି । ଉକ୍ତ ଘରେ ଅତିବଡ଼ିଙ୍କ ଚିତ୍ର ପ୍ରତିମା, ଗୁରୁ ମତ୍ତ ବଳରାମ ଦାସଙ୍କ ଚିତ୍ର ପଟି, ବଡ଼ ଓଡ଼ିଆ ମଠର ପୂର୍ବତନ ମଠାଧୀଶ ମାନଙ୍କର ଚିତ୍ର ପ୍ରତିମା କାଠରେ ନିର୍ମିତ ପଟିରେ

Digitized by srujanika@gmail.com

ଚିତ୍ର କରାଯାଇ କାନ୍ଥରେ ଲଗାଯାଇଅଛି । ଏଗୁଡ଼ିକ ସଂପୂର୍ଣ୍ଣ ପାରମ୍ପରିକ ଚିତ୍ର ଶୈଳୀର ଅଟେ ।

ତାଳପତ୍ର ପୋଥି:- ଓଡ଼ିଆ ମଠରେ ପ୍ରାୟ ୪୦୦ରୁ ଉର୍ଦ୍ଧ୍ୱ ଉଭୟ ସଂସ୍କୃତ ଏବଂ ଓଡ଼ିଆ ଭାଷାରେ ଖୋଦିତ ତାଳପତ୍ର ପୋଥି ସଂରକ୍ଷିତ ହୋଇ ରହିଛି । ତନ୍ମଧରେ ବିଦଗ୍ଧ ମାଧବ, ଶ୍ରୀକୃଷ୍ଣ ରସ ନିରୂପଣ, ଶ୍ରୀମଦ୍ ଭାଗବତ, କ୍ଷେତ୍ର ମାହାତ୍ମ୍ୟ, ଗୀତ ଗୋବିନ୍ଦ ଟୀକା, ସୂର୍ଯ୍ୟ ଶତକ, ମହାଭାରତ (ଆଦି ପର୍ବ), ଯନ୍ତ୍ର ମନ୍ତ୍ର ଉଦ୍ଧାର, ବାଳ ବୋଧିନୀ, ମେଘ ଦୂତ ଟୀକା, ପ୍ରକ୍ରିୟା କୌମୁଦୀ, ଏକାମ୍ର ପୁରାଣ, ବାଲିକ୍ମୀ ରାମାୟଣ, ବୈଦ୍ୟ ସର୍ବସ୍ୱ ଚିକିତ୍ସାର୍ଣ୍ଣବ, ହରିଭକ୍ତି ବିଳାସ, ବ୍ରହ୍ମ ସୂତ୍ର, ମାର୍କଣ୍ଡ ପୁରାଣ, ସ୍କନ୍ଦ ପୁରାଣ (ପୁରୁଷୋତ୍ତମ ମାହାତ୍ମ୍ୟ), ଅମର କୋଷ, ବୃହଦ୍ ନାରଦୀୟ ପୁରାଣ, ସାହିତ୍ୟ ଦର୍ପଣ, ନ୍ୟାୟ ଶାସ୍ତ୍ର, ସିଦ୍ଧାନ୍ତ ଚନ୍ଦ୍ରିକା, ମେଘଦୂତ, ଦୁର୍ଗାସ୍ତବ ଚନ୍ଦ୍ରିକା, ବାମଦେବ ସଂହିତା, ନୃସିଂହ ପୁରାଣ, ରସ ବିନୋଦ, ହରି ବଂଶ, ଚୈତନ୍ୟ ଚରିତାମୃତ (ଆଦ୍ୟଲୀଳା), ମାଘ ମାହାତ୍ମ୍ୟ, ପ୍ରତିଷ୍ଠା ପ୍ରଦୀପ, ଜ୍ୟୋତିଷ ଶାସ୍ତ୍ର ସର୍ବାବଳୀ, ବିଷ୍ଣୁ ପୁରାଣ, ଦୀକ୍ଷାଚାର, ନିତ୍ୟାଚାର ଓ ମନ୍ତାଚାର ଉପଦେଶ, ସୂତ୍ରୀୟ ଭାଷ୍ୟ ଆତ୍ମ ବୋଧ, କୁମାର ସମ୍ଭବମ୍, କପିଳ ସଂହିତା, ଶିବ ସହସ୍ରନାମ, ବ୍ରହ୍ମ ବୈବର୍ତ୍ତ ଶ୍ରୀ ଗଣେଶ ଖଣ୍ଡ, ଶ୍ରୀ ରାଧା ଅମୃତପଥ, ମନ୍ତ୍ର ପୁରଶ୍ଚରଣ, ଭାବବିକାର ସ୍ତୋତ୍ର, ଅନର୍ଘ ରାଘବ ନାଟକ, ଶିଳ୍ପୀ ଶାସ୍ତ୍ର, ଚନ୍ଦ୍ରାଲୋକ ଅଳଙ୍କାର, ନୀଳାଦ୍ରି ମହୋଦୟ, କାର୍ତ୍ତିକ ମାହାତ୍ମ୍ୟ, କାଳ ଦୀପ ଓ ଶ୍ରାଦ୍ଧ ଦୀପ, ଗାୟତ୍ରୀ ବିଧାନ, କୋଟି ବ୍ରହ୍ମାଣ୍ଡ ସୁନ୍ଦରୀ, ବୈଶାଖ ମାହାତ୍ମ୍ୟ, ବ୍ରତ ବିବାହ କର୍ମକାଣ୍ଡ, ଜଗମୋହନ ରାମାୟଣ, ଜଗନ୍ନାଥ ଚରିତାମୃତ, ଗ୍ରହପୂଜା ଓ ପ୍ରାୟଶ୍ଚିତ, ହଂସଦୂତ, କୁମାର ସମ୍ଭବମ୍, ଭକ୍ତିଯୋଗ, ପ୍ରେମ ସୁଧାନିଧି, ଚଣ୍ଡିକା ସ୍ତୋତ୍ର, ମନ୍ତ୍ରାର୍ଥ ଦୀପିକା, ଆଧ୍ୟାତ୍ମ ରାମାୟଣ, ବୃହତ୍ ଆରଣ୍ୟକ ଉପନିଷଦ, ଆଦି ପୁରାଣ, ବାଲ୍ମିକୀ ରାମାୟଣ, ବ୍ୟବସ୍ଥା ରତ୍ନାବଳୀ, ରସାମୃତ ସିନ୍ଧୁ ଟୀକା, ଗୁଣ୍ଡିଚା ଚଂପୂ, ବରାହ ସଂହିତା ପ୍ରଭୃତି ଅନ୍ତର୍ଭୁକ୍ତ । ଉପରୋକ୍ତ ପୋଥି ଗୁଡ଼ିକର ସଂରକ୍ଷଣ ତଥା ପାଠୋଦ୍ଧାର କରାଯାଇ ପୁସ୍ତକ ଆକାରରେ ମୁଦ୍ରଣ କରାଗଲେ ଗବେଷକ ମାନଙ୍କ ପାଇଁ ବହୁ ତଥ୍ୟ ଉପଲବ୍ଧ ହୋଇପାରିବ ।

ସବୁଠାରୁ ବଡ଼ ବିଶେଷତ୍ୱ ଯେ, ଏହି ଘରର ମଧଭାଗରେ ଅତିବଡ଼ିଙ୍କ ଶେଷ ସ୍ପର୍ଶ କଠଉ ଓ ଭଗବତ୍ ବାସୁଦେବ ପୋଥି (ତାଳପତ୍ର ପୋଥି)ଙ୍କୁ ସୁରକ୍ଷିତ ଭାବେ ରଖାଯାଇ ଦୈନନ୍ଦିନ ପୂଜା କରାଯାଉଛି । ଏପରିକି ପ୍ରତ୍ୟହ ଏଠାରେ ଶ୍ରୀ ମହାପ୍ରସାଦ ସମର୍ପଣ କରାଯିବାର ବିଧି ମଧ ରହିଛି । ମଠର ଅଧିକାରୀ ବା ମହନ୍ତମାନେ ଗାଦିଘରେ ରଖାଯାଇଥିବା ଭାଗବତ ପୋଥିକୁ ଅତିବଡ଼ିଙ୍କ ସ୍ୱହସ୍ତ ଲିଖିତ ବୋଲି ଦାବୀ କରିଥାନ୍ତି ଯଦିଓ ଏପର୍ଯ୍ୟନ୍ତ କୌଣସି ନିର୍ଦ୍ଦିଷ୍ଟ ପ୍ରମାଣ ମିଳୁନାହିଁ । ଗାଦି ଘରେ ମଠର ନୂତନ ଅଧିକାରୀ ବା ମହନ୍ତମାନଙ୍କର ଶାଢ଼ୀ ବନ୍ଧାଇବାର ପରମ୍ପରା ରହିଅଛି ।

ଉଲ୍ଲେଖଯୋଗ୍ୟଯେ ପବିତ୍ର ଭାଗବତ ପୋଥିକୁ ମଠର ଭାଷାରେ 'ବାସୁଦେବ

Digitized by srujanika@gmail.com

ପୋଥି' କୁହାଯାଇଥାଏ । ଅତିବଡ଼ିଙ୍କ ଆର୍ବିଭାବ ଓ ତିରୋଭାବ ଦିବସରେ ଏକ ସ୍ୱତନ୍ତ୍ର ବିମାନରେ ଉକ୍ତ ପୋଥି ବିଜେ ହୋଇ ସାତ ଲହଡ଼ି ମଠକୁ ଯାଇଥାଆନ୍ତି । ସେଠାରେ ପନ୍ତି ଭୋଗ ହୋଇଥାଏ ।

ଗାଦି ଘର ବାରଣ୍ଡାର ଦକ୍ଷିଣ କାନ୍ଥରେ ଉତ୍ତର ମୁଖକୁ ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କ ଗଜୋଦ୍ଧାରଣ ବେଶ, ରାଧାକୃଷ୍ଣଙ୍କ (ତାମ୍ବୁଳ ମୁଦ୍ରା ଦୃଶ୍ୟ) ଲୀଳା ଇତ୍ୟାଦି ଚିତ୍ରମାନ ସୁଶୋଭିତ । ଗାଦି ଘରର ଦ୍ୱାରବନ୍ଧରେ ନାଗବନ୍ଧ, ପୁଷ୍ପ, ଲତାଦି ଚିତ୍ରମାନ ଖୋଦିତ ହୋଇଅଛି ।

ଗାଦିଘର ସମ୍ମୁଖରେ ଥିବା ଏକ କୋଠରୀକୁ 'ବାଟ ଗାଦି ଘର' ନାମରେ କୁହାଯାଇଥାଏ । ଏହି କୋଠରୀରେ ମଠର ଅଧିକାରୀ ବା ମହନ୍ତ ମାନେ ରହୁଥିଲେ । ଏଣୁ ଉକ୍ତ ଗୃହଟି ''ମହନ୍ତଙ୍କ ନିବାସ'' ନାମରେ ପରିଚିତ । ମଠରେ ଏହି ଗୃହଟି କେବଳ ଦ୍ୱିତାଲା ବିଶିଷ୍ଟ ଅଟେ । ଦ୍ୱିତାଲା ଗୃହଟିର ଛାତ ଚାଳ ଛପର ଦ୍ୱାରା ଆବୃତ । ଏଠାରେ ନିୟମିତ ଭାବେ ସକାଳେ ଓ ସନ୍ଧ୍ୟାରେ ଦୁଇ ଅଧ୍ୟାୟ ଭାଗବତ ଶାସ୍ତ୍ର ପାଠ କରାଯାଇଥାଏ । ଉଲ୍ଲେଖଯୋଗ୍ୟଯେ ଏହି ମଠର ୧୧ତମ ମଠାଧୀଶ ରାମକୃଷ୍ଣ ଦାସ ଅନନାରୀ ମାଜିଷ୍ଟ୍ରେଟ୍ ଥିବା ସମୟରେ ତାଙ୍କର ବିଚାରାଳୟ ପ୍ରକୋଷ୍ଠରେ ଏକ ବିଦେଶୀ କାନ୍ଥ ଘଣ୍ଟାଟିଏ ରହିଥିଲା । ଉକ୍ତ ଘଣ୍ଟାଟି ଅଦ୍ୟାବଧି ସ୍ମୃତି ସ୍ୱରୂପ ବଡ଼ ଓଡ଼ିଆ ମଠର ବାଟ ଗାଦି ଘରେ ସୁରକ୍ଷିତ ହୋଇ ରହିଅଛି । 'ବାଟ ଗାଦିଘର' ପରେ 'ଭିତର ଗାଦିଘର' ପଡ଼ିଥାଏ । ବର୍ତ୍ତମାନର ମଠ ମହନ୍ତଙ୍କ ଠାରୁ ପ୍ରକାଶ ଯେ ଘରଟି ଅସୁରକ୍ଷିତ ହୋଇଥିବାରୁ ବର୍ତ୍ତମାନ ସେଠାରେ କେହି ରହୁନାହାଁନ୍ତି । ଅତୀତରେ ବଡ଼ ଓଡ଼ିଆ ମଠରେ ଥିବା ବହୁ ମୂଲ୍ୟବାନ ପ୍ରାଚୀନ ତାଳପତ୍ର ପୋଥି, ପୁରାଣ, ଧର୍ମପୁସ୍ତକ, ସନନ୍ଦ ଇତ୍ୟାଦିରୁ କେତେକ ଉପଲବ୍ଧ ହେଉଅଛି । ନନ୍ଦିଆ ତୋରାଣୀ ବା କାଞ୍ଜି ପାଣି ବଡ଼ ଓଡ଼ିଆ ମଠର ଅନ୍ୟ ଏକ ଆକର୍ଷଣ । ଆଜକୁ ଦୀର୍ଘ ୪୫୦ ବର୍ଷ ଧରି ଏହି ନନ୍ଦିଆ ତୋରାଣୀ ବା ସିଦ୍ଧ କାଞ୍ଜି ତୋରାଣୀ ସର୍ବରୋଗର ମହୌଷଧି ଭାବେ ରାଜ୍ୟରେ ଖ୍ୟାତି ଲାଭ କରି ଆସୁଥିଲା । ମଠର ବିଜେସ୍ଥଳୀରେ ଅବସ୍ଥିତ ଦୋଳବେଦୀ ଅଗଣା ପାର୍ଶ୍ୱରେ ନନ୍ଦିଆ ତୋରାଣୀ ଘର ଏବେ ବି ରହିଛି ଯଦିଓ ଗତ କିଛି ବର୍ଷ ହେବ ତେରାଣୀ ରହୁଥିବା ୩ଟି ମାଟି ହାଣ୍ଡିକୁ ସେଠାରୁ ନିଆଯାଇ ମଠର ଅନ୍ୟ ଏକ ଛୋଟ କୋଠରୀରେ ରଖାଯାଇଛି । ସମ୍ପ୍ରତି ଏହା କେବଳ ଅତୀତର ସ୍ମୃତିକୁ ବହନ କରୁଅଛି । ଏବେ ବି କେତେକ ବ୍ୟକ୍ତି ବିଶେଷ ଏହି ତୋରାଣୀ ପ୍ରସାଦକୁ ଔଷଧୀୟ ରୂପେ ସେବନ କରୁଛନ୍ତି ।

ମଠରେ ଥିବା ବାହାର କଚେରୀ ଘରର ଦକ୍ଷିଣ କାନ୍ଥରେ ଉତ୍ତରମୁଖା ହୋଇ ଜଗନ୍ନାଥ, ବଳଭଦ୍ର, ଦେବୀ ସୁଭଦ୍ରାଙ୍କ ଚିତ୍ର ପ୍ରତିମା ଶୋଭା ପାଉଥିବା ବେଳେ ପୂର୍ବପଟ କାନ୍ଥରେ ବସ୍ତ୍ର ହରଣ, ରାସ ଲୀଳା, ପଶ୍ଚିମ କାନ୍ଥରେ ରାମ, ରାବଣ ଯୁଦ୍ଧର ଦୃଶ୍ୟ, ନବଗୁଞ୍ଜର

Digitized by srujanika@gmail.com

ଦର୍ଶନ ଇତ୍ୟାଦି ଚିତ୍ର ମାନ ରହିଅଛି । ଝୁଲଣ ଘରର ଦକ୍ଷିଣ କାନ୍ଥରେ ସମୁଦ୍ର ମନ୍ଥନ, ଅନନ୍ତ ଶୟନ ଚିତ୍ର, ପଶ୍ଚିମ କାନ୍ଥରେ ବିଭିନ୍ନ ଦେବଦେବୀଙ୍କ ଚିତ୍ର, ଡ଼ାଳି ଲତାଦି, ପୁଷ୍ପରାଜି ଓ ପକ୍ଷୀ ଇତ୍ୟାଦିର ଚିତ୍ର ଗୁଡ଼ିକ ସମ୍ପୂର୍ଣ୍ଣ ଓଡ଼ିଶୀଶୈଳୀର ଅଟେ । ଝୁଲଣ ବାଟ ଘର ଦକ୍ଷିଣ କାନ୍ଥରେ ମଥୁରାପୁର, ଗୋପପୁର, ବସ୍ତ୍ର ହରଣ ଦୃଶ୍ୟର ଚିତ୍ର ରହିଥିବା ବେଳେ ଉତ୍ତରପଟ କାନ୍ଥରେ ରାମ, ରାବଣ ଯୁଦ୍ଧର ଚିତ୍ର ପ୍ରତୀୟମାନ ହୁଏ ।

ରୋଷ ବାଟ ଘରର ଦକ୍ଷିଣ କାନ୍ଥରେ ମହାରାସ (ଯମୁନା କେଳୀ), ରାହାସ ମଣ୍ଡଳ ଚିତ୍ର ଅତୀବ ମନମୁଗ୍ଧକର ଅଟେ । ଗାଦିଘର ଓ ଝୁଣଲ ଘରର ଦ୍ୱାର ବନ୍ଧ ସଂଲଗ୍ନ ବାରଣ୍ଡାର ସମ୍ମୁଖଭାଗ ମଗର ମୁଣ୍ଡ ଓ ଅନ୍ୟାନ୍ୟ କାରୁକାର୍ଯ୍ୟ ଖଚିତ ଖିଲାଣ ବିଶିଷ୍ଟ ଅଟେ । ଝୁଲଣଘର ପଛ ପାର୍ଶ୍ୱରେ ଦୋଳବେଦୀ, ସ୍ନାନ ବେଦୀ, ବ୍ରତ ବେଦୀ ରହିଅଛି । ଏତଦ୍‌ବ୍ୟତୀତ ପ୍ରାଚୀନ ସମୟର ପାଲିଙ୍କି, ସବାରି ମଧ୍ୟ ଏବେ ବି ଅସୁରକ୍ଷିତ ଅବସ୍ଥାରେ ମଠ ବିଜେସ୍ଥଳୀଠାରେ ରହିଅଛି । ମଠର ବିଭିନ୍ନ କୋଠରୀ, ଅଗଣା, ଭଜନ ମନ୍ଦିର, ଝୁଣଲ ଘର ତଥା ମନ୍ଦିରକୁ ପ୍ରବେଶ କରିବା ମାର୍ଗରେ କେତେ ଗୁଡ଼ିଏ ଦ୍ୱାର ଅତିକ୍ରମ କରିବାକୁ ପଡ଼ିଥାଏ । ଅତୀବ ପ୍ରାଚୀନ ସମୟରୁ ସେହି ଦ୍ୱାର ଗୁଡ଼ିକର ସ୍ୱତନ୍ତ୍ର ନାମ ରହିଅଛି । ତନ୍ମଧ୍ୟରେ ମଠର ମୁଖ୍ୟ ଦ୍ୱାର, ଶଗଡ଼ ଦ୍ୱାର, ନୁଆ ଚୌକ ଦ୍ୱାର, ଯାତ୍ରାଦ୍ୱାର ବା ବଡ଼ ବାଟ ଦ୍ୱାର (ଯାନିଯାତ୍ରା, ମହୋତ୍ସବ ସମୟରେ ଏହି ଦ୍ୱାର ଖୋଲା ଯାଇଥାଏ ।) ଗାଦିଘର ଘୋଷଡ଼ା ଦ୍ୱାର, ଓଳିଆ ବାଟ ଦ୍ୱାର ଇତ୍ୟାଦି ଅନ୍ୟତମ ।

ମଠ ବିଜେସ୍ଥଳୀରେ ନିର୍ମିତ ହୋଇଥିବା ବିଭିନ୍ନ ଅଗଣା, ପ୍ରାଚୀର, କୋଠରୀ, ମନ୍ଦିର, ବେଦୀ (ମଣ୍ଡପ) ଇତ୍ୟାଦିରେ ମୁଖ୍ୟତଃ ସାହାଣ ଓ ମାଙ୍କଡ଼ା ପଥର ବ୍ୟବହୃତ ହୋଇଥିବାର ଦୃଷ୍ଟିଗୋଚର ହୁଏ ।

ମଠର ଦେବଦେବୀ :- ମଠର ମଧ୍ୟ ଭାଗରେ ଅବସ୍ଥିତ ମନ୍ଦିର ଅଗଣାରେ ମୁଖ୍ୟ ମନ୍ଦିର ଅବସ୍ଥିତ । ମନ୍ଦିରଟିର ଉଚ୍ଚତା ପ୍ରାୟ ୩୦ ଫୁଟ୍ ଅଟେ । ସଂପୂର୍ଣ୍ଣ ଉତ୍କଳୀୟ ଶୈଳୀର ତଥା ସାହାଣ ପଥରରେ ଏହି ମନ୍ଦିରଟି ନିର୍ମିତ । ମୁଖ୍ୟ ମନ୍ଦିର ଓ ଜଗମୋହନ ମଧ୍ୟରେ ବିଗ୍ରହମାନେ ପ୍ରତିଷ୍ଠିତ ପୂର୍ବକ ଦୈନନ୍ଦିନ ପୂଜିତ ହେଉଛନ୍ତି ।

ଏହି ମଠର ଉପାସ୍ୟ ଠାକୁର ହେଲେ ରସିକ ରାଜ । (କୃଷ୍ଣ - ମଣିମୟ ବିଗ୍ରହ) ଉଚ୍ଚତା ଅଢ଼େଇ ଫୁଟ୍ । ଅନ୍ୟାନ୍ୟ ଦେବଦେବୀ ବିଗ୍ରହ ମାନଙ୍କ ମଧ୍ୟରେ ଇଷ୍ଟ ବିଗ୍ରହ ରାଧାରାଣୀ (ଉଚ୍ଚତା ୧ ଫୁଟ୍), ଦାରୁବ୍ରହ୍ମ ଶ୍ରୀଜଗନ୍ନାଥ (ଉଚ୍ଚତା ଦେଢ଼ଫୁଟ୍), ମହାଲକ୍ଷ୍ମୀ (ଧାତୁ ବିଗ୍ରହ), ଜନ୍ମ ରାଧା କୃଷ୍ଣ ଦୁଇ ମୂର୍ତ୍ତି, ମଦନମୋହନ ଦେବ (ଧାତୁ ବିଗ୍ରହ) ରାଧାରାଣୀ (ଧାତୁ ବିଗ୍ରହ - ଚଳନ୍ତି ପ୍ରତିମା), ରାମକୃଷ୍ଣ (ଧାତୁ ବିଗ୍ରହ), ଆଣ୍ଠୁଆ ଗୋପାଳ

Digitized by srujanika@gmail.com

(ଛୋଟ ଓ ବଡ଼ ହୋଇ ୩ ମୂର୍ତ୍ତି), ନୃସିଂହ ଦେବ କୋଳରେ ଲକ୍ଷ୍ମୀ ଥାଇ (ଏକ କ୍ଷୁଦ୍ର ମୂର୍ତ୍ତି - ଧାତୁ ବିଗ୍ରହ), ପିତଳ ଖଟୁଲିରେ ନାଟୁଆ ଗୋପାଳ ଓ ରାଧା ଦାମୋଦର (ରୂପାର ୩ ମୂର୍ତ୍ତି ୯ ଗୋଟି ଶାଳଗ୍ରାମ ସହିତ), ପିତଳ ଖଟୁଲିରେ ଶାଳଗ୍ରାମ ଏକ ଗୋଟି (ଗୋମତୀ କୃଷ୍ଣ), ଶାଳଗ୍ରାମ- ୧୫ ମୂର୍ତ୍ତି (ସିଂହାସନରେ) । ଏତଦ୍‌ବ୍ୟତୀତ ଗର୍ଭଗୃହ ସଂଲଗ୍ନ ପୋଖରୀଆରେ କାଠ ଖଟୁଲିରେ ବିରାଜିତ ବିଗ୍ରହମାନଙ୍କ ମଧ୍ୟରେ ଶ୍ରୀ ରାଧା ମୂର୍ତ୍ତି (୯ ଗୋଟି), ଓ କୃଷ୍ଣ ମୂର୍ତ୍ତି ୯ ଗୋଟି (ଧାତୁ ବିଗ୍ରହ-ଉଚ୍ଚତା ୬ ଇଞ୍ଚ), ଶ୍ରୀଗୋପୀନାଥ (ଧାତୁ ବିଗ୍ରହ) ଏକ ମୂର୍ତ୍ତି (ଉଚ୍ଚତା ୬ଇଞ୍ଚ), ଶ୍ରୀରାଧାରାଣୀ (ଧାତୁ ବିଗ୍ରହ) ୧ ମୂର୍ତ୍ତି (ଉଚ୍ଚତା ୬ ଇଞ୍ଚ), ନାଟୁଆ ଗୋପାଳ (ଧାତୁ ବିଗ୍ରହ) ୩ ମୂର୍ତ୍ତି, ଶ୍ରୀ ଅନନ୍ତଶୟନ - ଏକମୂର୍ତ୍ତି, ଶ୍ରୀ ନାରାୟଣ (ଧାତୁ ବିଗ୍ରହ) - ଏକ ମୂର୍ତ୍ତି, ଗଣେଶ - ଏକମୂର୍ତ୍ତି, ବାଲାଜି-ଦୁଇମୂର୍ତ୍ତି (ଧାତୁ ବିଗ୍ରହ), ଶ୍ରୀରାମଚନ୍ଦ୍ର, ଲକ୍ଷ୍ମଣ, ଭରତ, ଶତ୍ରୁଘ୍ନ, ସୀତା (ଧାତୁ ବିଗ୍ରହ), ଶ୍ରୀରାମ ଅଭିଷେକ ଏକ ମୂର୍ତ୍ତି (ଧାତୁ ବିଗ୍ରହ), ଶାଳଗ୍ରାମ ଅଠେଇଶ ମୂର୍ତ୍ତି ବିରାଜିତ ହୋଇଛନ୍ତି ।

ଜଗମୋହନରେ ପୂଜିତ ହେଉଥିବା ବିଗ୍ରହ ମାନଙ୍କ ମଧ୍ୟରେ କାଷ୍ଠ ବିମାନରେ ମଣି ବିଗ୍ରହ ଶ୍ରୀ ଗୋପୀନାଥ ଦେବ (୧ମୂର୍ତ୍ତି), ଶ୍ରୀ ରାଧାରାଣୀ (ଧାତୁ ବିଗ୍ରହ- ୧ମୂର୍ତ୍ତି), ଶ୍ରୀ ଶ୍ୟାମରାୟ ଦାରୁ ବିଗ୍ରହ ଏକ ମୂର୍ତ୍ତି, ଶ୍ରୀଜଗନ୍ନାଥ ମହାପ୍ରଭୁ ଏକ ମୂର୍ତ୍ତି (ଦାରୁ), ମା' ଲକ୍ଷ୍ମୀ ଠାକୁରାଣୀ କ୍ଷୁଦ୍ର ମୂର୍ତ୍ତି ଏବଂ ଏକ ବଡ଼ ମୂର୍ତ୍ତି, ଶ୍ରୀ ବାଲାଜୀ ୪ ମୂର୍ତ୍ତି (ଧାତୁ ବିଗ୍ରହ), ଆଣ୍ଠୁଆ ଗୋପାଳ ଦୁଇ ମୂର୍ତ୍ତି (ଧାତୁ ବିଗ୍ରହ) ଶ୍ରୀ ହନୁମାନ ଦେବ (ଧାତୁ ବିଗ୍ରହ - ଏକ ମୂର୍ତ୍ତି), ଶାଳଗ୍ରାମ, ବାମନମୂର୍ତ୍ତି, ଗୋବର୍ଦ୍ଧନ ଶିଳା ଦୁଇ ମୂର୍ତ୍ତି, ଚକ୍ର ନିଶାଣ ଦୁଇ ମୂର୍ତ୍ତି, ଗରୁଡ଼ ଏକ ମୂର୍ତ୍ତି (ମଣି ବିଗ୍ରହ) ଅନ୍ୟତମ । ଉଲ୍ଲେଖଯୋଗ୍ୟଯେ ମଠର ମନ୍ଦିରରେ ରସିକରାଜ, ଜଗନ୍ନାଥ ଓ ଗରୁଡ଼ (ଅଷ୍ଟଧାତୁ) ଲକ୍ଷ୍ମୀ ଦେବୀ ପୂଜା ପାଉଛନ୍ତି । ବଡ଼ ଓଡ଼ିଆ ମଠର ଅନ୍ୟାନ୍ୟ ପର୍ବ ତଥା ଉତ୍ସବ ମଧ୍ୟରେ ଝୁଲଣ ଉତ୍ସବକୁ ପ୍ରାଧାନ୍ୟ ଦିଆଯାଇ ଦୀର୍ଘ ୭ ଦିନ ଧରି ମହାସମାରୋହରେ ପାଳନ କରାଯାଇଥାଏ । ଅତିବଡ଼ୀ ସମ୍ପ୍ରଦାୟ ଅନ୍ତର୍ଭୁକ୍ତ ଏହି ମଠର ଝୁଲଣ କୁଞ୍ଜ ଅତ୍ୟନ୍ତ ରମଣୀୟ ଅଟେ ।

ମାଘ ଶୁକ୍ଳ ସପ୍ତମୀ ତିଥିରେ ଅତିବଡ଼ୀ ଗୋସ୍ୱାମୀଙ୍କ ତିରୋଭାବ ଉତ୍ସବ ଓ ରାଧାଷ୍ଟମୀ ଦିନ ଆବିର୍ଭାବ ମହୋତ୍ସବ ମଧ୍ୟ ମଠରେ ଖୁବ୍ ଯାକଜକମରେ ପାଳିତ ହୋଇ ଆସୁଅଛି ।

ମଠର ମୁଖ୍ୟମନ୍ଦିରର ଉତ୍ତର ପୂର୍ବ କୋଣସ୍ଥିତ ମନ୍ଦିର ଅଗଣାରେ ଅବସ୍ଥିତ ଏକ କ୍ଷୁଦ୍ର ମନ୍ଦିରର ସିଂହାସନରେ ମଠର ପ୍ରତିଷ୍ଠାତା ଆଚାର୍ଯ୍ୟ ପୂଜ୍ୟ ଅତିବଡ଼ି ଜଗନ୍ନାଥ ଦାସ ଗୋସ୍ୱାମୀଙ୍କ (କଳା ମୁଗୁନି ପ୍ରସ୍ତରରେ ନିର୍ମିତ ୨ ଫୁଟ୍ ଉଚ୍ଚତା ବିଶିଷ୍ଟ) ମୂର୍ତ୍ତି ପଦ୍ମାସନରେ (ଜପ ମୁଦ୍ରା ଭଙ୍ଗୀରେ) ଅଧିଷ୍ଠିତ ହୋଇଛନ୍ତି । ଦକ୍ଷିଣପାର୍ଶ୍ୱରେ ଶ୍ରୀଚୈତନ୍ୟ ମହାପ୍ରଭୁଙ୍କର ଏକ ଷଡ଼ଭୂଜ ବିଶିଷ୍ଟ ମୂର୍ତ୍ତି ବିଦ୍ୟମାନ । ଜଗନ୍ନାଥ ଦାସ ଗୋସ୍ୱାମୀଙ୍କ ପାର୍ଶ୍ୱରେ ଦାରୁରେ

Digitized by srujanika@gmail.com

ନିର୍ମିତ ଅତିବଡ଼ିଙ୍କ ଏକ ଅଷ୍ଟଭୂଜ ମୂର୍ତ୍ତି ରହିଅଛି । ମୂର୍ତ୍ତିର ଉଚ୍ଚତା ପ୍ରାୟ ଦେଢ଼ଫୁଟ୍ ହେବ । ଅଷ୍ଟଭୁଜରେ ଯଥାକ୍ରମେ ବାମ ହସ୍ତରେ ଶଙ୍ଖ, ପଦ୍ମ ଓ ଦକ୍ଷିଣ ହସ୍ତରେ ଚକ୍ର, ଗଦା ସମେତ ଦଣ୍ଡ, କମଣ୍ଡଳୁ, ବଂଶୀ ରହିଅଛି । ଯାହାକି ଶ୍ରୀକ୍ଷେତ୍ରର ଅନ୍ୟ କୌଣସି ମଠରେ ଏଭଳି ବିରଳ ମୂର୍ତ୍ତିର ଦୃଷ୍ଟି ଗୋଚର ହୁଏ ନାହିଁ । ଏହି ମୂର୍ତ୍ତି ପ୍ରତିଷ୍ଠା ସଂପର୍କରେ ବହୁ ରହସ୍ୟ ତଥା ଐତିହାସିକ ଉପାଦାନ ଅଦ୍ୟାବଧି ଲୋକଲୋଚନକୁ ଆସିପାରିନାହିଁ ।

ଅତିବଡ଼ିଙ୍କ ପ୍ରତିଷ୍ଠିତ ବଡ଼ ଓଡ଼ିଆ ମଠ ମହନ୍ତ ମାନଙ୍କର ଚିତାରେ ମଧ ସ୍ୱତନ୍ତ୍ରତା ରହିଅଛି । ବର୍ତ୍ତମାନର ଅଧିକାରୀ ବଂଶୀଧର ଦାସଙ୍କ ସୂତ୍ରରୁ ପ୍ରକାଶ ଯେ, ଆମ୍ଭ ପରମ୍ପରାର ତିଳକ ମଧରେ ହୃଦୟରେ ପୂର୍ଣ୍ଣବ୍ରହ୍ମ, କଣ୍ଠରେ ଅର୍ଦ୍ଧଚନ୍ଦ୍ର, ବାହୁରେ ଅର୍ଦ୍ଧ ଚକ୍ର, ବାହୁର ଦଣ୍ଡରେ ହରିପାଦାକୃତି ତିଳକ ରହିଥାଏ । ମସ୍ତକର ମୁଖ୍ୟ ଚିତା U ଯାହାକି "ହରିପାଦାକୃତି" ଚିତା ବୋଲି କୁହାଯାଇଥାଏ । ଏହି ମଠର ମହନ୍ତମାନେ ଅଧିକାରୀ ଉପାଧିପ୍ରାପ୍ତ । ଅନ୍ୟାନ୍ୟ ମଠର ମହନ୍ତ ଅପେକ୍ଷା ଅଧିକାରୀମାନଙ୍କୁ ବିଶେଷ ସମ୍ମାନ ଦିଆଯାଇଥାଏ । ଆଜକୁ ଦୀର୍ଘ ୩୨ ବର୍ଷ ପୂର୍ବେ ବଡ଼ ଓଡ଼ିଆ ମଠର ପୂର୍ବତନ ମଠାଧୀଶ ବୃନ୍ଦାବନ ଦାସଙ୍କ ଉଦ୍ୟମରେ ମଠ କର୍ମାଙ୍ଗୀରୁ ସଂଗୃହୀତ କରାଯାଇ ବଡ଼ ଓଡ଼ିଆ ମଠ ବା ଅତିବଡ଼ି ଶାଖାର ଶିଷ୍ୟ ପରମ୍ପରା ଏବଂ ସାତଲହଡ଼ି ଓ ବଡ଼ ଓଡ଼ିଆ ମଠ ସ୍ଥାପନ ଓ ମଠାଧୀଶ ମାନଙ୍କ ଅନ୍ୟାନ୍ୟ ଉଲ୍ଲେଖନୀୟ କାର୍ଯ୍ୟ ସଂପର୍କରେ ଏକ ବିବରଣୀ ମୁଦ୍ରିତ ହୋଇଥିଲା । ବର୍ତ୍ତମାନର ଅଧିକାରୀ ବଂଶୀଧର ଦାସଙ୍କ ଠାରେ ସୁରକ୍ଷିତ ଅବସ୍ଥାରେ ରହିଥିବା ଉକ୍ତ ମୁଦ୍ରିତ ତଥ୍ୟଟି ଉଦ୍ଧାର କରାଯାଇ ପାଠକ ତଥା ଗବେଷକମାନଙ୍କ ନିମିତ୍ତ ନିମ୍ନରେ ପ୍ରଦତ୍ତ କରାଗଲା ।

(୧) **ଅତିବଡ଼ି ଜଗନ୍ନାଥ ଦାସ** - ଗୋସ୍ୱାମୀ ଶାଖାର ପ୍ରତିଷ୍ଠାତା

(୨) **ଗୋପୀନାଥ ଦାସ** - ସିଦ୍ଧ ତୋରାଣି ସିଦ୍ଧି

(୩) **ମାଧବାନନ୍ଦ ଦାସ** - ବଟ ମୂଳରେ ଚଉରା କଲେ ।

(୪) **ମୁରାରି ଦାସ** - ବଡ଼ ଓଡ଼ିଆ ମଠରେ ମନ୍ଦିର ନିର୍ମାଣ ମୁକୁନ୍ଦ ଦେବଙ୍କ ୮ ଅଙ୍କ ୧୫୭୭ ଖ୍ରୀଷ୍ଟାବ୍ଦ, ତୋରାଣି ପାଇଁ ଖଞ୍ଜା, ଅତିବଡ଼ୀ ସମ୍ପ୍ରଦାୟର ଶାଢ଼ୀ ବନ୍ଧା ମହାନାୟକ ସିଦ୍ଧି ପ୍ରାପ୍ତ ।

(୫) **ରାମକୃଷ୍ଣ ଦାସ** - ଏ ରାହାସ ମଣ୍ଡଳର ପୂଜା କରି ୬ ସଖୀ, ୮ ମଞ୍ଜରୀ, ଷଡ଼ାର (ଷଟ୍) ଚକ୍ରରେ ଜଗନ୍ନାଥଙ୍କୁ ପୂଜା କଲେ । ତେର ରାସରଙ୍ଗିଣୀ ଏହାଙ୍କ ରାସ ମଣ୍ଡଳରେ ସ୍ଥାନ ପାଇଲେ ।

(୬) **ପୁରୁଷୋତ୍ତମ ଦାସ** - ଓଡ଼ିଆ ମଠ ଝୁଲଣ ମୁଣ୍ଡାଇ କଲେ ।

(୭) **ମୁକୁନ୍ଦ ଦାସ** - ଶ୍ରୀ ଗୁଣ୍ଡିଚା ମନ୍ଦିରରେ ଗାଦି କଲେ ।

(୮) **ବଂଶୀଧର ଦାସ** - ନରେନ୍ଦ୍ରପୁର ମୌଜା ନରେନ୍ଦ୍ର ପୁଷ୍କରିଣୀର ସଂସ୍କାର ପାଇଁ ସନନ୍ଦ ପାଇଲେ ।

Digitized by srujanika@gmail.com

(୯) **ନୀଳାଦ୍ରି ଦାସ** - ଏ ମଠର ରାହାସ ମଣ୍ଡଳ ପୂଜାରେ ୩୨ ସିଦ୍ଧାଙ୍ଗୀଙ୍କର ବେଢ଼ ବଢ଼ାଇଲେ । ୧୬ ସଖୀ, ୮ ମଞ୍ଜରୀ, ଷଡ଼ କୋଣରେ ଛଅ ନାଚୁଣୀରେ ରାଧାକୃଷ୍ଣଙ୍କ ରାସ କଳ୍ପନା କଲେ ।

ଏ ଦୁଇ ରାସଚକ୍ର ଓ ରାସମଣ୍ଡଳକୁ ମିଶାଇ ମୋଟ୍ ୩ଟି ଯାକ ଚିତ୍ର ମଠରେ ଅଦ୍ୟାବଧି ରହିଅଛି ।

(୧୦) **ରାସ ବିହାରୀ ଦାସ** - କନକ ମୁଣ୍ଡାଇର ସଂସ୍କାର କଲେ ।

(ଶ୍ରୀମନ୍ଦିର ରତ୍ନସିଂହାସନ ଉପର କାଷ୍ଠ ନିର୍ମିତ ଅଂଶକୁ କନକ ମୁଣ୍ଡାଇ କୁହାଯାଇଥାଏ ।)

(୧୧) **ରାମକୃଷ୍ଣ ଦାସ** - ଏ ପ୍ରତିଷ୍ଠିତ ବ୍ୟକ୍ତି ଭାବରେ ମଠର ସମୁନ୍ନତ କରି ଜଗନ୍ନାଥ ଦାସଙ୍କ ଜୀବନୀ ପ୍ରଭୃତି ବିବିଧ ଗ୍ରନ୍ଥ ପ୍ରକାଶ କଲେ । ଏ ସନାତନ ଧର୍ମ ସଂରକ୍ଷଣି ସଭାର ଅନ୍ୟତମ ଉଦ୍ୟକ୍ତା ଥିଲେ । ବଡ଼ ଓଡ଼ିଆ ମଠର ଏ ହେଉଛନ୍ତି ଏକମାତ୍ର ମଠାଧୀଶ, ଯେ କି ଅନନାରୀ ମାଜିଷ୍ଟ୍ରେଟ ରୂପେ ବ୍ରିଟିଶ ସରକାରଙ୍କ ଦ୍ୱାରା ମନୋନୀତ ହୋଇଥିଲେ । ତାଙ୍କ ସମୟରେ ମଠରେ ୪ଟି ଘୋଡ଼ା ଥିଲେ ।

(୧୨) **ବୃନ୍ଦାବନ ଦାସ** - ୭୫ ବର୍ଷରୁ ଉର୍ଦ୍ଧ୍ୱ ସମୟ ମଠରେ ମହନ୍ତାଇ ଶାଢ଼ୀ ବନ୍ଧାଇ ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କ ସେବା ତଥା ମଠ ବିଜେସ୍ଥଳୀର ଆବଶ୍ୟକୀୟ ମରାମତି, ନିର୍ମାଣ, ମଠ ଦେବଦେବୀଙ୍କ ସେବାପୂଜା, ଭଗବତ୍ ଆରାଧନା ତଥା ଯାନିଯାତ୍ରାମାନ ସୁଚାରୁରୂପେ ତୁଲାଉଥିଲେ । ଜଗନ୍ନାଥ ଦାସଙ୍କର ତଥା ଅତିବଡ଼ି ସମ୍ପ୍ରଦାୟର ମୂଲ୍ୟବାନ ଗ୍ରନ୍ଥ ପ୍ରକାଶକ, ମଠର ସମୁନ୍ନତ ତଥା ସ୍ୱଧର୍ମାଚରଣ ହେତୁ ଜଗନ୍ନାଥ ଦାସଙ୍କର ମାର୍ଗ ନିଷ୍ଠାବାନ ସାଧକ ଭାବେ ପରିଚିତ । (ବି:ଦ୍ର :- ୯୭ ବର୍ଷ ବୟସରେ ତଥା ୧୯୭୮ ମସିହାରେ ଉକ୍ତ ମହନ୍ତଙ୍କ ମହାପ୍ରୟାଣ ଘଟିଥିଲା) ।

(ତଥ୍ୟାବଳୀଟି ୧୯୭୦ ମସିହାରେ ମୁଦ୍ରିତ ହୋଇଥିବାରୁ ପରବର୍ତ୍ତୀ ଦୁଇଜଣ ମଠାଧୀଶଙ୍କ ନାମ ଏଥିରେ ଉଲ୍ଲେଖ ରହି ନାହିଁ । ମଠରୁ ପ୍ରାପ୍ତ ତଥ୍ୟ ଅନୁଯାୟୀ ନିମ୍ନରେ ପ୍ରଦତ୍ତ ହେଲା ।)

(୧୩) **ଗୋପୀନାଥ ଦାସ** - ୧୯୭୮ ମସିହାରୁ ୨୩.୭.୧୯୯୩ ପର୍ଯ୍ୟନ୍ତ ଓଡ଼ିଆ ମଠର ତ୍ରୟୋଦଶ ମହନ୍ତ ରୂପେ ରହିଥିଲେ । ଏହି ମଠାଧୀଶଙ୍କ ଉଦ୍ୟମରେ ମଠରେ ପ୍ରତ୍ୟହ ଭାଗବତ ପାଠ କରାଯାଉଥିଲା । ବିଭିନ୍ନ ଧର୍ମ ସଭାରେ ସେ ଭାଗବତ ଓ ଅତିବଡ଼ିଙ୍କ ସଂପର୍କରେ ପ୍ରବଚନ ପ୍ରଦାନ କରୁଥିଲେ ।

(୧୪) **ଅଧିକାରୀ ବଂଶୀଧର ଦାସ ଗୋସ୍ୱାମୀ** - ୪-୮-୧୯୯୩ ମସିହାଠାରୁ ଅଦ୍ୟାବଧି ମହନ୍ତ ରୂପେ ଉକ୍ତ ମଠରେ ଠାକୁରଙ୍କ ସେବାପୂଜାରେ ନିୟୋଜିତ ହୋଇଛନ୍ତି ।

Digitized by srujanika@gmail.com

ଉତ୍କଳୀୟମାନଙ୍କର ଏକ ପବିତ୍ର ପୀଠ ଭାବେ ବଡ଼ ଓଡ଼ିଆ ମଠ ଦର୍ଶନୀୟ ସ୍ଥାନ ଅଟେ । ଦୀର୍ଘ ୫୦୦ ବର୍ଷର ପୁରାତନ ଅତିବଡ଼ିଙ୍କ ସାଧନା ପୀଠର ଐତିହ୍ୟ, ସଂସ୍କୃତି ତଥା କଳା ସ୍ଥାପତ୍ୟ ସମ୍ପର୍କରେ ଏବେବି ଗବେଷଣାର ଆବଶ୍ୟକତା ରହିଛି ।

ସାତ ଲହଡ଼ି ମଠ

ଅତିବଡ଼ି ଜଗନ୍ନାଥ ଦାସଙ୍କର ଶେଷ ସାଧନା ପୀଠ ତଥା ସମାଧି ସ୍ଥଳ ରୂପେ 'ସାତ ଲହଡ଼ି ମଠ' ସମଗ୍ର ଓଡ଼ିଶାରେ ପରିଚିତ । କଥିତ ଅଛି ଅତିବଡ଼ିଙ୍କ ପ୍ରଥମ ସାଧନା ପୀଠ ଓ ଆଶ୍ରୟସ୍ଥଳ ବାସେଳୀ ସାହିସ୍ଥ ବଡ଼ ଓଡ଼ିଆ ମଠ ଜନାକୀର୍ଣ୍ଣ ହେବାରୁ ଜଗନ୍ନାଥ ଦାସ ସମୁଦ୍ର କୂଳରେ ଏକ କୁଡ଼ିଆ ନିର୍ମାଣ କରି ଭଗବତ ଆରାଧାନା, ଶାସ୍ତ୍ର ଚର୍ଚ୍ଚାରେ ନିମଗ୍ନ ରହି ନିଜର ଶେଷ ଜୀବନ କଟାଇ ଥିଲେ । ଅପରପକ୍ଷରେ ଅନ୍ୟ ଏକ ଜନଶ୍ରୁତି ଅନୁଯାୟୀ ଗଜପତି ପ୍ରତାପ ରୁଦ୍ର ଦେବଙ୍କ ପାଟରାଣୀ ଗୌର ପାଟମହାଦେଈଙ୍କ ସହ ଜଗନ୍ନାଥ ଦାସଙ୍କର ଉତ୍ତମ ସମ୍ପର୍କ ତଥା ଶ୍ରୀ ଚୈତନ୍ୟ 'ଅତିବଡ଼ି' ଉପାଧିରେ ତାଙ୍କୁ ଭୂଷିତ କରିବାରେ ତାତ୍କାଳିକ ଅନେକ ବଙ୍ଗୀୟ ଗୌଡ଼ୀୟ ବୈଷ୍ଣବ କ୍ଷୁବ୍ଧ ଓ ହିଂସା ପରାୟଣ ହୋଇ ଜଗନ୍ନାଥ ଦାସଙ୍କ ବିରୁଦ୍ଧରେ ଗଜପତିଙ୍କ କର୍ଣ୍ଣରେ ଅନେକ ଗୁଜବ ଓ ମିଥ୍ୟା କଥା ଶୁଣାଇଥିଲେ ।

ଅତିବଡ଼ି ଗଜପତି ଓ ମହାରାଣୀଙ୍କ ପ୍ରଦତ୍ତ ରାଣୀ ଉଆସ (ଯାହାକି ପରବର୍ତ୍ତୀ ସମୟରେ ବଡ଼ ଓଡ଼ିଆ ମଠ ନାମରେ ପରିଚିତ ହୋଇଥିଲା ।) ପରିତ୍ୟାଗ କରି ମହୋଦଧି କୂଳରେ ମହାର୍ଦ୍ଧ କୁଡୁଆରେ ଏକ ଗୁମ୍ଫା ସଦୃଶ କୁଟୀର ନିର୍ମାଣ କରି ସାଧନାରେ ନିଗମ୍ନ ରହିଥିଲେ । କଥିତ ଅଛି ଅତିବଡ଼ି ମହୋଦଧିରାଜଙ୍କୁ ୭ଟି ଲହଡ଼ି ପଛକୁ ଘୁଞ୍ଚିଯିବାକୁ ଆକୁଳ ହୋଇ ପ୍ରାର୍ଥନା କରିଥିଲେ । ଅତିବଡ଼ିଙ୍କ ନିବେଦନରେ ସମୁଦ୍ରର ସାତଟି ଲହଡ଼ି ପଛକୁ ଘୁଞ୍ଚି ଯାଇଥିଲା । ସେହି ଅନୁସାରେ ଏହି ପୀଠଟି ପରବର୍ତ୍ତୀ ସମୟରେ 'ସାତ ଲହଡ଼ି ମଠ' ରୂପେ ନାମିତ ହୋଇଥିଲା, ଅତିବଡ଼ି ନିଜର ଶେଷ ଜୀବନ ଏହିଠାରେ ସାଧନାରେ ନିମଗ୍ନ ରହିଥିବା ବିଷୟ 'ଶ୍ରୀଜଗନ୍ନାଥ ଚରିତାମୃତ' ଗ୍ରନ୍ଥରେ ଉଲ୍ଲେଖ ରହିଛି । ଗବେଷକମାନଙ୍କ ମତରେ ୧୫୫୦ ଖ୍ରୀଷ୍ଟାବ୍ଦରେ ଅତିବଡ଼ିଙ୍କ ମହାପ୍ରୟାଣ ଘଟିଥିଲା । ସେ ସମୟକୁ ଅତିବଡ଼ିଙ୍କୁ ୬୦ ବର୍ଷ ବୟସ ହୋଇଥିଲା ।

ସାତ ଲହଡ଼ି ମଠର ପ୍ରାଚୀନ କଳାସ୍ଥାପତ୍ୟ ସମୟ ସ୍ରୋତରେ ପ୍ରାୟ ବିଲୁପ୍ତ ହୋଇ ଯାଇଥିଲେ ହେଁ ୧୯୫୭ ମସିହାରେ ଏହି ପବିତ୍ର ପୀଠର ପୁନରୁଦ୍ଧାର ପାଇଁ ଉଦ୍ୟମ ଆରମ୍ଭ ହୋଇଥିଲା । ସାତ ଲହଡ଼ି ମଠର ମୁଖ୍ୟ ସ୍ଥାପତ୍ୟ ହେଉଛି ଆଜକୁ ଦୀର୍ଘ ୩୫ ବର୍ଷ ପୂର୍ବେ ଏହି ପୀଠର ବିଜେସ୍ଥଳୀରେ ଥିବା ବହୁ ପ୍ରାଚୀନ ସମୟର ଗୁମ୍ଫା ସଦୃଶ କୁଡୁଆ ଘର । ଏପରିକି ଦୀର୍ଘ ୪୫୫ ବର୍ଷ ଧରି ରହିଥିବା କୁଡୁଆ ଘରଟି ୧୯୬୮ ମସିହା ପୂର୍ବରୁ ଉପଯୁକ୍ତ ରକ୍ଷଣାବେକ୍ଷଣ ଅଭାବରୁ ପ୍ରାୟ ଜରାଜୀର୍ଣ୍ଣ ହୋଇ ଯାଇଥିଲା । ସାତ୍ ଲହଡ଼ି ମଠ ସ୍ମୃତି କମିଟିର ଅନ୍ୟତମ ବରିଷ୍ଠ ସଦସ୍ୟ ଆଡ଼ଭୋକେଟ୍ ହରିହର ବାହିନୀପତି ଉକ୍ତ କୁଡୁଆ

Digitized by srujanika@gmail.com

ଘରଟିକୁ ସ୍ୱଚକ୍ଷୁରେ ଦେଖିଥିବା କଥା ପ୍ରକାଶ କରନ୍ତି ଯେ, ''ତାଙ୍କର ବାଲ୍ୟାବସ୍ଥାରେ ଏହି ମଠରେ ମହାପ୍ରସାଦ କୁଡୁଆ ଓ ବାଇହାଣ୍ଡିରେ ବାଲି ଭର୍ତ୍ତି, ସେ ସବୁର କାନ୍ଥ ଓ ଛାତ ଥାଇ, ଗୋଟିଏ କୁଡ଼ିଆ ବା ଗୁମ୍ଫା ଘର ରହିଥିଲା, ଶ୍ରୀମୁକୁନ୍ଦପୁରର ଜଣେ ବାନପ୍ରସ୍ଥୀ ବ୍ରାହ୍ମଣ ୰ ବୃନ୍ଦାବନ ତ୍ରିପାଠୀ ସେହି କୁଡୁଆରେ ରହି ଧ୍ୟାନ କରୁଥିଲେ ।'' ୧୯୬୦ ମସିହା ପୂର୍ବରୁ ଏହି ସାଧନା ପୀଠଟି ଅତ୍ୟନ୍ତ ଅବହେଳିତ ଅବସ୍ଥାରେ ରହିଥିଲା । କେବଳ ବଡ଼ ଓଡ଼ିଆ ମଠର ମଠାଧୀଶ ମାନଙ୍କ ପରଲୋକ ଗମନ ପରେ ଏହି ପୀଠରେ ସମାଧି ଦିଆଯାଇଥାଏ । ୧୯୬୭ ମସିହାରେ ଶ୍ରୀମନ୍ଦିରର ପୂର୍ବତନ ପ୍ରଶାସକ ଶ୍ରୀ ପରମାନନ୍ଦ ତ୍ରିପାଠୀଙ୍କ ତତ୍ତ୍ୱାବଧାନରେ ମଠଟିର ଜୀର୍ଣ୍ଣ ସଂସ୍କାର କାର୍ଯ୍ୟ କରାଯିବା ସମୟରେ ସେହି ମାହାର୍ଦ୍ଧ କୁଡୁଆ ଓ ହାଣ୍ଡିରେ ନିର୍ମିତ କୁଟୀର ବା ଗୁମ୍ଫା ଘରଟି ସଂପୂର୍ଣ୍ଣ ଭାବରେ ଧ୍ୱଂସ ପାଇଯାଇଥିଲା । ସେହି ସ୍ଥାନରେ ଗଢ଼ି ଉଠିଲା ଏକ କ୍ଷୁଦ୍ର କୋଠା ଘର । ତତ୍ ସହିତ ଶ୍ରୀଯୁକ୍ତ ତ୍ରିପାଠୀ ମହୋଦୟଙ୍କ ଉଦ୍ୟମରେ ପ୍ରାୟ ଅଢ଼େଇ ଫୁଟ ଉଚ୍ଚତା ବିଶିଷ୍ଟ ଅତିବଡ଼ିଙ୍କ ଏକ ସୁନ୍ଦର ମାର୍ବଲ ପ୍ରସ୍ତରର ମୂର୍ତ୍ତି ସେଠାରେ ପ୍ରତିଷ୍ଠିତ ହୋଇଥିଲା ।

ପ୍ରାୟ ଦୁଇ ଏକର ପରିମିତ ଜମି ଉପରେ ବର୍ତ୍ତମାନର ସାତ ଲହଡ଼ି ମଠଟି ବିଦ୍ୟମାନ ରହିଛି । ସମ୍ପ୍ରତି ସାତ ଲହଡ଼ି ମଠ ବିଜେସ୍ଥଳୀରେ ଅତିବଡ଼ୀ ଜଗନ୍ନାଥ ଗୋସ୍ୱାମୀଙ୍କ ମୂର୍ତ୍ତି ସମେତ ପତିତପାବନ, ରାଧାକୃଷ୍ଣ, ଶାଳଗ୍ରାମ ଓ ଭଗବତ ବାସୁଦେବ ପୋଥି ପୂଜା ପାଉଛନ୍ତି । ସ୍ମୃତି କମିଟି ଉଦ୍ୟମରେ ମନ୍ଦିରର ସଂଲଗ୍ନ ଜଗମୋହନ, ପାରାୟଣ ଗୃହ, ରୋଷଘର, ମଠ ଚତୁଃପାର୍ଶ୍ୱର ପ୍ରାଚୀର ଇତ୍ୟାଦି କାର୍ଯ୍ୟ ସଂପନ୍ନ ହୋଇଅଛି ।

ମଠରେ ପାଳିତ ଦୈନନ୍ଦିନ ନୀତି ମଧ୍ୟରେ ପ୍ରାତଃ ସମୟରେ ଠାକୁରମାନଙ୍କ ମଙ୍ଗଳ ଆରତୀ, ବାଲ୍ୟ ଭୋଗ, ତତ୍ପରେ ମଧ୍ୟାହ୍ନ ଧୂପ ଅର୍ଥାତ୍ ଅନ୍ନ ଭୋଗ, ରାତ୍ରରେ ବାଲ୍ୟ ଭୋଗ ଓ ପହୁଡ଼ ଇତ୍ୟାଦି ନୀତି ହୋଇଥାଏ । କମିଟି ତରଫରୁ ନିଯୁକ୍ତ ଜନୈକ ପୂଜାରୀଙ୍କ ଦ୍ୱାରା ଏହି କାର୍ଯ୍ୟ କରାଯାଉଅଛି । ଏତଦ୍‌ବ୍ୟତୀତ ପ୍ରତ୍ୟହ ସକାଳ କିମ୍ବା ସନ୍ଧ୍ୟା ସମୟରେ ଭାଗବତ ପାରାୟଣ ହୋଇଥାଏ । ବର୍ଷ ମଧ୍ୟରେ ମଠରେ ମୁଖ୍ୟତଃ ଦୁଇଟି ଉତ୍ସବ ପାଳିତ ହୁଏ । ଗୋଟିଏ ହେଉଛି ଭାଦ୍ର ଶୁକ୍ଳ ଅଷ୍ଟମୀ ତଥା ରାଧାଷ୍ଟମୀ ଦିନ ଅତିବଡ଼ି ଗୋସ୍ୱାମୀଙ୍କ ଜନ୍ମ ମହୋତ୍ସବ ଓ ଅନ୍ୟଟି ମାଘ ଶୁକ୍ଳ ସପ୍ତମୀ ଅର୍ଥାତ୍ ମାଘ ସପ୍ତମୀ ଦିନ ଅତିବଡ଼ୀଙ୍କ ତିରୋଭାବ ମହୋତ୍ସବ । ଉପରୋକ୍ତ ଦୁଇଟି ମହୋତ୍ସବ ଉପଲକ୍ଷେ ସ୍ମୃତି କମିଟି ପକ୍ଷରୁ ସାଂସ୍କୃତିକ ସମ୍ମେଳନ ତଥା ଅତିବଡ଼ିଙ୍କ ଜୀବନ ଚରିତ ଉପରେ ପ୍ରବଚନର ଆୟୋଜନ କରାଯାଇ ଭାଗବତ ବ୍ୟାଖ୍ୟା ଓ ମହାପ୍ରସାଦ ସେବନ ଆଦି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇ ଆସୁଅଛି । ସଂପ୍ରତି କମିଟିର ଉଦ୍ୟମରେ ବିଜେସ୍ଥଳୀର ବିଭିନ୍ନ ଉନ୍ନତିକର କାର୍ଯ୍ୟ, ପୁସ୍ତକ ପ୍ରକାଶନ, ମଠର ଦୈନନ୍ଦିନ ନୀତି, ଉତ୍ସବ ଇତ୍ୟାଦି ସୁଚାରୁରୂପେ ଅନୁଷ୍ଠିତ ହେଉଅଛି ।

❖❖❖

Digitized by srujanika@gmail.com

ତୀର୍ଥଯାତ୍ରୀ ପରିଚର୍ଯ୍ୟାରେ ମଠମାନଙ୍କର ଭୂମିକା

ପରମ ପବିତ୍ର ଶ୍ରୀକ୍ଷେତ୍ର ଧାମରେ ଦୀର୍ଘ ଆଠ ଶହ ବର୍ଷ ପୂର୍ବରୁ ଓଡ଼ିଶାର ଧର୍ମ ଓ ସାଂସ୍କୃତିକ ଇତିହାସରେ ପୁରୀସ୍ଥିତ ମଠ ମାନଙ୍କର ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ରହିଥିଲା । ଅଦ୍ୟାବଧି ବିଭିନ୍ନ ସମ୍ପ୍ରଦାୟର ଶତାଧିକ ମଠ ଏହି କ୍ଷେତ୍ରରେ ବିଦ୍ୟମାନ ।

ପୁରୀରେ ଶତାଧିକ ମଠ ସ୍ଥାପନର ମୂଳ ଉଦ୍ଦେଶ୍ୟ ଥିଲା ସନାତନ ଧର୍ମ ତଥା ଶ୍ରୀଜଗନ୍ନାଥ ଧର୍ମ ଓ ସଂସ୍କୃତିର ପ୍ରଚାର ପ୍ରସାର, ଜଗନ୍ନାଥ ଦର୍ଶନ ପାଇଁ ବିଦେଶାଗତ ଭକ୍ତ, ସାଧୁ, ସନ୍ଥ, ତୀର୍ଥ ଯାତ୍ରୀମାନଙ୍କ ପାଇଁ ଆଶ୍ରୟ ପ୍ରଦାନ ସହିତ ମହାପ୍ରସାଦରେ ସେମାନଙ୍କୁ ଆପ୍ୟାୟିତ କରିବା, ଗରୀବ ଓ ମେଧାବୀ ଛାତ୍ର ମାନଙ୍କ ରହଣୀ ଓ ପ୍ରସାଦର ବନ୍ଦୋବସ୍ତ ସର୍ବୋପରି ଶ୍ରୀଜଗନ୍ନାଥଙ୍କ ସେବା ପୂଜାରେ ନିଜକୁ ସଂଶ୍ଳିଷ୍ଟ କରିବା ଇତ୍ୟାଦି କାର୍ଯ୍ୟ ମୁଖ୍ୟ ଥିଲା । ଇତିହାସରୁ ଜଣାଯାଏଯେ, ତତ୍କାଳୀନ ସମୟରେ ଓଡ଼ିଶା ତଥା ଭାରତର ଅଧିକାଂଶ ଅଞ୍ଚଳରୁ ବିଭିନ୍ନ ଭାଷାଭାଷୀ ବ୍ୟକ୍ତିମାନଙ୍କ ମଧ୍ୟରେ ସୁ ସମ୍ପର୍କ ସ୍ଥାପନ ଦିଗରେ ଶ୍ରୀକ୍ଷେତ୍ରରେ ଥିବା ମଠ ମାନଙ୍କର ପ୍ରମୁଖ ଭୂମିକା ରହିଥିଲା । ବହୁ ପ୍ରାଚୀନ ସମୟରୁ ସାଧୁ, ସନ୍ଥ, ତୀର୍ଥ ଯାତ୍ରୀଗଣ ଉତ୍କଳକୁ ଆଗମନ ପୂର୍ବକ ଶ୍ରୀକ୍ଷେତ୍ରର ମଠ ମାନଙ୍କରେ ଉତ୍ତମ ଆତିଥେୟତା ଗ୍ରହଣକରି ପୁରୁଷୋତ୍ତମ କ୍ଷେତ୍ରର ଭୂୟସୀ ପ୍ରଶଂସା କରୁଥିଲେ । ଏଥି ସକାଶେ ପୁରୀରେ ଥିବା ଅଧିକାଂଶ ମଠ ମାନଙ୍କର ଶ୍ରୀଜଗନ୍ନାଥ ମନ୍ଦିର ସହ ସେବା ସଂପର୍କ ଗଢ଼ି ଉଠିବା ସହିତ ପୁରୀକୁ ଆସୁଥିବା ସ୍ୱଦେଶାଗତ ତଥା ବିଦେଶାଗତ ବିଶିଷ୍ଟ ବ୍ୟକ୍ତି ମାନଙ୍କ ଦାନ ଦ୍ୱାରା ଏହି ଅନୁଷ୍ଠାନ ଗୁଡ଼ିକ ସମୃଦ୍ଧି ଲାଭ କରିପାରିଥିଲା ।

ପୌରାଣିକ ତଥ୍ୟ ପ୍ରକାରେ ସ୍କନ୍ଦ ପୁରାଣର ଉତ୍କଳ ଖଣ୍ଡରେ କୁହାଯାଇଛିଯେ, ଦକ୍ଷିଣ ସମୁଦ୍ର ତୀରରେ ଯେଉଁ ଉତ୍କଳ ଦେଶ ପ୍ରତିଷ୍ଠିତ ହୋଇଅଛି, ତାହା ଅତି ପବିତ୍ରକାରକ । ସେହିପରି ଐତିହାସିକ ବିବରଣ ଅନୁଯାୟୀ ସୋମବଂଶୀ ରାଜତ୍ୱକାଳରୁ ଅର୍ଥାତ୍ ଖ୍ରୀଷ୍ଟିୟ ଦଶମ ଶତାବ୍ଦୀର ପ୍ରାରମ୍ଭରୁ ହିଁ ଏହି କ୍ଷେତ୍ର ପୁରୁଷୋତ୍ତମ କ୍ଷେତ୍ର ନାମରେ ପ୍ରସିଦ୍ଧି ଅର୍ଜନ କରିଥିବା ତଥା ଦେଶ ଦେଶାନ୍ତରରୁ ତୀର୍ଥଯାତ୍ରୀ ଓ ଭକ୍ତମାନେ ଏହି ସ୍ଥାନକୁ ଆଗମନ କରୁଥିବା ବିଷୟରେ ବିଭିନ୍ନ ଅଭିଲେଖରୁ ପ୍ରମାଣ ମିଳୁଅଛି । ଜଗଦ୍‌ଗୁରୁ ଶ୍ରୀ ଶଙ୍କରାଚାର୍ଯ୍ୟ ଏହି କ୍ଷେତ୍ରରେ ଶ୍ରୀ ପୁରୁଷୋତ୍ତମଙ୍କ ଉପାସନା ପ୍ରବର୍ତ୍ତନ କରିବା ପରେ ସୋମବଂଶୀ ରାଜାମାନେ

Digitized by srujanika@gmail.com

ଏହାର ପୃଷ୍ଠପୋଷକତା କରିଥିବାରୁ ସମ୍ଭବତଃ ଦେଶ ଦେଶାନ୍ତରରୁ ବହୁ ବରେଣ୍ୟ ପଣ୍ଡିତ ଭକ୍ତ ଏହି କ୍ଷେତ୍ରକୁ ଆଗମନ କରିଥିଲେ । ୧୦୩୧ ଖ୍ରୀଷ୍ଟାବ୍ଦରେ ପ୍ରବର୍ତ୍ତିତ ହୋଇଥିବା କାଳିଡ଼ିଣ୍ଡି ଅଭିଲେଖରେ ଶ୍ରୀଧାମ ଓ ପୁରୁଷୋତ୍ତମଙ୍କର ସୂଚନା ରହିଅଛି । ସେହିପରି ୧୧୩୭ ଖ୍ରୀଷ୍ଟାବ୍ଦର ଗୋବିନ୍ଦପୁର ଅଭିଲେଖ, ଏକାଦଶ ଶତାବ୍ଦୀର ପୂଜାରିପାଲୀ ଅଭିଲେଖ, ମୈହାର ଗ୍ରାମସ୍ଥ ଶାରଦା ଦେବୀ ମନ୍ଦିରର ଅଭିଲେଖ ପ୍ରଭୃତିରେ ସେ ସମୟର ବିଭିନ୍ନ ଭକ୍ତ, ତୀର୍ଥଯାତ୍ରୀ, ପରିବ୍ରାଜକ, ରାଜା, ଜମିଦାର, ପଣ୍ଡିତ, ସାଧୁସନ୍ଥ ପ୍ରଭୃତି ପବିତ୍ର ପୁରୁଷୋତ୍ତମ କ୍ଷେତ୍ରକୁ ତୀର୍ଥ ଯାତ୍ରା ପ୍ରସଙ୍ଗରେ ଆସିଥିବାର ସୂଚନା ମିଳୁଅଛି । ସୁତରାଂ ଉତ୍କଳ ପ୍ରଦେଶରେ ସୋମବଂଶୀ ରାଜତ୍ୱ ସମୟରୁ ହିଁ ଏହି କ୍ଷେତ୍ରଟି ଦେଶ ବିଦେଶରେ ଅତି ପ୍ରସିଦ୍ଧି ଲାଭ କରିଥିଲା । ବାସ୍ତବିକ୍ ସେହି ସମୟରୁ ହିଁ ଶ୍ରୀକ୍ଷେତ୍ରରେ ମଠ ମାନଙ୍କର ଉତ୍ପତ୍ତି ହୋଇଥିବାର ପ୍ରମାଣ ମିଳୁଅଛି ଯଦିଓ ଏହାର ଶହ ଶହ ବର୍ଷ ପୂର୍ବରୁ ଶ୍ରୀକ୍ଷେତ୍ରରେ ବୌଦ୍ଧ ସ୍ତୂପ ବା ମଠ ଓ ପ୍ରାଚୀନ ଚାରି ଆଶ୍ରମ ଯଥା ଅଙ୍ଗିରା, ଭୃଗୁ, ମାର୍କଣ୍ଡେୟ, ପଣ୍ଡୁ ଆଶ୍ରମ ଇତ୍ୟାଦି ପ୍ରତିଷ୍ଠିତ ହୋଇଥିଲା ବୋଲି କେତେକ ଗବେଷକ ପ୍ରକାଶ କରନ୍ତି । ଜଗଦ୍‌ଗୁରୁ ଆଦି ଶଙ୍କରାଚାର୍ଯ୍ୟଙ୍କ ଏହି କ୍ଷେତ୍ରକୁ ଆଗମନ କରିବା ପରେ (ଆନୁମାନିକ ୮୧୫ ଖ୍ରୀଷ୍ଟାବ୍ଦରୁ ୮୧୮ ଖ୍ରୀଷ୍ଟାବ୍ଦ ମଧ୍ୟରେ) ତାଙ୍କର ପ୍ରମୁଖ ଶିଷ୍ୟ ଆଚାର୍ଯ୍ୟ ପଦ୍ମପାଦ ସର୍ବ ପ୍ରଥମେ ଗୋବର୍ଦ୍ଧନ ମଠ ଓ ପରେ ପରେ ରାମାନୁଜଙ୍କ ଦ୍ୱାରା ପ୍ରତିଷ୍ଠିତ ରାମାନୁଜ କୋଟ, ଏମାର ମଠ, ଶଙ୍କରାନନ୍ଦ ମଠ, ଦକ୍ଷିଣପାର୍ଶ୍ୱ, ରାଘବ ଦାସ, ତ୍ରିମାଳୀ, ରେବସା, ଛାଉଁଣୀ, ଉତ୍ତରପାର୍ଶ୍ୱ, ରାଧାବଲ୍ଲଭ, ପାପୁଡ଼ିଆ, ରାଧାକାନ୍ତ ମଠ, ସିଦ୍ଧବକୁଳ ମଠ, ବଡ଼ଛତା, ସାନଛତା, ଲଙ୍ଗୁଳି, ବଡ଼ ଆଖେଡ଼ା, ପାପୁଡ଼ିଆ, ମଙ୍ଗୁ, ବାଉଳି, କବୀର ଚୌରା, ବଡ଼ସନ୍ଥ, ସାତାସନ, ଗୋପାଳ ତୀର୍ଥ, ଝାଞ୍ଜପିଟା, ରାଧାକାନ୍ତ, ସମାଧି ମଠ ପ୍ରଭୃତି ପ୍ରତିଷ୍ଠିତ ହୋଇ ତୀର୍ଥଯାତ୍ରୀଙ୍କ ଆତିଥେୟତାରେ ସହଯୋଗ ପୂର୍ବକ ଶ୍ରୀକ୍ଷେତ୍ରର ତଥା ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କର ପ୍ରସିଦ୍ଧି ଓ ଲୋକପ୍ରିୟତା ବଜାୟ ରଖି ପାରିଥିଲେ । ତେଣୁ ପୁରୀ ତଥା ଶ୍ରୀଜଗନ୍ନାଥ ଧାମର ପ୍ରଚାର, ପ୍ରସାର ଓ ଆତିଥେୟତାରେ ମଠାଧୀଶମାନଙ୍କର ଏକ ପ୍ରମୁଖ ଭୂମିକା ରହିଥିଲା ।

ଇତିହାସରୁ ଜଣାଯାଏ ଯେ, ଆଜକୁ ପ୍ରାୟ ଦୁଇ ଶହ ବର୍ଷ ପୂର୍ବେ ଶ୍ରୀକ୍ଷେତ୍ରରେ କୌଣସି ଧର୍ମଶାଳା କିମ୍ବା ଲଜିଂ ହାଉସ୍ ଇତ୍ୟାଦି ପ୍ରତିଷ୍ଠା ହୋଇ ନ ଥିଲା । ସାଧାରଣତଃ ତୀର୍ଥ ଯାତ୍ରୀମାନେ ସେବକମାନଙ୍କ ଗୃହ କିମ୍ବା ମଠ ମାନଙ୍କରେ ଆଶ୍ରୟ ନେଉଥିଲେ । ଦୀର୍ଘ ୮୦୦ ବର୍ଷ ମଧ୍ୟରେ ଶ୍ରୀକ୍ଷେତ୍ରକୁ ଆସିଥିବା ତୀର୍ଥ ଯାତ୍ରୀମାନେ ସେତେବେଳେ ମଠ ମାନଙ୍କରେ ରହି ପବିତ୍ରତାର ସହ ଶ୍ରୀବିଗ୍ରହମାନଙ୍କୁ ଦର୍ଶନ କରି ସନ୍ତୋଷ ମନରେ ଏହି

Digitized by srujanika@gmail.com

କ୍ଷେତ୍ରକୁ ପ୍ରତ୍ୟାବର୍ତ୍ତନ କରୁଥିଲେ । ଯାହା ଫଳରେ କି ପୁରୀରେ ଅବସ୍ଥାନ କରୁଥିବା ମଠାଧୀଶ ମାନଙ୍କର ଏକ ସ୍ୱତନ୍ତ ସମ୍ମାନ ସମଗ୍ର ଭାରତ ବର୍ଷରେ ରହି ପାରିଥିଲା । ମଠାଧୀଶମାନଙ୍କ ଆତିଥେୟତାରେ ମୁଗ୍ଧ ହୋଇ ଭାରତ ସମେତ ସୁଦୂର ନେପାଳରୁ ମଧ୍ୟ ତୀର୍ଥ ଯାତ୍ରୀମାନେ ପ୍ରତି ବର୍ଷ ଶ୍ରୀକ୍ଷେତ୍ରକୁ ଆଗମନ କରୁଥିଲେ । ସେତେବେଳେ ପୁରୀ ସହରକୁ ଗମନାଗମନର ସୁବିଧା ନଥିଲେ ହେଁ ବହୁ ବାଧାବିଘ୍ନ ସତ୍ତ୍ୱେ ଏହି କ୍ଷେତ୍ରରେ ସେମାନେ ପଦାର୍ପଣ କରି ମଠ ପରମ୍ପରାର ଆତିଥେୟତାରେ ମୁଗ୍ଧ ହୋଇଯାଉଥିଲେ । ଆସିବା ପଥରେ ତୀର୍ଥଯାତ୍ରୀ ମାନେ ଯେଉଁ କଷ୍ଟ ଅଙ୍ଗେ ନିଭାଉଥିଲେ ତାହା ପ୍ରତ୍ୟାବର୍ତ୍ତନ ସମୟକୁ ପ୍ରାୟ ଭୁଲି ଯାଉଥିଲେ । ଏପରିକି ଉତ୍ତମ ଆତିଥେୟତା, ଈଶ୍ୱର ଉପାସନା ଓ ଧର୍ମ ଚର୍ଚ୍ଚାରେ ପ୍ରଭାବିତ ହୋଇ ପୁରୀର ବିଭିନ୍ନ ମଠାଧୀଶ ମାନଙ୍କର ସମଗ୍ର ଭାରତ ବର୍ଷରେ ଲକ୍ଷାଧିକ ଶିଷ୍ୟ ସୃଷ୍ଟି ହୋଇ ପାରିଥିଲେ ।

ପୁରୀର ବିଭିନ୍ନ ସମ୍ପ୍ରଦାୟର ପ୍ରାଚୀନ ମଠ ମାନଙ୍କର ମଠାଧୀଶ ବା ମହନ୍ତମାନେ ଅତୀତରେ ଭାରତ ବର୍ଷର ବିଭିନ୍ନ ରାଜ୍ୟ ପରିଭ୍ରମଣ କରି ଶ୍ରୀକ୍ଷେତ୍ରର ମହାତ୍ମ୍ୟ ତଥା ଶ୍ରୀଜଗନ୍ନାଥ ସଂସ୍କୃତିର ପ୍ରଚାର କରି ଆସୁଥିଲେ । ଫଳରେ ତୀର୍ଥ ଯାତ୍ରୀମାନେ ଶ୍ରୀକ୍ଷେତ୍ରକୁ ଆସିବାକୁ ପ୍ରବଳ ଭାବେ ଆକୃଷ୍ଟ ହେଉଥିଲେ । ବିଶେଷ କରି ପୁରାତନ ସାପ୍ତାହିକୀ ସମ୍ବାଦପତ୍ର ''ଉତ୍କଳ ଦୀପିକା'' ଏବଂ 'ଚୈତନ୍ୟ ଚରିତାମୃତ' ପ୍ରଭୃତି ଗ୍ରନ୍ଥରୁ ଜଣାଯାଏଯେ, ଶ୍ରୀକ୍ଷେତ୍ରରେ ପାଳିତ ଦୋଳ ଯାତ୍ରା, ସ୍ନାନ ଯାତ୍ରା, ରଥ ଯାତ୍ରା, ଗଙ୍ଗା ସାଗର ପ୍ରଭୃତି ଉତ୍ସବ ମାନଙ୍କରେ ହଜାର ହଜାର ସଂଖ୍ୟକ ତୀର୍ଥଯାତ୍ରୀ, ସାଧୁ ସନ୍ଥ ମାନଙ୍କ ସମାଗମ ହେଉଥିଲା । କ୍ଷେତ୍ରର ପ୍ରସିଦ୍ଧି ଓ ଲୋକପ୍ରିୟତା ଯୋଗୁଁ ବହୁ ଆଧ୍ୟାତ୍ମିକବାଦୀ ଗୁରୁ, ବିଶିଷ୍ଟ ସାମ୍ପ୍ରଦାୟିକ ଗୁରୁବର୍ଗ ଯଥା ମାଧ୍ୱାଚାର୍ଯ୍ୟ, ବଲ୍ଲଭାଚାର୍ଯ୍ୟ, ନାନକ; କବୀର, ଶ୍ରୀ ଚୈତନ୍ୟ, ଠାକୁର ହରି ଦାସ, ରାମାନୁଜ, ଶ୍ରୀଚାନ୍ଦ, ସାର୍ବଭୌମ, ନିମ୍ବାର୍କ, ମୀରାବାଈ, ଜୟଦେବ, ଶ୍ରୀରାମ ଦାସ, ଶ୍ରୀ ଭେଙ୍କଟ ସ୍ୱାମୀ ପ୍ରମୁଖ ଏଠାକୁ ଆଗମନ ପୂର୍ବକ କିଛିକାଳ ଅବସ୍ଥାନ କରି ଶ୍ରୀଜଗନ୍ନାଥ ସଂସ୍କୃତି ଓ ପୁରୀର ମଠାଧୀଶମାନଙ୍କ ସଂସ୍ପର୍ଶରେ ଆସି ନିଜକୁ କୃତାର୍ଥ ମଣିଛନ୍ତି । ଅପରପକ୍ଷରେ ପୁରୀର ବିଭିନ୍ନ ପ୍ରସିଦ୍ଧ ମଠ ମାନଙ୍କରେ ସାଧୁସନ୍ଥ ତଥା ତୀର୍ଥ ଯାତ୍ରୀଙ୍କ ନିମିତ୍ତ ମଠ ପକ୍ଷରୁ ପ୍ରସାଦିର ବନ୍ଦୋବସ୍ତ କରାଯାଉଥିଲା । ଯାହାଫଳରେ କି ଶ୍ରୀମନ୍ଦିରରେ ଖଟଣି ଭୋଗର ସୃଷ୍ଟି ହୋଇ ପାରିଥିଲା । ସେତେବେଳେ ୩୦ରୁ ଉର୍ଦ୍ଧ୍ୱ ମଠ ମାନଙ୍କ ପକ୍ଷରୁ ପ୍ରତ୍ୟହ ଶ୍ରୀମନ୍ଦିରରେ ଖଟଣି ଭୋଗ କରାଯାଇ ତୀର୍ଥଯାତ୍ରୀ, ସାଧୁସନ୍ଥ, ମଠର ବିଭିନ୍ନ କାର୍ଯ୍ୟରେ ସଂପୃକ୍ତ ବାବାଜୀ, ବୈଷ୍ଣବ ଓ କର୍ମଚାରୀ ଇତ୍ୟାଦି ମାନଙ୍କୁ ମହାପ୍ରସାଦରେ ଆପ୍ୟାୟିତ କରାଯାଉଥିଲା । ସମ୍ପ୍ରତି ସେହି ପରମ୍ପରାର କେତେକାଂଶ କ୍ଷୁର୍ଣ୍ଣ ହୋଇଥିଲେ

Digitized by srujanika@gmail.com

ହେଁ ଅଦ୍ୟାବଧି ଶ୍ରୀକ୍ଷେତ୍ରର ପ୍ରସିଦ୍ଧ ଏମାର ମଠ, ବଡ଼ ଓଡ଼ିଆ ମଠ, ରାଘବ ଦାସ ମଠ, ଦକ୍ଷିଣ ପାର୍ଶ୍ୱ ମଠ, ଜଗନ୍ନାଥ ବଲ୍ଲଭ ମଠ, ଉତ୍ତରାପାର୍ଶ୍ୱ ମଠ, ଜିୟର ସ୍ୱାମୀ ମଠ, ବଡ଼ଛତା ମଠ, ଗୋବର୍ଦ୍ଧନ ମଠ, ରାଧାବଲ୍ଲଭ ମଠ, ରେବସା, ତ୍ରିମାଳୀ ମଠ ପକ୍ଷରୁ ଶ୍ରୀମନ୍ଦିରରେ ଖଟଣି ଭୋଗ ହେଉଥିବାର ଜଣାଯାଏ । ଯେଉଁଥି ପାଇଁକି ମଠାଧୀଶମାନଙ୍କ ମାରଫତ୍‌ରେ ଶ୍ରୀମନ୍ଦିର ରୋଷଶାଳାରେ ୭୦ରୁ ଉର୍ଦ୍ଧ୍ୱ ଚୁଲି ବିଭିନ୍ନ ଗଜପତି ମହାରାଜାମାନେ ସନନ୍ଦ, ଛାମୁ ଚିଟାଉ ଦ୍ୱାରା ପ୍ରଦତ୍ତ କରିଛନ୍ତି । ଏଥି ସହିତ ଅତୀତରେ କେତେକ ମଠ ପକ୍ଷରୁ ଅନ୍ନଛତ୍ରର ବ୍ୟବସ୍ଥା ମଧ କରାଯାଉଥିଲା । ବର୍ତ୍ତମାନ ପୁରୀର ସାନଛତା ମଠ ସେହି ଅନ୍ନଛତ୍ର ପରମ୍ପରାକୁ ଏବେ ବି ଅକ୍ଷୁର୍ଣ୍ଣ ରଖି ପାରିଛନ୍ତି ।

ମଠ ସୂତ୍ରରୁ ଜଣାଯାଏଯେ, ଦୀର୍ଘ ଶହ ଶହ ବର୍ଷ ଧରି ରଥଯାତ୍ରା ସମୟରେ ପୁରୀର ପାପୁଡ଼ିଆ, ସାନ ଛତା, ମଙ୍ଗୁ, ବଳରାମ କୋଟ, ଜିୟରସ୍ୱାମୀ, ଗୋବର୍ଦ୍ଧନ, ରେବସା, ଉତ୍ତରପାର୍ଶ୍ୱ, ତ୍ରିମାଳୀ ପ୍ରଭୃତି ମଠ ମାନଙ୍କରେ ଭାରତ ବର୍ଷର ବିଭିନ୍ନ ସ୍ଥାନରୁ ବହୁ ସାଧୁ ସନ୍ଥ, ମଠର ଶିଷ୍ୟବର୍ଗ, ତୀର୍ଥ ଯାତ୍ରୀ ଆଶ୍ରୟ ନେଇଥାନ୍ତି । ଏପରିକି କେତେକ ମଠ ପକ୍ଷରୁ ସେମାନଙ୍କ ପାଇଁ ପ୍ରସାଦିର ବନ୍ଦୋବସ୍ତ କରାଯାଇଥାଏ । ଏଥି ପାଇଁ ଗଙ୍ଗବଂଶ ରାଜାମାନଙ୍କ ଠାରୁ ଆରମ୍ଭ କରି ମରହଟ୍ଟା ଶାସକ, ଭୋଇ ବଂଶର ରାଜା, ବହୁ ଧନାଢ଼୍ୟ ବ୍ୟକ୍ତି ବିଶେଷମାନେ ମଠ ମାରଫତ୍‌ରେ ହଜାର ହଜାର ଏକର ଅମୃତ ମଣୋହି ସମ୍ପତ୍ତି ଦାନ କରିଥିବାର ଯଥେଷ୍ଟ ପ୍ରମାଣ ମିଳୁଅଛି । ଏହି ସମ୍ପତ୍ତି ଗୁଡ଼ିକରୁ ଆଦାୟ ହେଉଥିବା ଆୟର ମୁଖ୍ୟ ଅଂଶ ମଠାଧିପତିମାନେ ଅମୃତ ମଣୋହି ଭୋଗ କରି ମଠ ମାନଙ୍କରେ ସାମୟିକ ଅବସ୍ଥାନ କରୁଥିବା ତୀର୍ଥ ଯାତ୍ରୀ, ସାଧୁସନ୍ଥ, ବିଦ୍ୟାର୍ଥୀ ମାନଙ୍କ ଉଦ୍ଦେଶ୍ୟରେ ବିନିଯୋଗ କରୁଥିଲେ । ଏପରିକି ଦୁଃଖୀ, ରଙ୍କୀ, ଭିକାରୀ ଖାଲି ହସ୍ତରେ ମଠରୁ କେହି ଫେରୁ ନଥିଲେ । ସୁତରାଂ ମଠାଧିକାରୀ ମାନଙ୍କ ଏଭଳି ଉଦାରତା ଓ ଧର୍ମ ପରାୟଣଗତା ସ୍ୱଭାବ ଯୋଗୁଁ ତତ୍‌କାଳୀନ ସମୟରେ ଶ୍ରୀକ୍ଷେତ୍ରରେ ଏକ ଦୃଢ଼ ଧାର୍ମିକ ବଳୟ ସୃଷ୍ଟି ହୋଇ ପାରିଥିଲା ।

ପୁରୁଷୋତ୍ତମ କ୍ଷେତ୍ରର ପବିତ୍ର ଭୂମିରେ ଯେଉଁ ସବୁ ମଠବାଡ଼ି ଆଶ୍ରମ ଏକଦା ଉତ୍କଳର ସାଂସ୍କୃତିକ ସଂହତିକୁ ସୁଦୃଢ଼ କରିବା ପାଇଁ ଗଢ଼ି ଉଠିଥିଲା । ତାହା ଆଜି ଅନେକାଂଶରେ ଲୋପ ପାଇ ସାରିଲାଣି । ତଥାପି ଅତୀତର ସେହି ସଂସ୍କୃତିର ସ୍ମୃତି ଏବେବି ଶ୍ରୀକ୍ଷେତ୍ରରେ ଉଜ୍ଜୀବିତ ରହିଅଛି । (ପୁରୀ ଆକାଶବାଣୀ ସୌଜନ୍ୟରୁ ପ୍ରଚାରିତ)

❖❖❖

Digitized by srujanika@gmail.com

ପରିଶିଷ୍ଟ- ୧

ଶ୍ରୀକ୍ଷେତ୍ରର ବିଭିନ୍ନ ମଠର ମହନ୍ତ /ଅଧିକାରୀ/ ପରିଚାଳକ/ ପୀଠାଧୀଶ / କାର୍ଯ୍ୟ ନିର୍ବାହୀ ଅଧିକାରୀଙ୍କ ନାମ

୧. ଗୋବର୍ଦ୍ଧନ ମଠ - ଜଗତ୍‌ଗୁରୁ ସ୍ୱାମୀ ଶ୍ରୀ ଶ୍ରୀ ନିଶ୍ଚଳାନନ୍ଦ ସରସ୍ୱତୀ (ପୀଠାଧୀଶ)

୨. ଏମାର ମଠ - ଶ୍ରୀ ରାଜ ଗୋପାଳଚାରୀ ରାମାନୁଜ ଦାସ (ମଠାଧୀଶ)

୩. ମଙ୍ଗୁ ମଠ - ଶ୍ରୀ ବୈଦ୍ୟନାଥ ଦାଶ (ମଠାଧୀଶ)

୪. ଉତ୍ତରପାର୍ଶ୍ୱ ମଠ - ଶ୍ରୀ ବଦ୍ରୀ ନାରାୟଣ ରାମାନୁଜ ଦାସ (ମଠାଧୀଶ)

୫. ବଡ଼ ଛତା ମଠ - ଶ୍ରୀ ରାମ ସ୍ୱରୂପ ଦାସ (ମହନ୍ତ)

୬. କଟକୀ ମଠ - ଡ଼ଃ ବିଜୟ ନାରାୟଣ ରାମାନୁଜ ଦାସ (ମହନ୍ତ)

୭. ଛାଉଣୀ ମଠ -ଶ୍ରୀ ରଘୁବୀର ଦାସ (ମଠାଧୀଶ)

୮. ବଳରାମ କୋଟ ମଠ - ଶ୍ରୀ ରଘୁବୀର ଦାସ (ମଠାଧୀଶ)

୯. ରାଧା ବଲ୍ଲଭ ମଠ- ଶ୍ରୀ ରାମକୃଷ୍ଣ ଦାସ (ମହନ୍ତ)

୧୦. ନାଗା ମଠ - ଶ୍ରୀ ସଚ୍ଚିଦାନନ୍ଦ ଦାସ ଗୋସ୍ୱାମୀ (ମହନ୍ତ)

୧୧. ଦକ୍ଷିଣ ପାର୍ଶ୍ୱ ମଠ - ଶ୍ରୀନିବାସ ରାମାନୁଜ ଦାସ (ମହନ୍ତ)

୧୨. ଗୋପାଳ ତୀର୍ଥ ମଠ - ଶ୍ରୀ ବିକ୍ରମ କେଶରୀ ସାମନ୍ତରା - ଇଣ୍ଟରିମ୍ ଟ୍ରଷ୍ଟି (ମ୍ୟାନେଜର)

୧୩. ଘୁମୁସର ମଠ - ବଡ଼ ଛତା ମଠାଧୀଶ ଶ୍ରୀ ରାମ ସ୍ୱରୂପ ଦାସ ଏହି ମଠର ତତ୍ତ୍ୱାବଧାରକ ରହିଛନ୍ତି ।

୧୪. ନେବଳ ଦାସ ମଠ - ଶ୍ରୀ ଗୋବିନ୍ଦ ଚନ୍ଦ୍ର ଦାସ (ମହନ୍ତ)

୧୫. ନନ୍ଦିନୀ ମଠ - ଶ୍ରୀ କିଶୋର ଚନ୍ଦ୍ର ଦାସ (ପ୍ରିୟାଙ୍କୁ) (ମହନ୍ତ)

୧୬. ରେବସା ମଠ- ଶ୍ରୀ ରାଘବେନ୍ଦ୍ର ପ୍ରପନ୍ନ ରାମାନୁଜ ଦାସ (ମଠାଧୀଶ)

୧୭. ସାନଛତା ମଠ - ଶ୍ରୀ ରାମ ଭୂଷଣ ଦାସ (ମଠାଧୀଶ)

୧୮. ଦଶାବତାର ମଠ - ବଡ଼ଛତା ମଠ ଅଧୀନରେ ରହିଅଛି ।

୧୯. କୁଞ୍ଜ ମଠ - ଶ୍ରୀକୃଷ୍ଣ କେଶବା ନନ୍ଦ ଦେବ ଗୋସ୍ୱାମୀ,(ଅଧିକାରୀ)

୨୦. ବଡ଼ ଝାଡୁ ମଠ - ଶ୍ରୀ ଜୟଗୋବିନ୍ଦ ରାମାନୁଜ ଦାସ, (ମହନ୍ତ)

୨୧. ରାଧାକାନ୍ତ ମଠ - ମହନ୍ତ ଶ୍ରୀ ଧ୍ୟାନ ଚନ୍ଦ୍ର ଦାସ ଗୋସ୍ୱାମୀ

Digitized by srujanika@gmail.com

୨୨. ଗଙ୍ଗାମାତା ମଠ - ଶ୍ରୀ ବଳରାମ ଦାସ ଗୋସ୍ୱାମୀ, (ମହନ୍ତ)

୨୩. ବଡ଼ ଓଡ଼ିଆ ମଠ - ମହନ୍ତ ଶ୍ରୀ ବଂଶୀଧର ଦାସ ଗୋସ୍ୱାମୀ (ଇଣ୍ଟରିମ୍ ଟ୍ରଷ୍ଟି)

୨୪. ସିଦ୍ଧ ବକୁଳ ମଠ - ମହନ୍ତ ଶ୍ରୀ ଶ୍ରୀନିବାସ ଦାସ

୨୫. ରାମଜୀ ମଠ - ମହନ୍ତ ଶ୍ରୀ ବଂଶୀଧର ଦାସ

୨୬. ହରିଦାସ ଠାକୁର ସମାଧି ମଠ - ଅଧ୍ୟକ୍ଷ ଶ୍ରୀ ଅଦ୍ୱୈତ ଚରଣ ଦାସ

୨୭. ଝାଞ୍ଜପିଟା ମଠ - ଅଧ୍ୟକ୍ଷ ଶ୍ରୀ ସଚ୍ଚିଦାନନ୍ଦ ଦାସ

୨୮. ଗିରିଧାରୀ ସାତ ଆସନ - ମହନ୍ତ ଶ୍ରୀ କୃଷ୍ଣ ଚରଣ ଦାସ

୨୯. ମଦନ ମୋହନ ଆସନ -ନାଗା ବାବା ଶ୍ରୀ ମୁରଲୀଧର ଦାସ

୩୦. ରାଧା କିଶୋର ଜୀଉ ମଠ - ମହନ୍ତ ଶ୍ରୀ କୃଷ୍ଣ ଚୈତନ୍ୟ ଦାସ

୩୧. ପୌର୍ଣ୍ଣମାସୀ ମଠ - ମହନ୍ତ ଶ୍ରୀ ଅଦ୍ୱୈତ ଚରଣ ଦାସ

୩୨. ସାନ ମଠ - ମହନ୍ତ ଶ୍ରୀ ବୈଷ୍ଣବ ଚରଣ ଦାସ

୩୩. ଗୋପାଳଜୀ ମଠ -ମହନ୍ତ ଶ୍ରୀ ହରମୋହନ ଦାସ

୩୪. ବାୟା ବାବା ମଠ - ଅଧ୍ୟକ୍ଷ, ଶ୍ରୀ ବଳଭଦ୍ର ଦାସ

୩୫. ରାସ ବିହାରୀ ମଠ- ଅଧ୍ୟକ୍ଷ, ଶ୍ରୀ ନିତ୍ୟାନନ୍ଦ ଦାସ

୩୬. ଚିକିଟୀ ମଠ - ମହନ୍ତ ଶ୍ରୀ ବ୍ରଜେନ୍ଦ୍ର ମୋହନ ଦାସ

୩୭. ହାବେଲୀ ମଠ - ମହନ୍ତ ଶ୍ରୀ ବ୍ରଜ କିଶୋର ଦାସ

୩୮. ସୁରଙ୍ଗୀ ମଠ - ମହନ୍ତ ଶ୍ରୀ ବ୍ରଜେନ୍ଦ୍ର ନନ୍ଦନ ଦାସ

୩୯. କୃଷ୍ଣବଳରାମ ସାତାସନ - ବାବା ଶ୍ରୀ ଅଚ୍ୟୁତ ଦାସ

୪୦. ଭୃଗୋତ୍ରୀ ମୋହିନୀ ମଠ - ମହନ୍ତ ଶ୍ରୀ ଶ୍ରୀନିବାସ ଦାସ

୪୧. ରାମ ଦାସ ମଠ - ବାବା ଶ୍ରୀ ଶଚୀନନ୍ଦନ ଦାସ

୪୨. ରାଧାଶ୍ୟାମ ମଠ - ମହନ୍ତ ଶ୍ରୀ ସୁବଳ ଚରଣ ଦାସ

୪୩. ତରଳା ମଠ (ବଡ଼) - ପରିଚାଳକ, ଶ୍ରୀ କୃଷ୍ଣ ଚରଣ ଦାସ

୪୪. ଖଜୁରିଆ ମଠ - ମହନ୍ତ ଶ୍ରୀ ସନାତନ ଦାସ

୪୫. ବଡ଼ ମଠ - ମହନ୍ତ ଶ୍ରୀ ଗୋବିନ୍ଦ ଚନ୍ଦ୍ର ଦାସ

୪୬. କଣାସ ମଠ - ମହନ୍ତ ଶ୍ରୀ ପୂର୍ଣ୍ଣଚନ୍ଦ୍ର ଦାସ

୪୭. ନିର୍ମୋହି ଆଖେଡ଼ା ମଠ - ନାଗା ଶ୍ରୀ ବାମନ ଚରଣ ଦାସ

Digitized by srujanika@gmail.com

୪୮. ପାପୁଡ଼ିଆ ମଠ - ଶ୍ରୀ ରାମକୃଷ୍ଣ ଦାସଜୀ (ମହନ୍ତ)

୪୯. ରାଘବ ଦାସ ମଠ - ମହନ୍ତ ଶ୍ରୀ ଅନିରୁଦ୍ଧ ରାମାନୁଜ ଦାସ, ଆଇ.ଏ.ଏସ୍.,
କାର୍ଯ୍ୟନିର୍ବାହୀ ଅଧିକାରୀ - ଶ୍ରୀ ଅନାମ ଚନ୍ଦ୍ର ଦଳେଇ

୫୦. ସାତ ଲହଡ଼ି ମଠ - ସଭାପତି, ଜିଲ୍ଲାପାଳ, ପୁରୀ

ସଂପାଦକ, ଶ୍ରୀ ରାମ ନାରାୟଣ ମିଶ୍ର, ଓ.ଏ.ଏସ୍

୫୧. ଦର୍ପନାରାୟଣ ମଠ - ଅଧିକାରୀ ଶ୍ରୀ ଜ୍ଞାନେନ୍ଦ୍ର ନାରାୟଣ ବ୍ରହ୍ମଚାରୀ

୫୨. ତ୍ରିମାଳୀ ମଠ - ଶ୍ରୀ ଶ୍ରୀନିବାସ ରାମାନୁଜ ଦାସ (ମହନ୍ତ)

୫୩. ପଞ୍ଜାବୀ ମଠ - ଶ୍ରୀ ବଳରାମ ଦାସ, (ମହନ୍ତ)

୫୪. ବାଉଳି ମଠ - ମହନ୍ତ ଶ୍ରୀ ସତ୍ୟ ନାରାୟଣ ଦାସ

୫୫. କବୀର ଚୌରା ମଠ - ମହନ୍ତ ଶ୍ରୀ ଧ୍ରୁବ ଚରଣ ଦାସ

୫୬. ଅଯୋଧ୍ୟା ଦାସ ମଠ - ଶ୍ରୀ ଦୀନବନ୍ଧୁ ଦାସ (ତତ୍ତ୍ୱାବଧାରକ)

୫୭. ରାଧାକୃଷ୍ଣ ମଠ - ମହନ୍ତ ଶ୍ରୀ ସୁବଳ ଚରଣ ଦାସ

୫୮. ବିଦୁର ମଠ - ଶ୍ରୀ ରଘୁବୀର ଦାସ (ମହନ୍ତ)

୫୯. ଭେଙ୍କଟାଚାରୀ ମଠ - ଶ୍ରୀମତ୍ ତ୍ରିରୁମଲ୍ଲ ପେଦେଣ୍ଟି ସମ୍ପତ୍ କୁମାର
ଶ୍ରୀ କୁମାର ଭେଙ୍କାଟାଚାରୀ ସ୍ୱାମୀ (ମଠାଧୀଶ)

୬୦. ବଳଗଣ୍ଡି ଛତା ମଠ - ମହନ୍ତ ଶ୍ରୀ ପ୍ରେମାନନ୍ଦ ଦାସ

୬୧. ସାନ ଝାଡୁ ମଠ - ଶ୍ରୀ ସୟମନ୍ତକମଣି ରାମାନୁଜ ଦାସ

୬୨. ଲକ୍ଷ୍ମୀଭଦ୍ର ମଠ (ଲଙ୍ଗୁଳି ମଠ) - ମହନ୍ତ ଶ୍ରୀ ସୋମନାଥ ପୁରୀ

୬୩. ସମାଧି ମଠ - ଶ୍ରୀ ମାଧବ ପ୍ରପନ୍ନ ରାମାନୁଜ ଦାସ (ମଠାଧୀଶ)

୬୪. ମହୀପ୍ରକାଶ ମଠ - ଶ୍ରୀ ପଦ୍ମନାଭ ମହାସୁଆର, କାର୍ଯ୍ୟନିର୍ବାହୀ ଅଧିକାରୀ

୬୫. କାପୁଡ଼ିଆ ମଠ - ଶ୍ରୀ ମଣିରାମ ଦାସ

୬୬. ଜିୟରସ୍ୱାମୀ ମଠ - ଶ୍ରୀ ଇନ୍ଦ୍ରାରମଣ ରାମାନୁଜ ଦାସ

❖❖❖

Digitized by srujanika@gmail.com

ପରିଶିଷ୍ଟ - ୨

'ଶ୍ରୀ ମର୍ତ୍ତ୍ୟ ବୈକୁଣ୍ଠ' ପତ୍ରିକାରେ ପ୍ରକାଶିତ ଶ୍ରୀକ୍ଷେତ୍ରରେ ପ୍ରତିଷ୍ଠିତ ମଠ ମାନଙ୍କର ସାହି ଓ୍ୟାରି ତାଲିକା

<u>ବାଲି ସାହି</u>

୧. ବାଲି ମଠ ଓରଫ ଶଙ୍କରାଚାର୍ଯ୍ୟ ମଠ (ଗୋବର୍ଦ୍ଧନ ମଠ)

୨. ଶଙ୍କରାନନ୍ଦ ମଠ

୩. ଗୋପାଳ ତୀର୍ଥ ମଠ

୪. ଶିବ ତୀର୍ଥ ମଠ

୫. କବିର ମଠ ଓରଫ୍ କବିର ଚଉରା

୬. ବିଦୁର ମଠ ଓରଫ୍ ମୁଲକ ଚଉରା

୭. ବାଉଳି ମଠ ଓରଫ୍ ନାନକ ଚଉରା

୮. ସ୍ୱର୍ଗଦ୍ୱାର ମଠ ଓରଫ୍ ସ୍ୱର୍ଗଦ୍ୱାର ଛତା

୯. ବଡ଼ ତରଳା ମଠ

୧୦. ସାନ ତରଳା ମଠ

୧୧. ଭେଙ୍କଟାଚାରୀ ମଠ

୧୨. ଗିରିସ୍ୱାମୀ ମଠ (ଜିୟରସ୍ୱାମୀ ମଠ)

୧୩. ବଉଳ ମଠ ବା ସିଦ୍ଧ ବକୁଳ ମଠ

୧୪. ରାଧାକାନ୍ତ ମଠ

୧୫. ଗଙ୍ଗାମାତା ମଠ

୧୬. ହରିଡ଼ାଖଣ୍ଡି ମଠ

୧୭. ସମାଦି ମଠ

୧୮. ବଡ଼ ଝାଡୁ ମଠ

୧୯. ସାନ ଝାଡୁ ମଠ

Digitized by srujanika@gmail.com

୨୦. ବଡ଼ ମଠ ଓରଫ୍ ଶ୍ରୀରାମ ଦାସ

୨୧. କୌଶଲ୍ୟା ଦାସ ମଠ

୨୨. ରାଘବ ଦାସ ମଠ

୨୩. ଲୁଣିଆ ଚଉଧୁରୀ ମଠ

୨୪. ପଞ୍ଜାବି ମଠ

୨୫. କୁଞ୍ଜ ମଠ

୨୬. ଜଗତ ମୋହିନୀ ମଠ

୨୭. ଜୟପୁର ମଠ

୨୮. ଚିକିଟି ମଠ

<u>ଗୌଡ ବାଡ଼ ସାହି</u>

୧. ସାତ ଲହଡ଼ି ମଠ ବା ସାତ ବଖରା

୨. ସାତ ଆସନ ମଠ

୩. ପୁରୁଷୋତ୍ତମ ମଠ

୪. ହରିଦାସ ମଠ ଓରଫ୍ ଭଜନ କୋଠି

୫. ତୋଟା ଗୋପୀନାଥ ମଠ

୬. ସୁନା ଗୋସ୍ୱାମୀ ମଠ

<u>ବାସେଲି ସାହି</u>

୧. ବଡ଼ ଓଡ଼ିଆ ମଠ

୨. ସାନ ଓଡ଼ିଆ ମଠ

୩. ଖଜୁରିଆ ମଠ

୪. କିମ୍ବିରିଆ ମଠ

୫. ହାତୀ ଗୁରୁଦେବ ମଠ

Digitized by srujanika@gmail.com

ହରଚଣ୍ଡୀ ସାହି

୧. ମହିପ୍ରକାଶ ମଠ

୨. ନାଗା ମଠ

୩. ସୁରଙ୍ଗି ମଠ

୪. ପୋଡ଼ା ମଠ

୫. ସୁଦର୍ଶନ ମହଲା (ଓଡ଼ିଆ ମଠର)

୬. ଦୁଃଖୀଶ୍ୟାମ ବାବା ମଠ

୭. ଫଳାହାରୀ ମଠ

ମାର୍କଣ୍ଡେଶ୍ୱର ସାହି

୧. ବଡ଼ସନ୍ଥ ମଠ

୨. ସାନସନ୍ଥ ମଠ

୩. ନନ୍ଦିନୀ ମଠ

୪. କଟକୀ ମଠ

୫. କଣାସ ମଠ

୬. କଳିତିଳକ ମଠ

୭. କୃପା ସମୁଦ୍ର ମଠ

୮. ବାଲି ମଠ

୯. ତ୍ରିମାଳି ମଠ

୧୦. ଉତ୍ତରପାର୍ଶ୍ୱ ମଠ

୧୧. ସାନଛତା ମଠ

୧୨. ବଡ଼ ଆଖଡ଼ା ମଠ

୧୩. ପାପୁଡ଼ିଆ (ପାପେଡ଼ିଆ)ମଠ

୧୪. ଲଙ୍ଗୁଳି ମଠ

Digitized by srujanika@gmail.com

୧୫. ତୋରାଣୀଛତ୍ର ମଠ

୧୬. ରେବସା ମଠ

<u>ବୁଡଙ୍ଗ ସାହି</u>

୧. ରାମଜି ମଠ

୨. ବିଶାଖା ମଠ

<u>ଦାଣ୍ଡିମାଳ ସାହି</u>

୧. ବଡ଼ଛତା ମଠ

୨. ଛଡ଼ା ମଠ

୩. ଛେଛେରାମ ମଠ

୪. ମହାବିରିଆ ମଠ

୫. ଖଣ୍ଡିପଡ଼ା ମଠ

୬. ମଣିରାମ ମଠ

୭. ରାମାଛତ୍ର ମଠ

୮. ରାଣୀ ମଠ ଓରଫ୍ କେନ୍ଦୁଝର ମଠ

୯. ଛାଉଣିଛତ୍ର ମଠ

୧୦. ନିମଆଖଡ଼ା ମଠ

୧୧. ହାତୀ ଆଖଡ଼ା ମଠ

୧୨. ବାଘ ଆଖଡ଼ା ମଠ

୧୩. ନିର୍ବାଣି ଆଖଡ଼ା ମଠ

୧୪. କଦଳୀ ପଟୁକା ମଠ

୧୫. ଦଶାବତାର ମଠ

୧୬. ଜଗନ୍ନାଥ ବଲ୍ଲଭ ମଠ

୧୭. ଖାକି ଆଖଡ଼ା ମଠ

Digitized by srujanika@gmail.com

୧୮. କାପେଡ଼ିଆ ମଠ

୧୯. ଛାଉଣି ମଠ

କୁଣ୍ଡାଇ ବେଣ୍ଟ ସାହି

୧. ଶିଶୁ ମଠ

୨. ଚକ୍ରତୀର୍ଥ ଓରଫ୍ ପଣ୍ଡିତ ମଠ

୩. ନୂଆ ମଠ

୪. ସୁନ୍ଦର ଦାସ ମଠ

୫. ଘୁମୁସର ମଠ

୬. ଡ଼ଗରା ମଠ

୭. ଭାରତୀ ମଠ

୮. ପାଟରା ମଠ

୯. ନାଣ୍ଡି ମାତା ମଠ

୧୦. ପୁରାଣ ସଭା ମଠ

୧୧. ଲବଣିଖିଆ ମଠ

୧୨. ରାଜଗୁରୁ ମଠ

୧୩. ଗନ୍ଧର୍ବ ମଠ

୧୪. ପରମାନନ୍ଦ ଦାସ ମଠ

୧୫. ନିଧି ଦାସ ମଠ

୧୬. ବଳିବାବାଜି ମଠ

୧୭. ଚାଉଳିଆ ମଠ

୧୮. ବଳଗଣ୍ଡି ମଠ

୧୯. ଖେଲୋର ମଠ

୨୦. ବ୍ରହ୍ମଚାରୀ ମଠ

Digitized by srujanika@gmail.com

୨୧. ସୁନାରଗୌରାଙ୍ଗ ମଠ

୨୨. ଅହଲ୍ୟା ମଠ

<u>ଦୋଳମଣ୍ଡପ ସାହି</u>

୧. ରାଧା ବଲ୍ଲଭ ମଠ

୨. କୋଠଭୋଗ ମଠ

୩. ଡ଼ମପଡ଼ା ମଠ

୪. ହଳଦିଆ ମଠ

୫. ଝାଞ୍ଜପିଟା ମଠ

୬. ସିଦ୍ଧ ମଠ

୭. ନେବଳ ଦାସ ମଠ

<u>ମାଟି ମଣ୍ଡପ ସାହି</u>

୧. ଅବଧୂତ ମଠ

<u>କାଳିକାଦେବୀ ସାହି</u>

୧. ଏମାର ବା ରାଜଗୋପାଳ ମଠ ଓରଫ୍ ଶ୍ରୀନିବାସ କୋଟ

୨. ନରସିଂହାଚାରୀ ମଠ

୩. ମଙ୍ଗୁ ମଠ

(ତଥ୍ୟ ସୂତ୍ର :- ''ଶ୍ରୀ ମର୍ତ୍ତ୍ୟ ବୈକୁଣ୍ଠ''ପତ୍ରିକା, ପୃଷ୍ଠା - ୧୨,୧୩,୧୪:- ବାବୁ ଶ୍ରୀ ଲକ୍ଷ୍ମଣ ଚରଣ ମହାନ୍ତିଙ୍କ ଦ୍ୱାରା ୧୯୪୮ ମସିହାରେ ବୈକୁଣ୍ଠ ଭିକାରୀ ପ୍ରେସ୍‌ରେ ମୁଦ୍ରିତ)

(ସୂଚନା ଯୋଗ୍ୟଯେ ଉପରିବର୍ଣ୍ଣିତ କେତେକ ମଠର ବିଦ୍ଭେସ୍ଥଳୀ ସଂପ୍ରତି ସଂପୂର୍ଣ୍ଣ ଲୋପ ପାଇଯାଇଛି । ଏତଦ୍‌ବ୍ୟତୀତ ଉକ୍ତ ତାଲିକାରେ କେତେକ ମଠର ନାମ ମଧ୍ୟ ସ୍ଥାନ ପାଇନାହିଁ) ।

❖❖❖

Digitized by srujanika@gmail.com

ପରିଶିଷ୍ଟ -୩

ଶ୍ରୀ ମାଧ୍ୱ ଗୌରେଶ୍ୱର ବୈଷ୍ଣବ ସଂଘ (କାର୍ଯ୍ୟକାରୀ ସମିତି) (୨୦୦୩-୨୦୦୪)

ମୁଖ୍ୟ ସଭାପତି	-	ମହନ୍ତ ଶ୍ରୀ ଧ୍ୟାନଚନ୍ଦ୍ର ଦାସ ଗୋସ୍ୱାମୀ, ରାଧାକାନ୍ତ ମଠ, ପୁରୀ
ସଭାପତି	-	ମହନ୍ତ ଶ୍ରୀ ସୁବଳ ଚରଣ ଦାସ, ରାଧାଶ୍ୟାମ ମଠ ଶ୍ୟାମକୁଞ୍ଜ ଗଳି, ପୁରୀ
ଉପସଭାପତି	-	ଶ୍ରୀ ସଚ୍ଚିଦାନନ୍ଦ ଦାସ, ଝାଞ୍ଜପିଟା ମଠ, ପୁରୀ
ଉପସଭାପତି	-	ମହନ୍ତ ଅଧିକାରୀ ଶ୍ରୀ ବଂଶୀଧର ଦାସ ଗୋସ୍ୱାମୀ ବଡ ଓଡ଼ିଆ ମଠ, ପୁରୀ
ସମ୍ପାଦକ	-	ମହନ୍ତ ଶ୍ରୀ କିଶୋର ଚନ୍ଦ୍ର ଦାସ, ନନ୍ଦିନୀ ମଠ, ପୁରୀ
ଯୁଗ୍ମ ସମ୍ପାଦକ	-	ମହନ୍ତ ଶ୍ରୀ ବୈଷ୍ଣବ ଚରଣ ଦାସ, ସାନ ମଠ, ପୁରୀ
ସହ ସମ୍ପାଦକ	-	ବାବା ଶ୍ରୀ ବ୍ରଜବନ୍ଧୁ ଦାସ, ଭାଗବତ ଆଶ୍ରମ, ପୁରୀ
କୋଷାଧ୍ୟକ୍ଷ	-	ମହନ୍ତ ଶ୍ରୀ ଶ୍ରୀନିବାସ ଦାସ – ସିଦ୍ଧ ବକୁଳ ମଠ, ପୁରୀ

<u>ସଦସ୍ୟ</u>

୧. ମହନ୍ତ ଶ୍ରୀ ବଂଶୀଧର ଦାସ ଗୋସ୍ୱାମୀ, ରାମଜୀ ମଠ

୨. ବାବା ଶ୍ରୀ ଅଦ୍ୱୈତ ଚରଣ ଦାସ, ଶ୍ରୀ ହରିଦାସ ସମାଧି ମଠ

୩. ମହନ୍ତ ଶ୍ରୀ ଶଚୀନନ୍ଦନ ଦାସ, ନାଗା ମଠ

୪. ବାବା ଶ୍ରୀ ବଳଭଦ୍ର ଦାସ, ବାୟାବାବା ଆଶ୍ରମ

୫. ମହନ୍ତ ଶ୍ରୀ ଅଦ୍ୱୈତ ଚରଣ ଦାସ, ପୌର୍ଣ୍ଣମାସୀ ମଠ

୬. ନାଗା ବାବା ଶ୍ରୀ ମୁରଲୀଧର ଦାସ, ମଦନ ମୋହନ ମଠ (ସାତାସନ)

୭. ମହନ୍ତ ଶ୍ରୀ କୃଷ୍ଣ ଚରଣ ଦାସ, ଗିରିଧାରୀ ମଠ (ସାତାସନ)

୮. ମହନ୍ତ ଶ୍ରୀ କୃଷ୍ଣ ଚୈତନ୍ୟ ଦାସ, ରାଧା କିଶୋରୀ ଜୀଉ ମଠ

୯. ମହନ୍ତ ଶ୍ରୀ ଗୌରଚରଣ ଦାସ, ରାଧାକାନ୍ତ କୁଟୀର

୧୦. ମହନ୍ତ ଶ୍ରୀ କୃଷ୍ଣଚରଣ ଦାସ, ଗିରିଧାରୀ କୁଟୀର

Digitized by srujanika@gmail.com

୧୧. ବାବା ଶ୍ରୀ କରୁଣାକର ଦାସ, ଗୋପାଳଜୀ କୁଟୀର

୧୨. ବାବା ଶ୍ରୀ ରାମାନନ୍ଦ ଦାସ, ଆନନ୍ଦ କୁଟୀର

୧୩. ବାବା ଶ୍ରୀ ନବ କିଶୋର ଦାସ, ଶ୍ରୀ ଗୁରୁଦେବ କୁଟୀର

୧୪. ଶ୍ରୀ କୃଷ୍ଣଚନ୍ଦ୍ର ସାହୁ, ଗୁରୁକୃପା ଆଶ୍ରମ

ଉପଦେଷ୍ଟା ମଣ୍ଡଳୀ

୧. ଶ୍ରୀ ମହନ୍ତ ସ୍ୱାମୀ ରାଧାରମଣ ଦାସ ଶାସ୍ତ୍ରୀଜୀ ମହାରାଜ, ଶ୍ରୀକୃଷ୍ଣ ଚୈତନ୍ୟ ଆଶ୍ରମ, ପୁରୀ

୨. ବାବା ଶ୍ରୀ ଚୈତନ୍ୟ ଚରଣ ଦାସ ମହାରାଜ, ଭାଗବତ ଆଶ୍ରମ, ପୁରୀ

୩. ଶ୍ରୀ ନିତ୍ୟାନନ୍ଦ ଦାସଜୀ ମହାରାଜ, ଅଧ୍ୟକ୍ଷ, ରାସବିହାରୀ ମଠ, କଟକ

୪. ମହନ୍ତ ଶ୍ରୀ ରାମକୃଷ୍ଣ ଦାସ ମହାରାଜ, ରାଧାବଲ୍ଲଭ ମଠ, ପୁରୀ

୫. ପଣ୍ଡିତ ଶ୍ରୀ ଜଗଦାନନ୍ଦ ଦାସ,ପୁରୀ

୬. ପଣ୍ଡିତ ଶ୍ରୀ ରାଧା ଚରଣ ଦାସ ମହାରାଜ, ଶ୍ୟାମ ସୁନ୍ଦର ମଠ, କଟକ

୭. ମହନ୍ତ ଶ୍ରୀ ହରମୋହନ ଦାସ ମହାରାଜ, ମାଉସୀମା' ଗଳି, ପୁରୀ

ସମୀକ୍ଷକ - ଶ୍ରୀ ଅବଧୂତ ଚରଣ ପଟ୍ଟନାୟକ

ପଞ୍ଜିକା ସମ୍ପାଦକ - ଶ୍ରୀ ଦୋଳ ଗୋବିନ୍ଦ ପଟ୍ଟନାୟକ

Digitized by srujanika@gmail.com

ପରିଶିଷ୍ଟ -୪

ପୁରୀର ବିଭିନ୍ନ ମଠ ତଥା ମଠାଧିପତି ଓଗେରଙ୍କୁ ବିଭିନ୍ନ ସମୟରେ ଦାନ ସୂତ୍ରେ ମଳିଥିବା ଅମୃତମଣୋହି ଓ ବାହେଲି ଜମି ମୌଜାଓ୍ୱାରିଲିଷ୍ଟ

ଗ୍ରହୀତାର ନାମ	ଦାତାର ନାମ	ସମ୍ପତ୍ତିରପରିମାଣ	ଦାତା କି ଅଭିପ୍ରାୟରେ ଏହି ଜମି ଝଞ୍ଜି ଥିଲେ
୧. ରାଘବଦାସ ମଠ			
ମହନ୍ତ ସିତଲ ଦାସ	ମହାରାଜା କାନୁଜି ଭୋସଲା ହାକିମ ମରହଟ୍ଟା	ମୌଜା - ପାରକଣା - ୫୫୭ ମାଣ ୧୨ଗୁଣ୍ଠ ୭ ବିଶ୍ବା	ଅମୃତ ମଣୋହି ଖର୍ଚ୍ଚ ସକାଶେ
		ମୌଜା - ଶଙ୍ଖୁଆ ବଡ଼ତରା ୬୮୧ ମାଣ ୨୨ ଗୁଣ୍ଠ	,,
		ମୌଜା - ନାଲିହଣା ୭୪୪ ମାଣ ୩ ଗୁଣ୍ଠ ୧୦ ବିଶ୍ବା	
ମହନ୍ତ କୃଷ୍ଣ ଦାସ	ମହାରାଜା ବୀର କିଶୋର ଦେବ	ମୌଜା - ନହଡ଼ିଆ ୧୦୬ ମାଣ ୧୫ଗୁଣ୍ଠ ୧୪ ବିଶ୍ବା	ଶ୍ରୀମନ୍ଦିର ଅଣସର, ଅଧର ପଣା ଭୋଗ ସକାଶେ
ମହନ୍ତ ଦେବ ଦାସ	ଦେଓ୍ୱାନ ଭ୍ରମରବର ରାଏ	ମୌଜା -ଘାସିଭବାନିପୁର, ଦୋରବସ୍ତ ୩୦୧ ମାଣ ୪ଗୁଣ୍ଠ ୩ ବିଶ୍ବା	ଅମୃତ ମଣୋହି ଖର୍ଚ୍ଚ ସକାଶେ
ମହନ୍ତ ଦେବ ଦାସ	ରାଜା ଦିବ୍ୟସିଂହ ଦେବ	ମୌଜା-ଝଟି ଶାସନ ୪୮ ମାଣ ୧୯ ଗୁଣ୍ଠ ୧୧ ବିଶ୍ବା	ଅମୃତ ମଣୋହି ଶ୍ରୀଜଗନ୍ନାଥଙ୍କ ଥାଳି ଖେଚେଡ଼ି ଭୋଗ ସକାଶେ
୨. ଭେଙ୍କଟ ମଠ			
ମହନ୍ତ ରାମାନୁଜ ଆଚାରୀ ସ୍ୱାମୀ	କାନୁଜି ଭୋସଲା ହାକିମ ମରହଟ୍ଟା	ମୌଜା ଚକ୍ରପଢ଼ା, ତୋରିହଁ ବନ୍ଧ	ଅମୃତମଣୋହି ଖର୍ଚ୍ଚ ସକାଶେ
ମହନ୍ତ ଜଗନ୍ନାଥ ଭେଙ୍କଟଚାରୀ	,,	ମୌଜା - ଉଚ୍ଚାଗଡ଼	,,
ମହନ୍ତ କୁମାର	ଚେତିନା ସୁବେଦାର	ମୌ - ବାଲିଆ ଶାସନ	
ମହନ୍ତ ସମ୍ପତ କୁମାର	ଚେମନାସ ସୁବୋଦାର	ମୌ - ଡ଼ଭାର	ଅମୃତ ମଣୋହି ଓ ସଦର ଓ୍ୱାରଜାଙ୍କ

Digitized by srujanika@gmail.com

			ଖର୍ଚ୍ଚ ସକାଶେ
୩. ଗୋପାଳତୀର୍ଥ ମଠ			
ନାରାୟଣ ତୀର୍ଥ	ଏକାଜି ସୁକୁଦେବ	ମୌ - ବିଞ୍ଚିପୁର ୪୪୨ ମାଣ ୬ ଗୁଣ୍ଠ ୩ ବିଶ୍ବା ମୌ -ବରିମୁଣ୍ଡେଇ ୩୨୨ ମାଣ ୧୩ ଗୁଣ୍ଠ ୧୩ ବିଶ୍ବା	ଅମୃତ ମଣୋହି
ବାସୁ ଦେବ ତୀର୍ଥସ୍ୱାମୀ	ରାଡେବରାଡ୍	ମୌ- ତରିସଂଘା ମୌ- ଭଟପୁର ୪୬୯ ମାଣ ୧ ଗୁଣ୍ଠ ୧ ବିଶ୍ବା	,,
୪. ନେବଳ ଦାସ ମଠ			
ମହନ୍ତ ନବଳ ଦାସ	ଜାନୁଜି ଭୋସଲା ରାଜ୍ଜେବରାତ	ମୌ- ପଦ୍ମପୁର ୩୮୫ ମାଣ ୨ ଗୁଣ୍ଠ ୩ ବିଶ୍ବା	ଅମୃତ ମଣୋହି, ବୈଷ୍ଣବ, ସଦର ଓ୍ୟାରଦ ଖର୍ଚ୍ଚ ସକାଶେ
ମହନ୍ତ ବଲ୍ଲବ ଦାସ	ରାଜେ ଜାନୁଜୀ ଭୋସଲା	ମୌ- ଟଙ୍କିପୁର ୩୬ ମାଣ ୧୪ ଗୁଣ୍ଠ ମୌ - ଏରବଙ୍ଗ ୧୩୦୮ ମାଣ ୧୮ ଗୁଣ୍ଠ ୩ ବିଶ୍ବା	ଅମୃତ ମଣୋହି ଓ ସଦର ଓ୍ୟାରଜାଙ୍କ ଖବର ନେବା ଖର୍ଚ୍ଚ ସକାଶେ
୫. ଦକ୍ଷିଣ ପାର୍ଶ୍ୱ ମଠ			
ମହନ୍ତ ଶ୍ରୀରାମ ଦାସ	ଏକାଜି ଶୁକଦେବ ନାୟକ, ସୁବେଦାର, ସରକାର ରାଜ୍ଜେବରାଡ୍	ମୌ- ନୁଆ ବନ୍ଧାଜେରା ୮୩୧ ମାଣ ୮ ଗୁଣ୍ଠ ୯ ବିଶ୍ବା	ଅମୃତ ମଣୋହି ଖର୍ଚ୍ଚ ସକାଶେ
ମହନ୍ତ ଶ୍ରୀରାମ ଦାସ	ଏକାଜି ଶୁକଦେବ	ମୌ - ସୁନ୍ଦରୀ ୫୮୮ ମାଣ ୧୦ ବିଶ୍ବା	ଅମୃତମଣୋହି ଖର୍ଚ୍ଚ ସକାଶେ
ମହନ୍ତ ରାମଜୟ ଗୋସାଇଁ	ରାଜା ବୀରକିଶୋର ଦେବ	ମୌ- ଦୁଗଲ ୧୧୦ ବାଟି ମୌ- ଆପିଲା ୬୦ ବାଟି	ଅମୃତମଣୋହି ଖର୍ଚ୍ଚ ସକାଶେ
ରାମଜୀଏ ଅଧିକାରୀ	,,	ମୌ -ସମଗର ରେବତୀ ରମଣ ବଗିଚା ୧୬ ବାଟି ୧୦ ମାଣ	,,

Digitized by srujanika@gmail.com

ଶ୍ରୀ ରାମ ଦାସ	ହାକିମ ମରହଟ୍ଟା	ମୌ- ମାର୍କଣ୍ଡପୁର ୬୨୬ ମାଣ ୨୩ ଗୁଣ୍ଠ ୯ ବିଶ୍ୱା	ଅମୃତ ମଣୋହି ଓ ବୈଷ୍ଣବଙ୍କ ଖର୍ଚ୍ଚ ସକାଶେ

୬. ସମାଧି ମଠ

	ଏକାଜି ଶୁକ ଦେବ	ମୌ-ରଥପୁରୁଷୋତ୍ତମପୁର ମୌ- ବେରବୋଇ	ଅମୃତ ମଣୋହି ଖର୍ଚ୍ଚ ସକାଶେ ।

୭. ରାମଜୀ ମଠ

ମହନ୍ତ ନାରାୟଣ ଦାସ	ରାଜେ ଜାନୁଯିଭୋସଲା	ମୌ- ପୋଡ଼ପୋଡ଼ା ୧୧୧ ମାଣ ୨୨ ଗୁଣ୍ଠ ୭ ବିଶ୍ୱା	ଅମୃତମଣୋହି ଖର୍ଚ୍ଚ ସକାଶେ
ତପୋନିଧି ମୁନି ପରମାର୍ଥୀ	ଦରଜୀ ଗଣେଷ ସୁବେଦାର	ମୌ - କେନ୍ଦ୍ରୀ ଦେଉଳି	ଅମୃତ ମଣୋହି ବୈଷ୍ଣବ ବ୍ରାହ୍ମଣ ମାନଙ୍କର ସେବାରେ ଖର୍ଚ୍ଚ ସକାଶେ

୮. ଚିକିଟି ମଠ

ଅଧିକାରୀ ଗୋଲାବ ଦାସ	ରାମ ପ୍ରସାଦ ଭଗତ	ମୌ- କଣ୍ଡି ଦୋରଖଣ୍ଡ ୨୪୪ ମାଣ ୪ ଗୁଣ୍ଠ	ଅମୃତ ମଣୋହି ଖର୍ଚ୍ଚ ସକାଶେ

୯. ବଳରାମ କୋଟ ମଠ

ଅଧିକାରୀ ଲଛମନ ଦାସ	ପର୍ଶୁରାମ ମହାପାତ୍ର ଓଗେର ହାକିମ ମରହଟ୍ଟା	ମୌ- ଦାଲୁଅକଣି ୩୧୦ ମାଣ ୧୯ ଗୁଣ୍ଠ ୫ ବିଶ୍ୱା	ଅମୃତ ମଣୋହି ଖର୍ଚ୍ଚ

୧୦. ଉତ୍ତରପାର୍ଶ୍ୱ ମଠ

ମହନ୍ତ ଜଏରାମ ଦାସ	କୃଷ୍ଣ ଦାସ ବେଧାଜୀ ମହାରାଜ	ମୌ - ଗଏଣ୍ଡେଳ ୮୬୫ ମାଣ ୧୬ ଗୁଣ୍ଠ ୧୨ ବିଶ୍ୱା	ଅମୃତମଣୋହି ଖର୍ଚ୍ଚ ସକାଶେ

୧୧. ମଙ୍ଗୁ ମଠ

ମହନ୍ତ ଶୁକଦେବ ଦାସ	ଏକାଜୀ ଶୁକୁଦେବ	ମୌ- କଣ୍ଟିଶିଳ ୯୫୮ ମାଣ ୧୩ ଗୁଣ୍ଠ ୧୫ ବିଶ୍ୱା	ଖଏରାତ ସକାଶେ
ମହନ୍ତ ଉଦାସୀ ରାମ ଦାସ	ଦେୱାନ ଭ୍ରମରବର ରାୟ	ମୌ- ଭିକାରୀ ପଡ଼ା, ଦୋରବସ୍ତ, ୩୦ ବାଟି ୧୪ମାଣ ୧୫ ଗୁଣ୍ଠ ୧୪ ବିଶ୍ୱା	ଅମୃତ ମଣୋହି ଖର୍ଚ୍ଚ ସକାଶେ

Digitized by srujanika@gmail.com

ମହନ୍ତ ଶୁକଦେବ ଉଦାସୀ	ରାଜା ବୀର କିଶୋର ଦେବ	ମୌ- ଖମାର, ଦୋରବସ୍ତ, ୩୫୨ ମାଣ ୧୪ ଗୁଣ୍ଠ ୪ ବିଶ୍ୱା	ଅମୃତ ମଣୋହି ଖର୍ଚ୍ଚ ସକାଶେ

୧୨. ଓଡ଼ିଆ ମଠ

ଅଧିକାରୀ ପୁରୁଷୋତ୍ତମ ଦାସ	ରାଜେଶ୍ୱରାତ	ମୌ- ଭଗବାନ ସୁନ୍ଦରା	ଅମୃତମଣୋହି ଖର୍ଚ୍ଚ ସକାଶେ
,,	ରାଜା ବୀର କିଶୋର ଦେବ	ମୌ -ଖଟଫିରିଙ୍ଗୀ ୫୬୧ ମାଣ ୧୭ ଗୁଣ୍ଠ ୩ ବିଶ୍ୱା	ଶ୍ରୀଜଗନ୍ନାଥଙ୍କ ଗୋପାଳ ବଲ୍ଲଭ ଭୋଗ ସକାଶେ
ଅଧିକାରୀ ମୁକୁନ୍ଦ ଦାସ	ରାଜା ବୀର କିଶୋର ଦେବ	ମୌ- ସହାସପୁର ୨୮୪ ମାଣ ୧୮ ଗୁଣ୍ଠ ୮ ବିଶ୍ୱା	ଅମୃତ ମଣୋହି ଖର୍ଚ୍ଚ ସକାଶେ
ଅଧିକାରୀ ବଂଶୀଧର ଦାସ	ରାଜା ଦିବ୍ୟସିଂହ ଦେବ	ମୌ - ନରେନ୍ଦ୍ର ପୁର. ଦୋରବସ୍ତ,୮୬ ବାଟି ୫ ମାଣ ୧୪ ଗୁଣ୍ଠ ୭ ବିଶ୍ୱା	ଅମୃତ ମଣୋହି ଖର୍ଚ୍ଚ ସକାଶେ

୧୩. ଦେଓଗିରି ମଠ

ଦେଓଗିରି	ରାଜା ଦିବ୍ୟ ସିଂହ ଦେବ	ମୌ- ଆଠବାଟିଆ ମୌ- ଭୋଗ ମୋଟେଇ ୧୩୦ ମାଣ ୧୯ ଗୁଣ୍ଠ ୧୩ ବିଶ୍ୱା	ଅମୃତ ମଣୋହି ଖର୍ଚ୍ଚ ସକାଶେ

୧୪. ରାମକୃଷ୍ଣ ବ୍ରହ୍ମଚାରୀ ମଠ

ରାମକୃଷ୍ଣ ବ୍ରହ୍ମଚାରୀ	ରାଜା ବୀର କିଶୋର ଦେବ	ମୌ- ପାଟକଣା ୬୫ ମାଣ ୧୦ ଗୁଣ୍ଠ ୭ ବିଶ୍ୱା	ଅମୃତ ମଣୋହି ଖର୍ଚ୍ଚ ସକାଶେ
,,	,,	ମୌ- ଯାଡ଼ିପୁର ୧୩୧ ମାଣ ୨୧ ଗୁଣ୍ଠ ୧୧ ବିଶ୍ୱା	,,

୧୫. ରାଜଗୋପାଳ ଦାସ ମଠ

ମହନ୍ତ ସମର୍ଥ ଯାତ୍ରୀ	ରାଜାରାମ ପଣ୍ଡିତ ସୁବେଦାର	ମୌ- ନିଳକଣ୍ଠ ପଡ଼ା ୧୨୭ ମାଣ ୧୧ ଗୁଣ୍ଠ ୧୪ ବିଶ୍ୱା	ଅମୃତ ମଣୋହି ଓ ଚାମର ସେବା
,,	ହାକିମ ମରହଟ୍ଟା	ମୌ- ଆଇସେକାଲୋ, ଦୋରବସ୍ତ, ୧୩ ମାଣ ୮ ଗୁଣ୍ଠ ୧୨ ବିଶ୍ୱା,	ଅମୃତ ମଣୋହି ଖର୍ଚ୍ଚ ସକାଶେ

Digitized by srujanika@gmail.com

,,	ରାଜା ବୀରକିଶୋର ଦେବ	ମୌ- ଚୋରାଇ, ଦୋରବନ୍ତ ୭୬ ବାଟି ୧୫ ମାଣ ୯୬ ଗୁଣ୍ଠ ୧ ବିଶ୍ୱା	ଅମୃତ ମଣୋହି ଖର୍ଚ୍ଚ ସକାଶେ
ମହନ୍ତ ସମର୍ଥା ଯାତ୍ରୀ	ହାକିମ ମରହଟ୍ଟା	ମୌ- ପାଟଣିଆକେରା ୪୯ ବାଟି ୨ମାଣ ୨୪ ଗୁଣ୍ଠ ୫ ବିଶ୍ୱା	ଅମୃତ ମଣୋହି ଖର୍ଚ୍ଚ ସକାଶେ

୧୬. ସୁନ୍ଦର ଦାସ ମଠ

ଚୈତନ୍ୟ ଦାସ	ଗଦାଧର ସାନ୍ତରା ଓଗେର ଜମିଦାର ହାକିମ ମରହଟ୍ଟା	ମୌ- ସୁଜାନଗର ହରିପୁର ୩୫୮ ମାଣ ୬ ବିଶ୍ୱା	ଅମୃତ ମଣୋହି ଖର୍ଚ୍ଚ ସକାଶେ

୧୭. ବଡ଼ ସନ୍ଥ ମଠ

ମୁକୁଟରାମ ମହନ୍ତ	ରାଜା ବୀର କିଶୋର ଦେବ	ମୌ- ପରଡ଼ିହି, ଦୋରବନ୍ତ, ୧୫୭୯ ମାଣ ୨୦ ଗୁଣ୍ଠ ୧୨ ବିଶ୍ୱା	ଅମୃତ ମଣୋହି ଖର୍ଚ୍ଚ ସକାଶେ

୧୮. ସିଦ୍ଧ ବକୁଳ ମଠ

ମହନ୍ତ ବକୁଳକିଶନ ଦାସ	ରାଜାରାମ ପଣ୍ଡିତ ସୁବେଦାର	ମୌ- ଧର୍ମ୍ମକାର୍ଦ୍ଦି ୨୮୫ ମାଣ ୧ ଗୁଣ୍ଠ ୬ ବିଶ୍ୱା	ଅମୃତମଣୋହି ଖର୍ଚ୍ଚ ସକାଶେ

୧୯. ଜଗନ୍ନାଥ ବଲ୍ଲଭ ମଠ

ଗୁଦଡ଼	ରାଜା ଦିବ୍ୟ ସିଂହ ଦେବ	ମୌ- ଗିଙ୍ଗିପାଇ ୪୯୫୪ ମାଣ ୧୫ ଗୁଣ୍ଠ ୧୨ ବିଶ୍ୱା	ଅମୃତ ମଣୋହି ଖର୍ଚ୍ଚ ସକାଶେ

୨୦. ଶଙ୍କରାନନ୍ଦ ମଠ

ମହେଶ୍ୱରାନନ୍ଦ ସରସ୍ୱତୀ ସ୍ୱାମୀ	ରାଜାବୀରକିଶୋରଦେବ	ମୌ-ବେଦରପଡ଼ା	ଅମୃତ ମଣୋହି ଖର୍ଚ୍ଚ ସକାଶେ
,,	ଦେଓ୍ୱାନ ଭ୍ରମରବର ରାଏ	ମୌ - ଜରକବର, ଦୋରବନ୍ତ - ୬୪ ମାଣ ୨୩ ଗୁଣ୍ଠ ୩ ବିଶ୍ୱା	ସନ୍ୟାସୀଙ୍କ ଭିକ୍ଷା ଓ ନବହର ଦାସ କଉପୁନି ସକାଶେ
ଶଙ୍କରାନନ୍ଦ ସରସ୍ୱତୀ ସ୍ୱାମୀ	ହାକିମ ମରହଟ୍ଟା	ମୌ- ଓଲ ୩୧୨ ମାଣ ୨୪ ଗୁଣ୍ଠ ୧୩ ବିଶ୍ୱା	ଅମୃତ ମଣୋହି ଖର୍ଚ୍ଚ ସକାଶେ

Digitized by srujanika@gmail.com

୨୧. ରାଧାକାନ୍ତ ମଠ

ଶ୍ରୀ ରାଧାକାନ୍ତଙ୍କ ଭୋଗ ତଳେ	ମହାରାଜା ଦିବ୍ୟସିଂହ ଦେବ	ମୌ- ରେଙ୍ଗଗା, ୪୧୬ ମାଣ ୧୫ ଗୁଣ୍ଠ ୧୪ ବିଶ୍ୱା	

୨୨. ତ୍ରିମାଳୀ ମଠ

ଅଧିକାରୀ ମଙ୍ଗୁରୀ ଦାସ	ଦେୱାନ ଭ୍ରମରବର ରାୟ	ମୌ- କାଣ୍ଡଗୋଦା ୬୫ ବାଟି ୧୧ ମାଣ	
ନାଥ ମୁନି ପରମାର୍ଥୀ	ରାଜା ଦିବ୍ୟ ସିଂହ ଦେବ	ମୌ- ଥାଇଁସ, ୧୩ ବାଟି ୬ ମାଣ ମୌ- ସୁନନ୍ଦ ୯୧୦ ବାଟି ଏକ ବିଶ୍ୱା	ଅମୃତ ମଣୋହି ଓ ମଦନ ମୋହନ ଦେବଙ୍କ ଚନ୍ଦନ ଯାତ୍ରାଭୋଗ ସକାଶେ

୨୩. ମଧୁସୂଦନ ଦାସ ମଠ

ଛାତରାମ ସେବକ	ହାମିକ ମରହଟ୍ଟା	ମୌ- କୁସୁପୁରୁ	ଅମୃତ ମଣୋହି ଖର୍ଚ୍ଚ ସକାଶେ

୨୪. କଣାସ ମଠ

ମହନ୍ତ ରଘୁନାଥ ଦାସ	ଦେୱାନ ଭ୍ରମରବର ରାଏ	ମୌ-ଘରଛୁଆଁ ୬୬ ମାଣ ୧୬ଗୁଣ୍ଠ ୧୫ ବିଶ୍ୱା	ସଦର ଓ୍ୟାରଜା ଦହି ଗୋଲା ଖର୍ଚ୍ଚ ସକାଶେ

୨୫. ବଳିବାବନ ଦାସ ମଠ

ନରସିଂହ ଦାସ ମହନ୍ତ	ରାଜାରାମ ପଣ୍ଡିତ ସୁବେଦାର	ମୌ-ଦୋର୍‌ବସ୍ତ, ସନ୍ତରସ -୨୨୯ ମାଣ ୧୬ ଗୁଣ୍ଠ	ଅମୃତମଣୋହି ଓ ବୈଷ୍ଣବ ଓ ସଦର ଓ୍ୟାରଜାଙ୍କ ଖର୍ଚ୍ଚ ସକାଶେ

୨୬. ଆହୁଲିଆ ମଠ

କୃଷ୍ଣଚନ୍ଦ୍ର ଅର୍ଦ୍ଧଲି	ସଦାଶିବ ରାଏ ପୋଦାର ଏକାଜୀ ଶୁକୁଦେବ	ମୌ- ନୁହାରକେରି ୪୪୫ ମାଣ ୮ ଗୁଣ୍ଠ ୩ ବିଶ୍ୱା	ଅମୃତ ମଣୋହି ଖର୍ଚ୍ଚ ସକାଶେ

୨୭. କଉଶଲ୍ୟା ଦାସ ମଠ

ଗରୀବ ଦାସ	ଶିବଭଟ୍ଟ ସୁବେଦାର	ମୌ- ତେରହଳ ୩୦୩ ମାଣ ୬ ଗୁଣ୍ଠ ୧୩ ବିଶ୍ୱା	ଅମୃତ ମଣୋହି ଖର୍ଚ୍ଚ ସକାଶେ

(ତଥ୍ୟ ସୂତ୍ର- ଶ୍ରୀଜଗନ୍ନାଥ ମନ୍ଦିର ରେକର୍ଡ଼ ରୁମ୍- Sl. No. 485 / 41 B rou II-1976)

❖❖❖

Digitized by srujanika@gmail.com

ପରିଶିଷ୍ଟ -୫

କାକଟପୁରର (ପ୍ରାଚୀ ଉପତ୍ୟକାର) ପ୍ରସିଦ୍ଧ ମଠ

୧. ପଇଡ଼ ପାଟଣାରେ ଅର୍ନ୍ତବେଦୀ ମଠ

୨. ନୂଆଗାଁର ରାଧାକୃଷ୍ଣ ମଠ

୩. ନିଆଳୀରେ ଅହୁଣିଆ ମଠ

୪. ପନିମାଳରେ ସିଦ୍ଧ ମଠ

୫. ଚଉରାଶୀରେ ଗୋପାଳ ମଠ

୬. କାକଟପୁରରେ ବିଶ୍ୱମିତ୍ର ମଠ

୭. ଦେଉଳି ମଠ

୮. ହରିଦାସପୁରରେ ଚକିଆ ମଠ

୯. କାକଟପୁର - ପଞ୍ଚବଟୀ ମଠ

୧୦. ମୁଦୁଗଲରେ ଅପସରା ମଠ

୧୧. ନିପାଣିଆଗଡ଼ରେ ଆଗିଖିଆ ମଠ

୧୨. ନିଆଳିରେ ଅର୍କତୀର୍ଥ ମଠ

୧୩. ଚଉରାଶିରେ ଗୁରୁ ଆଖଡ଼ା ମଠ

୧୪. ବଲରାରେ ରୋହଣୀ ମଠ

୧୫. କୁଣ୍ଡେଇରେ ଅତିବଡ଼ି ମଠ

୧୬. କାକଟପୁର୍ ବନ୍ତ ମଠ

Digitized by srujanika@gmail.com

ପରିଶିଷ୍ଟ- ୬

ସହାୟକ ଗ୍ରନ୍ଥ ସୂଚୀ ଓ ବ୍ୟକ୍ତି ବିଶେଷ

୧. ଶ୍ରୀଜଗନ୍ନାଥ ମନ୍ଦିର ସ୍ୱତ୍ୱଲିପି, ଦ୍ୱିତୀୟ ଏବଂ ତୃତୀୟ ଭାଗ

୨. Annual Report on the Administration of the Sri Jagannath Temple for 1960-61, 1961-62 & 1962-63 (Published in the Orissa Gazetteer, April 30, 1965 (Part-VII)

୩. ଭଂଜ ବଂଶାବଳୀ - କବି ସୂର୍ଯ୍ୟମଣି ଚ୍ୟାଉପଟ୍ଟନାୟକ

୪. କବି ସମ୍ରାଟ ଉପେନ୍ଦ୍ର ଭଞ୍ଜ - ଶ୍ରୀଯୁକ୍ତ ଅନନ୍ତ ପଦ୍ମନାଭ ପଟ୍ଟନାୟକ

୫. ଭଂଜ ସଂଦର୍ଭ - ଲେ ଓ ସଂ - ପଣ୍ଡିତ ଶ୍ରୀଧର ଶତପଥୀ

୬. ଉପେନ୍ଦ୍ର ଭଞ୍ଜ ଓ ଶ୍ରୀଜଗନ୍ନାଥ - ଶ୍ରୀ ଜଗବନ୍ଧୁ ପାଢ଼ୀ
(ଚିର ସଂଧାନ, ଅଗଷ୍ଟ, ୧୯୯୭)

୭. ଘୁମୁସର ଭଞ୍ଜ ବଂଶାବଳୀ - ସଂଗ୍ରାହକ - ଶ୍ରୀ ଦୁର୍ଗା ମାଧବ ନନ୍ଦ

୮. ଶ୍ରୀକ୍ଷେତ୍ର : ଶ୍ରୀଜଗନ୍ନାଥ - ଉତ୍କଳ ପାଠକ ସଂସଦ - ୩ୟ ସ୍ତବକ (ବିଭିନ୍ନ ମଠ ସହିତ ଶ୍ରୀମନ୍ଦିରର ସମ୍ପର୍କ - ମହୀ ମୋହନ ତ୍ରିପାଠୀ ପୃ-୫୦୦)

୯. ଶ୍ରୀ ଶ୍ରୀ ଜଗନ୍ନାଥ ଭକ୍ତ ଚରିତମାଳା - ଢ଼କୁର ରାମଚନ୍ଦ୍ର ମିଶ୍ର

୧୦. ଭକ୍ତର ଜଗନ୍ନାଥ - ଆଶୁତୋଷ ନାୟକ

୧୧. ଜନ୍ମ ସାକ୍ଷୀ ବାବା ଶ୍ରୀ ଚନ୍ଦ୍ରଜୀ ଭଗବାନ (ହିନ୍ଦି ପୁସ୍ତକ) - ସର୍ଦ୍ଦାର ଧନା ସିଂହଜୀ

୧୨. ନବକଳେବର ସଂଖ୍ୟା, ୧୯୯୬, ଜୟ ଜଗନ୍ନାଥ ପ୍ରଚାର ସମିତି, ପୁରୀ

୧୩. ଗୁରୁ ନାନକ ଓ ଶ୍ରୀଜଗନ୍ନାଥ - ଡ଼ଃ ବ୍ରଜ କିଶୋର ସାହୁ, 'ଶ୍ରୀମନ୍ଦିର ପତ୍ରିକା', ରଥ ସଂଖ୍ୟା, ୧୯୮୭

୧୪. ଭାରତର ଧାର୍ମିକ ପରଂପରା ଓ ଶ୍ରୀଜଗନ୍ନାଥ- ଡ଼ଃ ବଂଶୀଧର ମହାନ୍ତି, ଶ୍ରୀମନ୍ଦିର, ରଥ ସଂଖ୍ୟା, ୧୯୯୦

୧୫. 'ଶ୍ରୀ ଜଗନ୍ନାଥ' ପତ୍ରିକା - ପ୍ରଥମ ସଂଖ୍ୟା, ୧୯୮୦

୧୬. କବୀର ପନ୍ଥୀଙ୍କ ଜଗନ୍ନାଥ ଏକ ଅଭୁଲା ପରମ୍ପରା - ଡ଼ଃ ଶଙ୍କର ଲାଲ ପୁରୋହିତ

Digitized by srujanika@gmail.com

୧୭. ଶ୍ରୀଜଗନ୍ନାଥ ମହାପ୍ରଭୁ ଓ ସନ୍ଥ କବୀର - ଗଣନାଥ ଦାସ
ଶ୍ରୀମନ୍ଦିର (ପତ୍ରିକା) ରଥ ସଂଖ୍ୟା- ୧୯୮୭

୧୮. ଶ୍ରୀକ୍ଷେତ୍ର : ଶ୍ରୀଜଗନ୍ନାଥ - ଉ.ପା.ସଂ (୩ୟସ୍ତବକ), କଟକ

୧୯. ଶ୍ରୀମର୍ତ୍ତ୍ୟ ବୈକୁଣ୍ଠ, ପ୍ରକାଶକ - ବାବୁ ଲକ୍ଷ୍ମଣ ଚରଣ ମହାନ୍ତି, ବୈକୁଣ୍ଠ ଭିକାରୀ
ପ୍ରେସ୍, ପୁରୀ, ୧୯୪୮

୨୦. ଉତ୍କଳ ପ୍ରସଙ୍ଗ, ରଥ ସଂଖ୍ୟା, ୧୯୮୮

୨୧. Orissa Review, July, 2002 Issue.

୨୨. ରତ୍ନ କୋଷ ବା ବୃହତ୍ ବିବଧ ସଂଗ୍ରହ - ଶ୍ରୀ ଭାଗୀରଥି ମହାପାତ୍ର

୨୩. Orissa District Gazetteers (Puri).

୨୪. ଖୁରୁଧା ଇତିହାସ - ଶ୍ରୀ କେଦାର ନାଥ ମହାପାତ୍ର

୨୫. ଓଡ଼ିଶା ଇତିହାସ - ଡ଼ଃ ହରେକୃଷ୍ଣ ମହତାବ

୨୬. ଜାତୀୟ ସଂହତିର ପ୍ରତୀକ ଭକ୍ତ କବି ସାଲବେଗ
ଏକ ଅନ୍ତରଙ୍ଗ ପର୍ଯ୍ୟାଲୋଚନା- ଡ଼ଃ ଅମୂଲ୍ୟ କୃଷ୍ଣ ମିଶ୍ର

୨୭. ଉତ୍କଳ ପ୍ରସଙ୍ଗ, ଜୁଲାଇ, ୨୦୦୩ ସଂଖ୍ୟା

୨୮. ଶ୍ରୀମନ୍ଦିର ସମାଚାର, ଜୁନ୍, ୧୯୯୭ ସଂଖ୍ୟା

୨୯. କବୀର କୀ ବିଚାର ଧାରା - ଡ଼ଃ ଗୋବିନ୍ଦ ତ୍ରିଗୁଣାୟତ

୩୦. ବୈଷ୍ଣବ ବ୍ରତୋତ୍ସବ ପଞ୍ଜିକା, ୨୦୦୩-୨୦୦୪
(ପ୍ରକାଶକ - ଶ୍ରୀ ମାଧ୍ୱଗୌରେଶ୍ୱର ବୈଷ୍ଣବ ସଂଘ, ପୁରୀ)

୩୧. ଦାନବୀର ବଡ଼େ ହରିହର - ସ୍ମରଣିକା - ୨୦୦୩, ପୃ -୪୮

❖❖❖

Digitized by srujanika@gmail.com

ବ୍ୟକ୍ତି ବିଶେଷ

ଶ୍ରୀ ବୈଦ୍ୟନାଥ ଦାଶ (ମହନ୍ତ - ମଙ୍ଗୁ ମଠ, ପୁରୀ)

ଶ୍ରୀ ସୁବଳ ଚରଣ ଦାସ (ମହନ୍ତ - ରାଧାଶ୍ୟାମ ମଠ, ପୁରୀ)

ଶ୍ରୀ ବଳଭଦ୍ର ଦାସ (ପରିଚାଳକ, ବାୟାବାବା ମଠ, ପୁରୀ)

ଶ୍ରୀ ଅଦ୍ୱୈତ ଚରଣ ଦାସ (ଅଧ୍ୟକ୍ଷ, ହରିଦାସ ଠାକୁର ସମାଧି ମଠ)

ଶ୍ରୀ କୃଷ୍ଣଚନ୍ଦ୍ର ରାମାନୁଜ ଦାସ (ତ୍ରିମାଳୀ ମଠ, ପୁରୀ)

ଶ୍ରୀ ରାମ ଚରଣ ଦାସ (ଚେଲା ମହାରାଜ - ନେବଳ ଦାସ ମଠ)

ଡ଼ଃ ବିଜୟ ନାରାୟଣ ରାମାନୁଜ ଦାସ (ମହନ୍ତ - କଟକୀ ମଠ, ପୁରୀ)

ଶ୍ରୀ ରାମକୃଷ୍ଣ ଦାସ (ମଠାଧୀଶ - ରାଧାବଲ୍ଲଭ ମଠ)

ଶ୍ରୀ ସଚ୍ଚିଦାନନ୍ଦ ଦାସ (ମଠାଧୀଶ - ଝାଞ୍ଜପିଟା ମଠ)

ଶ୍ରୀ ବଂଶୀଧର ଦାସ (ମହନ୍ତ - ରାମଜୀ ମଠ)

ଶ୍ରୀ କିଶୋର ଚନ୍ଦ୍ର ଦାସ (ମହନ୍ତ - ନନ୍ଦିନୀ ମଠ)

ଶ୍ରୀ ରାଘବେନ୍ଦ୍ର ପ୍ରପନ୍ନ ରାମାନୁଜ ଦାସ (ମହନ୍ତ - ରେବସା ମଠ)

ଶ୍ରୀ ବଂଶୀଧର ଦାସ ଗୋସ୍ୱାମୀ (ଅଧିକାରୀ - ବଡ଼ ଓଡ଼ିଆ ମଠ)

ଶ୍ରୀ ଗୌରାଙ୍ଗ ଚରଣ ପରିଡ଼ା, ଏଣ୍ଡାମେଣ୍ଟ ଇନିସ୍‌ପେକ୍ଟର

ଶ୍ରୀ କୃଷ୍ଣ କେଶବାନନ୍ଦ ଦେବ ଗୋସ୍ୱାମୀ (କୁଞ୍ଜ ମଠ)

ଶ୍ରୀ ନାରାୟଣ ରାମାନୁଜ ଦାସ (ଚେଲା ମହାରାଜ - ଉତ୍ତର ପାର୍ଶ୍ୱ ମଠ)

ଶ୍ରୀ ଶ୍ୟାମ ସୁନ୍ଦର ମହାପାତ୍ର, ବାଲି ସାହି ପୁରୀ

ଶ୍ରୀ ଶରତ ଚନ୍ଦ୍ର ଜୟସିଂହ

❖❖❖

Digitized by srujanika@gmail.com

(i)



(ବୀର କିଶୋର ଦେବ (୧ମ)ଙ୍କ ୧୯ ଅଙ୍କରେ ତ୍ରିଶାଳୀ ମଠର ମହନ୍ତ କେଶବ ଦାସଙ୍କୁ ଶ୍ରୀମନ୍ଦିରରେ ଉପଚାର ଚାମର, ଆଲଟ ସେବା ସଂପର୍କୀୟ ଛାମୁ ଚିଟାଉ । ଚିଟାଉ ପ୍ରଦାନ ସମୟ : ୨୨-୮-୧୭୫୧)

Digitized by srujanika@gmail.com



(୧୯୨୬ ମସିହା ଜୁଲାଇ ୫ ତାରିଖଦିନ ଗଜପତି ରାମଚନ୍ଦ୍ର ଦେବଙ୍କ ପ୍ରଦତ୍ତ ଓଡ଼ିଆ ମଠର ତତ୍କାଳୀନ ଅଧିକାରୀ ବୃନ୍ଦାବନ ଦାସଙ୍କୁ ଶ୍ରୀମନ୍ଦିରରେ ମହନ୍ତାଇ ଶାଢ଼ି, ଉପଚାର ଚାମର, ଆଲଟସେବା, ରୂପା ଡିହୁଡ଼ି ସେବା, ସର୍ବାଙ୍ଗ ଚନ୍ଦନଲାଗି ଓ ଅନ୍ୟାନ୍ୟ ସେବା ସଂପର୍କୀୟ ଛାମୁ ଚିଟାଉ ।)

Digitized by srujanika@gmail.com



(୧୯୨୮ ମସିହା ଜାନୁଆରୀ ୧ ତାରିଖ ଦିନ ଗଜପତି ମହାରାଜା ରାଧାବଲ୍ଲଭ ମଠର ମହନ୍ତ ରାଧା ଚରଣ ଦାସଙ୍କୁ ଉପଚାର ଚାମର, ଆଲଟ, ମସାଲ ଓ ଅନ୍ୟାନ୍ୟ ସେବା ସଂପର୍କୀୟ ଛାମୁ ଚିଟାଉ ପ୍ରଦାନ କରିଥିଲେ ।)

Digitized by srujanika@gmail.com



(୧୯୩୫ ମସିହା ଜାନୁଆରୀ ୨୭ ତାରିଖରେ ଗଜପତି ମହାରାଜ ରାମଚନ୍ଦ୍ର ଦେବଙ୍କ ଦ୍ୱାରା ତ୍ରିଶାଳୀ ମଠର ମହନ୍ତ ଶଙ୍କର୍ଷଣ ରାମାନୁଜଙ୍କୁ ଉପଚାର ଚାମର, ଆଲଟ, ମହନ୍ତାଇ ଶାଢ଼ି, ଚନ୍ଦନ, ରୂପା ଦିହୁଡ଼ି, ମସାଲ, ବିଭିନ୍ନ ଭୋଗ କରିବାର ଅଧିକାର ସଂପର୍କୀୟ ଛାମୁ ଚିଟାଉ ।)

Digitized by srujanika@gmail.com



(୧୯୪୭ ମସିହା ମଇ ୭ ତାରିଖ ଦିନ ଗଜପତି ମହାରାଜା ରାମଚନ୍ଦ୍ର ଦେବ ବଳରାମକୋଟ ମଠର ମହନ୍ତ ରାମ ଦାସଙ୍କୁ ମହନ୍ତାଇ ଶାଢ଼ି, ସୁନା ବେଣ୍ଟ ଚାମର, ଆଲଟ ଲାଗି ସେବା, ଆଡ଼ଣି ଦୋଶାଖା ମସାଲ ଓ ଅନ୍ୟାନ୍ୟ ସେବା ପ୍ରଦାନ ସମ୍ବନ୍ଧୀୟ ଛାମୁ ଚିଟାଉ ।)

Digitized by srujanika@gmail.com



(ଓଡ଼ିଆ ମଠ ଅଧିକାରୀ ରାମକୃଷ୍ଣ ଦାସଙ୍କୁ ରଥଯାତ୍ରା ସମୟରେ ଗୁଣ୍ଡିଚା ଘର ଠାରେ ଆହୂତା ଦାହୂତା ପନ୍ତି ଭୋଗ କରିବା ନିମନ୍ତେ ରାଜା ମୁକୁନ୍ଦ ଦେବଙ୍କ ଛାମୁ ଚିଟାଉ ।)

Digitized by srujanika@gmail.com



(ରାଧାବଲ୍ଲଭ ମଠ ମହନ୍ତ ଚରଣ ଦାସଙ୍କୁ ଶ୍ରୀମନ୍ଦିରରେ ଗୋଟେଣ୍ଡି, ପିଠା, ଗଜା, ଖୁରୁମା ଇତ୍ୟାଦି ଭୋଗ କରିବା ପାଇଁ ଛାମୁ ଚିଟାଉ ପ୍ରଦାନ ।)

Digitized by srujanika@gmail.com



(ଓଡ଼ିଆ ମଠର ତତ୍‌କାଳୀନ ମଠାଧୀଶ ପୁରୁଷୋତ୍ତମ ଦାସଙ୍କୁ ସୁନା ବେଣ୍ଟ ଚାମର ସେବା ସଂପର୍କୀୟ ଛାମୁ ଚିଟାଉ ।)

Digitized by srujanika@gmail.com



(ପୁରୀ ଗୋବର୍ଦ୍ଧନ ପାଠର ପାଠାଧିକାରୀ ଦାମୋଦର ତାଥଙ୍କୁ (୧୮୮୩-୧୯୯୮ ମସିହା ମଧ୍ୟରେ) ପ୍ରଦତ୍ତ ଛାମୁ ଚିଟାଉରେ ଶ୍ରୀମନ୍ଦିରର କୋଠ ଭୋଗରୁ ମହାପ୍ରସାଦ ଖେଇ, ଚନ୍ଦନ କିଲା, ପତନି, ଶାଢ଼ି, ପର୍ବପର୍ବାଣୀ ଖେଇ ସମ୍ବନ୍ଧୀୟ ବିଷୟ ବର୍ଣ୍ଣିତ ।)

Digitized by srujanika@gmail.com



(ଓଡ଼ିଆ ମଠ ଅଧିକାରୀ ମୁକୁନ୍ଦ ଦାସଙ୍କୁ ଦିଆନ ଭ୍ରମର ବର ରାୟଙ୍କ ହସ୍ତ ପତ୍ର । ଶ୍ରୀମନ୍ଦିରକୁ ସୁନା ପାଲିଙ୍କି, ମୟୂରଝୁଲ, ଦୋଶାଖା ମସାଲ ଯିବାପାଇଁ ମଠାଧିପତିଙ୍କୁ ଅନୁମତି ପତ୍ର ।)

Digitized by srujanika@gmail.com

श्रीजगन्नाथो विजयतेतराम् ।

श्रीमुखपत्रम्.

श्रीमत्परमहंसपरिव्राजकाचार्य्यवर्य्यपदवाक्यप्रमाणपारावारपारीणयमनियमासनप्राणायामप्रत्याहारधारणाध्यानसमाध्यष्टाङ्गयोगानुष्ठाननिष्ठतपश्चर्य्याचरणचक्रवर्त्यनाद्यविच्छिन्नगुरुपरम्पराप्राप्तषण्मतस्थापनाचार्य्यसांख्यत्रयप्रतिपादकवैदिकमार्गप्रवर्त्तकनिखिलनिगमागमसारहृदयश्रीमत्सुधन्व–साम्राज्यप्रतिष्ठापनाचार्य्य–श्रीमद्राजाधिराजगुरुभूमण्डलाचार्य्यचातुर्वर्ण्यशिक्षकमहोदधितीरवासश्रीजगन्नाथपुर्य्यधीश्वरपूर्व्वाम्नायश्रीमद्गोवर्द्धनमठभोगवर्द्धनपीठाधीश्वरश्रीमद्राजराजेश्वरश्रीशङ्कराचार्य्यदामोदरतीर्थस्वामिवर्य्यचरणकमलभृङ्गायमानश्रीमधुसूदनतीर्थस्वामिभिः [illegible]

Baba Saheb Ram Das [illegible]
Badi Math Puri

प्रत्यग्ब्रह्मैक्यानुसन्धाननियतनारायणस्मरणसंसूचिता आशिषस्समुल्लसन्तुतराम् । जगद्गुरूणां महेश्वरापरावतारश्रीमच्छङ्करभगवत्पूज्यपादाचार्य्याणां प्रधानस्थानजगन्नाथपुरीस्थश्रीमद्गोवर्द्धनमठभोगवर्द्धनपीठगोचरा भक्तिरनवधिकश्रेयोनिदानमिति सार्वजनीनमेतत् । As it has come to our knowledge that some receipt-books of our math have got in to unauthorised hands, we have been obliged to intimate to you hereby that all payments towards the coffers of the math should here after be made either directly to us (whether in person or by post) or only to a duly authorised agent of ours, (showing to you our written authority bearing our own signature). Otherwise, your money will be running the risk of going into wrong hands & not being credited to you in the accounts of the math.

With hearty assurance and choicest benedictions to yourself and all near & dear to you, for long life and continued health, wealth, prosperity &c. & happiness all-round (spiritual & temporal)

affectionately yours ever

[illegible signature]

'गुजराती' प्रिंटिंग प्रेस—फोर्ट, सर्कल, सासून बिल्डिंग नं. ८ मुंबई.

26-4-1930

(ବାଉଳି ମଠର ତତ୍କାଳୀନ ମହନ୍ତ ବାବା ସାହେବରାମ ଦାସଙ୍କୁ ସ୍ୱାମୀ ଶ୍ରୀ ଭାରତୀ କୃଷ୍ଣ ତୀର୍ଥଙ୍କ ପତ୍ର, ୨୬-୪-୧୯୩୦)

Digitized by srujanika@gmail.com



(ଗୋବର୍ଦ୍ଧନ ପୀଠର ଦାମୋଦର ତୀର୍ଥଙ୍କୁ ଶ୍ରୀମନ୍ଦିର ଦ୍ୱାଦଶ ଯାତ୍ରାରେ ଶାଢ଼ି, ଚନ୍ଦନ, କଳା ଓ ଅନ୍ୟାନ୍ୟ ଭୋଗ ପ୍ରଦାନ ସଂପର୍କୀୟ ଛାମୁ ଚିଟାଉ ।)

Digitized by srujanika@gmail.com



(ଶ୍ରୀ ସୂର୍ଯ୍ୟମଣି ପାଟ ମହାଦେଈ ୧୨୯୮ ସାଲ ମକର ୬ ଦିନରେ ରାଧାବଲ୍ଲଭ ମଠର ଅଷ୍ଟମ ମଠାଧୀଶଙ୍କୁ ବାଇଶି ପାହାଚରେ ୫ ବଖରା ଘର ଦଖଲ ଓ ଭୋଗ ସମ୍ବନ୍ଧୀୟ ଛାମୁ ଚିଟାଉ ।)

Digitized by srujanika@gmail.com



(ରାଧାବଲ୍ଲଭ ମଠର ମହନ୍ତ ରାଧାକୃଷ୍ଣ ଦାସଙ୍କ ଶ୍ରୀମନ୍ଦିରରେ ଉପଚାର ଚାମର ସେବା ଓ ଅନ୍ୟାନ୍ୟ ମହାପ୍ରସାଦ ଖେଇ ସଂପର୍କୀୟ ଛାମୁ ଚିଟାଉ ।)

Digitized by srujanika@gmail.com



(ମଙ୍ଗୁ ମଠର ମହନ୍ତ ଶୁକଦେବ ଦାସଙ୍କୁ ତତ୍‌କାଳୀନ ଗଜପତିଙ୍କ ପୁତ୍ର (ବେନାମଣୀ)ଙ୍କ ଜନ୍ମ ଉତ୍ସବ ଉପଲକ୍ଷେ କଲ୍ୟାଣ କରିବା ପାଇଁ ଛାମୁ ଚିଟାଉ ପ୍ରଦାନ ।)

Digitized by srujanika@gmail.com

(ମଙ୍ଗୁ ମଠର ମହନ୍ତ କୃପାରାମ ଦାସଙ୍କୁ ପ୍ରଦତ୍ତ ହୋଇଥିବା ସନନ୍ଦରେ ଶ୍ରୀମନ୍ଦିରରେ ମହନ୍ତାଇ ଶାଢ଼ି ବନ୍ଧା ଅନୁମତି ସହିତ ଉପଚାର ଚାମର ସେବା ଓ ଅନ୍ୟାନ୍ୟ ସେବା ସଂପର୍କୀୟ ଅଧିକାର ପ୍ରଦାନ ।)

Digitized by srujanika@gmail.com



(ରାଧାବଲ୍ଲଭ ମଠର ତତ୍‌କାଳୀନ ମହନ୍ତ ଚରଣ ଦାସଙ୍କୁ ଶ୍ରୀକ୍ଷେତ୍ରକୁ ମଠର ଜିନିଷାଦ୍‌ମାନ ଆସିବା ପାଇଁ ଅନୁମତି ସଂପର୍କୀୟ ଛାମୁ ଚିଟାଉ ।)

Digitized by srujanika@gmail.com

(ସୂର୍ଯ୍ୟମଣି ପାଟମହାଦେଇଙ୍କ ଦ୍ୱାରା ତ୍ରିମାଳୀ ମଠ ମହନ୍ତ ଗୋଷ୍ଠୀ ପୂର୍ଣ୍ଣ ରାମାନୁଜ ଦାସଙ୍କୁ ଉପଚାର ଚାମର, ଆଲଟ ସେବା, ରୁପା ଦିହୁଡ଼ି ଯିବାକୁ ଅନୁମତି ଓ ଅନ୍ୟାନ୍ୟ ସ୍ୱତନ୍ତ୍ର ଅଧିକାର ସଂପର୍କୀୟ ଛାମୁ ଚିଟାଉ ।)

Digitized by srujanika@gmail.com



(ସୂର୍ଯ୍ୟମଣି ପାଟମହାଦେଇଙ୍କ ପ୍ରଦତ୍ତ ଛାମୁ ଚିଟାଉ   ପାପୁଡ଼ିଆ ମଠର ମହନ୍ତ ଜଗନ୍ନାଥ ଦାସଙ୍କୁ ଶ୍ରୀମନ୍ଦିରରେ ସୁନାବେଣ୍ଟ ଚାମର ଓ ଆଲଟ ସେବା ପ୍ରଦାନ ।)

Digitized by srujanika@gmail.com



(ଷୋଡ଼ଶ ଶତାବ୍ଦୀରେ ଗୋବର୍ଦ୍ଧନ ପୀଠର ୧୩୫ ତମ ଶଙ୍କରାଚାର୍ଯ୍ୟ ରାମକୃଷ୍ଣ ତୀର୍ଥଙ୍କୁ ଶ୍ରୀମନ୍ଦିରରେ ସ୍ୱତନ୍ତ୍ର ଦର୍ଶନ ଓ ଅନ୍ୟାନ୍ୟ ଖେଇ ସଂପର୍କୀୟ ଛାମୁ ଚିଟାଉ ।)

Digitized by srujanika@gmail.com



(ରାଧାବଲ୍ଲଭ ମଠ ମହନ୍ତ ଜଗନ୍ନାଥ ଦାସଙ୍କୁ ଶ୍ରୀମନ୍ଦିରରେ ଦୈନିନ୍ଦିନ ଓ ଯାନିଯାତ୍ରାମାନଙ୍କରେ ଅନ୍ନ, ତିଉଣ, ଖିରି, ଖେଚେଡ଼ି, ପିଠା ଇତ୍ୟାଦି ଭୋଗ (ମଣୋହି) କରିବା ପାଇଁ ଛାମୁ ଚିଟାଉ)

Digitized by srujanika@gmail.com



(ଓଡ଼ିଆ ମଠର ଅଧିକାରୀ ମୁକୁନ୍ଦ ଦାସଙ୍କୁ ପାଲିଙ୍କିରେ ଯା ଆସ କରିବାପାଇଁ ଦିଆନ ଭ୍ରମରବର ରାୟଙ୍କ ଅନୁମତି ପତ୍ର ।)

Digitized by srujanika@gmail.com

ବଡ଼ ଓଡ଼ିଆ ମଠ ବିଜେସ୍ଥଳୀରେ ପ୍ରତିଷ୍ଠିତ ଅତିବଡ଼ ଗୋସାଇଁଙ୍କ ଅଷ୍ଟଭୂଜ ମୂର୍ତ୍ତି ।

Digitized by srujanika@gmail.com

ବଡ଼ ଓଡ଼ିଆ ମଠର ବିହଙ୍ଗମ ଦୃଶ୍ୟ

ପୁରୀ ବାୟାବାବା ମଠର ପ୍ରତିଷ୍ଠାତା
ବାୟାବାବା

ମଙ୍ଗୁ ମଠର ମଠାଧୀଶ
ଶ୍ରୀ ବୈଦନାଥ ଦାଶ

Digitized by srujanika@gmail.com

ବାଉଳି ମଠରେ ଥିବା ପ୍ରସିଦ୍ଧ ଦେଢ଼ସୁର ଭାଇବୋହୂ କୂପର ସମ୍ମୁଖ ଦ୍ୱାର ।

ବଡ଼ ଓଡ଼ିଆ ମଠର
ଅଧିକାରୀ ଶ୍ରୀ ବଂଶୀଧର ଦାସ



ଉତ୍ତରପାର୍ଶ୍ୱ ମଠର ଚେଲା ମହାରାଜ
ଶ୍ରୀ ନାରାୟଣ ରାମାନୁଜ ଦାସ

Digitized by srujanika@gmail.com



ଉତ୍ତରପାର୍ଶ୍ୱ ମଠର ମଠାଧୀଶ ଶ୍ରୀ ବଦ୍ରୀ ନାରାୟଣ ରାମାନୁଜ ଦାସ

ବାଉଳି ମଠର ମୁଖ୍ୟ ପ୍ରବେଶ ଦ୍ୱାର

ଶ୍ରୀ ଶ୍ରୀ ହରିଦାସ ଠାକୁର ସମାଧି
ମଠର ବିଢେସ୍ଥଳୀ

Digitized by srujanika@gmail.com



ବଡ଼ ଓଡ଼ିଆ ମଠର ଗାଦି ଘରେ
ଭଗବତ୍ ବାସୁଦେବ ପୋଥି
(ତାଳପତ୍ର ପୋଥି) ଏବଂ ଅତିବଡ଼ିଙ୍କ
ଶେଷ ସ୍ପର୍ଶ କଠଉ

ନେବସା ମଠର ମହନ୍ତ ଶ୍ରୀ ରାଘବେନ୍ଦ୍ର
ପ୍ରପନ୍ନ ରାମାନୁଜ ଦାସ

ବାଉଳି ମଠର ମହନ୍ତ ଶ୍ରୀ ସତ୍ୟ ନାରାୟଣ ଦାସ

Digitized by srujanika@gmail.com

ମଙ୍ଗୁ ମଠରେ ପ୍ରତିଷ୍ଠିତ ଶ୍ରୀଚାନ୍ଦଜୀଙ୍କ
ମାର୍ବଲ୍ ପ୍ରସ୍ତର ବିଗ୍ରହ

ବାଉଳି ମଠରେ ଥିବା ପବିତ୍ର
ଗ୍ରନ୍ଥ ସାହେବ ବାମ ପାର୍ଶ୍ୱରେ
ଶ୍ରୀଚାନ୍ଦଜୀଙ୍କ ବିଗ୍ରହ

ରାମଜୀ ମଠର ମୁଖ୍ୟ ଇଷ୍ଟ ବିଗ୍ରହ ଶ୍ରୀ ଶ୍ରୀ ରାଧା ସାଗର ଗୋପାଳ ଦେବ

Digitized by srujanika@gmail.com

ବ୍ରହ୍ମ ମାଧ୍ୱ ଗୌରେଶ୍ୱର ସମ୍ପ୍ରଦାୟର ମହନ୍ତମାନଙ୍କ ଗହଣରେ ଲେଖକ ଶ୍ରୀଯୁକ୍ତ ଭାସ୍କର ମିଶ୍ର

ନନ୍ଦିନୀ ମଠର ମୁଖ୍ୟ ଆରାଧ୍ୟ ଠାକୁର
ଶ୍ରୀ ବୃନ୍ଦାବନ ଚନ୍ଦ୍ର । ପାର୍ଶ୍ୱରେ
ରାଧାରାଣୀ ଓ ବିଶାଖା ମୂର୍ତ୍ତି ବିରାଜିତ ।

ମଙ୍ଗୁ ମଠର ଇଷ୍ଟ ଉପାସ୍ୟବିଗ୍ରହ
ଶ୍ରୀ ପତିତପାବନ ଜଗନ୍ନାଥ ଦେବ

Digitized by srujanika@gmail.com

କଟକୀ ମଠର ମହନ୍ତ
ଡଃ ବିଜୟ ନାରାୟଣ ରାମାନୁଜ ଦାସ

ସାନଛତା ମଠର ଚେଲା
ମହାରାଜ ଶ୍ରୀ ରାମ ମନୋହର ଦାସ

ରାଧାଶ୍ୟାମ ମଠର ଇଷ୍ଟଦେବ ଶ୍ରୀରାଧାକୃଷ୍ଣ ଅନ୍ୟାନ୍ୟ ପାର୍ଶ୍ୱ ଦେବ ଦେବୀ ମଧ୍ୟରେ ରାଧାଶ୍ୟାମ ଜୀଉ, ଗୋବିନ୍ଦଗୋପାଳଜୀଉ, ପତିତପାବନ, ରାଧାକାନ୍ତ ଜୀଉ, ଗୌରାଙ୍ଗ ମହାପ୍ରଭୁ, ଶାଳଗ୍ରାମ ଅଧିଷ୍ଠିତ ।

Digitized by srujanika@gmail.com

ବାଉଳି ମଠର ବିଜେସ୍ଥଳୀରେ ପୂର୍ବତନ ମହନ୍ତମାନଙ୍କ ସମାଧି ମନ୍ଦିର ।

ପାପୁଡ଼ିଆ ମଠର ମଠାଧୀଶ
ରାମକୃଷ୍ଣ ଦାସଜୀ

ସାନଛତା ମଠର ମହନ୍ତ
ଶ୍ରୀ ରାମ ଭୂଷଣ ଦାସ

Digitized by srujanika@gmail.com



ରାମଜୀ ମଠର ମହନ୍ତ
ଶ୍ରୀ ବଂଶୀଧର ଦାସ



ରାଧାଶ୍ୟାମ ମଠ ଏବଂ ରାଧାକୃଷ୍ଣ
ମଠର ମହନ୍ତ ଶ୍ରୀ ସୁବଳ ଚରଣ ଦାସ



ଠାକୁର ହରିଦାସଙ୍କ ସମାଧିସ୍ଥଳ

Digitized by srujanika@gmail.com

ହରିଦାସ ଠାକୁର ସମାଧି ମଠର
ଅଧକ୍ଷ ଶ୍ରୀ ଅଦ୍ୱୈତ ଚରଣ ଦାସ

ନେବାଳ ଦାସ ମଠର ଚେଲା ମହାରାଜ
ଶ୍ରୀ ରାମ ଚରଣ ଦାସ

ସାନଛତା ମଠର ମୁଖ୍ୟ ଇଷ୍ଟ ବିଗ୍ରହ ଶ୍ରୀ ପତିତପାବନ ଦେବ

Digitized by srujanika@gmail.com

ସିଦ୍ଧ ବକୁଳ ମଠ ଏବଂ
ଭୃଗୋତ୍ରୀ ମୋହିନୀ ମଠର
ମହନ୍ତ ଶ୍ରୀ ଶ୍ରୀନିବାସ ଦାସ

ନେବଳ ଦାସ ମଠର ମହନ୍ତ
ଶ୍ରୀ ଗୋବିନ୍ଦଚନ୍ଦ୍ର ଦାସ

ଜିୟରସ୍ୱାମୀ ମଠର ମହନ୍ତ ମହାରାଜ ଶ୍ରୀ ଇନ୍ଦ୍ରାରମଣ ରାମାନୁଜ ଦାସ ।
ଫଟୋରେ ୧୦୦୮ ଜପମାଳା ଓ ଇଷ୍ଟବିଗ୍ରହ ବେଣୁଗୋପାଳ ।

Digitized by srujanika@gmail.com

ବଳରାମ କୋଟ ଏବଂ ଛାଉଣୀ ମଠର
ମହନ୍ତ ଶ୍ରୀ ରଘୁବୀର ଦାସଜୀ

ଝାଞ୍ଜପିଟା ମଠର
ଅଧକ୍ଷ ଶ୍ରୀ ସଚ୍ଚିଦାନନ୍ଦ ଦାସ

ରାମଜୀ ମଠର ମନ୍ଦିରରେ ପୂଜିତ ଶ୍ରୀ ଜଗନ୍ନାଥ ମହାପ୍ରଭୁ, ରାଧାସାଗର ଗୋପାଳଦେବ, ଶ୍ରୀ ରାଧାରାଣୀ, ଶ୍ରୀ କୃଷ୍ଣ, ଶ୍ରୀ ରାଧା, ଶ୍ରୀ ଲକ୍ଷ୍ମୀ, ଶ୍ରୀ ନାରାୟଣ, ଶାଳଗ୍ରାମ ।

Digitized by srujanika@gmail.com

ବାୟାବାବା ମଠର ଅଧକ୍ଷ
ବାବାଜୀ ଶ୍ରୀ ବଳଭଦ୍ର ଦାସ



ତ୍ରିମାଳୀ ମଠର ମହନ୍ତ
ଶ୍ରୀ ଶ୍ରୀନିବାସ ରାମାନୁଜ ଦାସ

ଏମାର ମଠର ମୁଖ୍ୟ ପ୍ରବେଶ
ଦ୍ୱାରର ଦୃଶ୍ୟ

ସାନଛତା ମଠର ମୁଖ୍ୟ ପ୍ରବେଶ ଦ୍ୱାର

Digitized by srujanika@gmail.com

ଭାସ୍କର ମିଶ୍ର

ଶିକ୍ଷାଗତ ଯୋଗ୍ୟତା ଏମ୍.ଏ.,ଏଲ୍ଏଲ୍.ବି., ଫଟୋଗ୍ରାଫିରେ ଡିପ୍ଲୋମା। ଛାତ୍ର ଜୀବନରୁ ସାମ୍ବାଦିକତାକୁ ଆଦରିନେଇ ପ୍ରଜାତନ୍ତ୍ରର ପୁରୀ ଜିଲ୍ଲା ପାଇଁ ସ୍ୱତନ୍ତ୍ର ପ୍ରତିନିଧି ରୂପେ କିଛି ବର୍ଷ କାର୍ଯ୍ୟ କରିଥିଲେ। ଓଡ଼ିଶାର ବିଭିନ୍ନ ପତ୍ରପତ୍ରିକା, ଦୈନନ୍ଦିନ ସମ୍ବାଦପତ୍ରରେ ତାଙ୍କ ଲିଖିତ ଶ୍ରୀଜଗନ୍ନାଥ ଓ ମଠ ସଂସ୍କୃତି ସମ୍ବନ୍ଧୀୟ ଶତାଧିକ ପ୍ରବନ୍ଧ ପ୍ରକାଶିତ। ୧୯୯୦ ମସିହାରେ ଶ୍ରୀମନ୍ଦିର ପ୍ରଶାସନରେ ଯୋଗଦାନ ଏବଂ ୨୦୦୦ ମସିହାରେ ରାଜ୍ୟ ବିଧି ବିଭାଗ ଦ୍ୱାରା ଓ.ଏସ୍.ଡି. ରୂପେ ନିଯୁକ୍ତି ପାଇ ଶ୍ରୀମନ୍ଦିର ପ୍ରଶାସନର ମୁଖ୍ୟ କାର୍ଯ୍ୟାଳୟରେ ଅବସ୍ଥାପିତ ହୋଇ କାର୍ଯ୍ୟରତ। ଅଦ୍ୟାବଧି ତାଙ୍କ ରଚିତ ପୁସ୍ତକ ମଧ୍ୟରେ ମୁକ୍ତିମଣ୍ଡପ ଓ ପଣ୍ଡିତସଭା, ଦାରୁବ୍ରହ୍ମଙ୍କ ନବକଳେବର, ଶ୍ରୀଜଗନ୍ନାଥଙ୍କ ବେଶ ବୈଶିଷ୍ଟ୍ୟ, ପୁରୀର ମଠସଂସ୍କୃତି, ଦୈନନ୍ଦିନ ଶ୍ରୀମନ୍ଦିର ନୀତି, ଶ୍ରୀଗୁଣ୍ଡିଚା ଯାତ୍ରା, ଶ୍ରୀକ୍ଷେତ୍ରର ଦେବଦେବୀ, ଓଡ଼ିଶାର ଶ୍ରୀଜଗନ୍ନାଥ ମନ୍ଦିର (ପ୍ରଥମ ଓ ଦ୍ୱିତୀୟ ଭାଗ), ଶ୍ରୀଗୁଣ୍ଡିଚା ମନ୍ଦିର ଇତ୍ୟାଦି ପୁସ୍ତକ ବହୁଳ ପ୍ରସାରିତ ତଥା ପୁରସ୍କୃତ। ବିଶେଷ କରି ଶ୍ରେଷ୍ଠ ଯୁବ ପ୍ରାବନ୍ଧିକ ରୂପେ ୨୦୦୦ ମସିହାରେ ରାଜ୍ୟ ଭୁବନେଶ୍ୱରରେ ଆୟୋଜିତ ରାଜ୍ୟ ପୁସ୍ତକ ମେଳା ତରଫରୁ ସମ୍ମାନିତ।

ISBN 81-7401-541-8
9788174015419

ଫ୍ରେଣ୍ଡ୍ସ ପବ୍ଲିଶର୍ସ

Digitized by srujanika@gmail.com